ଦିବ୍ୟ ଆନନ୍ଦ

ମନୁଷ୍ୟ ଜୀବନର ପରମ ଲକ୍ଷ୍ୟ ଓ ସେହି ଲକ୍ଷ୍ୟ ଲାଭର
ଉପାୟ-ସଂକ୍ରାନ୍ତ ଏକ ଆଧ୍ୟାତ୍ମିକ ପ୍ରବନ୍ଧ ସଂକଳନ



ଶ୍ରୀ ସ୍ୱାମୀ ଶିବାନନ୍ଦ

ଭାଷାନ୍ତର ଶ୍ରୀ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ

ଗୁରୁଦେବ ଶ୍ରୀ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜ ୩୦୦ ଖଣ୍ଡ ଆଧ୍ୟାତ୍ମିକ ଗ୍ରନ୍ଥ ରଚନା କରିଥିଲେ । ସେହି ସବୁ ଗ୍ରନ୍ଥର ବିଭିନ୍ନ ବିଷୟର ସାରକଥା ସଂଗ୍ରହ କରି ଶ୍ରୀ ଅନନ୍ତନାରାୟଣନ୍ ୮୬ଟି ପ୍ରବନ୍ଧ ସମ୍ବଳିତ (Bliss Divine) ଗ୍ରନ୍ଥଟି ସଂକଳନ କରିଛନ୍ତି । ଏହି ପ୍ରବନ୍ଧ ଗୁଡ଼ିକ ଏତେ ମନୋଜ୍ଞ ହୋଇଛି ଯେ ଗୁରୁଦେବ ଏଗୁଡ଼ିକୁ ଆଶ୍ରମର ଦୈନିକ ସତ୍‌ସଙ୍ଗରେ ପଢ଼ାଇ ନିଜେ ଶୁଣୁଥିଲେ ଏବଂ ନିଜ ଲେଖାର ମାଧୁର୍ଯ୍ୟରେ ନିଜେ ବିମୁଗ୍ଧ ହୋଇଯାଉଥିଲେ । ସେହି ଆଧ୍ୟାତ୍ମିକ ଗ୍ରନ୍ଥଟିର ଓଡ଼ିଆ ଅନୁବାଦ ଦିବ୍ୟ ଆନନ୍ଦ ଉତ୍କଳ ପ୍ରଦେଶର ପାଠକମାନଙ୍କ ପକ୍ଷରେ ଏକ ଆଶୀର୍ବାଦସ୍ୱରୂପ । ଏହି ଗୋଟିଏ ଗ୍ରନ୍ଥ ପାଠ କରି ପାଠକମାନେ ଗୁରୁଦେବଙ୍କର ୩୦୦ ଗ୍ରନ୍ଥ ପାଠ କରିବାର ସ୍ୱାଦ ପାଇଯିବେ । ଏହା ଅତ୍ୟନ୍ତ ଲାଭପ୍ରଦ ହେବ ।

ତା ୧୬-୩-୯୪ ଦିନ ଅପରାହ୍ଣରେ ***ଦିବ୍ୟ ଆନନ୍ଦର*** *ପ୍ରଥମ ଭାଗ ଉନ୍ମୋଚନ ଅବସରରେ ଗୁରୁଦେବ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ।*

ଦିବ୍ୟ ଆନନ୍ଦ

(BLISS DIVINE)

(ଦ୍ୱିତୀୟ ଭାଗ)

ମନୁଷ୍ୟ ଜୀବନର ପରମଲକ୍ଷ୍ୟ ଓ ସେହି ଲକ୍ଷ୍ୟଲାଭର ଉପାୟସଂକ୍ରାନ୍ତ
ଏକ ଆଧ୍ୟାତ୍ମିକ ପ୍ରବନ୍ଧ ସଙ୍କଳନ

ମୂଳ ଇଂରାଜୀ ରଚନା : **ଶ୍ରୀ ସ୍ୱାମୀ ଶିବାନନ୍ଦ**
ସଙ୍କଳନ : **ଶ୍ରୀ ଏନ୍. ଅନନ୍ତ ନାରାୟଣନ୍**
ଭାଷାନ୍ତର : **ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ**

ପ୍ରକାଶକ
କଲ୍ୟାଣ ପ୍ରକାଶନ
ଏନ୍ ୧/୧୩୬, ନୟାପଲ୍ଲୀ, ଭୁବନେଶ୍ୱର-୧୫

Original title in English : BLISS DIVINE

Author : Sri Swami Sivananda

Compiled by Sri N. Anatanarayanan

Title of Oriya translation : **DIVYA ANANDA Part-II**

Translated by : Sri Swami Shraddhaswarupananda

Cover design by : Sri Asit Mukherjee

Published by KALYAN PRAKASHAN
Nayapali, Bhubaneswar

1st Edition : May-1994 (1100 Copies)

2nd Edition : 1996 (1100 Copies)

Printed at : Sri Jagannath Printers, 7-Budhanagar
Bhubaneswar-14

Cover Printed at Duduly Process
Bhubaneswar

Sole Distributer : Sri A K. Naik,
Bus-Stand Book Shop
Old Bus-Stand
Bhubaneswar-751009

All rights reserved by the Divine Life Trust Society
Shivananda Nagar,
Rishikesh, U.P., India

ଦିବ୍ୟ ଆନନ୍ଦ-୨ୟ ଭାଗ

ପ୍ରଥମ ସଂସ୍କରଣ, ମଇ ୧୯୯୪

ଦ୍ୱିତୀୟ ସଂସ୍କରଣ ଫେବୃଆରୀ ୧୯୯୬

ମୂଲ୍ୟ : ଟ ୮୫.୦୦

ଯେଉଁ ଆନନ୍ଦସ୍ୱରୂପ ପରମାତ୍ମା

ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି, ତାଙ୍କୁ ହିଁ

କେନ୍ଦ୍ର କରି ଗଢି ଉଠିଥିବା ଏକ ସୁଖମୟ ନୂତନ ସଭ୍ୟତା

ଓ ସଂସ୍କୃତିର ଉନ୍ନତିକଳ୍ପେ

ଉତ୍ସର୍ଗୀକୃତ

ଉପୋଦ୍‌ଘାତ

ବିଂଶଶତାବ୍ଦୀର ପ୍ରମୁଖ ଆଧ୍ୟାତ୍ମିକ ଗୁରୁ ଶ୍ରୀ ସ୍ୱାମୀ ପରମଯୋଗୀ ଶିବାନନ୍ଦ ତାମିଲନାଡୁର ଜଣେ ଡ଼ାକ୍ତର ଥିଲେ ଓ ଶିକ୍ଷାର ପରିସମାପ୍ତି ପରେ ମାଲୟ ଦ୍ୱୀପପୁଞ୍ଜର ଏକ ରବର ବଗିଚାରେ ଡ଼ାକ୍ତରରୂପେ ନିଯୁକ୍ତି ପାଇଥିଲେ । ସେଠାରେ ସେ ସଫଳ ଚିକିତ୍ସା ସହିତ ଅକ୍ଳାନ୍ତ ସେବା କରି ରୋଗୀମାନଙ୍କର ଆରୋଗ୍ୟପାଇଁ ବ୍ରତୀ ହୋଇଥିଲେ । କିନ୍ତୁ ତଦ୍ଦ୍ୱାରା ରୋଗୀମାନଙ୍କର ସଂଖ୍ୟା ହ୍ରାସ ପାଇଲା ନାହିଁ । ସେ ଗଭୀର ଚିନ୍ତା କରି ଜାଣିପାରିଲେ ଯେ, ମନ ଭିତରେ ଦିବ୍ୟ ଆନନ୍ଦର ଅଭାବ ହିଁ ଏହି ପ୍ରକାର ଦୈହିକ ପୀଡ଼ା ପାଇଁ ଦାୟୀ । ସେମାନଙ୍କର ମନର ଚିକିତ୍ସା କରି, ମାନସିକ ଦୁଃଖ ଦୂରି କରି ସେମାନଙ୍କ ଭିତରେ କିପରି ବିମଳ ସ୍ୱର୍ଗୀୟ ସୁଖ ଭରିଦେବେ, ସେଥିପାଇଁ ସେ ଉପାୟ ଖୋଜି ଖୋଜି ମାଲୟ ଦ୍ୱିପ-ପୁଞ୍ଜର ଉଚ୍ଚବେତନ ନିଯୁକ୍ତିକୁ ତ୍ୟାଗ କରି ଦେଲେ ଏବଂ ଭାରତର ବିଭିନ୍ନ ଧର୍ମ ଅନୁଷ୍ଠାନ ଓ ସଂସ୍ଥାମାନଙ୍କରେ ରହି ଚିନ୍ତାକରିବାକୁ ଲାଗିଲେ । କୌଣସିଥିରେ ସନ୍ତୋଷ ନ ପାଇ ସେ ଋଷିକେଶର ଗଙ୍ଗାତୀରରେ ବାରବର୍ଷ ଗାଢ଼ ତପସ୍ୟାମଗ୍ନ ହୋଇଗଲେ । ସେଠାରେ ମାନସିକ ଉତ୍ପୀଡ଼ନରୁ ମାନବଜାତିକୁ ରକ୍ଷା କରିବା ପାଇଁ ସେ ଜ୍ଞାନର ଆଲୋକ ଲାଭ କଲେ ଓ ସେଠାରେ ଗୁରୁଦେବ ସ୍ୱାମୀ ବିଶ୍ୱାନନ୍ଦଙ୍କଠାରୁ ସନ୍ୟାସ ଦୀକ୍ଷା ଗ୍ରହଣ କରି ୧୯୩୬ରେ ଦିବ୍ୟଜୀବନ ସଂଘ ସ୍ଥାପନ କଲେ । ବର୍ତ୍ତମାନ ଏହି ସଂସ୍ଥାର ଶାଖାପ୍ରଶାଖା ସାରା ଭାରତବର୍ଷରେ ଓ ବହୁ ବିଦେଶୀ ନଗରମାନଙ୍କରେ ଖୋଲିଗଲାଣି ଓ ସ୍ୱାମୀ ଶିବାନନ୍ଦଙ୍କର ବାଣୀ ସ୍ୱାମୀଜୀଙ୍କର ବରିଷ୍ଠ ଶିଷ୍ୟ ଓ ସାଧକମାନଙ୍କ ଦ୍ୱାରା ପ୍ରଚାରିତ ହେଉଛି ।

ଜୀବଦ୍ଦଶା ଭିତରେ ସ୍ୱାମୀଜୀ ଇଂରାଜୀ ଭାଷାରେ ତିନିଶତ ପୁସ୍ତକ ପ୍ରକାଶ କରିଥିଲେ ଏବଂ ସେ ପୁସ୍ତକ ସବୁ ବିତରଣ କରୁଥିଲେ, ଠିକ୍ ଯେପରି ଡ଼ାକ୍ତର ଥିବାବେଳେ ନିଜ ବେତନରୁ ଔଷଧ କିଣି ରୋଗୀମାନଙ୍କୁ ଦାନ କରୁଥିଲେ । ତାଙ୍କର ଏକମାତ୍ର ଉଦ୍ଦେଶ୍ୟ ଥିଲା, କିପରି ଆମେ ସମସ୍ତେ ଦିବ୍ୟ ଆନନ୍ଦ ଲାଭ କରି ଦୁଃଖମୟ ସଂସାରରୁ ଓ ଜନ୍ମମୃତ୍ୟୁ-ଚକ୍ରରୁ ଉଦ୍ଧାର ପାଇ ମୋକ୍ଷ ଲାଭ କରିବୁ ।

ତାଙ୍କର ବରିଷ୍ଠ ଶିଷ୍ୟ ଶ୍ରୀ ଏନ୍. ଅନନ୍ତନାରାୟଣନ୍ ସେହି ତିନିଶତ ପ୍ରକାଶିତ ପୁସ୍ତକ ପାଠ କରି, ସେ ସବୁର ସାରାଂଶକୁ ୮୭ଟି ପ୍ରବନ୍ଧରେ ସଜାଇ **BLISS DIVINE** ନାମକ ଏକ ମୂଲ୍ୟବାନ ଗ୍ରନ୍ଥରେ ସୁନ୍ଦରଭାବରେ ସମ୍ପାଦିତ କରିଛନ୍ତି । ମହର୍ଷି ବ୍ୟାସ ଯେପରି ବେଦ ଓ ଉପନିଷଦମାନଙ୍କୁ ବିଭିନ୍ନ ବିଭାଗ ଓ ଶ୍ରେଣୀରେ ପୃଥକ ପୃଥକ କରି ସଜାଇ ମାନବ ଜାତିର ଅଶେଷ ଉପକାର ସାଧନ କରି ଚିରସ୍ମରଣୀୟ ହୋଇ ରହିଛନ୍ତି, ଅନନ୍ତନାରାୟଣନ୍ ମହାଶୟ ସେହିପରି ଶିବାନନ୍ଦଙ୍କର ସମଗ୍ର କୃତିକୁ ଅତି ବିଚକ୍ଷଣତାର ସହିତ ଶ୍ରେଣୀ ବିଭାଗ ଓ ସମ୍ପାଦନା କରି ଦୁଃଖୀ ଜନତାର ଅଶେଷ ଉପକାର ସାଧନ କରିଛନ୍ତି ।

ଏହି ଗ୍ରନ୍ଥଟି ବହୁ ଦିନରୁ ପ୍ରକାଶିତ ହୋଇ ଭାରତ ଓ ଭାରତ ବାହାରର ବିଭିନ୍ନ ଭାଷାରେ ଅନୂଦିତ ହୋଇ ସାରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ପ୍ରକାଶିତ ହୋଇ ନ ଥିଲା । ଏହି ଆୟାସସାଧ୍ୟ କର୍ମଟି ସ୍ୱତଃପ୍ରବୃତ୍ତ ହୋଇ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ନିଜେ ଗ୍ରହଣ କରିଛନ୍ତି । ୧୯୮୪ ମସିହାରୁ ଏହି ଅନୁବାଦ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାଣ୍ଡୁଲିପି ଆକାରରେ ପଡ଼ିରହିଥିଲା । ଲଘୁସାହିତ୍ୟମାନଙ୍କର ପ୍ରକାଶନ କ୍ଷେତ୍ରରେ ପ୍ରକାଶକମାନଙ୍କର ଯେତିକି ଆଗ୍ରହ ଥାଏ, ଆଧ୍ୟାତ୍ମିକ ସାହିତ୍ୟ ପ୍ରକାଶନରେ ସେତିକି ବିତୃଷ୍ଣା ଥିବା କାରଣରୁ ଏହା ଲୋକଲୋଚନକୁ ଆସିପାରି ନ ଥିଲା । 'କଲ୍ୟାଣ ପ୍ରକାଶନ'ର ପ୍ରକାଶକ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ଉଚ୍ଚ ଆସନର ଅଧିକାରୀ ଶ୍ରୀ ରାଧାଶ୍ୟାମ ନନ୍ଦ ମହୋଦୟ ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ଏହି ପବିତ୍ର ଗ୍ରନ୍ଥଟିର ପ୍ରକାଶନ ଦାୟିତ୍ୱ ଗ୍ରହଣ କଲେ ।

ଏହି ବିଶାଳ ଗ୍ରନ୍ଥଟିର ଆକାର ମୂଳ ଇଂରାଜୀ ଭାଷାରେ ୭୬୬ ପୃଷ୍ଠା । ଗୋଟିଏ ଭାଗରେ ସମସ୍ତ ପୁସ୍ତକଟି ପ୍ରକାଶିତ ହୋଇଥିଲେ ମୁଦ୍ରଣ ଖର୍ଚ୍ଚ ଅତିରିକ୍ତ ହୋଇଥାଆନ୍ତା ଓ ସେହି ଅନୁସାରେ ପୁସ୍ତକର ମୂଲ୍ୟ ମଧ୍ୟ ଅଧିକ ହୋଇଥାନ୍ତା । ତେଣୁ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦଜୀ ଏହାକୁ ଦୁଇଭାଗରେ ବିଭକ୍ତ କରିବାକୁ ବାଧ୍ୟ ହେଲେ । ମୂଳ ପୁସ୍ତକରେ ପ୍ରବନ୍ଧମାନଙ୍କର ସଂଖ୍ୟା ଥିଲା ୮୭ । ସେଥିରୁ ୪୦ଟି ପ୍ରବନ୍ଧ ପ୍ରଥମ ଭାଗରେ ୧୬-୩-୯୪ ଦିନ ପ୍ରକାଶ ପାଇଛି । ଏହି ଚାଳିଶଟି ପ୍ରବନ୍ଧ ବାଛିବା ପାଇଁ ମଧ୍ୟ ସ୍ୱାମୀଜୀ ବହୁ ଶ୍ରମ ସ୍ୱୀକାର କରିଛନ୍ତି । ମୂଳ ପୁସ୍ତକରେ ପ୍ରବନ୍ଧ-

ଗୁଡ଼ିକ ଇଂରାଜୀ ଅକ୍ଷର ଅନୁକ୍ରମରେ ପ୍ରକାଶିତ ହୋଇଥିଲା । ତାହା ଗ୍ରହଣ କରିଥିଲେ ପ୍ରଥମ ତେୟାଳିଶଟି ପ୍ରବନ୍ଧ ପ୍ରଥମ ଭାଗରେ ସନ୍ନିବେଶିତ ହୋଇ ଥାଆନ୍ତା । ତାହା ନ କରି, ସେ ଓଁ, ଈଶ୍ୱର, ବ୍ରହ୍ମ, ମନୁଷ୍ୟ ପ୍ରଭୃତି ମୂଳତଥ୍ୟଗୁଡ଼ିକ ସହିତ ଈଶ୍ୱରପ୍ରାପ୍ତି ନିମନ୍ତେ ସାଧନାର ବିଭିନ୍ନ ସ୍ତର, ଯୋଗ, ଷଠ୍ ସମ୍ପଦ, ସଦାଚାର, ସ୍ୱାଧ୍ୟାୟ, ମୌନ ପ୍ରଭୃତି ବିଭିନ୍ନ ଉପାୟମାନଙ୍କ ଉପରେ ଆଧାରିତ ଚାଳିଶଟି ପ୍ରବନ୍ଧ ବାଛିଲେ । ସେହି ଭାଗର ପ୍ରଥମ ପ୍ରବନ୍ଧ 'ଓଁ' ଶେଷ ପ୍ରବନ୍ଧ 'ସମାଧି' ।

ଏହି ୨ୟ ଭାଗରେ ମନୁଷ୍ୟ ଯେଉଁସବୁ ସଦ୍‌ଗୁଣ ନିଜ ଭିତରେ ଜାଗ୍ରତ କରାଇବ, ତାହାର ରୂପରେଖ ଯଥା ଭକ୍ତି, ଗୁରୁ-ଶିଷ୍ୟ ସମ୍ପର୍କ, ତଥା ବିଭିନ୍ନ ଶାସ୍ତ୍ର, ପୁରାଣମାନଙ୍କ ସମ୍ପର୍କରେ ସୂଚନା, ବିଭିନ୍ନ ଧର୍ମର ମୂଳତତ୍ତ୍ୱ ପ୍ରଭୃତି ରହିଛି ।

ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ଜଣେ ପୋଖତ ଅନୁବାଦକ । ଏହି ଗ୍ରନ୍ଥ ପୂର୍ବରୁ ସେ ଅନେକ ଗ୍ରନ୍ଥ ଅନୁବାଦ କରିଛନ୍ତି ଓ ସେ ସମସ୍ତ ପୁସ୍ତକ ପାଠକ ମହଲରେ ଆଦୃତ ହୋଇଛି । 'କଥା ସରିତ୍ ସାଗର'ର ସମ୍ପୂର୍ଣ୍ଣ ଅନୁବାଦ ତାଙ୍କର ଏକ ଉତ୍କୃଷ୍ଟ କୃତି । ତାଙ୍କର ତିଆ ଅନୁବାଦଗୁଡ଼ିକ ସାବଲୀଳ; ଆଗରୁ ନ ଜାଣିଥିଲେ, କେହି ଏହାକୁ ଅନୁବାଦ ବୋଲି ଭାବି ପାରିବ ନାହିଁ । ଭାଷା ସରଳ, ବୋଧଗମ୍ୟ ଓ ପ୍ରଚଳିତ ଦେଶଜ ଶବ୍ଦ-ମାନଙ୍କର ବହୁଳ ବ୍ୟବହାରହେତୁ ସ୍ୱଳ୍ପଶିକ୍ଷିତ ବ୍ୟକ୍ତିମାନେ ତାହା ସହଜରେ ବୁଝି ପାରିବେ । ଆଧ୍ୟାତ୍ମିକ ସାହିତ୍ୟର ଅନୁବାଦ ଅନ୍ୟ ସାହିତ୍ୟ ଯଥା ଉପନ୍ୟାସ, ଗଳ୍ପ ଓ କବିତା, ଏକାଙ୍କିକାମାନଙ୍କର ଅନୁବାଦଠାରୁ ଭିନ୍ନ । ସହଜେ ତ 'ଆଧ୍ୟାତ୍ମିକ' ଶବ୍ଦ ପ୍ରତି ସାଧାରଣ ବ୍ୟକ୍ତିର ଅହେତୁକ ଭୟ ଓ ତଜ୍ଜନିତ ପରିଶ୍ରମକାତରତା । କିଏ ପରିଶ୍ରମ କରି ଏ ନିଗୂଢ଼ ତତ୍ତ୍ୱମାନ ପଢ଼ୁଛି ? ପଢ଼ି ଲାଭ କଅଣ ? ବରଂ ସେହି ସମୟରେ କୌଣସି ଲଘୁ ସାହିତ୍ୟ ପଢ଼ିଲେ କିମ୍ବା ଟି.ଭି ସମ୍ମୁଖରେ ବସିଲେ, ସେମାନଙ୍କ ମତରେ, ତାହା ହେବ ଅଧିକ ସୁଖଦାୟକ । ସେମା-ନଙ୍କୁ ମଣିଷ ଜୀବନର ମୂଳଲକ୍ଷ୍ୟ 'ନିଜକୁ ଚିହ୍ନ ଓ ମୁକ୍ତ ହୋଇଯାଅ' ପ୍ରତି ଅବହିତ କରିବାପାଇଁ ବିଭିନ୍ନ ଯୁଗରେ ବିଭିନ୍ନ ମୁନିଋଷିମାନେ ବହୁ ମୂଲ୍ୟବାନ ଗ୍ରନ୍ଥ ଲେଖିଯାଇଛନ୍ତି । ପ୍ରକୃତରେ ସେହି ଗ୍ରନ୍ଥମାନଙ୍କର ଭାଷା କଠିନ । ତାକୁ ବୁଝିବା ପାଇଁ ସଂସ୍କୃତରେ ଅସୀମ ଦଖଲ ଥିବା

ଆବଶ୍ୟକ । ତେଣୁ ଯେଉଁମାନେ ସଂସ୍କୃତ ଉତ୍ତମରୂପେ ପାଠ କରୁଛନ୍ତି, ସେହିମାନେ ହିଁ ଏହା ବୁଝି ପାରୁଥିଲେ ଓ କାଳକ୍ରମେ ସେ ପୁସ୍ତକସବୁ ସେହିମାନଙ୍କର ବ୍ୟକ୍ତିଗତ ଓ ଜାତିଗତ ସମ୍ପତ୍ତି ହୋଇଗଲା ।

ଇତର ଜାତିମାନଙ୍କୁ ଏହା ପାଠ କରିବା ନିଷିଦ୍ଧ କରିଦିଆହେଲା । ଏହା ବିରୋଧରେ ସ୍ୱର ଉତ୍ତୋଳିତ ହେବା କଥା । ହେଲ ମଧ୍ୟ । ଧର୍ମ ଓ ଆଧ୍ୟାତ୍ମିକତା କାହାର ନିଜସ୍ୱ ସମ୍ପତ୍ତି ନୁହେଁ । ତଥାପି ଆଧ୍ୟାତ୍ମିକ ସାହିତ୍ୟପ୍ରତି ସମସ୍ତଙ୍କର ସ୍ପୃହା ଜାଗ୍ରତ ହୋଇ ନାହିଁ । ଏହାର କାରଣ ଦ୍ୱିବିଧ । ପ୍ରଥମତଃ ବୈଷୟିକ ସଭ୍ୟତାର ଦୁରନ୍ତ ଆକ୍ରମଣ ଓ ଦ୍ୱିତୀୟତଃ ଆଧ୍ୟାତ୍ମିକ ସାହିତ୍ୟର ଅବୋଧତା । ଓଡ଼ିଆରେ ଲେଖା ହେଲେ ମଧ୍ୟ, ଲେଖକମାନେ ପାଠକମାନଙ୍କୁ ଦୃଷ୍ଟିରେ ରଖି ନିଜର ଲେଖାକୁ ସହଜ, ସରଳ କରୁ ନାହାନ୍ତି । ତେଣୁ ଆଧ୍ୟାତ୍ମିକ ସାହିତ୍ୟରେ ନିଜର ଆକର୍ଷିକା ଶକ୍ତି ନାହିଁ । ତାହାର ପ୍ରତିଦ୍ୱନ୍ଦ୍ୱୀ ବୈଷୟିକ ସାହିତ୍ୟ ଏ ଦିଗରେ ସବୁବେଳେ ବିଜୟଲାଭ କରିଛି । ପ୍ରଥମତଃ ଯେଉଁ ବିଷୟରେ ବୈଷୟିକ ସାହିତ୍ୟ ଆଧାରିତ ସେ ସମସ୍ତ ଇନ୍ଦ୍ରିୟଲବ୍ଧ । ତେଣୁ ତାହା ବୁଝିବାକୁ ସମୟ ଲାଗେ ନାହିଁ; ତାହା ଶିହରଣ ସୃଷ୍ଟି କରେ । ଦ୍ୱିତୀୟତଃ ଭାଷା ସରଳ । ଆଧ୍ୟାତ୍ମିକ ସାହିତ୍ୟ ଇନ୍ଦ୍ରିୟୋତ୍ତର ବିଷୟବସ୍ତୁ ଉପରେ ଆଧାରିତ । ଏହାକୁ ଜନପ୍ରିୟ ଓ ଆକର୍ଷଣୀୟ କରିବାକୁ ହେଲେ, ଭାଷା ଅତିଶୟ ସରଳ ଓ ସାବଲୀଳ ହେବାକୁ ବାଧ୍ୟ । ଦୈନନ୍ଦିନ ଜୀବନର ବିଭିନ୍ନ ଦୃଷ୍ଟାନ୍ତ ଦ୍ୱାରା ଏହାକୁ ରସାଳ କରିବାକୁ ହେବ । ସ୍ୱାମୀ ଶିବାନନ୍ଦ ଏହି ମତବାଦ ଯଥାର୍ଥଭାବରେ ଗ୍ରହଣ କରିଥିଲେ । ତେଣୁ ସେ ଜଣେ ଜନପ୍ରିୟ ଆଧ୍ୟାତ୍ମିକ ସାହିତ୍ୟକାର । କିନ୍ତୁ ଓଡ଼ିଆଭାଷୀ ସମସ୍ତେ ତାଙ୍କର ଏହି ସରଳ ଇଂରାଜୀକୁ ମଧ୍ୟ ବୁଝିପାରନ୍ତି ନାହିଁ । ତାଙ୍କ ସାହିତ୍ୟକୁ ମାତୃଭାଷାରେ ଅନୁବାଦ କରିବାକୁ ହେଲେ, ସ୍ୱାମୀ ଶିବାନନ୍ଦ ନିଜେ ଓଡ଼ିଆଭାଷୀ ହୋଇଥିଲେ ଯେପରି ଲେଖିଥାନ୍ତେ, ସେହିପରି ଲେଖିବାକୁ ହେବ । ଅଭିଧାନ ଦେଖି ଆକ୍ଷରିକ ଅନୁବାଦ କଲେ, ତାହା ହେବ ଏକ କିମ୍ଭୁତ କିମାକାର ସୃଷ୍ଟି । ତାକୁ ଓଡ଼ିଆ ପାଠକ ଗ୍ରହଣ କରିବେ ନାହିଁ ।

ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ସେହି ଦୃଷ୍ଟିରୁ ଜଣେ ସଫଳଅନୁବାଦକ । ଆଧ୍ୟାତ୍ମିକ ସାହିତ୍ୟ ସୃଷ୍ଟିରେ ତାଙ୍କର ଏହି ଭୂମିକା ସର୍ବଥା ଅଭି-

ନନ୍ଦନୀୟ । ମୋର ଗଭୀର ଆଶା, ଏହି ପୁସ୍ତକଟି ଜନପ୍ରିୟ ହେବ ଓ କଲ୍ୟାଣ ପ୍ରକାଶନର ଭବିଷ୍ୟତ୍ ପ୍ରକାଶନମାନ ଏହି ପୁସ୍ତକର ବହୁଳ ବିକ୍ରୟ ଉପରେ ନିର୍ଭର କରିବ । ଆମର ସଙ୍କଳ୍ପ ଅଛି, କ୍ରମେ କ୍ରମେ ସ୍ୱାମୀ ଶିବାନନ୍ଦଙ୍କର ୩୦୦ଟିଯାକ ପୁସ୍ତକ ଓ ଗୀତା ଉପରେ ତାଙ୍କର ମୂଲ୍ୟବାନ ବ୍ୟାଖ୍ୟା ପ୍ରକାଶ କରିବୁ । କିନ୍ତୁ ଏହି ପରିପ୍ରେକ୍ଷୀରେ ଆମର ଗାଉଁଲି ଭାଷାରେ ଢଗଟିଏ ମନେପଡ଼େ । 'ଆଲେ ମଉଷା, ମୂଳ ପଇସା' । ଯଦି ଏହି ପୁସ୍ତକରେ ଲଗାଯାଇଥିବା ଅର୍ଥ ପୁସ୍ତକ ବିକ୍ରୟଲବ୍ଧ ଅର୍ଥ ଦ୍ୱାରା ଭରଣା ନ କରାଯାଏ, ଆମର ଅନ୍ୟ ଅନୁବାଦମାନଙ୍କର ଯୋଜନା କାର୍ଯ୍ୟକାରୀ ହୋଇ ପାରିବ ନାହିଁ ।

ତେଣୁ ଦିବ୍ୟଜୀବନ ସଂଘର ସହସ୍ରାଧିକ ସଭ୍ୟ, ସଭ୍ୟା, ଭକ୍ତ ମୁମୁକ୍ଷୁ ତଥା ଜନସାଧାରଣ ଓଡ଼ିଶାର ଏହି ଏକମାତ୍ର ସମ୍ଭ୍ରାନ୍ତ ଆଧ୍ୟାତ୍ମିକ ପୁସ୍ତକ ପ୍ରକାଶନ ସଂସ୍ଥାର ହାତମୁଠା ଟାଣ କରିବା ନିମନ୍ତେ ଏହି ପୁସ୍ତକକୁ କିଣି ଆମକୁ ଉତ୍ସାହିତ କରନ୍ତୁ; ଏହା ମୋର ବିନମ୍ର ନିବେଦନ

ଗୁରୁଦେବ ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ଆପଣ ଦିବ୍ୟ ଆନନ୍ଦ ଉପଲବ୍ଧି କରନ୍ତୁ ।

ଇତି

ଗୁରୁ ଚରଣ ସେବକ
ଦୁର୍ଗାମାଧବ ମିଶ୍ର
ସଭାପତି
କଲ୍ୟାଣ ପ୍ରକାଶନ

ଚନ୍ଦ୍ରାଲୋକ
ପ୍ଲଟ୍ ନଂ ଡି୯ ବି.ଜେ.ବି ନଗର
ଭୁବନେଶ୍ୱର-୭୫୧୦୧୪

ସୂଚୀପତ୍ର

ବିଷୟ		ପୃଷ୍ଠା
	ଉପୋଦ୍‌ଘାତ—ଶ୍ରୀଯୁକ୍ତ ଦୁର୍ଗାମାଧବ ମିଶ୍ର	କ—ଙ
୧ ।	ଧର୍ମ	୧
୨ ।	ପାପ	୭
୩ ।	କ୍ରୋଧ	୧୪
୪ ।	କର୍ମ	୨[illegible]
୫ ।	ସୃଷ୍ଟି	୩୬
୬ ।	ସମୟ	୪୮
୭ ।	ମୃତ୍ୟୁ	୫୮
୮ ।	ପୁନର୍ଜନ୍ମ	୭୦
୯ ।	ସ୍ୱପ୍ନ	୮୦
୧୦ ।	ସୁଖ	୯୨
୧୧ ।	ହିନ୍ଦୁଧର୍ମ	୧୦୨
୧୨ ।	ଜୈନଧର୍ମ	୧୧୨
୧୩ ।	ବୌଦ୍ଧଧର୍ମ	୧୧୯
୧୪ ।	ଜୋରାଷ୍ଟ୍ରୀୟ ଧର୍ମ	୧୨୬
୧୫ ।	କନ୍‌ଫୁସିୟସଙ୍କ ଧର୍ମନୀତି	୧୩୦
୧୬ ।	ତାଓଧର୍ମ	୧୩୬
୧୭ ।	ଶିଣ୍ଟୋଧର୍ମ	୧୪୧
୧୮ ।	ଇହୁଦୀଧର୍ମ	୧୪୬
୧୯ ।	ଖ୍ରୀଷ୍ଟଧର୍ମ	୧୫୩
୨୦ ।	ଇସଲାମ	୧୫୭
୨୧ ।	ତନ୍ତ୍ର	୧୬୪
୨୨ ।	ଅବତାର	୧୭୦
୨୩ ।	କୃଷ୍ଣ	୧୭୭
୨୪ ।	ଦେବୀ	୧୮୭

	ବିଷୟ	ପୃଷ୍ଠା
୨୫ ।	ଯୀଶୁ	୧୯୩
୨୬ ।	ଜୀବନ୍ମୁକ୍ତ	୨୦୧
୨୭ ।	ସାଧୁସନ୍ଥ	୨୧୧
୨୮ ।	ମୂର୍ତ୍ତିପୂଜା	୨୨୦
୨୯ ।	ଭକ୍ତି	୨୨୭
୩୦ ।	ବେଦ	୨୩୬
୩୧ ।	ବେଦାନ୍ତ	୨୪୧
୩୨ ।	ଉପନିଷଦ	୨୫୧
୩୩ ।	ଗୀତା	୨୫୬
୩୪ ।	ରାମାୟଣ	୨୬୪
୩୫ ।	ଭାଗବତ ପୁରାଣ	୨୭୧
୩୬ ।	ମହାଭାରତ	୨୭୬
୩୭ ।	ଗଙ୍ଗା	୨୮୩
୩୮ ।	ଭାରତ	୨୮୯
୩୯ ।	ଶିକ୍ଷା	୨୯୭
୪୦ ।	ଭୟ	୩୦୫
୪୧ ।	ବିଜ୍ଞାନ	୩୧୪
୪୨ ।	ସଙ୍ଗୀତ	୩୨୨
୪୩ ।	ନାରୀ	୩୩୦
୪୪ ।	ବିବାହ	୩୩୮
୪୫ ।	କାମପ୍ରବୃତ୍ତି	୩୪୬
୪୬ ।	ସଭ୍ୟତା	୩୫୬
୪୭ ।	ଦିବ୍ୟଜୀବନ ସଂଘ ପରିଚୟ	୩୬୭
୪୮ ।	ବିଶ୍ୱପ୍ରାର୍ଥନା	୩୬୮

—o—



ପରମପୂଜ୍ୟ ଶ୍ରୀ ସ୍ୱାମୀ ଶିବାନନ୍ଦ

(ସେପ୍ଟେମ୍ବର ୮, ୧୮୮୭ - ଜୁଲାଇ ୧୪, ୧୯୬୩)

ଦିବ୍ୟ ଆନନ୍ଦ

ଧର୍ମ

ଈଶ୍ୱର, ଜଗତ ଓ ଜୀବ-ଏହି ତିନି ମୌଳିକ ତତ୍ତ୍ୱ ମଧ୍ୟରେ ଯେଉଁ ସମ୍ପର୍କଟି ରହିଛି, ତାହା ହିଁ ଧର୍ମ । ଧର୍ମ ପୃଥିବୀରେ କ୍ଳାନ୍ତ ପରିବ୍ରାଜକଙ୍କୁ ଶାନ୍ତ୍ୱନା ପ୍ରଦାନ କରେ । ତାହା ନିକଟରେ ଜୀବନର ରହସ୍ୟ ବ୍ୟାଖ୍ୟାନ କରେ ଏବଂ ତାଙ୍କୁ ଅମର-ଧାମକୁ ପଥ ପ୍ରଦର୍ଶନ କରେ ।

ଧର୍ମ ଜୀବନର ଅସ୍ୱୀକାରକୁ ବୁଝାଏ ନାହିଁ । ଜୀବନର ପ୍ରାଚୁର୍ଯ୍ୟ ହିଁ ଧର୍ମ । ଧର୍ମ ହେଉଛି ଶାଶ୍ୱତ ଜୀବନ । ଅନୁଶାସନ, ଆତ୍ମସଂଯମ ଓ ଧ୍ୟାନ ବଳରେ ମନୁଷ୍ୟ ଈଶ୍ୱରରେ ପରିଣତ ହୁଏ । ଜୀବନର ସକଳ କ୍ଷେତ୍ରରେ ପ୍ରେମ, କ୍ଷମା, ସତ୍ୟବାଦିତା ଓ ପବିତ୍ରତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବାରେ ହିଁ ଧର୍ମ ନିହିତ । ଧର୍ମ ହେଉଛି ବ୍ୟବହାରିକ ଦର୍ଶନ ଏବଂ ଦର୍ଶନ ହେଉଛି ତାତ୍ତ୍ୱିକ ଧର୍ମ । ଚିରନ୍ତନ ପ୍ରଶ୍ନ, ଶାଶ୍ୱତ ଜିଜ୍ଞାସା ଓ ନିତ୍ୟ ଅନ୍ୱେଷଣର ନାମ ଦର୍ଶନ । ଧର୍ମ ହେଉଛି ଉପଲବ୍ଧି କରିବା, ଅନୁଭୂତି ପାଇବା ଓ ଜ୍ଞାନ ଲାଭ କରିବା ।

ସମସ୍ତଙ୍କୁ ଗୋଟିଏ ପ୍ରକାର ପୋଷାକ ସାଜିବ ନାହିଁ । ବ୍ୟକ୍ତିଗତ ମନୋଭାବ ଏବଂ ପାରମ୍ପରିକ ପୃଷ୍ଠଭୂମିରେ ପାର୍ଥକ୍ୟ ରହିବ ହିଁ ରହିବ । ତେଣୁ ଜଗତରେ ବିଭିନ୍ନ ପ୍ରକାର ଧର୍ମ ରହିବା ଅନାବଶ୍ୟକ ନୁହେଁ ।

ସକଳ ଧର୍ମର ମହତ୍ତ୍ୱ ରହିଛି । ପରମାତ୍ମାଙ୍କ ନିକଟକୁ ଯେତେଗୁଡ଼ିଏ ପଥ ରହିଛି, ସେ ଭିତରୁ ଗୋଟିକର ମହତ୍ତ୍ୱ ଯେତିକି, ଅନ୍ୟ ଯେ କୌଣସିଟିର ମହତ୍ତ୍ୱ ମଧ୍ୟ ସେତିକି, ଗାଈ ବିଭିନ୍ନ ରଙ୍ଗର ଅଛନ୍ତି କିନ୍ତୁ ସବୁ ଗାଈଙ୍କର ଦୁଧର ରଙ୍ଗ ଧଳା । ବିଭିନ୍ନ ପ୍ରକାର ଗୋଲାପ ଅଛି କିନ୍ତୁ ସବୁ ଗୋଲାପର ସୁଗନ୍ଧ ଏକ । ଧର୍ମ ଏକ କିନ୍ତୁ ତାର ପ୍ରଣାଳୀ ଅନେକ । ବିଭିନ୍ନତା ହେଉଛି ସୃଷ୍ଟିର ନିୟମ । ଧର୍ମ ବା ସେହି ନିୟମରୁ ବାଦ ପଡ଼ିବ କାହିଁକି ?

ଧର୍ମର ସାରତତ୍ତ୍ୱ— ଧର୍ମ କୌଣସି ବିଧିବିଧାନ ନୁହେଁ, କି କୌଣସି ମତାନ୍ଧତା ନୁହେଁ । ମତାନ୍ଧତା ତ ଏକ ଫଟାବିଇଁଶୀ । ବ୍ରହ୍ମତତ୍ତ୍ୱକୁ ମଧ୍ୟ ଧର୍ମ ବୋଲଯାଏ ନାହିଁ । ଧର୍ମ କୌଣସି ଶୁଷ୍କବିଶ୍ୱାସ ବା ଆବେଗ ନୁହେଁ । ପେଟ ମୋଡ଼ି ହେଲେ ବା ଝାଡ଼ାବାନ୍ତି ହେଲେ ଅର୍ଥାତ୍ ରୋଗଶୋକରେ ପଡ଼ିଗଲେ ମଣିଷ ଯେଉଁ ପଦେଅଧେ ପ୍ରାର୍ଥନା ଗୀତ ଗାଇଦିଏ, ତାହା ବି ଧର୍ମ ନୁହେଁ । ଧର୍ମ ହେଉଛି ମୁଖ୍ୟତଃ ଏକ ସେବା ଓ ସଦାଚାରପୂର୍ଣ୍ଣ ଜୀବନକ୍ରମ । ଧର୍ମ ହେଉଛି ଏକ ଧ୍ୟାନ-ପରାୟଣ ଜୀବନକ୍ରମ । ଈଶ୍ୱରପରାୟଣ ଜୀବନକ୍ରମ ହିଁ ଧର୍ମ । ଯେ ପ୍ରେମଶୀଳ, ଦୟାଶୀଳ, ପବିତ୍ର ଓ ସତ୍ୟନିଷ୍ଠ, ଯାହାଙ୍କ ହୃଦୟରେ ଭକ୍ତି ଓ ବିଶ୍ୱାସ ରହିଛି, ସେ ହିଁ ପ୍ରକୃତ ଧାର୍ମିକ । ଧର୍ମର ସାରତତ୍ତ୍ୱ ଚିତାତିଳକରେ ନାହିଁ, କି ଜଟାଦାଢ଼ିରେ ନାହିଁ; ଡାହାଣିଆ ଖରାରେ ଠିଆହେବାରେ ନାହିଁ, କି ହିମକାକର ପାଣିରେ ଠିଆହେବାରେ ନାହିଁ ; ଗୈରିକବସନରେ ନାହିଁ, କି ଲୁଣ୍ଠିତ ମସ୍ତକରେ ନାହିଁ ; ଘଣ୍ଟି ବଜାଇବାରେ ନାହିଁ, କି ଶଙ୍ଖ ଫୁଙ୍କିବାରେ ନାହିଁ ; ଗିନି ବଜାଇବାରେ ନାହିଁ, କି କରତାଳ ଦେବାରେ ନାହିଁ । ଧର୍ମର ସାରତତ୍ତ୍ୱ ରହିଛି ସାଂସାରିକ ପ୍ରଲୋଭନ ଦ୍ୱାରା ପରିବେଷ୍ଟିତ ହୋଇ ମଧ୍ୟ ସେବାପରାୟଣ ତଥା ସତ୍-ପବିତ୍ର ଜୀବନ ଯାପନରେ ।

ଧର୍ମ ହେଉଛି ଈଶ୍ୱରପରାୟଣ ଜୀବନ । ଈଶ୍ୱରଙ୍କ ବିଷୟରେ କେବଳ ଚର୍ଚ୍ଚା-ଆଲୋଚନା କରିବାର ନାମ ଧର୍ମ ନୁହେଁ । କେବଳ ବୌଦ୍ଧିକ ଉନ୍ନତି ଆପଣଙ୍କୁ ପ୍ରକୃତ ଧାର୍ମିକ କରିଦେଇ ପାରିବ ନାହିଁ । ପ୍ରକୃତ ଧର୍ମ ଯୁକ୍ତିତର୍କର ସ୍ପର୍ଶ ବାହାରେ । ଧର୍ମ କେବଳ ବାହ୍ୟ ଓ ଆଭ୍ୟନ୍ତରୀଣ ଉଭୟ ଜୀବନକ୍ରମରେ ଆଚରିତ ହୋଇପାରେ । ଧର୍ମ ହେଉଛି ଏକ ଉପଲବ୍ଧି ତଥା ଏକ ପରିଣତି ।

ବ୍ୟକ୍ତିଗତ ଭାବପ୍ରବଣତାର ବଶବର୍ତ୍ତୀ ହୋଇ, ଚଳଣୀର ବାଧ୍ୟବାଧକତାରେ ପଡ଼ି କିମ୍ବା ମତ ଓ ସାମ୍ପ୍ରଦାୟିକତାର ଉତ୍ତେଜନାରେ ଆବିଷ୍ଟ ହୋଇ, ଅନ୍ଧପ୍ରାୟ ହୋଇ ଧର୍ମକୁ ସଂକୀର୍ଣ୍ଣ ଦୃଷ୍ଟିକୋଣରୁ ଦେଖନ୍ତୁ ନାହିଁ । ଅଶିକ୍ଷିତ ଅନଭିଜ୍ଞ ଲୋକଙ୍କର ଧର୍ମାଚରଣକୁ ଆଦରିବସି ପକ୍ଷପାତିତାର ଶିକାର ହୋଇଯାଆନ୍ତୁ ନାହିଁ । ଧର୍ମ ନାମରେ ପ୍ରଚଳିତ ବିଭିନ୍ନ ବିଷୟ ମଧ୍ୟରେ ମୁଖ୍ୟ କେଉଁଟି, ଗୌଣ କେଉଁଗୁଡ଼ିକ, ତାହା ନିର୍ମଳ ବିବେକର ଶୁଦ୍ଧବିବେଚନା ଶକ୍ତି ବଳରେ ନିର୍ଣ୍ଣୟ କରିବାକୁ ଆପଣ ସକ୍ଷମ ହେବା ଆବଶ୍ୟକ । ତେବେ ଯାଇଁ ଆପଣ ସୁଖୀ ହୋଇପାରିବେ । ସକଳ ଧର୍ମର ସାରତତ୍ତ୍ୱ ଏକ ଏବଂ ଅଭିନ୍ନ । ସେମାନଙ୍କ ମଧ୍ୟରେ ମତଦ୍ୱୈଧ ନାହିଁ । କେବଳ ଗୌଣ ଓ ଅନାବଶ୍ୟକ ବିଷୟ ନେଇ ହିଁ ଧର୍ମ ଧର୍ମ ମଧ୍ୟରେ ପ୍ରଭେଦ ରହିଛି ।

ଧାର୍ମିକ ଜୀବନ ହେଉଛି ମନୁଷ୍ୟପକ୍ଷରେ ସବୁଠାରୁ ବଡ଼ ଆଶୀର୍ବାଦର ବିଷୟ । ଏହି ଜୀବନ ମନୁଷ୍ୟକୁ ସାଂସାରିକତାର, ଅପବିତ୍ରତାର, ଅବିଶ୍ୱାସର ତଥା ବ୍ୟଭିଚାରର କର୍ଦ୍ଦମରୁ ଉଦ୍ଧାର କରିଦିଏ । ଧର୍ମଜ୍ୟୋତିରେ ଉଜ୍ଜ୍ୱଳ ହୋଇ ନ ଥିବା ବୁଦ୍ଧି ମୂଲ୍ୟହୀନ । ଦର୍ଶନ ଯାହା କୌଣସି ଦିନ କରିପାରିବ ନାହିଁ, ଧର୍ମ ତାହା କରିଦିଏ । ଯଦି ଧାର୍ମିକ ଜୀବନ ଯାପନ କରିବେ, ତେବେ ଆପଣ ନିଶ୍ଚିତଭାବରେ ଜ୍ଞାନ, ଅମରତ୍ୱ, ଶାଶ୍ୱତ ଶାନ୍ତି ଓ ଚିରସ୍ଥାୟୀ ସୁଖ ଲାଭ କରିବେ ।

ଧର୍ମ ମନୁଷ୍ୟକୁ ଦୁଃଖ ଓ ଯନ୍ତ୍ରଣାରୁ ଉଦ୍ଧାର କରେ । ଧର୍ମ ଶାଶ୍ୱତ ଶାନ୍ତି ପ୍ରଦାନ କରେ । ଧର୍ମ ମୁକ୍ତି ଓ ପୂର୍ଣ୍ଣତା ପ୍ରଦାନ କରେ । ଧର୍ମ ମନୁଷ୍ୟକୁ ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତ କରେ ।

ଧର୍ମ ହେଉଛି ସମାଜର ଭିତ୍ତି, ସକଳ ସୁଖ ଓ ସମସ୍ତ ଶିବର ନିଧାନ; ମନୁଷ୍ୟର ସମସ୍ତ ସଦ୍‌ଗୁଣ ଓ ସମୃଦ୍ଧିର ଆଧାର । ତେଣୁ ଧର୍ମ ଜାତି ତଥା ଦେଶର ମଧ୍ୟ ସକଳ ସଦ୍‌ଗୁଣ ଓ ସମୃଦ୍ଧିର ଆଧାର । ସଭ୍ୟତା, ଶୃଙ୍ଖଳା, ନୈତିକତା ଆଦି ଯେଉଁସବୁ ଗୁଣ ମନୁଷ୍ୟକୁ ଉନ୍ନତ କରାଏ ଏବଂ ଜାତିକୁ ଶାନ୍ତି ଓ ଶକ୍ତି ପ୍ରଦାନ କରେ, ସେହି ସମସ୍ତ ଗୁଣ କେବଳ ଧର୍ମାଚରଣରେ ମିଳେ ।

ଯଦି ଜୀବନରୁ ଧର୍ମକୁ ଅନ୍ତର କରିଦିଆଯିବ, ତେବେ ଜୀବନ ଉଦ୍ଦେଶ୍ୟହୀନ ହୋଇଯିବ; ଯେଉଁ ଉଦ୍ଦେଶ୍ୟ ନେଇ ମନୁଷ୍ୟର ଜନ୍ମ ହୋଇଥିଲା, ମନୁଷ୍ୟ ତାଠାରୁ ବହୁ ଦୂରରେ ପଡ଼ିରହିବ । ଧର୍ମବିହୀନ ଜୀବନ ଏକ ଊଷର ମରୁସଦୃଶ । ତେଣୁ ଧର୍ମ ବିନା ଜୀବନ ମୂଲ୍ୟହୀନ । ଧର୍ମ ହିଁ ଜୀବନକୁ ମୂଲ୍ୟବାନ କରିଦିଏ ଏବଂ ମନକୁ ପ୍ରେମ, ଭକ୍ତି, ଶାନ୍ତି ଓ ଆନନ୍ଦରେ ପୂର୍ଣ୍ଣ କରିଦିଏ । ଧର୍ମ ବିରୁଦ୍ଧରେ ଅପପ୍ରଚାର କିଛି ସମୟ-ପାଇଁ ମନୁଷ୍ୟର ଧର୍ମପ୍ରାଣତାକୁ ବ୍ୟାହତ କରିଦେଇପାରେ କିନ୍ତୁ ଏହା ନିଶ୍ଚିତ ଯେ, କୌଣସି ବସ୍ତୁବାଦୀ ଶକ୍ତି ମନୁଷ୍ୟର ଧର୍ମପ୍ରାଣତାକୁ ବିନାଶ କରିଦେଇ ନ ପାରେ ।

ପୃଥିବୀର ବିଭିନ୍ନ ଧର୍ମ— ହିନ୍ଦୁଧର୍ମ, ଜୋରାଷ୍ଟ୍ରୀୟାନ ଧର୍ମ, ଯିହୁଦୀ ଧର୍ମ, ବୌଦ୍ଧଧର୍ମ, ଖ୍ରୀଷ୍ଟଧର୍ମ ଓ ମହମ୍ମଦୀୟ ଧର୍ମ ବା ଇସଲାମ— ଏହି ଛଅଟି ହେଉଛି ପୃଥିବୀର ପ୍ରଧାନ ଧର୍ମ । ହିନ୍ଦୁଧର୍ମର ପ୍ରତିଷ୍ଠାତା ବୋଲି କେହି ନ ଥିଲେ । କିନ୍ତୁ ଅନ୍ୟ ସକଳ ଧର୍ମର ପ୍ରତିଷ୍ଠାତା ଥିଲେ । ପ୍ରତିଷ୍ଠାତାଙ୍କ ନାମାନୁସାରେ ସେହିସବୁ ଧର୍ମର ନାମକରଣ ହୋଇଛି । ଜୈନଧର୍ମ ବୌଦ୍ଧଧର୍ମର ରୂପାନ୍ତରମାତ୍ର । ଶିଖଧର୍ମ ମୁଖ୍ୟତଃ ହିନ୍ଦୁଧର୍ମ ଉପରେ ଆଧାରିତ ; ଏହା ଆଂଶିକଭାବରେ ଇସଲାମ ଉପରେ ମଧ୍ୟ ଆଧାରିତ । ବ୍ରାହ୍ମଧର୍ମ ହିନ୍ଦୁଧର୍ମ ଓ ଖ୍ରୀଷ୍ଟଧର୍ମରୁ ସମ୍ଭୂତ । ଅନ୍ୟାନ୍ୟ ଶ୍ରେଷ୍ଠ ଶ୍ରେଷ୍ଠ ଧର୍ମଗୁଡ଼ିକ ମଧ୍ୟ ପରିଗଣିତ ।

ଯେତେବେଳେ କୌଣସି ପ୍ରଧାନ ଧାର୍ମିକସତ୍ୟ ଯାଜକ ଓ ପୁରୋହିତ ଶ୍ରେଣୀର ସ୍ୱାର୍ଥପରତା ତଥା ଅଧର୍ମିକାବଶତଃ ଦମିତ-ଲୁପ୍ତ ହୋଇଯାଇଛି କିମ୍ବା ଜନସାଧାରଣଙ୍କର ଅଜ୍ଞତାବଶତଃ ବିସ୍ମୃତ-ଅବହେଳିତ ହୋଇଯାଇଛି, ସେତେବେଳେ କେହି ଜଣେ ମହାନ ସନ୍ଥ, ମହାପୁରୁଷ ବା ବିଶିଷ୍ଟ ଧର୍ମପ୍ରଚାରକ ଆବିର୍ଭୂତ ହୋଇଛନ୍ତି । ସେ ଉକ୍ତ ସତ୍ୟ ଉପରେ ଗୁରୁତ୍ୱ ଆରୋପ କରି, ତାକୁ ଅସ୍ପଷ୍ଟ ଅନୁଜ୍ଜ୍ୱଳ କରି ରଖିଥିବା ମସି ଆବରଣକୁ ନିଷ୍କାସନ କରି, ତାକୁ ତାର ମୌଳିକ ଜ୍ୟୋତି, ମୌଳିକ ପବିତ୍ରତା ଓ ମୌଳିକ ଗୌରବ ପ୍ରକାଶ କରିବାରେ ସକ୍ଷମ କରାଇଛନ୍ତି ।

ପ୍ରାଚୀନକାଳରେ ଲୋକେ ଯେତେବେଳେ ବୈଦିକ ଏକେଶ୍ୱରବାଦ ଭୁଲିଗଲେ, ସେତେବେଳେ ଆବିର୍ଭୂତ ହେଲେ ଜୋରୋଷ୍ଟର । ସେ ବହୁଦେବତା-ପୂଜାର ନିନ୍ଦା କରି ଅଦ୍ୱିତୀୟ ଈଶ୍ୱର ଅହୁର୍‌ମାଜ୍‌ଦଙ୍କୁ ପୂଜା କର ବୋଲି ପ୍ରଚାର କଲେ ।

ଯେତେବେଳେ ବୈଦିକ ଧର୍ମର ପତନ ହୋଇ ତାହା ଅର୍ଥହୀନ କର୍ମ-କାଣ୍ଡରେ ତଥା ପଶୁବଳୀରେ ପର୍ଯ୍ୟବସିତ ହେଲା, ଯେତେବେଳେ ବ୍ରାହ୍ମଣମାନେ ଶୂଦ୍ରମାନଙ୍କୁ ଘୃଣା କରି ହୀନଦୃଷ୍ଟିରେ ଦେଖିଲେ, ସେତେବେଳେ ଆବିର୍ଭୂତ ହେଲେ ପରମକାରୁଣିକ ପ୍ରଭୁ ବୁଦ୍ଧ ; ସେ ପଶୁବଳି ନିରୋଧ କରିବା ସଙ୍ଗେ ସଙ୍ଗେ ସମାଜରେ ଶୂଦ୍ରମାନଙ୍କର ଆସନ ମଧ୍ୟ ଉନ୍ନତ କରାଇଲେ ।

ଯେତେବେଳେ ଇହୁଦୀ ଧର୍ମର ଯାଜକଗୋଷ୍ଠୀ ଉଦ୍ଧତ ଅହଙ୍କାରୀ ହୋଇ-ଉଠିଲେ, ସେତେବେଳେ ଇହୁଦୀଧର୍ମକୁ ସଂସ୍କାର କରିବାଲାଗି ଆବିର୍ଭୂତ ହେଲେ ଯୀଶୁ । ଯେତେବେଳେ ଖ୍ରୀଷ୍ଟଧର୍ମ ନାନା ଅନ୍ଧବିଶ୍ୱାସ ଓ ମୂର୍ତ୍ତିପୂଜାରେ ପର୍ଯ୍ୟବସିତ ହୋଇଗଲା, ସେତେବେଳେ ଏକେଶ୍ୱରବାଦ ପ୍ରଚାର କରିବାଲାଗି ଆବିର୍ଭୂତ ହେଲେ ମହମ୍ମଦ ।

ଏସବୁ ପର୍ଯ୍ୟାଲୋଚନା କଲେ ଦେଖିପାରିବେ, କେବଳ ପ୍ରାଚୀନ ଧର୍ମର ଭ୍ରାନ୍ତ ବ୍ୟବହାର ଓ କଦର୍ଥର ପ୍ରତିବାଦ କରିବାପାଇଁ ତଥା ଉକ୍ତ ଧର୍ମର ତତ୍କାଳୀନ ଗ୍ଲାନିମୟ ଅବସ୍ଥାର ସଂସ୍କାର କରିବାପାଇଁ ହିଁ ନୂତନ ଧର୍ମମାନ ସୃଷ୍ଟି ହୋଇଛି ।

ବିଭିନ୍ନ ଧର୍ମ ମଧ୍ୟରେ ଗୋଟିଏ ଏକତ୍ୱ ରହିଛି—ସମସ୍ତ ମହା-ପୁରୁଷ ହେଉଛନ୍ତି ଈଶ୍ୱରଙ୍କର ଦୂତ । ସେମାନେ ପ୍ରତ୍ୟେକ ଜଣେ ଜଣେ ମହା-ଯୋଗୀ, ଜଣେ ଜଣେ ସିଦ୍ଧପୁରୁଷ ଏବଂ ପ୍ରତ୍ୟେକେ ଦିବ୍ୟ ଈଶ୍ୱରଉପଲବ୍ଧି ଲାଭ କରିଥିଲେ । ସେମାନଙ୍କର ବାଣୀ ଥିଲା ପବିତ୍ର ଓ ଅଭ୍ରାନ୍ତ । ଭଗବତ୍

ଗୀତା ଯେପରି ଏକ ପବିତ୍ର ଗ୍ରନ୍ଥ, କୋରାନ ବା ଜେନ୍ଦ୍ ଆଭେସ୍ତା ବା ବାଇବେଲ୍ ମଧ୍ୟ ସେହିପରି ଗୋଟିଏ ଗୋଟିଏ ପବିତ୍ର ଗ୍ରନ୍ଥ । ପ୍ରତ୍ୟେକଟିରେ ଦିବ୍ୟଜ୍ଞାନର ସାରବସ୍ତୁ ହିଁ ରହିଛି । ଅହୁର ମାଜ୍ଦ୍, ଈଶ୍ୱର, ଆଲ୍ଲା ଓ ଜେହୋଭା— ଏସବୁ ହେଉଛି ଏକ ପରମାତ୍ମାଙ୍କର ବିଭିନ୍ନ ନାମ ।

ଈଶ୍ୱର ହେଉଛନ୍ତି ଧର୍ମର ଉତ୍ପତ୍ତିସ୍ଥଳ । ଯେଉଁସବୁ ମୌଳିକ ତତ୍ତ୍ୱକୁ ନେଇ ଧର୍ମର ସାରାଂଶ ଗଠିତ, ସୃଷ୍ଟିର ପ୍ରାରମ୍ଭ କାଳରେ ଋଷି ବା ମହାତ୍ମାମାନଙ୍କ ନିକଟରେ ଈଶ୍ୱର ହିଁ ସେହିସବୁ ମୌଳିକ ତତ୍ତ୍ୱ ପ୍ରକାଶ କରିଥିଲେ । ସେହି ସମସ୍ତ ମୌଳିକ ତତ୍ତ୍ୱ ବେଦରେ ଦେଖିବାକୁ ମିଳେ; ବେଦ ମାନବଜାତିର ଗ୍ରନ୍ଥଭଣ୍ଡାରରେ ସର୍ବାଧିକ ପ୍ରାଚୀନ ଗ୍ରନ୍ଥ ବା ଧର୍ମଶାସ୍ତ୍ରରୂପେ ସ୍ୱୀକୃତ ।

ସକଳ ଧର୍ମର ମୌଳିକ ତତ୍ତ୍ୱ ବା ସାରାଂଶ ସମାନ । ମନୁଷ୍ୟ ଜାତି ଯେତିକି ପ୍ରାଚୀନ, ସେସବୁ ମଧ୍ୟ ସେତିକି ପ୍ରାଚୀନ । ଧର୍ମ ସଂକ୍ରାନ୍ତରେ କୌଣସି ପ୍ରକୃତ ଉଦ୍ଭାବନ ବା ଆବିଷ୍କାର କସ୍ମିନ୍‌କାଳେ ହୋଇ ନାହିଁ, କି ହୋଇପାରିବ ନାହିଁ । କୌଣସି ଯୁଗରେ କେବେ ଏପରି ଧର୍ମ ପ୍ରତିଷ୍ଠାତା ନ ଥିଲେ, ଯେ କି କୌଣସି ଏକ ନୂତନଧର୍ମ ଉଦ୍ଭାବନ କରିଥିଲେ ବା ଏକ ନୂତନ ସତ୍ୟ ପ୍ରଦର୍ଶନ କରିଥିଲେ । ଧର୍ମ ପ୍ରତିଷ୍ଠାତା ହେଉଛନ୍ତି ଜଣେ ସନ୍ଦେଶବାହକ; ସେ ଜଣେ ମୌଳିକ ସ୍ରଷ୍ଟା ନୁହନ୍ତି ।

ପ୍ରକୃତ ଧର୍ମ ହେଉଛି ଗୋଟିଏ । ସେ ଧର୍ମଟି ହେଉଛି ସତ୍ୟ ଓ ପ୍ରେମର ଧର୍ମ । ସେ ଧର୍ମଟି ହେଉଛି ଅନ୍ତରର ଧର୍ମ । ତାହା ହେଉଛି ସେବା, ତ୍ୟାଗ ଓ ସ୍ୱାର୍ଥବଳିର ଧର୍ମ । ସେ ଧର୍ମଟି ହେଉଛି ଦୟା, ସହନଶୀଳତା ଓ ସନ୍ତୁପର୍ଣ୍ଣତାର ଧର୍ମ ।

ଯାହା ସତ୍ୟ, ତାହା ହିନ୍ଦୁ ନୁହେଁ, କି ମହମ୍ମଦୀୟ ନୁହେଁ, କି ବୌଦ୍ଧ ନୁହେଁ, କି ଖ୍ରୀଷ୍ଟିୟାନ ନୁହେଁ । ସତ୍ୟ ହେଉଛି ଏକ ସମମାନ ଶାଶ୍ୱତବସ୍ତୁ । ସତ୍ୟଧର୍ମରେ ଦୀକ୍ଷିତ ବ୍ୟକ୍ତି ଆଲୋକପଥରେ ଯାତ୍ରା କରେ; ଶାନ୍ତି, ଜ୍ଞାନ, ଶକ୍ତି ଓ ପରମସୁଖର ପଥରେ ଯାତ୍ରା କରେ ।

ଧର୍ମର ଗ୍ଲାନି – କାରଣ ଓ ନିରାକରଣ— ଅଜ୍ଞତାର ବଶବର୍ତ୍ତୀ ହୋଇ କାମ୍ୟ ଲୋଭ ଓ କ୍ଷମତାଲିପ୍ସାର ବଶବର୍ତ୍ତୀ ହୋଇ ମନୁଷ୍ୟ ତାର ଧର୍ମ ବିଷୟରେ ସବୁକିଛି ପାଶୋରିଯାଉଛି । ସେ ଧର୍ମଚ୍ୟୁତ ହୋଇଗଲାଣି । ଫଳତଃ ସେ ପଶୁସ୍ତରକୁ ଖସିଆସିଲାଣି । ସେ ଅନିଷ୍ଟ ସୃଷ୍ଟି କଲାଣି । ସେ ଅଳ୍ପ ଲୁଣ୍ଠତରାଜ କରିବାକୁ, ଗୃହଦାହ କରିବାକୁ ବା ଛୁରାମାଡ କରିବାକୁ ଶଙ୍କିତ ନୁହେଁ । ମନୁଷ୍ୟ ସମାଜରେ ଏଥର 'ଠେଙ୍ଗା ଯାହାର, ମୁଲକ ତାହାର' ଶାସନ ଆରମ୍ଭ ହୋଇଗଲାଣି ।

ବହୁ ଲୋକ ବୌଦ୍ଧଧର୍ମ ପ୍ରଚାର କରନ୍ତି କିନ୍ତୁ କେହି ଜଣେ ହେଲେ କାମନା ପରିତ୍ୟାଗ କରନ୍ତି ନାହିଁ, କି ହିଂସା ପରିତ୍ୟାଗ କରନ୍ତି ନାହିଁ । ଖ୍ରୀଷ୍ଟଧର୍ମର ପ୍ରଚାରକ ଅନେକ କିନ୍ତୁ କେହି ଜଣେ ହେଲେ ପ୍ରେମଶୀଳ ନୁହନ୍ତି, କି କ୍ଷମାଶୀଳ ନୁହନ୍ତି । ବହୁ ସଂଖ୍ୟକ ଲୋକ ହିନ୍ଦୁଧର୍ମ ପ୍ରଚାର ପାଇଁ ଅଗ୍ରସାର କିନ୍ତୁ କେହି ଜଣେ ବି 'ସକଳ ଘଟେ ନାରାୟଣ' କଥାଟି ଉପଲବ୍ଧି କରନ୍ତି ନାହିଁ । ଧର୍ମପ୍ରଚାର ଆଜି ମନୁଷ୍ୟର ଜୀବିକାରେ ପରିଣତ ହୋଇଥିବାବେଳକୁ, ଧର୍ମାଚରଣ ହୋଇଯାଇଛି ଏକ ଅବଜ୍ଞାର ବସ୍ତୁ ।

ସତ୍ୟର ଅଭାବରୁ ନୁହେଁ, ଧର୍ମର କୁ ପ୍ରଭାବରୁ ନୁହେଁ, କେବଳ ସତ୍ୟବ୍ରତୀଙ୍କ ଅଭାବରୁ, ଧର୍ମପରାୟଣ ଲୋକଙ୍କ ଅଭାବରୁ ଜଗତରେ ଆଜି ଧର୍ମର ଗ୍ଲାନି ଘଟିଯାଇଛି । ଏହା କି ପରିତାପର ବିଷୟ ନୁହେଁ ସତେ !

ଆଜିର ବଡ଼ ଆବଶ୍ୟକତା ହେଉଛି, ପ୍ରତ୍ୟେକ ଧର୍ମର ଲୋକେ ନିଜ ନିଜର ଧର୍ମ ବିଷୟରେ ଉପଯୁକ୍ତଭାବରେ ଶିକ୍ଷିତ ହୁଅନ୍ତୁ । ଆପଣଙ୍କ ଧର୍ମର ବ୍ୟବହାରିକ ନୀତିଗୁଡ଼ିକ ଆପଣଙ୍କର ଧର୍ମାବଲମ୍ବୀମାନଙ୍କ ଦୃଷ୍ଟିକୁ ଆଣି ସେମାନେ କିପରି ସେଗୁଡ଼ିକୁ ନିଜର ଦୈନନ୍ଦିନ ଜୀବନରେ ପରିସ୍ଫୁଟ କରିପାରିବେ, ତାର ପ୍ରଣାଳୀ ପ୍ରସ୍ତୁତ କରନ୍ତୁ । କାର୍ଯ୍ୟକ୍ଷେତ୍ରରେ ବ୍ୟବହୃତ ନ ହେଲେ ଆଦର୍ଶବାଦ ମନୁଷ୍ୟକୁ ଭାଗ୍ୟବାଦୀ କରିଦିଏ । ଯେଉଁ ଜ୍ଞାନ ମନୁଷ୍ୟର ଜୀବନକୁ ପରିବର୍ତ୍ତିତ କରି ନ ପାରିଲା, ତାହା କୌଣସିଭାବରେ ଆବଶ୍ୟକ ନୁହେଁ । ନିଃସ୍ୱାର୍ଥପରତା ଓ ପ୍ରେମ କୌଣସି ବିଧିବିଧାନ ନୁହେଁ ଯେ, ତାହା ଶିଖାଇବାକୁ ପଡ଼ିବ । ସେସବୁ ହେଉଛି ଗୋଟିଏ ଗୋଟିଏ ଆଦର୍ଶ, ଯାହାକୁ ନିତ୍ୟ ପ୍ରଦର୍ଶନ କରି ଆଚରଣ ମାଧ୍ୟମରେ ଅନ୍ୟମାନଙ୍କର ଅନୁକରଣୀୟ କରିବାକୁ ପଡ଼ିବ ; ତାହାର ଆଲୋକରେ ଅନ୍ୟମାନଙ୍କୁ ଉଦ୍ଦୀପିତ କରିବାକୁ ପଡ଼ିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଆଚରଣରେ ସ୍ୱଧର୍ମ ପାଳନ କରନ୍ତୁ, ସ୍ୱଧର୍ମର ଲକ୍ଷ୍ୟଲାଭରେ ଉଦ୍ୟମୀ ହୁଅନ୍ତୁ । ମନ୍ଦିର, ମସଜିଦ୍ ଓ ଚର୍ଚ୍ଚ୍ ସୃଷ୍ଟି କରିବାରେ ନ ମାତି ଧର୍ମ ସାଧୁ, ସନ୍ଥ ଓ ଯୋଗୀ ସୃଷ୍ଟି କରୁ ।

ପାପ

ସଂସାରର କୋଳାହଳ ମଧ୍ୟରେ, ଇନ୍ଦ୍ରିୟସୁଖସମ୍ଭୋଗ ମଧ୍ୟରେ ମନ ବିଚଳିତ ହୋଇଯାଏ ।

ପ୍ରଲୋଭନ ହିଁ ସକଳ ପାପର ମୌଳିକ କାରଣ । ଅଜ୍ଞମନୁଷ୍ୟ ପ୍ରଲୋଭନ ନିକଟରେ ମୁଣ୍ଡ ନୁଆଁଇଦେଇ ପାପ କରିପକାଏ ।

ଯେଉଁମାନେ ଧର୍ମପରାୟଣ ବୋଲି ଦେଖାଉଛନ୍ତି ଅନ୍ତ, ସେମାନେ ଅଧର୍ମୀମାନଙ୍କ ଅପେକ୍ଷା ଅଧିକ ପାପ କରନ୍ତି । ସେହିମାନଙ୍କୁ ହିଁ ଅଧିକ ଯମଯନ୍ତ୍ରଣା ଭୋଗ କରିବାକୁ ପଡ଼ିବ ।

ପାପ କରିବା, ଅସତ୍ କର୍ମ କରିବା ଆଜି ମନୁଷ୍ୟର ଏତେ ଅଭ୍ୟାସଗତ ହୋଇଗଲାଣି ଯେ, ସେ ଦିନରାତି ସବୁବେଳେ ଅପକର୍ମ କରି ମଧ୍ୟ ସେଥିପାଇଁ କୌଣସି ଶୋଚନା କରୁ ନାହିଁ ।

ପାପକୁ ଏତେ ହାଲୁକା ଦୃଷ୍ଟିରେ ଦେଖନ୍ତୁ ନାହିଁ । ନିରବଚ୍ଛିନ୍ନ ଭାବରେ ପଡ଼ିଚାଲିଲେ ବିନ୍ଦୁ ବିନ୍ଦୁ ହୋଇ ପଡୁଥିବା ଜଳ ଯେପରି ବିରାଟ ଏକ ଜଳପାତ୍ରକୁ ମଧ୍ୟ ପୂର୍ଣ୍ଣ କରିଦିଏ, ଅଜ୍ଞମନୁଷ୍ୟ ସେହିପରି ସାମାନ୍ୟ ଟିକିଏ ଟିକିଏ ପାପ କରୁ କରୁ ନିଜକୁ ପାପରେ ପୂର୍ଣ୍ଣ କରିଦିଏ ।

ପାପ କିପରି ଆରମ୍ଭ ହୁଏ— ପାପ ଏକ ଦୁଷ୍କର୍ମ । ଇଚ୍ଛାପ୍ରଣୋଦିତ ହୋଇ ଧର୍ମ ଓ ନୈତିକତାର ନିର୍ଦ୍ଦେଶ ଭଙ୍ଗ କରିବାର ନାମ ପାପ । ଈଶ୍ୱର ନିର୍ଦ୍ଦେଶର ବିରୁଦ୍ଧାଚରଣ ହିଁ ପାପ ।

ଦୁଷ୍ପ୍ରବୃତ୍ତି ପାପ ଓ ଅପରାଧରୂପରେ ଆତ୍ମପ୍ରକାଶ କରେ । ଦୁଷ୍ପ୍ରବୃତ୍ତି ହେଉଛି ଚରିତ୍ରର ଏକ କାଳିମା, ଚରିତ୍ରର ଏକ ଦୋଷ, ଏକ ଅବାଞ୍ଛିତ ତ୍ରୁଟି । ଦୁଷ୍ପ୍ରବୃତ୍ତି ଯେଉଁ ଦୁଷ୍କର୍ମରୂପରେ ଆତ୍ମପ୍ରକାଶ କରେ, ତାହାକୁ ପାପ ବୋଲାଯାଏ ।

କାମ, କ୍ରୋଧ, ଶୋକ, ଅବିମୃଷ୍ୟକାରିତା, ଦ୍ୱେଷ, ଈର୍ଷା, ପରଶ୍ରୀକାତରତା, ଗର୍ବ, କୁତ୍ସାରଟନା, କ୍ରୂରତା ଓ ଭୟ— ଏହି ପ୍ରତ୍ୟେକଟି ହେଉଛି ପ୍ରାଣୀମାନଙ୍କ ସମସ୍ତଙ୍କର ଗୋଟିଏ ଗୋଟିଏ ପରମ ଶତ୍ରୁ । ଥରେ ପାଖରେ ପଶିଗଲେ, ଏମାନେ ମନୁଷ୍ୟକୁ ସକଳ ଦିଗରୁ ପ୍ରଲୁବ୍ଧ କରନ୍ତି । ମନୁଷ୍ୟ ଯଦି

ଅସତର୍କ ହୋଇଗଲା, ନିର୍ବୋଧ ହୋଇଗଲା, ତେବେ, ଏମାନେ ଆଉ ତା'ପିଛା ଛାଡ଼ନ୍ତି ନାହିଁ । ଏମାନେ ତାକୁ ଦୂଷିତ କରିଦିଅନ୍ତି । ଏସବୁ ରିପୁ ମନୁଷ୍ୟକୁ ବ୍ୟାଘ୍ର-ପରି ଆକ୍ରମଣ କରନ୍ତି ଏବଂ ସେଥିରୁ ସକଳ ପ୍ରକାର ଦୁଃଖ ଓ ପାପ ଆରମ୍ଭ ହୋଇଯାଏ ।

ମନୁଷ୍ୟର ସ୍ୱାର୍ଥପରତା ହିଁ ତାକୁ ଅସତ୍‌କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଏ । ସ୍ୱାର୍ଥପର ଲୋକ ଅନ୍ୟକୁ ଆଘାତ କରେ, ପରସ୍ୱ ଅପହରଣ କରେ ଏବଂ ନିଜର ସ୍ୱାର୍ଥପରତାର ସନ୍ତୁଷ୍ଟି ବିଧାନ ନିମନ୍ତେ ନାନା ପ୍ରକାର ପାପକାର୍ଯ୍ୟ କରେ । ଶଇତାନ ହିଁ ମନୁଷ୍ୟର ସ୍ୱାର୍ଥପରତାରୂପରେ ଆସିଥାଏ ।

ନିଜ ଉପରେ ସନ୍ତୁଷ୍ଟ ହୋଇ ରହିବା ଏକ ପାପ । ଆତ୍ମସମୀକ୍ଷା ନ କରି, ଆତ୍ମନିରୀକ୍ଷଣ ନ କରି ପ୍ରଗତିର ପଥରୋଧ କରିଦେଲେ କ୍ଷୟ ଓ ଅଧଃପତନ ଆରମ୍ଭ ହୋଇଯାଏ ।

ଅହଙ୍କାର ହେଉଛି ସବୁଠାରୁ ବଡ଼ ଜଘନ୍ୟ ପାପ । 'ଏ ଦେହଟା ହିଁ ମୁଁ' ବୋଲି ଯେଉଁ ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଥାଏ, ତାହା ହିଁ ପ୍ରକୃତରେ ପ୍ରଥମ ପାପ । ଏହି ଗୋଟିଏ ଚିନ୍ତା, ଏହି ମୁଁକାର ହିଁ ସକଳ ଅମଙ୍ଗଳର କାରକ । ଏହି ଗୋଟିକ ଚିନ୍ତା ସହସ୍ର ଚିନ୍ତାରେ କାୟା ବିସ୍ତାର କରି ବହୁଗୁଣିତ ହୋଇଯାଏ । ଏହି ଗୋଟିକ ଚିନ୍ତା ହିଁ ମନୁଷ୍ୟକୁ ଈଶ୍ୱରଙ୍କଠାରୁ ପୃଥକ କରିଦିଏ । ଏହି ଆତ୍ମପ୍ରୀତି ଅହଂକାର ହେଉଛି ମନୁଷ୍ୟଜାତିର ପ୍ରକୃତ ପରମ୍ପରାଗତ ପାପ । ଏହି ସାମାନ୍ୟ ଅହଂକାରଟି ଉପରେ ଗଢିଉଠିଛି ମନୁଷ୍ୟର ଯାବତୀୟ ଦୁଷ୍ପ୍ରବୃତ୍ତି ।

ପାପ କଣ ଓ ପୁଣ୍ୟ କଣ ?— ଅସତ୍ କର୍ମ ହେଉଛି ପାପ ଓ ସତ୍‌କର୍ମ ହେଉଛି ପୁଣ୍ୟ । "ଆତ୍ମବତ୍ ସର୍ବଭୂତେଷୁ"— ଅନ୍ୟମାନଙ୍କଠାରୁ ଯେପରି ବ୍ୟବହାର ଆଶା କରୁଛ, ଅନ୍ୟମାନଙ୍କୁ ସେହିପରି ବ୍ୟବହାର ପ୍ରଦର୍ଶନ କର—ଏହି ଆପ୍ତବଚନଟି ସର୍ବଦା ସ୍ମରଣ ରଖିଥାନ୍ତୁ । ପାପ କଣ, ପୁଣ୍ୟ କଣ, ତାହା ଠିକ୍‌ଭାବେ ଜାଣିବାଲାଗି ଏହା ହେଉଛି ଅସଲ କଷଟିପଥର । ଆପଣ ଚାହାନ୍ତି ନାହିଁ ଯେ, ଅନ୍ୟ କେହି ଜଣେ ଆପଣଙ୍କର କ୍ଷତି କରୁ, ଆପଣଙ୍କୁ ଆଘାତ କରୁ । ତେଣୁ ଅନ୍ୟକୁ ଆଘାତ କରନ୍ତୁ ନାହିଁ; ଅନ୍ୟର କ୍ଷତି କରନ୍ତୁ ନାହିଁ । ଆପଣ ଚାହାନ୍ତି ଯେ ଅନ୍ୟମାନେ ଆପଣଙ୍କୁ ସାହାଯ୍ୟ କରନ୍ତୁ । ତେଣୁ ଅନ୍ୟମାନଙ୍କୁ ସାହାଯ୍ୟ କରନ୍ତୁ । ଆପଣ ଅନ୍ୟ କାହା ଦ୍ୱାରା ଲୁଣ୍ଠିତ ହେବାକୁ ଚାହାନ୍ତିନି । ତେଣୁ ଅନ୍ୟର ସମ୍ପତ୍ତି ଲୁଣ୍ଠନ କରନ୍ତୁ ନାହିଁ । ରେଲଯାତ୍ରାପାଇଁ କୌଣସି ଡ଼ବାରେ ଉଠିଲେ ଆପଣ ଆଶା କରନ୍ତି ଯେ, ସେଥିରେ ବସିଥିବା ଲୋକେ ଆପଣଙ୍କୁ ଟିକିଏ ବସିବାକୁ ସ୍ଥାନ ଦିଅନ୍ତୁ; ଅନ୍ୟ ଡ଼ବାକୁ ତଡ଼ି ନ ଦିଅନ୍ତୁ । ତେଣୁ ଆପଣ ବସିଥିବା ଡ଼ବାରେ ଯଦି କେହି ଯାତ୍ରୀ ଉଠନ୍ତି, ତେବେ

ତାଙ୍କୁ ସେଠାରୁ ତଡ଼ି ନ ଦେଇ ବସିବାକୁ ସ୍ଥାନ ଟିକିଏ ଦିଅନ୍ତୁ । ଅନ୍ୟର ଦେହ ବା ମନରେ ଆଘାତ ଦେବା ପାପ; ଆଘାତ ନ ଦେବା ପୁଣ୍ୟ । ସ୍ୱାର୍ଥପରତା ପାପ; ସାହାଯ୍ୟ କରିବା ପୁଣ୍ୟ । ଅନ୍ୟର ଧନସମ୍ପଦ ଲୁଣ୍ଠନ କରିବା ପାପ; ଅନ୍ୟକୁ ଦାନ କରିବା ପୁଣ୍ୟ । ଆପଣଙ୍କ ବସିବାକୁ ଉଠିଥିବା ଯାତ୍ରୀଙ୍କୁ ସ୍ଥାନ ନ ଦେଇ ସେଠାରୁ ତଡ଼ିଦେବା ପାପ; ତାଙ୍କୁ ସ୍ଥାନ ଟିକିଏ ଦେବା ପୁଣ୍ୟ ।

ଯାହା ଆପଣଙ୍କୁ ଉନ୍ନତ କରେ, ତାହା ପୁଣ୍ୟ । ଯାହା ଆପଣଙ୍କର ପତନର କାରଣ ହୁଏ, ତାହା ପାପ । ଯାହା ପ୍ରାଣୀର ପରମ ଲକ୍ଷ୍ୟ ପରମେଶ୍ୱରଙ୍କ ଆଡ଼କୁ ଆପଣଙ୍କୁ ଟାଣିନିଏ, ତାହା ପୁଣ୍ୟ; ଯାହା ଆପଣଙ୍କୁ ସାଂସାରିକ ମଣିଷରେ ପରିଣତ କରିଦିଏ, ତାହା ପାପ । ଯାହା ଈଶ୍ୱରଙ୍କଠାରେ ଲୀନ ହେବାରେ ସାହାଯ୍ୟ କରେ, ତାହା ପୁଣ୍ୟ; ଯାହା ଅଜ୍ଞାନ ଅନ୍ଧକାରର ଅତଳଗର୍ତ୍ତକୁ ଠେଲିଦିଏ, ତାହା ପାପ । ଯାହା ଆଲୋକ ପ୍ରଦାନ କରେ, ତାହା ପୁଣ୍ୟ; ଯାହା ମନ୍ଦମାର୍ଗରେ ଭ୍ରମଣ କରାଏ, ତାହା ପାପ । ଯାହା ହୃଦୟକୁ ନିର୍ମଳ-ପବିତ୍ର କରେ, ତାହା ପୁଣ୍ୟ; ଯାହା ହୃଦୟକୁ ଦୂଷିତ କରେ, ତାହା ପାପ । ଅଭେଦ ବା ଏକତା ପୁଣ୍ୟ; ବିଭେଦ ପାପ । ସ୍ୱାବଲମ୍ବନଶୀଳତା ପୁଣ୍ୟ; ପରନିର୍ଭରଶୀଳତା ପାପ । ବ୍ରହ୍ମଚର୍ଯ୍ୟ ପୁଣ୍ୟ; କାମାସକ୍ତି ପାପ । ସତ୍ୟବାଦିତା ପୁଣ୍ୟ, ମିଥ୍ୟାବାଦିତା ପାପ । ବଦାନ୍ୟତା ପୁଣ୍ୟ; କୃପଣତା ପାପ । ଏକାତ୍ମତା ପୁଣ୍ୟ, ଦ୍ୱୈଧତା ପାପ । ଜ୍ଞାନ ପୁଣ୍ୟ; ଅଜ୍ଞତା ପାପ । ସବଳତା ପୁଣ୍ୟ; ଦୁର୍ବଳତା ପାପ । ସାହସିକତା ପୁଣ୍ୟ; ଭୀରୁତା ପାପ । ସର୍ବତ୍ର ସେହି ଏକ ଅମର ଆତ୍ମାଙ୍କୁ ଦର୍ଶନ କରିବା ପୁଣ୍ୟ; ବିବିଧତା ଦର୍ଶନ କରିବା ପାପ ।

ଯେଉଁସବୁ କାର୍ଯ୍ୟ ପ୍ରକାଶ୍ୟରେ କରିବାକୁ ଆପଣ ଲଜ୍ଜାବୋଧ କରନ୍ତି, ତାହା ପାପ । ଗୁରୁଙ୍କ ସମ୍ମୁଖରେ ଯାହା ପ୍ରକାଶ କରିବାକୁ ଆପଣ ସାହସ ପାଆନ୍ତି ନାହିଁ, ତାହା ପାପ ।

ପାପ ଓ ପୁଣ୍ୟ କଣ, ତାହା ଚିହ୍ନିବାକୁ ଶିଖନ୍ତୁ; ଆପଣ ଯଥାର୍ଥ ଜ୍ଞାନୀ ହୋଇପାରିବେ । ଅନ୍ତର୍ଯାମୀ ହିଁ ଆପଣଙ୍କୁ ସତ୍‌ପଥରେ ଚଳାଇନେବେ; ତାଙ୍କର ନିର୍ଦ୍ଦେଶ ଶୁଣନ୍ତୁ ।

ଆତ୍ମ ସଂଶୋଧନ— ଉପବାସ, ଜପ, କାୟକ୍ଲେଶ, ଧ୍ୟାନ ଓ ଅନୁତାପ କରି ନିଜ ଉପରେ ଦଣ୍ଡବିଧାନ କଲେ ପାପ କ୍ଷାଳିତ ହୁଏ । ଅନୁତାପ, ପ୍ରାର୍ଥନା ଧ୍ୟାନ ବଳରେ ଦୁର୍ବୃତ୍ତ ମଧ୍ୟ ଭଗବତ୍ ଲାଭ କରିପାରେ ।

ଅସତ୍‌କର୍ମ କରିଥିବା କଥା ସ୍ୱୀକାର କରିଦେବା କ୍ଷଣି ସତ୍‌କର୍ମ ଆରମ୍ଭ ହୋଇଯାଏ । ତେଣୁ ଭୁଲ କରିଛନ୍ତି ବୋଲି ସ୍ୱୀକାର କରିବାକୁ ଲଜ୍ଜାବୋଧ କରନ୍ତୁ ନାହିଁ । ଯଦି ବର୍ତ୍ତମାନ ନିଜର ଦୁଷ୍କର୍ମ କରିଥିବା ବିଷୟ ସ୍ୱୀକାର କରିଦେବେ, ତେବେ ଜାଣନ୍ତୁ ଯେ, ନିଜର ଦୋଷତ୍ରୁଟି ଜାଣିବାପାଇଁ ଅତୀତରେ ଆପଣଙ୍କର ଯେତିକି ଜ୍ଞାନ ଥିଲା, ବର୍ତ୍ତମାନ ସେହି ଜ୍ଞାନର ପରିମାଣ ବଢ଼ିଯାଇଛି । ଆପଣ ଯଦି ନିଜର ପାପ ସ୍ୱୀକାର କରିଦେବେ, ତେବେ ମୁକ୍ତିପଥରେ ଆପଣଙ୍କର ଯାତ୍ରା ଆରମ୍ଭ ହୋଇଯିବ । ଯେଉଁ ବ୍ୟକ୍ତି ନିଜର ଦୁଷ୍କର୍ମଲାଗି ଅନ୍ତରରେ ଦୁଃଖ ଅନୁଭବ କରେ, ସେ ନିଜକୁ ସଂଶୋଧିତ କରି ଯଥାଶୀଘ୍ର ଉନ୍ନତି ଲାଭ କରେ ।

ଅନୁତାପ ହେଉଛି ଏକ କ୍ଷୁଦ୍ର ଅଥଚ ଦିବ୍ୟ ନିର୍ଝରିଣୀ ଯାହାର ଜଳ-ସ୍ରୋତରେ ପାପୀମାନେ ନିଜର ପାପ କ୍ଷାଳନ କରନ୍ତି । ନିଷ୍କପଟ ହୃଦୟରେ ଅନୁତାପ କରନ୍ତୁ । ଈଶ୍ୱର ନିଶ୍ଚୟ କ୍ଷମା କରିବେ ।

ଯଦି ଥରେ କୌଣସି ଦୋଷ କରିଦେଲେ, ସେ ଦୋଷ ଆଉ ଦ୍ୱିତୀୟ ଥର କରନ୍ତୁ ନାହିଁ । ବାରମ୍ବାର ଦୋଷ କରି ନ ଯାଉ । ଯଦି ପୁନର୍ବାର ଦୁଷ୍କର୍ମ ନ କରିବାଲାଗି ଆପଣ ଦୃଢପ୍ରତିଜ୍ଞ ହୋଇପାରିବେ, ତେବେ ଆପଣ କ୍ଷମା ପ୍ରାର୍ଥନା କରିବାକୁ ଯୋଗ୍ୟ ବିବେଚିତ ହେବେ ।

ଜଣେ ସ୍ତ୍ରୀଲୋକ ଚରିତ୍ରହୀନତା ଦୋଷରେ ଦୋଷୀ ସାବ୍ୟସ୍ତ ହେଲା । ଫାରିସୀମାନେ ଯୀଶୁଙ୍କୁ କହିଲେ, ମୋଜେସ୍‌ଙ୍କ ପ୍ରଣାଳୀରେ ଦଣ୍ଡବିଧାନ କରି, ଚାରିପଟୁ ଟେକାପଥର ମାରି ମାରି ସେହି ସ୍ତ୍ରୀ ଲୋକକୁ ପ୍ରାଣରେ ମାରିଦିଆଯାଉ । ପ୍ରଭୁ ଯୀଶୁ ଶାନ୍ତଗମ୍ଭୀର କଣ୍ଠରେ କହିଲେ, ତୁମ ଭିତରୁ ଯେଉଁ ଲୋକ କୌଣସି ପାପ କରି ନାହିଁ, ପ୍ରଥମେ ସେହି ଲୋକ ଟେକା ମାରି ଶାସ୍ତି ଦେଉ ।” ପ୍ରଭୁଙ୍କର ଏହି ଗୁରୁଗମ୍ଭୀର ବାଣୀ ଶୁଣିଦେବା କ୍ଷଣି ପ୍ରତ୍ୟେକେ ନିଜ ନିଜର ଅନ୍ତର ଭିତରକୁ ଚାହିଁ-ବାକୁ ଲାଗିଲେ । ନିଷ୍ପାପ ହୋଇ କିଏ ବା ଥିଲା ଯେ ? ଅନ୍ତର୍ଦୃଷ୍ଟି ସମ୍ମୁଖରେ ସେମାନଙ୍କର ଦୋଷତ୍ରୁଟିସବୁ ସ୍ପଷ୍ଟ ହୋଇଗଲା । ସମସ୍ତଙ୍କର ମୁଣ୍ଡ ତଳକୁ ପୋତି ହୋଇଗଲା । ଜଣ ଜଣ କରି ସମସ୍ତେ ସେହି ସ୍ଥାନ ଛାଡ଼ି ଚାଲିଗଲେ । ଶେଷରେ ଯୀଶୁ ସେହି ସ୍ତ୍ରୀଲୋକଟିକୁ ପଚାରିଲେ, “କାହିଁ ଏମାନେସବୁ ଗଲେ କୁଆଡ଼େ ? କଣ ସେମାନଙ୍କ ଭିତରୁ କେହି ତୁମକୁ ଶାସ୍ତି ଦେଲେ ନାହିଁ ?” ସ୍ତ୍ରୀ ଲୋକଟି କହିଲା, “ନା, କେହି ଶାସ୍ତି ଦେଲେ ନାହିଁ, ପ୍ରଭୁ ।” ପ୍ରଭୁ ଯୀଶୁ କହିଲେ, “ମୁଁ ବି ତୁମକୁ ଶାସ୍ତି ଦେଉ ନାହିଁ; ତୁମେ ଏଥର ଚାଲିଯାଇପାର । କିନ୍ତୁ ଶୁଣ, ଆଉ ଏ ପାପ କର ନାହିଁ ।” ଏହି ସୁନ୍ଦର ଘଟଣାଟିରେ ପ୍ରଭୁଙ୍କର ଦିବ୍ୟବାଣୀର ସାରମର୍ମ ରୂପାୟିତ ହୋଇଯାଇଛି ।

ଏକମାତ୍ର ଅନୁତାପ କଲେ ହିଁ, ହୃଦୟ ପରିବର୍ତ୍ତନ କଲେ ହିଁ, ପାପୀ ଭଗବତ୍ କ୍ଷମା ଲାଭ କରିପାରେ । ନିଜର ପାପ ସ୍ୱୀକାର କରିଦିଅନ୍ତୁ । କୃତ ପାପ-ପାଇଁ ଅନୁତାପ କରନ୍ତୁ । ପାପ ପରିହାର କରନ୍ତୁ । ପୁନର୍ବାର ପାପ କରନ୍ତୁ ନାହିଁ । ପ୍ରାର୍ଥନା କରନ୍ତୁ । ଜପ କରନ୍ତୁ । ଧ୍ୟାନ କରନ୍ତୁ । ପ୍ରାଣାୟାମ କରନ୍ତୁ । ପ୍ରାୟଶ୍ଚିତ୍ତ ସ୍ୱରୂପ ସତ୍କର୍ମ କରନ୍ତୁ । ସକଳ ପାପ କ୍ଷାଳନ ହୋଇଯିବ । ଆପଣ ଉଜ୍ଜ୍ୱଳ ଆତ୍ମାରେ ବିଭୂଷିତ ହୋଇଉଠିବେ ।

ଭଗବାନ ଶ୍ରୀକୃଷ୍ଣଙ୍କର ଏହି ଗୀତୋକ୍ତ ବାଣୀ ଅନୁଧ୍ୟାନ କରନ୍ତୁ ; "ଯେ ମୋତେ ଏକାନ୍ତ ନିର୍ମଳ ହୃଦୟରେ ଆରାଧନା କରେ, ସେ ଯେତେ ବଡ଼ ପାପୀ ହୋଇଥାଉ ନା କାହିଁକି, ସେ ମଧ୍ୟ ଧାର୍ମିକରୂପେ ପରିଗଣିତ ହେବ, କାରଣ ସେ ଠିକ୍ ସିଦ୍ଧାନ୍ତରେ ଉପନୀତ ହୋଇପାରିଛି ।" ମନୁଷ୍ୟ ଯେତେ ବଡ ନରହନ୍ତା ହୋଇଥାଉ ନା କାହିଁକି, ସେ ଯଦି ପାପମାର୍ଗ ପରିତ୍ୟାଗ କରିଦେବାକୁ ଦୃଢ଼ ସିଦ୍ଧାନ୍ତ ନେଇ ଆଧ୍ୟାତ୍ମିକ ପଥ ଅନୁସରଣ କରେ, ତେବେ ସେ ମଧ୍ୟ ମୁକ୍ତିଲାଭ ନିମନ୍ତେ ସମ୍ପୂର୍ଣ୍ଣ ଆଶା ରଖିପାରେ ।

ସଚ୍ଚିଦାନନ୍ଦଧାମକୁ ଯାତ୍ରା କରିବା କାଳରେ ଅଜ୍ଞ ଜୀବ ଯେଉଁ ଭୁଲ କରିବସେ, ତାହା ହିଁ ପାପ । ପ୍ରତ୍ୟେକଟି ଭୁଲ ହେଉଛି ଆପଣଙ୍କର ଶ୍ରେଷ୍ଠତମ ଶିକ୍ଷକ । ବିଚ୍ୟୁତି ମଧ୍ୟଦେଇ ହିଁ ଉନ୍ନତମାର୍ଗରେ ଗତି କରିବାକୁ ପଡ଼େ । ଭୁଲ ଏପରି ଏକ ବିଷୟ ଯେ, ତାକୁ ଏଡ଼ାଇ ହୁଏ ନାହିଁ । କେତେକ ଲୋକ ପାପଚିନ୍ତାର ଶିକାର ହୋଇଯାଆନ୍ତି । ସେମାନଙ୍କୁ ଏକ ଚିନ୍ତା ଗ୍ରାସ କରେ ଯେ, ଆମେ ସବୁ ବଡ଼ ପାପୀ । ଆମେ ବହୁ ବିରାଟ ପାପ କରିଛୁ ।' ଏପରି ଚିନ୍ତାରେ ବୁଡ଼ିରହିବା ଏକ ବିରାଟ ଭୁଲ । ଅତୀତର ଘଟଣା ନେଇ ବିଶେଷ ଚିନ୍ତା କରନ୍ତୁ ନାହିଁ । କୌଣସି ଏକ ଘଟଣା ଘଟିଯିବା ପରେ, ସେଥିରୁ କିଛି ଶିକ୍ଷା କରନ୍ତୁ ; ଅତୀତକୁ ଭୁଲିଯାଆନ୍ତୁ । ସତ୍ୟପଥ ହିଁ ଅବଲମ୍ବନ କରିବ ବୋଲି ଯଦି ଥରେ ଶେଷସିଦ୍ଧାନ୍ତ ନେଇଯିବେ, ତେବେ ସକଳ ପାପ କ୍ଷାଳନ ହୋଇଯିବ ।

ଚିରକାଳ ନର୍କଭୋଗ ଏକ ଐଶ୍ୱରିକ ସିଦ୍ଧାନ୍ତ ନୁହେଁ—

ପାପୀମାନେ ଚିରକାଳ ଯମଦଣ୍ଡ ପାଇବେ ବା ଚିରଦିନ ନର୍କକୁଣ୍ଡରେ ପଡ଼ି ଛଟପଟ ହେବେ ବୋଲି କୌଣସି ସିଦ୍ଧାନ୍ତ ନାହିଁ । ଏପରି ଦଣ୍ଡବିଧାନ କରାଯାଇ ନ ପାରେ ତଥାପି ଏପରି ଏକ ମିଥ୍ୟା ମତବାଦ ବହୁକାଳରୁ ପ୍ରଚାର ଲାଭ କରିଛି । ଜାଣି-ରଖନ୍ତୁ ଯେ, ଏହା ଏକ ଅଣ-ଐଶ୍ୱରିକ ମତବାଦ, ଯୁଗ ଯୁଗ ଧରି ପ୍ରସାର ଲାଭ କରିଥିବା ଏକ ଗଣହିସ୍ଥିତ, ଏକ ଅହେତୁକ ଆତଙ୍କ । ଲୋକଙ୍କୁ ଅସତ୍ କର୍ମରୁ

ବିରତ କରିବାଲାଗି ନର୍କକୁ ଭୟଙ୍କରଭାବରେ ବର୍ଣ୍ଣନା କରାଯାଇଛି । ନର୍କ ଏକ ଭ୍ରାନ୍ତିଜନକ ଶବ୍ଦ ।

ମନୁଷ୍ୟ ଚିରକାଳଲାଗି ନର୍କ ଅଗ୍ନିର ଆହୁତି ହେଉ ବୋଲି ଈଶ୍ୱର ମନୁଷ୍ୟ ସୃଷ୍ଟି କରି ନାହାନ୍ତି । ଏ ପ୍ରକାର ଏକ ବିଷୟ କଦାପି ଈଶ୍ୱର ସୃଷ୍ଟିର ଉଦ୍ଦେଶ୍ୟ ହୋଇ ନ ପାରେ । ଈଶ୍ୱର ଯଦି ସତରେ ଏପରି ଉଦ୍ଦେଶ୍ୟ ରଖିଥାନ୍ତେ, ତେବେ କେହି ଆଉ ଈଶ୍ୱରଙ୍କ ପୂଜାର୍ଚ୍ଚନା କରିବେ ନାହିଁ । ଏପରି ଦଣ୍ଡବିଧାନ ହେଲେ, କାହାର ଆଉ ପରିତ୍ରାଣ ହେବ ? ଜଗତରେ ନିର୍ଦ୍ଦୋଷ ହୋଇ କେତେ ଜଣ ବା ଲୋକ ହେବେ ? କାହାର ଚରିତ୍ର ଏତେ ନିଷ୍କଳଙ୍କ ଯେ, ସେ ସିଧା ସ୍ୱର୍ଗ ଗମନପାଇଁ ଅନୁମତି ପତ୍ର ପାଇପାରିବ ?

ପ୍ରତ୍ୟେକ ମଣିଷ ଭିତରେ ପାପ ଲୁଚି ରହିଛି ; ଆଜନ୍ମ ସାଧୁପୁରୁଷ ହୋଇ କେହି ନାହାନ୍ତି । ଜଗତରେ ଏପରି କୌଣସି ଲୋକ ନାହିଁ, ଯେ କି ସକଳ ସଦ୍‌ଗୁଣରେ ବିଭୂଷିତ । ନିତ୍ୟବଜ୍ରପୁରୁଷ ହୋଇ ଜଗତରେ କେହି ନାହାନ୍ତି କିମ୍ବା ସର୍ବଦା ନିର୍ବୋଧତାର ପରିଚୟ ଦେଉଥିବା ଲୋକ ମଧ୍ୟ କେହି ନାହିଁ । ଆଜିର ପାପୀ ଆସନ୍ତାକାଲିର ସାଧୁ । ପାପକୁ ଘୃଣା କରନ୍ତୁ ; କିନ୍ତୁ ପାପୀକୁ ଘୃଣା କରନ୍ତୁ ନାହିଁ !

ଶଠ ଚିରକାଳ ଶଠ ହୋଇ ରହେନାହିଁ । ବେଶ୍ୟା ଚିରଦିନ ବେଶ୍ୟା ହୋଇ ରହେ ନାହିଁ । ସେମାନଙ୍କୁ ସାଧୁସଙ୍ଗରେ ରଖିବାକୁ ଦିଅନ୍ତୁ ; ସେମାନଙ୍କର ଜୀବନ ନୂତନରୂପରେ ଗଢ଼ି ହୋଇପାରିବ ; ସେମାନେ ବି ସଦ୍‌ଗୁଣସମ୍ପନ୍ନ ସାଧୁ ମନୁଷ୍ୟରେ ପରିଣତ ହୋଇପାରିବେ ! ରତ୍ନାକର ଯେଉଁ ବାଲ୍ମୀକୀରେ ପରିଣତ ହୋଇ-ଗଲେ, ତାହା ହେଉଛି ଏହି ପରମ ସତ୍ୟର ଏକ ସୁପ୍ରାଚୀନ ଉଦାହରଣ ।

ଆତ୍ମସଂଶୋଧନ—ଆତ୍ମସଂଶୋଧନ କାର୍ଯ୍ୟରେ ବିଳମ୍ବ ହୋଇଗଲା ବୋଲି ବିଚାର କରିଯାଏ ନାହିଁ । ଏକ ଶେଷସିଦ୍ଧାନ୍ତ ନେଇ ନିଷ୍ଠାର ସହିତ ସତ୍-ଜୀବନ ଯାପନ କରିବାକୁ ଆରମ୍ଭ କରିଦେଲେ, ଆପଣ ସୁଖଶାନ୍ତି ପାଇବେ । ସେହି କାମଟି ବର୍ତ୍ତମାନଠାରୁ ଆରମ୍ଭ କରିଦିଅନ୍ତୁ । ଅସତ୍‌ମାର୍ଗ ଛାଡ଼ିଦିଅନ୍ତୁ । ସନ୍ମାର୍ଗ ଅନୁସରଣ କରନ୍ତୁ । ପବିତ୍ର ଜୀବନ ଯାପନ କରନ୍ତୁ । ଆପଣ ଈଶ୍ୱରସାକ୍ଷାତ୍କାର ଲାଭ କରିବେ ।

ନୀଚ ପ୍ରବୃତ୍ତିମାନେ ଯେଉଁ ପ୍ରଲୋଭନ ଦେଖାଉଛନ୍ତି, ଦୃଢ଼ଭାବରେ ତାହାର ପ୍ରତିରୋଧ କରନ୍ତୁ ; ଦେଖିବେ, ଧୀରେ ଧୀରେ ଆପଣଙ୍କଉପରୁ ସେହି ପ୍ରଲୋଭନର ପ୍ରଭାବ କ୍ଷୀଣ ହୋଇଯିବ । ଆପଣଙ୍କର ଶକ୍ତି ବଢ଼ିଯିବ । ଆତ୍ମା

ଗୋଟିଏ ଦିଗରେ ଟାଣୁଥିବା ବେଳେ, ରକ୍ତମାଂସର ଦେହ ତାର ବିପରୀତ ଦିଗରେ ଟାଣେ । ଅଟଳ ହୁଅନ୍ତୁ; ସାହସୀ ହୁଅନ୍ତୁ; ରକ୍ତମାଂସର ଦେହ ପାଖରେ ଆତ୍ମସମର୍ପଣ କରିଦିଅନ୍ତୁ ନାହିଁ । ଶକ୍ତିର ପରିଚୟ ଦିଅନ୍ତୁ । ଆତ୍ମବିଶ୍ୱାସୀ ହୁଅନ୍ତୁ । "ମୁଁ ଯଦି ଚାହିଁବି, ସବୁ କିଛି କରିପାରିବି; ଏପରି କୌଣସି କାର୍ଯ୍ୟ ନାହିଁ, ଯାହା ମୁଁ କରିପାରିବି ନାହିଁ ।"—ଏପରି ଅନୁଭବ କରନ୍ତୁ । କୌଣସି ସମୟରେ ଈଶ୍ୱର-ସାକ୍ଷାତ୍କାର ଲାଭର ଆଶା ପରିତ୍ୟାଗ କରନ୍ତୁ ନାହିଁ ।

ପ୍ରତ୍ୟେକ କାର୍ଯ୍ୟ ପ୍ରତି ସତର୍କ ଦୃଷ୍ଟି ଦିଅନ୍ତୁ । କୌଣସି ଅପବିତ୍ର କାର୍ଯ୍ୟରେ ଭାଗ ନିଅନ୍ତୁ ନାହିଁ, କି ନିଜକୁ କଳଙ୍କିତ ହେବାକୁ ଦିଅନ୍ତୁ ନାହିଁ । ବିବେକ ଦଂଶନ କରୁଥିବା ପ୍ରତ୍ୟେକ କାର୍ଯ୍ୟ ପରିତ୍ୟାଗ କରନ୍ତୁ । ଆତ୍ମସନ୍ତୁଷ୍ଟି ସାଧନ ତଥା ଆତ୍ମସୁଖଲାଭର ପ୍ରଲୋଭନ ବିରୁଦ୍ଧରେ ସଂଗ୍ରାମ କରନ୍ତୁ । କ୍ରୋଧକୁ ପ୍ରେମ ବଳରେ, କାମବାସନାକୁ ପବିତ୍ରତା ବଳରେ, ଲୋଭକୁ ବଦାନ୍ୟତା ବଳରେ, ଗର୍ବକୁ ନମ୍ରତା ବଳରେ ଏବଂ ମିଥ୍ୟାକୁ ସତ୍ୟ ବଳରେ ଜୟ କରନ୍ତୁ ।

ମୁଁକାର ଭାବ, ଅହଙ୍କାର ଭାବ ପରିତ୍ୟାଗ କରନ୍ତୁ । ମନକୁ ସଂଯତ କରନ୍ତୁ । ବିଷ୍ଣୁନାମ ଜପ କରନ୍ତୁ । ନିଜର ସର୍ବାଙ୍ଗ ପବିତ୍ର କରିଦିଅନ୍ତୁ ।

'ପରୋପକାରାୟ ପୁଣ୍ୟାୟ, ପାପାୟ ପରପୀଡ଼ନମ୍'—ପରର ଉପକାର କଲେ ପୁଣ୍ୟ ଲାଭ ହୁଏ; ପରକୁ ପୀଡ଼ା ଦେଲେ ପାପ ହୁଏ । ତେଣୁ ପରର ସେବା କରନ୍ତୁ । ନିଃସ୍ୱାର୍ଥପର ଭାବରେ, ନମ୍ରଭାବରେ ଦୁଃଖୀଦରିଦ୍ରମାନଙ୍କର ସେବା କରି ହୃଦୟକୁ ପବିତ୍ର କରନ୍ତୁ ଏବଂ ହୃଦୟକୁ ଭଗବାନ୍‌ଙ୍କ ନିବାସର ଯୋଗ୍ୟ ମନ୍ଦିର କରି ଗଢ଼ି ତୋଳନ୍ତୁ ।

ପ୍ରତ୍ୟେକଟି ଦିବସ ଏକ ନୂତନ ଜୀବନର ପ୍ରାରମ୍ଭ ଦିବସ । ଅତୀତର ତ୍ରୁଟି-ବିଚ୍ୟୁତି ବିଷୟ ଅତୀତର ବିଫଳ ପ୍ରୟାସ ବିଷୟ ଭୁଲିଯାଆନ୍ତୁ । ଏକ ନୂତନ ଜୟପ୍ରଦା ଦିବସରେ ପଦାର୍ପଣ କରି ଅଗ୍ରପଥରେ ମାଡ଼ିଚାଲନ୍ତୁ । ପ୍ରୟାସ କରନ୍ତୁ । ଦେହ ଓ ମନକୁ ପବିତ୍ର କରନ୍ତୁ । ସାଧୁସଙ୍ଗ କରନ୍ତୁ । ସବୁ ଭୟ, ସକଳ କାତରତା, ସମସ୍ତ ବ୍ୟସ୍ତତା ପରିତ୍ୟାଗ କରନ୍ତୁ । ନିଜର ଆତ୍ମାରୂପକ କେନ୍ଦ୍ରରେ ବିଶ୍ରାମ କରନ୍ତୁ । ଓଁକାର ନାଦ କରନ୍ତୁ । ଓଁକାର ଧ୍ୟାନ କରନ୍ତୁ । ଆତ୍ମସାକ୍ଷାତକାର ଲାଭ କରନ୍ତୁ ।

କ୍ରୋଧ

ନାଆରେ ବସି ଗଙ୍ଗା ପାର ହେଉଥିବାବେଳେ ଜଣେ ବଙ୍ଗାଳୀ ଲୋକ ଜଣେ ଶିଖ୍‌ଙ୍କଉପରେ ରାଗିଯାଇ ଶଳା ନା ବଦମାଶ ବୋଲି ପଦେ କହିଦେଲେ । ଏଥିରେ ଶିଖ ଜଣକ ଏତେ ରାଗିଗଲେ ଯେ, ତାଙ୍କୁ ଟେକିନେଇ ଗଙ୍ଗାରେ ଫୋପାଡ଼ି-ଦେଲେ । ବଙ୍ଗାଳୀ ଲୋକଟି ସେଇଠି ପାଣିରେ ବୁଡ଼ି ମରିଗଲେ । ଏଥିରୁ ଜଣାପଡ଼ୁଛି ଯେ, ଶିଖ ଲୋକଟି ଦେହରେ ନିଶ୍ଚୟ ଅଧିକ ବଳ ଥିଲା । କିନ୍ତୁ ସେ ଲୋକ ମାନସିକ ସ୍ତରରେ କି ଦୁର୍ବଳ ନ ଥିଲେ ସତେ ! ସାମାନ୍ୟ ଶବ୍ଦଟିଏରେ, ପଦେ କଥାରେ ତାଙ୍କର ମନ ବିଚଳିତ ହୋଇଗଲା । ସେ ମାନସିକ ସନ୍ତୁଳନ ହରାଇଦେଲେ; କ୍ରୋଧର ବଶବର୍ତ୍ତୀ ହୋଇଗଲେ ।

ସଂସାରରେ ପ୍ରାୟ ସମସ୍ତେ କ୍ରୋଧର ବଶବର୍ତ୍ତୀ ହୋଇଯାଆନ୍ତି । କ୍ରୋଧ ଘନିଷ୍ଠ ବନ୍ଧୁମାନଙ୍କର ନିବିଡ଼ ବନ୍ଧୁତାକୁ ମଧ୍ୟ ଭାଙ୍ଗିଦିଏ । କ୍ରୋଧରେ ପଡ଼ି ସ୍ୱାମୀ-ସ୍ତ୍ରୀ ପରସ୍ପର ସହିତ କଳହ କରନ୍ତି; ଟଣା ଓଟରା ହୋଇ ଅଦାଲତରେ ମକଦ୍ଦମା ଲଢ଼ିବାକୁ ବାହାରନ୍ତି । କ୍ରୋଧ ସମସ୍ତଙ୍କୁ ଉତ୍ତେଜିତ କରେ । ପ୍ରାୟ ସମଗ୍ର ବିଶ୍ୱଉପରେ କ୍ରୋଧର ଆଧିପତ୍ୟ ଚାଲିଛି । ସ୍ୱର୍ଗର ଦେବତାମାନେ ମଧ୍ୟ ଏଥିରୁ ବାଦ ପଡ଼ି ନାହାନ୍ତି ।

କ୍ରୋଧ ମଣିଷର ହିତାହିତ ଜ୍ଞାନ ନାଶ କରିଦିଏ ଏବଂ ତା'ଦ୍ୱାରା ଏପରି ଦୁଷ୍କର୍ମସବୁ କରାଇଦିଏ, ଯାହାକୁ ସେ ସ୍ୱପ୍ନରେ ସୁଦ୍ଧା ଭାବିପାରିବ ନାହିଁ । ଯାହାକୁ ପୂଜା କରିବା କଥା, କ୍ରୋଧପରବଶ ମନୁଷ୍ୟ ତାକୁ ବି ହତ୍ୟା କରିଦିଏ । କ୍ରୋଧାସକ୍ତ ମନୁଷ୍ୟ ସାଧୁସନ୍ଥ ତଥା ପୁଣ୍ୟାତ୍ମାମାନଙ୍କ ପ୍ରତି ମଧ୍ୟ ଦୁର୍ବ୍ୟବହାର ପ୍ରଦର୍ଶନ କରେ । କ୍ରୋଧୀ ମଣିଷ ମୁହଁ ସମ୍ଭାଳି କଥା କହିପାରେ ନାହିଁ; କଣ କହିବା ଉଚିତ, କଣ ନ କହିବା ଉଚିତ, ସେ ତାହା ବି ଠିକ୍ କରିପାରେ ନାହିଁ । ସେ ଲୋକ ଯେ କି ପାପ ନ କରିବ, କହିହେବ ନାହିଁ । କ୍ରୋଧାବିଷ୍ଟ ହୋଇଗଲେ ମଣିଷ ନିଜର ବାପଭାଇ, ସ୍ତ୍ରୀସନ୍ତାନ ଗୁରୁବ୍ରାହ୍ମଣ ଓ ରାଜାଙ୍କୁ ମଧ୍ୟ ଗାଳି କରିପକାଏ— ଅଧିକ ରାଗିଲେ, ପ୍ରାଣରେ ବି ମାରିଦିଏ ଏବଂ ସବୁ ସାରିଦେବା ପରେ, ବିଚରା ଅନୁତାପ କରେ ।

କ୍ରୋଧର ବେଗ ବଡ଼ ପ୍ରଚଣ୍ଡ । କ୍ରୋଧ ସକଳ ତପସ୍ୟା ଧ୍ୱଂସ କରିଦିଏ । ଋଷି ଦୁର୍ବାସା ତ କ୍ରୋଧ ଦ୍ୱାରା ପରାଭୂତ ହୋଇ ରହିଥିଲେ; କ୍ରୋଧ ଯାଜ୍ଞବଲ୍କ୍ୟଙ୍କୁ

ବ ପରାସ୍ତ କରିଦେଇଥିଲା । କ୍ରୋଧ ହେଉଛି ଶାନ୍ତିର ଶତ୍ରୁ ଓ ଜ୍ଞାନର ବୈରୀ । କ୍ରୋଧ ଜୀବକୁ ଅଜ୍ଞାନ କରିଦିଏ ; ତା ପ୍ରଭାବରେ ଜୀବ ସକଳ ଅଧର୍ମରେ ଲିପ୍ତ ହୁଏ । ଜୀବ କ୍ରୋଧରେ ଅନ୍ଧ ହୋଇଯାଏ ; କ୍ରୋଧର ଦାସ ହୋଇଯାଏ ।

କ୍ରୋଧ ଦୁର୍ବଳତାର ଲକ୍ଷଣ— କ୍ରୋଧ ଏକ ପ୍ରବଳ ମାନସିକ ପ୍ରତିକ୍ରିୟା । ଏହା କୌଣସି ଏକ ପ୍ରକୃତ ବା କାଳ୍ପନିକ ଆଘାତରୁ ଜାତ ହୁଏ ଏବଂ ପ୍ରତିଶୋଧ ନେବାର ଏକ ବଳବତ୍ତର ଇଚ୍ଛା ଏହା ସହିତ ଜଡ଼ିତ ହୋଇ ରହିଥାଏ । କିଛି ଗୋଟିଏ କ୍ଷତି ହୋଇଛି ବା ହେବାକୁ ଯାଉଛି ବୋଲି ଭାବ ମଧ୍ୟ ମଣିଷର କ୍ରୋଧ ଜାତ ହୋଇଥାଏ ।

କ୍ରୋଧ ମନୁଷ୍ୟର ସୂକ୍ଷ୍ମ ଶରୀରରେ ରହିଥାଏ । ଜଳ୍ପ ମାଟିମାଠିଆର ପାଣି ଯେପରି ମାଠିଆକାନ୍ଥର ସୂକ୍ଷ୍ମ ରନ୍ଧ୍ର ଦେଇ ବାହାରକୁ ଝାଳେଇଆସେ, ସୂକ୍ଷ୍ମ-ଶରୀରର କ୍ରୋଧ ସେହିପରି ମନୁଷ୍ୟର ସ୍ଥୂଳଶରୀରରେ ପ୍ରକାଶିତ ହୁଏ । କ୍ରୋଧ ପ୍ରକାଶ ପାଇବା କ୍ଷଣି ରକ୍ତ ତାତିଉଠେ । ଅଙ୍ଗ ପ୍ରତ୍ୟଙ୍ଗ ଥରିଉଠେ । ଅଧର କମ୍ପିତ ହୁଏ । ହାତମୁଠା ବାନ୍ଧିହୋଇଯାଏ ; ଅତି କ୍ରୋଧାନ୍ଵିତ ହୋଇଗଲେ ମନୁଷ୍ୟର ପାଟି ଖିନ ମାରିଯାଏ ; ପାଟିକୁ ପଦ ଯୁଟେ ନାହିଁ ।

ଶତ୍ରୁକୁ ଜାଳିଦେବା ପାଇଁ କ୍ରୋଧ ଭିତରେ ଯେଉଁ ନିଆଁ ଜଳିଉଠେ, ତାହା ତାକୁ ହିଁ ଜାଳିଦିଏ । କ୍ରୋଧ ବୁମେରାଙ୍ଗ୍ ପରି କ୍ରୋଧୀ ପାଖକୁ ଫେରିଆସି ତାକୁ ହିଁ ଆଘାତ କରେ ; ପରକୁ ମାରିଥିବା ଶର ଆସି ତା ନିଜଉପରେ ପଡ଼ିଯାଏ ।

କ୍ରୋଧ ହେଉଛି ଦୁର୍ବଳତାର ଏକ ଲକ୍ଷଣ । ନିର୍ବୋଧତା ବା ଦୁର୍ବଳତାରୁ ଏହାର ଜନ୍ମ ଏବଂ ଦୁଃଖ ଓ ଅନୁତାପ ଏହାର ପରିଣତି । ନିଜକୁ କ୍ରୋଧ କବଳରୁ ରକ୍ଷା କରିପାରିଲେ ମନୁଷ୍ୟ ଅସୀମ ଶକ୍ତିର ଅଧିକାରୀ ହୋଇପାରିବ । କ୍ରୋଧ ନିୟନ୍ତ୍ରିତ ହୋଇପାରିଲେ, ତାହା ଆଧ୍ୟାତ୍ମିକ ଶକ୍ତିରେ ରୂପାନ୍ତରିତ ହୋଇ ସମଗ୍ର ପୃଥିବୀକୁ ହଲାଇଦେଇ ପାରିବ ।

କ୍ରୋଧର ଉତ୍ପତ୍ତି—ଥରେ ଅର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କୁ ପଚାରିଥିଲେ, "ହେ କୃଷ୍ଣ, କାହାର ବାଧ୍ୟବାଧକତାରେ ପଡ଼ି ମଣିଷ ନିଜ ଇଚ୍ଛା ବିରୁଦ୍ଧରେ ପାପରେ ଲିପ୍ତ ହୋଇଯାଏ ?"

ଉତ୍ତରରେ ଭଗବାନ କହିଥିଲେ, "କାମ ଓ କ୍ରୋଧ ହିଁ ମଣିଷକୁ ପାପ ଆଡ଼କୁ ଟାଣିନିଏ । ଉଗ୍ରବାସନା ହେଉଛି ଏ ଦୁହିଙ୍କର ଜନକ । ଜାଣିରଖ ଯେ,

ଜଗତରେ ଏହି ବାସନା ହିଁ ଆମର ଶତ୍ରୁ ; ଏହା ହିଁ ଲୋଭ ଓ ପାପରୂପକ ରାକ୍ଷସ ।”

ଜଗତରେ କାମନା ହିଁ ପାପ ଓ ଭ୍ରମାତ୍ମକ କାର୍ଯ୍ୟର କାରଣ । କ୍ରୋଧ କାମନାର ଅନ୍ୟ ଏକ ରୂପମାତ୍ର । କ୍ରୋଧ ହିଁ କାମନା ।

ମଣିଷ ସର୍ବଦା ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ନେଇ ଚିନ୍ତା କରେ । ତେଣୁ ସେହି ବସ୍ତୁପ୍ରତି ତା'ଭିତରେ ଆକର୍ଷଣ ଜନ୍ମେ । ସେହି ଆକର୍ଷଣରୁ ଜାତ ହୁଏ କାମନା । କାମନାବାସନାରୁ ଜାତ ହୁଏ ରଜୋଗୁଣ ଏବଂ ମଣିଷମନରେ ସେହି ଧ୍ୟେୟ ବସ୍ତୁ ପାଇବାଲାଗି ସକ୍ରିୟତା ଉଦୟ ହୁଏ । କାମନା ଚରିତାର୍ଥ ହୋଇ ନ ପାରିଲେ ବା ଚରିତାର୍ଥ ହେବା ପଥରେ କିଛି ଅନ୍ତରାୟ ସୃଷ୍ଟି ହେଲେ, ମଣିଷର କ୍ରୋଧ ଜାତ ହୋଇଯାଏ । ଦୁଧ ଯେପରି ଦହିରେ ପରିଣତ ହୋଇଯାଏ, ମନଭିତରର ବାସନା ସେହିପରି କ୍ରୋଧରେ ରୂପାନ୍ତରିତ ହୋଇଯାଏ ।

କ୍ରୋଧର ମୂଳକାରଣ ହେଲା ଅବିଦ୍ୟା ଓ ଅହଂକାର । ମଣିଷ ଅପମାନିତ ହେଲେ, ଗାଳି ଖାଇଲେ, ରାଗିଯାଏ । କେହି ତାକୁ ସମାଲୋଚନା କରି ତାର ଭୁଲ ଦେଖାଇଲେ, ସେ ରାଗରେ ଜଳିଯାଏ । ମଣିଷର କାମନା ଚରିତାର୍ଥ ହେବା ପଥରେ ଯେ ପ୍ରତିବନ୍ଧକ ସୃଷ୍ଟି କରେ, ମଣିଷ ତାରି ଉପରେ ରାଗିଯାଏ । ନିଜର ମତବାଦକୁ ଯେ ଯେତେ ଭଲପାଏ, ନିଜେ ସମ୍ମାନ ପାଇବାଲାଗି ଯେ ଯେତେ ବ୍ୟାକୁଳ ହୁଏ, ନିଜକୁ ଅନ୍ୟଠାରୁ ଅଧିକ ବୁଦ୍ଧିମାନ, ଅଧିକ ଉଚ୍ଚ-କୋଟୀର ବୋଲି ଯେ ଯେତେ ମନେ କରେ, ସେ ସେତେ ଅଧିକ କ୍ରୁଦ୍ଧ ହୁଏ ।

ଶତ୍ରୁ କଥା ଚିନ୍ତା କଲେ, ମନରେ କ୍ରୋଧ ଜାତ ହୋଇଯାଏ । ବିରକ୍ତି ବା ହଇରାଣ ହରକତର କାରଣ ଭୁଲିଯିବା ପରେ ବି ମନ ଭିତରେ ଦ୍ୱେଷ ଲୁଚି ରହିଥାଏ ; ତାର ପ୍ରଭାବ ଲାଗିରହିଥାଏ । ସେହି ଏକା ଲୋକ ବିଷୟରେ ଯଦି ବାରମ୍ବାର ଈର୍ଷା, ଦ୍ୱେଷ ବା ଘୃଣା ନେଇ ଚିନ୍ତା କରି ଚାଲିବେ, ତାର ପ୍ରଭାବ ଆପଣଙ୍କୁ ଅଧିକ ଦିନ ଘାରିବ । ବାରମ୍ବାର ମନରେ କ୍ରୋଧଭାବ ଆଣିଲେ, ତାହା ଅଧିକରୁ ଅଧିକ ଘୃଣା ସୃଷ୍ଟି କରେ । ବାରମ୍ବାର କ୍ରୁଦ୍ଧ ହେଲେ ମନର ସାମାନ୍ୟ ଅମେଳ ଭୀଷଣ ବିଦ୍ୱେଷରେ ପରିଣତ ହୋଇଯାଏ ।

ଅତିମାତ୍ରାରେ ବୀର୍ଯ୍ୟକ୍ଷରଣ ହେଉଛି କ୍ରୋଧ ଓ ଚଡଲପଣର ମୁଖ୍ୟକାରଣ । ଯୌନାସକ୍ତ ଲୋକ ଅନ୍ୟମାନଙ୍କ ତୁଳନାରେ ଅଧିକ କ୍ରୋଧୀ ହୋଇଥାଏ । ନିଜର ବୀର୍ଯ୍ୟଶକ୍ତି ନଷ୍ଟକରୁଥିବା ବ୍ୟକ୍ତି ସାମାନ୍ୟ କାରଣରୁ ମଧ୍ୟ ହଠାତ୍ ବିରକ୍ତ ହୋଇଯାଏ ।

ବୀର୍ଯ୍ୟଧାରଣ କରୁଥିବା ବ୍ରହ୍ମଚାରୀଙ୍କ ମନ ସର୍ବଦା ସନ୍ତୁଳିତ । ତାଙ୍କର ଚିତ୍ତ ସବୁବେଳେ ଶାନ୍ତଶୀତଳ ।

କାମ ହେଉଛି ମୂଳ ଓ କ୍ରୋଧ ହେଉଛି ତା'ର ଡାଳ । ତେଣୁ ଆପଣଙ୍କୁ ପ୍ରଥମେ ସେହି ମୂଳରୂପୀ କାମନାକୁ ବିନାଶ କରିବାକୁ ହେବ । ସେତିକି ହୋଇଗଲେ, କ୍ରୋଧରୂପୀ ଡାଳ ସ୍ୱତଃ ମରିଯିବ ।

କ୍ରୋଧର ବିଭିନ୍ନ ରୂପ— ଚିଡ଼ିଲାପଣ, ଭ୍ରୂକୁଞ୍ଚନ, ବିରକ୍ତି, ଘୃଣାବ୍ୟଞ୍ଜକ-କ୍ରୋଧ, ଉତ୍ତେଜନା, ରୋଷ ଓ ଅତିକ୍ରୋଧ ପ୍ରଭୃତି ହେଉଛି ମାତ୍ରା ଅନୁସାରେ କ୍ରୋଧର ବିଭିନ୍ନ ରୂପ । କ୍ରୋଧ ହେଉଛି ଅସନ୍ତୋଷର ଏକ ତ୍ୱରିତ ପରିପ୍ରକାଶ । ଏହା କ୍ଷିପ୍ରବେଗରେ ହଠାତ୍ ଚାଲିଆସେ ଏବଂ ଅଳ୍ପ କିଛି କାଳ ଭିତରେ ଚାଲିଯାଏ । କିନ୍ତୁ ବିରକ୍ତି ଅନେକ ଦିନ ଧରି ରହିଯାଏ । ବିରକ୍ତି ହେଉଛି ପ୍ରଲମ୍ବିତ କ୍ରୋଧ । ମନରେ ଲାଗିଥିବା ଆଘାତକୁ ପାଳିପୋଷି ତିକ୍ତତା ବଢାଇଚାଲିଲେ, ବିରକ୍ତି ବଞ୍ଚିରହେ । ଉତ୍ତେଜନା ହେଉଛି କ୍ରୋଧର ଏକ ତୀବ୍ର ଅନୁଭୂତି । ରୋଷ ପ୍ରକାଶ ପାଇଲେ, ମଣିଷ ଭଲମନ୍ଦ ବିଚାର ଭୁଲିଯାଏ । ଅତିକ୍ରୋଧ ତ ଆହୁରି ଭୀଷଣ; ଅତିକ୍ରୋଧର ପରବଶ ହୋଇଗଲେ, ମଣିଷ ଆତ୍ମସଂଯମ ହରାଇ ହିଂସାର ପ୍ରଳୟ ସୃଷ୍ଟି କରିଦିଏ ।

ଚିଡ଼ିଲାପଣ ହେଲା କ୍ରୋଧର ଏକ କ୍ଷୀଣ ସୂକ୍ଷ୍ମ ରୂପ; ତା'ଠାରୁ କ୍ଷୀଣତର ରୂପ ହେଉଛି ଅସନ୍ତୋଷ । ଏହା ହେଉଛି ଅବମନିକା-ମିଶ୍ରିତ କ୍ରୋଧ । ଚଟ୍ କରି ପଦେ କିଛି କହିଦେବା ବା 'ହୁଁଃ' ବୋଲି ମୁଣ୍ଡ ଟିଙ୍ଗାରି ଦେବାରେ ମନର ଅସୁଖ ପ୍ରକାଶିତ ହୋଇଯାଏ । ତଥାପି ଏସବୁ ହେଉଛି ସେହି କ୍ରୋଧର ବିଭିନ୍ନ ରୂପ ।

କ୍ରୋଧ ଏବଂ ନିଷ୍କାମ ଅସନ୍ତୋଷ— କ୍ରୋଧ ଏକ ବ୍ୟକ୍ତିକ ଭାବ ଏବଂ ସାଧାରଣତଃ ଏହା ସ୍ୱାର୍ଥଜନିତ; ନିଜପ୍ରତି କୌଣସି ବାସ୍ତବ ବା କାଳ୍ପନିକ ଅନ୍ୟାୟହେତୁ ମଣିଷ ମନରେ କ୍ରୋଧ ଆସେ । କିନ୍ତୁ ନିଜର ସ୍ୱାର୍ଥରେ ଆଘାତ ଲାଗୁ ନ ଥିଲେ ବି କୌଣସି ଅନୁଚିତ କାର୍ଯ୍ୟ ଘଟୁଥିବାର ଶୁଣିଲେ ବା ଦେଖିଲେ ମନରେ ଅସନ୍ତୋଷ ବା ଅପ୍ରସନ୍ନତା ଜାଗିଉଠେ । ଏପରି ବିଶୁଦ୍ଧ ଅସନ୍ତୋଷ ପ୍ରକାଶ କରିବାପରେ ମନରେ ଅନୁତାପ ଆସି ନ ଥାଏ; ଦୁଃଖ କରିବାର ମଧ୍ୟ କିଛି ନ ଥାଏ । ଏ ପ୍ରକାର ଅସନ୍ତୋଷ କ୍ରୋଧ ଅପେକ୍ଷା ଅଧିକ ସଂଯତ । କ୍ରୋଧ ସାଧାରଣତଃ ଏକ ପାପ, କିନ୍ତୁ ଅସନ୍ତୋଷ ପ୍ରାୟତଃ ଏକ କର୍ତ୍ତବ୍ୟ । ତେଣୁ ଆମେ ତାକୁ ନିଷ୍କାମ ଅସନ୍ତୋଷ ବା ନ୍ୟାଯ୍ୟ ଅସନ୍ତୋଷ କରିପାରିବା ।

ଯଦି ଜଣେ ଅନ୍ୟ ଜଣକୁ ସୁଧାରିବାଲାଗି ଟିକିଏ ରୋଷ ପ୍ରକାଶ କରେ, ତେବେ ତାର ସେହି ରୋଷକୁ ନିଷ୍କାମ ବା ନ୍ୟାଯ୍ୟ କ୍ରୋଧ କୁହାଯାଏ । ଏହାର ଅନ୍ୟ ନାମ 'ଆଧ୍ୟାତ୍ମିକ କ୍ରୋଧ' । ଧରନ୍ତୁ ଜଣେ ଦୁଷ୍ଟ ଗୋଟିଏ ସ୍ତ୍ରୀପ୍ରତି ଅଶୋଭନୀୟ ବ୍ୟବହାର ଦେଖାଇ ତାପ୍ରତି ବଳାତ୍କାର କରିବାକୁ ଚାହୁଁଛି; ତାହା ଦେଖି ଜଣେ ଲୋକ କ୍ରୋଧ ପ୍ରକାଶ କଲେ; ତାଙ୍କର ସେହି କ୍ରୋଧକୁ ଭଦ୍ର କ୍ରୋଧ ବା ନ୍ୟାଯ୍ୟ ଅସନ୍ତୋଷ ବୋଲିପିବ । ସେପରି କ୍ରୋଧ ଦୋଷାବହ ନୁହେଁ । କିନ୍ତୁ କ୍ରୋଧ ଯଦି ଲୋଭ ବା ସ୍ୱାର୍ଥରୁ ଜାତ ହୋଇଥାଏ, ତାହା ସର୍ବଥା ଦୋଷାବହ । ବେଳେବେଳେ ଶିଷ୍ୟକୁ ସୁଧାରିବାଲାଗି ଗୁରୁଙ୍କୁ ଉପରଦେଖାଣିଆ କ୍ରୋଧ ପ୍ରକାଶ କରିବାକୁ ପଡ଼ିଥାଏ । ଏହା କିଛି ମନ୍ଦ କଥା ନୁହେଁ । ଏହା ଗୁରୁଙ୍କର କର୍ତ୍ତବ୍ୟ; ଅବଶ୍ୟ ଗୁରୁ ବାହାରକୁ କ୍ରୁଧ ଦେଖାଉଥିଲେ ବି ତାଙ୍କର ଅନ୍ତର ଶାନ୍ତସ୍ଥିର ହୋଇ ରହିଥିବା ଆବଶ୍ୟକ । ସେ ନିଜ ଅନ୍ତଃକରଣରେ ଦୀର୍ଘକାଳ ଧରି ଶିଷ୍ୟପ୍ରତି ବିରକ୍ତି ଭାବ ରଖିବା ଅନୁଚିତ । ସମୁଦ୍ରରେ ଉଠୁଥିବା ଢେଉ ଯେପରି ଏକ୍ଷଣରେ ଉଠି ଆରକ୍ଷଣରେ ଭାଙ୍ଗିଯାଏ, ମଣିଷ ମନର କ୍ରୋଧ ସେହିପରି ପରକ୍ଷଣରେ ଶାନ୍ତ ହୋଇଯିବା ଆବଶ୍ୟକ ।

ସାଧୁ ହୃଦୟର କ୍ରୋଧ କ୍ଷଣକାଳଭିତରେ ମିଳେଇଯାଏ, ସାଧାରଣ ମନୁଷ୍ୟର କ୍ରୋଧ ତିନିଘଣ୍ଟା ପର୍ଯ୍ୟନ୍ତ ରହିପାରେ; ଦୁଷ୍ଟର କ୍ରୋଧ ପୂରା ଗୋଟିଏ ଦିନ ଓ ଗୋଟିଏ ରାତି—ଆଠ ପ୍ରହର ଯାଏଁ ରହେ କିନ୍ତୁ ମହାପାପୀର କ୍ରୋଧ ମଲେ ଛୁଟେ ।

କ୍ରୋଧର କୁପରିଣାମ—କ୍ରୋଧ ମସ୍ତିଷ୍କ, ସ୍ନାୟୁମଣ୍ଡଳ ଓ ରକ୍ତକୁ ଦୂଷିତ କରିଦିଏ । କ୍ରୋଧର ଲହରୀ ଉଠିଲେ ପ୍ରାଣବାୟୁ ଅତିଷ୍ଠ ହୋଇଯାଏ; ଦେହରେ ଉତ୍ତେଜନା ବୃଦ୍ଧିହେତୁ ରକ୍ତ ତାତିଯାଏ; ରକ୍ତରେ ବହୁ ବିଷାକ୍ତ ରାସାୟନିକ ପଦାର୍ଥ ସୃଷ୍ଟି ହୋଇଯାଏ । ରକ୍ତ ବିକୃତ ହୋଇଗଲେ ବୀର୍ଯ୍ୟ ମଧ୍ୟ ବିକୃତ ହୋଇଯାଏ ।

ମାତ୍ର ତିନି ମିନିଟର କ୍ରୋଧାବେଶ ସ୍ନାୟୁମଣ୍ଡଳର ଯେଉଁ କ୍ଷତି କରେ, ତାହାକୁ ପୂରଣ କରିବା ଓ ସଜାଡ଼ିବାକୁ କେତେ ସପ୍ତାହ କିଣ, କେତେ ମାସର ଯତ୍ନ ଆବଶ୍ୟକ ହୋଇପଡ଼େ । ଆଧୁନିକ ମନସ୍ତତ୍ତ୍ୱ ମତରେ ବାତବିକାର, ହୃଦରୋଗ ଏବଂ ବିଭିନ୍ନ ସ୍ନାୟବିକ ବ୍ୟାଧି କେବଳ କ୍ରୋଧ ଯୋଗୁଁହିଁ ଉତ୍ପନ୍ନ ହୁଏ ।

ଅରକର କଥା, ଜଣେ କ୍ରୋଧାବିଷ୍ଟ ମାତାର ସ୍ତନ୍ୟ ପାନ କରିବା କ୍ଷଣି ଶିଶୁସନ୍ତାନଟିର ପ୍ରାଣବାୟୁ ଉଡ଼ିଗଲା; କାରଣ ମାତା ଯେତେବେଳେ ଭୀଷଣ

ଭାବରେ ଉତ୍ତେଜିତ ହୋଇଯାଇଥିଲା, ସେତେବେଳେ ତା ରକ୍ତରେ ବିଭିନ୍ନ ବିଷାକ୍ତ ରାସାୟନିକ ପଦାର୍ଥ ମିଶି ତାହା ବିଷାକ୍ତ ହୋଇଯାଇଥିଲା । ଏପରି ବହୁ ଘଟଣା ଘଟିଥିବାର ପ୍ରମାଣମାନ ରହିଛି । କ୍ରୋଧର ପରିଣାମ ଯେ କି ଭୟଙ୍କର, ତାହା ଏଥିରୁ ଅନୁମାନ କରୁଥିବେ ।

ମନୁଷ୍ୟ କ୍ରୋଧାବିଷ୍ଟ ହୋଇଗଲେ ବିବେକ ଛାଡ଼ିପଳାଏ । ମଦ୍ୟପର ଯେପରି ଚେତା ରହେ ନାହିଁ, । କ୍ରୋଧୀର ସେହିପରି ଚେତା ରହେ ନାହିଁ । ସେ ସ୍ମୃତିଭ୍ରଷ୍ଟ ହୋଇଯାଏ, ତାର ବିବେକ ବିବର୍ଣ୍ଣ ହୋଇଯାଏ ଓ ବୁଦ୍ଧି ଲୋପ ହୋଇଯାଏ ।

କ୍ରୋଧ ବିଗ୍ଭରଶକ୍ତିକୁ ଆଚ୍ଛନ୍ନ କରିଦିଏ । ମନ ଅତି ଉତ୍ତେଜିତ ହୋଇଗଲେ ଆପଣ ପଢ଼ୁଥିବା ବିଷୟ ବି ବୁଝିପାରିବେ ନାହିଁ; ଠିକ୍‌ଭାବରେ, ସ୍ପଷ୍ଟଭାବରେ କିଛି ଚିନ୍ତା ବି କରିପାରିବେ ନାହିଁ ; ଶାନ୍ତ ମନରେ ଦୁଇଧାଡ଼ି ଚିଠି ବି ଲେଖିପାରିବେ ନାହିଁ । ବାତ୍ୟାବିକ୍ଷୁବ୍ଧ ପ୍ରଦୀପଶିଖାର ଆଲୋକରେ ଯେପରି କୌଣସି ପଦାର୍ଥ ସ୍ପଷ୍ଟଭାବେ ଦେଖାଯାଏ ନାହିଁ, କ୍ରୋଧକବଳିତ ବୁଦ୍ଧି ସାହାଯ୍ୟରେ ସେହିପରି କୌଣସି ବିଷୟ ସ୍ପଷ୍ଟରୂପେ ବୁଝିହୁଏ ନାହିଁ ।

ମଣିଷର ସବୁ ଦୁର୍ଗୁଣର ଉତ୍ପତ୍ତିସ୍ଥଳ ହେଉଛି କ୍ରୋଧ । କ୍ରୋଧ ଦମନ କଲେ ସବୁ ଦୁର୍ଗୁଣ ସ୍ୱତଃ ଦୂର ହୋଇଯିବ । ଅନ୍ୟାୟ, ଅନୀତି, ଈର୍ଷା, ପରସ୍ୱ-ହରଣ, ହତ୍ୟା, କୁବାକ୍ୟ, କ୍ରୂରତା—ଏସବୁ କ୍ରୋଧରୁ ହିଁ ସଂଜାତ । କ୍ରୋଧ-ବେଳେ ମଣିଷର ବୁଦ୍ଧିଶୁଦ୍ଧି ଲୋପ ପାଇଯାଏ; ସେ କ୍ରୋଧର ଶିକାର ହୋଇଯାଏ ।

ମଣିଷ ଯେତେ ସ୍ନାନପ୍ରକାର କରିଥାଉ ନା କାହିଁକି, ଯେତେ ତେଲମାଲିପା ଲଗାଇ ମୁଣ୍ଡକୁଣ୍ଡାଇଥାଉ ନା କାହିଁକି, ଯେତେ ସଫାସୁତୁରା ଲୁଗାପଟା ପିନ୍ଧିଥାଉ ନା କାହିଁକି, ସେ ଯଦି କ୍ରୋଧପରବଶ ହୋଇଗଲା, ତେବେ କୁତ୍ସିତ ହିଁ ଦେଖାଯିବ । ମଣିଷ ରାଗିଛି କି ନାହିଁ, ତାହା ତାର ମୁହଁ ଦେଖି କହିଦେଇହେବ । କ୍ରୁଦ୍ଧଲୋକ ନିପୁଣତାର ସହିତ ନିଜର ଦୈନନ୍ଦିନ କାର୍ଯ୍ୟ କରିପାରେ ନାହିଁ । କ୍ରୋଧାବିଷ୍ଟ ହୋଇଗଲେ ମଣିଷ ଜୀବନସଂଗ୍ରାମରେ ହାରିଯାଏ ।

କ୍ରୋଧ ଦମନର ଉପାୟ— କ୍ରୋଧ ଶତ୍ରୁର ପରିଗ୍ଭୟକ । ତା ବିରୁଦ୍ଧରେ ପ୍ରତ୍ୟକ୍ଷ ସଂଗ୍ରାମ କରିବା ଦୁଃସାଧ୍ୟ । ତେଣୁ ପ୍ରଥମେ ତାର ବେଗ, ତାର ବାରମ୍ବାରତା ଓ ଅବଧିକୁ ହ୍ରାସ କରିବାକୁ ଚେଷ୍ଟା କରନ୍ତୁ । ତା ସହିତ କ୍ରୋଧ-ରୂପକ ପ୍ରଚଣ୍ଡ ବୃତ୍ତିଟିର ତୀବ୍ରତା କ୍ଷୀଣ କରିଦେବାକୁ ମଧ୍ୟ ଯତ୍ନଶୀଳ ହୁଅନ୍ତୁ । ଚିତ୍ତପଟ୍ଟରେ କ୍ରୋଧର ତରଙ୍ଗକୁ ଉଠିବାକୁ ଦିଅନ୍ତୁ ନାହିଁ । ଅବଚେତନ ମନରେ

ଚଞ୍ଚଳପଣ ଦେଖାଦେଲାକ୍ଷଣି ସେହି ପ୍ରାଥମିକ ଅବସ୍ଥାରୁ ହିଁ ତାର ମୂଳୋତ୍ପାଟନ କରିଦିଅନ୍ତୁ । କ୍ରୋଧ ଉଦୟ ହେବାକ୍ଷଣି ମନକୁ ଅନ୍ୟ କିଛି କାର୍ଯ୍ୟରେ ଲଗାଇ ଦିଅନ୍ତୁ । ଦିବ୍ୟବିଗ୍ରହରେ ମଗ୍ନ ହିଁ ଯାଆନ୍ତୁ । ଜୋରରେ ଜପ ବା କୀର୍ତ୍ତନ କରନ୍ତୁ । ଭଗବତ୍ ଗୀତା, ରାମାୟଣ ବା ଉପନିଷଦରୁ କିଛି ଶ୍ଳୋକ ପାରାୟଣ କରନ୍ତୁ ବା କିଛି ସ୍ତବସ୍ତୁତି ଗାନ କରନ୍ତୁ । ଧୀରେ ଧୀରେ କ୍ରୋଧର ବିପରୀତ ଗୁଣ ଯଥା ଧୈର୍ଯ୍ୟ, ପ୍ରେମସଦୃଶ ଦିବ୍ୟଗୁଣର ବିକାଶ କରନ୍ତୁ । କ୍ରୋଧ ସ୍ୱତଃ ବିନାଶ ହୋଇଯିବ ।

ଖାଦ୍ୟ ସହିତ ଚଞ୍ଚଳପଣର ଘନିଷ୍ଠ ସମ୍ପର୍କ ରହିଛି । ତେଣୁ ଦୁଧ, ଫଳ, ମୁଗଡ଼ାଲି, ଦହି, ପାଳଙ୍ଗ, କଅଁ; ଚିନାବାଦାମ, ଚହ୍ଲା, ପ୍ରଭୃତି ସାତ୍ତ୍ୱିକ ଖାଦ୍ୟ ଖାଆନ୍ତୁ । ଗାଜର ପିଆଜ, ରସୁଣ, କୋବି, ମସୁରଡ଼ାଲି, ଫୁଲକୋବି ଓ ସଜନାପରି ଖାଦ୍ୟ ଖାଆନ୍ତୁ ନାହିଁ । ଗରମ ତରକାରୀ, ଚଟଣୀ, ଆମିଷ, ମଦ୍ୟ ଓ ଧୂମପାନ ତ୍ୟାଗ କରନ୍ତୁ । ଧୂମପାନ, ମତ୍ସ୍ୟମାଂସ ଆହାର ଓ ମଦ୍ୟପାନ ହୃଦୟକୁ ଉତ୍ତେଜିତ କରିଦିଏ । ତମାକୁ ହୃଦ୍‌ରୋଗ ସୃଷ୍ଟି କରେ । ତମାଖୁଖିଆ ଲୋକର ମନ ଓ ହୃଦୟ ହଠାତ୍ ଉତ୍ତେଜିତ ହୋଇଯାଏ ।

କଥାବାର୍ତ୍ତା ହେଉଥିବାବେଳେ ଯଦି ଜାଣିପାରିଲେ ଯେ, କ୍ରୋଧ ପ୍ରକାଶ ପାଇବାକୁ ଯାଉଛି, ସେହି କଥାବାର୍ତ୍ତା, ଆଳାପ ଆଲୋଚନା ବା ଯୁକ୍ତିତର୍କକୁ ସେଇଠି ବନ୍ଦ କରିଦିଅନ୍ତୁ । ଅନ୍ଧ ମୁହଁ ଖୋଲନ୍ତୁ ନାହିଁ । ଯୁକ୍ତିତର୍କ କରନ୍ତୁ ନାହିଁ । ଗରମ ଗରମ ଯୁକ୍ତିତର୍କ ଭିତରେ ଆଦୌ ପଶନ୍ତୁ ନାହିଁ । ସବୁବେଳେ କୋମଳମଧୁର ବଚନ କହିବାକୁ ପ୍ରୟାସ କରନ୍ତୁ । ଆପଣଙ୍କର ଯୁକ୍ତିରେ ଦୃଢ଼ତା ରହୁ କିନ୍ତୁ ବଚନ ମଧୁର ହେଉ । କର୍କଶ କଥା ମନାନ୍ତର ସୃଷ୍ଟି କରେ । ମଧୁରଭାଷୀ ହୁଅନ୍ତୁ । ସ୍ୱଳ୍ପଭାଷୀ ହୁଅନ୍ତୁ । ମୃଦୁଭାଷୀ ହୁଅନ୍ତୁ । କୋମଳଭାଷୀ ହୁଅନ୍ତୁ । ନମ୍ରଭାଷୀ ହୁଅନ୍ତୁ । ବାରମ୍ବାର ମୃଦୁତା, ନମ୍ରତା ଓ କୋମଳତା ଅଭ୍ୟାସ କରନ୍ତୁ ।

ବିବେକର ସାହାଯ୍ୟ ନେଇ କ୍ରୋଧକୁ ସଂଯତ କରନ୍ତୁ । କେହି ଯଦି ଆପଣଙ୍କୁ ଗଧ ବା କୁକୁର ବୋଲି କହିଦେଲା, ଆପଣ ନିଜକୁ ଏତେ ଅପମାନିତ ବୋଧ କରୁଛନ୍ତି କାହିଁକି ? ଆପଣଙ୍କର କଣ କୁକୁରପରି ଲାଞ୍ଜଟାଏ ହୋଇଗଲା; ନା ଗୁରଟା ଗୋଡ଼ ବାହାରିପଡ଼ିଲା ? ଏ ଗାଳିର କିଛି ଅର୍ଥ ଅଛି କି ? ଏହା ଫଳରେ ପବନକୁ ଟିକିଏ ଫୁଙ୍କି ଦେବା ଛଡ଼ା ଆଉ ବା କଣ ହେଲା ?

ଗୁରୁଙ୍କର ପ୍ରତିଦିନ ଠିକ୍‌ବେଳରେ ଆପଣଙ୍କ ହାତକୁ ଦୁଧଗ୍ଲାସଟି ବଢ଼ାଇଦେଉଥିଲା; ଧରନ୍ତୁ, ଦିନେ ସେତେବେଳ କଲା ନାହିଁ; ସେତିକ ତ୍ରୁଟିପାଇଁ

ତା'ଉପରେ ଯେତେବେଳେ ରାଗିବେ, ସେତେବେଳେ ନିଜକୁ ପଚାରନ୍ତୁ, "ମୁଁ ଏ ସାମାନ୍ୟ ଦୁଧଗ୍ଲାସଟାର ଦାସ ହୋଇଯିବି କାହିଁକି ?" ଦେଖିବେ, ଉଠୁଥିବା ରାଗ ସଙ୍ଗେ ସଙ୍ଗେ ଉପଶମ ହୋଇଯିବ । ଆପଣ ଯଦି ସତର୍କ ରହିବେ, ବିଚାରବନ୍ତ ହେବେ, ଦେଖିବେ, ଅନ୍ୟ ସମୟରେ ମଧ୍ୟ ରାଗ ଉଠିବ ନାହିଁ । ଜାଣିଥାନ୍ତୁ ଯେ, ରାଗିବାପାଇଁ ମୁହଁର ଚାଳିଶଟା ପେଶୀ ଟାଙ୍କିବାକୁ ପଡ଼େ, ଅଥଚ ମୋଟେ ପନ୍ଦରଟି ପେଶୀ ଟାଙ୍କିଦେଲେ ମୁହଁରେ ହସ ଫୁଟିଯାଏ । ଆପଣ ଅଯଥାରେ ଅଧିକ ପରିଶ୍ରମ କରନ୍ତି କାହିଁକି ?

ଯଦି ଦେଖିବେ ଯେ, କୌଣସି ପ୍ରକାରେ କ୍ରୋଧକୁ ସଂଯତ କରି ହେଉ ନାହିଁ, ତେବେ ତତ୍‌କ୍ଷଣାତ୍ ସେହି ସ୍ଥାନ ଛାଡ଼ି ଚାଲିଯାଆନ୍ତୁ । କିଛି ଦୂର ଭ୍ରମଣରେ ଚାଲିଯାଆନ୍ତୁ । ଥଣ୍ଡାପାଣି ଗ୍ଲାସେ ପିଇଦେଇ ଶହେ ଆଠ ଥର 'ଓଁ ଶାନ୍ତି' ଜପ କରନ୍ତୁ । ଇଷ୍ଟମନ୍ତ୍ର ଜପକରନ୍ତୁ ବା ଆଙ୍ଗୁଠି ଟିପରେ ଏକରୁ ଛରିଶ ଯାଏଁ ଗଣନ୍ତୁ । ଦେଖିବେ, କ୍ରୋଧ ଶାନ୍ତ ପଡିଯିବ ।

ଆତ୍ମସଂଯମ ଓ ଶାନ୍ତି— ମଣିଷ ଭିତରେ ଭଲ ଓ ମନ୍ଦ ଉଭୟ ଗୁଣ ରହିଛି । ମନୁଷ୍ୟ ଏହି ଉଭୟ ଗୁଣର ଏକ ମିଶ୍ରଣ । ସକଳ ପ୍ରାଣୀଙ୍କଠାରେ ସତ୍ ଓ ଅସତ୍ ଉଭୟ ଗୁଣ ରହିଛି । ଅସଦ୍‌ଗୁଣକୁ ସଂଯତ କରି ଏବଂ ସଦ୍‌ଗୁଣର ବିକାଶ କରି ହିଁ ମନୁଷ୍ୟ ଅନ୍ୟ ପ୍ରାଣୀମାନଙ୍କଠାରୁ ଶ୍ରେଷ୍ଠତର ହୋଇପାରିଛି । କ୍ରୋଧ ଅସଦ୍‌ଗୁଣର ରୁଦ୍ଧଦ୍ୱାର ଖୋଲିଦେଇ ସେଗୁଡ଼ିକୁ କ୍ଷତିକର କାର୍ଯ୍ୟରେ ଲଗାଇଦିଏ । ଆତ୍ମସଂଯମ ଅସଦ୍‌ଗୁଣର ପଥରୋଧ କରି ସଦ୍‌ଗୁଣକୁ କାର୍ଯ୍ୟରତ ହେବାଲାଗି ସୁଯୋଗ ପ୍ରଦାନ କରେ । ସୁତରାଂ କ୍ରୋଧକୁ ସଂଯତ କଲେ, ଅସଦ୍‌ଗୁଣଗୁଡିକ ବି ସଂଯତ ହୋଇଯାଆନ୍ତି; ସଦ୍‌ଗୁଣର ହିଁ ବିକାଶ ଘଟେ । କ୍ରୋଧ ହେଉଛି କୁଟିଳତା, କ୍ରୂରତା, ଘୃଣା, ଆଘାତ, ପ୍ରତିଶୋଧ, ହିଂସା, ଯୁଦ୍ଧ ତଥା ବିନାଶର ଦ୍ୱାର । କ୍ରୋଧଦମନ ହୋଇଗଲେ ବୁଦ୍ଧି ନିର୍ମଳ ହୋଇଯାଏ ଏବଂ ବିବେକ ଜାଗ୍ରତ ହୋଇଯାଏ; ଭଲମନ୍ଦ ନିର୍ଣ୍ଣୟ କରିବାଲାଗି ଆପଣଙ୍କ ଭିତରେ ଜ୍ଞାନ ଉଦୟ ହୋଇଯାଏ । ତା' ଫଳରେ ସଦାଚାରର ସରଳ ସଂକୀର୍ଣ୍ଣ ପଥରେ ଆପଣ ନିର୍ଦ୍ୱନ୍ଦ୍ୱରେ ଅଗ୍ରସର ହୋଇପାରନ୍ତି ।

ଲୋଭ, ସ୍ୱାର୍ଥ, କ୍ରୋଧ ବା ଖିନ୍ନତାର ବଶବର୍ତ୍ତୀ ହୋଇ କେବେ କାହାର କୌଣସି କ୍ଷତି କରନ୍ତୁ ନାହିଁ । କ୍ରୋଧ ବା ବିଦ୍ୱେଷକୁ ସମ୍ପୂର୍ଣ୍ଣ ପରିହାର କରନ୍ତୁ । କଳହ କରିବାର, ସଂଗ୍ରାମ କରିବାର ମନୋଭାବ ତ୍ୟାଗ କରନ୍ତୁ । ସର୍ବଦା ଶାନ୍ତଚିତ୍ତ ହୋଇ ରହିବାକୁ ଯତ୍ନପରୋନାସ୍ତି ପ୍ରୟାସ କରନ୍ତୁ ।

ପରିସ୍ଥିତି ଯାହା ହେଉ ନା କାହିଁକି, ଶାନ୍ତସମାହିତ ହୋଇ ରହନ୍ତୁ। କେବଳ ଶାନ୍ତଚିତ୍ତଙ୍କ ଉପରେ ହିଁ ଦିବ୍ୟାଲୋକ ବର୍ଷଣ ହୁଏ । ଶାନ୍ତଚିତ୍ତ ସାଧକ ହିଁ ଗଭୀର ଧ୍ୟାନ ଓ ନିର୍ବିକଳ୍ପ ସମାଧିରେ ପ୍ରତିଷ୍ଠିତ ହୋଇପାରନ୍ତି । କେବଳ ସେ ହିଁ ନିଷ୍କାମ କର୍ମ କରିପାରନ୍ତି ।

ଶମ ତଥା ଶାନ୍ତି ଅର୍ଜନଲାଗି ନିରନ୍ତର ପ୍ରୟତ୍ନ କରିଚାଲନ୍ତୁ । ଶାନ୍ତି ଏକ ସୁଦୃଢ଼ ଶିଳାସଦୃଶ । କ୍ରୋଧର ତରଙ୍ଗ ତାଙ୍କୁ ଆଘାତ କରିପାରେ, କିନ୍ତୁ ତାର କୌଣସି କ୍ଷତି କରିପାରିବ ନାହିଁ । ସର୍ବଦା ନିତ୍ୟ-ଶାନ୍ତ-ଅବ୍ୟୟ ଆତ୍ମାର ଧ୍ୟାନ କରନ୍ତୁ; ଧୀରେ ଧୀରେ ଏହି ଦୈବୀ ଗୁଣର ଅଧିକାରୀ ହୋଇଯାଇପାରିବେ ।

ଅମଙ୍ଗଳର ପ୍ରତିଦାନରେ ଅମଙ୍ଗଳ ସମ୍ପାଦାନ ଓ ମଙ୍ଗଳର ପ୍ରତିଦାନରେ ମଙ୍ଗଳ ସମ୍ପାଦାନ ସହଜ କିନ୍ତୁ ଅମଙ୍ଗଳର ପ୍ରତିଦାନରେ ମଙ୍ଗଳ ସମ୍ପାଦନ ଯେପରି କଠିନ, ସେହିପରି ମହତ୍ତ୍ୱପୂର୍ଣ୍ଣ । ଅମଙ୍ଗଳର ପଥରେ ଓହ୍ଲାଇପଡ଼ିବା ଅତି ସହଜ କିନ୍ତୁ ମଙ୍ଗଳ ପଥରେ ଆରୋହଣ କରିବା ଅତି ଦୁରୂହ କାରଣ ସେ ପଥ କଣ୍ଟକିତ, ସେ ପଥ ପିଚ୍ଛିଳ । ଅମଙ୍ଗଳର ପ୍ରତିଦାନରେ ମଙ୍ଗଳ ସମ୍ପାଦନ ପାଇଁ ଯେଉଁମାନେ ଶକ୍ତିମାନ, ସମର୍ଥ ଓ ଜ୍ଞାନବାନ, ସେମାନଙ୍କର ଜୀବନ ଧନ୍ୟ; ସେମାନେ ହେଉଛନ୍ତି ଏହି ଧୂଳିର ଧରଣୀରେ ଚଳମାନ ଦେବତା ।

●

କର୍ମ

'କର୍ମ' ଗୋଟିଏ ସଂସ୍କୃତ ଶବ୍ଦ, ବିଭିନ୍ନ କାର୍ଯ୍ୟକୁ କର୍ମ ବୋଲଯାଏ । ସକଳ ପ୍ରକାର ମାନସିକ ତଥା ଶାରୀରିକ କାର୍ଯ୍ୟ କର୍ମର ଅନ୍ତର୍ଗତ । ଚିନ୍ତା କରିବା ମାନସିକ କର୍ମ । ପୁଣି କର୍ମ ହେଉଛି ଅତୀତ ଓ ବର୍ତ୍ତମାନ ଭବିଷ୍ୟ ଜୀବନର ସମସ୍ତ କାର୍ଯ୍ୟର ସମଷ୍ଟି ।

ସମସ୍ତ କାର୍ଯ୍ୟ ଯେପରି କର୍ମର ଅନ୍ତର୍ଗତ । ସମସ୍ତ କର୍ମର ଫଳାଫଳ ମଧ୍ୟ ସେହିପରି କର୍ମର ଅନ୍ତର୍ଗତ, ପ୍ରକୃତରେ କର୍ମ ତାର ଫଳାଫଳଠାରୁ ଭିନ୍ନ ନୁହେଁ । ଫଳ ହେଉଛି କର୍ମର ଅଂଶ; ତାହାକୁ କର୍ମଠାରୁ ପୃଥକ କରାଯାଇ ନ ପାରେ ।

କାର୍ଯ୍ୟ-କାରଣ ନିୟମ ହିଁ କର୍ମର ନିୟମ । ଯଦି କାରଣଟିଏ ଅଛି, ତେବେ ନିଶ୍ଚିତଭାବରେ ତାର ପ୍ରତିଫଳ ଉତ୍ପନ୍ନ ହେବ । ବୀଜ ହେଉଛି ବୃକ୍ଷର କାରଣ । ବୃକ୍ଷ ହେଉଛି ବୀଜର ଫଳସ୍ୱରୂପ । ପୁଣି ବୃକ୍ଷ ବୀଜ ଉତ୍ପନ୍ନ କରେ ଏବଂ ବୀଜର କାରଣ ହୁଏ । କାର୍ଯ୍ୟ ମଧ୍ୟରେ କାରଣ ରହିଥାଏ ଏବଂ କାରଣ ମଧ୍ୟରେ କାର୍ଯ୍ୟ ରହିଥାଏ । କାର୍ଯ୍ୟ ତାର କାରଣର ଅନୁରୂପ ହୋଇଥାଏ । କାର୍ଯ୍ୟ ଓ କାରଣର ଏ ଯେଉଁ ସମ୍ପର୍କ, ଏହା ସର୍ବଦା ବିଦ୍ୟମାନ ଏବଂ ଏହି ନିୟମ, ଏହି ଶୃଙ୍ଖଳର ଅନ୍ତ ନାହିଁ ।

ଏ ଯେଉଁ ଅସୀମ ଅନନ୍ତ ଶୃଙ୍ଖଳ, ଏହାର କୌଣସିଟି କଡ଼ି ଅନାବଶ୍ୟକ ନୁହେଁ । ଜଗତ ଏହି ମୌଳିକ ତଥା ପ୍ରଧାନ ନିୟମଟି ଦ୍ୱାରା ପରିଚାଳିତ ହୁଏ । ଏହି ନିୟମ ଅନମନୀୟ, ଅପରିବର୍ତ୍ତନୀୟ । ଏହି ଅଭିନବ ନିୟମ ହିଁ ସ୍ଥୂଳ ଜଗତ ତଥା ସୂକ୍ଷ୍ମ ଅର୍ଥାତ୍ ମନଃ ଜଗତରେ କାର୍ଯ୍ୟ କରୁଛି । ଜଗତର କୌଣସିଟି ଘଟଣା ଏହି ବଳିଷ୍ଠ ନିୟମର ପ୍ରକ୍ରିୟାକୁ ଲଙ୍ଘନ କରି ନ ପାରେ । ଏହି ମୌଳିକ ନିୟମର ଅଧୀନରେ ହିଁ ପ୍ରକୃତିର ଅନ୍ୟ ସମସ୍ତ ନିୟମ କାର୍ଯ୍ୟ କରିଥାଏ ।

ଏକ ନିଶ୍ଚିତ ନିର୍ଦ୍ଦିଷ୍ଟ କାରଣ ନ ଥାଇ କୌଣସି ଘଟଣା ସଂଘଟିତ ହୁଏ ନାହିଁ । ଧୂମକେତୁ, ଭୂମିକମ୍ପ, ଅଗ୍ନି ଉଦ୍‌ଗୀରଣ, ବିଜୁଳି, ବଜ୍ରପାତ, ବନ୍ୟା-ବିପ୍ଳାତ, ଯୁଦ୍ଧବିଗ୍ରହ, ଶାରୀରିକ ରୋଗ, ଦୁର୍ବିପାକ, ସୌଭାଗ୍ୟ ଦୁର୍ଭାଗ୍ୟ ଆଦି ପ୍ରତ୍ୟେକଟି ବିଷୟ ପଛରେ ଗୋଟିଏ ଗୋଟିଏ ନିଶ୍ଚିତ ନିର୍ଦ୍ଦିଷ୍ଟ କାରଣ ରହିଛି ।

କ୍ରିୟା-ପ୍ରତିକ୍ରିୟା ନିୟମ, କ୍ଷତିପୂରଣ ନିୟମ ତଥା ଶାସ୍ତିବିଧାନ ନିୟମ ଏହି କାର୍ଯ୍ୟକାରଣ ନିୟମର ଅନ୍ତର୍ଗତ । ଏ ସମସ୍ତ ନିୟମକୁ ଗୋଟିଏ ବ୍ୟାପକ ଶିରୋନାମା ଦିଆଯାଇପାରେ, ସେହି ଶିରୋନାମାଟି ହେଉଛି 'କର୍ମବାଦ' ।

କ୍ରିୟା-ପ୍ରତିକ୍ରିୟା ନିୟମ— ଏହା ନିଶ୍ଚିତ ଯେ, ପ୍ରତ୍ୟେକ କ୍ରିୟାର ଗୋଟିଏ ପ୍ରତିକ୍ରିୟା ରହିଛି । ପୁଣି ସେହି ପ୍ରତିକ୍ରିୟାଟି ମୂଳ କ୍ରିୟାର ସମରୂପ ତଥା ସମତୁଲ୍ୟ । ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ କାମନା, ପ୍ରତ୍ୟେକ କଳ୍ପନା ଓ ପ୍ରତ୍ୟେକ ଭାବପ୍ରବଣତାର ପ୍ରତିକ୍ରିୟା ରହିଛି । ସଦ୍‌ଗୁଣ ପୁରସ୍କୃତ ହୁଏ, ଦୁର୍ଗୁଣ ଦଣ୍ଡିତ ହୁଏ—ଏହା ହିଁ କ୍ରିୟା-ପ୍ରତିକ୍ରିୟା ନିୟମର କାର୍ଯ୍ୟକାରିଣୀ ପଦ୍ଧତି ।

ଈଶ୍ୱର କୌଣସି ଦୁଷ୍ଟଙ୍କୁ ଦଣ୍ଡ ଦିଅନ୍ତି ନାହିଁ, କି କୌଣସି ଶିଷ୍ଟଙ୍କୁ ପୁରସ୍କାର ଦିଅନ୍ତି ନାହିଁ । ସେମାନଙ୍କର ନିଜର କର୍ମ ହିଁ ଏହିସବୁ ଫଳ ଦେଇଥାଏ । କ୍ରିୟା-ପ୍ରତିକ୍ରିୟାର ନିୟମ ହିଁ ଫଳଦାନ କରେ । ଏଥିପାଇଁ ଅନ୍ୟ କେହି ଦାୟୀ ନୁହନ୍ତି । କୌଣସି କାଳରେ, କୌଣସି କ୍ଷେତ୍ରରେ ଏହି ନିୟମର ବ୍ୟତିକ୍ରମ ଘଟେ ନାହିଁ । ନିଖୁଣ ଭାବରେ, ଯଥାଯଥଭାବରେ ବୈଜ୍ଞାନିକ ବିଶୁଦ୍ଧତା ରକ୍ଷା କରି ଏହି ନିୟମ ଉଭୟ ସ୍ଥୂଳ ଓ ମାନସିକ ଜଗତରେ ତାର କାର୍ଯ୍ୟ କରିଚାଲେ ।

କ୍ଷତିପୂରଣ ନିୟମ— ପ୍ରାକୃତିକ ଘଟଣା ରାଜ୍ୟରେ ସର୍ବଦା ଏକ କ୍ଷତିପୂରଣ ନିୟମ କାର୍ଯ୍ୟ କରିଚାଲିଛି । ବୀଜ ଫାଟିଯାଏ କିନ୍ତୁ ତା' ସ୍ଥାନରେ ଉତ୍ପନ୍ନ ହୁଏ ଏକ ବୃକ୍ଷ । ବୀଜ ଫାଟିବାରେ କୌଣସି କ୍ଷତି ହୁଏ ନାହିଁ, କାରଣ କ୍ଷତିପୂରଣ ନିୟମ ଅନୁଯାୟୀ ବୀଜ ସ୍ଥାନରେ ବୃକ୍ଷ ଉତ୍ପନ୍ନ ହୁଏ । ଜାଳେଣି ପଦାର୍ଥ ଜଳେ; ଜଳିବା ଦ୍ୱାରା ସେହି ପଦାର୍ଥ କ୍ଷୟ ହୁଏ । କିନ୍ତୁ କ୍ଷତିପୂରଣ ନିୟମଅନୁଯାୟୀ ସେହି କ୍ଷୟ ସ୍ଥାନରେ ଉତ୍ପନ୍ନ ହୁଏ ଉତ୍ତାପ ଏବଂ ସେହି ଉତ୍ତାପରେ ବିବିଧ ରନ୍ଧନ କାର୍ଯ୍ୟ ସମାପିତ ହୁଏ ।

ବେଜଓ୍ୱାଡାରେ ଭୀଷଣ ଗରମ ତ, ହିମାଳୟର କୈଳାସ ପର୍ବତରେ ବା ଉତ୍ତରକାଶୀରେ ଭୀଷଣ ଥଣ୍ଡା । ଏହା ହିଁ କ୍ଷତିପୂରଣ ନିୟମ । କୌଣସି ସ୍ଥାନରେ ଦଶଜଣ ଦୁରାଚାରୀ ଅଛନ୍ତି ତ, ସେମାନେ କରୁଥିବା କ୍ଷତିର ଭରଣପୂରଣପାଇଁ ଦୁଇଜଣ ସାତ୍ତ୍ୱିକସ୍ୱଭାବସମ୍ପନ୍ନ ବ୍ୟକ୍ତି ମଧ୍ୟ ଅଛନ୍ତି । ପୁରୀଠାରେ ଜୁଆର ଉଠୁଛି ତ, ଓ୍ୱାଲଟିୟର-ଠାରେ ଭଟ୍ଟା ପଡିଆସୁଛି । ଏହାହିଁ କ୍ଷତିପୂରଣ ନିୟମ । ଭାରତରେ ଦିନ ହୋଇଥିବା-ବେଳେ, ଅମେରିକାରେ ରାତି । ଯୁଦ୍ଧ ପରେ ପ୍ରତିଷ୍ଠିତ ହେଉଛି ଶାନ୍ତି ଏବଂ ଶାନ୍ତି ପରେ ମୁଣ୍ଡ ଟେକୁଛି ଯୁଦ୍ଧ । ଏହା ମଧ୍ୟ କ୍ଷତିପୂରଣ ନିୟମ । କ୍ଷତିପୂରଣ ନିୟମ ମାନସିକ ସ୍ତରରେ ମଧ୍ୟ କାର୍ଯ୍ୟ କରିଚାଲିଛି ।

କ୍ଷତିପୂରଣ ନିୟମ ପ୍ରକୃତିରେ ଶାନ୍ତି, ସୌହାର୍ଦ୍ଦ୍ୟ, ସମତା, ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ତଥା ନ୍ୟାୟ ପ୍ରତିଷ୍ଠା କରେ । ଗଭୀରଭାବରେ ଚିନ୍ତା କରନ୍ତୁ । ସମ୍ୟକ ଆଲୋଚନା କରନ୍ତୁ । ବିବେଚନା କରନ୍ତୁ । ଦେଖିବେ, ପ୍ରକୃତିର କାର୍ଯ୍ୟକଳାପ ମଧ୍ୟରେ ଏହି କ୍ଷତିପୂରଣ ନିୟମଟି ଅତି ଚମତ୍କାରଭାବରେ କାର୍ଯ୍ୟ କରିଚାଲିଛି । ଏ ନିୟମ ଅନମନୀୟ, ଅଲଂଘନୀୟ । ଏ ନିୟମ ଏପରି ଦୃଢ଼, ଏପରି କଠୋର ଯେ କେହି କେବେ ଏହାକୁ ଏଡ଼ାଇଦେଇ ପାରିବେ ନାହିଁ । ଯଦି କୌଣସି ମନ୍ଦ କର୍ମ କରିବସିବେ, ତେବେ କ୍ଷତିପୂରଣ ନିୟମ ଅନୁଯାୟୀ ନିଶ୍ଚିତଭାବରେ ମନ୍ଦଫଳ ଭୋଗ କରିବାକୁ ପଡ଼ିବ ।

ସାମୁହିକ ଦୃଷ୍ଟିରୁ ନ ଦେଖି ଆପଣ ଯଦି କୌଣସି ଜଣେ ବ୍ୟକ୍ତିର ଜୀବନକୁ ପୃଥକଭାବରେ ନିରୀକ୍ଷଣ କରିବେ, ତେବେ ଦେଖିବେ, ତାର ଜୀବନ-କାଳ ଦେହର ଜନ୍ମରୁ ଆରମ୍ଭ ହୋଇ ଦେହର ମୃତ୍ୟୁରେ ଶେଷ ହୋଇଯାଉଛି । ଫଳରେ ସେହି କାଳଟି ନିରୀକ୍ଷଣ କରି ଆପଣଙ୍କୁ ଜୀବନର ଅସଂଖ୍ୟ ଘଟଣା ସମ୍ବନ୍ଧରେ କୌଣସି ସଠିକ ବ୍ୟାଖ୍ୟା କିମ୍ବା ଉପଯୁକ୍ତ ସମାଧାନ ମିଳିପାରିବ ନାହିଁ । ଆପଣ କେବଳ ଅନ୍ଧାରରେ ବାଡ଼ି ବୁଲାଇ ବୁଲାଇ ନିଚ୍ଚାଣ ହୋଇଯିବେ । ଆତ୍ମାର ଅନନ୍ତ ଜୀବନକ୍ରମ ସମ୍ମୁଖରେ ଇହଜନ୍ମକାଳ ଅତି ନଗଣ୍ୟ । ଏ ଜୀବନ କ୍ଷଣିକ । ସେହି ବିରାଟ ଜୀବନରେ ଏହା ଏକ ଅତିକ୍ଷୁଦ୍ର ଅଂଶମାତ୍ର । କୌଣସି ବିଷୟର କାରଣ ବା ପୂର୍ବସମ୍ପର୍କ ଅନ୍ୱେଷଣ କରିବାକୁ ହେଲେ, ଆତ୍ମାର ସାମଗ୍ରିକ ଶାଶ୍ୱତ ଜୀବନକୁ ଗଭୀରଭାବରେ ବିଶ୍ଳେଷଣ କରିବାକୁ ପଡ଼ିବ । ତେବେ ଯାଇ କାର୍ଯ୍ୟକାରଣ ସମ୍ବନ୍ଧରେ କିପରି ସମତା ରକ୍ଷା ହୋଇଛି, ବର୍ତ୍ତମାନର ଫଳାଫଳ କିପରି ଅତୀତର କୃତକର୍ମ ସହିତ ସଂପୃକ୍ତ, ତାହା ଆପଣ ସ୍ପଷ୍ଟଭାବରେ ଦେଖିପାରିବେ । ଆତ୍ମାର ସାମୁହିକ ଶାଶ୍ୱତ ଜୀବନକୁ ଏକ ପ୍ରଶସ୍ତ ଦୃଷ୍ଟିକୋଣରୁ ବିଚାର କରିବାକୁ ପଡ଼ିବ । ଏହି ସ୍ଥୂଳଶରୀରଟି ବିନାଶ ସଙ୍ଗେ ସଙ୍ଗେ ଜୀବନ ଶେଷ ହୋଇ-ଯାଏ ନାହିଁ ; ଏହି ଦେହର ମୃତ୍ୟୁପରେ ଭବିଷ୍ୟତର ପୁନର୍ଜନ୍ମ ରହିଛି; ପୁଣି ଜୀବ ଅତୀତରେ ବହୁ ଜନ୍ମ ଭୋଗ କରିଥିଲା । ତେଣୁ ଆତ୍ମିକ ଜୀବନର ଏକ ପ୍ରଶସ୍ତତମ ଚିତ୍ର ନେଇ ବିଚାର କରିବାକୁ ପଡ଼ିବ । ତେବେ ଯାଇଁ ସମ୍ପର୍କଟି ସ୍ପଷ୍ଟ ହୋଇଯିବ ଏବଂ ଜୀବନର ଯାବତୀୟ ଗୂଢ଼ଜଟିଳ ସମସ୍ୟାର ଏକ ସମ୍ପୂର୍ଣ୍ଣ ତଥା ସନ୍ତୋଷ-ଜନକ ସମାଧାନ ମିଳିଯାଇପାରିବ । ଫଳରେ ଆଉ କୌଣସି ପ୍ରକାର ସନ୍ଦେହ, ପଶ୍ଚାତ୍ତାପ କିମ୍ବା ଭୁଲ-ବୁଝାମଣାପାଇଁ କୌଣସି କାରଣ ରହିବ ନାହିଁ ।

ଶାସ୍ତିବିଧାନ ନିୟମ— ଶାସ୍ତିବିଧାନ ନିୟମ ଅନୁଯାୟୀ ପ୍ରତ୍ୟେକ ଦୁଷ୍କର୍ମ ବା ଅପରାଧ ତା ନିଜପାଇଁ ଏକ ଦଣ୍ଡ ବା ଶାସ୍ତି ସୃଷ୍ଟି କରେ । କାର୍ଯ୍ୟ-

କାରଣ ନିୟମ, କ୍ରିୟା - ପ୍ରତିକ୍ରିୟା ନିୟମ ; କ୍ଷତିପୂରଣ ନିୟମ ଏବଂ ଶାସ୍ତି-ବିଧାନ ନିୟମ—ଏ ସମସ୍ତ ନିୟମ ଏକତ୍ର କାର୍ଯ୍ୟ କରନ୍ତି । ଯେ ଅନ୍ୟକୁ ଲୁଣ୍ଠନ କରେ, ସେ ପ୍ରଥମେ ନିଜକୁ ହିଁ ଲୁଣ୍ଠନ କରେ । ଯେ ଅନ୍ୟକୁ ଆଘାତ କରେ, ସେ ପ୍ରଥମେ ନିଜକୁ ହିଁ ଆଘାତ କରେ । ଯେ ଅନ୍ୟକୁ ଠକେ, ସେ ପ୍ରଥମେ ନିଜକୁ ହିଁ ଠକେ ।

ମନେ ରଖନ୍ତୁ ଯେ, ଈଶ୍ୱର କଦାପି ପକ୍ଷପାତିତା କରନ୍ତି ନାହିଁ, କି ଅନ୍ୟାୟ କରନ୍ତି ନାହିଁ । ଏହା ବି ମନେ ରଖନ୍ତୁ ଯେ, କାହାର ଧନସମ୍ପତ୍ତିପାଇଁ, କାହାର ଦାରିଦ୍ର୍ୟପାଇଁ ଈଶ୍ୱର ଦାୟୀ ନୁହନ୍ତି । ଆପଣ ନିଜର ଦୁଷ୍କୃତିପାଇଁ ଦୁଃଖ ଭୋଗ କରନ୍ତି ।

ଏ ଜଗତରେ କୌଣସି ଗୋଟିଏ ବି ଘଟଣା ବିଶୃଙ୍ଖଳଭାବରେ ବା ଖାମଖିଆଲଭାବରେ ଘଟିଯାଏ ନାହିଁ । ବିଶ୍ୱରେ ଯାହା କିଛି ଘଟୁଛି, ସେଥିରୁ କୌଣସିଟି ଦୈବାତ୍ ଘଟିଯାଉ ନାହିଁ ; କୌଣସିଟି ଘଟଣା କିଛି ନିୟମ - ପଦ୍ଧତି ନଥାଇ କାକତାଳୀୟ ନ୍ୟାୟରେ ଘଟିଯାଉ ନାହିଁ । ଘଟଣା ସବୁ ଏକ ନିର୍ଦ୍ଦିଷ୍ଟ ନିୟମିତ ଶୃଙ୍ଖଳାରେ ଗୋଟିଏ ପରେ ଗୋଟିଏ ହୋଇ କ୍ରମ ରକ୍ଷା କରି ଘଟିଚାଲିଛି । ଆପଣ ବର୍ତ୍ତମାନ ଯାହା କରୁଛନ୍ତି ଏବଂ ଭବିଷ୍ୟତରେ ଆପଣଙ୍କ-ପାଇଁ ଯାହା ଘଟିବ, ସେହି ଉଭୟ ବିଷୟ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମ୍ପର୍କ ରହିଛି । ତେଣୁ ଯାହା ଦିନେ ବୃକ୍ଷ ହୋଇ ଆପଣଙ୍କୁ ସୁସ୍ୱାଦୁ ଫଳ ପ୍ରଦାନ କରିବ, ଯାହା ଫଳରେ ଆପଣ ଇହକାଳରେ ଏବଂ ପରକାଳରେ ସୁଖ ଲାଭ କରିବେ, ବର୍ତ୍ତମାନ ସେହିପରି ବୀଜ ବପନ କରନ୍ତୁ ।

କର୍ମ କିପରି ସଙ୍ଗଠିତ ହୁଏ— ମନୁଷ୍ୟ ସ୍ୱଭାବତଃ ତିନୋଟି ତତ୍ତ୍ୱର ଏକ ସମାବେଶ । ତା'ଠାରେ ଇଚ୍ଛା, ଜ୍ଞାନ ଓ କ୍ରିୟାର ସମନ୍ୱୟ ଘଟିଛି । ଇଚ୍ଛା ହେଉଛି ଅଭିଲାଷ ବା ଅନୁଭବ । ଜାଣିବା ବା ବୁଝିପାରିବାକୁ ଜ୍ଞାନ ବୋଲିଯାଏ ଏବଂ କିଛି କରିବାପାଇଁ ସଂକଳ୍ପବଦ୍ଧ ହେବା ହେଉଛି କ୍ରିୟା । ଏହି ତିନି ତତ୍ତ୍ୱ ଏକତ୍ରିତ ହୋଇ କର୍ମର ସ୍ୱରୂପ ନିର୍ଣ୍ଣୟ କରନ୍ତି । ଚଉକି, ବୃକ୍ଷ ଇତ୍ୟାଦି ବସ୍ତୁକୁ ମନୁଷ୍ୟ ଜାଣିପାରେ । ଆନନ୍ଦ ଓ ନିରାନନ୍ଦ ସେ ଅନୁଭବ କରିପାରେ । ଏହା କରିବ ନା ତାହା କରିବ ବୋଲି ସେ ନିଜେ ସ୍ଥିର କରେ ବା ସଂକଳ୍ପ କରେ ।

କ୍ରିୟା ପଛରେ ଇଚ୍ଛା ଓ ଅଭିଲାଷ କାର୍ଯ୍ୟ କରୁଥାଏ । କୌଣସି ଗୋଟିଏ ବସ୍ତୁ ଲାଭ କରିବାକୁ ମନ ଭିତରେ ଏକ ଅଭିଲାଷ ଜାଗ୍ରତ ହୁଏ । ତା'ପରେ ସେ ବସ୍ତୁଟି କିପରି ମିଳିବ ସେଥିପାଇଁ ଚିନ୍ତା କରାଯାଏ । ତାପରେ ବସ୍ତୁଟି

ହସ୍ତଗତ କରିବାକୁ ଉଦ୍ୟମ ବା କାର୍ଯ୍ୟାରମ୍ଭ କରାଯାଏ । କାମନା, ଚିନ୍ତା ଓ କ୍ରିୟାର ସର୍ବଦା ଏକାଠି ସମାବେଶ ଘଟିଥାଏ । ସତେ ଯେପରି ସେଗୁଡ଼ିକ ଗୋଟିଏ ଦଉଡ଼ିର ତିନୋଟି ଖିଅ, ସେହି ତିନି ଖିଅକୁ ଏକାଠି କରି କର୍ମରୂପକ ଦଉଡ଼ିଟି ବଳା ଯାଇଥାଏ ।

କାମନା କର୍ମ ସୃଷ୍ଟି କରେ । କାମ୍ୟବସ୍ତୁ ଲାଭ ନିମିତ୍ତ ଆପଣ ଉଦ୍ୟମ କରି କର୍ମରେ ଲାଗିଯାଆନ୍ତି । କର୍ମ ତାର ଫଳ ଉତ୍ପନ୍ନ କରେ । ସେହି ଫଳ ସୁଖ କିମ୍ବା ଦୁଃଖ ପ୍ରଦାନ କରେ । ନିଜର କର୍ମଫଳ ଭୋଗ କରିବାଲାଗି ଆପଣଙ୍କୁ ଜନ୍ମ ପରେ ଜନ୍ମ ଗ୍ରହଣ କରିବାକୁ ପଡ଼େ । ଏହାକୁ କର୍ମାନୁବନ୍ଧନ ବା କର୍ମର ନିୟମ ବୋଲିଯାଏ ।

ସଂଚିତ, ପ୍ରାରବ୍ଧ ଓ କ୍ରିୟମାଣ କର୍ମ— କର୍ମ ତ୍ରିବିଧ ଯଥା ସଂଚିତ ଅର୍ଥାତ ସାଇତା ହୋଇ ରହିଥିବା କର୍ମସମୂହ, ପ୍ରାରବ୍ଧ ଅର୍ଥାତ୍ ଯେଉଁ କର୍ମ ପୂର୍ବେ କରାଯାଇଥିଲା ଓ ବର୍ତ୍ତମାନ ଫଳଦାନ କରିବାକୁ ଆରମ୍ଭ କଲାଣି ଏବଂ କ୍ରିୟମାଣ ଅର୍ଥାତ୍ ବର୍ତ୍ତମାନ କରାଯାଉଥିବା କର୍ମ ।

ଅତୀତ ଜୀବନମାନଙ୍କରୁ ସାଇତା ହୋଇ ରହିଥିବା କର୍ମ ସମୂହକୁ ସଂଚିତ କର୍ମ ବୋଲିଯାଏ । ସଂଚିତ କର୍ମର କେତେକାଂଶ ମନୁଷ୍ୟ ଚରିତ୍ରରେ ଅର୍ଥାତ୍ ତାର ଭାବ ବା କର୍ମପ୍ରବଣତା, ତାର ଅଭିରୁଚି, ତାର କର୍ମଦକ୍ଷତା, ତାର ପ୍ରବୃତ୍ତି ଓ ତାର ଅଭିଳାଷରେ ପ୍ରତିଫଳିତ ହୁଏ ।

ଅତୀତ କର୍ମର ଯେଉଁ ଅଂଶଟି ଫଳରେ ବର୍ତ୍ତମାନର ଏହି ଦେହଟି ମିଳିଛି, ସେହି ଅଂଶଟିର ନାମ ପ୍ରାରବ୍ଧ । ସେହି କର୍ମର ଫଳ ବର୍ତ୍ତମାନ ପୁଷ୍ଟପକ୍ୱ ହୋଇ ରହିଛି, ସେହି ଫଳ ଚାଖିବାକୁ ପଡ଼ିବ ଅର୍ଥାତ୍ ଭୋଗ କରିବାକୁ ପଡ଼ିବ । ତାହାକୁ ଏଡ଼ାଇଦେଇହେବ ନାହିଁ, କି ବଦଳାଇଦେଇହେବ ନାହିଁ । ଭୋଗ କରି କରି ସେ ଫଳକୁ ଶେଷ କରିବାକୁ ପଡ଼ିବ; ତାହା ଭୋଗ କରି ହିଁ ଆପଣଙ୍କୁ ନିଜର ଅତୀତ ଋଣଭାର ପରିଶୋଧ କରିବାକୁ ପଡ଼ିବ ।

ଯେଉଁ କର୍ମ ବର୍ତ୍ତମାନ କରାଯାଉଛି ଓ ଯାହା ଭବିଷ୍ୟତରେ ଫଳଦାନ କରିବ, ତାହା କ୍ରିୟମାଣ । ତାହାକୁ ଆଗାମୀ ବା ବର୍ତ୍ତମାନ କର୍ମ ବୋଲି ମଧ୍ୟ ବୋଲିଯାଏ ।

ଏହି ତ୍ରିବିଧ କର୍ମ ବୁଝାଇ ଦେବାଲାଗି ବେଦାନ୍ତ ସାହିତ୍ୟରେ ଗୋଟିଏ ସୁନ୍ଦର ଉଦାହରଣ ରହିଛି : ଜଣେ ଧନୁର୍ଦ୍ଧାରୀ ଗୋଟିଏ ଶର ନିକ୍ଷେପ କରି

ସାରିଛି; ଶରଟି ତ'ହାତରୁ ଛୁଟିଗଲାଣି, ସେ ଆଉ ସେହି ଶରଟି ଫେରାଇ ଆଣି ପାରିବ ନାହିଁ । ସେ ବର୍ତ୍ତମାନ ଆଉ ଗୋଟିଏ ଶର ନିକ୍ଷେପ କରିବାକୁ ପ୍ରସ୍ତୁତ । ତା ପିଠିରେ ଝୁଲୁଥିବା ତୂଣୀରରେ ଯେଉଁ ଶରଗୁଡ଼ିକ ରହିଛି, ସେଗୁଡ଼ିକ ହେଲା ସଂଚିତ । ସେ ଯେଉଁ ଶରଟି ନିକ୍ଷେପ କରିସାରିଲାଣି, ସେଇଟି ହେଉଛି ପ୍ରାରବ୍ଧ ଏବଂ ଯେଉଁ ଶରଟି ନିକ୍ଷେପ କରିବାଲାଗି ବର୍ତ୍ତମାନ ଗୁଣରେ ଚଢ଼ାଇଛି, ତାହା ଆଗାମୀ । ଏହି ତିନିପ୍ରକାର ଶର ମଧ୍ୟରୁ କେବଳ ସଂଚିତ ଓ ଆଗାମୀ ଏହି ଦୁଇପ୍ରକାର ଶର ଉପରେ ହିଁ ତାର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି । ପ୍ରାରବ୍ଧ ତାର କର୍ତ୍ତୃତ୍ୱର ବାହାରେ; ତାକୁ ପ୍ରାରବ୍ଧ ଫଳ ଭୋଗ କରିବାକୁ ହିଁ ପଡ଼ିବ । ଯେଉଁ ଅତୀତ କର୍ମ ବର୍ତ୍ତମାନ ଫଳଦାନ କରିବାକୁ ଆରମ୍ଭ କଲାଣି, ତାକୁ ଆଉ ଏଡ଼ାଇଦେଇହେବ ନାହିଁ ।

ସ୍ୱୟଂ ଈଶ୍ୱର ବା ଭଗବାନ ମଧ୍ୟ ପ୍ରାରବ୍ଧ ଏଡ଼ାଇଦେଇପାରିବେ ନାହିଁ । ନଳ, ରାମ, ଯୁଧିଷ୍ଠିର ଇତ୍ୟାଦିଙ୍କର ଅନନ୍ତ ଜ୍ଞାନ ଥିଲା, ଅଗାଧ ଶକ୍ତି ଥିଲା; ତଥାପି ସେମାନଙ୍କୁ ପ୍ରାରବ୍ଧ ଭୋଗ କରିବାକୁ ପଡ଼ିଲା । ନଳ ବନବାସ କରିବାକୁ ଚାହୁଁ ନ ଥିଲେ, ତଥାପି ସେ ବନବାସ କରିବାକୁ ବାଧ୍ୟ ହେଲେ; ତାଙ୍କର କର୍ମ ତାଙ୍କୁ ସେଥିପାଇଁ ବାଧ୍ୟ କଲା । କେବଳ ପ୍ରଭୁ ଶ୍ରୀରାମ ହିଁ ଅଯୋଧ୍ୟାର ରାଜା-ରୂପେ ଅଭିଷିକ୍ତ ହେବାର ଥିଲା, କିନ୍ତୁ ସେ ବନଗମନ କରିବାକୁ ବାଧ୍ୟ ହେଲେ । ଗାନ୍ଧିଜୀ ଚାହୁଁଥିଲେ, ସେ ଏକଶହ କୋଡ଼ିଏ ବର୍ଷ ବଞ୍ଚିବେ; ସେ ଏପରି ଗୁଳିବିଦ୍ଧ ହୋଇ ମରିବେ ବୋଲି କୌଣସି ଦିନ ଇଚ୍ଛା କରି ନ ଥିଲେ, ତଥାପି ତାଙ୍କର ପ୍ରାରବ୍ଧ କର୍ମ ସେପରି ଘଟାଇଦେଲା ।

ଭାଗ୍ୟ ଓ ଆତ୍ମପ୍ରଚେଷ୍ଟା— କର୍ମର ନିୟମ ଅନମନୀୟ, ଅପରିବର୍ତ୍ତନୀୟ ସତ, ତଥାପି ଭଗବତ୍ କରୁଣା ଲାଭପାଇଁ ମାର୍ଗ ରହିଛି । ଅନୁତାପ, ତପସ୍ୟା ଓ ଭକ୍ତି ଦ୍ୱାରା ଭଗବତ୍ କରୁଣା ମିଳିଥାଏ । ଅନୁତାପ କର୍ମନିୟମକୁ ବଦଳାଇପାରେ ନାହିଁ କିନ୍ତୁ ଅନ୍ୟ ସମସ୍ତ କର୍ମରୁ ଯେପରି ଫଳ ମିଳେ, ଅନୁତାପରୁ ମଧ୍ୟ ସେହିପରି ଫଳ ମିଳେ ।

ଯାହା ଭୋଗ କରିବାକୁ ଅଛି, ତାହା କେହି ଏଡ଼ାଇଦେଇପାରିବେ ନାହିଁ କିମ୍ବା ବଦଳାଇଦେଇ ପାରିବେ ନାହିଁ କିନ୍ତୁ ଉଦ୍ୟମ ଦ୍ୱାରା ଯେ ଅପକର୍ମ ଓ ମନ୍ଦ-ଫଳର ପୁନରାବୃତ୍ତି ନିଶ୍ଚିତଭାବରେ ରୋଧ କରାଯାଇପାରେ, ସେଥିରେ କୌଣସି ସନ୍ଦେହ ନାହିଁ ।

ଉଦ୍ୟମ ହିଁ ପୁରୁଷାର୍ଥ; ଭାଗ୍ୟ ହିଁ ପ୍ରାରବ୍ଧ । ଅତୀତ ଜନ୍ମର ପୁରୁଷାର୍ଥ ଇହଜନ୍ମର ପ୍ରାରବ୍ଧ ହୋଇ ଦେଖାଦିଏ । ଆଜିର ଉଦ୍ୟମ ଆଗାମୀ କାଲିର

ଭାଗ୍ୟରେ ପରିଣତ ହୁଏ । ଉଦ୍ୟମ ଓ ଭାଗ୍ୟ ଏକ ଓ ଅଭିନ୍ନ । ପ୍ରାରବ୍ଧ ଓ ପୁରୁଷାର୍ଥ ଗୋଟିଏ କଥାକୁ ବୁଝାଏ ; ସେହି ଦୁଇଟି ଶବ୍ଦ କେବଳ ଗୋଟିଏ ବିଷୟର ଦୁଇଟି ନାମ । ବର୍ତ୍ତମାନ କିଛି ସମୟ ପରେ ଅତୀତରେ ପରିଣତ ହୋଇଯାଏ ଏବଂ ଭବିଷ୍ୟତ କିଛି ସମୟପରେ ବର୍ତ୍ତମାନରେ ପରିଣତ ହୁଏ ଅଥଚ ଆମ ଆଗରେ ଯେପରି କେବଳ ବର୍ତ୍ତମାନ ହିଁ ବିଦ୍ୟମାନ, ଆମ ଆଗରେ ଠିକ୍ ସେହିପରି ପୁରୁଷାର୍ଥ ହିଁ ବିଦ୍ୟମାନ । ଈଶ୍ୱର ଯେତେବେଳେ ମନୁଷ୍ୟର ଅନ୍ତର ମଧ୍ୟରେ ରହି ପ୍ରେରଣା ଦିଅନ୍ତି, ସେତେବେଳେ ପୁରୁଷାର୍ଥ କରାହୁଏ । ସୁତରାଂ ଭଗବତ୍ କରୁଣା ହିଁ ପୁରୁଷାର୍ଥରେ ପରିଣତ ହୁଏ ।

ଗ୍ରୀଷ୍ମ, ବର୍ଷା ପ୍ରଭୃତି ପ୍ରାକୃତିକ ଘଟଣା ମନୁଷ୍ୟ-ନିୟନ୍ତ୍ରଣର ଅଧୀନ ନୁହେଁ । ତଥାପି ଚାଷୀ ତାର ଜମି ଚାଷ କରୁଛି; ସେ ପୁରୁଷାର୍ଥ ବା ଉଦ୍ୟମ କରି ଚାଲିଛି । ବର୍ଷା ଅଭାବରେ ଫସଲ ନଷ୍ଟ ହୋଇଯାଇପାରେ; ତଥାପି ଚାଷୀ ତାର ସାହସ ଛାଡ଼ୁନାହିଁ । ଭଲ ବର୍ଷା ହେବାପାଇଁ ସେ ଯାଗଯଜ୍ଞ ମଧ୍ୟ କରୁଛି, ପରିଶ୍ରମ ବି କରୁଛି ଏବଂ ଏସବୁ ଉଦ୍ୟମର ଫଳସ୍ୱରୂପ ସେ ଭଲ ଫସଲ ବି ଉଠାଉଛି । ଠିକ୍ ସେହିପରି ଯେଉଁ ମନ୍ଦ ପ୍ରାରବ୍ଧ ଆତ୍ମସାକ୍ଷାତ୍କାରର ପଥରୋଧ କରେ, ସେହି ମନ୍ଦ ପ୍ରାରବ୍ଧକୁ ଖଣ୍ଡନ କରିବା ଲାଗି ଯୋଗାଭ୍ୟାସ ହେଉଛି ଏକ ନିଶ୍ଚିତ ଆତ୍ମପ୍ରଚେଷ୍ଟା । ପ୍ରାରବ୍ଧ ଶକ୍ତିଶାଳୀ ସତ, କିନ୍ତୁ ଯୋଗ ତା'ଠାରୁ ଅଧିକ ଶକ୍ତିଶାଳୀ ।

ଭାବ ଜଣେ କୃଷକପରି । କୃଷକର ଖଣ୍ଡିଏ ଜମି ଅଛି । ସେହି ଜମି ଖଣ୍ଡକର ପରିମାଣ, ସେହି ମାଟିର ପ୍ରକାର ଓ ସେହି ସ୍ଥାନର ଜଳବାୟୁ ପୂର୍ବରୁ ନିର୍ଦ୍ଧାରିତ ହୋଇ ରହିଛି । କିନ୍ତୁ କୃଷକ ସେହି ଜମି ଖଣ୍ଡିକ କିପରି ବ୍ୟବହାର କରିବ, ତାହା ତା' ଉପରେ ଛାଡ଼ିଦିଆଯାଇଛି । ତା'ପାଇଁ କିଛି ବାରଣ ନାହିଁ; ସେ ଇଚ୍ଛା କଲେ ଜମିଟି ଚାଷ କରି ଖତସାର ଦେଇ ସେଥିରୁ ଭଲ ଫସଲ ଗଣ୍ଡିଏ ଉଠାଇପାରେ; ନା ଯଦି ତାର ଇଚ୍ଛା ନାହିଁ ତେବେ ଜମି ଖଣ୍ଡିକ ପଡ଼ିଆ ପକାଇଦେଇପାରେ ।

ପ୍ରାରବ୍ଧ କେବଳ ଅତୀତ ସହିତ ସଂପୃକ୍ତ । ଭବିଷ୍ୟତ ଆପଣଙ୍କ ନିଜ ହାତରେ । ଆପଣ ନିଜର ଭାଗ୍ୟ ବଦଳାଇ ଦେଇ ପାରିବେ । ଆପଣ ସ୍ୱେଚ୍ଛାରେ କାର୍ଯ୍ୟ କରିପାରିବେ ।

ଏକ ନୂତନ ଦୃଷ୍ଟିକୋଣ ଗ୍ରହଣ କରନ୍ତୁ । ସୂକ୍ଷ୍ମ ବିବେକ, ତୀକ୍ଷ୍ଣ ଅନ୍ତର୍ଦୃଷ୍ଟି, ଅତୁଟ ଉତ୍ସାହ, ସାନନ୍ଦ ଆଗ୍ରହ ଓ ଅନାବିଳ ପ୍ରଫୁଲ୍ଲତାରେ ଭୂଷିତ

ହୁଅନ୍ତୁ । ଆପଣଙ୍କପାଇଁ ଏକ ଗୌରବମୟ ଉଜ୍ଜ୍ୱଳ ଭବିଷ୍ୟତ ଅପେକ୍ଷା କରିଛି । ଅତୀତ ମୁହଁରେ ନିଆଁ ପଡ଼ୁ । ଆପଣ ଅଦ୍ଭୁତକର୍ମ କରିପାରିବେ । ଆପଣ ଆଶ୍ଚର୍ଯ୍ୟକର କାର୍ଯ୍ୟ କରିପାରିବେ । ଆଶା ଛାଡ଼ନ୍ତୁ ନାହିଁ । ଇଚ୍ଛାଶକ୍ତି ବଳରେ ଆପଣ ମନ୍ଦ ଗ୍ରହର କୁପ୍ରଭାବ ଦୂର କରିଦେଇପାରିବେ । ଆପଣ ପ୍ରକୃତି ଓ ପ୍ରାକୃତିକ ଶକ୍ତିସମୂହକୁ ନିଜ ଆୟତ୍ତରେ ରଖିଦେଇପାରିବେ । ଆପଣଙ୍କ ବିରୁଦ୍ଧରେ ଯଦି କୌଣସି ଗୁପ୍ତଶକ୍ତି କାର୍ଯ୍ୟ କରୁଥାଏ, ଆପଣଙ୍କ ଉପରେ ଯଦି କୌଣସି ଶତ୍ରୁର ମନ୍ଦ ପ୍ରଭାବ ପଡ଼ୁଥାଏ, ତେବେ ଆପଣ ସେହି ସମସ୍ତ ଅମଙ୍ଗଳ ବିନାଶ କରିଦେଇପାରିବେ । ଆପଣ ସକଳ ପ୍ରତିକୂଳ ପରିସ୍ଥିତିକୁ ପ୍ରଶସ୍ତ ଅନୁକୂଳ ପରିସ୍ଥିତିରେ ବଦଳାଇଦେଇପାରିବେ । ଫଳତଃ ଆପଣ ଭାଗ୍ୟକୁ ନିରସ୍ତ୍ର କରିଦେଇ-ପାରିବେ ।

"ମୋ କର୍ମକୁ ଧିକ୍ ! ମୋ କର୍ମକୁ ଏଇଆ ଫଳିବାକୁ ଥିଲା !!" ଏପରି କଥା ମୁହଁରେ ଧରନ୍ତୁ ନାହିଁ । ଉଦ୍ୟମ କରନ୍ତୁ । ଅନାହତ ଉଦ୍ୟମ କରନ୍ତୁ । ପୁରୁଷାର୍ଥ କରନ୍ତୁ । ତପସ୍ୟା କରନ୍ତୁ । ଏକାଗ୍ର ହୁଅନ୍ତୁ । ନିଜକୁ ପବିତ୍ର କରନ୍ତୁ । ଧ୍ୟାନ କରନ୍ତୁ । ଭାଗ୍ୟବାଦୀ ହୋଇଯାଅନ୍ତୁ ନାହିଁ । ନିଷ୍କ୍ରିୟତା, ନିଶ୍ଚେଷ୍ଟତା ନିକଟରେ ପରାଜୟ ସ୍ୱୀକାର କରନ୍ତୁ ନାହିଁ । ମେଣ୍ଢାପରି ଆର୍ତ୍ତନାଦ କରନ୍ତୁ ନାହିଁ । ଏକ ବେଦାନ୍ତ-ସିଂହପରି ଓଁକାର ଉତ୍ତୋଳନ କରନ୍ତୁ । ଯେଉଁ ମାର୍କଣ୍ଡେୟଙ୍କ ଭାଗ୍ୟରେ କେବଳ ଷୋହଳ ବର୍ଷ ବୟସରେ ମୃତ୍ୟୁବରଣ କରିବେ ବୋଲି ଲେଖାଯାଇଥିଲା, ସେହି ମାର୍କଣ୍ଡେୟ କିପରି ତପସ୍ୟା ବଳରେ ଷୋଡ଼ଶବର୍ଷୀୟମାନ ଏକ ଚିରଞ୍ଜୀବୀ ବାଳକ ହୋଇପାରିଲେ, ତାହା ବିଚାର କରନ୍ତୁ । ପୁଣି ସାବିତ୍ରୀ କିପରି ତପସ୍ୟା ବଳରେ ନିଜର ମୃତସ୍ୱାମୀଙ୍କୁ ସଞ୍ଜୀବିତ କରିଦେଇ ପାରିଲେ, ତାହା ସ୍ମରଣ କରନ୍ତୁ । ବେଞ୍ଜାମିନ୍ ଫ୍ରାଙ୍କଲିନ କିପରି ସୁନାମଧନ୍ୟ ହୋଇପାରିଲେ, ମାନ୍ଦ୍ରାଜ ହାଇକୋର୍ଟର ଶ୍ରୀ ମୁଥୁସ୍ୱାମୀ ଆୟାର କିପରି ଉନ୍ନତର ଶୀର୍ଷସ୍ଥାନକୁ ଉଠିପାରିଲେ, ସେ ବିଷୟ ମଧ୍ୟ ସ୍ମରଣ କରନ୍ତୁ । ବନ୍ଧୁଗଣ, ସ୍ମରଣ ରଖନ୍ତୁ ଯେ, ମନୁଷ୍ୟ ହିଁ ତାର ନିଜ ଭାଗ୍ୟର ବିଧାତା । ବିଶ୍ୱାମିତ୍ର ପ୍ରଥମେ ମାତ୍ର ଜଣେ କ୍ଷତ୍ରିୟ ରାଜା ଥିଲେ । କିନ୍ତୁ ସ୍ୱୀୟ ତପସ୍ୟା ବଳରେ ସେ ଯେ କେବଳ ବଶିଷ୍ଠଙ୍କପରି ଜଣେ ବ୍ରହ୍ମର୍ଷି ହୋଇପାରିଥିଲେ, ତା'ନୁହେଁ; ସେ ତ୍ରିଶଙ୍କୁଙ୍କପାଇଁ ଏକ ତୃତୀୟ ଜଗତ ମଧ୍ୟ ସୃଷ୍ଟି କରିଦେଇପାରିଥିଲେ । ତପସ୍ୟା ବଳରେ ଦସ୍ୟୁ ରତ୍ନାକର ପରିଣତ ହୋଇଗଲେ ଋଷି ବାଲ୍ମୀକିରେ । ମଦ୍ୟପ ଜଗାଇ ମାଧାଇ ମଧ୍ୟ ପରିଣତ ହୋଇପାରିଲେ ମହାନ ସାଧୁରେ; ସେମାନେ ଶ୍ରୀ ଗୌରାଙ୍ଗ ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କର ଶିଷ୍ୟତ୍ୱ ଗ୍ରହଣ କରି ଜଗତରୁ ଉଦ୍ଧାର ପାଇଯାଇଥିଲେ ।

ଅନ୍ୟମାନେ ଯାହା କରିପାରିଛନ୍ତି, ଆପଣ ବି ଯେ ତାହା କରିପାରିବେ, ସେଥିରେ ସନ୍ଦେହ କରିବାର କ'ଣ ଅଛି ?

ଭାଗ୍ୟ କିପରି ଗଠିତ ହୁଏ—ଚିନ୍ତାନୁରୂପ କର୍ମ । ଚିନ୍ତା ବା ବିଚାର ହିଁ ପ୍ରକୃତ କର୍ମ । ବିଚାର ହିଁ ଚରିତ୍ର ନିର୍ମାଣ କରେ । ବିଚାର ବା ଭାବନା ଚରିତାର୍ଥ ହୋଇ କାର୍ଯ୍ୟରେ ପରିଣତ ହୁଏ । ଆପଣ ଯଦି ମନକୁ ସତ୍ ଓ ଉନ୍ନତ ଚିନ୍ତାରେ ନିମଗ୍ନ ହେବାକୁ ଦେବେ, ତେବେ ଆପଣଙ୍କର ଚରିତ୍ର ମହତ୍ ହେବ; ଆପଣ ସ୍ୱଭାବତଃ ମହତ୍ କାର୍ଯ୍ୟ କରିପାରିବେ । କିନ୍ତୁ ଆପଣ ଯଦି ମନକୁ ଅସତ୍‌ଚିନ୍ତାରେ ଜଡ଼ିତ ରଖିବେ, ତାହାହେଲେ ଆପଣଙ୍କର ଚରିତ୍ର କ୍ରମଶଃ ଅସତ୍ ହୋଇଯିବ ଏହା ପ୍ରକୃତିର ଏକ ଅଲଙ୍ଘନୀୟ ନିୟମ । ସୁତରାଂ ଆପଣ ମଙ୍ଗଳକର ଚିନ୍ତାରେ ମନୋନିବେଶ କରି ନିଜର ଚରିତ୍ର ନିର୍ମାଣ କରିପାରିବେ; ଏହା ଆପଣଙ୍କର ନିଜ ହାତର କଥା ।

ଯେପରି କର୍ମରୂପକ ବୀଜ ବପନ କରିବେ, ସେପରି ସ୍ୱଭାବରୂପକ ଫଳ ଲାଭ କରିବେ । ଯେଉଁପରି ସ୍ୱଭାବରୂପକ ବୀଜ ବପନ କରିବେ, ସେହିପରି ଚରିତ୍ରରୂପକ ଫଳ ଲାଭ କରିବେ ଏବଂ ଯେଉଁପରି ଚରିତ୍ରରୂପକ ବୀଜ ବପନ କରିବେ, ସେହିପରି ଭାଗ୍ୟରୂପକ ଫଳ ଲାଭ କରିବେ । ସୁତରାଂ ଭାଗ୍ୟକୁ ଆପଣ ନିଜ ହାତରେ ଗଢ଼ିଛନ୍ତି । ମହତ୍‌ଚିନ୍ତାରେ ମନୋନିବେଶ କରି, ସତ୍‌କାର୍ଯ୍ୟ କରି ଏବଂ ନିଜର ଚିନ୍ତାଧାରା ପରିବର୍ତ୍ତନ କରି ଆପଣ ନିଜେ ନିଜର ଭାଗ୍ୟ ବଦଳାଇଦେଇ ପାରିବେ ।

ମନୁଷ୍ୟ ଉପରେ ତାର କୃତକର୍ମର ପ୍ରଭାବ ପଡ଼େ; ଶ୍ରେଷ୍ଠ ବଡ଼ ଆଦି ବିଭିନ୍ନ କର୍ମର ପ୍ରଭାବ ଏକତ୍ରିତ ହୋଇ ବ୍ୟକ୍ତିର ପ୍ରବଣତା ସୃଷ୍ଟି କରନ୍ତି ଏବଂ ପ୍ରବଣତା ବିକଶିତ ହୋଇ ଚରିତ୍ରରେ ପରିଣତ ହୁଏ । ଚରିତ୍ର ଇଚ୍ଛାଶକ୍ତି ଗଠନ କରେ । ଯେଉଁ ବ୍ୟକ୍ତିର ଚରିତ୍ର ଦୃଢ଼, ତାର ଇଚ୍ଛାଶକ୍ତି ମଧ୍ୟ ଦୃଢ଼ । ତେଣୁ ଦେଖିଥିବେ, କର୍ମ ଚରିତ୍ର ନିର୍ମାଣ କରେ ଏବଂ ଚରିତ୍ର ଇଚ୍ଛାଶକ୍ତି ନିର୍ମାଣ କରେ । ଅଗଣିତ ଅତୀତ ଜୀବନର ଏକନିଷ୍ଠ କର୍ମ ଦ୍ୱାରା କେତେକ ଲୋକଙ୍କର ଇହଜନ୍ମର ପ୍ରବଳ ଇଚ୍ଛାଶକ୍ତି ଗଠିତ ହୋଇଥାଏ । ମନୁଷ୍ୟ ଗୋଟିଏ ଜନ୍ମର କର୍ମବଳରେ ଇଚ୍ଛା-ଶକ୍ତି ଦୃଢ଼ କରି ନ ପାରେ । ସେ ଜୀବନ ଜୀବନ ଧରି ଅତୀତରେ ବହୁ ସତ୍‌କର୍ମ କରିଥାଏ । ସେହିସବୁ କର୍ମର ଶକ୍ତି କ୍ରମଶଃ ସଞ୍ଚିତ ହୋଇ ହୋଇ ବଳିଷ୍ଠରୁ ବଳିଷ୍ଠତର ହୋଇଚାଲିଥାଏ । ଜନ୍ମ ଜନ୍ମ ଧରି ଏହିପରି ବଳିଷ୍ଠ ହେଉ ହେଉ ଇଚ୍ଛାଶକ୍ତି ଯେତେବେଳେ ଅତି ବଳିଷ୍ଠ ହୋଇଯାଏ, ସେତେବେଳେ ଅତୀତର ସେହି ସଂଗ୍ରାମଶୀଳ ମନୁଷ୍ୟ କୌଣସି ଏକ ଜନ୍ମରେ ଜଣେ ବିଶ୍ୱବିଖ୍ୟାତ ବୁଦ୍ଧ, ଯୀଶୁ ବା

ଶଙ୍କରରୂପରେ ଆତ୍ମପ୍ରକାଶ କରେ । କୌଣସି କର୍ମ ବ୍ୟର୍ଥ ହୁଏ ନାହିଁ; କୌଣସି କର୍ମ ନଷ୍ଟ ହୁଏ ନାହିଁ । ଧୈର୍ଯ୍ୟପୂର୍ଣ୍ଣ ଆକ୍ଳାନ୍ତ ଉଦ୍ୟମ ଆବଶ୍ୟକ । ଆପଣଙ୍କୁ ପ୍ରତ୍ୟେକ ଚିନ୍ତା, ପ୍ରତ୍ୟେକ ବାକ୍ୟ ଓ ପ୍ରତ୍ୟେକ କର୍ମରେ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ।

ମନୁଷ୍ୟର ଇଚ୍ଛାଶକ୍ତି ସର୍ବଦା ସ୍ୱାଧୀନ । କିନ୍ତୁ ବ୍ୟକ୍ତିର ସ୍ୱାର୍ଥପରତାବଶତଃ ସେହି ଶକ୍ତି ଅବିଶୁଦ୍ଧ ହୋଇଯାଏ । ମନୁଷ୍ୟ ଯଦି ନିଜର ନୀଚ ବାସନା ଓ ହୀନ ଅଭିରୁଚି ପରିତ୍ୟାଗ କରିଦେବ, ତେବେ ସେ ତାର ଇଚ୍ଛାଶକ୍ତିକୁ ଶୁଦ୍ଧସୁଦୃଢ଼ କରିଦେଇପାରିବ ।

ମନୁଷ୍ୟ ନିଜେ ନିଜର ଭାଗ୍ୟବିଧାତା— ଆପଣ କୌଣସି ପରିବେଶ ବା ପରିସ୍ଥିତି ଦ୍ୱାରା ସୃଷ୍ଟ ଜୀବ ନୁହନ୍ତି । ଆପଣ ହିଁ ଆପଣଙ୍କର ଭାଗ୍ୟବିଧାତା । ଆପଣ ଆପଣଙ୍କ ଭାଗ୍ୟ ନିର୍ମାଣ କରିଛନ୍ତି । ଆପଣଙ୍କ ଦୁଃଖ ଯନ୍ତ୍ରଣାପାଇଁ ଆପଣ ନିଜେ ଦାୟୀ । ଆପଣଙ୍କର ବର୍ତ୍ତମାନ ଅବସ୍ଥାଲାଗି ଆପଣ ନିଜେ ଦାୟୀ । ଯଦି ଆପଣ ଅତି ସୁଖରେ ନ ଥାନ୍ତି, ତେବେ ଜାଣନ୍ତୁ ଯେ, ତାହା ଆପଣଙ୍କ ନିଜର କୃତକର୍ମର ଫଳ । ଯଦି ଆପଣ ଦୁଃଖଯନ୍ତ୍ରଣାରେ ରହିଛନ୍ତି, ତାହା ବି ଆପଣଙ୍କ ନିଜର କୃତକର୍ମ । ଶୀଘ୍ର ହେଉ ବା ବିଳମ୍ବରେ ହେଉ, ପ୍ରତ୍ୟେକ କାର୍ଯ୍ୟର ପ୍ରତିଫଳ ଫଳିବ ହିଁ ଫଳିବ । ସତ୍‌କର୍ମର ଫଳସ୍ୱରୂପ ଆନନ୍ଦ ଲାଭ ହେବ; ଅସତ୍‌କର୍ମରୁ ଭୋଗ କରିବାକୁ ପଡ଼ିବ ଦୁଃଖ ଓ ଯନ୍ତ୍ରଣା ।

ଅତୀତ ଜନ୍ମର ଦାନଧର୍ମରୁ ଇହଜନ୍ମରେ ଧନରତ୍ନ ପ୍ରାପ୍ତି ହୁଏ । ଅତୀତ ଜନ୍ମରେ ଜନସେବା କରିଥିଲେ, ଇହଜନ୍ମରେ ଜନନାୟକ ହେବାର ସୁଯୋଗ ମିଳେ । ଅତୀତ ଜନ୍ମର ଦୃଢ଼ ଚିନ୍ତାଧାରା ଇହଜନ୍ମର ମହତ୍ ଚରିତ୍ରରେ ପ୍ରକାଶିତ ହୁଏ । ଅତୀତଜନ୍ମର ପ୍ରବଣତା ଇହଜନ୍ମର ପାରଗତାରେ ପର୍ଯ୍ୟବସିତ ହୁଏ । ଅତୀତ ଜନ୍ମର ସତ୍‌କର୍ମ ଇହଜନ୍ମରେ ସତ୍ ପରିବେଶ ପ୍ରଦାନ କରେ । ଅତୀତ ଜନ୍ମର ଅନୁଭୂତି ଇହଜନ୍ମର ବିବେକରେ ପ୍ରକାଶିତ ହୁଏ । ଅତୀତ ଜନ୍ମର ନିଃସ୍ୱାର୍ଥପର କର୍ମନିଚୟ ଈଶ୍ୱରକୃପାରୁ ଇହଜନ୍ମରେ ବିବେଚନା-ଜ୍ଞାନ, ନିରପେକ୍ଷତା ତଥା ଉଚ୍ଚାଭିଳାଷ ପ୍ରଦାନ କରେ ।

ଆପଣ ଯଦି ଇହଜନ୍ମରେ କାହାକୁ ନିର୍ଯାତନା ଦିଅନ୍ତି, ତେବେ ପରଜନ୍ମରେ ଆପଣଙ୍କୁ ନିର୍ଯାତନା ମିଳିବ ଏବଂ ସେତେବେଳେ ଆପଣଙ୍କୁ ଇହଜନ୍ମରେ ବୁଣିଥିବା ବିହନର ଫଳ ଦାଇବାକୁ ହିଁ ପଡ଼ିବ । ଯଦି କୌଣସି ଲୋକର ଆଖି ଫୋଡ଼ିଦିଅନ୍ତି, ତେବେ ପରଜନ୍ମରେ ଆପଣଙ୍କ ଆଖି ଫୋଡ଼ିଦିଆଯିବ, ଯଦି କୌଣସି ଲୋକର

ଗୋଡ଼ ଭାଙ୍ଗିଦିଅନ୍ତି, ତେବେ ପରଜନ୍ମରେ ଆପଣଙ୍କ ଗୋଡ଼ ମଧ୍ୟ ଭାଙ୍ଗିଯିବ। ଯଦି ଦରିଦ୍ରମାନଙ୍କୁ ଭୂରିଭୋଜନ ଦେବେ, ପରଜନ୍ମରେ ଖାଦ୍ୟପେୟର ଅଭାବ ରହିବ ନାହିଁ। ଯଦି ସର୍ବସାଧାରଣଙ୍କ ନିମନ୍ତେ ଧର୍ମଶାଳା ଓ ବିଶ୍ରାମଗୃହ ନିର୍ମାଣ କରିବେ, ତେବେ ପରଜନ୍ମରେ ବହୁ ଗୃହସମ୍ପଦର ଅଧିକାରୀ ହେବ। କ୍ରିୟା ଓ ପ୍ରତିକ୍ରିୟା ଉଭୟର ଶକ୍ତି ସମାନ ଏବଂ ଲକ୍ଷଣ ବିପରୀତ। ଜଗତରେ ଏପରି କୌଣସି ଶକ୍ତି ନାହିଁ, ଯାହା କି କର୍ମକୁ ତାର ଫଳଦାନରୁ ବିରତ କରିପାରିବ। ଏହା ହିଁ କର୍ମର ନିୟମ; ଏହା ହିଁ ଜନ୍ମମୃତ୍ୟୁର ନିୟମ। ଆପଣଙ୍କୁ ଏହି ନିୟମ-ଚକ୍ରଭିତର ଦେଇ ହିଁ ଯିବାକୁ ପଡ଼ିବ।

ତ୍ରିବିଧ କର୍ମ— କର୍ମ ତ୍ରିବିଧ ଯଥା ସତ୍, ଅସତ୍ ଓ ମିଶ୍ରିତ। ସତ୍‌କର୍ମ ଆପଣଙ୍କୁ ସ୍ୱର୍ଗର ଦେବତା ବା ଦେବଦୂତ କରିଦେବ; ଅସତ୍ କର୍ମ ନୀଚଯୋନିରେ ନିକ୍ଷେପ କରିବ; ମିଶ୍ରିତ କର୍ମ ନରଜନ୍ମ ପ୍ରଦାନ କରିବ। ଅନ୍ୟମାନଙ୍କୁ ଲୁଣ୍ଠନ କରି ଦରିଦ୍ରମାନଙ୍କୁ ଦାନ କରିବା ଏକ ପାପପୂର୍ଣ୍ଣ ମିଶ୍ରିତ କର୍ମ। ଅନ୍ୟାୟ ମାର୍ଗରେ ଧନ ଉପାର୍ଜନ କରି ମନ୍ଦିର ବା ଚିକିତ୍ସାଳୟ ନିର୍ମାଣ କରିବା ଏକ ପାପପୂର୍ଣ୍ଣ ମିଶ୍ରିତ କର୍ମ। ଅନ୍ୟମାନଙ୍କୁ ଭଣ୍ଡି ଧନସଂଗ୍ରହ କରି ସାଧୁସନ୍ନ୍ୟାସୀମାନଙ୍କ ନିମନ୍ତେ ଆଶ୍ରମ ଗଢିବା ମଧ୍ୟ ଏକ ମିଶ୍ରିତ କର୍ମ।

ପ୍ରତ୍ୟେକ କାର୍ଯ୍ୟରେ ଭଲ ଓ ମନ୍ଦ ମିଶି ରହିଛି। ଜଗତରେ ଏପରି କୌଣସି କର୍ମ ନାହିଁ, ଯାହା ସମ୍ପୂର୍ଣ୍ଣରୂପେ ସତ୍ ବା ସମ୍ପୂର୍ଣ୍ଣରୂପେ ଅସତ୍। ଏହି ସ୍ଥୂଳଜଗତ ହେଉଛି ଏକ ଆପେକ୍ଷିକ କ୍ଷେତ୍ର; ଏ ଜଗତରେ ଆପଣ ଯଦି ଏକ କର୍ମ କରିବେ, ତେବେ ତାହା ଏକ ସ୍ଥାନରେ କିଛି ମଙ୍ଗଳ ସାଧନ କରିବ ତ, ଅନ୍ୟ ଏକ ସ୍ଥାନରେ କିଛି ଅମଙ୍ଗଳ ସାଧନ କରିବ। ତେଣୁ ଆପଣଙ୍କୁ ସତ୍ ଭାବନାର ସହିତ ଏପରି କର୍ମ କରିବାକୁ ପଡ଼ିବ, ଯାହା ଫଳରେ କି ସର୍ବାଧିକ ମଙ୍ଗଳ ସାଧିତ ହେବ ଓ ସର୍ବନ୍ୟୂନ ଅମଙ୍ଗଳ ସାଧିତ ହେବ।

କର୍ମ ନିୟମର ସତ୍ୟତା— କର୍ମବାଦ ବେଦାନ୍ତର ଏକ ଅଭିନ୍ନ ଅଂଶ। କର୍ମାନୁବନ୍ଧ କେବଳ ହିନ୍ଦୁଧର୍ମରେ ନୁହେଁ, ବୌଦ୍ଧ ଓ ଜୈନ ଧର୍ମରେ ମଧ୍ୟ ଏହା ଏକ ମୌଳିକ ତତ୍ତ୍ୱ।

ବୋଇଥିଲେ ଦାଇ ଅର୍ଥାତ୍ ଯେପରି ବିହନ ବୁଣିଥିବ, ସେପରି ଫଳ ଫଳିବ। ଏହା ହିଁ କର୍ମର ନିୟମ। ଏହା ହିଁ ଜୀବନର ସମସ୍ତ ଗୂଢ଼ ରହସ୍ୟର ସରଳ ବ୍ୟାଖ୍ୟା, ବିଶ୍ୱର ସମସ୍ତ ପ୍ରହେଳିକାର ସରଳ ସମାଧାନ। ଏହି ନିୟମ

ଜଗତର ପ୍ରତ୍ୟେକଙ୍କୁ ସୁଖ, ସନ୍ତୋଷ ଓ ସାନ୍ତ୍ୱନା ପ୍ରଦାନ କରେ । ଏହା ଏକ ସ୍ୱୟଂସିଦ୍ଧ ସତ୍ୟ । ସୌଭାଗ୍ୟର ବିଷୟ ଯେ, ପାଶ୍ଚାତ୍ୟ ଦେଶବାସୀମାନେ ମଧ୍ୟ ଏହି ସତ୍ୟର ଗୁରୁତ୍ୱ ଉପଲବ୍‌ଧି କଲେଣି; ଏହି ନିୟମର ସତ୍ୟତା ସ୍ୱୀକାର କଲେଣି । ବର୍ତ୍ତମାନ ଆମେରିକାର ଅଧିବାସୀମାନଙ୍କର ଏହି ମତବାଦରେ ପୂର୍ଣ୍ଣ-ବିଶ୍ୱାସ ଆସିଗଲାଣି । ଯେଉଁମାନେ ବୁଦ୍ଧିମାନ, ସେମାନେ ନିଶ୍ଚିତଭାବରେ ଏହି ସତ୍ୟ ଗ୍ରହଣ କରିବେ; ଏହାକୁ ଛାଡ଼ିଦେଲେ, ଅନ୍ୟ ପନ୍ଥା ନାହିଁ ।

ଯେଉଁମାନେ ନିରାଶ-ହତାଶ ହୋଇଯାଇଛନ୍ତି, ଯେଉଁମାନେ ଦୁର୍ଗ୍‌ଣଦୁଷ୍ଟ ହୋଇପଡ଼ିଛନ୍ତି, ସେମାନେ ଏହି କର୍ମ-ନିୟମକୁ ଗମ୍ଭୀରଭାବରେ ଅନୁଧ୍ୟାନ କଲେ, ସେମାନଙ୍କ ମନରେ ଆଶା ଓ ଉତ୍ସାହ ସଞ୍ଚାର ହେବ । ମନୁଷ୍ୟର ବିଚାର, ସ୍ୱଭାବ ଓ ଚରିତ୍ର ହିଁ ତାର ଭାଗ୍ୟ ନିର୍ମାଣ କରିଥାଏ । ତେଣୁ ମନୁଷ୍ୟ ନିଜର ଚିନ୍ତା ଓ କର୍ମକୁ ଉନ୍ନତ କରି, ନିଜର ସ୍ୱଭାବ ଓ ଚରିତ୍ର ସଂଶୋଧନ କରି ନିଜର ଭାଗ୍ୟ ସଂଶୋଧନ କରିପାରେ; ନିଜର ଭାଗ୍ୟର ଉନ୍ନତି ସାଧନ କରିପାରେ; ଦୁର୍ଜନ ସାଧୁରେ ପରିଣତ ହୋଇପାରେ; ବେଶ୍ୟା ସତୀସାଧ୍ୱୀ ହୋଇଯାଇ ପାରେ; ଭିକ୍ଷୁକ ରାଜା ହୋଇଯାଇ ପାରେ । ଏହି ସବୁ ସଂଘଟନ ସେହି ବଳିଷ୍ଠ କର୍ମ-ନିୟମର ଅନ୍ତର୍ଗତ ।

ମଙ୍ଗଳ ଓ ଅମଙ୍ଗଳକୁ ନେଇ ଏ ଜଗତରେ ଯେଉଁ ଦୁରୂହ ସମସ୍ୟାସବୁ ରହିଛି, ଏକମାତ୍ର କର୍ମବାଦ ହିଁ ସେହି ସମସ୍ତ ସମସ୍ୟାର ସମାଧାନ କରିପାରେ । ଏକମାତ୍ର କର୍ମବାଦ ହିଁ ଦୁର୍ଗ୍‌ଣ, ନିର୍ଯ୍ୟାତିତ ଓ ହତାଶ ବ୍ୟକ୍ତିମାନଙ୍କୁ ଶାନ୍ତି, ଶକ୍ତି ଓ ସନ୍ତୋଷ ପ୍ରଦାନ କରିବ । କର୍ମବାଦ ହିଁ ଆମ ଜୀବନର ସମସ୍ତ ସମସ୍ୟା, ସମସ୍ତ ଜଟିଳତାର ସମାଧାନ କରିଥାଏ । ନିରାଶ ଓ ପରିତ୍ୟକ୍ତ ଲୋକଙ୍କୁ କର୍ମବାଦ ହିଁ ଉତ୍ସାହ ପ୍ରଦାନ କରିଥାଏ । କର୍ମବାଦ ହିଁ ମନୁଷ୍ୟକୁ ସତ୍‌ଚିନ୍ତା, ସତ୍‌ଭାବନା, ସତ୍‌ଆଳାପ ଓ ସତ୍‌କର୍ମରେ ବ୍ୟାପୃତ କରିଥାଏ । ଯେଉଁ ଲୋକ ଏହି ବିଶ୍ୱଜନୀନ ନିୟମର ଅନୁବର୍ତ୍ତୀ ହୋଇ ଜୀବନ ଯାପନ କରେ, ତାର ଭବିଷ୍ୟତ ଉଜ୍ଜ୍ୱଳ ହୋଇ ଗଢିଉଠେ । ଯଦି ସବୁଲୋକେ ସମୁଚିତଭାବରେ ଏହି ନିୟମର ଅନୁବର୍ତ୍ତୀ ହୋଇ ନିଜର ଦୈନନ୍ଦିନ କର୍ତ୍ତବ୍ୟ ସାଧନ କରିବେ, ତେବେ ସମସ୍ତେ ଆଧ୍ୟାତ୍ମିକ ଅଧିରୋହଣୀର ଶୀର୍ଷକୁ ଉଠିପାରିବେ; ସମସ୍ତେ ମତିବାନ-ଗୁଣବାନ ହୋଇ ସୁଖ, ଶାନ୍ତି ଓ ସନ୍ତୋଷର ଅଧିକାରୀ ହୋଇପାରିବେ । ଭାଗ୍ୟ, ବୁଦ୍ଧି, ଦକ୍ଷତା ବା ଜନ୍ମସ୍ଥାନ ଇତ୍ୟାଦିରେ ଯେଉଁ ବୈଷମ୍ୟ ଦେଖାଯାଏ, ତାହା ଦେଖି ମଧ୍ୟ କାହାର ଆଉ ଅଭିଯୋଗ କରିବାର ଅବକାଶ ରହିବ ନାହିଁ । ପୃଥିବୀ ସ୍ୱର୍ଗରେ ପରିଣତ ହୋଇଯିବ । ଦୁଃଖଦୁର୍ଦ୍ଦଶାରେ ପଡି ମଧ୍ୟ ସମସ୍ତେ ଆତ୍ମାନନ୍ଦ ଲାଭ କରିବେ ।

ଲୋଭ, ମୋହ, କାମ, କ୍ରୋଧ, ଈର୍ଷା, ଘୃଣା ଆଦି ଦୁର୍ଗୁଣ ସମୂହ ଲୋପ ପାଇଯିବ । ସର୍ବତ୍ର ସଦ୍‌ଗୁଣ ହିଁ ବିରାଜମାନ କରିବ । ଆମେ ଏକ ଗୌରବମୟ ସତ୍ୟଯୁଗ ଉପଭୋଗ କରିପାରିବା । ସର୍ବତ୍ର ଦେଖିବାକୁ ମିଳିବ ଶାନ୍ତି ଓ ସୁଖ । ସର୍ବତ୍ର ଉପଲବ୍‌ଧ ହେବ ପ୍ରାଚୁର୍ଯ୍ୟ ଓ ପରିତୋଷ । ଯେ ଏହି କର୍ମ-ନିୟମର ତାତ୍ପର୍ଯ୍ୟ ଉପଲବ୍‌ଧ କରି ଏହାର ଅଧୀନ ହୋଇ କାର୍ଯ୍ୟ କରନ୍ତି, ସେ ଲୋକ ଧନ୍ୟ, କାରଣ ଈଶ୍ୱରଚେତନା ଲାଭ କରିବାକୁ ତାଙ୍କର ଆଉ ବିଶେଷ ସମୟ ଲାଗିବ ନାହିଁ । ସେ ଅଚିରେ ସର୍ବନିୟନ୍ତାଙ୍କ ଅଙ୍ଗରେ ଲୀନ ହୋଇଯିବେ । ସେ ନିଶ୍ଚିତଭାବରେ ଏଥର କର୍ମବନ୍ଧନରୁ ମୁକ୍ତ ହୋଇଯିବେ ।

ସୃଷ୍ଟି

ସୃଷ୍ଟି ଏକ ଅଗମ୍ୟ ରହସ୍ୟ । ଏହାର ପ୍ରାରମ୍ଭ ଯେ କିପରି ହେଲା, ତାହା କେହି କହିପାରିବେ ନାହିଁ ।

ଋଗ୍‌ବେଦରେ ଅଛି "ଏହି ବହୁରୂପଧାରୀ ବିଶ୍ୱ କେଉଁଠାରୁ କିପରି ଆସିଲା, ତାହା ଏଠାରେ କିଏ ଜାଣେ ? ସେ ବିଷୟ କିଏ କହିପାରିବ ? ଦେବତାମାନେ ମଧ୍ୟ ବିଶ୍ୱସୃଷ୍ଟିର ପରବର୍ତ୍ତୀ କାଳରେ ଆସିଲେ । ତା'ହେଲେ ଏହି ବିଶ୍ୱ କେଉଁଠାରୁ ଆସିଲା, ତାହା କିଏ ଜାଣେ ?"

କେତେକଙ୍କର ମତ ଯେ, ଈଶ୍ୱରଙ୍କର ଆଦେଶବଳରେ ଏହି ବିଶ୍ୱ ଶୂନ୍ୟରୁ ଜାତ ହେଲା ଏବଂ ପ୍ରଳୟ ଉପସ୍ଥିତ ହେଲେ, ଏହା ପୁନଶ୍ଚ ଶୂନ୍ୟରେ ମିଳେଇଯିବ । ଏହି 'ଶୂନ୍ୟସଂଜାତବାଦ' ବିଜ୍ଞାନସମ୍ମତ ନୁହେଁ । ବୈଜ୍ଞାନିକ-ମାନେ କହନ୍ତି, ବର୍ତ୍ତମାନ ଯାହା ଅଛି, ତାହା ସର୍ବଦା ରହିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ତାହା ଏକ ବା ଅନ୍ୟରୂପରେ ନିଶ୍ଚିତଭାବରେ ରହିଥିବ । ସାଂଖ୍ୟ ଦର୍ଶନରେ ମଧ୍ୟ ଦେଖିବେ 'ନା ସତେ ବିଦ୍ୟତେ ଭାବଃ' । ଅର୍ଥାତ୍, ଯାହା ଅଛି, ତାହା କଦାପି କୌଣସି ନ ଥିବା ବିଷୟରୁ ଉତ୍ପନ୍ନ ହୋଇ ନ ପାରେ । ଗୀତା ମଧ୍ୟ କହନ୍ତି, ସତ୍ କଦାପି ଅସତ୍‌ରୁ ଜାତ ହୁଏ ନାହିଁ, ସତ୍ ସର୍ବଦା ବର୍ତ୍ତମାନ, ସତ୍‌ର ଅଭାବ ନାହିଁ । ଋଷିମାନେ ଏହି ଉଭୟ ବିଷୟର ସତ୍ୟତା ଜାଣନ୍ତି ।'

ଯାହା ଶୂନ୍ୟ, ଯେଉଁଠାରେ କିଛି ନାହିଁ, ସେଥିରୁ କୌଣସି ବିଷୟ ଜାତ ହୋଇପାରିବ ନାହିଁ, ଯେଉଁଠାରେ କିଛି ଅଛି, ସେଠାରୁ ହିଁ କିଛି ଜାତ ହୋଇ-ପାରିବ ।

ମାଟିରୁ ଘାସ ଜନ୍ମେ ଏବଂ ଧନ ଆସେ, ତାହା ପୁଣି ମାଟିରେ ମିଶିଯାଏ । ଠିକ୍ ସେହିପରି ଏହି ବିଶ୍ୱ ବ୍ରହ୍ମରୁ ଜାତ ହୋଇଛି, ବ୍ରହ୍ମରେ ଆଶ୍ରିତ ହୋଇଛି ଏବଂ ଶେଷରେ ବ୍ରହ୍ମରେ ଲୀନ ହୋଇଯିବ ।

ବିଶ୍ୱ ସୃଷ୍ଟିର କାରଣ— ପ୍ରଥମ ଅବସ୍ଥାରେ ଏକମାତ୍ର ବ୍ରହ୍ମ, ଯେ କି 'ଏକୋପି ଦ୍ୱିତୀୟୋ ନାସ୍ତି'—ସେ ହିଁ ବିଦ୍ୟମାନ ଥିଲେ । ଯେତେବେଳେ

ଅନ୍ଧକାର ଉପରେ ଅନ୍ଧକାର ଆଚ୍ଛାଦିତ ହୋଇ ରହିଥିଲା, ସେତେବେଳେ ଏକମାତ୍ର ବ୍ରହ୍ମ ହିଁ ଥିଲେ । ବିଶ୍ୱ ଜାତ ହେବା ପୂର୍ବରୁ ବ୍ରହ୍ମଙ୍କଠାରେ ଏକ ସ୍ପନ୍ଦନ ଦେଖା-ଦେଲା । ତାହା ଥିଲା ବ୍ରହ୍ମଙ୍କର ସଙ୍କଳ୍ପ । ସେ ସଙ୍କଳ୍ପ କଲେ 'ଏକୋଽହଂ ବହୁସ୍ୟାମ୍'—'ମୁଁ ଏକ ହୋଇ ରହିଛି; ଅନେକ ହୁଅନ୍ତି କି !' ମାଟିତଳେ ଥିବା ବୀଜ ଜଳରେ ଭିଜିଗଲେ ଯେପରି ଫୁଲିଯାଇ ଆତ୍ମବିସ୍ତାର କରେ, ବ୍ରହ୍ମଙ୍କର ଉକ୍ତ ସ୍ପନ୍ଦନ ଥିଲା ଅବିକଳ ସେହିପରି ଏକ ବିଘଟନ । ସେହି ବିଘଟନରୁ ଉଦ୍ଭବ ହେଲା ସମଗ୍ର ବିଶ୍ୱ ।

ଯଦି ଇନ୍ଦ୍ରଜାଲ ବା ସମ୍ମୋହନ-ବିଦ୍ୟା ବଳରେ ସାଧାରଣ ଜଣେ ତାନ୍ତ୍ରିକ ବା ଯାଦୁକର ପକ୍ଷରେ ଆମ୍ବ ବା ଅନ୍ୟ କିଛି ଫଳ, ଟଙ୍କାପଇସା, ଖଜାପିଠା, ଏକ କାଳ୍ପନିକ ରାଜନଗର ଇତ୍ୟାଦି ସୃଷ୍ଟି କରିଦେବା ସମ୍ଭବ ହୋଇ-ପାରୁଛି, ତେବେ ଯେ ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ, ସର୍ବାଧିପତି, ସେହି ବ୍ରହ୍ମଙ୍କପକ୍ଷରେ ତାଙ୍କର ନିଜର କ୍ରୀଡ଼ାକୌତୁକ ବା ଲୀଳାଲାଗି ଏହି ସାମାନ୍ୟ ବିଶ୍ୱ ସୃଷ୍ଟି କରିଦେବା ଅସମ୍ଭବ ହୁଅନ୍ତା କିପରି ? ଜଣେ ମନୁଷ୍ୟଦେହଧାରୀ ରାଜା ଯଦି ନିଜ ନଅରକୁ ବିବିଧ ଗୃହ ସରଞ୍ଜାମ, ଚିତ୍ରପଟ, ବିରଳ ଦର୍ଶନୀୟ ବସ୍ତୁ, ଉଦ୍ୟାନ ପ୍ରପାତ, ଫୁଆରା ଇତ୍ୟାଦିରେ ସଜାଇ ଦେଇପାରୁଛନ୍ତି, ତେବେ ସେହି ବିଶ୍ୱ-ସମ୍ରାଟ ପରଂବ୍ରହ୍ମ ଅବା ସ୍ୱରଚିତ ବିଶ୍ୱକୁ କାହିଁକି ବିଭିନ୍ନ ଭୂମି-ରୂପରେ, ଉଜ୍ଜ୍ୱଳ ସୂର୍ଯ୍ୟ, ଚନ୍ଦ୍ର ଓ ତାରାରେ, ବିରାଟ ନଦୀ ଓ ସମୁଦ୍ରରେ ସଜାଇ ନ ଦେଇପାରନ୍ତେ ??

ସୃଷ୍ଟି ସୃଜନର ପ୍ରକ୍ରିୟା— ଏହି ଦୃଶ୍ୟମାନ ଜଗତ ଈଶ୍ୱରଙ୍କର ଏକ ମାୟା । ଏହା କୌଣସି ଏକ ବିଶୃଙ୍ଖଳ ପିଣ୍ଡ ନୁହେଁ । ଏହି ଦୈବୀସଂସ୍ଥାରେ ପୂର୍ଣ୍ଣ ଶୃଙ୍ଖଳା ରହିଛି । ଜଗତ ହେଉଛି ଈଶ୍ୱରଙ୍କର ଏକ ଛାୟା ।

ମାୟା ହେଉଛି ଈଶ୍ୱରଙ୍କର ଏକ ଯାଦୁକରୀ ଶକ୍ତି । ଈଶ୍ୱର ନିଜର ଲୀଳା ବା କ୍ରୀଡ଼ାଲାଗି ସେହି ମାୟା ବଳରେ ଏହି ଅଚିନ୍ତ୍ୟ ବିଶ୍ୱ ସୃଷ୍ଟି କରିଛନ୍ତି । ବିଶ୍ୱର ସକଳ ସଂଘଟନ ମାୟା ବଳରେ ହେଉଛି, ଯାହା ଫଳରେ ସେହି ପରମ ସ୍ୱରୂପ ସ୍ୱୟଂ ବା ସ୍ୱୀୟ ରୂପରେ କୌଣସିଭାବରେ ପରିବର୍ତ୍ତିତ ନ ହୋଇ ମଧ୍ୟ, ଦେଶ ଓ କାଳର ଆୟତ୍ତାଧୀନ ଅବସ୍ଥାରେ ସତତ ପରିବର୍ତ୍ତିତ ହେଉଥିବା ପ୍ରପଞ୍ଚପରି ବୋଧ ହେଉଛନ୍ତି ।

ବ୍ରହ୍ମ କୌଣସିଭାବରେ ପରିବର୍ତ୍ତିତ ବା ପ୍ରଭାବିତ ନ ହୋଇ ବିଶ୍ୱ ଜାତ କରିଛନ୍ତି । ଆକାଶ ଯେପରି ମେଘରୁ ପଡୁଥିବା ବର୍ଷା ଦ୍ୱାରା ଭିଜିଯାଇପାରେ ନାହିଁ, ପରମାତ୍ମା ସେହିପରି ସୃଷ୍ଟି ପ୍ରଣାଳୀର ବିବିଧ ସଂଘଟନ ଦ୍ୱାରା କୌଣସି

ପ୍ରକାରେ ପ୍ରଭାବିତ ହୁଅନ୍ତି ନାହିଁ । ବ୍ରହ୍ମ ସନାତନ । ସେ ନିଜର ଶକ୍ତିବଳରେ ଅସଂଖ୍ୟ ନାମ ଓ ଅସଂଖ୍ୟ ରୂପ ଗ୍ରହଣ କରି ବହୁ ରୂପରେ ଦୃଶ୍ୟମାନ ହୁଅନ୍ତି । କିନ୍ତୁ ତାଙ୍କଠାରେ କୌଣସି ପରିବର୍ତ୍ତନ ଘଟେ ନାହିଁ । ଜଗତ ପ୍ରକୃତ ବସ୍ତୁ ନୁହେଁ; ତାହା କେବଳ ଏକ ଆଭାସିକ ବସ୍ତୁ ।

ଏସବୁ ବିବିଧ ରୂପ ରଚନା କରିବାଲାଗି ବ୍ରହ୍ମ କୌଣସି ଯନ୍ତ୍ର ବା ଉପକରଣ ଆବଶ୍ୟକ କରନ୍ତି ନାହିଁ । ସେ ହେଉଛନ୍ତି ସ୍ୱୟଂ ପ୍ରକାଶିତ ଚୈତନ୍ୟ ଶକ୍ତି । ସେହି ଇଚ୍ଛାମୟ ବ୍ରହ୍ମ ଇଚ୍ଛା କରିବା କ୍ଷଣି ଅସଂଖ୍ୟ ଜଗତ ସୃଷ୍ଟି କରିଦେଇପାରନ୍ତି ।

ବୀଜ ମଧ୍ୟସ୍ଥ ଲୁକ୍କାୟିତ ଶକ୍ତି ଯେପରି ଉଦ୍ଭିଦ ଉତ୍ପନ୍ନ କରିଥାଏ, ବ୍ରହ୍ମଙ୍କର ସ୍ୱଭାବ ବା ଅନ୍ତର୍ନିହିତ ଶକ୍ତି ସେହିପରି ଏକ ବିଶ୍ୱବ୍ରହ୍ମାଣ୍ଡ ଉତ୍ପନ୍ନ କରିଛି । ପରମସତ୍ତା ଓ ତାଙ୍କର ବିସ୍ତାର ଏ ଉଭୟେ ସହାବସ୍ଥାନ କରନ୍ତି ।

ଈଶ୍ୱର ଓ ବିଶ୍ୱ— ଏହି ବିଶ୍ୱବ୍ରହ୍ମାଣ୍ଡ ଈଶ୍ୱରଙ୍କର ଶରୀରସ୍ୱରୂପ । ସମଗ୍ର ଜଗତ ହେଉଛି ଈଶ୍ୱରଙ୍କର ବିରାଟସ୍ୱରୂପ ।

ଏ ଜଗତ ଜଡ଼ବସ୍ତୁର ଜଗତ ନୁହେଁ । ଏହା ଏକ ଚୈତନ୍ୟ ସତ୍ତା । ବ୍ରହ୍ମ ବା ପରମତତ୍ତ୍ୱ ବିବିଧ ରୂପ ମାଧ୍ୟମରେ ନିଜକୁ ଜଗତରୂପରେ ପ୍ରକାଶିତ କରନ୍ତି ।

ସୃଷ୍ଟି ହେଉଛି ସେହି ପରମତତ୍ତ୍ୱଙ୍କର ଏକ ଆନନ୍ଦକର ସ୍ୱରୂପ ।

ଜଣେ ରାଜା ନିଜର କୌତୁକପାଇଁ ଭିକାରୀ ଭୂମିକା ଗ୍ରହଣ କରିଥିଲେ । ଜଣେ ମୁନି ନିଜର କୌତୁକପାଇଁ ଜଣେ ନିର୍ବୋଧର ଭୂମିକା ଗ୍ରହଣ କରିଥିଲେ । ଠିକ୍ ସେହିପରି ଏହି ଜଗତ ହେଉଛି ବ୍ରହ୍ମଙ୍କର ଗୋଟିଏ ଲୀଳା ବା କୌତୁକ ।

ଜଗତ ହେଉଛି ବ୍ରହ୍ମଙ୍କର ଏକ ବ୍ୟକ୍ତରୂପ । ବ୍ରହ୍ମ ହିଁ ଜାଗତିକ ବସ୍ତୁନିଚୟର ବର୍ଣ୍ଣାଢ୍ୟ ପରିପାଟୀରୂପରେ ଉଦ୍ଭାସିତ ହେଉଛନ୍ତି । ସ୍ୱୟଂ ବ୍ରହ୍ମ ହିଁ ଶିଳା, ଉଦ୍ଭିଦ, ନକ୍ଷତ୍ର ଇତ୍ୟାଦି ରୂପରେ ପ୍ରକାଶିତ ହୋଇଛନ୍ତି । ସେହି ଏକ ଚୈତନ୍ୟ ଶକ୍ତି ଜଗତରେ ବିବିଧ ରୂପ ଧାରଣ କରିଛି ।

ସେହି ଏକା ଲୋକ ଯେପରି ସ୍ୱପ୍ନରେ ଅନେକ ରୂପ ଧାରଣ କରୁଛି, ସେହି ଏକା ଈଶ୍ୱର ସେହିପରି ବିବିଧରୂପରେ ପ୍ରକଟ ହୋଇଛନ୍ତି ।

ତତ୍ତ୍ୱତଃ ବିଶ୍ୱ ହିଁ ବ୍ରହ୍ମସତ୍ତା । ବ୍ରହ୍ମ ହିଁ ବ୍ରହ୍ମରୂପରେ ବ୍ରହ୍ମରେ ପ୍ରକଟ ହୋଇଛନ୍ତି ।

ମୃତ୍ତିକା କହ, ଖାଦ୍ୟ କହ, ଅଗ୍ନି କହ, ସୂର୍ଯ୍ୟ କହ— ସକଳ ପଦାର୍ଥ ବ୍ରହ୍ମଙ୍କର ରୂପ । ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଏସବୁ ମଧ୍ୟ ବ୍ରହ୍ମଙ୍କର ଅଂଶ-ବିଶେଷ । ଆକାଶ, ସ୍ୱର୍ଗ, ସାଗର ଇତ୍ୟାଦି ବ୍ରହ୍ମଙ୍କର ଗୋଟିଏ ଗୋଟିଏ ଅଂଶ ।

ଶ୍ୱାସ ବ୍ରହ୍ମଙ୍କର ଏକ ଅଂଶ । ଦୃଷ୍ଟି ବ୍ରହ୍ମଙ୍କର ଏକ ଅଂଶ । ଶ୍ରବଣ ବ୍ରହ୍ମଙ୍କର ଏକ ଅଂଶ । ମନ ବ୍ରହ୍ମଙ୍କର ଏକ ଅଂଶ । ଏହି ଜୀବନ ବ୍ରହ୍ମ । ଏହି ବିଶ୍ୱ ବ୍ରହ୍ମ ବା ସତ୍ୟରୁ ଜାତ ହୋଇ ବ୍ରହ୍ମ ବା ସତ୍ୟରେ ଅବସ୍ଥାନ କରୁଛି ଏବଂ ପ୍ରତ୍ୟେକ ବିଶ୍ୱଚକ୍ର ଶେଷରେ ପୁନର୍ବାର ବ୍ରହ୍ମରେ ଲୀନ ହୋଇଯାଉଛି ।

କୌଣସି କାର୍ଯ୍ୟ ତାର କାରଣଠାରୁ ଭିନ୍ନ ହୋଇ ରହି ନ ପାରେ । ମାଟିର କଳସ ମାଟିଠାରୁ ଭିନ୍ନ ହୋଇପାରେ ନାହିଁ । ବିଶ୍ୱର ସେହିପରି ବ୍ରହ୍ମଙ୍କଠାରୁ ପୃଥକ ସ୍ଥିତି ରହି ନ ପାରେ । ତାହାର ସ୍ୱାଧୀନ ସ୍ଥିତି ଅସମ୍ଭବ । ଏହା ବ୍ରହ୍ମଠାରୁ ଅଭିନ୍ନ । ଗୋଟିଏ ଜଳୁଥିବା ଦୀପ ସାହାଯ୍ୟରେ ଯଦି ଅନ୍ୟ ସହସ୍ର ଦୀପ ଜାଳି ଦିଆଯାଏ, ତେବେ ସେହି ସହସ୍ର ଦୀପରେ ପ୍ରଥମ ଦୀପର ଆଲୋକ ବିଦ୍ୟମାନ ହୋଇ ନ ଥାଏ କି ? ଈଶ୍ୱରଙ୍କ ବିଷୟ ମଧ୍ୟ ଠିକ୍ ସେହିପରି । ସକଳ ବିଷୟର ସ୍ରଷ୍ଟା ହୋଇ ସେ ସମସ୍ତଙ୍କ ମଧ୍ୟରେ ସେମାନଙ୍କର ଶ୍ୱାସ, ସତ୍ତା ଓ ଆତ୍ମାରୂପରେ ବିଦ୍ୟମାନ ।

ସମସ୍ତ ଜଗତ ଈଶ୍ୱରଙ୍କର ଶ୍ରୀ, ଗୌରବ ଓ ମହିମାରେ ବିଭୂଷିତ ହୋଇ ରହିଛି ।

ଆଖୁରସ ଯେପରି ସମସ୍ତ ଆଖୁ ଭିତରେ ପରିବ୍ୟାପ୍ତ ହୋଇ ରହିଛି, କିଛି ଜଳରେ ଟିକିଏ ଲୁଣ ପକାଇଦେଲେ ତାହା ଯେପରି ଜଳର ସମସ୍ତ ଅଂଶରେ ବ୍ୟାପି ଯାଉଛି, ଲହୁଣୀ ଯେପରି ଦୁଧର ଅଣୁଅଣୁରେ ସଂଚରିତ ହୋଇ ରହିଛି, ବ୍ରହ୍ମ ସେହିପରି କି ସଜୀବ, କି ନିର୍ଜୀବ ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି ।

ବ୍ରହ୍ମ ଏକ । ରୂପ ଅନେକ । ଏକ ଅନେକରେ ପରିଣତ ହୋଇଛନ୍ତି ।

ପ୍ରଜ୍ୱଳିତ ଅଗ୍ନିଖଣ୍ଡରୁ ଯେପରି ଏକାକାର ଅଗ୍ନିକଣାମାନ ସହସ୍ର ସଂଖ୍ୟାରେ ଉତ୍ପନ୍ନ ହୋଇଥାନ୍ତି, ଏକ ଅବିନଶ୍ୱର ବ୍ରହ୍ମରୁ ସେହିପରି ସମସ୍ତ ଦେବତା, ସକଳ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି; ସକଳ ପଦାର୍ଥ ଓ ସମସ୍ତ ଜଗତ ଉତ୍ପନ୍ନ ହୋଇଛି ।

ପଞ୍ଚଭୂତର ବିକାଶ— ବିଶ୍ୱର ଅକ୍ଷୟ ଆଧାର ବା ଅବିନାଶୀ ତତ୍ତ୍ୱ ସ୍ୱୀୟ ଇଚ୍ଛା ବଳରେ ପ୍ରକୃତିକୁ ପ୍ରଥମ କ୍ରିୟାଶକ୍ତି ପ୍ରଦାନ କଲେ, ଯାହା ଫଳରେ

ପ୍ରକୃତି ତାର ପ୍ରାରମ୍ଭିକ ନିଷ୍କ୍ରିୟତା ଓ ନିସ୍ତବ୍ଧତା ପରିହାର କରି ସକ୍ରିୟ ହୋଇଉଠିଲା । କ୍ରମେ କ୍ରମେ ସେହିସବୁ ଶକ୍ତିଭୂତରେ ବିକଶିତ ହେବାକୁ ସକ୍ଷମ ହୋଇଗଲା, ଯାହା କି ଆଜିର ଏହି ବିଶ୍ୱ ନିର୍ମାଣରେ ଆବଶ୍ୟକ ଉପାଦାନର କାର୍ଯ୍ୟ କରୁଛି ।

ସେହି କ୍ରମବିକାଶ-ଶୃଙ୍ଖଳାର ପ୍ରଥମ ସ୍ତରରେ ବିକଶିତ ହେଲା ଆକାଶ ବା ବ୍ୟୋମ । ପଚ୍ଚରି ପାରିବା, ପ୍ରଥମ ବିକାଶଟି ଆକାଶ ହେଲା କାହିଁକି ? ତାର କାରଣ ହେଉଛି, ବ୍ୟୋମ ବା ଆକାଶ ବିନା କୌଣସି ବସ୍ତୁ ତିଷ୍ଠି ପାରିବ ନାହିଁ । କ୍ରମେ ଆକାଶରେ ପ୍ରାଣର କ୍ରିୟା ପ୍ରକାଶିତ ହେଲା । ଫଳରେ ଆକାଶରେ ଜାତ ହେଲା ସ୍ପନ୍ଦନ । ଯେଉଁଠି ସ୍ପନ୍ଦନ ରହିଛି, ସେଠାରେ ନିଶ୍ଚିତଭାବରେ ଗତି ରହିବ । ଗତି ହେଉଛି ମରୁତ୍ ବା ବାୟୁର ଧର୍ମ । ଫଳରେ ଆକାଶରେ ବାୟୁ ସମ୍ଭବ ହେଲା । ବାୟୁର ଗତି ଫଳରେ ଜାତ ହେଲା ଉତ୍ତାପ । ଉତ୍ତାପ ଫଳରେ ବାୟୁରୁ ଉତ୍ପନ୍ନ ହେଲା ତେଜଃ ବା ଅଗ୍ନି । ତେଜଃ ହେତୁ ସୃଷ୍ଟି ହେଲା ଅପ ବା ଜଳ । ଯେଉଁଠି ଜଳ ରହିଛି, ସେଠାରେ ଖାଦ୍ୟ ମଧ୍ୟ ରହିଛି । କ୍ଷିତି ବା ମୃତ୍ତିକା ହେଉଛି ଅନ୍ନ ବା ଖାଦ୍ୟ । ଫଳରେ ଜଳରୁ ଉତ୍ପନ୍ନ ହେଲା କ୍ଷିତି । ଏହି କ୍ଷିତି, ଅପ, ତେଜଃ, ମରୁତ୍ ଓ ବ୍ୟୋମ ହେଲେ ପଞ୍ଚମହାଭୂତ ।

ଉପାଦାନ ଯେତେ ସୂକ୍ଷ୍ମ ହେବ, ତାର ଶକ୍ତି ସେତେ ଅଧିକ ହେବ । ଜଳ କ୍ଷିତି ବା ଭୂମିଠାରୁ ସୂକ୍ଷ୍ମତର; ତେଣୁ ଜଳର ଶକ୍ତି ଭୂମିର ଶକ୍ତି ଅପେକ୍ଷା ଅଧିକ । ଜଳ ଭୂମିକୁ କ୍ଷୟ କରିଦିଏ । ଜଳ ଅପେକ୍ଷା ଅଗ୍ନି ଅଧିକ ଶକ୍ତିଶାଳୀ, କାରଣ ଅଗ୍ନି ଜଳଠାରୁ ସୂକ୍ଷ୍ମତର । ଅଗ୍ନି ଜଳକୁ ଶୁଷ୍କ କରିଦିଏ । ବାୟୁ ଅଗ୍ନି ଅପେକ୍ଷା ଶକ୍ତିଶାଳୀ । ବାୟୁ ଅଗ୍ନି ନିର୍ବାପିତ କରିଦିଏ । ଇଥର ବା ଆକାଶ ବାୟୁ ଅପେକ୍ଷା ଅଧିକ ଶକ୍ତିଶାଳୀ, କାରଣ ତାହା ବାୟୁ ଅପେକ୍ଷା ସୂକ୍ଷ୍ମତର । ବାୟୁ ଆକାଶ ଉପରେ ନିର୍ଭର କରେ । ଆକାଶ ହେଉଛି ବାୟୁର ଆଧାର । ବାୟୁ ଆକାଶରୁ ଜାତ, ଅଗ୍ନି ବାୟୁରୁ ଜାତ, ଜଳ ଅଗ୍ନିରୁ ଜାତ ଏବଂ କ୍ଷିତି ବା ଭୂମି ଜାତ ହୋଇଛି ଜଳରୁ । ବିଶ୍ୱ ପ୍ରଳୟ ସଂଘଟିତ ହେଲେ, ଭୂମି ଜଳରେ ନିମଜ୍ଜିତ ହୋଇଯିବ, ଜଳ ବିଶୋଷିତ ହୋଇଯିବ ଅଗ୍ନିରେ, ଅଗ୍ନି ନିଃଶୋଷିତ ହୋଇଯିବ ବାୟୁରେ ଏବଂ ବାୟୁ ସଂଶ୍ଳିଷ୍ଟ ହୋଇଯିବ ଆକାଶରେ ।

ସମଗ୍ର ଜଗତ ହେଉଛି ଉଦ୍ଭିଜ ବା ବୀଜଜାତ, ସ୍ୱେଦଜ ବା ସ୍ୱେଦଜାତ, ଅଣ୍ଡଜ ବା ଅଣ୍ଡଜାତ, ଏବଂ ଜରାୟୁଜ ବା ଜରାୟୁଜାତ— ଏହି ଚତୁର୍ବିଧ ସଞ୍ଜାତ ବସ୍ତୁମାନଙ୍କର ତଥା ଏମାନଙ୍କ ବ୍ୟତୀତ ଅନ୍ୟ ସମସ୍ତ ଭୋଗ୍ୟ ବସ୍ତୁମାନଙ୍କର ଏକ

ସମନ୍ୱିତ ସ୍ଥୂଳରୂପ ଏବଂ ଏ ଜଗତ ଉପରଲିଖିତ ପଞ୍ଚମହାଭୂତରୁ ଉତ୍ପନ୍ନ, ହୋଇଛି ।

ଅଜାତ ବେଦତତ୍ତ୍ୱ— ସ୍ଥୂଳବୁଦ୍ଧିସମ୍ପନ୍ନ ଲୋକମାନେ ଅଜାତବେଦ ବା ଅସୃଷ୍ଟି ତତ୍ତ୍ୱ ବୁଝିପାରିବେ ନାହିଁ ବୋଲି ଏ ପ୍ରକାର ସୃଷ୍ଟି-କ୍ରମ ବର୍ଣ୍ଣନା କରାଯାଇଛି । ଗୌଡ଼ପାଦ ତାଙ୍କ ରଚିତ କାରିକାରେ ଯେଉଁ ଅଜାତବେଦ ତତ୍ତ୍ୱ ପ୍ରଦାନ କରିଛନ୍ତି, ତାହା ଅଧ୍ୟୟନ କଲେ ଦେଖିବା ଯେ, ଜଗତ ଅତୀତରେ ରହି ନ ଥିଲା, କି ବର୍ତ୍ତମାନ ରହି ନାହିଁ, କି ଭବିଷ୍ୟତରେ ରହିବ ନାହିଁ । ଯେଉଁ ଉଚ୍ଚସ୍ତରର ସାଧକମାନ ନିର୍ଜନ ସ୍ଥାନମାନଙ୍କରେ ଅଜ୍ଞାତବାସ କରି, ଧ୍ୟାନମଗ୍ନ ହୋଇ ଜୀବନ ଯାପନ କରୁଛନ୍ତି, କେବଳ ସେହିମାନେ ଏହି ତତ୍ତ୍ୱ ବୁଝିପାରିବେ ।

ଆପଣ ଯଦି ନିଜ ବାସସ୍ଥାନରୁ ବିଚ୍ଛିନ୍ନ ହୋଇ ଛଅମାସ କାଳ ଅଲ୍‌ହାବାଦରେ ରହିଯିବେ, ତେବେ ଆପଣ ଆପଣଙ୍କ ବାସସ୍ଥାନ ମାନ୍ଦ୍ରାଜ ବିଷୟ ସମ୍ପୂର୍ଣ୍ଣ ଭୁଲିଯିବେ । ଅନ୍ୟ କଥାରେ କହିଲେ, ଆପଣ ଆଲ୍‌ହାବାଦରେ ରହିଥିବାବେଳେ ଆପଣଙ୍କପାଇଁ ମାନ୍ଦ୍ରାଜ ବୋଲି କିଛି ନାହିଁ ଏବଂ ମାନ୍ଦ୍ରାଜରେ ରହିଥିବାବେଳେ ଅଲ୍ହାବାଦ ବୋଲି କିଛି ନାହିଁ । ସୁତରାଂ ଏ ଜଗତ ମନ ଦ୍ୱାରା ସୃଷ୍ଟ ହୋଇଥିବା କେତେଗୁଡ଼ିଏ ସଂସ୍କାରର ସମଷ୍ଟିମାତ୍ର ।

ଆପଣ ଯଦି ଜାଣିଶୁଣି ସାଧନା ଓ ସମାଧି ବଳରେ ମନକୁ ଲୋପ କରି-ଦେଇପାରିବେ, ତେବେ ଆପଣଙ୍କପାଇଁ ଜଗତ ବୋଲି କିଛି ରହିବ ନାହିଁ; ସବୁ ବ୍ରହ୍ମମୟ ହୋଇଯିବ । ଖବର କାଗଜ ନ ପଢ଼ି, ବାହ୍ୟ ଜଗତ ସହିତ କୌଣସି ସମ୍ପର୍କ ନ ରଖି, କେବଳ ଗମ୍ଭୀର ଧ୍ୟାନରେ ମଗ୍ନ ହୋଇ ଆପଣ ଗୋଟିଏ ବନ୍ଦ କୋଠରୀ ଭିତରେ ପନ୍ଦରଦିନ ରହିଯାଆନ୍ତୁ । ସେତେବେଳେ ଆପଣ ଜଗତ ବୋଲି କିଛି ଅଛି କି ନାହିଁ, ଜାଣି ପାରିବେ ।

ଜଗତ ମନସୃଷ୍ଟ— ଜାଗ୍ରତ ଅବସ୍ଥାରେ ହିଁ ସୃଷ୍ଟିର ସ୍ଥିତି ଅନୁଭୂତ ହୁଏ । ବ୍ରହ୍ମ ହେଉଛନ୍ତି ଜଗତ୍ କାରଣ; ମନ ବ୍ରହ୍ମରୁ ସ୍ୱୟଂଜାତ ଏବଂ ଏହି ବିଶ୍ୱ ମନର ଗୋଟିଏ ବୃତ୍ତିମାତ୍ର ।

ପ୍ରାଣର ସ୍ପନ୍ଦନ ମନକୁ ସଂଚାଳିତ କରେ । ମନର ସଂଚାଳନ ଜଗତ ସୃଷ୍ଟି କରେ । ମନ ନିଜକୁ ବାହ୍ୟଜଗତରୂପରେ ପ୍ରକାଶିତ କରେ । ମାୟାର ଗୋଟିଏ ଶକ୍ତିର ନାମ ହେଉଛି ବିକ୍ଷେପଶକ୍ତି । ସେହି ବିକ୍ଷେପଶକ୍ତି ବଳରେ ବିଭିନ୍ନ ନାମ ଓ ରୂପ ସୃଷ୍ଟି ହୁଏ । ବିକ୍ଷେପଶକ୍ତି ଜାଗ୍ରତ ଓ ସ୍ୱପ୍ନ ଉଭୟ ଅବସ୍ଥାରେ

କାର୍ଯ୍ୟ କରିଥାଏ । ଏହି ଶକ୍ତିରୁ ହିଁ ସମଗ୍ର ଜଗତ ଜାତ ହୋଇଛି । ସୁଷୁପ୍ତିରେ ଏହା ଉଭେଇଯାଏ ।

ଗଭୀର ସୁଷୁପ୍ତି ଅବସ୍ଥାରେ ଜଗତ ସମ୍ବନ୍ଧରେ ଆପଣଙ୍କର କୌଣସି ଅନୁଭୂତି ନ ଥାଏ, କାରଣ ସେତେବେଳେ ମନ ବୋଲି କିଛି ନ ଥାଏ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, କେବଳ ମନର ଉପସ୍ଥିତିରେ ହିଁ ଜଗତ ରହିଛି ଏବଂ କେବଳ ମନ ହିଁ ଏହି ଜଗତ ସୃଷ୍ଟି କରିଛି ।

ଜଗତ ଏକ ମାନସିକ ସୃଷ୍ଟି । ସୁଷୁପ୍ତିରେ ଜଗତ ନ ଥାଏ; ସମାଧିରେ ଜଗତ ନ ଥାଏ; ମୁକ୍ତଙ୍କପାଇଁ ଜଗତ ନ ଥାଏ । ସେହି କାରଣରୁ ଶ୍ରୁତିଗଣ ଘୋଷଣା କରିଛନ୍ତି ଯେ, ଏ ଜଗତ ମନୋମାତ୍ର ଜଗତ, ମନଃ-କଳ୍ପିତ ଜଗତ ।

ଅନନ୍ତଚମାୟ ବ୍ରହ୍ମଙ୍କଠାରୁ ସଂଜାତ ଏହି ସତତ ଚଞ୍ଚଳ ମନ ନିଜର ସଙ୍କଳ୍ପ ବା ଚିନ୍ତା ଅନୁରୂପ ଜଗତ ସୃଷ୍ଟି କରିଥାଏ । ଏହି ବିଶ୍ୱରୂପକ ଇନ୍ଦ୍ରଜାଲ ମନର ସଂକଳ୍ପରୁ ଉତ୍ପନ୍ନ ହୋଇଛି । ମନର ସଂକଳ୍ପ ଅନୁଯାୟୀ ବିଶ୍ୱ ପରିଦୃଶ୍ୟମାନ ହୋଇଥାଏ । ତେଣୁ ଆପଣ ଯଦି ଏହି ବିଶ୍ୱବ୍ରହ୍ମାଣ୍ଡର ଅତୀତ ସେହି ଏକମାତ୍ର ପରମତତ୍ତ୍ୱଙ୍କ ନିକଟକୁ ଯିବାକୁ ଇଚ୍ଛୁକ, ତେବେ ଆପଣଙ୍କୁ ମାନସିକ ସଂକଳ୍ପ ପରିତ୍ୟାଗ କରିଦେବାକୁ ପଡିବ ।

ଏକ ସାମାନ୍ୟ ତୁଚ୍ଛ ସଂକଳ୍ପର ବୃଦ୍ଧି ଘଟିଲେ, ସେଥିରୁ ସୃଷ୍ଟି ହେବ ଜଗତ; ସେହି ସଂକଳ୍ପର ବିନାଶରେ ଜଗତ ଉଭେଇଯିବ । ସଂକଳ୍ପର ବିନାଶ ଘଟିଲେ ଦର୍ଶକ ଓ ଦୃଶ୍ୟ ମଧ୍ୟରେ ରହିଥିବା ସକଳ ପ୍ରଭେଦ ଦୂର ହୋଇଯିବ । ସେତେବେଳେ ଯାଇଁ ବ୍ରହ୍ମଙ୍କର ବାସ୍ତବ ଜ୍ୟୋତି ଅବାଧରେ ପ୍ରକାଶିତ ହେବ । ସେତେବେଳେ ଯାଇ ଏହି ସ୍ଥାବର କହ, ଜଙ୍ଗମ କହ, ସମଗ୍ର ବିଶ୍ୱର ଗ୍ରାସ୍ଥା ବ୍ରହ୍ମର ଅଦ୍ୱୈତସ୍ୱରୂପ ହୋଇ ସେହି ବ୍ରହ୍ମଜ୍ୟୋତିରେ ବିଶୋଷିତ ହୋଇଯିବ ।

ମନ ଚିନ୍ତା କରିବାରୁ ବିରତ ହୋଇଗଲେ ଜଗତ ଅଦୃଶ୍ୟ ହୋଇଯିବ । ରହିଯିବ କେବଳ ଅନନ୍ତଚମାୟ ଆନନ୍ଦ । କିନ୍ତୁ ମନ ଚିନ୍ତା କରିବାକୁ ଆରମ୍ଭ କରିବା କ୍ଷଣି ଜଗତ ପୁନର୍ଦର୍ଶନ ଦେବ । ପୁନର୍ବାର ଦେଖାଦେବ ଯନ୍ତ୍ରଣା ।

ଅହଂଚେତନା ଜାଗ୍ରତ ହେବା କ୍ଷଣି ଜଗତ ଓ ତତ୍ ସମ୍ପର୍କୀୟ ସମସ୍ତ ଧାରଣା ଜାଗ୍ରତ ହେବ; ଅନ୍ୟଥା ସୂର୍ଯ୍ୟକିରଣ ପଡିବା ସଙ୍ଗେ ସଙ୍ଗେ ଯେପରି ଅନ୍ଧକାର ଦୂର ହୋଇଯାଏ, ସମଗ୍ର ବିଶ୍ୱ ସେହିପରି ଅନ୍ତର୍ଦ୍ଧାନ ହୋଇଯିବ । ମନ ଏବଂ ମୁଁ ବା

ଅହଂ ଅଭିନ୍ନ । ଅହଂର ବିନାଶ କରନ୍ତୁ । ମନ ବିନଷ୍ଟ ହୋଇଯିବ । ଯଦି ବୋଧଜ୍ଞାନ, ଉପଲବ୍ଧି ଓ କ୍ରିୟାର ଯନ୍ତ୍ରରୂପକ ମନ ନାଶ ହୋଇଯିବ, ତେବେ ତାର କଳ୍ପିତ ଜଗତ ମଧ୍ୟ ଅନ୍ତର୍ହିତ ହୋଇଯିବ ।

ମହାଜାଗତିକ ନାଟକ— ଏହି ଯେଉଁ ପରିଦୃଶ୍ୟମାନ ଜଗତ ମନର ପ୍ରକ୍ରିୟା ଦ୍ୱାରା ବାସ୍ତବ ବୋଲି ବୋଧ ହେଉଛି, ଏହା ଐଶ୍ୱରିକ ଇଚ୍ଛାରୁ ହିଁ ଜାତ ହୋଇଛି ।

ଆପଣ ଯଦି ଜଣେ ନାଟ୍ୟକାର ହୋଇଥାନ୍ତି, ତେବେ ଜାଣିଥିବେ, ନାଟକ ଲେଖିବା ପୂର୍ବରୁ ନାଟକଟିର ସମଗ୍ର ବିଷୟବସ୍ତୁ ଅତି ସ୍ପଷ୍ଟଭାବରେ ଆପଣଙ୍କ ମନଶ୍ଚକ୍ଷୁ ସମ୍ମୁଖରେ ଖେଳିଯାଏ । ତା'ପରେ ଆପଣ ଦୃଶ୍ୟଗୁଡ଼ିକ କ୍ରମାନ୍ୱୟରେ ଲେଖି ଗୁରିଟି ଅଙ୍କରେ ନାଟକ ରଚନା କରିଥାନ୍ତି । ନାଟକଟି ମଞ୍ଚସ୍ଥ ହେଲେ, ଦୃଶ୍ୟ-ଗୁଡ଼ିକ କ୍ରମାନ୍ୱୟରେ ଆସି ଅଙ୍କ ପରେ ଅଙ୍କ ଅଭିନୀତ ହୁଏ । ଜଗତ ଓ ତାର ଗତିବିଧି ଠିକ୍ ସେହିପରି ମହାଜାଗତିକ ମନ ଅର୍ଥାତ୍ ଈଶ୍ୱରଙ୍କର ମନରେ ଉଦିତ ହେଉଥିବା ସ୍ପଷ୍ଟ ଚିନ୍ତାବଳୀ ।

ପରମେଶ୍ୱରଙ୍କପାଇଁ ଅତୀତ ବୋଲି କିଛି ନ ଥିଲା, କି ଭବିଷ୍ୟତ ବୋଲି କିଛି ନାହିଁ ତାଙ୍କପାଇଁ ସମସ୍ତ କାଳ ବର୍ତ୍ତମାନ କାଳ । ତାଙ୍କପାଇଁ ନିକଟ ବୋଲି କିଛି ନାହିଁ, କି ଦୂର ବୋଲି କିଛି ନାହିଁ । ତାଙ୍କପାଇଁ ସକଳ ସ୍ଥାନ 'ଏଇଠି', ସମସ୍ତ ସମୟ 'ବର୍ତ୍ତମାନ' । ସମୟ ଗଡ଼ିଚାଲିଛି ଏବଂ ମହାଜାଗତିକ ନାଟକର ଘଟଣାବଳୀ ବିଶ୍ୱରଙ୍ଗମଞ୍ଚରେ ଗୋଟିକ ପରେ ଗୋଟିଏ ହୋଇ କ୍ରମାନ୍ୱୟରେ ଅଭିନୀତ ହୋଇ-ଚାଲିଛି ।

ପରମାଣୁଗଣ ନିରବଚ୍ଛିନ୍ନଭାବରେ ଘୂରିଚାଲିଛନ୍ତି । ପୁରୁଣା ନୂଆ ହୋଇ-ଚାଲିଛି । ଏବଂ ନୂଆ ପୁରୁଣା ହୋଇଚାଲିଛି । ବସ୍ତୁତଃ ପୁରୁଣା ବୋଲି କିଛି ନାହିଁ, କି ନୂଆ ବୋଲି କିଛି ନାହିଁ । ଜୀବଗଣ ନିଜନିଜର ବ୍ୟକ୍ତିଗତ ମନ ନେଇ କ୍ରମାନ୍ୱୟରେ ସଂଘଟିତ ହୋଇ ଚାଲିଥିବା ଘଟଣାବଳୀ ଦେଖିଚାଲିଛନ୍ତି । କିନ୍ତୁ ଈଶ୍ୱର ଏ ସମସ୍ତ ଘଟଣାବଳୀ ଗୋଟିଏ ଥରରେ ଦେଖିନେଇଛନ୍ତି । ସେ ସର୍ବଜ୍ଞ । ସେ ସବୁ ବୁଝନ୍ତି, ସବୁ ଜାଣନ୍ତି । ତାଙ୍କ ସୃଷ୍ଟିର ପ୍ରତ୍ୟେକ ବିଷୟ ସେ ଠିକ୍ଭାବରେ କରି ଜାଣନ୍ତି ।

ଏହି ବିଶାଳ ଇନ୍ଦ୍ରିୟଗ୍ରାହ୍ୟ ବିଶ୍ୱ ଆତ୍ମସଙ୍କଳ୍ପରୂପରେ ପ୍ରତିଭାତ ହୁଏ । ଭଗବତ୍-ମନ ମାୟା ସୃଷ୍ଟି କରିଛି । ବ୍ୟକ୍ତିର ମନ ସେହି ମାୟାରେ ଆବିଷ୍ଟ ହୋଇ ପ୍ରତ୍ୟେକ ବସ୍ତୁକୁ ଗ୍ରହଣ କରୁଛି ।

ଈଶ୍ୱର କାହିଁକି ଏହି ଜଗତ ସୃଷ୍ଟି କରିଛନ୍ତି— ଏ ପ୍ରଶ୍ନର ଯେତେ ଉତ୍ତର ଦିଆଯାଉଛି, ସେସବୁ ସନ୍ତୋଷଜନକ ନୁହେଁ । କଣ ନିଜର ଗୌରବ ବୃଦ୍ଧି-ଲାଗି ଈଶ୍ୱର ଜଗତ ସୃଷ୍ଟି କରିଛନ୍ତି ? ପ୍ରଭୁଙ୍କ ଉପରେ ଆମେ ଏତେ ଅହଂକାର ଆରୋପ କରିପାରିବା ନାହିଁ । ତା'ହେଲେ କଣ ମନୁଷ୍ୟମାନଙ୍କପ୍ରତି ପ୍ରେମପରବଶ ହୋଇ ସେ ଏହି ଜଗତ ସୃଷ୍ଟି କରିଛନ୍ତି ? କିନ୍ତୁ ଯାହା ନ ଥିଲା, ତାପ୍ରତି ପ୍ରଭୁଙ୍କର ପ୍ରେମ ଉଦୟ ହେଲା କିପରି ? ପୁଣି ଅପାର ଦୁଃଖଯନ୍ତ୍ରଣାରେ ସଢ଼ିବାକୁ କୋଟି କୋଟି ମନୁଷ୍ୟ ସୃଷ୍ଟି କରିବା ଦ୍ୱାରା ଏ ସବୁ କି ପ୍ରକାର ଅଦ୍ଭୁତ ପ୍ରେମ ବା ପ୍ରକାଶିତ ହେଉଛି ? ଜଗତ ସୃଷ୍ଟି ପଛରେ ଏକ ନୈତିକ ଆବଶ୍ୟକତା ରହିଛି । ଜୀବଗଣଙ୍କର ଉପଭୋଗ ନିମନ୍ତେ ଫଳ ପ୍ରଦାନ କରିବା ଏବଂ ସେମାନଙ୍କୁ ଈଶ୍ୱର ସାକ୍ଷାତ୍କାରରେ ସହାୟତା ପ୍ରଦାନ କରିବା ହିଁ ଜଗତ୍ ସୃଷ୍ଟିର ଉଦ୍ଦେଶ୍ୟ । ଈଶ୍ୱରଙ୍କର ଇଚ୍ଛା ଯେ, ତାଙ୍କର ସୃଷ୍ଟି ତାଙ୍କ ସମ୍ବନ୍ଧରେ ସଚେତନ ହେଉ; ତେଣୁ ସେ ସକଳ ଆବଶ୍ୟକ ସାମଗ୍ରୀ ଯୋଗାଇଦେଇଛନ୍ତି ।

'ଈଶ୍ୱର କାହିଁକି ଜଗତ ସୃଷ୍ଟି କରିଛନ୍ତି ?' ଏହା ହେଉଛି ଏକ ଅତିପ୍ରଶ୍ନ, ଏକ ଜଟିଳ ପ୍ରଶ୍ନ ଅର୍ଥାତ୍ ମନୁଷ୍ୟଜ୍ଞାନର ଅତୀତ ପ୍ରଶ୍ନ । ମନୁଷ୍ୟର ସ୍ଥୂଳମନ ଏହାର ଯଥାଯଥ ଉତ୍ତର ଦେଇପାରିବ ନାହିଁ । ମନୁଷ୍ୟର ବିଚାରବୁଦ୍ଧି କେବଳ ସାଂସାରିକ ବିଷୟ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଦେବାକୁ ସକ୍ଷମ । ସର୍ବୋପରି ଏପରି ପ୍ରଶ୍ନ ହିଁ ଉଠି ନ ପାରେ ।

ଅବିଦ୍ୟା ମାୟା ଓ ସଂସାର ସୃଷ୍ଟିର କାରଣ କଣ ? ଏହା ମଧ୍ୟ ଏକ ଅତିପ୍ରଶ୍ନ । କାର୍ଯ୍ୟ-କାରଣ ନିର୍ଣ୍ଣୟ କରିବାଲାଗି ଆପଣଙ୍କର ଏକ ସହଜାତ ମାନସିକ ଶକ୍ତି ବା ପ୍ରବୃତ୍ତି ରହିଛି । ଏ ପ୍ରକାର ପ୍ରଶ୍ନ ପଚାରିବା ଫଳରେ ଆପଣ ସେହି ପ୍ରବୃତ୍ତିକୁ ଏପରି ଏକ କ୍ଷେତ୍ରରେ ପ୍ରବେଶ କରିବାକୁ କହୁଛନ୍ତି, ଯେଉଁଠି ତାର କୌଣସି ସତ୍ତା ରହେନାହିଁ; ସୁତରାଂ ଏପରି ପ୍ରଶ୍ନ ପଚାରିବା ଅର୍ଥ ଆପଣଙ୍କର ବିଚାରବୁଦ୍ଧିର ଅପବ୍ୟବହାର କରିବା । ଆପଣ ଇହଜଗତରେ ଅଜ୍ଞାନ, ଦୁଃଖ ଓ ଯନ୍ତ୍ରଣାରେ ଆବଦ୍ଧ ହୋଇ ରହିଛନ୍ତି । ଏଥିରୁ ମୁକ୍ତି ପାଇବାର ଉପାୟ କଣ, ସେ ବିଷୟରେ ଜ୍ଞାନ ଅର୍ଜନ କରନ୍ତୁ । କିନ୍ତୁ ଏହାର କାରଣ କଣ ବୋଲି ପଚାରିବା ନିର୍ବୋଧତାର ପରିଚାୟକ ।

ଜଗତ କାହିଁକି ସୃଷ୍ଟ ହେଲା ? କିପରି ସୃଷ୍ଟ ହେଲା ? ଇତ୍ୟାଦି ପ୍ରଶ୍ନର ଉତ୍ତର ମନୁଷ୍ୟଜ୍ଞାନର ଅତୀତ, କାରଣ ମନ ସ୍ଥୂଳ ଏବଂ ଏହି ସ୍ଥୂଳମନ ଦେଶ, କାଳ ଓ କାରଣର ଚଉହଦି ମଧ୍ୟରେ ଆବଦ୍ଧ; ଏ ମନ ସେପରି ସୂକ୍ଷ୍ମ ଅତିମାନସିକ ତତ୍ତ୍ୱ ଅବଧାରଣ କରିବାକୁ ଅକ୍ଷମ । ତେଣୁ କେବେ କେଉଁଠି କୌଣସି ବ୍ୟକ୍ତି କୌଣସି ଶାସ୍ତ୍ର, କୌଣସି ଋଷି, କୌଣସି ଆଚାର୍ଯ୍ୟ ଏ ପ୍ରଶ୍ନର ଉତ୍ତର

ଦେଇ ନାହାନ୍ତି । ସୁତରାଂ ଏ ପ୍ରକାର ପ୍ରଶ୍ନ ନେଇ ମନକୁ ବୃଥା କ୍ଳାନ୍ତ କରନ୍ତୁ ନାହିଁ । ଆପଣ କଦାପି ଏ ପ୍ରଶ୍ନର ଉତ୍ତର ଖୋଜି ପାଇବେ ନାହିଁ । ବ୍ରହ୍ମ କିଛି ଲୀଳା କରିବାଲାଗି ଏହି ସୃଷ୍ଟି ରଚନା କରିଛନ୍ତି । ଏହା ପ୍ରଭୁଙ୍କର ଲୀଳାବିଳାସ । ଏହା ପ୍ରଭୁଙ୍କର ମାୟା; ପ୍ରଭୁଙ୍କର ସ୍ୱଭାବ ।

'ଈଶ୍ୱର କାହିଁକି ଜଗତ ସୃଷ୍ଟି କଲେ ? ଏ ଜଗତ ବାସ୍ତବ ନା ଅବାସ୍ତବ ?' ଇତ୍ୟାଦି ପ୍ରଶ୍ନର ସରଗରମ ଆଲୋଚନାରେ ଅଂଶ ଗ୍ରହଣ କରି ଆପଣ ଅଯଥାରେ ନିଜର ଶକ୍ତି ଓ ସମୟ ଅପଚୟ କରୁଛନ୍ତି । ଜଗତ ବାସ୍ତବ ହୋଇଥାଉ କି ନ ହୋଇଥାଉ, ସେଥିରେ ଆପଣଙ୍କର କିଛି ଯାଏଆସେ ନାହିଁ । ଏସବୁ ତର୍କବିତର୍କରେ ଅଂଶ ଗ୍ରହଣ କରି ବସ୍ତୁତଃ ଆପଣଙ୍କର କୌଣସି ଲାଭ ହେବ ନାହିଁ । ଆପଣଙ୍କର ଅନ୍ତର ଭିତରଟାକୁ ମନ ଓ ବହିର୍ଗାମୀ ଇନ୍ଦ୍ରିୟ ସକଳ ଆବୋରିବସିଛନ୍ତି । ସେହି ମନ ଓ ସେହି ଇନ୍ଦ୍ରିୟ ସକଳକୁ ବିତାଡ଼ିତ କରି ଆପଣଙ୍କ ଅନ୍ତରର ଗଭୀରତମ ପ୍ରଦେଶରେ ନିମଜ୍ଜିତ ହୋଇଯିବାକୁ ପଡ଼ିବ ଏବଂ ସେଠାରେ ଅନ୍ତରନିବାସୀ ପରମେଶ୍ୱରଙ୍କ ପାଦରେ ବିଶ୍ରାମ ନେବାକୁ ପଡ଼ିବ । ଗଛର ପତ୍ର ସଂଖ୍ୟା ନ ଗଣି ଫଳ ଖାଇବାକୁ ଚେଷ୍ଟା କରନ୍ତୁ । ବିନ୍ଧ ନ ନ ଗଣି, ଚକୁଳି ଖାଆନ୍ତୁ । ଆତ୍ମସାକ୍ଷାତକାର ଲାଭ କରି ପରମାତ୍ମାଙ୍କର ନିତ୍ୟାନନ୍ଦ ଉପଭୋଗ କରିବାକୁ ଚେଷ୍ଟା କରନ୍ତୁ । ତାହା ହିଁ ଜ୍ଞାନ; ତାହା ହିଁ ବୁଦ୍ଧିମାନର କାର୍ଯ୍ୟ ।

କେବଳ ବ୍ରହ୍ମ ହିଁ ଅଛନ୍ତି; ଜଗତ ନାହିଁ— ଏତ କଥାଟି ହେଉଛି, କେବଳ ସନାତନ ବ୍ରହ୍ମ ହିଁ ଅଛନ୍ତି । ଅନ୍ୟ କୌଣସି ବିଷୟର ବାସ୍ତବସତ୍ତା ନାହିଁ । ସେହି ପରମସ୍ୱରୂପ, ସେହି ଅବିଶ୍ଳେଷ୍ୟ ସଚ୍ଚିଦାନନ୍ଦ ବ୍ରହ୍ମ ହିଁ ଏକମାତ୍ର ଶୁଦ୍ଧସତ୍ତା ।

ସୃଷ୍ଟି ଏକ ସ୍ୱପ୍ନ । ଜାଗରଣ ମଧ୍ୟ ଏକ ସ୍ୱପ୍ନ । ଦେହ ଏକ ସ୍ୱପ୍ନ ।

ଏହି ସମସ୍ତ ଜଗତ ସମ୍ପୂର୍ଣ୍ଣ ମିଥ୍ୟା । ଏ ଜଗତର ଆଦୌ କୌଣସି ସତ୍ତା ନାହିଁ । ବନ୍ଧ୍ୟା ସ୍ତ୍ରୀ ସ୍ୱପ୍ନରେ ତାର ପୁତ୍ରର ଲାଳନପାଳନ କରିବା ଯାହା, ସକଳ ପ୍ରକାର ଇନ୍ଦ୍ରିୟ ଉପଭୋଗ ମଧ୍ୟ ତାହା ।

ସ୍ୱର୍ଗ, ମୋକ୍ଷ, ଜଗତ ଇତ୍ୟାଦି ବନ୍ଧ୍ୟାନାରୀର ପୁତ୍ରପରି ଗୋଟିଏ ଗୋଟିଏ ଅଳୀକ ଶବ୍ଦମାତ୍ର ।

ସକଳ ଜଗତ ଏକ ବିରାଟ ମାୟା । ସ୍ୱପ୍ନ ବୋଲି କିଛି ନାହିଁ, କି ସୁନିଦ୍ରା ବୋଲି କିଛି ନାହିଁ; ସ୍ୱର୍ଗ ବୋଲି କିଛି ନାହିଁ, କି ମୁକ୍ତି ବୋଲି କିଛି ନାହିଁ । ସକଳ ବିଷୟ ସେହି ନିତ୍ୟସ୍ୱରୂପଙ୍କର ଶାନ୍ତି ଓ ଆନନ୍ଦ । ଏହା ହିଁ ପ୍ରକୃତ ସତ୍ୟ ।

ଏଠାରେ କେବେ କେହି ଜନ୍ମ ହୋଇ ନ ଥିଲେ ; କେବେ କେହି ମରି ମଧ୍ୟ ନ ଥିଲେ । ଯାହା କିଛି ଉପଦେଶ ଦିଆଯାଇଛି, ସମସ୍ତ ପ୍ରକାର ଶିକ୍ଷା-ଉପଦେଶ ମୂଳରେ ଯେଉଁ ଉଦ୍ଦେଶ୍ୟ ରଖାଯାଇଛି, ସେସବୁ କେତେଗୁଡ଼ିଏ ଶବ୍ଦର ଜାଲ୍ ବା ଖେଳମାତ୍ର ।

ଯେଉଁ ଅନନ୍ତ-ସ୍ୱରୂପ ଅନ୍ତରରେ ଓ ବାହାରେ—ସର୍ବତ୍ର ବିଦ୍ୟମାନ, ସେ ହିଁ ଦେଶ ଓ କାଳର ମାଧ୍ୟମରେ ଏହି ଜଗତପରି ଦୃଶ୍ୟମାନ ହୁଅନ୍ତି ।

ବ୍ରହ୍ମ ହିଁ ଜଗତରୂପରେ ଦେଖାଯାଉଛନ୍ତି । ଜଗତ ଏକ ଆଭାସ ଛବିମାତ୍ର । ଆକାଶ ଯେପରି ନୀଳିମାଜ୍ଞାନ ଜାତ କରାଏ, ମରୀଚିକା ଯେପରି ଜଳ-ଜ୍ଞାନ ଜାତ କରାଏ, ପାଳଦଉଡ଼ି ଯେପରି ସାପ-ଜ୍ଞାନ ଜାତ କରାଏ, ଏହି ଜଗତ ମଧ୍ୟ ସେହିପରି ଏକ ଅପ୍ରକୃତ ଆଭାସ ଛବି ।

ଦଉଡ଼ି ବିଷୟରେ ଜଣା ନଥିବାରୁ, ତାହା ସାପପରି ଦେଖାଯାଏ, କିନ୍ତୁ ଦଉଡ଼ି ବୋଲି ଜାଣିଦେବାକ୍ଷଣି, ସେହି ସାପ ଅଦୃଶ୍ୟ ହୋଇଯାଏ । ଆତ୍ମାକୁ ଚିହ୍ନୁ ନ ଥିବାରୁ, ଜଗତର ବିବିଧ ଦୃଶ୍ୟାବଳୀ ଦେଖାଯାଏ ; କିନ୍ତୁ ଆତ୍ମାଙ୍କ ବିଷୟରେ ଜ୍ଞାନ ଉଦୟ ହୋଇଗଲେ, ଜଗତର ସମସ୍ତ ରୂପ ଅଦୃଶ୍ୟ ହୋଇଯାଏ ।

ବ୍ୟକ୍ତି ଯେତେବେଳେ ତା ଆତ୍ମାକୁ ଭୁଲିଯାଏ, ସେତେବେଳେ ବ୍ରହ୍ମ ଜଗତରୂପରେ ଦେଖାଯାଆନ୍ତି । କିନ୍ତୁ ବ୍ୟକ୍ତି ତାର ଆତ୍ମାରେ ପ୍ରତିଷ୍ଠିତ ହୋଇ ରହିଗଲେ, ତାର ଆତ୍ମଜ୍ଞାନ ପ୍ରାପ୍ତ ହୋଇଗଲେ, ତାକୁ ଜଗତ ବ୍ରହ୍ମମୟ ଦେଖାଯାଏ ।

ସତ୍ୟକୁ ଜାଣିରଖନ୍ତୁ—ଆପଣ ଆତ୍ମଜ୍ଞାନ ଲାଭ କଲେ, ଆପଣଙ୍କ ପାଖରେ ଜୀବନର ଅର୍ଥ ଆଉ ରହସ୍ୟାବୃତ୍ତ ହୋଇ ରହିବ ନାହିଁ । ସେତେବେଳେ ଆପଣ ଜଗତ ସମ୍ବନ୍ଧରେ ଉଠୁଥିବା କାହିଁକି, କିପରି ଇତ୍ୟାଦି ପ୍ରଶ୍ନର ସ୍ପଷ୍ଟ ଉତ୍ତର ପାଇପାରିବେ । ଜଗତ୍-ସୃଜନର ଉଦ୍ଦେଶ୍ୟ ଓ କ୍ରମ ବିଷୟରେ ଆପଣଙ୍କର ସ୍ପଷ୍ଟ ଧାରଣା ଆସିଯିବ । ମନୁଷ୍ୟବୁଦ୍ଧିର ଅତୀତ ହୋଇ ଯେତେ ଯାହା ବିଷୟ ଅଛି, ସେସବୁ ଆପଣଙ୍କ ହାତମୁଠାରେ ରହିଯିବ ।

ଜଗତରୁ ଅପସରି ଆସି ଅନ୍ତର୍ମୁଖୀ ହୋଇଯାଆନ୍ତୁ । ଧ୍ୟାନ କରନ୍ତୁ । ନିଜର ଅନ୍ତର ମଧ୍ୟରେ ନିମଜ୍ଜିତ ହୋଇଯାଆନ୍ତୁ । ଆପଣ ସେହି ପ୍ରକୃତ ବାସ୍ତବତାର ଜ୍ଞାନ ଲାଭ କରିପାରିବେ, ଯାହା ଏହି ଇନ୍ଦ୍ରିୟଲବ୍ଧ ବାସ୍ତବତାଠାରୁ ସମ୍ପୂର୍ଣ୍ଣ

ଭିନ୍ନ ଏବଂ ଯାହାକୁ ଦେଶ, କାଳ ବା ପରିଣାମ କେହି ସ୍ପର୍ଶ କରିପାରନ୍ତି ନାହିଁ। ଆପଣ ସେତେବେଳେ ଅନୁଭବ କରିବେ, ଉପଲବ୍ଧି କରିବେ ଯେ, ସେହି ଏକମାତ୍ର ପ୍ରକୃତ-ବାସ୍ତବତାର ବାହାରେ ଯେତେ ଯାହାସବୁ ରହିଛି, ସେସବୁ ହେଉଛି ମିଥ୍ୟା ଆଭାସମାତ୍ର; ସେ ସବୁ ମାୟା, ସବୁ ସ୍ୱପ୍ନପରି ମିଥ୍ୟା।

ପରମସ୍ୱରୂପ ସତ୍ୟଙ୍କୁ ଚିହ୍ନନ୍ତୁ। ତା'ହେଲେ ଆପଣ ଉଦ୍ଧାର ପାଇଯିବେ। ଆପଣ ମୁକ୍ତି ପାଇଯିବେ। ଆପଣଙ୍କର ଜ୍ଞାନନେତ୍ର ଖୋଲିଯିବ। ଆପଣଙ୍କର ପରିତ୍ରାଣ ହୋଇଯିବ।

'ବ୍ରହ୍ମବିତ୍ ବ୍ରହ୍ମ ଭବତି'—ବ୍ରହ୍ମଜ୍ଞାନ ହୋଇଗଲେ ଆପଣ ବ୍ରହ୍ମ ହୋଇଯିବେ। ବ୍ରହ୍ମମୟ ହୋଇଯାଆନ୍ତୁ। ବ୍ରହ୍ମମୟ ହେବାକୁ ହେଲେ, ସେହି ଦ୍ରବ୍ୟ ଉପାଦାନ, ସେହି ଦ୍ରବ୍ୟ ପରମାତ୍ମା, ଯାହାଙ୍କୁ ନେଇ ଆପଣଙ୍କର ମୂଳପ୍ରକୃତି ଗଠିତ, ତାଙ୍କର ସହିତ ନିଜକୁ ଅଭିନ୍ନ କରିଦେବାକୁ ପଡ଼ିବ। ବ୍ରହ୍ମଜ୍ଞ ହିଁ ବ୍ରହ୍ମ ହୁଅନ୍ତି। ନଦୀ ସାଗରରେ ମିଳିତ ହୋଇ ସାଗରସ୍ୱରୂପ ହୋଇଯାଏ; ବିନ୍ଦୁ ସିନ୍ଧୁରେ ମିଶିଯାଏ ଏବଂ ସିନ୍ଧୁ ସହିତ ତାର ଅଭିନ୍ନତ୍ୱ ପ୍ରତିଷ୍ଠିତ ହୋଇଯାଏ।

ସମୟ

ବେଙ୍ଗ ସାପ କବଳରେ ପଡ଼ିସାରିଛି । ସାପ ତାକୁ କାମୁଡ଼ିଧରିଛି; କେବଳ ବେଙ୍ଗର ମୁଣ୍ଡଟି ବାହାରକୁ ବାହାରିରହିଛି; ଆଉ ଅଳ୍ପ ସମୟ ମଧ୍ୟରେ ସାପ ତାକୁ ଗିଳିଦେବ । ତଥାପି ନିର୍ବୋଧ ବେଙ୍ଗ ଉଡ଼ିବାରେ ପୋକ ଖାଇଦେବ ବୋଲି ଜିଭ ବାହାର କରୁଛି । ହେ ଅଜ୍ଞ ବନ୍ଧୁ, ଆପଣ ମଧ୍ୟ ଅବିକଳ ସେହି ବେଙ୍ଗର ଅବସ୍ଥାରେ ପଡ଼ିଛନ୍ତି । ଆପଣ କେବେଠାରୁ କାଳକବଳରେ ପଡ଼ିସାରିଲେଣି । ଆଉ ଅଳ୍ପ କେତୋଟି ମୁହୂର୍ତ୍ତ ମଧ୍ୟରେ ଆପଣଙ୍କର ସତ୍ତା ଲୋପ ହୋଇଯିବ । ତଥାପି ଆପଣ ଇନ୍ଦ୍ରିୟସୁଖଦାୟୀ ବସ୍ତୁ ବିଷୟରେ ବାରମ୍ବାର ଚିନ୍ତା କରୁଛନ୍ତି; ଆପଣ ମୋହମାୟାର ଦାସ ହୋଇଯାଇଛନ୍ତି; ଆପଣ ଆସକ୍ତିର ଦାସ ହୋଇ-ଯାଇଛନ୍ତି ।

ଆପଣ ସମୟର ମୂଲ୍ୟ ବୁଝିପାରୁ ନାହାନ୍ତି । ଯଦି ମୃତ୍ୟୁଶଯ୍ୟାରେ ପଡ଼ିଥିବା ଆପଣଙ୍କର କେହି ଆତ୍ମୀୟସ୍ୱଜନଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ଆପଣ କହିବେ, "ବାବୁ, ଟିକିଏ ଦୟା କରନ୍ତୁ; କିଛି ଗୋଟିଏ ଟାଣୁଆ ଇଞ୍ଜେକ୍‌ସନ ଦେଇଦିଅନ୍ତୁ ଯେ, ଇଏ ଅନ୍ତତଃ ଆଉ କିଛି ସମୟ ବଞ୍ଚିଯିବେ; ଖାଲି ନିଶ୍ୱାସଟା ଚାଲୁ; ଏଙ୍କୁ ଦେଖିବାକୁ ମୋଭାଇ ବମ୍ବେରୁ ଆସୁଛନ୍ତି ।" ଏବଂ ସେତେବେଳେ ଯଦି ଡାକ୍ତର କହିବେ, "ଭାଇ, ରୋଗୀ ଆଉ ମୋ ଅଖତିଆରରେ ନାହାନ୍ତି; ଆଉ କୌଣସି ଆଶା ରଖ ନାହିଁ । ମୋ ହାତରେ ଆଉ କୌଣସି ଉପାୟ ନାହିଁ । ଅତି ହେଲେ ଆଉ ପାଞ୍ଚ-ଦଶମିନିଟ କଥା; ପ୍ରାଣ ଚାଲିଯିବ ।" ସେତେବେଳେ ଯାଇଁ ଆପଣ ସମୟର ମୂଲ୍ୟ ବୁଝିପାରିବେ । ବୃଥା ବାକ୍ୟାଳାପରେ, ଇନ୍ଦ୍ରିୟସୁଖ ଭୋଗରେ ଅପଣ ଜୀବନର ଯେଉଁ ଦିନ, ମାସ, ବର୍ଷଗୁଡ଼ିକ ବୃଥାରେ ନଷ୍ଟ କରିଦେଇଛନ୍ତି, ସେଥିପାଇଁ ଅନୁତାପ କରିବେ !

କାଳ ଓ କାଳାତୀତ ନିତ୍ୟ— ଟଙ୍କାପଇସାର ମୂଲ୍ୟଠାରୁ ସମୟର ମୂଲ୍ୟ ଯଥେଷ୍ଟ ଅଧିକ । ସମୟର ମୂଲ୍ୟ ଜଗତର ଅଧିକାଂଶ ଦୁର୍ଲଭ ବସ୍ତୁମାନଙ୍କଠାରୁ ମଧ୍ୟ ଅଧିକ । ସମୟ ହେଉଛି ଶ୍ରେଷ୍ଠତମ ମୂଲ୍ୟବାନ ସମ୍ପଦ । ସମୟ ହେଉଛି ଜଗତର ଆତ୍ମା । ସମୟ ହିଁ ଜୀବନ । ତେଣୁ ଆଧ୍ୟାତ୍ମିକ ଲକ୍ଷ୍ୟ ଲାଭ ନିମନ୍ତେ

ବିନିଯୋଗ କରିବା ହିଁ ସମୟର ଲାଭପ୍ରଦ ବିନିଯୋଗ । ଗୋଟିଏ ହେଲେ ମୁହୂର୍ତ୍ତ ଅପବ୍ୟୟ କରନ୍ତୁ ନାହିଁ ।

ସମୟର ରୂପ ନାହିଁ କିନ୍ତୁ ସେ ସକଳଙ୍କୁ ଗ୍ରାସ କରେ । ସମୟ ସବୁକିଛି ଖାଇ ପାର କରିଦିଏ । ପୁଣି ସେ କାହାରିକୁ ବାଦ ଦିଏ ନାହିଁ । ସେ ଆଗପଛ ବିଚାର କରେ ନାହିଁ ; ତା ମନରେ ସେଥିପାଇଁ ଦ୍ୱିଧା ବି ନାହିଁ । ସମୟ ହିଁ ଯମ ଦେବତା । ସମୟ ହିଁ କାଳ ।

ଜଗତରେ ଜୀବନରୂପକ ସୂତ୍ରକୁ ଯଦି କେହି କାଟିଦେଉଥାଏ, ତେବେ ସେ ହେଉଛି ସମୟରୂପକ ମୂଷିକ । ଜଗତରେ ଏପରି କୌଣସି ବସ୍ତୁ ନାହିଁ ଯାହାକୁ ସର୍ବଗ୍ରାସୀ କାଳ ଗ୍ରାସ ନ କରି ଛାଡିଦେବ । ଯେଉଁସବୁ ବସ୍ତୁ ବା ବିଷୟ ଚିରସ୍ଥାୟୀ ବୋଲି ପ୍ରତୀତ ହୁଏ, କାଳ ସେ ସବୁକୁ ମଧ୍ୟ ଗ୍ରାସ କରି-ଦିଏ । କାଳ ଉପସ୍ଥିତ ହେଲେ ତା କବଳରୁ ତ୍ରାହି ପାଇବାଲାଗି ସବୁଠାରୁ ବଡଲୋକଙ୍କୁ ବି ମୁହୂର୍ତ୍ତିଟିଏ ସମୟ ମିଳେନି । ଜଗତର ସମସ୍ତ ବସ୍ତୁ ଓ ସକଳ ବ୍ୟକ୍ତିଙ୍କଉପରେ କାଳର ସ୍ପର୍ଶ ଲାଗିଛି । କାଳ ହିଁ ସମସ୍ତଙ୍କୁ ନିୟନ୍ତ୍ରିତ କରେ । କଣ୍ଠରେ ମୃତକମାନଙ୍କର ଆପାଦଲମ୍ବିତ କରୋଟିମାଳ ପିନ୍ଧି କାଳ ନୃତ୍ୟ କରି-ଚାଲିଛି । ପ୍ରଳୟ ଉପସ୍ଥିତ ହେଲେ କାଳ ହିଁ ଜ୍ୱଳନ୍ତ ଅଗ୍ନିର ରୂପ ଧାରଣ କରି ସମସ୍ତ ଜଗତକୁ ଜାଳି ଭସ୍ମ କରିଦିଏ । କେହି ତାର ପଥରୋଧ କରିପାରିବେ ନାହିଁ । କେବଳ ଈଶ୍ୱରସାକ୍ଷାତ୍କାର ଲାଭ କରିଥିବା ମୁନିଋଷି ଓ ସନ୍ନ୍ୟାସୀଗଣ ହିଁ କାଳର ଅଧୀନ ନୁହନ୍ତି ।

ସନାତନ ହେଉଛନ୍ତି କାଳାତୀତ । ବ୍ରହ୍ମ କାଳଜୟୀ । ବ୍ରହ୍ମ ନିତ୍ୟ, ସନାତନ; ସେ କାଳାତୀତ ସତ୍ତ୍ୱା ।

ରାଜାମହାରାଜାମାନେ ମଧ୍ୟ ମରିବେ । ସମସ୍ତ ଜଗତବାସୀଙ୍କ ସମେତ ସକଳ ଜଗତ ଧ୍ୱଂସ ହୋଇଯିବ । ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରଗଣ ଧ୍ୱଂସ ହୋଇଯିବେ । ସେତେବେଳେ ସବୁ ଦୁଃଖ, ସବୁ ସୁଖର ସମାପନ ହୋଇଯିବ । ଧନ,ସମ୍ପଦ, ପୁତ୍ର, ଦାରା— କେହି ରହିବେ ନାହିଁ । ଏ ପଞ୍ଚଭୂତ, ଏ ପୃଥିବୀ, ଏ ଆକାଶ କିଛି ରହିବ ନାହିଁ । ଏକମାତ୍ର ବ୍ରହ୍ମ, ପୂର୍ଣ୍ଣ ପରବ୍ରହ୍ମସ୍ୱ ସଚ୍ଚିଦାନନ୍ଦ ହିଁ ଚିରକାଳ ଜାଜ୍ୱଲ୍ୟମାନ ହୋଇ ରହିଥିବେ । ତେଣୁ ବ୍ରହ୍ମ ଲାଭ କରି କାଳକୁ ଜୟ କରନ୍ତୁ । କାଳକୁ ଅତିକ୍ରମ କରି ନିତ୍ୟସନାତନଙ୍କ ଅଙ୍ଗରେ ଲୀନ ହୋଇଯାଆନ୍ତୁ ।

ଇନ୍ଦ୍ରିୟ ପର୍ଯ୍ୟବେକ୍ଷଣ ଜୀବନର କ୍ଷଣିକତା— ଏ ଜଗତ ହେଉଛି କେତୋଟି ବର୍ଣ୍ଣ ଓ କିଛି ଶବ୍ଦର ଏକ ଖେଳ । ଏହି ଇନ୍ଦ୍ରିୟ ଅନୁଭୂତିର ବିଶ୍ୱ

ହେଉଛି କେତୋଟି ସ୍ନାୟୁର ଏକ ଅଭିନୟ । ଏସବୁ ହେଉଛି ମାୟା, ମନ ଓ ଇନ୍ଦ୍ରିୟମାନଙ୍କର ଏକ ମିଥ୍ୟା ଯାଦୁଖେଳ । ଯେତେଦିନ ପର୍ଯ୍ୟନ୍ତ ଇନ୍ଦ୍ରିୟ ସତେଜ ହୋଇ, ସୁସ୍ଥସବଳ ହୋଇ ରହିଥାଏ, ଜୀବନର ସେହି ଦଶକୋଡ଼ିଏଟି ବର୍ଷ ଆପଣ ଇନ୍ଦ୍ରିୟ ସୁଖ ଭୋଗ କରନ୍ତି । ଅନନ୍ତ କାଳ ବକ୍ଷରେ ସେହି ସାମାନ୍ୟ ବଳୀୟମାନ କୋଡ଼ିଏଟା ବର୍ଷର ମୂଲ୍ୟ ବା କେତେ ? ଅନ୍ତରର ଅମର ଆତ୍ମାଙ୍କର ଶାଶ୍ୱତ ଜୀବନ ତୁଳନାରେ ଏହି ତୁଚ୍ଛ ବିସ୍ୱାଦୁକର ବୈଚିତ୍ର୍ୟହୀନ ଇନ୍ଦ୍ରିୟପରାୟଣ ଜୀବନର ବା କି ମୂଲ୍ୟ ଅଛି ?

ପଥର ଭିତରେ ଅଙ୍ଗୀଭୂତ ହୋଇ ରହିଥିବା ବାଲି ବା ଧୂଳିର ଗୋଟିଏ ଦାନା ଯେପରି ପଥର ସହିତ ଗଡ଼ିଚାଲେ, ଆପଣଙ୍କର ଅବସ୍ଥା ତାଠାରୁ କିଛି ଭିନ୍ନ ନୁହେଁ । ଆପଣ ଚତୁର୍ଦ୍ଦିଗରୁ ଆବଦ୍ଧ ହୋଇ ଏହି ପରିବର୍ତ୍ତନଶୀଳ ଜଗତରେ ଇୟତ୍ତାଧୀନଭାବରେ ଚକ୍ରପରି ଘୂରୁଛନ୍ତି; ନାନା ଦୁଃଖ, ନାନା କଷଣ ଦେଇ ମାୟାର ଚକ୍ର ଆପଣଙ୍କୁ ଯେପରି ଇଚ୍ଛା ସେପରି ଘୂରାଇଚାଲିଛି । ଏହା ସତ୍ତ୍ୱେ ଯଦି ଆପଣଙ୍କର ଜୀବନକାଳକୁ ଦୀର୍ଘ ଶହେ ବର୍ଷ ବୋଲି ଧରି ନିଆଯାଏ, ତେବେ ମଧ୍ୟ ତାହା ଅନନ୍ତ କାଳ ତୁଳନାରେ ଗୋଟିଏ ମୁହୂର୍ତ୍ତି ସହିତ ସମାନ ହେବ ନାହିଁ । ଅବସ୍ଥା ଏପରି ହୋଇଥିବାବେଳେ, ନିଜ ଜୀବନକାଳକୁ ଏତେ ବିରାଟ ବୋଲି କାହିଁକି ମନେ କରୁଛନ୍ତି, କହିଲେ ? କାହିଁକି ଆପଣ ଏହି ଅପରିତୋଷଣୀୟ କାମନାବାସନାର ବଶବର୍ତ୍ତୀ ହୋଇ ସକଳ ପ୍ରକାରର ନୈରାଶ୍ୟର ଶିକାର ହୋଇଯାଉଛନ୍ତି ? ଏହି ସ୍ଥୂଳ ମନ ଆପଣଙ୍କୁ ନଷ୍ଟ କରିଦେଲାଣି । ଜୀବନରେ ଆଉ କାହାର ଆପଣଙ୍କପରି ଏତେ ପତନ ହେଲାଣି କହିଲେ ? ଏହି ତଥାକଥିତ ଦୀର୍ଘ ଜୀବନ ମହାକାଳର ଗୋଟିଏ ମୁହୂର୍ତ୍ତି ସହିତ ମଧ୍ୟ ସମାନ ନୁହେଁ । ଧିକ ଏହି କ୍ଷଣିକ ଜୀବନକୁ !

ଦିନର ଆଠଘଣ୍ଟା ଆପଣ ଶୋଇବାରେ ବିତାଇଦେଉଛନ୍ତି । ବାକି ସମସ୍ତତକ ଉଡ଼ାଇଦେଉଛନ୍ତି ବାଜେ ଗପରେ, ମିଛ କହିବାରେ, ଅନ୍ୟମାନଙ୍କୁ ଠକିବାରେ, ସ୍ୱାର୍ଥସାଧନରେ ଏବଂ ଅର୍ଥସଞ୍ଚୟରେ । ଯଦି ଦିନରେ ଅନ୍ତତଃ ଅଧଘଣ୍ଟାଏ ବି ଭଗବତ୍ ସେବାରେ, ନାମକୀର୍ତ୍ତନରେ ଓ ଦିବ୍ୟଚିନ୍ତାରେ ବିନିଯୋଗ ନ କରନ୍ତି, ତେବେ ଆପଣଙ୍କର ଆଧ୍ୟାତ୍ମିକ ଉନ୍ନତି ହେବ କିପରି ଓ ଆପଣ ଅମର ଜୀବନ ତଥା ସ୍ୱର୍ଗୀୟ ଶାନ୍ତି ପାଇବେ କିପରି ?

ଆପଣ ପଟହ ପିନ୍ଧିବାରେ ଦୁଇଘଣ୍ଟା ବିତାଇଦେଇପାରନ୍ତି, ନିଜେ ନିଜେ ଖିପର ହେବାରେ ଘଣ୍ଟାଏ ବିତାଇଦେଇପାରନ୍ତି, ମୁଣ୍ଡ କୁଣ୍ଡାଇବାରେ,

ଜାମାଯୋଡ଼ ହେବାରେ ଘଣ୍ଟାଘଣ୍ଟା ବିତାଇଦେଇପାରନ୍ତି କିନ୍ତୁ କେହି ଭକ୍ତ ଯଦି 'ଚାଲ, ଟିକିଏ ସଂକୀର୍ତ୍ତନ କରିବା' ବୋଲି ଅନୁରୋଧ କରେ, ତେବେ ଆପଣ କହନ୍ତି, 'ଆଜ୍ଞା, ମୋର ବେଳ ହେବନି; କଣ କରିବି କହନ୍ତୁ ? ମତେ ଏବେ ଔଷଧ ଅଣିବାପାଇଁ ଡ଼ାକ୍ତରଙ୍କ ପାଖକୁ ଯିବାକୁ ପଡ଼ିବ; ବଜାର-ସଉଦା ଟିକିଏ ଅଛି, କରିବାକୁ ପଡ଼ିବ......'' ଇତ୍ୟାଦି ଇତ୍ୟାଦି କେତେ ଯେ ମୂଲ୍ୟହୀନ ଅଳି ଦେଖାଇବେ, ତାର ହିସାବ କରିହେବ ନାହିଁ ।

ଲୋକ ଅଛନ୍ତି, ବାଜେ ଗପରେ ଦିନ ଦିନ କଟାଇଦିଅନ୍ତି । ତାସ ଖେଳରେ, ଚେସ ଖେଳରେ ରାତି ରାତି ପୁହାଇଦିଅନ୍ତି । ଲୋକେ ଅଛନ୍ତି, ମଦ ପିଇ ହସତାମସା କରି ସପ୍ତାହ ସପ୍ତାହ କଟାଇଦିଅନ୍ତି । ଲୋକ ଅଛନ୍ତି, ବେଶ୍ୟାଘରେ ପଶି ଜୁଆ ଖେଳି ମାସ ମାସ କଟାଇ ଦିଅନ୍ତି । ପୁଣି ଲୋକ ଅଛନ୍ତି, ଲକ୍ଷ୍ୟହୀନଭାବରେ ଦେଶ ଦେଶ ବୁଲି, ଅଯଥା ବାକ୍ୟାଳାପ କରି, ସିନେମା ଥିଏଟର ଦେଖି, ସିଗାରେଟ ପିଇ, ପାନଗୁଣ୍ଡି ଖାଇ ଓ ଏହିପରି ବିଭିନ୍ନ ବଦଭ୍ୟାସ କରି ବର୍ଷ ବର୍ଷ କଟାଇ-ଦିଅନ୍ତି ।

ଆପଣଙ୍କର ଗୀତା ବା ଉପନିଷଦର ଗୋଟିଏ ବି ଶ୍ଳୋକ ମୁଖସ୍ଥ ନାହିଁ । ଆପଣ ପଦ୍ମାସନରେ ବସି ଜାଣି ନାହାନ୍ତି । ଆପଣ ମନ୍ତ୍ର ଓ କୀର୍ତ୍ତନର ଅମୂଲ୍ୟ ପ୍ରଭାବ ଜାଣି ନାହାନ୍ତି । ଆତ୍ମସଂଯମ କଣ, ମନ ନିୟନ୍ତ୍ରଣ କଣ, ଧ୍ୟାନ କଣ, ଅନ୍ତର୍ଦର୍ଶନ କଣ—ଏସବୁ ବିଷୟରେ ଆପଣ କିଛି ଜାଣି ନାହାନ୍ତି । ଆପଣଙ୍କ ଜୀବନ ବୃଥା । ଆପଣ ଏହି ଅମୂଲ୍ୟ ଜୀବନଟାକୁ ଅସତ୍‌ମାର୍ଗରେ ବିନିବେଶ କରିଦେଇଛନ୍ତି । ହୋଟେଲ, ରେଷ୍ଟୋରାଁ, ସିନେମାଘର ହିଁ ଆପଣଙ୍କର ବୈକୁଣ୍ଠଧାମ ହୋଇ-ଯାଇଛି । ପ୍ରକୃତରେ ଆପଣ ଏକ କଦର୍ଯ୍ୟ ଜୀବନ ଯାପନ କରୁଛନ୍ତି । ତୁଚ୍ଛ ମୂଲ୍ୟହୀନ ରାଜନୀତି ବିଷୟରେ ଯଦି ଦୁଇପଦ କହିଦେଇପାରିଲେ, ତେବେ ଅପଣ ନିଜକୁ ଏକ ବିରାଟ ଲୋକ ବୋଲି ଧରିନେଉଛନ୍ତି ।

ମନୁଷ୍ୟ ଜୀବନର ଉଦ୍ଦେଶ୍ୟ— କି କ୍ଷୋଭର ବିଷୟ ନୁହେଁ ସତେ ! ମନୁଷ୍ୟ ଏଠାକୁ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନେଇ ଅସିଛି । ଖାଇପିଇ ବେଶଭୂଷା ହୋଇ ଛୁଆ ଜନ୍ମ କରିବା ମନୁଷ୍ୟ ଜୀବନର ଉଦ୍ଦେଶ୍ୟ ନୁହେଁ । ଜୀବନ ଅନ୍ତରାଳରେ ଏକ ସୁନ୍ଦର ପବିତ୍ର ଉଦ୍ଦେଶ୍ୟ ରହିଛି । ଏହି ଜୀବନ ଅନ୍ତରାଳରେ ଏକ ଆନନ୍ଦମୟ ଶାଶ୍ୱତ ଜୀବନ ବିଦ୍ୟମାନ । ସେହି ଜୀବନ ଲାଭ ହିଁ ଏ ଜୀବନର ଉଦ୍ଦେଶ୍ୟ । ତେଣୁ ସେହି ଲକ୍ଷ୍ୟ ଲାଭ କରିବା ଉଦ୍ଦେଶ୍ୟରେ ଯେପରି ଏ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତ ବିନିଯୁକ୍ତ ହୁଏ, ସେଥିପ୍ରତି ଯତ୍ନଶୀଳ ହେବାକୁ ପଡ଼ିବ ।

ଜୀବନର ଅର୍ଦ୍ଧେକ ସମୟ ଶୋଇବାରେ ବିତିଯାଏ । ଅବଶିଷ୍ଟର ଅଧିକାଂଶ ବିତିଯାଏ ରୋଗଶଯ୍ୟାରେ । ପୁଣି କେତେକ ଅଂଶ ବିତିଯାଏ ପାନ, ଭୋଜନ ଓ ବୃଥା ବାକ୍ୟାଳାପରେ । ଶୈଶବ ଓ କୈଶୋର କଟିଯାଏ ଅଜ୍ଞତା ଓ କ୍ରୀଡ଼ାକୌତୁକର ପରଦା-ପଛରେ । ଯୌବନ ଆବଦ୍ଧ ହୋଇଯାଏ ରମଣୀର କୁହୁକ ଜାଲ ଭିତରେ । ବାର୍ଦ୍ଧକ୍ୟ ବିତିଯାଏ କୁଟୁମ୍ବଜଞ୍ଜାଳ ଓ ପରିବାର ଭରଣପୋଷଣର ବ୍ୟସ୍ତବିଳାପ ମଧ୍ୟରେ । ହେ ବନ୍ଧୁ, ଆପଣ ତା'ହେଲେ ପୁଣ୍ୟକର୍ମ କରିବାକୁ, ଭଗବତ୍ ଉପାସନା କରିବାକୁ ସମୟ ପାଉଛନ୍ତି କେବେ ? ଏ ବିଷୟଟି ଉପରେ ଟିକିଏ ଗୁରୁତ୍ୱ ଦିଅନ୍ତୁ; ଟିକିଏ ବିଚାର କରନ୍ତୁ; ଟିକିଏ ଭାବି ଦେଖନ୍ତୁ ।

ଜୀବନ କ୍ଷୁଦ୍ର । ସମୟ ଧାଇଁ ଚାଲିଛି । ଆଗରେ ରହିଛି ବହୁ ପ୍ରତିବନ୍ଧକ । ଏହି ଅବିଦ୍ୟାର ଫାଶ ଛିଣ୍ଡାଇଦିଅନ୍ତୁ । ନିର୍ବାଣ-ସୁଧା ପାନ କରନ୍ତୁ । ଜୀବନ କ୍ଷୁଦ୍ର, ସମୟ ଧାବମାନ, ସଂସାର ଦୁଃଖମୟ । ଆଳସ୍ୟ ତ୍ୟାଗ କରି ଯୌଗିକ ସାଧନାରେ ଲାଗିଯାଆନ୍ତୁ । ଏ ସଂସାର ଏକ ଦୁଇଦିନିଆ ମେଳା । ଏ ଜୀବନ ଏକ ପାଣି-ଫୋଟକା । ଦୁଇଟି ସେକେଣ୍ଡ ଭିତରେ ଏ ପାଣିଫୋଟକା ଫାଟିଯିବ । ଆପଣ ଏଠିକି ଏକୁଟିଆ ଆସିଥିଲେ । ଏକୁଟିଆ ଚାଲିଯିବେ । ଆପଣଙ୍କ ସହିତ କେହିଯିବେ ନାହିଁ । ଆପଣ ଲଙ୍ଗଳା ହୋଇ ଆସିଥିଲେ; ଚାଲିଯିବେ ଲଙ୍ଗଳା ହୋଇ । ସାହାସାଥୀ ହୋଇ କେହି ଆପଣଙ୍କ ସହିତ ଯିବେ ନାହିଁ । ଭଜନ କରନ୍ତୁ; କୀର୍ତ୍ତନ କରନ୍ତୁ । ଏହି ଭଜନ କୀର୍ତ୍ତନ ହିଁ ଆପଣଙ୍କ ସହିତ ଯିବ ।

ଜୀବନର ପ୍ରତିଟି ମୁହୂର୍ତ୍ତିକୁ ଲାଭପ୍ରଦଭାବରେ ବିନିଯୋଗ କରିବା ଫଳରେ ଲୋକେ ମହାନ ହୋଇପାରିଛନ୍ତି, ବିଖ୍ୟାତ ହୋଇପାରିଛନ୍ତି । ନିୟମିତଭାବରେ ଦିନଲିପି ଲେଖନ୍ତୁ । ଆବଶ୍ୟକତାର ପରିମାଣ କମାଇଦିଅନ୍ତୁ । ବୃଥା ବାକ୍ୟାଳାପ କରିବା ଛାଡ଼ିଦିଅନ୍ତୁ । ବହୁ ଗପ କରିଛନ୍ତି; ବହୁତ କଥା କହିଛନ୍ତି; ସେତିକି ଯଥେଷ୍ଟ । ଏଥର ମୌନ ଅବଲମ୍ବନ କରନ୍ତୁ । ସମୟର ମୂଲ୍ୟ ଉପଲବ୍ଧି କରନ୍ତୁ । ଗୋଟିଏ ଦୈନିକ ସମୟ-ସାରଣୀ ପ୍ରସ୍ତୁତ କରନ୍ତୁ । ପରିସ୍ଥିତି ଯାହା ହେଉ ନା କାହିଁକି, ସେହି ସାରଣୀ ଅନୁସାରେ ଚାଲନ୍ତୁ । ମହାନ ହୁଅନ୍ତୁ, ବିକଶିତ ହୁଅନ୍ତୁ । ବିଶାଳ ହୁଅନ୍ତୁ । ଜୀବନରେ ସାଫଲ୍ୟମଣ୍ଡିତ ହୁଅନ୍ତୁ । ଈଶ୍ୱର ଉପଲବ୍ଧି ଲାଭ କରନ୍ତୁ । କବାଟ କିଳି କୋଠରିଭିତରେ ବସନ୍ତୁ । ଧ୍ୟାନ କରନ୍ତୁ । ନିଜଭିତରେ ଯେଉଁ ଆଧ୍ୟାତ୍ମିକ ଚେତନା ଆବୃତ୍ତ ହୋଇ ରହିଛି, ତାକୁ ଅନାବୃତ୍ତ କରିଦିଅନ୍ତୁ ।

ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ହୋଇ ସମୟ ଗଡ଼ି ଚାଲିଛି । ମୁଣ୍ଡର ବାଳ ପାଚିଗଲାଣି । ଦାନ୍ତ ପଡ଼ିଗଲାଣି । ତଥାପି ଆପଣ ମୋହପରବଶ ହୋଇ ଅନିତ୍ୟ ଜଗତକୁ ଜାବୋଡ଼ି ଧରିଛନ୍ତି । କହିଲେ ବନ୍ଧୁ, ଆପଣ ଆଉ କେତେଦିନ ଏହି ଅନିତ୍ୟ ଜଗତର ଦାସ ହୋଇ ପଡ଼ିଥିବେ ?

ଆଉ କେତେ ଦିନ ଏହି ଧନରତ୍ନ ଓ ସ୍ତ୍ରୀରତ୍ନର ପୂଜା କରି ଚାଲିଥିବେ ? ତା'ହେଲେ ପରମାତ୍ମାଙ୍କର ଧ୍ୟାନ କରିବାକୁ ଆଉ କେବେ ସମୟ ମିଳିବ ? ପୁଣ୍ୟ କରିବାକୁ ଆଉ କେବେ ସମୟ ମିଳିବ ? ବିଚାର କରନ୍ତୁ । ଭାବି ଦେଖନ୍ତୁ ।

ପାର୍ଥିବ ଜୀବନର ଅନିଶ୍ଚିତତା— ଜୀବନ-ପତ୍ର ଝଡ଼ି ପଡୁଛି, ଯୌବନପୁଷ୍ପ ମଉଳି ଯାଉଛି । ଦିନ ଗଡ଼ିଯାଉଛି । ସର୍ବଗ୍ରାସୀ କାଳର ଭୟାବହ ଉଷ୍ଣ କରସ୍ପର୍ଶ ସକଳ ଜଗତଉପରେ ଲାଗିଯାଉଛି । ଧରିତ୍ରୀପୃଷ୍ଠର ଏ ଯେଉଁ ଜୀବନ, ଏହା ଜଳ ବୁଦ୍‌ବୁଦ୍‌ ପରି କ୍ଷଣସ୍ଥାୟୀ; ବିଜୁଳି ପରି କ୍ଷଣିକ ।

ଡାକ୍ତରଙ୍କ ଘରୁ ଜଳଖିଆ ଖାଇଯାଅ ବୋଲି ଟେଲିଫୋନରେ ଡାକରା ଆସୁଛି । ଘରକୁ ଫିବାଲାଗି ଡାକ୍ତର ପାହାଚ ଚଢ଼ୁଛନ୍ତି, କିନ୍ତୁ ପରମୁହୂର୍ତ୍ତରେ ଦେଖାଯାଉଛି ହୃଦଯନ୍ତ୍ରର କ୍ରିୟା ବନ୍ଦ ହୋଇଯିବା ଫଳରେ ସେଇଠି ସେହି ପାହାଚ-ଉପରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଉଛି । ଜଣେ ରାଜକୁମାରୀ ପାଖରେ ସ୍ୱାମୀଙ୍କୁ ବସାଇ କାର ଚଳାଇ ଚାଲିଛନ୍ତି କିନ୍ତୁ ହଠାତ୍ ରାସ୍ତାରେ କାରଟି ଦୁର୍ଘଟଣାଗ୍ରସ୍ତ ହୋଇଯାଉଛି ; ସେଇଠି ରାଜକୁମାରୀଙ୍କର ପ୍ରାଣବାୟୁ ଉଡ଼ିଯାଉଛି । ଜମିଦାର ପବନ ଖାଇବେ ବୋଲି ଚଉକି ଖଣ୍ଡିଏ ପକାଇ ବାହାରେ ବସିପଡ଼ୁଛନ୍ତି କିନ୍ତୁ ବସୁ ବସୁ ନାଗସାପ ଆସି ମାରଦେଉଛି ଯେ, ତାଙ୍କ ପ୍ରାଣବାୟୁ ଛାଡ଼ିଯାଉଛି । ଏସବୁ ହେଉଛି ସାଂସାରିକ ଜୀବନର ଅନିତ୍ୟତା ଓ ଅନିଶ୍ଚିତତାର ଗୋଟିଏ ଗୋଟିଏ ପ୍ରମାଣ । ତଥାପି ମନୁଷ୍ୟ କାଳକ୍ଷେପ କରିବାର, ସମୟ ନଷ୍ଟ କରିବାର ମୂର୍ଖତା ଛାଡ଼ୁ ନାହିଁ ।

ଅଜା ବାପା ମରିଯାଉଛନ୍ତି । ତା' ବାସିଦିନ ପୁଅ ମରିଯାଉଛି । ଅଗରୁ ଆସିଥିବା ଲୋକ ଓ ପଛେ ଆସିଥିବା ଲୋକ ଉଭୟେ ମରିଯିବା ପରେ ମଧ୍ୟ ମୂର୍ଖ ମନୁଷ୍ୟ ଭାବୁଛି, ସେ ଚିରକାଳ ବଞ୍ଚିରହିବ । ଏପରି ମିଥ୍ୟା ଆଶାର ବଶବର୍ତ୍ତୀ ହୋଇ ହିଁ ସେ ସାଧନା ନ କରି ଦିନ ଗଡ଼ାଇଦେଉଛି ।

ସମୟର ସଦ୍‌ବ୍ୟବହାର କରିବା କିପରି— ମିଷ୍ଟର ରକ୍‌ଫେଲର ଓ ମିଷ୍ଟର ଅଷ୍ଟିନ୍‌ ସମୟର ମୂଲ୍ୟ ଜାଣନ୍ତି । ସେମାନେ କେବଳ ସୁଧ ବାବଦରେ ଦିନକୁ ଲକ୍ଷ ଲକ୍ଷ ପାଉଣ୍ଡ ଉପାର୍ଜନ କରନ୍ତି । ସେମାନଙ୍କପାଇଁ ପ୍ରତିଟି ମୁହୂର୍ତ୍ତ ମୂଲ୍ୟବାନ । ଘଣ୍ଟାକଭିତରେ ସେମାନେ ଅଜସ୍ର ଧନ ଉପାର୍ଜନ କରନ୍ତି । ସେମାନେ ସମୟକୁ ଟଙ୍କା ପଇସାରେ ମାପନ୍ତି । ବାଣିଜ୍ୟ ବ୍ୟବସାୟରେ ଲାଗିଥିବା ସାଂସାରିକ ଲୋକେ ଯେପରି ଅର୍ଥ ଉପାର୍ଜନ କ୍ଷେତ୍ରରେ ସମୟ

ସମ୍ବନ୍ଧରେ ବିଶେଷ ଯତ୍ନବାନ; ଆଧ୍ୟାତ୍ମିକ କ୍ଷେତ୍ରର ସାଧକମାନେ ମଧ୍ୟ ସେହିପରି ସମୟ ସମ୍ବନ୍ଧରେ ବିଶେଷ ଯତ୍ନବାନ; ଅବଶ୍ୟ ସେମାନେ ସମୟକୁ ଭଗବତ୍ ଚିନ୍ତାରେ ବିନିଯୁକ୍ତ କରିଥାନ୍ତି । ସେମାନେ ଅନାବଶ୍ୟକଭାବରେ ପଦଟିଏ ବି କଥା କହନ୍ତି ନାହିଁ । ସେମାନଙ୍କର ଇଚ୍ଛା ଯେ, ସେମାନେ ପ୍ରତିଟି ମୁହୂର୍ତ୍ତ ଭଗବତ୍ ଚିନ୍ତାରେ ବିନିଯୋଗ କରିବେ । ତେଣୁ ସେମାନେ ମୌନବ୍ରତ ଅବଲମ୍ବନ କରନ୍ତି; ସେଥିପାଇଁ ସେମାନେ ହିମାଳୟ ପରି ପର୍ବତମାନଙ୍କର ଗୁମ୍ଫାରେ ଆତ୍ମଗୋପନ କରି ରହନ୍ତି । ଆପଣ ଯଦି ପ୍ରତିଟି ମୁହୂର୍ତ୍ତର ସଦୁପଯୋଗ କରିବେ, ଘଣ୍ଟା ଓ ପ୍ରହରର ସଦୁପଯୋଗ ସ୍ୱତଃ ହୋଇଯିବ ।

ସତରେ ସମୟ ବଡ଼ ମୂଲ୍ୟବାନ । ଚାଲିଯିବା ସମୟ ଆଉ ଫେରିଆସେ ନାହିଁ । ବିତ ପ୍ରହର ତାର ଗତି । ଘଣ୍ଟା ଯେତେବେଳେ ବାଜୁଛି, ଜାଣନ୍ତୁ ଯେ ମରଣ ପାଖେଇ ଆସୁଛି । ଗୋଟିଏ ଘଣ୍ଟା ବିତିଗଲାମାନେ, ଆପଣଙ୍କର ଜୀବନ-କାଳରୁ ଗୋଟିଏ ଘଣ୍ଟା କମିଗଲା । ସେତେବେଳେ ଆପଣ ଥରହର ହୋଇଯିବା କଥା; କହି ଉଠିବା କଥା, 'ମରଣ ନିକଟ ହୋଇ ଆସିଲା, ମୁଁ ସମୟ ନଷ୍ଟ କରି ଚାଲିଛି ! ଜୀବନର ଲକ୍ଷ୍ୟସ୍ଥଳରେ ଆଉ କେତେବେଳେ ପହଞ୍ଚିବି ? କେତେବେଳେ ଆଉ ମୋର ଇଷ୍ଟ ଦେବତା ଶ୍ରୀକୃଷ୍ଣଙ୍କର ସାକ୍ଷାତ ପାଇବି ? କେତେବେଳେ ତାଙ୍କର ଦର୍ଶନ ଲାଭ କରିବି ? ଏହି ସଂସାର ଚକ୍ରରୁ ଆଉ କେବେ ମୁକ୍ତି ମିଳିବ ? ?'

ଜନ୍ମଦିନ ଆସିଲା ଅର୍ଥ ଆପଣଙ୍କୁ ମନେ ପକାଇଦିଆଗଲା ଯେ, ଆପଣଙ୍କ ଜୀବନକାଳରୁ ବର୍ଷଟିଏ ସରିଗଲା । ସେଦିନ ଆପଣ ଏକ ଦୃଢ଼ ପ୍ରତିଜ୍ଞା କରନ୍ତୁ ଯେ, ଭବିଷ୍ୟତ ଜୀବନଟାକୁ ଅଧିକ ତାତ୍ପର୍ଯ୍ୟପୂର୍ଣ୍ଣ, ଅଧିକ ଉପଯୋଗୀ କରିବାକୁ ନିରଳସ ଚେଷ୍ଟା କରିବେ ।

ସତ୍‌କାର୍ଯ୍ୟ କରିବାକୁ ହେଲେ ଦିନ ଗଡ଼ାଇଦିଅନ୍ତୁ ନାହିଁ । କାରଣ ଜୀବନ ଅନିଶ୍ଚିତ । ଯେଉଁ କାମଟି ଆଗାମୀ କାଲି କରିବେ ବୋଲି ପ୍ରସ୍ତାବ ରଖିଛନ୍ତି, ସେ କାମଟି ଆଜି ସାରିଦିଅନ୍ତୁ । ଯେଉଁ କାର୍ଯ୍ୟଟି ଆଜି କରିବେ ବୋଲି ଭାବିଛନ୍ତି, ତାହା ବର୍ତ୍ତମାନ ଶେଷ କରିଦିଅନ୍ତୁ ।

ଦିନ ଥାଉ ଥାଉ ସେସବୁ କାର୍ଯ୍ୟ ସାରିଦିଅନ୍ତୁ ଯାହା ଫଳରେ କି ଆପଣଙ୍କର ରାତିଟି ସୁଖଶାନ୍ତିରେ କଟିଯିବ । ଜୀବନର ପ୍ରାରମ୍ଭକାଳରୁ ହିଁ ସେସବୁ କାର୍ଯ୍ୟ ସାରିଦିଅନ୍ତୁ ଯାହା ଫଳରେ ଆପଣଙ୍କର ବାର୍ଦ୍ଧକ୍ୟ ସୁଖମୟ ହୋଇ-ପାରିବ । ଜୀବନ ସାରା ଲାଗିପଡ଼ି ସେସବୁ କାର୍ଯ୍ୟ ସାରିଦିଅନ୍ତୁ ଯେ, ମରଣ ପରେ ଆପଣ ସୁଖରେ ରହିପାରିବେ ।

ହେ ବନ୍ଧୁ, ରାତିରେ ବିଛଣା ଧରିବା ପୂର୍ବରୁ ଟିକିଏ ବସିପଡ଼ି ସକାଳୁ ସେପର୍ଯ୍ୟନ୍ତ ଆପଣ କଣ କଲେ, ତାର ଟିକିଏ ହିସାବ କରନ୍ତୁ । ଯଦି ଅନ୍ତତଃ

ପଦଟିଏ ଆଶ୍ୱାସନାର ବାଣୀ, ଆନନ୍ଦର ବାଣୀ ଶୁଣାଇ, ଅନ୍ତତଃ ଗୋଟିଏ ଭଲକାମ କରି ଅନ୍ତକମରେ ଜଣେ ଲୋକର ଆଖିରୁ ଲୁହଟିକିଏ ପୋଛିଦେଇପାରିଛନ୍ତି, ତେବେ ଜାଣନ୍ତୁ, ଆପଣଙ୍କର ସେଦିନଟି ସାର୍ଥକ ହୋଇଛି; ଆପଣଙ୍କର ସେଦିନର କାର୍ଯ୍ୟରେ ଭଗବାନ ନିଶ୍ଚିତଭାବରେ ସନ୍ତୁଷ୍ଟ ହୋଇଛନ୍ତି । କିନ୍ତୁ ଯଦି ସେଦିନ କୌଣସି ଜଣେହେଲେ ଲୋକକୁ ବି ସାନ୍ତ୍ୱନା ଦେବାଭଳି କୌଣସି କାର୍ଯ୍ୟ କରି ନାହାନ୍ତି, କାହାରି ହୃଦୟବେଦନା ପ୍ରଶମନ କରିବାଲାଗି ପଦଟିଏ ବି କଥା କହି ନାହାନ୍ତି, ତେବେ ଜାଣନ୍ତୁ ଯେ, ସେଦିନଟି ବୃଥା ହୋଇଯାଇଛି; ସେଦିନଟି ନଷ୍ଟ ହୋଇଯାଇଛି ବୋଲି ଧରିନିଅନ୍ତୁ ।

ସମୟ ହେଉଛି ଏକ ବିରାଟ ଶିକୁଳି; ଜୀବନ ହେଉଛି ସେହି ଶିକୁଳିର ଗୋଟିଏ କଡ଼ା । ସମୟ ନଷ୍ଟ କରିବା ଅର୍ଥ ଜୀବନ ନଷ୍ଟ କରିଦେବା । ସମୟର ମୂଲ୍ୟ କେତେ, ତାହା ଜାଣନ୍ତୁ । ଯଦି ଗୋଟିଏ ମୁହୂର୍ତ୍ତ ଅଯଥାରେ ନଷ୍ଟ ହୋଇଗଲା, ତେବେ ଆପଣ କୌଣସିଭାବରେ ସେହି କ୍ଷତି ପୂରଣ କରିପାରିବେ ନାହିଁ । ସମୟ ଅତି ମୂଲ୍ୟବାନ । ସମୟକୁ ସାମାନ୍ୟ ଜ୍ଞାନ କରନ୍ତୁ ନାହିଁ । ସମୟର ସଦ୍‌ବିନିଯୋଗ କରନ୍ତୁ । ପ୍ରତ୍ୟେକଟି କ୍ଷଣ ଆଧ୍ୟାତ୍ମିକ ସେବା ଓ ସାଧନାରେ ବିନିଯୋଗ କରନ୍ତୁ ।

ସମୟର ସ୍ୱରୂପ— ସମୟ ହେଉଛି ମନର ଏକ ପ୍ରକୃତିଗତ ଅନୁଭୂତି; ଏକ ମନଃସୃଷ୍ଟ ବିଷୟ । ଘଟଣାର ଆକାର ପ୍ରକାର ଉପରେ ସମୟ ନିର୍ଭର କରେ ।

ମନ ଯେତେବେଳେ ଅତ୍ୟନ୍ତ ଅଭିନିବିଷ୍ଟ ହୋଇ ରହିଥାଏ, ସେତେବେଳେ ଦୁଇଘଣ୍ଟା ସମୟ ପାଞ୍ଚମିନିଟ୍ ପରି ବୋଧହୁଏ । ମନ ଯେତେବେଳେ ଅସ୍ଥିର-ବିଚଳିତ ହୋଇ ରହିଯାଏ, ସେତେବେଳେ ଅଧଘଣ୍ଟାଏ ସମୟ ଦୁଇଘଣ୍ଟାପରି ଲାଗେ । ଏହା ଏକ ସାଧାରଣ ଅନୁଭୂତି । ସ୍ୱପ୍ନରେ ମଧ୍ୟ ଦୀର୍ଘ ପଚିଶବର୍ଷ ଅବଧିର ଘଟଣା ଦଶମିନିଟ ମଧ୍ୟରେ ଘଟିଯାଏ । ମନର ଖେଳ ଭିତରେ କେତେବେଳେ ଗୋଟିଏ କଳ୍ପ ଗୋଟିଏ ମୁହୂର୍ତ୍ତପରି ବୋଧହୁଏ ତ, କେତେବେଳେ ଗୋଟିଏ ମୁହୂର୍ତ୍ତ ଗୋଟିଏ କଳ୍ପପରି ବୋଧହୁଏ । ସମୟ ହେଉଛି ମନର ଏକ ପ୍ରକୃତି । ସମୟ ହେଉଛି କାଳଶକ୍ତି । ଏବଂ ଅନ୍ୟାନ୍ୟ ଜାଗତିକ ବସ୍ତୁପରି ସମୟ ମଧ୍ୟ ମାୟିକ ।

ସମୟ ହେଉଛି ମନର ଏକ ଧାରଣା । ମନର ସହାୟତା ବିନା ସମୟର ଧାରଣା କରିହେବ ନାହିଁ । ମନୋନାଶ କରିଦିଅନ୍ତୁ । ଆପଣ ସମୟର ଆଗକୁ ଚାଲିଯିବେ । ଆପଣ କାଳାତୀତ ଧାମରେ ପହଞ୍ଚିଯାଇପାରିବେ । ଆପଣ ନିତ୍ୟ ସନାତନରେ ନିବାସ କରିପାରିବେ ।

ନିର୍ବିକଳ୍ପ ବ୍ରହ୍ମରେ ସମୟ ବୋଲି କିଛି ନାହିଁ । ସମୟ ହେଉଛି ଅନୁଭୂତିର ଏକ ପରିମାପ । ଆପଣ ଦିନ ଗୋଟାଏବେଳେ ଖାଇବସିଲେ ଓ ଦିନ ଦୁଇଟାରେ ଖାଇବାସ୍ଥାନରୁ ଉଠିଲେ, ଅର୍ଥାତ୍ ଖାଇବାପାଇଁ ଘଣ୍ଟାଏ ସମୟ ନେଲେ । ଦୁଇଟି ଅନୁଭୂତି ମଧ୍ୟରେ ଏକ ବିରାମ ରହୁଛି । ତାପରେ ଆପଣ ଦିନ ତିନିଟାରୁ ଚାରିଟା ପର୍ଯ୍ୟନ୍ତ ଶୋଇଲେ । ଏହା ଅନ୍ୟ ଏକ ଅନୁଭୂତି । ଆପଣ ଶୋଇବାରେ ଘଣ୍ଟାଏ କଟାଇଲେ । କିନ୍ତୁ ଯେଉଁଠାରେ ସର୍ବଦା କେବଳ ଗୋଟିଏମାତ୍ର ବ୍ରହ୍ମଙ୍କର ଅନୁଭୂତି ଲାଭ ରହୁଛି, ସେଠାରେ ବିରାମ ନାହିଁ । ତେଣୁ ସେଠାରେ ସମୟର ସ୍ଥାନ ନାହିଁ ।

ଗତକାଲି; ଆଜି ଓ ଆଗାମୀକାଲି—ସମୟର ରୂପ ବା ଆକାର ନାହିଁ । କିନ୍ତୁ ପ୍ରକୃତିରେ ଯେତେବେଳେ କୌଣସି ସଞ୍ଚଳନ ଘଟେ, ସେତେବେଳେ ସମୟ ଦେଖାଦିଏ । ସମୟର ଚକ୍ର ବଡ଼ ରହସ୍ୟମୟ ।

ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଗୋଟିଏ ଗୋଟିଏ ଆପେକ୍ଷିକ ଶବ୍ଦ । ବର୍ତ୍ତମାନ ଅତୀତରେ ପରିଣତ ହୋଇଯାଏ । ଭବିଷ୍ୟତ ବର୍ତ୍ତମାନରେ ପରିଣତ ହୋଇଯାଏ । ବର୍ତ୍ତମାନ ସମୟ ହିଁ ପ୍ରକୃତ ସମୟ । ତେଣୁ ବର୍ତ୍ତମାନରେ ନିବାସ କରନ୍ତୁ ।

ଆଜି କାଲିରେ ପରିଣତ ହୋଇଯାଏ । ଗତ କାଲିଟି ଆଜିର ଏକ ସ୍ମରଣର ବିଷୟ । ଗତକାଲିଟି ଆଜିର ମନେପଡ଼ିବା ଉପରେ ନିର୍ଭର କରେ । ଆଗାମୀକାଲିଟି ହେଉଛି ଆଜିର ଏକ ସ୍ୱପ୍ନ, ଏକ କଳ୍ପନା । ଫଳତଃ ଆଗାମୀକାଲିଟି ଏକ କାମନା । ସୁତରାଂ ଏହି ନିଶ୍ଚିତ ବାସ୍ତବ ବର୍ତ୍ତମାନରେ ହିଁ ନିବାସ କରନ୍ତୁ । ଗତକାଲି ଓ ଆଗାମୀକାଲି-ବିଷୟ ମନରୁ ସମ୍ପୂର୍ଣ୍ଣଭାବରେ ପୋଛିଦିଅନ୍ତୁ । ଭଗବାନଙ୍କଠାରେ ଅତୀତ ନାହିଁ, କି ଭବିଷ୍ୟତ ନାହିଁ । ସେ ନିତ୍ୟ । ସେ ସର୍ବଦା ବର୍ତ୍ତମାନ । ବର୍ତ୍ତମାନ ହିଁ ନିଶ୍ଚିତ ବାସ୍ତବତା ।

ଆପଣ ଅତୀତକୁ ସଂଶୋଧନ କରିପାରିବେ ନାହିଁ । ଆପଣ ଆଗାମୀକାଲି ବିଷୟରେ ଅନିଶ୍ଚିତ । ତେଣୁ ବର୍ତ୍ତମାନର ଯଥାସମ୍ଭବ ସଦ୍‌ବ୍ୟବହାର ହିଁ ଆପଣଙ୍କର ଶ୍ରେଷ୍ଠତମ ପନ୍ଥା ।

ଗତକାଲି ଚାଲିଗଲାଣି । ଗତକାଲି ବିଷୟ ଭୁଲିଯାଆନ୍ତୁ । ଏଠାରେ ଆଗାମୀ-କାଲିର କୌଣସି ସତ୍ତା ନାହିଁ । ସେ ବିଷୟ ନେଇ ବ୍ୟସ୍ତ ହୁଅନ୍ତୁ ନାହିଁ । ଆଜିଟି ହିଁ ରହୁଛି । ଆଜି ଦିନଟିର ସଦ୍‌ବ୍ୟବହାର କରନ୍ତୁ । ଆଜିଟି ହିଁ ଆପଣଙ୍କର । କିଏ କହିବ, ଆପଣଙ୍କପାଇଁ ଆଗାମୀକାଲି ବୋଲି କିଛି ଆସି ନ ପାରେ ।

ଗତକାଲିଟି କେବଳ ଏକ ସ୍ୱପ୍ନ । ଆଗାମୀକାଲିଟି କେବଳ ଏକ କଳ୍ପନା । ସେହି ମୃତ ଅତୀତ ଓ ଅଜାତ ଭବିଷ୍ୟତ ନେଇ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଆଜିଦିନ ଉପରେ, ଏହି ଶାଶ୍ୱତ ନିତ୍ୟ ଉପରେ ହିଁ ମନୋନିବେଶ କରନ୍ତୁ । ଆଜି-ଦିନଟି ହିଁ ଶେଷଦିନ ଭାବି ଆଜିଦିନଟିର ସଦ୍‌ବ୍ୟବହାର କରନ୍ତୁ । ପ୍ରତ୍ୟେକଟି ମୁହୂର୍ତ୍ତ ବିଶେଷ ଗୁରୁତ୍ୱପୂର୍ଣ୍ଣ । ପ୍ରତ୍ୟେକଟି ଦିନ ଗୋଟିଏ ନୂତନ ପୃଷ୍ଠା ଖୋଲିବା ସହିତ ସମାନ । ପ୍ରତ୍ୟେକଟି ବର୍ଷ ଏକ ନୂତନ ଆଶାର ଶୁଭାରମ୍ଭ ।

ଆଳସ୍ୟ ବରଣ କରନ୍ତୁ ନାହିଁ । ଅଧସେକେଣ୍ଡଟିଏ ମଧ୍ୟ ନଷ୍ଟ କରନ୍ତୁ ନାହିଁ । ସାହସୀ ହୁଅନ୍ତୁ । ଜପ, କୀର୍ତ୍ତନ ସାଧୁସେବା ଓ ଦରିଦ୍ରନାରାୟଣ ସେବାରେ ଆତ୍ମୋତ୍ସର୍ଗ କରିଦିଅନ୍ତୁ । ଧ୍ୟାନ କରନ୍ତୁ । ଏହି ବର୍ତ୍ତମାନଠାରେ ସତ୍ୟ ସଂଦର୍ଶନ କରନ୍ତୁ । ସମୟକୁ ଅତିକ୍ରମ କରିଯାଇ କାଳାତୀତ ହୋଇଯାଆନ୍ତୁ ।

ମୃତ୍ୟୁ

ବିଭିନ୍ନ ଚମତ୍କାର ଉଦ୍ଭାବନ କରିଯାଇଥିବା ବଶିଷ୍ଟ ବୈଜ୍ଞାନିକଗଣ, ସୃଷ୍ଟି କୀର୍ତ୍ତି ସ୍ଥାପନ କରିଯାଇଥିବା ମହାନ ସମ୍ରାଟଗଣ, ପ୍ରତିଭାବିଶିଷ୍ଟ କବିଗଣ, ସୃଜନକର୍ମୀ ଶିଳ୍ପୀଗଣ, ଅସଂଖ୍ୟ ବ୍ରାହ୍ମଣ, ମୁନି, ଋଷି ତଥା ଯୋଗୀଗଣ ଇହଧାମକୁ ଆସିଛନ୍ତି ଏବଂ ଇହଧାମରୁ ଚାଲିଯାଇଛନ୍ତି । ଇହଧାମରୁ ଚାଲିଯିବାପରେ ସେମାନଙ୍କର ଅବସ୍ଥା କଣ ହେଲା,ତାହା ଜାଣିବାଲାଗି ଆପଣ ଅତ୍ୟନ୍ତ ଆଗ୍ରହୀ । ସେମାନେ ଏପର୍ଯ୍ୟନ୍ତ ଅଛନ୍ତି କି ? ମୃତ୍ୟୁପରେ କଣ ହୁଏ ? ସେମାନଙ୍କର ସତ୍ତା କଣ ହଜିଗଲା, ନା ସେମାନେ ମହାଶୂନ୍ୟରେ ଲୀନ ହୋଇଗଲେ ? ସବୁରି ମନରେ ଏପରି ବହୁ ପ୍ରଶ୍ନ ସ୍ୱତଃ ଜାଗ୍ରତ ହେଉଛି । ଆଜି ଏ ଯେଉଁସବୁ ପ୍ରଶ୍ନ ଉଠୁଛି, ହଜାର ହଜାର ବର୍ଷ ତଳେ ମଧ୍ୟ ସେହିସବୁ ପ୍ରଶ୍ନ ଉଠିଥିଲା । କାରଣ ଏସବୁ ପ୍ରଶ୍ନ ଆମ ସ୍ୱଭାବ ସହିତ ଅବିଚ୍ଛେଦ୍ୟଭାବରେ ଜଡିତ ।

ମୃତ୍ୟୁ ହିଁ ଯୁଗ ଯୁଗ ଧରି ଧର୍ମ ତଥା ଧାର୍ମିକ ଜୀବନକୁ ପ୍ରବୋଧିତ କରି ଆସିଛି । ମୃତ୍ୟୁ ହିଁ ମନୁଷ୍ୟକୁ ଅମରତ୍ୱର ଅନୁସନ୍ଧାନରେ ବ୍ରତୀ କରାଇଛି ।

ମନୁଷ୍ୟ ମୃତ୍ୟୁକୁ ଭୟ କରେ । ସେ ମରିବାକୁ ଚାହେଁ ନାହିଁ । ସେ ଚିରଦିନ ବଞ୍ଚିରହିବାକୁ ଚାହେଁ । ଏହା ହିଁ ଦର୍ଶନଶାସ୍ତ୍ରର ପ୍ରାରମ୍ଭସ୍ଥଳ । ଦର୍ଶନଶାସ୍ତ୍ର ଜିଜ୍ଞାସା କରେ, ଅନୁସନ୍ଧାନ କରେ ଏବଂ ଦୃଢତାର ସହିତ ଘୋଷଣା କରେ, "ହେ ମନୁଷ୍ୟ, ମୃତ୍ୟୁକୁ ଭୟ କର ନାହିଁ । ତୁମପାଇଁ ଏକ ଅମରଧାମ ରହିଛି । ତାହା ହେଉଛି ବ୍ରହ୍ମ । ବ୍ରହ୍ମ ତୁମ ହୃଦୟମନ୍ଦିରନିବାସୀ ଆତ୍ମା ଭିନ୍ନ ଅନ୍ୟ କେହି ନୁହନ୍ତି । ତୁମ ହୃଦୟକୁ ନିର୍ମଳ ପବିତ୍ର କରି ସେହି ପବିତ୍ର-ଅମର-ଅପରିଣାମୀ ଆତ୍ମାଙ୍କୁ ଧ୍ୟାନ କର । ତୁମେ ଅମରତ୍ୱ ପ୍ରାପ୍ତ ହେବ !"

ଆପଣ ମରିବେ ନାହିଁ, କାରଣ ଆପଣ ଜନ୍ମ ହୋଇ ନ ଥିଲେ । ଆପଣ ସ୍ୱୟଂ ଅମର ଆତ୍ମା । ମାୟାର ଅବାସ୍ତବ ନାଟକରେ ଜନ୍ମ ଓ ମୃତ୍ୟୁ ହେଉଛି ଦୁଇଟି ଅଲଗା ଦୃଶ୍ୟ । ଏ ଶରୀର ହେଉଛି ପଞ୍ଚମହାଭୂତରୁ ଉତ୍ପନ୍ନ ଏକ ମିଥ୍ୟା ସାମଗ୍ରୀ । ଜନ୍ମ ଓ ମୃତ୍ୟୁ ସେହି ପାର୍ଥିବ ଶରୀର ସହିତ ସମ୍ପୃକ୍ତ । ତେଣୁ ଜନ୍ମ ଓ ମୃତ୍ୟୁକୁ ନେଇ ଯେତେସବୁ ଧାରଣା ରହିଛି, ସେସବୁ ଭ୍ରମାତ୍ମକ ମାତ୍ର ।

ପ୍ରତ୍ୟେକଟି ଆତ୍ମା ଗୋଟିଏ ଗୋଟିଏ ବୃତ୍ତ । ଏସବୁ ବୃତ୍ତର ପରିଧି ଅସୀମରେ ଲୀନ ହୋଇଯାଇଛି ଅର୍ଥାତ୍ କୌଣସିଠାରେ ନାହିଁ କିନ୍ତୁ ଦେହ ହେଉଛି ସେହି ବୃତ୍ତର କେନ୍ଦ୍ର । ସେହି ବୃତ୍ତ-କେନ୍ଦ୍ରଟି ଗୋଟିଏ ଦେହରୁ ଅନ୍ୟ ଗୋଟିଏ ଦେହକୁ ପରିବର୍ତ୍ତିତ ହୋଇଯିବାର ନାମ ମୃତ୍ୟୁ । ପରିସ୍ଥିତି ଏପରି ହୋଇଥିବା ସ୍ଥଳେ ଆପଣ ମୃତ୍ୟୁକୁ ଭୟ କରିବେ କାହିଁକି ?

ମୃତ୍ୟୁ କଣ—ସ୍ଥୂଳଶରୀରରୁ ଆତ୍ମା ବିଚ୍ଛିନ୍ନ ହୋଇଯିବାର ନାମ ମୃତ୍ୟୁ । ଆତ୍ମା ଆସି ଗୋଟିଏ ସ୍ଥୂଳଶରୀରରେ ପ୍ରବେଶ କରିବାର ନାମ ଜନ୍ମ । ଦେହରୁ ଆତ୍ମା ବିଦାୟ ହୋଇଯିବାର ନାମ ମୃତ୍ୟୁ । ଆତ୍ମା ଅନୁପସ୍ଥିତ ରହିଲେ ଦେହର ନାମ ଶବ ହୋଇଯାଏ ।

ମୃତ୍ୟୁ ହେଉଛି ଜୀବନର ଗୋଟିଏ ଶରୀରରୁ ଅନ୍ୟ ଗୋଟିଏ ଶରୀରକୁ ଯିବାପାଇଁ ଏକ ଦ୍ୱାରପଥ । ଦେହସ୍ଥିତ ଯନ୍ତ୍ରମାନଙ୍କର କାର୍ଯ୍ୟ ଶେଷ ହୋଇଯିବାକୁ ତଥା ଦୈହିକ ଚେତନାର ଲୋପକୁ ମୃତ୍ୟୁ କୁହାଯାଏ । ଚେତନାର ମାନସିକ ସ୍ତର ତଥା ସୂକ୍ଷ୍ମ ସ୍ତରର ରୂପାନ୍ତରକୁ ମୃତ୍ୟୁ କୁହାଯାଏ । ତାପର ମାତ୍ରା ଅନୁଯାୟୀ ବରଫ ଜଳରେ ପରିଣତ ହୋଇଯାଉଛି, ଜଳ ଜଳୀୟବାଷ୍ପରେ, ଧୂମ୍ରାଳ ଜଳୀୟବାଷ୍ପ ଅଦୃଶ୍ୟ ଜଳୀୟବାଷ୍ପରେ ପରିବର୍ତ୍ତିତ ହୋଇଯାଉଛି । ଜଳର ଯେପରି ଏହିସବୁ ବିଭିନ୍ନ ସ୍ତରରେ ପରିବର୍ତ୍ତନ ହୋଇଚାଲିଛି ଠିକ୍ ସେହିପରି ଚେତନା ମଧ୍ୟ ସ୍ଥୂଳ, ସୂକ୍ଷ୍ମ, ମାନସିକ ଆଦି ବିଭିନ୍ନ ସ୍ତରରେ ପରିବର୍ତ୍ତିତ ହୋଇଚାଲିଛି ।

ମୃତ୍ୟୁ ଆପଣଙ୍କର ବ୍ୟକ୍ତିତ୍ୱ ବା ଅନ୍ତରଚେତନାର ସମାପ୍ତି ଘଟାଏ ନାହିଁ । ମୃତ୍ୟୁ କେବଳ ଏକ ଉଚ୍ଚସ୍ତରର ଜୀବନପାଇଁ ଦ୍ୱାର ଖୋଲିଦିଏ । ମୃତ୍ୟୁ ହେଉଛି ପୂର୍ଣ୍ଣତର ଜୀବନର ଦ୍ୱାରଦେଶ ।

ମୃତ୍ୟୁ ଜୀବନର ପରିସମାପ୍ତି ନୁହେଁ । ଏହା କେବଳ ଏକ ବିଶିଷ୍ଟ ସ୍ୱାତନ୍ତ୍ର୍ୟର ଅବସାନ । ଏହା କେବଳ ଏକ ରୂପାନ୍ତର । ବିଶ୍ୱଜୀବନର ହୃଦୟ ଜୟ କରିବା ହେଲା ବ୍ୟକ୍ତିଜୀବନର ଲକ୍ଷ୍ୟ । ସେହି ଲକ୍ଷ୍ୟ ଲାଭପାଇଁ, ଶାଶ୍ୱତ ଜୀବନରେ ଅଙ୍ଗୀଭୂତ ନ ହୋଇଯିବା ପର୍ଯ୍ୟନ୍ତ ଜୀବନ ସ୍ରୋତ ପ୍ରବାହିତ ହୋଇଚାଲିଛି ।

ମୃତ୍ୟୁ ଜୀବନର ସମାପ୍ତି ନୁହେଁ । ମୃତ୍ୟୁ ହେଉଛି ଜୀବନର ଏକ ଭିନ୍ନ ଚିତ୍ର ଜୀବନପଥରେ ଏହା ଏକ ସ୍ୱାଭାବିକ ସଂଘଟନ । ବିକାଶ ନିମନ୍ତେ, ବ୍ୟକ୍ତିର ବିବର୍ତ୍ତନ ନିମନ୍ତେ ମୃତ୍ୟୁ ଏକାନ୍ତ ଆବଶ୍ୟକ ।

ମରଣ ଜୀବନର ବିପରୀତ ବିଷୟ ନୁହେଁ । ଏହା ଜୀବନର ଗୋଟିଏ ଅବସ୍ଥା ମାତ୍ର । ଜୀବନସ୍ରୋତ ନିରବଚ୍ଛିନ୍ନଭାବରେ ପ୍ରବାହିତ ହୋଇଚାଲିଛି । ଫଳ ପଚିଯାଏ କିନ୍ତୁ ଫଳ ମଧ୍ୟସ୍ଥ ବୀଜ ଜୀବନରେ ଭରପୂର ହୋଇ ରହିଥାଏ । ବୀଜର ମୃତ୍ୟୁ

ହୁଏ, କିନ୍ତୁ ସେତେବେଳକୁ ତା'ଭିତରେ ଉତ୍ପନ୍ନ ହୋଇଯାଇଥାଏ ଏକ ବିଶାଳ ବୃକ୍ଷ । ଦ୍ରୁମର ମୃତ୍ୟୁ ହୁଏ କିନ୍ତୁ ମୃତ୍ୟୁ ତାକୁ ପରିବର୍ତ୍ତିତ କରିଦିଏ ଅଙ୍ଗାରରେ; ଅଙ୍ଗାର ତ ପ୍ରଚୁର ଜୀବନର ଭଣ୍ଡାର । ଜଳ ଶୁଖିଯାଏ କିନ୍ତୁ ଶୁଖିଯାଇ ପରିଣତ ହୋଇଯାଏ ଅଦୃଶ୍ୟ ଜଳୀୟ ବାଷ୍ପରେ ଯାହାର ପ୍ରତିଟି ଅଣୁ ଧରି ରଖିଥାଏ ଏକ ସଦ୍ୟ ନୂତନ ସତେଜ ଜୀବନ । ଶିଳା ଭାଙ୍ଗି ନଷ୍ଟ ହୋଇଯାଏ କିନ୍ତୁ ଭାଙ୍ଗି ଭାଙ୍ଗି ତାହା ପରିଣତ ହୋଇଯାଏ ଚୂନରେ, ଯେଉଁ ଚୂନ କି ପ୍ରଚୁର ନବଜୀବନର ଭଣ୍ଡାର । ମୃତ୍ୟୁରେ କେବଳ ଶରୀରରୂପକ ଆବରଣଟି ତ୍ୟାଗ କରାଯାଏ । ଜୀବନ ପରିତ୍ୟାଜ୍ୟ ହୋଇପାରେ ନା । ଜୀବନ ସ୍ରୋତ ପ୍ରବାହିତ ହୋଇଚାଲେ ।

ଦେହର ବିନାଶ ବା ମରଣ ଏକ ଦୀର୍ଘ ନିଦ୍ରା ଭିନ୍ନ ଅନ୍ୟ କିଛି ନୁହେଁ । ମନୁଷ୍ୟର ମୃତ୍ୟୁ ଓ ଜନ୍ମ ନିଦ୍ରା ଯିବା ବା ଜାଗ୍ରତ ହେବା ସହିତ ସମାନ । ମୃତ୍ୟୁ ନିଦ୍ରାତୁଲ୍ୟ, ଜନ୍ମ ଜାଗରଣତୁଲ୍ୟ । ମୃତ୍ୟୁ ଏକ ଶ୍ରେଷ୍ଠତର ନୂତନ ଜୀବନପାଇଁ ଉନ୍ନତିର ପଥ ଯୋଗାଇଦିଏ । ତତ୍ତ୍ୱଦର୍ଶୀ ଜ୍ଞାନୀଲୋକ କଦାପି ମୃତ୍ୟୁକୁ ଭୟ କରନ୍ତି ନାହିଁ । ସେ ଜାଣନ୍ତି ଯେ, ମୃତ୍ୟୁ ହେଉଛି ଜୀବନର ଦ୍ୱାରପଥ । ସେ ମୃତ୍ୟୁକୁ ଜୀବନ ନାଶ କରିବାକୁ ଆସିଥିବା ଜଣେ ଖଡ୍‌ଗଧାରୀ ଯମଦୂତ ବୋଲି ଗ୍ରହଣ କରନ୍ତି ନାହିଁ ବରଂ ତାଙ୍କ ଦୃଷ୍ଟିରେ ମୃତ୍ୟୁ ହେଉଛି ସେହି ଦେବଦୂତ, ଯେ କି ତାଙ୍କପାଇଁ ଅପେକ୍ଷାକୃତ ପ୍ରଶସ୍ତତର, ଅଧିକ ଆନନ୍ଦପ୍ରଦ ଏକ ନୂତନ ଜୀବନ କ୍ଷେତ୍ରର ଦ୍ୱାର ଉନ୍ମୋଚନ କରିଦେବାକୁ ଧରିଆସିଛନ୍ତି ଶୁଦ୍ଧ ସୁବର୍ଣ୍ଣର ଏକ ଚାବିକାଠି ।

ଜାଗରଣ ଯେପରି ନିଦ୍ରାକୁ ଅନୁସରଣ କରେ, ଜନ୍ମ ସେହିପରି ମୃତ୍ୟୁକୁ ଅନୁସରଣ କରେ । ଗତ ଜନ୍ମରେ ଆପଣ ଯେଉଁ କାର୍ଯ୍ୟ ଅସମାପ୍ତ ଅବସ୍ଥାରେ ଛାଡ଼ି-ଦେଇ ଆସିଛନ୍ତି, ଇହଜନ୍ମରେ ଆପଣଙ୍କୁ ସେହି କାର୍ଯ୍ୟରେ ପୁନର୍ବାର ନିଯୁକ୍ତ ହେବାକୁ ପଡିବ । ତେଣୁ ମୃତ୍ୟୁକୁ ଭୟ କରନ୍ତୁ ନାହିଁ ।

ଜନ୍ମ କହନ୍ତୁ, ମୃତ୍ୟୁ କହନ୍ତୁ, ସେସବୁ ହେଉଛି ମାୟାର ଜାଦୁଖେଳ । ଯେ ଜନ୍ମ ହେଉଛି, ସେ ମରିବାକୁ ଆରମ୍ଭ କରୁଛି । ଯେ ମରୁଛି, ସେ ବଞ୍ଚିବାକୁ ଆରମ୍ଭ କରୁଛି । ଜୀବନ ହେଉଛି ମୃତ୍ୟୁ ଓ ମୃତ୍ୟୁ ହେଉଛି ଜୀବନ । ଏହି ବିଶ୍ୱରଙ୍ଗମଞ୍ଚରେ ଜନ୍ମ ଓ ମୃତ୍ୟୁ ଯଥାକ୍ରମେ ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର ମାତ୍ର ।

ଆପଣ ଯେପରି ଏ ଘରୁ ଆର ଘରକୁ ଯାଉଛନ୍ତି, ଆତ୍ମା ସେହିପରି ଏ ଦେହରୁ ଅନ୍ୟ ଏକ ଦେହକୁ ଯାଉଛି । ଉଦ୍ଦେଶ ହେଉଛି ଅନୁଭୂତି ଅର୍ଜନ

କରିବା । ମନୁଷ୍ୟ ଯେପରି ଜୀର୍ଣ୍ଣବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରୁଛି, ଏ ଦେହର ଅନ୍ତରନିବାସୀ ଆତ୍ମା ସେହିପରି ଜୀର୍ଣ୍ଣଦେହ ପରିତ୍ୟାଗ କରି ନୂତନ ଦେହରେ ପ୍ରବେଶ କରୁଛି ।

ହେ ମନୁଷ୍ୟ, ମୃତ୍ୟୁକୁ କଦାପି ଭୟ କର ନାହିଁ । ମୃତ୍ୟୁ ମାୟାର ପ୍ରହେଳିକା ଭିନ୍ନ ଅନ୍ୟ କିଛି ନୁହେଁ । ମୃତ୍ୟୁ ହେଉଛି ପଞ୍ଚମହାଭୂତର ବିଘଟନ । ତୁମେ ମୃତ୍ୟୁଞ୍ଜୟୀ; ତୁମେ ଅମର ।

ମୃତ୍ୟୁର ଲକ୍ଷଣ— ମୃତ୍ୟୁର ପ୍ରକୃତ ଲକ୍ଷଣଗୁଡ଼ିକ ଜାଣିବା ବଡ଼ କଷ୍ଟକର । ହୃତ୍ସ୍ପନ୍ଦନ ବନ୍ଦ ହୋଇଯିବା ବା ନାଡ଼ୀଚଳନ ବା ଶ୍ୱାସକ୍ରିୟା ବନ୍ଦ ହୋଇଯିବା ମୃତ୍ୟୁର ପ୍ରକୃତ ଲକ୍ଷଣ ନୁହେଁ । ହୃତ୍ସ୍ପନ୍ଦନ, ନାଡ଼ୀଚଳନ ଓ ଶ୍ୱାସକ୍ରିୟା ବନ୍ଦ ହୋଇଯିବା, ହାତପାଦ ପ୍ରଭୃତି ଅବୟବ ଶବର ଅବୟବ ପରି ଅଚଳ ହୋଇଯିବା, ଶରୀରରୁ ଅଠାଳିଆ ଝାଳ ବୋହିଯିବା, ଦେହ ଶୀତଳ ହୋଇଯିବା ଇତ୍ୟାଦି ହେଲା ଲୋକରେ ପ୍ରଚଳିତ ବିଶ୍ୱାସ ଅନୁଯାୟୀ ମୃତ୍ୟୁର ଲକ୍ଷଣ । ଡାକ୍ତର ମୃତ୍ୟୁ ହୋଇଗଲା ବୋଲି ଘୋଷଣା କରିବା ପୂର୍ବରୁ ବ୍ୟକ୍ତିର ଚକ୍ଷୁର ଶ୍ୱେତ ପଟଳରେ କିଛି ପ୍ରତିକ୍ରିୟା ସୃଷ୍ଟି ହେଉଛି କି ନାହିଁ ପରୀକ୍ଷା କରନ୍ତି । ସେ ଗୋଡ଼ ଆଗକୁ ପଛକୁ କରି ଭାଙ୍ଗିବାକୁ ଚେଷ୍ଟା କରନ୍ତି । କିନ୍ତୁ ଏସବୁ ମଧ୍ୟ ମୃତ୍ୟୁର ପ୍ରକୃତ ଲକ୍ଷଣ ନୁହେଁ, କାରଣ ଅନେକ ସ୍ଥଳରେ ଦେଖାଯାଇଛି, ଶ୍ୱାସକ୍ରିୟା ବନ୍ଦ ହୋଇଯାଇଛି, ହୃତ୍ସ୍ପନ୍ଦନ ବନ୍ଦ ହୋଇ ଯାଇଛି, ମୃତ୍ୟୁର ତଥାକଥିତ ବହୁ ଲକ୍ଷଣ ମିଳୁଛି, ତଥାପି ଲୋକ ବଞ୍ଚିଛି; ଦେଖାଯାଇଛି, କିଛି ସମୟ ପରେ ଲୋକର ପୁନର୍ବାର ଜୀବନର ଲକ୍ଷଣ ସବୁ ଫେରି ଆସିଛି ।

ହଠଯୋଗୀମାନଙ୍କୁ ବାକ୍ସରେ ପୂରାଇ ଚାଳିଶ ଦିନ ପର୍ଯ୍ୟନ୍ତ ମାଟିତଳେ ପୋତିଦିଆଯାଉଛି । ଚାଳିଶ ଦିନ ପରେ ମାଟିତଳୁ ବାକ୍ସ ବାହାର କରି ଖୋଲିଦେବାବେଳକୁ ଦେଖାଯାଉଛି, ଯୋଗୀ ବଞ୍ଚିଛନ୍ତି । ଦୀର୍ଘ ସମୟ ଧରି ଶ୍ୱାସକ୍ରିୟା ବନ୍ଦ ହୋଇଯାଇପାରେ । ଦୀର୍ଘ ଦୁଇଦିନ ପର୍ଯ୍ୟନ୍ତ ବି ଶ୍ୱାସକ୍ରିୟା ବନ୍ଦ ହୋଇଯାଇପାରେ । ବହୁ ସ୍ଥାନରେ ଏପରି ଘଟିଥିବାର ପ୍ରମାଣମାନ ରହିଛି । ହୃଦ୍‌ସ୍ପନ୍ଦନ ମଧ୍ୟ ଅନେକ ସମୟ ଧରି ବେଳେବେଳେ ଦିନ ଦିନ ଧରି ବନ୍ଦ ହୋଇଯାଇଛି ଏବଂ ପୁନର୍ବାର ଆରମ୍ଭ କରାଯାଇପାରିଛି । ସୁତରାଂ ମୃତ୍ୟୁର ପ୍ରକୃତ ବା ନିଶ୍ଚିତ ଲକ୍ଷଣ ଯେ କଣ, ତାହା କହିବା ଅତ୍ୟନ୍ତ କଷ୍ଟକର । ଦେହ ପଚିସଡ଼ି ନଷ୍ଟ ହୋଇଯିବାକୁ ହିଁ ମୃତ୍ୟୁର ନିଶ୍ଚିତ ଲକ୍ଷଣ ବୋଲିଯାଇପାରେ ।

ତେଣୁ କେହି ମରିଗଲେ ପରେ ତାଙ୍କର ଦେହଟି ପଚିଯିବାକୁ ଆରମ୍ଭ ହେବା ପୂର୍ବରୁ ତାଙ୍କୁ କବର ଦେବା ବା ସମାଧି ଦେବା ଅନୁଚିତ । ଆପଣ ଭାବିଦେଇ-ପାରନ୍ତି ଯେ, ସେ ମରିଗଲେ; କିନ୍ତୁ ସେ ହୁଏତ ମୂର୍ଚ୍ଛିତ ହୋଇ ଯାଇଥାଇପାରନ୍ତି ବା ମୋହାବସ୍ଥ ହୋଇଯାଇଥାଇପାରନ୍ତି ବା ସମାଧିସ୍ଥ ହୋଇଥାଇପାରନ୍ତି । ମୂର୍ଚ୍ଛା, ମୋହାବେଶ, ସମ୍ମୋହନ ଓ ସମାଧିର ଅବସ୍ଥା ଅନେକାଂଶରେ ମୃତାବସ୍ଥା ସହିତ ସମାନ । ଏ ସବୁ ଅବସ୍ଥାର ବାହ୍ୟ ଲକ୍ଷଣଗୁଡିକ ପ୍ରାୟ ସମାନ ।

ଯେଉଁମାନଙ୍କର ହୃତ୍କ୍ରିୟା ବନ୍ଦ ହୋଇଯାଏ, ସେମାନେ ମରିଗଲେ ବୋଲି ଭାବିଦେଇ ସେମାନଙ୍କୁ ପୋତିଦେବା ବା ସମାଧି ଦେଇଦେବା ମଧ୍ୟ ଅନୁଚିତ । କାରଣ ନିର୍ଦ୍ଦିଷ୍ଟ କିଛି ସମୟ ପରେ ହୁଏତ ତାଙ୍କର ଶ୍ୱାସକ୍ରିୟା ପୁଣି ଥରେ ଆରମ୍ଭ ହୋଇଯାଇପାରେ । ଏସବୁ କ୍ଷେତ୍ରରେ ଦେହର ପଚନ ଆରମ୍ଭ ହେବାପରେ ହିଁ ସମାଧି ବା କବର ଦେବା ଉଚିତ ।

ମରଣୋତ୍ତର ଜୀବନ—ମରିଗଲେ ମନୁଷ୍ୟ ତା' ନିଜ ସାଥିରେ ତାର ସ୍ଥାୟୀ ଅପରିବର୍ତ୍ତନଶୀଳ ଲିଙ୍ଗଶରୀର ଓ ପରିବର୍ତ୍ତନଶୀଳ କର୍ମାଶ୍ରୟ ସହିତ ସଂଯୁକ୍ତ ସୂକ୍ଷ୍ମ-ଶରୀର ନେଇ ଚାଲିଯାଏ । ଲିଙ୍ଗ-ଶରୀର ପଞ୍ଚଜ୍ଞାନେନ୍ଦ୍ରିୟ, ପଞ୍ଚକର୍ମେନ୍ଦ୍ରିୟ, ପଞ୍ଚପ୍ରାଣ, ମନ, ବୁଦ୍ଧି, ଚିତ୍ତ ଓ ଅହଙ୍କାର ଦ୍ୱାରା ଗଠିତ ହୋଇଥାଏ । କାମାଶ୍ରୟ ଉପରେ ମନୁଷ୍ୟର ପରବର୍ତ୍ତୀ ଜୀବନ ନିର୍ଭର କରେ ।

ମୃତ୍ୟୁ ଉପସ୍ଥିତ ହେଲେ ଆତ୍ମା ସଙ୍କୁଚିତ ହୋଇଯାଇ ଇନ୍ଦ୍ରିୟ ସକଳକୁ ପରିହାର କରିଦିଏ । ତୈଳ ଶେଷ ହୋଇଗଲେ ଦୀପ ଯେପରି ନିଷ୍ପ୍ରଭ ହୋଇଯାଏ, ସ୍ଥୂଳ ଇନ୍ଦ୍ରିୟଗଣ କ୍ରମେ ସେହିପରି ନିଷ୍ପ୍ରଭରୁ ନିଷ୍ପ୍ରଭତର ହୋଇଯାଆନ୍ତି । ସୂକ୍ଷ୍ମଶରୀର ସ୍ଥୂଳଶରୀର ପରିତ୍ୟାଗ କରି କୁଆଡ଼େଚାଲି ଚାଲିଯାଏ ।

ଦେହ ଛାଡ଼ି ଚାଲିଯିବାବେଳେ ଆତ୍ମା ନିଜ ସହିତ ମୁଖ୍ୟପ୍ରାଣ, ଜ୍ଞାନେନ୍ଦ୍ରିୟ ସକଳ, ମନ, ଅବିଦ୍ୟା, ସତ୍କର୍ମ, ଅସତ୍କର୍ମ ତଥା ପୂର୍ବଜନ୍ମର ଅସ୍ପଷ୍ଟ ସ୍ମୃତିକୁ ନେଇଯାଏ । ଏବଂ ଯାଇ ଏକ ନୂତନ ଦେହ ଗ୍ରହଣ କରେ । ଏକ ଦେହ ଛାଡ଼ି ଅନ୍ୟ ଦେହକୁ ଚାଲିଯିବାବେଳେ ଏହିସବୁ ଉପାଦାନ ଆତ୍ମାକୁ ସୂକ୍ଷ୍ମରୂପରେ ଆବୃତ୍ତ କରି ରଖିଥାନ୍ତି । ଏହି ସକଳ ଉପାଦାନ ନୂତନ ଶରୀରର ବୀଜସ୍ୱରୂପ କାର୍ଯ୍ୟ କରନ୍ତି ।

ଏ ଦେହରେ ଥାଉ ଥାଉ ଆତ୍ମା ତାର ପରବର୍ତ୍ତୀ ଦେହଟି ଦେଖିପାରେ । ଶାଁବାଲୁଆ ପୋକ ବା ଜୋକ ଯେପରି ଗୋଟିଏ ଆଶ୍ରୟ ସମ୍ପୂର୍ଣ୍ଣ ଛାଡିଦେବା ପୂର୍ବରୁ ଅନ୍ୟ ଗୋଟିଏ ଆଶ୍ରୟକୁ ଜାବୋଡ଼ି ଧରେ, ଆତ୍ମା ସେହିପରି ପୁରାତନ ଦେହ ଛାଡ଼ି ଚାଲିଯିବା ପୂର୍ବରୁ ନୂତନ ଦେହ ଦେଖିସାରିଥାଏ ।

ମୃତ୍ୟୁରେ ପଞ୍ଚଭୂତର ବିଘଟନ ଘଟେ— ସ୍ଥୂଳ ଶରୀର କ୍ଷିତି, ଅପ, ତେଜ, ମରୁତ୍ ଓ ବ୍ୟୋମ—ଏହି ପଞ୍ଚମହାଭୂତରେ ଗଢ଼ା । ଦେବତାମାନଙ୍କର ଅଙ୍ଗ, ଦିବ୍ୟ ବା ଜ୍ୟୋତିର୍ମୟ । ସେମାନଙ୍କର ଶରୀରରେ ତେଜ ବା ଅଗ୍ନି ତତ୍ତ୍ୱଟି ପ୍ରାଧାନ୍ୟ ଲାଭ କରିଥାଏ । କିନ୍ତୁ ମନୁଷ୍ୟମାନଙ୍କ ଶରୀରରେ କ୍ଷିତିତତ୍ତ୍ୱଟିର ପ୍ରାଧାନ୍ୟ ଅଧିକ । ଜଳଚର ପ୍ରାଣୀମାନଙ୍କ କ୍ଷେତ୍ରରେ ଅପ ବା ଜଳ ତତ୍ତ୍ୱ ଏବଂ ପକ୍ଷୀମାନଙ୍କ ଶରୀରରେ ବାୟୁ ତତ୍ତ୍ୱର ପ୍ରାଧାନ୍ୟ ଅଧିକ ।

ଶରୀରରେ କ୍ଷିତି ତତ୍ତ୍ୱର ଉପସ୍ଥିତି ହେତୁ ତାହା ସ୍ଥୂଳ ବା କଠିନ ଲାଗେ, ଅପ୍ ତତ୍ତ୍ୱର ଉପସ୍ଥିତି ହେତୁ କୋମଳ ବା ତରଳ ବୋଧ ହୁଏ; ଦେହର ଉଷ୍ମତା ତେଜତତ୍ତ୍ୱରୁ ଜାତ, ଚଳପ୍ରଚଳ କ୍ଷମତା ବା କ୍ରିୟାଶୀଳତା ବାୟୁତତ୍ତ୍ୱରୁ ମିଳିଥାଏ । ଆକାର ବା ସ୍ଥାନ ଅଧିକାର କରିବାର ଶକ୍ତି ଇଥର ବା ଆକାଶହେତୁ ଆସିଥାଏ ଜୀବାତ୍ମା ବା ବ୍ୟକ୍ତିର ଆତ୍ମା ଏହି ପଞ୍ଚମହାଭୂତଠାରୁ ସମ୍ପୂର୍ଣ୍ଣ ଭିନ୍ନ ।

ମୃତ୍ୟୁ ପରେ ପଞ୍ଚମହାଭୂତର ବିଘଟନ ଘଟେ । ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ସେମାନେ ପୁଣି ଥରେ ସେମାନଙ୍କର ମୌଳିକ ରୂପକୁ ଫେରିଯାଆନ୍ତି ଓ ପ୍ରକୃତିର ଅସରନ୍ତି ଭଣ୍ଡାରରେ ପହଞ୍ଚିଯାଆନ୍ତି । କ୍ଷିତି ଅଂଶ ଯାଇ ପୃଥ୍ୱୀ-ତତ୍ତ୍ୱ ଭଣ୍ଡାରରେ ସଞ୍ଚିତ ହୁଏ; ଅନ୍ୟାନ୍ୟ ମହାଭୂତ ମଧ୍ୟ ଯାଇ ନିଜନିଜର ମୌଳିକ ଭଣ୍ଡାରରେ ସଞ୍ଚିତ ହୁଅନ୍ତି ।

ମୃତ୍ୟୁ ପରେ ପ୍ରାଣୀର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ବା ଶାରୀରିକ ଯନ୍ତ୍ରର କ୍ରିୟାଶକ୍ତି ମଧ୍ୟ ସେହି ଯନ୍ତ୍ରର ଅଧିଷ୍ଠାତ୍ରୀ ଦେବତାଙ୍କ ନିକଟକୁ ଫେରିଯାଇ ତାଙ୍କର ଅଙ୍ଗରେ ମିଶିଯାଏ । ଦୃଷ୍ଟିଶକ୍ତି ଆସିଥାଏ ଚକ୍ଷୁର ଅଧିଷ୍ଠାତ୍ରୀ ଦେବତା ସୂର୍ଯ୍ୟଙ୍କଠାରୁ; ତେଣୁ ମୃତ୍ୟୁ ପରେ ସେହି ଦୃଷ୍ଟି ବା ଦର୍ଶନ ଶକ୍ତି ସୂର୍ଯ୍ୟଙ୍କ ନିକଟକୁ ଫେରିଯାଏ; ବାକ୍ ଶକ୍ତି ଫେରିଯାଏ ଅଗ୍ନିଙ୍କ ନିକଟକୁ ; ପ୍ରାଣବାୟୁ ଫେରିଯାଏ ବାୟୁ ନିକଟକୁ ; କର୍ଣ୍ଣ ବା ଶ୍ରବଣ ଶକ୍ତି ଫେରିଯାଏ ଦଶଦିଗପାଳଙ୍କ ନିକଟକୁ, ଦେହ ଫେରିଯାଏ ଭୂମିକୁ , ଲୋମ ଫେରିଯାଏ ବାର୍ଷିକୀ ଗୁଳ୍ମକୁ , ମସ୍ତକର କେଶ ଫେରି-ଯାଏ ବୃକ୍ଷକୁ ଏବଂ ରକ୍ତ ଓ ବୀର୍ଯ୍ୟ ଫେରିଯାଏ ଜଳକୁ ।

ମରଣ ଯନ୍ତ୍ରଣା— ମୃତ୍ୟୁକାଳରେ କୌଣସି ପ୍ରକାର ଯନ୍ତ୍ରଣା ହୁଏ ନାହିଁ । ଅଜ୍ଞ ଲୋକମାନେ ହିଁ ମୃତ୍ୟୁକୁ ନେଇ ନାନା ଭୟଙ୍କର ଯନ୍ତ୍ରଣା ସୃଷ୍ଟି କରିଛନ୍ତି । ଗରୁଡ଼ ପୁରାଣ ଓ ଆତ୍ମାପୁରାଣରେ ଲେଖାଯାଇଛି ଯେ, ମୃତ୍ୟୁ ଯନ୍ତ୍ରଣା ୭୨୦୦୦ କଙ୍କଡ଼ାବିଛୁ-ଦଂଶନ ସହିତ ସମାନ । ଏ ପ୍ରକାର ଲେଖାପିବାର ଉଦ୍ଦେଶ୍ୟ ହେଉଛି, ପାଠକ-ମାନଙ୍କ ମନରେ ଭୀତି ସଞ୍ଚାର କରି ସେମାନଙ୍କୁ ମୋକ୍ଷ ଲାଭପାଇଁ କାର୍ଯ୍ୟ କରିବାକୁ

ପ୍ରବର୍ତ୍ତିତ କରିବା । କିନ୍ତୁ ଆଧ୍ୟାତ୍ମିକତା କ୍ଷେତ୍ରରେ ସକଳ ଦିବ୍ୟଦ୍ରଷ୍ଟା ମହାତ୍ମା ଏକସ୍ୱରରେ କହିଯାଇଛନ୍ତି ଯେ, ମୃତ୍ୟୁବେଳେ ତିଳେମାତ୍ର ଯନ୍ତ୍ରଣା ହୁଏ ନାହିଁ । ସେମାନେ ମୃତ୍ୟୁକାଳୀନ ଅନୁଭୂତିସବୁ ଅତି ସ୍ପଷ୍ଟଭାବରେ ବର୍ଣ୍ଣନା କରିଛନ୍ତି, ସେମାନେ ଘୋଷଣା କରନ୍ତି ଯେ, ସ୍ଥୂଳଶରୀର ପରିତ୍ୟାଗ କରିଦେଇ ସେମାନେ ଏକ ବିରାଟ ବୋଝରୁ ଅବ୍ୟାହତି ପାଆନ୍ତି ଏବଂ ସ୍ଥୂଳଶରୀର ଗୁଡ଼ି ଗୁଡ଼ିପିବାବେଳେ ସେମାନେ କୌଣସି ପ୍ରକାରେ ଉଦ୍‌ବେଗ ଉପଲବ୍‌ଧି କରନ୍ତି ନାହିଁ । ମୁମୂର୍ଷୁର ଶରୀରରେ କୌଣସି ପ୍ରକାରେ ଆପେକ୍ଷିକ କମ୍ପନ, ତଡ଼କା, ହିକ୍‌କା ଇତ୍ୟାଦି ଉତ୍ପନ୍ନ କରାଇ ମାୟା ହିଁ ଦର୍ଶକମାନଙ୍କ ମନରେ ଭୀତି ସଞ୍ଚାର କରେ । ମନୁଷ୍ୟକୁ ଏପରି ପ୍ରହେଳିକାରେ ପକାଇବା ହେଉଛି ମାୟାର ସ୍ୱଭାବ । ତେଣୁ ମରଣଯନ୍ତ୍ରଣା-ରୂପକ ମିଥ୍ୟାକଥାରେ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ନିଶ୍ଚିତଭାବରେ ଜାଣନ୍ତୁ ଯେ, ଆପଣ ଅମର; ଆପଣଙ୍କର ମୃତ୍ୟୁ ନାହିଁ ।

ମୃତକପାଇଁ ପ୍ରାର୍ଥନା— ମୃତ୍ୟୁ ପରେ ପରେ ଦେହ ଗୁଡ଼ି ଗୁଡ଼ିଯାଇଥିବା ଜୀବାତ୍ମା ଅଚୈତନ୍ୟ ଅବସ୍ଥାରେ ରହିଥାଏ । ସେ ହଠାତ୍ ଅନୁଭବ କରିପାରେ ନାହିଁ ଯେ, ସେ ଅତୀତର ସ୍ଥୂଳଶରୀରଟି ଗୁଡ଼ିସାରିଲିଣି । ବନ୍ଧୁବାନ୍ଧବ ତଥା ସଖା ସହୋଦରମାନଙ୍କର ପ୍ରାର୍ଥନା, କୀର୍ତ୍ତନ ଓ ସଦ୍‌ଚିନ୍ତା ପ୍ରଭୃତି ବିଗତ ଆତ୍ମାକୁ ପ୍ରକୃତ ସାନ୍ତ୍ୱନା ଦେଇଥାଏ । ପ୍ରାର୍ଥନା, କୀର୍ତ୍ତନ ଇତ୍ୟାଦି ଏକପ୍ରକାର ପ୍ରକମ୍ପନ ସୃଷ୍ଟି କରି ବିଗତ ଆତ୍ମାର ସୁପ୍ତ ମନକୁ ଜାଗ୍ରତ କରି ତାର ପ୍ରକୃତ ସଚେତନତା ଫେରାଇ ଆଣେ । ଅଚୈତନ୍ୟର ଆବରଣ ଖୋଲିସିବାପରେ ଆତ୍ମା ଉପଲବ୍‌ଧି କରେ ଯେ, ସତରେ ସେ ଆଉ ସ୍ଥୂଳଶରୀରରେ ଆବଦ୍ଧ ହୋଇ ରହି ନାହିଁ ।

ତା' ପରେ ହିନ୍ଦୁମାନେ ଯାହାକୁ ବୈତରଣୀ କହନ୍ତି ବା ପାର୍ସୀମାନେ ଯାହାକୁ ଚିନ୍‌ଭତ୍ ପୋଲ କହନ୍ତି ବା ମୁସଲମ୍‌ମାନେ ଯାହାକୁ ସୀରତ୍ ବୋଲି କହନ୍ତି, ଆତ୍ମା ସେହି ସୀମାନ୍ତ ଭୂମି ବା ଇଥରର ସଂକୀର୍ଣ୍ଣ ନଦୀ ଅତିକ୍ରମ କରିବାକୁ ଲାଗେ ।

ବିଗତ-ଆତ୍ମା ଯେତେବେଳେ ଶାନ୍ତିରେ ବୁଡ଼ିରହିବାକୁ ବସିଥାଏ, ସ୍ୱର୍ଗର ଆଲୋକ ଲାଭ କରିବାକୁ ପ୍ରସ୍ତୁତ ହେଉଥାଏ, ସେତେବେଳେ ଇହଲୋକରେ ଥିବା ତାର ବନ୍ଧୁ ସହୋଦରମାନଙ୍କର କ୍ରନ୍ଦନ ଓ ବିଳାପରୋଳ ତା' ଭିତରେ ଏହି ପାର୍ଥିବ ଜଗତର ସ୍ମୃତି ଜାଗ୍ରତ କରିଦିଏ । ଫଳରେ ତା ମନରେ ବିଳାପରତ ଆତ୍ମୀୟସହୋଦରମାନଙ୍କର ଭାବନା ଅନୁରୂପ ଏକ ଭାବନା ଜାତ ହୁଏ ଏବଂ ସେ ଅତ୍ୟନ୍ତ ଦୁଃଖଯନ୍ତ୍ରଣା ଓ ଅସ୍ୱସ୍ତି ଉପଲବ୍‌ଧି କରେ । ଆତ୍ମୀୟସ୍ୱଜନ ଓ ପ୍ରିୟ

ବନ୍ଧୁମାନଙ୍କର ଅସନ୍ତୁଳିତଶୋକ ଆତ୍ମାକୁ ସୂକ୍ଷ୍ମସ୍ତରରୁ ତଳକୁ ଟାଣିଆଣେ। ସୁତରାଂ ଏ ପ୍ରକାର ଶୋକ ଆତ୍ମାର ସ୍ୱର୍ଗଲୋକଗମନରେ ବାଧା ଦିଏ; ଏହା ତାର ଊର୍ଦ୍ଧ୍ୱଗତିକୁ ମନ୍ଥର କରିଦିଏ। ଏହା ଦ୍ୱାରା ବେଳେବେଳେ ଆତ୍ମାର ବିଶେଷ କ୍ଷତି ହୋଇଥାଏ।

ଅନ୍ତିମ ଇଚ୍ଛାର ରୂପ— ମନୁଷ୍ୟର ଅନ୍ତିମ ଇଚ୍ଛା ତାର ଭବିଷ୍ୟତ ଭାଗ୍ୟର ନିୟାମକ ହୋଇଥାଏ। ଅନ୍ତିମ ଇଚ୍ଛା ତାର ଭବିଷ୍ୟତ ଜନ୍ମ ନିର୍ଣ୍ଣୟ କରେ।

ନିଜର ସୁନ୍ଦରୀ ସ୍ତ୍ରୀକୁ ଭୋଗ କରିବାର ଇଚ୍ଛା ହିଁ ଲମ୍ପଟ ପୁରୁଷର ଶେଷ ଇଚ୍ଛା ହୋଇଥାଏ। ମଦବୋତଲ ହିଁ ମଦଖୋର ମଣିଷର ଶେଷ ଇଚ୍ଛା। ସୁଧଖୋର ମହାଜନର ଶେଷ ଅଭିଳାଷ ତାର ଟଙ୍କାଥଳି। ଯୁଦ୍ଧରତ ସୈନିକର ଶେଷ ଇଚ୍ଛା ହେଉଛି ତାର ଶତ୍ରୁକୁ ଗୁଳି କରିବା। ସନ୍ତାନବତ୍ସଳା ମାତାର ଶେଷ କାମନା ହେଉଛି ତାର ଆଦରର ପୁଅଟିଏ।

ରାଜା ଭରତ ଦୟାପରବଶ ହୋଇ ଗୋଟିଏ ମୃଗଶିଶୁ ପାଳନ କରିଥିଲେ ଏବଂ କାଳକ୍ରମେ ସେ ତା ପ୍ରତି ଆସକ୍ତ ହୋଇଗଲେ। ମୃତ୍ୟୁଶଯ୍ୟାରେ ପଡ଼ି ସେହି ମୃଗ ବିଷୟ ଚିନ୍ତା କରୁ କରୁ ସେ ମରିଗଲେ। ଫଳରେ ପରବର୍ତ୍ତୀ ଜନ୍ମରେ ସେ ମୃଗ ହୋଇ ଜନ୍ମ ହୋଇଥିଲେ।

ସବୁବେଳେ ମନୁଷ୍ୟର ଇଚ୍ଛା ଯେ, ସେ ଭଗବାନଙ୍କୁ ସ୍ମରଣ କରି କରି ଶାନ୍ତିରେ ଶେଷ ନିଶ୍ୱାସ ତ୍ୟାଗ କରିବ। ସେଥିପାଇଁ ରୁଗ୍‌ଣ ମୁମୂର୍ଷୁର ଶଯ୍ୟା ପାଖରେ ଗୀତା, ଭାଗବତ, ବିଷ୍ଣୁ ସହସ୍ର ନାମ ତଥା ଅନ୍ୟାନ୍ୟ ଧର୍ମଗ୍ରନ୍ଥ ପାଠ କରାଯାଏ; ମୃତ୍ୟୁଶଯ୍ୟାରେ ପଡ଼ିଥିବା ରୋଗୀର କିଛି କହିବାର ଶକ୍ତି ନ ଥିଲେ ମଧ୍ୟ, ସେ ଅନ୍ତତଃ ଧର୍ମଗ୍ରନ୍ଥରୁ କିଛି ଶୁଣିଥାଉ; ଏପରି ଶୁଣିଲେ ସେ ନିଜ ଯନ୍ତ୍ରଣା ଓ ଦେହ ବିଷୟ ଭୁଲିଯାଇ ପରମେଶ୍ୱରଙ୍କ ବିଷୟ ଭାବିପାରେ ବୋଲି ଆଶା କରାଯାଏ। ତାର ସ୍ମୃତିଶକ୍ତି ହଜିଗଲେ, ଶେଷ ମୁହୂର୍ତ୍ତରେ ଧର୍ମଗ୍ରନ୍ଥର ମହତ୍ ବାକ୍ୟ ତାକୁ ତାର ପ୍ରକୃତ ସ୍ୱରୂପ ବିଷୟ ମନେ ପକାଇଦେବ— ଏହି ଆଶାରେ ଏସବୁ ଧର୍ମଗ୍ରନ୍ଥ ପାଠ କରାଯାଏ।

ମରଣକାଳ ଉପସ୍ଥିତ ହେଲେ ରୋଗଯନ୍ତ୍ରଣାହେତୁ ଏବଂ ସ୍ମୃତିଶକ୍ତି କ୍ଷୀଣରୁ କ୍ଷୀଣତର ହୋଇଯିବାହେତୁ ମନୁଷ୍ୟ ପକ୍ଷରେ ଈଶ୍ୱର ଚେତନା ଜାଗ୍ରତ ରଖିବା କଷ୍ଟକର ହୋଇଯାଏ। କିନ୍ତୁ ଯେଉଁ ବ୍ୟକ୍ତି ଆଜୀବନ ଅଭ୍ୟାସ କରି ମନକୁ ସଂଯତ ଶୃଙ୍ଖଳିତ କରିଥାନ୍ତି, ଯେଉଁ ବ୍ୟକ୍ତି କେବଳ ଭଗବତ୍ ପଦରେ ଲକ୍ଷ୍ୟ ରଖିବା-ପାଇଁ ସାଧନା କରିଥାନ୍ତି, ସେ ମରଣକାଳରେ ମଧ୍ୟ ଭଗବତ୍ ଚିନ୍ତା ହିଁ କରିଥାନ୍ତି।

ଦୁଇଘଣ୍ଟାଧ୍ୟାନର ବା ସପ୍ତାହକର କିମ୍ବା ମାସକର ଖାମଖିଆଲି ଅଭ୍ୟାସ ଦ୍ୱାରା ଭଗବତ୍ ଧାରଣା ଆସି ନ ପାରେ; ମନ ମହାପ୍ରଭୁଙ୍କ ପାଦରେ ସତତ ଲାଗି ନ ପାରେ । ଏଥିପାଇଁ ଲୋଡ଼ା ଆଜୀବନ ନିଷ୍କପଟ ପ୍ରଚେଷ୍ଟା, ଆଜୀବନ କଠିନ ସଂଗ୍ରାମ ।

ମୃତ୍ୟୁ ଏବଂ ପୁନର୍ଜନ୍ମର ମଧ୍ୟବର୍ତ୍ତୀ କାଳ— ମୃତ୍ୟୁପରେ ପୁନର୍ଜନ୍ମ ହେବାଲାଗି କେତେ ସମୟ ଲାଗିଥାଏ, ତାହା ଜାଣିବାକୁ ବହୁଲୋକ ଇଚ୍ଛୁକ । ପୁଣି କେତେକଙ୍କ ମନରେ ଏପରି ପ୍ରଶ୍ନ ମଧ୍ୟ ଉଠେ, ଯଥା : ଆତ୍ମା ଏକବର୍ଷ ମଧ୍ୟରେ ନୂତନ ଶରୀର ଗ୍ରହଣ କରିଥାଏ କି ? କିମ୍ବା ଏଥିପାଇଁ ପ୍ରାୟ ଦଶବର୍ଷ ଲାଗିଯାଏ ? ପୃଥିବୀ ସ୍ତରକୁ ଫେରି ଆସିବା ପୂର୍ବରୁ ଆତ୍ମା ସୂକ୍ଷ୍ମସ୍ତରରେ କେତେ ସମୟ ରହିଯାଏ ? ଇତ୍ୟାଦି ଇତ୍ୟାଦି ।

ଆଲୋଚ୍ୟ ସମସ୍ୟାଟି ମୁଖ୍ୟତଃ ଦୁଇଟି ବିଷୟ ଉପରେ ନିର୍ଭର କରେ । ପ୍ରଥମ ବିଷୟଟି ହେଉଛି ବ୍ୟକ୍ତିର କୃତକର୍ମର ସ୍ୱରୂପ ଏବଂ ଦ୍ୱିତୀୟଟି ହେଉଛି ବ୍ୟକ୍ତିର ମୃତ୍ୟୁକାଳୀନ ଅନ୍ତିମ ଇଚ୍ଛା । ମୃତ୍ୟୁ ଓ ପୁନର୍ଜନ୍ମର ମଧ୍ୟବର୍ତ୍ତୀ କାଳ ଏହି ଦୁଇଟି ବିଷୟ ଉପରେ ନିର୍ଭର କରୁଥିବାରୁ, ଏହି କାଳ ଦୁଇଶହ ବର୍ଷ ହୋଇ ପାରେ; ସାମାନ୍ୟ କେତେମାସ ମଧ୍ୟ ହୋଇପାରେ । ଯେଉଁମାନେ ସୂକ୍ଷ୍ମ ଜଗତର ଅନ୍ୟସ୍ତରରେ ରହି କର୍ମଫଳ ଭୋଗ କରନ୍ତି, ସେମାନେ ପୁଣି ଥରେ ସ୍ଥୂଳଦେହ ଧରିବାକୁ ଅନେକ ସମୟ ଲାଗିଯାଏ । ମୃତ୍ୟୁ ଓ ପୁନର୍ଜନ୍ମର ମଧ୍ୟବର୍ତ୍ତୀକାଳ ବଡ଼ ଦୀର୍ଘ ହୋଇଥାଏ । କାରଣ ଧରିତ୍ରୀପୃଷ୍ଠର ଗୋଟିଏ ବର୍ଷ ସୂକ୍ଷ୍ମଜଗତର ଗୋଟିଏ ଦିନ ସହିତ ସମାନ । ଏ ସମ୍ବନ୍ଧରେ ଗୋଟିଏ ପ୍ରକୃତ ଘଟଣାର ଉଦାହରଣ ରହିଛି । ଥରେ କୌଣସି ଏକ ସ୍ଥାନର ପ୍ରାଚୀନ କେତେକ କୀର୍ତ୍ତିର ଧ୍ୱଂସାବଶେଷ ଦେଖି କେତେକ ବିଦେଶାଗତ ପର୍ଯ୍ୟଟକ ବିସ୍ମୟ ପ୍ରକାଶ କରୁଥାନ୍ତି, ଏହି ସମୟରେ ସେ ପାଖରେ ରହୁଥିବା ଜଣେ ସନ୍ନ୍ୟାସୀ କାଳେ ମନ୍ତବ୍ୟ କଲେ ଯେ, ସେହି ପର୍ଯ୍ୟଟକମାନଙ୍କ ମଧ୍ୟରୁ କେତେଜଣ ଶହ ଶହ ବର୍ଷ ତଳେ ସେହି ସବୁ କୀର୍ତ୍ତିର କାରିଗର ଥିଲେ ।

ବେଳେବେଳେ ତୀବ୍ର କାମନାବାସନାପୂର୍ଣ୍ଣ କାମୁକ ଲୋକ ବା ସଂସାରପ୍ରତି ବିଶେଷ ଆସକ୍ତଥିବା ଲୋକ ଶୀଘ୍ର ପୁନର୍ଜନ୍ମ ଲାଭ କରନ୍ତି । ପୁଣି ଯେଉଁଠି ଦୁର୍ଘଟଣାଗ୍ରସ୍ତ ହୋଇ ବା ପ୍ରାକୃତିକ ବିପର୍ଯ୍ୟୟରେ ପଡି ବା ଆତତାୟୀ ସମ୍ମୁଖରେ ପଡି ଅପ୍ରତ୍ୟାଶିତଭାବରେ ମୃତ୍ୟୁ ହୋଇଯାଏ, ସେଠାରେ ଜୀବ ଅପେକ୍ଷାକୃତ ଶୀଘ୍ର ପାର୍ଥିବ ଜୀବନର ସୂତ୍ର ଧରିପକାଏ । ଏ ପ୍ରକାର ତ୍ୱରାନ୍ୱିତ ପୁନର୍ଜନ୍ମ

ଲାଭ କରି ଜୀବ ଅତୀତ ଜୀବନର ବହୁ କଥା ସ୍ମରଣ କରିପାରେ । ସେ ତାର ଅତୀତ ଜୀବନର ବନ୍ଧୁ ସହୋଦରମାନଙ୍କୁ ତଥା ଗୃହ ଓ ବ୍ୟବହାର୍ଯ୍ୟ ବସ୍ତୁଗୁଡ଼ିକୁ ଚିହ୍ନାଇ ଦେଇପାରେ ।

ଏହା ଫଳରେ ବେଳେବେଳେ ଅଦ୍ଭୁତ ଘଟଣାମାନ ଘଟିଯାଏ; ବହୁ ରହସ୍ୟ ଉଦ୍‌ଘାଟିତ ହୋଇଯାଏ । ନିହତ ବ୍ୟକ୍ତି ପୁନର୍ଜନ୍ମ ଲାଭ କରି ତାକୁ କିପରି କେଉଁଠାରେ ହତ୍ୟା କରାଯାଇଥିଲା, ଏବଂ କିଏ ସେହି ହତ୍ୟାରେ ଜଡ଼ିତ ଥିଲା, ତାହା ପ୍ରକାଶ କରିଦେଇଥିବାର ଉଦାହରଣମାନ ମଧ୍ୟ ରହିଛି । ପୁନର୍ଜନ୍ମ ଲାଭ କରିଥିବା କେତେକ ଲୋକ ନିଜେ ଗତଜନ୍ମରେ ଲୁଚାଇ ସାଇତି ରଖିଥିବା ଧନସମ୍ପଦ ଏ ଜନ୍ମରେ ନିର୍ଭୁଲଭାବରେ ଠାବ କରି ଖୋଳି ବାହାର କରିଥିବାର ଉଦାହରଣମାନ ମଧ୍ୟ ରହିଛି ।

କିନ୍ତୁ ଅଧିକାଂଶ ଜୀବଙ୍କ କ୍ଷେତ୍ରରେ ଏହି ସ୍ମରଣ ଶକ୍ତି ରହେ ନାହିଁ । ଏପରି ସ୍ମୃତିଶକ୍ତି ନ ରହିବା ପଛରେ ଭଗବାନଙ୍କର ଏକ ଯଥାର୍ଥ ଆଶୀର୍ବାଦ ରହିଛି ବୋଲିବାକୁ ହେବ । ଯଦି ସମସ୍ତେ ଅତୀତ ଜୀବନର ସବୁକଥା ସ୍ମରଣ କରିପାରୁଥାନ୍ତେ, ତେବେ ଆମର ଇହଜୀବନ ବଡ଼ ଜଟିଳ, ବଡ଼ ଦୁର୍ବିସହ ହୋଇଯାଆନ୍ତା । ଅତୀତସ୍ମୃତି ହିତକର ଓ ସହାୟକ ହେବାପାଇଁ ଅନୁକୂଳ ସମୟ ନ ଆସିବା ପର୍ଯ୍ୟନ୍ତ, ଅତୀତକୁ ବିସ୍ମୃତିର ଆବରଣ ତଳେ ରଖି-ଦିଆଯାଏ । ଜୀବ ଯେତେବେଳେ ପୂର୍ଣ୍ଣତାପ୍ରାପ୍ତ ହୁଏ ଏବଂ ଗୋଟିଏ ଜୀବନଚକ୍ରର ଶେଷସୀମାରେ ପହଞ୍ଚିଯାଏ, ସେତେବେଳେ ତା' ପାଇଁ ବିସ୍ମୃତିର ଆବରଣ ଖୋଲିଦିଆଯାଏ; ଫଳରେ ତା' ସମ୍ମୁଖରେ ପ୍ରଚ୍ଛନ୍ନ ହୋଇ କିଛି ରହେ ନାହିଁ । ସେ ତାର ସମସ୍ତ ଅତୀତ ଜୀବନ ଦେଖିବାକୁ ପାଏ । ତା' ଆଗରେ ସ୍ପଷ୍ଟଭାବରେ ଉଦ୍‌ଭାସିତ ହୋଇଉଠେ ଯେ, ତାର ବ୍ୟକ୍ତିତ୍ୱ, ତାର ଆତ୍ମା ଗୋଟିଏ ଏବଂ ସେହି ଗୋଟିଏ ମାତ୍ର ବ୍ୟକ୍ତିତ୍ୱ ସୂତ୍ରରେ ଜପମାଳାର ଗଣ୍ଠି ପରି ଗୋଟିକ ଉପରେ ଗୋଟିଏ ହୋଇ ବହୁ ଜୀବନ ଗୁନ୍ଥାଯାଇ ପ୍ରସ୍ତୁତ ହୋଇଛି ତାର ଜୀବନମାଳା ।

କିନ୍ତୁ ଏପ୍ରକାର ତ୍ୱରାନ୍ୱିତ ପୁନର୍ଜନ୍ମ ସମସ୍ତଙ୍କ କ୍ଷେତ୍ରରେ ଘଟି ନ ଥାଏ । ଜଣେ ସାଧାରଣ ବ୍ୟକ୍ତିପାଇଁ ମୃତ୍ୟୁ ଓ ପୁନର୍ଜନ୍ମର ଅନ୍ତର୍ବର୍ତ୍ତୀକାଳ ସାଂସାରିକ ହିସାବରେ ଅନେକବର୍ଷ ହୋଇଥାଏ । ଯେଉଁମାନେ ବହୁ ସତ୍କର୍ମ କରିଥାନ୍ତି, ସେମାନେ ପୁନର୍ଜନ୍ମ ହେବା ପୂର୍ବରୁ ଦେବସ୍ତରରେ ବହୁ ସମୟ କଟାଇବାର ସୁଯୋଗ ପାଇଥାନ୍ତି । ମହାତ୍ମାଗଣଙ୍କର ତଥା ଆଧ୍ୟାତ୍ମିକ କ୍ଷେତ୍ରରେ ଅଗ୍ରଗତି କରିଥିବା ବ୍ୟକ୍ତିଗଣଙ୍କର ପୁନର୍ଜନ୍ମ ହେବାକୁ ଦୀର୍ଘକାଳ ଲାଗିଯାଏ ।

ମୃତ୍ୟୁ ଓ ପୁନର୍ଜନ୍ମର ଅନ୍ତର୍ବର୍ତ୍ତୀ କାଳରେ ବିଗତ-ଆତ୍ମା ଆବଶ୍ୟକ ପଡ଼ିଲେ ବାରମ୍ବାର ଭୂପୃଷ୍ଠରେ ଅବତରଣ କରିଥାଏ । ଯେଉଁମାନେ ଯଥେଷ୍ଟ ଶାରୀରିକ ତଥା ଆଧ୍ୟାତ୍ମିକ ବିକାଶ ସାଧନ କରିଥାନ୍ତି, ସେମାନଙ୍କ କ୍ଷେତ୍ରରେ ଏହା ଅଧିକ ସମ୍ଭବପର ହୋଇଥାଏ । ଧରିତ୍ରୀପୃଷ୍ଠକୁ ଆସି ସେମାନେ ନରରୂପ ଧାରଣ କରିଥାନ୍ତି । ବେଳେ-ବେଳେ ସେମାନଙ୍କୁ ଆଖିରେ ଦେଖିହୁଏ; ହାତରେ ଛୁଇଁ ହୁଏ; ଏପରି କି ସେମାନଙ୍କର ଆଲୋଚିତ୍ର (ଫୋଟୋଗ୍ରାଫ୍) ମଧ୍ୟ ନିଆଯାଇପାରେ ।

ଆତ୍ମାର ଅଶରୀରି ରୂପ ବା ସୂକ୍ଷ୍ମରୂପକୁ ସାଧାରଣ ଚକ୍ଷୁରେ ଦେଖିହୁଏ ନାହିଁ; ତେଣୁ ଉପରଲିଖିତ ଶରୀରରୂପ ଆତ୍ମାର ସୂକ୍ଷ୍ମରୂପଠାରୁ ଭିନ୍ନ । ଉକ୍ତ ଶରୀରରୂପ ସ୍ଥୂଳଶରୀରର ଏକ ଅବିକଳ ନକଲ ସୂକ୍ଷ୍ମରୂପ । ସୂକ୍ଷ୍ମଜଗତରୁ ସ୍ଥୂଳଜଗତକୁ ଆସିବାଲାଗି ଆତ୍ମା ଏହାକୁ ଏକ ବାହନରୂପେ ବ୍ୟବହାର କରିଥାଏ ।

ଅବଶ୍ୟ ସୂକ୍ଷ୍ମଜଗତର ଚେତନା ଜୀବକୁ ଜନ୍ମମୃତ୍ୟୁର ବନ୍ଧନରୁ ମୁକ୍ତ କରିଦେଇପାରେ ବୋଲି କୌଣସି ନିର୍ଭର ପ୍ରତିଶ୍ରୁତି ଦିଆଯାଇ ନ ପାରେ । ପ୍ରେତତତ୍ତ୍ୱ ବା ମରଣୋତ୍ତର ଜୀବନତତ୍ତ୍ୱ ଯେତେ ଗୂଢ଼ ହୋଇଥାଉ ନା କାହିଁକି, ତାହା ମନୁଷ୍ୟକୁ କଦାପି ଅନ୍ତିମ ମୁକ୍ତି ଦେଇ ନ ପାରେ । ପୁଣି ସେହିସବୁ ଜ୍ଞାନ-ବଳରେ ଭୂଲୋକାତୀତ ରାଜ୍ୟର ସମସ୍ତ ଗୂଢ଼ ରହସ୍ୟ ମଧ୍ୟ ପୂର୍ଣ୍ଣଭାବରେ ଜାଣି ହେବ ନାହିଁ । କେବଳ ଆଧ୍ୟାତ୍ମିକ ଜ୍ଞାନ ଓ ଆତ୍ମଜ୍ଞାନ ହିଁ ଜନ୍ମ ଓ ମୃତ୍ୟୁର ରହସ୍ୟ ତଥା ମରଣୋତ୍ତର ଜୀବନର ରହସ୍ୟ ଉନ୍ମୋଚନ କରିଦେଇପାରେ ।

ମୃତ୍ୟୁକୁ ଭୟ କରନ୍ତୁ ନାହିଁ— କେବଳ ସାଂସାରିକ ଲୋକ ପକ୍ଷରେ ମରଣ ଯନ୍ତ୍ରଣାଦାୟକ । ଯୋଗୀଜନ, ମୁନିଜନ, ଏପରି କି, ଯେ କେହି ପ୍ରକୃତ ସାଧକ ମରଣକୁ ଆଦୌ ଭୟ କରନ୍ତି ନାହିଁ । ନିଷ୍କାମ ଲୋକ ମରଣକାଳରେ ଆଦୌ ଅଶ୍ରୁମୋଚନ କରେ ନାହିଁ । ପୂର୍ଣ୍ଣଜ୍ଞାନୀ ପୁରୁଷଙ୍କର ମରଣ ହିଁ ନାହିଁ । ତାଙ୍କର ପ୍ରାଣ ତାଙ୍କଠାରୁ କଦାପି ଅନ୍ତର ହୁଏ ନାହିଁ ।

ପରବର୍ତ୍ତୀକାଳରେ ଏକ ଶାନ୍ତିପୂର୍ଣ୍ଣ ଜୀବନ ଲାଭପାଇଁ ନିଜକୁ ପ୍ରସ୍ତୁତ କରିବା ହିଁ ଆପଣଙ୍କର ଇହଜୀବନର ପ୍ରଧାନ କର୍ତ୍ତବ୍ୟ । ମୃତ୍ୟୁଭୟକୁ ପରାସ୍ତ କରନ୍ତୁ । ମୃତ୍ୟୁଭୟ ଉପରେ ବିଜୟ ଲାଭ କରିବା, ମୃତ୍ୟୁ ଉପରେ ବିଜୟ ଲାଭ କରିବା ହିଁ ସକଳ ଆଧ୍ୟାତ୍ମିକ ସାଧନାର ଶ୍ରେଷ୍ଠତମ ଉପଯୋଗ । ସକଳ ଯୋଗସାଧନାର ଅନ୍ୟତମ ଲକ୍ଷ୍ୟ ହେଉଛି, ନିର୍ଭୀକଭାବରେ ହସ ହସ ମୁଖରେ ମହାମୃତ୍ୟୁର ସମ୍ମୁଖୀନ ହେବା ।

ମନୁଷ୍ୟ ମରଣକୁ ଭୟ କରେ । ବାର୍ଦ୍ଧକ୍ୟ ଆସିଗଲେ ସେ ଭଗବାନଙ୍କ ବିଷୟ ଚିନ୍ତା କରିବାକୁ ଚେଷ୍ଟା କରେ । କିନ୍ତୁ ସେ ଯଦି ବାଲ୍ୟକାଳରୁ ହିଁ ଭଗବତ ଚିନ୍ତା କରନ୍ତା, ତେବେ ସେ ବୃଦ୍ଧ ହେଲବେଳକୁ ସୁନ୍ଦର ଆଧ୍ୟାତ୍ମିକ ସାଫଲ୍ୟ ଅର୍ଜନ କରିପାରନ୍ତା ।

ଭୀଷ୍ମ ମରଣକୁ ସ୍ୱଇଚ୍ଛାର ଅଧୀନ କରିପାରିଥିଲେ । ସାବିତ୍ରୀ ନିଜର ସତୀତ୍ୱବଳରେ ନିଜର ସ୍ୱାମୀ ସତ୍ୟବାନଙ୍କୁ ମୃତ୍ୟୁ ରାଜ୍ୟରୁ ଫେରାଇ ଆଣି-ପାରିଥିଲେ । ମାର୍କଣ୍ଡେୟ ଶିବ ଉପାସନା କରି ମୃତ୍ୟୁକୁ ପରାସ୍ତ କରିଥିଲେ । ଆପଣ ମଧ୍ୟ ଭକ୍ତି, ଜ୍ଞାନ ଏବଂ ବ୍ରହ୍ମଚର୍ଯ୍ୟ ବଳରେ ମୃତ୍ୟୁକୁ ଜୟ କରିପାରିବେ ଏଥିରେ ସନ୍ଦେହ କରିବାର କ'ଣ ଅଛି ? ?

ପୁନର୍ଜନ୍ମ

ମନୁଷ୍ୟକୁ ଗୋଟିଏ ଉଦ୍ଭିଦ ସହିତ ତୁଳନା କରାଯାଇପାରେ । ସେ ଛୋଟରୁ ବଡ଼ ହୋଇ କାୟା ବିସ୍ତାର କରେ ଏବଂ ଶେଷରେ ତାର ମୃତ୍ୟୁ ହୁଏ । କିନ୍ତୁ ତାର ସମ୍ପୂର୍ଣ୍ଣ ନିଃଶେଷ ହୋଇଯାଏ ନାହିଁ । ଉଦ୍ଭିଦ ମଧ୍ୟ ଛୋଟରୁ ବଡ଼ ହୁଏ ଏବଂ କାୟା ବିସ୍ତାର କରି ଶେଷରେ ମୃତ୍ୟୁମୁଖରେ ପଡ଼େ । କିନ୍ତୁ ମୃତ୍ୟୁ ପୂର୍ବରୁ ଉଦ୍ଭିଦ ଯେଉଁ ବୀଜ ଛାଡ଼ିଯାଇଥାଏ, ସେଥିରୁ ଉତ୍ପନ୍ନ ହୁଏ ନୂତନ ଉଦ୍ଭିଦ । ମନୁଷ୍ୟର ମୃତ୍ୟୁ ହେଲେ, ରକ୍ତମାଂସର ଏହି ସ୍ଥୂଳଶରୀରଟି ନଷ୍ଟ ହୋଇଯାଏ ସତ, କିନ୍ତୁ ମନୁଷ୍ୟ ଛାଡ଼ିଯାଏ ତାର କର୍ମ, ତା ଜୀବନର ସତ୍ ଓ ଅସତ୍ କାର୍ଯ୍ୟ । ସ୍ଥୂଳଶରୀର ପଞ୍ଚମହାଭୂତରେ ମିଳେଇଯାଏ, କିନ୍ତୁ କର୍ମର ପ୍ରଭାବ ନଷ୍ଟ ହୁଏ ନାହିଁ । ମନୁଷ୍ୟକୁ ପୁନର୍ବାର ଜନ୍ମ ହୋଇ ତାର କୃତକର୍ମର ଫଳ ଭୋଗ କରିବାକୁ ପଡ଼େ ।

ବେଦ ଯେପରି ସୁପ୍ରାଚୀନ, ଏହି ପୁନର୍ଜନ୍ମତତ୍ତ୍ୱ ମଧ୍ୟ ସେହିପରି ସୁପ୍ରାଚୀନ । ପୁନର୍ଜନ୍ମ ତତ୍ତ୍ୱଟି ହେଉଛି ହିନ୍ଦୁଧର୍ମ, ବୌଦ୍ଧଧର୍ମ ଓ ଜୈନଧର୍ମର ମୂଳତତ୍ତ୍ୱ । ଗୁରୁ ନାନକ ଦେବ ମଧ୍ୟ ଏହି ତତ୍ତ୍ୱକୁ ତାଙ୍କର ଗ୍ରନ୍ଥସାହେବରେ ସମର୍ଥନ କରିଛନ୍ତି ।

ପ୍ରାଚୀନ ମିଶରୀୟମାନେ ପୁନର୍ଜନ୍ମରେ ବିଶ୍ୱାସ କରୁଥିଲେ । ଗ୍ରୀକ୍ ଦାର୍ଶନିକମାନେ ଏହି ତତ୍ତ୍ୱକୁ ମୂଳଭିତ୍ତି କରି ନିଜର ଦର୍ଶନଶାସ୍ତ୍ରର ବିକାଶ କରିଛନ୍ତି । ପ୍ଲାଟୋ କହନ୍ତି, ପୂର୍ବସ୍ମୃତି ହିଁ ଜ୍ଞାନ, ଅର୍ଥାତ୍ ପୁନର୍ଜନ୍ମ ହେଉଛି ପ୍ଲାଟୋଙ୍କ ଦର୍ଶନର ମୂଳମନ୍ତ୍ର ।

ଇମରସନ୍, ପ୍ଲାଟୋ, ପିଥାଗୋରସ୍ ପ୍ରଭୃତି ଦାର୍ଶନିକମାନଙ୍କର ପୁନର୍ଜନ୍ମ ତତ୍ତ୍ୱରେ ପୂର୍ଣ୍ଣବିଶ୍ୱାସ ରହିଥିଲା । କେଣ୍ଟ୍, ସ୍କେଲିଙ୍ଗ ଓ ସୋପେନହର ଏହି ମତବାଦର ଦୃଢ଼ ସମର୍ଥନ କରନ୍ତି । ଜୁଲିୟସ୍ ମୁଲର୍, ଉଇଣ୍ଟର୍ ଏବଂ ଏଡ଼ୱାର୍ଡ୍ ୱାଚରଙ୍କପରି ଧର୍ମତତ୍ତ୍ୱବିତ୍‌ଗଣ ମଧ୍ୟ ଏହି ତତ୍ତ୍ୱର ଯଥାର୍ଥତା ସ୍ୱୀକାର କରନ୍ତି । ଏ ଯୁଗର ଅଧିକାଂଶ ଲୋକ ଏହି ତତ୍ତ୍ୱକୁ ଗ୍ରହଣ କରିନେଇଛନ୍ତି ।

ଦେହ ହେଉଛି ଆତ୍ମାର ଏକ ଯାନ— ଗୋଟିଏ ନିର୍ଦ୍ଦିଷ୍ଟ ଦେହ ସହିତ ଆତ୍ମାର ମିଳନକୁ ଜନ୍ମ ବୋଲାଯାଏ ଏବଂ ଆତ୍ମା ଓ ଦେହର ବିଚ୍ଛେଦକୁ

ବୋଲଯାଏ ମୃତ୍ୟୁ । ଆତ୍ମା ଯେତେବେଳେ ସ୍ଥୂଳଦେହରୂପକ କୋଠରି ଛାଡ଼ି ଚାଲିଯାଏ ସେତେବେଳେ ସେ ଯାଇ ପ୍ରବେଶ କରେ ଅନ୍ୟ ଏକ ଦେହରେ; ସେହି ଦେହ ଆତ୍ମାର ଯୋଗ୍ୟତାନୁଯାୟୀ ନରଦେହ, ପଶୁଦେହ, ପକ୍ଷୀଦେହ କିମ୍ବା ଉଦ୍ଭିଦ ଦେହ ମଧ୍ୟ ହୋଇପାରେ ।

ଖଣିଜ ତୈଳ ଓ ବାଷ୍ପ ଗୋଟିଏ ଗୋଟିଏ ପ୍ରଚଣ୍ଡ ଶକ୍ତି । କିନ୍ତୁ ସେସବୁ ଶକ୍ତି ଅନ୍ୟକୁ ଆଶ୍ରୟ ନ କରି ନିଜେ ଏକ ନିର୍ଦ୍ଦିଷ୍ଟ ପଥରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟରେ ଯାତ୍ରା କରିପାରେ ନାହିଁ । ସେ ପ୍ରକାର ଶକ୍ତି କୌଣସି ଏକ ଯନ୍ତ୍ର ଯଥା ଚଳମାନ ରେଲଇଞ୍ଜିନ ବା ମୋଟରଗାଡ଼ି ଇଞ୍ଜିନ ବା ବାଷ୍ପୀୟପୋତର ଇଞ୍ଜିନ ସହିତ ପ୍ରଯୁକ୍ତ ହେଲେ ଯାଇ ତାର ପୂର୍ଣ୍ଣ ପ୍ରଭାବ ପ୍ରକାଶିତ ହୁଏ । ଠିକ୍ ସେହିପରି ଆତ୍ମା ଏକ ନିର୍ଦ୍ଦିଷ୍ଟ ପଥରେ ଚାଲି ତାର ଲକ୍ଷ୍ୟସ୍ଥଳ ଈଶ୍ୱରଙ୍କ ନିକଟରେ ଉପନୀତ ହେବାକୁ ହେଲେ, ତାକୁ ଏକ ଦେହର ଆଶ୍ରୟ ନେବାକୁ ପଡ଼ିବ । ଈଶ୍ୱର ଦେହକୁ ଏପରିଭାବରେ ଗଠନ କରିଛନ୍ତି ଯେ, ତାହା ଆତ୍ମାକୁ ତାର ଅଗ୍ରଯାତ୍ରାରେ ପରିବହନ କରିନିଏ । ଏକ ସନ୍ତ୍ ଆତ୍ମା ଏକ ସନ୍ତ୍ ଦେହ ପାଇଥାଏ ଏବଂ ଅସନ୍ତ୍ ଆତ୍ମା ପାଇଥାଏ ଅସନ୍ତ୍ ଦେହ । ଈଶ୍ୱରଙ୍କ ଆଡ଼କୁ ଅଗ୍ରସର ହେବା ନିମନ୍ତେ ଦେହ ହେଉଛି ଏକ ଅପରିହାର୍ଯ୍ୟ ଉପକରଣ ।

ମୃତ୍ୟୁପରେ ଦେହାନ୍ତର ଗମନ କରିବା କାମଟି ନିରବଚ୍ଛିନ୍ନଭାବରେ ଚାଲିଥାଏ; ଏହି ପ୍ରକ୍ରିୟା ଯେ କେତେ ଦିନ ଧରି ଚାଲେ, ତାର କଳନା ନାହିଁ । ଏହି ଆତ୍ମା ଯେତେଦିନ ପର୍ଯ୍ୟନ୍ତ ସକଳ ପ୍ରକାର କଳୁଷରୁ ମୁକ୍ତ ହୋଇ, ପବିତ୍ର ହୋଇ ଯୋଗ ବଳରେ ସେହି ଅକ୍ଷର ଆତ୍ମାଙ୍କ ବିଷୟରେ ପୂର୍ଣ୍ଣ ଓ ସତ୍ୟଜ୍ଞାନ ପ୍ରାପ୍ତ ହୋଇ ମୁକ୍ତି ଲାଭ କରିବା ଦ୍ୱାରା ପରମାତ୍ମା ବା ପରବ୍ରହ୍ମଙ୍କ ଅଙ୍ଗରେ ଲୀନ ହୋଇଯାଇ ଶାଶ୍ୱତ ଓ ପୂର୍ଣ୍ଣତମ ସୁଖ ଭୋଗ କରି ନ ପାରିଛି, ସେତେଦିନ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିଥାଏ । ପରମାତ୍ମାଙ୍କ ଅଙ୍ଗରେ ଲୀନ ହୋଇଯିବା ପରେ ତାର ଆଉ ପୁନର୍ଜନ୍ମ ହୁଏ ନାହିଁ ।

ପୁନର୍ଜନ୍ମର ପ୍ରମାଣ—ପୁନର୍ଜନ୍ମ ସପକ୍ଷରେ ହିନ୍ଦୁମାନେ ଯେଉଁ ସବୁ ଯୁକ୍ତି ଉପସ୍ଥାପନ କରନ୍ତି, ତା'ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଯୁକ୍ତି ହେଉଛି ଏହି ଯେ, ପ୍ରାଣୀର ସହଜାତ ପ୍ରବୃତ୍ତି ରହିଥାଏ; ଅତୀତ ଜୀବନର ଅନୁଭୂତିକୁ ଧରି ହିଁ ସହଜାତ ପ୍ରବୃତ୍ତି ଉତ୍ପନ୍ନ ହୁଏ ।

ସଦ୍ୟଜାତ ଶିଶୁ ମାତାର ସ୍ତନ୍ୟ ପାନ କରେ । ହଂସଶାବକ ଜଳରେ ସନ୍ତରଣ କରେ । ସେମାନଙ୍କୁ ଏସବୁ ବିଷୟ କିଏ ଶିଖାଇଲା ? ଏସବୁ କେବଳ ପୁନର୍ଜନ୍ମର ସଂସ୍କାର । ପ୍ରଥମ ଦେଖାରେ ହିଁ ଦୁଇଜଣ ମଧ୍ୟରେ ଯେଉଁ ପ୍ରେମ

ଜାତ ହୋଇଯାଏ, ତାହା କେବଳ ପୂର୍ବଜନ୍ମରେ ରହିଥିବା ମଧୁର ସମ୍ପର୍କର ଏକ ପୁନରାବର୍ତ୍ତନ । ସେହି ଦୁଇଜଣଙ୍କ ମଧ୍ୟରେ ଅତୀତ ଜନ୍ମରେ ପ୍ରେମ ରହିଥିଲା; ତାହା ବର୍ତ୍ତମାନ ମନେପଡ଼ିଯାଏ ଏବଂ ବସ୍ତୁତଃ ସେମାନେ ଅନୁଭବ କରନ୍ତି ଯେ, ସେମାନେ କେଉଁକାଳରୁ ପରସ୍ପରକୁ ଜାଣନ୍ତି । ପ୍ରଥମ ସାକ୍ଷାତର ଏ ଯେଉଁ ପ୍ରେମ, ଏହା ଆଦୌ ଯୌନସମ୍ପର୍କରୁ ସମ୍ଭୂତ ନୁହେଁ ଏବଂ ଏପରି ପ୍ରେମସମ୍ପର୍କ କ୍ୱଚିତ ଘଟିଯାଏ । ଭଗବାନ ବୁଦ୍ଧ ସ୍ୱୀୟ ପତ୍ନୀଙ୍କୁ କହିଥିଲେ ଯେ, ଏକ ଅତୀତ ଜନ୍ମରେ ମଧ୍ୟ ତାଙ୍କ ସ୍ତ୍ରୀଙ୍କର ତାଙ୍କପ୍ରତି ପ୍ରେମ ରହିଥିଲା । ବୁଦ୍ଧ ବିଭିନ୍ନ ସମୟରେ ଅନ୍ୟ ଲୋକମାନଙ୍କର ଅତୀତ ଜୀବନର ପ୍ରାଞ୍ଜଳ ବର୍ଣ୍ଣନା ମଧ୍ୟ ଦେଇଛନ୍ତି ।

ପ୍ରତ୍ୟେକ ଶିଶୁ ଅତୀତ ଚେତନାରୁ ଜାତ କେତେକ ପ୍ରବଣତା ବା ପ୍ରବୃତ୍ତି ପ୍ରଦର୍ଶନ କରିଥାଏ । କୌଣସି ଶିଶୁ ଶୂନ୍ୟମସ୍ତିଷ୍କ ନେଇ ଜନ୍ମ ଗ୍ରହଣ କରେ ନାହିଁ । 'ପିଲାଟି ମୁଣ୍ଡରେ କିଛି ବୋଲି କିଛି ନାହିଁ'— ଏପରି କହି ହୁଏ ନାହିଁ । ଆମର ପ୍ରତ୍ୟେକର ଅତୀତ ଜୀବନ ରହିଥିଲା । ବୋଲିବା ବାହୁଲ୍ୟ ଯେ, ପ୍ରତିଭାଶାଳୀ ଶିଶୁ ମଧ୍ୟ ଜନ୍ମ ହୁଅନ୍ତି । ଦେଖାଯାଉଛି, ପାଞ୍ଚବର୍ଷର ଶିଶୁ ମଧ୍ୟ ସୁନ୍ଦର ଭାବରେ ପିଆନୋ ବଜାଉଛି କିମ୍ବା ଅପୂର୍ବ ନିପୁଣତାର ସହିତ ବେହେଲା ବଜାଉଛି । ଶ୍ରୀ ଜ୍ଞାନଦେବ ମାତ୍ର ଚଉଦବର୍ଷ ବୟସରେ ଗୀତାର ଭାଷ୍ୟ ରଚନା କରିଥିଲେ । ଗଣିତପରି କଠିନ ଶାସ୍ତ୍ରରେ ମଧ୍ୟ ଅଭୂତ ଧୀସମ୍ପନ୍ନ ବାଳକମାନେ ଜନ୍ମ ହୋଇଥିଲେ । ମାନ୍ଦ୍ରାଜରେ ଭଗବତାର୍ ବୋଲି ଜଣେ ବାଳକ ଥିଲା; ମାତ୍ର ଆଠବର୍ଷ ବୟସରେ ସେ 'କଥା' (ହରିକଥା; ପାଲା, ଦାସକାଠି ଇତ୍ୟାଦିପରି ଏକ ପୁରାଣ କଥା) ପରିବେଷଣ କରିପାରୁଥିଲା । ଏହିସବୁ ଅସାଧାରଣ ବ୍ୟକ୍ତିତ୍ୱର କି ବ୍ୟାଖ୍ୟା କରିପାରିବା ? ଏ ସବୁକୁ ପ୍ରାକୃତିକ ବ୍ୟତିକ୍ରମ କହି ଉଡ଼ାଇଦିଆଯାଇ ନ ପାରେ; କେବଳ ପୁନର୍ଜନ୍ମ ତତ୍ତ୍ୱ ହିଁ ଏ ସବୁର ସନ୍ତୋଷଜନକ ବ୍ୟାଖ୍ୟା କରିପାରେ । ଯଦି ଜଣେ ଲୋକ ଇହଜନ୍ମରେ ଭଲ ସଙ୍ଗୀତ ବା ଗଣିତ ଶିକ୍ଷା କରି ସେହି ବିଦ୍ୟାରେ ଗଭୀର ଜ୍ଞାନ ଅର୍ଜନ କରେ, ତେବେ ତାହା ତାର ସ୍ମୃତିପଟ୍ଟରେ ଗଭୀର ରେଖାପାତ କରେ; ଇହଜନ୍ମରେ ସେହି ଜ୍ଞାନର ପ୍ରଭାବ ତା' ସାଥିରେ ତାର ପରଜନ୍ମକୁ ମଧ୍ୟ ଚାଲିଯାଏ । ଫଳରେ ବାଲ୍ୟବୟସରେ ମଧ୍ୟ ବ୍ୟକ୍ତିର ଉକ୍ତ ବିଦ୍ୟାରେ ପାରଙ୍ଗମତା ପ୍ରକାଶ ପାଇଥାଏ ।

ବଂଶପରମ୍ପରା ଏହିସବୁ ଅସାମାନ୍ୟତା ଓ ବିଭିନ୍ନତାର ଉପଯୁକ୍ତ ବ୍ୟାଖ୍ୟା ଦେଇ ନ ପାରେ, କାରଣ ଏସବୁ ଅସାଧାରଣ ବ୍ୟକ୍ତିମାନଙ୍କର ପିତାମାତା ଓ ଭାଇ-ଭଉଣୀ ଅତି ସାଧାରଣ ମନୁଷ୍ୟ ଅଟନ୍ତି । ଅତୀତ କର୍ମର ଫଳରୁ ହିଁ ପ୍ରବଣତା ବା ପ୍ରବୃତ୍ତି ସୃଷ୍ଟି ହୁଏ; ପ୍ରବଣତା ବଂଶପରମ୍ପରାରୁ ଆସେ ନାହିଁ । ଅସାଧାରଣ ପ୍ରତିଭାସମ୍ପନ୍ନ

ବ୍ୟକ୍ତିମାନେ ଅତୀତ ଜୀବନର କର୍ମସାଧନା ବଳରେ ହିଁ ସେମାନଙ୍କର ପ୍ରତିଭା ଲାଭ କରିଥାନ୍ତି । ମନୁଷ୍ୟ ଜନ୍ମ ଜନ୍ମ ଧରି ତାର ପ୍ରବଣତା ଓ ଆଗ୍ରହର ବିକାଶ କରି ଚାଲିଥାଏ ଏବଂ ସେହି ବିକାଶର ଫଳସ୍ୱରୂପ କୌଣସି ଏକ ପରବର୍ତ୍ତୀ ଜନ୍ମରେ ପ୍ରତିଭାବାନ ବ୍ୟକ୍ତି ହୋଇ ଜନ୍ମ ଲାଭ କରେ । ବୁଦ୍ଧ ବହୁଜନ୍ମ ଧରି ସଂସ୍କାର ଅର୍ଜନ କରିଚାଲିଥିଲେ । କେବଳ ଶେଷଜନ୍ମରେ ସେ ବୁଦ୍ଧ ହୋଇପାରିଥିଲେ ।

ଜୀବର ସକଳ ସଦ୍‌ଗୁଣ ଗୋଟିଏ ଜନ୍ମରେ ବିକଶିତ ହୋଇପାରେ ନାହିଁ । କେବଳ କ୍ରମବିବର୍ତ୍ତନ ଫଳରେ ହିଁ ଜୀବ ତାର ସଦ୍‌ଗୁଣର ବିକାଶ କରିପାରେ । ଜଗତରେ ସାଧୁସନ୍ଥମାନଙ୍କର ଉପସ୍ଥିତିରୁ, ପ୍ରତିଭା-ଧୁରନ୍ଧର ବ୍ୟକ୍ତିମାନଙ୍କର ଉପସ୍ଥିତିରୁ ପ୍ରମାଣିତ ହୋଇଯାଏ ଯେ, ଜୀବର ପୁନର୍ଜନ୍ମ ହୁଏ ।

ଆମର ଅତୀତ ଜୀବନର କଥା ସ୍ମରଣ ହୁଏ ନାହିଁ କାହିଁକି ?

ପୁନର୍ଜନ୍ମ ତତ୍ତ୍ୱ ବିରୁଦ୍ଧରେ ଗୋଟିଏ ବଡ଼ ଆପତ୍ତି ହେଲା, ଆମର ଯଦି ପୁନର୍ଜନ୍ମ ହେଉଛି, ତେବେ ଆମର ଅତୀତ କଥାସବୁ ମନେ ନ ପଡ଼ୁଛି କାହିଁକି ? ଏହି ଆପତ୍ତିର ଉତ୍ତର ହେଉଛି, ତୁମେ ଶୈଶବରେ କଣ କରିଥିଲ, ସେ ବିଷୟ ଆଜି ମନେ ପଡ଼ୁଛି କି ? ଜନ୍ମ ହେବାବେଳର କଥା ମନେ ପଡୁନାହିଁ, ତେଣୁ ତୁମେ କେବେ ଶିଶୁ ନ ଥିଲ ବୋଲି କହିପାରିବ କି ? ତୁମର ଅତୀତ ଅସ୍ତିତ୍ୱ ଯଦି ତୁମ ସ୍ମୃତିଉପରେ ନିର୍ଭର କରେ, ତେବେ ଏହି ଯୁକ୍ତି ଅନୁଯାୟୀ ତୁମେ କେବେ ଶିଶୁ ନ ଥିଲ, କାରଣ ଶୈଶବର କଥା ତୁମର ସ୍ମରଣ ନାହିଁ । ଅତୀତ ଜୀବନର ବିଭିନ୍ନ ଅନୁଭୂତିର ସବିଶେଷ ବିବରଣୀ ସ୍ମୃତିରୁ ହଜିଗଲାଣି ସତ, ତଥାପି ଅତୀତ ଅନୁଭୂତିରୁ ସଂଜାତ ଜ୍ଞାନ ତୁମର ଅଙ୍ଗୀଭୂତ ହୋଇ ତୁମର ହୋଇଯାଇଛି । ସେସବୁ ଜ୍ଞାନ ଏବେ ମଧ୍ୟ ତୁମର ଅବଚେତନ ମନରେ ବା ଚିତ୍ତରେ ଗଭୀର ରେଖାଙ୍କନ କରି ରହିଛି । ଅତୀତ ଜନ୍ମର ଅନୁଭୂତିସବୁ ମଧ୍ୟ ସେହିପରି ଇହଜନ୍ମକୁ ନିୟନ୍ତ୍ରିତ କରୁଛି ।'

ଆମେ ଯେତେଦିନ ଧରି ଏକ ସ୍ଥୂଳଶରୀରରେ ବାସ କରୁ, ସେତେଦିନ ପର୍ଯ୍ୟନ୍ତ ମସ୍ତିଷ୍କମାଧ୍ୟମରେ ସ୍ମୃତିଶକ୍ତିର ବ୍ୟବହାର କରିପାରୁ । କିନ୍ତୁ ଏହି ଶରୀର ଛାଡ଼ି ଅନ୍ୟ ଶରୀରକୁ ଚାଲିଯିବାବେଳେ ଆତ୍ମା ତାର ମସ୍ତିଷ୍କଟି ସାଥିରେ ନେଇଯାଏ ନାହିଁ ।

ଅତୀତର ଜ୍ଞାନ— ଅତୀତ ଜନ୍ମର ଅନୁଭୂତିଗୁଡ଼ିକ ଚିତ୍ତ ବା ଅବଚେତନ ମନରେ ଅବଶେଷ ଶକ୍ତିରୂପରେ ମୁଦ୍ରିତ ହୋଇ ରହିଥାଏ । ଗ୍ରାମୋଫୋନ ରେକର୍ଡ଼ରେ ଧ୍ୱନି ଯେପରି ସୂକ୍ଷ୍ମରୂପରେ ରହିଥାଏ, ଅତୀତ ଅନୁଭୂତିସବୁ

ମଧ୍ୟ ଚିତ୍ତପଟ୍ଟରେ ଠିକ୍ ସେହିପରି ଅତିସୂକ୍ଷ୍ମ ରୂପରେ ରହିଥାଏ । ସେହି ସୂକ୍ଷ୍ମ-ରୂପଉପରେ ଧାରଣା ନିବଦ୍ଧ କରି ଯୋଗୀ ତାଙ୍କର ଅତୀତ ଜୀବନ ବିଷୟ ସ୍ମରଣ କରିପାରନ୍ତି । ଆପଣଙ୍କର ଅବଚେତନ ମନରେ ଯେଉଁସବୁ ସଂସ୍କାର ସଞ୍ଚିତ ହୋଇ ରହିଛି ବା ଅତୀତ ଜୀବନର ବିଭିନ୍ନ ଅନୁଭୂତିର ଅଙ୍କନ ରହିଛି, ସେହି ସଂସ୍କାର ବା ସୂକ୍ଷ୍ମ ଅଙ୍କନ ଉପରେ ଧାରଣା ନିବଦ୍ଧ କରି ଯୋଗୀ ଆପଣଙ୍କର ଅତୀତ ଜୀବନ ବିଷୟରେ ମଧ୍ୟ ସବୁକଥା କହିଦେଇପାରିବେ ।

ପ୍ରକୃତିମାତା ଅତୀତକୁ ଆପଣଙ୍କଠାରୁ ଲୁଚାଇରଖିଛନ୍ତି । ଅତୀତ ଜୀବନ ବିଷୟ ସ୍ମରଣ କରିବା ବାଞ୍ଛନୀୟ ନୁହେଁ । ମନେକରନ୍ତୁ, କ୍ଷଣକପାଇଁ ଆପଣଙ୍କର ଅତୀତ ଜୀବନ କଥା ମନେପଡ଼ିଗଲା ଏବଂ ଆପଣ ଜାଣିଗଲେ ଯେ, ଅତୀତ ଜନ୍ମର କୌଣସି ଏକ କୃତ ପାପଲାଗି ଇହଜନ୍ମରେ ଆପଣଙ୍କୁ ଦଣ୍ଡଭୋଗ କରିବାକୁ ପଡ଼ିବ । ଦେଖିବେ, ସେହି ମୁହୂର୍ତ୍ତରୁ ଆପଣ ସେହି ବିଷୟ ହିଁ ଭାବିବାକୁ ଲାଗିବେ । ଆପଣ ସେହି ଚିନ୍ତାରେ ବ୍ୟସ୍ତ ହୋଇଯିବେ । ଆଉ ସୁନିଦ୍ରା ହେବ ନାହିଁ । ଖାଇବା ଗଣ୍ଡିକ ମଧ୍ୟ ଆଉ ରୁଚିକର ହେବ ନାହିଁ ।

ଅତୀତ ବିଷୟ ସ୍ମରଣ କରିପାରିଲେ ଆପଣ ବର୍ତ୍ତମାନର ଅସଦ୍‌ବ୍ୟବହାର କରିବସିବେ । ଆପଣଙ୍କର ଜଣେ ଘୋର ଶତ୍ରୁ ହୁଏତ ଇହଜନ୍ମରେ ଆପଣଙ୍କର ପୁତ୍ରରୂପରେ ଜନ୍ମ ହୋଇଥିବ । ଅତୀତ ବିଷୟ ମନେ ପଡ଼ିଗଲେ ଆପଣ ସେହି ପୁତ୍ରକୁ ହତ୍ୟା କରିବାକୁ ଅସ୍ତ୍ର ଧରିପକାଇବେ, ଆପଣଙ୍କ ମନରେ ହଠାତ୍ ଶତ୍ରୁତା ଜାଗିଉଠିବ ।

ପୁନର୍ଜନ୍ମର ପ୍ରମାଣ ଦେଉଥିବା କେତେକ ସତ୍ୟଘଟଣା—

ପୁନର୍ଜନ୍ମ ବିଷୟରେ ରହିଥିବା ପ୍ରତିଷ୍ଠିତ ହିନ୍ଦୁବିଶ୍ୱାସକୁ ଯେଉଁମାନେ ଅଗ୍ରାହ୍ୟ କରନ୍ତି, ଏହିସବୁ ସତ୍ୟଘଟଣା ସେମାନଙ୍କ ପ୍ରତି ଦୃଢ଼ ଆହ୍ୱାନସଦୃଶ । ଅଳ୍ପ କିଛି ଦିନ ତଳର କଥା । ଦିଲ୍ଲୀରେ ଶାନ୍ତି ଦେବୀ ନାମରେ ଗୋଟିଏ ଛୋଟ ଝିଅ ତାର ଅତୀତ ଜୀବନର ବିଭିନ୍ନ ବିଷୟ ବର୍ଣ୍ଣନା କରିବାକୁ ଲାଗିଲା । ସେସବୁ କଥା ଶୁଣି କେବଳ ଦିଲ୍ଲୀ ଓ ମଥୁରାରେ ତ ନୁହେଁ, ସମସ୍ତ ଉତ୍ତର-ପ୍ରଦେଶରେ ଚହଳ ପଡ଼ିଗଲା । ତାର ବିବରଣୀ ଶୁଣିବାଲାଗି ବହୁ ଲୋକ ଦିଲ୍ଲୀ ଧାଇଁଲେ । ଝିଅଟି ତାର ଅତୀତ ଜନ୍ମର ସ୍ୱାମୀ ଓ ସନ୍ତାନଙ୍କୁ ଚିହ୍ନଟ କରିଦେଲା; ସେମାନେ ମଥୁରାର ଲୋକ । ସେମାନଙ୍କ ଘରେ ଯେଉଁଠି ଟଙ୍କା ପଇସା ପୋତା ଯାଇଥିଲା, ଝିଅଟି ସେହି ସ୍ଥାନ ମଧ୍ୟ ଦେଖାଇଦେଲା । ସେ ଯାହାସବୁ କହିଗଲା, ବହୁ ଗଣ୍ୟମାନ ପ୍ରତ୍ୟକ୍ଷଦର୍ଶୀ ବ୍ୟକ୍ତି ସେ ସବୁର ସତ୍ୟତା ମଧ୍ୟ ପାଇଗଲେ ।

ରେଙ୍ଗୁନରେ, ସୀତାପୁରରେ ତଥା ଅନ୍ୟାନ୍ୟ ବିଭିନ୍ନ ସ୍ଥାନରେ ମଧ୍ୟ ଏପରି ବହୁ ଘଟଣା ଘଟିଛି । ବର୍ତ୍ତମାନ ଏସବୁ ସାଧାରଣ ଘଟଣାରେ ପରିଣତ ହୋଇଗଲାଣି । ଏସବୁ କ୍ଷେତ୍ରରେ ମୃତ୍ୟୁର ଅଳ୍ପ କିଛିଦିନ ମଧ୍ୟରେ ଜୀବ ତାର ଅତୀତ ସୂକ୍ଷ୍ମଶରୀର ବା ଲିଙ୍ଗଶରୀର ନେଇ ପୁନର୍ଜନ୍ମ ଲାଭ କରିଥାଏ । ଫଳରେ ଅତୀତର ସ୍ମୃତି ଏତେ ସହଜରେ ଫେରିଆସେ । ଜଗତ ସମ୍ବନ୍ଧରେ ଲାଭ କରିଥିବା ବିଭିନ୍ନ ଅନୁଭୂତି ଅନୁଯାୟୀ ନିଜର ସୂକ୍ଷ୍ମଶରୀର ତଥା ମନକୁ ପୁନର୍ଗଠନ କରିବା ନିମନ୍ତେ ଜୀବାତ୍ମା ଯେତେ ସମୟ ମନୋରାଜ୍ୟରେ ରହିବା କଥା, ସେତେ ସମୟ ରହିପାରି ନ ଥାଏ ।

କର୍ମ ଓ ପୁନର୍ଜନ୍ମ— ପୁନର୍ଜନ୍ମବାଦ କର୍ମଫଳ ନିୟମର ଏକ ଅନୁସିଦ୍ଧାନ୍ତ ମାତ୍ର । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ଯେଉଁ ସ୍ୱଭାବଗତ ପାର୍ଥକ୍ୟ ପରିଲକ୍ଷିତ ହୁଏ, ତାହା କେବଳ ସେମାନଙ୍କର ଅତୀତର କୃତକର୍ମହେତୁକ । ଅତୀତର କର୍ମ କହିଲେ ଅତୀତ ଜନ୍ମକୁ ହିଁ ବୁଝାଏ । ଆପଣଙ୍କର ଇହଜନ୍ମର ସମସ୍ତ କର୍ମର ଫଳ ଏହି ଜନ୍ମରେ ହିଁ ଫଳବତୀ ହୋଇପାରେ ନାହିଁ । ତେଣୁ ଅବଶିଷ୍ଟ କର୍ମର ଫଳ ଭୋଗ କରିବା ନିମନ୍ତେ ଆପଣଙ୍କୁ ପୁନର୍ବାର ଜନ୍ମ ନେବାକୁ ପଡ଼େ । ଏପରିଭାବରେ ପ୍ରତ୍ୟେକ ଆତ୍ମାକୁ ଜନ୍ମମୃତ୍ୟୁର ଏକ ଅନୁକ୍ରମ ଭୋଗ କରିବାକୁ ପଡ଼େ । ପରମ୍‌ବ୍ରହ୍ମଙ୍କ ସମ୍ବନ୍ଧରେ ପୂର୍ଣ୍ଣ ଜ୍ଞାନ ଅର୍ଜନ କରିବା ପର୍ଯ୍ୟନ୍ତ ଆପଣଙ୍କର ଜନ୍ମମୃତ୍ୟୁ ଲାଗିରହିଥିବ ।

ସତ୍‌କର୍ମ କଲେ ଉଚ୍ଚଯୋନିରେ ଜନ୍ମ ମିଳେ ଏବଂ ଅସତ୍‌କର୍ମ କଲେ ଜନ୍ମ ମିଳେ ନୀଚଯୋନିରେ । ସତ୍‌କର୍ମ ଉପରକୁ ଉଠାଇନିଏ ଏବଂ ଅସତ୍‌କର୍ମ ତଳକୁ ଖସାଇଦିଏ । ଜ୍ଞାନରୁ ମିଳେ ମୁକ୍ତି ଏବଂ ଅଜ୍ଞାନରୁ ମିଳେ ବନ୍ଧନ । ଯେତେଦିନପର୍ଯ୍ୟନ୍ତ ସତ୍ କହନ୍ତୁ ଅସତ୍ କହନ୍ତୁ, ସକଳ କର୍ମ ନିଃଶେଷ ହୋଇ ନ ଥାଏ, ସେତେଦିନପର୍ଯ୍ୟନ୍ତ ମୁକ୍ତି ମିଳେ ନାହିଁ । କର୍ମରୁ ମୁକ୍ତି ନ ମିଳିବାପର୍ଯ୍ୟନ୍ତ ଶତସହସ୍ର କଳ୍ପ ବିତିଗଲେ ବି ଅନ୍ତିମ ମୁକ୍ତି ମିଳେ ନାହିଁ । ସତ୍ ଓ ଅସତ୍ ଉଭୟ କର୍ମ ଜୀବକୁ ଦୃଢ଼ଭାବରେ ଶୃଙ୍ଖଳବଦ୍ଧ କରି ରଖିଥାଏ । ସେଥିରୁ ଗୋଟିଏ ଶୃଙ୍ଖଳ ସୁନାର ତ, ଅନ୍ୟଟି ଲୁହାର । ତେଣୁ ଈଶ୍ୱରୋପଲବ୍ଧି ଲାଭ ନ ହେବା ପର୍ଯ୍ୟନ୍ତ ମନୁଷ୍ୟ ମୋକ୍ଷ ଲାଭ କରିପାରେ ନାହିଁ ।

ଖ୍ରୀଷ୍ଟିୟାନ ମତରୁ ଖଣ୍ଡନ— ପୁନର୍ଜନ୍ମର ଉଦ୍ଦେଶ୍ୟ ହେଉଛି ଉନ୍ନତ ଓ ପରିପୂର୍ଣ୍ଣତା ଲାଭ । ଯେଉଁ ଅନ୍ତିମ ଉପଲବ୍ଧି ବଳରେ ଜୀବକୁ ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ମିଳେ, ପୁନର୍ଜନ ମନୁଷ୍ୟକୁ ସେହି ପରମଉପଲବ୍ଧି ଲାଭ ନିମନ୍ତେ ପ୍ରସ୍ତୁତ କରିଚାଲେ ।

ମନୁଷ୍ୟ ଗୋଟିଏ ଜୀବନକାଳ ମଧ୍ୟରେ ପରିପୂର୍ଣ୍ଣତା ଲାଭ କରିପାରେ ନାହିଁ । ତାର ହୃଦୟ, ତାର ବୁଦ୍ଧି, ତାର କର୍ମକ୍ଷମତାର ବିକାଶ ହେବା ଆବଶ୍ୟକ । ତାକୁ ନିଖୁଣ ନିର୍ଦ୍ଦୋଷ କରି ତାର ଚରିତ୍ର ନିର୍ମାଣ କରିବାକୁ ପଡ଼ିବ । ତାକୁ ଦୟା, କ୍ଷମା, ପ୍ରେମ, ସହନଶୀଳତା, ସମଦୃଷ୍ଟି, ସତ୍‌ସାହାସ ଆଦି ବିଭିନ୍ନ ସଦ୍‌ଗୁଣର ବିକାଶ କରିବାକୁ ପଡ଼ିବ । ଏହି ଜଗତ୍-ବିଦ୍ୟାଳୟରେ ତାକୁ ବିଭିନ୍ନ ଶିକ୍ଷା, ବିଭିନ୍ନ ଅନୁଭୂତି ଲାଭ କରିବାକୁ ପଡ଼ିବ । ସୁତରାଂ ତାକୁ ଅନେକ ଜନ୍ମ ଗ୍ରହଣ କରିବାକୁ ପଡ଼ିବ । ପୁନର୍ଜନ୍ମ ଏକ ସମ୍ପୂର୍ଣ୍ଣ ସତ୍ୟ ବିଷୟ । ସୁଦୂର ଅତୀତରୁ ପ୍ରାରମ୍ଭ ହୋଇ ସୁଦୂର ଭବିଷ୍ୟତପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇ ରହିଥିବା ଅଟଣିତ ଜନ୍ମର ଏକ ସୁଦୀର୍ଘ ଅନୁକ୍ରମ ମଧ୍ୟରେ ଏହି କ୍ଷୁଦ୍ର ଜନ୍ମଟି ହେଉଛି ଗୋଟିଏ ସାମାନ୍ୟ ଅଂଶ, ସାମାନ୍ୟ ଉପାଦାନ । ଦୀର୍ଘତା ଦୃଷ୍ଟିରୁ ଏହି ଜୀବନ ସେହି ଅନୁକ୍ରମର ଏକ ନଗଣ୍ୟ ଅଂଶମାତ୍ର । ଗୋଟିଏ ଜୀବନକାଳ ମଧ୍ୟରେ ଜୀବ ସାମାନ୍ୟମାତ୍ର ଅନୁଭୂତି ଲାଭ କରେ; ତାର ସାମାନ୍ୟମାତ୍ର ବିବର୍ତ୍ତନ ହୁଏ । କିନ୍ତୁ ଗୋଟିଏ ଜୀବନକାଳ ମଧ୍ୟରେ ମନୁଷ୍ୟ ବହୁ ଅପକର୍ମ କରିବସେ ; ଏଣେ ତାର ସତ୍‌କର୍ମର ପରିମାଣ ଅତି ସାମାନ୍ୟ । ସତ୍‌ମନୁଷ୍ୟ ହୋଇ ଜୀବନ ତ୍ୟାଗ କରୁଥିବା ଲୋକଙ୍କର ସଂଖ୍ୟା ଅତି କମ ।

ଖ୍ରୀଷ୍ଟିୟାନମାନଙ୍କର ବିଶ୍ୱାସ ଯେ, ଗୋଟିଏ ଜୀବନକାଳ ମଧ୍ୟରେ ହିଁ ସବୁ ହିସାବ ନିକାଶ ହୋଇ ଶେଷ ରାୟ ମିଳିଯାଏ । ପରବର୍ତ୍ତୀ କାଳରେ ଜନ୍ମନେଇ ନିଜକୁ ସଂଶୋଧିତ ଓ ପବିତ୍ର କରିବାଲାଗି ପାପୀକୁ ଆଉ ସୁଯୋଗ ଦିଆଯାଏ ନାହିଁ । ତାର ସୀମିତ ପାପ ଯଦି ଇହଜନ୍ମରେ କୌଣସି ପ୍ରକାରେ କ୍ଷାଳିତ ହେଲା ନାହିଁ, ତେବେ ମୃତ୍ୟୁପରେ ସେହି ପାପର ଭାର ତାକୁ ଠେଲିଦିଏ ଅନନ୍ତ ଦୁଃଖଯନ୍ତ୍ରଣାଭିତରକୁ । କିନ୍ତୁ ଏଇ କିପରି କଥା ? ମନୁଷ୍ୟର ଚିରସ୍ଥାୟୀ ଅନନ୍ତ ଭବିଷ୍ୟତ କିପରି କ୍ଷୁଦ୍ର ଅକିଞ୍ଚିତ୍କର ସାମାନ୍ୟ ଗୋଟିଏ ଜୀବନକାଳ ଉପରେ ନିର୍ଭର କରିବ ଭଲା ? ଏହି କ୍ଷୁଦ୍ର ଜୀବନକାଳ ମଧ୍ୟରେ ଯଦି ସେ ଖ୍ରୀଷ୍ଟରେ ବିଶ୍ୱାସ କରେ, ତେବେ ସେ ସ୍ୱର୍ଗରେ ଶାଶ୍ୱତ ସୁଖ ଭୋଗ କରିବ ଏବଂ ଯଦି ଖ୍ରୀଷ୍ଟରେ ବିଶ୍ୱାସ ନ କରେ, ତେବେ ସେ ଚିରକାଳ ଶାସ୍ତି ପାଇବ; ତାକୁ ଚିରକାଳଲାଗି ନର୍କର ଅଗ୍ନିକୁଣ୍ଡକୁ ଠେଲି-ଦିଆଯିବ । ଏହା କଣ ଏକ ନିତାନ୍ତ ଅଯୌକ୍ତିକ, ଅସଙ୍ଗତ ଓ ଅବିଚାରସିଦ୍ଧ ମତବାଦ ନୁହେଁ ? ଜୀବକୁ ତାହେଲେ ଆତ୍ମବିକାଶ ଓ ଆତ୍ମସଂଶୋଧନଲାଗି ସୁଯୋଗ ମଧ୍ୟ ଦିଆଯିବ ନାହିଁ ? ତେଣୁ ପୁନର୍ଜନ୍ମବାଦ ଏକ ଅତ୍ୟନ୍ତ ବିଚାରସିଦ୍ଧ, ଯୁକ୍ତିସିଦ୍ଧ ବାଦ । ଏହି ବାଦରେ ମନୁଷ୍ୟପାଇଁ ଆତ୍ମସଂଶୋଧନ, ଆତ୍ମବିକାଶ ଓ କ୍ରମବିବର୍ତ୍ତନର ଯଥେଷ୍ଟ ସୁଯୋଗ ଦିଆ ଯାଇଛି । ବେଦାନ୍ତ କହେ, ଅଧମତମ ପାପୀ ନିମନ୍ତେ ମଧ୍ୟ ମୋକ୍ଷ ଲାଭର ଆଶା ରହିଛି ।

ପାପୀ ଏକ ନିର୍ଦ୍ଦିଷ୍ଟ ସମୟ ନିମନ୍ତେ ଦୁଷ୍କର୍ମର ମନ୍ଦଫଳ ଭୋଗ କରେ । ତାର ପାପ କ୍ଷାଳନ ହୋଇଗଲାପରେ ସେ ପୁନର୍ବାର ଏକ ବୁଦ୍ଧିମାନ ବିବେକବାନ ଜୀବରୂପରେ ଜନ୍ମ ଗ୍ରହଣ କରେ, ଏହା ଫଳରେ ତାକୁ ସତ୍ କିଣ, ଅସତ୍ କିଣ, ତାହା ଜାଣିବା ନିମନ୍ତେ ଜ୍ଞାନ ଦିଆଯାଇ, ନିଜର ଅଭିରୁଚି ଅନୁଯାୟୀ ସତ୍ କିମ୍ବା ଅସତ୍ ଯେ କୌଣସି ଗୋଟିଏ ମାର୍ଗ ବାଛିନେଉ ବୋଲି ସ୍ୱାଧୀନତା ଦିଆଯାଇ, ସେ ପରମମୁକ୍ତି ଲାଭ ନିମନ୍ତେ କାର୍ଯ୍ୟ କରୁ ବୋଲି ତାକୁ ଏକ ନୂତନ ସୁଯୋଗ ଦିଆଯାଏ ।

ନୀଚଯୋନୀରେ ଜନ୍ମ— କୌଣସି ମନୁଷ୍ୟ ଶଇତାନର ସମ୍ପୂର୍ଣ୍ଣ ଅବତାର ହୋଇ ନ ପାରେ । ପ୍ରତ୍ୟେକ ମନୁଷ୍ୟର ଅସଦ୍‌ଗୁଣ ଓ ତଜ୍ଜନିତ ଅସତ୍‌କର୍ମର ମାତ୍ରାଠାରୁ ତାର ସଦ୍‌ଗୁଣ ଓ ସତ୍‌କର୍ମର ମାତ୍ରା ସର୍ବଦା ଅଧିକ । ତେଣୁ ମନୁଷ୍ୟ ତାର ମୃତ୍ୟୁ ପରେ ନିଜ ଆତ୍ମାର ଭବିଷ୍ୟତ ବିବର୍ତ୍ତନପାଇଁ ମନୁଷ୍ୟ ଗୋଷ୍ଠିରେ ହିଁ ଉଚ୍ଚ କିମ୍ବା ନୀଚଯୋନୀରେ ପୁନର୍ଜନ୍ମ ଗ୍ରହଣ କରେ ।

ସାଧାରଣତଃ ମନୁଷ୍ୟର ଊର୍ଦ୍ଧ୍ୱବିବର୍ତ୍ତନ ଘଟେ । ଅଧଃପତନ ନ ଘଟାଇ ଊର୍ଦ୍ଧ୍ୱପଥରେ ବିବର୍ତ୍ତିତ କରି ଚାଲିବା ହିଁ ସାଧାରଣତଃ ପ୍ରକୃତିର ରୀତି ଓ ନିୟମ । ତଥାପି ଏହି ନିୟମରେ ବ୍ୟତିକ୍ରମ ମଧ୍ୟ ରହିଛି । ମନୁଷ୍ୟ ଯଦି ଆସୁରିକ ପ୍ରବୃତ୍ତି ଧରେ, ପଶୁଠାରୁ ମଧ୍ୟ ହୀନ ବ୍ୟବହାର ପ୍ରଦର୍ଶନ କରେ, ସେ ଯଦି କୁକୁର-ମାଙ୍କଡ଼ପରି ଅସଦାଚରଣ ପ୍ରଦର୍ଶନ କରେ, ତେବେ ଏହା ନିଃସନ୍ଦେହ ଯେ, ସେ ଆଉ ମନୁଷ୍ୟ ହୋଇ ପୁନର୍ଜନ୍ମ ଲାଭ କରିବାକୁ ଯୋଗ୍ୟ ନୁହେଁ, ଫଳରେ ସେ ପଶୁଯୋନୀରେ ଜନ୍ମ ହେବ । ସେ କୁକୁର, ମାଙ୍କଡ଼, ଗଧ ବା ଘୁଷୁରି ହୋଇ ଜନ୍ମ ହେବ । ଅବଶ୍ୟ ଏ ପ୍ରକାରର ଘଟଣା କ୍ୱଚିତ ଘଟିଥାଏ ।

ମନୁଷ୍ୟ ଜଘନ୍ୟ ପାପ କଲେ ମଧ୍ୟ, ଏହି ଜୀବନକାଳ ମଧ୍ୟରେ ହିଁ, ଏହି ରକ୍ତମାଂସର ଶରୀର ଧରିଥିବା ଅବସ୍ଥାରେ ହିଁ ସେ ଅଧିକାଂଶ ଦଣ୍ଡ ପାଇଥାଏ; ତେଣୁ ସେ ଯେ ନିଶ୍ଚିତଭାବରେ ପଶୁଯୋନୀରେ ଜନ୍ମ ହେବ, ସେପରି ନୁହେଁ । ମନୁଷ୍ୟକୁ ପଶୁଜନ୍ମ ନେଇ କୃତପାପର ଯେତେ କୁଫଳ ଭୋଗ କରିବାକୁ ନ ପଡ଼େ, ତା'ଠାରୁ ଅଧିକ କୁଫଳ ଭୋଗ କରିବାକୁ ପଡ଼େ ଏହି ଜନ୍ମରେ, ଏହି ରକ୍ତମାଂସର ଶରୀର ଧରି ବଞ୍ଚିରହିଥିବା ଜୀବନକାଳ ମଧ୍ୟରେ । କୁଷ୍ଠରୋଗୀ, ଯକ୍ଷ୍ମାରୋଗୀ, ଗନେରିଆ ଓ ସିଫିଲିସ୍ ରୋଗୀ ଯେଉଁ ଯନ୍ତ୍ରଣା ଭୋଗ କରନ୍ତି, ତାହା ବର୍ଣ୍ଣନାର ଅତୀତ ।

ମନୁଷ୍ୟ ଏହି ଜଗତର ବିଭିନ୍ନ ତିକ୍ତ ଯନ୍ତ୍ରଣାଦାୟୀ ଅନୁଭୂତିରୁ ଶିକ୍ଷା ଲାଭ କରେ । ମନୁଷ୍ୟ ଯେତେ ବଡ ପାପୀ, ଯେତେ ନିଷ୍ଠୁର, ଯେତେ ପଶୁପ୍ରକୃତିର ହୋଇଥାଉ ନା କାହିଁକି, ସେ ତାର ଦୁଃଖଶୋକ, ରୋଗଯନ୍ତ୍ରଣା, ଅଭାବଅନାଟନ, ଜଟିଳତା, ଦୁଶ୍ଚିନ୍ତା, ଅର୍ଥହାନି, ବନ୍ଧୁହାନି, ବିଚ୍ଛେଦ ତଥା ଆତ୍ମୀୟସ୍ୱଜନଙ୍କର ମୃତ୍ୟୁରୁ ବହୁ ଶିକ୍ଷା ଲାଭ କରି ନିଜକୁ ସଂଯତ-ସଂଶୋଧିତ କରେ । ଈଶ୍ୱର ପାପୀକୁ ରହସ୍ୟଜନକଭାବରେ ସଂଶୋଧିତ କରି, ଭଲ ମଣିଷ କରି ଗଢି ଚାଲନ୍ତି । ଦୁଃଖ ଓ ଯନ୍ତ୍ରଣା ଅତୀବ ମଙ୍ଗଳକର ଶକ୍ତିରୂପେ କାର୍ଯ୍ୟ କରେ । ଦୁଃଖ ଯନ୍ତ୍ରଣା ଦୁର୍ଜନର ଆଖି ଖୋଲିଦିଏ ଏବଂ ସେମାନଙ୍କର ପତନ ହେବାକୁ ନ ଦେଇ ସେମାନଙ୍କୁ ପତନୋନ୍ମୁଖ ଅବସ୍ଥାରୁ ଉପରକୁ ଟାଣିଆଣେ । ଫଳରେ ସେପର୍ଯ୍ୟନ୍ତ ଯେଉଁମାନେ ପାପରେ ବୁଡ଼ିରହିଥିଲେ, ସେହିଦିନଠାରୁ ସେମାନେ ସତ୍‌କର୍ମ କରିବାକୁ ଆରମ୍ଭ କରିଦିଅନ୍ତି; ସେମାନେ ସାଧୁସଙ୍ଗ ଲାଭପାଇଁ ବ୍ୟାକୁଳ ହୋଇପଡ଼ନ୍ତି ।

ଜନ୍ମମୃତ୍ୟୁର ବନ୍ଧନ ଛିନ୍ନ କରିଦିଅନ୍ତୁ—ଆମେ କି ପ୍ରକାର ଦେହ ଧାରଣ କରିଛୁ, ସେଥିରେ ବିଶେଷ କିଛି ଯାଏଆସେ ନାହିଁ । ଆମର ଚିନ୍ତା-ଚେତନା କେଉଁ ଅବସ୍ଥାରେ ଅଛି, କେଉଁ ଦିଗରେ ଗତି କରୁଛି ତାହା ହିଁ ପ୍ରଣିଧାନର ବିଷୟ । ଜଣେ କେହି ଉଚ୍ଚ ଆସନରେ ବସିଥାଇପାରନ୍ତି, କିନ୍ତୁ ତାଙ୍କ ଭିତରେ ପାଶବିକ ଚିନ୍ତା ଘର କରି ରହିଥାଇପାରେ । ସେ ଲୋକ ଯେତେବେଳେ କାମ ଓ କ୍ରୋଧର ବଶବର୍ତ୍ତୀ ହୋଇଯାଉଥିବେ, ସେତେବେଳେ ପଶୁଠାରୁ ମଧ୍ୟ ହୀନ ହୋଇପଡ଼ୁଥିବେ । ସାମାନ୍ୟ ସାମାନ୍ୟ କଥାରେ ଯେଉଁମାନେ କ୍ରୋଧାନ୍ୱିତ ହୋଇଯାଆନ୍ତି, ପାଶବିକ ଭୋଗବିଳାସରେ ଯେଉଁମାନେ ପ୍ରମତ୍ତ ହୋଇଯାଆନ୍ତି, ସେହି ବିବେକହୀନ ମନୁଷ୍ୟମାନଙ୍କ ତୁଳନାରେ ଗୋଟିଏ ଗାଈ ବା ବଳଦ ସହସ୍ର ଗୁଣରେ ଶ୍ରେଷ୍ଠତର ।

ଭବିଷ୍ୟତରେ ଆପଣ କେଉଁ ଯୋନିରେ ଜନ୍ମ ହେବେ, ସେ ବିଷୟ ନେଇ ଆଦୌ ଚିନ୍ତିତ ହୁଅନ୍ତୁ ନାହିଁ । ଏହି ବର୍ତ୍ତମାନ ଜୀବନର ସଦୁପଯୋଗ କରନ୍ତୁ ଏବଂ ନିଜକୁ ଜୀବନମୃତ୍ୟୁର ଚକ୍ରରୁ ମୁକ୍ତ କରନ୍ତୁ । ହୃଦୟରେ ଭଗବତ୍ ଭକ୍ତି ବିକାଶ କରନ୍ତୁ । ନୀଚ ହୀନକାମନା ପରିତ୍ୟାଗ କରନ୍ତୁ । ସର୍ବଦା ଅପରର ମଙ୍ଗଳ କରିବାଲାଗି ତତ୍ପର ହୁଅନ୍ତୁ । ଦୟାଳୁ ହୁଅନ୍ତୁ । ସତ୍‌କର୍ମ କରନ୍ତୁ ।

ଭଗବାନ ଶ୍ରୀହରି ହେଉଛନ୍ତି ତ୍ରିଭୁବନର ରକ୍ଷାକର୍ତ୍ତା । ଭଗବତ୍‌ସୃଷ୍ଟ ପ୍ରତ୍ୟେକ ଜୀବକୁ ଅମର ଭଗବତ୍‌ଧାମକୁ ନେଇଯିବା ଦାୟିତ୍ୱ ସେହି ଶ୍ରୀହରିଙ୍କ ଉପରେ ନ୍ୟସ୍ତ । ତାଙ୍କର ଯେଉଁ ମାର୍ଗରେ ଇଚ୍ଛା, ସେହି ମାର୍ଗରେ ସେ ଆପଣଙ୍କୁ ନେଇଯାଆନ୍ତୁ । ଆପଣ ମନୁଷ୍ୟ ଶରୀର ଧାରିଥିବାବେଳେ ସେ ମୁକ୍ତି ଦେବେ, କି

ପଶୁପକ୍ଷୀ ବା ରାକ୍ଷସଶରୀର ଧରିଥିବାବେଳେ ମୁକ୍ତ ହେବେ, ତାହା ତାଙ୍କୁ ହିଁ ଜଣା । ସେ ଚିନ୍ତା ତାଙ୍କ ଉପରେ ଛାଡ଼ିଦିଅନ୍ତୁ । କେବଳ ଆପଣଙ୍କର ମନଟି ତାଙ୍କଠାରେ କେନ୍ଦ୍ରୀଭୂତ ହେଉ । ପ୍ରସ୍ଫୁଟିତ ପଦ୍ମରେ ଯେପରି ଭ୍ରମର ଲାଗି ରହେ, ଆପଣଙ୍କର ମନମଧୁପ ସେହିପରି ପରମେଶ୍ୱରଙ୍କର ପାଦପଦ୍ମରେ ଲାଗିରହୁ ।

ଯେଉଁ ଶୃଙ୍ଖଳଗୁଡ଼ିକ ଆପଣଙ୍କୁ ଏହି ଜନ୍ମମୃତ୍ୟୁର ଚକ୍ରରେ ବାନ୍ଧିରଖିଛି, ସେଗୁଡ଼ିକ ହେଉଛି ଆପଣଙ୍କର ନିଜର କାମନାନିଚୟ । ଯେତେଦିନପର୍ଯ୍ୟନ୍ତ ଜାଗତିକ ବସ୍ତୁ ନିମନ୍ତେ ଆପଣ କାମନା ରଖିଥିବେ, ସେତେଦିନପର୍ଯ୍ୟନ୍ତ ଏହିସବୁ ଜାଗତିକ ବସ୍ତୁ ଲାଭ କରିବା ନିମନ୍ତେ ଆପଣଙ୍କୁ ଏ ଜଗତକୁ ଆସିବାକୁ ପଡ଼ୁଥିବ । କିନ୍ତୁ ଯେତେବେଳେ ସାଂସାରିକ ବସ୍ତୁ ନିମନ୍ତେ ଆପଣଙ୍କର ସକଳ କାମନା ବିନାଶ ହୋଇଯିବ, ସେତେବେଳେ ଏହି ଶୃଙ୍ଖଳସବୁ ଛିଣ୍ଡିଯିବ; ଆପଣ ମୁକ୍ତ ହୋଇଯିବେ, ଆପଣଙ୍କୁ ଆଉ ଜନ୍ମ ଗ୍ରହଣ କରିବାକୁ ପଡ଼ିବ ନାହିଁ; ଆପଣ ପରମମୁକ୍ତ ବା ମୋକ୍ଷପ୍ରାପ୍ତ ହୋଇଯିବେ ।

ଯେହେତୁ ଆପଣ ନିଜକୁ ପରମେଶ୍ୱରଙ୍କଠାରୁ ଭିନ୍ନ ବୋଲି ଭାବୁଛନ୍ତି, ତେଣୁ ଆପଣ ଏହି ସଂସାରରେ ଘୂରିବୁଲୁଛନ୍ତି । ଯଦି ଧ୍ୟାନ ଓ ଯୋଗବଳରେ ନିଜକୁ ପ୍ରଭୁଙ୍କ ସହିତ ଯୋଗ କରିଦେଇପାରିବେ, ଆପଣ ଅମରତ୍ୱ ଲାଭ କରିବେ, ଶାଶ୍ୱତସୁଖ ଲାଭ କରିବେ । ପରମ ବ୍ରହ୍ମଙ୍କୁ ଉପଲବ୍ଧି କରି ସେହି ପରମ ଜ୍ଞାନ ବଳରେ କର୍ମର ବନ୍ଧନକୁ ଛିନ୍ନ କରିଦିଅନ୍ତୁ ଏବଂ ଅନ୍ତର୍ଯ୍ୟାମୀ, ଅନ୍ତରନିବାସୀ ମାର୍ଗଦର୍ଶକ ସେହି ପରମ ପୁରୁଷଙ୍କର ପରମସୁଖ ଲାଭ କରନ୍ତୁ । ସେହି ସୁଖ ଆସ୍ୱାଦନ କଲେ ଆପଣ ଜନ୍ମମୃତ୍ୟୁର ଚକ୍ରରୁ ନିସ୍ତାର ପାଇଯିବେ । ପାପମୁକ୍ତ ହୋଇ, କାମନାମୁକ୍ତ ହୋଇ ଆପଣ ଜୀବନ୍ମୁକ୍ତ ହୋଇଯିବେ ।

ସ୍ୱପ୍ନ

ଚୀନ୍ ଦେଶରେ ଚ୍ୱାଙ୍ଗ୍ ଜେ ନାମରେ ଜଣେ ଦାର୍ଶନିକ ଥିଲେ । ଥରେ ସେ ସ୍ୱପ୍ନ ଦେଖିଲେ ଯେ, ସେ ଗୋଟିଏ ପ୍ରଜାପତି ହୋଇ ଉଡ଼ୁଛନ୍ତି । ନିଦରୁ ଉଠିପଡ଼ି ସେ ମନେ ମନେ କହିବାକୁ ଲାଗିଲେ, 'ମୁଁ ମଣିଷଟାଏ ପ୍ରଜାପତି ହୋଇଯାଇଛି ବୋଲି ସ୍ୱପ୍ନ ଦେଖୁଛି, ନା ପ୍ରଜାପତିଟିଏ ସ୍ୱପ୍ନରେ ମଣିଷ ହୋଇ ନିଜକୁ ଚ୍ୱାଙ୍ଗ ବୋଲି ଭାବୁଛି ?''

ସ୍ୱପ୍ନ ଦେଖିବାବେଳେ ଆପଣ ପଚିଶବର୍ଷର ଘଟଣା ଗୋଟିଏ ଘଣ୍ଟା ଭିତରେ ଦେଖିଦିଅନ୍ତି । ଆପଣ ସତରେ ଅନୁଭବ କରନ୍ତି ଯେ, ପଚିଶବର୍ଷ ବିତିଯାଇଛି । ପ୍ରଶ୍ନ ଉଠୁଛି, "ତାହେଲେ ଠିକ୍ କେଉଁଟି ? ଘଣ୍ଟାକର ଜାଗ୍ରତଚେତନା ନା ପଚିଶବର୍ଷର ସ୍ୱପ୍ନଚେତନା ?" ଉଭୟ ଠିକ୍ ।

ଆମେ ଯଦି ପ୍ରତିରାତିରେ ସେହି ଏକା ସ୍ୱପ୍ନ ଦେଖୁ, ତେବେ ପ୍ରତିଦିନର ଦୃଶ୍ୟମାନ ଜଗତ ସହିତ ଆମେ ଯେପରି ଜଡ଼ିତ ହୋଇ ରହିଛୁ, ସେହି ସ୍ୱପ୍ନଜଗତ ସହିତ ମଧ୍ୟ ଠିକ୍ ସେହିପରି ଜଡ଼ିତ ହୋଇପଡ଼ିବୁ । ଥରେ ପାସ୍କେଲ୍ ମନ୍ତବ୍ୟ କରିଥିଲେ, "ମୋର ବିଶ୍ୱାସ, ନିଜେ ଜଣେ କୁଲି ହୋଇଯାଇଛନ୍ତି ବୋଲି ରାତିସାରା ସ୍ୱପ୍ନ ଦେଖୁଥିବା ରାଜା ଯେତିକି ଖୁସି ହେଉଥିବେ, ନିଜେ ଜଣେ ରାଜା ହୋଇଯାଇଛି ବୋଲି ରାତିସାରା ସ୍ୱପ୍ନ ଦେଖୁଥିବା ଜଣେ କୁଲି ମଧ୍ୟ ସେତିକି ଖୁସି ହେଉଥିବ ।" ଏଥିରେ କୌଣସି ପ୍ରକାର ଭୁଲ ନାହିଁ ।

ଚେତନାର ରୂପାନ୍ତର— ନଦୀରେ ରହୁଥିବା ବଡ଼ମାଛ ଯେପରି ବାଆଁରୁ ଡାହାଣକୁ ଓ ଡାହାଣରୁ ବାଆଁକୁ ହୋଇ ଦୁଇକୂଳ ଭିତରେ ପହଁରେ, ମନୁଷ୍ୟ ମଧ୍ୟ ସେହିପରି ଦୁଇଟି ସୀମା ଭିତରେ ପହଁରେ । ସେଥିରୁ ଗୋଟିଏ ସୀମା ହେଉଛି ସ୍ୱପ୍ନ; ଅନ୍ୟଟି ଜାଗରଣ ।

ଚେତନାର ରୂପାନ୍ତର ହୁଏ । ସେହି ରୂପାନ୍ତର କେତେବେଳେ ଜାଗରଣରେ ଅନୁଭୂତି ଆଣିଦିଏ ତ, କେତେବେଳେ ଆଣିଦିଏ ସ୍ୱପ୍ନର ଅନୁଭୂତି । ବସ୍ତୁ ବା ବିଷୟର ପରିବର୍ତ୍ତନ ହୁଏ ନାହିଁ; ପରିବର୍ତ୍ତନ ହୁଏ ମନର ।

ଜାଗରଣ, ସ୍ୱପ୍ନ ଓ ସୁଷୁପ୍ତି— ସ୍ୱପ୍ନର ଅନ୍ୟ ନାମ ସନ୍ଧ୍ୟା ବା ଅନ୍ତର୍ବର୍ତ୍ତୀ ଅବସ୍ଥା, କାରଣ ଏହା ହେଉଛି ଜାଗରଣ ଓ ସୁଷୁପ୍ତିର ମଧ୍ୟବର୍ତ୍ତୀ ଅବସ୍ଥା ।

ସ୍ୱପ୍ନଜଗତ ଜାଗ୍ରତଜଗତଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସୁଷୁପ୍ତି ଉଭୟ ସ୍ୱପ୍ନ-ଜଗତ ଓ ଜାଗ୍ରତଜଗତଠାରୁ ଭିନ୍ନ ।

ସୂର୍ଯ୍ୟ ହେଉଛନ୍ତି ରଶ୍ମିମାନଙ୍କର ଉତ୍ପତ୍ତିସ୍ଥଳ ଏବଂ ସେମାନଙ୍କର ଅସ୍ଥାୟୀ ବିଶ୍ରାମସ୍ଥଳ । ସୂର୍ଯ୍ୟୋଦୟ ହେଲେ, ସୂର୍ଯ୍ୟଙ୍କଠାରୁ ଜାତ ରଶ୍ମି ସକଳ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇଯାଆନ୍ତି । ସୂର୍ଯ୍ୟାସ୍ତ ହେଲେ, ସେମାନେ ସୂର୍ଯ୍ୟଙ୍କ ଅଙ୍ଗରେ ଲୀନ ହୋଇ ଆତ୍ମସତ୍ତା ହରାଇଦଅନ୍ତି । ସେଠାରୁ ଆସନ୍ତି ପୁଣି ପରବର୍ତ୍ତୀ ସୂର୍ଯ୍ୟୋଦୟରେ । ଠିକ୍ ସେହିପରି ଜାଗରଣ ଏବଂ ସ୍ୱପ୍ନ ସୁଷୁପ୍ତିରୁ ଜାତ ହୋଇ ସେହି ସୁଷୁପ୍ତିରେ ପୁନଃପ୍ରବେଶପୂର୍ବକ ଆତ୍ମସତ୍ତା ହରାଇବସନ୍ତି । ଏପରି ଜାତ ହେବା ଏବଂ ଲୀନ ହେବା ଏକ ଚକ୍ରକ୍ରମରେ ସଂଘଟିତ ହୋଇଚାଲିଥାଏ ।

ଆପଣ ଜାଗ୍ରତ ହୋଇସିବାମାତ୍ରେ ସ୍ୱପ୍ନ ମିଥ୍ୟା ହୋଇଯାଏ । ସ୍ୱପ୍ନରେ ଏହି ଜାଗ୍ରତ ଅବସ୍ଥା ନ ଥାଏ । ସୁଷୁପ୍ତିରେ ସ୍ୱପ୍ନ ନ ଥାଏ, କି ଜାଗ୍ରତ ଅବସ୍ଥା ନ ଥାଏ । ପୁଣି ଜାଗ୍ରତ ବା ସ୍ୱପ୍ନ ଅବସ୍ଥାରେ ସୁଷୁପ୍ତି ନ ଥାଏ । ତେଣୁ ଏହି ତିନୋଟିଯାକ ଅବସ୍ଥା ମିଥ୍ୟା । ସତ୍ତ୍ୱ, ରଜଃ ଓ ତମ ଆଦି ତ୍ରିଗୁଣ ଦ୍ୱାରା ଏହି ତିନୋଟି ଅବସ୍ଥା ଜାତ ହୁଏ । ବ୍ରହ୍ମ ବା ଅନନ୍ତ-ସ୍ୱରୂପ ହେଉଛନ୍ତି ଏହି ତିନି ଅବସ୍ଥାର ନୀରବ ଦ୍ରଷ୍ଟା । ବ୍ରହ୍ମଙ୍କୁ ତ୍ରିଗୁଣ ସ୍ପର୍ଶ କରିପାରେ ନାହିଁ । ସେ ହେଉଛନ୍ତି ପରମାନନ୍ଦ ଓ ଶୁଦ୍ଧଚୈତନ୍ୟ । ସେ ହେଉଛନ୍ତି ପରମସତ୍ତା ।

ସ୍ୱପ୍ନକାଳୀନ ମନ— ମନ ସର୍ବଦା ଚକ୍ରପରି ଘୂରିଚାଲିଛି । ସେ ପଞ୍ଚ-ଜ୍ଞାନେନ୍ଦ୍ରିୟକୁ ଧରି ଖେଳୁଛି ଏବଂ ଜାଗ୍ରତ ଅବସ୍ଥାରେ ଅନୁଭୂତ ଲାଭ କରୁଛି । ଇନ୍ଦ୍ରିୟମାନଙ୍କ ଦେଇ ମନରେ ବିଭିନ୍ନ ସଂସ୍କାର ପ୍ରବେଶ କରୁଛି । ସଂସ୍କାର କାରଣଶରୀରରେ ଅର୍ଥାତ୍ ସୂକ୍ଷ୍ମରେ ରହିଥାଏ । ଅଜ୍ଞାନ ବା କାରଣ-ଶରୀର ଖଣ୍ଡିଏ କଳା ପରଦାପରି । ଅତୀତଜନ୍ମର ସଂସ୍କାରଗୁଡ଼ିକ ମଧ୍ୟ ତାହାରି ଭିତରେ ରହିଥାଏ ।

ଜାଗ୍ରତ ଅବସ୍ଥାରେ ବିଭିନ୍ନ ଅନୁଭୂତିରୁ ଯେଉଁସବୁ ସଂସ୍କାର ଜାତ ହୋଇଥାଏ, ସ୍ୱପ୍ନାବସ୍ଥାରେ ସେହିସବୁ ସଂସ୍କାରରୁ ମନ ବିଭିନ୍ନ ପ୍ରକାର ଦ୍ରବ୍ୟ ସୃଷ୍ଟି କରେ । ଅଜ୍ଞାନ ବା ଅବଚେତନ ମନରେ ଅତୀତ ଜନ୍ମର ଯେଉଁସବୁ ବିଭିନ୍ନ ଅନୁଭୂତି ସଞ୍ଚିତ ହୋଇ ରହିଥାଏ, ବେଳେବେଳେ ସେସବୁ ମଧ୍ୟ ହଠାତ୍ ସ୍ୱପ୍ନରେ ଆତ୍ମପ୍ରକାଶ କରିଥାଏ ।

ମନ ଇନ୍ଦ୍ରିୟାନୁଭୂତଜ୍ଞାନ ଉପଲବ୍ଧି କରେ ଏବଂ ସ୍ୱପ୍ନରେ ସେହି ମନ ହିଁ ଉପଲବ୍ଧିର ଦ୍ରବ୍ୟ ହୋଇଯାଏ । ସ୍ୱପ୍ନ ଜଗତର ଦ୍ରବ୍ୟସବୁ ମନର

ଆୟତ୍ତାଧୀନ । ମନକୁ ଛାଡ଼ି ସେମାନଙ୍କର ସ୍ୱତନ୍ତ୍ର ଅସ୍ତିତ୍ୱ ନାହିଁ । ଦୋହନ (ଦୁଧ ଦୁହିଁ ।) ଚାଲିଥିବା ପର୍ଯ୍ୟନ୍ତ ଯେପରି ଦୁହାଁଳୀ ଗଉଡ଼ ଥାଏ, ସ୍ୱପ୍ନ ଥିବା-ପର୍ଯ୍ୟନ୍ତ ସେହିପରି ସ୍ୱପ୍ନ ରାଜ୍ୟର ଚରାଚର ଦ୍ରବ୍ୟସକଳ ଥାଆନ୍ତି । କିନ୍ତୁ ଜାଗ୍ରତ ଅବସ୍ଥାରେ ଦ୍ରବ୍ୟଉପରେ ମନର କୌଣସି ଆୟତ୍ତ ନ ଥାଏ । ପୁଣି ଜାଗ୍ରତ ଅବସ୍ଥାରେ ଆମେ ଯେଉଁସବୁ ଦ୍ରବ୍ୟ ଜ୍ଞାନେନ୍ଦ୍ରିୟ ଦ୍ୱାରା ଉପଲବ୍ଧ କରୁ, ସେସବୁ ସମସ୍ତଙ୍କପାଇଁ ସାଧାରଣ । ସ୍ୱପ୍ନର ଦ୍ରବ୍ୟସବୁ କେବଳ ସ୍ୱପ୍ନ ଦେଖୁଥିବା ବ୍ୟକ୍ତି-ପାଇଁ ଉପଲବ୍ଧ ।

କୌଣସି ପ୍ରକାର ବାହ୍ୟ ସାହାଯ୍ୟ ନ ନେଇ ମନ ନିଜେ ନିଜେ ମହୁମାଛି, ଫୁଲ, ନଦୀ, ପର୍ବତ, ହାତୀ ଘୋଡ଼ା ଇତ୍ୟାଦି ଇତ୍ୟାଦି ଦ୍ରବ୍ୟ ସୃଷ୍ଟି କରିଥାଏ । ମନ ବଡ଼ ଅଦ୍ଭୁତ, କଳ୍ପନାତୀତ ଦ୍ରବ୍ୟସମନ୍ୱୟ ସୃଷ୍ଟି କରେ । ଆପଣ ସ୍ୱପ୍ନରେ ଦେଖିବାକୁ ପାଇ ପାରନ୍ତି ଯେ, ଆପଣଙ୍କର ଜୀବିତ ପିତା ମରିଯାଇଛନ୍ତି ବା ଆପଣ ଆକାଶରେ ଉଡ଼ି ଉଡ଼ି ଚାଲିଛନ୍ତି । ସ୍ୱପ୍ନରେ ଆପଣ ଏପରି ଏକ ସିଂହ ଦେଖି-ପାରନ୍ତି, ଯାହାର ମୁଣ୍ଡଟି ହାତୀମୁଣ୍ଡପରି, ଏକ ଗାଈ ଦେଖିପାରନ୍ତି, ଯାହାର ମୁଣ୍ଡଟି କୁକୁରମୁଣ୍ଡପରି । ଯେଉଁସବୁ କାମନା ବାସନା ଜାଗ୍ରତ ଅବସ୍ଥାରେ ଚରିତାର୍ଥ ହୋଇ ନ ଥାଏ, ସେସବୁ ସ୍ୱପ୍ନ ଅବସ୍ଥାରେ ଚରିତାର୍ଥ ହୋଇଯାଏ । ସ୍ୱପ୍ନ ଏକ ବିସ୍ମୟକର ସଂଘଟନ । ଜାଗ୍ରତ ଅବସ୍ଥା ଅପେକ୍ଷା ସ୍ୱପ୍ନ ଅବସ୍ଥା ଅଧିକ ଚିତ୍ତାକର୍ଷକ ।

ଜାଗ୍ରତ କହ, ସ୍ୱପ୍ନ କହ, ସକଳ ଅବସ୍ଥାରେ କାମନାବାସନା ହିଁ ଅନୁଭୂତିର ପରିଚାଳକ । ଜାଗ୍ରତ ଅବସ୍ଥାରେ କାମନାବାସନା କାୟିକସ୍ତରରେ ଚରିତାର୍ଥ ହୁଏ । ସ୍ୱପ୍ନରେ କାମନାବାସନା ମାନସିକ ସ୍ତରରେ ଚରିତାର୍ଥ ହୁଏ । ଜାଗ୍ରତ ଅବସ୍ଥାରେ କାମନାବାସନା ଦ୍ୱାରା ଇନ୍ଦ୍ରିୟସକଳ ପରିଚାଳିତ ହୁଅନ୍ତି; ସ୍ୱପ୍ନ ଅବସ୍ଥାରେ କାମନାବାସନା ଦ୍ୱାରା ମନ ପରିଚାଳିତ ହୁଏ । ଜାଗ୍ରତ ଅବସ୍ଥାରେ ମନ ଇନ୍ଦ୍ରିୟମାନଙ୍କ ଦ୍ୱାରା ଅନୁଭୂତି ପାଏ; ସ୍ୱପ୍ନ ଅବସ୍ଥାରେ ମନ ନିଜେ ନିଜଠାରୁ ଅନୁଭୂତି ପାଏ ।

ସ୍ୱପ୍ନ ଦେଖୁଥିବା ଲୋକ ନିଜେ ନିଜର ଜଗତ ସୃଷ୍ଟି କରେ; ସ୍ୱପ୍ନ ଅବସ୍ଥାରେ ମନ ସ୍ୱତନ୍ତ୍ର ହୋଇ କାର୍ଯ୍ୟ କରେ । ଇନ୍ଦ୍ରିୟମାନେ ସେତେବେଳେ ବିଶ୍ରାମ ନେଇଥାନ୍ତି; ସେମାନେ କାର୍ଯ୍ୟରୁ ଅପସରି ଯାଇଥାନ୍ତି । ସେତେବେଳେ ମନ ଏକ ବନ୍ଧନମୁକ୍ତ ଦୁର୍ଦ୍ଦାନ୍ତ ମତ୍ତହସ୍ତୀପରି ହୋଇଥାଏ ।

ମନୁଷ୍ୟ ଯେପରି ବାହ୍ୟ ଜଗତରୁ ଅପସରି ଆସି ଘରଭିତରେ ଦୁଆର-ଝରକା ବନ୍ଦ କରି ନିଜ କୋଠରୀରେ କାର୍ଯ୍ୟ କରେ, ମନ ସେହିପରି ବାହ୍ୟଜଗତରୁ ନିଜକୁ ଅପସାରିତ କରିନିଏ ଏବଂ ବିଭିନ୍ନ ବାସନା ଓ ସଂସ୍କାର ନେଇ ସ୍ୱପ୍ନରାଜ୍ୟରେ

ଖେଳିବୁଲେ; ସ୍ୱପ୍ନରାଜ୍ୟରେ ସେ କାମନାବାସନାଜାତ ଓ ସୂକ୍ଷ୍ମ ଧାରଣାପ୍ରସୂତ ବିବିଧ ଦ୍ରବ୍ୟ ଉପଭୋଗ କରେ । ସ୍ୱପ୍ନ କେବଳ ମନର ଏକ ଖେଳ ।

କ୍ୟାନଭାସ୍ କନା ଉପରେ ଯେପରି ଚିତ୍ର ଅଙ୍କିତ ହୁଏ, ଜାଗ୍ରତ ଅବସ୍ଥାର ବିଭିନ୍ନ ଅନୁଭୂତି ଓ ସଂସ୍କାର ସେହିପରି ମନରୂପ କ୍ୟାନଭାସଉପରେ ଅଙ୍କିତ ହୋଇଯାଏ । କ୍ୟାନଭାସ ଗୋଟିଏ ସମତଳ କ୍ଷେତ୍ର ଯାହାର ଦୈର୍ଘ୍ୟ ଓ ପ୍ରସ୍ଥରୂପକ କେବଳ ଦୁଇଟି ମାତ୍ରା ରହିଛି, ତଥାପି ସେହି ଦ୍ୱିମାତ୍ରିକ ତଳରେ ଅଙ୍କିତ ଚିତ୍ର ତ୍ରୈମାତ୍ରିକ ବା ବହୁମାତ୍ରିକ ଦ୍ରବ୍ୟପରି ଦେଖାଯାଏ । ସ୍ୱପ୍ନର ଅନୁଭୂତି ମଧ୍ୟ ସେହିପରି; ସେଗୁଡ଼ିକ କେବଳ ମାନସପଟର ଚିତ୍ର, କିନ୍ତୁ ମାନସିକ ଚିତ୍ର ଦେଖୁଥାଇ ମଧ୍ୟ, ସ୍ୱପ୍ନ ଦେଖୁଥିବା ଲୋକ ସ୍ୱପ୍ନରାଜ୍ୟରେ ବାହ୍ୟ ଅଭ୍ୟନ୍ତର ଆଦି ବିଭିନ୍ନ ସ୍ଥିତି ଉପଲବ୍ଧି କରେ । ସ୍ୱପ୍ନ ଦେଖିବାବେଳେ ତାକୁ ଲାଗେ ସ୍ୱପ୍ନ ରାଜ୍ୟଟା ସମ୍ପୂର୍ଣ୍ଣ ବାସ୍ତବ ।

ସ୍ୱପ୍ନ ଦେଖୁଥିବା ଲୋକ ସ୍ୱପ୍ନରେ କିଛି କାର୍ଯ୍ୟ କରୁଥିବାପରି ଉପଲବ୍ଧି କରେ କିନ୍ତୁ ଯଥାର୍ଥରେ କୌଣସି କର୍ମ ହୋଇ ନ ଥାଏ । ଧର୍ମଶାସ୍ତ୍ର ସ୍ୱପ୍ନକୃତ କାର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ତା' ସହିତ ଗୋଟିଏ ଗୁଣାତ୍ମକ ପ୍ରତ୍ୟୟ 'ବତ୍' ବା 'ସତେ ଯେପରି' ଯୋଗ କରିଦେଇଛନ୍ତି; ସତେ ଯେପରି ସ୍ତ୍ରୀମାନଙ୍କ ସହିତ ଭୋଗରେ ମାତିଛି' କିମ୍ବା ''ହର୍ଷୋତ୍‌ଫୁଲ୍ଲବତ୍ ... ।'' ସାଧାରଣ ଲୋକେ ମଧ୍ୟ ସେହି ଢଙ୍ଗରେ ସ୍ୱପ୍ନର ବର୍ଣ୍ଣନା କରନ୍ତି; ''ମତେ ଲାଗିଲା, ସତେ ଯେପରି ମୁଁ ଏକ ପର୍ବତଶିଖରକୁ ଚଢ଼ୁଛି । ଦେଖିଲି, ସତେ ଯେପରି ମୁଁ ଗୋଟିଏ ଗଛପରି ଉଠୁଛି ।'' ତେଣୁ ସ୍ୱପ୍ନ ଦେଖୁଥିବା ଆତ୍ମା (ବା ବ୍ୟକ୍ତି) ସ୍ୱପ୍ନରେ ପ୍ରକୃତରେ କୌଣସି କାର୍ଯ୍ୟ କରୁ ନ ଥାଏ ।

ସ୍ୱପ୍ନ ଏବଂ କର୍ମ— ସ୍ୱପ୍ନରେ ମନୁଷ୍ୟ ଅମଙ୍ଗଳ କର୍ମ କରୁଥିବାର ଦେଖେ; ମଙ୍ଗଳକର କାର୍ଯ୍ୟରେ ଲାଗିଥିବା ଘଟଣା ମଧ୍ୟ ଦେଖେ । କିନ୍ତୁ ତା'ଉପରେ ସେଥିମଧ୍ୟରୁ କୌଣସିଟି କର୍ମର ପ୍ରଭାବ ପଡ଼େ ନାହିଁ, କାରଣ ସ୍ୱପ୍ନ ଦେଖୁଥିବା ଲୋକ ପ୍ରକୃତରେ ସ୍ୱପ୍ନରେ କୌଣସି ମଙ୍ଗଳ ବା ଅମଙ୍ଗଳ କର୍ମ କରେ ନାହିଁ । ତେଣୁ ସେ ସ୍ୱପ୍ନକର୍ମର ବନ୍ଧନରେ ଆବଦ୍ଧ ନୁହେଁ । କୌଣସି କର୍ମ ଭଲ ହୋଇଥାଉ ବା ମନ୍ଦ ହୋଇଥାଉ, ନିର୍ଲିପ୍ତ ଦର୍ଶକ ସେ କର୍ମଫଳରେ ଅଂଶୀଦାର ହୁଏ ନାହିଁ ।

ସ୍ୱପ୍ନରେ କିଛି ଗୋଟିଏ ପାପ କର୍ମ କରିଥିବା ବ୍ୟକ୍ତି ନିଜକୁ ପାପୀ ବୋଲି ଗ୍ରହଣ କରେ ନାହିଁ; ତାର ସେହି ସ୍ୱପ୍ନବୃତ୍ତାନ୍ତ ଶୁଣିବା ଲୋକ ମଧ୍ୟ ତାକୁ ପାପୀ ବା ଦୋଷୀ ବୋଲି ନିନ୍ଦା କରନ୍ତି ନାହିଁ, କି ସମାଜଚ୍ୟୁତ କରନ୍ତି ନାହିଁ । ତେଣୁ ସ୍ୱପ୍ନକର୍ମର ଫଳ ତାକୁ ସ୍ପର୍ଶ କରିପାରେ ନାହିଁ ।

ସ୍ୱପ୍ନସବୁ ଭଗବତ୍ ସୃଷ୍ଟ— ଜୀବକୁ ତାର ଶ୍ରେଷ୍ଠ ଶ୍ରେଷ୍ଠ କର୍ମର ଫଳ ଭୋଗ କରିବାକୁ ଦେବା ଉଦ୍ଦେଶ୍ୟରେ ଭଗବାନ ସ୍ୱପ୍ନସାମଗ୍ରୀ ସୃଷ୍ଟି କରନ୍ତି । ଆତ୍ମାକୁ ତାର ଅତି ଛୋଟ ଛୋଟ କର୍ମପାଇଁ ଫଳ ଦେବାଲାଗି ପ୍ରଭୁ ସ୍ୱପ୍ନ ସୃଷ୍ଟି କରନ୍ତି ।

ପରମାତ୍ମା ହିଁ ସ୍ୱପ୍ନର ସ୍ରଷ୍ଟା; ଜୀବାତ୍ମା ସ୍ୱପ୍ନ ସୃଷ୍ଟି କରିପାରେ ନାହିଁ, କାରଣ ଯଦି ସ୍ୱପ୍ନ ସୃଷ୍ଟି କରିବା ଜୀବାତ୍ମାପକ୍ଷରେ ସମ୍ଭବପର ହୋଇଯାଆନ୍ତା, ତେବେ ସେ କଦାପି କୌଣସି ଅଶୁଭ ବା ଅପ୍ରୀତିକର ସ୍ୱପ୍ନ ଦେଖନ୍ତା ନାହିଁ । ସବୁବେଳେ ସେ ଶୁଭ ଓ ଆନନ୍ଦମୟ ସ୍ୱପ୍ନ ଦେଖନ୍ତା ।

ଭବିଷ୍ୟବାଣୀସୂଚକ ସ୍ୱପ୍ନ— ସ୍ୱପ୍ନରେ ମିଳିଥିବା ସୂଚନା ଦ୍ୱାରା ଜୀବନର ବହୁ ସମସ୍ୟା, ବହୁ ପ୍ରହେଳିକା ସମାଧାନ ହୋଇଯାଏ । ବେଳେବେଳେ ଆତ୍ମସଂଶୋଧନ କରିବାକୁ ସ୍ୱପ୍ନରେ ଉପଯୁକ୍ତ ଉପଦେଶମାନ ମିଳିଥାଏ । ଏକ ନିର୍ଦ୍ଦିଷ୍ଟ ପରିସ୍ଥିତିରେ, କୌଣସି ଏକ ଧନ୍ଦସନ୍ଦରେ ପଡ଼ିଥିବାବେଳେ କଣ କରିବାକୁ ପଡ଼ିବ, ତାହା ସ୍ୱପ୍ନରୁ ଜାଣିହୋଇଯାଏ । ଅସୁବିଧାରେ ପଡ଼ିଥିବାବେଳେ ମୁନି-ଋଷିମାନେ ସ୍ୱପ୍ନରେ ଦେଖାଦେଇ ସେହି ପରିସ୍ଥିତିରୁ କିପରି ଉଦ୍ଧାର ପାଇବାକୁ ହେବ, ତାହା କହିଦେଇଥାନ୍ତି ।

କବିତା, ପ୍ରବନ୍ଧ ପ୍ରଭୃତି ପ୍ରତିଭାପ୍ରସୂତ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାପାଇଁ ବେଳେବେଳେ ସ୍ୱପ୍ନରେ ସୂଚନା ମିଳିଥାଏ । ଦୁରାରୋଗ୍ୟ ରୋଗର ଔଷଧ ବିଷୟରେ ମଧ୍ୟ ସମୟ ସମୟରେ ସ୍ୱପ୍ନରେ ହିଁ ସୂଚନା ମିଳିଥାଏ । ବେଳେବେଳେ ସ୍ୱପ୍ନରେ ଯେଉଁ ଦ୍ରବ୍ୟ ଦେଖାଯାଏ, ଜାଗ୍ରତ ହୋଇଗଲେ ଅବିକଳ ସେହି ଦ୍ରବ୍ୟ ମିଳିଯାଏ ।

ସ୍ୱପ୍ନ ବ୍ୟକ୍ତିର ନୈତିକ ସ୍ଥିତିର ପରିଚାୟକ – ସ୍ୱପ୍ନ ସ୍ୱଭାବତଃ ଅଦ୍ଭୁତ ଓ ଅଳୀକ ହେଲେ ମଧ୍ୟ, ତାହା ସ୍ୱପ୍ନଦେଖୁଥିବା ବ୍ୟକ୍ତିର ଆଧ୍ୟାତ୍ମିକ ସ୍ଥିତି ଏବଂ ନୈତିକ ଉନ୍ନତି କିମ୍ବା ଅବନତିର ଏକ ସ୍ପଷ୍ଟ ସୂଚନା ଦେଇଥାଏ । ଯାହାଙ୍କର ହୃଦୟ ନିର୍ମଳ, ଚରିତ୍ର ନିଷ୍କଳଙ୍କ, ସେ କେବେହେଲେ ପାପ ସ୍ୱପ୍ନ, ଅପବିତ୍ର ସ୍ୱପ୍ନ ଦେଖନ୍ତି ନାହିଁ । ସତତ ଧ୍ୟାନରତ ସାଧକ ତାଙ୍କର ସାଧନା ବିଷୟରେ, ତାଙ୍କର ଧ୍ୟେୟବସ୍ତୁ ବିଷୟରେ ହିଁ ସ୍ୱପ୍ନ ଦେଖନ୍ତି । ସଂସ୍କାର ବଳରେ ସେ ଭଗବତ୍ ଉପାସନା, ଭଗବତ୍ ନାମକୀର୍ତ୍ତନ ଓ ମନ୍ତ୍ରପାଠ କରୁଥିବା ବିଷୟ ହିଁ ସ୍ୱପ୍ନରେ ଦେଖନ୍ତି । ବ୍ରହ୍ମଜ୍ଞାନୀମାନେ ବା ଋଷିମାନେ କୌଣସି ସ୍ୱପ୍ନ ଦେଖନ୍ତି ନାହିଁ ।

ଆମ ସ୍ୱଭାବର ଯେଉଁ ପ୍ରବୃତ୍ତି ଆମ ଜ୍ଞାନର ଅଗୋଚର, ଆମେ ସେହି ପ୍ରବୃତ୍ତି ହିଁ ସ୍ୱପ୍ନରେ ଦେଖୁ । ଅତି ବିଜ୍ଞ, ବୁଦ୍ଧିସମ୍ପନ୍ନ ଓ ନୀତିପରାୟଣ ବ୍ୟକ୍ତିଙ୍କ ଚରିତ୍ରରେ ମଧ୍ୟ

କିଛି ନୀତିହୀନତା, କିଛି ଅସଙ୍ଗତି ରହିଯାଇଥାଏ କି ନାହିଁ, ତାହା କେବଳ ତାଙ୍କର ସ୍ୱପ୍ନଗୁଡ଼ିକ ଅନୁଶୀଳନ କଲେ ଜଣାଯିବ । ଆମେ ଆମର ବିଭିନ୍ନ ସମୟର ସ୍ୱପ୍ନଗୁଡ଼ିକ ଅନୁଧ୍ୟାନ କଲେ ଦେଖିବା ଯେ, ନିଜକୁ ବଡ଼ ନ୍ୟାୟପରାୟଣ, ବଡ଼ ନୀତିବାଗୀଶ ବୋଲି ଆମ ଭିତରେ ଯେଉଁ ଗର୍ବ ଅହଙ୍କାର ରହିଛି, ତାହା ନିତାନ୍ତ ଅର୍ଥହୀନ; ଆମର ସବୁ ବଡ଼ିମା ଧୂଳିସାତ୍ ହୋଇଯିବ ।

ପ୍ରାତିଭାସିକ ସତ୍ତା, ବ୍ୟାବହାରିକ ସତ୍ତା ଏବଂ ପରମ ସତ୍ତା—

ଜାଗ୍ରତାବସ୍ଥାର ଅନୁଭୂତି ଏକ ଇନ୍ଦ୍ରିୟୋପଲବ୍ଧ ଅନୁଭୂତି । ସ୍ୱପ୍ନାବସ୍ଥାର ଅନୁଭୂତି ଏକ ସ୍ମୃତି । ସ୍ମୃତି ପୂର୍ବରୁ ଇନ୍ଦ୍ରିୟାନୁଭୂତି ମିଳିଥାଏ । ତେଣୁ ସ୍ୱପ୍ନାବସ୍ଥା ପୂର୍ବରୁ ଜାଗ୍ରତ ଅବସ୍ଥା ଥାଏ । ଜାଗ୍ରତାବସ୍ଥା ସ୍ୱପ୍ନ ଅନୁଭୂତି ବା ତା'ର ଫଳାଫଳ ଉପରେ ନିର୍ଭର କରେ ନାହିଁ; କିନ୍ତୁ ସ୍ୱପ୍ନାବସ୍ଥାର ଅନୁଭୂତିଗୁଡ଼ିକ ଜାଗ୍ରତାବସ୍ଥାର ଅନୁଭୂତିଜାତ ସଂସ୍କାରର ଫଳ ମାତ୍ର ।

ସ୍ୱପ୍ନାବସ୍ଥାର ଅନୁଭୂତି ଅପେକ୍ଷା ଜାଗ୍ରତାବସ୍ଥାର ଅନୁଭୂତିରେ ଅପେକ୍ଷାକୃତ ଅଧିକ ଶୃଙ୍ଖଳା ଓ ଅଧିକ ବାଧ୍ୟବାଧକତା ରହିଥାଏ । ପ୍ରତିଦିନ ଜାଗ୍ରତ ଅବସ୍ଥାରେ ଆମେ ସେହି ଏକା ବସ୍ତୁ ବା ଏକା ବ୍ୟକ୍ତିଙ୍କୁ ଦେଖି ଅନୁଭୂତି ପାଉ । ଗତଦିନର ଅନୁଭୂତିର ଏକ ନିର୍ଦ୍ଦିଷ୍ଟ ସ୍ମୃତି ଜାଗ୍ରତ ଅବସ୍ଥାରେ ଅନୁଭୂତିର ସାମଗ୍ରୀ ହୋଇଥାଏ; ଅତୀତର ବ୍ୟକ୍ତି ଓ ବସ୍ତୁ ଜାଗ୍ରତ ଅବସ୍ଥାରେ ସେହି ପୂର୍ବାପର ଧାରାବାହିକ ଭାବରେ ସଂଜ୍ଞାବଦ୍ଧ ହୋଇ ତିଷ୍ଠି ରହିଥାଏ । କିନ୍ତୁ ସ୍ୱପ୍ନରେ ଏସବୁ ଶୃଙ୍ଖଳା, ନିୟମ ବା ଧାରାବାହିକତାର କୌଣସି ସତ୍ତା ନ ଥାଏ । ସ୍ୱପ୍ନ ସୁଶୃଙ୍ଖଳ ନୁହେଁ ଅଥଚ ଜାଗ୍ରତ ଅବସ୍ଥା ଅପେକ୍ଷାକୃତ ସ୍ପଷ୍ଟ ଓ ସୁଶୃଙ୍ଖଳ ।

ସ୍ୱପ୍ନ ଜାଗ୍ରତ ଅପେକ୍ଷା କମ ବାସ୍ତବ । ଜାଗ୍ରତ ଅବସ୍ଥାରେ ବାହ୍ୟଜଗତ ସହିତ ବ୍ୟକ୍ତି ଯେଉଁ ପ୍ରତ୍ୟକ୍ଷ ସମ୍ପର୍କ ଲାଭ କରେ, ସ୍ୱପ୍ନ ଅବସ୍ଥାରେ ତାହା ମିଳେ ନାହିଁ । ଅବଶ୍ୟ ସ୍ୱପ୍ନରେ ମଧ୍ୟ ଏକ ବାହ୍ୟଜଗତ ରହିଥାଏ, କିନ୍ତୁ ଜାଗ୍ରତ ଅବସ୍ଥାର ବାହ୍ୟଜଗତ ତୁଳନାରେ ସ୍ୱପ୍ନର ବାହ୍ୟଜଗତ ଅତି ମୂଲ୍ୟହୀନ, ସାମାନ୍ୟ । ଜାଗ୍ରତ ଅବସ୍ଥାର ରୂପ ସହିତ ସ୍ୱପ୍ନ ଅବସ୍ଥାର ରୂପର ଗୁଣାତ୍ମକ ସାମଞ୍ଜସ୍ୟ ରହିଥିଲେ ମଧ୍ୟ, ସ୍ୱପ୍ନଜଗତ ଜାଗ୍ରତ ଜଗତ ଅପେକ୍ଷା ନିମ୍ନସ୍ତରର ।

ଦେଶ, କାଳ, ପାତ୍ର, କାର୍ଯ୍ୟକଳାପ ତଥା କର୍ତ୍ତା ଓ କର୍ମର ଅର୍ଥାତ୍ ଅନୁଭବକାରୀ ଓ ଅନୁଭୂତିର ବୈଶିଷ୍ଟ୍ୟ ସ୍ୱପ୍ନ ଓ ଜାଗ୍ରତ ଉଭୟ ଅବସ୍ଥାରେ ଥାଏ । ଏପରି କି ଅନୁଭୂତି କାଳରେ ସେଗୁଡ଼ିକ ଯେଉଁ ବାସ୍ତବତା ପ୍ରଦର୍ଶନ କରନ୍ତି, ସେଥିରେ ମଧ୍ୟ ସାଦୃଶ୍ୟ ଥାଏ । କେବଳ ପ୍ରଭେଦ ରହିଥାଏ ସେହି ପ୍ରଦର୍ଶିତ

ବାସ୍ତବତାର ମାତ୍ରାରେ ବା ସତ୍ତାର ମାତ୍ରାରେ । ଜୀବ ଅନୁଭବ କରେ ଯେ, ଜାଗ୍ରତ ଅବସ୍ଥା ସ୍ୱପ୍ନ ଅବସ୍ଥା ଅପେକ୍ଷା ଅଧିକ ସତ୍ୟ ବା ଉତ୍କୃଷ୍ଟତର ସତ୍ୟ ।

ଜାଗ୍ରତ ଅବସ୍ଥା ଅପେକ୍ଷାକୃତ ଅଧିକ ବାସ୍ତବ ହୋଇଥିଲେ ମଧ୍ୟ, ତାର ଅର୍ଥ ନୁହେଁ ଯେ, ସେଥିରେ ପରମ ବାସ୍ତବତା ରହିଛି । ପରମ ବାସ୍ତବତା ଦୃଷ୍ଟିରୁ ଜାଗ୍ରତ ଅବସ୍ଥାରେ ଅନୁଭୂତ ମଧ୍ୟ ଅବାସ୍ତବ । ଜାଗ୍ରତ ଅବସ୍ଥାରେ ଯେପରି ସ୍ୱପ୍ନ ଅବସ୍ଥାର ସତ୍ତା ମିଳାଇଯାଏ, ଆତ୍ମସାକ୍ଷାତକାର ଅବସ୍ଥାରେ ସେହିପରି ଜାଗ୍ରତ ଅବସ୍ଥାର ସତ୍ତା ଉଭେଇଯାଏ ।

ସ୍ୱପ୍ନ ଏକ ପ୍ରାତିଭାସିକ ସତ୍ତା । ଜାଗ୍ରତ ହେଉଛି ଆପେକ୍ଷିକ ସତ୍ତା ଏବଂ ତୁରୀୟ ବା ବ୍ରହ୍ମ ହେଉଛନ୍ତି ପରମ ସତ୍ତା ।

ସ୍ୱପ୍ନ ଜାଗ୍ରତ ଅବସ୍ଥାର ସତ୍ତା ଉପରେ ଆଧାରିତ । ଜାଗ୍ରତ ଅବସ୍ଥା ତୁରୀୟର ସତ୍ତା ଉପରେ ଆଧାରିତ ।

ତୁରୀୟ ଦୃଷ୍ଟିରୁ ଜାଗ୍ରତ ଓ ସ୍ୱପ୍ନ ଉଭୟ ଅବାସ୍ତବ । କିନ୍ତୁ ସ୍ୱପ୍ନର ଅନୁଭୂତି ଦୃଷ୍ଟିରୁ ଜାଗ୍ରତ ଅବସ୍ଥାର ଅଧିକ ବାସ୍ତବତା ରହିଛି । କେତେକ ଦୃଷ୍ଟିରୁ ଜାଗ୍ରତ ସହିତ ତୁରୀୟର ଯେଉଁ ସମ୍ପର୍କ ରହିଛି, ସ୍ୱପ୍ନ ସହିତ ମଧ୍ୟ ଜାଗ୍ରତର ସେହି ସମ୍ପର୍କ ରହିଛି ।

ସ୍ୱପ୍ନ ଦେଖୁଥିବା ଲୋକପାଇଁ ସ୍ୱପ୍ନଟା ସ୍ୱପ୍ନ ନୁହେଁ । କେବଳ ଜାଗ୍ରତ ରହିଥିବା ବ୍ୟକ୍ତି ସ୍ୱପ୍ନକୁ ସ୍ୱପ୍ନ ବୋଲି ଜାଣିପାରେ । ଠିକ୍ ସେହିପରି ଯେ ଜାଗ୍ରତ ଅବସ୍ଥାରେ ରହିଛି, ତାକୁ ଜାଗ୍ରତ ଅବସ୍ଥାଟା ବାସ୍ତବପରି ଲାଗେ । ଯେ ତୁରୀୟ-ଅବସ୍ଥାରେ ଅଛନ୍ତି, କେବଳ ତାଙ୍କପାଇଁ ଜାଗ୍ରତ ଅବସ୍ଥାର କୌଣସି ବାସ୍ତବ ସତ୍ତା ନାହିଁ । ସାଧାରଣ ସ୍ୱପ୍ନର ଅବଧି କ୍ଷୁଦ୍ର, ଅଳ୍ପ ସମୟ ଭିତରେ ତାହା ଶେଷ ହୋଇଯାଏ, କିନ୍ତୁ ଜାଗ୍ରତ ଅବସ୍ଥା ଏକ ଦୀର୍ଘ ସ୍ୱପ୍ନ; ତାହା ବହୁ ସମୟ ଧରି ରହେ ।

ବ୍ୟକ୍ତି-ଅନୁଭୂତିର ପରିସର ମଧ୍ୟରେ ଏକାଧିକ ମାତ୍ରାର ବାସ୍ତବତା ବା ସତ୍ତା ଉପଲବ୍ଧ ହୁଏ । ସେ ଭିତରୁ ତିନୋଟି ପ୍ରଧାନ ମାତ୍ରା ହେଲା ଯଥାକ୍ରମେ ମନୋନିଷ୍ଠ ବା ପ୍ରାତିଭାସିକ; ବସ୍ତୁନିଷ୍ଠ ବା ବ୍ୟାବହାରିକ ଓ ପରମ ବା ପରମାର୍ଥିକ । ସ୍ୱପ୍ନର ଅନୁଭୂତି ପ୍ରାତିଭାସିକ ସତ୍ତା । ଜାଗ୍ରତକାଳୀନ ଅନୁଭୂତି ବ୍ୟାବହାରିକ ସତ୍ତା । ଆତ୍ମସାକ୍ଷାତକାର ବା ବ୍ରହ୍ମଦର୍ଶନ ହେଉଛି ପରମସତ୍ତା । ବସ୍ତୁମୟ ସ୍ଥୂଳଜଗତ ତୁଳନାରେ ବ୍ୟକ୍ତିର ସ୍ଥିତି ସୂକ୍ଷ୍ମ ବା ମାନସିକ । କର୍ତ୍ତା ଏବଂ କର୍ମ ଅର୍ଥାତ୍ ଅନୁଭବକାରୀ ଓ ଅନୁଭୂତଦ୍ରବ୍ୟ ଉଭୟ ବାସ୍ତବ ଅଥଚ ପରମସତ୍ତା ଦୃଷ୍ଟିରୁ ଏହି ଉଭୟଙ୍କର କୌଣସି ବାସ୍ତବସତ୍ତା ନାହିଁ ।

ଜାଗ୍ରତ ଅବସ୍ଥା ଏକ ଦୀର୍ଘସ୍ଥାୟୀ ସ୍ୱପ୍ନ— ଉଭୟ ସ୍ୱପ୍ନ ଓ ଜାଗ୍ରତ ଅବସ୍ଥାରେ ବସ୍ତୁକୁ ଇନ୍ଦ୍ରିୟ ଦ୍ୱାରା ଉପଲବ୍ଧି କରାଯାଏ, ବସ୍ତୁକୁ ଗ୍ରାହ୍ୟ-ଗ୍ରାହକ ସମ୍ପର୍କରେ ସମନ୍ୱିତ କରାଯାଏ । ଏହି ଗୁଣଟି ହେଲା ଏହି ଦୁଇଟି ଅବସ୍ଥାର ସାଦୃଶ୍ୟ । ଏହି ଦୁଇଟି ଅବସ୍ଥା ମଧ୍ୟରେ ଥିବା ଏକମାତ୍ର ପାର୍ଥକ୍ୟ ହେଲା ସ୍ୱପ୍ନ ଅବସ୍ଥାରେ ଦେହ ଭିତରର ଦ୍ରବ୍ୟ ଉପଲବ୍ଧି ହୁଏ । ଦ୍ରବ୍ୟକୁ ଦେଖିହୁଏ ଏବଂ ଶେଷରେ ଦ୍ରବ୍ୟର ଅସାରତ୍ୱ ବା ମାୟିକତା ପ୍ରତିପାଦିତ ହୁଏ । ଏହା ଉଭୟ ଅବସ୍ଥାର ଏକ ସାଧାରଣ ବିଷୟ ।

ଦ୍ରବ୍ୟକୁ ଇନ୍ଦ୍ରିୟ ଦ୍ୱାରା ଉପଲବ୍ଧ କରିବା ଅବାସ୍ତବ, କାରଣ ଦ୍ରବ୍ୟସବୁ ମନ ଦ୍ୱାରା ରଚିତ ହୋଇଥାଏ । ଗୋଟିଏ ଦ୍ରବ୍ୟର ଗୋଟିଏ ନିର୍ଦ୍ଦିଷ୍ଟ ରୂପ ରହିଛି; କାରଣ ମନ ବିଶ୍ୱାସ କରୁଛି ଯେ, ତାର ରୂପ ସେହିପରି ଅଟେ । କିନ୍ତୁ ପ୍ରକୃତ ପକ୍ଷରେ ସ୍ୱପ୍ନ ଓ ଜାଗ୍ରତ ଉଭୟ ଅବସ୍ଥାର ଦ୍ରବ୍ୟ ଅବାସ୍ତବ, ଅପ୍ରାକୃତ ।

ଯେତେସବୁ ମୂର୍ତ୍ତିମନ୍ତ, ରୂପବନ୍ତ ଦ୍ରବ୍ୟ ରହିଛି, ସେସବୁ ଅବାସ୍ତବ, ସବୁ ମିଥ୍ୟା । ଯେ କୌଣସି ଦ୍ରବ୍ୟକୁ ଦେଖିବା ବା ଉପଲବ୍ଧି କରିବାପାଇଁ ଏକ ବିଶେଷ ପ୍ରଣାଳୀ ରହିଛି, ସେହି ପ୍ରଣାଳୀ ବିନା ଦ୍ରବ୍ୟକୁ ଉପଲବ୍ଧି କରିହୁଏ ନାହିଁ । ତେଣୁ ଏସବୁ ଦ୍ରବ୍ୟ ମୌଳିକ ନୁହେଁ; ଜାଗ୍ରତ ଅବସ୍ଥାରେ ମୂର୍ତ୍ତି ବା ରୂପ ଇନ୍ଦ୍ରିୟଗ୍ରାହ୍ୟ ବା ସ୍ଥୂଳ । ସ୍ୱପ୍ନାବସ୍ଥାରେ ସେଗୁଡ଼ିକ ସୂକ୍ଷ୍ମ ବା ମାନସିକ । ଯାହା ହେଉ ସେ ଉଭୟେ ରୂପ ଏବଂ ସକଳ ରୂପ ଦେଶ ଓ କାଳ ଦ୍ୱାରା ସୀମାବଦ୍ଧ । ଏକ ନିର୍ଦ୍ଦିଷ୍ଟ ମାନସିକ ଅବସ୍ଥା ରହିଥିବା ପର୍ଯ୍ୟନ୍ତ ଏହି ନିର୍ଦ୍ଦିଷ୍ଟ ରୂପ ବା ମୂର୍ତ୍ତି ରହିଥାଏ । ମାନସିକ ଅବସ୍ଥାରେ ପରିବର୍ତ୍ତନ ଘଟିବ ସଙ୍ଗେ ସଙ୍ଗେ, ମୂର୍ତ୍ତି, ବା ରୂପର ଅନୁଭୂତି ମଧ୍ୟ ପରିବର୍ତ୍ତିତ ହୋଇଯାଏ । ତେଣୁ ଆତ୍ମସାକ୍ଷାତ୍କାର ଲାଭ ହୋଇଗଲେ ଜଗତର ସ୍ୱରୂପ ପରିବର୍ତ୍ତିତ ହୋଇଯାଏ ।

ଜାଗ୍ରତ ଅବସ୍ଥାର ଅନୁଭୂତିଗୁଡ଼ିକ ସ୍ୱପ୍ନାବସ୍ଥାର ଅନୁଭୂତିର ବିରୋଧ ବା ଖଣ୍ଡନ କରେ । ଅତିମାନସ-ଚେତନା ଜାଗ୍ରତ-ଅନୁଭୂତିର ଖଣ୍ଡନ କରେ । କିନ୍ତୁ ଅତିମାନସ-ଚେତନାର ଖଣ୍ଡନ କରାଯାଇପାରେ ନାହିଁ; ସେହି ଚେତନା ଅଖଣ୍ଡ । ଅଖଣ୍ଡତା ହିଁ ବାସ୍ତବତାର ପ୍ରକୃଷ୍ଟ ପ୍ରମାଣ ।

ଅବାସ୍ତବ ଜଗତ ବାସ୍ତବପରି ବୋଧହୁଏ । ଅଥଚ ଏହା ପ୍ରକୃତରେ ମନର ଏକ ଦୀର୍ଘ ସ୍ୱପ୍ନ । ସ୍ୱପ୍ନ ଦୀର୍ଘ ଓ ଆଭ୍ୟନ୍ତରୀଣ ଏବଂ ଜାଗ୍ରତ ବାହ୍ୟ, ସ୍ଥୂଳ ଓ ଦୀର୍ଘସ୍ଥାୟୀ; ତଥାପି ଉଭୟ ଅବସ୍ଥାରେ ଉପଲବ୍ଧ ଦ୍ରବ୍ୟସବୁ ଅବାସ୍ତବ, ଅନ୍ତଃସାରଶୂନ୍ୟ ।

ଷାଠିଏବର୍ଷ ବୟସରେ ଆପଣ ଯେତେବେଳେ ଆପଣଙ୍କର କଲେଜ

ଜୀବନକୁ ଆଉ ଫେରିଚାହିଁବେ, ଦେଖିବେ ସେସବୁ କେବଳ ସ୍ୱପ୍ନମାତ୍ର ଥିଲା। ନୁହେଁ କି ? ଠିକ୍ ସେହିପରି ଭବିଷ୍ୟତ ମଧ୍ୟ ଏକ ସ୍ୱପ୍ନ ।

ଅତୀତ ଏକ ସ୍ୱପ୍ନ । ଭବିଷ୍ୟତ ଏକ ସ୍ୱପ୍ନ । ଏହି ଯେଉଁ ନିଶ୍ଚିତ ବର୍ତ୍ତମାନ ଭୋଗ ହେଉଛି, ଏହା ମଧ୍ୟ ଏକ ସ୍ୱପ୍ନ । ଆତ୍ମସାକ୍ଷାତକାର ବା ଆତ୍ମଦର୍ଶନରେ ଘଟମାନ ଅନୁଭୂତ ଅର୍ଥାତ୍ ପ୍ରପଞ୍ଚଜାତ ଅନୁଭୂତି ସମ୍ପୂର୍ଣ୍ଣ ଅନ୍ତର୍ହିତ ହୋଇ-ଯାଏ । ଏଥିରୁ ପ୍ରମାଣ ହୁଏ ଯେ, ପ୍ରପଞ୍ଚ ଅବାସ୍ତବ ଓ ମିଥ୍ୟା ଅଟେ ।

ପ୍ରତିବାଦ ଖଣ୍ଡନ— କେହି କେହି କହି ପାରନ୍ତି ଯେ, ଜାଗ୍ରତ ଅବସ୍ଥାର ଦ୍ରବ୍ୟସବୁ ଉଦ୍ଦେଶ୍ୟ ସାଧନପାଇଁ ସାମଗ୍ରୀରୂପେ ବ୍ୟବହୃତ ହୋଇଥାଏ ଅଥଚ ସ୍ୱପ୍ନର ଦ୍ରବ୍ୟ କୌଣସି ପ୍ରୟୋଜନରେ ଆସେ ନାହିଁ । କିନ୍ତୁ ଏହା ଏକ ଭୁଲ ଯୁକ୍ତି । କାରଣ ବିଭିନ୍ନ ପ୍ରୟୋଜନରେ ଆସୁଥିବା ବା ଉଦ୍ଦେଶ୍ୟ ସାଧନର ସାମଗ୍ରୀ ହୋଇ-ପାରୁଥିବା ଜାଗ୍ରତ ଅବସ୍ଥାର ଦ୍ରବ୍ୟସବୁ ସ୍ୱପ୍ନ ଅବସ୍ଥାର ବିପରୀତ ବା ଖଣ୍ଡିତ ହୋଇଯାଏ । ଜାଗ୍ରତ ଅବସ୍ଥାରେ ମନୁଷ୍ୟ ଖାଇପିଇ କ୍ଷୁଧାତୃଷା ନିବାରଣ କରେ, ଫଳରେ ଖାଇଲେ ପିଇଲେ କ୍ଷୁଧାତୃଷା ହୁଏ ନାହିଁ । କିନ୍ତୁ ସେହି ଖାଇପିଇ ସନ୍ତୁଷ୍ଟ ହୋଇ ଶୋଇଥିବା ଲୋକ ସ୍ୱପ୍ନରେ ଦେଖେ, ତାକୁ ପ୍ରବଳ କ୍ଷୁଧାତୃଷା ହେଉଛି, ସତେ ଯେପରି ସେ କେତେଦିନ ଧରି ଆଦୌ କିଛି ଖାଇବାକୁ ପିଇବାକୁ ପାଇ ନାହିଁ; ଏହାର ଠିକ୍ ବିପରୀତ କଥା ମଧ୍ୟ ଘଟିଥିବାର ଦେଖାଯାଏ । ଜାଗ୍ରତ ଅବସ୍ଥାରେ ବସ୍ତୁର ପ୍ରୟୋଜନୀୟତା ବା ଦ୍ରବ୍ୟମୂଲ୍ୟ ଯାହା ଥାଏ, ସ୍ୱପ୍ନ ଅବସ୍ଥାରେ ତାହା ଆଉ ରହେ ନାହିଁ । ଠିକ୍ ସେହିପରି ସ୍ୱପ୍ନ ଅବସ୍ଥାରେ ବିଭିନ୍ନ ଦ୍ରବ୍ୟର ଯାହା ମୂଲ୍ୟ ବା ପ୍ରୟୋଜନୀୟତା ଥାଏ, ଜାଗ୍ରତ ଅବସ୍ଥାରେ ତାହାସବୁ ନଷ୍ଟ ହୋଇଯାଏ । ସୁତରାଂ ଏଥିରୁ ପ୍ରମାଣ ମିଳିଲା ଯେ, ବସ୍ତୁ ସକଳ ଅବସ୍ଥାରେ ସାଧନସାମଗ୍ରୀ ହୋଇ ନ ଥାଏ, ନିର୍ଦ୍ଦିଷ୍ଟ ଅବସ୍ଥା ବା ପରିସ୍ଥିତିରେ ହିଁ ବସ୍ତୁ ସାଧନ-ସାମଗ୍ରୀ ହୋଇପାରେ । ଅର୍ଥାତ୍ ନିଜ ପରିସର ମଧ୍ୟରେ ହିଁ ଦ୍ରବ୍ୟ ବା ବସ୍ତୁ ସତ୍ୟ; ସକଳ ପରିସ୍ଥିତି ବା ପରିସରରେ ସେହି ସତ୍ୟତା ନ ଥାଏ । ଯାହା ସର୍ବଦା ସତ୍ୟ ବା ପ୍ରକୃତ ନୁହେଁ, ତାହା ପ୍ରାତିଭାସିକ, ଅବାସ୍ତବ ବା ମିଥ୍ୟା, କାରଣ ପ୍ରକୃତ ସତ୍ୟ ସର୍ବକାଳୀନ । ବାସ୍ତବଜଗତର ଦ୍ରବ୍ୟସବୁ ସ୍ୱପ୍ନଜଗତରେ ଅର୍ଥ ବା ମୂଲ୍ୟ ହରାଉଥିବାରୁ ସେସବୁ ଅବାସ୍ତବ ବା ମିଥ୍ୟା । ସେହିପରି ସ୍ୱପ୍ନଜଗତର ଦ୍ରବ୍ୟସବୁ ବାସ୍ତବଜଗତରେ ଅର୍ଥହୀନ ହୋଇଯାଉଥିବାରୁ ସେସବୁ ମଧ୍ୟ ମିଥ୍ୟା । ଅର୍ଥାତ୍ ସବୁ ମିଥ୍ୟା, ସବୁ ଅବାସ୍ତବ ।

ଆପତ୍ତି କରାଯାଇପାରେ ଯେ, ସ୍ୱପ୍ନର ଦ୍ରବ୍ୟଗୁଡ଼ିକ ଅଭୂତ, କାଳ୍ପନିକ, ଅପ୍ରାକୃତ; ତେଣୁ ଜାଗ୍ରତ ଅବସ୍ଥାଟି ସ୍ୱପ୍ନ ଅବସ୍ଥା ସହିତ ସମାନ ହୋଇ ନ ପାରେ ।

କିନ୍ତୁ ସ୍ୱପ୍ନର ଦ୍ରବ୍ୟ ତଥା ଅନୁଭୂତିଗୁଡ଼ିକ କାଳ୍ପନିକ ହେଲେ ମଧ୍ୟ ସ୍ୱପ୍ନ ଦେଖୁଥିବା ବ୍ୟକ୍ତିପାଇଁ ସେଗୁଡ଼ିକ ବାସ୍ତବ । ଏକ ଭିନ୍ନ ଅବସ୍ଥାରେ ହିଁ ସ୍ୱପ୍ନ ଅବସ୍ଥାର ଦ୍ରବ୍ୟ ଓ ଅନୁଭୂତିଗୁଡ଼ିକ ଅଦ୍ଭୁତ କାଳ୍ପନିକ ବୋଲି ଜଣାଯାଏ । କେଉଁଟା ଅଦ୍ଭୁତ ବା କାଳ୍ପନିକ ଓ କେଉଁଟା ବାସ୍ତବ ବା ପ୍ରାକୃତିକ, ତାହା ବ୍ୟକ୍ତି କହିପାରେ ନାହିଁ । ମନ ହିଁ ଦ୍ରବ୍ୟର ମୂଲ୍ୟ ନିର୍ଦ୍ଧାରଣ କରେ ଏବଂ ମନର ଅବସ୍ଥାର ପରିବର୍ତ୍ତନ ସଙ୍ଗେ ସଙ୍ଗେ ପ୍ରାକୃତିକତା ଓ ଅପ୍ରାକୃତିକତା ବିଷୟକ ଧାରଣା ମଧ୍ୟ ପରିବର୍ତ୍ତିତ ହୁଏ । ଜାଗ୍ରତ ଅବସ୍ଥାରେ ଯେପରି ଦେଶ, କାଳ ଓ କାରଣ ସମ୍ପର୍କରେ ବ୍ୟକ୍ତିମାନଙ୍କର ଏକ ଧାରଣା ରହିଥାଏ, ସ୍ୱପ୍ନ ଅବସ୍ଥାରେ ସେହିପରି ବ୍ୟକ୍ତିମନରେ ଏକ ସ୍ୱତନ୍ତ୍ର ଧାରଣା ରହିଥାଏ । ଜାଗ୍ରତ ଦୃଷ୍ଟିରୁ ସ୍ୱପ୍ନ ଅବାସ୍ତବ, ଅର୍ଥହୀନ ଏବଂ ସ୍ୱପ୍ନ ଦୃଷ୍ଟିରୁ ଜାଗ୍ରତ ଅବାସ୍ତବ, ଅର୍ଥହୀନ । ଏଥିରୁ ପ୍ରତୀୟମାନ ହୁଏ ଯେ, ଶ୍ରେଷ୍ଠତମ ଦୃଷ୍ଟିକୋଣରୁ ଏହି ଉଭୟ ଅବସ୍ଥା ଅବାସ୍ତବ ଓ ଅପ୍ରାକୃତ ।

କୁହାଯାଇପାରେ ଯେ, ଜାଗ୍ରତ ଅବସ୍ଥାରେ ପ୍ରତ୍ୟକ୍ଷୀଭୂତ ହେଉଥିବା ଦ୍ରବ୍ୟସବୁକୁ ମାନସିକ ଓ କଳ୍ପନାପ୍ରସୂତ ବୋଲିଯାଇ ନ ପାରେ, କାରଣ ବ୍ୟକ୍ତି ଲକ୍ଷ୍ୟ କରିଥାଉ ବା ନ ଥାଉ, ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଜାଗ୍ରତ ଅବସ୍ଥାରେ ସେହି ଦ୍ରବ୍ୟରୁ ସେହି ଏକା ଅନୁଭୂତି ପାଉଛନ୍ତି । କିନ୍ତୁ ସମସ୍ତ ବ୍ୟକ୍ତି ଓ ସମସ୍ତ ବସ୍ତୁ ମନର କଳ୍ପନାପ୍ରସୂତ ହେଲେ ମଧ୍ୟ, ଜଣେ ବ୍ୟକ୍ତିର ସ୍ୱପ୍ନର ଅନୁଭୂତି ଅନ୍ୟମାନଙ୍କର ସ୍ୱପ୍ନର ଅନୁଭୂତି ଯେ ନ ହୋଇ ପାରେ, ସେପରି ନୁହେଁ, କାରଣ ଏଥିରେ କୌଣସି ବାଧା ବନ୍ଧନ ନାହିଁ ।

ପୁଣି କୁହାଯାଇ ପାରେ ଯେ, ଜାଗ୍ରତ ଅବସ୍ଥାରେ ଆମେ ଯେଉଁ ଅନୁଭୂତି ପାଉ, ତାହା କେବଳ ଧାରଣା-ବଶବର୍ତ୍ତୀ ହୋଇ ପାଉନା, ପାଉ ଜ୍ଞାନେନ୍ଦ୍ରିୟ-ମାନଙ୍କର ସାହାଯ୍ୟରେ । କିନ୍ତୁ ଜାଣି ରଖନ୍ତୁ ଯେ, ଜାଗ୍ରତାବସ୍ଥାର ଜ୍ଞାନେନ୍ଦ୍ରିୟପରି ସ୍ୱପ୍ନର ମଧ୍ୟ ଜ୍ଞାନେନ୍ଦ୍ରିୟ ଅଛନ୍ତି ଏବଂ ସ୍ୱପ୍ନର ଅନୁଭୂତି ତାର ଜ୍ଞାନେନ୍ଦ୍ରିୟମାନଙ୍କ ସାହାଯ୍ୟରେ ଲାଭ କରାଯାଏ । ତେଣୁ ଯେହେତୁ ସ୍ୱପ୍ନ ଅଳୀକ ଓ ଅବାସ୍ତବ, ଜାଗ୍ରତ ମଧ୍ୟ ଅଳୀକ ଓ ଅବାସ୍ତବ ।

ସ୍ୱପ୍ନାତୀତ ଆତ୍ମା— ସକଳ ବ୍ୟକ୍ତିଙ୍କ ମଧ୍ୟରେ ଏକ ଶୁଦ୍ଧଚୈତନ୍ୟ ବା ଆତ୍ମା ରହିଛି ଯାହାକି ଅନନ୍ତ, ଅସୀମ, ଶାଶ୍ୱତ, ସର୍ବବ୍ୟାପୀ, ସ୍ୱୟଂଭୂ, ସ୍ୱୟଂପ୍ରଭ ସ୍ୱୟଂସଂପୂର୍ଣ୍ଣ, ଯାହାକି ଦେଶ ଓ କାଳର ଅତୀତ ଏବଂ ଅମର, ଅଜନ୍ମା ଓ ଅଖଣ୍ଡ । ସେ ହେଉଛି ପ୍ରକୃତ 'ଅହମ୍' । ସେହି 'ଅହମ୍'ରେ ନିଦ୍ରା ନାହିଁ, ସ୍ୱପ୍ନ ନାହିଁ,

ଜାଗରଣ ନାହିଁ । ସେ ସର୍ବକାଳର ଦ୍ରଷ୍ଟା ବା ସ୍ୱପ୍ନ, ଜାଗ୍ରତ ଓ ସୁଷୁପ୍ତି—ଏହି ତିନୋଟିଯାକ ଅବସ୍ଥାର ନୀରବ ସାକ୍ଷୀ । ଆତ୍ମାର ସେହି ଅବସ୍ଥାର ନାମ ତୁରୀୟ ବା ଚତୁର୍ଥ ସ୍ଥିତି । ସେହି ଅବସ୍ଥା ସ୍ୱପ୍ନ, ଜାଗ୍ରତ ଓ ସୁଷୁପ୍ତିର ଊର୍ଦ୍ଧ୍ୱରେ ।

ଆମ ଭିତରେ ଯେଉଁ ଅପ୍ରକୃତ ମୁଁ ବା ମିଛ ମୁଁ ବା ଅହଂକାର ବା ଜୀବ ରହିଛି, ସେ ହିଁ ଜାଗ୍ରତ ହୁଏ, ସ୍ୱପ୍ନ ଦେଖେ ଓ ସୁଷୁପ୍ତି ଲାଭ କରେ । ଜାଗ୍ରତ କହ, ସ୍ୱପ୍ନାଳୁ କହ, ସୁଷୁପ୍ତିରେ ଥିବା ଜୀବ କହ ସମସ୍ତେ ପରିବର୍ତ୍ତନଶୀଳ ବ୍ୟକ୍ତି । ତେଣୁ ଏପରି ବ୍ୟକ୍ତିତ୍ୱ ଅବାସ୍ତବ ଓ ଅଳୀକ ।

ପ୍ରକୃତ ଆତ୍ମାର ବା ପ୍ରକୃତ ଅହମ୍‌ର କସ୍ମିନ କାଳେ ଜାଗ୍ରତ ନାହିଁ, କି ସ୍ୱପ୍ନ ନାହିଁ, କି ସୁଷୁପ୍ତି ନାହିଁ । ପରମାର୍ଥିକ ସତ୍ତା ଦୃଷ୍ଟିରୁ କାହାର ହେଲେ ଜାଗ୍ରତ ଅବସ୍ଥା ନାହିଁ, କି ସ୍ୱପ୍ନ ନାହିଁ, କି ସୁଷୁପ୍ତି ନାହିଁ ।

ଜାଗ୍ରତ ହୁଅନ୍ତୁ; ସତ୍ୟ ଉପଲବ୍ଧି କରନ୍ତୁ— ଜାଗ୍ରତ ଅବସ୍ଥାରେ ଆପଣଙ୍କ ମନରେ ଯେଉଁସବୁ ଚିନ୍ତା ଖେଳିଯାଉଛି, ସେସବୁର ସାକ୍ଷୀମାତ୍ର ହେବାକୁ ଅଭ୍ୟାସ କରନ୍ତୁ । ତେବେ ଯାଇ ସ୍ୱପ୍ନ ଅବସ୍ଥାରେ ଆପଣ ଜାଣିପାରିବେ ଯେ, ଆପଣ ସ୍ୱପ୍ନ ଦେଖୁଛନ୍ତି । ତେବେ ଯାଇ ଆପଣ ନିଜର ସ୍ୱପ୍ନକାଳୀନ ଚିନ୍ତାକୁ ନିରୁଦ୍ଧ କରିଦେଇ ପାରିବେ, ପରିବର୍ତ୍ତିତ କରିଦେଇପାରିବେ କିମ୍ବା ସ୍ୱପ୍ନରେ ନିଜର ଇଚ୍ଛାନୁମତ ଚିନ୍ତା କରିପାରିବେ । ସ୍ୱପ୍ନରେ ମଧ୍ୟ ଆପଣ ଜାଗ୍ରତ ରହି-ପାରିବେ । ଜାଗ୍ରତ ଆବସ୍ଥାର ଚିନ୍ତାକୁ ଯଦି ଆପଣ ସଂଯତ କରିପାରିବେ, ସ୍ୱପ୍ନାବସ୍ଥାର ଚିନ୍ତାକୁ ମଧ୍ୟ ସଂଯତ କରିଦେଇପାରିବେ ।

ମନକୁ ଇନ୍ଦ୍ରିୟସୁଖର ପଥ ଧରିବାକୁ ଛାଡିଦିଅନ୍ତୁ ନାହିଁ । ବ୍ରହ୍ମଜିଜ୍ଞାସା, ବ୍ରହ୍ମଚିନ୍ତନ ଓ ବ୍ରହ୍ମଚେତନା ବଳରେ ବୁଦ୍ଧିର ବିକାଶ କରନ୍ତୁ ଓ ନିଜକୁ ସୁଦୃଢ଼ କରନ୍ତୁ । ବୁଦ୍ଧି ଏକ ସୁଦୃଢ଼ ଦୁର୍ଗସଦୃଶ ହୋଇଉଠିବ । ଫଳରେ ଇନ୍ଦ୍ରିୟଲବ୍ଧ ସଂସ୍କାର ଆଉ କାରଣଶରୀର ବା ସୂକ୍ଷ୍ମଶରୀରରେ ସଞ୍ଚିତ ହେବାର ସୁଯୋଗ ପାଇବ ନାହିଁ । ଏବଂ କାରଣ ଶରୀରରେ ପୂର୍ବରୁ ସଞ୍ଚିତ ହୋଇ ରହିଥିବା ସଂସ୍କାର ସବୁ ଆତ୍ମପ୍ରକାଶ କରିବାକୁ ବାଟ ପାଇବ ନାହିଁ । ଫଳରେ ତୀକ୍ଷ୍ଣ ନିର୍ମଳ ବୁଦ୍ଧି ଦୁଇ-ଦିଗରୁ ସହାୟକ ହେବ ।

ଏକମାତ୍ର ବ୍ରହ୍ମ ହିଁ ପ୍ରକୃତ ସତ୍ତାବାନ । ଜୀବ ଓ ଜଗତ ମିଥ୍ୟା । ଆପଣଙ୍କ ଭିତରେ ଯେଉଁ ମାୟିକ ଅହଙ୍କାର ରହିଛି, ତାକୁ ଧ୍ୱଂସ କରିଦିଅନ୍ତୁ । ବ୍ରହ୍ମଙ୍କ ସପକ୍ଷରେ ଜଗତ୍ ଅବାସ୍ତବ । ସ୍ୱଳ୍ପବୁଦ୍ଧି ଅଳ୍ପଜ୍ଞାନ-ବ୍ୟକ୍ତି ପକ୍ଷରେ ସ୍ୱପ୍ନ ଯେପରି ବାସ୍ତବବତ୍ ବୋଧ ହୁଏ, ଇନ୍ଦ୍ରିୟପରାୟଣ ସାଂସାରିକ ମନୁଷ୍ୟ

ଦୃଷ୍ଟିରେ ଜଗତ ମଧ୍ୟ ସେହିପରି ବାସ୍ତବବତ୍ ବୋଧ ହୁଏ । କିନ୍ତୁ ଜ୍ଞାନୀ ବା ଜୀବନ୍ମୁକ୍ତଙ୍କ ପକ୍ଷରେ ଜଗତର କୌଣସି ଅସ୍ତିତ୍ୱ ହିଁ ନାହିଁ ।

ଆପଣ ସ୍ୱପ୍ନରେ ଦେଖନ୍ତି ଯେ, ଆପଣ ଜଣେ ରାଜା ହୋଇଯାଇଛନ୍ତି । ସ୍ୱପ୍ନରେ ଆପଣ ବହୁବିଧ ରାଜକୀୟ ବିଳାସବ୍ୟସନ ଭୋଗ କରିବାକୁ ପାଆନ୍ତି । ଜାଗ୍ରତ ହୋଇଗଲା ମାତ୍ରେ ସେସବୁ ଉଭେଇଯାଏ । କିନ୍ତୁ ସେଥିପାଇଁ ଆପଣ ଦୁଃଖ କରନ୍ତି ନାହିଁ କାରଣ ଆପଣ ଜାଣନ୍ତି ଯେ, ସ୍ୱପ୍ନ ଜଗତଟା ହିଁ ମିଥ୍ୟା । ଆପଣ ଯେତେବେଳେ ପ୍ରକୃତ ତତ୍ତ୍ୱ ବ୍ରହ୍ମଙ୍କୁ ଉପଲବ୍ଧି କରିପାରିବେ, ସେତେବେଳେ ଜାଗ୍ରତ ଜଗତ ତଥା ତାର ସମସ୍ତ ଚେତନା ମଧ୍ୟ ସ୍ୱପ୍ନପରି ମିଥ୍ୟା ବୋଧ ହେବ । ଜଗତ ଏକ ମିଥ୍ୟା ଓ ମାୟା ବୋଲି ଉପଲବ୍ଧି କରିବାପରେ ଜାଗ୍ରତ ଅବସ୍ଥାରେ ମଧ୍ୟ ଦୁଃଖ ଆଉ ଦୁଃଖପରି ବୋଧ ହେବ ନାହିଁ, ଯନ୍ତ୍ରଣା ଆଉ ଯନ୍ତ୍ରଣାପରି ବୋଧ ହେବ ନାହିଁ । ଦୁଃଖଯନ୍ତ୍ରଣାସବୁ ଦୂରୀଭୂତ ହୋଇଯିବ ।

ଜାଗ୍ରତ ହୁଅନ୍ତୁ ବନ୍ଧୁ, ସତ୍ୟ ଉପଲବ୍ଧି କରନ୍ତୁ ।

ସୁଖ

ମନୁଷ୍ୟ ସୁଖ ଚାହେଁ । ସେ ଦୁଃଖ ଏଡ଼ାଇ ଚାଲେ । ଇନ୍ଦ୍ରିୟତୃପ୍ତିକର ବସ୍ତୁରୁ ଯେଉଁ ସୁଖ ମିଳେ, ସେହି ସୁଖ ପାଇବାପାଇଁ ସେ ତାର ସକଳ ଚେଷ୍ଟା କରେ । ସେହି ସୁଖ ପାଇବାପାଇଁ ସେ ସ୍ୱର୍ଗମର୍ତ୍ତ୍ୟ ଆଲୋଡ଼ିତ କରିଦିଏ । କିନ୍ତୁ ଦେଖିଥିବେ, ସେହି ସୁଖଟିକପାଇଁ ସେ ଏପରି ମାୟାଜାଲରେ ଛନ୍ଦିହୋଇଯାଏ ଯେ, ସେ ଆଉ ସେଥିରୁ ଖସିପାରେ ନାହିଁ । ହାୟରେ ବିଚରା ମଣିଷ ! ସେ ଜାଣେ ନାହିଁ ଯେ, ସେସବୁ ବସ୍ତୁ ଭଙ୍ଗୁର ଓ କ୍ଷଣସ୍ଥାୟୀ । ସାଂସାରିକ ବସ୍ତୁ କିଛି ଅମାପ ବା ଅସରନ୍ତ ନୁହେଁ, କାରଣ ଏସବୁ ବସ୍ତୁ ଦେଶ, କାଳ ଓ କାରଣର ଗଣ୍ଡି ମଧ୍ୟରେ ଆବଦ୍ଧ । ସବୁଠାରୁ ବଡ଼କଥା ହେଲା, ମଣିଷ ବିଚରା ଏସବୁ ବସ୍ତୁରୁ ତାର କାମ୍ୟ ସୁଖ ପାଏ ନାହିଁ ।

ଇନ୍ଦ୍ରିୟସୁଖଦାୟୀ ବସ୍ତୁ ବାରମ୍ବାର ଆଶା ଦେଇ ନିରାଶ କରାଏ । ବସ୍ତୁ ହାତକୁ ନ ଆସିବା ପର୍ଯ୍ୟନ୍ତ ଚିତ୍ତାକର୍ଷକ ହୋଇ ରହିଥାଏ; କିନ୍ତୁ ହାତକୁ ଚାଲିଆସିବା କ୍ଷଣି ତାର ଆକର୍ଷଣ ତୁଟିଯାଏ; ମଣିଷ ଦେଖେ ଯେ, ସେ ଆସି ଏକ ଫାନ୍ଦରେ ପଡ଼ିଯାଇଛି ।

ଅବିବାହିତ ଯୁବକ ଦିନରାତି ତାର ବିବାହ ଚିନ୍ତାରେ ମଗ୍ନ ରହିଥାଏ । କିନ୍ତୁ ବିବାହ ଶେଷ ହୋଇସିବା ପରେ ପରେ ସେ ବୁଝିଯାଏ ଯେ, ସେ ଆସି ଏକ ବନ୍ଦୀଶାଳାରେ ପଡ଼ିଯାଇଛି; ସେ ତା ଭାର୍ଯ୍ୟାର ବିଳାସବ୍ୟସନ ଚାହିଦା ପୂରଣ କରିପାରୁ ନାହିଁ । ସେ ଭାବୁଛି, ଘର ଛାଡ଼ି ବଣକୁ ପଳାଇଗଲେ ଭଲ ହୁଅନ୍ତା । ଅପୁତ୍ରିକ ଧନୀ ଲୋକ ପୁଅଟିଏପାଇଁ ଦିନରାତି ବ୍ୟସ୍ତ ହୁଏ । ପୁଅଟିଏ ପାଇବାଲାଗି ସେ କାଶୀ ଯାଏ, ରାମେଶ୍ୱର ଯାଏ, ଯାଗଯଜ୍ଞ ଓ ଧର୍ମକର୍ମ କରେ । କିନ୍ତୁ ପୁଅ ଜନ୍ମ ହୋଇସାରିବା ପରେ ପରେ ତାର ଦୁଃଖର ଦିନ ଆରମ୍ଭ ହୋଇଯାଏ । ପୁଅ ରୋଗରେ ପଡ଼େ । ପୁଅକୁ ପିହୁଳା ମାରେ । ପୁଅର ଚିକିତ୍ସାପାଇଁ ଡାକ୍ତର ବୈଦ୍ୟଙ୍କ ଘରକୁ ପଇସାର ସୁଅ ଛୁଟେ । କିନ୍ତୁ ଟଙ୍କାପଇସାର ସୁଅ ରୋଗ ଭଲ କରିପାରେ ନାହିଁ । ତେଣୁ ଦେଖିଥିବେ, ଏ ସବୁ ହେଉଛି ମାୟାର ଖେଳ । ସଂସାର ଏହିପରି ମିଛମାୟାରେ ପୂର୍ଣ୍ଣ ।

ଦୁଃଖର ଦୃଶ୍ୟ— ସାଂସାରିକ ଲୋକ ସବୁବେଳେ ଦୁଃଖରେ ବୁଡ଼ି ରହିଥାଏ, କିଛି ନା କିଛି ପାଇବା ଲାଗି ସେ ସବୁବେଳେ ଚେଷ୍ଟିତ । କିଛି ଅର୍ଥ, କିଛି କ୍ଷମତା,

କିଛି ଆସନ—ଏହିପରି କିଛି ପାଇବାକୁ ସେ ସବୁବେଳେ ସଂଗ୍ରାମ କରିଚାଲିଛି । ଈପ୍‌ସିତ ବସ୍ତୁ ମିଳିବ କି ନାହିଁ ବୋଲି ସେ ସର୍ବଦା ଚିନ୍ତିତ, ସର୍ବଦା ବ୍ୟସ୍ତ, ପୁଣି ତାର କାମ୍ୟବସ୍ତୁ ମିଳିସାରିବାପରେ ମଧ୍ୟ ତାର ବ୍ୟସ୍ତତାର ଅନ୍ତ ହୁଏ ନାହିଁ । ସେହି ବସ୍ତୁ, ସେହି ବିଷୟ କାଳେ ହାତଛଡ଼ା ହୋଇଯିବ ବୋଲି ସେ ସର୍ବଦା ବ୍ୟସ୍ତ ଚିନ୍ତିତ ହୋଇ ରହେ ।

ଧରନ୍ତୁ, ଜଣେ ଧନୀଲୋକ ଅଛନ୍ତି । ତାଙ୍କର ଅଗାଧ ସମ୍ପତ୍ତି ରହିଛି କିନ୍ତୁ ସନ୍ତାନ ସନ୍ତତି ନାହାନ୍ତି । ସନ୍ତାନଟିଏ ନାହିଁ ବୋଲି ତାଙ୍କ ମନରେ ସବୁବେଳେ ଦୁଃଖ । ସେପଟେ ଜଣେ ଗରିବ ଲୋକ ଅଛି । ତାର ଚଉଦଟି ଛୁଆ । ଛୁଆଙ୍କ ପାଟିରେ ଦାନା ଦେବାପାଇଁ ପାଖରେ ସମ୍ବଳ ନାହିଁ । ତେଣୁ ସେ ବିଚାରି ମନରେ ସବୁବେଳେ ଦୁଃଖ । ଆଉ ଜଣେ ଲୋକ ଅଛନ୍ତି ଯେ, ତାଙ୍କର ଧନଦୌଲତ ଅଛି; ପୁଅଝିଅ ବି ଅଛନ୍ତି । କିନ୍ତୁ ପୁଅଟି ଛତରା । ତେଣୁ ସେ ଲୋକ ବି ବ୍ୟଥିତ । ପୁଣି ଲୋକ ଅଛନ୍ତି, ଯାହାଙ୍କର ଧନର ଅଭାବ ନାହିଁ, ପୁଅଝିଅ ମଧ୍ୟ ଗୁଣେର । କିନ୍ତୁ ଭାର୍ଯ୍ୟା ? ଛି ଛି; ସେ ଭାର୍ଯ୍ୟାର ନାଆଁ ଧରନି; ଯେଉଁଟା ଘୋର କଳିହୁଡ଼ୀ । ଫଳରେ ସବୁ ଥାଇ ମଧ୍ୟ ତାଙ୍କ ଘରେ ସୁଖ ନାହିଁ । ଏପରି ଗୋଟି ଗୋଟି କରି ବାଛିଗଲେ ଦେଖିବେ ସଂସାରରେ କେହି ଜଣେ ମଧ୍ୟ ସୁଖରେ ନାହାନ୍ତି ।

ସେସନ୍‌ସ୍ ଜଜ୍‌ଙ୍କ ମନରେ ସନ୍ତୋଷ ନାହିଁ; ତାଙ୍କର ଅଭିଳାଷ, ସେ ଜଣେ ହାଇକୋର୍ଟ ଜଜ୍ ହେବେ । ମନ୍ତ୍ରୀ ମହୋଦୟ ମଧ୍ୟ ସନ୍ତୁଷ୍ଟ ନୁହନ୍ତି; ସେ ଭାବୁଛନ୍ତି, ସେ କିପରି ମୁଖ୍ୟମନ୍ତ୍ରୀ ବା ପ୍ରଧାନମନ୍ତ୍ରୀ ହୋଇଯାଆନ୍ତେ କି ! ଲକ୍ଷପତି ଶେଠ କହୁଛନ୍ତି, "ମୁଁ କୋଟୀପତି ହୋଇଯାଆନ୍ତି କି !" ସ୍ୱାମୀ ମନରେ ସନ୍ତୋଷ ନାହିଁ; ତା ଭାର୍ଯ୍ୟାଟି କାଳୀକୋତରା, ଦୁବଳାପତଳୀ । ସେ ଭାବୁଛି, ଏ ଭାର୍ଯ୍ୟାଟିକୁ ଛାଡ଼ପତ୍ର ଦେଇ ଗୋରୀଟିଏ ବାହା ହେବ । ତେଣେ ସ୍ତ୍ରୀ ତା ସ୍ୱାମୀ ଉପରେ ସନ୍ତୁଷ୍ଟ ନୁହେଁ; ସେ ଭାବୁଛି ଏ ଗରିବ ବୁଢାଟାକୁ ଛାଡ଼ପତ୍ର ଦେଇ ଗୋଟିଏ ଧନୀ ଟୋକା ବରକୁ ବାହା ହେବ । ପତଳା ଲୋକ ମନରେ ସୁଖ ନାହିଁ, ସେ ଭାବୁଛି, ତା' ଦେହରେ ଟିକିଏ ମାଂସ ଲାଗନ୍ତୁ, ସେ ଟିକିଏ ମୋଟାସୋଟା ହୁଅନ୍ତ । ତେଣୁ ସେ କଡ୍‌ଲିଭର୍ ଅଏଲ୍—ମାଛତେଲ ଖାଉଛି । ମୋଟା ଲୋକ ମନରେ ମଧ୍ୟ ଅସନ୍ତୋଷ; ତାର ଚର୍ବି ବଢ଼ିଯାଉଛି । ସେ ଭାବୁଛି, ତା ଦେହରୁ ଚର୍ବି କମୁ । ତେଣୁ ସେ ଚର୍ବି କମାଇବାକୁ ଔଷଧ ବଟିକା ଗିଳୁଛି । ସଂସାରରେ କାହାରି ମନରେ ସନ୍ତୋଷ ନାହିଁ ।

ଡାକ୍ତର ବାବୁ ଭାବୁଛନ୍ତି, ଓକିଲ ବାବୁ ବଡ଼ ସୁଖରେ ଅଛନ୍ତି । ଓକିଲ ବାବୁ ଭାବୁଛନ୍ତି, ବ୍ୟବସାୟୀ ଲୋକର ସୁଖ ତୁଳନାରେ ତାଙ୍କ ସୁଖ କିଛି ନୁହେଁ । ବ୍ୟବସାୟୀ ଭାବୁଛି, ଜଜ୍ ସାହେବ ହିଁ ଆରାମରେ ଅଛନ୍ତି । ଜଜ୍‌ସାହେବଙ୍କ ଧାରଣା ଯେ,

ପ୍ରଫେସର ସାହେବ ତାଙ୍କଠାରୁ ଅଧିକ ସୁଖରେ ଅଛନ୍ତି । ଏ ସଂସାରରେ କୌଣସି ଲୋକ ସୁଖୀ ନୁହେଁ ।

ସମ୍ରାଟ ସୁଖୀ ନୁହନ୍ତି । ଏକାଧିପତ୍ୟ କ୍ଷମତାର ଅଧିକାଂଶ ରାଷ୍ଟ୍ରନାୟକ ସୁଖୀ ନୁହନ୍ତି । ଦେଶର ରାଷ୍ଟ୍ରପତି ସୁଖୀ ନୁହନ୍ତି । ଦେବରାଜ ଇନ୍ଦ୍ର ମଧ୍ୟ ସୁଖୀ ନୁହନ୍ତି ।

ତା'ହେଲେ ସୁଖୀ କିଏ ? ସୁଖୀ ସନ୍ନ୍ୟାସୀ । ସୁଖୀ ଯୋଗୀ । ଯେ ନିଜର ମନକୁ ସଂଯତ କରି ପାରିଛନ୍ତି, ସେ ହିଁ ସୁଖୀ ।

ସୁଖ ମିଳେ ମାନସିକ ଶାନ୍ତିରୁ ଏବଂ ମନ ଯେତେବେଳେ କାମନାବାସନା, ମୋହ, ବିଷୟ ଓ ସାଂସାରିକ ଚିନ୍ତାରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇଯାଏ, ସେତେବେଳେ ହିଁ ମନରେ ଶାନ୍ତି ଆସେ । ତେଣୁ ଶାନ୍ତିର ରାଜ୍ୟରେ ପ୍ରବେଶ କରିବା ପୂର୍ବରୁ ଆପଣଙ୍କୁ ସମସ୍ତ ପ୍ରକାର ସୁଖ ଚିନ୍ତା ପାଶୋରି ଦେବାକୁ ପଡ଼ିବ ।

ସୁଖ ଦୁଃଖ ସହିତ ମିଶି ରହିଛି— ଦୁଃଖ ବିନା ସୁଖ ମିଳେ ନାହିଁ । ଯେଉଁଠି ସୁଖ ରହିଛି, ସେଇଠି ଦୁଃଖ ରହିଛି । ଆପଣ ଧନରତ୍ନରେ, ସ୍ତ୍ରୀ-ଅଙ୍ଗରେ ବା ପାର୍ଥିବ ଜଗତରେ ଯେଉଁ ସୁଖପାଇଁ ଖୋଜି ହେଉଛନ୍ତି, ତାହା ଏକ ବୃଥା-ପ୍ରୟାସମାତ୍ର । ଏ ସଂସାର ହେଉଛି ଏକ ଆପେକ୍ଷିକ କ୍ଷେତ୍ର । ଏ କ୍ଷେତ୍ରରେ ପ୍ରତ୍ୟେକ ସ୍ଥଳରେ, ପ୍ରତ୍ୟେକ ବିଷୟରେ ଦୁଇଟି ପରସ୍ପର ବିପରୀତଧର୍ମୀ ତତ୍ତ୍ୱ ବିଦ୍ୟମାନ । ଏଠାରେ ଆପଣ ପରମ ସୁଖ ପାଇପାରିବେ ନାହିଁ । ଏହି ପରସ୍ପର ବିପରୀତଧର୍ମୀ ତତ୍ତ୍ୱ ଦୁଇଟି କ୍ରମାନୁସ୍ୟରେ ପରିବର୍ତ୍ତିତ ହୋଇଚାଲିଛନ୍ତି । ଜନ୍ମ ପରେ ଆସୁଛି ମୃତ୍ୟୁ । ଦିନ ପରେ ଆସୁଛି ରାତି । ଅନ୍ଧକାର ପରେ ଆସୁଛି ଆଲୋକ । ଦୁଃଖ ପରେ ଆସୁଛି ସୁଖ ।

ପଞ୍ଚାନବେପଇସର ଦୁଃଖ ସହିତ ପାଞ୍ଚପଇସାର ସୁଖ ମିଶିରହିଛି । ଦୁଃଖ, ଭୟ ଓ ବ୍ୟସ୍ତତା ସହିତ ମିଶିରହିଥିବା ସୁଖ ଆଦୌ ସୁଖପଦବାଚ୍ୟ ନୁହେଁ । ଅପଣ ଯଦି ଏହି ପାଞ୍ଚପଇସାର ସୁଖକୁ ଟିକିଏ ଭଲ କରି ପରୀକ୍ଷା କରିବେ, ଦେଖିବେ ଏତକ ସୁଖର ମଧ୍ୟ କୌଣସି ଅର୍ଥ ନାହିଁ, ଏହା କେବଳ ମନର ଏକ ମାୟା; ଏଥିରେ ଯଥାର୍ଥତା ବୋଲି କିଛି ନାହିଁ ।

ସୁଖ ଓ ଦୁଃଖ ଦୁଇଟି ଆପେକ୍ଷିକ ବିଷୟ । ଏହି ଦୁଇବିଷୟର କୌଣସି ସ୍ୱୟଂସମ୍ପୂର୍ଣ୍ଣ ସ୍ୱତନ୍ତ୍ର ସତ୍ତା ନାହିଁ । ଏ ଦୁଇଟି ବିଷୟ ଏକା ମୁଦ୍ରାର ଦୁଇଟି ପାର୍ଶ୍ୱ ମାତ୍ର । ଏମାନଙ୍କର ପ୍ରଭେଦ ପ୍ରକାରଗତ ନୁହେଁ; ମାତ୍ରାଗତ ।

ତେଣୁ ସୁଖ ଓ ଦୁଃଖ ହେଉଛି ଏକା ବିଷୟର ଦୁଇଟି ପୃଥକ ନାମ; ଏକା ବିଷୟର ଦୁଇଟି ବିଭିନ୍ନ ତତ୍ତ୍ୱ । କେବଳ ଦାର୍ଶନିକ ଜ୍ଞାନ ନ ଥିବା ସାଧାରଣ ମନୁଷ୍ୟ ଚକ୍ଷୁକୁ ଏ ଦୁଇବିଷୟ ଦୁଇଟି ସ୍ୱତନ୍ତ୍ର ବିଷୟପରି ବୋଧହୁଏ ।

ସୁଖ ଓ ଦୁଃଖ ମନ ଉପରେ ନିର୍ଭର କରେ— ଆପଣଙ୍କ ପକ୍ଷରେ ଯାହା ସୁଖକର, ଅନ୍ୟ ପକ୍ଷରେ ତାହା ଦୁଃଖକର । ବର୍ତ୍ତମାନ ଆପଣଙ୍କ ପକ୍ଷରେ ଯାହା ସୁଖର କାରଣ, କିଛି ସମୟ ପରେ ତାହା ଆପଣଙ୍କର ଦୁଃଖର କାରଣ ହୋଇଯାଏ । ପ୍ରଥମ ଦୁଇକପ ଦୁଧ ଯେପରି ସ୍ୱାଦୁକର ବୋଧ ହୁଏ, ତୃତୀୟ କପ୍ ଦୁଧବେଳକୁ ଆଉ ସେହି ସ୍ୱାଦୁ ରହେ ନାହିଁ, ବରଂ ବାନ୍ତି ମାଡ଼େ; ଓକାଳି ଆସେ । ଜ୍ୱର ଥିବାବେଳେ ସେହି ଦୁଧ ଆଡ଼କୁ ମୁହଁ ମୋଡ଼ିହୋଇଯାଏ । ସୁତରାଂ ସୁଖ କୌଣସି ବସ୍ତୁରେ ନାହିଁ; ସୁଖ ରହିଛି ମନର କଳ୍ପନାରେ ବା ରୁଚିରେ ।

ସୁଖ ଦୁଃଖ, ସୁନ୍ଦର ଅସୁନ୍ଦର— ଏସବୁ କେବଳ ମନର ଅଳୀକ କଳ୍ପନା । ଯଦି ମନ ଯେତେବେଳେ ମିଥ୍ୟା ଓ ମାୟାର ରଚନା, ମନର କଳ୍ପନା ଯେ ନିଶ୍ଚିତ ଭାବରେ ମିଥ୍ୟା, ସେଥିରେ ସନ୍ଦେହ କରିବାର କିଛି ନାହିଁ ।

ସୁଖ ଓ ଦୁଃଖ ମନର ସୃଷ୍ଟି; ସୁଖ କିଣ, ଦୁଃଖ କିଣ ସବୁ ମଣିଷର କଳ୍ପନା ଉପରେ ନିର୍ଭର କରେ । କୌଣସି ବସ୍ତୁପ୍ରତି ଯେତେ ସମୟ ପର୍ଯ୍ୟନ୍ତ ଲାଳସା ରହିଥାଏ, ସେଥିରୁ ସେତେ ସମୟ ପର୍ଯ୍ୟନ୍ତ ସୁଖ ମିଳେ । ଯେଉଁ ମୁହୂର୍ତ୍ତରେ ସେହି ବସ୍ତୁପ୍ରତି ଲାଳସା ତୁଟିଯାଏ, ସେହି ମୁହୂର୍ତ୍ତରୁ ତାହା ଆଉ ସୁଖକର ହୁଏ ନାହିଁ । କାମନା ହିଁ ସେହି ସୁଖଟିକି ସୃଷ୍ଟି କରିଥାଏ ।

ଭାବନା, କଳ୍ପନା ଓ ବିଚାର ବଳରେ ଆପଣ ଦୁଃଖକୁ ସୁଖରେ ଏବଂ ସୁଖକୁ ଦୁଃଖରେ ପରିଣତ କରିଦେଇପାରିବେ । ଅନେକ ଛାତ୍ରଙ୍କର ଉଦାହରଣ ରହିଛି ଯେଉଁମାନେ କି ପାଠ ପଢ଼ିବାଲାଗି ଇଙ୍ଗ୍ଲଣ୍ଡ ଯିବାବେଳେ ନୈଷ୍ଠିକ ନିରାମିଷାଶୀ ଥିଲେ ଅଥଚ ପାଠପଢ଼ା ସରିବାବେଳକୁ ସେମାନେ ନିପଟ ମାଂସାଶୀ ହୋଇ-ଗଲେଣି । ଭାରତରେ ଥିବାବେଳେ ସେମାନେ ମାଂସପ୍ରତି ସମ୍ପୂର୍ଣ୍ଣ ବିତୃଷ୍ଣ ଥିଲେ; ମାଂସ ଦେଖିଦେବାକ୍ଷଣି ସେମାନଙ୍କୁ ବାନ୍ତି ମାଡ଼ୁଥିଲା, ତଥାପି ସେହି ଛାତ୍ରମାନଙ୍କୁ ମାଂସ ପୁଣି ଏତେ ରୁଚିକର ବୋଧହେଲା କିପରି ଯେ, ସେମାନେ ଅତି ଆଗ୍ରହରେ, ଅତି ଲୋଲୁପ ଭାବରେ ବିନାବିଚାରରେ ମାଂସ ଗିଳିଗଲେ ? ଏହା ବିଚାରର ପରିବର୍ତ୍ତନ ଭିନ୍ନ ଅନ୍ୟ କିଛି ନୁହେଁ ।

ଅଜ୍ଞ ଲୋକେ ବାହ୍ୟବସ୍ତୁରେ ସୁଖ ଖୋଜିବସି ବିରାଟ ଭୁଲ କରନ୍ତି । ଯଥାର୍ଥରେ ବାହ୍ୟବସ୍ତୁରେ ସୁଖ ନାହିଁ । ବସ୍ତୁରେ ସୁଖ ନାହିଁ, କି ଦୁଃଖ ନାହିଁ ।

ସେସବୁ କେବଳ ମନର ସୃଷ୍ଟି, ମନର କଳ୍ପନା, ମନର ମାୟା । ବସ୍ତୁପ୍ରତି ମନୋଭାବ ବା ମନର ଦୁର୍ବଳତା ହିଁ ଆନନ୍ଦ ବା ଅଶ୍ରୁ ଜାତ କରାଏ, ସୁଖ ବା ଦୁଃଖ ଜାତ କରାଏ, କାରଣ ମନର କଳ୍ପନାପୀଠରେ ମାୟା ତାର ଦୃଢ଼ ଆସନ ପକାଇ ବସିଛି ।

ମନରେ ଯଦି କିଛି ଏକ ବେଦନା ସୃଷ୍ଟି ହୋଇଯାଇଛି, ତେବେ ଆପଣଙ୍କର ପ୍ରିୟ କଫି, ଚାହା ବା ଦୁଧ ମଧ୍ୟକ ବି ଆପଣଙ୍କୁ କୌଣସି ସୁଖ ଦେଇପାରିବ ନାହିଁ । ଦେହ-ମନ ଭଲ ଥିଲାବେଳେ ମନେହୁଏ ସଂସାରଟା ଆନନ୍ଦରେ ପୂର୍ଣ୍ଣ କିନ୍ତୁ ମନରେ ଯଦି କିଛି ଗୋଟିଏ ଆଘାତ ଲାଗିଯାଇଛି, ତେବେ ପୂର୍ବର ସେହି ଆନନ୍ଦମୟ ସଂସାର ବିଷପରି ଲାଗେ । ଯଦି ଦେହ ଖିଟିମିଟିରେ ଖରାପ ହୋଇଯାଏ, ତେବେ ସଂସାରପ୍ରତି ଆଉ କୌଣସି ଆକର୍ଷଣ ରହେ ନାହିଁ । ତେଣୁ ସୁଖ ଓ ଦୁଃଖ କୌଣସି ବସ୍ତୁଉପରେ ନିର୍ଭର କରେ ନାହିଁ । ଯାହା ପ୍ରକୃତ ସୁଖଦାୟକ, ତାହା ସମସ୍ତଙ୍କୁ ସର୍ବକାଳରେ ସୁଖ ଦେଇପାରିବ । ନୁହେଁ କି ?

ସୁଖ ହିଁ ଦୁଃଖର କାରଣ— ସୁଖ ହିଁ ଦୁଃଖର କାରଣ । ଯାହାର ଚାହା ଅଭ୍ୟାସ କିମ୍ବା ଭୋଜନପରେ କିଛି ଫଳ ବା ଦୁଧ ଖାଇବା ଅଭ୍ୟାସ, ସେ ଯଦି କୌଣସି ସ୍ଥାନରେ ଚାହା ଟିକିଏ ନ ପାଇଲା କିମ୍ବା ଫଳ ଖଣ୍ଡିଏ କି ଦୁଧ ଟିକିଏ ନ ପାଇଲା, ତେବେ ତାକୁ ସେଠାରେ ଆଉ କୌଣସି କଥା ସୁଖ ଲାଗିବ ନାହିଁ । ସ୍ତ୍ରୀ ମରିଗଲେ ସ୍ୱାମୀ ଦୁଃଖରେ ଅଭିଭୂତ ହୋଇଯାଏ; କିନ୍ତୁ ସେ ଦୁଃଖ ସର୍ବଦା ଜୀବନର ଅନ୍ତରଙ୍ଗ ସଙ୍ଗିନୀକୁ ହରାଇଲା ବୋଲି ହୁଏ ନାହିଁ ; ସେ ଦୁଃଖ ହୁଏ କେବଳ ସ୍ତ୍ରୀ-ସହବାସ-ସୁଖ ମିଳିବ ନାହିଁ ବୋଲି ।

ସୁଖ ହେଉଛି ଦୁଃଖର କାରଣ । ଇନ୍ଦ୍ରିୟପରାୟଣ ଜୀବନପ୍ରତି ଅନୁରକ୍ତି ହିଁ ମୃତ୍ୟୁର କାରଣ । ଯଦି ଦୁଃଖ ଲୋଡ଼ୁ ନ ଥାନ୍ତି, ତେବେ ସକଳ ପ୍ରକାର ଇନ୍ଦ୍ରିୟସୁଖ ପରିତ୍ୟାଗ କରନ୍ତୁ । ଯଦି ମୃତ୍ୟୁ ଲୋଡ଼ୁ ନ ଥାନ୍ତି, ତେବେ ଇନ୍ଦ୍ରିୟ-ପରାୟଣ ଜୀବନ ପରିତ୍ୟାଗ କରନ୍ତୁ ।

ଭୋଗବିଳାସ ବାସନାକୁ ପରିତୃପ୍ତ କରିବା ପରିବର୍ତ୍ତେ ବାସନାର ପରି-ବର୍ଦ୍ଧନ କରେ । ଘିଅ ପଡ଼ିଗଲେ ଯେପରି ନିଆଁ ଆହୁରି ହୁ ହୁ ହୋଇ ଜଳି ଉଠେ, ଭୋଗବିଳାସରେ ମାତିଲେ କାମନା ବାସନା ଠିକ୍ ସେହିପରି ଆହୁରି ତୀବ୍ର, ଆହୁରି ପ୍ରବଳ ହୋଇଯାଏ । ଫଳରେ ଇନ୍ଦ୍ରିୟ ତୃଷାର ଆବେଗରେ ମନ

ଅଧିକରୁ ଅଧିକ ଅଶାନ୍ତ ଅସ୍ଥିର ହୋଇଯାଏ । ସୁତରାଂ ଯେତେ ଅଳ୍ପ ବିଳାସରେ ଚଳିବେ, ସେତେ ଅଧିକ ସୁଖ ଲାଭ କରିବେ ।

ଅଗାଧ ଧନ ସମ୍ପତ୍ତି ଓ ଏକାଧିକ ଭାର୍ଯ୍ୟା ଭୋଗ କରି ମଧ୍ୟ ବହୁ ଧନୀଲୋକ ଜୀବନରେ ସୁଖ ଓ ଶାନ୍ତି ପାଆନ୍ତି ନାହିଁ । ମୁଁ ବହୁ ଧନୀ ଜମିଦାରଙ୍କ ସଂସ୍ପର୍ଶରେ ଆସିଛି । ଦେଖିଛି, ସେମାନଙ୍କ ମଧ୍ୟରୁ କାହାରି ଜଣକର ବି ଜୀବନରେ ସନ୍ତୋଷ ନାହିଁ, କି ଶାନ୍ତି ନାହିଁ, ଫଳରେ ସେମାନେ ସାମାନ୍ୟ କଥାରେ ବିରକ୍ତ ହୋଇ ଯାଆନ୍ତି । ସେମାନଙ୍କର ଜୀବନ ସତରେ ବଡ଼ ଦୁଃଖମୟ । ଏଥିରୁ ପ୍ରମାଣିତ ହୋଇଯାଉଛି ଯେ, ଧନଦୌଲତରୁ ବା ବିଷୟସମ୍ପଦରୁ ବା ସ୍ତ୍ରୀରତ୍ନରୁ ସୁଖ ମିଳେ ନାହିଁ ।

ସୁଖର ସନ୍ଧାନ— ସାଂସାରିକ ବିଷୟବସ୍ତୁରେ କୌଣସି ସୁଖ ନ ଥାଏ । ବସ୍ତୁ ଜଡ଼ । ତେଣୁ ସେଥିରେ ଲେଶମାତ୍ର ସୁଖ ନ ଥାଏ । ଏପରି କି, ଇନ୍ଦ୍ରିୟସୁଖ ମଧ୍ୟ ଆତ୍ମାନନ୍ଦର ଏକ ପ୍ରତିଫଳନ ମାତ୍ର । ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁରୁ କିମ୍ବା ମନରୁ ଆମକୁ ସୁଖ ମିଳେ ବୋଲି ଭାବିବା ନିପଟ ମୂର୍ଖତାର ପରିଚାୟକ ।

ମନରେ କୌଣସି କାମନା ଜାତ ହେଲେ ମନ ରଜୋଗୁଣରେ ପୂର୍ଣ୍ଣ ହୋଇଯାଏ । ରଜୋପୂର୍ଣ୍ଣ ମନ ଅସ୍ଥିର, ରଜଃ ମନକୁ ଅସ୍ଥିର ଅଶାନ୍ତ କରାଏ । କାମ୍ୟବସ୍ତୁ ହସ୍ତଗତ ନ ହେବା ପର୍ଯ୍ୟନ୍ତ ମନ ଅସ୍ଥିର ହୋଇ ରହେ । ଯେତେ-ବେଳେ କାମ୍ୟବସ୍ତୁ ହସ୍ତଗତ ହୋଇଯାଏ, ଯେତେବେଳେ ସେହି ବସ୍ତୁ ଭୋଗ କରାଯାଏ ଅର୍ଥାତ୍ ଯେତେବେଳେ କାମନାର ତୃପ୍ତିସାଧନ କରାଯାଏ, ସେତେବେଳକୁ ମନ ଅନ୍ତରାତ୍ମା ଆଡ଼କୁ ଚାଲିଯାଏ । ତା ଫଳରେ ମନ ସତ୍ତ୍ୱଗୁଣରେ ପୂର୍ଣ୍ଣ ହୋଇଯାଏ । ସତ୍ତ୍ୱଗୁଣ ପୂର୍ଣ୍ଣ ମନ ଶାନ୍ତ ଓ ନିଶ୍ଚେଷ୍ଟ; ସତ୍ତ୍ୱପୂର୍ଣ୍ଣ ମନରୁ ସକଳ ଚିନ୍ତା ଦୂର ହୋଇଯାଏ ; ସେହି କ୍ଷଣଟି ପାଇଁ ମନର ସମସ୍ତ ବିକ୍ଷେପ ଶାନ୍ତ ହୋଇଯାଏ । ମନ ସେହି କ୍ଷଣଟି ଆତ୍ମାରେ ବିଶ୍ରାମ ନିଏ ଏବଂ ଆତ୍ମାର ଆନନ୍ଦ ବୃତ୍ତିରେ ପ୍ରତିଫଳିତ ହୁଏ । କିନ୍ତୁ ମୂର୍ଖ ମନୁଷ୍ୟ ଏସବୁ ବୁଝିପାରେ ନାହିଁ । ଶୁଖିଲା ହାଡ଼ ଧରି କାମୁଡ଼ୁଥିବା କୁକୁର ଯେପରି ସେଥିରୁ ସୁଖ ମିଳୁଛି ବୋଲି ଭାବେ; ହାଡ଼ କାମୁଡ଼ି କାମୁଡ଼ି ନିଜ ଓଠପାଟିରୁ ଝରିପଡ଼ୁଥିବା ରକ୍ତ ଚାଖିଦେଇ ସେ ଯେପରି ଭାବେ ଯେ, ଶୁଖିଲା ହାଡ଼ରୁ ହିଁ ରକ୍ତ ଝରୁଛି, ମୂର୍ଖ ମନୁଷ୍ୟ ସେହିପରି ଭାବେ ଯେ, ସାଂସାରିକ ବସ୍ତୁରୁ ହିଁ ସୁଖ ମିଳୁଛି ।

ପ୍ରକୃତ ସୁଖ ନିଜ ଭିତରେ ରହିଛି— ପ୍ରକୃତ ସୁଖ ଆପଣଙ୍କ ନିଜ ଭିତରେ ଅଛି । ସୁଖ ଆତ୍ମାରେ ରହିଛି କିନ୍ତୁ ସେହି ଅନ୍ତର୍ନିହିତ ସୁଖ ବ୍ୟକ୍ତି ମନର ଅବସ୍ଥା ଉପରେ ନିର୍ଭର କରେ । ବ୍ୟକ୍ତିର ମନ ସ୍ଥିର ନିବସ୍ଥ ହେଲେ

ଆତ୍ମିକ ସୁଖ ପ୍ରକାଶ ପାଏ । ଇନ୍ଦ୍ରିୟଗଣ ଯେତେବେଳେ ବାହ୍ୟବସ୍ତୁରୁ ଅପସରି ଯାଆନ୍ତି, ମନ ଯେତେବେଳେ ଏକାଗ୍ର ହୋଇଯାଏ, ଯେତେବେଳେ ବ୍ୟକ୍ତିର ବାସନା କ୍ଷୟ ହୁଏ, ବ୍ୟକ୍ତିର ମନୋନାଶ ହୁଏ; ସେ ଯେତେବେଳେ ନିଶ୍ଚିନ୍ତ, ନିଷ୍କାମ ହୋଇଯାଏ, ସେତେବେଳେ ଆତ୍ମିକ ଆନନ୍ଦ ଉଦୟ ହୁଏ, ସେତେବେଳେ ସେ ଆଧ୍ୟାତ୍ମିକ ଆନନ୍ଦରେ ବିଭୋର ହୁଏ ।

କସ୍ତୁରୀ ଥାଏ ମୃଗର ନାଭିରେ, ଅଥଚ ସେହି କସ୍ତୁରୀର ସୌରଭଲାଭ କରିବାକୁ ମୃଗ ବଣସାରା ଧାଇଁବୁଲେ । ସ୍ୱର୍ଣ୍ଣହାର ଲଳନାର ଗଳାରେ ଝୁଲୁଥାଏ, ଅଥଚ ହାର କାହିଁ ଗଲା ବୋଲି ସେ ଘରସାରା ଖୋଜିବୁଲେ । ଅମୂଲ୍ୟମଣି ଆସି ରହିଛି ଆପଣଙ୍କର ମନ ମଧ୍ୟରେ, ଅଥଚ ଆପଣ ବୃଥାରେ ଭଙ୍ଗା କାଚଖଣ୍ଡ ପଛରେ ଧାଉଁଛନ୍ତି । ଆପଣଙ୍କର ନିଜ ଭିତରେ ରହିଛି ଆନନ୍ଦ ପାରାବାର; ଆପଣଙ୍କର ନିଜ ଅନ୍ତରରେ ପ୍ରବାହିତ ହେଉଛି ସୁଖର ନିର୍ଝର ଅଥଚ ଆପଣ ଆନନ୍ଦପାଇଁ, ସୁଖପାଇଁ ସଂସାରସାରା ଖୋଜିବୁଲୁଛନ୍ତି ! ସକଳ ସୂର୍ଯ୍ୟର ସୂର୍ଯ୍ୟ ଆପଣଙ୍କ ନିଜ ଭିତରେ ଜାଜ୍ୱଲ୍ୟମାନ ହୋଇ ରହିଛନ୍ତି, ଅଥଚ ଆପଣଙ୍କ ଅନ୍ଧ ନୟନକୁ ସେ ସୂର୍ଯ୍ୟ ଦେଖାଯାଉ ନାହାନ୍ତି । ଆପଣଙ୍କର ନିଜ ଭିତରେ ନିନାଦିତ ହୋଇ ଚାଲିଛି ଅନାହତ ଧ୍ୱନି ଅଥଚ ଆପଣ ଏପରି ବଧିର ଯେ, ସେ ଧ୍ୱନି ଆପଣଙ୍କ କର୍ଣ୍ଣଗୋଚର ହୋଇପାରୁ ନାହିଁ ।

କାଶ୍ମୀରର ପହଲ୍‌ଗାଓଁ ଯାଆନ୍ତୁ, କି ଗୁଲମାର୍ଗ ଯାଆନ୍ତୁ, ଦାର୍ଜିଲିଂ ଯାଆନ୍ତୁ, କି ସିମଲା ଯାଆନ୍ତୁ, ଭିଏନା ଯାଆନ୍ତୁ କି ଆଲପସ୍ ଯାଆନ୍ତୁ—ଯେଉଁଠିକି ଇଚ୍ଛା, ସେଠାକୁ ଯାଆନ୍ତୁ, କୌଣସି ସ୍ଥାନରେ ଆପଣ ପ୍ରକୃତ ବିଶ୍ରାମ, ପ୍ରକୃତ ସୁଖ ପାଇବେ ନାହିଁ । ଅବଶ୍ୟ ମନୋହର ପ୍ରାକୃତିକ ଦୃଶ୍ୟାବଳି ଦେଖି କିଛି ସମୟପାଇଁ ନୟନ ତୃପ୍ତି ପାଇପାରେ କିନ୍ତୁ ରାଗ, ଦ୍ୱେଷ, ଈର୍ଷା, କାମ, କ୍ରୋଧ ଲୋଭ ସବୁଠାରେ ରହିଛି । ସବୁଠାରେ ଦେଖିବେ, ସେହି ଏକା ପୃଥିବୀ, ଏକା ଆକାଶ, ଏକା ପାଣି, ଏକା ପବନ ଏବଂ ଯେଉଁଠାକୁ ଯାଆନ୍ତୁ, ସେଠାକୁ ଆପଣ ନିଜର ସେହି ପୁରୁଣା ମନଟି ହିଁ ନେଇଯିବେ । କଳ୍ପନାଜଳ୍ପନା ଓ ସ୍ଥାନ ପରିବର୍ତ୍ତନ କିଛି କମ ଲୋକଙ୍କୁ ପ୍ରତାରିତ କରି ନାହିଁ । ହେ ବନ୍ଧୁ, ଯେତିକି ପାଇଛନ୍ତି ସେତିକିରେ ସନ୍ତୁଷ୍ଟ ହୋଇ ରହନ୍ତୁ । ଯେଉଁଠି ରହନ୍ତୁ ନା କାହିଁକି, ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରି ରଖନ୍ତୁ । ନିରବଚ୍ଛିନ୍ନ ଭାବରେ ଅନ୍ତରାତ୍ମାଙ୍କୁ ଧ୍ୟାନ କରନ୍ତୁ । ସେତିକି କରିପାରିଲେ ଏହିଠାରେ ହିଁ ଶାଶ୍ୱତ ଶାନ୍ତି ପାଇପାରିବେ ଓ ମନର ପ୍ରତାରଣା ଶେଷ ହୋଇଯିବ ।

ଆତ୍ମିକ ଆନନ୍ଦ ହିଁ ଚିରନ୍ତନ ଆନନ୍ଦ । ସେହି ଆତ୍ମିକ ଆନନ୍ଦ ଲାଭପାଇଁ ରାଜା ଭର୍ତ୍ତୃହରି; ରାଜା ଗୋପୀଚନ୍ଦ, ଭଗବାନ ବୁଦ୍ଧ ରାଜ୍ୟ ଓ ରାଜଭୋଗ

ପରିତ୍ୟାଗ କରି ଚାଲିଯାଇଥିଲେ— ଚାଲିଯାଇଥିଲେ ପ୍ରାସାଦମଣ୍ଡପ, ସ୍ତ୍ରୀସନ୍ତାନ, ନୃତ୍ୟଗୀତ ତଥା ସକଳ ଭୋଗବିଳାସ ପରିତ୍ୟାଗ କରି । ସବୁ ଛାଡ଼ି ଚାଲିଯାଇ ସେମାନେ ଅମରତ୍ୱ ଲାଭ କରିଥିଲେ । ସେମାନେ କିଛି ନିର୍ବୋଧ ନ ଥିଲେ । ସାଂସାରିକ ବିଷୟସମ୍ପଦରେ ଯଦି କିଛି ପ୍ରକୃତ ସୁଖ ଥାଆନ୍ତା, ତେବେ ସେମାନେ କଦାପି ସଂସାର ଛାଡ଼ିଦେଇ ଚାଲିଯାଇ ନ ଥାନ୍ତେ, ସେମାନେ ନିଶ୍ଚୟ ସଂସାରକୁ ଜାବୋଡ଼ି ଧରିଥାନ୍ତେ । ସେମାନେ ଠିକ୍ ବୁଝିଥିଲେ । ସତ୍ୟ ଅବଧାରଣା କରିବା ପଥରେ ସଂସାରିକ ମନୁଷ୍ୟର ପ୍ରତିବନ୍ଧକ ହୋଇ ଠିଆ ହୁଏ ତାର ବ୍ୟାବହାରିକ ବୁଦ୍ଧି । ଇନ୍ଦ୍ରିୟର ଅତୀତ ହୋଇ, ମନ ଓ ବୁଦ୍ଧିର ଅତୀତ ହୋଇ ଯେଉଁ ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ସୁଖ ବା ପରମାନନ୍ଦ ରହିଛି, ସାଂସାରିକ ମନୁଷ୍ୟ ତାର ସ୍ଥୂଳ ବ୍ୟାବହାରିକ ବୁଦ୍ଧିବଳରେ ସେହି ସୁଖ, ସେହି ପରମାନନ୍ଦର ଅବଧାରଣା କରିବାକୁ ସକ୍ଷମ ହୋଇପାରେ ନାହିଁ ।

ଇନ୍ଦ୍ରିୟ ସୁଖ ଓ ଆଧ୍ୟାତ୍ମିକ ଆନନ୍ଦ— ଆଧ୍ୟାତ୍ମିକ ଆନନ୍ଦ ହିଁ ଶ୍ରେଷ୍ଠତମ ଆନନ୍ଦ । ବ୍ୟକ୍ତିର ସ୍ୱୀୟ ଆତ୍ମାର ଆନନ୍ଦ ହିଁ ଆଧ୍ୟାତ୍ମିକ ଆନନ୍ଦ । ସେ ଆନନ୍ଦ ତୁରୀୟ ଅତୀନ୍ଦ୍ରିୟ ଆନନ୍ଦ । ତାହା ବସ୍ତୁନିରପେକ୍ଷ ଆନନ୍ଦ । ତାହା ନିରବଚ୍ଛିନ୍ନ, ସମମାତ୍ର ଓ ଶାଶ୍ୱତ । କେବଳ ମୁନିଋଷିମାନେ ହିଁ ସେହି ଆନନ୍ଦ ଉପଭୋଗ କରନ୍ତି ।

ଇନ୍ଦ୍ରିୟସୁଖ ଭାବପ୍ରବଣତାରୁ ମିଳିଥାଏ । କିନ୍ତୁ ଆତ୍ମିକ ଆନନ୍ଦ ହେଉଛି ସ୍ୱତଃସ୍ଫୂର୍ତ୍ତି; ସେ ଆନନ୍ଦ ହେଉଛି ଆତ୍ମାର ଏକ ସହଜାତ ଗୁଣ । ଇନ୍ଦ୍ରିୟସୁଖ କ୍ଷଣିକ ଓ ଅସ୍ଥାୟୀ କିନ୍ତୁ ଆତ୍ମିକ ଆନନ୍ଦ ହେଉଛି ଶାଶ୍ୱତ, ଚିରସ୍ଥାୟୀ । ଇନ୍ଦ୍ରିୟସୁଖ ଦୁଃଖ ସହିତ ମିଶି ରହିଥାଏ କିନ୍ତୁ ଆତ୍ମିକ ଆନନ୍ଦ ହେଉଛି ଅବିମିଶ୍ରିତ ନିଚ୍ଛୋଳ ପରମସୁଖ । ଇନ୍ଦ୍ରିୟସୁଖ ସ୍ନାୟୁ, ମନ ଓ ବସ୍ତୁ ଉପରେ ନିର୍ଭର କରେ କିନ୍ତୁ ଆତ୍ମିକ ଆନନ୍ଦ ଅନ୍ୟ ଉପରେ ନିର୍ଭର କରେ ନାହିଁ, ତାହା ସ୍ୱତନ୍ତ୍ର, ସ୍ୱୟଂଜାତ । ଇନ୍ଦ୍ରିୟସୁଖ ଲାଭପାଇଁ ଉଦ୍ୟମ କରିବାକୁ ପଡ଼େ କିନ୍ତୁ ଆତ୍ମିକ ସୁଖ ଲାଭପାଇଁ ଉଦ୍ୟମ ବା ପରିଶ୍ରମ ଅନାବଶ୍ୟକ । ସେହି ଆନନ୍ଦରେ ବିନ୍ଦୁ ସିନ୍ଧୁରେ ମିଳିତ ହୁଏ । ଜୀବ ଆନନ୍ଦସାଗରରେ ଭାସିବୁଲେ ।

ଜପ, ସତ୍ସଙ୍ଗ, ଦାନ, ଚିତ୍ତନିରୋଧ, ଆତ୍ମସଂଯମ, ନିଃସ୍ୱାର୍ଥପର ସେବା କରି, ଗୀତା-ଉପନିଷଦ ଓ ଯୋଗବାଶିଷ୍ଠ ପାଠ କରି; ଯମ, ନିୟମ, ପ୍ରାଣାୟାମ, ବୈରାଗ୍ୟ ଓ ତ୍ୟାଗ ଅଭ୍ୟାସ କରି ମନକୁ ନିର୍ମଳ ପବିତ୍ର କରନ୍ତୁ । ତା'ହେଲେ ଆପଣ ଧ୍ୟାନ କରିବାପାଇଁ ଶାନ୍ତ-ସୂକ୍ଷ୍ମ-ତୀକ୍ଷ୍ଣ-ଏକାଗ୍ର-ମନରୂପକ ଏକ ଉପଯୁକ୍ତ ସାଧନ ପାଇପାରିବେ । ସେହି ନିଖୁଣ ସାଧନଟିର ସହାୟତାରେ ପ୍ରତ୍ୟହ ପ୍ରଭାତରେ

ଚନ୍ଦନ ଘଣ୍ଟା ଓ ସ୍ୱପ୍ନରେ ଚନ୍ଦନଘଣ୍ଟା ଧ୍ୟାନ ଅଭ୍ୟାସ ଆରମ୍ଭ କରିଦିଅନ୍ତୁ । ଦେଖିବେ, ଆପଣଙ୍କ ଭିତରେ ଏକ ନୂତନ ପ୍ରକାରର ବର୍ଣ୍ଣନାତୀତ ଆନନ୍ଦ ଉଦିତ ହେବ । ଏକ ଅତୀନ୍ଦ୍ରିୟ ଆଧ୍ୟାତ୍ମିକ ଆନନ୍ଦ ଯେ ଅଛି, ତାହା ଆପଣ ନିଶ୍ଚିତଭାବରେ ହୃଦ୍‌ବୋଧ କରିପାରିବେ । ଏ ଯେଉଁ ଆଧ୍ୟାତ୍ମିକ ଆନନ୍ଦ, ଏହା ଆପଣ ନିଜେ ଅନୁଭବ କରିବାକୁ ପଡ଼ିବ । ନିଜେ ଉପଭୋଗ କରିବାକୁ ପଡ଼ିବ; ନିଜେ ଗ୍ରହଣ କରିବାକୁ ପଡ଼ିବ । ଗୋଟିଏ ଦଶବାରବର୍ଷର ବାଳକକୁ ଆପଣ ଯୌନସୁଖ କଣ, ତାହା ବୁଝାଇପାରିବେ କି ? ଯେଉଁ ବାଳକ କେବେ ମିଶ୍ରି ଚାଖି ନ ଥିବ, ତାକୁ ମିଶ୍ରିର ସ୍ୱାଦୁ ଯେ କ'ଣ ତାହା କଥାରେ ବୁଝାଇ ହେବ କି ? ନା; ହେବ ନାହିଁ । ସେ ବାଳକଟି ନିଜେ ମିଶ୍ରି ଖାଇବାକୁ ପଡ଼ିବ । ବୟଃପ୍ରାପ୍ତ ହେଲେ ସେ ତାର ନିଜ ଅନୁଭୂତିରୁ ଯୌନସୁଖର ଅର୍ଥ ବୁଝି ପାରିବ ।

କେତେ ଖଣ୍ଡ କାଞ୍ଚନର ବିସ୍କୁଟ, କିଛି ଟଙ୍କାପଇସା ଓ ସୁନ୍ଦରୀ ସ୍ତ୍ରୀଟିଏ ପାଇଗଲେ ସଂସାରୀ ଲୋକେ ଭାବନ୍ତିଅନ୍ତି ଯେ, ସେମାନେ ଖୁବ୍ ସୁଖରେ ଅଛନ୍ତି । ଆହା, ସେହି ଲୋକ ସ୍ୱର୍ଗସୁଖରୁ ଟିକିଏ ଚାଖିବାକୁ ପାଆନ୍ତେ କି ! କେତେ ଆନନ୍ଦ, କେତେ ସୁଖ ଅନୁଭବ ନ କରନ୍ତେ ସେମାନେ !!

ଏ ଦେହ ହେଉଛି ଦୁଃଖ ଓ ରୋଗର ଗୋଟିଏ ଘର । ଧନ କିଛି କମ ଦୁଃଖରେ, କମ କଷ୍ଟରେ ଉପାର୍ଜନ କରାଯାଏ ନାହିଁ । ପୁଣି ଉପାର୍ଜିତ ଧନକୁ ନିରାପଦରେ ସାଇତି ରଖିବାକୁ ତା' ଠାରୁ ଅଧିକ କଷ୍ଟ ସହିବାକୁ ପଡ଼େ । ସକଳ ପ୍ରକାର ସାଂସାରିକ ସମ୍ପର୍କରୁ ଦୁଃଖ ଜାତ ହୁଏ । ସ୍ତ୍ରୀ ତ ନାନା ଅନର୍ଥର ହେତୁ ; ସ୍ତ୍ରୀସମ୍ପର୍କ- ମନୁଷ୍ୟକୁ ଅହରହ ବ୍ୟସ୍ତବିବ୍ରତ କରି ରଖେ । କିନ୍ତୁ ହାୟ ! ଲୋକେ ଆଧ୍ୟାତ୍ମିକ ଆନନ୍ଦର ପଥ ପରିତ୍ୟାଗ କରି ଏହି ଦୁଃଖର ପଥ ହିଁ ଧରନ୍ତି !!

ଏ ଗୁହା-କଫି ଖିଆ ଯଥେଷ୍ଟ ହୋଇଗଲା । ଏ ସୋଡା ଲେମୋନେଡ୍ ପିଆ ଯଥେଷ୍ଟ ହୋଇଗଲା । ଏ ବାପା, ମାଆ, ପୁଅ, ଝିଅ ବନ୍ଧୁବାନ୍ଧବ ସମ୍ପର୍କ ଯଥେଷ୍ଟ ହୋଇଗଲା । ଏଥର ଏସବୁ ଛାଡ଼ନ୍ତୁ । ଅତୀତରେ ଆପଣଙ୍କର ଅସଂଖ୍ୟ ବାପମାଆ ଥିଲେ, ଅସଂଖ୍ୟ ସ୍ତ୍ରୀ ଓ ପୁଅଝିଅ ଥିଲେ । କିନ୍ତୁ ଆସିବାବେଳେ ସମସ୍ତଙ୍କୁ ଛାଡ଼ି ଦେଇ ଆପଣଙ୍କୁ ଏକା ଚାଲି ଆସିବାକୁ ପଡ଼ିଲା । ଗଲାବେଳେ ବି ଏକା ଚାଲିଯିବାକୁ ପଡ଼ିବ । କେବଳ ନିଜର କର୍ମ ଛାଡ଼ିଦେଲେ ଅନ୍ୟ କେହି ଆପଣଙ୍କ ସହିତ ଯିବେ ନାହିଁ । ତେଣୁ ଏସବୁ ସମ୍ପର୍କ ଛାଡ଼ିଦିଅନ୍ତୁ । ଭଗବତ୍‌ସାକ୍ଷାତ୍କାର ଲାଭ କରନ୍ତୁ । ଆପଣଙ୍କର ସକଳ ଦୁଃଖର ଅବସାନ ଘଟିବ ।

ଆପଣଙ୍କ ମନର ଭାରସାମ୍ୟ ନଷ୍ଟ କରିଦେବାଲାଗି, ଆପଣଙ୍କ ମନକୁ ବିଚଳିତ କରିବାଲାଗି ଚାରିପଟେ ବହୁବାଧା ଜଟିଳ ଘେରିରହିଛି ସତ, ସେଥିରୁ

ସୁଖଦୁଃଖର ଘାତପ୍ରତିଘାତ ଉଠୁଛି ସତ, ତଥାପି ଆପଣ ଗିରିଶିଳାସମ ଅବିଚଳିତ ହୋଇ ରହନ୍ତୁ । ସୁଖ ଆସୁ, ଦୁଃଖ ଆସୁ, ସବୁକିଛି ସମଦୃଷ୍ଟିରେ ଗ୍ରହଣ କରି ନିଅନ୍ତୁ । ସର୍ବଦା ପ୍ରସନ୍ନଚିତ୍ତ ହୋଇ ରହନ୍ତୁ । ହସନ୍ତୁ; ମୁଖରେ ସର୍ବଦା ସ୍ମିତହାସ ଲାଗିରହୁ । ବିଷଣ୍ଣତାବିଷ୍ଟ ମନରେ କି ଭଗବତ୍ ଚିନ୍ତା କରିହେବ କହିଲେ ? ତେଣୁ ସର୍ବଦା ପ୍ରଫୁଲ୍ଲ ହୋଇ ରହିବାକୁ ଉଦ୍ୟମ କରନ୍ତୁ । ଆନନ୍ଦ ହେଉଛି ଆପଣଙ୍କର ସହଜାତ ଗୁଣ । ଆନନ୍ଦକୁ ହିଁ ପ୍ରଫୁଲ୍ଲତା କୁହାଯାଏ । ପ୍ରତ୍ୟେକ ସାଧକ ଅଭ୍ୟାସ କରି ସର୍ବଦା ପ୍ରଫୁଲ୍ଲ ରହିବାର ମନୋଭାବ ଜାଗ୍ରତ କରିବାକୁ ପଡ଼ିବ ।

ମନକୁ ସର୍ବଦା ସନ୍ତୁଳିତ କରି ରଖନ୍ତୁ ବା ସୁଖକର ମଧ୍ୟମ-ମାର୍ଗରେ ଅନୁବ୍ରତୀ କରାନ୍ତୁ । କୌଣସି ସମୟରେ ତାକୁ ସୀମାଲଙ୍ଘନ କରିବାକୁ ଦିଅନ୍ତୁ ନାହିଁ । ମାତ୍ରାଧିକ ଉତ୍ଫୁଲ୍ଲତା କିମ୍ବା ମାତ୍ରାଧିକ ବିଷଣ୍ଣତାରେ ଲୋକଙ୍କର ପ୍ରାଣବାୟୁ ଉଡ଼ିଯାଇଥିବାର ଅନେକ ଉଦାହରଣ ରହିଛି । ମନରେ ଉଦ୍ଧର୍ଷ ଜାତ ହେବାକୁ ଦିଅନ୍ତୁ ନାହିଁ । ମାତ୍ରାତିରିକ୍ତ ଉଲ୍ଲାସକୁ ଉଦ୍ଧର୍ଷ ବୋଲାଯାଏ । ମନ ସବୁବେଳେ ସୀମାଲଙ୍ଘନ କରିବାକୁ ଚାହେଁ । ଅବସ୍ଥାଭେଦରେ ଅତିରିକ୍ତ ଆନନ୍ଦ ହେଉ କିମ୍ବା ଅତିରିକ୍ତ ଦୁଃଖ ହେଉ, କୌଣସି ଗୋଟିଏ ସୀମା ଡେଇଁ ଯିବାକୁ ସେ ସବୁବେଳେ ଉଦ୍ୟତ । ଯେ କୌଣସି ବିଷୟରେ ଅତିର କୁଫଳ ଅତି ହୋଇଯାଏ, କାରଣ ମାତ୍ରାଧିକ୍ୟତାର ପ୍ରତିକ୍ରିୟା ମଧ୍ୟ ଭୀଷଣ । ମାତ୍ରାଧିକ ଆନନ୍ଦ ସମୟରେ ମନ କଦାପି ଶାନ୍ତସୁସ୍ଥିର ହୋଇ ରହିପାରିବ ନାହିଁ ।

ସଂସାର ହେଉଛି ଏକ ମନସୃଷ୍ଟ ଜଗତ । ମନ ଓ ଇନ୍ଦ୍ରିୟଗଣ ଆପଣଙ୍କୁ ପ୍ରତି ମୁହୂର୍ତ୍ତରେ ପ୍ରତାରିତ କରି ଚାଲିଛନ୍ତି । ଆପଣ ଭ୍ରମରେ ପଡ଼ି ଦୁଃଖକୁ ସୁଖ ବୋଲି ଧରିନେଉଛନ୍ତି । ଏହି ମନସୃଷ୍ଟ, ଇନ୍ଦ୍ରିୟ ସୃଷ୍ଟ ଜଗତରେ ଲେଶମାତ୍ର ସୁଖ ନାହିଁ । ତେଣୁ ସମସ୍ତ ପ୍ରକାର ସ୍ୱାର୍ଥସାଧନ ସଂଗ୍ରାମ, ସକଳ ପ୍ରକାର ଧନ-ରାଶିକରଣ ଯୋଜନା ପରିତ୍ୟାଗ କରନ୍ତୁ । ଯେଉଁ ଜଗତ ନିୟନ୍ତା ଏହି ରକ୍ତ ମାଂସର ଦେହଧାରୀ ମନୁଷ୍ୟରୂପକ ଖେଳନାଗୁଡ଼ିକୁ ନଚାଉଛନ୍ତି, ଯେ ଏହି ମହାନାଟକର ସୂତ୍ରଧର, ସବୁରି ଅନ୍ତରାଳରେ ରହି ଯେ ଏହି ଅଭିନୟ ପରିଚାଳିତ କରୁଛନ୍ତି, ଏକ ଧ୍ୟାନରେ ତାଙ୍କର ଆଡ଼କୁ ଆଗେଇ ଚାଲନ୍ତୁ; କେବଳ ତାଙ୍କଠାରେ ଆପଣ ପାଇବେ ଅଖଣ୍ଡ ଆନନ୍ଦ ଓ ଶାଶ୍ୱତ ସୁଖ । ଦୈନିକ ଧ୍ୟାନ ଓ ଜପ ଅଭ୍ୟାସ କରି କରି ସେହି ପରମେଶ୍ୱରଙ୍କ ଚରଣରେ ଲୀନ ହୋଇଯାଆନ୍ତୁ ।

ହିନ୍ଦୁଧର୍ମ

ହିନ୍ଦୁମାନଙ୍କର ଧର୍ମକୁ ହିନ୍ଦୁଧର୍ମ କୁହାଯାଏ । ଜଗତରେ ପ୍ରଚଳିତ ସକଳ ଧର୍ମ ମଧ୍ୟରେ ଏହା ପ୍ରାଚୀନତମ ଧର୍ମ । ଏହା କୌଣସି ମନୁଷ୍ୟସୃଷ୍ଟ ଧର୍ମ ନୁହେଁ । କୌଣସି ବ୍ୟକ୍ତିବିଶେଷ ଏହି ଧର୍ମ ପ୍ରତିଷ୍ଠା କରି ନ ଥିଲେ । ଏ ଧର୍ମ କୌଣସି ନିର୍ଦ୍ଦିଷ୍ଟ ଦଳେ ଧର୍ମଗୁରୁଙ୍କର ପ୍ରଚାରିତ ମତବାଦ ଉପରେ ପ୍ରତିଷ୍ଠିତ ନୁହେଁ । ଇସଲାମ ଓ ଖ୍ରୀଷ୍ଟଧର୍ମ ଯେପରି ଏକ ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ସ୍ଥିତିରୂପେ ଆରମ୍ଭ ହୋଇଥିଲା, ହିନ୍ଦୁଧର୍ମ ସେପରି କୌଣସି ନିର୍ଦ୍ଧାରିତ ସ୍ଥିତିରୂପେ ଆରମ୍ଭ ହୋଇ ନ ଥିଲା । ଏ ଧର୍ମ ବୈଦିକ ମୁନିଋଷିମାନଙ୍କଠାରୁ ସମ୍ଭୂତ । ଯୁଗ ଯୁଗ ଧରି ବିଭିନ୍ନ ଅବତାର ଓ ବିଭିନ୍ନ ମୁନିଋଷିଙ୍କର ଉପଦେଶ ଲାଭ କରି ତଥା ବେଦ, ଉପନିଷଦ, ଗୀତା ଓ ଇତିହାସର ନିର୍ଦ୍ଦେଶ ଦ୍ୱାରା ପରିପୁଷ୍ଟ ହୋଇ ଏହି ଧର୍ମ ବିକାଶ ଲାଭ କରିଛି । ଯେତେକାଳ ଧରି ଜଗତ ଦୃଷ୍ଟି ରହିଥିବ, ସେତେକାଳ ଧରି ଏହି ଧର୍ମ ମଧ୍ୟ ତିଷ୍ଠି ରହିଥିବ । ପ୍ରତ୍ୟେକ ହିନ୍ଦୁର ହୃଦୟ ସହିତ ଗଭୀର ଭାବରେ ଜଡ଼ିତ ହୋଇ ଏକ ରହସ୍ୟମୟ ଆଧ୍ୟାତ୍ମିକ ଶକ୍ତି କାର୍ଯ୍ୟ କରି ଚାଲିଛି ।

ହିନ୍ଦୁଧର୍ମ ସନାତନ ଧର୍ମ ବା ବୈଦିକ ଧର୍ମ ନାମରେ ମଧ୍ୟ ପରିଚିତ । ସନାତନ ଧର୍ମର ଅର୍ଥ ଚିରନ୍ତନ ଧର୍ମ ବା ପ୍ରାଚୀନ ବିଧିବିଧାନ । ବୈଦିକ ଧର୍ମର ଅର୍ଥ ବେଦ ଅନୁମୋଦିତ ଧର୍ମ ।

ଜଗତ ଯେତିକି ପ୍ରାଚୀନ, ହିନ୍ଦୁଧର୍ମ ମଧ୍ୟ ସେତିକି ପ୍ରାଚୀନ । ହିନ୍ଦୁଧର୍ମ ହେଉଛି ଅନ୍ୟ ସକଳ ଧର୍ମର ଜନନୀ । ଭଗବାନ ବୁଦ୍ଧ ହିନ୍ଦୁ ସମାଜରେ ହିଁ ଜନ୍ମଗ୍ରହଣ କରି ମହାନ ହୋଇଥିଲେ । ତତ୍କାଳୀନ ମନୁଷ୍ୟସମାଜର ବିକାଶସ୍ତର ଓ ମନୋଭାବର ସମଞ୍ଜସ ହେବାଭଳି ସ୍ଥାନେ ସ୍ଥାନେ କିଛି କିଛି ପରିବର୍ତ୍ତନ କରି ବୁଦ୍ଧଦେବ ହିନ୍ଦୁଧର୍ମରୁ ହିଁ ବୌଦ୍ଧଧର୍ମ ସୃଷ୍ଟି କରିଥିଲେ । ଏହି କାରଣରୁ ବୌଦ୍ଧଧର୍ମ ହିନ୍ଦୁଧର୍ମର ଏକ ଶାଖାରୂପେ ପରିଗଣିତ । ଭଗବାନ ଯୀଶୁ କାଶ୍ମୀର ଓ ବନାରସରେ ତପସ୍ୟା କରିଥିଲେ; ହିନ୍ଦୁଧର୍ମର ବିଭିନ୍ନ ନୀତି ଓ ତତ୍ତ୍ୱରେ ଉଦ୍‌ବୁଦ୍ଧ ହୋଇ ସେ ସେହି ତତ୍ତ୍ୱଗୁଡ଼ିକ ସାହାଯ୍ୟରେ ପାଲେଷ୍ଟାଇନ୍‌ର ମତ୍ସ୍ୟଜୀବୀ-ମାନଙ୍କର ଉପଯୁକ୍ତ ହେବାଭଳି ଏକ ନୂତନ ଧର୍ମର ସୂତ୍ରପାତ କରିଥିଲେ; ତାହା ହିଁ କାଳକ୍ରମେ ଖ୍ରୀଷ୍ଟଧର୍ମ ନାମରେ ଖ୍ୟାତ ହେଲା । ସ୍ଥାନ ବିଶେଷରେ କିଛି କିଛି ପରିବର୍ତ୍ତନ କରି ମହାବୀର ଯେଉଁ ଜୈନଧର୍ମ ପ୍ରତିଷ୍ଠା କରିଥିଲେ, ତାହା ବୌଦ୍ଧଧର୍ମର ଏକ

ଶାଖା ମାତ୍ର । ଜୋରୋଷ୍ଟ୍ରିଆନ ଧର୍ମ, ଖ୍ରୀଷ୍ଟଧର୍ମ ତଥା ଅନ୍ୟାନ୍ୟ ଧର୍ମମତ ସବୁ ଯଥାର୍ଥରେ ହିନ୍ଦୁଧର୍ମର ହିଁ ଶାଖାପ୍ରଶାଖା ।

ହିନ୍ଦୁଧର୍ମ ସ୍ୱାଧୀନତାର ଧର୍ମ— ହିନ୍ଦୁଧର୍ମ ମନୁଷ୍ୟର ଯୁକ୍ତିବାଦୀ ମନକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ । ଏ ଧର୍ମ ମାନବର ବିବେକକୁ କିମ୍ବା ବ୍ୟକ୍ତିର ସ୍ୱାଧୀନ ଚିନ୍ତା, ଚେତନା ବା ଅନୁଭୂତିକୁ କୌଣସି ପ୍ରକାର ଅହେତୁକ ବାଧା ପ୍ରଦାନ କରେ ନାହିଁ ।

ହିନ୍ଦୁଧର୍ମ ହେଉଛି ସ୍ୱାଧୀନତାର ଧର୍ମ । ବିଶ୍ୱାସ ଓ ଉପାସନା ବିଷୟରେ ଏ ଧର୍ମ ସର୍ବାଧିକ ସ୍ୱାଧୀନତା ପ୍ରଦାନ କରେ । ଈଶ୍ୱରଙ୍କର ସ୍ୱରୂପ, ଆତ୍ମାର ସ୍ୱରୂପ, ସୃଷ୍ଟିତତ୍ତ୍ୱ, ଉପାସନା ପ୍ରଣାଳୀ ତଥା ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ନିଜର ବିବେକ ଓ ରୁଚି ଅନୁଯାୟୀ ମତ ପୋଷଣ କରିବା ନିମନ୍ତେ ହିନ୍ଦୁଧର୍ମ ବ୍ୟକ୍ତିକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରେ । ଏକ ନିର୍ଦ୍ଦିଷ୍ଟ ପୂଜାପଦ୍ଧତି ଗ୍ରହଣ କରିବାକୁ ବା ଏକ ନିର୍ଦ୍ଦିଷ୍ଟ ମତବାଦ ଗ୍ରହଣ କରିବାକୁ ଏହି ଧର୍ମ କାହାରିକୁ ବାଧ୍ୟ କରେ ନାହିଁ । ନିଜେ ଭାବି ଦେଖ, ନିଜେ ଅନୁସନ୍ଧାନ କର, ନିଜେ ଜିଜ୍ଞାସା କର ଓ ନିଜେ ବିବେଚନା କର ବୋଲି ଏହି ଧର୍ମ ପ୍ରତ୍ୟେକଙ୍କୁ ସ୍ୱାଧୀନତା ପ୍ରଦାନ କରେ । ଫଳରେ ହିନ୍ଦୁସମାଜରେ ନାନା ପ୍ରକାର ଧର୍ମ ବିଶ୍ୱାସ, ନାନା ପ୍ରକାର ପୂଜାପଦ୍ଧତି, ନାନା ପ୍ରକାର ଉପାସନା ଓ ଧାର୍ମିକ ପରମ୍ପରା ଅତି ସମ୍ମାନର ସହିତ ପରସ୍ପରଠାରୁ ଅଦୂରରେ ଆସ୍ଥାନ ଜମାଇ ଚାଲିଆସିଛନ୍ତି ଏବଂ ପରସ୍ପର ସହିତ ମଧୁର ସମ୍ପର୍କ ରକ୍ଷା କରି ନିଜ ନିଜର ପ୍ରକାଶ ଓ ବିକାଶ ସାଧନ କରିପାରିଛନ୍ତି ।

ଅନ୍ୟ ପ୍ରତ୍ୟେକ ଧର୍ମ ମତାନ୍ଧତା ଦେଖାଇ ଦୃଢ଼ ଘୋଷଣା କରେ ଯେ, କେବଳ ସେହି ଧର୍ମର ପ୍ରଦର୍ଶିତ ମାର୍ଗରେ ହିଁ ମୁକ୍ତି ସମ୍ଭବ; ଅନ୍ୟ କୌଣସି ଧର୍ମମାର୍ଗ ଏଥିପାଇଁ ଉପଯୁକ୍ତ ନୁହେଁ । କିନ୍ତୁ ହିନ୍ଦୁଧର୍ମରେ ଏପ୍ରକାର ମତାନ୍ଧ ଘୋଷଣାର ସ୍ଥାନ ନାହିଁ । ହିନ୍ଦୁଧର୍ମ କହେ ଯେ, ଅନ୍ତିମ ଲକ୍ଷ୍ୟ ଲାଭପାଇଁ ଏହି ଧର୍ମ ଏକ ଆଦର୍ଶ ମାର୍ଗ; ଅନ୍ୟ ଯେଉଁସବୁ ମାର୍ଗ ମନୁଷ୍ୟକୁ ନେଇ ଅନ୍ତିମ ଲକ୍ଷ୍ୟସ୍ଥଳରେ ଉପନୀତ କରାଇଦେଇପାରେ, ସେସବୁ ମାର୍ଗକୁ ମଧ୍ୟ ହିନ୍ଦୁଧର୍ମ ସ୍ୱୀକାର କରେ ।

ଇତର ଧର୍ମକୁ ଆତିଥ୍ୟ ପ୍ରଦର୍ଶନ କରିବା ଗୁଣରେ ହିନ୍ଦୁଧର୍ମ ଅଦ୍ୱିତୀୟ । ଏ ଧର୍ମର ଦୃଷ୍ଟିକୋଣ ବଡ଼ ପ୍ରଶସ୍ତ, ବଡ ଉଦାର । ଏହାହିଁ ହିନ୍ଦୁଧର୍ମର ମୌଳିକ ସ୍ୱରୂପ ! ହିନ୍ଦୁଧର୍ମ ଅନ୍ୟ ସକଳ ଧର୍ମକୁ ସମ୍ମାନ ଦିଏ । ଏହି ଧର୍ମ ଅନ୍ୟ କୌଣସି ଧର୍ମର ନିନ୍ଦା କରେ ନାହିଁ । ଯାହା ସତ୍ୟ, ତାହା ଯେ କୌଣସି

ସ୍ଥାନରୁ ଆସିଥାଉ ନା କାହିଁକି, ଯେ କୌଣସି ରୂପରେ ପ୍ରକାଶିତ ହୋଇଥାଉ ନା କାହିଁକି, ହିନ୍ଦୁଧର୍ମ ତାହାକୁ ସାଦରେ ଗ୍ରହଣ କରିଥାଏ ।

ହିନ୍ଦୁ ଧର୍ମଶାସ୍ତ୍ର— ହିନ୍ଦୁଧର୍ମର ପ୍ରାମାଣିକ ଗ୍ରନ୍ଥ ଦ୍ୱିବିଧ, ଯଥା ଶ୍ରୁତି ଓ ସ୍ମୃତି । ଶ୍ରୁତିର ଆକ୍ଷରିକ ଅର୍ଥ ହେଉଛି, ଯାହା ଶୁଣାଯାଇଛି ଏବଂ ସ୍ମୃତିର ଆକ୍ଷରିକ ଅର୍ଥ ହେଉଛି, ଯାହା ସ୍ମରଣ କରି ରଖାଯାଇଛି । ଶ୍ରୁତି ହେଉଛି ପ୍ରତ୍ୟାଦେଶ ବା ଈଶ୍ୱରବାଣୀ ଏବଂ ସ୍ମୃତି ହେଉଛି ପରମ୍ପରା । ଯେଉଁ ସତ୍ୟ-ବାଣୀ ପ୍ରକାଶିତ ହୋଇ ଶୁଣିବାକୁ ମିଳିଥିଲା, ତାହା ଶ୍ରୁତି । ଉପନିଷଦ ଏକ ଶ୍ରୁତି । ଯାହା ଚିରକାଳ ଧରି ମନେରଖାଯାଇଛି, ତାହା ସ୍ମୃତି । ଭଗବଦ୍‌ଗୀତା ଏକ ସ୍ମୃତି ଶାସ୍ତ୍ର ।

ଶ୍ରୁତି ହେଉଛି ପ୍ରତ୍ୟକ୍ଷ ଅନୁଭୂତି । ମହାନ ଋଷିଗଣ ଧର୍ମର ଶାଶ୍ୱତ ସତ୍ୟବାଣୀ ଶ୍ରବଣ କରିବାକୁ ପାଇଥିଲେ ଏବଂ ଉତ୍ତରକାଳର ମଙ୍ଗଳ ନିମନ୍ତେ ସେମାନେ ସେସବୁକୁ ସଂରକ୍ଷିତ କରି ରଖିଯାଇଛନ୍ତି । ବେଦ ହେଉଛି ସେହି ସମସ୍ତ ସଂରକ୍ଷିତ ସତ୍ୟର ଏକ ସଙ୍କଳନ । ସୁତରାଂ ଶ୍ରୁତି ହେଉଛି ମୁଖ୍ୟ ମୌଳିକ ପ୍ରାମାଣିକ ଗ୍ରନ୍ଥ । ସ୍ମୃତି ହେଉଛି ସେହି ମହାନ ଅନୁଭୂତିର ସଂସ୍କରଣ । ତେଣୁ ସ୍ମୃତି ହେଉଛି ଅପ୍ରଧାନ ପ୍ରାମାଣିକ ଗ୍ରନ୍ଥ । ସ୍ମୃତିଶାସ୍ତ୍ର ବା ଧର୍ମଶାସ୍ତ୍ର ଶ୍ରୁତି ଉପରେ ଆଧାରିତ । ସେଗୁଡ଼ିକ ମଧ୍ୟ ଋଷିମାନଙ୍କର ରଚିତ ଗ୍ରନ୍ଥ କିନ୍ତୁ ସେଗୁଡ଼ିକ ପରମ ପ୍ରାମାଣିକ ଗ୍ରନ୍ଥ ନୁହନ୍ତି । ଯଦି କୌଣସି ସ୍ମୃତିଶାସ୍ତ୍ରରେ ଶ୍ରୁତିର ବିରୋଧ କରୁଥିବା କୌଣସି ବିଷୟ ରହିଥାଏ; ତେବେ ତାହା ପ୍ରତ୍ୟାଖ୍ୟାନ କରାଯିବ । ଶ୍ରୀମଦ୍ ଭଗବଦ୍‌ଗୀତା ଏକ ସ୍ମୃତିଶାସ୍ତ୍ର; ମହାଭାରତ ମଧ୍ୟ ଏକ ସ୍ମୃତିଶାସ୍ତ୍ର ।

ବେଦ ଓ ଉପନିଷଦ— ଶ୍ରୁତିଗଣଙ୍କୁ ବେଦ ବା ଆମ୍ନାୟ ବୋଲିଯାଏ । ଏଗୁଡ଼ିକ ପ୍ରତ୍ୟକ୍ଷୀକୃତ ସ୍ୱୟଂସ୍ଫୂର୍ତ୍ତି ସ୍ୱଜ୍ଞାତ ପ୍ରତ୍ୟାଦେଶ । ତେଣୁ ଏଗୁଡ଼ିକୁ ଅପୌରୁଷେୟ ବା ଅତିମାନବିକ ଗ୍ରନ୍ଥ ବା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ଦ୍ୱାରା ରଚିତ ନ ହୋଇଥିବା ଗ୍ରନ୍ଥ ବୋଲିଯାଏ ।

ଈଶ୍ୱର ଭାରତର ପ୍ରାଚୀନ ଋଷିମାନଙ୍କ ନିକଟରେ ଯେଉଁ ସତ୍ୟ ପ୍ରକାଶ କରିଥିଲେ, ସେହି ଶାଶ୍ୱତ ସତ୍ୟ ହିଁ ବେଦ । ଋଷି ଅର୍ଥ ଦିବ୍ୟଦ୍ରଷ୍ଟା; ସେ ହେଉଛନ୍ତି ଉନ୍ନତ ଚିନ୍ତା ଓ ଚେତନାର ଜଣେ ଦ୍ରଷ୍ଟା; ସେ ଯେଉଁ ଚିନ୍ତା ଓ ଚେତନା ପ୍ରକାଶ କରିଛନ୍ତି, ତାହା ତାଙ୍କର ନିଜର ଚିନ୍ତା ବା ଚେତନା ନୁହେଁ । ଋଷି ସତ୍ୟ ଦର୍ଶନ କରିଥିଲେ ବା ସତ୍ୟ ଶ୍ରବଣ କରିଥିଲେ । ସେ ତାହା ନିଜେ ରଚନା କରି ନ ଥିଲେ । ସେହି ସତ୍ୟ ବା ଚିନ୍ତାଧାରା ତାଙ୍କର ନିଜର ସୃଷ୍ଟି ନୁହେଁ । ସେହି ସତ୍ୟ

ପୂର୍ବରୁ ରହିଆସିଥିଲା; ଋଷି ତାହା ଦର୍ଶନ କରିବାକୁ ପାଇଥିଲେ । ତେଣୁ ସେ ଥିଲେ କେବଳ ସେହି ମହାନ ଚିନ୍ତାର ଆଧ୍ୟାତ୍ମିକ ଆବିଷ୍କାରକ ।

ଋଷି ବେଦ ଉଦ୍ଭାବନ କରି ନ ଥିଲେ । ସ୍ୱକୀୟଲବ୍ଧ ସତ୍ୟାନୁଭୂତି ଦ୍ୱାରା ସେ ଯାହା ଲାଭ କରିଥିଲେ, ତାହା ନେଇ ଲୋକସମାଜରେ ପହଞ୍ଚାଇ ଦେବା ସକାଶେ ସେ ଥିଲେ ଏକ ମାଧ୍ୟମମାତ୍ର । ବେଦର ପ୍ରତ୍ୟେକଟି ମନ୍ତ୍ର ଗୋଟିଏ ଗୋଟିଏ ପ୍ରତ୍ୟାଦେଶ ବା ଈଶ୍ୱରବାଣୀ । ଜଣେ ବିଶିଷ୍ଟ ଦେବଦୂତ ଅଥବା କୌଣସି ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଯେଉଁ ଈଶ୍ୱରାଦେଶ ଜଣାଇ ଦେଇଥିଲେ, ତାହାକୁ ଆଧାର କରି ଗୋଟିଏ ନୂତନ ଧର୍ମଶାସ୍ତ୍ର ରଚିତ ହୋଇଥିଲା । ଏହି ପ୍ରଣାଳୀରେ ହିଁ ଜଗତର ଅନ୍ୟ ସମସ୍ତ ଧର୍ମଶାସ୍ତ୍ରର ସୃଷ୍ଟି ହୋଇଥିଲା । କିନ୍ତୁ ହିନ୍ଦୁମାନଙ୍କର ବେଦ ଏପରି କୌଣସି ଦେବତାଙ୍କ ଦ୍ୱାରା ସୃଷ୍ଟ ହୋଇ ନ ଥିଲା । ବେଦ ନିଜେ ନିଜର ସ୍ରଷ୍ଟା ଏବଂ ନିଜେ ନିଜର ପ୍ରମାଣ । ବେଦ ଶାଶ୍ୱତ; ବେଦ ସ୍ୱୟଂ ପରମେଶ୍ୱରଙ୍କର ଜ୍ଞାନ ।

ବେଦ ହେଉଛି ମନୁଷ୍ୟଜାତିର ଗ୍ରନ୍ଥାଗାରରେ ଥିବା ପ୍ରାଚୀନତମ ଗ୍ରନ୍ଥ । ବିଶ୍ଲେଷଣ କଲେ ଦେଖାଯିବ, ବେଦରୁ ହିଁ ଜଗତର ଯାବତୀୟ ଧାର୍ମିକ ଜ୍ଞାନର ଉଦ୍ଭବ ହୋଇଛି । ଧର୍ମ ଭଗବତ୍ ସୃଷ୍ଟ । ଆଦିମକାଳରେ ଏହା ଭଗବତ୍ କର୍ତ୍ତୃକ ମନୁଷ୍ୟ ନିକଟରେ ପ୍ରକାଶିତ ହୋଇଥିଲା । ସେହି ଧର୍ମ ବେଦରେ ରୂପାୟିତ ହୋଇଛି ।

ଉପନିଷଦଗୁଡ଼ିକ ବେଦର ଶେଷାଂଶ ବା ଅନ୍ତିମ ଚରଣ । ଉପନିଷଦ୍‌ଭିତ୍ତିକ ଉପଦେଶକୁ ବେଦାନ୍ତ ବୋଲିଯାଏ, ଉପନିଷଦଗୁଡ଼ିକ ବେଦର ସାରାଂଶ ବା ଅନ୍ତିମ ଉଦ୍ଦେଶ୍ୟ । ଉପନିଷଦକୁ ଆଧାର କରି ହିଁ ହିନ୍ଦୁଧର୍ମ ଗଢ଼ିଉଠିଛି ।

ମୁଖ୍ୟ ଉପନିଷଦଗୁଡ଼ିକର ନାମ ହେଲା : ଈଶା, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ, କୌଷିତକୀ ଏବଂ ଶ୍ୱେତାଶ୍ୱେତର । ପ୍ରତ୍ୟେକଟି ଉପନିଷଦ ଗୋଟିଏ ଗୋଟିଏ ବିଶେଷ ପ୍ରାମାଣିକ ଗ୍ରନ୍ଥ ।

ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଦ୍ୱୈତ, ଶୁଦ୍ଧ ଅଦ୍ୱୈତ, ଭେଦାଭେଦ ଇତ୍ୟାଦି ବିଭିନ୍ନ ମତବାଦୀ ଭାରତୀୟ ଦାର୍ଶନିକଗଣ ଉପନିଷଦକୁ ଅନ୍ତିମ ପ୍ରମାଣ ବୋଲି ସ୍ୱୀକାର କରିଯାଇଛନ୍ତି । ସେମାନେ ନିଜେ ନିଜର ସ୍ୱତନ୍ତ୍ର ବ୍ୟାଖ୍ୟାମାନ କରିଛନ୍ତି ସତ ତଥାପି ସମସ୍ତେ ଉପନିଷଦର ପ୍ରାମାଣିକତା ସ୍ୱୀକାର କରିଛନ୍ତି । ଉପନିଷଦରୂପକ ଭିତ୍ତି ଉପରେ ହିଁ ସେମାନେ ନିଜ ନିଜର ଦର୍ଶନ ରଚନା କରିଛନ୍ତି ।

ଉପନିଷଦର ଦର୍ଶନ ଅତ୍ୟନ୍ତ ଗଭୀର, ମହାନ, ଉନ୍ନତ ଓ ହୃଦୟସ୍ପର୍ଶୀ । ଉପନିଷଦରେ ଅତି ନିଗୂଢ଼ ଆଧ୍ୟାତ୍ମିକ ସତ୍ୟସବୁ ଉଦ୍‌ଘାଟିତ ହୋଇଛି । ଉପନିଷଦର ଋଷିଗଣଙ୍କୁ ପାଶ୍ଚାତ୍ୟ ପଣ୍ଡିତମାନେ ମଧ୍ୟ ଆନ୍ତରିକ ଭକ୍ତି ପ୍ରଦର୍ଶନ କରିଛନ୍ତି । ଉପନିଷଦର ଚିନ୍ତାଧାରା ଏତେ ଉଚ୍ଚ, ଏତେ ମହାନ ଯେ, ତାହା ଦେଖି ସେମାନେ ବିସ୍ମିତ ହୋଇଯାଇଛନ୍ତି । ଜର୍ମାନ ଦାର୍ଶନିକ ସ୍କପେନହର୍ ଉପନିଷଦର ଅଧ୍ୟୟନ କରି ପ୍ରତ୍ୟହ ଶୋଇବା ପୂର୍ବରୁ ଉପନିଷଦର ଦର୍ଶନ ଉପରେ ଧ୍ୟାନ କରୁଥିଲେ । ସେ କହିଛନ୍ତି, "ଉପନିଷଦ ହିଁ ମୋ ଜୀବନର ସାନ୍ତ୍ୱନା; ମୋର ମୃତ୍ୟୁ ପରେ ମଧ୍ୟ ଉପନିଷଦ ମୋ ପକ୍ଷରେ ସାନ୍ତ୍ୱନାପ୍ରଦ ହେବ ।"

ପ୍ରାଚୀନ ଋଷିମାନଙ୍କର ଉପଦେଶାବଳି କେବଳ ହିନ୍ଦୁମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ନୁହେଁ, ସେସବୁ ଉପଦେଶ ମନୁଷ୍ୟମାତ୍ରେ ସମସ୍ତଙ୍କୁ ସ୍ପର୍ଶ କରେ । ସେଗୁଡ଼ିକ ସାର୍ବଜନୀନତାରେ ମହୀୟାନ । ଉପନିଷଦ ସମଗ୍ର ଜଗତର ଅଧିବାସୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ । ଗୀତା ଓ ଉପନିଷଦ ସମଗ୍ର ମାନବ ସମାଜର ଗ୍ରନ୍ଥ ।

ହିନ୍ଦୁ ପୁରାଣ— ପ୍ରତ୍ୟେକ ଧର୍ମର ତିନିଗୋଟି ଅଙ୍ଗ ରହିଛି ଯଥା— ଦର୍ଶନ, ପୁରାଣ ଓ କର୍ମକାଣ୍ଡ । ଦର୍ଶନ ହେଉଛି ଧର୍ମର ସାରତତ୍ତ୍ୱ । ଦର୍ଶନ ହିଁ ଧର୍ମର ମୌଳିକ ତତ୍ତ୍ୱ, ନୀତି ବା ଆଦର୍ଶ ଅର୍ଥାତ୍ ତାହା ମୌଳିକ ଲକ୍ଷ୍ୟ ନିର୍ଦ୍ଧାରଣ କରେ । ପୁଣି ଏହି ଦର୍ଶନ ହିଁ ଉକ୍ତ ଲକ୍ଷ୍ୟ ବା ଆଦର୍ଶ ଲାଭ କରିବାର ଉପାୟ ନିର୍ଦ୍ଧାରଣ କରେ । ଅତୀତର ମହାନ ବ୍ୟକ୍ତିମାନଙ୍କର ବିସ୍ମୟକର ଜୀବନ-କାହାଣୀ ମାଧ୍ୟମରେ ଦର୍ଶନତତ୍ତ୍ୱକୁ ଚର୍ଚ୍ଚିତ, ରସାଣିତ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରି ପୁରାଣ ତାହାକୁ ଲୋକରେ ପରିବେଷଣ କରେ । କର୍ମକାଣ୍ଡ ଦର୍ଶନକୁ ଆହୁରି ସ୍ଥୂଳ-ରୂପ ଦେଇ ସମସ୍ତଙ୍କର ବୋଧଗମ୍ୟ କରିଦିଏ । ପୂଜାପଦ୍ଧତି ଓ ଉତ୍ସବ-ଅନୁଷ୍ଠାନ ନେଇ କର୍ମକାଣ୍ଡ ରଚିତ ।

ପୁରାଣ ହେଉଛି ପ୍ରତ୍ୟେକ ଧର୍ମର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପୁରାଣ ଦର୍ଶନର ଏକ ସ୍ଥୂଳରୂପ । ସୁଦୂର ଅତୀତରେ ବିଶେଷତଃ ମନୁଷ୍ୟ ଜାତିର ପ୍ରାରମ୍ଭିକ ଯୁଗର ବିବିଧ ଘଟଣା ଉପରେ ଆଧାରିତ କିମ୍ବଦନ୍ତୀ, ଗଳ୍ପ ଓ ରୂପକଥାର ତାତ୍ତ୍ୱିକ ମୂଲ୍ୟ ଅନୁସନ୍ଧାନ କରିବା ନିମନ୍ତେ ପୁରାଣ ହେଉଛି ଏକ ବିଜ୍ଞାନ । ବିଭିନ୍ନ ନୀତିକଥା ଓ ପ୍ରଶଂସନୀୟ ଘଟଣାର ଉଦାହରଣ ମାଧ୍ୟମରେ ପୁରାଣ ପାଠକମାନଙ୍କୁ ଉଦ୍‌ବୁଦ୍ଧ କରାଏ ଏବଂ ସେମାନଙ୍କୁ ଜୀବନର ଲକ୍ଷ୍ୟଲାଭ ପଥରେ ତଥା ପୂର୍ଣ୍ଣତାପ୍ରାପ୍ତି ପଥରେ ପରିଚାଳିତ କରିନିଏ । ଦର୍ଶନର ନିଗୂଢ଼ ତତ୍ତ୍ୱ ଓ ବିମୂର୍ତ୍ତ ଉପଦେଶାବଳି ଉପରେ କାହାଣୀ, ଗଳ୍ପ, କିମ୍ବଦନ୍ତୀ ବର୍ଣ୍ଣନାତ୍ମକ ତଥା ରୂପକର ଆବରଣ ଦେଇ ପୁରାଣ ସେଗୁଡ଼ିକୁ ଅତ୍ୟନ୍ତ ଚିତ୍ତାକର୍ଷକ ଓ ଆଗ୍ରହୋଦ୍ଦୀପକ କରି

ଦେଇଥାଏ । ହିନ୍ଦୁଧର୍ମର ବିଭିନ୍ନ ଆଦର୍ଶ ଓ ନିଗୂଢ଼ତତ୍ତ୍ୱମୂର୍ତ୍ତି ଦର୍ଶନତତ୍ତ୍ୱ ହୃଦୟସ୍ପର୍ଶୀ ଗଳ୍ପ ମାଧ୍ୟମରେ ଜନମାନସରେ ଅତି ଚମତ୍କାରଭାବରେ ପ୍ରବେଶ କରିଯାଇଛି ।

ପୁରାଣରେ କେତେକାଂଶରେ ଇତିହାସ ମଧ୍ୟ ମିଶି ରହିଛି । ତେଣୁ ପୁରାଣ ଓ ଇତିହାସ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ ନିର୍ଦ୍ଧାରଣ କରିବା କଷ୍ଟକର ।

ଭାରତର ପ୍ରାଚୀନ ପୁରାଣ ଅନ୍ତରାଳରେ ବହୁ ବିରାଟ ସତ୍ୟ ନିହିତ । ତେଣୁ ପୁରାଣ ଅନ୍ତର୍ଗତ କୌଣସି ବିଷୟକୁ ପ୍ରତ୍ୟାଖ୍ୟାନ କରିଦିଆଯାଇ ନ ପାରେ । ଏ ବିଷୟ ନେଇ କୌଣସି ଯୁକ୍ତି କରନ୍ତୁ ନାହିଁ ; କୌଣସି ପ୍ରକାର ପାଟି ଖୋଲନ୍ତୁ ନାହିଁ । ପୁରାଣ ଅଧ୍ୟୟନ କରିବାବେଳେ ନିଜ ବୁଦ୍ଧିକୁ ଦୂରେଇ ରଖନ୍ତୁ ; ଆଧ୍ୟାତ୍ମିକ ଅଧ୍ୟୟନ କ୍ଷେତ୍ରରେ ବୁଦ୍ଧି ଏକ ବିରାଟ ପ୍ରତିବନ୍ଧକ । ବୁଦ୍ଧି ଆପଣଙ୍କୁ ଭ୍ରମରେ ପକାଇଦେବ । ଔଦ୍ଧତ୍ୟ ଓ ଅହଙ୍କାର ଛାଡ଼ିଦିଅନ୍ତୁ । ପୁରାଣ ରଚନା ମଧ୍ୟରେ ଯେଉଁ କଳ୍ପନା ବିଳାସ ଓ ଉପମାର ବ୍ୟବହାର କରାଯାଇଛି, ସେଥିପ୍ରତି ଶ୍ରଦ୍ଧାବାନ ହୁଅନ୍ତୁ । ଶିଶୁସୁଲଭ ସରଳତା ନେଇ ପୁରାଣ ପାଖରେ ବସି-ପଡ଼ନ୍ତୁ ଏବଂ ଖୋଲାମନରେ ପୁରାଣ ପଢ଼ନ୍ତୁ ବା ଶୁଣନ୍ତୁ । ତେବେ ଯାଇ ପୁରାଣ ଯେଉଁସବୁ ମହାସତ୍ୟ ଉଦ୍‌ଘାଟନ କରିଛି, ତାହା ହୃଦୟଙ୍ଗମ କରିପାରିବେ; ସେହି ଯେଉଁ ମୁନିଋଷିଗଣ ପୁରାଣ ରଚନା କରିଥିଲେ, ଆପଣ ସେମାନଙ୍କର ଅନ୍ତର ଦର୍ଶନ କରିପାରିବେ । ସେତେବେଳେ ହିଁ ପୁରାଣକୁ ଯଥାର୍ଥଭାବରେ ଉପଭୋଗ କରିପାରିବେ ।

ଭୂଗୋଳ ଅଧ୍ୟୟନ କରିବାବେଳେ ଆପଣ ମାନଚିତ୍ରର ସାହାଯ୍ୟ ନେଇ-ଥାନ୍ତି । ମାନଚିତ୍ରରେ ପ୍ରକୃତ ଦେଶ ବା ନଗର ବୋଲି କିଛି ନ ଥାଏ ତଥାପି ମାନଚିତ୍ର ହିଁ ବିଭିନ୍ନ ଦେଶ ବିଷୟରେ ସମ୍ୟକ ଜ୍ଞାନ ଅର୍ଜନ କରିବାରେ ବିଶେଷ ସାହାଯ୍ୟ କରେ । ପୁରାଣର ଭୂମିକା ମଧ୍ୟ ଅବିକଳ ସେଇଆ । କେବଳ କାହାଣୀ ଓ ରୂପକଥା ମାଧ୍ୟମରେ ଆପଣ ନିଗୂଢ଼ ଦାର୍ଶନିକ ସତ୍ୟସମୂହ ହୃଦୟଙ୍ଗମ କରି-ପାରିବେ । ଜନମନକୁ ଧର୍ମର ସତ୍ୟଆଡ଼କୁ ଟାଣିନେବା ହିଁ ପୁରାଣର କିମ୍ବଦନ୍ତୀ ଓ ରୂପକଥାସବୁର ଅସଲ ଉଦ୍ଦେଶ ।

ପୁରାଣ ଅଧ୍ୟୟନ କଲେ ଆପଣ ନିଜର ଚରିତ୍ର ନିର୍ମାଣ ନିମନ୍ତେ ତଥା ଏକ ଆଦର୍ଶ ଆଧ୍ୟାତ୍ମିକ ଜୀବନ ଯାପନ ନିମନ୍ତେ ବହୁ ଆଦର୍ଶ ଶିକ୍ଷା ଲାଭ କରି-ପାରିବେ । ପ୍ରଭୁ ଶ୍ରୀରାମ, ପ୍ରଭୁ ଶ୍ରୀକୃଷ୍ଣ, ଭୀଷ୍ମ, ନଳ, ହରିଶ୍ଚନ୍ଦ୍ର, ଲକ୍ଷ୍ମଣ, ଭରତ, ହନୁମାନ, ଯୁଧିଷ୍ଠିର, ଅର୍ଜୁନ, ସୀତା, ସାବିତ୍ରୀ, ଦମୟନ୍ତୀ ଓ ରାଧା ପ୍ରଭୃତି ମହାନ୍

ଚରିତ୍ରମାନଙ୍କର ଜୀବନୀ ଆପଣଙ୍କର ଜୀବନ ତଥା ଆଚାର ଓ ଚରିତ୍ର ନିର୍ମାଣପାଇଁ ପ୍ରଭୂତ ଆଧ୍ୟାତ୍ମିକ ପ୍ରେରଣାର ଅସରନ୍ତି ଉତ୍ସସ୍ୱରୂପ କାର୍ଯ୍ୟ କରିବ । ପ୍ରହେଳିକାରେ ପଡ଼ି ଆପଣ ଯେତେବେଳେ କଣ କରିବ ବୋଲି ଦ୍ୱିଧାଗ୍ରସ୍ତ ହୋଇଯିବେ, ଯେତେ-ବେଳେ କର୍ତ୍ତବ୍ୟକ୍ଷେତ୍ରରେ ଦ୍ୱନ୍ଦ୍ୱ ଉପୁଜିବ; ସେତେବେଳେ ପୁରାଣ-ଅଧ୍ୟୟନ ଆପଣଙ୍କୁ ସଠିକ ସମାଧାନ ଯୋଗାଇଦେବ ।

ପୁରାଣ ବହୁ ଅତିକଥାରେ ପୂର୍ଣ୍ଣ । ପୁରାଣ ମାଧ୍ୟମରେ ବଡ଼ ସରଳ ଓ ଚିତ୍ତାକର୍ଷକ ପ୍ରଣାଳୀରେ ଧର୍ମଶିକ୍ଷା ଦିଆଯାଇଆସିଛି ଏବଂ ବର୍ତ୍ତମାନ ମଧ୍ୟ ପୁରାଣ ଲୋକପ୍ରିୟ ହୋଇ ରହିଛି । ପୁରାଣଗୁଡ଼ିକରେ ସୁଦୂର ଅତୀତର ଇତିହାସ ଲିପିବଦ୍ଧ ହୋଇ ରହିଛି । ପୁଣି ସାଧାରଣ ରକ୍ତମାଂସର ଚକ୍ଷୁରେ ବିଶ୍ୱର ଯେଉଁସବୁ ଲୋକ ଦେଖିହୁଏ ନାହିଁ, ପୁରାଣରେ ସେସବୁ ଲୋକର ବର୍ଣ୍ଣନା ମଧ୍ୟ ଦିଆଯାଇଛି । ପୁରାଣ ପାଠ ବଡ଼ ଉତ୍ସାହପ୍ରଦ । ପୁରାଣଗୁଡ଼ିକ ସର୍ବବିଧ ଜ୍ଞାନରେ ପୂର୍ଣ୍ଣ । ବାଳକ-ବାଳିକାମାନେ ଜେଜେମାଆ ବା ଆଈଙ୍କ ମୁହଁରୁ ପୁରାଣର ଗଳ୍ପ ଶୁଣନ୍ତି । ମନ୍ଦିର ପ୍ରାଙ୍ଗଣରେ, ନଦୀକୂଳରେ ତଥା ଅନ୍ୟାନ୍ୟ ବିଶିଷ୍ଟ ସ୍ଥାନମାନଙ୍କରେ ପଣ୍ଡିତ ଓ ପୁରୋହିତମାନେ ପୁରାଣର 'କଥା' ପରିବେଷଣ କରନ୍ତି; କୃଷକ, ଶ୍ରମିକ ଓ ବଣିକ-ବ୍ୟବସାୟୀ 'କଥା' ଶୁଣନ୍ତି । ଫଳରେ ହିନ୍ଦୁ ଦର୍ଶନ, ହିନ୍ଦୁ ଆଦର୍ଶ ଓ ହିନ୍ଦୁ-ଭାବଧାରାରେ ଜନମନ ପୂର୍ଣ୍ଣପରିପୃକ୍ତ ହୋଇଯାଇ ଉଚ୍ଚ ଆଧ୍ୟାତ୍ମିକ ରାଜ୍ୟକୁ ଉନ୍ନୀତ ହୋଇଯାଏ ।

ଅଭ୍ୟାସ ଉପରେ ଗୁରୁତ୍ୱ— ହିନ୍ଦୁଧର୍ମ ଆଧ୍ୟାତ୍ମିକ ଜ୍ଞାନ ଯୋଗାଇଥାଏ ଏବଂ ଯୋଗ ପୂର୍ଣ୍ଣତଃ ବ୍ୟାବହାରିକ ଶିକ୍ଷା ପ୍ରଦାନ କରିଥାଏ । ଅନ୍ୟ କୌଣସି ଧର୍ମରେ ଏତେ ପ୍ରକାର ଯୋଗାଭ୍ୟାସର ବ୍ୟବସ୍ଥା କିମ୍ବା ନିଗୂଢ଼ ଦର୍ଶନର ଏପରି ଅନୁପମ ବ୍ୟାଖ୍ୟା ଦେଖିବାକୁ ମିଳେ ନାହିଁ ।

ମନୋଭାବ, ଶକ୍ତି, ରୁଚି, ଆଧ୍ୟାତ୍ମିକ-ବିକାଶର ସ୍ତର ଏବଂ ପରିବେଶ ଅନୁଯାୟୀ ପ୍ରତ୍ୟେକ ଶ୍ରେଣୀର ଲୋକଙ୍କପାଇଁ ହିନ୍ଦୁଧର୍ମ ଆଧ୍ୟାତ୍ମିକ ଜ୍ଞାନ ତଥା ଯୋଗ ସାଧନାର ବ୍ୟବସ୍ଥା କରିଦେଇଛି । ହିନ୍ଦୁଧର୍ମ ଏପରି ଯୋଗ ସାଧନାର ବ୍ୟବସ୍ଥା କରିଦେଇଛି ଯେ, ତାହା ଅଭ୍ୟାସ କଲେ ଚଣ୍ଡାଳ ଓ ଚର୍ମକାର ଶ୍ରେଣୀର ଲୋକେ ମଧ୍ୟ ନିଜ ନିଜର କୌଳିକ ବୃତ୍ତି କରିବା ସଙ୍ଗେ ସଙ୍ଗେ ଈଶ୍ୱର ଉପଲବ୍ଧି କରିପାରିବେ । ହିନ୍ଦୁ ଯୋଗାଚାର୍ଯ୍ୟ ଓ ବେଦାନ୍ତାଚାର୍ଯ୍ୟଗଣ ଆତ୍ମସଂଯମ, ତପସ୍ୟା, ତ୍ୟାଗ ଓ ବ୍ୟାବହାରିକ ସାଧନା ଉପରେ ବିଶେଷ ଗୁରୁତ୍ୱ ଆରୋପ କରନ୍ତି, କାରଣ ଏହାହିଁ ମନ ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିବାରେ ତଥା ଅନ୍ତରର ଦିବ୍ୟତ୍ୱ ଉଦ୍‌ଘାଟନରେ ଅର୍ଥାତ୍ ଆତ୍ମସାକ୍ଷାତ୍‌କାରରେ ସର୍ବାଧିକ ସାହାଯ୍ୟ କରେ ।

ଦର୍ଶନର ବ୍ୟାବହାରିକ ଦିଗଟିର ନାମ ଧର୍ମ ଏବଂ ଧର୍ମର ତାତ୍ତ୍ୱିକ ଦିଗଟିର ନାମ ଦର୍ଶନ । ହିନ୍ଦୁଦର୍ଶନ ଆଳସ୍ୟପରାୟଣମାନଙ୍କର ଦର୍ଶନ ନୁହେଁ; ଏ ଦର୍ଶନ କେବଳ ଅଯଥା ଆଲୋଚନା ପାଇଁ ବା ବୌଦ୍ଧିକ କୌତୁହଳ ନିବାରଣ-ପାଇଁ ଉଦ୍ଦିଷ୍ଟ ନୁହେଁ । ହିନ୍ଦୁଦର୍ଶନ ଏକ ସ୍ୱତନ୍ତ୍ର ଜୀବନକ୍ରମକୁ ବୁଝାଏ । ହିନ୍ଦୁ ଦାର୍ଶନିକ ଗ୍ରନ୍ଥ ଅଧ୍ୟୟନ କରିସାରିବାପରେ ଗଭୀର ଆତ୍ମଚିନ୍ତନରେ ନିମଜ୍ଜିତ ହୋଇଯାଏ; ପୁଙ୍ଖାନୁପୁଙ୍ଖ ଆତ୍ମଚିନ୍ତନ କରି ସେ ସତତ ଧ୍ୟାନରେ ନିମଗ୍ନ ହୋଇଯାଏ ଏବଂ ତାପରେ ତା'ପକ୍ଷରେ ଆତ୍ମସାକ୍ଷାତ୍କାର ସମ୍ଭବ ହୁଏ । ମୋକ୍ଷ ହେଉଛି ହିନ୍ଦୁ ଦାର୍ଶନିକର ଲକ୍ଷ୍ୟସ୍ଥଳ; ସେ ଇହଜଗତରେ ଇହଜନ୍ମରେ ଜୀବନ୍ମୁକ୍ତି ଲାଭ ନିମିତ୍ତ ଉଦ୍ୟମ କରେ ।

ବିଭିନ୍ନ ହିନ୍ଦୁ ସମ୍ପ୍ରଦାୟ— ହିନ୍ଦୁଧର୍ମରେ ବିଭିନ୍ନ ସମ୍ପ୍ରଦାୟ ଓ ମତବାଦ ରହିଛି ବୋଲି ଶୁଣିଦେଲେ ବୈଦେଶିକମାନ ଆଶ୍ଚର୍ଯ୍ୟାନ୍ୱିତ ହୋଇଯାଆନ୍ତି । କିନ୍ତୁ ଏସବୁ ବିବିଧତା ପ୍ରକୃତ ପକ୍ଷରେ ହିନ୍ଦୁଧର୍ମର ଏକ ସୌନ୍ଦର୍ଯ୍ୟ ବା ଭୂଷଣ-ସ୍ୱରୂପ । ଆମର ସାମ୍ପ୍ରଦାୟିକ ବିବିଧତା କୌଣସି ପ୍ରକାରରେ ଆମର ଦୋଷ ଦୁର୍ବଳତା ନୁହେଁ । ମାନସିକ ବିକାଶ ଓ ରୁଚିବୋଧ ଦୃଷ୍ଟିରୁ ଆମ ସମାଜରେ ବିଭିନ୍ନ ଲୋକ ବାସ କରନ୍ତି । ତେଣୁ ସାମ୍ପ୍ରଦାୟିକ ବିବିଧତା ରହିବ ହିଁ ରହିବ । ଏହା ଏକ ନିତାନ୍ତ ସ୍ୱାଭାବିକ କଥା । ବିବିଧତା ହେଉଛି ଆମ ହିନ୍ଦୁଧର୍ମର ଏକ ବିଶେଷତା । ହିନ୍ଦୁଧର୍ମର କ୍ଷେତ୍ର ଅତ୍ୟନ୍ତ ପ୍ରଶସ୍ତ ହୋଇଥିବାରୁ ଏଠାରେ ନିମ୍ନତମଠାରୁ ଆରମ୍ଭ କରି ଉଚ୍ଚତମପର୍ଯ୍ୟନ୍ତ ସକଳ ସ୍ତରର ମନୁଷ୍ୟ ଆଶ୍ରୟ ନେଇ ନିଜ ନିଜର ବିକାଶ ଓ ବିବର୍ତ୍ତନ ସାଧନ କରିପାରନ୍ତି ।

'ହିନ୍ଦୁଧର୍ମ'ର ତାତ୍ପର୍ଯ୍ୟ ଅତ୍ୟନ୍ତ ବ୍ୟାପକ ଓ ଅତି ପ୍ରଶସ୍ତ । ଏହି ଧର୍ମ ମଧ୍ୟରେ ବହୁ ସମ୍ପ୍ରଦାୟ ବହୁ ପ୍ରଣାଳୀ ରହିଛି । ବିଭିନ୍ନ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ମତଦ୍ୱୈଧ ରହିଛି; ତଥାପି ସେମାନଙ୍କ ମଧ୍ୟରେ କୌଣସି ଶତ୍ରୁତା ନାହିଁ । ବେଦାନ୍ତର ବିଭିନ୍ନ ବିଭାଗ ଅନୁଯାୟୀ ବିଭିନ୍ନ ବାଦ ତଥା ଶୈବ, ଶାକ୍ତ, ବୈଷ୍ଣବ ଆଦି ବିଭିନ୍ନ ସମ୍ପ୍ରଦାୟ ଏହି ଧର୍ମର ଅନ୍ତର୍ଭୁକ୍ତ । ଏହି ଧର୍ମରେ ବିଭିନ୍ନ ପୂଜାପଦ୍ଧତି ଓ ବିଭିନ୍ନ ଧର୍ମଧାରା ରହିଛି । ହିନ୍ଦୁଧର୍ମକୁ ଏକ ସୀମିତ ବିଶ୍ୱାସ ନେଇ ଗଢ଼ିଉଠିଥିବା ଏକ ନିର୍ଦ୍ଦିଷ୍ଟ ଧର୍ମବିଶେଷ ନ କହି ବରଂ ଏକ ଧର୍ମଗୋଷ୍ଠୀ ବୋଲି କହିବା ଅଧିକ ଯୁକ୍ତିଯୁକ୍ତ ହେବ । ଏହା ଏକ ଧର୍ମପ୍ରେମୀ ସଂଘ । ଏହା ହେଉଛି ବିଭିନ୍ନ ଦର୍ଶନର ଏକ ମୈତ୍ରୀସଂଘ । ଏ ଭିତରେ ସକଳ ପ୍ରକାର ଲୋକଙ୍କର ସ୍ଥାନ ରହିଛି । ବ୍ୟକ୍ତିର ଯୋଗ୍ୟତା ଓ ବିକାଶ ଅନୁଯାୟୀ ହିନ୍ଦୁଧର୍ମରେ ପ୍ରତ୍ୟେକ ବ୍ୟକ୍ତିପାଇଁ ଆଧ୍ୟାତ୍ମିକ ଜ୍ଞାନର ବ୍ୟବସ୍ଥା କରାଯାଇଛି ।

ଏହା ହିଁ ଏହି ମହାନ ଧର୍ମର ସୌନ୍ଦର୍ଯ୍ୟ । ଏହା ହିଁ ହିନ୍ଦୁଧର୍ମର ଗୌରବ । ତେଣୁ ହିନ୍ଦୁଧର୍ମରେ ବିଭିନ୍ନ ଗୋଷ୍ଠୀ ଓ ସମ୍ପ୍ରଦାୟ ରହିଥିଲେ ମଧ୍ୟ ସେମାନଙ୍କ ମଧ୍ୟରେ କୌଣସି କଳହ ବା ଦ୍ୱନ୍ଦ୍ୱ ଉପୁଜେ ନାହିଁ । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ମୋତେ ଯେ ଯେଉଁଭାବରେ ଦର୍ଶନ କରେ, ମୁଁ ତାକୁ ସେହିଭାବରେ ଦର୍ଶନ ଦିଏ, କାରଣ ସକଳ ମାର୍ଗ ମୋ ପାଖକୁ ପଡ଼ିଛି ।" ହିନ୍ଦୁଧର୍ମରେ ଯାବତୀୟ ବିବିଧତା ସମନ୍ୱିତ ହୋଇଯାଇଛି ।

ସନାତନ ଧର୍ମ, ଆର୍ଯ୍ୟସମାଜ, ଦେବସମାଜ, ଜୈନ, ଶିଖ, ବ୍ରହ୍ମସମାଜ— ଏ ସମସ୍ତେ ହିନ୍ଦୁ । ହିନ୍ଦୁସମାଜରେ ପ୍ରଚଳିତ ବିଭିନ୍ନ ଦର୍ଶନ ମଧ୍ୟରେ, ବିଭିନ୍ନ ଧର୍ମ ଆଚରଣ ମଧ୍ୟରେ, ବିଭିନ୍ନ ପୂଜାପଦ୍ଧତି ମଧ୍ୟରେ, ବିଭିନ୍ନ ଚଳଣି ମଧ୍ୟରେ ବହୁ ପାର୍ଥକ୍ୟ ରହିଥିବା ସତ୍ତ୍ୱେ, ବିଭିନ୍ନ ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ଧର୍ମଧାରଣାରେ ତଥା ଜୀବନ ଓ ଜୀବନପ୍ରତି ଦୃଷ୍ଟିକୋଣରେ ଏକ ମୌଳିକ ଐକ୍ୟ ରହିଛି ।

ହିନ୍ଦୁଧର୍ମ ତିଷ୍ଠି ରହିବାର କାରଣ— ମୁସଲମାନ ସମ୍ରାଟମାନେ ଭାରତରେ ସାତଶହ ବର୍ଷ ରାଜୁତି କରିଥିଲେ । ବ୍ରିଟିଶ ସରକାର ଭାରତରେ ଦୁଇଶହ ବର୍ଷ ଶାସନ ଚଳାଇଲେ । ଏହିସବୁ ବୈଦେଶିକ ଶାସନକାଳରେ କେତେକ ହିନ୍ଦୁ ବାଧ୍ୟବାଧକତାରେ ପଡ଼ି ଧର୍ମାନ୍ତର ଗ୍ରହଣ କଲେ । ଅବିଭକ୍ତ ଭାରତରେ ମୁସଲମାନମାନଙ୍କର ସଂଖ୍ୟା ଥିଲା ନଅକୋଟି । ସେତେବେଳେ ଭାରତୀୟ ଖ୍ରୀଷ୍ଟିୟାନଙ୍କ ସଂଖ୍ୟା ଥିଲା ପ୍ରାୟ କୋଟିଏ । କିନ୍ତୁ ମୁସଲମାନ ସମ୍ରାଟଗଣ କିମ୍ବା ବ୍ରିଟିଶ ସରକାର କେହି ସମଗ୍ର ଭାରତର ଧର୍ମ ବଦଳାଇଦେଇପାରିଲେ ନାହିଁ । ଏବେ ବି ହିନ୍ଦୁଧର୍ମର ଗୌରବ ଉଜ୍ଜ୍ୱଳ ଅକ୍ଷୁଣ୍ଣ ହୋଇ ରହିଛି । ହିନ୍ଦୁ ସଂସ୍କୃତି ମଳିନ ପଡ଼ି ନାହିଁ । କୌଣସି ଶକ୍ତି ଏହି ଧର୍ମର, ଏହି ସଂସ୍କୃତିର ମୂଳ ବା ମହିମାକୁ ଟାଳିଦେଇପାରିବ ନାହିଁ ।

ହିନ୍ଦୁଧର୍ମ ସନ୍ନ୍ୟାସବାଦ ନୁହେଁ କି ମାୟାବାଦ ନୁହେଁ । ଏହା କିମ୍ବା ଈଶ୍ୱରବାଦ ନୁହେଁ କି ସର୍ବେଶ୍ୱରବାଦ ନୁହେଁ । ଏହି ଧର୍ମ ହେଉଛି ସମସ୍ତ ପ୍ରକାର ଧାର୍ମିକ ଅନୁଭୂତିର ଏକ ମଧୁର ସମନ୍ୱୟ । ଏହା ଏକ ସମ୍ପୂର୍ଣ୍ଣ ଅକ୍ଷୁଣ୍ଣ ଜୀବନ-ଦର୍ଶନ ; ବ୍ୟାପକ ସହନଶୀଳତା, ଗଭୀର ମାନବପ୍ରେମ ଏବଂ ଉଚ୍ଚ ଆଧ୍ୟାତ୍ମିକ ଲକ୍ଷ୍ୟ ହେଉଛି ଏହି ଧର୍ମର ସ୍ୱତନ୍ତ୍ର ଲକ୍ଷଣ । ଏହି ଧର୍ମକୁ ମତାନ୍ଧତା ସ୍ପର୍ଶ କରିପାରି ନାହିଁ । ଏହି କାରଣରୁ ଜଗତର ଅନ୍ୟାନ୍ୟ ବିଶିଷ୍ଟ ଧର୍ମମାନଙ୍କ ଦ୍ୱାରା ଆକ୍ରାନ୍ତ ହୋଇ ମଧ୍ୟ ଏହି ଧର୍ମ ନିଜର ଆତ୍ମରକ୍ଷା କରିପାରିଛି ।

ହିନ୍ଦୁଧର୍ମ ଅତୀବ ଉଦାର, ଅତୀବ ସହନଶୀଳ, ଅତ୍ୟନ୍ତ ଉନ୍ନତମନା ଓ ଅତି ପ୍ରଶସ୍ତ । ଅନ୍ୟ କୌଣସି ଧର୍ମ ହିନ୍ଦୁଧର୍ମପରି ଏତେଦୂର ସହନଶୀଳ ନୁହେଁ ଏବଂ ଏତେଟା ପ୍ରଶସ୍ତ ନୁହେଁ । ଏହି ଧର୍ମର ମୌଳିକ ଭିତ୍ତି ଅତି ଦୃଢ଼ ଓ ଅତି ଅନମନୀୟ । ତଥାପି ନିଜର ସାରବସ୍ତୁ ଅକ୍ଷୁଣ୍ଣ ରଖି ସେ ତାର ବାହ୍ୟ ରୂପକୁ ପରିସ୍ଥିତିର ସମଞ୍ଜସ କରି ଉଦାର ଅକୁଣ୍ଠିତ ଚିତ୍ତରେ ବଦଳାଇ ଦେଇପାରିଛି । ସେହି କାରଣରୁ ହିଁ ଏ ଧର୍ମ ସହସ୍ର ସହସ୍ର ବର୍ଷ ଧରି ସଫଳତାର ସହିତ ତିଷ୍ଠି ରହିପାରିଛି ।

ହିନ୍ଦୁଧର୍ମର ମୂଳଭିତ୍ତି ଆଧ୍ୟାତ୍ମିକ ସତ୍ୟ ଉପରେ ପ୍ରତିଷ୍ଠିତ । ହିନ୍ଦୁ-ମୁନିଋଷିଗଣ ଯେଉଁସବୁ ଶାଶ୍ୱତ ସତ୍ୟ ଉଦ୍‌ଘାଟନ କରିଯାଇଛନ୍ତି, ସମସ୍ତ ହିନ୍ଦୁଜୀବନ ସୌଧଟି ସେହି ସତ୍ୟ ଉପରେ ପ୍ରତିଷ୍ଠିତ । ସେହି କାରଣରୁ ଏହି ସୌଧ ବହୁ ସହସ୍ର ବର୍ଷ ଧରି ଅତୁଟ-ଅଟଳ ହୋଇ ରହିପାରିଛି ।

ସ୍ୱୀୟ ଦର୍ଶନର ଗାମ୍ଭୀର୍ଯ୍ୟ ଓ ଗୌରବ ବହନ କରି ହିନ୍ଦୁଧର୍ମ ଅପ୍ରତିଦ୍ୱନ୍ଦ୍ୱୀ-ରୂପରେ ଦଣ୍ଡାୟମାନ ହୋଇଛି । ଏହି ଧର୍ମର ନୈତିକ ଉପଦେଶାବଳି ମହାନ, ଅନୁପମ ଓ ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହି ଅପାର ସୌନ୍ଦର୍ଯ୍ୟମଣ୍ଡିତ ଧର୍ମ ମନୁଷ୍ୟ-ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଉପଯୋଗୀ ହୋଇଥାଏ । ଏହି ଧର୍ମ ଏକ ସ୍ୱୟଂସମ୍ପୂର୍ଣ୍ଣ ନିଷ୍କଳଙ୍କ ଧର୍ମ । ଏହି ଧର୍ମ ଅନ୍ୟ କୌଣସି ଧର୍ମରୁ କୌଣସି ବିଷୟ ଗ୍ରହଣ କରିବା ଆବଶ୍ୟକ ନାହିଁ । ଜଗତରେ ଅନ୍ୟ କୌଣସି ଧର୍ମ ନାହିଁ, ଯାହାର ପରିସର ମଧ୍ୟରେ ଏତେ ସାଧୁସନ୍ଥ, ଏତେ ଦେଶଭକ୍ତ, ଏତେ ମହାଯୋଦ୍ଧା, ଏତେ ପତିବ୍ରତା ଜନ୍ମ ଗ୍ରହଣ କରିଛନ୍ତି । ହିନ୍ଦୁଧର୍ମ ବିଷୟରେ ଆପଣ ଯେତେ ଜାଣିବାକୁ ପାଇବେ, ତାକୁ ସେତେ ଶ୍ରଦ୍ଧାଭକ୍ତି କରିବେ, ସେତେ ସମ୍ମାନ ପ୍ରଦର୍ଶନ କରିବେ । ଏହି ଧର୍ମକୁ ଆପଣ ଯେତେ ଅଧ୍ୟୟନ କରିବେ, ସେତେ ଆତ୍ମସନ୍ତୋଷ ଲାଭ କରିବେ ।

ଜୈନଧର୍ମ

ଯେଉଁମାନେ କାମ, କ୍ରୋଧ, ଘୃଣା ତଥା ଅନ୍ୟାନ୍ୟ ନୀଚ ପ୍ରବୃତ୍ତି ଉପରେ ବିଜୟ ଲାଭ କରିଛନ୍ତି, ସେମାନଙ୍କୁ ଜିନ ବୋଲାଯାଏ । ଜିନମାନଙ୍କର ଅନୁଗାମୀମାନଙ୍କୁ ବୋଲାଯାଏ ଜୈନ । ଜିନ ଶବ୍ଦର ଅର୍ଥ ବିଜେତା ଏବଂ ଜିନରୁ ଜୈନ ଶବ୍ଦ ନିଷ୍ପନ୍ନ ହୋଇଛି । ଜି ଧାତୁର ଅର୍ଥ ଜୟ ଲାଭ କରିବା ଅର୍ଥାତ୍ କାମାଦି ମନୋବିକାର ଉପରେ ଜୟ ଲାଭ କରିବା; ଦେଶ ଜୟ କରିବା ନୁହେଁ । ଜି ଧାତୁରୁ ଜୈନ ଶବ୍ଦ ନିଷ୍ପନ୍ନ ହୋଇଛି । କାମାଦି କୁ ପ୍ରବୃତ୍ତି ଆତ୍ମାର ଶତ୍ରୁରୂପେ ପରିଚିତ । କୁ ପ୍ରବୃତ୍ତି ଆତ୍ମାର ସ୍ୱାଭାବିକ ଗୁଣାବଳୀକୁ କଳଙ୍କିତ କରିଦିଏ, ସତ୍‌ବିଶ୍ୱାସକୁ ତମସାଚ୍ଛନ୍ନ କରିଦିଏ, ଜ୍ଞାନକୁ ଭ୍ରଷ୍ଟ କରିଦିଏ ଏବଂ ଆଚରଣକୁ ଅସତ୍ କରିଦିଏ । କାମ, କ୍ରୋଧ ଲୋଭ ଓ ଗର୍ବ ପ୍ରଧାନ କୁ ପ୍ରବୃତ୍ତିରୂପେ ଗଣ୍ୟ ।

ଜୈନତତ୍ତ୍ୱ ଯୁକ୍ତିସିଦ୍ଧ ତତ୍ତ୍ୱ; ଏହା ଦାସ୍ଥାକ୍ଷମାପ୍ରଣୋଦିତ ସମ୍ୟକ ଜ୍ଞାନ, ସମ୍ୟକ ବିଶ୍ୱାସ ଓ ସମ୍ୟକ ଚରିତ୍ର ଉପରେ ପ୍ରତିଷ୍ଠିତ । ଈଶ୍ୱର ଅଛନ୍ତି ଏବଂ ଈଶ୍ୱର ହିଁ ଜଗତର ସୃଷ୍ଟିକର୍ତ୍ତା ତଥା ପାଳନକର୍ତ୍ତା ବୋଲି ଆସ୍ଥା ରଖିଥିବା ଲୋକଙ୍କର ଦୃଷ୍ଟିକୋଣରୁ ଦେଖିଲେ ଜୈନଧର୍ମ ଏକ ଈଶ୍ୱରବିଶ୍ୱାସୀ ବା ଆସ୍ତିକ ଧର୍ମ ନୁହେଁ । ଜୈନଦର୍ଶନ ଅନୁଯାୟୀ ପରମାତ୍ମା ହେଉଛନ୍ତି ଜଣେ ବ୍ୟକ୍ତି ଏବଂ ସେ ବେଦାନ୍ତର ବ୍ରହ୍ମଙ୍କସଦୃଶ କୌଣସି ନିର୍ଗୁଣ ତତ୍ତ୍ୱ ନୁହନ୍ତି ।

କଠୋର ଅନୁଶାସନ ମଧ୍ୟରେ ଦୀର୍ଘକାଳ ଜୀବନଯାପନ କରି ଯେଉଁ ମହାତ୍ମାଗଣ ଦିବ୍ୟ ପୂର୍ଣ୍ଣତା ଲାଭ କରି ପାରିଛନ୍ତି, ସେମାନଙ୍କୁ ଗଭୀର ଭକ୍ତି ପ୍ରଦର୍ଶନ କରିବା ହିଁ ଜୈନଧର୍ମ-ବିଶ୍ୱାସର ମୁଖ୍ୟ ବିଷୟ । ବୌଦ୍ଧମାନେ ପୂର୍ଣ୍ଣଜ୍ଞାନସମ୍ପନ୍ନ ସନ୍ନ୍ୟାସୀମାନଙ୍କୁ ବା ବୁଦ୍ଧଙ୍କୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ଜୈନମାନେ ସାଂସାରିକ କାମନାବାସନାକୁ ପରାଭୂତ କରିପାରିଥିବା ବିଜୟୀ ସନ୍ନ୍ୟାସୀ ବା ଜିନଙ୍କୁ ସେହି ଦୃଷ୍ଟିରେ ଦେଖନ୍ତି ! ଜିନଙ୍କୁ ଜିନେଶ୍ୱର(ଜିନମାନଙ୍କ ମଧ୍ୟରେ ଶ୍ରେଷ୍ଠ),ଅର୍ହତ (ଯେ ପରାସ୍ତ ହୁଅନ୍ତି ନାହିଁ), ତୀର୍ଥଙ୍କର (ଯେ ଜଗତ୍ ଉଦ୍ଧାରଣର ପଥ ନିର୍ମାଣ କରିଥିଲେ), ସର୍ବଜ୍ଞ ଏବଂ ଭଗବାନ (ପୂତାତ୍ମା) ବୋଲି ମଧ୍ୟ ବୋଲାଯାଏ । ତୀର୍ଥ କହିଲେ ନଦୀ-ଶଯ୍ୟାର ସେହି ଚଡ଼ା ବା ଅଗଭୀର ଅଂଶକୁ ବୁଝାଏ, ଯେଉଁ ବାଟଦେଇ ନଦୀ ପାର ହେବା ସହଜ । ଆଲଙ୍କାରିକ ଅର୍ଥରେ ତୀର୍ଥ କହିଲେ ଏକ ଜୀବନ ଦର୍ଶନ ବା ଜଣେ ଆଧ୍ୟାତ୍ମିକ ପଥପ୍ରଦର୍ଶକଙ୍କୁ ବୁଝାଏ, ଯାହାଙ୍କୁ ଅନୁସରଣ କଲେ ସଂସାରରେ

ବାରମ୍ବାର ଜନ୍ମଗ୍ରହଣ କରିବା-ରୂପକ ଦୁଃଖସାଗର ଅତିକ୍ରମ କରିହେବ । 'କର' ଅର୍ଥ ଯେ କରିଏ । ସୁତରାଂ ତୀର୍ଥଙ୍କର ଅର୍ଥ 'ଜୈନ ଧର୍ମଗୁରୁ' ।

ଜୈନ ବିଶ୍ୱାସ ଅନୁଯାୟୀ ଯେ ସର୍ବଜ୍ଞ, କେବଳ ସେ ହିଁ ଜୀବନର ସନ୍ମାର୍ଗ ବା ସତ୍ୱବିଧି ନିର୍ଦ୍ଧାରଣ କରିବାକୁ ସକ୍ଷମ । ତୀର୍ଥଙ୍କର ବା ଧର୍ମଗୁରୁଗଣ ଜଗତର ସ୍ରଷ୍ଟା ନୁହନ୍ତି, କି ଶାସକ ନୁହନ୍ତି । ସେମାନେ ହେଉଛନ୍ତି ଆଧ୍ୟାତ୍ମିକ ପରିପୂର୍ଣ୍ଣତା ଲାଭ କରିଥିବା ଜଣେ ଜଣେ ମହାତ୍ମା, ସେମାନଙ୍କର ଆଉ ପୁନର୍ଜନ୍ମ ନାହିଁ ।

ମହାବୀର ଜୈନଧର୍ମର ପ୍ରତିଷ୍ଠାତା ନୁହନ୍ତି । ସେ କେବଳ ଜୈନଧର୍ମକୁ ପୁନର୍ଜୀବିତ କରିଥିଲେ; ତେଣୁ ତାଙ୍କୁ ଜୈନଧର୍ମର ପ୍ରତିଷ୍ଠାତା ନ କହି ବରଂ ସଂସ୍କାରକ କହିବା ଅଧିକ ଯୁକ୍ତିଯୁକ୍ତ ହେବ । ସେ ଥିଲେ ଜୈନଧର୍ମର ପ୍ରଥମ ସର୍ବନିସ୍ବ ପ୍ରଚାରକ । ସେ ଥିଲେ ସେହି ଧର୍ମର ୨୪ତମ ତୀର୍ଥଙ୍କର । କଥିତ ଅଛି, ସେ ସର୍ବଜ୍ଞ ଥିଲେ । ମହାବୀର ଅର୍ଥ ମହାନ ବୀରପୁରୁଷ । ପାର୍ଶ୍ୱନାଥ ଥିଲେ ୨୩ତମ ତୀର୍ଥଙ୍କର, ଏହି ୨୪ ଜଣ ତୀର୍ଥଙ୍କରଙ୍କ ମଧ୍ୟରେ ଋଷଭଦେବ ଥିଲେ ପ୍ରଥମ ତୀର୍ଥଙ୍କର ।

ଜୈନବିଶ୍ୱାସ ଅନୁଯାୟୀ କାଳ ବା ସମୟକୁ ଚକ୍ରରେ ବିଭକ୍ତ କରାଯାଇଛି । ପ୍ରତ୍ୟେକ ଅର୍ଦ୍ଧ ଚକ୍ରରେ ୨୪ ଜଣ ତୀର୍ଥଙ୍କର ପରସ୍ପରଠାରୁ ଦୀର୍ଘସମୟ ବ୍ୟବଧାନରେ ଜଗତରେ ଅବତୀର୍ଣ୍ଣ ହୋଇ ବାରମ୍ବାର ଧର୍ମତତ୍ତ୍ୱ ପ୍ରଚାର କରିଯାଆନ୍ତି ।

ମନୁଷ୍ୟ ସମାଜରେ ପ୍ରଚଳିତ ସମସ୍ତ ପ୍ରକାର ସମୟଗଣନା ରୀତିକୁ ଅମାନ୍ୟ କରି ଜୈନମାନେ ଧରିବସନ୍ତି ଯେ, ସମସ୍ତ ଉତ୍ସର୍ପିଣୀ ବା ଆରୋହଣ ଚକ୍ର ଏବଂ ଅବସର୍ପିଣୀ ବା ଅବରୋହଣ ଚକ୍ର ନାମକ ଦୁଇଟି ଚିରଆବର୍ତ୍ତିମାନ ଚକ୍ରରେ ଗତି କରି ଚାଲିଛି । ଗୋଟିଏ ଗୋଟିଏ ଚକ୍ର ଗୋଟିଏ ଗୋଟିଏ ବିରାଟ ଅବଧି ଏବଂ ପ୍ରତିଟି ଚକ୍ର ଛଅଟି ସ୍ତର ବା ଯୁଗରେ ବିଭକ୍ତ ।

ତୀର୍ଥଙ୍କରମାନଙ୍କର ପ୍ରତିମୂର୍ତ୍ତି ଧ୍ୟାନାସୀନ ବୁଦ୍ଧଙ୍କ ପ୍ରତିମୂର୍ତ୍ତିସଦୃଶ । ଜୈନଧର୍ମ ବୌଦ୍ଧଧର୍ମ-ଧାରଣାର ପ୍ରତିନିଧିତ୍ୱ କରେ । ବୌଦ୍ଧଧର୍ମ ସହିତ ଜୈନଧର୍ମର ବହୁ ସାମଞ୍ଜସ୍ୟ ରହିଛି । ତେଣୁ ଏହି ଧର୍ମ ବୌଦ୍ଧଧର୍ମର ପ୍ରକୃତ ଦାୟାଦ ନ ହେଲେ ମଧ୍ୟ, ତାର ଏକ ନିକଟତମ ବନ୍ଧୁ ।

ଜୈନମାନେ ଦୁଇଶ୍ରେଣୀରେ ବିଭକ୍ତ ଯଥା ଶ୍ରାବକ (ଲୌକିକ ବ୍ୟବସାୟରେ ନିୟୋଜିତ) ଏବଂ ଯତି (ଲୁଣ୍ଠିତମସ୍ତକ ହୋଇ ମଠ ବା ସନ୍ୟାସାଶ୍ରମରେ ବାସ କରୁଥିବା ସାଧୁ, ସନ୍ଥ ବା ସନ୍ୟାସୀ) । ସନ୍ୟାସୀମାନେ ସକଳ ସାଂସାରିକ ସମ୍ପର୍କ ପରିତ୍ୟାଗ କରିଥାନ୍ତି । ଆଜୀବନ ସଂସାରତ୍ୟାଗୀ ହୋଇ ରହିବାଲାଗି ସେମାନେ ସଙ୍କଳ୍ପବଦ୍ଧ ହୋଇଥାନ୍ତି । ପ୍ରତ୍ୟେକ ସନ୍ନ୍ୟାସୀ ପାଞ୍ଚଟି ଶପଥ ନେଇଥାନ୍ତି ।

ସେମାନେ ପୁଣି ଦୁଇଟି ମୁଖ୍ୟ ସମ୍ପ୍ରଦାୟରେ ବିଭକ୍ତ ଯଥା ଶ୍ୱେତାମ୍ବର (ଶୁକ୍ଳବସ୍ତ୍ର ପରିଧାନକାରୀ) ଏବଂ ଦିଗମ୍ବର (ଦିଗ୍‌ନଗ୍ନ) ।

ଜୈନ ଦର୍ଶନ— ସତ୍ୟାନୁଭୂତି ଲାଭ କରିବାକୁ ହେଲେ ନୀଚପ୍ରବୃତ୍ତିନିଚୟକୁ ଦମନ କରିବା ଏକାନ୍ତ ଆବଶ୍ୟକ । ଏହି ଆବଶ୍ୟକତାଟି ଉପରେ ସମସ୍ତ ଜୈନ-ଦର୍ଶନ ପ୍ରତିଷ୍ଠିତ ।

ଜୈନମାନେ ବେଦର ପ୍ରାମାଣିକତା ସ୍ୱୀକାର କରନ୍ତି ନାହିଁ । ଜୈନଧର୍ମ ଜଗତର ଦ୍ରବ୍ୟସମୂହକୁ ଦୁଇ ଭାଗରେ ବିଭକ୍ତ କରିଦିଏ । ଗୋଟିଏ ଭାଗ ହେଉଛି ଚେତନ ବା ଜୀବ ଅର୍ଥାତ୍ ଆତ୍ମା ଏବଂ ଅନ୍ୟ ଭାଗଟି ହେଉଛି ଜଡ ବା ଅଜୀବ ଅର୍ଥାତ୍ ଅନାତ୍ମା । ଆତ୍ମା ହେଉଛି ସେହି ଉପାଦାନ ଯାହାର ବାହ୍ୟିକଜ୍ଞାନ ଓ ଅନୁଭବ ଶକ୍ତି ରହିଛି । ସଜୀବମାନଙ୍କର ଅନ୍ତରସ୍ଥ ଦିବ୍ୟ ଉପାଦାନଟି ହିଁ ଆତ୍ମା । ଆତ୍ମାର ପ୍ରକୃତ ସ୍ୱଭାବ ହେଉଛି ସତ୍ ଜ୍ଞାନ, ସତ୍ ବିଶ୍ୱାସ ଓ ସଦାଚାର । ଆତ୍ମା ଯେ ପର୍ଯ୍ୟନ୍ତ ଦେହାନ୍ତରପ୍ରାପ୍ତିର ଅଧୀନ ହୋଇ ରହିଥାଏ, ସେ ପର୍ଯ୍ୟନ୍ତ ବିବର୍ତ୍ତିତ-ବିକଶିତ ହୋଇ ଚାଲିଥାଏ । ଯାହା ଆତ୍ମା ନୁହେଁ, ତାହା ଅନାତ୍ମା ବା ଅଜୀବ ।

ଜୀବ ଓ ଅଜୀବର ସମନ୍ୱୟରେ ଜଗତର ଯାବତୀୟ ବିଭିନ୍ନତା ସୃଷ୍ଟି ହୋଇଛି । ସେମାନଙ୍କର ପରସ୍ପର ଉପରେ ପ୍ରକାଶିତ କ୍ରିୟା ଓ ପ୍ରତିକ୍ରିୟା ଫଳରେ ଜଗନ୍ନାଟକ ଅର୍ଥାତ୍ କ୍ରମବିବର୍ତ୍ତନ ସମ୍ଭବ ହେଉଛି । ଆତ୍ମା ବା ଜୀବ ଯେତେବେଳେ ଅଜୀବର ସକଳ ପ୍ରକାର ବନ୍ଧନରୁ ମୁକ୍ତ ହୋଇଯାଏ, ସେତେବେଳେ ଆତ୍ମା ପବିତ୍ର ହୋଇଯାଇ ଅନ୍ତିମ ମୁକ୍ତି ଲାଭ କରେ ।

ଜ୍ଞାନର ପାଞ୍ଚଟି ଦ୍ୱାରପଥ ରହିଛି । ପ୍ରଥମ ଦ୍ୱାରଟି ହେଉଛି 'ମତି' (ଜ୍ଞାନେନ୍ଦ୍ରିୟ) । ନିମ୍ନସ୍ତରର ଜୀବମାନଙ୍କଠାରେ କେବଳ ଗୋଟିଏ ଇନ୍ଦ୍ରିୟ ଯଥା ସ୍ପର୍ଶେନ୍ଦ୍ରିୟ କାର୍ଯ୍ୟ କରୁଥାଏ । ଉଚ୍ଚରୁ ଉଚ୍ଚତର ଜୀବମାନଙ୍କଠାରେ କ୍ରମେ ଦୁଇଟି ତିନଟି, ଚାରିଟି ଓ ପାଞ୍ଚଟି ଜ୍ଞାନେନ୍ଦ୍ରିୟ କାର୍ଯ୍ୟକ୍ଷମ ହୋଇଥାଏ । ଜ୍ଞାନଲାଭର ଦ୍ୱିତୀୟ ଦ୍ୱାରଟି ହେଉଛି 'ଶ୍ରୁତ' ବା ଶାସ୍ତ୍ର-ଅଧ୍ୟୟନ । ତୃତୀୟ ଦ୍ୱାରଟିର ନାମ 'ଅବଧି', ଅପେକ୍ଷାକୃତ ଅଧିକ ସୂକ୍ଷ୍ମ ବିଷୟ ଜାଣିବା ପାଇଁ ଯେଉଁ ଅତୀନ୍ଦ୍ରିୟ ମାନସିକ ଶକ୍ତି ରହିଛି, ତାର ନାମ ଅବଧି । ଚତୁର୍ଥ ଦ୍ୱାରର ନାମ 'ମନଃ' ଯାହା ବଳରେ କି ଅନ୍ୟର ମନୋଭାବ ଜାଣିହୁଏ । ପଞ୍ଚମ ଦ୍ୱାରଟି ହେଲା 'କେବଳ ଜ୍ଞାନ' ।

ଜୈନଧର୍ମ ଦୁଇ ଭାଗରେ ବିଭକ୍ତ ଯଥା (୧) ଶ୍ରୁତଧର୍ମ ଅର୍ଥାତ୍ ଦର୍ଶନ ଏବଂ (୨) ଚରଣଧର୍ମ ଅର୍ଥାତ୍ ବ୍ୟବହାର ଧର୍ମ । ଶ୍ରୁତଧର୍ମ ନଅ ପ୍ରକାର ତତ୍ତ୍ୱର ସ୍ୱରୂପ, ଛଅ ପ୍ରକାର ପ୍ରାଣୀ ଏବଂ ଚାରିପ୍ରକାର ଅବସ୍ଥା ସମ୍ବନ୍ଧରେ ଜିଜ୍ଞାସା କରେ । ପ୍ରଥମ ଚାରିଟି ତତ୍ତ୍ୱ ହେଲା ଜୀବ, ଅଜୀବ, ପୁଣ୍ୟ (ସୁଖଦାତା) ଓ ପାପ (ଦୁଃଖଦାତା) ।

ଯେଉଁ ତତ୍ତ୍ୱରେ ପାପ ଓ ପୁଣ୍ୟ ପ୍ରବେଶ କରେ, ତାହା ପଞ୍ଚମ ତତ୍ତ୍ୱ 'ଆସ୍ରବ' । ଷଷ୍ଠତତ୍ତ୍ୱଟି ହେଉଛି ସଂବର; ସଂବର ଅନ୍ତରରେ ବାହ୍ୟଶକ୍ତି ପ୍ରବେଶର ଅର୍ଥାତ୍ କର୍ମର ପଥରୋଧ କରେ । ସପ୍ତମ ତତ୍ତ୍ୱଟି ନିର୍ଜରା ବା କର୍ମନିବୃତ୍ତି; ଏହା କର୍ମକ୍ଷୟ କରେ; ଅଷ୍ଟମଟି କର୍ମର ବନ୍ଧନ ଏବଂ ନବମଟି ହେଉଛି ମୋକ୍ଷ । ଏହା ସମସ୍ତ ପ୍ରକାର କର୍ମରୁ ଆତ୍ମାର ପୂର୍ଣ୍ଣ ତଥା ପରମ ମୁକ୍ତିକୁ ବୁଝାଏ ।

ଯାହା ଆତ୍ମାକୁ ପତନ ମୁଖରୁ ଧରିରଖେ, ତାହା ଧର୍ମ । ସତ୍ କିମ୍ବା, ଅସତ୍ କିମ୍ବା, ସକଳ ପ୍ରକାର କର୍ମର ବନ୍ଧନ ହିଁ ଆତ୍ମାକୁ ସଂସାରରେ ବାନ୍ଧିରଖେ ।

ଚତୁର୍ବିଧ ଅବସ୍ଥା ହେଲା ଦେବ (ଊର୍ଦ୍ଧ୍ୱଲୋକ ନିବାସୀ), ମାନବ, (ମନୁଷ୍ୟ), ତିର୍ଯ୍ୟଞ୍ଚ (ଅପମନୁଷ୍ୟ, ଉଦ୍ଭିଦ, ପଶୁପକ୍ଷୀ ଇତ୍ୟାଦି) ଏବଂ ନାରକ (ନର୍କବାସୀ ହୀନତମ ପ୍ରାଣୀ) ।

ପ୍ରାଣୀ ଷଡବିଧ ଯଥା- ଏକାଙ୍ଗୀ (କେବଳ ଦେହ ବା ସ୍ପର୍ଶେନ୍ଦ୍ରିୟଧାରୀ) ଦ୍ୱିଅଙ୍ଗୀ (ସ୍ପର୍ଶେନ୍ଦ୍ରିୟ ଓ ରସନେନ୍ଦ୍ରିୟଧାରୀ), ତ୍ରିଅଙ୍ଗୀ (ଯାହାର ସ୍ପର୍ଶ, ରସନା ଏବଂ ଘ୍ରାଣ ଇନ୍ଦ୍ରିୟ ଅଛି) ଚତୁରଙ୍ଗୀ (ସ୍ପର୍ଶ, ରସନ, ଘ୍ରାଣ ଓ ଦର୍ଶନ ଇନ୍ଦ୍ରିୟ ଥିବା), ପଞ୍ଚାଙ୍ଗୀ ସ୍ପର୍ଶ, ରସନା, ଘ୍ରାଣ ଦର୍ଶନ ଓ ଶ୍ରବଣ ଇନ୍ଦ୍ରିୟ ଥିବା) ଏବଂ ପଶୁ ଓ ମନୁଷ୍ୟ (ମନ ସହିତ ଅନ୍ୟ ପଞ୍ଚେନ୍ଦ୍ରିୟ ଥିବା) ।

ଜୀବ-ଅଜୀବ— ଯାହାର ଜ୍ଞାନ ଅଛି, ସେ ଜୀବ । ଯାହାର ଜ୍ଞାନ ନାହିଁ, ସେ ଅଜୀବ । ଜୀବର କିମ୍ବା ଅଜୀବର ଆଦିମୂଳ ବୋଲି କିଛି ନାହିଁ । ସେମାନେ ଅତୀତରେ ଥିଲେ । ବର୍ତ୍ତମାନ ଅଛନ୍ତି । ଭବିଷ୍ୟତରେ ବି ରହିଥିବେ । ସେ ଦୁହିଁଙ୍କର ସଂଯୋଗ କେବେ ଯେ ଘଟିଥିଲା, ତାହା କହିହେବ ନାହିଁ । କେଉଁ ସୁଦୂର ଅତୀତ କାଳରୁ ସେମାନେ ପରସ୍ପର ସହିତ ମିଶି ରହିଛନ୍ତି । ସେମାନଙ୍କର ସଂଖ୍ୟା କଳନା କରିହେବ ନାହିଁ । ଜୀବ ଅସଂଖ୍ୟ । ପ୍ରତ୍ୟେକ ଜୀବ ତାର ସ୍ୱାତନ୍ତ୍ର୍ୟ ରକ୍ଷାକରେ । ଜୀବ ତାର ସଞ୍ଚିତ କର୍ମ ନିଃଶେଷ କରି ନ ପାରିବା ପର୍ଯ୍ୟନ୍ତ ଜନ୍ମମରଣ-ଚକ୍ରରେ ଘୂରୁଥାଏ । ସମ୍ୟକ ଦୃଷ୍ଟି, ସମ୍ୟକ ଜ୍ଞାନ, ସମ୍ୟକ ଧାରଣା ବା ସମ୍ୟକ ଉପଲବ୍ଧି, ସମ୍ୟକ ଚରିତ୍ର ଏବଂ ଆତ୍ମସଂଯମ ବା ତପସ୍ୟା ଦ୍ୱାରା ସଞ୍ଚିତ କର୍ମର ପରିମାଣ ହ୍ରାସ କରାଯାଇପାରେ ବା ସମ୍ପୂର୍ଣ୍ଣ ନିଃଶେଷ କରାଯାଇପାରେ ।

ଜୀବ (ଆତ୍ମା)— ଜୀବ ଦୁଇ ଶ୍ରେଣୀରେ ବିଭକ୍ତ ଯଥା- (୧) ସିଦ୍ଧ ବା ମୁକ୍ତ ଏବଂ (୨) ସଂସାରୀ । ଜୈନଦର୍ଶନ କହେ ଯେ, ପ୍ରତ୍ୟେକଟି ଜୀବର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । ସେହି ଅସ୍ତିତ୍ୱ କାହା ଦ୍ୱାରା ସୃଷ୍ଟି ହୋଇ ନାହିଁ; ତାହା ଶାଶ୍ୱତକାଳରୁ ରହିଆସିଛି । ଜୀବ କର୍ମଫଳ ଧରି ଅର୍ଥାତ୍ କାର୍ଯ୍ୟକାରଣ-ବିଧିରେ

ନୀଚସ୍ତରରୁ ଉଚ୍ଚସ୍ତରକୁ ବିବର୍ତ୍ତିତ ହୋଇଚାଲିଛି । ପୂର୍ବଜନ୍ମମାନଙ୍କରେ ଅର୍ଜିତ କର୍ମ ବା ଶକ୍ତି ସମ୍ପୂର୍ଣ୍ଣ ନିଃଶେଷ ନ ହେବା ପର୍ଯ୍ୟନ୍ତ ଜୀବ ଗୋଟିଏ ଶରୀରର ମୃତ୍ୟୁ ପରେ ଅନ୍ୟ ଗୋଟିଏ ଶରୀର ଧରି ଜନ୍ମ ହେଉଥାଏ । ଅବଶେଷରେ କର୍ମର ବନ୍ଧନ ଛିନ୍ନ କରି ଜୀବ ପରମ ସ୍ୱାଧୀନତା ଲାଭ କରେ ଏବଂ ନିର୍ବାଣ ବା ମୁକ୍ତି ବା ପୂର୍ଣ୍ଣତା ପ୍ରାପ୍ତ ହୁଏ; ତାର ସ୍ୱାତନ୍ତ୍ର୍ୟ ଅନ୍ୟ କାହା ସହିତ ମିଳିତ ହୋଇଯାଏ ନାହିଁ । ତାର ଲୋପ ମଧ୍ୟ ହୁଏ ନାହିଁ । ମୁକ୍ତାତ୍ମା ସ୍ତ୍ରୀ ନୁହେଁ, କି ପୁରୁଷ ନୁହେଁ, କି କ୍ଳୀବ ମଧ୍ୟ ନୁହେଁ । ପ୍ରତ୍ୟେକ ଜୀବ ସର୍ବଦ୍ରଷ୍ଟା; ସେହି ଶକ୍ତି ତାଠାରେ ପ୍ରଚ୍ଛନ୍ନଭାବରେ ରହିଥାଏ । ଚେତନା ହେଉଛି ଜୀବର ସ୍ୱଭାବ । ଆତ୍ମା ହେଉଛନ୍ତି ଜ୍ଞାନର ଏକ ଶୁଦ୍ଧସ୍ୱରୂପ । ତାର ଅପରିମିତ ପ୍ରଚ୍ଛନ୍ନ ଶକ୍ତି ରହିଛି । କର୍ମବନ୍ଧନ ଛିନ୍ନ କରିବାପାଇଁ ତାଠାରେ ଅସୀମ କ୍ଷମତା ରହିଛି ।

ଅଜୀବ (ଅନାତ୍ମା)— ଏହା ମୁଖ୍ୟତଃ ପାଞ୍ଚଭାଗରେ ବିଭକ୍ତ ଯଥା— (୧) ଧର୍ମାସ୍ତିକାୟ (ଯେଉଁ ଉପାଦାନ ଆତ୍ମା ଓ ଅନାତ୍ମାର ଚଳନରେ ସାହାଯ୍ୟ କରେ) (୨) ଅଧର୍ମାସ୍ତିକାୟ (ଯାହା ଆତ୍ମା ଓ ଅନାତ୍ମାକୁ ସ୍ଥିର ହୋଇ ରହିବାରେ ସାହାଯ୍ୟ କରେ) (୩) ଆକାଶାସ୍ତି ବା ବ୍ୟୋମ (ଯାହା ଆତ୍ମା ଓ ଅନାତ୍ମାକୁ ରହିବାପାଇଁ ସ୍ଥାନ ଯୋଗାଇଦିଏ) (୪) କାଳ (ସମୟ) ଏବଂ (୫) ପୁଦ୍‌ଗଳ (ବସ୍ତୁ) ।

ଈଶ୍ୱର— ଜୈନଦର୍ଶନରେ ଜଣେ ସୃଷ୍ଟିକର୍ତ୍ତାରୂପରେ ସଗୁଣ ଈଶ୍ୱରଙ୍କର କୌଣସି ସ୍ଥାନ ନାହିଁ । କିନ୍ତୁ ଏହି ଦର୍ଶନ କହେ ଯେ, ଅଚେତନ ଆଦି ସକଳ ଉପାଦାନ ଅନ୍ତରାଳରେ ଏକ ସୂକ୍ଷ୍ମ ଶକ୍ତି ବିଦ୍ୟମାନ, ଯାହା ସକଳ ପ୍ରଭେଦର କାରଣରୂପେ କାର୍ଯ୍ୟ କରେ । ଉକ୍ତ ସୂକ୍ଷ୍ମ ଶକ୍ତିହିଁ ଈଶ୍ୱର ପଦବାଚ୍ୟ । ଜୈନମାନେ କେବଳ ସିଦ୍ଧ ବା ମୁକ୍ତ ଆତ୍ମାଙ୍କଠାରେ ଈଶ୍ୱର ଦର୍ଶନ କରନ୍ତି । ସକଳ କର୍ମବନ୍ଧନ ଛିନ୍ନ କରି ମୋକ୍ଷପ୍ରାପ୍ତ ହୋଇଥିବା ସିଦ୍ଧ ବା ମୁକ୍ତାତ୍ମାମାନଙ୍କୁ ତୀର୍ଥଙ୍କର ବୋଲି-ଯାଏ । ଜୈନମାନେ କେବଳ ସେହି ତୀର୍ଥଙ୍କରମାନଙ୍କୁ ଈଶ୍ୱରରୂପେ ପୂଜା କରନ୍ତି । ଯେଉଁ ସିଦ୍ଧ ପୁରୁଷଗଣ ସକଳ ଜାଗତିକ ବନ୍ଧନ ଛିନ୍ନ କରି, ସମସ୍ତ ସ୍ୱାର୍ଥ ଦମନ କରି ପ୍ରକୃତ ସାଧୁଜୀବନ ଯାପନ କରନ୍ତି, ଜୈନମାନେ କେବଳ ସେହି-ମାନଙ୍କୁ ଆଧ୍ୟାତ୍ମିକ ଗୁରୁରୂପେ ଗ୍ରହଣ କରନ୍ତି । ଜୈନମାନଙ୍କର ବିଶ୍ୱାସ ଯେ, ସେହି ସତ୍ୟବ୍ରତ ସାଧୁଗଣ ଯେଉଁ ଧର୍ମ ପ୍ରବର୍ତ୍ତନ କରନ୍ତି, ତାହା ହିଁ ପ୍ରକୃତ ଧର୍ମ ।

ତୀର୍ଥଙ୍କର— ଜୈନ ତୀର୍ଥଙ୍କର ସକଳ ଦୋଷଦୁର୍ବଳତାରୁ ମୁକ୍ତ । ସେ ହିଁ ପ୍ରକୃତ ଈଶ୍ୱର । ସେ ସର୍ବଦ୍ରଷ୍ଟା । ସେ ଧର୍ମପ୍ରବର୍ତ୍ତକ । ସେ କ୍ଷୁଧା, ତୃଷା, ବାର୍ଦ୍ଧକ୍ୟ, ବ୍ୟାଧି, ଜନ୍ମ, ମୃତ୍ୟୁ, ଭୟ, ଗର୍ବ, ଆସକ୍ତି, ଅରୁଚି, ମୋହ, ବ୍ୟସ୍ତତା, ଅହଂକାର, ଘୃଣା, ଅସ୍ଥିରତା, ସ୍ୱେଦ, ନିଦ୍ରା ଓ ବିସ୍ମୟ ଆଦି ଅଷ୍ଟାଦଶ ଦୋଷତ୍ରୁଟିରୁ ମୁକ୍ତ ।

ଜଗତ— ଜୈନଧର୍ମ ଜଗତକୁ ଦୁଇଟି ବିଭିନ୍ନ ଦୃଷ୍ଟିକୋଣରୁ ଦର୍ଶନ କରେ । ଗୋଟିଏ ହେଉଛି ଦ୍ରବ୍ୟାର୍ଥୀ କାନୟ ଏବଂ ଅନ୍ୟଟି ହେଉଛି ପର୍ଯ୍ୟାୟାର୍ଥୀ କାନୟ । ପ୍ରଥମଟି ଦୃଷ୍ଟିରୁ ଜଗତର ଆଦି ନାହିଁ, କି ଅନ୍ତ ନାହିଁ କିନ୍ତୁ ଦ୍ୱିତୀୟଟି ଦୃଷ୍ଟିରୁ ପ୍ରତି ମୁହୂର୍ତ୍ତରେ ସୃଷ୍ଟି ଓ ଧ୍ୱଂସ ଲାଗିରହିଛି । ଜୈନମାନଙ୍କର ଦୃଢ଼ ବିଶ୍ୱାସ ଯେ, ଶାଶ୍ୱତ ପରମାଣୁରେ ଗଠିତ ହୋଇଥିବାରୁ ବିଶ୍ୱ ଶାଶ୍ୱତକାଳରୁ ରହି ଆସିଛି ଏବଂ ଶାଶ୍ୱତକାଳ ପର୍ଯ୍ୟନ୍ତ ରହିଥିବ ।

ଜୈନମତରେ ଜଗତ ଛଅଟି ପ୍ରକୃତ ତତ୍ତ୍ୱ ନେଇ ଗଠିତ । ସେଗୁଡ଼ିକ ହେଲା ବ୍ୟୋମ, କାଳ, ପଦାର୍ଥ, ଜୀବଗଣ, ଧର୍ମାସ୍ତିକାୟ (ଚଳନସହାୟକ ତତ୍ତ୍ୱ) ଓ ଅଧର୍ମାସ୍ତିକାୟ (ସ୍ଥିତି ସ୍ଥାପକ-ସହାୟକ ତତ୍ତ୍ୱ) । ବ୍ୟୋମର କାର୍ଯ୍ୟ ହେଉଛି ଅନ୍ୟ ସକଳ ତତ୍ତ୍ୱକୁ ଧରିରଖିବା । ବ୍ୟୋମ ଅସୀମ । କାଳ ବାସ୍ତବ । କାଳ ଅନାଦି ଅନନ୍ତ । ପଦାର୍ଥ ପରମାଣୁରେ ଗଠିତ । ଜଗତର କୌଣସି ଅତିପ୍ରାକୃତିକ ସ୍ରଷ୍ଟା ବା ଶାସକ ନାହାନ୍ତି । ଜଗତରେ ଦ୍ରବ୍ୟ ବ୍ୟତୀତ ଅନ୍ୟ କିଛି ନାହିଁ । ଦ୍ରବ୍ୟ ବହୁବିଧ । ସ୍ଥିତିକୁ ଦ୍ରବ୍ୟଠାରୁ ଭିନ୍ନ କରାଯାଇ ନ ପାରେ ।

କର୍ମବାଦ— ଜୈନଦର୍ଶନରେ କର୍ମବାଦ ଏକ ବିଶିଷ୍ଟ ସ୍ଥାନ ଅଧିକାର କରେ । ଜୈନକର୍ମବାଦର ସୂତ୍ର ଯେ କୌଣସି କାର୍ଯ୍ୟକୁ ତାର କାରଣ ସହିତ ସଂଯୁକ୍ତ କରିଦେଇପାରିବ । ଯେଉଁମାନେ ସମ୍ୟକ ଦୃଷ୍ଟି, ସମ୍ୟକ ଜ୍ଞାନ ଓ ସମ୍ୟକ ଆଚରଣ ଦ୍ୱାରା ସକଳ କର୍ମ ବିନାଶ କରିଦେଇପାରନ୍ତି, ସେମାନେ ସିଦ୍ଧି ଲାଭ କରନ୍ତି; ସେମାନେ ଦିବ୍ୟତ୍ୱ ପ୍ରାପ୍ତ ହୋଇ ଜିନ ହୋଇଯାଆନ୍ତି । ଯେଉଁ ଜିନମାନେ ଜୀବମାନଙ୍କ ମଧ୍ୟରେ ଯୁଗେ ଯୁଗେ ଧର୍ମପ୍ରଚାର କରନ୍ତି ଓ ଅନୁଶାସନ ପ୍ରତିଷ୍ଠା କରନ୍ତି, ସେମାନଙ୍କୁ ତୀର୍ଥଙ୍କର ବୋଲାଯାଏ ।

ଅହିଂସା ପରମୋ ଧର୍ମଃ—ଏହି ଗୋଟିଏ ନୀତିବାକ୍ୟରେ ସମସ୍ତ ଜୈନଧର୍ମର ସାର ପୁଞ୍ଜିଭୂତ ହୋଇଯାଇଛି । ଅହିଂସା ହେଉଛି ଜୈନଧର୍ମର ମୂଳନୀତି । ସକଳ ପ୍ରାଣୀଙ୍କର ସୁରକ୍ଷା ତଥା ମଙ୍ଗଳ ବିଧାନରେ ଜୈନଧର୍ମ ସର୍ବଦା ଅଗ୍ରଣୀ । ଜୈନଧର୍ମର ସାର୍ବଜନୀନ ନୀତି ହେଉଛି ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ।

ସମ୍ୟକ ଦୃଷ୍ଟି, ସମ୍ୟକ ଜ୍ଞାନ ଓ ସମ୍ୟକ ଆଚରଣ—ଏହି ତିନୋଟି ହେଉଛି ଉଜ୍ଜ୍ୱଳ ରତ୍ନତ୍ରୟ; ଏହି ରତ୍ନତ୍ରୟ ହିଁ ନିର୍ବାଣପଥର ସାଧନ ।

ଜୈନଦର୍ଶନ କହେ ଯେ, ରାଗ ଓ ଦ୍ୱେଷରୁ (ଆସକ୍ତି ଓ ଘୃଣାରୁ) ସକଳ ଅମଙ୍ଗଳ ଜାତ ହୁଏ । ସମ୍ୟକ ଚରିତ୍ର ଦୟା ଉପରେ ପ୍ରତିଷ୍ଠିତ । ଦୟା ଚତୁର୍ବିଧ ଯଥା ୧- ପ୍ରତିଦାନରେ ଆକାଙ୍କ୍ଷା ନ ରଖି ଅନ୍ୟର ମଙ୍ଗଳ କରିବା । ୨- ଅନ୍ୟର

ଉନ୍ନତି ଦେଖି ଆନନ୍ଦ ଅନୁଭବ କରିବା । ୩- ଦୁଃଖ ଓ ରୋଗରେ ପ୍ରପୀଡ଼ିତ ଲୋକଙ୍କପ୍ରତି ଦୟା ପ୍ରଦର୍ଶନ ତଥା ସେମାନଙ୍କର ଦୁଃଖ ନିବାରଣ ୪- ପାପୀମାନଙ୍କ-ପ୍ରତି ଦୟା ପ୍ରଦର୍ଶନ ।

ଜୈନଧର୍ମ ବିଶ୍ୱଭ୍ରାତୃଭାବ ଓ ସକଳ ଜୀବଙ୍କପ୍ରତି ସମଦୃଷ୍ଟି ପ୍ରଚାର କରେ । ଜୈନଧର୍ମ ତାର ଅନୁଗାମୀମାନଙ୍କୁ ଅଧିକତମ ଆତ୍ମସଂଯମ ରକ୍ଷା କରିବାକୁ ନିର୍ଦ୍ଦେଶ ଦିଏ । ବିଭିନ୍ନ ବିଜାତୀୟ ତତ୍ତ୍ୱର ଆବରଣ ବ୍ୟକ୍ତିର ଅନ୍ତର୍ନିହିତ ସଦଗୁଣକୁ ଆଚ୍ଛନ୍ନ କରି ରଖିଥାଏ । ବ୍ୟକ୍ତି ନିଜର ପୁରୁଷାର୍ଥ ବଳରେ ସେହି ଆବରଣ ଖୋଲିଦେଇ ନିଜର ସଦ୍‌ଗୁଣ ପ୍ରକାଶ କରିପାରେ । ସମ୍ୟକ ଦୃଷ୍ଟି, ସମ୍ୟକ ଜ୍ଞାନ, ଓ ସମ୍ୟକ ଆଚରଣରୂପକ ତ୍ରିଗୁଣ ଦ୍ୱାରା ଇହଜନ୍ମରେ ହିଁ ସିଦ୍ଧାବସ୍ଥା ପ୍ରାପ୍ତି ହୋଇଥାଏ । ସିଦ୍ଧିପ୍ରାପ୍ତ ଆତ୍ମା ଏହି ଜଗତର ବହୁ ଊର୍ଦ୍ଧ୍ୱରେ ଅବସ୍ଥିତ ସିଦ୍ଧକ୍ଷେତ୍ରକୁ ଗମନ କରେ ।

ବୌଦ୍ଧଧର୍ମ

ହିନ୍ଦୁଧର୍ମର ବିପ୍ଳବୀ ସନ୍ତାନ ଗୌତମ ଶାକ୍ୟମୁନିଙ୍କ ଦ୍ୱାରା ବୌଦ୍ଧଧର୍ମ ପ୍ରତିଷ୍ଠିତ ହୋଇଥିଲା । ବୌଦ୍ଧଧର୍ମ ପ୍ରତ୍ୟକ୍ଷଭାବରେ ହିନ୍ଦୁଧର୍ମରୁ ଜାତ ହୋଇଛି । ବୁଦ୍ଧ କୌଣସି ଦିନ ଏକ ନୂତନ ଧର୍ମ ପ୍ରତିଷ୍ଠା କରିବାକୁ ଚାହିଁ ନ ଥିଲେ । ସେ କୌଣସି ନୂତନ ଆବିଷ୍କାର କରି ନ ଥିଲେ । ପ୍ରାଚୀନ ହିନ୍ଦୁମାନଙ୍କ ମଧ୍ୟରେ ଯେଉଁ ଧର୍ମ ପ୍ରଚଳିତ ଥିଲା, ସେ କେବଳ ସେହି ଧର୍ମର ପ୍ରାଚୀନରୂପ ପ୍ରଚାର କରିଥିଲେ ।

ବେଦ ଓ ଉପନିଷଦର ବିଶୁଦ୍ଧ ମହାନ ଧର୍ମ ଅଧଃପତିତ ହୋଇ ଅର୍ଥହୀନ ପୂଜାପଦ୍ଧତି ଓ ପଦପଦାବଳୀରେ ପର୍ଯ୍ୟବେସିତ ହୋଇଯାଇଥିଲା । କେବଳ ଜନ୍ମଗତ ଅଧିକାର ନେଇ ବ୍ରାହ୍ମଣମାନେ ସମ୍ମାନ ଦାବି କରୁଥିଲେ । ସେମାନେ ବେଦାଧ୍ୟୟନ ଓ ସଦାଚାରପ୍ରତି ବିତଶ୍ରଦ୍ଧ ହୋଇପଡ଼ିଥିଲେ । ବ୍ରାହ୍ମଣମାନଙ୍କପ୍ରତି ଅଯଥା କୋମଳତା, ଅଯଥା ଅନୁକମ୍ପା ପ୍ରଦର୍ଶନ କରାଯାଉଥିବାବେଳେ, ଶୂଦ୍ରମାନଙ୍କପ୍ରତି ଅହେତୁକ ନିର୍ଦ୍ଦୟତା ପ୍ରଦର୍ଶନ କରାଯାଉଥିଲା । ମାଂସଭକ୍ଷଣକୁ ଧାର୍ମିକ ଅନୁମତି ଦେବା ଅଭିପ୍ରାୟରେ ପଶୁହତ୍ୟା କରାଯାଇ ଯଜ୍ଞରେ ଆହୁତି ଦେବାର ବ୍ୟବସ୍ଥା କରାଯାଇଥିଲା । ବୁଦ୍ଧଙ୍କର ଆବିର୍ଭାବ ହେଲାବେଳକୁ ସମାଜର ଅବସ୍ଥା ଏପରି ହୋଇ-ଯାଇଥିଲା । ତାହାଙ୍କର କୋମଳ ସ୍ନେହଶୀଳ ହୃଦୟ ପବିତ୍ର ଧର୍ମ ନାମରେ ଏପରି ନିର୍ଦ୍ଦୟ ଜୀବହତ୍ୟା ଓ ରକ୍ତପାତ ସହ୍ୟ କରିପାରିଲା ନାହିଁ ।

ବୁଦ୍ଧ ଘୋଷଣା କଲେ ଯେ, ଜନ୍ମଗତ ଅଧିକାର ନୁହେଁ, ଗୁଣଗତ ଅଧିକାର ହିଁ ସମାଜରେ ବ୍ୟକ୍ତିର ସ୍ଥାନ ନିରୂପଣ କରେ । ଦଳିତ ଶୂଦ୍ରଗଣ ବହୁ ସଂଖ୍ୟାରେ ତାଙ୍କ ସହିତ ଯୋଗଦେଲେ । ସମାଜରୁ ଜାତିଗତ ପାର୍ଥକ୍ୟ ଦୂର କରିବାକୁ ତଥା ପଶୁବଳି ଦିଆଯାଉଥିବା ଯାଗଯଜ୍ଞ ପରିହାର କରିବାକୁ ବୁଦ୍ଧ ନିଜର ସକଳ ଶକ୍ତି ଓ ସମସ୍ତ ସମୟ ବିନିଯୋଗ କରିଦେଲେ । ଯେଉଁ ଯୁଗରେ ଏସବୁ କୁକାର୍ଯ୍ୟ କରାଯାଉ-ଥିଲା, ବୁଦ୍ଧ ଯଦି ସେ ଯୁଗ ଭିନ୍ନ ଅନ୍ୟ କୌଣସି ଯୁଗରେ ଜନ୍ମ ଗ୍ରହଣ କରିଥାନ୍ତେ, ତେବେ ତାଙ୍କର ବିଶେଷ କୌଣସି ପ୍ରଭାବ ପରିଲକ୍ଷିତ ହୋଇ ନ ଥାନ୍ତା; ସେ ସଂସ୍କାର କରିବାପାଇଁ ବିଶେଷ କିଛି ପାଇ ନ ଥାନ୍ତେ । କିନ୍ତୁ ସମାଜରେ ଉଲ୍ଲିଖିତ କଳଙ୍କ ଦୁଇଟି ଲାଗିଥିବାବେଳେ ସେ ଜନ୍ମ ହୋଇଥିଲେ; ତେଣୁ ସେ ସ୍ୱଭାବତଃ ବହୁସଂଖ୍ୟକ ଲୋକଙ୍କୁ ନିଜ ଆଡ଼କୁ ଆକର୍ଷିତ କରି ପାରିଥିଲେ ଏବଂ ନିଜର ଅଜ୍ଞାତସାରରେ ସେ ଏକ ନୂତନ ଧର୍ମବିଶ୍ୱାସ ପ୍ରତିଷ୍ଠା କରିଦେଇଥିଲେ ।

ବୌଦ୍ଧଧର୍ମ ଅଜ୍ଞେୟବାଦ ନୁହେଁ— ଜଗତରୁ ଭ୍ରାନ୍ତିର ପଥ ବିନାଶ କରି, ଜଗତରୁ ଦୁଃଖର ବିନାଶ କରି ଜଗତକୁ ଧର୍ମର ପଥ ପ୍ରଦର୍ଶନ କରିବା ନିମନ୍ତେ ବୁଦ୍ଧ ଆବିର୍ଭୂତ ହୋଇଥିଲେ । ବୌଦ୍ଧଧର୍ମ କୌଣସି ଅଜ୍ଞେୟବାଦ ବା ନାସ୍ତିବାଦ ନୁହେଁ । ବୌଦ୍ଧଧର୍ମ କୌଣସି ଶୂନ୍ୟବାଦ ମଧ୍ୟ ନୁହେଁ । ବୁଦ୍ଧ ଈଶ୍ୱରଙ୍କୁ ଅସ୍ୱୀକାର କରିନାହାନ୍ତି । ସେ କେବଳ କହିଛନ୍ତି; 'ଈଶ୍ୱର ଅଛନ୍ତି କି ? ମୋର ଅସ୍ତିତ୍ୱ ଅଛି କି ? ଏ ଜଗତ ସତ୍ୟ ନା ମିଥ୍ୟା ?—ଏ ପ୍ରକାର ପ୍ରଶ୍ନ ନେଇ ବ୍ୟସ୍ତ ହୁଅ ନାହିଁ । ଅନାବଶ୍ୟକ ଯୁକ୍ତିତର୍କ ଓ ଆଲୋଚନାରେ ଶକ୍ତି ଓ ସମୟ ନଷ୍ଟ କର ନାହିଁ । ବ୍ୟବହାରିକତା ଦୃଷ୍ଟିରୁ ଧାର୍ମିକ ମନୁଷ୍ୟ ହୁଅ । ନିଜର ହୃଦୟକୁ ନିର୍ମଳ-ପବିତ୍ର କର । ମନକୁ ସଂଯତ କର । ସଦାଚାରପୂର୍ଣ୍ଣ ଜୀବନ ଯାପନ କର । ତୁମେ ନିର୍ବାଣ ବା ପରମମୁକ୍ତି ବା ଶାଶ୍ୱତସୁଖ ଲାଭ କରିବ ।'

ବୁଦ୍ଧଙ୍କୁ ଅଜ୍ଞେୟବାଦୀ ବା ନିରୀଶ୍ୱରବାଦୀ କହି ଦୋଷ ଦେବା କେବଳ ମୂର୍ଖତାର ପରିଚାୟକ । ବୁଦ୍ଧ ତତ୍ତ୍ୱ-ମୀମାଂସକୀୟ ବିତଣ୍ଡାରେ କୌଣସି ଆବଶ୍ୟକତା ଥିବାର ଉପଲବ୍ଧି କରିପାରି ନ ଥିଲେ; ସେ ଭିତରେ ପ୍ରବେଶ କରିବାକୁ ହିଁ ଇଚ୍ଛୁକ ନ ଥିଲେ । ଈଶ୍ୱର ଅଛନ୍ତି ନା ନାହାନ୍ତି ? ଜୀବନ ଶାଶ୍ୱତ ନା ଅଶାଶ୍ୱତ ?—ନିର୍ବାଣପ୍ରାପ୍ତି ନିମନ୍ତେ ଏସବୁ ପ୍ରଶ୍ନର ଉତ୍ତର କୌଣସି ପ୍ରକାରେ ଆବଶ୍ୟକ ନୁହେଁ ବୋଲି କହି ସେ ଏସବୁକୁ ଏଡ଼ାଇଦେଇଥିଲେ । ଦୁଃଖ ଓ ଦୁଃଖର ବିନାଶ—ଏ ଦୁଇଟି ହିଁ ଥିଲା ବୁଦ୍ଧଙ୍କ ସମ୍ମୁଖରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା । ସେ ନିଜର ଅନୁଗାମୀମାନଙ୍କୁ କୌଣସି ଅତୀନ୍ଦ୍ରିୟ ବା ଗୁହ୍ୟ ପ୍ରଶ୍ନ ନେଇ ଆନ୍ଦୋଳିତ ନ ହେବାକୁ ପରାମର୍ଶ ଦେଇଥିଲେ । ପ୍ରକୃତ ଲକ୍ଷ୍ୟ-ଲାଭ-ପଥରେ ଯେଉଁସବୁ ବିଷୟର କୌଣସି ଆବଶ୍ୟକତା ନାହିଁ, ସେସବୁ ବିଷୟ ସେ ସମ୍ପୂର୍ଣ୍ଣ ଏଡ଼ାଇ-ଦେଇଥିଲେ । ସେ ଭାବିଲେ, ଅନୁଗାମୀମାନଙ୍କୁ କୌଣସି ମତବାଦ ଦେଇ ଲାଭ ନାହିଁ; ସେମାନଙ୍କୁ ଏକ ମାର୍ଗ ଦେଖାଇଦେବା ହିଁ ବିଜ୍ଞତାର ବିଷୟ ହେବ । ସେ ଉପଲବ୍ଧି କଲେ ଯେ, ପରମ ସତ୍ୟର ପ୍ରକୃତି ସମ୍ବନ୍ଧରେ କଳ୍ପନାଜଳ୍ପନା କରିବା ସତ୍ୟ ଓ ଆଧ୍ୟାତ୍ମିକ ଲକ୍ଷ୍ୟଲାଭ ପଥରେ କେବଳ ଅଯଥା ଅନ୍ତରାୟ ହେବ । ପରମ-ସତ୍ୟର ସ୍ୱରୂପ ସମ୍ବନ୍ଧରେ ଚର୍ଚ୍ଚା ଆଲୋଚନା କରିବାର କୌଣସି ମୌଳିକ ଆବଶ୍ୟକତା ନାହିଁ; ଆବଶ୍ୟକତା ରହିଛି ସେହି ପଥରେ ଚାଲିବାରେ, ଯେଉଁ ପଥ ମନୁଷ୍ୟକୁ ଏହି ସଂସାରର ଦୁଃଖଶୋକରୁ ଉଦ୍ଧାର କରି ନେଇଯାଇପାରିବ ଶାଶ୍ୱତ ସୁଖର ଅମରଧାମକୁ । ପରମ ସତ୍ୟର ସ୍ୱରୂପ ମନୁଷ୍ୟର ମନ ଓ ବାକ୍ୟର ଅତୀତ । ଯଦି ବୁଦ୍ଧ ପରମ ସତ୍ୟର ପ୍ରକୃତି ନିର୍ଣ୍ଣୟ କରିବାକୁ ଅନିଚ୍ଛା ପ୍ରକାଶ କରିଥାନ୍ତି ବା ନେତିବାଚୀ ସଜ୍ଞା ଦେଇ ଆତ୍ମସନ୍ତୋଷ ଲାଭ କରିଥାନ୍ତି, ତେବେ କରିଛନ୍ତି କେବଳ

ଏହି କଥା ଦର୍ଶାଇଦେବାପାଇଁ ଯେ, ପରମାତ୍ମା ସକଳ ସଙ୍ଗର ଊର୍ଦ୍ଧ୍ୱରେ; ସେ ନିରୁପାଧି, ଅବ୍ୟକ୍ତ ।

ଆତ୍ମପ୍ରତ୍ୟୟର ମାର୍ଗ— ବୌଦ୍ଧଧର୍ମ ହେଉଛି ଏକାନ୍ତ ଓ ପ୍ରକୃତ ନିର୍ଭୀକ ଉଦ୍ୟମର ଧର୍ମ; ବୁଦ୍ଧ ଚାହାନ୍ତି ତୁମର ନିଜର ଆତ୍ମାରେ ତୁମର ବିଶ୍ୱାସ ରହୁ । ତୁମର ନିଜର ଗୁପ୍ତସୁପ୍ତ ଶକ୍ତିରେ ତୁମର ଆସ୍ଥା ରହୁ । ସେହିତକ ବିଶ୍ୱାସ ବିନା କୌଣସି ଲକ୍ଷ୍ୟ ଲାଭ କରିହେବ ନାହିଁ । ବୁଦ୍ଧତ୍ୱ ପ୍ରାପ୍ତିର ଅବ୍ୟବହିତ ପରେ ବୁଦ୍ଧଙ୍କର ପ୍ରଥମ ବାଣୀ ହେଲା, "ଯେଉଁମାନଙ୍କର ଶ୍ରବଣେନ୍ଦ୍ରିୟ ଅଛି, ଶୁଣ—ଅମରତ୍ୱର ଦ୍ୱାର ଉନ୍ମୁକ୍ତ ହୋଇ ରହିଛି । ତୁମର ପୁରୁଣା ଧର୍ମବିଶ୍ୱାସ ଛାଡ଼ିଦିଅ ।"

ବୁଦ୍ଧ କୌଣସି ଦିନ ଚାହିଁ ନ ଥିଲେ ଯେ, ତାଙ୍କର ଅନୁଗାମୀଗଣ ତାଙ୍କ କଥାକୁ ଅନ୍ଧଭାବରେ ବିଶ୍ୱାସ କରିନିଅନ୍ତୁ । ସେ ଚାହୁଁଥିଲେ, ସେମାନେ ତାଙ୍କ କଥାର ତାତ୍ପର୍ଯ୍ୟ ଉପଲବ୍‌ଧି କରନ୍ତୁ ଏବଂ ତାକୁ ଧରି ସେମାନେ ନିଜର ଅନୁଭୂତିପାଇଁ ନିଜେ ଅନ୍ୱେଷଣ ଆରମ୍ଭ କରନ୍ତୁ । କିନ୍ତୁ ସେ ଘୋଷଣା କରିଥିଲେ ଯେ, କେବଳ ଆତ୍ମ-ସଂଯମୀ, ପବିତ୍ରହୃଦୟ ସଦାଚାରୀ ବ୍ୟକ୍ତି ହିଁ ସେହି ଅନୁଭୂତି ଲାଭ କରିପାରିବେ । ସେ ଶିଷ୍ୟମାନଙ୍କୁ ଉପଦେଶ ଦେଇ କହିଥିଲେ, "ଅନ୍ୟମାନଙ୍କର ବିବୃତ୍ତି ବିଶ୍ୱାସ କର ନାହିଁ । ପରମ୍ପରାକୁ ଗ୍ରହଣ କର ନାହିଁ, କାରଣ ପରମ୍ପରା ନିତାନ୍ତ ପୁରୁଣା ହୋଇଗଲାଣି; ଏହା ବହୁପୁରୁଷ ତଳୁ ଗଡ଼ିଆସିଲାଣି । ତରତର ହୋଇ କୌଣସି କଥାର ସତ୍ୟତା ସ୍ୱୀକାର କରିନିଅ ନାହିଁ । ଶାସ୍ତ୍ରରେ ଲେଖା ହୋଇଛି ବୋଲି କିମ୍ବା ଗ୍ରହଣୀୟ ବୋଲି କିମ୍ବା ଗୁରୁ ବା ପୁରୋହିତ କହିଛନ୍ତି ବୋଲି, କୌଣସି କଥା ବିନାବିଚାରରେ ଗ୍ରହଣ କରିନିଅ ନାହିଁ । ନିଜ ଅନୁଭୂତିରୁ ତଥା ପୁଙ୍ଖାନୁପୁଙ୍ଖ ଅନ୍ୱେଷଣରୁ ଯାହା କିଛି ମିଳୁଛି, ତାହା ଯଦି ତୁମ ବିଚାରବୁଦ୍ଧିର ଅନୁମତ ହୁଏ ଏବଂ ଯଦି ତୁମର ମଙ୍ଗଳକର ହେବା ସଙ୍ଗେ ସଙ୍ଗେ ଅନ୍ୟ ପ୍ରାଣୀମାନଙ୍କର ମଧ୍ୟ ମଙ୍ଗଳକାରକ ହେଉଥାଏ, ତେବେ ତାହା ହିଁ ସତ୍ୟ ବୋଲି ଗ୍ରହଣ କର ଏବଂ ତଦନୁଯାୟୀ ନିଜ ଜୀବନକୁ ଗଢ଼ିଚାଲ ।"

ଏହା ହେଉଛି ଧର୍ମ ସମ୍ବନ୍ଧୀୟ ସ୍ୱାଧୀନମତବାଦୀମାନଙ୍କର ମତ, ଯୁକ୍ତିବାଦୀ-ମାନଙ୍କର ମତ । କିନ୍ତୁ ଏହା ସାଧକମାନଙ୍କର ଲକ୍ଷ୍ୟଲାଭରେ ସହାୟକ ହେବ ନାହିଁ । ମନୁଷ୍ୟବୁଦ୍ଧି ସୀମିତ । ସେ ବୁଦ୍ଧି ଏକ ନିର୍ଦ୍ଦିଷ୍ଟ ପରିଧି ମଧ୍ୟରେ କାର୍ଯ୍ୟକ୍ଷମ । ତେଣୁ ଉପନିଷଦ ଦୃଢ଼କଣ୍ଠରେ ଘୋଷଣା କରିଛନ୍ତି ଯେ, ମନୁଷ୍ୟ ଅଲୌକିକ ଗୁରୁଙ୍କ ସହାୟତାରେ ହିଁ ଆତ୍ମସାକ୍ଷାତକାର ଲାଭ କରିପାରିବ । ବ୍ରହ୍ମଶ୍ରୋତ୍ରୀ ବ୍ରହ୍ମନିଷ୍ଠ ଗୁରୁଙ୍କ ବିନାସହାୟତାରେ, ଶାସ୍ତ୍ରର ତାତ୍ତ୍ୱିକଜ୍ଞାନରେ ଦୀପ୍ତ ତଥା ପରମସତ୍ୟ ବା

ବ୍ରହ୍ମଙ୍କ ବିଷୟରେ ପ୍ରତ୍ୟକ୍ଷଜ୍ଞାନସମ୍ପନ୍ନ ଗୁରୁଙ୍କର ବିନାସହାୟତାରେ ମନୁଷ୍ୟ ବ୍ରହ୍ମସାକ୍ଷାତକାର ଲାଭ କରି ନ ପାରେ ।

ପ୍ରେମ ଓ ଅହିଂସାର ଅବତାର ଭଗବାନ ବୁଦ୍ଧ— ଜଗତରେ ଯେତେ ଜନହିତୈଷୀ ମାନବବାଦୀ ମହାତ୍ମା ଜନ୍ମ ଗ୍ରହଣ କରିଥିଲେ, ବୁଦ୍ଧ ହେଉଛନ୍ତି ସେମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ । ସେ ଥିଲେ ଜଗତର ଅଦ୍ୱିତୀୟ ଦୟାର୍ଦ୍ର ପୁରୁଷ । ଅବଶ୍ୟ ଜଗତର ସକଳ ଧର୍ମରେ ଲୋକହିତ ଓ ମାନବବାଦ ହିଁ ପ୍ରଧାନ ତନ୍ତ୍ରୀରୂପେ କାର୍ଯ୍ୟ କରେ । ତଥାପି ଜଗତର ଧର୍ମ-ଇତିହାସରେ ଭଗବାନ ବୁଦ୍ଧଙ୍କର ଜନହିତକର କାର୍ଯ୍ୟ ଓ ମାନବବାଦୀ ଉତ୍ସାହର ପଟାନ୍ତର ନାହିଁ ।

ବୁଦ୍ଧ ରାଜ୍ୟ ପରିତ୍ୟାଗ କରି ଚାଲିଯାଇଥିଲେ ଏବଂ ଭାରତର ଚାରିକଡ଼ରେ ଭିକ୍ଷା କରି କରି ମନୁଷ୍ୟ ତଥା ମନୁଷ୍ୟେତର ପ୍ରାଣୀମାନଙ୍କର ମଙ୍ଗଳ ନିମନ୍ତେ ଧର୍ମର ବାଣୀ ପ୍ରଚାର କରି ବୁଲୁଥିଲେ । ତାଙ୍କର ହୃଦୟ ଥିଲା ଆକାଶପରି ବିଶାଳ ଓ ସାଗରପରି ଗମ୍ଭୀର । ସେ ସ୍ୱର୍ଗଲାଭ ଇପ୍ସା କରି ନ ଥିଲେ । ଧନସମ୍ପଦ ବା ରାଜସିଂହାସନ ଲାଭ ଇଚ୍ଛା ତାଙ୍କର ନ ଥିଲା । ସତରେ କି ମହାନ୍, କି ନିଃସ୍ୱାର୍ଥପର ଯୋଗୀ ନ ଥିଲେ ସେ !! ସେ ଥିଲେ ଏକମାତ୍ର ପୁରୁଷ, ଯେ କି ନିଜର ପ୍ରାଣ ବିନିମୟରେ ପଶୁବଳି ମଧ୍ୟ ବାରଣ କରିବାକୁ ସର୍ବଦା ପ୍ରସ୍ତୁତ ଥିଲେ । ଥରେ ସେ ଜଣେ ରାଜାଙ୍କୁ କହିଥିଲେ, "ଯଦି ଏକ ଛାଗଶିଶୁ ବଳି ଦେଇ ଆପଣ ସ୍ୱର୍ଗଲାଭ କରିପାରିବେ, ତେବେ ନରବଳି ଦେଲେ ତ ନିଶ୍ଚୟ ତା'ଠାରୁ ଅଧିକ କିଛି ଲାଭ କରିପାରିବେ । ତେଣୁ ହେ ରାଜା, ମୋତେ ବଳି ଦିଅନ୍ତୁ ।" ନିଜର ପବିତ୍ର ଜୀବନ, ମହାନ୍ ତ୍ୟାଗ ଓ ଅସାଧାରଣ ଆତ୍ମୋତ୍ସର୍ଗ ଦ୍ୱାରା ଜଗତ ଉପରେ ସେ ଏକ ଅବିସ୍ମରଣୀୟ ଚିରସ୍ଥାୟୀ ପ୍ରଭାବ ପକାଇଦେଇ ଯାଇଛନ୍ତି ।

ବହୁ ଋଷି, ବହୁ ମହାପୁରୁଷ ଜଗତରେ ପ୍ରେମ ଓ ଅହିଂସାର ବାଣୀ ପ୍ରଚାର କରିଯାଇଛନ୍ତି କିନ୍ତୁ ପ୍ରେମ ଓ ଅହିଂସା ଉପରେ ଭଗବାନ ବୁଦ୍ଧ ଯେଉଁ ଗୁରୁତ୍ୱ ପ୍ରଦାନ କରିଥିଲେ, ଜଗତର ନୈତିକ ଚିନ୍ତାର ସମଗ୍ର ଇତିହାସରେ ଅନ୍ୟ କୌଣସି ସମୟରେ ସେପରି ଗୁରୁତ୍ୱ ପରିଲକ୍ଷିତ ହୋଇ ନାହିଁ । ଅହିଂସା ଓ ବିଶ୍ୱପ୍ରେମର ମତବାଦକୁ ଭଗବାନ ବୁଦ୍ଧ ଯେତେଦୂର ପ୍ରସାରିତ କରିପାରିଥିଲେ, ଅନ୍ୟ କେହି ସେତେଦୂର ପ୍ରସାରିତ କରିପାରି ନାହାନ୍ତି । ପ୍ରେମ ଓ ଅହିଂସାରୂପକ ମୌଳିକ ସଦ୍‌ଗୁଣ ଦୁଇଟିକୁ ବୁଦ୍ଧ ଯେତେ ଦୂର ପାଳନ କରିଥିଲେ, ଅନ୍ୟ କେହି ସେତେ ଦୂର ପାଳନ କରି ନାହାନ୍ତି । ଅନ୍ୟ କାହାରି ହୃଦୟ ବୁଦ୍ଧଙ୍କ ହୃଦୟପରି କୋମଳ, ଦୟାର୍ଦ୍ର ଓ କ୍ଷମାଶୀଳ ନ ଥିଲା । ତେଣୁ ଆଜି ମଧ୍ୟ ସେ କୋଟି କୋଟି

ଜନତାର ହୃଦୟସ୍ଥ ଦେବତା । ପିମ୍ପୁଡ଼ିଟିଏର, ପୋକଟିଏର, କୁକୁରଟିଏର ସାମାନ୍ୟ-ତମ ଯନ୍ତ୍ରଣା ଦେଖିଲେ ତାଙ୍କର ହୃଦୟ ତରଳି ଯାଉଥିଲା । ଅତୀତ ଜନ୍ମରେ ସେ ଏକ କ୍ଷୁଧାର୍ତ୍ତ ହିଂସ୍ର ପ୍ରାଣୀର କ୍ଷୁଧା ନିବାରଣପାଇଁ ନିଜର ଶରୀର ପ୍ରଦାନ କରି-ଦେଇଥିଲେ । ବହୁ ଅତୀତ ଜନ୍ମର ବିଭିନ୍ନ ଦୟାଳୁ କର୍ମର ଫଳସ୍ୱରୂପ ଶେଷ ଜନ୍ମରେ ସେ ବୁଦ୍ଧ ହୋଇଥିଲେ ।

ବୌଦ୍ଧଧର୍ମ ନାମରେ କେବେ କୌଣସିଠାରେ ବିନ୍ଦୁଟିଏ ବି ରକ୍ତପାତ ହୋଇ ନାହିଁ । ଧର୍ମଯୁଦ୍ଧ ବୌଦ୍ଧଧର୍ମର ଇତିହାସରେ ଅଗୋଚର । ହିସାବରୁ ଜଣାଯାଏ, ବର୍ତ୍ତମାନ ପୃଥିବୀର ଏକତୃତୀୟାଂଶରୁ ଅଧିକ ଲୋକ ବୌଦ୍ଧ । ଏକାନ୍ତ ଉଦାରତା ଉପରେ ପ୍ରତିଷ୍ଠିତ ହୋଇଥିବାରୁ ବୌଦ୍ଧଧର୍ମର ପ୍ରସାର ଘଟିଥିଲା । ଧର୍ମନାମରେ କୌଣସି ଯୁଦ୍ଧ ବା ଦେଶଜୟର ଘଟଣା ବୌଦ୍ଧଧର୍ମର ଇତିହାସରେ ଦେଖିବାକୁ ମିଳେ ନାହିଁ । ଧର୍ମୋପଦେଶ ପ୍ରସାର ନିମନ୍ତେ ବୌଦ୍ଧଧର୍ମ ସର୍ବଦା କେବଳ ଶାନ୍ତିର ପଥ ଅନୁସରଣ କରିଥିଲା । ସହନଶୀଳତା ଓ ଉଦାର ମନୋଭାବ —ଏ ଦୁଇଟି ହେଉଛି ବୌଦ୍ଧ ଧର୍ମବିଶ୍ୱାସର ଦୁଇଟି ବିଶେଷ ଲକ୍ଷଣ ।

ମହାନ ଅଷ୍ଟାଙ୍ଗ ମାର୍ଗ— ବୁଦ୍ଧଙ୍କର ଧର୍ମବାଣୀ ଅତି ସରଳ ଅଥଚ ବିସ୍ମୟକରଭାବରେ ଗମ୍ଭୀର । ପରିଦୃଶ୍ୟମାନ ଜଗତର ପ୍ରକ୍ରିୟା ଓ ଅନୁଭୂତିକୁ ଏକ ସମ୍ପୂର୍ଣ୍ଣ ବୈଜ୍ଞାନିକ ଦୃଷ୍ଟିକୋଣରୁ ବିଶ୍ଳେଷଣ କରି ବୁଦ୍ଧ ଦେଖିଲେ ଯେ, ଜଗତର ସମସ୍ତ ପଦାର୍ଥ କ୍ଷଣିକ, ଅନିତ୍ୟ ଓ ପରିବର୍ତ୍ତନଶୀଳ । ଏହି କ୍ଷଣିକ ଓ ଅନିତ୍ୟ ବସ୍ତୁ ଦ୍ୱାରା ଆବଦ୍ଧ ହୋଇ ରହିଥିବାରୁ ଜୀବନର ସର୍ବସ୍ୱ ଦୁଃଖ, ଯନ୍ତ୍ରଣା, ଅଶାନ୍ତି ଓ ଅସନ୍ତୋଷ ପୂର୍ଣ୍ଣ ହୋଇ ରହିଛି । ଏହି ସାର୍ବଜନୀନ ଦୁଃଖ ହିଁ ବୁଦ୍ଧଙ୍କର ଚିନ୍ତାଧାରାର ପ୍ରାରମ୍ଭ ସ୍ଥଳ । ବୁଦ୍ଧ କୌଣସି ନୈରାଶ୍ୟବାଦ ପ୍ରଚାର କରିଯାଇ ନାହାନ୍ତି । ସେ ଥିଲେ ଜଣେ ଅସାଧାରଣ ଆଶାବାଦୀ । ସେ ଦୃଢ଼ କଣ୍ଠରେ ଘୋଷଣା କରିଛନ୍ତି ଯେ, ଦୁଃଖନିରୋଧର ଏକ ମାର୍ଗ ରହିଛି ଏବଂ ପ୍ରତ୍ୟେକ ମନୁଷ୍ୟ ଏକ ଶାଶ୍ୱତସୁଖର ସ୍ୱର୍ଗରେ ନିଶ୍ଚିତ ଭାବରେ ପହଞ୍ଚିପାରିବ ।

ବୁଦ୍ଧ ଯେଉଁ ସତ୍ୟ ଚତୁଷ୍ଟୟ ବା 'ଚତ୍ୱାରି ଆର୍ଯ୍ୟସତ୍ୟାନି' ପ୍ରଚାର କରିଥିଲେ ସେହି ଚାରୋଟି ସତ୍ୟ ହେଉଛି : ଜଗତ ଦୁଃଖପୂର୍ଣ୍ଣ; ତୃଷ୍ଣା ବା କାମନା ହିଁ ଦୁଃଖର କାରଣ, କାମନାର ବିନାଶରେ ଦୁଃଖର ବିନାଶ ହୁଏ ଏବଂ ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ ଗ୍ରହଣ କଲେ, କାମନାର ବିନାଶ କରିହେବ ।

ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ ହେଲା (୧) ସମ୍ୟକ୍ ଦୃଷ୍ଟି (୨) ସମ୍ୟକ୍ ସଙ୍କଳ୍ପ (୩) ସମ୍ୟକ୍ ବାକ୍ୟ (୪) ସମ୍ୟକ୍ କର୍ମ (୫) ସମ୍ୟକ୍ ଜୀବିକା (୬) ସମ୍ୟକ୍ ଅଭ୍ୟାସ (୭) ସମ୍ୟକ୍ ସ୍ମୃତି ଏବଂ (୮) ସମ୍ୟକ୍ ସମାଧି ।

ବୁଦ୍ଧ ପ୍ରବର୍ତ୍ତିତ ଏହି ଅଷ୍ଟାଙ୍ଗ ଜୀବନମାର୍ଗ ଅବଲମ୍ବନରେ ସକଳ ପ୍ରକାର ଦୁଃଖର ବିନାଶ ହୋଇ ନିର୍ବାଣ ପ୍ରାପ୍ତି ହୁଏ । ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗ କାମ, କ୍ରୋଧ, ଲୋଭ, ମୋହ ଆଦି ଦୁଷ୍ଟ ବୃତ୍ତି ବିନାଶ କରି ହୃଦୟକୁ ନିର୍ମଳପବିତ୍ର କରେ । ଦୁଷ୍ଟ ବୃତ୍ତି ବିନାଶ ହୋଇ ହୃଦୟ ନିର୍ମଳ ପବିତ୍ର ହେଲେ, ବୋଧି ବା ସଦ୍‌ଜ୍ଞାନ ଉତ୍ପନ୍ନ ହୁଏ ଏବଂ ସମ୍ପୂର୍ଣ୍ଣ ଶାଶ୍ୱତ ଶାନ୍ତି ଓ ଚିରନ୍ତନ ସୁଖ ତଥା ଅମରତ୍ୱ ପ୍ରାପ୍ତି ହୁଏ ।

ନିର୍ବାଣ ଓ ତାର ତାତ୍ପର୍ଯ୍ୟ— ବୁଦ୍ଧ ପ୍ରବର୍ତ୍ତିତ ଧର୍ମ ହେଉଛି ନିର୍ବାଣରୂପୀ ସ୍ୱର୍ଗସୁଖ ଲାଭ ନିମନ୍ତେ ଏକ ମାର୍ଗ । ତାହା ଏକ ପ୍ରଣାଳୀ; ତାହା କୌଣସି ଧର୍ମମତ ନୁହେଁ । ବୁଦ୍ଧ ପ୍ରବର୍ତ୍ତିତ ଧର୍ମ ଥିଲା ଆଧ୍ୟାତ୍ମିକ ବିକାଶ ଲାଗି ଏକ ସଂଯୋଜନା; ତାହାକୁ ଏକ ସ୍ୱତନ୍ତ୍ର ମତବାଦ ବୋଲିଯାଇ ନ ପାରେ ।

'ନିର୍ବାଣର' ଆକ୍ଷରିକ ଅର୍ଥ ହେଉଛି ଲିଭିଯିବା । ହୃଦୟରୁ କାମଲାଳସା, ବିଦ୍ୱେଷ ଓ ଆଳସ୍ୟରୂପକ ତ୍ରିତାପ ନିର୍ବାପିତ ହେବା ପରେ ଯେଉଁ ସୁଖଶାନ୍ତିମୟ ଆଧ୍ୟାତ୍ମିକ ଅନୁଭୂତି ମିଳେ; ନିର୍ବାଣ ହେଉଛି ତାହାର ପ୍ରତୀକ ।

ନିର୍ବାଣର ଅର୍ଥ ସମ୍ପୂର୍ଣ୍ଣ ଆତ୍ମବିନାଶନ ବା ଆତ୍ମାହୁତି ନୁହେଁ । ହୃଦୟର ସମସ୍ତ ନୀଚଭାବର ନିର୍ବାପନ ହିଁ ନିର୍ବାଣ ।

ଆଧୁନିକ ଜଗତ ପକ୍ଷରେ ବୁଦ୍ଧଙ୍କର ଉପଦେଶଗୁଡ଼ିକ ଏକାନ୍ତ ଆବଶ୍ୟକ ହୋଇପଡ଼ିଛି । ଆଜି ଦେଖାଯାଉଛି, ମନୁଷ୍ୟ ଜାତିକୁ, ମନୁଷ୍ୟ ସଂସ୍କୃତିକୁ ବିନାଶ କରିଦେବାଲାଗି ସର୍ବସ ପ୍ରସ୍ତୁତ ରହିଛି । ପରମାଣୁ ବୋମାର ଭୟ ସମସ୍ତଙ୍କୁ ଅସ୍ଥିର କରିଦେଇଛି । ବୈଜ୍ଞାନିକଗଣଙ୍କର ତଥା ନିରଙ୍କୁଶ ଶାସକଗଣଙ୍କର ଜୀବନରେ ଶାନ୍ତି ନାହିଁ, କି ବିଶ୍ରାମ ନାହିଁ । ଦେଶ ଦେଶ ମଧ୍ୟରେ, ନେତା ନେତା ମଧ୍ୟରେ ରହିଛି ପରସ୍ପରପ୍ରତି ଅବିଶ୍ୱାସ । ଈର୍ଷା, ଦ୍ୱେଷ ଓ ଘୃଣାର ମାତ୍ରା ଏପରି ବଢ଼ିଯାଇଛି ଯେ, ମନୁଷ୍ୟସଭ୍ୟତାର ଅସ୍ଥିକଙ୍କାଳ କେଉଁ ମୁହୂର୍ତ୍ତରେ ଭାଙ୍ଗି ପଡ଼ିବ, ତାର ଇୟତ୍ତା ନାହିଁ । ଆଜି ପ୍ରତ୍ୟେକ ଦେଶର ଦୁରାଶା ହେଉଛି, ଅଧିକରୁ ଅଧିକ ସଂଖ୍ୟକ ମାରଣାସ୍ତ୍ର, ଅଧିକରୁ ଅଧିକ ସଂଖ୍ୟକ ପରମାଣୁ ବୋମା ହସ୍ତଗତ କରିବା । ମନୁଷ୍ୟଜାତିକୁ ଧ୍ୱଂସ କରିଦେବାଲାଗି ଅଧିକରୁ ଅଧିକ ପାରମାଣବିକ ଶକ୍ତି ସୃଷ୍ଟି କରିବା ଉଦ୍ଦେଶ୍ୟରେ ବୈଜ୍ଞାନିକମାନେ ଦିନରାତି ବିଜ୍ଞାନାଗାରମାନଙ୍କରେ ପରୀକ୍ଷା ଚଳାଇଛନ୍ତି । କି ସାଙ୍ଘାତିକ ପରିସ୍ଥିତି ସୃଷ୍ଟି ନ ହୋଇଛି ସତେ ! ସତରେ ଏ ପରିସ୍ଥିତି ବଡ଼ ଭୟଙ୍କର, ବଡ଼ ଦୁଃଖଦାୟକ । ଆଜି ଜଗତକୁ ରକ୍ଷା କରିବାର

ଏକମାତ୍ର ଉପାୟ ହେଉଛି, ଭଗବାନ ବୁଦ୍ଧଙ୍କ ପ୍ରଗ୍ରତ, ମହର୍ଷି ପତଞ୍ଜଲୀଙ୍କ ପ୍ରଦତ୍ତ ଅହିଂସା ଓ ମୈତ୍ରୀର ମନ୍ତ୍ରରେ ପୁନର୍ବାର ସମସ୍ତେ ଦୀକ୍ଷିତ ହେବା । ଘୃଣାର ଫଳ୍ୟାର ଘୃଣା ଦ୍ୱାରା କରାଯାଇ ନ ପାରେ ! କେବଳ ପ୍ରେମ ହିଁ ଘୃଣା ଦୂର କରିପାରେ । ଜଗତକୁ ବାରମ୍ବାର ଏହି ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ । ଆଜି ଶପଥ କରନ୍ତୁ, ନିଷ୍ଠାର ସହିତ ଶପଥ କରନ୍ତୁ ଯେ, ଘୃଣାର ଉତ୍ତର ପ୍ରେମରେ ପ୍ରଦାନ କରିବା; ବିଦ୍ୱେଷର ପ୍ରତିଦାନ ସଦିଚ୍ଛାରେ ପ୍ରଦାନ କରିବା । ଏହାହିଁ ହେବ ସେହି ପରମ ମହର୍ଷି ଭଗବାନ ବୁଦ୍ଧଙ୍କପ୍ରତି, ସେହି ପ୍ରେମ ଓ ଅହିଂସାର ପ୍ରତିମୂର୍ତ୍ତିଙ୍କପ୍ରତି, ସେହି ଜଗତ୍ତାରକ ଭଗବାନ ବିଷ୍ଣୁଙ୍କର ଅବତାରପୁରୁଷଙ୍କପ୍ରତି ଆମର ଶ୍ରେଷ୍ଠତମ ପୂଜାଅର୍ଘ୍ୟ ।

●

ଜୋରୋଷ୍ଟ୍ରୀୟ ଧର୍ମ

ପାର୍ସୀମାନଙ୍କର ଧର୍ମବିଶ୍ୱାସର ନାମ ଜୋରୋଷ୍ଟ୍ରୀୟଧର୍ମ । ଜରଥ୍ରୁସ୍ଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଧର୍ମର ପ୍ରକୃତ ନାମ ମଜ୍ଦ୍ ଉପାସନା ଅର୍ଥାତ୍ ମଜ୍ଦ୍ ବା ପରମେଶ୍ୱରଙ୍କର ଉପାସନା ।

ମଜ୍ଦ୍ ଉପାସନା ପ୍ରଥମେ ହୋମାଙ୍କ ଦ୍ୱାରା ରାଜା ଜମ୍ଶାଦଙ୍କୁ ପ୍ରତ୍ୟାଦିଷ୍ଟ ହୋଇଥିଲା । ପରେ ତାହା ରାଜା ଫରିଦୂନ୍ଙ୍କୁ ପ୍ରତ୍ୟାଦିଷ୍ଟ ହେଲା । ତାପରେ ଥ୍ରିତା ସେହି ପ୍ରତ୍ୟାଦେଶ ଲାଭ କରିଥିଲେ । ଶେଷରେ ସେହି ପ୍ରତ୍ୟାଦେଶ ଜରଥ୍ରୁସ୍ ଲାଭ କଲେ ।

ଜରଥ୍ରୁସ୍ତଙ୍କ ମୃତ୍ୟୁ ପରେ ତାଙ୍କ ଜାମାତା ଜାମାସ୍ପ ତାଙ୍କର ଉତ୍ତରାଧିକାରୀ ହେଲେ । ଜାମାସ୍ପ ଜରଥ୍ରୁସ୍ତଙ୍କର ଉପଦେଶାବଳୀ ଲିପିବଦ୍ଧ କରିଥିଲେ । ସେଗୁଡ଼ିକର ନାମ 'ଆବେସ୍ତା-ଏ-ଜେନ୍ଦ୍' ଅର୍ଥାତ୍ ଜରଥ୍ରୁସ୍ଙ୍କର ଧର୍ମୋପଦେଶ । ଜରଥ୍ରୁସ୍ତଙ୍କର ଶ୍ୱଶୁର ଫରସେଶସ୍ପା ହେଉଛନ୍ତି ଏହି ଧର୍ମବିଶ୍ୱାସର ପ୍ରଥମ ପ୍ରଚାରକ । ସେ ଏହି ଧର୍ମବାଣୀ ଦୂରଦୂରାନ୍ତରେ ପ୍ରଚାର କରିଥିଲେ । ଫଳରେ ଜୋରୋଷ୍ଟ୍ରୀୟ ଧର୍ମ ପର୍ସିଆର ରାଷ୍ଟ୍ରଧର୍ମରେ ପରିଣତ ହୋଇଥିଲା ।

ଜୋରୋଷ୍ଟ୍ରୀୟ ଧର୍ମର ପୁରୋହିତମାନଙ୍କୁ ମୈଗୀ ବୋଲାଯାଏ । ଜୋରୋଷ୍ଟରଙ୍କ ମୃତ୍ୟୁ ପରେ ମୈଗୀମାନଙ୍କ ହାତରେ ଏହି ଧର୍ମର ନାନାବିଧ ପରିବର୍ତ୍ତନ ଘଟିଗଲା । ସେମାନେ ଧର୍ମରେ ପୁନର୍ବାର ବିଭିନ୍ନ ବିଧିବିଧାନ ଓ ପୂଜାନୁଷ୍ଠାନ ପ୍ରବର୍ତ୍ତନ କଲେ ଏବଂ ପ୍ରକୃତ ଉପାସନାର ବିଭିନ୍ନ ପ୍ରାଚୀନ ଦେବଦେବୀଙ୍କୁ ଆହୁର୍ ମଜ୍ଦ୍ଙ୍କର ବିଶେଷ ଦୂତରୂପେ ଗ୍ରହଣ କରି ସେମାନଙ୍କର ପୂଜାପଦ୍ଧତି ମଧ୍ୟ ପୁନଃପ୍ରବର୍ତ୍ତନ କଲେ ।

ଜରଥ୍ରୁସ୍ ଦାର୍ଶନିକ ନ ଥିଲେ କି ବ୍ରହ୍ମବିଦ୍ୟାବିତ୍ ନ ଥିଲେ । ସେ ଥିଲେ କେବଳ ଜଣେ ଈଶ୍ୱର ପ୍ରତ୍ୟାଦେଶପ୍ରାପ୍ତ ମହାପୁରୁଷ । ଜୋରୋଷ୍ଟ୍ରୀୟ ଧର୍ମ କୌଣସି ଦର୍ଶନ ତତ୍ତ୍ୱ ନୁହେଁ । ଏହି ଧର୍ମ ହେଉଛି ବିଶ୍ୱାସ ଓ ଭକ୍ତିର ଏକ ପ୍ରତ୍ୟାଦିଷ୍ଟ ଧର୍ମ । ଜରଥ୍ରୁସ୍ଙ୍କ ସମୟରେ ସମାଜରେ ନୀତିନିୟମ ଓ ନୈତିକ ଜୀବନ ଅତ୍ୟାବଶ୍ୟକ ହୋଇପଡ଼ିଥିଲା । ସେତେବେଳେ ଦର୍ଶନ ତତ୍ତ୍ୱର ଆବଶ୍ୟକତା ଉପୁଜି ନ ଥିଲା, ଜନସାଧାରଣଙ୍କର ଦିବ୍ୟ-ନୈତିକଜୀବନ ଯାପନ ଉପରେ ଯେତେ ଗୁରୁତ୍ୱ ଦିଆଯାଏ,

ସେମାନଙ୍କର ବିଭିନ୍ନ ଦାର୍ଶନିକ ସମସ୍ୟା ହୃଦୟଙ୍ଗମ କରିବାର ଆବଶ୍ୟକତା ଉପରେ ସବୁବେଳେ ସେତେ ଗୁରୁତ୍ୱ ଦିଆଯାଏ ନାହିଁ । ଯଦିଟରେ ମନୁଷ୍ୟ ଯଦି ମୁନିଋଷିଙ୍କର ତଥା ଧର୍ମଶାସ୍ତ୍ରର ନିର୍ଦ୍ଦେଶ ଅନୁଯାୟୀ ଦିବ୍ୟ ଜୀବନ ଯାପନ କରେ, ତେବେ ସେ ଅନ୍ତର୍ଯାମୀ ପୁରୁଷଙ୍କର ବାଣୀ ଶୁଣିପାରିବ ଏବଂ ସ୍ୱତଃ ସମସ୍ତ ଦାର୍ଶନିକ ସମସ୍ୟାର ସମାଧାନ ପାଇଯିବ ।

ଜରଥ୍ରୁସ୍ଙ୍କର ପ୍ରଚାରିତ ମୁଖ୍ୟ ସତ୍ୟଗୁଡ଼ିକ ବେଦରୁ ସଂଗୃହିତ ଏବଂ ବୈଦିକ ଧର୍ମ ଉପରେ ଆଧାରିତ । ଜୋରୋଷ୍ଟ୍ରୀୟମାନଙ୍କର ମତବାଦ ତଥା ଉତ୍ସବ ଓ ପୂଜାପଦ୍ଧତିଗୁଡ଼ିକର ବୈଦିକ ମତବାଦ ତଥା ବୈଦିକ ପୂଜାପଦ୍ଧତି ସହିତ ଉଲ୍ଲେଖନୀୟ ସାଦୃଶ୍ୟ ରହିଛି ।

ଜୋରୋଷ୍ଟ୍ରୀୟ ଧର୍ମଶାସ୍ତ୍ର— ଯସ୍ନ ଓ ବିସ୍ପେରଦ ହେଉଛି ଜୋରୋଷ୍ଟ୍ରୀୟ ଧର୍ମର ବେଦ । ଯସ୍ନର ପ୍ରଥମ ଭାଗଟି ମହାପୁରୁଷମାନଙ୍କର ମୁଖନିସୃତ 'ଗାଥା' ବା ସ୍ତୁତିରେ ପୂର୍ଣ୍ଣ । ମୋଟ ପାଞ୍ଚ ଗୋଟି 'ଗାଥା' ରହିଛି; ସେଗୁଡ଼ିକ ଯେଉଁ ଛନ୍ଦରେ ଲିଖିତ, ତାହା ସାମ ବେଦରେ ବ୍ୟବହୃତ ଛନ୍ଦର ଅନୁରୂପ । ଯସ୍ନର ଦ୍ୱିତୀୟ ଭାଗରେ ରହିଛି ବିବିଧ ସ୍ତବ ଓ ପ୍ରାର୍ଥନା; ପରମେଶ୍ୱର ତଥା ଆଧ୍ୟାତ୍ମିକ ଜଗତର ଦେବ-ଦେବୀଙ୍କ ଉଦ୍ଦେଶରେ ଏହିସବୁ ପ୍ରାର୍ଥନା ରଚିତ ।

ବିସ୍ପେରଦ ହେଉଛି କେତେଗୁଡ଼ିଏ ଆବାହନ ବା ସ୍ତୁତି ଓ ମନ୍ତ୍ରର ସଂଗ୍ରହ । ଅନ୍ୟାନ୍ୟ ପ୍ରାର୍ଥନା ଓ ଧର୍ମାନୁଷ୍ଠାନ କରିବା ପୂର୍ବରୁ ଏହିସବୁ ସ୍ତୁତି ଓ ଆବାହନ ତଥା ଦେବୋଦ୍ଦିଷ୍ଟ ମନ୍ତ୍ର ପାଠ କରାଯାଏ । ହିନ୍ଦୁଧର୍ମରେ ଯେପରି ବେଦାଙ୍ଗ ରହିଛି, ସେମାନଙ୍କର ମଧ୍ୟ ସେହିପରି ଏକୋଇଶଟି ନାସ୍କ ରହିଛି । ନାସ୍କଗୁଡ଼ିକରେ ଭେଷଜ, ଜ୍ୟୋତିଷ, କୃଷି, ବନସ୍ପତି ଇତ୍ୟାଦି ବିଜ୍ଞାନ ଚର୍ଚ୍ଚା କରାଯାଇଛି । ଏହା ବ୍ୟତୀତ ଖୋର୍ଦେ ଆଭେସ୍ତା ବା ଛୋଟ ଆଭେସ୍ତାରେ ସାଧାରଣ ଲୋକଙ୍କର ବ୍ୟବହାର ନିମନ୍ତେ ଯାସ୍ତ (ଆବାହନ ସ୍ତୁତି) ଓ ପ୍ରାର୍ଥନାମାନ ରହିଛି । ଆଧୁନିକ ପାର୍ସୀମାନେ ଏହିସବୁ ପ୍ରାର୍ଥନା ପ୍ରତିଦିନ ପାଠ କରନ୍ତି ।

ଜୋରୋଷ୍ଟ୍ରୀୟ ଧର୍ମଗ୍ରନ୍ଥର ନାମ ଜେନ୍ଦ୍ ଆବସ୍ତା । ଜେନ୍ଦ୍ ଆବସ୍ତା ତିନି ଭାଗରେ ବିଭକ୍ତ । ପ୍ରଥମ ଭାଗଟିର ନାମ ବେନ୍ଦିଦାଦ୍, ଏଥିରେ ଧାର୍ମିକ ବିଧିବିଧାନ ଏବଂ ପ୍ରାଚୀନ ପୌରାଣିକ କଥାସବୁ ରହିଛି । ଦ୍ୱିତୀୟ ଭାଗର ନାମ ବିସ୍ପେରଦ, ଏବଂ ତୃତୀୟଟିର ନାମ ଯସ୍ନ । ଅବସ୍ତାରେ ଜରଥୁସ୍ ଏବଂ ଭଗବାନ ଆହୁର୍ ମଜ୍ଦ୍ଙ୍କ ମଧ୍ୟରେ ଘଟିଥିବା ପ୍ରତ୍ୟକ୍ଷ କଥୋପକଥନଗୁଡ଼ିକ ରହିଛି ।

ଜୋରଷ୍ଟରଙ୍କର ନୀତି ଶିକ୍ଷା— ଜରଥୁସ୍ତ୍ର ଯେଉଁସବୁ ନୀତିଶିକ୍ଷା ପ୍ରଦାନ କରିଥିଲେ, ସେଗୁଡ଼ିକ ହେଲା :— ସତ୍‌କର୍ମ କର; କାୟମନୋବାକ୍ୟରେ ସତ୍ ହୁଅ; ନିର୍ମଳହୃଦୟ ହୁଅ; ଅପରର ମଙ୍ଗଳ କାମନା କର; ସତ୍ୟ କହ; ଦାନ କର; ଦୟାଳୁ ହୁଅ; ନମ୍ର ହୁଅ, ଜ୍ଞାନ ଲାଭ କର, କ୍ରୋଧ ସଂଯମ କର; ପବିତ୍ର-ଧର୍ମପ୍ରାଣ ହୁଅ; ପିତାମାତା, ଗୁରୁଜନ ତଥା ବାଲବୃଦ୍ଧ ଆଦି ସମସ୍ତଙ୍କୁ ସମ୍ମାନ ଦିଅ; କୋମଳ ମଧୁର ବଚନ କହ; ଧୈର୍ଯ୍ୟଶୀଳ ହୁଅ; ସମସ୍ତଙ୍କ ସହିତ ସୌହାର୍ଦ୍ଦ୍ୟ ରକ୍ଷା କର; ସର୍ବଦା ସନ୍ତୁଷ୍ଟ ରହ; ଅବୈଧ କାର୍ଯ୍ୟ କରିପକାଇଲେ ଲଜ୍ଜିତ ହୁଅ ।

ଉପଦେଶାବଳି— ଜୋରୋଷ୍ଟ୍ରୀୟ ଧର୍ମ ଶିକ୍ଷା ଦିଏ ଯେ, ମନୁଷ୍ୟକୁ ଅହୁର୍ ମଜଦ୍ ସୃଷ୍ଟି କରିଛନ୍ତି; ମନୁଷ୍ୟର ଦେହ ଓ ମନ ସେହି ପ୍ରଭୁଙ୍କର ଦାନ । ଅହୁର୍ ମଜଦ୍ ହିଁ ସବୁର ପାଳକ, ସବୁରି ଅନ୍ନଦାତା । ମନୁଷ୍ୟ ତାର ଭାବନା, ବାକ୍ୟ ଓ କର୍ମପାଇଁ ନିଜେ ଦାୟୀ । ବ୍ୟକ୍ତିର ଇଚ୍ଛା ଓ ବ୍ୟକ୍ତିର ବୁଦ୍ଧି ମହାଜାଗତିକ ବୁଦ୍ଧି ଓ ଇଚ୍ଛା ସହିତ ସଂପୃକ୍ତ ।

ଅହୁର୍ ମଜଦ୍ ଛଅଟି ଯୁଗରେ ଏହି ଜଗତ ସୃଷ୍ଟି କରିଛନ୍ତି । ଭଗବାନ ସୃଷ୍ଟି କରିଥିବା ପ୍ରଥମ ପୁରୁଷଙ୍କର ନାମ ମାସ୍ୟା ଓ ପ୍ରଥମ ସ୍ତ୍ରୀଙ୍କର ନାମ ମାସ୍ୟାନା । ପ୍ରଳୟକାଳରେ ସକଳ ଜୀବ ଆଶ୍ରୟ ନେବେ ବୋଲି ଭୂଗର୍ଭରେ 'ଇମାଙ୍କ ବାର୍' ବୋଲି ଗୋଟିଏ ନଗର ନିର୍ମିତ ହୋଇଥିଲା ।

ଜୋରୋଷ୍ଟ୍ରୀୟଧର୍ମ ହେଉଛି ଅହୁର୍ ମଜଦ୍‌ଙ୍କପ୍ରତି ପରମ ଭକ୍ତି ଓ ତାଙ୍କଠାରେ ପରମ ବିଶ୍ୱାସର ଏକ ଧର୍ମ । ଏହି ଧର୍ମର ଭକ୍ତ ଭଗବାନଙ୍କୁ ଦଣ୍ଡ ପ୍ରଣାମ କରେ, ପ୍ରାର୍ଥନା କରେ ଓ ପୂଜା ଆରାଧନା କରେ । ସେ ପ୍ରାର୍ଥନା କରେ ଓ ଅହୁର୍ ମଜଦ୍ ତାର ସକଳ ଇଚ୍ଛା ପୂର୍ଣ୍ଣ କରନ୍ତି । ଭକ୍ତ ତାର ପାପକ୍ଷାଳନ ନିମନ୍ତେ ଅନୁତପ୍ତ ହୋଇ ପ୍ରାର୍ଥନା କରେ ।

ଜୋରୋଷ୍ଟ୍ରୀୟ ଧର୍ମ ଶିକ୍ଷାଦିଏ ଯେ, ଅହୁର୍ ମଜ୍‌ଦ୍‌ଙ୍କର ଅଙ୍ଗରେ ଲୀନ ହୋଇ ପୂର୍ଣ୍ଣ ଶାଶ୍ୱତ ଆନନ୍ଦ ଲାଭ କରିବା ହିଁ ଜୀବନର ଲକ୍ଷ୍ୟ । ଏହି ଶାଶ୍ୱତ ସୁଖରୂପକ ଲକ୍ଷ୍ୟ ଲାଭ କରିବାର ଉପାୟ ହେଉଛି ଆଶା ଅର୍ଥାତ୍ ଆତ୍ମଶୁଦ୍ଧି ବା ପବିତ୍ରତା । ଆତ୍ମଶୁଦ୍ଧି ବା ପବିତ୍ରତା ହେଉଛି । ଜୋରୋଷ୍ଟ୍ରୀୟ ଧର୍ମର ପ୍ରାଣ ।

ସତ୍ ଭାବନା, ସତ୍ ବାକ୍ୟ ଓ ସତ୍‌କର୍ମ—ଏହା ହେଉଛି ଜୋରୋଷ୍ଟ୍ରୀୟ ଧର୍ମର ସର୍ବବାଦିତ ପ୍ରତିଷ୍ଠିତ ନୀତି । ଜୋରୋଷ୍ଟ୍ରୀୟ ଜୀବନରେ ଏହାର ଉପରେ ହିଁ ସର୍ବଦା ଗୁରୁତ୍ୱ ଆରୋପ କରାଯାଏ । ସତ୍ୟ, ନ୍ୟାୟ ଓ ଧର୍ମର ପରମପୁରୁଷ

ଅହୁର୍ ମଜଦ୍ଙ୍କଠାରେ ଦୃଢ଼ ବିଶ୍ୱାସ ରଖିଲେ ହିଁ ମନୁଷ୍ୟ କାୟମନୋବାକ୍ୟରେ ସତ୍ ହୋଇପାରିବ । 'ଆଷା' ଶବ୍ଦଟି ଭିତରେ ସମସ୍ତ ପ୍ରକାର ନୈତିକ ତତ୍ତ୍ୱ ଅନ୍ତର୍ନିହିତ । ଜେନ୍ଦ୍ ଆବସ୍ତାର ପ୍ରତ୍ୟେକ ଅଧ୍ୟାୟରେ 'ଆଷା' ଶବ୍ଦଟି ଦେଖିବାକୁ ମିଳେ । ଜୋରୋଷ୍ଟ୍ରୀୟଧର୍ମ ଶିକ୍ଷା ଦିଏ ଯେ, ପବିତ୍ରତା ହିଁ ଆନନ୍ଦ; ପବିତ୍ରତା ହିଁ ଅହୁର୍ ମଜ୍ଦଙ୍କର ପ୍ରଦତ୍ତ ଶ୍ରେଷ୍ଠତମ ଆଶୀର୍ବାଦ ଏବଂ ସେହି ପରମେଶ୍ୱରଙ୍କୁ ଅର୍ପଣ କରିବା ଲାଗି ତାହା ହିଁ ଧର୍ମପ୍ରାଣ ବ୍ୟକ୍ତିର ଶ୍ରେଷ୍ଠତମ ଅର୍ଘ୍ୟ ।

ଯେ ଜୋରଷ୍ଟ୍ରୀୟ, ତାକୁ ଈଶ୍ୱର-ଇଚ୍ଛାର ଅନୁଗାମୀ ହେବାକୁ ପଡ଼ିବ । ତାକୁ ନିୟମିତ ଧର୍ମଶାସ୍ତ୍ର ପାଠ କରିବାକୁ ପଡ଼ିବ ଏବଂ ଈଶ୍ୱରଙ୍କ ପ୍ରତି ତଥା ନିଜର ସମାଜ-ପ୍ରତି ଉଚିତ କର୍ତ୍ତବ୍ୟ ପାଳନ କରିବାକୁ ପଡ଼ିବ । ତାକୁ ଧର୍ମର ବିଧିବିଧାନସବୁ ନିଷ୍ଠାର ସହିତ ପାଳନ କରିବାକୁ ପଡ଼ିବ । ସେହିପରି ଜୀବନ ଯାପନ କଲେ ହିଁ ସେ ପରିତ୍ରାଣ ଓ ପରମ ଆନନ୍ଦ ଲାଭ କରିପାରିବ ।

କେତୋଟି ସାଧାରଣ ମନ୍ତବ୍ୟ— ୟୁହୁଦୀମାନେ ଯେପରି ମାସାୟଙ୍କ ଆଗମନପାଇଁ ଆଶାୟିତ, ହିନ୍ଦୁମାନେ ଯେପରି କଲ୍କି ଅବତାରଙ୍କ ଆଗମନ ପାଇଁ ଆକାଙ୍କ୍ଷିତ, ପାର୍ସୀମାନେ ମଧ୍ୟ ସେହିପରି ଶାଓସ୍ୟାନ୍ତଙ୍କ ଆଗମନପାଇଁ ପ୍ରତୀକ୍ଷା କରନ୍ତି, କାରଣ ସେମାନଙ୍କର ବିଶ୍ୱାସ ଯେ, ସେ ଜନ୍ମଲାଭ କରି ଜଗତରେ ଧର୍ମ ଓ ସୁଖଶାନ୍ତି ପ୍ରତିଷ୍ଠା କରିବେ ।

ଜୋରୋଷ୍ଟ୍ରୀୟ ଧର୍ମରେ କୌଣସି ତପସ୍ୟା ବା କାୟକ୍ଳେଶର ବ୍ୟବସ୍ଥା ନାହିଁ, କାରଣ ତପସ୍ୟା ଶରୀରକୁ ଦୁର୍ବଳ କରି କାର୍ଯ୍ୟ ନିମନ୍ତେ ଅକ୍ଷମ କରିଦେବାର ଆଶଙ୍କା ରହିଛି ।

ରକ୍ଷଣଶୀଳ ପାର୍ସୀମାନଙ୍କର ଧର୍ମଶାସ୍ତ୍ରରେ ଈଶ୍ୱରଙ୍କର ପୁନଃ ଅବିର୍ଭାବ ବିଷୟ ଉଲ୍ଲେଖ କରାଯାଇ ନାହିଁ । କିନ୍ତୁ ଗ୍ରୀକ୍ ଓ ଡ଼େସାତିର୍ମାନେ ଜୋରୋଷ୍ଟ୍ରୀୟ ଶାସ୍ତ୍ରର ଯେଉଁ କେତେକାଂଶ ସାଇତି ରଖିଛନ୍ତି, ସେଥିରେ ଈଶ୍ୱରଙ୍କର ପୁନଃ ଆବିର୍ଭାବ ବିଷୟ ଉଲ୍ଲେଖ ହୋଇଛି ।

ପାର୍ସୀମାନେ ମୃତବ୍ୟକ୍ତିମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ସମସ୍ତ ବ୍ୟବଧାନରେ ପ୍ରାର୍ଥନା କରନ୍ତି । ସେମାନେ ବଡ଼ ଆଡ଼ମ୍ବର ସହକାରେ ପୂର୍ବପୁରୁଷମାନଙ୍କର ପୂଜା ଓ ବାର୍ଷିକୀ ପାଳନ କରନ୍ତି ।

କନ୍‌ଫୁସିଅସ୍‌ଙ୍କ ଧର୍ମନୀତି

କନ୍‌ଫୁସିଅସ୍ ଖ୍ରୀ. ପୂ. ୫୫୧ରେ ଚୀନ ଦେଶର ଲୁ ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ । ଲୁ ଥିଲା ଚୀନର ଉତ୍ତର ଉପକୂଳସ୍ଥ ଆଧୁନିକ ସାଂଟୁଙ୍ଗ୍ ପ୍ରଦେଶର ଏକ ଅଂଶ । ତାଓ ଧର୍ମମତର ପ୍ରତିଷ୍ଠାତା ଲାଓ ସେ କନ୍‌ଫୁସିଅସଙ୍କର ସମସାମୟିକ ଥିଲେ । ଉଭୟେ ଥିଲେ ଦାର୍ଶନିକ ଓ ଋଷିପ୍ରାଣ ବ୍ୟକ୍ତି । ସେମାନଙ୍କୁ ଦେବଦୂତ ବା ଅବତାର ବୋଲି ଗ୍ରହଣ କରାଯାଏ ନାହିଁ ।

କନ୍‌ଫୁସିଅସ୍‌ଙ୍କ ନୀତି ପ୍ରଚଳିତ ଅର୍ଥରେ ଏକ ଧର୍ମ ନୁହେଁ । ସେଥିରେ କୌଣସି ପୂଜକ ଓ ପୁରୋହିତ କିମ୍ବା ଦେବମନ୍ଦିର ଓ ସନ୍ନ୍ୟାସୀଙ୍କର ଅବତାରଣା ନାହିଁ । ସେହି ତତ୍ତ୍ୱ କନ୍‌ଫୁସିଅସଙ୍କର ବହୁ ପୂର୍ବରୁ ଚୀନଦେଶରେ ପ୍ରଚଳିତ ଥିଲା । ତାଙ୍କର ବାଣୀ ଉଦ୍ଧାର କରାଯାଇଥିବା ଏକ ଗ୍ରନ୍ଥରେ ସେ ନିଜକୁ ଜଣେ ସ୍ରଷ୍ଟା ବା ରଚୟିତା ବୋଲି ନ କହି, କେବଳ ଜଣେ ପ୍ରଚାରକ ବୋଲି ଅଭିହିତ କରିଛନ୍ତି । ସେ ଜଗତକୁ କୌଣସି ନୂତନ ଧର୍ମ ବା ନୂତନ ନୈତିକ ସଂହିତା ପ୍ରଦାନ କରିଯାଇ ନାହାନ୍ତି; ସେ ଯାହା ପ୍ରଦାନ କରିଯାଇଛନ୍ତି, ତାହା ହେଉଛି କେବଳ ମାନବିକ ନୈତିକତା ସମ୍ବନ୍ଧୀୟ ପ୍ରଚଳିତ ମୌଳିକ ତତ୍ତ୍ୱର ଏକ ବଳିଷ୍ଠ ନବସଂସ୍କରଣ, ପ୍ରାଚୀନ ନୈତିକତାର ଏକ ନୂତନ ପ୍ରତିରୂପ । ତାଙ୍କର ସଙ୍କଳିତ ନୀତିଗୁଡ଼ିକ ବଡ଼ ପ୍ରଶଂସନୀୟ, ବଡ଼ ସୁନ୍ଦର । ସେଥିରେ ବହୁ ଚମତ୍କାର ନୈତିକ ସତ୍ୟ ରହିଛି ।

ସମାଜର ମଙ୍ଗଳବିଧାନରେ କନ୍‌ଫୁସିଅସ୍ ନିଜକୁ ସମ୍ପୂର୍ଣ୍ଣ ନିୟୋଜିତ କରିଦେଇଥିଲେ । ସେ ସର୍ବଦା ସମାଜର ମଙ୍ଗଳ ଚିନ୍ତା କରୁଥିଲେ । ସମାଜର ଉନ୍ନତି ନିମନ୍ତେ ବହୁ କାର୍ଯ୍ୟ କରିବାଲାଗି ସେ ଯତ୍ପରୋନାସ୍ତି ଉଦ୍ୟମ ଚଳାଇଥିଲେ । ତାଙ୍କର ସଂଗୃହିତ ନୀତିବାଣୀଗୁଡ଼ିକରେ ମୁଖ୍ୟତଃ ସମାଜ ମଙ୍ଗଳ, ସାମାଜିକ ସଦ୍‌ଭାବ ଓ ସାମାଜିକ ଶାନ୍ତି ବିଷୟ ହିଁ ଉଲ୍ଲେଖ କରାଯାଇଛି । ଜନସାଧାରଣଙ୍କୁ ନୈତିକଶିକ୍ଷା ପ୍ରଦାନ କରିବାଲାଗି ସେ ଆପ୍ରାଣ ଚେଷ୍ଟା କରିଥିଲେ । ନୈତିକ ଚରିତ୍ର ନିର୍ମାଣ ଉପରେ ସେ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ସମାଜରୁ ବିଶୃଙ୍ଖଳାକାରୀ ତତ୍ତ୍ୱଗୁଡ଼ିକୁ ଦୂର କରିଦେବାଲାଗି ସେ ପ୍ରଚେଷ୍ଟା କରିଥିଲେ ।

ତାଙ୍କର ଏକ ଦୃଢ଼ ବିଶ୍ୱାସ ରହିଥିଲା ଯେ, ଯଦି ବୟୋଜ୍ୟେଷ୍ଠ ଓ ନେତୃସ୍ଥାନୀୟ ତଥା ଉପଶିଷ୍ଟ ବ୍ୟକ୍ତିମାନଙ୍କର ଚରିତ୍ର ପବିତ୍ର-ବିଶୁଦ୍ଧ ହୋଇଯିବ, ତେବେ ଅନ୍ୟ ସମସ୍ତେ ସେମାନଙ୍କର ଆଦର୍ଶ ଅନୁସରଣ କରିବେ ଏବଂ ଫଳତଃ ସର୍ବତ୍ର ଶାନ୍ତି ଓ ପ୍ରେମ ବିରାଜମାନ କରିବ । ତାଙ୍କର ମନୋରାଜ୍ୟକୁ ଏହି ସମାଜ ଚେତନା ସଦାସର୍ବଦା ପୂର୍ଣ୍ଣ କରି ରଖିଥିବାରୁ ସେ ଈଶ୍ୱର ଓ ମୃତ୍ୟୁ ପରର ଜୀବନ ସମ୍ବନ୍ଧରେ ଆଲୋଚନା କରିବାକୁ ସମୟ ପାଇ ନ ଥିଲେ । ଅଧିକନ୍ତୁ ସେ ଏହିସବୁ ବିଷୟରେ ଚର୍ଚ୍ଚା କରିବାର ପ୍ରୟୋଜନୀୟତା ମଧ୍ୟ ଉପଲବ୍‌ଧି କରି ନ ଥିଲେ ।

କନ୍‌ଫ୍ୟୁସିଅସଙ୍କର ବହୁ ନୀତିବାଣୀ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ । ସେ କହିଛନ୍ତି, "ଆମ ଭିତରେ ସୌନ୍ଦର୍ଯ୍ୟପ୍ରିୟତାପରି ସତ୍ୟ ଓ ସଦ୍‌ଗୁଣପ୍ରିୟତା ମଧ୍ୟ ଏକ ସହଜାତ ଗୁଣ ହୋଇଯିବା ଆବଶ୍ୟକ । ଆମେ ନିରପେକ୍ଷ ଓ ଆତ୍ମସଂଯମୀ ହେଲେ ଅନ୍ୟମାନଙ୍କଠାରେ ଆମ ଅପେକ୍ଷା ଅଧିକ ସଦ୍‌ଗୁଣ ଦେଖିପାରିବା । ତେଣୁ ଅନ୍ୟମାନଙ୍କୁ ନିଜ ସହିତ ତୁଳନା କଲାବେଳେ ଯଥେଷ୍ଟ ପରିମାଣରେ ଆତ୍ମସଂଯମ ଅବଲମ୍ବନ କରିବା ଆବଶ୍ୟକ । ଅନ୍ୟଠାରୁ ଯେଉଁ ପ୍ରକାର ବ୍ୟବହାର ଆଶା କରୁଥାଉଁ, ତାଙ୍କପ୍ରତି ନିଜେ ସେହି ପ୍ରକାର ବ୍ୟବହାର ପ୍ରଦର୍ଶନ କରିବା ଆବଶ୍ୟକ ।" ଏହାକୁ ମାନବିକତା ସିଦ୍ଧାନ୍ତ କୁହାଯାଇପାରେ । ଏହାଠାରୁ ଭଲ କଥା ଆଉ କଣ ଥାଇପାରେ ?

ବିଦ୍ୟା ତଥା ସତ୍ୟ ସହିତ ଅନ୍ୟ କୌଣସି ବିଷୟ ତୁଳନୀୟ ନୁହେଁ । ବିଦ୍ୟାର ଆଦର ଓ ସତ୍ୟର ଆଦର ହିଁ ଜ୍ଞାନ ଓ ଧର୍ମର ମୂଳାଧାର । ମନୁଷ୍ୟ ବଡ଼ ହେବାକୁ ହେଲେ, ବିଦ୍ୟାପ୍ରତି, ସତ୍ୟପ୍ରତି ଶ୍ରଦ୍ଧାବାନ ହେବାକୁ ପଡ଼ିବ । ଯଦି ମନକୁ ଆତ୍ମପ୍ରବଞ୍ଚନାରୁ ମୁକ୍ତ ରଖି ନିଷ୍ଠାର ସହିତ ସତ୍ୟ ଓ ନ୍ୟାୟର ପଥ ଅନୁସରଣ କରାଯାଏ, ତେବେ ହୃଦୟ ପବିତ୍ର-ନିଷ୍କଳଙ୍କ ହୋଇଯିବ ।

"ମନୁଷ୍ୟ ନିଜର ବ୍ୟକ୍ତିଗତ ଉନ୍ନତି ନିମନ୍ତେ ବିଶେଷଭାବରେ ବ୍ୟସ୍ତ ରହେ; ଉନ୍ନତ ବ୍ୟକ୍ତିର ଆଚରବ୍ୟବହାର ପ୍ରଧାନତଃ ତାର ଚତୁର୍ଦ୍ଦିଗରେ ରହିଥିବା ଅନ୍ୟ ବ୍ୟକ୍ତିମାନଙ୍କୁ ପ୍ରଭାବିତ କରେ ଏବଂ ପରିଣାମରେ ତାହା ସମସ୍ତ ରାଜ୍ୟକୁ ପ୍ରଭାବିତ କରେ । ସୁତରାଂ ପ୍ରତ୍ୟେକ ବ୍ୟକ୍ତି ନିଜପ୍ରତି ଦୃଷ୍ଟି ଦେବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ମଧ୍ୟ ଦୃଷ୍ଟିରେ ରଖି ନିଜକୁ ତଥା ନିଜର ଆଚରଣକୁ ଅତି ଯତ୍ନ ଓ ସତର୍କତାର ସହିତ ସଂଗଠିତ କରିବାକୁ ପଡ଼ିବ । ପ୍ରତ୍ୟେକ ଲୋକ ନିଜର ବଚନ ତଥା ଆଚରଣରେ ସଂଯମ ରକ୍ଷା କରିବାକୁ ପଡ଼ିବ । ତାଙ୍କୁ ନିଜର ସମସ୍ତ ନୀଚ ଓ ଅଶାନ୍ତ ଭାବ ପରିହାର କରିବାକୁ ପଡ଼ିବ । ତେଣୁ ଉଦାରତା ହେଉ ପ୍ରତ୍ୟେକର ନିବାସ, ଧର୍ମପରାୟଣତା ହେଉ ପ୍ରତ୍ୟେକର ପଥ, ନ୍ୟାୟୋଚିତତା ହେଉ ପ୍ରତ୍ୟେକର ପରିଧାନ, ଜ୍ଞାନ ହେଉ ପ୍ରତ୍ୟେକର ପ୍ରଦୀପ ଏବଂ ବିଶ୍ୱସ୍ତତା

ହେଉଛି ପ୍ରତ୍ୟେକର ସୌନ୍ଦର୍ଯ୍ୟ। ଯେଉଁସବୁ ଗୁଣ ମନୁଷ୍ୟର ମାର୍ଜିତ ବ୍ୟକ୍ତିତ୍ୱର ପରିଚୟ ଦିଏ, ସେଗୁଡ଼ିକ ହେଲା ସଂଭ୍ରମ, ସୌଜନ୍ୟ, ଆନୁଗତ୍ୟ ଓ ବିଶ୍ୱସ୍ତତା। ସଂଭ୍ରମ ହିଁ ବହୁ ଲୋକଙ୍କ ମଧ୍ୟରେ ବି ମହତ୍ ବ୍ୟକ୍ତିଙ୍କୁ ପୃଥକ କରି ପରିଚିତ କରାଇଦିଏ; ବ୍ୟକ୍ତିକୁ ଅନ୍ୟମାନଙ୍କର ପ୍ରିୟ କରାଇଦିଏ। ଆନୁଗତ୍ୟ ସମର୍ପିତ ବ୍ୟକ୍ତିତ୍ୱ ଗଢ଼ିଦେଇ ବ୍ୟକ୍ତିକୁ ଶ୍ରଦ୍ଧାର ପାତ୍ର କରାଏ ଏବଂ ବିଶ୍ୱସ୍ତତା ବ୍ୟକ୍ତିକୁ ବିଶ୍ୱସନୀୟ କରାଏ।"

କନ୍‌ଫୁସିଅସଙ୍କର ବିଭିନ୍ନ ବାଣୀରେ କେବଳ ଉତ୍କୃଷ୍ଟ ବ୍ୟକ୍ତିର ଗୁଣାବଳି ବ୍ୟାଖ୍ୟାନ କରାଯାଇଛି। ମହାଜନମାନଙ୍କର ଗୁଣାବଧାରଣ କରି ସେହିମାନଙ୍କୁ ଅନୁସରଣ କରିବାଲାଗି କନ୍‌ଫୁସିଅସ ନିଜର ଶିଷ୍ୟମାନଙ୍କୁ ଉପଦେଶ ଦେଇଛନ୍ତି। ପ୍ରତ୍ୟେକ ମନୁଷ୍ୟର ଏହି ଅଭିଳାଷ ଯେ, ସେ କିପରି ତା' ଗହଣରେ ଥିବା ଅନ୍ୟମାନଙ୍କ ଅପେକ୍ଷା, ତାର ଅତୀତ ତଥା ବର୍ତ୍ତମାନ ସ୍ଥିତି ଅପେକ୍ଷା ଉତ୍କୃଷ୍ଟତର ବ୍ୟକ୍ତିରେ ପରିଣତ ହେବ।

ଉତ୍କୃଷ୍ଟ ମନୁଷ୍ୟ ଅର୍ଥାତ୍ ଆଦର୍ଶ ମନୁଷ୍ୟ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ କନ୍‌ଫୁସିଅସ କହିଛନ୍ତି, "ଆଦର୍ଶ ବ୍ୟକ୍ତି ଉଦାରଚେତା ଓ ନିରପେକ୍ଷ ଅଟନ୍ତି। ତାଙ୍କର ଦୃଷ୍ଟିକୋଣ ପ୍ରଶସ୍ତ; ତାଙ୍କୁ ଦଳୀୟ ବା ସାମ୍ପ୍ରଦାୟିକ ମନୋଭାବ ସ୍ପର୍ଶ କରିପାରେ ନାହିଁ। ସେ ସର୍ବଦା ନିଜ ଆସନର ଯୋଗ୍ୟ କାର୍ଯ୍ୟ ହିଁ କରନ୍ତି। ଅନ୍ୟ ପ୍ରକାର କାର୍ଯ୍ୟରେ ସେ ଆଗ୍ରହୀ ନୁହନ୍ତି। ଯେଉଁ ସ୍ଥିତି ତାଙ୍କର ବ୍ୟକ୍ତିତ୍ୱର ଅନୁରୂପ ନୁହେଁ, ସେ ସେହି ସ୍ଥିତିରେ ରହିପାରନ୍ତି ନାହିଁ।

"ଜ୍ଞାନୀଜନ ସାଧୁତା ଓ ବିଶ୍ୱାସକୁ ନିଜର ବର୍ମ ଓ ଶିରସ୍ତ୍ରାଣରୂପେ ଗ୍ରହଣ କରିଥାନ୍ତି; ଧର୍ମ ଓ ଔଚିତ୍ୟକୁ ନିଜର ରକ୍ଷାକାରୀ କବଚ ତଥା ଅସ୍ତ୍ରରୂପେ ଧାରଣ କରିଥାନ୍ତି। ମସ୍ତକରେ ପରହିତରୂପକ ଭାର ବହନ କରି ସେ ଏକାକୀ ବିଚରଣ କରନ୍ତି। ସମ୍ମୁଖରେ ଧର୍ମର ଧ୍ୱଜା ଧାରଣ କରି ସେ ନିବାସ କରନ୍ତି। ଶାସକବର୍ଗ ତାଙ୍କୁ ଘୋର ନିର୍ଯ୍ୟାତନା ଦେଇପାରନ୍ତି, ତଥାପି ସେ ନିଜ ପଥରୁ ବିଚଳିତ ହୁଅନ୍ତି ନାହିଁ। ଏହା ହିଁ ଆଦର୍ଶ ବ୍ୟକ୍ତିର ଜୀବନଧାରଣ କ୍ରମ।"

ଉପଦେଶାବଳି — ମୁଖ୍ୟତଃ ସୁଶାସନର ସମସ୍ୟା ସମ୍ପର୍କରେ ହିଁ କନ୍‌ଫୁସିଅସ୍ ବିଭିନ୍ନ ଉପଦେଶ ପ୍ରଦାନ କରିଛନ୍ତି। ସେ କହିଛନ୍ତି, "ଶାସକ ନିଜେ ସଦାଚାରୀ, ସାଧୁ, ନ୍ୟାୟପରାୟଣ ଓ କର୍ତ୍ତବ୍ୟପରାୟଣ ହେବା ଆବଶ୍ୟକ। ଧ୍ରୁବତାରା ନିଜକୁ ସ୍ଥିର ଅବିଚଳିତ ରଖି ଅନ୍ୟ ତାରାମାନଙ୍କୁ ନିଜ ଚତୁର୍ଦ୍ଦିଗରେ ଘୂରାଉଛି। ଶାସକକୁ ସେହି ଧ୍ରୁବତାରାପରି ସୁସ୍ଥିରଚିତ୍ତ ହେବାକୁ ପଡିବ। ଯଥା ରାଜା, ତଥା ପ୍ରଜା।"

ନୈତିକ ଉତ୍କର୍ଷ ତଥା ସଦ୍‌ଗୁଣ ବିଷୟରେ କନ୍‌ଫୁସିଅସ୍‌ ଯେଉଁ ମତ ପୋଷଣ କରିଥିଲେ, ତାହା ସେ ଗୋଟିଏ ଶବ୍ଦରେ ପ୍ରକାଶ କରି ଯାଇଛନ୍ତି । ଶବ୍ଦଟି ହେଉଛି 'ଜେନ୍‌' । ସେହି ଗୋଟିଏ ଶବ୍ଦର ତାତ୍ପର୍ଯ୍ୟ ବୁଝିଗଲେ, ଏହି ନୈତିକ ତତ୍ତ୍ୱଟି ଉପଯୁକ୍ତଭାବରେ ହୃଦୟଙ୍ଗମ କରିହେବ । ଜେନ୍‌ ଶବ୍ଦଟିରେ ଯେତେ ତାତ୍ପର୍ଯ୍ୟ ପୂର୍ଣ୍ଣ ହୋଇ ରହିଛି, ତାର ସମାର୍ଥକ ତାତ୍ପର୍ଯ୍ୟପୂର୍ଣ୍ଣ ଶବ୍ଦ ଆମ ପାଖରେ ନାହିଁ । କନ୍‌ଫୁସିଅସ୍‌ଙ୍କର ସମସ୍ତ ନୀତିବାଣୀ ସେହି ଗୋଟିଏ ଶବ୍ଦରେ ହିଁ ପ୍ରକାଶ କରାଯାଇପାରେ । ଉକ୍ତ ଗୂଢ଼ ଶବ୍ଦଟିର ଅର୍ଥ 'ସାମାଜିକ-ସଦ୍‌ଗୁଣ, ହୋଇପାରେ । ସମାଜରେ ଶାନ୍ତି ଓ ସଦ୍‌ଭାବ ଅତୁଟ ରଖିବାଲାଗି ବଦାନ୍ୟତା, ଦାନପରାୟଣତା, ବିଶାଳହୃଦୟତା, ନିଷ୍ଠାପରତା, ସମ୍ମାନଜ୍ଞାନ, ପରୋପକାରିତା, ନିରଳସତା, ପ୍ରେମ, ଦୟା ଆଦି ଯେତେସବୁ ସଦ୍‌ଗୁଣ ପ୍ରୟୋଜନ, ସେହି ସମସ୍ତ ସଦ୍‌ଗୁଣ 'ଜେନ' ଶବ୍ଦର ଅନ୍ତର୍ଗତ । କନ୍‌ଫୁସିଅସ୍‌ଙ୍କର ଜଣେ ପ୍ରଧାନ ଶିଷ୍ୟ କହିଥିଲେ, "ମୋର ଗୁରୁଦେବଙ୍କର ଉପଦେଶାବଳୀର ମୁଖ୍ୟ ବିଷୟଟି ହେଉଛି ନିଜର ବିବେକପ୍ରତି ଆନୁଗତ୍ୟ ଓ ପଡ଼ୋଶୀଙ୍କପ୍ରତି ଉଦାରତା ।"

କନ୍‌ଫୁସିଅସ୍‌ କହିଛନ୍ତି, "ସଦ୍‌ଗୁଣସମ୍ପନ୍ନ ବ୍ୟକ୍ତିଙ୍କର ତିନୋଟି ଭୟ ରହିଥାଏ । ଯଥା (୧) ବିଧିନିର୍ବନ୍ଧପ୍ରତି ଭୟ (୨) ମହାଜନମାନଙ୍କପ୍ରତି ଭୟ (୩) ସାଧୁବାକ୍ୟପ୍ରତି ଭୟ । ଭଗବତ୍‌ ଆରାଧନା କରିବାବେଳେ ବ୍ୟକ୍ତି ଅନୁଭବ କରିବାକୁ ପଡ଼ିବ ଯେ, ସାକ୍ଷାତ୍‌ ଭଗବାନ୍‌ ସମ୍ମୁଖରେ ଉପସ୍ଥିତ ହୋଇଛନ୍ତି ।"

ଉପଦେଶଚ୍ଛଳରେ କନ୍‌ଫୁସିଅସ୍‌ କହିଛନ୍ତି, ସମଗ୍ର ବିଶ୍ୱ ଓ ସମସ୍ତ ପ୍ରାଣୀ ଅହରହ ପରିବର୍ତ୍ତିତ ହୋଇଚାଲିଛନ୍ତି । ତେଣୁ ବର୍ତ୍ତମାନର ବାସ୍ତବତା ହିଁ ମନୁଷ୍ୟ ଜୀବନର ଅତ୍ୟାବଶ୍ୟକ ଉପଜୀବ୍ୟ ।

କନ୍‌ଫୁସିଅସ୍‌ଙ୍କ ମତରେ ସମାଜ ପାଞ୍ଚଟି ପାରସ୍ପରିକ ସମ୍ପର୍କ ଉପରେ ପ୍ରତିଷ୍ଠିତ । ଯଥା (୧) ସ୍ୱାମୀ-ସ୍ତ୍ରୀ ସମ୍ପର୍କ (୨) ଜନ୍ମଦାତା ଓ ଜନ୍ମିତ ସମ୍ପର୍କ (୩) ଭ୍ରାତୃବର୍ଗରେ ତଥା ସର୍ବସାଧାରଣ କ୍ଷେତ୍ରରେ ଥିବା ଜ୍ୟେଷ୍ଠ-କନିଷ୍ଠ ସମ୍ପର୍କ । (୪) ଶାସକ-ଶାସିତ ସମ୍ପର୍କ ଏବଂ (୫) ସୁହୃଦ-ସହୃଦ ସମ୍ପର୍କ । ଏହି ସବୁ ସମ୍ପର୍କର ଉଭୟପକ୍ଷ ଯଦି ସୁଷ୍ଠୁରୂପରେ ନିଜ ନିଜର କର୍ତ୍ତବ୍ୟ ପାଳନ କରନ୍ତି, ତେବେ ଦେଶରେ ସୁଶାସନ ବିରାଜମାନ କରିବ । କନ୍‌ଫୁସିଅସ୍‌ କହିଛନ୍ତି, "ପିତାମାନେ ପିତାପରି ଓ ପୁତ୍ରମାନେ ପୁତ୍ରପରି ଆଚରଣ କରିବା, ରାଜା ରାଜାପରି ଓ ପ୍ରଜା ପ୍ରଜାପରି ଆଚରଣ କରିବା ହିଁ ତାଓ ଅର୍ଥାତ୍‌ ସଦାଚାରର ପଥ ।"

କନ୍‌ଫୁସିଅସ୍‌ ଚରିତ୍ରନିର୍ମାଣ, ସଦାଚାର ଓ ହୃଦୟର ନିର୍ମଳତା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି । ସେ ଲୋକଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ,

ସେମାନେ ପ୍ରଥମେ ନିର୍ମଳ ଚରିତ୍ର ନିର୍ମାଣ କରନ୍ତୁ । ନିର୍ମଳ ଚରିତ୍ର ହେଉଛି ଏକ ଅମୂଲ୍ୟମଣି; ନିର୍ମଳ ଚରିତ୍ର ହିଁ ମନୁଷ୍ୟର ସର୍ବଶ୍ରେଷ୍ଠ ଗୁଣ ।

କନଫୁସିଅସଙ୍କ ମତରେ ମନୁଷ୍ୟ ସ୍ୱଭାବତଃ ସତ୍ ଏବଂ ସତ୍‌ରେ ହିଁ ତାର ଆଗ୍ରହ । ସାଧୁସନ୍ଥମାନଙ୍କର ଜୀବନ ହେଉଛି ସଦାଚାରର ଗୋଟିଏ ଗୋଟିଏ ଜ୍ୱଳନ୍ତ ଆଦର୍ଶ । ପ୍ରତ୍ୟେକ ବ୍ୟକ୍ତି ନୈତିକ ଜୀବନ ଯାପନ କରି, ମହତ୍ ଚରିତ୍ର ନିର୍ମାଣ କରି ଏବଂ ନିଷ୍ଠା ଓ ବିଶ୍ୱାସର ସହିତ ନିଃସ୍ୱାର୍ଥପରଭାବରେ କର୍ତ୍ତବ୍ୟ ସମ୍ପାଦନ କରି ସେହି ଆଦର୍ଶର ନିକଟତମ ହେବାକୁ ଚେଷ୍ଟା କରିବା ଆବଶ୍ୟକ । ଯାହାର ଚରିତ୍ର ନିର୍ମଳ, ଯେ ଦିବ୍ୟଗୁଣରେ ବିଭୂଷିତ, ସେ ହିଁ ଉଚ୍ଚମନା ମହତ୍ ବ୍ୟକ୍ତି । ଉଚ୍ଚମନା ବ୍ୟକ୍ତି ସଦ୍‌ଗୁଣ ତ୍ୟାଗ କରିପାରନ୍ତି ନାହିଁ ଏବଂ ନୀଚମନା ବ୍ୟକ୍ତି ପାର୍ଥିବ ସୁଖ ତ୍ୟାଗ କରିପାରେ ନାହିଁ । ଉଚ୍ଚମନା ବ୍ୟକ୍ତି ସତ୍ ଓ ନ୍ୟାୟପରାୟଣ । ନୀଚମନା ବ୍ୟକ୍ତି ପୁରସ୍କାର ଓ ଅନୁଗ୍ରହ—ଅଭିଳାଷୀ । ଉଚ୍ଚମନା ବ୍ୟକ୍ତି ସଂଭ୍ରମ, ମହତ୍, ବିଶାଳହୃଦୟ ଏବଂ ନମ୍ର କିନ୍ତୁ ନୀଚମନା ବ୍ୟକ୍ତି ହୀନବୁଦ୍ଧି, ଗର୍ବୀ, କୁଟିଳ ଓ ଉଦ୍ଧତ ।

ଯେଉଁ ପ୍ରଣାଳୀରେ ଆତ୍ମବିକାଶ ସମ୍ଭବ ହୁଏ ଏବଂ ଯେଉଁ ଉପାୟରେ ତାହା ସାଧାରଣ ଜୀବନରେ ପ୍ରବେଶ କରି ଦେଶ ଓ ଦଶର ସେବାରେ ନିୟୋଜିତ ହୁଏ, କନ୍‌ଫୁସିଅସ୍ ତାଙ୍କ ରଚିତ 'ମହାନ ଶିକ୍ଷା' ନାମକ ଗ୍ରନ୍ଥରେ ସେହି ପ୍ରଣାଳୀଟି ଉଲ୍ଲେଖ କରି ତାର ବିଭିନ୍ନ ସ୍ତରକୁ ଗୋଟି ଗୋଟି କରି ବୁଝାଇଦେଇଛନ୍ତି । କନ୍‌ଫୁସିଅସ୍‌ଙ୍କର ନିର୍ଦ୍ଧାରିତ ବିକାଶ କ୍ରମଟି ହେଲା—

୧- ଜିଜ୍ଞାସା ବା ପ୍ରପଞ୍ଚ ସମ୍ବନ୍ଧରେ ଅନୁସନ୍ଧାନ

୨- ଶିକ୍ଷା ଓ ଜ୍ଞାନପ୍ରାପ୍ତି

୩- ନିଷ୍ଠା

୪- ସାଧୁସଙ୍କଳ୍ପ

୫- ଆତ୍ମବିକାଶ

୬- ପାରିବାରିକ ଶୃଙ୍ଖଳା

୭- ସ୍ଥାନୀୟ ସ୍ୱାୟତ୍ତଶାସନ ଏବଂ

୮- ବିଶ୍ୱ ସ୍ୱାୟତ୍ତ ଶାସନ ବା ଦିବ୍ୟ ସ୍ୱରାଜ୍ୟ

ସେ କହିଛନ୍ତି, "ଯେତେବେଳେ ପୂର୍ବସୂରୀଗଣ ସମଗ୍ର ସମ୍ରାଜ୍ୟରେ ଉତ୍କୃଷ୍ଟ ମହତ୍ ସଦ୍‌ଗୁଣର ଦୃଷ୍ଟାନ୍ତ ପ୍ରଦର୍ଶନ କରିବାକୁ ଯାଉଥିଲେ, ସେତେବେଳେ ପ୍ରଥମେ ସେମାନେ ନିଜ ରାଜ୍ୟଟିକୁ ସଜାଡୁଥିଲେ । ରାଜ୍ୟଟିକୁ ସଜାଡ଼ିବାର ଅଭିପ୍ରାୟ ରଖି ପ୍ରଥମେ ନିଜ ପରିବାରଟିକୁ ଶୃଙ୍ଖଳିତ ଓ ଅନୁଶାସନବଦ୍ଧ କରି ସଜାଡୁଥିଲେ । ନିଜକୁ ସଜାଡ଼ିବା ଅଭିପ୍ରାୟରେ ପ୍ରଥମେ ସେମାନେ ଐକାନ୍ତିକତାର ସହିତ, ନିଷ୍ଠାର ସହିତ ବିଷୟର ବିବେଚନା କରୁଥିଲେ । ନିଜର ବିଷୟର ବିବେଚନାରେ ନିଷ୍ଠା ଆଣିବା

ଅଭିପ୍ରାୟରେ ସେମାନେ ପ୍ରଥମେ ଯଥାସମ୍ଭବ ନିଜର ଜ୍ଞାନର ପରିସର ବଢ଼ାଉଥିଲେ । ଜ୍ଞାନର ପରିସର ବଢ଼ାଇବା ଅଭିପ୍ରାୟରେ ସେମାନେ ଅନୁସନ୍ଧାନ ତଥା ଜିଜ୍ଞାସା କରୁଥିଲେ ।

"ପ୍ରପଞ୍ଚ ବିଷୟରେ ଅନୁସନ୍ଧାନ କରିବା ଫଳରେ ସେମାନଙ୍କର ଜ୍ଞାନର ପରିସର ବୃଦ୍ଧି ପାଉଥିଲା । ପ୍ରଶସ୍ତ ଜ୍ଞାନ ଅର୍ଜନ କରିବା ଫଳରେ ସେମାନଙ୍କର ବିଚାର ବିବେଚନାରେ ନିଷ୍ଠା ରହୁଥିଲା । ବିଚାରରେ ନିଷ୍ଠା ରହୁଥିବା ଫଳରେ ଉଦ୍ଦେଶ ନିର୍ମଳ ପବିତ୍ର ହେଉଥିଲା; ସେମାନେ ନିଜେ ସଂସ୍କୃତସମ୍ପନ୍ନ ହେଉଥିଲେ; ସେମାନେ ନିଜେ ସଂସ୍କୃତସମ୍ପନ୍ନ ହେବା ଫଳରେ ସେମାନଙ୍କର ପରିବାର ଅନୁଶାସିତ-ଶୃଙ୍ଖଳିତ ହେଉଥିଲା । ସେମାନଙ୍କର ପରିବାରରେ ଅନୁଶାସନ ରହିବା ଫଳରେ ରାଜ୍ୟରେ ସୁଶାସନ ଚାଲୁଥିଲା । ରାଜ୍ୟ ସୁଶାସିତ ହେବା ଫଳରେ ଦେଶ ବା ସମଗ୍ର ସାମ୍ରାଜ୍ୟରେ ଶାନ୍ତି ଓ ସମୃଦ୍ଧି ବିରାଜମାନ କରୁଥିଲା ।"

ଉପସଂହାର— କନ୍‌ଫୁସିଅସ୍ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀକୁ ଅମର କରିଦେଇ ଯାଇଛନ୍ତି । ଶାସନ କରିବାର ସହଜାତ ଗୁଣ ଧରି ସେ ଜନ୍ମ ହୋଇଥିଲେ । ଯଦି ପରିସ୍ଥିତି ଅନୁକୂଳ ହୋଇଥାନ୍ତା, ତେବେ ସେ ଜଗତରେ ଜଣେ ଶ୍ରେଷ୍ଠତମ ସମ୍ରାଟ ହୋଇପାରିଥାନ୍ତେ । ମାନବଜୀବନରେ ନୈତିକତାର ଯେ ଚରମ ଗୁରୁତ୍ୱ ରହିଛି, ସେ ତାହା ଗଭୀରଭାବରେ ଉପଲବ୍ଧି କରିଥିଲେ ଏବଂ ତାଙ୍କର ନିଜଠାରେ ଅତି ଉନ୍ନତ ବିକଶିତ ନୈତିକ ଜ୍ଞାନ ରହିଥିଲା । ତାଙ୍କର ମହତ୍ତ୍ୱ ଶତାବ୍ଦୀ ଶତାବ୍ଦୀ ଧରି ଜଗତରେ ସ୍ୱୀକୃତି ପାଇଆସିଛି । ସେ ଜଗତର କୋଟିଜନତାର ପରମ ଭକ୍ତିର ପାତ୍ର ।

ଚୀନ୍ ଦେଶର ସେହି ମହାନ୍ ନୈତିକଚରିତ୍ର, ସେହି ଅବିସ୍ମରଣୀୟ ସମାଜସଂସ୍କାରକ, ସେହି ଆଦର୍ଶ ଶାସକ କନଫୁସିଅସ୍‌ଙ୍କର ଜୟ ହେଉ ।

ତାଓଧର୍ମ

ତାଓ ଧର୍ମର ପ୍ରତିଷ୍ଠାତାଙ୍କର ନାମ ହେଉଛି ଲାଓ-ତ୍‌ଜେ । ଲାଓ-ତ୍‌ଜେ ଚୀନ ଭୂଖଣ୍ଡର ଚୁ ରାଜ୍ୟର କୁ ପ୍ରଦେଶସ୍ଥ ଲି ଅଞ୍ଚଳର ଚୁ ଜେଁ ଗ୍ରାମରେ ଖ୍ରୀ. ପୂ ୬୦୪ ଜନ୍ମଗ୍ରହଣ କରିଥିଲେ । ଲାଓ-ତ୍‌ଜେ ଏକ କୋଳିଗଛ ତଳେ ଜନ୍ମ ହୋଇଥିଲେ । ଚୀନା ଭାଷାରେ କୋଳିକୁ ଲି ବୋଲାଯାଏ; ତେଣୁ ସେ ଲି ପଦଟିକୁ ନିଜର ସଂଜ୍ଞାରୂପରେ ବ୍ୟବହାର କରିଥିଲେ । ଜନ୍ମ ହେବାବେଳକୁ ତାଙ୍କ ମୁଣ୍ଡର ସବୁ ବାଳ ପାଚିଯାଇଥିଲା । ତେଣୁ ତାଙ୍କୁ ଲାଓ-ତ୍‌ଜେ ବୋଲି ନାମ ଦିଆଯାଇଥିଲା । ଲାଓ-ତ୍‌ଜେ ର ଅର୍ଥ ବାଳବୃଦ୍ଧ ଅର୍ଥାତ୍ ଦାର୍ଶନିକ, ଯେ କି ବାର୍ଦ୍ଧକ୍ୟରେ ମଧ୍ୟ ଶିଶୁପରି ସରଳ ନିର୍ବିକାର ହୋଇଥାନ୍ତି ।

ସେ ଲୋକରେ ଲାଓ-ତ୍‌ଜେ ନାମରେ ପରିଚିତ ଥିଲେ । ତାଙ୍କର ନାମ ଥିଲା ଏର୍ ଅର୍ଥାତ୍ କାନ । ମୃତ୍ୟୁ ପରେ ତାଙ୍କର ନାମ ହେଲା ତାନ୍ । ତାନ୍ ଅର୍ଥ ଦୀର୍ଘକର୍ଣ୍ଣ । ଏପରି ନାମକରଣ ହେବାର କାରଣ ହେଉଛି, ତାଙ୍କର କାନ ଦୁଇଟି ଥିଲା ଅସ୍ୱାଭାବିକ ଭାବରେ ଲମ୍ବା । ସେ 'ପୋ ସ୍ୱାଙ୍ଗ' ଉପାଧିରେ ଭୂଷିତ ହୋଇଥିଲେ । ପୋ ସ୍ୱାଙ୍ଗ ଅର୍ଥ 'ସତ୍ ତତ୍ତ୍ୱର ଅଧିପତି' । ସେ ଚୌରେ ରାଜ-ଦରବାରର ଗୋପନୀୟ ନଥିପତ୍ରର ଆଗାରିକ ତଥା ପଞ୍ଜିକାରକ କର୍ମରେ ନିଯୁକ୍ତ ହୋଇଥିଲେ । ସେ ରାଜଦରବାରରେ ଜଣେ ଐତିହାସିକ ଥିଲେ ।

ଚୀନା ଭାଷାରେ ତାଓ ଶବ୍ଦର ଅର୍ଥ ପଥ ବା ସ୍ୱର୍ଗପଥ ବା ଦିବ୍ୟମାର୍ଗ ବା ପ୍ରଣାଳୀ । ଏହି ଶବ୍ଦଟି ଏକ ସଦାଚାରବିଧିକୁ ସୂଚାଇଥାଏ । ତାଓ ଶବ୍ଦର ସମାର୍ଥକ ଶବ୍ଦ ଦୁର୍ଲଭ । ତାଓର ଅର୍ଥ ସନାତନ ପରଂବ୍ରହ୍ମ ହୋଇପାରେ ।

ତାଓ— ଲାଓ-ତ୍‌ଜେ କହନ୍ତି, ତାଓ ଏକ । ସେ ଅନାଦି । ସେ ଚିରନ୍ତନ । ସେ ଅବ୍ୟକ୍ତ, ଅଣାକାର, ଅବ୍ୟୟ, ଅଭୌତିକ ଏବଂ ସର୍ବବ୍ୟାପୀ । ସେ ଇନ୍ଦ୍ରିୟ ଦ୍ୱାରା ଉପଲବ୍ଧ ନୁହନ୍ତି । ସେ ଅନାମ, ଅନିର୍ବଚନୀୟ ।

ତାଓ ସକଳ ଭୂତର କାରଣ । ସକଳ ପ୍ରପଞ୍ଚ ତାଙ୍କରିଠାରୁ ଜାତ । ତାଓ ସର୍ବବ୍ୟାପୀ । ସମସ୍ତଙ୍କର ପ୍ରାଣ ତାଙ୍କରି ଉପରେ ଆଧାରିତ । ସେ ସ୍ୱର୍ଗମର୍ତ୍ତ୍ୟାଦି ସକଳ ପ୍ରପଞ୍ଚର ଜନକ । ଈଶ୍ୱର ବୋଲି କେହି ଆସିବା ପୂର୍ବରୁ ସେ ଥିଲେ । ସେ ଈଶ୍ୱରଙ୍କର ପିତା; ଈଶ୍ୱରଙ୍କର ସ୍ରଷ୍ଟା ।

ଲାଓ-ତ୍‌ଜେଙ୍କର ଉପଦେଶଗୁଡିକରେ ଭାରତୀୟ ବେଦାନ୍ତ ଦର୍ଶନର ସ୍ପର୍ଶ ଦେଖିବାକୁ ମିଳେ ।

ତାଓ ସର୍ବବ୍ୟାପୀ । ଗ୍ରେଷ୍ଟ ପିମ୍ପୁଡ଼ିଟିଏ ଭିତରେ ମଧ୍ୟ ସେ ଅଛନ୍ତି । ସେ ତୃଣରେ ଅଛନ୍ତି । ସେ ମାଟିପାତ୍ରରେ ଅଛନ୍ତି । ସେ ମଳମୂତ୍ରରେ ଅଛନ୍ତି । ସେ ଉଚ୍ଚତମ ସ୍ଥାନରେ ଅଛନ୍ତି କିନ୍ତୁ ଉଚ୍ଚ ନୁହନ୍ତି । ସେ ନୀଚତମ ସ୍ଥାନରେ ଅଛନ୍ତି କିନ୍ତୁ ନୀଚ ନୁହନ୍ତି । ସେ ପ୍ରାଚୀନ କାଳରୁ ଅଛନ୍ତି କିନ୍ତୁ ପ୍ରାଚୀନ ନୁହନ୍ତି । ସେ ବାର୍ଦ୍ଧକ୍ୟରେ ଅଛନ୍ତି କିନ୍ତୁ ବୃଦ୍ଧ ନୁହନ୍ତି । ସେ ସର୍ବତ୍ର ବିଦ୍ୟମାନ କିନ୍ତୁ ପ୍ରକୃତରେ ସେ କୌଣସି ବସ୍ତୁ ନୁହନ୍ତି ।

ତାଓ ହେଉଛନ୍ତି ଏକ ଅଭୟଧାମ ଯେଉଁଠି ସମସ୍ତେ ଆଶ୍ରୟ ନିଅନ୍ତି । ସେ ହେଉଛନ୍ତି ସାଧୁଜନଙ୍କର ଅମୂଲ୍ୟ ସମ୍ପଦ, ପୁଣି ଅସାଧୁ ଜନଙ୍କର ରକ୍ଷକ ଓ ତ୍ରାଣକର୍ତ୍ତା । ତାଓ ସମସ୍ତଙ୍କୁ ନିଜର ବାହୁଚ୍ଛାୟା ତଳେ ରକ୍ଷା କରି ସମସ୍ତଙ୍କୁ ପାଳନ କରନ୍ତି ।

ଯେଉଁ ତାଓଙ୍କୁ ବଚନରେ ପ୍ରକାଶ କରିହେବ, ସେ ଶାଶ୍ୱତ ତାଓ ନୁହନ୍ତି । ଯେଉଁ ନାମ ଉଚ୍ଚାରଣ କରି ହେବ, ସେ ନାମ ଶାଶ୍ୱତ ନାମ ନୁହେଁ । ଯାହାସବୁ ତାଓଙ୍କର ପ୍ରତିକୂଳ ଭାବ ପୋଷଣ କରେ, ସେସବୁ ଅଚିରେ ସମାପ୍ତ ହୋଇଯାଏ । ଯେତେବେଳେ ମହିମାମୟ ତାଓ ଜାଗ୍ରତ ହେବେ, ସେତେବେଳେ ଦ୍ୱାର ରୋଧ କରିବା ଆବଶ୍ୟକ ହେବ ନାହିଁ । ସେତେବେଳେ ସମସ୍ତେ ସତ୍ ହୋଇଯିବେ । ସେତେବେଳେ ଆଉ ଚୋର ବୋଲି କିଛି ରହିବ ନାହିଁ ।

ତାଓଙ୍କର ପତନ ଘଟିଲେ, ସକଳ ସଦ୍‌ଗୁଣରେ ପତନ ଘଟେ । ସତ୍ ଗୁଣର ପତନ ଘଟିଲେ, ଦାନର ପତନ ଘଟେ । ଦାନର ପତନ ଘଟିଲେ, ଧର୍ମର ପତନ ଘଟେ । ଧର୍ମର ପତନ ହେଲେ, ଧର୍ମାନୁଷ୍ଠାନର ପତନ ଘଟେ ।

ଯେ ତାଓଙ୍କ ସହିତ ସୁସମ୍ପର୍କ ସ୍ଥାପନ କରିପାରେ, ତାର ବାହ୍ୟ ଜଗତ ସହିତ ଘନିଷ୍ଠ ମଧୁର ସୁସମ୍ପର୍କ ସ୍ଥାପିତ ହୋଇଯାଏ ; କୌଣସି ବସ୍ତୁ ତାର କ୍ଷତି ସାଧନ କରନ୍ତି ନାହିଁ କି ତାର ଗତିରୋଧ କରନ୍ତି ନାହିଁ । ତା ସମ୍ମୁଖରୁ ସମସ୍ତ ବିରୋଧ ତତ୍କ୍ଷଣାତ୍ ଲୋପ ହୋଇଯାଏ ।

ତାଓ କୌଣସି କର୍ମରେ ଆସକ୍ତ ନୁହନ୍ତି । ସେ ଅରୂପ ଅଦେଖା । ସେ ଅଦୃଶ୍ୟ । ସେ ନିଜେ ନିଜର ମୂଳ । ରହସ୍ୟମୟ ଈଶ୍ୱର ତାଓଙ୍କଠାରୁ ଜାତ । ତାଓ ହିଁ ସ୍ୱର୍ଗ ଓ ମର୍ତ୍ତ୍ୟ ଜାତ କଲେ । ପ୍ରଥମ ଈଥର ବା ବ୍ୟୋମ ସୃଷ୍ଟି ହେବା ପୂର୍ବରୁ ସେ ଥିଲେ ।

ସକଳ ଜଗତ ତାଓଙ୍କଠାରୁ ଜାତ ଓ ତାଓଙ୍କ ଦ୍ୱାରା ପ୍ରତିପାଳିତ । ସେ ହେଉଛନ୍ତି ସକଳ ଜଗତର ଅଧୀଶ୍ୱର । ଲାଓ-ତ୍‌ଜେଙ୍କର ଧର୍ମ ଓ ଦର୍ଶନର ମୌଳିକ ଭିତ୍ତି ହେଉଛନ୍ତି ତାଓ ।

କର୍ମ କରିବାର ଆସକ୍ତି ନ ରଖି କର୍ମ କରିବା, କୌଣସି ସ୍ୱାଦୁ ବା ଗନ୍ଧ ଆହରଣ ନ କରି ଆସ୍ୱାଦନ କରିବା, କ୍ଷୁଦ୍ରକୁ ବୃହତ୍ ଓ ଅଳ୍ପକୁ ବିରାଟ ଜ୍ଞାନ କରିବା ଏବଂ ହିଂସାର ପ୍ରତିଦାନରେ ଦୟା ପ୍ରଦର୍ଶନ କରିବା—ଏହା ହେଉଛି ତାଓଙ୍କର ରୀତି ।

ତାଓଙ୍କୁ ଲାଭ କରିବାର ଉପାୟ— ପବିତ୍ରତା, ନମ୍ରତା, ସନ୍ତୋଷ, ସହାନୁଭୂତି ସକଳ ଜୀବରେ ଦୟା, ସଦଜ୍ଞାନ ଓ ସଂଯମ—ଏସବୁ ହେଉଛି ତାଓଙ୍କୁ ଲାଭ କରିବାର ଉପାୟ । ତାଓଙ୍କୁ ଲାଭ କରିବାରେ ଧ୍ୟାନ ଓ ପ୍ରାଣାୟାମ ବିଶେଷ ସହାୟକ ହୋଇଥାଏ ।

ଲାଓତ୍‌ଜେଙ୍କ ଉପଦେଶାବଳି— ଲାଓତ୍‌ଜେଙ୍କର ବାଣୀ ଓ ଉପଦେଶାବଳି ତାଓ-ତେ-ଚିଙ୍ଗ୍ (ତାଓଙ୍କ ନୀତି ପ୍ରଦର୍ଶିକା) ନାମକ ଏକ ଗ୍ରନ୍ଥରେ ସଂଗୃହୀତ ହୋଇଛି । ନିଜେ ଲାଓ-ତ୍‌ଜେ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ଉକ୍ତ ଗ୍ରନ୍ଥଟି ରଚନା କରିଥିଲେ । କିନ୍ତୁ ଗ୍ରନ୍ଥର ନାମକରଣ ସମ୍ରାଟ ଚିଙ୍ଗ୍‌ଙ୍କ ଦ୍ୱାରା କରାଯାଇଥିଲା । ସେ ଏକ ରାଜକୀୟ ଅଧ୍ୟାଦେଶ ଜାରି କରିଥିଲେ ଯେ, ଲାଓ-ତ୍‌ଜେଙ୍କ ରଚିତ ତାଓ ଗ୍ରନ୍ଥଟିକୁ ଏକ ନୀତିଶାସ୍ତ୍ରରୂପେ ସମ୍ମାନ ପ୍ରଦର୍ଶନ କରାଯିବା ଆବଶ୍ୟକ । ସେହି ଗ୍ରନ୍ଥରୁ ଲାଓ-ତ୍‌ଜେଙ୍କର କେତେକ ଉପଦେଶବାଣୀ ଏଠାରେ ଉଦ୍ଧାର କରାଗଲା :—

ଗୃହାଙ୍ଗନରୁ ବାହାରକୁ ନ ଆସି ମଧ୍ୟ ମନୁଷ୍ୟ ସମଗ୍ର ବିଶ୍ୱ ସମ୍ବନ୍ଧରେ ଜାଣିପାରେ; ବାତାୟନ ଖୋଲି ବାହାରକୁ ନ ଚାହିଁ ମଧ୍ୟ ମନୁଷ୍ୟ ସ୍ୱର୍ଗପଥ ଦର୍ଶନ କରିପାରେ । ଏପରି ମଧ୍ୟ ହୋଇପାରେ ଯେ, ମନୁଷ୍ୟ ଯେତେ ଅଧିକ ଭ୍ରମଣ କରିବ, ସେତେ କମ ଜାଣିବାକୁ ପାଇବ । ତେଣୁ ନିଜ ଆସନରୁ ନ ଉଠି ତୁମକୁ ଜାଣିବାକୁ ପଡିବ; ଆଖି ନ ଖୋଲି ଦେଖିବାକୁ ପଡ଼ିବ; କର୍ମ ନ କରି ଫଳ ଲାଭ କରିବାକୁ ପଡ଼ିବ ।

ଯେ ଭଲ, ମୁଁ ତା ପାଖରେ ଭଲ । ଯେ ଭଲ ନୁହେଁ, ମୁଁ ତା ପାଖରେ ମଧ୍ୟ ଭଲ, କାରଣ ମୁଁ ତାକୁ ଭଲ କରିବାକୁ ଚାହେଁ ।

ଯେ ନମ୍ରତା ପ୍ରଦର୍ଶନ କରେ, ତାକୁ ସମ୍ପୂର୍ଣ୍ଣଭାବରେ କ୍ଷମା କରାଯିବ । ଯେ ନଇଁପଡ଼େ, ତାକୁ ସଳଖ ହେବାକୁ ସୁଯୋଗ ଦିଆଯିବ । ଯେ ଶୂନ୍ୟ, ତାକୁ ପୂର୍ଣ୍ଣ କରିଦିଆଯିବ । ଯେ ଶ୍ରାନ୍ତ କ୍ଷୀଣ ହୋଇଗଲାଣି, ତାକୁ ନବଶକ୍ତି ପ୍ରଦାନ

କରୁଥିବ । ଯେ ନିଃସ୍ୱ, ତାର ଲକ୍ଷ୍ୟ ଲାଭ ହେବ । ଯେ ବିତ୍ତଶାଳୀ, ସେ ବିପଥଗାମୀ ହୋଇଯିବ ।

ଯେଉଁମାନେ ବିଜ୍ଞ, ସେମାନେ ବହୁଭାଷଣ କରନ୍ତି ନାହିଁ । ଯେଉଁମାନେ ବହୁଭାଷଣ କରନ୍ତି, ସେମାନେ ବିଜ୍ଞ ନୁହନ୍ତି । ମନୁଷ୍ୟ ନିଜର ଅଜ୍ଞତା ସମ୍ବନ୍ଧରେ ଜାଣିପାରିବା ହିଁ ସବୁଠାରୁ ବଡ଼କଥା । ନ ଜାଣିଥିବା ଲୋକ ଜାଣିଛି ବୋଲି ଭାବିବା ଏକ ମାରାତ୍ମକ ବ୍ୟାଧି । ଏ ପ୍ରକାର ବ୍ୟାଧିକୁ ଯେ ବ୍ୟାଧି ବୋଲି ଚିହ୍ନି ପାରନ୍ତି, କେବଳ ସେ ହିଁ ନିଜର ଏହି ବ୍ୟାଧି ଆରୋଗ୍ୟ କରିପାରିବେ ।

ମୁଁ ତିନୋଟି ବିଷୟକୁ ବିଶେଷ ମୂଲ୍ୟବାନ ବୋଲି ଗ୍ରହଣ କରିନେଇଛି । ଏବଂ ମୋ ମତରେ ମୁଁ ଦୃଢ଼ ରହିଛି । ସେହି ତିନୋଟି ମଧ୍ୟରୁ ପ୍ରଥମଟି ହେଲା ଭଦ୍ରତା, ଦ୍ୱିତୀୟଟି ମିତବ୍ୟୟିତା ଏବଂ ତୃତୀୟଟି ହେଉଛି ନମ୍ରତା ଯାହା କି ମୋତେ ଅନ୍ୟମାନଙ୍କ ପଛରେ ରଖିଦେଇ ନିଜେ ଆଗରେ ଠିଆହେବାକୁ ବାରଣ କରୁଛି । ଭଦ୍ର ହୁଅ; ତା ଫଳରେ ତୁମେ ସାହସୀ ହୋଇପାରିବ । ମିତବ୍ୟୟୀ ହୁଅ; ତା ଫଳରେ ତୁମେ ମୁକ୍ତହସ୍ତ ହୋଇପାରିବ । ଅନ୍ୟମାନଙ୍କୁ ପଛରେ ପକାଇ ନିଜେ ଆଗରେ ଠିଆହେବାରୁ ବିରତ ହୁଅ; ତା ଫଳରେ ତୁମେ ଲୋକଙ୍କୁ ନେତୃତ୍ୱ ଦେଇପାରିବ ।

କାମନା ବାସନାର ଦାସ ହୋଇଯିବାଠାରୁ ବଡ଼ ପାପ ଆଉ ନାହିଁ; ଅସନ୍ତୁଷ୍ଟ ହେବାଠାରୁ ବଡ଼ ଦୁଃଖ ଆଉ ନାହିଁ; ଉପାର୍ଜନ କରିବାର ପ୍ରବୃତ୍ତିଠାରୁ ବଡ଼ ଦୁର୍ଯୋଗ ଆଉ ନାହିଁ ।

ଯେ ଭାର ସମ୍ଭାଳିପାରିବ, କେବଳ ତା ଉପରେ ଦୃଢ଼ଭାବରେ ନିର୍ଭର କର ।

ଯେ ଅନ୍ୟମାନଙ୍କୁ ଜୟ କରିପାରେ, ସେ ପରାକ୍ରମୀ କିନ୍ତୁ ଯେ ନିଜକୁ ଜୟ କରିପାରେ, ସେ ମହାପରାକ୍ରମୀ ।

ପରିଶିଷ୍ଟ— ତାଓ ଧର୍ମରେ ସନ୍ନ୍ୟାସୀ ଓ ସନ୍ୟାସିନୀ ଅଛନ୍ତି । ସେମାନେ ହଳଦିଆ ରଙ୍ଗର ଟୋପି ପିନ୍ଧନ୍ତି । ସେମାନେ ସଂସାର ତ୍ୟାଗ କରି ବନ, ପର୍ବତ ଗହ୍ୱର ତଥା ନିର୍ଜନ ପର୍ବତ କନ୍ଦରରେ ବାସ କରନ୍ତି ।

ସ୍ୱାର୍ଥଦମନ ଦ୍ୱାରା ତାଓଙ୍କୁ ଉପଲବ୍ଧି କଲେ ମୁକ୍ତିଲାଭ ହୁଏ ।

ତାଓ ଧର୍ମରେ ମୃତ୍ୟୁପରେ ପାପକ୍ଷାଳନ ତଥା ଦଣ୍ଡ ଓ ପୁରସ୍କାର ବ୍ୟବସ୍ଥା ଥିବା ବିଷୟ ଉଲ୍ଲେଖ ରହିଛି; ପୁନର୍ଜନ୍ମ ବିଶ୍ୱାସ ମଧ୍ୟ ରହିଛି । ଲାଓ-ତ୍‌ଜେ ବିଶ୍ୱାସ କରୁଥିଲେ ଯେ, ଆତ୍ମା ଅମର । ତେଣୁ ସେ ମୃତ୍ୟୁ ପରେ ଆତ୍ମାର ପୁନରାବିର୍ଭାବ ହୁଏ ବୋଲି ଘୋଷଣା କରିଥିଲେ ।

ପ୍ରଥମତଃ ନିଷ୍ଠା ଦ୍ୱାରା ହିଁ ତାଓଙ୍କ ସମ୍ବନ୍ଧରେ ଜ୍ଞାନାର୍ଜନ କରିହେବ । ମୌନ ଦ୍ୱାରା ସେହି ଜ୍ଞାନକୁ ସୁରକ୍ଷିତ କରି ରଖିହେବ । ତାଓ ନମ୍ରତାର ଅଧୀନ ।

ସାଧକ ପ୍ରଶାନ୍ତସୁସ୍ଥିର ହୋଇଗଲେ, ତାଙ୍କର ଜ୍ଞାନ ସମ୍ପୂର୍ଣ୍ଣ ହୋଇଯାଏ । ଜ୍ଞାନ ସମ୍ପୂର୍ଣ୍ଣ ହୋଇଗଲେ, ସାଧକଙ୍କର ଚତୁର୍ଦ୍ଦିଗରେ ଚୈତନ୍ୟର ଆଲୋକ ଖେଳିଯାଏ । ଚୈତନ୍ୟର ଆଭା ପ୍ରସାରିତ ହୋଇଗଲେ, ସେ ତାଓଙ୍କ ସହିତ ସମନ୍ୱିତ ହୋଇଯାଆନ୍ତି । ଏହା ହିଁ ପ୍ରକୃତ ବିସ୍ମୃତି ଏବଂ ଏହା ଏପରି ଏକ ବିସ୍ମୃତି ଯାହାର ବିସ୍ମରଣ ହୁଏ ନାହିଁ ଓ ଯାହାକୁ ବିସ୍ମରଣ କରିହୁଏ ନାହିଁ । ଯାହାଙ୍କୁ ବିସ୍ମରଣ କରିହୁଏ ନାହିଁ, ସେ ହେଉଛନ୍ତି ପ୍ରକୃତ ତାଓ ।

କୋଲିଗଛ ତଳେ ଜନ୍ମ ହୋଇଥିବା ସେହି ଅସ୍ୱାଭାବିକ ଦୀର୍ଘକର୍ଣ୍ଣ ପଳିତକେଶ ଶିଶୁ, ଚିନ୍ ଭୂଖଣ୍ଡର ସେହି ସୁବିଖ୍ୟାତ ଋଷି ଲଓତ୍‌ଜେଙ୍କର ଜୟ ହେଉ । ଉପନିଷଦର ବ୍ରହ୍ମସଦୃଶ ସେହି ବିଶ୍ୱରୂପ ତାଓଙ୍କର ଜୟ ହେଉ, ଜୟ ହେଉ ।

●

ଶିଣ୍ଟୋଧର୍ମ

ଶିଣ୍ଟୋ ହେଉଛି ଏକ ଅନିର୍ବଚନୀୟ ଧର୍ମମାର୍ଗ । ଏହାକୁ ଏକ ବିଶ୍ୱଜନୀନ ଧର୍ମ କହିଲେ ଚଲେ । ପ୍ରାଚୀନ କାଲରୁ ଜାପାନର ଅଧିବାସୀମାନେ ପାଲନ କରି ଆସୁଥିବା ଧର୍ମମାର୍ଗର ନାମ ଶିଣ୍ଟୋ ବା କାମିନୋମିଚି ବା କାମି ଅର୍ଥାତ୍ ଦେବ ମାର୍ଗ । କାମି ଅର୍ଥ ଈଶ୍ୱର ବା ଅଗାଧ ଦେବତା; ବେଳେ ବେଳେ ଏହା ଆତ୍ମାକୁ ମଧ୍ୟ ବୁଝାଏ । ଶିଣ୍ଟୋ କହିଲେ ସ୍ୱତଃପ୍ରବୃତ୍ତ ହୋଇ "ଦେବତାମାନଙ୍କର ପ୍ରଦର୍ଶିତ ମାର୍ଗ" ଅବଲମ୍ବନ କରିବାକୁ ବୁଝାଏ । ଶିଣ୍ଟୋ ଯଥାର୍ଥରେ କୌଣସି ମତବାଦକୁ ବୁଝାଏ ନାହିଁ; ବୁଝାଏ ଧର୍ମୋପଦେଶକୁ । ଏହି ଉପଦେଶଗୁଡ଼ିକ ବା ତତ୍ତ୍ୱଗୁଡ଼ିକ ବାକ୍ୟସର୍ବସ୍ୱ ନୁହେଁ କିମ୍ବା କଲ୍ପନାପୋଷିତ ଧାରଣା ନୁହେଁ । ଶିଣ୍ଟୋ ହେଉଛି ଏକ ବ୍ୟାପକ ଧର୍ମମାର୍ଗ ।

ଶିଣ୍ଟୋ ଦୁଇଭାଗରେ ବିଭକ୍ତ । ଗୋଟିଏ ହେଉଛି ସାମ୍ପ୍ରଦାୟିକ ଶିଣ୍ଟୋ ଯାହା ତେରଟି ବିଭିନ୍ନ ସମ୍ପ୍ରଦାୟରେ ବା ବିଭାଗରେ ବିଭକ୍ତ । ଅନ୍ୟଟି ହେଉଛି ଜାପାନୀମାନଙ୍କର ରାଷ୍ଟ୍ରୀୟ-ଧର୍ମବିଶ୍ୱାସ ବା ରାଷ୍ଟ୍ରୀୟ-ଶିଣ୍ଟୋଧର୍ମ । ଜାପାନୀମାନଙ୍କର ଦେଶପ୍ରେମ ଅତୁଲନୀୟ । ମିକାଡ଼ୋ ବା ରାଜାଙ୍କପ୍ରତି ଜାପାନୀମାନେ ଯେପରି ଆନୁଗତ୍ୟ ପ୍ରକାଶ କରନ୍ତି, ଅନ୍ୟ କୌଣସି ଲୋକଙ୍କଠାରେ ସେପରି ଆନୁଗତ୍ୟ ଦେଖିବାକୁ ମିଲେ ନାହିଁ ।

ଶିଣ୍ଟୋଧର୍ମରେ ସେପରି କୌଣସି ଗଭୀର ଦର୍ଶନ କିମ୍ବା ଜଟିଲ ପୂଜା-ପଦ୍ଧତିର ସ୍ଥାନ ନାହିଁ । ଶିଣ୍ଟୋ ରାଷ୍ଟ୍ରନିର୍ଦ୍ଧାରିତ ଧର୍ମ ନୁହେଁ । ଏ ଧର୍ମ ହେଉଛି ହୃଦୟର ଧର୍ମ । ଶିଣ୍ଟୋ ହେଉଛି ଜାପାନୀମାନଙ୍କର ଜୀବନ ସହିତ ଓତଃପ୍ରୋତ-ଭାବରେ ଜଡ଼ିତ ହୋଇ ରହିଥିବା ଯଥାର୍ଥ ବାସ୍ତବ ଆଧ୍ୟାତ୍ମିକ ଶକ୍ତି । ଶିଣ୍ଟୋ ହେଉଛି ଜୀବନ ପକ୍ଷରେ ଏକ ସୃଜନଶୀଲ ତତ୍ତ୍ୱ । ଜାପାନୀମାନଙ୍କର ସାଂସ୍କୃତିକ, ନୈତିକ, କଲାତ୍ମକ, ପାରିବାରିକ ତଥା ରାଷ୍ଟ୍ରୀୟ ଜୀବନର ଭିତ୍ତିଭୂମି ଶିଣ୍ଟୋ ତତ୍ତ୍ୱ ଉପରେ ପ୍ରତିଷ୍ଠିତ ।

ଯେଉଁସବୁ ଉପାଦାନ ଜାପାନର ସାମାଜିକ ତଥା ଧାର୍ମିକ ଜୀବନକୁ ସୁଦୃଢ଼, ଶକ୍ତିଶାଳୀ ତଥା ସଂଜୀବିତ କରି ରଖିଛି ସେଗୁଡ଼ିକ ମଧ୍ୟରେ ଶିଣ୍ଟୋ ମୁଖ୍ୟ ଭୂମିକା ଗ୍ରହଣ କରେ ।

ଶିଣ୍ଟୋ ଜୀବନ-ପ୍ରଣାଳୀ ସହିତ କନ୍‌ଫୁସିୟସଙ୍କ ଧର୍ମର ବା ବୌଦ୍ଧ ଧର୍ମର ଯେତେ ସାମଞ୍ଜସ୍ୟ ରହିଛି, ତାଠାରୁ ଅଧିକ ସାମଞ୍ଜସ୍ୟ ରହିଛି ହିନ୍ଦୁ ଧର୍ମର । ଶିଣ୍ଟୋ ହେଉଛି ଏକପ୍ରକାର ବ୍ୟକ୍ତିଗତ ଧର୍ମ । ଏହି ଧର୍ମ ଜଗତର ସକଳ ବସ୍ତୁରେ ଦିବ୍ୟତ୍ୱ ଆରୋପ କରେ । ତେଣୁ ଏହା ଏକପ୍ରକାର ସର୍ବେଶ୍ୱରବାଦ ବା 'ସର୍ବ ବ୍ରହ୍ମମୟଂ ଜଗତ୍' ବାଦ ।

ଜାପାନୀମାନଙ୍କ ମତରେ ରାଷ୍ଟ୍ର ଅର୍ଥ କୁନି-ହିଟୋ ଅର୍ଥାତ୍ ସମଶ୍ରିବାପନ୍ନ ବ୍ୟକ୍ତିମାନଙ୍କର ଏକ ମଧୁର ସଙ୍ଗଠନ । ସେମାନଙ୍କ ଦୃଷ୍ଟିରେ ମୋକ୍ଷ ଅର୍ଥ ସ୍ୱଳ୍ପ କେତେଜଣ ବ୍ୟକ୍ତିବିଶେଷଙ୍କର ମୋକ୍ଷ ନୁହେଁ, ମୋକ୍ଷ କହିଲେ ସମଗ୍ର ରାଷ୍ଟ୍ରର ମୋକ୍ଷକୁ ବୁଝାଏ ।

ଶିଣ୍ଟୋଧର୍ମ – ଶିଣ୍ଟୋ ଧର୍ମତତ୍ତ୍ୱ ଅନୁଯାୟୀ ଆମି-ନୋ-ମି-ନାକାନୁଶି ହେଉଛନ୍ତି ବିଶ୍ୱଜୀବନ ବା ପରମାତ୍ମା । ଏହି ତତ୍ତ୍ୱ ହିନ୍ଦୁ ଧର୍ମର ହିରଣ୍ୟଗର୍ଭ ବା ସୂତ୍ରାତ୍ମନ ତତ୍ତ୍ୱର ଅନୁରୂପ । ସୃଷ୍ଟିକାରିଣୀତତ୍ତ୍ୱ, ପୁଷ୍ଟିାଙ୍ଗକାରିଣୀ ବା ପରିପାଳନ କାରିଣୀ ତତ୍ତ୍ୱ ଏବଂ ଆଧ୍ୟାତ୍ମିକ ଓ ପାର୍ଥିବ ବିଷୟ ମଧ୍ୟରେ ବା ପ୍ରତ୍ୟକ୍ଷ ଓ ଅପ୍ରତ୍ୟକ୍ଷ ଜଗତ ମଧ୍ୟରେ ତଥା ବାସ୍ତବ ଓ ଆଦର୍ଶ ମଧ୍ୟରେ ସଂଯୋଗରକ୍ଷାକାରୀ ଓ ନିୟାମକ ତତ୍ତ୍ୱ— ଏହି ତିନୋଟି ତତ୍ତ୍ୱର ପ୍ରତୀକଙ୍କୁ ମୁସୁବି ବୋଲଯାଏ । ସେହି ତ୍ରିମୂର୍ତ୍ତି ମୁସୁବିଙ୍କ କାର୍ଯ୍ୟ ସମ୍ପାଦନ ଫଳରେ ଆମି-ନୋ-ମି-ନାକା-ନୁଶିଙ୍କଠାରୁ ପ୍ରତ୍ୟକ୍ଷ ଜଗତ୍ (କେନ କାଇ) ଓ ଅପ୍ରତ୍ୟକ୍ଷ ଜଗତ (ୟୁ କାଇ) ସୃଷ୍ଟି ହୋଇଛି । ପ୍ରତ୍ୟକ୍ଷ ଅପ୍ରତ୍ୟକ୍ଷ ଆଦି ପରସ୍ପର-ବିରୋଧୀ ଗୁଣଗୁଡ଼ିକ କେବଳ କାର୍ଯ୍ୟସମ୍ପାଦନର ପ୍ରତୀକ; ପରମାତ୍ମା ବିଶ୍ୱଜୀବନ ଏହିସବୁ ପରସ୍ପର ବିରୋଧୀ ଗୁଣ ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । ସେ ଏସବୁ ଗୁଣର ଊର୍ଦ୍ଧ୍ୱରେ । ସେ ହେଉଛନ୍ତି ହିନ୍ଦୁ ଧର୍ମର ନିର୍ଗୁଣବ୍ରହ୍ମଙ୍କର ଅନୁରୂପ । ସେହିସବୁ ବିଭିନ୍ନ ଗୁଣରୁ ସୃଷ୍ଟି ହୋଇଛି କାଳ ବା ସମୟର ଧାରଣା ।

ଦେଶର ଅଧିପତି ସମ୍ରାଟ ହେଉଛନ୍ତି ଦେବଦେବଙ୍କର ଆତ୍ମଜ ଓ ପ୍ରତୀକ, ତେଣୁ ସମ୍ରାଟଙ୍କପ୍ରତି ପରମ ଆନୁଗତ୍ୟ, ପୂର୍ବପୁରୁଷଙ୍କପ୍ରତି ସମ୍ମାନ, ପିତାମାତାଙ୍କପ୍ରତି ଗଭୀର ଭକ୍ତି ଏବଂ ଶିଶୁ ତଥା ସନ୍ତାନବର୍ଗଙ୍କପ୍ରତି ସ୍ନେହଶ୍ରଦ୍ଧାକୁ ଭିତ୍ତି କରି ଏହି ମହାନ ବିଶ୍ୱଜନୀନ ଧର୍ମମାର୍ଗ ଗଢ଼ିଉଠିଛି ।

ଶିଣ୍ଟୋର ବିକାଶ କ୍ଷେତ୍ରରେ ଦର୍ପଣ, ଖଡ୍‌ଗ ଓ ମଣିର ବିଶେଷ ଆଲଙ୍କାରିକ ତାତ୍ପର୍ଯ୍ୟ ରହିଛି । ସେଗୁଡ଼ିକ ଯଥାକ୍ରମେ ଜ୍ଞାନ, ସାହସ ଓ ବଦାନ୍ୟତା ବା ବୁଦ୍ଧିର ପ୍ରତୀକରୂପେ ଗଣାଯାଆନ୍ତି, ରାଜ୍ୟର ଅଧିପତି ସମ୍ରାଟଙ୍କର ଏହି ତିନୋଟି

ବସ୍ତୁ ହେଉଛି ପବିତ୍ର ରାଜକାର୍ଯ୍ୟ ଅଳଙ୍କାର । ଏଗୁଡ଼ିକ ହେଉଛି ଏହି ମହାନ ଧର୍ମ-ମାର୍ଗର କ୍ରିୟାଶୀଳତାର ସୂଚକ; ତେଣୁ ପ୍ରତ୍ୟେକ ଶିଣ୍ଟୋମନ୍ଦିର ସମ୍ମୁଖରେ ଏହି ତିନୋଟି ପ୍ରତୀକ ସ୍ଥାପନ କରାଯାଇଥାଏ । ଏହି ତିନୋଟିକୁ 'ମିଷ୍ଟୁ-ଟୋମୋ-ଇ' ବା ଅର୍ଦ୍ଧବୃତ୍ତାମନସ୍ତ ବୋଲାଯାଏ ।

ଶିଣ୍ଟୋଧର୍ମରେ ବହୁ ଦେବତାଙ୍କୁ ପୂଜା କରାଯାଉଥିଲେ ମଧ୍ୟ, ପ୍ରାଚୀନ ସୂର୍ଯ୍ୟଦେବତା ଆମାତେରସୁ-ଓମି-କାମୀଙ୍କୁ ହିଁ ଶୀର୍ଷସ୍ଥାନ ଦିଆଯାଏ । ସୁସେନୋ-ଓ-ନୋ-ମିକୋଟୋ ହେଉଛନ୍ତି ଦେବଶ୍ରେଷ୍ଠ ସୂର୍ଯ୍ୟଙ୍କର ରାଜଭ୍ରାତା । ସେ ହେଉଛନ୍ତି ବର୍ଷା ଓ ବାତ୍ୟାର ଅଧିପତି । ସୁକୟୋମି-ନୋ-ମିକୋଟୋ ହେଉଛନ୍ତି ଚନ୍ଦ୍ର ଦେବତା । ଏହି ତିନି ଦେବତାଙ୍କୁ ତ୍ରିମୂର୍ତ୍ତି ବା ତ୍ରିଦେବରୂପେ କଳ୍ପନା କରାଯାଇଛି । ଏହି ତିନି ଦେବତା ଯଥାକ୍ରମେ ଆକାଶ (ସ୍ୱର୍ଗ), ସାଗର ଓ ରାତ୍ରିର ଅଧିଷ୍ଠାତ୍ରୀ ଦେବତା ।

ଶିଣ୍ଟୋନୀତିଶାସ୍ତ୍ର— ପବିତ୍ରତାକୁ ଶିଣ୍ଟୋ ନୈତିକତାର ଏକ ମୌଳିକ ସଦ୍‌ଗୁଣରୂପେ ଗ୍ରହଣ କରାଯାଇଛି । ପବିତ୍ରତା ଦୁଇଟି ଦିଗରୁ ପାଳନୀୟ । ଗୋଟିଏ ହେଉଛି ବାହ୍ୟ ବା ଶାରୀରିକ ପବିତ୍ରତା; ଅନ୍ୟଟି ଆଭ୍ୟନ୍ତରୀଣ ବା ଅନ୍ତରର ପବିତ୍ରତା । ଯେଉଁ ଲୋକର ହୃଦୟ ପବିତ୍ରଭାବରେ ପୂର୍ଣ୍ଣ, ତାର ନିଶ୍ଚୟ ଈଶ୍ୱର ଲାଭ ହେବ; ସେ ଭଗବତ୍ ସାକ୍ଷାତ୍କାର ପାଇବ । ଶିଣ୍ଟୋଧର୍ମରେ ନିଷ୍ଠାକୁ ଅନ୍ୟତମ ନୈତିକ ସହାୟରୂପରେ ଗ୍ରହଣ କରାଯାଇଛି ।

ଶିଣ୍ଟୋଧର୍ମର ଦଶଟି ପ୍ରଧାନ ଉପଦେଶ—

୧) ଭଗବତ୍ ଇଚ୍ଛା ବିରୁଦ୍ଧରେ ଯାଅ ନାହିଁ ।

୨) ପୂର୍ବପୁରୁଷମାନଙ୍କପ୍ରତି କୃତଜ୍ଞତା ପ୍ରଦର୍ଶନ କରିବାକୁ ଭୁଲିଯାଅ ନାହିଁ ।

୩) ରାଷ୍ଟ୍ରର ନୀତିନିୟମକୁ ଅମାନ୍ୟ କରି ତାପ୍ରତି ଅବମାନନା ପ୍ରଦର୍ଶନ କର ନାହିଁ ।

୪) ଦେବତାମାନଙ୍କର କୃପା ହେଲେ ହିଁ ସକଳ ପ୍ରକାର ଆପଦ୍‌ବିପଦ ଦୂର ହୁଏ ଏବଂ ରୋଗ ଆରୋଗ୍ୟ ହୁଏ, ଦେବତାମାନଙ୍କର ଏହି ମହିମା ବିଷୟ ଭୁଲିଯାଅ ନାହିଁ ।

୫) ଭୁଲିଯାଅ ନାହିଁ ଯେ, ଜଗତ ଏକ ବିରାଟ ପରିବାର ।

୬) ଭୁଲିଯାଅ ନାହିଁ ଯେ, ତୁମର ଶକ୍ତି ଓ ସାମର୍ଥ୍ୟ ସୀମିତ ।

୭) ଅନ୍ୟମାନେ କ୍ରୋଧ ପ୍ରକାଶ କଲେ ମଧ୍ୟ, ତୁମେ କ୍ରୁଦ୍ଧ ହୁଅ ନାହିଁ ।

୮) କର୍ମକ୍ଷେତ୍ରରେ ମନ୍ଥରତା ପ୍ରକାଶ କର ନାହିଁ ।

୯) ଧର୍ମୋପଦେଶର ନିନ୍ଦା କର ନାହିଁ ।

୧୦) ପରର ଧର୍ମୋପଦେଶ ଶୁଣି ସ୍ୱଧର୍ମ ତ୍ୟାଗ କର ନାହିଁ ।

ଶିଣ୍ଟୋଧର୍ମର ଉତ୍କୃଷ୍ଟତମ ଆପ୍ତବଚନମୂଳକ ହେଲା :

"ନିଷ୍ଠା ଓ ଏକାନ୍ତ ଚିତ୍ତରେ ଥରଟିଏ ପ୍ରାର୍ଥନା କଲେ ବି, ପରମେଶ୍ୱରଙ୍କର ହୃଦୟ ତରଳିଯିବ । ଏକାନ୍ତ ଚିତ୍ତରେ ପ୍ରାର୍ଥନା କଲେ, ତୁମେ ନିଶ୍ଚିତ ଭାବରେ ଭଗବତ୍ ସାନିଧ୍ୟ ଉପଲବ୍‌ଧି କରିପାରିବ ।

"ଯେଉଁଠି ନିଷ୍ଠା ରହିଛି, ସେଠାରେ ସଦ୍‌ଗୁଣ ରହିଛି । ନିଷ୍ଠା ହେଉଛି ସତ୍ୟର ସାକ୍ଷୀ ଏବଂ ଜ୍ଞାନର ଜନନୀ । ଏକମାତ୍ର ନିଷ୍ଠାରୂପକ ସଦଗୁଣ ହିଁ ପରମାତ୍ମାଙ୍କ ସହିତ ମନୁଷ୍ୟର ମିଳନ ଘଟାଇପାରେ ।

"ଭଗବତ୍‌ଲାଭର ସର୍ବପ୍ରଥମ ଓ ସୁନିଶ୍ଚିତ ପ୍ରଣାଳୀଟି ହେଉଛି ନିଷ୍ଠା । ତୁମେ ଯଦି ତୁମ ଆରାଧ୍ୟ ଦେବତାଙ୍କୁ ନିଷ୍ଠାର ସହିତ ପ୍ରାର୍ଥନା କରିବ, ତେବେ ତୁମେ ନିଶ୍ଚିତ ଭାବରେ ତାଙ୍କର ଉପସ୍ଥିତି ଉପଲବ୍‌ଧି କରିବ ।"

ସାର୍ବଜନୀନ ଶିଣ୍ଟୋ ପ୍ରାର୍ଥନା— ଆମର ବାହ୍ୟ ଚକ୍ଷୁରେ କେତେକ ଅସତ୍ ଦୃଶ୍ୟ ପଡ଼ିପାରେ, କିନ୍ତୁ ଆମ ମନଶ୍ଚକ୍ଷୁରେ ଅସତ୍ ଦୃଶ୍ୟ ନ ପଡ଼ୁ । ଆମର ବାହ୍ୟ କର୍ଣ୍ଣରେ ଅସତ୍ ବାକ୍ୟ ପଡ଼ିଯାଇପାରେ । କିନ୍ତୁ ଆମ ମନ ଭିତରେ ଯେଉଁ କର୍ଣ୍ଣ ରହିଛି, ସେହି କର୍ଣ୍ଣରେ ଅସତ୍ ବାକ୍ୟ ନ ପଡ଼ୁ ।

ପରିଶିଷ୍ଟ— ଶିଣ୍ଟୋ ହେଉଛି ଭଗବତ୍ ମାର୍ଗ । ଲାଓତ୍‌ଜେଙ୍କ ପ୍ରବର୍ତ୍ତିତ ତାଓ ମଧ୍ୟ ଏକ ଭଗବତ୍ ମାର୍ଗ । ପ୍ରଭୁ ଯୀଶୁ କହିଛନ୍ତି, "ମୁଁ ହିଁ ସତ୍ୟ, ମୁଁ ହିଁ ଧର୍ମମାର୍ଗ । ମୁଁ ହିଁ ଜୀବନ ।" ଭଗବାନ ଶ୍ରୀକୃଷ୍ଣ କହନ୍ତି, "ହେ ପାର୍ଥ, ମନୁଷ୍ୟ ଯେକୌଣସି ମାର୍ଗ ଧରି ମୋ ନିକଟକୁ ଆସୁନା କାହିଁକି, ମୁଁ ତାକୁ ଆଦରରେ ଗ୍ରହଣ କରିବି, କାରଣ (ମୋ ନିକଟକୁ ଆସିବାଲାଗି) ଲୋକେ ଯେତେସବୁ ମାର୍ଗ ଗ୍ରହଣ କରନ୍ତି, ସେସବୁ ହେଉଛି ମୋର ମାର୍ଗ ।"

ଜୀବନର ଲକ୍ଷ୍ୟ ଓ ଉଦ୍ଦେଶ୍ୟର ଅର୍ଥ ଈଶ୍ୱରଙ୍କର ଯେତିକି ଗୁରୁତ୍ୱ ରହିଛି, ଈଶ୍ୱରଲାଭପାଇଁ ରହିଥିବା ମାର୍ଗର ମଧ୍ୟ ସେତିକି ଗୁରୁତ୍ୱ ରହିଛି । ଭଗବତ୍ ଲାଭର

ମାର୍ଗ ହିଁ ଧର୍ମ । ଯେ ଏହି ମାର୍ଗ ପ୍ରଦର୍ଶନ କରନ୍ତି, ସେ ହେଉଛନ୍ତି ଗୁରୁ ବା ଆଧ୍ୟାତ୍ମିକ ଶିକ୍ଷକ । ଯେ ଗୁରୁ, ସେ ଈଶ୍ୱର । ଆପଣ ଯଦି ଧର୍ମମାର୍ଗରେ ଦୃଢ଼ ହୋଇ ରହିପାରିବେ, ତେବେ ଆପଣଙ୍କର ଯଥାଶୀଘ୍ର ଈଶ୍ୱର ଲାଭ ହୋଇଯିବ । ଆପଣ ଯଦି ଗୁରୁପାଦରେ ଦୃଢ ହୋଇପାରିବେ, ତେବେ ଆପଣଙ୍କୁ ଶୀଘ୍ର ଈଶ୍ୱର ଉପଲବ୍ଧି ମିଳିପାରିବ । ଧର୍ମମାର୍ଗ, ସତ୍ୟ ଓ ଶାଶ୍ୱତ-ଜୀବନ—ଏସବୁ ଏକ ଓ ଅଭିନ୍ନ ।

ଶିଣ୍ଟୋ କହନ୍ତୁ, ତାଓ କହନ୍ତୁ—ସକଳ ଧର୍ମର ଜୟ ହେଉ । ଶ୍ରୀଗୁରୁଙ୍କର ଜୟ ହେଉ । ସକଳ ଧର୍ମର ପରମଲକ୍ଷ୍ୟ ପରମେଶ୍ୱରଙ୍କର ଜୟ ହେଉ । ଶିଣ୍ଟୋ ବା ତାଓ ଆପଣଙ୍କୁ ମାର୍ଗ ପ୍ରଦର୍ଶନ କରୁ , ଆପଣଙ୍କୁ ଶକ୍ତିଶାଳୀ କରୁ, ଆପଣଙ୍କୁ ସୁଦୃଢ଼ କରୁ, ଆପଣଙ୍କୁ ନବଜୀବନ ପ୍ରଦାନ କରୁ । ଶିଣ୍ଟୋରେ ବା ତାଓରେ ନିଷ୍ଠା ରଖନ୍ତୁ ।

ଇହୁଦୀ ଧର୍ମ

ହଜରତ ମୂସାଙ୍କ ପ୍ରଦତ୍ତ ନୀତି ଉପରେ ଆଧାରିତ ଇହୁଦୀମାନଙ୍କର ଧର୍ମନୀତି ଓ କର୍ମକାଣ୍ଡକୁ ଇହୁଦୀ ଧର୍ମ ବୋଲାଯାଏ । ଇହୁଦୀ ଧର୍ମ ପାରସୀଧର୍ମ ଉପରେ ପ୍ରତିଷ୍ଠିତ । ପୃଥିବୀର ଦୁଇଟି ପ୍ରଧାନ ଧର୍ମ ଖ୍ରୀଷ୍ଟଧର୍ମ ଓ ଇସଲମଧର୍ମ ଇହୁଦୀ ଧର୍ମରୁ ଉତ୍ପନ୍ନ । ମୁସଲମାନମାନେ ସ୍ୱୀକାର କରନ୍ତି ଯେ, ଇସଲମ ଇହୁଦୀଧର୍ମ ଉପରେ ଆଧାରିତ । ଏହି ତଥ୍ୟ କୋରାନରେ ସ୍ପଷ୍ଟ ହୋଇଯାଇଛି ।

ଇହୁଦୀମାନଙ୍କର ବାଇବେଲ 'ଓଲ୍ଡ୍ ଟେଷ୍ଟମେଣ୍ଟ' ବା 'ପ୍ରାଚୀନ ବିଧାନ'ର ପୂର୍ବଖଣ୍ଡରେ ଯେଉଁ ଇଲୋହିମ୍ ଜେହୋବାହିଙ୍କୁ ଈଶ୍ୱରଙ୍କ ନାମରେ ଅଭିହିତ କରାଯାଇଛି, ସେ ହିଁ ପାରସୀଧର୍ମରେ 'ଅହୁରମଜ୍ଦ୍' ବା ପରଂବ୍ରହ୍ମରୂପରେ ଖ୍ୟାତ ।

କଥିତ ଅଛି ଯେ, ମହାପୁରୁଷ ଇବ୍ରାହିମ୍ ମାନବଜଗତରେ ସର୍ବପ୍ରଥମେ ଈଶ୍ୱରଙ୍କ ବିଷୟ ପ୍ରକାଶ କରିଥିଲେ । ସେହି ମହାପୁରୁଷ ହିଁ ଇହୁଦୀ (ହିବ୍ରୁ) ଜାତିର ପ୍ରତିଷ୍ଠାତା । ହିବ୍ରୁ ନିଜେ ଥିଲେ ଇସ୍ରାଏଲ ନିବାସୀ ୟାକୁବଙ୍କର ବଂଶଜଙ୍କ ମଧ୍ୟରୁ ଜଣେ । ମହାପୁରୁଷ ଇବ୍ରାହିମଙ୍କର ଦୁଇ ପୁଅ । ସେମାନେ ହେଲେ ସାରାଙ୍କ ଗର୍ଭରୁ ଜାତ ଇସ୍ହାକ୍ ଓ ମିଶରୀୟ ପତ୍ନୀ ହାଗାର୍ଙ୍କ ଗର୍ଭରୁ ଜାତ ଇସ୍ମାଇଲ୍ । ଇସ୍ହାକ୍ଙ୍କ ଔରସରୁ ଇହୁଦୀମାନେ ଏବଂ ଇସ୍ମାଇଲ୍ଙ୍କ ଔରସରୁ ଇସ୍ଲମ ବା ମୁସଲମାନମାନେ ଜାତ ହୋଇଛନ୍ତି । ଇସ୍ହାକ୍ଙ୍କର ଦୁଇ ପୁଅ, ଏଶାନ୍ ଓ ୟାକୁବ୍ । ଏଶାନଙ୍କ ବଂଶଧରମାନେ ହେଲେ ଖ୍ରୀଷ୍ଟିୟାନ୍ ଓ ୟାକୁବ୍ଙ୍କ ବଂଶଧରମାନେ ହେଲେ ଇହୁଦୀ ।

ପ୍ରାଚୀନ ବିଧାନ ଓ ନୂତନ ବିଧାନ — ପ୍ରାଚୀନ ଇହୁଦୀମାନଙ୍କର ଧାର୍ମିକ ରଚନାବଳୀ ଖ୍ରୀଷ୍ଟୀୟ ଧର୍ମପୁସ୍ତକ 'ପ୍ରାଚୀନ ବିଧାନ'ରେ ସଂଗୃହିତ ହୋଇଛି । ପ୍ରାୟ ଦୁଇହଜାର ବର୍ଷ ତଳେ ଯୀଶୁଖ୍ରୀଷ୍ଟଙ୍କର ଆଗମନ ପରେ ଯେଉଁ ଅଂଶର ସମାବେଶରେ ଧର୍ମପୁସ୍ତକ ପ୍ରସ୍ତୁତ କରାଗଲା ତାର ନାମ 'ନୂତନ ବିଧାନ' । ଯୀଶୁଙ୍କ ଆଗମନର ବହୁ ପୂର୍ବରୁ ଇହୁଦୀମାନେ ସେମାନଙ୍କର ଧର୍ମଗ୍ରନ୍ଥ ରଚନା କରିଥିଲେ ଓ ଧର୍ମଗ୍ରନ୍ଥ ଅଧ୍ୟୟନ କରୁଥିଲେ । ସେହି ଗ୍ରନ୍ଥସବୁ ସେମାନଙ୍କର ହିବ୍ରୁ ଭାଷାରେ ରଚିତ ହୋଇଥିଲା । ଉକ୍ତ ପ୍ରାଚୀନ ହିବ୍ରୁ ଗ୍ରନ୍ଥଗୁଡ଼ିକ ଖ୍ରୀଷ୍ଟିୟ ଯୁଗର ପ୍ରାୟ ଦୁଇଶହ ବର୍ଷ ପୂର୍ବେ ଗ୍ରୀକ୍ ଭାଷାରେ ଅନୂଦିତ ହୋଇଥିଲା ।

ଇହୁଦୀମାନଙ୍କର ଧର୍ମଗ୍ରନ୍ଥଗୁଡ଼ିକ ତିନିଭାଗରେ ବିଭକ୍ତ । ପ୍ରଥମ ଭାଗଟିର ନାମ 'ବିଧାନ', ଏଥିରେ ଜଗତର ବିଭିନ୍ନ କାନୁନ୍ ବା ବିଧିବିଧାନ ଉଲ୍ଲିଖିତ ହୋଇଛି । ଏହିସବୁ ବିଧାନଗ୍ରନ୍ଥ ବର୍ତ୍ତମାନ ବାଇବେଲ୍‌ର ପ୍ରଥମ ଅଂଶରେ ଉତ୍ପତ୍ତି ବହିର୍ଗମନ, ଲେଭିଇଟିକସ୍ (ଯାକବଙ୍କ ପୁତ୍ର ଲେଭିଙ୍କର ବଂଶାବଳୀ), ନମ୍ବରସ୍ (ଜନଗଣନା) ଏବଂ ଡ଼ିଉଟେରୋନମି (ବ୍ୟବସ୍ଥା ବିବରଣ) ଆଦି ପାଞ୍ଚଟି ସ୍କନ୍ଧରୂପରେ ସନ୍ନିବେଶିତ ହୋଇଛି । ଦ୍ୱିତୀୟ ଭାଗରେ ମହାପୁରୁଷମାନଙ୍କ ବିଷୟ ବର୍ଣ୍ଣିତ । ଏଥିରେ ଜଶୋହ, ଇସାୟାହ୍ ଓ ଜିର୍ମିୟାହ୍ ନାମକ ପୁସ୍ତକ ବା ସ୍କନ୍ଧ ରହିଛି । ସ୍ତୋତ୍ର ଓ ପ୍ରବାଦସବୁ ତୃତୀୟଭାଗରେ ରହିଛି । 'ପ୍ରାଚୀନ ବିଧାନ' ପୁସ୍ତକଟିରେ ୩୯ଟି ସ୍କନ୍ଧ ରହିଛି ।

ନୂତନ ବିଧାନ' ପୁସ୍ତକଟିରେ ସର୍ବମୋଟ ୨୭ ଟି ସ୍କନ୍ଧ ରହିଛି । ସେଥିରୁ ପ୍ରଥମ ଚାରିଟି ସ୍କନ୍ଧରେ ସୁସମାଚାର ରହିଛି ଅର୍ଥାତ୍ ସେଥିରେ ଧରାପୃଷ୍ଠରେ ଯୀଶୁ-ଖ୍ରୀଷ୍ଟଙ୍କର ଜୀବନୀ ବର୍ଣ୍ଣିତ ହୋଇଛି । ପରବର୍ତ୍ତୀ ସ୍କନ୍ଧଟିରେ ଯୀଶୁଙ୍କ ପ୍ରେରିତ ଧର୍ମପ୍ରଚାରକମାନଙ୍କର କାର୍ଯ୍ୟାବଳୀ, ବିଶେଷତଃ ଧର୍ମପ୍ରଚାରକ ପଲ୍‌ଙ୍କ କାର୍ଯ୍ୟ ବର୍ଣ୍ଣନା କରାଯାଇଛି । ପରବର୍ତ୍ତୀ ଅପେକ୍ଷାକୃତ କ୍ଷୁଦ୍ର ଆକାରର ଏକୋଇଶିଟି ସ୍କନ୍ଧରେ ପ୍ରାରମ୍ଭିକ କାଳର ଖ୍ରୀଷ୍ଟିୟାନମାନଙ୍କର ଧର୍ମବିଶ୍ୱାସ ଓ ଧର୍ମଧାରଣା ବିଷୟ ବର୍ଣ୍ଣିତ ହୋଇଛି । ଶେଷ ସ୍କନ୍ଧଟି ହେଉଛି ଈଶ୍ୱରଙ୍କ ପ୍ରତ୍ୟାଦେଶ । ଯୀଶୁଙ୍କର ପ୍ରିୟ ପ୍ରଚାରକଶିଷ୍ୟ ଜନ୍ ଭାବାବେଶରେ ବା ସମାଧିସ୍ଥ ହୋଇ ଯେଉଁ 'ଈଶ୍ୱରଙ୍କ ମେଷ' ଓ 'ସ୍ୱର୍ଗରାଜ୍ୟର ନଗର' ଇତ୍ୟାଦି ଦୃଶ୍ୟ ଦେଖିଥିଲେ, ଏଥିରେ ସେସବୁର ବର୍ଣ୍ଣନା ରହିଛି । ଏହି ସ୍କନ୍ଧ ବା ପୁସ୍ତକଗୁଡ଼ିକ ଗ୍ରୀକ୍ ଭାଷାରେ ଲିଖିତ ହୋଇଥିଲା । କାରଣ ଖ୍ରୀଷ୍ଟଯୁଗର ପ୍ରାରମ୍ଭରେ ଶିକ୍ଷିତ ଲୋକେ ଗ୍ରୀକ୍‌ଭାଷା ହିଁ ବ୍ୟବହାର କରୁଥିଲେ ।

ବିଭିନ୍ନ ଇହୁଦୀୟ ସମ୍ପ୍ରଦାୟ— ଲୋକଙ୍କର ଜୀବନ ଧାରଣାପାଇଁ ଏକ ପୂର୍ଣ୍ଣାଙ୍ଗ ପ୍ରଣାଳୀ ପ୍ରଦାନ କରିବା ଉଦ୍ଦେଶରେ ଧର୍ମବିଧାନ ପ୍ରସ୍ତୁତ କରାଯାଇଥିଲା । ଧର୍ମବିଧାନ କହିଲେ ପେଣ୍ଟାଟ୍ୟୁକ୍ (ବାଇବେଲ୍‌ର ପ୍ରଥମ ପାଞ୍ଚଟି ସ୍କନ୍ଧ ବା ପୁସ୍ତକ)କୁ ହିଁ ବୁଝାଉଥିଲା । ପେଣ୍ଟାଟ୍ୟୁକ୍‌ର ପ୍ରତିଟି ପଦ ଈଶ୍ୱରମୁଖନିଃସୃତ ତଥା ମୁସାଙ୍କପ୍ରତି ପ୍ରଥମେ ପ୍ରତ୍ୟାଦିଷ୍ଟ ବୋଲି ବିଶ୍ୱାସ କରାଯାଉଥିଲା । ଇହୁଦୀୟ ସମାଜର ବିଭିନ୍ନ ଗୋଷ୍ଠୀ ବା ସମ୍ପ୍ରଦାୟଗୁଡ଼ିକର ନିମ୍ନଲିଖିତ ରୂପରେଖ ଦିଆଯାଇପାରେ ।

କ) ଧର୍ମବିଧାନଗୁଡ଼ିକର ବ୍ୟାଖ୍ୟା କରି ଲୋକରେ ବୁଝାଇଦେବା ଆବଶ୍ୟକ ହୋଇପଡୁଥିଲା । ଯେଉଁମାନେ ଧର୍ମବିଧାନର ବ୍ୟାଖ୍ୟା ପ୍ରଦାନ କରୁଥିଲେ, ସେମାନେ ଥିଲେ ସ୍କ୍ରାଇବ୍ ବା ଧର୍ମାଚାର୍ଯ୍ୟ ସମ୍ପ୍ରଦାୟର ଲୋକ । ସେମାନେ

ଥୋରା (ଧର୍ମବିଧାନର)ର ବ୍ୟାଖ୍ୟା କରି ସେଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରୁଥିଲେ । ଏହି ଧର୍ମାଗୃର୍ଯ୍ୟମାନେ ଇସ୍ରାଏଲ୍‌ରେ ବିଧାନପତି ବା ନ୍ୟାୟପତିରୂପେ ସ୍ୱୀକୃତ ହେଉଥିଲେ । ସେମାନେ ଯେଉଁ ସିଦ୍ଧାନ୍ତ ଦେଉଥିଲେ, ତାହା ଧର୍ମର ସିଦ୍ଧାନ୍ତ ବୋଲି ବିବେଚିତ ହେଉଥିଲା । ପ୍ରଥମ ଧର୍ମାଗୃର୍ଯ୍ୟମାନେ ପୁରୋହିତ ଥିଲେ ।

(ଖ) ଫାରିସୀ ବା ଆଗ୍ରହନିଷ୍ଠମାନଙ୍କର ସମ୍ପ୍ରଦାୟ ଇହୁଦୀମାନଙ୍କର ବିଶେଷ ଲୋକପ୍ରିୟ ବା ରାଷ୍ଟ୍ରବାଦୀ ସମ୍ପ୍ରଦାୟ ଥିଲେ । ଫାରିସୀମାନେ ବିଶ୍ୱାସ କରୁଥିଲେ ଯେ, ମୃତଲୋକର ଆତ୍ମା ତାର ପୂର୍ବଶରୀରକୁ ଫେରିଆସିବ । ଅନ୍ୟ କଥାରେ, ଆତ୍ମାର ଅମରତ୍ୱରେ ସେମାନଙ୍କର ବିଶ୍ୱାସ ରହିଥିଲା । ସେମାନେ ପ୍ରେତାତ୍ମା ଓ ଦେବଦୂତରେ ମଧ୍ୟ ବିଶ୍ୱାସ କରୁଥିଲେ । ସେମାନେ ଲିପିବଦ୍ଧ ଧର୍ମ-ବିଧାନକୁ ଯେତିକ ଗୁରୁତ୍ୱ ଦେଉଥିଲେ, ଜନଶ୍ରୁତିରେ ଚାଲିଆସୁଥିବା ପରମ୍ପରାକୁ ମଧ୍ୟ ସେତିକ ଗୁରୁତ୍ୱ ଦେଉଥିଲେ । ସେମାନେ ବିବେକର ସ୍ୱାଧୀନତାକୁ ଭାଗ୍ୟବାଦୀ-ଦୃଷ୍ଟିକୋଣରୁ ବିଗ୍ୱର କରୁଥିଲେ । ଫାରସୀ ସମ୍ପ୍ରଦାୟ ମଧ୍ୟରେ ଜିଲଟ୍‌ମାନେ ଏକ ଚରମପନ୍ଥୀ ଗୋଷ୍ଠୀ ଗଠନ କରିଥିଲେ ।

(ଗ) ରକ୍ଷଣଶୀଳ ପୁରୋହିତ ସମ୍ପ୍ରଦାୟର ଲୋକଙ୍କୁ ସୈଡ଼ୁସି ବୋଲି-ଯାଉଥିଲା । ସେମାନେ ଧରିବସିଥିଲେ ଯେ, ମୂସାପ୍ରଦତ୍ତ ପ୍ରତ୍ୟାଦେଶର ପ୍ରତିଟି ଅକ୍ଷର ତାତ୍ପର୍ଯ୍ୟପୂର୍ଣ୍ଣ । ଫାରସୀମାନେ ଯେଉଁ ଜନଶ୍ରୁତିରେ ଗଡ଼ିଆସିଥିବା ପରମ୍ପରାକୁ ଗ୍ରହଣ କରିନେଉଥିଲେ, ସୈଡ଼ୁସିମାନେ ତାହାକୁ ସ୍ୱୀକାର କରୁ ନ ଥିଲେ । ନୈତିକ କାର୍ଯ୍ୟରେ ବିବେକର ପୂର୍ଣ୍ଣସ୍ୱାଧୀନତା ରହିଛି ବୋଲି ସେମାନେ ପ୍ରଗ୍ୱର କରୁଥିଲେ । ସେମାନଙ୍କର ପ୍ରେତାତ୍ମା ଓ ଦେବଦୂତରେ ବିଶ୍ୱାସ ନ ଥିଲା । ସେମାନେ ଆତ୍ମାର ଅମରତ୍ୱରେ ବିଶ୍ୱାସ କରୁ ନ ଥିଲେ, କାରଣ ପେଣ୍ଟାଟ୍ୟୁକ୍‌ରେ ତାହା ଉଲ୍ଲେଖ ନ ଥିଲା ।

(ଘ) ଇହୁଦୀମାନଙ୍କ ମଧ୍ୟରେ ଇସିନ୍ ନାମରେ ଅନ୍ୟ ଏକ ସମ୍ପ୍ରଦାୟର ଲୋକ ଥିଲେ । ଇସିନ୍‌ମାନେ ବ୍ରହ୍ମଚର୍ଯ୍ୟ, ନିର୍ଜ୍ଜନବାସ, ନିରବତା, ପୁଣ୍ୟସ୍ନାନ (ବୁଡ଼) ଓ ବ୍ରତପାଳନ କରୁଥିଲେ ଏବଂ ଆମିଷଭୋଜନରୁ ନିବୃତ୍ତ ରହୁଥିଲେ । ସେମାନେ ସନ୍ନ୍ୟାସ ଅବଲମ୍ବନ କରୁଥିଲେ । ସେମାନେ ସୂର୍ଯ୍ୟ ଓ ଦେବଦୂତମାନଙ୍କୁ ପୂଜା କରୁଥିଲେ । ସତ୍ ଓ ଅସତ୍ ବୋଲି ଦୁଇଟି ବିଷୟ ରହିଛି—ଏହି ଦ୍ୱୈତ-ତତ୍ତ୍ୱରେ ସେମାନଙ୍କର ବିଶ୍ୱାସ ରହିଥିଲା; ପୁଣି ସେମାନେ ଆଲୋକକୁ ପ୍ରତୀକରୂପେ ଗ୍ରହଣ କରୁଥିଲେ । ସେମାନେ ମନ୍ଦିରରେ ଦେବପୂଜା କରି ବଳି, ନୈବେଦ୍ୟ ଇତ୍ୟାଦି ଅର୍ପଣ କରିବାରୁ ନିବୃତ୍ତ ରହୁଥିଲେ ।

ଥୋରା ବା ଧର୍ମବିଧାନ— ଥୋରା ଅର୍ଥ ଧର୍ମନିର୍ଦ୍ଦେଶ । ଇସ୍ରାଏଲ୍‌ର ମହାପୁରୁଷଗଣ ଧର୍ମ କ୍ଷେତ୍ରରେ ବିଶେଷ ନେତୃତ୍ୱ ଗ୍ରହଣ କରି ବୈପ୍ଳବିକ ଚିନ୍ତାଧାରାର ପ୍ରକୃଷ୍ଟ ଉନ୍ନତି ସାଧନ କରିଥିଲେ । ରବ୍‌ବୀମାନେ (ବୈଦ୍ୟ ତଥା ପୁରୋହିତମାନେ) ମଧ୍ୟ ଆଚାର୍ଯ୍ୟରୂପରେ ଲୋକରେ ବିଶ୍ୱାସ ଅର୍ଜ୍ଜନ କରିଥିଲେ । ସେମାନେ କଠିନ ପରିଶ୍ରମ ସହକାରେ ଥୋରା ବିଷୟରେ ଅନୁଶୀଳନ କରି ତାଲ୍‌ମୁଡୀୟ (ଇହୁଦୀୟ ଧର୍ମଶାସ୍ତ୍ର ସମ୍ବନ୍ଧୀୟ) ସାହିତ୍ୟର ବିଶାଳ ଭଣ୍ଡାର ରଚନା କରିଥିଲେ । ରବ୍‌ବୀମାନେ ଫାରିସୀୟ ମତବାଦର ପ୍ରତିନିଧିତ୍ୱ କରୁଥିଲେ । ତାଲ୍‌ମୁଡ୍ ଅଧ୍ୟୟନ ନ କଲେ ହିବ୍ରୁ ଚିନ୍ତାଧାରା ସମ୍ବନ୍ଧରେ ସମ୍ୟକ ଜ୍ଞାନ ଲାଭ କରିହେବ ନାହିଁ ।

ସମଗ୍ର ଥୋରା ମାତ୍ର ଦଶଟି ଶବ୍ଦରେ ପ୍ରଦତ୍ତ ହୋଇଥିଲା । ପ୍ରତ୍ୟେକଟି ଶବ୍ଦ ଗୋଟିଏ ଗୋଟିଏ ବାଣୀରେ ପରିଣତ ହୋଇଗଲା । ପୁଣି ଉକ୍ତ ଦଶବାଣୀର ପ୍ରତ୍ୟେକଟି ବାଣୀ ଅନ୍ତର୍ବିଭକ୍ତ ହୋଇ ୭୦ଟି ଲେଖାଏଁ ବାଣୀରେ ପ୍ରକାଶିତ ହେଲା ଏବଂ ସେହି ସମସ୍ତ ବାଣୀ ଇସ୍ରାଏଲର ସବୁରି ନୟନ ସମ୍ମୁଖରେ ଉଦ୍‌ଭାସିତ ହୋଇ ଉଠିଲା । ସେନାଇ ପର୍ବତ ଗାତ୍ରରେ ଇସ୍ରାଏଲଙ୍କୁ ଯେଉଁ ଦିବ୍ୟ ପ୍ରତ୍ୟାଦେଶ ମିଳିଥିଲା ଏବଂ ଯାହା ମୂସାପ୍ରଣୀତ ପଞ୍ଚଗ୍ରନ୍ଥରେ ଲିପିବଦ୍ଧ ହୋଇଥିଲା, ତାହା ହିଁ ଥୋରା । ମୂସା ୬୧୩ଗୋଟି ପ୍ରତ୍ୟାଦେଶ ସମ୍ବଳିତ ଥୋରା (ଧର୍ମବିଧାନ) ଲାଭ କରିଥିଲେ; ସେଗୁଡ଼ିକ ହେଉଛି ସକଳ ଦିବ୍ୟ ତଥା ପାର୍ଥିବରହସ୍ୟର ସାର । ଥୋରାକୁ ଏକ ଧର୍ମବିଶ୍ୱାସର ସୂଚନା ନ କହି ସୁସ୍ଥ ଜୀବନ-ପ୍ରଣାଳୀ ବୋଲି କହିବା ଅଧିକ ସମୀଚୀନ ହେବ ।

ଈଶ୍ୱର ସିନାଇ ପର୍ବତରେ ମୂସାଙ୍କୁ ଥୋରା ପ୍ରଦାନ କରିଥିଲେ । ମୂସା ତାହା ଜୋସୁଆଙ୍କୁ ପ୍ରଦାନ କଲେ । ଜୋସୁଆ ତାହା ପ୍ରଦାନ କଲେ ପୂଜ୍ୟ ଗୁରୁଜନ-ମାନଙ୍କୁ । ଗୁରୁଜନମାନେ ତାହା ପୁରୋହିତମାନଙ୍କୁ ହସ୍ତାନ୍ତର କରିଥିଲେ । ପୁଣି ପୁରୋହିତମାନେ ତାହା ମହାନ୍‌ସିନାଗଗ୍ (ଆଗ୍ରହୀ ପଣ୍ଡିତଗଣଙ୍କୁ) ପ୍ରଦାନ କରିଥିଲେ । ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଧର୍ମାଚାର୍ଯ୍ୟ ଇଜ୍ରା ଯେଉଁ ଧର୍ମପ୍ରାଣ ଆଗ୍ରହୀ ପଣ୍ଡିତ-ମାନଙ୍କର ମଣ୍ଡଳୀ ବା ସଭା ସୃଷ୍ଟି କରିଥିଲେ, ତାହାକୁ ସିନାଗଗ୍ ବୋଲାଯାଏ । ଥୋରା ଅଧ୍ୟୟନ କରି ଲୋକରେ ଶିକ୍ଷା ପ୍ରଦାନ କରିବା ହିଁ ଥିଲା ସିନାଗଗ୍‌ର କାର୍ଯ୍ୟ । ସୁତରାଂ ସିନାଗଗ୍ ଥିଲା ଏକାଧାରରେ ଧର୍ମପୀଠ, ବିଦ୍ୟାମନ୍ଦିର ଓ ନ୍ୟାୟାଳୟ । ଅନ୍ୟ କଥାରେ ତାହା ଥିଲା ଏକ ଧର୍ମ ନିର୍ଦ୍ଦେଶାଳୟ । ଈଶ୍ୱର ଏକ, ଈଶ୍ୱର ଇନ୍ଦ୍ରିୟାତୀତ ଏବଂ ଈଶ୍ୱର ପରମପବିତ୍ର—ଏହା ହିଁ ଯୁଦାଇ ଧର୍ମର ମୁଖ୍ୟ ବିଷୟ ।

ଈଶ୍ୱର ସିନାଇ ପର୍ବତରେ ମୂସାଙ୍କୁ ଦଶଟି ଆଜ୍ଞା ପ୍ରଦାନ କରିଥିଲେ । ପର୍ବତଗାତ୍ରରେ ରହି ମୂସାଙ୍କୁ ଅହ୍ୱାନ କରି ଈଶ୍ୱର କହିଲେ, "ତୁମେ ଜାକବ୍‌ର

ପରିବାରରେ ତଥା ଇସ୍ରାଏଲ୍‌ର ସମସ୍ତ ଅଧିବାସୀଙ୍କ ମଧ୍ୟରେ ଏହି ବିଷୟ ଜଣାଇ ଦିଅ ।" ଯଥା :—

ଦଶ ଆଜ୍ଞା— ୧) ମୁଁ, ଈଶ୍ୱର ହେଉଛି ତୁମର ପ୍ରଭୁ । ମୁଁ ତୁମକୁ ବନ୍ଧନମୁକ୍ତ କରି ମିଶର ଭୂମିରୁ ଉଦ୍ଧାର କରିଆଣିଛି ।

୨) ମୋତେ ଛାଡ଼ି ତୁମେ ଅନ୍ୟ କୌଣସି ଦେବତାଙ୍କୁ ଗ୍ରହଣ କର ନାହିଁ । ଜଳ, ସ୍ଥଳ, ବା ଆକାଶରେ ଥିବା ଅନ୍ୟ କାହାରି ଆକୃତିର ମୂର୍ତ୍ତି ଗଠନ କରି ତୁମେ ତାଙ୍କୁ ପୂଜା କିମ୍ବା ପ୍ରଣାମ କର ନାହିଁ । ମୁଁ ଈଶ୍ୱର, ତୁମର ପ୍ରଭୁ, ଏପରି କାର୍ଯ୍ୟ (ମୋ ଭିନ୍ନ ଅନ୍ୟକୁ ଉପାସନା କରିବା)କୁ ପ୍ରଶ୍ରୟ ଦିଏ ନାହିଁ । ଯେଉଁ ପିତାପ୍ରପିତାଗଣ ମୋତେ ଘୃଣା କରି ଦ୍ରୋହ କରନ୍ତି, ସେମାନଙ୍କର ପୁତ୍ରପ୍ରପୌତ୍ର ପର୍ଯ୍ୟନ୍ତ ବଂଶଧର-ମାନେ ଦ୍ରୋହର କୁଫଳ ଭୋଗ କରନ୍ତି ଏବଂ ଯେଉଁମାନେ ମୋତେ ଭକ୍ତି କରନ୍ତି, ମୋର ଆଜ୍ଞା ପାଳନ କରନ୍ତି, ମୁଁ ସେମାନଙ୍କର ସହସ୍ର ଉତ୍ତରପୁରୁଷ ପର୍ଯ୍ୟନ୍ତ କ୍ଷମାଶୀଳ ହୋଇଥାଏ ।

୩) ଭଣ୍ଡାମି କରିବା ଉଦ୍ଦେଶ୍ୟରେ ତୁମେ ମୋର ନାମର ଆଶ୍ରୟ ନିଅ ନାହିଁ, କାରଣ ଭଣ୍ଡଭକ୍ତକୁ ପ୍ରଭୁ ନିର୍ଦ୍ଦୋଷ ବୋଲି ଗଣନ୍ତି ନାହିଁ ।

୪) ବିଶ୍ରାମ ଦିବସଟି କଥା ସ୍ମରଣ ରଖି ତାର ପବିତ୍ରତା ରକ୍ଷା କରିବ । ଛଅଦିନ ଶାରୀରିକ ପରିଶ୍ରମ କର; ସାଂସାରିକ କାର୍ଯ୍ୟରେ ଲିପ୍ତ ହୁଅ । କିନ୍ତୁ ସପ୍ତମ ଦିବସଟି ତୁମର ପ୍ରଭୁ ଈଶ୍ୱରଙ୍କର ବିଶ୍ରାମ ଦିବସ । ସେଦିନ ତୁମେ ବା ତୁମ ପୁତ୍ର, କନ୍ୟା, ଦାସ, ଦାସୀ, ଗୃହପାଳିତ ପଶୁ ବା ତୁମ ଘରକୁ ଆସିଥିବା ଅତିଥି କେହି ଯେପରି ଅନ୍ୟ (ପ୍ରଭୁଙ୍କ ଧ୍ୟାନ ବିନା) କୌଣସି କାର୍ଯ୍ୟ ନ କରନ୍ତି । ପ୍ରଭୁ ଛଅଦିନ ଲାଗି ଜଳ, ସ୍ଥଳ, ଆକାଶ ତଥା ସେଥିରେ ଥିବା ସମସ୍ତ ପଦାର୍ଥ ନିର୍ମାଣ କଲେ ଏବଂ ସପ୍ତମ ଦିବସରେ ବିଶ୍ରାମ ଗ୍ରହଣ କଲେ । ଅତଏବ ସପ୍ତମ ଦିବସଟି ପ୍ରଭୁଙ୍କର ଆଶୀର୍ବାଦ ଲାଭ କରିଛି ଓ ସେହି ଦିନଟି ବିଶ୍ରାମ ଦିବସରୂପେ ଅତୀବ ପବିତ୍ର ଅଟେ ।

୫) ପିତାମାତାଙ୍କୁ ଭକ୍ତି ସମ୍ମାନ ପ୍ରଦର୍ଶନ କଲେ ପ୍ରଭୁ ତୁମକୁ ଯେଉଁ ଆୟୁଃ ଦେଇଛନ୍ତି, ତାହା ବୃଦ୍ଧି ପ୍ରାପ୍ତ ହେବ ।

୬) ଜୀବହତ୍ୟା କର ନାହିଁ ।

୭) ବ୍ୟଭିଚାର କର ନାହିଁ ।

୮) ପରସ୍ୱ ଅପହରଣ କର ନାହିଁ ।

୯) ପଡ଼ୋଶୀଙ୍କ ବିରୁଦ୍ଧରେ ମିଥ୍ୟା ସାକ୍ଷ୍ୟ ଦିଅ ନାହିଁ ।

୧୦) ପଡ଼ୋଶୀଙ୍କ ଘର ଉପରେ, ତାଙ୍କ ସ୍ତ୍ରୀଙ୍କ ଉପରେ, ତାଙ୍କର ଗୃହକର-ବାକରଙ୍କ ଉପରେ, ତାଙ୍କର ଗୃହପାଳିତ ଗୋମହିଷାଦି ପଶୁଙ୍କ ଉପରେ ତଥା ତାଙ୍କର କୌଣସି ଧନସମ୍ପଦ ଉପରେ ଲୋଲୁପ ଦୃଷ୍ଟି ପକାଅ ନାହିଁ ।

ମୂସା ପ୍ରଦତ୍ତ ବିଶ୍ୱର ଉତ୍ପତ୍ତି ସୂଚକ ମତବାଦ— ବିଶ୍ୱର ଉତ୍ପତ୍ତି ସମ୍ବନ୍ଧରେ ମୂସା ନିମ୍ନଲିଖିତ ବର୍ଣ୍ଣନା ଦେଇଛନ୍ତି । ପ୍ରଥମଦିନ ସ୍ୱର୍ଗ ଓ ପୃଥିବୀ ସୃଷ୍ଟି କରାଗଲା । ଦ୍ୱିତୀୟଦିନ ସମଗ୍ର ଆକାଶମଣ୍ଡଳ ଓ ଜଳମଣ୍ଡଳ; ତୃତୀୟଦିନ ଶୁଷ୍କ ସ୍ଥଳଭାଗ, ତୃଣ, ପକ୍ଷୀ, ଫଳବୃକ୍ଷ; ଚତୁର୍ଥଦିନ ଆଲୋକ, ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର-ମଣ୍ଡଳ; ପଞ୍ଚମଦିନ ବିଭିନ୍ନ ଜଙ୍ଗମ, ପକ୍ଷୀ ତିମିପରି ବଡ଼ ବଡ଼ ଜଳଚର ପ୍ରାଣୀ ଓ ଷଷ୍ଠଦିନ ନାନାପ୍ରକାର ଜୀବନ୍ତ ପ୍ରାଣୀ, ଗୋମହିଷାଦିପ୍ରାଣୀ, ଲତାଗୁଳ୍ମ, ବନ୍ୟପଶୁ, ମନୁଷ୍ୟ ସୃଷ୍ଟି କରାଗଲା । ମନୁଷ୍ୟ ସୃଷ୍ଟି ହେବାପରେ ସୃଷ୍ଟିଉତ୍ପତ୍ତି କାର୍ଯ୍ୟ ଶେଷ ହେଲା । ଈଶ୍ୱର ଷଷ୍ଠ ଦିବସରେ ଆଦମ୍‌ଙ୍କୁ ସୃଷ୍ଟି କରି ତାଙ୍କ ହାତରେ ପ୍ରାଣୀମାନଙ୍କର ଦାୟିତ୍ୱ ଦେଇଦେଲେ । ଆଦମ୍‌ଙ୍କର କେଇନ୍, ଆବେଲ୍ ଓ ଶେଥ୍—ଏପରି ତିନୋଟି ପୁଅ ଜନ୍ମ ହୋଇଥିଲେ । କେଇନ୍ ଅବେଲ୍‌କୁ ହତ୍ୟା କଲା । କେଇନ୍‌ର ବଂଶଧରମାନେ ବନ୍ୟାଜଳରେ ବୁଡ଼ିମଲେ । ଅମେ ପୃଥିବୀରେ ଯେତେ ମନୁଷ୍ୟ ଦେଖୁଥାଉଁ, ସେ ସମସ୍ତ ଶେଥ୍‌ଙ୍କର ବଂଶଧର । ଆଦମ୍ ଇଡେନ୍‌ର ମନୋରମ ଉଦ୍ୟାନରେ କୃଷିକର୍ମ କରି ତାର ରକ୍ଷଣାବେକ୍ଷଣ କରୁ ବୋଲି ଈଶ୍ୱର ଆଦମ୍‌ଙ୍କୁ ନେଇ ସେଠାରେ ରଖାଇଦେଇଥିଲେ ।

ଇହୁଦୀ ଧର୍ମର ମୂଳନୀତି—ଇହୁଦୀମାନେ ବିଶ୍ୱାସ କରନ୍ତି ଯେ, ସୃଷ୍ଟିର ଶେଷଦିନରେ ମନୁଷ୍ୟମାନଙ୍କର ପୁନରୁତ୍‌ଥାନ ହେବ । ସେମାନେ ଦେବଦୂତରେ ମଧ୍ୟ ବିଶ୍ୱାସ କରନ୍ତି ଏବଂ ଈଶ୍ୱର ଓ ଶୟତାନ—ଏପରି ଦୁଇଟି ଶକ୍ତି ଥିବାର ମଧ୍ୟ ବିଶ୍ୱାସ କରନ୍ତି ।

ଇହୁଦୀମାନେ ବିଶ୍ୱାସ କରନ୍ତି ଯେ, ଅନ୍ତିମ ବିଚାରଦିବସରେ ପ୍ରତ୍ୟେକ ଲୋକର ପାପ ଓ ଧର୍ମ ଗୋଟିଏ ନିକିତିରେ ଓଜନ କରାଯିବ । ଶେଷ ଦିବସର ପୁନରୁତ୍‌ଥାନ ପରେ ମନୁଷ୍ୟମାନଙ୍କୁ ନର୍କର ପୋଲ ପାରି ହେବାକୁ ପଡ଼ିବ ।

ହିବ୍ରୁମାନଙ୍କର ଧର୍ମର ମୌଳିକ ନୀତି ହେଉଛି; ଈଶ୍ୱରଙ୍କର ଏକତ୍ୱ; ଈଶ୍ୱର ନିରାକାର । ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମତବାଦ । ଈଶ୍ୱର ସର୍ବଦା ପବିତ୍ର ଓ ବିଶୁଦ୍ଧ । ଈଶ୍ୱରଙ୍କର ଏହି ତୃତୀୟ ଲକ୍ଷଣଟି ମଧ୍ୟ ଉଲ୍ଲେଖନୀୟ । ଈଶ୍ୱର ସମଗ୍ର ଜଗତର ସ୍ରଷ୍ଟା । ସେ ସକଳ ପ୍ରାଣୀମାନଙ୍କର ପିତା । ସେ କ୍ଷମାଶୀଳ ଓ ନ୍ୟାୟ-ପରାୟଣ । ସେ ଅନ୍ୟାୟ କରନ୍ତି ନାହିଁ ।

ଇହୁଦୀସ୍ଥ ସନ୍ଥମାନେ ଅନୁତାପର ଶକ୍ତି ଓ ଫଳ ବିଷୟରେ ବିସ୍ତୃତ-ଭାବରେ କହିଯାଇଛନ୍ତି । ଯେ ଅନୁତାପ କରିପାରେ, ସେ ହିଁ ସୁଖୀ । ଅନୁତାପର ଦ୍ୱାରପଥ କଦାପି ରୁଦ୍ଧ ହୁଏ ନାହିଁ । ଅନୁତାପ ମନୁଷ୍ୟର ଆୟୁଃ ବୃଦ୍ଧି କରେ । ଆନ୍ତରିକ ଅନୁତାପର ଅଶ୍ରୁ କଦାପି ବୃଥା ହୁଏ ନାହିଁ । ପ୍ରକୃତ ଅନୁତପ୍ତ ବ୍ୟକ୍ତି ସ୍ୱର୍ଗରେ ଯେଉଁ ଉଚ୍ଚଆସନ ଲାଭ କରିପାରେ, ଅତ୍ୟନ୍ତ ଧର୍ମପରାୟଣ ବ୍ୟକ୍ତି ମଧ୍ୟ ସେହି ଆସନ ଲାଭ କରିପାରେ ନାହିଁ । ତେଣୁ ମୃତ୍ୟୁ ଉପସ୍ଥିତ ହେବାପୂର୍ବରୁ ଦିନଟିଏ ବ୍ୟଥିତ ହୃଦୟରେ ଅନୁତାପ କରନ୍ତୁ । କିନ୍ତୁ ଅନୁତାପ କରିବା ପରେ ଆପଣ ଯେପରି ଆଉ ସେହି ଅତୀତ ପାପରେ ପୁନର୍ବାର ଲିପ୍ତ ନ ହୁଅନ୍ତୁ । ଇହଲୋକରେ ବ୍ୟଥିତହୃଦୟରେ ମାତ୍ର ଘଣ୍ଟାଟିଏ ଅନୁତାପ କଲେ ଯେଉଁ ଫଳ ମିଳିବ, ତାହା ପରଲୋକର ସମସ୍ତ ଜୀବନକାଳଠାରୁ ମଧ୍ୟ ଶ୍ରେୟସ୍କର । ଅନୁତାପ ହିଁ ସକଳ ଜ୍ଞାନର ଅନ୍ତିମ ଲକ୍ଷ୍ୟ ।

ଖ୍ରୀଷ୍ଟଧର୍ମ

ଖ୍ରୀଷ୍ଟଧର୍ମ ଶବ୍ଦଟି ଯୀଶୁଖ୍ରୀଷ୍ଟଙ୍କ ନାମକୁ ଧରି ଗଠିତ ହୋଇଛି । ଖ୍ରୀଷ୍ଟଧର୍ମ ଈଶ୍ୱରଙ୍କୁ ଜଣେ ବ୍ୟକ୍ତି ବୋଲି କହିଥାଏ । ଏହି ଧର୍ମରେ କୌଣସି ଗମ୍ଭୀର ଦାର୍ଶନିକ ତତ୍ତ୍ୱ ବା ଯୋଗସାଧନା ବିଷୟ ନାହିଁ । ଏପରି ନ ରହିବାର କାରଣ ହେଉଛି, ଯୀଶୁ ବିଶେଷ କରି ଗେଲିଲିର ନିରକ୍ଷର କେଉଟମାନଙ୍କୁ ଧର୍ମଶିକ୍ଷା ଦେଇଥିଲେ; ସେମାନଙ୍କୁ କେବଳ ନୈତିକ ଉପଦେଶ ଦେଇ ଆଚାର-ବ୍ୟବହାର ଦ୍ୱାରା ଧାର୍ମିକ ଜୀବନର ମାର୍ଗ ଦେଖାଇଦେବା ହିଁ ଶ୍ରେୟସ୍କର ଥିଲା ।

ଖ୍ରୀଷ୍ଟଧର୍ମ ମୁଖ୍ୟତଃ ଇହୁଦୀଧର୍ମ ଓ ଆଂଶିକ ଭାବରେ ବୌଦ୍ଧଧର୍ମ ଉପରେ ପ୍ରତିଷ୍ଠିତ । ଖ୍ରୀଷ୍ଟଧର୍ମର ନୀତିଗୁଡ଼ିକ ଇହୁଦୀ ଧର୍ମରୁ ଗ୍ରହଣ କରାଯାଇଛି । ଯୀଶୁ ଇହୁଦୀଧର୍ମକୁ ଲୋପ କରିଦେଇ ଏକ ନୂତନ ଧର୍ମ ପ୍ରତିଷ୍ଠା କରିବା ବିଷୟ କୌଣସି ଦିନ କହି ନଥିଲେ । ସେ କହିଛନ୍ତି, 'ଭାବ ନାହିଁ ଯେ ମୁଁ ଧର୍ମବ୍ୟବସ୍ଥା କିମ୍ବା ମହାପୁରୁଷମାନଙ୍କର ଉପଦେଶ ଲୋପ କରିଦେବାକୁ ଆସିଛି । ମୁଁ ସେସବୁ ଲୋପ କରିବାକୁ ଆସି ନାହିଁ; ଆସିଛି ବରଂ ସେସବୁକୁ କିପରି ଠିକ୍ ଭାବରେ ପାଳିବାକୁ ହେବ, ତାହା ଶିଖାଇଦେବାକୁ । ସତ କହୁଛି, ଯେତେଦିନ ପର୍ଯ୍ୟନ୍ତ ପୃଥିବୀ ଏବଂ ସ୍ୱର୍ଗର ଅସ୍ତିତ୍ୱ ରହିଥିବ ଏବଂ ଯେତେଦିନ ପର୍ଯ୍ୟନ୍ତ ଧର୍ମବ୍ୟବସ୍ଥାର ସାମାନ୍ୟତମ ଅସ୍ତିତ୍ୱ ରହିଥିବ ସେତେଦିନ ପର୍ଯ୍ୟନ୍ତ ସର୍ବନିମ୍ନ ସୁଖର ସାମ୍ରାଜ୍ୟ ରହିଥିବ । ତେଣୁ ଯେ ଧର୍ମବ୍ୟବସ୍ଥାର କୌଣସି କ୍ଷୁଦ୍ରତମ ନିର୍ଦ୍ଦେଶ ମଧ୍ୟ ଅମାନ୍ୟ କରିବ ବା ଅମାନ୍ୟ କରିବାକୁ ଲୋକରେ ପ୍ରଚାର କରିବ, ସେ ସ୍ୱର୍ଗରାଜ୍ୟରେ ନୀଚତମ ବ୍ୟକ୍ତି ବୋଲି ଗଣ୍ୟ ହେବ । କିନ୍ତୁ ଯେ ଧର୍ମବ୍ୟବସ୍ଥା ପାଳନ କରିବ ଏବଂ ପାଳନ କରି ବୋଲି ଲୋକରେ ପ୍ରଚାର କରିବ, ସେ ସ୍ୱର୍ଗରାଜ୍ୟରେ ମହତ୍ ବ୍ୟକ୍ତି ବୋଲି ଗଣ୍ୟ ହେବ ।''

ଖ୍ରୀଷ୍ଟୀୟ ଧର୍ମବିଶ୍ୱାସ ଭାରତୀୟ ଜ୍ଞାନରୁ ଉଦ୍ଭବ ହୋଇ ପ୍ରାଚୀନ ଇହୁଦୀଧର୍ମ ମଧ୍ୟରେ ବିସ୍ତୃତ ହୋଇଥିଲା । ଖ୍ରୀଷ୍ଟ ଜନ୍ମ ହେବାବେଳକୁ ପାଲେଷ୍ଟାଇନରେ ବୌଦ୍ଧଧର୍ମ ପ୍ରସାର ଲାଭ କରିଥିଲା । ସ୍ୱୟଂ ଖ୍ରୀଷ୍ଟ ନିଜର ଦୀକ୍ଷାଗୁରୁ ଯୋହାନଙ୍କ ଦ୍ୱାରା ଏହି ଧର୍ମ ସଂସ୍ପର୍ଶରେ ଆସିଥିଲେ । ଖ୍ରୀଷ୍ଟଧର୍ମ ଓ ବୌଦ୍ଧଧର୍ମ ମଧ୍ୟରେ ମତ, ନୀତି ଓ ଆଚରଣରେ ଧର୍ମମନ୍ଦିରର ସ୍ଥାପତ୍ୟ ଶୈଳୀରେ, ଏପରି କି ପ୍ରତିଷ୍ଠାତାମାନଙ୍କର ଜୀବନ ବୃତ୍ତାନ୍ତରେ ମଧ୍ୟ ଉଲ୍ଲେଖନୀୟ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ ।

ଖ୍ରୀଷ୍ଟଧର୍ମର ଦାର୍ଶନିକ ସିଦ୍ଧାନ୍ତ ହିନ୍ଦୁଧର୍ମର ସିଦ୍ଧାନ୍ତ ସହିତ ସମ୍ପୂର୍ଣ୍ଣ ସମାନ କିନ୍ତୁ ଖ୍ରୀଷ୍ଟଧର୍ମର ନୀତିଶିକ୍ଷାଗୁଡ଼ିକ ହିନ୍ଦୁଶାସ୍ତ୍ର ମହାପୁରୁଷଗଣଙ୍କର ନୀତିଶିକ୍ଷାଠାରୁ ଉଚ୍ଚତର ଓ ମହତ୍ତର ଏବଂ ଉକ୍ତ ପାର୍ଥକ୍ୟସୂଚକ ଉଚ୍ଚତର ନୈତିକତାକୁ ଖ୍ରୀଷ୍ଟଧର୍ମ ବୌଦ୍ଧଧର୍ମରୁ ଗ୍ରହଣ କରିଛି । ବୌଦ୍ଧଧର୍ମର ନୀତିବାଣୀ ଓ ଉପଦେଶଗୁଡ଼ିକ ବହୁଳାଂଶରେ ଖ୍ରୀଷ୍ଟୀୟ ନୀତିବାଣୀ ଓ ଉପଦେଶ ସହିତ ମିଶିଯାଉଛି । ଖ୍ରୀଷ୍ଟ ନିଜେ କୌଣସି ପୃଥକ ଧାର୍ମିକ ସିଦ୍ଧାନ୍ତ ପ୍ରଚାର କରି ନ ଥିଲେ ।

ଯୀଶୁ ମୁଖ୍ୟତଃ କେତେକ ନୈତିକ ଉପଦେଶ ପ୍ରଦାନ କରିଥିଲେ । ସେଗୁଡ଼ିକ ତାଙ୍କର 'ପାର୍ବତୀୟ ଉପଦେଶ', 'ଈଶ୍ୱରଙ୍କ ପ୍ରାର୍ଥନା', 'ମେଣ୍ଢାଛେଳିଙ୍କ ଦୃଷ୍ଟାନ୍ତ', 'ଦୟାଳୁ ସମାରିଟାନ୍‌ର ଦୃଷ୍ଟାନ୍ତ' ଓ 'ଅପବ୍ୟୟୀ ପୁତ୍ରର ଦୃଷ୍ଟାନ୍ତ'ରେ ପରିପୁଷ୍ଟ ହୋଇଛି ।

ଦର୍ଶନ ଓ ଉପଦେଶାବଳି — ଖ୍ରୀଷ୍ଟଧର୍ମ ମୁଖ୍ୟତଃ ଏକ ଉଜ୍ଜ୍ୱଳ ଜୀବନର ପ୍ରଣାଳୀ, ଜଗତରେ ଏକ ସୁଖୀ ଓ ସଫଳ ଜୀବନଯାପନର ପ୍ରଣାଳୀ । ତତ୍କାଳୀନ ଧର୍ମାଧ୍ୟକ୍ଷମାନଙ୍କ ସହିତ ଧର୍ମଚର୍ଚ୍ଚା କରିବାବେଳେ ଯୀଶୁ ଯେଉଁ ଅନ୍ତର୍ଦୃଷ୍ଟିର ପରିଚୟ ଦେଇଥିଲେ, ସେଥିରେ ଅନ୍ୟମାନେ ବିସ୍ମିତ ହୋଇ ଯାଉଥିଲେ । ନିଜକୁ ଈଶ୍ୱରଙ୍କର ଏକମାତ୍ର ସନ୍ତାନ ବୋଲି ଦାବି କରି ସେ ତିନିବର୍ଷ ଧରି ଲୋକରେ ବୁଝାଇଥିଲେ ଏବଂ 'ପାର୍ବତୀୟ ଉପଦେଶାବଳୀ' ଇତ୍ୟାଦିରେ ସେ ନିଜର ପିତା ଈଶ୍ୱରଙ୍କ ବିଷୟରେ ତଥା ମନୁଷ୍ୟ ଜୀବନର ପ୍ରକୃତ ସନ୍ମାର୍ଗ ବିଷୟରେ ଲୋକଙ୍କୁ ଉପଦେଶ ପ୍ରଦାନ କରିଥିଲେ । ଯୀଶୁଖ୍ରୀଷ୍ଟଙ୍କୁ ଏକ 'ମହାନ ଜୀବନ୍ତ ଆଦର୍ଶ' ବୋଲି ଅଭିହିତ କରାଯାଏ । ଈଶ୍ୱର, ମନୁଷ୍ୟ ଓ ମନୁଷ୍ୟ ବାସକରୁଥିବା ଜଗତ—ଏହି ତିନୋଟିର ପ୍ରକୃତ ସ୍ୱରୂପ ଯେ କଣ, ସେ ତାହା ବୁଝାଇ ଦେଇଥିଲେ । ସେ ଲୋକଙ୍କୁ ଉପଦେଶ ଦେଇଥିଲେ ଯେ, ସେମାନେ ଜାଗତିକ ବସ୍ତୁକୁ ସାଧାରଣତଃ ଯେଉଁ ଦୃଷ୍ଟିକୋଣରୁ ଦେଖନ୍ତି, ସେହି ଦୃଷ୍ଟିକୋଣ ବଦଳାଇ ଦିଅନ୍ତୁ; ଲୋକେ ଯଦି ଜୀବନକୁ ବସ୍ତୁତାନ୍ତ୍ରିକ ଦୃଷ୍ଟିକୋଣରୁ ନ ଦେଖି ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖନ୍ତି, ତେବେ ସେମାନେ ଉପଲବ୍‌ଧି କରିବେ ଯେ, ସେମାନେ ଏ ଯେଉଁ ଜଗତରେ ବାସ କରୁଛନ୍ତି, ଏହା ହିଁ ଈଶ୍ୱରଙ୍କର ରାଜ୍ୟ ।

ଯୀଶୁ ନିଜର ମହାନ୍ ଉପଦେଶଗୁଡ଼ିକରେ କୌଣସି ଲିପିବଦ୍ଧ ପ୍ରମାଣପତ୍ର ରଖିଯାଇ ନାହାନ୍ତି । ସେ ସମସ୍ତ ଉପଦେଶ ମୌଖିକଭାବରେ ପ୍ରଦାନ କରି ଯାଇଛନ୍ତି । ତାଙ୍କ ପ୍ରଦତ୍ତ ମୌଖିକ ଉପଦେଶାବଳୀର ପଦଟିଏ ବି ସେ ନିଜେ ଲେଖି

ରଖି ନ ଥିଲେ କିମ୍ବା ତାଙ୍କର ଜୀବିତାବସ୍ଥାରେ ତାଙ୍କର ଶିଷ୍ୟଗଣ ସେଥିରୁ ପଦଟିଏ ବି ଲେଖି ରଖି ନ ଥିଲେ ।

ଯୀଶୁପ୍ରଦତ୍ତ ବାଣୀ ଧାର୍ମିକ ଜ୍ଞାନରେ ପରିପୂର୍ଣ୍ଣ । ସେହି ବାଣୀର ପ୍ରକୃତ ତାତ୍ପର୍ଯ୍ୟ ବଡ଼ ମହତ୍ତ୍ୱପୂର୍ଣ୍ଣ । ଲୋକେ ତାହା ଠିକ୍ ରୂପରେ ବୁଝିପାରି ନ ଥିଲେ ମଧ୍ୟ ସେହି ବାଣୀର ଅନ୍ତର୍ନିହିତ ଶକ୍ତି ଏତେ ପ୍ରଗାଢ଼ ଯେ, ତାହା ଲୁପ୍ତ ହୋଇ ନ ଯାଇ ଦୀର୍ଘ ଦୁଇହଜାର ବର୍ଷଧରି ତିଷ୍ଠି ରହିଛି । ଏହାର କାରଣ ହେଉଛି, ସେ ବାଣୀ ନିର୍ଗତ ହୋଇଥିଲା ଜଣେ ସିଦ୍ଧଯୋଗୀଙ୍କ ଅନ୍ତରରୁ ।

ଯୀଶୁଙ୍କ ପ୍ରଚାରିତ ଉପଦେଶାବଳୀର ସାରମର୍ମ ହେଉଛି : ଈଶ୍ୱର ହିଁ ଆତ୍ମା-ରୂପରେ ସର୍ବବ୍ୟାପୀ; ତାଙ୍କର-ସୃଷ୍ଟ ଜୀବଗଣଙ୍କପ୍ରତି ତାଙ୍କର ଅଗାଧ ପ୍ରେମ ରହିଛି; ସେ ସମସ୍ତଙ୍କର ପିତା । ଈଶ୍ୱର ବିଶ୍ୱମୟ; ସେ ବିଶ୍ୱର ସକଳ ବସ୍ତୁରେ ବିଦ୍ୟମାନ କିନ୍ତୁ ସେ ଊର୍ଦ୍ଧ୍ୱସ୍ଥ; ସେ ମନୁଷ୍ୟଜ୍ଞାନର ଅତୀତ । ଜଗଜ୍ଜନଙ୍କୁ ଅମରତ୍ୱ ପ୍ରାପ୍ତିର ପଥ ପ୍ରଦର୍ଶନ କରନ୍ତୁ ବୋଲି ଈଶ୍ୱର ସ୍ୱୀୟ ପୁତ୍ର ଯୀଶୁଖ୍ରୀଷ୍ଟଙ୍କୁ ଜଗତକୁ ପଠାଇଥିଲେ ।

ଯୀଶୁ ଯେଉଁ ଧାର୍ମିକ ସିଦ୍ଧାନ୍ତ ପ୍ରଚାର କରିଥିଲେ ତାହା ହେଉଛି, ଈଶ୍ୱର ସମସ୍ତଙ୍କ ପିତା ବୋଲି ବିଶ୍ୱାସ କରିବା ଏବଂ ସକଳ ମନୁଷ୍ୟ ଭାଇ ଭାଇ—ଏହି ସତ୍ୟରେ ଆସ୍ଥା ସ୍ଥାପନ କରିବା । ଈଶ୍ୱରତ୍ୱ କହିଲେ ପରମପିତା, ପରମପିତାଙ୍କର ପୁତ୍ର ଓ ପୁଣ୍ୟାତ୍ମା—ଏହି ତିନଙ୍କର ସମାହାରକୁ ବୁଝାଏ । ଏମାନେ ହେଉଛନ୍ତି ଖ୍ରୀଷ୍ଟଧର୍ମର ତ୍ରିମୂର୍ତ୍ତି ବା ତ୍ରୟୀ । ସକଳ ମନୁଷ୍ୟ ଈଶ୍ୱରଙ୍କର ପରିବାରଭୁକ୍ତ, ତେଣୁ ସକଳ ମନୁଷ୍ୟ ଭ୍ରାତୃବନ୍ଧନରେ ଆବଦ୍ଧ । ସତରେ ଯଦି ଖ୍ରୀଷ୍ଟଙ୍କର ଉପଦେଶାବଳୀ କାର୍ଯ୍ୟରେ ପାଳନ କରାଯାଆନ୍ତା, ତେବେ ଜଗତରୁ ଯୁଦ୍ଧଘନଘଟା ନିର୍ମୂଳ ହୋଇ-ଯାଆନ୍ତା ।

ତଳେ 'ପାର୍ବତ୍ୟ ଉପଦେଶ'ର ସାରାଂଶ ପ୍ରଦତ୍ତ ହେଲା—

"ଯେଉଁମାନେ ନିଃସ୍ୱ, ସେମାନେ ଧନ୍ୟ; ସେମାନେ ସ୍ୱର୍ଗରାଜ୍ୟର ଅଧିକାରୀ । ଯେଉଁମାନେ ଶୋକାର୍ତ୍ତ, ସେମାନେ ଧନ୍ୟ; ସେମାନେ ସାନ୍ତ୍ୱନାଲାଭ କରିବେ । ଯେଉଁମାନେ ଧୀର ଓ ନମ୍ର, ସେମାନେ ଧନ୍ୟ; ସେମାନେ ପୃଥିବୀର ଅଧିକାରୀ ହେବେ । ଯେଉଁମାନଙ୍କର ଧର୍ମାକାଂକ୍ଷା ରହିଛି, ଯେଉଁମାନଙ୍କର ସତ୍-ଧର୍ମରେ ତୃଷ୍ଣା ରହିଛି, ସେମାନେ ଧନ୍ୟ; ସେମାନେ ସନ୍ତୋଷ ଲାଭ କରିବେ । ଯେଉଁମାନେ କ୍ଷମାଶୀଳ, ସେମାନେ ଧନ୍ୟ; ସେମାନେ କ୍ଷମା ଲାଭ କରିବେ । ଯେଉଁମାନଙ୍କର ହୃଦୟ ନିର୍ମଳ, ସେମାନେ ଧନ୍ୟ; ସେମାନେ ଈଶ୍ୱରସାକ୍ଷାତ୍କାର

ଲାଭ କରିବେ । ଯେଉଁମାନେ ଶାନ୍ତି ସ୍ଥାପନ କରନ୍ତି, ସେମାନେ ଧନ୍ୟ ; ସେମାନଙ୍କୁ ଈଶ୍ୱରଙ୍କର ସନ୍ତାନ ବୋଲାଯିବ ।"

ଆନ୍ତରିକ ପବିତ୍ରତା, ନମ୍ରତା, କ୍ଷମାଶୀଳତା, ଅମଙ୍ଗଳର ପ୍ରତିଦାନରେ ମଙ୍ଗଳ ପ୍ରଦାନ—ଏହିସବୁ ଗୁଣ ହେଉଛି ଖ୍ରୀଷ୍ଟଧର୍ମର ବୈଶିଷ୍ଟ୍ୟ । ମନୁଷ୍ୟ କେବଳ ରୁଟି ବା ଭାତ ଖାଇ ବଞ୍ଚେ ନାହିଁ ; ବଞ୍ଚେ ଈଶ୍ୱରମୁଖନିଃସୃତ ପ୍ରତ୍ୟେକଟି ବାଣୀକୁ ଆଶ୍ରୟ କରି ।

ଈଶ୍ୱରଙ୍କଠାରେ ପ୍ରେମ, ପ୍ରତିବେଶୀଙ୍କଠାରେ ପ୍ରେମ ଏବଂ ଧର୍ମରେ ପ୍ରେମ—ଏହି ପ୍ରେମ ଉପରେ ହିଁ ଯୀଶୁ ବିଶେଷ ଗୁରୁତ୍ୱ ଆରୋପ କରିଥିଲେ । ଯୀଶୁଙ୍କ ଉପଦେଶାବଳୀର ମୁଖ୍ୟ ବିଷୟ ହେଉଛି । ଗଭୀର ଈଶ୍ୱରପ୍ରେମ ।

ଇସଲାମ

ଆରବଦେଶର ମହାପୁରୁଷ ମହମ୍ମଦ ସୁପ୍ରତିଷ୍ଠିତ ଧର୍ମକୁ ଇସ୍‌ଲାମ୍ ନାମ ଦେଇଥିଲେ । ଇସ୍‌ଲାମ୍ ଏକ ଆରବିକ ଶବ୍ଦ । ଇସ୍‌ଲାମ୍ ଅର୍ଥ ଶାନ୍ତି; ତା ଅର୍ଥ ଖୁଦା ବା ଈଶ୍ୱରଙ୍କ ଇଚ୍ଛା ନିକଟରେ ଆତ୍ମସମର୍ପଣ କରିବା ଅର୍ଥାତ୍ ଈଶ୍ୱରଙ୍କର ବାଣୀ ଓ ପ୍ରତ୍ୟାଦେଶ ନିକଟରେ ଆତ୍ମସମର୍ପଣ କରି ତାହା ଶିରୋଧାର୍ଯ୍ୟ କରିବା । ଖୁଦାଙ୍କ ନାମ ଆଲ୍ଲା । ମହମ୍ମଦଙ୍କ ଧର୍ମ ପ୍ରଚାର କରିବାର ଉଦ୍ଦେଶ୍ୟ ହେଉଛି ଏକ-ଈଶ୍ୱରଙ୍କ ଉପାସନା ବା ଏକେଶ୍ୱରବାଦ ସ୍ଥାପନା କରିବା । ଇସ୍‌ଲାମ ହେଉଛି ବିଶ୍ୱ-ଭ୍ରାତୃଭାବର ଧର୍ମ । ଇସ୍‌ଲାମୀୟ ଧର୍ମ ବିଶ୍ୱାସ ଅନୁଯାୟୀ ପ୍ରକୃତ ଧର୍ମର ସାରକଥା ହେଉଛି, ଏକ-ଈଶ୍ୱରଙ୍କଠାରେ ଅଟଳ ବିଶ୍ୱାସ ରଖିବା । ଏହି ଧର୍ମରେ ଜାତି ଜାତି ବା ଧର୍ମ ଧର୍ମ ମଧ୍ୟରେ କୌଣସି ମତଭେଦ ନାହିଁ ।

"ଆଲ୍ଲା ହିଁ ଖୁଦା; ଆଲ୍ଲାଙ୍କ ଭିନ୍ନ ଅନ୍ୟ ଈଶ୍ୱର ନାହାନ୍ତି ଏବଂ ମହମ୍ମଦ ହେଉଛନ୍ତି ଆଲ୍ଲାଙ୍କର ପ୍ରଧାନ ଦୂତ ।"—ଏହା ହିଁ ଇସ୍‌ଲାମ୍‌ର ମୌଳିକ ଉପଦେଶ । ଏହା ହିଁ ଇସ୍‌ଲାମ୍‌ର ଧର୍ମମତ । ଏହି ସଂକ୍ଷିପ୍ତ ସୂତ୍ରଟି ହିଁ ଇସ୍‌ଲାମ୍ ଧର୍ମର ସାରତତ୍ତ୍ୱ । ମହମ୍ମଦ ଈଶ୍ୱରଙ୍କର ଏକତ୍ୱ ପ୍ରଚାର କରିଥିଲେ । ସେ ଈଶ୍ୱର ପ୍ରେମ, ବିଶ୍ୱାସ ତଥା ପିତାମାତାଙ୍କପ୍ରତି ଭକ୍ତି, ନାରୀମାନଙ୍କପ୍ରତି ସମ୍ମାନ ଓ ଏକ ମହତ୍ ଜୀବନର ମାନ ଶିକ୍ଷା ଦେଇଥିଲେ । ତାଙ୍କ ମତରେ ଭିକ୍ଷା ପ୍ରଦାନ ବା ଦାନ ଏକ ଧାର୍ମିକ କର୍ତ୍ତବ୍ୟ । ସେ କହୁଥିଲେ, "ପ୍ରତିଟି ସତ୍‌କର୍ମ ଗୋଟିଏ ଗୋଟିଏ ଦାନ । ସହାସ୍ୟ ବଦନରେ ଭାଇକୁ ଚାହିଁଦେବା ମଧ୍ୟ ଏକ ଦାନ । ବାଟୋଇକୁ ବାଟ ଦେଖାଇଦେବା ମଧ୍ୟ ଏକ ଧର୍ମକାର୍ଯ୍ୟ ।"

କିନ୍ତୁ କେତେକ ଇସ୍‌ଲାମ୍‌ଧର୍ମାବଲମ୍ବୀଙ୍କର ବିପରୀତ ଆଚରଣ ଯୋଗୁଁ ଏହି ଧର୍ମର ସୌନ୍ଦର୍ଯ୍ୟ କ୍ଷୁର୍ଣ୍ଣ ହୋଇଯାଇଛି । କୋରାନ୍‌ରେ ଅତି ସ୍ପଷ୍ଟଭାବରେ କହିଦିଆଯାଇଛି ଯେ, "ଯେଉଁ ବ୍ୟକ୍ତି ନିଜପାଇଁ ଯାହା କାମନା କରେ, ଯଦି ନିଜ ଭାଇପାଇଁ ତାହା କାମନା ନ କରେ, ସେ ପ୍ରକୃତ ଧର୍ମବିଶ୍ୱାସୀ ନୁହେଁ । ଯାହାର ଈଶ୍ୱରସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ଶ୍ରଦ୍ଧା ନାହିଁ, ଈଶ୍ୱର କଦାପି ତାକୁ ଶ୍ରଦ୍ଧା କରି ନ ପାରନ୍ତି । ଯେ ଈଶ୍ୱରସୃଷ୍ଟ ଜୀବମାନଙ୍କୁ ସର୍ବାଧିକ ସ୍ନେହଶ୍ରଦ୍ଧା କରେ, ସେ'ହିଁ ଈଶ୍ୱରଙ୍କର ପ୍ରିୟତମ ବ୍ୟକ୍ତି । ଯେ ଜନସାଧାରଣଙ୍କର ମଙ୍ଗଳ ସାଧନ କରେ, ସେ'ହିଁ ଶ୍ରେଷ୍ଠତମ ମନୁଷ୍ୟ । ଈଶ୍ୱରସୃଷ୍ଟ ସକଳ ପ୍ରାଣୀ ଈଶ୍ୱରଙ୍କ ପରିବାରର । ତେଣୁ

ଯେଉଁ ବ୍ୟକ୍ତି ପ୍ରାଣୀମାନଙ୍କର ଅଧିକରୁ ଅଧିକ ମଙ୍ଗଳ ସାଧନ ନିମନ୍ତେ ତତ୍ପର, ସେ ହିଁ ଈଶ୍ୱରଙ୍କର ଅତୀବ ପ୍ରିୟପାତ୍ର । କ୍ଷୁଧାର୍ତ୍ତିକୁ ଅନ୍ନ ଦିଅ, ରୁଗ୍‌ଣର ସେବା କର ଏବଂ ଯେଉଁମାନେ ଅନ୍ୟାୟଭାବରେ ବନ୍ଧନ ଭିତରେ ପଡ଼ିଛନ୍ତି, ସେମାନଙ୍କୁ ବନ୍ଧନମୁକ୍ତ କର । ମୁସଲମାନ ଅଣମୁସଲମାନ ଭେଦଭାବ ନ ରଖି ସମସ୍ତ ଦଳିତ ଲୋକଙ୍କର ସହାୟତା କର । ପ୍ରଥମେ ନିଜର ସଙ୍ଗୀସହଚରମାନଙ୍କୁ ସ୍ନେହ କରିବାକୁ ଶିଖ ।"

ଲୋକଙ୍କ ମଧ୍ୟରେ ଉପଯୁକ୍ତ ସଂସ୍କୃତିର ଅଭାବ ରହିଥିବାରୁ ମହାପୁରୁଷ ମହମ୍ମଦ ଲୋକଙ୍କୁ ଗଭୀର ଦର୍ଶନ ଶିକ୍ଷା ଦେବା ପରିବର୍ତ୍ତେ ଅଧିକ ନୈତିକତା ଶିକ୍ଷା ପ୍ରଦାନ କରିଥିଲେ ।

ଈଶ୍ୱରଙ୍କଠାରେ, ଈଶ୍ୱରଙ୍କର ଦୂତଙ୍କଠାରେ, ଈଶ୍ୱରଙ୍କର ଗ୍ରନ୍ଥ ଓ ପ୍ରଚାରକଙ୍କଠାରେ ପ୍ରତ୍ୟେକ ମୁସଲମାନର ଗଭୀର ବିଶ୍ୱାସ ରହିଥାଏ । ସେମାନଙ୍କର ଧର୍ମବିଶ୍ୱାସ ଅନୁଯାୟୀ ଖୁଦାଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ଏକ କୟାମତ (ପ୍ରଳୟ) ଦିନ ମୃତବ୍ୟକ୍ତିମାନେ ପୁନର୍ବାର ଉଠିବେ; ସେମାନଙ୍କର ପାପପୁଣ୍ୟର ବିଚାର କରାଯିବ ଏବଂ ସେମାନେ ନିଜର କର୍ମାନୁସାରେ ଚିରଦିନ ସ୍ୱର୍ଗ ବା ନର୍କ ଭୋଗ କରିବାକୁ ଚାଲିଯିବେ । ଅର୍ଥାତ୍ ପାପକର୍ମ ଓ ପୁଣ୍ୟକର୍ମରେ, ଈଶ୍ୱରଙ୍କ ନ୍ୟାୟ-ବିଚାରରେ, ଈଶ୍ୱରଙ୍କର ଭଲମନ୍ଦ ତଉଲିବା ନିକିତିରେ ବା ଧର୍ମକଣ୍ଟାରେ ସ୍ୱର୍ଗ ଓ ନର୍କର ଅଗ୍ନିରେ ମୁସଲମାନମାନଙ୍କର ଦୃଢ଼ ବିଶ୍ୱାସ ରହିଥାଏ । ତାଛଡ଼ା ମହମ୍ମଦ ଈଶ୍ୱର ପ୍ରେରଣା ଲାଭ କରିଥିବା ବିଷୟରେ କୋରାନ୍ ଐଶ୍ୱରିକ ପ୍ରେରଣାରୁ ସମ୍ଭୂତ ହୋଇଥିବା ବିଷୟରେ ଏବଂ ଏକ ଭବିଷ୍ୟତ ଅବସ୍ଥା ରହିଥିବା ବିଷୟରେ ପ୍ରତ୍ୟେକ ମୁସଲମାନର ଗଭୀର ବିଶ୍ୱାସ ରହିଥାଏ । ଯଦି ଧର୍ମଯୁଦ୍ଧରେ ବ୍ୟାପୃତ ହେବାକୁ ଈଶ୍ୱରଙ୍କ ଆଦେଶ ମିଳିଯାଏ, ତେବେ ପ୍ରତ୍ୟେକ ମୁସଲମାନ ଧର୍ମଯୁଦ୍ଧ (ଜେହାଦ୍) କରିବାକୁ ପ୍ରସ୍ତୁତ ।

ଇସ୍‌ଲାମ୍‌ର ପ୍ରଥମ ସୂତ୍ରଟି ହେଲା, "ସବୁ ଦେବଦୂତ ସତ୍ୟପ୍ରଚାର କରନ୍ତି ଏବଂ ସବୁ ଧର୍ମଗ୍ରନ୍ଥରେ ସତ୍ୟ ଉଲ୍ଲିଖିତ ହୋଇଛି ବୋଲି ଜଗତବାସୀଙ୍କୁ ଶିକ୍ଷା ଦେବା ନିମନ୍ତେ ଈଶ୍ୱର ଯୁଗେଯୁଗେ ମନୁଷ୍ୟ ସମାଜକୁ ନିଜର ଦେବଦୂତ ପ୍ରେରଣ କରନ୍ତି ।" ଏହି ସୂତ୍ରଟି ଧର୍ମବିଶ୍ୱାସର ସାର୍ବଜନୀନତା ଉପରେ ଗୁରୁତ୍ୱ ଆରୋପ କରେ ।

ଇସ୍‌ଲାମ୍‌ର ଉପଦେଶାବଳି— ଇସ୍‌ଲାମ୍ ଯେଉଁ ପାଞ୍ଚଟି ପ୍ରଧାନ ବିଷୟରେ ବିଶ୍ୱାସ କରେ, ସେଗୁଡ଼ିକ ହେଲା—

(୧) ଐଶ୍ୱରିକ ଏକତ୍ୱ ଏବଂ ଯୁଗଯୁଗ ଧରି ଦେବଦୂତଗଣ (ଯେଉଁମାନଙ୍କ ମଧ୍ୟରେ ମହମ୍ମଦ ଶେଷତମ)ଙ୍କ କର୍ତ୍ତୃକ ଈଶ୍ୱରାଦେଶ ଘୋଷଣା । (୨) ପ୍ରାର୍ଥନା

(୩) ଉପବାସ (୪) ଦାନ ବା ଭିକ୍ଷା ପ୍ରଦାନ (୫) ହଜ୍ ଅର୍ଥାତ୍ ମକ୍‌କାକୁ ତୀର୍ଥଯାତ୍ରା । ଏହି ପାଞ୍ଚଟି ବିଶ୍ୱାସ ହେଉଛି ଇସଲାମର ପାଞ୍ଚଟି ପ୍ରଧାନ ସ୍ତମ୍ଭସ୍ୱରୂପ ।

ପ୍ରତ୍ୟେକ ଇସଲାମ୍ ଧର୍ମାବଲମ୍ବୀ ପକ୍ଷରେ ପ୍ରାର୍ଥନା, ଉପବାସ, ଜାକାତ୍ ବା ଦାନ ଏବଂ ହଜ୍ ବା ମକ୍‌କାକୁ ତୀର୍ଥଯାତ୍ରା ଅବଶ୍ୟକରଣୀୟ । ଅବଶ୍ୟ ଯେଉଁମାନେ ମକ୍‌କାକୁ ଯାତ୍ରା କରିବାକୁ ସକ୍ଷମ, କେବଳ ସେହିମାନଙ୍କ ପାଇଁ ହଜ୍ ବାଧ୍ୟତାମୂଳକ ।

କୋରାନ୍ ହେଉଛି ମୁସଲମାନମାନଙ୍କର ଧର୍ମଗ୍ରନ୍ଥ । ଏହି ଗ୍ରନ୍ଥରେ ଧର୍ମମତ, ନୈତିକ ଆଦର୍ଶ, ବୈଧାନିକ କାର୍ଯ୍ୟକଳାପ, ରାଜ୍ୟଶାସନ ସଂକ୍ରାନ୍ତ ବିଷୟ, ବ୍ୟକ୍ତିଗତ ବିଷୟ ତଥା ଆଚରଣ ବିଧି ଆଦି ବିଭିନ୍ନ ବିଷୟରେ ଚର୍ଚ୍ଚା କରାଯାଇଛି । ବିଷୟଗୁଡ଼ିକ ବିଭିନ୍ନ ଅଧ୍ୟାୟରେ ବିଭକ୍ତ । ମୁସଲମାନମାନଙ୍କ ପକ୍ଷରେ ଏହି ଗ୍ରନ୍ଥ ହେଉଛି ଅଣାକାର ନିତ୍ୟ ଈଶ୍ୱରଙ୍କର ବାଣୀ ଏବଂ ଏ ବାଣୀ ଜିବରାଇଲ ନାମକ ଦେବଦୂତ ମହାପୁରୁଷ ମହମ୍ମଦଙ୍କୁ ଆରବୀୟ ଭାଷାରେ ଶୁଣାଇ ଦେଇଥିଲେ ।

କୋରାନ୍ କହେ, ‘‘ନିଜର ଧର୍ମବିଶ୍ୱାସ ଓ ସତ୍କର୍ମ ବଳରେ ଯେକୌଣସି ଲୋକ ମୁକ୍ତିଲାଭ କରିପାରେ । ରକ୍ତ ଓ ମାଂସରୂପରେ ଯେଉଁ ବଳି ଦିଆଯାଏ, ତାହା କଦାପି ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବ ନାହିଁ । ତୁମର ପବିତ୍ରତା ହିଁ ଈଶ୍ୱରଙ୍କ ନିକଟରେ ପହଞ୍ଚି ପାରିବ । ତୁମେ ଯେଉଁ ପଶୁମାନଙ୍କର ପ୍ରାଣ ନାଶ କରୁଛ, ସେମାନଙ୍କର ରକ୍ତମାଂସ ତୁମକୁ ମୋକ୍ଷ ଦେଇପାରିବ ନାହିଁ । ଅହଂକାରକୁ ହତ୍ୟା କର । ଦୁଃଖ-ରୋଗପ୍ରପୀଡ଼ିତ ଲୋକମାନଙ୍କର ସେବା କର । ଦଳିତ ଓ ଦରିଦ୍ରମାନଙ୍କ ସେବାରେ ନିଜର ଧନ, ଜୀବନ ଓ ଶକ୍ତି ବିନିଯୋଗ କର । ଏପରି ସେବା ତୁମକୁ ମୁକ୍ତି ଦେଇପାରିବ ।

କୋରାନ୍‌ରେ ଲୋକ ଲୋକ ମଧ୍ୟରେ ଭ୍ରାତୃଭାବ ଉପରେ ତଥା ସାମାଜିକ, ଅର୍ଥନୈତିକ ଓ ଆଧ୍ୟାତ୍ମିକ ଆଦି ସକଳ କ୍ଷେତ୍ରରେ ସ୍ତ୍ରୀମାନଙ୍କର ପୁରୁଷମାନଙ୍କ ସହିତ ସମାନ ଅଧିକାର ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ପୁରୁଷ ଏକ ବିରାଟ ଭ୍ରାତୃସଂଘର ଜଣେ ସଭ୍ୟ ଏବଂ ସ୍ତ୍ରୀ ହେଉଛି ତାର ପ୍ରତିରୂପ ।

ପ୍ରତ୍ୟେକ ମୁସଲମାନଙ୍କୁ ନିର୍ଦ୍ଦେଶ ରହିଛି ଯେ, ସେ ସେବା ଓ ନିଃସ୍ୱାର୍ଥପରତାକୁ ଜୀବନର ବ୍ରତ ବୋଲି ଗ୍ରହଣ କରନ୍ତୁ । ନିପୀଡ଼ିତ ଜନତାର ସେବା ହିଁ ଇସଲାମର ସାରତତ୍ତ୍ୱ । ପବିତ୍ର କୋରାନ୍‌ରେ ଲେଖାଯାଇଛି, ‘‘ଯେଉଁମାନଙ୍କର ପ୍ରାର୍ଥନାରେ ଧ୍ୟାନ ନ ଥାଇ ଦେଖାଣିଆ ଭାବ ଥାଏ ଏବଂ ଯେଉଁମାନେ ଅଭାବଗ୍ରସ୍ତ ଲୋକଙ୍କୁ ସାହାଯ୍ୟ କରିବାକୁ ମନା କରିଦିଅନ୍ତି, ସେମାନଙ୍କୁ ଧିକ୍ ।’’

ଇସଲାମ୍ ଧର୍ମପ୍ରବର୍ତ୍ତକ ସେହି ମହାପୁରୁଷଙ୍କର ଅହିଂସା ବ୍ରତରେ ମଧ୍ୟ ଗଭୀର ପ୍ରେମ ରହିଥିଲା । ତାଙ୍କ ମତରେ, ଲୋକଙ୍କୁ କୌଣସି ପ୍ରକାର ଆଘାତ ଦେବା ବା କୌଣସି ପ୍ରାଣୀକୁ ବିନାଶ କରିବା ନିନ୍ଦନୀୟ । ସେ ଘୋଷଣା କରି ସତର୍କ କରାଇ-ଦେଇଥିଲେ ଯେ, ଯେଉଁମାନେ ପଶୁପକ୍ଷୀ ଇତ୍ୟାଦି ମୂକପ୍ରାଣୀମାନଙ୍କପ୍ରତି ନିଷ୍ଠୁରତା ପ୍ରଦର୍ଶନ କରନ୍ତି, ଶେଷ ବିଚାର ଦିବସରେ ସେମାନଙ୍କ ବିଷୟ ଅତି କଠୋରଭାବରେ ବିଚାର କରାଯିବ ।

ମହାପୁରୁଷ ମହମ୍ମଦ ତାଙ୍କର ଅନୁଗାମୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ସେମାନେ ସେମାନଙ୍କଠାରୁ ଭିନ୍ନ ଅନ୍ୟ ଲୋକମାନଙ୍କର ମତବାଦ ଓ ଧର୍ମବିଶ୍ୱାସପ୍ରତି ପୂର୍ଣ୍ଣ ଓ ଗଭୀର ସହନଶୀଳତା ପ୍ରଦର୍ଶନ କରନ୍ତୁ । କୋରାନ୍ କହେ, "ଧର୍ମ ବିଷୟ ନେଇ କୌଣସି ବାଧ୍ୟ ବାଧକତା ନ ରହୁ ।"

ଇସଲାମ୍‌ରେ ସନ୍ନ୍ୟାସବାଦ ନାହିଁ । ଯେଉଁସବୁ କଠୋର କାୟକ୍ଳେଶ ମନୁଷ୍ୟ ଶରୀରକୁ ଯନ୍ତ୍ରଣାବିଦ୍ଧ କରେ, ସେ ପ୍ରକାର ସକଳ ଅଭ୍ୟାସକୁ ଇସଲାମ୍‌ରେ ବାରଣ କରାଯାଇଛି । ମନୁଷ୍ୟ ପକ୍ଷରେ ଅନୁତପ୍ତ ହୃଦୟ, ଅକପଟ ଅନୁତାପ ଏବଂ ଅସତ୍‌ଠାରୁ ଦୂରରେ ରହି ସତ୍‌କର୍ମରେ ଆତ୍ମନିବେଶ କରିବାପାଇଁ ଏକ ସତତ ଏକନିଷ୍ଠ ପ୍ରଚେଷ୍ଟା ରହିଥିବା ହିଁ ଯଥେଷ୍ଟ ।

ରମଜାନ୍ ହେଉଛି ମୁସଲମାନମାନଙ୍କର ଏକ ବଡ଼ ଉପବାସ । ରମଜାନ୍‌ରେ ଏକମାସବ୍ୟାପୀ ଉପବାସ ପାଳନ କରାଯାଏ । ଏହି ସମସ୍ତ ମଧ୍ୟରେ ଦିନବେଳେ ଖିଆପିଆ କରିବା ମନା କିନ୍ତୁ ରାତିରେ ଖିଆପିଆ କରାଯାଇପାରେ ।

ଧର୍ମପାଇଁ ଉଦ୍ୟମୀ ହେବାର ନାମ ଜିହାଦ୍ ; ଧର୍ମଦ୍ରୋହୀମାନଙ୍କ ବିରୁଦ୍ଧରେ ହେଉଥିବା ଯୁଦ୍ଧରେ ଅଂଶଗ୍ରହଣର ନାମ ଜିହାଦ୍ ନୁହେଁ । ଧର୍ମପାଳନ ନିମନ୍ତେ କୌଣସି ପ୍ରକାର ଶକ୍ତିପ୍ରୟୋଗକୁ ଇସଲାମ୍ ଦୃଢ଼ ଭାବରେ ବାରଣ କରେ । ଧର୍ମାଚରଣରେ ବାଧ୍ୟବାଧକତା ନାହିଁ ।

ଇସଲାମ୍ ଉପଦେଶ ଦିଏ ଯେ, ଇସଲାମ ଅନୁଗାମୀମାନେ ଆଲ୍ଲାଙ୍କର ବିବିଧ ବିଭାବ ବିଷୟରେ ଅବହିତ ହେବା ଉଚିତ । ସକଳ ଧର୍ମର ସାରତତ୍ତ୍ୱ ସ୍ୱୀକାର ନ କଲା ପର୍ଯ୍ୟନ୍ତ କେହି ମୁସଲମାନ ହୋଇପାରିବେ ନାହିଁ କି କେହି ଆଲ୍ଲାଙ୍କ ସନ୍ନିଧାନରେ ପହଞ୍ଚିପାରିବେ ନାହିଁ ।

ଆଲ୍ଲା ହେଉଛନ୍ତି ଜଗତପାଳକ, ଆଲ୍ଲା କ୍ଷମାସାଗର, ଆଲ୍ଲା ହେଉଛନ୍ତି ସେହି ପ୍ରଧାନତମ ବିଚାରପତି, ଯେ ମନୁଷ୍ୟର ସତ୍ ଓ ଅସତ୍ କର୍ମର ବିଚାର କରି

ତାକୁ ତାର କର୍ମାନୁଯାୟୀ ନ୍ୟାୟ ପ୍ରଦାନ କରନ୍ତି । ଆଲ୍ଲା ହେଉଛନ୍ତି ରହିମ୍ । ଯେ କ୍ଷମାଶୀଳ ଏବଂ ଯେ ସତ୍କର୍ମ ଓ ସଦ୍‌ଗୁଣ ପ୍ରତି ସଦୟ, ସେ ହିଁ ରହିମ୍ ।

ଇସଲାମ୍‌ରେ ଏପରି କୌଣସି ନିର୍ଦ୍ଦେଶ ନାହିଁ ଯେ, ଧର୍ମକୁ ବଞ୍ଚାଇ-ରଖିବାଲାଗି ମୁସଲମାନଙ୍କୁ ଯୁଦ୍ଧ କରିବାକୁ ପଡ଼ିବ । ଇସଲାମ ଯୁଦ୍ଧ ବାରଣ କରେ । ଇସଲାମ କହେ, "ଆତ୍ମରକ୍ଷା ଭିନ୍ନ ଅନ୍ୟ କୌଣସି କାର୍ଯ୍ୟରେ ଅସ୍ତ୍ର ଧାରଣ କରିବା ଅବିଧେୟ ।" କୋରାନ୍‌ର ପ୍ରତ୍ୟେକ ବାକ୍ୟରେ ସ୍ୱେଚ୍ଛାଚାରୀ ଉତ୍ପୀଡ଼କମାନଙ୍କୁ ସତର୍କ କରିଦିଆଯାଇଛି, "ତୁମେ ଯଦି ଲୋକଙ୍କୁ ଉତ୍ପୀଡ଼ନ କରିବ, ଯଦି ଲୋକଙ୍କ-ପ୍ରତି ନିଷ୍ଠୁର ଆଚରଣ ଦେଖାଇବ, ତେବେ ତୁମେ ନିଶ୍ଚିତଭାବରେ ଦଣ୍ଡ ପାଇବ ।"

ଇସଲାମ ଏକ ଶାନ୍ତିର ଧର୍ମ । ଏ ଧର୍ମ ହେଉଛି ଈଶ୍ୱରଇଚ୍ଛା ନିକଟରେ ଆତ୍ମସମର୍ପଣ । ଯେ ପ୍ରକୃତ ମୁସଲମାନ, ତାକୁ ସହନଶୀଳ ହେବାକୁ ପଡ଼ିବ । ଇସଲାମ ଶିକ୍ଷା ଦିଏ ଯେ, ପ୍ରତ୍ୟେକ ଧର୍ମ ସତ୍ୟ । ଇସଲାମ ଶିକ୍ଷା ଦିଏ ଯେ, ମନୁଷ୍ୟସମାଜକୁ ସତ୍‌ପଥକୁ ଆଣିବାକୁ , ମନୁଷ୍ୟମାନଙ୍କୁ ଜୀବନରେ ମହତ୍ ବିଷୟମାନ ଶିକ୍ଷା ଦେବାକୁ , ସେମାନଙ୍କୁ ଦୟାଦ୍ରଚିତ୍ତ, କ୍ଷମାଶୀଳ, ସତ୍, ମହତ୍ ଓ ନ୍ୟାୟ-ପରାୟଣ ହୁଅ ବୋଲି ଶିକ୍ଷା ଦେବାକୁ ଈଶ୍ୱର ଜଗତକୁ ମହାପୁରୁଷ ଓ ଧର୍ମଗୁରୁମାନଙ୍କୁ ପଠାଇଥାନ୍ତି । ଇସଲାମ ଯେ କେବଳ ମନୁଷ୍ୟମାନଙ୍କପ୍ରତି ସଦୟ ଓ ସହନଶୀଳ ହୁଅ ବୋଲି ଶିକ୍ଷା ଦିଏ, ତା ନୁହେଁ, ପଶୁପକ୍ଷୀମାନଙ୍କପ୍ରତି ମଧ୍ୟ ସଦୟ ହୁଅ ବୋଲି ଇସଲାମ ଶିକ୍ଷା ଦିଏ ।

ପ୍ରାର୍ଥନା— ଶୁକ୍ରବାର ହେଉଛି ମୁସଲମାନମାନଙ୍କର ଐଶ୍ୱରୀୟ ବିଶ୍ରାମ ଦିବସ । ଦୈନନ୍ଦିନ ସାଲାତ୍-ଇ-ଜୁହ୍‌ର ପରିବର୍ତ୍ତେ ସେ ଦିନ ମଧ୍ୟାହ୍ନରେ ସାଲାତ୍-ଇ-ଜୁମା ନାମକ ବିଶେଷ ପ୍ରାର୍ଥନା କରାଯାଏ । ପ୍ରାର୍ଥନା ଅନୁଷ୍ଠାନରେ ସେ ଦିନ ଏକ ଧର୍ମୋପଦେଶ ଦିଆଯାଏ ।

ସାଲାତ୍ ଅର୍ଥ ପ୍ରାର୍ଥନା । ଲୋକେ ଏକତ୍ରିତ ହୋଇ ଜଣେ ଇମାମ୍ ବା ଧାର୍ମିକ ନେତାଙ୍କ ଅଧ୍ୟକ୍ଷତାରେ ପ୍ରତିଦିନ ବାଧ୍ୟତାମୂଳକ ଭାବରେ ପାଞ୍ଚଥର ପ୍ରାର୍ଥନା କରିଥାନ୍ତି ।

ପ୍ରଭାତକାଳୀନ ପ୍ରାର୍ଥନାକୁ ସାଲାତ୍-ଇ-ଫଜର, ମଧ୍ୟାହ୍ନର ପ୍ରାର୍ଥନାକୁ ସାଲାତ୍-ଇ-ଜୁହର୍, ଅପରାହ୍ନର ପ୍ରାର୍ଥନାକୁ ସାଲାତ-ଇ-ଅସ୍ର, ସନ୍ଧ୍ୟାକାଳୀନ ପ୍ରାର୍ଥନାକୁ ସାଲାତ୍-ଇ-ମଗରିବ୍ ଓ ରାତିର ପ୍ରାର୍ଥନାକୁ ସାଲାତ୍-ଇ-ଆଶା ବୋଲାଯାଏ ।

ଉପସଂହାର—ଇସଲାମର ଦାର୍ଶନିକ ଦିଗଟି ବଡ଼ ମହତ୍ । ଏହି ଧର୍ମ ଶିକ୍ଷାଦିଏ ଯେ, ସବୁ ଈଶ୍ୱରଙ୍କଠାରୁ ଜାତ । ଈଶ୍ୱରଙ୍କ ସୌନ୍ଦର୍ଯ୍ୟରୁ ଭିନ୍ନ ହୋଇ ଜଗତରେ

ପୃଥକ ସୌନ୍ଦର୍ଯ୍ୟ କିଛି ନାହିଁ, ଈଶ୍ୱରଙ୍କର ମହାପ୍ରେମର ଝଲକଠାରୁ ଭିନ୍ନ ହୋଇ ମନୁଷ୍ୟ ହୃଦୟରେ ପୃଥକ ପ୍ରେମ କିଛି ନାହିଁ ।

ସୁଫିବାଦ—ସୁଫିବାଦ ବା ସୁଫିଧର୍ମ ହେଉଛି ଏକ ଉଦାର ମହମ୍ମଦୀୟ ଧର୍ମ ଏବଂ ତାହା ବେଦାନ୍ତ ଭାବଧାରାରେ ରଞ୍ଜିତ । ସୁଫିବାଦ ମୂଳତଃ ଇସଲାମୀୟ ପୁଣି ତାହା ହେଉଛି ମାଧୂର୍ଯ୍ୟଭାବ ବା ପ୍ରିୟତମ ଭାବରେ ସମୃଦ୍ଧ ଏକ ମଧୁର ଈଶ୍ୱରୀୟ ପ୍ରେମଧର୍ମ ।

ମହମ୍ମଦୀୟମାନେ ଭାବନ୍ତି ଯେ, ସୁଫିବାଦ ହେଉଛି ଇସଲାମର ଭାରତୀୟ ରୂପ । ଅନ୍ୟ ଉଦାରମନା ପଣ୍ଡିତଗଣ ମଧ୍ୟ ସୁଫିବାଦ ଭାରତରୁ ସମ୍ଭୂତ ବୋଲି ନିର୍ଦ୍ଧାରଣ କରନ୍ତି । ଭାରତୀୟ ରହସ୍ୟବାଦ ତଥା ପ୍ରାଚ୍ୟର ଖ୍ରୀଷ୍ଟୀୟ ରହସ୍ୟବାଦ ସୁଫିବାଦର ପରବର୍ତ୍ତୀ ବିକାଶକୁ ପ୍ରଭାବିତ କରିଛି । ସୁତରାଂ ଭାରତୀୟ ସୁଫିବାଦ ହେଉଛି ପାରସିକ ସୁଫିବାଦ ଓ ହିନ୍ଦୁ ରହସ୍ୟବାଦର ଏକ ମଧୁର ସମ୍ମିଶ୍ରଣ ।

ସୁଫିବାଦୀ ସନ୍ଥଗଣ—ଲାଲ ଶାହବାଦ, ମନ୍‌ସୁର, ଶାମସ୍ ତବ୍ରେଜ, ସଚଲ୍ ସୋହ୍‌ଲ, ଦଲପତ୍, ଶାହ ଇନାୟତ୍, ଶାହ ଲତିଫ୍, ବୁଲ୍ଲେଶାହ, ହାଫିଜ୍, ରୁମୀ ଓ ଜାମି ପ୍ରଭୃତି ରହସ୍ୟବାଦୀଗଣ ସୁଫିବାଦୀ ସନ୍ଥ ଥିଲେ ।

ସୁଫିବାଦୀ ସନ୍ଥଗଣ ବେଦାନ୍ତ ସନ୍ନ୍ୟାସୀଗଣଙ୍କପରି ଉଦାର ଓ ପ୍ରଶସ୍ତମନା ଥିଲେ । ସେମାନେ ଭକ୍ତ । ସେମାନଙ୍କର ବାଣୀ ଏପରି ସ୍ୱତଃସ୍ଫୂର୍ତ୍ତି ପ୍ରେମ ଓ ସୌନ୍ଦର୍ଯ୍ୟରେ ସମୃଦ୍ଧ ଯେ, ସେସବୁ ପ୍ରତ୍ୟକ୍ଷଭାବରେ ହୃଦୟ ସ୍ପର୍ଶ କରି ପାଠକକୁ ବିମୁଗ୍ଧ କରିଦିଏ ।

ସୁଫି ରହସ୍ୟବାଦୀ ଈଶ୍ୱରଙ୍କୁ ସର୍ବତ୍ର ଦର୍ଶନ କରନ୍ତି । ସେ ବିଶ୍ୱଜନୀନ ଦୃଷ୍ଟିକୋଣର ଅଧିକାରୀ । ସେ ତାଙ୍କର ପ୍ରେମାସ୍ପଦଙ୍କୁ ଜଗତର ସକଳ ବସ୍ତୁରେ, ସମସ୍ତ ସ୍ଥାନରେ ଦର୍ଶନ କରନ୍ତି । ତାଙ୍କଠାରେ ସ୍ୱାର୍ଥଭାବ ବୋଲି କିଛି ନ ଥାଏ । ସେ ନିରହଂକାର । ତାଙ୍କଠାରେ କାମ, କ୍ରୋଧ, ଲୋଭ, ଗର୍ବ ବୋଲି କିଛି ନ ଥାଏ । ସେ ସମ୍ପୂର୍ଣ୍ଣ ନିଷ୍କାମ । ସେ ଅକ୍ଷୁଣ୍ଣ ଶାନ୍ତି ଓ ଅବିଚଳିତ ସ୍ଥିତିସୁଖ ଉପଭୋଗ କରନ୍ତି । ତାଙ୍କର ସେହି ପରମଶାନ୍ତ ଅବସ୍ଥା ବର୍ଣ୍ଣନାର ଅତୀତ । ସେ ଜୀବନ୍ମୁକ୍ତସଦୃଶ, ସେ କହନ୍ତି, ହୃଦୟ ହେଉଛି ପ୍ରେମାସ୍ପଦଙ୍କର ମନ୍ଦିର । ସେ ବାଦ, ମତ, ଶାଖା ବା ସମ୍ପ୍ରଦାୟରେ ଅଗ୍ରହି । ସେ ପରାଭକ୍ତି ଲାଭ କରିସାରିଥାନ୍ତି ।

ଧର୍ମମତ—ସନ୍ନ୍ୟାସ ସୁଫିବାଦର ଏକ ମୁଖ୍ୟ ଅଙ୍ଗ । ସୁଫିବାଦୀ ସନ୍ଥ ଜୀବନର ଦୈହିକ, ମାନସିକ ଓ ଆଧ୍ୟାତ୍ମିକ ଆଦି ସକଳ କର୍ମ ଈଶ୍ୱର ଇଚ୍ଛା ପୂରଣରେ ଉତ୍ସର୍ଗ କରିଦିଅନ୍ତି । ସୁଫିବାଦର ମୂଳତତ୍ତ୍ୱ ହେଉଛି ଈଶ୍ୱରଙ୍କର ଏକତ୍ୱରେ ବିଶ୍ୱାସ, ସକଳ ଜନଙ୍କଠାରେ ଭ୍ରାତୃଭାବ ଏବଂ ଈଶ୍ୱରଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମ-

ସମର୍ପଣ । ସୁଫିବାଦରେ ଈଶ୍ୱର ସାକାର କିନ୍ତୁ ସୁଫିମାନେ ନିରାକାର ଈଶ୍ୱରଙ୍କୁ ମଧ୍ୟ ସ୍ୱୀକାର କରନ୍ତି ।

ସୁଫିବାଦରେ ଭାବସମାଧି ସହିତ ଭବଲୋକ ସେବାର ସମନ୍ୱୟ ଘଟିଛି । ସୁଫି ଚାହେଁ, ସେ ଭବରୋଗରୁ ଊର୍ଦ୍ଧ୍ୱରେ ଅବସ୍ଥାନ କରି ଭବଲୋକରେ ଜନସେବା କରିବ ।

ଭାବସମାଧିର ଦିବ୍ୟ ଅନୁଭୂତିକୁ ସୁଫିବାଦୀ ମଧୁରତା, ମାଦକତା, ସୁଗନ୍ଧ ସ୍ଫୁର୍ତ୍ତି ଓ ସୂକ୍ଷ୍ମମରଣ ଆଦି ନାନାରୂପରେ ପ୍ରକାଶ କରେ । ମଦ୍ୟ ହେଉଛି ଦିବ୍ୟମାଦକତାର ଏକ ପ୍ରତୀକ ।

ସୁଫିବାଦ ଅନୁଯାୟୀ ସୌନ୍ଦର୍ଯ୍ୟରୁ ପ୍ରେମ ଉଦ୍ଭବ ହୁଏ ଏବଂ ପ୍ରେମରୁ ଉଦ୍ଭବ ହୁଏ ପରମସୁଖ । ପରମସୁଖରେ ସମସ୍ତ ଦ୍ୱୈତଭାବ ଉଭେଇଯାଏ । ପ୍ରିୟ ଓ ପ୍ରିୟତମ ଏକ ଓ ଅଭିନ୍ନ ହୋଇଯାଆନ୍ତି । ସୁଫିମାନେ ପରମସୌନ୍ଦର୍ଯ୍ୟ, ପରମପ୍ରେମ ଓ ପରମସୁଖ ଲାଭପାଇଁ କଠୋର ଉଦ୍ୟମ କରନ୍ତି ।

ସୁଫିମାନେ ଭାବସମାଧି ଲାଭ ନିମନ୍ତେ ସଙ୍ଗୀତର ଆଶ୍ରୟ ନିଅନ୍ତି । ତେଣୁ ସେମାନଙ୍କର ବିଭିନ୍ନ ଧାର୍ମିକ ଅନୁଷ୍ଠାନରେ ସଙ୍ଗୀତର ଏକ ବିଶେଷ ଭୂମିକା ରହିଛି । ସୁଫିମାନେ ସୌନ୍ଦର୍ଯ୍ୟର ଉପାସକ ।

ସାଧନା—ସୁଫିବାଦ ଅନୁଯାୟୀ ଧାରଣା, ଧ୍ୟାନ, ଗୁରୁଆଜ୍ଞାନୁବର୍ତ୍ତିତା, ନିର୍ଜନତା, ଶୃଙ୍ଖଳା, ଉପବାସ, ତପସ୍ୟା, ଜିକ୍‌କର ବା ବିଭୂନାମ ଜପ, ଭଜନମାଲା ଧାରଣ, ଶ୍ୱାସପ୍ରଶ୍ୱାସ ନିୟନ୍ତ୍ରଣ ବା ବ୍ୟାୟାମ, ପ୍ରାର୍ଥନା, ବିଶ୍ୱପ୍ରେମ, ଅହିଂସା, ନିର୍ଲିପ୍ତତା, ଅନ୍ତର୍ଦୃଷ୍ଟି, ନିଷ୍କାମନା, ଆନ୍ତରିକ ପବିତ୍ରତା ଓ ଆତ୍ମସଂଯମ ଫଳରେ ଦିବ୍ୟକୃପା ଦ୍ୱାରା ଈଶ୍ୱରଲାଭ କରିହୁଏ ବା ପ୍ରେମାସ୍ପଦଙ୍କୁ ଲାଭ କରିହୁଏ ।

ସୁଫିବାଦୀ ସାଧକ ଦର୍ପଣରେ ନିଜ ପ୍ରତିବିମ୍ବକୁ ଚାହିଁ ନିକୁଟ ବା ଦୁଇଭ୍ରୂଲତାର ମଧ୍ୟବର୍ତ୍ତୀ ସ୍ଥାନରେ ଧ୍ୟାନ ନିବଦ୍ଧ କରିଥାନ୍ତି ।

ପ୍ରିୟା-ପ୍ରିୟତମ ସାଧନା କରିବା ଅତ୍ୟନ୍ତ କଷ୍ଟକର । ନୈତିକ ଉନ୍ନତି ଲାଭ କରି ନ ଥିବା କାମପ୍ରବଣ ହୋଇଥିବା ସାଧକମାନଙ୍କ ପକ୍ଷରେ ଏ ପ୍ରକାର ସୁଫି ସାଧନା ଅତ୍ୟନ୍ତ ବିପଜ୍ଜନକ ଏବଂ ଏ ପ୍ରକାର ସାଧନାର ପରିଣାମ ସ୍ୱରୂପ ସେମାନଙ୍କର ନୈତିକ ପତନ ଘଟିଯାଇପାରେ । ସେମାନେ ମଦ୍ୟର ମାଦକତାକୁ ଦିବ୍ୟାନନ୍ଦର ମାଦକତା ବୋଲି ଧରିନେଇ ମଦ୍ୟପାନ ଓ କାମାସକ୍ତିରେ କାଳାତିପାତ କରିପାରନ୍ତି । ତେଣୁ ସୁଫିସାଧକ ତାର ସାଧନାକାଳରେ ଜଣେ ନୈଷ୍ଠିକ ଗୁରୁଙ୍କର ସମ୍ପୂର୍ଣ୍ଣ ଅଧୀନ ହୋଇ ତାଙ୍କର ଦ୍ୱାରା ପରିଚାଳିତ ହେବା ଏକାନ୍ତ ଆବଶ୍ୟକ ।

ତନ୍ତ୍ର (ଆଗମ)

ସଂସ୍କୃତ ସାହିତ୍ୟ ବୈଦିକ ଓ ଲୌକିକ—ଏପରି ଦୁଇ ଭାଗରେ ବିଭକ୍ତ । ବୈଦିକ ସାହିତ୍ୟର ଛଅଗୋଟି ବିଭାଗ ରହିଛି ଯଥା— (୧) ଶ୍ରୁତି (୨) ସ୍ମୃତି (୩) ଇତିହାସ (୪) ପୁରାଣ (୫) ଆଗମ ଓ (୬) ଦର୍ଶନ । ଲୌକିକ ସାହିତ୍ୟର ଚାରିଗୋଟି ବିଭାଗ । ସେଗୁଡ଼ିକ ହେଲା (୧) ସୁଭାଷିତ (୨) କାବ୍ୟ (୩) ନାଟକ ଓ (୪) ଅଲଙ୍କାର ।

ଆଗମ ଶାସ୍ତ୍ରରେ ଧର୍ମତତ୍ତ୍ୱ ଓ ବ୍ରହ୍ମବିଦ୍ୟା ତଥା ଦେବୋପାସନା ପଦ୍ଧତିର ବିବରଣ ରହିଛି । ତନ୍ତ୍ର, ମନ୍ତ୍ର ଓ ଯନ୍ତ୍ର ଆଗମର ଅନ୍ତର୍ଭୁକ୍ତ; ସେଗୁଡ଼ିକରେ ଈଶ୍ୱରଙ୍କ ପ୍ରତିମାରୂପରେ ମନ୍ଦିରରେ ପୂଜା କରିବାର ବିଧିବଦ୍ଧ ପ୍ରଣାଳୀମାନ ରହିଛି । ସମସ୍ତ ଆଗମ ଶାସ୍ତ୍ରରେ ୧- ଜ୍ଞାନ ୨- ଯୋଗ ୩- କ୍ରିୟା ଓ ୪- ଚର୍ଯ୍ୟା ଆଲୋଚିତ ହୋଇଥାଏ । ତା ଛଡ଼ା ଆଗମ ଶାସ୍ତ୍ରରେ ଆଧ୍ୟାତ୍ମିକ ବିଦ୍ୟା, ସୃଷ୍ଟିତତ୍ତ୍ୱ, ମୁକ୍ତିତତ୍ତ୍ୱ, ଭକ୍ତିତତ୍ତ୍ୱ, ଧ୍ୟାନତତ୍ତ୍ୱ, ମନ୍ତ୍ର ତତ୍ତ୍ୱ, ଯନ୍ତ୍ରଚକ୍ର, ମୋହନ, ଉଚ୍ଚାଟନ, ବଶୀକରଣ ପ୍ରଭୃତି ଜାଦୁତତ୍ତ୍ୱ ଓ କବଚ ତଥା ମନ୍ଦିର ନିର୍ମାଣ, ପିତୁଳା ଗଠନ, (ଗାର୍ହସ୍ଥ୍ୟ) ବିଧିବିଧାନ, ସାମାଜିକ ବିଧିବିଧାନ ଓ ସର୍ବସାଧାରଣ ପର୍ବପର୍ବାଣୀ ବିଷୟ ମଧ୍ୟ ଆଲୋଚିତ ହୋଇଥାଏ ।

ଆଗମ ଶାସ୍ତ୍ର ତ୍ରିବିଧ ଯଥା— ବୈଷ୍ଣବ, ଶୈବ ଓ ଶାକ୍ତ । ହିନ୍ଦୁଧର୍ମର ବୈଷ୍ଣବ, ଶୈବ ଓ ଶାକ୍ତ —ଏହି ତିନି ମୁଖ୍ୟ ସମ୍ପ୍ରଦାୟର ସମସ୍ତ ବିଧିବିଧାନ ଓ ଦର୍ଶନ ସେମାନଙ୍କର ନିଜର ଆଗମ ଉପରେ ପ୍ରତିଷ୍ଠିତ । ବୈଷ୍ଣବ ଆଗମ ବା ପଞ୍ଚରାତ୍ର ଆଗମ ଗୁଡ଼ିକରେ ପରମେଶ୍ୱରଙ୍କୁ ବିଷ୍ଣୁ ରୂପରେ ଗ୍ରହଣ କରାଯାଇ ତାଙ୍କର ମହତ୍ତ୍ୱ ପ୍ରତିପାଦନ କରାଯାଇଛି । ଶୈବ ଆଗମଗୁଡ଼ିକରେ ପରମେଶ୍ୱରଙ୍କୁ ଶିବ-ରୂପରେ ମହିମାନ୍ୱିତ କରାଯାଇ ଶୈବସିଦ୍ଧାନ୍ତ ନାମକ ଏକ ମହତ୍ତ୍ୱପୂର୍ଣ୍ଣ ଦର୍ଶନ ସୃଷ୍ଟି କରାଯାଇଛି । ଶାକ୍ତ ଆଗମ ବା ତନ୍ତ୍ରରେ ପରମେଶ୍ୱରଙ୍କୁ ଦେବୀଙ୍କର ବିବିଧ ନାମ ମଧ୍ୟରୁ ଗୋଟିଏ ନାମରେ ଅଭିହିତ କରି ଜଗଜ୍ଜନନୀରୂପରେ ତାଙ୍କର ମହିମା ପ୍ରଦର୍ଶନ କରାଯାଇଛି । ଆଗମ ବେଦ ଉପରେ ପ୍ରତିଷ୍ଠିତ ହୋଇ ନ ଥିଲେ ମଧ୍ୟ ବେଦର ବିରୋଧ କରେ ନାହିଁ । ଆଗମ ଶାସ୍ତ୍ରଗୁଡ଼ିକର ଗତି ଓ ପ୍ରକୃତି ଉଭୟ ବୈଦିକ । ଫଳରେ ସେଗୁଡ଼ିକୁ ପ୍ରାମାଣିକ ଶାସ୍ତ୍ରରୂପେ ଗ୍ରହଣ କରାଯାଏ ।

ତନ୍ତ୍ର ଆଗମଗୁଡ଼ିକ ଶାକ୍ତ ସମ୍ପ୍ରଦାୟର ବା ଶାକ୍ତବାଦର ଆଗମ । ସେଗୁଡ଼ିକରେ ଶକ୍ତିକୁ ଜଗଜ୍ଜନନୀରୂପରେ ମହିମାନ୍ୱିତ କରାଯାଇଛି । ତନ୍ତ୍ରରେ ପରମେଶ୍ୱରଙ୍କର ଶକ୍ତିତତ୍ତ୍ୱର ଚର୍ଚ୍ଚା କରାଯାଇଛି ଏବଂ ଦିବ୍ୟଜନନୀଙ୍କର ବିବିଧ ରୂପର ବିବିଧ ଉପାସନା ପଦ୍ଧତି ବ୍ୟବସ୍ଥା କରାଯାଇଛି । ସର୍ବମୋଟ ସତସ୍ତରିଟି ଆଗମ ରହିଛି । କେତେକ ଦୃଷ୍ଟିରୁ ଏଗୁଡ଼ିକ ଅଷ୍ଟାଦଶ ପୁରାଣପରି । ଆଗମର ବିଷୟବସ୍ତୁ ସାଧାରଣତଃ ଶିବ ଓ ପାର୍ବତୀଙ୍କ ମଧ୍ୟରେ କଥୋପକଥନ ମାଧ୍ୟମରେ ଉପସ୍ଥାପିତ ହୋଇଛି । କେତେକ ଆଗମରେ ପାର୍ବତୀ ପ୍ରଶ୍ନ କରିଛନ୍ତି ଏବଂ ଶିବ ତାର ଉତ୍ତର ଦେଇଛନ୍ତି; ଅନ୍ୟ କେତେକ ଆଗମରେ ପାର୍ବତୀ ଶିବଙ୍କ ପ୍ରଶ୍ନର ଉତ୍ତର ଦେଇଛନ୍ତି । ପ୍ରଧାନ ଆଗମଗୁଡ଼ିକ ମଧ୍ୟରେ ମହାନିର୍ବାଣ, କୁଳାର୍ଣ୍ଣବ, କୁଳସାର, ପ୍ରପଞ୍ଚସାର, ତନ୍ତ୍ରରାଜ, ରୁଦ୍ରଯାମଳ, ବ୍ରହ୍ମଯାମଳ, ବିଷ୍ଣୁଯାମଳ ଓ ତୋଡ଼ଳତନ୍ତ୍ର ଉଲ୍ଲେଖନୀୟ । ଆଗମଗୁଡ଼ିକରେ ବିବିଧ ଗୁପ୍ତଜ୍ଞାନର ସାଧନା ପ୍ରଣାଳୀ ପ୍ରଦତ୍ତ ହୋଇଛି; ସେ ଭିତରୁ କେତେକ ଗୁପ୍ତଜ୍ଞାନ ସାଧକକୁ ଶକ୍ତି ପ୍ରଦାନ କରେ ଏବଂ ଅନ୍ୟ କେତେକ ଜ୍ଞାନ ଓ ମୁକ୍ତି ପ୍ରଦାନ କରେ । ବର୍ତ୍ତମାନ ଉପଲବ୍ଧ ହେଉଥିବା ତନ୍ତ୍ର ଶାସ୍ତ୍ରମାନଙ୍କ ମଧ୍ୟରେ ମହାନିର୍ବାଣ ତନ୍ତ୍ର ବିଶେଷ ପ୍ରସିଦ୍ଧ ।

ତନ୍ତ୍ରଯୋଗ— 'ତନ୍ତ୍ରଯୋଗ ହିନ୍ଦୁମାନଙ୍କର ଆଧ୍ୟାତ୍ମିକ ପୁନର୍ଜନ୍ମପ୍ରାପ୍ତି ଏକ ପ୍ରଚ୍ଛନ୍ନ ଶକ୍ତିଭାବରେ କାର୍ଯ୍ୟ କରି ଆସୁଥିଲା । କିନ୍ତୁ କାଳକ୍ରମେ ଅଜ୍ଞ, ଅନଭିଜ୍ଞ ଓ ଅଯୋଗ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ସାଧିତ ହେବା ଫଳରେ ଏସବୁର ଅପବ୍ୟବହାର କରାଗଲା । ଏହା ଅସ୍ୱୀକାର କରାଯାଇ ନ ପାରେ ଯେ, ଶକ୍ତିବାଦର କେତେକ ନିମ୍ନସ୍ତରୀୟ ପୂଜାବିଧାନ କେବଳ ଜାଦୁବିଦ୍ୟା, ଅନୈତିକ କାର୍ଯ୍ୟ ତଥା ଗୁଣୀ-ଗାରଡ଼ିପରି ଗୁପ୍ତ ଶକ୍ତିଲାଭ କରିବା ଉଦ୍ଦେଶ୍ୟରେ ହିଁ କରାଯାଏ । ସତ୍ୟକୁ କିପରି ବିକୃତ କରାଯାଇଛି, ମୌଳିକ ମହତ ବିଧିବିଧାନକୁ କିପରି ହାସ୍ୟାସ୍ପଦ କରି ଦିଆଯାଇଛି, ତାର ବହୁ ଉଦାହରଣ ମଧ୍ୟରୁ ଗୋଟିଏ ବିଶେଷ ଉଦାହରଣ ହେଉଛି ପଞ୍ଚମକାର ତତ୍ତ୍ୱର କଦର୍ଥ ଅର୍ଥାତ୍ ମଦ୍ୟ, ମାଂସ, ମତ୍ସ୍ୟ ମୁଦ୍ରା ଓ ମୈଥୁନର କଦର୍ଥ । ପଞ୍ଚମକାରର ଗୂଢ଼ାର୍ଥ ହେଉଛି ଅହଂକାରକୁ ହତ୍ୟା କରି, ରକ୍ତମାଂସର ଦେହକୁ ସଂଯତ କରି ପରମେଶ୍ୱରଙ୍କର ଭକ୍ତିରସରୂପ ମଦିରା ପାନ କରି ଏବଂ ପରମେଶ୍ୱର ଶିବଙ୍କ ଅଙ୍ଗରେ ଲୀନ ହୋଇଯାଅ ।"

ଯେଉଁ ବିଦ୍ୟା ତତ୍ତ୍ୱଜ୍ଞାନ (ସତ୍ୟ ବା ବ୍ରହ୍ମ) ଓ ମନ୍ତ୍ର (ଗୂଢ଼ ପଦ) ସମ୍ବନ୍ଧୀୟ ଜ୍ଞାନ ବିସ୍ତୃତ ଭାବରେ 'ତନୋତି' ଅର୍ଥାତ୍ ବ୍ୟାଖ୍ୟା କରି ବୁଝାଇଦିଏ ଏବଂ 'ତ୍ରାୟତେ' ଅର୍ଥାତ୍ ପରିତ୍ରାଣ କରେ, ତାହା ତନ୍ତ୍ର ନାମରେ ଖ୍ୟାତ ।

ତନ୍ତ୍ରଶାସ୍ତ୍ର କୌଣସି ଗୁଣିଗାରଡ଼ି, ମୋହିନୀବିଦ୍ୟା, ଯାଦୁବିଦ୍ୟା ବା ଅଘଟନ ସଂଘଟନକାରୀ ଗୁପ୍ତସୂତ୍ରର ଶାସ୍ତ୍ର ନୁହେଁ । ତନ୍ତ୍ର ହେଉଛି ଅତି ଚମତ୍କାର ଧର୍ମୋପଦେଶ ସମ୍ବଳିତ ଶାସ୍ତ୍ର । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସକଳ ନରନାରୀ ତନ୍ତ୍ର ଅଧ୍ୟୟନ କରି ସେଥିରୁ ମହତ୍ତ୍ୱ ପ୍ରେରଣା ଲାଭ କରିପାରିବେ ଏବଂ ଆଧ୍ୟାତ୍ମିକ ଶକ୍ତି ଓ ଶାଶ୍ୱତ ଶାନ୍ତିର ଅଧିକାରୀ ହୋଇପାରିବେ । ତନ୍ତ୍ର ଶାସ୍ତ୍ର ମଧ୍ୟରେ ଦୁଇଟି ପ୍ରଧାନ ଗ୍ରନ୍ଥ ହେଉଛି ମହାନିର୍ବାଣ ତନ୍ତ୍ର ଓ କୁଳାର୍ଣ୍ଣବ ତନ୍ତ୍ର । କୃଷ୍ଣଯଜୁର୍ବେଦର ଯୋଗକୁଣ୍ଡଳିନୀ ଉପନିଷଦ, ଯାବଲା ଦର୍ଶନ, ଶିଶିଖ ବ୍ରାହ୍ମଣ ଏବଂ ବରାହ ଉପନିଷଦ ଗ୍ରନ୍ଥଗୁଡ଼ିକ କୁଣ୍ଡଳିନୀ ଶକ୍ତି ସମ୍ବନ୍ଧରେ ଜ୍ଞାନ ଅର୍ଜନ କରିବାରେ ତଥା କୁଣ୍ଡଳିନୀ ଶକ୍ତି ଜାଗ୍ରତ କରାଇ ତାହାକୁ ମସ୍ତକ ଶୀର୍ଷସ୍ଥ ସହସ୍ରାର ଚକ୍ରକୁ ଉଠାଇନେବାରେ ବିଶେଷ ସାହାଯ୍ୟ କରିବ ।

କେତେକ ଦୃଷ୍ଟିରୁ ତନ୍ତ୍ର ହେଉଛି ଏକ ଗୁହ୍ୟ ବିଜ୍ଞାନ । ଏହାକୁ ଗୁପ୍ତବିଦ୍ୟା ବୋଲିଯାଏ । କେବଳ ଗ୍ରନ୍ଥ ଅଧ୍ୟୟନ କରି ଏ ବିଦ୍ୟାକୁ ଆୟତ୍ତ କରିହେବ ନାହିଁ । ପ୍ରତ୍ୟକ୍ଷଭାବରେ ଏହି ବିଦ୍ୟା ପ୍ରୟୋଗ କରୁଥିବା ତାନ୍ତ୍ରିକ, ତନ୍ତ୍ରାଚାର୍ଯ୍ୟ ଓ ଗୁରୁମାନେହିଁ ଏହି ବିଦ୍ୟାର ଅଧିକାରୀ; ସେମାନେ ହିଁ ଏହାର ଗୂଢ଼ମର୍ମ ଜାଣନ୍ତି । ସେହିମାନଙ୍କର ଆଶ୍ରୟ ନେଲେ ହିଁ ଏହି ବିଦ୍ୟା ଶିକ୍ଷା କରାଯାଇପାରିବ ଓ ଏହି ବିଦ୍ୟା ସାଧନା କରାଯାଇପାରିବ । ତନ୍ତ୍ରର ଶିଷ୍ୟ ହେବାକୁ ହେଲେ, ଆପଣଙ୍କୁ ଗୁରୁଙ୍କଠାରେ ପବିତ୍ର, ବିଶ୍ୱସ୍ତ, ଭକ୍ତିମାନ୍ ଓ ତ୍ୟାଗବାନ ହେବାକୁ ପଡ଼ିବ; ଆପଣଙ୍କୁ ନିଷ୍କାମ, ନମ୍ର, ସାହସୀ, ସର୍ବଜନପ୍ରେମୀ, ସତ୍ୟବାଦୀ, ନିର୍ଲୋଭ ଓ ସଦାସନ୍ତୁଷ୍ଟ ହୋଇ ରହିବାକୁ ପଡ଼ିବ । ସାଧକଠାରେ ଏହିସବୁ ଗୁଣର ଅଭାବ ରହିଲ ଅର୍ଥ, ଶକ୍ତିସାଧନାର ସମ୍ପୂର୍ଣ୍ଣ ଅପବ୍ୟବହାର କରାଗଲା ।

ଶକ୍ତିତନ୍ତ୍ର ହେଉଛି ଅଦ୍ୱୈତବାଦ । ଏହି ତନ୍ତ୍ର ଘୋଷଣା କରେ ଯେ, ଜୀବାତ୍ମା ଓ ପରମାତ୍ମା ଏକ । ଶାକ୍ତମାନେ ବେଦକୁ ମୂଳଶାସ୍ତ୍ରରୂପେ ସ୍ୱୀକାର କରନ୍ତି । ସେମାନେ ବିଶ୍ୱାସ କରନ୍ତି ଯେ, ବେଦର ପ୍ରତିପାଦିତ ଲକ୍ଷ୍ୟ ଲାଭ କରିବାଲାଗି ତନ୍ତ୍ର ହେଉଛି ଏକ ବ୍ୟାଖ୍ୟାଗ୍ରନ୍ଥ ।

ଶରୀର ମଧ୍ୟସ୍ଥ ମୂଳାଧାରଠାରୁ ଆରମ୍ଭ କରି ଆଜ୍ଞା ପର୍ଯ୍ୟନ୍ତ ଷଡ଼୍ ଚକ୍ରରେ ରହିଥିବା ପ୍ରଚ୍ଛନ୍ନ ଶକ୍ତିର ବିକାଶ ଉପରେ ତନ୍ତ୍ର ବିଶେଷ ଗୁରୁତ୍ୱ ଆରୋପ କରେ । କୁଣ୍ଡଳିନୀ ଯୋଗ ପ୍ରକୃତରେ ତାନ୍ତ୍ରିକ ସାଧନାର ଅନ୍ତର୍ଭୁକ୍ତ; ଏହି ଯୋଗରେ କୁଣ୍ଡଳିନୀ ଶକ୍ତି ତଥା ବିଭିନ୍ନ ଚକ୍ରର ବିଶଦ ବର୍ଣ୍ଣନା ପ୍ରଦାନ କରାଯାଇଛି । କୁଣ୍ଡଳିନୀକୁ ଜାଗ୍ରତ କରାଇ ସହସ୍ରାର ଚକ୍ରସ୍ଥ ସଦାଶିବଙ୍କ ସହିତ ତାହାର ମିଳନ ଘଟାଇବାହିଁ ସମସ୍ତ ତାନ୍ତ୍ରିକ ସାଧନାର ଲକ୍ଷ୍ୟ । ଏହି ଲକ୍ଷ୍ୟ ଲାଭ ନିମିତ୍ତ ତାନ୍ତ୍ରିକ ସାଧନାରେ

ଯେଉଁ ପ୍ରଣାଳୀ ପ୍ରଚଳିତ ହୋଇଛି, ତାହା ହେଉଛି ମାତୃନାମ ଜପ, ପ୍ରାର୍ଥନା ତଥା ବିଭିନ୍ନ ପୂଜାନୁଷ୍ଠାନ ।

ଗୁରୁ ଓ ଦୀକ୍ଷା—ଗୁରୁଙ୍କଠାରୁ ହିଁ ଯୋଗ ଶିକ୍ଷା କରାଯିବା ଆବଶ୍ୟକ ; ପୁଣି ତନ୍ତ୍ରଯୋଗ କ୍ଷେତ୍ରରେ ଏ ବିଷୟଟି ଅବଶ୍ୟକରଣୀୟ । ଶିକ୍ଷାଭିଳାଷୀ ଶିଷ୍ୟ ଯେ କେଉଁ ସ୍ତରରେ ଅଛି, ତାହା ଏକମାତ୍ର ଗୁରୁ ହିଁ ନିର୍ଣ୍ଣୟ କରିପାରନ୍ତି ଏବଂ ତଦନୁଯାୟୀ ସେ ହିଁ ସାଧନାର ବ୍ୟବସ୍ଥା କରିଦେଇପାରନ୍ତି ।

ଗୁରୁ ସେହି ପରମେଶ୍ୱରୀ ଦିବ୍ୟଜନନୀଙ୍କ ଭିନ୍ନ ଅନ୍ୟ କେହି ନୁହନ୍ତି । ସାଧକମାନଙ୍କର ଅଭ୍ୟୁତ୍ଥାନ ନିମିତ୍ତ ସେ'ହିଁ ଗୁରୁରୂପରେ ଧରାପୃଷ୍ଠରେ ଅବତରଣ କରିଥାନ୍ତି । ଗୋଟିଏ ଦୀପଶିଖା ଯେପରି ଅନ୍ୟ ଗୋଟିଏ ଦୀପକୁ ପ୍ରଜ୍ୱଳିତ କରିଥାଏ, ଗୁରୁ ସେହିପରି ଶିଷ୍ୟଙ୍କୁ ମନ୍ତ୍ରର ଅନ୍ତର୍ନିହିତ ଦିବ୍ୟଶକ୍ତି ପ୍ରଦାନ କରିଥାନ୍ତି । ଶିଷ୍ୟ ଉପବାସ କରି, ବ୍ରହ୍ମଚର୍ଯ୍ୟ ପାଳନ କରି ଗୁରୁଙ୍କଠାରୁ ମନ୍ତ୍ରଦୀକ୍ଷା ଗ୍ରହଣ କରିଥାଏ ।

ମନ୍ତ୍ରଦୀକ୍ଷା ରହସ୍ୟ ଆବରଣ ଖୋଲିଦିଏ ଏବଂ ଶାସ୍ତ୍ରୋକ୍ତ ବାକ୍ୟ ଅନ୍ତରାଳରେ ଯେଉଁ ପ୍ରଚ୍ଛନ୍ନ ସତ୍ୟ ନିହିତ ଅଛି, ସେହି ସତ୍ୟ ହୃଦୟଙ୍ଗମ କରିବାରେ ଶିଷ୍ୟକୁ ସକ୍ଷମ କରିଦିଏ । ଉକ୍ତ ସତ୍ୟ ସାଧାରଣତଃ ରହସ୍ୟପୂର୍ଣ୍ଣ ଭାଷାର ଆବରଣ ତଳେ ପ୍ରଚ୍ଛନ୍ନ ହୋଇ ରହିଥାଏ । ତେଣୁ ନିଜେ ଅଧ୍ୟୟନ କରି ସେ ସବୁର ଅର୍ଥ ଉପଲବ୍‌ଧି କରି-ହେବ ନାହିଁ; ବିନାଗୁରୁରେ ଅଧ୍ୟୟନ କଲେ ସାଧକ ଆହୁରି ଅଧିକ ଅଜ୍ଞତା ଭିତରେ ପଶିଯିବ । ଏକମାତ୍ର ଗୁରୁ ହିଁ ମନ୍ତ୍ରଦୀକ୍ଷା ପ୍ରଦାନ କରି ଶାସ୍ତ୍ର ଅଧ୍ୟୟନ ତଥା ଯୋଗାଭ୍ୟାସ କରିବା ନିମିତ୍ତ ସାଧକପାଇଁ ଉପଯୁକ୍ତ ପରିପ୍ରେକ୍ଷୀ ରଚନା କରିପାରନ୍ତି ।

ଶିଷ୍ୟର ଯୋଗ୍ୟତା—ପବିତ୍ରତା, ବିଶ୍ୱାସ, ଭକ୍ତି, ନିଷ୍କାମନା, ସତ୍ୟବାଦିତା ଏବଂ ଇନ୍ଦ୍ରିୟସଂଯମ—ଏସବୁ ହେଉଛି ପ୍ରକୃତ ଶିଷ୍ୟର ଯୋଗ୍ୟତା । ଶିଷ୍ୟ ବୁଦ୍ଧିମାନ ହୋଇଥିବା ଆବଶ୍ୟକ ଏବଂ ତାର ବେଦରେ ଦୃଢ ବିଶ୍ୱାସ ରହିଥିବା ଆବଶ୍ୟକ । ସେ କୌଣସି ଜୀବକୁ ହିଂସା କରୁ ନ ଥିବା ଉଚିତ । ତାକୁ ସର୍ବଦା ଜାଗ୍ରତ, ପରିଶ୍ରମୀ, ଧୈର୍ଯ୍ୟଶୀଳ ଓ ଅଧ୍ୟବସାୟୀ ହେବାକୁ ପଡ଼ିବ । ସେ ସର୍ବଦା ଅନ୍ୟର ମଙ୍ଗଳ ସାଧନ କରୁଥିବ । ଗୁରୁଙ୍କର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ସମସ୍ତ ଆଧ୍ୟାତ୍ମିକ ସାଧନା କରାଯିବା ଆବଶ୍ୟକ ।

ତନ୍ତ୍ର ସାଧନା—ଭୂତଶୁଦ୍ଧି ଏକ ଗୁରୁତ୍ୱପୂର୍ଣ୍ଣ ତାନ୍ତ୍ରିକ କର୍ମ । ଯେଉଁ ପଞ୍ଚମହାଭୂତରେ ଏହି ଶରୀର ଗଠିତ ହୋଇଛି, ସେଗୁଡ଼ିକୁ ଶୁଦ୍ଧ କରିବାର ନାମ

ଭୂତଶୁଦ୍ଧି । ସାଧକ ପାପଶରୀରକୁ ନାଶ କରିଦେଇ ଏକ ନୂତନ ଦିବ୍ୟଶରୀର ନିର୍ମାଣ କରେ ଏବଂ ସେହି ଦିବ୍ୟଶରୀରରେ ଦେବୀଙ୍କୁ ନ୍ୟାସ କରେ ।

ନ୍ୟାସ ଏକ ଅତି ଗୁରୁତ୍ୱପୂର୍ଣ୍ଣ ବଳିଷ୍ଠ ତାନ୍ତ୍ରିକ କ୍ରିୟା । ନ୍ୟାସରେ ମନ୍ତ୍ରପାଠ-ପୂର୍ବକ ଦକ୍ଷିଣ ହସ୍ତର ଅଙ୍ଗୁଳି ଅଗ୍ରଗୁଡ଼ିକୁ ଶରୀରର ବିଭିନ୍ନ ଅଙ୍ଗରେ ସ୍ଥାପନ କରାଯାଏ ।

କବଚରେ ଶରୀରର ବିଭିନ୍ନ ଅଙ୍ଗ ରକ୍ଷା କରିବା ନିମିତ୍ତ ସେହି ଏକବ୍ରହ୍ମଙ୍କୁ ବିଭିନ୍ନ ନାମରେ ଆବାହନ କରାଯାଏ । ଉଦାହରଣ ସ୍ୱରୂପ ଶିରସ୍ଥ ସହସ୍ରାର ପଦ୍ମରେ ପରଂବ୍ରହ୍ମଙ୍କୁ ସ୍ମରଣ କରାଯାଏ । ପରମେଶ୍ୱରଙ୍କୁ ହୃଦୟସ୍ଥରେ ଧ୍ୟାନ କରାଯାଏ । ଜଗତ୍‌ପାଳକ ବିଷ୍ଣୁଙ୍କୁ କଣ୍ଠଦେଶ ରକ୍ଷା କରିବା ନିମିତ୍ତ ଆବାହନ କରାଯାଏ, ଯାହା ଫଳରେ କି ସାଧକ ନିର୍ବିଘ୍ନରେ ତାର ଇଷ୍ଟଦେବତାଙ୍କର ମନ୍ତ୍ର ଉଚ୍ଚାରଣ କରିପାରିବ ।

ଏକ ବା ଉଭୟ ହସ୍ତଦ୍ୱାରା ପ୍ରଦର୍ଶିତ ଭଙ୍ଗୀକୁ ମୁଦ୍ରା ବୋଲାଯାଏ । ମୁଦ୍ରା ଦେବତାଙ୍କୁ ଆହ୍ଲାଦ ଦିଏ । ୧୦୮ ପ୍ରକାର ମୁଦ୍ରା ରହିଛି । ଦେବତାଙ୍କୁ ଆବାହନ କରିବାବେଳେ ଏକ ନିର୍ଦ୍ଦିଷ୍ଟ ମୁଦ୍ରା ପ୍ରଦର୍ଶନ କରାଯାଏ । ଅର୍ଘ୍ୟଦାନ କଲାବେଳେ ମତ୍ସ୍ୟ ମୁଦ୍ରା ପ୍ରଦର୍ଶନ କରାଯାଏ । ଏଥିରେ ଦକ୍ଷିଣ ହସ୍ତକୁ ବାମ ହସ୍ତର ପୃଷ୍ଠଉପରେ ସ୍ଥାପନକରି ଦୁଇ ଅଙ୍ଗୁଷ୍ଠିକୁ ମାଛର ଦୁଇ ପକ୍ଷ ବା ଡେଣାରୂପେ ପ୍ରସାରିତ କରାଯାଏ । ପୂଜାର ବିଭିନ୍ନ କ୍ରିୟାରେ ସେହିପରି ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରାଯାଏ ।

ପ୍ରତିମା ପରିବର୍ତ୍ତେ ଏକ ଯନ୍ତ୍ର ସ୍ଥାପନ କରି ତାହାକୁ ପୂଜା କରାଯାଏ । କାଗଜ, ପତ୍ର ବା କୌଣସି ଫଳକ ଉପରେ ଅଙ୍କିତ ଏକ ରେଖାଚିତ୍ରକୁ ଯନ୍ତ୍ର ବୋଲାଯାଏ । ଧାତୁପତ୍ର ଉପରେ ମଧ୍ୟ ଯନ୍ତ୍ର ଅଙ୍କନ କରାଯାଏ । ନିର୍ଦ୍ଦିଷ୍ଟ ଦେବତାଙ୍କ ସ୍ଥାନରେ ନିର୍ଦ୍ଦିଷ୍ଟ ଯନ୍ତ୍ର ନିର୍ମିତ ହୁଏ; ପ୍ରତ୍ୟେକ ଦେବତାଙ୍କର ଏକ ସ୍ୱତନ୍ତ୍ର ଯନ୍ତ୍ର ରହିଛି । ଯନ୍ତ୍ରଗୁଡ଼ିକ ପୂଜାର ଉଦ୍ଦେଶ୍ୟ ଅନୁଯାୟୀ ନିର୍ଣ୍ଣିତ କରାଯାଇଥିବା ଗୋଟିଏ ଗୋଟିଏ ନକ୍ସା ଚିତ୍ର । ଯନ୍ତ୍ର ହେଉଛି ଦେବତାଙ୍କର ଶରୀର । ପ୍ରତ୍ୟେକ ଯନ୍ତ୍ରରେ ଭୂପୁର ନାମରେ ଗୋଟିଏ ସାଧାରଣ ପ୍ରାନ୍ତଦେଶ ବା ସୀମାରେଖା ରହିଛି । ପ୍ରତ୍ୟେକଟି ଯନ୍ତ୍ର ଚୋଟିଏ ଗୋଟିଏ ଦ୍ୱାରବିଶିଷ୍ଟ ଚତୁର୍ଭୁଜ ମଧ୍ୟରେ ଆବଦ୍ଧ । ଚତୁର୍ଭୁଜଟି ଯନ୍ତ୍ରକୁ ବାହ୍ୟ ଜଗତଠାରୁ ପୃଥକ କରି ରଖେ ।

ସାଧକ ପ୍ରଥମେ ପୂଜ୍ୟଦେବତା ବା ଇଷ୍ଟଦେବତାଙ୍କୁ ଧ୍ୟାନ କରେ ଏବଂ ତାପରେ ନିଜ ହୃଦମଧ୍ୟସ୍ଥ ଦେବତାଙ୍କୁ ଜାଗ୍ରତ କରେ । ତାପରେ ସେ ଉକ୍ତ ଜାଗ୍ରତ ଦେବତାଙ୍କୁ ଯନ୍ତ୍ରରେ ସ୍ଥାପନ କରେ । ଦେବତାଙ୍କୁ ଯନ୍ତ୍ରରେ ସ୍ଥାପନ କରିସାରିବା ପରେ ଆନୁଷ୍ଠାନିକ କର୍ମ ଦ୍ୱାରା ତାଙ୍କଠାରେ ପ୍ରାଣ ପ୍ରତିଷ୍ଠା କରାଯାଏ; ଫଳରେ ଯନ୍ତ୍ରରେ ଦେବତା ପ୍ରତିଷ୍ଠିତ ହୋଇଯାଆନ୍ତି । ପୂଜାରେ ବ୍ୟବହୃତ ଦ୍ରବ୍ୟ କିମ୍ବା

କୃତକର୍ମକୁ ଉପଚାର ବୋଲଯାଏ । ଉପଚାର ଷୋଡ଼ଶବିଧ ଯଥା— (୧) ଆସନ (୨) ଆବାହନ (୩) ପାଦ୍ୟ (ପାଦ ଧୋଇବାଲାଗି ଜଳ) (୪) ଅର୍ଘ୍ୟ (ତର୍ପଣପାଇଁ ଜଳ) (୫) ଆଚମନ (ଓଠରେ ଚୁଚୁମିବା ପାଇଁ ଜଳ) (୬) ମଧୁପର୍କ (ମହୁ, ଘିଅ, ଦୁଧ ଓ ଦହି) (୭) ସ୍ନାନ (୮) ବସ୍ତ୍ର (୯) ଆଭରଣ (ଅଳଙ୍କାର) (୧୦) ଗନ୍ଧ (ସୁଗନ୍ଧ ଦ୍ରବ୍ୟ) (୧୧) ପୁଷ୍ପ (୧୨) ଧୂପ (୧୩) ଦୀପ (୧୪) ନୈବେଦ୍ୟ (ଖାଦ୍ୟ ଓ ତାମ୍ବୁଲ (ପାନ)) (୧୫) ନୀରାଜନ (ଆରତି) (୧୬) ବନ୍ଦନା (ପ୍ରାର୍ଥନା ଓ ପ୍ରଣାମ) ।

ପଶୁ, ବୀର ଓ ଦିବ୍ୟ—ଏପରି ତିନି ଶ୍ରେଣୀର ସାଧକ ଅଛନ୍ତି ।

ତନ୍ତ୍ରଯୋଗ ହେଉଛି ମୁକ୍ତିପ୍ରଦାନକାରୀ ଜ୍ଞାନ । ଯଦି ସମସ୍ତ ତାତ୍ପର୍ଯ୍ୟ ହୃଦୟଙ୍ଗମ କରି ସିଦ୍ଧ ତାନ୍ତ୍ରିକ ଗୁରୁଙ୍କ ନିର୍ଦ୍ଦେଶରେ ଏହି ଯୋଗ ସାଧନା କରାଯାଏ, ତେବେ ଏହା ଏକ ଉତ୍କୃଷ୍ଟ ନାବପରି କାର୍ଯ୍ୟ କରି ସାଧକକୁ ସଂସାର ପ୍ରପଞ୍ଚର ଅପର କୂଳରେ ରହିଥିବା ଅଭୟ, ମୁକ୍ତ ଓ ପରିପୂର୍ଣ୍ଣତାମୟ ନିତ୍ୟାନନ୍ଦ ଧାମକୁ ନେଇଯିବ ।

ଅବତାର

ପ୍ରଭୁ ଯିଶୁ ଯେତେବେଳେ ଜନ୍ମଗ୍ରହଣ କଲେ, ସେତେବେଳେ ଈଶ୍ୱରଙ୍କର ଗୁଣ କୀର୍ତ୍ତନ କରି ଦେବଦୂତଗଣ ଗାଇ ଉଠିଥିଲେ ଏକ ମଧୁର ସଙ୍ଗୀତ ଏବଂ ସେହି ମଧୁର ସଙ୍ଗୀତ ମାଧ୍ୟମରେ ପ୍ରଚ୍ଚାର କରିଦେଇଥିଲେ ଈଶ୍ୱରଙ୍କର ଅବତରଣର ଉଦ୍ଦେଶ ।

ଧନ୍ୟ ମହିମାମୟ !
ତୁମ ପ୍ରେମଧାରା ବୋହିବ;
ପୁଣି ଏ ମଣିଷ ପାଇବ
ଏହି ଧରଣୀରେ ସଦ୍ଭାବନା ଓ ଶାନ୍ତିର ବରାଭୟ ।
ଧନ୍ୟ ମହିମାମୟ !!

ଜଗତରେ ଶାନ୍ତି ତଥା ମନୁଷ୍ୟ ହୃଦୟରେ ଅନ୍ୟମାନଙ୍କପ୍ରତି ସଦ୍‌ଭାବନାରୂପକ ଯଥାର୍ଥ ଓ ଶ୍ରେଷ୍ଠତମ ବିଭୁମହିମା ପୁନଃପ୍ରତିଷ୍ଠା କରିବାକୁ ହିଁ ପ୍ରଭୁ ଯିଶୁ ଏହି ନରଲୋକକୁ ଆସିଥିଲେ ।

ଈଶ୍ୱରଙ୍କର ଅବତରଣ ବିଧି— ଈଶ୍ୱରଙ୍କର ଧରାପୃଷ୍ଠରେ ଅବତରଣ ବିଧି ସର୍ବକାଳରେ ସର୍ବଥା ଏକାପ୍ରକାର ହୋଇ ରହିଆସିଛି । ନରମାନଙ୍କର ଅଭ୍ୟୁତ୍ଥାନ ନିମନ୍ତେ ହିଁ ନାରାୟଣ ଅବତରଣ କରନ୍ତି । ପ୍ରତ୍ୟେକଟି ଅବତାରର ଉଦ୍ଦେଶ୍ୟ ହେଉଛି ଜଗତକୁ କୌଣସି ଏକ ଘୋରବିପଦରୁ ଉଦ୍ଧାର କରିବା; ଦୁଷ୍ଟଦୁରାଚାରମାନଙ୍କୁ ବିନାଶ କରି ସାଧୁସଚ୍ଚରିତମାନଙ୍କୁ ସୁରକ୍ଷା ପ୍ରଦାନ କରିବା । ଭଗବାନ ଶ୍ରୀକୃଷ୍ଣ କହିଛନ୍ତି, "ଯେତେବେଳେ ଧର୍ମର ଗ୍ଲାନି ଘଟେ, ମୁଁ ସେତେ-ବେଳେ ଧରାପୃଷ୍ଠରେ ଅବତରଣ କରେ; ସାଧୁଜନଙ୍କୁ ପରିତ୍ରାଣ କରିବା ଲାଗି, ଦୁଷ୍ଟ-ଦୁରାଚାରମାନଙ୍କୁ ବିନାଶ କରିବା ଲାଗି, ଧର୍ମସଂସ୍ଥାପନ କରିବା ଲାଗି ମୁଁ ଯୁଗେ ଯୁଗେ ଜନ୍ମଲାଭ କରେ ।"

ଯେତେବେଳେ ଅଧର୍ମର ପ୍ରାଦୁର୍ଭାବ ବଢିଯାଇ ଧର୍ମର କ୍ଷୟ ଘଟେ, ଯେତେବେଳେ ଆସୁରୀଶକ୍ତିର ବଳ ଦୈବୀଶକ୍ତିର ବଳଠାରୁ ଅଧିକ ହେବାକୁ ବସେ, ଯେତେବେଳେ ପରମେଶ୍ୱରଙ୍କର ବାଣୀ ବା ସ୍ୱର୍ଗଦୂତମାନଙ୍କର ନିର୍ଦ୍ଦେଶ ବିସ୍ମୃତ-ଅବଜ୍ଞାତ ହୁଏ, ଯେତେବେଳେ ଧର୍ମାନ୍ଧତା ଶାସ୍ତ୍ରର ମାର୍ମିକ ତାତ୍ପର୍ଯ୍ୟକୁ

ଦ୍ୱିତୀୟ ଜଣ ଆକ୍ଷରିକ ତାତ୍ପର୍ଯ୍ୟକୁ ହିଁ ପାଳନ କରେ, ସେତେବେଳେ ପ୍ରଭୁ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି, — ଅବତୀର୍ଣ୍ଣ ହୁଅନ୍ତି ମନୁଷ୍ୟକୁ ଉଦ୍ଧାର କରିବାଲାଗି, ସାଧୁଜନମାନଙ୍କ ପରିତ୍ରାଣ କରିବାଲାଗି । ଧରାପୃଷ୍ଠରେ ଅବତରଣ କରି ସେ ନରରୂପ ଧାରଣ କରନ୍ତି । ସେତେବେଳେ ତାଙ୍କୁ ଅବତାର ବୋଲାଯାଏ ।

ଜୀବନ୍ମୁକ୍ତ ଓ ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ— ସାଧାରଣତଃ ଜଣେ ଜୀବନ୍ମୁକ୍ତ ଅନ୍ଧକାର ରାତ୍ରିର ଉଜ୍ଜ୍ୱଳ ନକ୍ଷତ୍ରଟିଏପରି ଅଟନ୍ତି । ସେ କେବଳ ସାମାନ୍ୟ ଆଲୋକ ବିତରଣ କରିପାରନ୍ତି । ତପସ୍ୟା ଓ ସାଧନା ବଳରେ ସେ ଭବସାଗର ପାରହୋଇଯାଇଛନ୍ତି । ସେ ବହୁଲୋକୋଦ୍ଧାରଣ କରିପାରିବେ ନାହିଁ । ସ୍ରୋତ ଝରଣାଟିଏର ଉଦାହରଣ ନିଅନ୍ତୁ । ସେହି ଝରଣାର ଜଳ ମାତ୍ର କେତେଜଣ ପଥିକଙ୍କର ତୃଷା ନିବାରଣ କରିବାକୁ ସମର୍ଥ । ଜୀବନ୍ମୁକ୍ତ ଜ୍ଞାନୀଜନ ସେହିପରି କେବଳ ଅଳ୍ପ କେତେଲୋକଙ୍କୁ ଶାନ୍ତି ତଥା ତୃପ୍ତି ପ୍ରଦାନ କରିବାକୁ ସମର୍ଥ । ତାଙ୍କ ତୁଳନାରେ ଅବତାର ପୁରୁଷ ମହାପରାକ୍ରମୀ । ସେ ବିଶାଳ ମାନସରୋବରସଦୃଶ । ସେ ଲକ୍ଷ ଲକ୍ଷ ଜନତାର ଅଜ୍ଞାନ ଆବରଣ ଖୋଲିଦେଇପାରନ୍ତି ଏବଂ କୋଟିଜନତାକୁ ନେଇଯାଇପାରନ୍ତି ସେହି ନିତ୍ୟସୁଖମୟ, ନିତ୍ୟାନନ୍ଦମୟ, ନିତ୍ୟଜ୍ୟୋତିର୍ମୟ ଅମରଧାମକୁ ।

ଅବତାର ପୁରୁଷ ଈଶ୍ୱରଙ୍କଠାରୁ ଅଭିନ୍ନ । ସେ ଜୀବାତ୍ମାଙ୍କପରି ଈଶ୍ୱରଙ୍କର ଅଂଶମାତ୍ର ନୁହନ୍ତି । ଅବତାର ବା ନରରୂପଧାରୀ ଈଶ୍ୱର ପରମାତ୍ମାଙ୍କ କଳା ଭିନ୍ନ ଅନ୍ୟ କିଛି ନୁହନ୍ତି । ଲୋକସଂଗ୍ରହ କାର୍ଯ୍ୟ ସମାପ୍ତ ହୋଇଗଲେ ସେ ପୃଥିବୀରୁ ଅଦୃଶ୍ୟ ହୋଇଯାଆନ୍ତି ।

ବିବିଧ ଅବତାର— ବିଭିନ୍ନ ପ୍ରକାର ଅବତାର ଦେଖାଦେଇଛନ୍ତି । ପୂର୍ଣ୍ଣ ଅବତାରମାନେ ପରମାତ୍ମାଙ୍କର ପୂର୍ଣ୍ଣକଳା ନେଇ ଅବତୀର୍ଣ୍ଣ ହୋଇଥାନ୍ତି । ଅଂଶାବତାରମାନେ ଆଂଶିକ କଳା ନେଇ ଆସିଥାନ୍ତି । ଏମାନଙ୍କ ବ୍ୟତୀତ ଲୀଳାବତାର ମଧ୍ୟ ଅଛନ୍ତି ।

ଭଗବାନ ଶ୍ରୀକୃଷ୍ଣ ଥିଲେ ପୂର୍ଣ୍ଣାବତାର । ଶ୍ରୀ ଶଙ୍କରାଚାର୍ଯ୍ୟ ଥିଲେ ଜଣେ ଅଂଶାବତାର ପୁରୁଷ । ମତ୍ସ୍ୟ, କୂର୍ମ, ନୃସିଂହ, ବାମନ, ବରାହ ଓ ରାମ ତଥା ଅନ୍ୟମାନେ ଥିଲେ ଲୀଳାବତାର ।

କୃଷ୍ଣ ଓ ରାମ ଥିଲେ ଭଗବାନ ବିଷ୍ଣୁଙ୍କର ଅବତାର, ଦକ୍ଷିଣାମୂର୍ତ୍ତି ଥିଲେ ଭଗବାନ ଶିବଙ୍କର ନରରୂପ । ଦତ୍ତାତ୍ରେୟ ଥିଲେ ବ୍ରହ୍ମା, ବିଷ୍ଣୁ ଓ ଶିବ—

ଏହି ତ୍ରିମୂର୍ତ୍ତିଙ୍କର ଅବତାର । ବ୍ରହ୍ମା, ବିଷ୍ଣୁ ଓ ଶିବ—ଏମାନେ ହେଉଛନ୍ତି ପରମାତ୍ମାଙ୍କର ତିନୋଟି ତତ୍ତ୍ୱ । ବ୍ରହ୍ମା ସୃଷ୍ଟି ତତ୍ତ୍ୱ, ବିଷ୍ଣୁ ପାଳନତତ୍ତ୍ୱ ଏବଂ ଶିବ ହେଉଛନ୍ତି ଧ୍ୱଂସତତ୍ତ୍ୱ । ହିନ୍ଦୁଧର୍ମରେ ବହୁ ଈଶ୍ୱରବାଦ ନାହିଁ; ବ୍ରହ୍ମା, ବିଷ୍ଣୁ, ଶିବ, ଶକ୍ତି ଇତ୍ୟାଦି ହେଉଛନ୍ତି ଏକ ପରମାତ୍ମାଙ୍କର ବିଭିନ୍ନ ତତ୍ତ୍ୱ ମାତ୍ର ।

ବିଷ୍ଣୁଙ୍କର ଦଶାବତାର— ଭାଗବତ ପୁରାଣ ହେଉଛି ଭଗବାନ ବିଷ୍ଣୁଙ୍କର ବିଭିନ୍ନ ଅବତାରର ଏକ ଘଟଣାନୁକ୍ରମିକ ବିବରଣୀ । ବିଷ୍ଣୁଙ୍କର ଦଶଟି ଅବତାର ଅଛନ୍ତି; କ୍ରମାନୁସାରେ ସେମାନେ ହେଲେ ମତ୍ସ୍ୟ, କୂର୍ମ ବା କଚ୍ଛପ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, ଶ୍ରୀକୃଷ୍ଣ, ବୁଦ୍ଧ ଏବଂ କଳ୍କି (କଳିଯୁଗ ଶେଷରେ ଯେଉଁ ମହାବୀର ଶ୍ୱେତଅଶ୍ୱ ଆରୋହଣ କରି ଆଗମନ କରିବେ) ।

ମତ୍ସ୍ୟ ଅବତାରର ଅଭିପ୍ରାୟ ଥିଲା ବୈବସ୍ୱତ ମନୁଙ୍କୁ ପ୍ରଳୟପୟୋଧି ଜଳର ଧ୍ୱଂସମୁଖରୁ ରକ୍ଷା କରିବା । ସେହି ପ୍ରଳୟ ଜଳର ପ୍ଳାବନରେ ଯେଉଁସବୁ ଅମୂଲ୍ୟ ନିଧି ନଷ୍ଟ ହୋଇଥିଲା, ସେ ସବୁର ପୁନରୁଦ୍ଧାର କାର୍ଯ୍ୟରେ ସହାୟତା ପ୍ରଦାନ କରିବା ଥିଲା କୂର୍ମ ଅବତାରର ଉଦ୍ଦେଶ୍ୟ । ଦେବ ଓ ଦାନବ ମିଶି ଯେତେବେଳେ କ୍ଷୀରସାଗର ମନ୍ଥନ କଲେ, ସେତେବେଳେ ମନ୍ଥନ ଦଣ୍ଡ ହୋଇଥିବା ମନ୍ଦର ପର୍ବତର ଭାର ନିଜର ପୃଷ୍ଠରେ ଗ୍ରହଣ କରିଥିଲେ ଅବତାର ଗ୍ରହଣ କରିଥିବା କଚ୍ଛପ । ଦୁଷ୍ଟ ଦାନବ ହିରଣ୍ୟାକ୍ଷ ଧରଣୀକୁ ହରଣ କରିନେଇ ସାଗରଗର୍ଭରେ ବୁଡ଼ାଇ-ଦେଇଥିଲା; ସେହି ଅଗାଧ ଜଳରୁ ଧରଣୀକୁ ଉଦ୍ଧାର କରିବା ଥିଲା ବରାହ ଅବତାରର ଉଦ୍ଦେଶ୍ୟ । ଅର୍ଦ୍ଧନର-ଅର୍ଦ୍ଧସିଂହରୂପଧାରୀ ନରସିଂହ ଅବତାରର ଉଦ୍ଦେଶ୍ୟ ଥିଲା ଜଗତକୁ ଭକ୍ତ ପ୍ରହ୍ଲାଦଙ୍କର ଦାନବ ପିତା ହିରଣ୍ୟକଶିପୁର ଅତ୍ୟାଚାରରୁ ରକ୍ଷା କରିବା । ରାଜା ବଳୀ ନିଜର ତପସ୍ୟା ବଳରେ ଦେବତାମାନଙ୍କର ଯେଉଁ ଶକ୍ତି ହରଣ କରିନେଇଥିଲେ, ତାହା ପୁନରୁଦ୍ଧାର କରିବାପାଇଁ ବିଷ୍ଣୁ ବାମନ ଅବତାର ଗ୍ରହଣ କରିଥିଲେ । କ୍ଷତ୍ରିୟ ଶାସକମାନଙ୍କର ଅତ୍ୟାଚାରରୁ ଧରିତ୍ରୀକୁ ମୁକ୍ତ କରିବା ଥିଲା ପରଶୁରାମ ଅବତାରର ଲକ୍ଷ୍ୟ; ପରଶୁରାମ କ୍ଷତ୍ରିୟମାନଙ୍କୁ ପୃଥିବୀରୁ ଏକୋଇଶିଥର ନିର୍ମୂଳ କରିଦେଇଥିଲେ । ରାମ ଅବତାରରେ ପ୍ରଭୁ ଦୁଷ୍ଟ ଦାନବ ରାବଣକୁ ନିପାତ କରିଥିଲେ । ଶ୍ରୀକୃଷ୍ଣ ଅବତାରର ଉଦ୍ଦେଶ୍ୟ ଥିଲା କଂସାଦି ରାକ୍ଷସମାନଙ୍କୁ ନିପାତ କରିବା, ଗୀତାର ମହାନ ବାଣୀ ପ୍ରଦାନ କରିବା ତଥା ଭାରତୀୟ ଭକ୍ତିବାଦର କେନ୍ଦ୍ରସ୍ଥଳରେ ଅଧିଷ୍ଠିତ ହେବା । ବୁଦ୍ଧାବତାରରେ ପ୍ରଭୁ ପଶୁବଳି ନିଷେଧ କରାଇଥିଲେ । କଳିଯୁଗର ଶେଷରେ ଅବତୀର୍ଣ୍ଣ ହେବାକୁ

ଥିବା କଲ୍କୀ ଅବତାରର ଅଭିପ୍ରାୟ ହେଉଛି ଜଗତରୁ ଦୁଷ୍ଟ ଦୁରାଚାରୀମାନଙ୍କୁ ବିନାଶ କରି ସତ୍ୟର ପୁନଃପ୍ରତିଷ୍ଠା କରିବା ।

ବିଭିନ୍ନ ଅବତାରରେ ଭଗବାନଙ୍କର ବିବିଧ କଳାର ପ୍ରକାଶ— ପ୍ରାଚୀନ ମୁନିଋଷିଗଣ ଭଗବତ ତତ୍ତ୍ୱର ବ୍ୟାଖ୍ୟା କରି କହିଯାଇଛନ୍ତି ଯେ, ବିଶ୍ୱନିୟନ୍ତା ପରମେଶ୍ୱର ଷୋଳଟି କଳାରେ ବିଭୂଷିତ ହୋଇ ପ୍ରକାଶିତ ହୁଅନ୍ତି । ସେଥିରୁ ଗୋଟିଏ ମାତ୍ର କଳା ଉଦ୍ଭିଦ ଜଗତରେ ପ୍ରକାଶିତ ହୁଏ ଏବଂ ପଶୁପକ୍ଷୀ ଜଗତରେ ପ୍ରକାଶିତ ହୁଏ ଦୁଇଟି କଳା । ବନ୍ୟମନୁଷ୍ୟଠାରୁ ଆରମ୍ଭ କରି ସୁବିକଶିତ ମନୁଷ୍ୟ ପର୍ଯ୍ୟନ୍ତ ସମାଜର ବିଭିନ୍ନ ସ୍ତରଭେଦରେ ଭଗବାନଙ୍କର ଅନ୍ୟୁନ ପାଞ୍ଚଟିଠାରୁ ଆରମ୍ଭ କରି ଅତ୍ୟଧିକ ଆଠଟି ପର୍ଯ୍ୟନ୍ତ କଳା ମନୁଷ୍ୟମାନଙ୍କଠାରେ ପ୍ରକାଶ ପାଇଥାଏ । ଭଗବାନ ତାଙ୍କର ବିଭିନ୍ନ ଅବତାରରେ ଅନ୍ୟୁନ ନଅଟିରୁ ଆରମ୍ଭ କରି ସମସ୍ତ ଷୋଳଟି ପର୍ଯ୍ୟନ୍ତ ସ୍ୱକୀୟ କଳା ଧାରଣ କରିଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଥିଲେ ଷୋଡ଼ଶ-କଳାଧାରୀ ପୂର୍ଣ୍ଣ ଅବତାର । ଭଗବାନ ନିଜର ଚଉଦଟି କଳା ଧରି ରାମ ଅବତାର ଗ୍ରହଣ କରିଥିଲେ । ନିଜର ଆଧ୍ୟାତ୍ମିକ ଗୁରୁମାନଙ୍କ ବିଷୟ ବର୍ଣ୍ଣନା କଲାବେଳେ ବ୍ରହ୍ମବାଦୀମାନେ ସପ୍ତକଳା, ଦ୍ୱାଦଶକଳା ଇତ୍ୟାଦିରେ ଉଲ୍ଲେଖ ମଧ୍ୟ କରିଥାନ୍ତି ।

ଅବତାର ପୁରୁଷଙ୍କର ଦିବ୍ୟରୂପ— କେତେକ ଲୋକ କହନ୍ତି, "ଭଗବାନ କୃଷ୍ଣ ତ ଜନ୍ମ ହୋଇଥିଲେ ଏବଂ ମରିଥିଲେ; ତେଣୁ ସେ ଜଣେ ସାଧାରଣ ମନୁଷ୍ୟ; ଆମେ ତାଙ୍କୁ ପରମାତ୍ମା ବା ଭଗବାନ ବୋଲି କିପରି ଗ୍ରହଣ କରିବୁ ? ଏହା ଭୁଲ୍ କଥା । ଏହାକୁ ବାଳକ ସୁଲଭ ଅଜ୍ଞତା ଭିନ୍ନ ଅନ୍ୟ କିଛି ବୋଲିପାରି ନ ପାରେ । ଲୋକସଂଗ୍ରହପାଇଁ, ଜଗତଜନଙ୍କର ମଙ୍ଗଳ ବିଧାନପାଇଁ ତଥା ଜନ-ସମାଜରେ ସତ୍ୟର ପ୍ରତିଷ୍ଠାପାଇଁ ଭଗବାନ ଶ୍ରୀକୃଷ୍ଣ କେବଳ ସାମୟିକଭାବରେ ପ୍ରକଟ ହୋଇଥିଲେ ଏବଂ କାର୍ଯ୍ୟ ସମାପନ କରି ସେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ । ସେ ଯେ ସ୍ୱୟଂ ଭଗବାନ ଶ୍ରୀହରି, ସେଥିରେ କୌଣସି ସନ୍ଦେହ ନାହିଁ ।

ପ୍ରଭୁ ଶ୍ରୀରାମ ତ ଥିଲେ ସର୍ବଲୋକପାଳକ ଅନ୍ତର୍ଯ୍ୟାମୀ ପରମାତ୍ମା । ସେ ଥିଲେ ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ ଓ ସର୍ବବ୍ୟାପୀ । ସେ ଶ୍ରୀହରି । ତାଙ୍କର ଜନ୍ମ ନ ଥିଲା କି ମୃତ୍ୟୁ ନ ଥିଲା । ହରି କେବଳ ଲୋକସଂଗ୍ରହ ନିମନ୍ତେ ରାମରୂପରେ ପ୍ରକଟ ହୋଇ କାର୍ଯ୍ୟଶେଷରେ ଅପ୍ରକଟ ହୋଇଯାଇଥିଲେ ।

ପ୍ରଭୁ ରାମ ଓ ପ୍ରଭୁ କୃଷ୍ଣଙ୍କର ରକ୍ତମାଂସର ମରଣଶୀଳ ଶରୀର ନ ଥିଲା । ସେମାନଙ୍କର ଶରୀର ପଞ୍ଚଭୂତରୁ ଉତ୍ପନ୍ନ ହୋଇ ନଥିଲା । ସାଧାରଣ ଚକ୍ଷୁକୁ ରକ୍ତମାଂସର

ଶରୀରପରି ଦେଖାଯାଉଥିଲେ ମଧ୍ୟ ତାହାର ଥିଲା ଚିନ୍ମୟଶରୀର । ଯୋଗୀଜନଙ୍କପରି ପ୍ରକଟ ହୋଇ କିଛି କାଳ ପରେ ସେମାନେ ଅପ୍ରକଟ ହୋଇଯାଇଥିଲେ । ସେମାନେ ଇହସଂସାରରେ ଦେହତ୍ୟାଗ କରି ନ ଥିଲେ । ସେମାନଙ୍କର ଦେହର ବିନାଶ ନାହିଁ । ଅନ୍ୟମାନଙ୍କପାଇଁ ପୋଷାକ ତିଆରି କରୁଥିବା ଦରଜି ଯେପରି ତା ନିଜପାଇଁ ମଧ୍ୟ ପୋଷାକ ତିଆରି କରିପାରେ, ଅନ୍ୟମାନଙ୍କପାଇଁ ଶରୀର ସୃଷ୍ଟି କରୁଥିବା ଭଗବାନ ସେହିପରି ନିଜପାଇଁ ମଧ୍ୟ ଏକ ଶରୀର ସୃଷ୍ଟି କରିପାରନ୍ତି । ଏଥିପାଇଁ ତାଙ୍କୁ କଷ୍ଟ ସହିବାକୁ ପଡେ ନାହିଁ । ସେ ସର୍ବଦ୍ରଷ୍ଟା, ସର୍ବଶକ୍ତିମାନ । ସେ ତ ମାୟାଧର; ମାୟା ତାଙ୍କର ଅଧୀନ; ତେଣୁ ନରଦେହ ଧାରଣ କରିଥିଲେ ମଧ୍ୟ ସେ ନିଜର ଦିବ୍ୟସ୍ୱରୂପ ବିଷୟରେ ପୂର୍ଣ୍ଣସଚେତନ ରହିଥାଆନ୍ତି । ସାନ୍ତ ଦେହ ଧାରଣ କରି ମଧ୍ୟ ସେ ଅନନ୍ତ, ଅସୀମିତ ।

ବନ୍ଦୀଶାଳାର କାର୍ଯ୍ୟ ତଦାରଖ କରିବାପାଇଁ ବେଳେବେଳେ ସ୍ୱୟଂ ରାଜା ବନ୍ଦୀଶାଳାକୁ ଯାଇ ବନ୍ଦୀଗୃହରେ ପ୍ରବେଶ କରିଥାନ୍ତି । ତାଙ୍କର ସେହି ପ୍ରବେଶର ଉଦ୍ଦେଶ ହେଲା ବନ୍ଦୀମାନଙ୍କର ମଙ୍ଗଳବିଧାନ । ସେ ସମ୍ପୂର୍ଣ୍ଣ ସ୍ୱାଧୀନ, ତଥାପି ସେ ସ୍ୱଇଚ୍ଛାରେ ବନ୍ଦୀଗୃହରେ ପ୍ରବେଶ କରିଥାନ୍ତି । ଠିକ୍ ସେହିପରି ଲୋକମାନଙ୍କର ଉନ୍ନତି ନିମନ୍ତେ ଭଗବାନ ସ୍ୱଇଚ୍ଛାରେ ଅବତାର ଗ୍ରହଣ କରି ଦେହ ଧାରଣ କରନ୍ତି । ସେ ରାଜାଙ୍କପରି ସମ୍ପୂର୍ଣ୍ଣ ସ୍ୱାଧୀନ ଏବଂ ମାୟା ତାଙ୍କର ସମ୍ପୂର୍ଣ୍ଣ ଆୟତ୍ତାଧୀନ, କିନ୍ତୁ ଆତ୍ମସାକ୍ଷାତ୍କାର ନ କଲା ପର୍ଯ୍ୟନ୍ତ ଜୀବ ମାୟାର ଅଧୀନ ।

ଅବତାରମାନଙ୍କ ସହିତ ସମ୍ପର୍କ ସ୍ଥାପନ— ଉପଯୁକ୍ତ ଯୋଗ୍ୟତାର ଅଧିକାରୀ ନ ହୋଇ ମଧ୍ୟ କେତେକ ଲୋକ ଅବତାର ପୁରୁଷମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ଲାଳାୟିତ ହୁଅନ୍ତି । କିନ୍ତୁ ଜଣେ ଅବତାରପୁରୁଷ ଆପଣଙ୍କ ସମକ୍ଷରେ ଦଣ୍ଡାୟମାନ ହେଲେ ମଧ୍ୟ ଆପଣ ତାଙ୍କୁ ଚିହ୍ନିପାରିବେ ନାହିଁ । ଆପଣଙ୍କ ଚକ୍ଷୁରେ ତାଙ୍କୁ ଦେଖିବାର ଶକ୍ତି ନାହିଁ । ତେଣୁ ତାଙ୍କୁ ଦେଖି ମଧ୍ୟ ଆପଣ ଭାବିବେ ଯେ, ସେ ଜଣେ ସାଧାରଣ ମନୁଷ୍ୟ । ଭଗବାନ ଶ୍ରୀକୃଷ୍ଣଙ୍କର ଦିବ୍ୟତ୍ୱ ଦର୍ଶନ କରିବାକୁ କେତେଜଣ ଲୋକ ସମର୍ଥ ହୋଇଥିଲେ ? ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ— ଏମାନଙ୍କ ଭିତରୁ କିଏସେ ତାଙ୍କୁ ଶ୍ରୀହରିଙ୍କ ଅବତାର ବୋଲି ଚିହ୍ନିପାରିଥିଲେ ? ଭୀଷ୍ମଙ୍କପରି ମାତ୍ର ଅଳ୍ପ କେତେଜଣ ଲୋକ ତାଙ୍କୁ ଅବତାରପୁରୁଷ ବୋଲି ଚିହ୍ନି-ପାରିଥିଲେ । ତେଣୁ ଭଗବାନ କହିଛନ୍ତି, "ମୂଢମାନେ ମୋର ମନୁଷ୍ୟ ରୂପକୁ ଅନାଦର କରନ୍ତି କାରଣ ସେମାନେ ମୋର ପରମତତ୍ତ୍ୱ ଓ ସର୍ବଶକ୍ତିମାନ ସ୍ୱରୂପ ବିଷୟରେ ଅନଭିଜ୍ଞ ।"

ଜଣେ ସନ୍ତ ହିଁ ଅନ୍ୟ ଜଣେ ସନ୍ତଙ୍କୁ ଚିହ୍ନିପାରନ୍ତି । ଜଣେ ଶିଶୁହିଁ ଅନ୍ୟ ଜଣେ ଶିଶୁଙ୍କୁ ଚିହ୍ନିପାରନ୍ତି । ଜଣେ ସାଧାରଣ ରୋଗୀ ଜଣେ କୃତବିଦ୍ୟ ଡ଼ାକ୍ତରଙ୍କ ମହିମା ବାସ୍ତବରେ କଣ ଜାଣିପାରିବ ଭଲା ?

ନବଦୀକ୍ଷିତ ଅର୍ଥାତ୍ ଆଧ୍ୟାତ୍ମିକ ମାର୍ଗରେ ପ୍ରବେଶ କରୁଥିବା ବ୍ୟକ୍ତି ନିଜକୁ ଧୀରେ ଧୀରେ ପ୍ରସ୍ତୁତ କରିବାକୁ ପଡ଼ିବ । ବିଭିନ୍ନ ଉପଗୁରୁଙ୍କଠାରୁ ଆଧ୍ୟାତ୍ମିକ ଉପଦେଶ ଗ୍ରହଣ କରି ସେଗୁଡ଼ିକୁ ନିଷ୍ଠାର ସହିତ ପାଳନ କରିବାକୁ ପଡ଼ିବ । ବ୍ରହ୍ମନିଷ୍ଠ ଗୁରୁଙ୍କ ସନ୍ନିଧାନକୁ ଯିବାପାଇଁ, ଧ୍ୟାନାଭ୍ୟାସ କରିବାପାଇଁ ଏବଂ ଧ୍ୟାନସ୍ଥ ହୋଇ ଭଗବତ୍ ଦର୍ଶନ କରିବାପାଇଁ ସେ ନିଜକୁ ପ୍ରସ୍ତୁତ କରିବାକୁ ପଡ଼ିବ ।

ଆପଣ ଯଦି ସାଧନ ଚତୁଷ୍ଟୟରେ ସମ୍ପନ୍ନ ହୋଇପାରନ୍ତି, ଯଦି ଆପଣଙ୍କଠାରେ ରାଜା ଭର୍ତ୍ତୃହରିଙ୍କପରି ବା ଭଗବାନ ବୁଦ୍ଧଙ୍କପରି ଜ୍ୱଳନ୍ତ ବୈରାଗ୍ୟ ଜାତ ହୋଇଯାଏ, ଆପଣଙ୍କଠାରେ ଯଦି ଉଜ୍ଜୟିନୀର ଅବନ୍ତୀ ବ୍ରାହ୍ମଣଙ୍କପରି ଧୈର୍ଯ୍ୟ ଓ ସହିଷ୍ଣୁତା ଥାଏ, ଆପଣଙ୍କର ଯଦି ତୋଟକ ଓ ପଦ୍ମପାଦଙ୍କପରି ଗୁରୁଭକ୍ତି ଓ ଗୁରୁନିଷ୍ଠା ଥାଏ, ତାହାହେଲେ ଆପଣ ଏହିକ୍ଷଣି, ଏହି ମୁହୂର୍ତ୍ତରେ ଅବତାରପୁରୁଷମାନଙ୍କ ସହିତ, ମୁନିଋଷିମାନଙ୍କ ସହିତ ସାକ୍ଷାତ୍ ଲାଭ କରିପାରିବେ ।

କଣ ଆପଣ ଫ୍ଲୋରେନ୍ସ ନାଇଟିଙ୍ଗେଲଙ୍କପରି ସେବା କରିପାରିବେ ? ଆପଣ କଣ ସମ୍ମୁଖରଣକ୍ଷେତ୍ରର ସୈନିକପରି ଆତ୍ମବଳି ହୋଇପାରିବେ ? ଆପଣ କଣ ରନ୍ତିଦେବଙ୍କପରି ବଦାନ୍ୟ ଉଦାର ହୋଇପାରିବେ ? ଆପଣ କଣ ଭକ୍ତିରେ ଉଦ୍‌ବେଳିତ ହୋଇ ଭକ୍ତମୀରାଙ୍କପରି ବିନିଦ୍ର ରଜନୀ ଯାପନ କରିପାରିବେ ? ଆପଣ କଣ ଧ୍ରୁବଙ୍କପରି ଦୃଢ଼ ତପସ୍ୟା କରିପାରିବେ ? ଆପଣ କଣ ମନ୍‌ସୁର ବା ସାମସ୍ ତବ୍‌ରେଜ୍‌ଙ୍କପରି ନିଜ ଧର୍ମନିଷ୍ଠାରେ ଅଟଳ ରହିପାରିବେ ? ଆପଣ କଣ ସିନ୍ଧୁନଦୀ କୂଳରେ ମହାବୀର ଆଲେକ୍‌ଜାଣ୍ଡରଙ୍କୁ ସାକ୍ଷାତ କରିଥିବା ସେହି ସନ୍ନ୍ୟାସୀଙ୍କପରି ନିର୍ଭୀକ ହୋଇପାରିବେ ?

ଏସବୁ ପ୍ରଶ୍ନପାଇଁ ଯଦି ଆପଣଙ୍କର ଉତ୍ତର 'ହଁ' ହୁଏ, ତେବେ ଏହି ମୁହୂର୍ତ୍ତରେ ଆପଣ ଆତ୍ମସାକ୍ଷାତ୍କାର ଲାଭ କରିବେ; ଅବତାର ପୁରୁଷମାନଙ୍କ ସହିତ ପୂର୍ଣ୍ଣଯୋଗୀମାନଙ୍କ ସହିତ ଏହି ମୁହୂର୍ତ୍ତରେ ଆପଣଙ୍କର ସମ୍ପର୍କ ସ୍ଥାପିତ ହୋଇଯିବ । ପ୍ରଥମେ ଯୋଗ୍ୟ ହୁଅନ୍ତୁ; ପରେ ଯାଚନା କରିବେ ।

ଅବତାର ପୁରୁଷମାନଙ୍କର ଉପାସନା ଦ୍ୱାରା ଭଗବତ୍ ପ୍ରାପ୍ତି— ଭଗବାନ ଶ୍ରୀକୃଷ୍ଣ ବା ଶ୍ରୀରାମଙ୍କପରି ଅବତାର ପୁରୁଷମାନଙ୍କୁ ଉପାସନା କରି ଆପଣ ଭଗବତ୍ ସାକ୍ଷାତ୍କାର ଲାଭ କରିପାରିବେ । ଏହି ମାର୍ଗରେ ଅନେକ ଭଗବାନଙ୍କର ଦର୍ଶନ ଲାଭ କରିସାରିଛନ୍ତି । ତୁକାରାମ, ରାମଦାସ, ସୁରଦାସ, ମୀରାବାଈ,

ତୁଳସୀଦାସ—ଏ ସମସ୍ତେ ଭଗବାନଙ୍କର ପ୍ରତ୍ୟକ୍ଷ ଦର୍ଶନ ଲାଭ କରିଛନ୍ତି । ସେମାନଙ୍କର ଭକ୍ତିରଚନାବଳି ସେମାନଙ୍କର ତୁଙ୍ଗ ଆଧ୍ୟାତ୍ମିକ ଉପଲବ୍‌ଧିର ଜ୍ୱଳନ୍ତ ପ୍ରମାଣ ।

ସକଳ ମନପ୍ରାଣ ଦେଇ ସର୍ବଦା ଭଗବାନ ଶ୍ରୀରାମ ବା ଭଗବାନ ଶ୍ରୀକୃଷ୍ଣଙ୍କର ଉପାସନା କରନ୍ତୁ । ଅନ୍ତର ଭିତରେ ସେମାନଙ୍କର ମହିମା କୀର୍ତ୍ତନ କରନ୍ତୁ । ଭଗବାନ ଅବିଲମ୍ବେ ଆପଣଙ୍କ ସମ୍ମୁଖରେ ପ୍ରକଟିତ ହେବେ । ଅପଣ ତାଙ୍କର ଉପସ୍ଥିତି ଉପଲବ୍‌ଧି କରିବେ । ଆପଣ ଅମର ଜୀବନ ଓ ନିତ୍ୟାନନ୍ଦ ଲାଭ କରିବେ ।

ଭଗବାନ ନିଜର ଭକ୍ତମାନଙ୍କ ସମ୍ମୁଖରେ ବିଭିନ୍ନରୂପରେ ପ୍ରକଟିତ ହୁଅନ୍ତି । ଭକ୍ତ ତାଙ୍କୁ ଯେଉଁ ରୂପରେ ଉପାସନା କରେ, ସେ ତାଙ୍କୁ ସେହି ରୂପରେ ଦର୍ଶନ ଦିଅନ୍ତି । ଆପଣ ଯଦି ତାଙ୍କୁ ଚତୁର୍ଭୁଜଧାରୀ ଶ୍ରୀହରିଙ୍କରୂପରେ ଉପାସନା କରିବେ, ତେବେ ସେ ଆପଣଙ୍କୁ ଶ୍ରୀହରିରୂପରେ ଦର୍ଶନ ଦେବେ । ଅପଣ ଯଦି ତାଙ୍କୁ ଭଗବାନ ଶିବରୂପରେ ଆରାଧନା କରିବେ, ସେ ଆପଣଙ୍କୁ ଶିବରୂପରେ ଦର୍ଶନ ଦେବେ । ଆପଣ ଯଦି ତାଙ୍କୁ ମାଆ ଦୁର୍ଗା ବା ମାଆ କାଳୀରୂପରେ ପୂଜାର୍ଚ୍ଚନା କରିବେ, ସେ ଆପଣଙ୍କୁ ଦୁର୍ଗା ବା କାଳୀରୂପରେ ଦର୍ଶନ ଦେବେ । ଆପଣ ଯଦି ତାଙ୍କୁ କୃଷ୍ଣ, ରାମ ବା ଦତ୍ତାତ୍ରେୟରୂପରେ ଉପାସନା କରିବେ, ତାହେଲେ ସେ କୃଷ୍ଣ, ରାମ ବା ଦତ୍ତାତ୍ରେୟରୂପରେ ଦର୍ଶନ ଦେବେ । ଆପଣ ଯଦି ତାଙ୍କୁ ଖ୍ରୀଷ୍ଟ ବା ଆଲ୍ଲାରୂପରେ ଉପାସନା କରିବେ, ତେବେ ସେ ଅପଣଙ୍କ ସମ୍ମୁଖରେ ଖ୍ରୀଷ୍ଟ ବା ଅଲ୍ଲାରୂପରେ ପ୍ରକଟିତ ହେବେ ।

ସମସ୍ତେ ସେହି ଏକ ଈଶ୍ୱର ବା ଏକ ପରମାତ୍ମାଙ୍କର ବିଭିନ୍ନ ତତ୍ତ୍ୱ । ଆପଣ ତାଙ୍କୁ ଯେ କୌଣସି ନାମରେ, ଯେ କୌଣସି ରୂପରେ ଆରାଧନା କରନ୍ତୁ ନା କାହିଁକି ତାହା ହେବ ସେହି ଏକ ଈଶ୍ୱରଙ୍କର ଆରାଧନା । ସକଳ ଉପାସନା ସେହି ଅନ୍ତର୍ଯ୍ୟାମୀପୁରୁଷ, ସେହି ପରମାତ୍ମାଙ୍କ ପାଦରେ ସମର୍ପିତ ହୁଏ । ଭଗବାନଙ୍କର ଏକ ରୂପକୁ ଅନ୍ୟ ରୂପଠାରୁ ଶ୍ରେଷ୍ଠତର ବୋଲି ଭାବିବା ଅଜ୍ଞତାମାତ୍ର । ସକଳ ରୂପ ଏକ ଓ ଅଭିନ୍ନ । ସକଳ ଭକ୍ତ ସେହି ଏକପରମାତ୍ମାଙ୍କୁ ଆରାଧନା କରନ୍ତି । ଯେଉଁ ପାର୍ଥକ୍ୟ ଦେଖାଯାଏ, ତାହା କେବଳ ଉପାସକର ପାର୍ଥକ୍ୟଜନିତ ନାମର ପାର୍ଥକ୍ୟ, ତାହା ଉପାସ୍ୟଙ୍କର ପାର୍ଥକ୍ୟ ନୁହେଁ ।

ଯଥାର୍ଥ ହିଁ ଶିଶୁ ବା କୃଷ୍ଣ ଅପଣଙ୍କର ହୃଦୟ ମଧ୍ୟରେ ଅଛନ୍ତି । ସେ ସେଠାରେ ନିତ୍ୟ ବାସ କରନ୍ତି । ସେ'ହିଁ ଅପଣଙ୍କର ଅନ୍ତର୍ବାସୀ ପୁରୁଷ । ସେ ଆପଣଙ୍କର ନିତ୍ୟସାଥୀ । ତାଙ୍କପରି ବନ୍ଧୁ ଆଉ ନାହିଁ । ତାଙ୍କୁ ହିଁ ଅବଲମ୍ବନ କରନ୍ତୁ । ତାଙ୍କର ଆଶ୍ରୟ ନିଅନ୍ତୁ । ତାଙ୍କର ସାକ୍ଷାତ ଲାଭ କରି ମୁକ୍ତ ପ୍ରାପ୍ତ ହୁଅନ୍ତୁ ।

କୃଷ୍ଣ

ଶୁଭ ମୁହୂର୍ତ୍ତ ଉପସ୍ଥିତ ହେଲା । ରୋହିଣୀ ନକ୍ଷତ୍ର ଅତ୍ୟୁଜ୍ଜ୍ୱଳ ହୋଇ ଝଲସୁ-ଥାଏ । ତାହାହିଁ ଥିଲା ବିଜୟ ମୁହୂର୍ତ୍ତ । ପ୍ରକୃତିର ଶକ୍ତିସକଳ ସେତେବେଳକୁ ଆନନ୍ଦ ଉତ୍ଫୁଲ୍ଲ । ବାୟୁ ଅତି ଶୁଭ ସଙ୍କେତ ନେଇ ପ୍ରବାହିତ ହେଉଥାଏ । ଆକାଶରେ ନକ୍ଷତ୍ରନିକର ଉଜ୍ଜ୍ୱଳ ଦେଖାଯାଉଥାନ୍ତି । ହ୍ରଦ ଓ ସରୋବର ପ୍ରସ୍ଫୁଟିତ କୁମୁଦରେ ପରିପୂର୍ଣ୍ଣ । ଭଗବାନ ଶ୍ରୀକୃଷ୍ଣ ମଧ୍ୟରାତ୍ରିର ସେହି ଶୁଭ ବିଜୟ ମୁହୂର୍ତ୍ତରେ ଧରାଧାମରେ ଅବତୀର୍ଣ୍ଣ ହେଲେ । ଦେବତାଗଣ ଦୁନ୍ଦୁଭି ବାଦନ କରିବାକୁ ଲାଗିଲେ । କିନ୍ନର ଓ ଗନ୍ଧର୍ବଗଣ ମଧୁର ସଙ୍ଗୀତ ଗାନ କଲେ । ସିଦ୍ଧ ଓ ଚାରଣଗଣ ବିଭୂଯଶ କୀର୍ତ୍ତନ କଲେ । ମୁନି, ଋଷି ଓ ଦେବଗଣଙ୍କ ସହିତ ମିଶି ଅପ୍ସରା ଓ ବିଦ୍ୟାଧରଗଣ ନୃତ୍ୟ କରିବାକୁ ଲାଗିଲେ । ଆନନ୍ଦବିହ୍ୱଳ ହୋଇ ସ୍ୱର୍ଗରୁ ପୁଷ୍ପବୃଷ୍ଟି ହେବାକୁ ଲାଗିଲା ।

ହୃଦୟରେ ଶ୍ରୀବତ୍ସ ଚିହ୍ନ ଓ ଚତୁର୍ଭୁଜରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ପଦ୍ମପଲାଶ ନୟନ ବିଷ୍ଣୁ ଧରାପୃଷ୍ଠରେ ଅବତୀର୍ଣ୍ଣ ହେଲେ । ସେହି ଦିବ୍ୟଶିଶୁକୁ ଦେଖିଦେଇ ବସୁଦେବ ବିମୁଗ୍ଧ ବିହ୍ୱଳ ହୋଇଗଲେ ।

ପ୍ରଭୁଙ୍କର ଗୁଣ କୀର୍ତ୍ତନ କରି ବସୁଦେବ ସ୍ତୁତି କଲେ, "ତୁମକୁ ତ ମୁଁ ପୁରୁଷୋତ୍ତମ ପରଂବ୍ରହ୍ମ ବୋଲି ଜାଣେ । ତୁମେ ଚିଦାନନ୍ଦ ମୂର୍ତ୍ତି । ତୁମେ ସକଳ ଲୋକର ହୃଦୟନିବାସୀ ଅନ୍ତର୍ଯାମୀ । ତୁମେ ମାୟା ଓ ଅବିଦ୍ୟାର ଉର୍ଦ୍ଧ୍ୱରେ ।"

ପୁତ୍ର ଅଙ୍ଗରେ ବିଷ୍ଣୁଙ୍କର ଚିହ୍ନମାନ ଦର୍ଶନ କରି ଦେବକୀ ସ୍ତୁତି କଲେ, "'ହେ ନାଥ ନିସ୍ତରିଲି ମୁହିଁ । ତୋହର ଆଦି-ଅନ୍ତ ନାହିଁ ।' ତୁମେ ଜ୍ୟୋତିସ୍ୱରୂପ, ତୁମେ ନିରୁପାଧି ନିରଞ୍ଜନ, ତୁମେ ଶାଶ୍ୱତ ସନାତନ । ତୁମେ ସକଳ ଲୋକର ସୃଷ୍ଟିକର୍ତ୍ତା ପୁଣି ସକଳ ଲୋକର ବିନାଶକର୍ତ୍ତା । କୃପା କରି ମୋତେ ଆଉ ଏ ଚତୁର୍ଭୁଜ ରୂପ ଦେଖାଅ ନାହିଁ । ଏହି ଦିବ୍ୟ ଦେବଅଗୋଚର ସୂକ୍ଷ୍ମରୂପ ପରିହାର କରିଦେଇ ମୋତେ 'ନର-ବାଳୁତ' ରୂପ ଦର୍ଶନ କରାଅ ପ୍ରଭୁ । 'ତୋ ରୂପ ନ ଜାଣନ୍ତି କେହି; କଂସକୁ ଡର ମୋର ହୋଇ' ।"

ଭଗବାନ ଆଶ୍ୱାସନା ଦେଇ କହିଲେ, "ତୁମେ ଦୁହେଁ ମୋତେ ପୁତ୍ର-ରୂପରେ ତଥା ପୁରୁଷୋତ୍ତମରୂପରେ ଧ୍ୟାନ କର; ତୁମେ ଶାଶ୍ୱତ ଆନନ୍ଦ ଓ ଅମରତ୍ୱ ପ୍ରାପ୍ତି ହେବ ।

ତାପରେ ଭଗବାନ ସ୍ୱୀୟ ମାୟାବଳରେ ସୁନ୍ଦର 'ନର-ବାଳକ' ରୂପ ଧାରଣ କଲେ ।

ପୂର୍ଣ୍ଣାବତାର— ଭଗବାନ ଶ୍ରୀକୃଷ୍ଣ ହେଉଛନ୍ତି ମହାବିଷ୍ଣୁଙ୍କର ଶ୍ରେଷ୍ଠତମ ଅବତାର । ସେ ହେଉଛନ୍ତି ପୂର୍ଣ୍ଣ ଅବତାର । ସେ ପରମେଶ୍ୱରଙ୍କର ସମସ୍ତ ଷୋଡ଼ଶକଳା ନେଇ ଅବତୀର୍ଣ୍ଣ ହୋଇଥିଲେ । ସେ ଥିଲେ ଗୌରବମୟ ଯାଦବ ବଂଶର ମହାନ ସନ୍ତାନ । ସେ ଥିଲେ ଜଗତର ଗୁରୁ । ସେ ଥିଲେ ପ୍ରେମର ଅବତାର । ନରଲୋକପ୍ରତି ତାଙ୍କଠାରେ ରହିଥିଲା ଅଗାଧ ସ୍ନେହ । ଆଜି ବି ତାଙ୍କର ସେହି ମୁରଲୀଧାରୀ ମୋହନମୂରତୀ ଭାରତର ଜନମନକୁ ବିମୁଗ୍‌ଧ ବିମୋହିତ କରି ରଖିଛି ।

ଶ୍ରୀକୃଷ୍ଣ ଅବତାରର ଉଦ୍ଦେଶ୍ୟ ଥିଲା ନିର୍ବିଧ— ଦୁଷ୍ଟଦାନବମାନଙ୍କୁ ବିନାଶ କରିବା, କୁରୁକ୍ଷେତ୍ରର ସଂଗ୍ରାମ ଭୂମିରେ ଅଧିନାୟକତ୍ୱ କରି ଗୀତାମୃତ ପ୍ରଦାନ କରିବା ଏବଂ ଭାରତରେ ଭକ୍ତିବାଦର ଅପୂର୍ବ ବିକାଶ କରାଇ ତାର କେନ୍ଦ୍ରରେ ଅଧିଷ୍ଠିତ ହେବା ।

କୃଷ୍ଣାବତାରର ଉଦ୍ଦେଶ୍ୟ ଯେ କେବଳ ଅଧର୍ମ ବିନାଶନ, ତାହା ନୁହେଁ; ଅଧର୍ମ ବିନାଶ କରିବା ସଙ୍ଗେ ସଙ୍ଗେ ଜଗତରେ ଭଗବତ୍‌ ମହିମା ପ୍ରଦର୍ଶନ କରିବା ମଧ୍ୟ ଏହି ଅବତାରର ଉଦ୍ଦେଶ୍ୟ ଥିଲା । ଶ୍ରୀକୃଷ୍ଣ ଥିଲେ ପରଂବ୍ରହ୍ମଙ୍କର ପ୍ରତୀକ ଓ ବିଶ୍ୱର ପରମନିୟନ୍ତାଙ୍କର ପୂର୍ଣ୍ଣବିକାଶ । ତାହାଙ୍କର ସୁବିନ୍ୟସ୍ତ ସୁସମଞ୍ଜସ ଜୀବନଧାରାରେ ପରମାତ୍ମାଙ୍କର ମହାନ ମହିମା ପରିପୂର୍ଣ୍ଣ ଭାବରେ ପ୍ରକଟିତ ହୋଇଛି ।

ଶ୍ରୀକୃଷ୍ଣଙ୍କର ଜୀବନକର୍ମରେ ଭଗବଦ୍‌ଗୀତା କାର୍ଯ୍ୟରେ ପ୍ରଦର୍ଶିତ ହୋଇ ଯାଇଛି । ତାଙ୍କଠାରେ ପରମ-ଜ୍ଞାନ ଓ ପରମ୍-କର୍ମକ୍ଷମତାର ଏକତ୍ର ସମାବେଶ ଘଟିଥିଲା ଏବଂ ସେହି ସମ୍ମିଶ୍ରଣ ତାଙ୍କୁ ସର୍ବଯୁଗର ପରମପୁରୁଷ କରି ଗଢି ଦେଇଛି । ତାଙ୍କଠାରେ ଜଗତର ମହାନାୟକଯୋଗ୍ୟ ସଦ୍‌ଗୁଣ-ଯୁଗଳ ଶ୍ରେଷ୍ଠତମ ବିଦ୍ୟା ଓ ଶ୍ରେଷ୍ଠତମ ବିନୟର ଏକତ୍ର ନିବାସ ଘଟିଥିଲା । ସେହି ଗୁଣ ଦୁଇଟି ତାଙ୍କର ସମସ୍ତ ଲୀଳାକାଳରେ ସକଳ କ୍ଷେତ୍ରରେ ପରସ୍ପରଠାରୁ ଅବିଚ୍ଛେଦ୍ୟ ହୋଇ ରହିଥିଲା ।

ଶ୍ରୀକୃଷ୍ଣ ଥିଲେ ଏକ ପୂର୍ଣ୍ଣତମ ନିଷ୍କଳଙ୍କ ଈଶ୍ୱର ପୁରୁଷ । ସେ ଏକାଧାରରେ ଥିଲେ କର୍ମଯୋଗୀ, ଭକ୍ତ, ରାଜଯୋଗୀ ଏବଂ ଜ୍ଞାନଯୋଗୀ । ସେ କର୍ମ, ଉପାସନା, ଯୋଗ ଓ ଜ୍ଞାନ ଶିକ୍ଷା ପ୍ରଚାର କରିଥିଲେ । ସେ ସମର ପ୍ରାଙ୍ଗଣରେ ସାରଥି ହୋଇଥିଲେ, ବୃନ୍ଦାବନର କୁଞ୍ଜକାନନରେ ଗୋପୀମାନଙ୍କ ସହିତ ନୃତ୍ୟ କରିଥିଲେ ଏବଂ ଉଦ୍ଧବ ଓ ଅର୍ଜୁନଙ୍କୁ ଜ୍ଞାନ ଶିକ୍ଷା ଦେଇଥିଲେ । ତାଙ୍କର ମୁଖନିଃସୃତ ଗୀତା ବା ଦିବ୍ୟ ସଙ୍ଗୀତରେ ଚାରିଟିଯାକ ଯୋଗର ସମନ୍ୱୟ ଘଟିଛି ।

ଭଗବାନ ଶ୍ରୀକୃଷ୍ଣ ଥିଲେ ଏକାଧାରରେ ମହାଜ୍ଞାନୀ,ମହାପ୍ରେମୀ ଓ ମହାକର୍ମୀ । ଜଗତରେ ଯେତେ ଧର୍ମଗ୍ରନ୍ଥ, ଯେତେ ପୁରାଣ ଇତିହାସ ରହିଛି, ସେଥିରୁ କୌଣସି-ଟିରେ ତାଙ୍କ ଜୀବନଠାରୁ ବଳି ଅଧିକ ପୂର୍ଣ୍ଣ, ଅଧିକ ରସାଣିତ, ଅଧିକ ରହସ୍ୟମୟ ଓ ଅଧିକ ଚମତ୍କାର କୌଣସି ଜୀବନରେ ଉଲ୍ଲେଖ ନାହିଁ ।

ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଉପଦେଶ ପ୍ରଦାନ କରିଥିଲେ, ତାହାହିଁ ଭଗବଦ୍‌ଗୀତାର ବିଷୟବସ୍ତୁ । ନିତ୍ୟ ପଠନପାଇଁ ଏହା ଏକ ଅଦ୍ଭୁତ ଅତୁଳନୀୟ ଗ୍ରନ୍ଥ । ସାଧକମାନେ ଅତି ଯତ୍ନ ଓ ଶ୍ରଦ୍ଧାର ସହିତ ପ୍ରତ୍ୟହ ଗୀତା ଅଧ୍ୟୟନ କରନ୍ତି । ଗୀତାର ପ୍ରଥମ ଛଅଟି ଅଧ୍ୟାୟରେ କର୍ମଯୋଗର ଚର୍ଚ୍ଚା କରାଯାଇଛି ଏବଂ ଏହି ପ୍ରଥମ ଅଂଶଟି 'ତତ୍ ତ୍ୱଂ ଅସି' ମହାବାକ୍ୟର 'ତତ୍' ପଦର ପ୍ରତୀକସ୍ୱରୂପ । ପରବର୍ତ୍ତୀ ଛଅଟି ଅଧ୍ୟାୟରେ ଭକ୍ତିଯୋଗର ଚର୍ଚ୍ଚା କରାଯାଇଛି ଏବଂ ଉକ୍ତ ଅଂଶଟି 'ତ୍ୱମ୍' ପଦର ପ୍ରତୀକସ୍ୱରୂପ । ଶେଷ ଛଅଟି ଅଧ୍ୟାୟରେ ଜ୍ଞାନଯୋଗର ଚର୍ଚ୍ଚା କରାଯାଇଛି ଏବଂ ତାହା ଉକ୍ତ ବାକ୍ୟର ଶେଷାଂଶ 'ଅସି' ପଦର ପ୍ରତୀକ ।

ସନ୍ଦୀପନୀମୁନିଙ୍କ ଅଧୀନରେ ଶିଷ୍ୟ-ଜୀବନ— ଶ୍ରୀକୃଷ୍ଣ ଅବନ୍ତୀ-ପୁରର ସନ୍ଦୀପନୀ ମୁନିଙ୍କଠାରୁ ବିଦ୍ୟା ଶିକ୍ଷା କରିଥିଲେ । ସେ ଜଣେ ସାଧାରଣ ବିଦ୍ୟାର୍ଥୀପରି ଗୁରୁଗୃହରେ ବାସ କରିଥିଲେ । ସେ ଅତ୍ୟନ୍ତ ନମ୍ର, ବିନୀତ ଓ ଆଜ୍ଞାବହ ଥିଲେ । ଗୁରୁଗୃହରେ ତାଙ୍କୁ ଶାରୀରିକ ପରିଶ୍ରମ କରିବାକୁ ପଡୁଥିଲା । ସେ ଗୁରୁଗୃହପାଇଁ ବଣରୁ ଜାଳେଣିକାଠ ମଧ୍ୟ ସଂଗ୍ରହ କରୁଥିଲେ । ନିଜର ସହପାଠୀ-ମାନଙ୍କୁ ସ୍ନେହ ଓ ପ୍ରେମ ଦ୍ୱାରା ସେ ଆନନ୍ଦନ-ଉତ୍‌ଫୁଲ୍ଲିତ କରି ରଖିଥିଲେ ।

ଶ୍ରୀକୃଷ୍ଣଙ୍କର ସ୍ମୃତିଶକ୍ତି ଥିଲା ଅତ୍ୟନ୍ତ ଅଦ୍ଭୁତ । ମାତ୍ର ଚଉଷଠିଦିନ ମଧ୍ୟରେ ସେ ଚଉଷଠିଟି କଳା ଆୟତ୍ତ କରିପାରିଥିଲେ ।

ଭଗବାନ ଶ୍ରୀକୃଷ୍ଣଙ୍କର ନିଃସ୍ୱାର୍ଥପର ଜୀବନର କାର୍ଯ୍ୟାବଳୀ—
ଶ୍ରୀକୃଷ୍ଣ ଥିଲେ କର୍ମବୀର । ସେ ଇତିହାସ ଯେପରି ସୃଷ୍ଟି କରିଥିଲେ, ଦୋଷନ୍ତୁଟି

ମଧ୍ୟ ସେହିପରି ସଂଶୋଧନ କରିଥିଲେ । ସେ ସର୍ବଦା ସତ୍ୟ ଓ ନ୍ୟାୟର ପକ୍ଷ ଗ୍ରହଣ କରୁଥିଲେ । ନିର୍ଯାତିତଙ୍କୁ ନିର୍ଯ୍ୟାତକର କବଳରୁ ରକ୍ଷା କରିବା ହିଁ ଥିଲା ତାଙ୍କର ସର୍ବକାଳୀନ ନୀତି ।

ଭଗବାନ କୃଷ୍ଣ ଥିଲେ ସର୍ବକାଳର ସର୍ବଶ୍ରେଷ୍ଠ କର୍ମଯୋଗୀ । ସେ ଜ୍ଞାନର ମହାଜ୍ୟୋତି ଉତ୍ତୋଳନ କରିଥିଲେ । ସେ ଥିଲେ ଜ୍ଞାନ ଓ ନିଃସ୍ୱାର୍ଥପର କର୍ମର ଏକ ଜ୍ୱଳନ୍ତ ପ୍ରତିମୂର୍ତ୍ତି ।

ଗୋ, ଗୋପାଳ ଓ ଗୋପିକାମାନଙ୍କପ୍ରତି ତାଙ୍କ ହୃଦୟରେ ଥିଲା ଅଗାଧ ପ୍ରେମ । ଦରିଦ୍ର ନିଃସହାୟମାନଙ୍କର ସେ ଥିଲେ ବନ୍ଧୁ ଓ ପୃଷ୍ଠପୋଷକ । ନମ୍ର ଓ ବିନୀତମାନଙ୍କପ୍ରତି ସେ ଥିଲେ ଅତ୍ୟନ୍ତ ଦୟାଶୀଳ, ଅତୀବ କ୍ଷମାପରାୟଣ ।

କଂସ-ରାଜସଭାର ମଲ୍ଲବୀରମାନଙ୍କପ୍ରତି ସେ ଥିଲେ କଠୋରତମ ବଜ୍ର କିନ୍ତୁ ମନୁଷ୍ୟରାଜ୍ୟରେ ତାଙ୍କଠାରେ ଥିଲା କୋମଳତମ ହୃଦୟ । ସେ ଥିଲେ ପିତାମାତାଙ୍କର ଆଦରର ସନ୍ତାନ, ଗୋପୀମାନଙ୍କର ଚିତ୍ତଚୋର କାମଦେବ, କଂସାସୁରର ଯମ, ଭକ୍ତ ଓ ଯୋଗୀଜନଙ୍କର ନିତ୍ୟଧ୍ୟେୟବସ୍ତୁ, ମୁନିଋଷିମାନଙ୍କର ଆନନ୍ଦ ଓ ସୁଖର ନିଧାନ । ପୁଣି ସେ ଥିଲେ କାମଦେବଙ୍କର କାମଦେବ ।

ଭଗବାନ କୃଷ୍ଣ ସମଗ୍ର ବିଶ୍ୱର ଅଧୀଶ୍ୱର ହୋଇ ମଧ୍ୟ ନମ୍ରତାର ଏକ ପ୍ରତିମୂର୍ତ୍ତି ଥିଲେ । ସେ ନିର୍ବିକାରରେ ଅର୍ଜ୍ଜୁନଙ୍କର ସାରଥୀ ହୋଇଥିଲେ । ଯୁଧିଷ୍ଠିରଙ୍କର ରାଜସୂୟ ଯଜ୍ଞ କାଳରେ ସେ ସ୍ୱତଃପ୍ରବୃତ୍ତ ହୋଇ ଆଗନ୍ତୁକମାନଙ୍କର ପାଦ ପ୍ରକ୍ଷାଳନ କରିବା ଦାୟିତ୍ୱ ଗ୍ରହଣ କରିନେଇଥିଲେ ।

ଜଣେ ମହାନ ରାଜନୀତିଜ୍ଞ— ଶ୍ରୀକୃଷ୍ଣ ଥିଲେ ଜଣେ ମହାନ ରାଜନୀତିଜ୍ଞ । ତାଙ୍କଠାରୁ ବଡ଼ ରାଜନୀତିଜ୍ଞ କେବେ କେଉଁଠି ଜନ୍ମ ହୋଇ ନାହାନ୍ତି । ସେ ଥିଲେ ମୁକ୍ତିର ସମର୍ଥକ ଏବଂ ଶାନ୍ତିର ପ୍ରତିଷ୍ଠାତା । ତାଙ୍କର ଦୂରଦୃଷ୍ଟି ଥିଲା ଅଦ୍ଭୁତ ଏବଂ ଦୃଷ୍ଟିକୋଣ ଥିଲା ଅତ୍ୟନ୍ତ ଉଦାର । ସୁବୃଷ୍ଟି ପାଇଁ ଲୋକରେ ପ୍ରଚଳିତ ଇନ୍ଦ୍ରପୂଜା ବିରୁଦ୍ଧରେ ସେ ଯେତେବେଳେ ସ୍ୱର ଉତ୍ତୋଳନ କଲେ, ସେତେବେଳକୁ ସେ ସାମାନ୍ୟ ବାଳକ କିନ୍ତୁ ସେହି ବାଲ୍ୟକାଳରେହିଁ ସେ ଲୋକଙ୍କୁ ଧର୍ମର ପ୍ରକୃତ ତାତ୍ପର୍ଯ୍ୟ ଓ ସାରତତ୍ତ୍ୱ ଶିକ୍ଷା ଦେଇଥିଲେ ।

ଶ୍ରୀକୃଷ୍ଣ ଥିଲେ ରାଜସଂସ୍ଥାପକ । ସେ ନିଜେ ଦ୍ୱାରକାନଗର ପ୍ରତିଷ୍ଠା କରିଥିଲେ ସେ ଥିଲେ ସେ ଯୁଗର ସର୍ବଶ୍ରେଷ୍ଠ ପ୍ରତିଭାସମ୍ପନ୍ନ ବ୍ୟକ୍ତି । ସେ ଥିଲେ ଜଣେ ଅତୁଳନୀୟ ଐତିହାସିକ ପୁରୁଷ ।

କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଯେଉଁ ମହାଯୁଦ୍ଧ ଲାଗିବାକୁ ଯାଉଥିଲା, ସେହି ଯୁଦ୍ଧ ଲଗାଇ ନ ଦେବା ଉଦ୍ଦେଶ୍ୟରେ ତାଙ୍କୁ ଶାନ୍ତି-ସଂସ୍ଥାପକରୂପେ ନିଯୁକ୍ତ କରାଯାଇଥିଲା । ମଧ୍ୟସ୍ଥତା କରିବାକୁ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ କୌରବମାନଙ୍କ ନିକଟକୁ ପ୍ରେରଣ କରିଥିଲେ । ଦୁର୍ଯ୍ୟୋଧନଙ୍କ ସମ୍ମୁଖରେ ସେ ସୁଦୀର୍ଘ ସଦ୍‌ଜ୍ଞାନପୂର୍ଣ୍ଣ ପରାମର୍ଶ ପ୍ରଦାନ କରିଥିଲେ । ଦୁର୍ଯ୍ୟୋଧନଙ୍କ ରାଜସଭାରେ ସେ ଯେଉଁ ରୋମାଞ୍ଚକର ହୃଦୟସ୍ପର୍ଶୀ ଭାଷଣ ଦେଇଥିଲେ, ସେଥିରୁ ହିଁ ପୂର୍ଣ୍ଣପ୍ରମାଣ ମିଳିଯାଏ ଯେ, ଶ୍ରୀକୃଷ୍ଣ ଥିଲେ ଶ୍ରେଷ୍ଠତମ ରାଜନୀତିଜ୍ଞ । ସେ ଦୁର୍ଯ୍ୟୋଧନଙ୍କୁ କହିଥିଲେ, "ହେ ଭରତବଂଶର ଅଧୀଶ୍ୱର, ପାଣ୍ଡବମାନେ ଜ୍ଞାନୀ, ସାହସୀ ଓ ନ୍ୟାୟପରାୟଣ; ଆପଣ ସେମାନଙ୍କ ସହିତ ଶାନ୍ତି ସ୍ଥାପନ କରନ୍ତୁ । ବନ୍ଧୁବର୍ଗରେ କହନ୍ତୁ, ସ୍ୱଜନ ବର୍ଗରେ କହନ୍ତୁ, ସମଗ୍ର ସଂସାରରେ ଶାନ୍ତି ହିଁ ଆନନ୍ଦ ପ୍ରଦାନ କରେ । ଯେଉଁମାନେ ବନ୍ଧୁମାନଙ୍କର ସୁପରାମର୍ଶ ଅନୁଯାୟୀ କାର୍ଯ୍ୟ କରନ୍ତି ନାହିଁ, ସେମାନଙ୍କୁ ପରିଶେଷରେ ଦୁଃଖ ଓ ବିନାଶ ବରଣ କରିବାକୁ ପଡ଼େ ।"

ଶ୍ରୀକୃଷ୍ଣଙ୍କର ରାଜନୈତିକ ଦୂରଦୃଷ୍ଟି ଓ ବିଜ୍ଞ ରାଜନୀତିକୁ ସେ କାଳର ଶ୍ରେଷ୍ଠତମ ଦକ୍ଷ ଶାସକଗଣ ମଧ୍ୟ ପ୍ରଶଂସା କରୁଥିଲେ । ତେଣୁ ରାଜା ଓ ଶାସକଗଣ ତାଙ୍କଠାରୁ ବିଜ୍ଞ ପରାମର୍ଶ ଗ୍ରହଣ କରୁଥିଲେ ।

ଯୋଗୀଶ୍ୱର— ଆକାଶରେ କେତୋଟି ତାରା ଅଛି ବା ସମୁଦ୍ରକୂଳରେ କେତୋଟି ବାଲିକଣା ଅଛି, ତାହା ଗଣି କହିଦେବା ସମ୍ଭବ ହୋଇପାରେ କିନ୍ତୁ ତ୍ରିଭୁବନର ଅଧୀଶ୍ୱର ପ୍ରଭୁ ଶ୍ରୀକୃଷ୍ଣଙ୍କର ଚମତ୍କାର ଓ ବୀରୋଚିତ କର୍ମ ତଥା ଗୌରବମୟ କୀର୍ତ୍ତିକଳାପର ସଂଖ୍ୟା ଗଣନା କରି କହିଦେବା ସମ୍ଭବ ନୁହେଁ ।

ପ୍ରଭୁଙ୍କର ଶୈଶବକାଳ ତ ଅସଂଖ୍ୟ ଅଲୌକିକ ଘଟଣାବଳୀରେ ପୂର୍ଣ୍ଣ । ଶିଶୁ ଅବସ୍ଥାରେ ହାଇ ମାରିବାବେଳେ ମାତା ଯଶୋଦାଙ୍କୁ ସେ ନିଜ ମୁହଁ ଭିତରେ ବିଶ୍ୱରୂପ ଦେଖାଇଥିଲେ । ସେହି ପିଲାଟିବେଳେ ସେ ଯମଳାର୍ଜ୍ଜୁନ ଭଞ୍ଜନ କରିପାରିଥିଲେ । କାଳୀୟନାଗର ଫଣାରେ ଚଢ଼ି ନୃତ୍ୟ କରୁ କରୁ କାଳୀୟଦଳନ କରିଥିଲେ । 'ଇନ୍ଦ୍ର ସପତ ଦିନ ବୃଷ୍ଟି କଲା, କୃଷ୍ଣ ଥିବାରୁ କିଛି ନ ବାଧିଲା'— ବାଲ୍ୟକାଳରେ ଗିରିଗୋବର୍ଦ୍ଧନ ଟେକି ସେ ଇନ୍ଦ୍ରଙ୍କ କୋପରୁ ଗୋକୁଳକୁ ରକ୍ଷା କରିଥିଲେ ।

କୃଷ୍ଣଙ୍କର ବାଲ୍ୟକାଳରେ ବ୍ରହ୍ମା ଯେତେବେଳେ ଗୋଗୋବତ୍ସମାନଙ୍କୁ ଲୁଚାଇଦେଲେ, କୃଷ୍ଣ ସେତେବେଳେ ବହୁବିଧ ରୂପ ଧାରଣ କରିଥିଲେ । ରାସ-ଲୀଳାରେ ସେ ଅଗଣିତ-ରୂପଧାରୀ ଅସଂଖ୍ୟ ପୁରୁଷରୂପେ ଆତ୍ମପ୍ରକାଶ କରିଥିଲେ ।

ଏସବୁ କରିପାରିବା କୌଣସି ମନୁଷ୍ୟ ପକ୍ଷରେ କେବେ ସମ୍ଭବ କି ? ଏପରି ଅଲୌକିକ କାର୍ଯ୍ୟ କରିବା କେବଳ ଜଣେ ଯୋଗେଶ୍ୱରଙ୍କ ପକ୍ଷରେ ହିଁ ସମ୍ଭବ ।

ଅନ୍ଧ ବିଲ୍ୱମଙ୍ଗଳଙ୍କୁ ସେ ଚକ୍ଷୁ ପ୍ରଦାନ କରିଥିଲେ । ଦ୍ରୌପଦୀଙ୍କୁ ସେ ଅନନ୍ତ-ବସ୍ତ୍ର ପ୍ରଦାନ କରିଥିଲେ । ଅର୍ଜ୍ଜୁନଙ୍କୁ ସେ ଦିବ୍ୟଦୃଷ୍ଟି ପ୍ରଦାନ କରିଥିଲେ ।

ତ୍ରିଭୁବନର ପରମେଶ୍ୱର ବିଶ୍ୱନନ୍ଦନ ଯୋଗୀଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କର ମହିମା ବର୍ଣ୍ଣନା କରିବାକୁ କିଏ ବା ସକ୍ଷମ ? ପ୍ରଭୁ ଶ୍ରୀକୃଷ୍ଣ କଣିକାଏ ଅନ୍ନ ଖାଇଦେବାକ୍ଷଣି ଦୁର୍ବାସାଙ୍କ ସମେତ ତାହାଙ୍କର ଅଗଣିତ ଶିଷ୍ୟଙ୍କର ପ୍ରବଳ କ୍ଷୁଧା ନିବାରିତ ହୋଇଗଲା । କେବଳ ଏହି ଗୋଟିଏ ଘଟଣାରୁ ସ୍ପଷ୍ଟ ପ୍ରମାଣିତ ହୋଇଯାଏ ଯେ, ଭଗବାନ କୃଷ୍ଣ ହିଁ ଏକ ଆତ୍ମା, ଯେ କି ସକଳ ଘଟରେ ବିରାଜିତ ହୋଇଛନ୍ତି ।

ଶ୍ରୀକୃଷ୍ଣ ତ ଜଣେ, ସେ ଷୋଳ ସହସ୍ର ସ୍ତ୍ରୀଙ୍କୁ ଧରି କିପରି ସୁଖରେ ବୈବାହିକ ଜୀବନ ଯାପନ କରିପାରୁଛନ୍ତି, ତାହା ଜାଣିବାଲାଗି ଥରେ ମହର୍ଷି ନାରଦଙ୍କ ମନରେ କୌତୁହଳ ଜାଗ୍ରତ ହେଲା । ସେ ସେହି ସ୍ତ୍ରୀମାନଙ୍କର ନଅର ବୁଲି ଦେଖନ୍ତି ତ, ପ୍ରତ୍ୟେକ ନଅରରେ ଶ୍ରୀକୃଷ୍ଣ ଉପସ୍ଥିତ ରହି ବିବିଧ ଗୃହ-କର୍ମରେ ବ୍ୟାପୃତ ଅଛନ୍ତି । କି ଆଶ୍ଚର୍ଯ୍ୟର କଥା ନୁହେଁ । ନାରଦ ସେହି ଦୃଶ୍ୟ ଦେଖି ସ୍ତମ୍ଭୀଭୂତ ହୋଇଗଲେ । ଶ୍ରୀକୃଷ୍ଣ ହିଁ ଯେ ଯୋଗୀଶ୍ୱର ଏବଂ ସେ ହିଁ ଯେ ଶ୍ରୀହରି ନାରାୟଣ, ଏଥିରୁ କଣ ସେତିକି ପ୍ରମାଣ ମିଳୁ ନାହିଁ ?

ଶ୍ରୀକୃଷ୍ଣ ହେଉଛନ୍ତି ସକଳ ଜୀବଙ୍କର ଅଧୀଶ୍ୱର ! ବସ୍ତୁତଃ ସେ' ହିଁ ସକଳ ନାରୀଙ୍କର ପତି । ଏକମାତ୍ର ସେହି ପରମାତ୍ମା ହିଁ ପ୍ରକୃତ ସ୍ୱାମୀ । ଜଗତ ସମ୍ମୁଖରେ ଏହି ସତ୍ୟ ପ୍ରତିପାଦିତ କରିଦେବା ଲକ୍ଷ୍ୟରେ ହିଁ ଶ୍ରୀକୃଷ୍ଣ ବସୁଦେବଙ୍କ ଔରସରେ ଦେବକୀଙ୍କର ପୁତ୍ରରୂପରେ ଅବତୀର୍ଣ୍ଣ ହୋଇଥିଲେ ।

ପ୍ରେମ ଓ କ୍ଷମାର ପ୍ରତିମୂର୍ତ୍ତି— ଭଗବାନ ଶ୍ରୀକୃଷ୍ଣଙ୍କୁ 'ଲବଣି ଚୋର' ରୂପରେ ଚର୍ଚ୍ଚିତ କରାଯାଏ, କାରଣ ଗୋପୀମାନଙ୍କ ପ୍ରତି ତାଙ୍କର ଅଗାଧ ପ୍ରେମ ଥିବାରୁ ବେଳେବେଳେ ସେ ସେମାନଙ୍କର ଘରେ ପଶି, ଲୁଚିଛପି ମାଖନ ବା ଲବଣି ଖାଇଯାଉଥିଲେ । ଏହି ଲବଣିଚୋରି ହେଉଛି ପ୍ରଭୁଙ୍କର ଏକ ବାଲ୍ୟଲୀଳା ; ଏହି ଲୀଳା ମାଧ୍ୟମରେ ସେ ତାଙ୍କର ଅନ୍ତରଙ୍ଗ ଭକ୍ତ ଗୋପୀମାନଙ୍କର ହୃଦୟରେ ଆନନ୍ଦ ସଞ୍ଚାର କରୁଥିଲେ । ଗୋପୀମାନେ ଏହି ଲୀଳାକୁ ବିଶେଷ ଭଲ ପାଉଥିଲେ । କୃଷ୍ଣ ଆସି କିପରି ତାଙ୍କ ଘରୁ ଟିକିଏ ଲବଣି ଖାଆନ୍ତୁ ବୋଲି

ସେମାନେ ଆକାଙ୍‌କ୍ଷିତ ହୋଇ ଚାହିଁ ରହୁଥିଲେ । କୃଷ୍ଣ ଯଥାର୍ଥରେ ତାହାଙ୍କର ଭକ୍ତମାନଙ୍କର ହୃଦୟ ଚୋରିକରି ନିଅନ୍ତି; ସେମାନଙ୍କୁ ଏପରି ବିମୁଗ୍‌ଧ କରିଦିଅନ୍ତି ଯେ, ସେମାନେ ସଂସାର ବିଷୟ ପାଶୋରିଯାଆନ୍ତି; ପ୍ରଭୁ ଭକ୍ତମାନଙ୍କର ଚିତ୍ତକୁ ତାଙ୍କର ଚରଣଯୁଗଳ ଆଡ଼କୁ ଆକର୍ଷିତ କରିନେଇ ସେମାନଙ୍କୁ ସ୍ୱର୍ଗୀୟ ଆନନ୍ଦ ଓ ଶାଶ୍ୱତ ଶାନ୍ତି ପ୍ରଦାନ କରନ୍ତି ।

ଯେଉଁ ପୂତନା ପ୍ରଭୁଙ୍କର ପ୍ରାଣ ନାଶ କରିବାକୁ ଆସିଥିଲା, ପ୍ରଭୁ ଶ୍ରୀକୃଷ୍ଣ ସେହି ପୂତନାକୁ ମଧ୍ୟ ମାତୃଭାବରେ ଦେଖିଥିଲେ; ସେ ତାକୁ ମୋକ୍ଷ ପ୍ରଦାନ କରିଥିଲେ । ବୋଲିବା ବାହୁଲ୍ୟ ଯେ, ନିଜର ଘୋରତମ ଶତ୍ରୁ କଂସକୁ ଓ ରାଜସୂୟ ଯଜ୍ଞରେ ଅପମାନ ଦେଇଥିବା ଶିଶୁପାଳକୁ ମଧ୍ୟ ସେ ମୋକ୍ଷ ପ୍ରଦାନ କରିଥିଲେ । ତେଣୁ ଏକାନ୍ତଭାବରେ ଭକ୍ତି କରୁଥିବା ଲୋକଙ୍କପାଇଁ ସେ ସବୁ କିଛି କରିଦେଇ-ପାରିବେ ।

ଶ୍ରୀକୃଷ୍ଣଙ୍କର ଉପଦେଶାବଳି— ଶ୍ରୀକୃଷ୍ଣ ଅର୍ଜୁନ ଏବଂ ଉଦ୍ଧବଙ୍କର ସଖା ଥିଲେ । ଅର୍ଜୁନ ଓ ଉଦ୍ଧବଙ୍କୁ ଯୋଗ, ଭକ୍ତି ଓ ଜ୍ଞାନ ସମ୍ବନ୍ଧରେ ସେ ଯେଉଁ ଅମର ଉପଦେଶାବଳି ପ୍ରଦାନ କରିଥିଲେ ତାର ପଟାନ୍ତର ନାହିଁ । ସେସବୁ ଉପଦେଶ ଆଜି ମଧ୍ୟ ପାଠକମାନଙ୍କର ହୃଦୟକୁ ଆଲୋଡ଼ିତ କରେ; ଆଜି ମଧ୍ୟ ସେମାନଙ୍କୁ ଆଧ୍ୟାତ୍ମିକ ପଥରେ ପରିଚାଳିତ କରି ସେମାନଙ୍କ ହୃଦୟରେ ଶାନ୍ତିର ବୀଜ ବୁଣିଦିଏ ।

ଅର୍ଜୁନଙ୍କ ମନରେ ବିଭିନ୍ନ ପ୍ରକାର ସନ୍ଦେହ ଉପୁଜୁଥିଲା । ଭଗବାନ ଶ୍ରୀକୃଷ୍ଣ ଗୋଟି ଗୋଟି କରି ତାଙ୍କର ସକଳ ସନ୍ଦେହ ମୋଚନ କରିଦେଉଥିଲେ । ସେ ଅର୍ଜୁନଙ୍କୁ ଗୋଟିଏ ଗୋଟିଏ ପାହାଚ ଚଢ଼ାଇ ଚଢ଼ାଇ ଯୋଗରୂପକ ସିଦ୍ଧିର ଶୀର୍ଷ-ସ୍ଥାନକୁ ନେଇଗଲେ । ଶେଷରେ ଅର୍ଜୁନ ଯୋଗର ଚୂଡ଼ାନ୍ତ ଶୀର୍ଷରେ ଆରୋହଣ କରି ଆତ୍ମଜ୍ଞାନ ଲାଭ କରିପାରିଲେ ଏବଂ ଆନନ୍ଦ ଗଦ୍‌ଗଦ୍‌ ହୋଇ କହିଉଠିଲେ, "ହେ ପ୍ରଭୁ, ମୋର ସକଳ ମାୟାର ବିନାଶ ଘଟିଛି । ଭବଦୀୟ କୃପାରୁ ମୁଁ ଜ୍ଞାନ ଲାଭ କରିଛି । ମୋର ଆଉ ଏଥର ସ୍ଖଳନ ହେବ ନାହିଁ, ମୁଁ ଅଟଳ ହୋଇଗଲି । ମୋର ସକଳ ସନ୍ଦେହ ଏଥର ସମ୍ପୂର୍ଣ୍ଣଭାବରେ ଦୂର ହୋଇଯାଇଛି । ମୁଁ ଏଥର କେବଳ ଆପଣଙ୍କର ନିର୍ଦ୍ଦେଶ ଅନୁଯାୟୀ କାର୍ଯ୍ୟ କରିବି ।"

ଶ୍ରୀକୃଷ୍ଣ କହିଛନ୍ତି, ପ୍ରତ୍ୟେକ ମନୁଷ୍ୟ ନିଜକୁ ବିଭୁଙ୍କର ଏକ ଖେଳନା ବୋଲି ଭାବି ନେବା ଉଚିତ୍ । ସେ କହିଛନ୍ତି, ପ୍ରତ୍ୟେକ ମନୁଷ୍ୟ ନିଜକୁ ଜଣେ ଆଜ୍ଞାବହ

କର୍ତ୍ତବ୍ୟପରାୟଣ ସୈନିକ ବୋଲି ଧରିନେବାକୁ ପଡ଼ିବ; ଈଶ୍ୱର ହେଉଛନ୍ତି ତାର ସେନାଧ୍ୟକ୍ଷ ଏବଂ ସାଂସାରିକ କାର୍ଯ୍ୟସକଳ ସେହି ପରମ ଅଧ୍ୟକ୍ଷଙ୍କର ନିର୍ଦ୍ଦେଶାନୁମତ କର୍ତ୍ତବ୍ୟ । ସେ କହିଛନ୍ତି, ମନୁଷ୍ୟ ସମ୍ପୂର୍ଣ୍ଣ ଆସ୍ଥା ଓ ବିଶ୍ୱାସର ସହିତ ସକଳ କର୍ମ ଭଗବତ୍ କର୍ମ ବୋଲି ଗ୍ରହଣ କରିନେଇ ସେଥିରେ ବ୍ୟାପୃତ ହେବାକୁ ପଡ଼ିବ । ପ୍ରଭୁଙ୍କର ଉପଦେଶ ହେଉଛି, ମନୁଷ୍ୟ କର୍ମ କରୁ, କିନ୍ତୁ କରୁ କେବଳ ଭଗବାନଙ୍କ-ପ୍ରତି ଶ୍ରଦ୍ଧା ଓ ଭକ୍ତିର ନିଷ୍କାମ କର୍ମ ।

ଇହଜଗତରୁ ବିଦାୟ ନେଉଥିବା କାଳରେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯେଉଁ ଉପଦେଶ ପ୍ରଦାନ କରିଥିଲେ, ତାହା ଅତ୍ୟନ୍ତ ଅପୂର୍ବ । ସେ ବିଭିନ୍ନ ବିଷୟ ସମ୍ବନ୍ଧରେ ଉପଦେଶ ଦେଇଛନ୍ତି କିନ୍ତୁ ସକଳ ଉପଦେଶର ମୂଳରେ ରହିଛି ସେହି ଏକ ଅମରବାଣୀ, 'ମୋତେ ସର୍ବଦା ଦର୍ଶନ କର । ମୋପାଖରେ ଆତ୍ମସମର୍ପଣ କରିଦିଅ । କେବଳ ମୋର ନିମିତ୍ତ ସକଳ କର୍ମ କର । ସକଳ ସାଂସାରିକ ସମ୍ପର୍କ ଛିନ୍ନ କରିଦିଅ । ମୋଠାରେ ଅବିଚଳିତ ଭକ୍ତି ରଖ । ମୋର ଗୁଣ କୀର୍ତ୍ତନ କର ।"

ବଂଶୀର ଆହ୍ୱାନ— ବଂଶୀ ହେଉଛି ପ୍ରଣବର ପ୍ରତୀକ । ସେହି ବଂଶୀ ହିଁ ବ୍ରଜବାଳା ଭକ୍ତ ଗୋପୀକାମାନଙ୍କୁ ପବିତ୍ର ଯମୁନାପୁଳିନରେ ପ୍ରିୟ ପ୍ରଭୁଙ୍କ ସହିତ ମିଳିତ ହେବାକୁ ଆକର୍ଷଣ କରିନେଇଥିଲା । ସେହି ଦିବ୍ୟବଂଶୀର ସୁମଧୁର ସ୍ୱନ-ହିଁ ହୃଦୟକୁ ଉଲ୍ଲାସଆନନ୍ଦରେ ପୁଲକିତ କରିଦେଇ ଏକ ନବଜୀବନର ସୁଖ ସଂଚାର କରିଥିଲା । ସେହି ବଂଶୀସ୍ୱନ ସକଳ ଜୀବଙ୍କୁ ଈଶ୍ୱର ଭାବରେ ଭୋଳ କରି ଦେଉଥିଲା । ଏବଂ ଅଚେତ ବସ୍ତୁମାନଙ୍କ ମଧ୍ୟରେ ମଧ୍ୟ ଜୀବନ ସଂଚାର କରିଦେଉଥିଲା । ବଂଶୀସ୍ୱନର ମାଧୁର୍ଯ୍ୟ ଥିଲା ଅତୁଳନୀୟ । କୃଷ୍ଣଙ୍କର ସେହି ବଂଶୀର ସ୍ୱନ ଯାହା କାନରେ ଥରଟିଏ ପଡ଼ିଯାଉଥିଲା, ସେ ଅନ୍ୟ ସକଳ ବିଷୟକୁ ତୁଚ୍ଛ ମଣୁଥିଲା; ସ୍ୱର୍ଗର ସୁଧା କିମ୍ବା ମୋକ୍ଷର ସୁଖକୁ ମଧ୍ୟ ସେ ଆଡ଼େଇଦେଉଥିଲା ।

ଶ୍ରୀକୃଷ୍ଣଙ୍କର ବଂଶୀ ଓ ବଂଶୀର ମଧୁର ନିଃସ୍ୱନ ଗୋପୀମାନଙ୍କର ଚିତ୍ତ ପୁଲକିତ କରିଦେଇଥିଲା । ସେମାନେ ମନକୁ ଆଉ କୌଣସି ପ୍ରକାର ଆୟତ୍ତରେ ରଖିପାରିଲେ ନାହିଁ । ଗୃହସଂସାର ସେମାନଙ୍କୁ ତୁଚ୍ଛ ମନେହେଲା । ଏହି ଦୁର୍ନିବାର ଶକ୍ତି ସେମାନଙ୍କୁ ଶ୍ରୀକୃଷ୍ଣଙ୍କ ଆଡ଼କୁ ଟାଣିନେଇଗଲା । ଗୃହତ୍ୟାଗ କରି ଚାଲିଯିବାକୁ ସେମାନେ ଭୟ କି ଲଜ୍ଜାବୋଧ କଲେ ନାହିଁ । ସେମାନଙ୍କର ସର୍ବାନ୍ତଃକରଣରେ ଏକ ଅପୂର୍ବ ଚେତନା ଜାଗିଉଠିଲା । ସେମାନଙ୍କର ମନ ଆଉ ଏ ସଂସାରର ମନହୋଇ ରହିଲା ନାହିଁ । ସ୍ୱାମୀ, ଦେବର ଓ ଭାଇମାନଙ୍କର ସମସ୍ତ ବାରଣ ବୃଥା ହୋଇଗଲା । ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଯେଉଁ ଦିବ୍ୟପ୍ରେମର ସ୍ରୋତ ଛୁଟିଥିଲା, କିଏ ବା ସେହି ସ୍ରୋତର ପ୍ରତିରୋଧ କରିପାରନ୍ତା ?

କୃଷ୍ଣଙ୍କପ୍ରତି ଗୋପୀମାନଙ୍କର ସେ ଯେଉଁ ଅନାବିଲ ପ୍ରେମ, ତାହା ଏକ ଦିବ୍ୟପ୍ରେମ । ସେହି ମିଳନ ଥିଲା ହୃଦୟର ହୃଦୟ ସହିତ ମିଳନ; ତାହା କୌଣସି ପ୍ରକାର ଯୌନ ମିଳନ ନୁହେଁ । ସେହି ପ୍ରେମ ଥିଲା ପରମାତ୍ମାଙ୍କ ସହିତ ମିଳିତ ହେବାକୁ ଜୀବାତ୍ମାର ଅନାବିଲ ଆକାଙ୍କ୍ଷା । ବ୍ୟକ୍ତି-ଆତ୍ମା ସହିତ ପରମାତ୍ମାଙ୍କର ମିଳନରୁ ସେହି ପ୍ରେମର ଉଦ୍ଭବ ଘଟିଥିଲା ।

ସେ ଯେଉଁ ଗୋପୀଗଣ, ସେମାନେ ପୂର୍ବଜନ୍ମରେ ଦଣ୍ଡକବନନିବାସୀ ଋଷି ଥିଲେ । ସେତେବେଳେ ସେମାନେ ପ୍ରଭୁ ଶ୍ରୀରାମଙ୍କୁ ଆଲିଙ୍ଗନ କରିବାକୁ ଅଭିଳାଷ ପ୍ରକାଶ କରିଥିଲେ । ଭଗବାନ ସେତେବେଳେ ସେମାନଙ୍କୁ କଥା ଦେଇଥିଲେ ଯେ, ପରବର୍ତ୍ତୀ ଅବତାରରେ ସେମାନଙ୍କର ଅଭିଳାଷ ପୂର୍ଣ୍ଣ କରିବେ । କୃଷ୍ଣାବତାରରେ ସେମାନଙ୍କର ସେହି ଅଭିଳାଷ ପୂର୍ଣ୍ଣ ହୋଇଥିଲା; ସେମାନେ ପରମାତ୍ମାଙ୍କ ଅଙ୍ଗରେ ଲୀନ ହୋଇଯାଇପାରିଥିଲେ ।

ଶ୍ରୀକୃଷ୍ଣ ତାଙ୍କର ବଂଶୀମାଧ୍ୟମରେ ପ୍ରେମ ପ୍ରଚାର କରିଯାଇଛନ୍ତି । ଶ୍ରୀରାଧା ଥରେ କୃଷ୍ଣଙ୍କୁ ପଚାରିଲେ, 'ପ୍ରାଣେଶ୍ୱର, ଆପଣ ମୋତେ ଯେତେ ଭଲ ପାଉଛନ୍ତି, ବଂଶୀକୁ ତାଠାରୁ ବେଶି ଭଲ ପାଉଛନ୍ତି । ଏହାର କାରଣ କଣ ? ସେ ବଂଶୀ ଏପରି କି ପୁଣ୍ୟ କରିଛି ଯେ, ସେ ସବୁବେଳେ ଆପଣଙ୍କର ଅଧର ଚୁମ୍ବନ କରି ରହି-ପାରୁଛି ? ଏ କଥା ଜାଣିବା ଲାଗି ମୋର ବଡ଼ ଆଗ୍ରହ ହେଉଛି; ଏ ଭିତରେ କି ରହସ୍ୟ ଅଛି, ଦୟା କରି ମୋତେ ଟିକିଏ ବୁଝାଇଦିଅନ୍ତୁ ।'' ଶ୍ରୀକୃଷ୍ଣ ବୁଝାଇଦେଲେ ''ସତରେ, ଏ ବଂଶୀ ମୋର ଅତି ପ୍ରିୟ । ଏହାର କେତେଗୁଡ଼ିଏ ଅପୂର୍ବ ଗୁଣ ରହିଛି । ବଂଶୀ ତାର ସମସ୍ତ ଅହଙ୍କାର ଛାଡ଼ିଦେଇଛି । ଦେଖୁଥିବ, ତା ଭିତରଟି ସମ୍ପୂର୍ଣ୍ଣ ଫମ୍ପା । ଏହାର ଭିତରଟି ଏପରି ଅହଂଶୂନ୍ୟ ହୋଇଯାଇଥିବାରୁ, ମୁଁ ଯେତେବେଳେ ଯେଉଁ ରାଗ, ରାଗିଣୀ, ସ୍ୱର ତୋଳିବାକୁ ଇଚ୍ଛା କରୁଛି, ସେତେବେଳେ ତାହା ଅବାଧରେ ତୋଳି ପାରୁଛି । ତୁମେ ଯଦି ଠିକ୍ ଏହି ବଂଶୀପରି ମୋପ୍ରତି ଅହଂଶୂନ୍ୟ ବ୍ୟବହାର ପ୍ରଦର୍ଶନ କରିବ, ଯଦି ତୁମର ସମସ୍ତ ଅହଙ୍କାର ସମ୍ପୂର୍ଣ୍ଣଭାବରେ ପରିତ୍ୟାଗ କରିଦେଇପାରିବ, ଯଦି ମୋ ନିକଟରେ ସମ୍ପୂର୍ଣ୍ଣ ଆତ୍ମନିବେଦନ କରି-ଦେଇପାରିବ, ତେବେ ମୁଁ ମୋ ବଂଶୀକୁ ଯେତିକି ଭଲ ପାଉଛି, ତୁମକୁ ବି ସେତିକି ଭଲ ପାଇବି ।''

ଏହି ବିଶ୍ୱବ୍ରହ୍ମାଣ୍ଡରେ ପ୍ରତିଟି ଦେହ ମଧ୍ୟ ଭଗବାନ ଶ୍ରୀକୃଷ୍ଣଙ୍କର ବଂଶୀ ହୋଇପାରିବ । ଆପଣ ଯଦି ନିଜର ଅହଙ୍କାର ସମ୍ପୂର୍ଣ୍ଣ ପରିତ୍ୟାଗ କରିଦେବେ, ଯଦି କୌଣସି ଦ୍ୱିଧା, କୌଣସି କିନ୍ତୁ ନ ରଖି ସମ୍ପୂର୍ଣ୍ଣ ଆତ୍ମନିବେଦନ କରିଦେଇ

ପାରିବେ, ତେବେ ଭଗବାନ ଆପଣଙ୍କର ଏହି ଦେହ-ବଂଶୀରେ ମଧୁର ବାଦନ କରି କଳତଳଳିତ ସୁମଧୁର ସ୍ୱନ ଉତ୍ତୋଳନ କରିବେ । ଆପଣଙ୍କର ସକଳ ଚିନ୍ତା ପ୍ରଭୁଙ୍କର ଚିନ୍ତାଚେତନାରେ ଲୀନ ହୋଇଗଲେ, ସେ ଅବାଧରେ ଆପଣଙ୍କର ଦେହ-ମନ ଇନ୍ଦ୍ରିୟରୂପକ ଯନ୍ତ୍ରରେ ବାଦନ ଆରମ୍ଭ କରିଦେବେ । ଆପଣଙ୍କର ସମସ୍ତ ଦୁଃଖଶୋକ, ସକଳ ଚିନ୍ତା-ଅବସାଦ, ସବୁ ଜଞ୍ଜାଳବ୍ୟସ୍ତତାର ଅବସାନ ଘଟିବ; ଆପଣ ପରମ ଶାନ୍ତିରେ ନିବାସ କରିବେ ।

ହେ ମୋର ପ୍ରିୟ ଅମୃତର ସନ୍ତାନଗଣ, ପ୍ରଭୁ ଶ୍ରୀକୃଷ୍ଣ ଏବେ ମଧ୍ୟ ବୃନ୍ଦାବନରେ ଗଳି ଗଳିରେ ଖେଳିବୁଲୁଛନ୍ତି । ଭଗବାନ ଦତ୍ତାତ୍ରେୟ ଯେପରି ପ୍ରସିଦ୍ଧ ଗିରନାର ପର୍ବତରେ ଏବେ ମଧ୍ୟ ସୂକ୍ଷ୍ମଶରୀର ନେଇ ବିଚରଣ କରୁଛନ୍ତି ଓ ନିଜର ଏକାନ୍ତ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି, ଶ୍ରୀ ଜ୍ଞାନଦେବ ଯେପରି ଏବେ ମଧ୍ୟ ନିଜର ସୂକ୍ଷ୍ମଶରୀର ନେଇ ପୁନା ନିକଟସ୍ଥ ଆଲନ୍ଦୀରେ ବିଚରଣ କରୁଛନ୍ତି ଓ ନିଜର ଏକନିଷ୍ଠ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି, ଭଗବାନ ଶ୍ରୀକୃଷ୍ଣ ସେହିପରି ବୃନ୍ଦାବନରେ ବିହାର କରୁଛନ୍ତି ଓ ନିଜର ନିଷ୍କପଟ ଏକାନ୍ତ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି । ଆପଣମାନେ ଯଦି ପ୍ରକୃତରେ ତାଙ୍କର ଦର୍ଶନ ଅଭିଳାଷ କରୁଥାନ୍ତି, ତାଙ୍କୁ କୁଞ୍ଜଗଳିର ସେବାକୁଞ୍ଜରେ ଦର୍ଶନ କରିବାକୁ ପାଇପାରିବେ । ସେହି ବ୍ରଜରାଜ ହିଁ ହେଉଛନ୍ତି ତ୍ରିଭୁବନର ଅବିସମ୍ବାଦିତ ସମ୍ରାଟ । ଅତୀତରେ ମୀରା, ସୁରଦାସ ଓ ଅନ୍ୟାନ୍ୟ ଭକ୍ତମାନଙ୍କୁ ବକ୍ଷରେ ଲଗାଇବାକୁ ସେ ଯେପରି ବାହୁ ପ୍ରସାରଣ କରିଦେଇଥିଲେ, ଏବେ ମଧ୍ୟ ସେ ସେହିପରି ବକ୍ଷ ଖୋଲି, ବାହୁ ପ୍ରସାରଣ କରି ଅନାବିଳ ପ୍ରେମରେ ଆପଣଙ୍କୁ ଆଲିଙ୍ଗନ କରିବାକୁ ପ୍ରତୀକ୍ଷା କରି ରହିଛନ୍ତି । ମନକୁ ନିର୍ମଳ ପବିତ୍ର କରନ୍ତୁ । ସକଳ ଦୁର୍ବାସନା, ସମସ୍ତ ଅହଂକାର ବିନାଶ କରନ୍ତୁ । ସେହି ବଂଶୀଧାରୀ, ବାଙ୍କ-ବିହାରୀ ବୃନ୍ଦାବନଚନ୍ଦ୍ରଙ୍କର ମଧୁର ବେଣୁସ୍ୱନ ପୁଣି ଥରେ ଶ୍ରବଣ କରନ୍ତୁ । ପ୍ରଭୁଙ୍କର ସେହି ଅମର ସଙ୍ଗୀତ ଗୀତାର ବାଣୀ ଶ୍ରବଣ କରନ୍ତୁ ଏବଂ ପ୍ରଭୁ ଆପଣଙ୍କର ଦେହ-ବଂଶୀରେ ମଧୁର ବାଦନ କରନ୍ତୁ ବୋଲି ତାଙ୍କର ନିକଟରେ ଆତ୍ମନିବେଦନ କରିଦିଅନ୍ତୁ । ଏ ଯେଉଁ ସୁଯୋଗ ମିଳିଛି, ତାହା ଏକ ଅପୂର୍ବ ସୁଯୋଗ, ଅତ୍ୟନ୍ତ ଦୁଷ୍ପ୍ରାପ୍ୟ ସୁଯୋଗ । ପୁଣି ଥରେ ଏ ମନୁଷ୍ୟ ଜନ୍ମ ପାଇବା କଠିନ—ଅତି କଠିନ ।

—୦—

ଦେବୀ

ଦେବୀ ବା ମାହେଶ୍ୱରୀ ବା ପରାଶକ୍ତି ହେଉଛନ୍ତି ପରମସତ୍ତାଙ୍କର ରୂପ । ଏହି ଶକ୍ତି ବଳରେ ହିଁ ସେ ଅସୁରମାନଙ୍କୁ ନିପାତ କରିଥିଲେ । ବ୍ରହ୍ମା, ବିଷ୍ଣୁ ଓ ରୁଦ୍ରଙ୍କୁ ସୃଜନ, ପାଳନ ଓ ବିନାଶନ କରିବା ନିମନ୍ତେ ଦେବୀ ହିଁ ପ୍ରୟୋଜନୀୟ ଶକ୍ତି ପ୍ରଦାନ କରିଥାନ୍ତି ।

ଦେବୀ ହେଉଛନ୍ତି ବିଶ୍ୱର ରଚୟିତ୍ରୀ । ସେ ବିଶ୍ୱଜନନୀ । ଦୁର୍ଗା, କାଳୀ, ଭଗବତୀ; ଭବାନୀ, ଅମ୍ବାଲ୍, ଅମ୍ବିକା, ଜଗଦମ୍ବା, କାମେଶ୍ୱରୀ, ଗଙ୍ଗା, ଉମା, ଚଣ୍ଡୀ ଚାମୁଣ୍ଡୀ, ଲଳିତା, ଗୌରୀ, କୁଣ୍ଡଳିନୀ, ତାରା, ରାଜେଶ୍ୱରୀ, ତ୍ରିପୁରସୁନ୍ଦରୀ ଇତ୍ୟାଦି ହେଉଛନ୍ତି ସେହି ଏକ ଜନନୀଙ୍କର ବିବିଧ ରୂପମାନ । ଦଶହରାର ନବରାତ୍ରି ଉତ୍ସବ-କାଳରେ ସେ ଦୁର୍ଗା, ଲକ୍ଷ୍ମୀ ଓ ସରସ୍ୱତୀରୂପରେ ପୂଜିତା ହୁଅନ୍ତି ।

ଦେବୀ ସକଳ ଲୋକର ମାତା । କି ଶିଷ୍ଟ ,କି ଦୁଷ୍ଟ; କି ଧନୀ, କି ଦରିଦ୍ର; କି ଧର୍ମାତ୍ମା, କି ଦୁରାତ୍ମା, ସମସ୍ତେ ତାଙ୍କର ସନ୍ତାନ ।

ପରାଶକ୍ତି ହେଉଛନ୍ତି ପ୍ରକୃତିର ଜନନୀ; ସେ ସ୍ୱୟଂ ପ୍ରକୃତିସ୍ୱରୂପା । ସମଗ୍ର ଜଗତ ହେଉଛି ତାଙ୍କର ଶରୀର । ପାହାଡ଼ପର୍ବତ ହେଉଛି ତାଙ୍କର ଅସ୍ଥି । ନଦୀନାଳ ହେଉଛି ମାତାଙ୍କ ଶରୀରର ଶିରାପ୍ରଶିରା ଓ ଧମନୀ । ସମୁଦ୍ର ହେଉଛି ମାତାଙ୍କର ମୂତ୍ରାଶୟ । ସୂର୍ଯ୍ୟ ଓ ଚନ୍ଦ୍ର ତାଙ୍କର ଦୁଇ ଚକ୍ଷୁ । ବାୟୁ ତାଙ୍କର ଶ୍ୱାସପ୍ରଶ୍ୱାସ । ଅଗ୍ନି ହେଉଛି ତାଙ୍କର ମୁଖ । ସେ' ହିଁ ଏହି ଜଗନ୍ନାଟକ ସଂଚାଳନ କରୁଛନ୍ତି ।

ଶକ୍ତିର ପରିପ୍ରକାଶ—ସାଙ୍କେତିକରୂପରେ ଶକ୍ତି ହେଉଛି ସ୍ତ୍ରୀ; କିନ୍ତୁ ପ୍ରକୃତିରେ ତାହା ସ୍ତ୍ରୀ ନୁହେଁ କି ପୁରୁଷ ନୁହେଁ, ତାହା କେବଳ ଏକ ବଳ ଯାହା କି ବିବିଧ ରୂପରେ ଆତ୍ମପ୍ରକାଶ କରେ ।

ପଞ୍ଚମହାଭୂତ ଏବଂ ସେମାନଂକର ବିବିଧ ମିଶ୍ରଣ ହେଉଛି ମାଅଙ୍କର ବାହ୍ୟ ପ୍ରକାଶ । ବୁଦ୍ଧି, ବିବେକ, ମାନସିକଶକ୍ତି ଏବଂ ଇଚ୍ଛାଶକ୍ତି ହେଉଛି ତାଙ୍କର ଆଭ୍ୟନ୍ତରୀଣ ପ୍ରକାଶ । ମାନବଜଗତ ହେଉଛି ମାଆଙ୍କର ଦୃଶ୍ୟରୂପ ।

ମାଆ ମୂଳାଧରଚକ୍ରଠାରେ ସର୍ପିଳ ଶକ୍ତି ବା କୁଣ୍ଡଳୀଭୂତ ଶକ୍ତିରୂପରେ ସୁପ୍ତ ଅବସ୍ଥାରେ ବିଦ୍ୟମାନ । ସେହି ଶକ୍ତି କୁଣ୍ଡଳିନୀ ଶକ୍ତିରୂପରେ ପରିଚିତା । ମାଆ

ବିଶ୍ୱଜୀବନର କେନ୍ଦ୍ରସ୍ଥଳରେ ଅବସ୍ଥିତ । ସେ ହେଉଛନ୍ତି ଜୀବନର ଆଦିଶକ୍ତି ଯାହା କି ସକଳ ଅସ୍ତିତ୍ୱର ଆଧାରସ୍ୱରୂପ । ସେ ଶରୀରକୁ ସୁଷୁମ୍ନା ନାଡ଼ି ତଥା ସ୍ନାୟୁମଣ୍ଡଳ ସାହାଯ୍ୟରେ ସଂଜୀବିତ କରନ୍ତି । ସେ ରକ୍ତ ଓ ଅନ୍ନରସ ମାଧ୍ୟମରେ ଖାଦ୍ୟ ଯୋଗାଇ ଶରୀରକୁ ପୋଷଣ କରନ୍ତି । ସେ ସକଳ ବିଶ୍ୱକୁ ନିଜର ଶକ୍ତି ଦ୍ୱାରା ସଂଜୀବିତ କରନ୍ତି । ସେ ହେଉଛନ୍ତି ସୂର୍ଯ୍ୟର ଶକ୍ତି । ସେ ହେଉଛନ୍ତି ପୁଷ୍ପର ସୁବାସ । ସେ ପ୍ରାକୃତିକ ଦୃଶ୍ୟାବଳୀର ସୌନ୍ଦର୍ଯ୍ୟ । ସେ ବେଦର ଗାୟତ୍ରୀ ବା ମନ୍ତ୍ରମାତୃଗୀ ମାତା । ସେ ଇନ୍ଦ୍ରଧନୁର ରଙ୍ଗ, ମନର ବୁଦ୍ଧି, କ୍ଷୁଦ୍ର ହୋମିଓପାଥିକ୍ ବଟିକାର ଶକ୍ତି, ମକରଧ୍ୱଜ ତଥା ସୁବର୍ଣ୍ଣଭସ୍ମର ବଳ । ଋଷିଙ୍କର ଇଚ୍ଛା ଓ ବିଚାରଶକ୍ତି, ଭକ୍ତର ଭକ୍ତି, ଯୋଗୀର ସମ, ଯମ ଓ ସମାଧି; ବିଦ୍ୟା, ଶାନ୍ତି, କାମ, କ୍ରୋଧ, ଲୋଭ, ଗର୍ବ, ଅହଂକାର— ସବୁ ମାଆଙ୍କର ସ୍ୱରୂପ । ମାଆଙ୍କର ରୂପ ଅସଂଖ୍ୟ, ଅଗଣିତ ।

ଶିବ ଓ ଶକ୍ତି— ପରମେଶ୍ୱର ଶିବରୂପରେ ପ୍ରଖ୍ୟାତ ଏବଂ ପରମେଶ୍ୱରଙ୍କର ଶକ୍ତି ଦୁର୍ଗା ବା କାଳୀରୂପରେ ପ୍ରଖ୍ୟାତ । ମାଆ ଦୁର୍ଗା ହେଉଛନ୍ତି ପରମେଶ୍ୱରଙ୍କର ଶକ୍ତି-ତତ୍ତ୍ୱ । ଦୁର୍ଗାଙ୍କ ବିନା ଶିବଙ୍କର ପ୍ରକାଶ ନାହିଁ ଏବଂ ଶିବଙ୍କ ବିନା ଦୁର୍ଗାଙ୍କର ଅସ୍ତିତ୍ୱ ନାହିଁ । ଶିବ ହେଉଛନ୍ତି ଦୁର୍ଗାଙ୍କର ଆତ୍ମା । ଦୁର୍ଗା ଓ ଶିବ ଅଭିନ୍ନ । ଭଗବାନ ଶିବ କେବଳ ନିରବଦ୍ରଷ୍ଟା । ଶିବ ଅଟଳ, ଅପରିଣାମୀ । ମହାଜାଗତିକ ଆନ୍ଦୋଳନ ତାଙ୍କୁ କୌଣସି ପ୍ରକାର ପ୍ରଭାବିତ କରିପାରେ ନାହିଁ । ଯାହା କିଛି କରିବାକୁ ହୁଏ, ସବୁ କରନ୍ତି ମାଆ ଦୁର୍ଗା ।

ଶିବ ସର୍ବଶକ୍ତିମାନ, ନୈର୍ବ୍ୟକ୍ତିକ, ନିଷ୍କ୍ରିୟ । ସେ ହେଉଛନ୍ତି ଶୁଦ୍ଧଚୈତନ୍ୟ । ଶକ୍ତି ସକ୍ରିୟ । ସର୍ବବ୍ୟାପୀ ପରମେଶ୍ୱରଙ୍କର କ୍ଷମତା ବା କ୍ରିୟାଶୀଳତା ହିଁ ଶକ୍ତି । ଶକ୍ତି ହେଉଛନ୍ତି କର୍ମକ୍ଷମତାର ଅବତାର ।

ଶିବ ଓ ଶକ୍ତି ପ୍ରକାଶ ଓ ବିମର୍ଷ ସହିତ ସମ୍ପୃକ୍ତ । ଶୁଦ୍ଧଚୈତନ୍ୟରେ ଯେଉଁ କର୍ମକ୍ଷମତା ପ୍ରଚ୍ଛନ୍ନ ଅନ୍ତର୍ଲୀନ ଅବସ୍ଥାରେ ଥାଏ, ତାହା ଶକ୍ତି ବା ବିମର୍ଷ । ବିମର୍ଷ ଜାଗତିକ ବିଭିନ୍ନତା ଉତ୍ପନ୍ନ କରେ । ଅନ୍ୟ କଥାରେ ପରଂବ୍ରହ୍ମ ବିବିଧ ରୂପରେ ପ୍ରକାଶିତ ହେବା ବା ଈଶ୍ୱର ଏହି ବିଶ୍ୱ ସୃଷ୍ଟି କରିବା ଅନ୍ତରାଳରେ ଶକ୍ତି ହିଁ ସମ୍ଭାବନା ଯୋଗାଇଥାନ୍ତି । ଈଶ୍ୱର ଏହି ଜଗତକୁ ସୃଷ୍ଟିଶକ୍ତି ବଳରେ ସର୍ଜନା କରିଥାନ୍ତି, ସ୍ଥିତିଶକ୍ତି ବଳରେ ପାଳନ କରିଥାନ୍ତି ଏବଂ ସଂହାରଶକ୍ତି ବଳରେ ବିନାଶ କରିଥାନ୍ତି ।

ଅଗ୍ନି ଏବଂ ତାର ଦାହିକାଶକ୍ତି ମଧ୍ୟରେ ଯେପରି କୌଣସି ପାର୍ଥକ୍ୟ ନାହିଁ, ପରମେଶ୍ୱର ଏବଂ ତାଙ୍କର ଶକ୍ତି ମଧ୍ୟରେ ସେହିପରି କୌଣସି ପାର୍ଥକ୍ୟ ନାହିଁ । ଶକ୍ତି ପରମେଶ୍ୱରଙ୍କର ଅନ୍ତର୍ନିହିତ ଗୁଣ । ଉତ୍ତାପକୁ ଯେପରି ଅଗ୍ନିରୁ ପୃଥକ୍

କରିହେବ ନାହିଁ, ଶକ୍ତିକୁ ସେହିପରି ଶକ୍ତିଧର ଭଗବାନଙ୍କଠାରୁ ପୃଥକ କରିହେବ ନାହିଁ । ଶକ୍ତି ହେଉଛନ୍ତି ସ୍ୱୟଂ ବ୍ରହ୍ମ । ଶିବ ଓ ଶକ୍ତି ଏକ । ଶିବ ସର୍ବଦା ଶକ୍ତି ସହିତ ବିଦ୍ୟମାନ । ସେମାନେ ପରସ୍ପରଠାରୁ ଅବିଚ୍ଛେଦ୍ୟ । ତେଣୁ ଦୁର୍ଗା, ପାର୍ବତୀ, ବା କାଳୀଙ୍କର ଉପାସନା ଯାହା, ଶିବଙ୍କର ଉପାସନା ମଧ୍ୟ ତାହା ।

ବସ୍ତୁ, ଶକ୍ତି ଓ ଆତ୍ମା— ମାଆ ହେଉଛନ୍ତି ପରଂବ୍ରହ୍ମଙ୍କର ସୃଷ୍ଟିତତ୍ତ୍ୱ । ମହାଜାଗତିକଶକ୍ତି ହେଉଛି ମାଆଙ୍କର ସାଙ୍କେତିକ ରୂପ । ଶକ୍ତି ହେଉଛି ସକଳ ବସ୍ତୁର ଅନ୍ତିମ ରୂପ ଏବଂ ଆତ୍ମାର ପୋଷକ । ଶକ୍ତି ଓ ଆତ୍ମା ପରସ୍ପରଠାରୁ ଅବିଚ୍ଛେଦ୍ୟ । ସେମାନେ ବସ୍ତୁତଃ ଏକ ।

ବସ୍ତୁ ଶକ୍ତିରେ ପରିଣତ ହୋଇପାରେ । ପ୍ରଶ୍ନୋପନିଷଦରେ କୁହାଯାଇଛି, ରୟି ଓ ପ୍ରାଣ—ବସ୍ତୁ ଓ ଶକ୍ତି—ଏହି ଦୁଇ ତତ୍ତ୍ୱ ଦ୍ୱାରା ସମସ୍ତ ସୃଷ୍ଟି ଗଠିତ ହୋଇଛି । ବସ୍ତୁ ହେଉଛି ଈଶ୍ୱରଙ୍କଠାରୁ ଉତ୍ପନ୍ନ ଅନ୍ତଃଶକ୍ତିର ବାହ୍ୟରୂପ । ବସ୍ତୁର ଆଦିମୂଳ ଖୋଜି ଖୋଜି ବୈଜ୍ଞାନିକମାନେ ସର୍ବଶେଷରେ ଯେଉଁ ବୈଦ୍ୟୁତିକଶକ୍ତି ବା ଜଡଶକ୍ତି ନିର୍ଦ୍ଧାରଣ କଲେ, ସେହି ଜଡଶକ୍ତିରୁ ବିଶ୍ୱ ସଂଜାତ ହୋଇ ନାହିଁ କିମ୍ବା ସେହି ଜଡ଼ଶକ୍ତି ବିଶ୍ୱର ସ୍ରଷ୍ଟା ନୁହେଁ କି ପାଳକ ନୁହେଁ । ଯେଉଁ ଶକ୍ତି ବିଶ୍ୱସୃଷ୍ଟି କରିଛି, ଯେଉଁ ଶକ୍ତି ବିଶ୍ୱର ପୋଷକ ହୋଇ ରହିଛି, ତାହା ହେଉଛି ଚୈତନ୍ୟ ଶକ୍ତି; ସେ ଶକ୍ତି ହେଉଛି ବ୍ରହ୍ମଙ୍କର ସନାତନ ଚେତନାର ଶକ୍ତି । ବସ୍ତୁତଃ ତାହା ବ୍ରହ୍ମଙ୍କର କୌଣସି ଅଂଶ ନୁହେଁ; ତାହା ସ୍ୱୟଂ ବ୍ରହ୍ମସ୍ୱରୂପ ।

ଜଗଜ୍ଜନନୀ— ଯାହା ବଳରେ ଆମେ ଜୀବନ ଧାରଣ କରିଛୁ ଏବଂ ଯାହା ହେତୁ ଆମେ ଏହି ଜଗତରେ ତିଷ୍ଠି ରହିଛୁ, ତାଙ୍କୁ ଶକ୍ତି ବୋଲାଯାଇପାରେ । ଏ ଜଗତରେ ଶିଶୁର ସକଳ ଆବଶ୍ୟକତା ମାତା ହିଁ ପୂରଣ କରିଥାନ୍ତି । ଶିଶୁର ଶାରୀରିକ ଅଭିବୃଦ୍ଧି, ବିକାଶ ଏବଂ ଲାଳନପାଳନ ଆଦି ସବୁ ବିଷୟର ଭାର ମାଆ ହିଁ ନେଇଥାନ୍ତି । ଠିକ୍ ସେହିପରି ଜୀବନର ସକଳ ଆବଶ୍ୟକ ବସ୍ତୁ, ଏ ଜଗତର ସମସ୍ତ କର୍ମତତ୍ପରତା ତଥା ସେହି କର୍ମପାଇଁ ଆବଶ୍ୟକ ହେଉଥିବା ବଳ ବା ସାମର୍ଥ୍ୟ ପରମାଶକ୍ତି ବା ଜଗଜ୍ଜନନୀଙ୍କ ଉପରେ ନିର୍ଭର କରେ । ମାନବଦେହଧାରିଣୀ ମାତା ସେହି ଜଗଜ୍ଜନନୀଙ୍କର ବ୍ୟକ୍ତିରୂପମାନ । ତେଣୁ ଜଗତର ସମସ୍ତ ନାରୀ ହେଉଛନ୍ତି ସେହି ଦିବ୍ୟମାତା ଜଗଜ୍ଜନନୀଙ୍କର ବିବିଧ ରୂପ ।

ନିଜ ମାଆଙ୍କ ନିକଟରେ ଆପଣ ଯେତେ ସ୍ୱାଧୀନ, ଯେତେ ଉନ୍ମୁକ୍ତହୃଦୟ ହୋଇଥାଆନ୍ତି, ଅନ୍ୟ କାହାର ନିକଟରେ ସେପରି ସ୍ୱାଧୀନ ବା ଉନ୍ମୁକ୍ତହୃଦୟ ହୋଇ ନ ପାରନ୍ତି । ମାଆଙ୍କ ନିକଟରେ ଯେତେ ମନ ଖୋଲି କଥା କହିପାରନ୍ତି;

ବାପାଙ୍କ ନିକଟରେ ସେତେଟା ଖୋଲି କହିପାରନ୍ତି ନାହିଁ । ମାଆଙ୍କଠାରୁ ବଡ଼ ହୋଇ କୌଣସି ଦେବତା, କୌଣସି ଈଶ୍ୱର ନାହାନ୍ତି । ମାଆ ହିଁ ଆପଣଙ୍କୁ ରକ୍ଷା କରନ୍ତି, ଖୁଆଇପିଆଇ ବଢ଼ାନ୍ତି, ଆଶାଆଶ୍ୱାସନା ଦିଅନ୍ତି; ଆନନ୍ଦଉଲ୍ଲାସ ଦିଅନ୍ତି; ଲାଳନ-ପାଳନ କରନ୍ତି । ସେ ଆପଣଙ୍କର ପ୍ରଥମ ଗୁରୁ । ମନୁଷ୍ୟ କହ, ଚତୁଷ୍ପଦ ପ୍ରାଣୀ କହ, ଶୈଶବର ସେ ଯେଉଁ ପ୍ରଥମ ଦିବ୍ୟୋକ୍ତି କଥାପଦକ ଶିଶୁ ବା ଶାବକ ମୁଖରୁ ବାହାରିପଡ଼େ, ତାହା ସେହି ପ୍ରେମମୟୀ ମାଧୁର୍ଯ୍ୟମୟୀ ମାଆଙ୍କର ନାମ—ମାଆ । ସନ୍ତାନପାଇଁ ମାଆ ତାର ସର୍ବସ୍ୱ ଢାଳିଦିଏ ।

ମାତାଙ୍କ ସହିତ ସନ୍ତାନମାନଙ୍କର ଯେତିକ ଘନିଷ୍ଠତା ଥାଏ, ପିତାଙ୍କ ସହିତ ସେତିକ ଘନିଷ୍ଠତା ରହିପାରେ ନାହିଁ । କାରଣ ମାତା ବଡ କରୁଣାମୟୀ, ବଡ଼ ପ୍ରେମମୟୀ, ବଡ ସ୍ନେହମୟୀ ପୁଣି ବଡ କୋମଳମନା । ସେ' ହିଁ ସନ୍ତାନର ସକଳ ଅଭାବ-ଅସୁବିଧା ପୂରଣ କରି ତାର ସମସ୍ତ ତତ୍ତ୍ୱ ନିଅନ୍ତି । ଶିଶୁ ଯେତେବେଳେ କିଛି ଆବଶ୍ୟକ କରେ, ସେତେବେଳେ ବାପାଙ୍କ ନିକଟକୁ ନ ଯାଇ ହାତ ବଢାଇ ଧାଇଁଯାଏ ତାର ମାଆଙ୍କ ନିକଟକୁ । ସନ୍ତାନର କ୍ରନ୍ଦନ ଶୁଣିଦେବା କ୍ଷଣି ମାତା ଗୃହକର୍ମ ଛାଡ଼ିଦେଇ ସଙ୍ଗେ ସଙ୍ଗେ ଧାଇଁଯାଆନ୍ତି ସନ୍ତାନର କଣ ହେଲା, ତାହା ବୁଝିବା ଲାଗି । ଆଧ୍ୟାତ୍ମିକ ରାଜ୍ୟରେ ସାଧକ ବା ଭକ୍ତ ମଧ୍ୟ ଆଧ୍ୟାତ୍ମିକ-ଶିଶୁତୁଲ୍ୟ । ତେଣୁ ପିତା ଶିବଙ୍କ ଅପେକ୍ଷା ମାତା ଦୁର୍ଗାଙ୍କ ସହିତ ତାର ସମ୍ପର୍କ ଘନିଷ୍ଠତର । ପ୍ରଭୁ ଶିବ ବାହ୍ୟଜଗତପ୍ରତି ସମ୍ପୂର୍ଣ୍ଣ ଉଦାସୀନ । ସେ ଜଣେ ତ୍ୟାଗୀ, ଜଣେ ବିରକ୍ତ କି ନା ! ସେ ତ ନିଜ ଭକ୍ତମାନଙ୍କର ଖପୁରି ହାଡ଼କୁ ମାଳା କରି ଗଳାରେ ପିନ୍ଧନ୍ତି, ପୁଣି ଅଙ୍ଗରେ ବୋଳିହୁଅନ୍ତି ବିଭୂତି । ନିଶାରେ ଭୋଳ ହୋଇ ସେ ଭୋଳାନାଥ ବାସ କରନ୍ତି ଶ୍ମଶାନରେ । ସେ ସଦାସର୍ବଦା ପରମାତ୍ମାଙ୍କ ଧ୍ୟାନରେ ନିମଗ୍ନ । ସେ ସନ୍ତତ ନିର୍ବିକଳ୍ପ ସମାଧିରେ ତନ୍ମୟ । ସେ ସକଳ କ୍ଷମତା ପ୍ରଦାନ କରିଦେଇଛନ୍ତି ପତ୍ନୀ ଦୁର୍ଗାଙ୍କୁ । ତେଣୁ ସମସ୍ତ ଜଗତର ସକଳ ଭାର କେବଳ ମାତା ଦୁର୍ଗାଙ୍କ ଉପରେ ନ୍ୟସ୍ତ । ସେ ଏ ଜଗତର ତତ୍ତ୍ୱ ନିଅନ୍ତି । ଭଗବାନ ଶିବ ସୃଷ୍ଟି କରିଛନ୍ତି ଦୁର୍ଗାଙ୍କୁ, ତାଙ୍କର ଭଗବତ୍ ଶକ୍ତିଙ୍କୁ । ଭଗବତୀ ଦୁର୍ଗା ହିଁ ସୃଜନ, ପାଳନ ଓ ବିନାଶନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଦେଇଛନ୍ତି ।

ଦୁର୍ଗା-ଲକ୍ଷ୍ମୀ-ସରସ୍ୱତୀ— ମାତା ଭଗବତୀ ସର୍ବଦା ତ୍ରିକ । ସେ ସତ୍ତ୍ୱ, ରଜ, ତମ— ଏହି ତ୍ରିଗୁଣରେ ଭୂଷିତା । ସେ ଇଚ୍ଛାଶକ୍ତି, କ୍ରିୟାଶକ୍ତି ଓ ଜ୍ଞାନଶକ୍ତି— ଏପରି ତ୍ରିଶକ୍ତିରେ ପ୍ରକାଶିତା । ସେ ବ୍ରହ୍ମାଙ୍କ ସହିତ ସମନ୍ୱିତା ହୋଇ ବ୍ରହ୍ମଶକ୍ତି ସରସ୍ୱତୀ, ବିଷ୍ଣୁଙ୍କ ସହିତ ସମନ୍ୱିତା ହୋଇ ବିଷ୍ଣୁଶକ୍ତି ମହାଲକ୍ଷ୍ମୀ ଏବଂ ଶିବଙ୍କ ସହିତ ସମନ୍ୱିତା ହୋଇ ଶିବଶକ୍ତି ମହାକାଳୀ—ଏପରି ତ୍ରିରୂପରେ ପ୍ରକଟିତା ।

ସରସ୍ୱତୀ ମହାକାଶଠାକ ବୁଦ୍ଧି, ମହାକାଶଠାକ ଚେତନା ତଥା ମହାକାଶଠାକ ଜ୍ଞାନର ପ୍ରତୀକ ମହାଲକ୍ଷ୍ମୀ କେବଳମାତ୍ର ସ୍ୱର୍ଣ୍ଣରୌପ୍ୟାଦି ଧାତବ ସମ୍ପଦ କିମ୍ବା

ଗୋମହିଷାଦି ପଶୁସମ୍ପଦକୁ ବୁଝାନ୍ତି ନାହିଁ । ଲକ୍ଷ୍ମୀ ସକଳ ସମୃଦ୍ଧି, ସକଳ ଗୌରବ, ସକଳ ମହିମା, ସକଳ ପ୍ରାଚୁର୍ଯ୍ୟ, ସକଳ ଶ୍ରୀ ଓ ସକଳ ଆନନ୍ଦର ଆଧାର । ଏପରି କି ଉପନିଷଦ୍ ଋଷିମାନେ ଜୀବନର ଅନ୍ତିମ ମୋକ୍ଷକୁ ମଧ୍ୟ ମୋକ୍ଷସାମ୍ରାଜ୍ୟଲକ୍ଷ୍ମୀ ବୋଲି ଅଭିହିତ କରିଛନ୍ତି । ମହାକାଳୀ ହେଉଛନ୍ତି ପରମେଶ୍ୱରଙ୍କର ରୂପାନ୍ତରକାରିଣୀ ଶକ୍ତି ଅର୍ଥାତ୍ ସେ ହେଉଛନ୍ତି ସେହି ଶକ୍ତି ଯାହା ବହୁକୁ ଏକରେ ପରିଣତ କରିଦିଏ ।

ଆବଶ୍ୟକ ଅନୁଯାୟୀ ବିଭିନ୍ନ କର୍ତ୍ତବ୍ୟ ସମ୍ପାଦନପାଇଁ ଦେବୀ ବିଭିନ୍ନ ତତ୍ତ୍ୱରୂପେ ଆତ୍ମପ୍ରକାଶ କରିଥାନ୍ତି । କେତେବେଳେ ସେ ମଧୁରକୋମଳ ତ, କେତେବେଳେ କଠୋରକରାଳ । କିନ୍ତୁ ନିଜର ଭକ୍ତମାନଙ୍କପ୍ରତି ସେ ସର୍ବଦା ଅନୁଗ୍ରହ ପରାୟଣା । ଦୁଷ୍ଟବୁଦ୍ଧି କୌରବମାନଙ୍କ ବିରୁଦ୍ଧରେ ଯୁଦ୍ଧ ଆରମ୍ଭ କରିବା ପୂର୍ବରୁ ପାଣ୍ଡବବୀର ଅର୍ଜ୍ଜୁନ ଭଗବତୀଙ୍କର ପୂଜା କରିଥିଲେ । ରାବଣ ସହିତ ଯୁଦ୍ଧ କରିବାକୁ ବାହାରିବାବେଳେ ଶ୍ରୀରାମ ଦେବୀଙ୍କର ସହାୟତା ପାଇବାଲାଗି ଦୁର୍ଗାଙ୍କୁ ପୂଜା କରିଥିଲେ । ମାଆଙ୍କ କୃପାବଳରେ ସେ ଯୁଦ୍ଧରେ ବିଜୟୀ ହୋଇଥିଲେ ।

ନବରାତ୍ରି ଉତ୍ସବ ଓ ତାର ଆଧ୍ୟାତ୍ମିକ ତାତ୍ପର୍ଯ୍ୟ— ନବରାତ୍ରି ଉତ୍ସବକାଳରେ ଭାରତର ସର୍ବତ୍ର ଦେବୀଙ୍କର ଯଶୋଗାନ କରାଯାଇ ଅତ୍ୟନ୍ତ ଭକ୍ତିର ସହିତ ମାତୃପୂଜା କରାଯାଏ । ଦଶହରା, ଦୁର୍ଗାପୂଜା ଓ ନବରାତ୍ରି ସେହି ଏକା ଉତ୍ସବର ବିଭିନ୍ନ ନାମମାତ୍ର । ଏହି ଉତ୍ସବକାଳରେ ପ୍ରଥମ ତିନି ରାତ୍ରିରେ ଦୁର୍ଗାଙ୍କୁ ଅର୍ଥାତ୍ ମାଆଙ୍କର ଧ୍ୱଂସକାରିଣୀ ତତ୍ତ୍ୱକୁ ପୂଜା କରାଯାଏ । ପରବର୍ତ୍ତୀ ତିନିରାତ୍ରି ମାଆଙ୍କର ସୃଷ୍ଟିକାରିଣୀ ତତ୍ତ୍ୱ ଅର୍ଥାତ୍ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ ଏବଂ ଶେଷ ତିନିରାତ୍ରିରେ ମାଆଙ୍କର ଜ୍ଞାନତତ୍ତ୍ୱ ସରସ୍ୱତୀଙ୍କରପୂଜାର୍ଚ୍ଚନା କରାଯାଇ ତାଙ୍କର କୃପା ପ୍ରାର୍ଥନା କରାଯାଏ । ଶେଷରେ ଆସେ ବିଜୟା ଦଶମୀ ବା ବିଜୟ ଦିବସ ।

ଏହି ପୂଜା ବ୍ୟବସ୍ଥା ଅନ୍ତରାଳରେ ଏକ ବିଶେଷ ତାତ୍ପର୍ଯ୍ୟ ନିହିତ । ଭକ୍ତ ଯେତେବେଳେ ଏହି କ୍ରମରେ ଦେବୀଙ୍କର ପୂଜା କରେ, ସେତେବେଳେ ମାଆ ପ୍ରଥମେ ଦୁର୍ଗାରୂପରେ ପ୍ରସନ୍ନା ହୋଇ ଭକ୍ତର ମନ ମଧ୍ୟରେ ଲୁଚି ରହିଥିବା ଦୁଷ୍ଟ ପ୍ରବୃତ୍ତିଗୁଡ଼ିକୁ ଧ୍ୱଂସ କରିଦିଅନ୍ତି । ତାପରେ ସେ ଲକ୍ଷ୍ମୀରୂପରେ ପ୍ରସନ୍ନା ହୋଇ ଭକ୍ତ ମନରେ ଦୈବୀସମ୍ପଦ ଅର୍ଥାତ୍ ଆଧ୍ୟାତ୍ମିକ ପଥ ଉଦ୍‌ଘାଟନରେ ସହାୟକ ଦିବ୍ୟଗୁଣ ନିଚୟ ରୋପଣ କରିଦିଅନ୍ତି । ଶେଷରେ ସରସ୍ୱତୀରୂପରେ ମାତା ଭକ୍ତକୁ ଦିବ୍ୟଜ୍ଞାନ ପ୍ରଦାନ କରନ୍ତି ।

ଦଶମ ଦିବସଟି ଉତ୍ସବର ଅସତ୍ ଉପରେ ସତ୍‌ର ବିଜୟର, ଅଜ୍ଞାନ ଉପରେ ଜ୍ଞାନର ବିଜୟର ସ୍ମାରକୀରୂପରେ ପାଳିତ ହୁଏ । ଏହି ଦିନ ବାଳକ-

ବାଳିକାମାନଙ୍କର ବିଦ୍ୟାରମ୍ଭ କରିଯାଏ । ଏହି ଦିନ ସାଧକମାନଙ୍କୁ ମନ୍ତ୍ରଦୀକ୍ଷା ଦିଆଯାଏ । ଏହି ସ୍ମରଣୀୟ ବିଜୟାଦଶମୀ ଦିନ ବଢେଇ, କମାର, ଦରଜି, ବାସ୍ତୁଶିଳ୍ପୀ, ଚିତ୍ରକର, ବାଦ୍ୟକର, ଗାୟକ, ଟାଇପିଷ୍ଟ ଆଦି ବିଭିନ୍ନ ପ୍ରକାର ବୈଷୟିକ କର୍ମରେ ନିଯୁକ୍ତ ଶିଳ୍ପୀଗଣ ନିଜ ନିଜର ଯନ୍ତ୍ର ଓ ଉପକରଣର ପୂଜା କରନ୍ତି । ଏହା ଆୟୁଧ ପୂଜା ନାମରେ ବିଖ୍ୟାତ । ନିଜର ଆୟୁଧ ଓ ଉପକରଣ ଅନ୍ତରାଳରେ ଯେଉଁ ଶକ୍ତି ନିହିତ, ଶିଳ୍ପୀକୁଳ ସେହି ଶକ୍ତିଙ୍କୁ ଦର୍ଶନ କରି, ତାଙ୍କର ପରିଚୟ ଲଭ କରି, ତାଙ୍କର ମହତ୍ତ୍ୱ ସ୍ୱୀକାର କରି କର୍ମମୟ ଜୀବନରେ ସାଫଲ୍ୟ ସମୃଦ୍ଧି ଓ ଶାନ୍ତି ଲଭପାଇଁ ସକଳ ଶକ୍ତିର ଆଧାର ସେହି ଦେବୀଙ୍କୁ ପୂଜାର୍ଚ୍ଚନା କରନ୍ତି ।

ଜଗଜ୍ଜନନୀଙ୍କର ପୂଜା— ଦେବୀ ବା ଜଗଜ୍ଜନନୀଙ୍କର ପୂଜା ଯେ କେବଳ ସମୃଦ୍ଧିସମ୍ପଦ ପ୍ରଦାନ କରେ, ତାହା ନୁହେଁ, ଦେବୀଙ୍କର ପୂଜା ଭକ୍ତକୁ ସକଳ ବନ୍ଧନରୁ ମଧ୍ୟ ମୁକ୍ତି ପ୍ରଦାନ କରିଥାଏ । ଦେବୀପୂଜା ଆତ୍ମଜ୍ଞାନ ଲଭରେ ସହାୟକ ହୁଏ । କେନୋପନିଷଦର ଯକ୍ଷପ୍ରଶ୍ନ ସମ୍ବାଦ ଏହି ମତପୋଷଣ କରେ । ଉମା ଦେବଗଣଙ୍କୁ ଏହି ସତ୍ୟ ଶିକ୍ଷା ପ୍ରଦାନ କରିଥିଲେ ।

ଶକ୍ତି ସର୍ବସମର୍ଥ । ସେ ସବୁ କିଛି କରିପାରିବେ । ସେ ସୃଷ୍ଟି କରିପାରିବେ, ଧ୍ୱଂସ କରିପାରିବେ । ସେ ଗଢ଼ିଦେଇପାରିବେ, ଭାଙ୍ଗିଦେଇପାରିବେ । ଜଗତରେ ନିଜର ସେହି ଦିବ୍ୟଲୀଳାର ନିରବଚ୍ଛିନ୍ନତା ରକ୍ଷା କରିବାଲାଗି ସେ ନିଜେ ଅବିଦ୍ୟାମାୟାରୂପରେ ସତ୍ୟକୁ ଆଚ୍ଛାଦିତ କରି ରଖିଛନ୍ତି ଏବଂ ଆପଣଙ୍କୁ ସଂସାରରେ ବାନ୍ଧିରଖିଛନ୍ତି । ଐକାନ୍ତିକ ଭକ୍ତି ବଳରେ, ସମ୍ପୂର୍ଣ୍ଣ ସର୍ତ୍ତବିହୀନ ଆତ୍ମଦାନ ବଳରେ ଦେବୀଙ୍କୁ ପ୍ରସନ୍ନ କରିପାରିଲେ, ସେ ବିଦ୍ୟାମାୟାରୂପରେ ସେହି ଆଚ୍ଛାଦନ ଖୋଲିଦେଇ ସତ୍ୟ ଦର୍ଶନପାଇଁ ଆପଣଙ୍କୁ ସାହାଯ୍ୟ କରିବେ ।

ମାଆଙ୍କର କୃପା ବିନା କେହି ମନର ଦାସତ୍ୱରୁ, ବିଷୟର ବନ୍ଧନରୁ ମୁକ୍ତ ହୋଇପାରିବେ ନାହିଁ । ମାୟାର ବେଢ଼ା ବଡ଼ କଠିନ, ତାକୁ କେହି ଭାଙ୍ଗି ନପାରେ । ଆପଣ ଯଦି ଦେବୀଙ୍କୁ ମହିମାମୟୀ ମାତାରୂପରେ ପୂଜା କରନ୍ତି, ତେବେ ତାଙ୍କର ସଦୟ କରୁଣାରୁ, ତାଙ୍କର ଅଶେଷ ଆଶୀର୍ବାଦରୁ ଆପଣ ଅତି ସହଜରେ ପ୍ରକୃତିକୁ ଲଙ୍ଘନ କରିପାରିବେ । ସେ ଆପଣଙ୍କ ପଥର ସମସ୍ତ ପ୍ରତିବନ୍ଧକ ଦୂର କରିଦେଇ ଆପଣଙ୍କୁ ଅତି ନିରାପଦରେ ପରିଚାଳିତ କରି ନେଇଯିବେ ନିତ୍ୟାନନ୍ଦର ଅମରଧାମକୁ ଏବଂ ଆପଣ ହୋଇଯିବେ ପରମ ବିମୁକ୍ତ ।

ସେହି ଜଗଜ୍ଜନନୀ ଜଗଦମ୍ବା, ସେହି ପରାଶକ୍ତି ଦେବୀ ଆପଣଙ୍କୁ ଜ୍ଞାନ, ଶାନ୍ତି ଓ ଶାଶ୍ୱତ ଆନନ୍ଦ ପ୍ରଦାନ କରନ୍ତୁ; ଏହା ହିଁ କାମନା ।

ଯୀଶୁ

ଜଗତରେ ପ୍ରକୃତ ଦିବ୍ୟଜୀବନ ଯାପନ କରି ସମଗ୍ର ମାନବଜାତିକୁ ଶାଶ୍ୱତ ଜୀବନର ଗୌରବମୟ ପଥ ପ୍ରଦର୍ଶନ କରାଇଦେବା ଉଦ୍ଦେଶ୍ୟରେ ଦୁଇହଜାର ବର୍ଷ ତଳେ ଏହି ଧରାପୃଷ୍ଠରେ ସ୍ୱୟଂ ଦିବ୍ୟଶକ୍ତି ଅବତରଣ କରିଥିଲେ । ଯୀଶୁ କୌଣସି ସାଧାରଣ ମନୁଷ୍ୟ ନ ଥିଲେ । ଏକ ବିଶେଷ ଦିବ୍ୟ-ଉଦ୍ଦେଶ୍ୟ ପୂରଣନିମନ୍ତେ ସେ ଏହି ଧରାପୃଷ୍ଠରେ ଅବତରଣ କରିଥିବା ଦିବ୍ୟଶକ୍ତି ଓ ଦିବ୍ୟପ୍ରେମର ଏକ ଅବତାର । ଜାଗତିକ ଲୀଳା ଏକ ଦିବ୍ୟଯୋଜନାର ଅଧୀନ; ସେହି ଦିବ୍ୟଯୋଜନାକୁ ପୂର୍ଣ୍ଣ କରିବା ନିମନ୍ତେ ଯୀଶୁ ଅବତୀର୍ଣ୍ଣ ହୋଇଥିଲେ । ସେ ଯେପରି ଭାବରେ ଏବଂ ଯେଉଁ ପରିସ୍ଥିତିରେ ଜନ୍ମ ଗ୍ରହଣ କରିଥିଲେ, ତାହା ଅନୁଧ୍ୟାନ କଲେ ଏହାର ପ୍ରମାଣ ମିଳିଯିବ ।

ଖ୍ରୀଷ୍ଟଙ୍କର ଜନ୍ମବୃତ୍ତାନ୍ତ ଏବଂ ତାର ତାତ୍ପର୍ଯ୍ୟ—ଯେପରି ସମୟରେ ଓ ଯେଉଁ ପରିସ୍ଥିତିରେ ଯୀଶୁ ଜନ୍ମଲାଭ କରିଥିଲେ, ତାହା ଏକ ଗଭୀର ଆଧ୍ୟାତ୍ମିକ ସତ୍ୟ ଉଦ୍‌ଘାଟନ କରେ । ସେ କୌଣସି ରାଜନବରରେ କିମ୍ବା କୌଣସି ଧନୀକ ବା ପଣ୍ଡିତଙ୍କର ପରିବାରରେ ଜନ୍ମଗ୍ରହଣ କରି ନଥିଲେ । ପୁଣି ସେ ସ୍ପଷ୍ଟ ଦିବାଲୋକରେ ସମସ୍ତଙ୍କ ଜ୍ଞାତସାରରେ ଜନ୍ମ ହୋଇ ନ ଥିଲେ । ଯୀଶୁ ଜନ୍ମ ହୋଇଥିଲେ ଏକ ସାଧାରଣ ନିରାଡ଼ମ୍ବର ସ୍ଥାନରେ—ଗୋଟିଏ ଗୁହାଳକୋଣରେ ଏକ ନିଃସ୍ୱ ଦରିଦ୍ର ଦମ୍ପତ୍ତିର ସନ୍ତାନରୂପରେ, ଯେଉଁମାନଙ୍କଠାରେ ନିଜର ନିଷ୍କଳଙ୍କ ଚରିତ୍ର ଓ ନିର୍ମଳ ହୃଦୟ ଭିନ୍ନ ଦମ୍ଭ ଅହଙ୍କାର ପ୍ରକାଶ କରିବାପାଇଁ ଅନ୍ୟ କୌଣସି ସମ୍ବଳ ନଥିଲା । ସେ ଜନ୍ମ ହୋଇଥିଲେ ଗଭୀର ତମସାଚ୍ଛନ୍ନ ମଧ୍ୟରାତ୍ରିର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ, ଯାହା ଫଳରେ ସ୍ୱଳ୍ପ କେତେଜଣ ଦିବ୍ୟ ଆଶୀର୍ବାଦ ଲାଭ କରିଥିବା ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କେହି ସେ ଜନ୍ମର ସୂଚନା ମଧ୍ୟ ପାଇପାରି ନ ଥିଲେ ।

ଉଲ୍ଲିଖିତ ଗଳ୍ପର ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟଟି ସୂଚାଇଦିଏ ଯେ, ଯେଉଁ ସାଧକ ସମ୍ପୂର୍ଣ୍ଣ ବିନୟଶୀଳ, ନମ୍ର ଓ ନିଃସ୍ୱ, ସେ'ହିଁ ଆଧ୍ୟାତ୍ମିକ ଜାଗ୍ରତି ଲାଭ କରେ । ପ୍ରଥମତଃ ପ୍ରକୃତ ନମ୍ରତା ହେଉଛି ଏକ ଅପରିହାର୍ଯ୍ୟ ଭିତ୍ତି । ଦ୍ୱିତୀୟତଃ ଆବଶ୍ୟକ ସରଳତା, ପବିତ୍ରତା ଏବଂ ତ୍ୟାଗ—ସାଂସାରିକ ସମ୍ପଦ ଲାଭପାଇଁ ସକଳ ପ୍ରକାର କାମନା ତ୍ୟାଗ; ପାଣ୍ଡିତ୍ୟ ଓ ଜ୍ଞାନଜନିତ ଅହଙ୍କାର ତ୍ୟାଗ । ତୃତୀୟତଃ

ଆବଶ୍ୟକ ଆତ୍ମବିଲୋପ-ସାଧନ ଓ ଆତ୍ମୋତ୍ସର୍ଗ । ଖ୍ରୀଷ୍ଟ ଯେପରି ଅଜଣା ଅଶୁଣା-ଭାବରେ ଗଭୀର ନୀରନ୍ଧ୍ର ଅନ୍ଧକାରରେ ଜନ୍ମଗ୍ରହଣ କରିଥିଲେ, ମନୁଷ୍ୟଠାରେ ସେହିପରି ସମ୍ପୂର୍ଣ୍ଣ ଆତ୍ମବିଲୋପ ତଥା ଆତ୍ମୋତ୍ସର୍ଗ ଘଟିଲେ ହିଁ, ତାର ଅନ୍ତରରେ ଖ୍ରୀଷ୍ଟାତ୍ମାର ଉଦୟ ହୋଇପାରିବ ।

ଏହା ହେଉଛି ଦିବ୍ୟ ଜୀବନର ଜନ୍ମ । ଶହ ଶହ ବର୍ଷ ତଳେ ପ୍ରଭୁ ଯୀଶୁ ମହାତ୍ମା ନିକୋଡେମସଙ୍କୁ ସୁନ୍ଦର ମଧୁର ଭାବରେ ଯେଉଁ ଜନ୍ମର ରହସ୍ୟ ବୁଝାଇ-ଦେଇଥିଲେ, ତାହା ହେଉଛି ଏହି ଆଲୋଚ୍ୟ ଜନ୍ମର ରହସ୍ୟ । ଯୀଶୁ ଯେତେବେଳେ କହିଲେ ଯେ, 'ଈଶ୍ୱରଙ୍କ ରାଜ୍ୟ' ଲାଭ କରିବାକୁ ହେଲେ ମନୁଷ୍ୟକୁ ପୁନର୍ବାର ଜନ୍ମଗ୍ରହଣ କରିବାକୁ ପଡ଼ିବ, ସେତେବେଳେ ମହାତ୍ମା ନିକୋଡ଼େମସ୍ ସେକଥାର ପୂର୍ଣ୍ଣତାତ୍ପର୍ଯ୍ୟ ବୁଝି ପାରିଲେ ନାହିଁ । ସେ ପଚାରିଲେ, "ଏହା ପୁଣି ଘଟିବ କିପରି ?" ତାତ୍ପର୍ଯ୍ୟ ବୁଝାଇ ଦେଇ ଯୀଶୁ କହିଲେ, "ଯେଉଁ ପୁନର୍ଜନ୍ମ ବିଷୟ କୁହାଗଲା, ତାହା କୌଣସି ଦେହର ପୁନର୍ଜନ୍ମ ନୁହେଁ ; ତାହା ଅନ୍ତରର ପୁନର୍ଜନ୍ମ, ଆତ୍ମାର ପୁନର୍ଜନ୍ମ । ଅନ୍ତରର ଆଧ୍ୟାତ୍ମିକ ପୁନର୍ଜନ୍ମ ବିନା ଭଗବତ ଚେତନା ଲାଭ ଅସମ୍ଭବ, ପ୍ରକୃତ ସୁଖ ଅଲଭ୍ୟ ।"

ପ୍ରଭୁ ଯୀଶୁଙ୍କ ବାଣୀର ଶକ୍ତି ଓ ସରଳତା— ଯୀଶୁ ଅତି ସରଳ ଜୀବନ ଯାପନ କରିଥିଲେ ଏବଂ ଅତି ସରଳଭାବରେ ଉପଦେଶ ପ୍ରଦାନ କରିଥିଲେ । କିନ୍ତୁ ସେହି ସରଳତା ମଧ୍ୟରେ ରହିଥିଲା ଅପାର ଗାମ୍ଭୀର୍ଯ୍ୟ । ତାଙ୍କର ଉପଦେଶ ଦେବାର ପ୍ରଣାଳୀ ଥିଲା ଅସାଧାରଣ । ଯୀଶୁଙ୍କର କୌଣସି ବିଦ୍ୟାଗତ ପାଣ୍ଡିତ୍ୟ ନ ଥିଲା । ତାଙ୍କର କୌଣସି ଉପାଧି ନ ଥିଲା, କି ଅଳଙ୍କାର ନ ଥିଲା । ସେ କୌଣସି ପଣ୍ଡିତ ନ ଥିଲେ, କି ବିଦ୍ୱାନ ନ ଥିଲେ । କୌଣସି ବ୍ୟାବହାରିକ କଳା ବା ବିଜ୍ଞାନରେ ତାଙ୍କର କୌଣସି ବ୍ୟୁତ୍ପତ୍ତି ନ ଥିଲା, କି ବିଶେଷ ଯୋଗ୍ୟତା ନ ଥିଲା । ସେ ସଭାସମିତି କରି ବାଗାଡ଼ମ୍ବରପୂର୍ଣ୍ଣ ଭାଷଣ ଦେଉ ନ ଥିଲେ କିମ୍ବା ପ୍ରଚାରମଞ୍ଚ ଉପରୁ ପାଣ୍ଡିତ୍ୟପୂର୍ଣ୍ଣ ମତଶାସ୍ତ୍ର ବ୍ୟାଖ୍ୟାନ କରୁ ନ ଥିଲେ । ସେ ଯେତେବେଳେ ଯାହା କହୁଥିଲେ, କହୁଥିଲେ ସଂକ୍ଷେପରେ ଏବଂ ସେହି ସଂକ୍ଷିପ୍ତ ବକ୍ତବ୍ୟ ଶେଷ ହୋଇଯାଉଥିଲା ଅଳ୍ପ କେତୋଟି ପଦରେ । ତାଙ୍କର ଉପଦେଶଗୁଡ଼ିକ ଥିଲା ସଂକ୍ଷିପ୍ତ, ସାରଗର୍ଭକ ଓ ପ୍ରାୟତଃ ପ୍ରବାଦସଦୃଶ । କିନ୍ତୁ ତାଙ୍କର ମୁଖନିସୃତ ପ୍ରତ୍ୟେକଟି ଶବ୍ଦ ଏକ ଅପୂର୍ବ ଅତିଜାଗତିକ ଶକ୍ତିରେ ଝଂକୃତ ହେଉଥିଲା । ଯୀଶୁଙ୍କର ପ୍ରତ୍ୟେକଟି ବାକ୍ୟ ଥିଲା ଜୀବନ୍ତ ଓ ଜ୍ୱଳନ୍ତ । ସେହି ଉପଦେଶବାଣୀ ଶ୍ରୋତାର ଚେତନା ରାଜ୍ୟରେ ପ୍ରଜ୍ୱଳିତ ହୋଇ ତାହାର ଗଭୀରତମ ପ୍ରଦେଶରେ ପ୍ରବେଶ କରିଯାଉଥିଲା ।

କିନ୍ତୁ ସେହି ଅପୂର୍ବ ଶକ୍ତି ଉଦୟ ହେବା ପଛରେ କେଉଁ କାରଣ ନିହିତ ଥିଲା ?

ଯୀଶୁ ଯେତେବେଳେ କିଛି କହୁଥିଲେ, ସେତେବେଳେ ତାଙ୍କ ବାଣୀର ପ୍ରତିଟି ଅମୂଲ୍ୟ ପଦ ନିର୍ଗତ ହେଉଥିଲା ଏକ ଅସୀମ ପ୍ରେମ ଓ ଅନନ୍ତ ଦିବ୍ୟକରୁଣାର ଅଗାଧ ଭଣ୍ଡାରରୁ, ଯେଉଁ ଭଣ୍ଡାର କି ମାନବ ଜଗତର ମଙ୍ଗଳ କାମନାରେ, ମାନବଜଗତର ସେବା, ସହାୟତା ଓ ପରିତ୍ରାଣ ଉଦ୍ଦେଶ୍ୟରେ ଏକ ସର୍ବଗ୍ରାସୀ ପ୍ରବଳ କାମନା ଧରି ବାରମ୍ବାର ଉଦ୍‌ବେଳିତ ହୋଇଉଠୁଥିଲା । ମାନବ ଜଗତକୁ ପବିତ୍ର କରିଦେବାପାଇଁ, ମାନବଜଗତକୁ ଜାଗ୍ରତ ଉଜ୍ଜୀବିତ କରି ପରିତ୍ରାଣ କରିଦେବାପାଇଁ ଏ ଯେଉଁ ଅପାର କରୁଣା ଉଦ୍‌ବେଳିତ ହେଉଥିବା ବିଷୟ ଉଲ୍ଲେଖ କରାଗଲା, ଏହି ଦିବ୍ୟକରୁଣାର ଉପାଦାନରେ ହିଁ ଯୀଶୁଖ୍ରୀଷ୍ଟଙ୍କର ପବିତ୍ର ହୃଦୟ ଗଠିତ ହୋଇଥିଲା । ଏହି ମାନବପ୍ରେମ ତାଙ୍କର ପ୍ରତିଟି ବାକ୍ୟକୁ ଏକ ଦିବ୍ୟ ଶକ୍ତିରେ ଉଜ୍ଜୀବିତ କରିଦେଇଥିବା ଫଳରେ ସେଗୁଡ଼ିକ ଭାଗ୍ୟବାନ ଶ୍ରୋତାଗଣଙ୍କ ହୃଦୟ ମନ୍ଦିରରେ ସ୍ଥାୟୀଭାବରେ ପ୍ରତିଷ୍ଠିତ ହୋଇଯାଉଥିଲା ।

ଖ୍ରୀଷ୍ଟଧର୍ମ— ଖ୍ରୀଷ୍ଟଧର୍ମରେ ବିଶେଷ ଜଟିଳ ଦର୍ଶନ ବା ଯୋଗସାଧନ ନାହିଁ । ଏପରି ନ ରହିବା ପଛରେ ଯଥେଷ୍ଟ କାରଣ ରହିଛି । ଯୀଶୁ ଯେଉଁମାନଙ୍କୁ ଧର୍ମଶିକ୍ଷା ଦେଇଥିଲେ, ସେମାନେ ଥିଲେ ଗାଲିଲୀର ନିରକ୍ଷର କେଉଟ । ସେମାନଙ୍କୁ କେବଳ ନୈତିକ ଉପଦେଶ ପ୍ରଦାନ କରି ଧର୍ମମାର୍ଗ ପ୍ରଦର୍ଶନ କରିବା ଥିଲା ଯୀଶୁଙ୍କର ମୁଖ୍ୟକାର୍ଯ୍ୟ । ବିମୂର୍ତ୍ତ ଦାର୍ଶନିକ ତତ୍ତ୍ୱ ଓ ନିଗୂଢ଼ ମାନସିକ ଗବେଷଣାକୁ ଦୂରରେ ରଖି କେବଳ ମନୁଷ୍ୟ କିପରି ଜୀବନ ଯାପନ କରିବ, କି ଚିନ୍ତା କରିବ ଏବଂ କି କାର୍ଯ୍ୟ କରିବ, ତାହା ଶିକ୍ଷା ଦେବା ଥିଲା ଯୀଶୁଙ୍କର ଲକ୍ଷ୍ୟ । ଉକ୍ତ ଲକ୍ଷ୍ୟ ସାଧନ ନିମନ୍ତେ ସେ ନିଗୂଢ଼ତମ ଆଧ୍ୟାତ୍ମିକ ସତ୍ୟଗୁଡ଼ିକୁ ଏପରି ସରଳ ଗଳ୍ପ ଓ ନୀତିକଥାର ଆବରଣ ଦେଇ ପ୍ରକାଶ କରୁଥିଲେ ଯେ, ରାସ୍ତାକଡ଼ର ସାଧାରଣ ମନୁଷ୍ୟ ମଧ୍ୟ ସେସବୁ ମହାନ ସତ୍ୟ ଅତିସହଜରେ ଗ୍ରହଣ କରିପାରୁ ଥିଲା, ସ୍ପଷ୍ଟଭାବରେ ହୃଦୟଙ୍ଗମ କରିପାରୁଥିଲା, ଫଳରେ ପ୍ରଭୁ ଯୀଶୁଙ୍କର ମୁଖନିସୃତ ପବିତ୍ର ମଧୁର ବାଣୀ ମାଧ୍ୟମରେ ଆଧ୍ୟାତ୍ମିକ ଜୀବନର ବିଭିନ୍ନ ନିଗୂଢ଼ ଜ୍ଞାନ ସରଳ ନୀତିକଥାରୂପରେ ମନୁଷ୍ୟ ସମାଜରେ ପରିବେଷିତ ହୋଇଗଲା ।

ଈଶ୍ୱରଙ୍କର, ମନୁଷ୍ୟର ତଥା ମନୁଷ୍ୟର ନିବାସସ୍ଥଳ ଏହି ଜଗତର ପ୍ରକୃତ ସ୍ୱରୂପ ଯେ କଣ, ଯୀଶୁ ତାହା ବୁଝାଇଦେଇଥିଲେ । ସେ ଲୋକଙ୍କୁ ଶିକ୍ଷା

ଦେଇଥିଲେ ଯେ, ଲୋକେ ଜଗତକୁ ସାଧାରଣତଃ ଯେଉଁ ଦୃଷ୍ଟିକୋଣରୁ ଦେଖନ୍ତି, ସେହି ଦୃଷ୍ଟିକୋଣ ବଦଳାଇଦିଅନ୍ତୁ । ସେ କହିଥିଲେ, ଯଦି ଲୋକେ ନିଜର ବସ୍ତୁତାନ୍ତ୍ରିକ ଦୃଷ୍ଟିକୋଣ ବଦଳାଇଦେଇ ଜୀବନକୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଦେଖନ୍ତି, ତେବେ ସେମାନେ ଉପଲବ୍‌ଧି କରିବେ ଯେ, ସେମାନେ ବାସ କରୁଥିବା ଏହି ଜଗତ ହିଁ ଈଶ୍ୱରଙ୍କର ସାମ୍ରାଜ୍ୟ ।

ଯୀଶୁ ନିଜର ମହାନ ଉପଦେଶଗୁଡ଼ିକର କୌଣସି ଲିପିବଦ୍ଧ ପ୍ରମାଣପତ୍ର ରଖିଯାଇ ନାହାନ୍ତି । ସେ ସମସ୍ତ ଉପଦେଶ କେବଳ ମୌଖିକଭାବରେ ପ୍ରଦାନ କରିଯାଇଛନ୍ତି । ତାଙ୍କ ପ୍ରଦତ୍ତ ମୌଖିକ ଉପଦେଶାବଳୀର ଗୋଟିଏ ମଧ୍ୟ ପଦ ସେ ନିଜେ ଲେଖି ରଖି ନ ଥିଲେ କିମ୍ବା ତାଙ୍କର ଜୀବଦ୍ଦଶାରେ ତାଙ୍କର ଶିଷ୍ୟଗଣ ସେଥିରୁ ଗୋଟିଏ ମଧ୍ୟ ପଦ ଲେଖି ରଖି ନ ଥିଲେ ।

ଯୀଶୁଙ୍କ ପ୍ରଦତ୍ତ ବାଣୀର ପ୍ରକୃତ ତାତ୍ପର୍ଯ୍ୟ ଉପଲବ୍‌ଧି ନ କରି, ବରଂ ତାର ଭ୍ରମାତ୍ମକ ଅର୍ଥ କରି, ସେସବୁକୁ ବିକୃତ କରି, ନାନା ଭାବରେ ପରିବର୍ତ୍ତିତ କରି ଭିନ୍ନରୂପରେ ପ୍ରକାଶ କରାଯାଇଛି । ତଥାପି ସେହି ବାଣୀର ଅନ୍ତର୍ବଳ ଏତେ ପ୍ରଗାଢ଼ ଯେ, ତାହା ଲୁପ୍ତ ହୋଇ ନ ଯାଇ ଦୀର୍ଘ ଦୁଇହଜାର ବର୍ଷ ଧରି ତିଷ୍ଠି ରହିଛି । ଏହାର କାରଣ ହେଉଛି, ସେ ବାଣୀ ନିର୍ଗତ ହୋଇଥିଲା ଜଣେ ସିଦ୍ଧ ଯୋଗୀଙ୍କ ଅନ୍ତରରୁ ।

ଯୀଶୁ ବାଣୀ — ଯୀଶୁଙ୍କ ବାଣୀ ସତ୍ୟର ବାଣୀ । ତାଙ୍କର ବାଣୀ ମାଧ୍ୟମରେ ପ୍ରକାଶିତ ହୋଇଯାଇଛି ସସୀମପ୍ରତି ଅସୀମର ଆହ୍ୱାନ; ବ୍ୟକ୍ତିପ୍ରତି ବିଶ୍ୱରୂପଙ୍କର ଆହ୍ୱାନ; ମନୁଷ୍ୟପ୍ରତି ଈଶ୍ୱରଙ୍କର ଆହ୍ୱାନ । ତେଣୁ ତାଙ୍କର ଦିବ୍ୟବାଣୀ ବେଦ-ଉପନିଷଦର ବାଣୀଠାରୁ, କୋରାନର ବାଣୀଠାରୁ, ଜେଣ୍ଡ-ଆବେସ୍ତାର ବାଣୀଠାରୁ ଧମ୍ମପଦର ବାଣୀଠାରୁ ତଥା ଜଗତର ପ୍ରତ୍ୟେକ ମହାନ ଧର୍ମର ପବିତ୍ର ବାଣୀଠାରୁ ଅଭିନ୍ନ । ଯୀଶୁପ୍ରବର୍ତ୍ତିତ ଧର୍ମମାର୍ଗ ମୌଳିକତା ଦୃଷ୍ଟିରୁ ଉଲ୍ଲିଖିତ ସମସ୍ତ ଧର୍ମଶାସ୍ତ୍ରର ପ୍ରତିପାଦିତ ମାର୍ଗ ସହିତ ସମାନ । ସେ ମାର୍ଗ ହେଉଛି ଦେହକୁ ଅସ୍ୱୀକାର କରି ଆତ୍ମାକୁ ସ୍ୱୀକାର କରିବାର ମାର୍ଗ; ଆତ୍ମାର ଗୌରବର ପୁନରୁତ୍‌ଥାନ ନିମନ୍ତେ, ଅନନ୍ତ ଆତ୍ମା ନିକଟକୁ ଅନ୍ତିମ ଆରୋହଣ କରିବା ନିମନ୍ତେ, ଦିବ୍ୟତ୍ୱ ଲାଭ ପଥରେ ଅନ୍ତିମ ଉତ୍କର୍ଷ ସାଧନ ନିମନ୍ତେ ନୀଚ ପ୍ରବୃତ୍ତିପ୍ରବଣ ମନକୁ ଦୃଢ଼ବଦ୍ଧ କରିବାର, ନିଧନ କରିବାର ମାର୍ଗ । ପ୍ରେୟସ୍କୁ ପରିତ୍ୟାଗ କରି ଶ୍ରେୟସ୍କୁ ଆଶ୍ରୟ କରିବା ନିମନ୍ତେ, ଅନାତ୍ମାକୁ ଅସ୍ୱୀକାର କରି ଆତ୍ମାରେ ନିବାସ କରିବା ନିମନ୍ତେ ଯେଉଁ ଉପନିଷଦୀୟ ମାର୍ଗ ପ୍ରଦର୍ଶନ କରାଯାଇଛି, ଯୀଶୁପ୍ରଦର୍ଶିତ ମାର୍ଗ ତାଠାରୁ କୌଣସି ପ୍ରକାର ଭିନ୍ନ ନୁହେଁ ।

ଯୀଶୁ ଘୋଷଣା କରିଛନ୍ତି, 'ତୁମେ ଉଭୟ ଭଗବାନ ଓ ଭବସମ୍ପଦର ପୂଜା କରିପାରିବ ନାହିଁ ।' ତାଙ୍କର ଏହି ଉପଦେଶଟିର ତାତ୍ପର୍ଯ୍ୟ ହେଉଛି : ନିବୃତ୍ତ ହୁଅ; ପ୍ରବୃତ୍ତ ହୁଅ ଅସାର ସଂସାରର ବସ୍ତୁତନ୍ତ୍ରରୁ ନିଜକୁ ନିବୃତ୍ତ କରି ରଖ ଏବଂ ଆତ୍ମାର ଶାଶ୍ୱତ ଆଧ୍ୟାତ୍ମିକ ସମ୍ପଦରେ ନିଜକୁ ପ୍ରବୃତ୍ତ କରି ରଖ । ସୁତରାଂ ସମସ୍ତ ପାପ ଓ ସକଳ ଦୁଃଖ ଦୂରକୁ ଠେଲିଦେଇ ଶାଶ୍ୱତ-ସୁଖ-ରାଜ୍ୟରେ ପ୍ରବେଶ କରିବାର ଯେଉଁ ମାର୍ଗ ରହିଛି, ଯୀଶୁ ଆମକୁ ସେହି ମହାନ ମାର୍ଗ ଶିକ୍ଷା ଦେଇଛନ୍ତି ।

ଯୀଶୁଙ୍କ ଜୀବନୀ— ଯୀଶୁ ହେଉଛନ୍ତି ସ୍ୱପ୍ରଚାରିତ ସକଳ ଉପଦେଶର ଏକ ମୂର୍ତ୍ତିମନ୍ତ ପ୍ରତୀକ । ଆମେ ଯୀଶୁଙ୍କଠାରେ ପବିତ୍ରତା, ସଦାଶୟତା, ଦୟାର୍ଦ୍ରତା, କ୍ଷମାଶୀଳତା, ଭଦ୍ରତା ଓ ନ୍ୟାୟପରାୟଣତା ଆଦି ସମସ୍ତ ସଦ୍‌ଗୁଣର ପରମ ଅଭିବ୍ୟକ୍ତି ଦେଖିବାକୁ ପାଉ । ସେ କହିଛନ୍ତି, 'ମୁଁ ହେଉଛି ସତ୍ୟ, ମୁଁ ହେଉଛି ମାର୍ଗ ଏବଂ ମୁଁ ହେଉଛି ଜୀବନ ।' ସେ ହେଉଛନ୍ତି ସକଳ ସୌନ୍ଦର୍ଯ୍ୟ, ସମସ୍ତ ମହତ୍ତ୍ୱ ଓ ସମସ୍ତ ମଙ୍ଗଳର ଶ୍ରେଷ୍ଠତମ ପ୍ରତିମୂର୍ତ୍ତି । ସେ ହେଉଛନ୍ତି ମାନବଜଗତର ପରମ ଆଦର୍ଶ ପୂର୍ଣ୍ଣତାର ନିଦର୍ଶନ । ସେ ହେଉଛନ୍ତି ଏକାଧାରରେ ଦାର୍ଶନିକ, ଧର୍ମପ୍ରବର୍ତ୍ତକ, ସଂସ୍କାରକ ଓ ଶିକ୍ଷକ । ସେ ଯାହା ବାକ୍ୟରେ ଉପଦେଶ ଦେଇଛନ୍ତି, ତାହା ଆଚରଣରେ ପ୍ରଦର୍ଶନ କରିଛନ୍ତି ।

ଯୀଶୁଖ୍ରୀଷ୍ଟଙ୍କର ଉନ୍ନତ ନିର୍ମଳ ଭାବମୂର୍ତ୍ତିକୁ ପ୍ରାୟତଃ ଏକ ସ୍ୱର୍ଗୀୟ ନିଷ୍କଳଙ୍କ ପବିତ୍ରତା ଆବୃତ କରି ରଖିଥିଲା । ତାଙ୍କର ଜୀବନ ଥିଲା ଜ୍ଞାନ, ଭକ୍ତି ଓ କର୍ମର ଏକ ଅପୂର୍ବ ସମନ୍ୱୟ । ମସ୍ତିଷ୍କ, ହୃଦୟ ଓ ହସ୍ତର ଏକ ଅଖଣ୍ଡ ଆଦର୍ଶ ବିକାଶ ତାଙ୍କ ଜୀବନକୁ ଚିରକାଳ ନିମନ୍ତେ ମାନବଜାତିର ଅନୁକରଣୀୟ କରିଦେଇଛି । ସେ ନିଜେ ଯେ ପରମାତ୍ମାଙ୍କଠାରୁ ଅଭିନ୍ନ, ସେ ବିଷୟରେ ସେ ସର୍ବଦା ସଚେତ ଥିଲେ । ତଥାପି ସେ ଈଶ୍ୱରଙ୍କୁ ଜଣେ ବ୍ୟକ୍ତିରୂପେ ଗ୍ରହଣ କରିଥିଲେ ଏବଂ ପ୍ରାର୍ଥନା, ପ୍ରଶସ୍ତି ଓ ଯଶୋଗାନ ମାଧ୍ୟମରେ ସେହି ପରମପୁରୁଷଙ୍କ ଉଦ୍ଦେଶ୍ୟରେ ତାଙ୍କ ହୃଦୟରୁ ସତତ ଭକ୍ତି ଓ ପ୍ରେମ ବିଗଳିତ ହେଉଥିଲା । ପୁଣି ନିଜର ଦୈନନ୍ଦିନ ଜୀବନରେ ଯୀଶୁ କର୍ମଯୋଗର ଏକ ମୂର୍ତ୍ତିମନ୍ତ ସ୍ୱରୂପ ଥିଲେ । ତାଙ୍କର ସମଗ୍ର ଜୀବନ ଦୁଃସ୍ଥନିପୀଡ଼ିତମାନଙ୍କର ସେବାର ଏକ ନିରବଚ୍ଛିନ୍ନ ସ୍ରୋତରେ ପରିଣତ ହୋଇଯାଇଥିଲା । ଯେଉଁଠାରେ ଲୋକେ ସାହାଯ୍ୟ ଓ ସହାନୁଭୂତିପାଇଁ ଆତୁର ହୋଇ ଗୁହାରିରହିଥିଲେ, ପାଦ ତାଙ୍କୁ ଚଳାଇ ନେଇଯାଉଥିଲା ଠିକ୍ ସେଇଠିକି । ହସ୍ତ ତାଙ୍କର ପ୍ରସାରିତ ହୋଇଯାଉଥିଲା ନିର୍ଯ୍ୟାତିତ ଓ ରୋଗଗ୍ରସ୍ତମାନଙ୍କର ସେବା କରିବାପାଇଁ । ମୁଖରୁ ତାଙ୍କର ଝରିପଡ଼ୁଥିଲା କେବଳ ଆଶା, ଆଶ୍ୱାସନା ଓ ଉତ୍ସାହ-ଉଦ୍ଦୀପନାର କୋମଳମଧୁର ସୁଧାମୟ ବାଣୀ । ଯୀଶୁଙ୍କର ଉଜ୍ଜ୍ୱଳ ଯୌଗିକନୟନ

ଯାହା ଉପରେ ପଡ଼ିଯାଉଥିଲା, ସେ ଲୋକ ସମ୍ପୂର୍ଣ୍ଣଭାବରେ ପରିବର୍ତ୍ତିତ ହୋଇଯାଉଥିଲା । ଉନ୍ନତ ଉଦ୍‌ବୁଦ୍ଧ ହୋଇ, ପ୍ରଭୁ ଯୀଶୁ ନିଜର ଚିନ୍ତାରେ ଚେତନାରେ, ବଚନରେ, କର୍ମରେ ଅନ୍ୟମାନଙ୍କର କେବଳ ମଙ୍ଗଳ ହିଁ କରିଚାଲିଥିଲେ ଏବଂ ଏହି ସକଳ କର୍ମ ମଧ୍ୟରେ ସେ ଯେଉଁ ଅଖଣ୍ଡ ଚେତନାରେ ନିବାସ କରୁଥିଲେ, ତାହା ହେଉଛି "ମୁଁ ଓ ମୋର ପିତା ଏକ ଏବଂ ଅଭିନ୍ନ ।" ସେ ଯେଉଁ ଜୀବନ ଅତିବାହିତ କରିଚାଲିଥିଲେ, ତାହା ଥିଲା ଜଣେ ସହଜସମାଧିସ୍ଥ ସନ୍ନ୍ୟାସୀଙ୍କର ଜୀବନ ।

ଯୀଶୁଙ୍କର ଜୀବନ ହେଉଛି ନିର୍ଯ୍ୟାତନା, ଦମନ ଓ ଭ୍ରମାତ୍ମକ ଧାରଣାର ଚରମ ସ୍ଥିତି ବିରୁଦ୍ଧରେ ଦଣ୍ଡାୟମାନ ହୋଇଥିବା ଏକ ନୀରବ ଅଥଚ ମହାନ ବୀରତ୍ୱର ପ୍ରତୀକ । ଆଧ୍ୟାତ୍ମିକ ପଥରେ ଜଣେ ସତ୍ୟସନ୍ଧ ସାଧକ କିପରି ସକଳ ପ୍ରଲୋଭନ ପ୍ରତ୍ୟାଖ୍ୟାନ କରିଥାଏ, ଯୀଶୁ ହେଉଛନ୍ତି ତାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ତାଙ୍କୁ କ୍ରୁଶବିଦ୍ଧ କରିବାର ବାହ୍ୟ ନାଟକ ଅଭିନୀତ ହେବାର ବହୁପୂର୍ବରୁ ,ସେ ସକଳ ନୀଚପ୍ରବୃତ୍ତିର ବିନାଶନ ତଥା ଦିବ୍ୟ ଜୀବନ ମାଧ୍ୟମରେ ସ୍ୱତଃ ପ୍ରଣୋଦିତ ହୋଇ ଆଧ୍ୟାତ୍ମିକ କ୍ଷେତ୍ରରେ ନିଜକୁ କ୍ରୁଶବିଦ୍ଧ କରି ସାରିଥିଲେ ।

ଯୀଶୁ ଥିଲେ ସ୍ୱୟଂ ଈଶ୍ୱର । ପବିତ୍ର ଧର୍ମପୁସ୍ତକ ଆମକୁ ବାରମ୍ବାର ଏହି ବିଷୟ ସୂଚାଇ ଦେଇଥାଏ । ତଥାପି ଯୀଶୁ ଏପରି ଦୁଃଖ ଓ ନିର୍ଯ୍ୟାତନା ସହ୍ୟ କରିବାର କାରଣ କଣ ? ସେ କଣ ନିଜର ସାମାନ୍ୟ ଟିକିଏ ଦିବ୍ୟଶକ୍ତି ପ୍ରୟୋଗ କରି ଶତ୍ରୁମାନଙ୍କୁ ସମ୍ପୂର୍ଣ୍ଣ ପରାଭୂତ କରିଦେଇ ପାରି ନ ଥାନ୍ତେ ? ନିଶ୍ଚିତଭାବରେ ପାରିଥାନ୍ତେ । କିନ୍ତୁ ପ୍ରେମାବତାର ପ୍ରଭୁ ଯୀଶୁ ଚାହୁଁନଥିଲେ ଯେ, ତାଙ୍କର ଜୀବନ ଜନସାଧାରଣଙ୍କର ଅନୁକରଣଯୋଗ୍ୟ ଜୀବନ ହେଉ । ତେଣୁ ସେ ସାଧାରଣ ମନୁଷ୍ୟପରି ଆଚରଣ ପ୍ରଦର୍ଶନ କରିଥିଲେ ଏବଂ ସେହି ସାଧାରଣ ଆଚରଣ ମାଧ୍ୟମରେ ସେ ନିଜର ସଂକ୍ଷିପ୍ତ ଅଥଚ ଘଟଣା ବହୁଳ ଜୀବନକାଳ ମଧ୍ୟରେ ସ୍ୱପ୍ରଚାରିତ 'ପାର୍ବତୀୟ ଉପଦେଶ'କୁ କାର୍ଯ୍ୟରେ ପରିଣତ କରିବାର ଦୃଷ୍ଟାନ୍ତ ଦେଖାଇଦେଇଥିଲେ ।

ଯୀଶୁ ଓ ଆଧୁନିକ ମନୁଷ୍ୟ— ଏହା ସତ୍ୟ ଯେ, ଯୀଶୁ ଲୋକମାନଙ୍କର ମୁକ୍ତି ନିମନ୍ତେ କ୍ରୁଶବିଦ୍ଧ ହୋଇ ନିଜ ଅଙ୍ଗରୁ ରୁଧିର ଝରାଇଥିଲେ । କିନ୍ତୁ ଆଜି ସେ ଯେତେବେଳେ ଈଶ୍ୱରଙ୍କ ରାଜ୍ୟରେ ନିତ୍ୟବାସ କରୁଛନ୍ତି, ସେତେବେଳେ ତାଙ୍କର ଦିବ୍ୟ କରୁଣାସିକ୍ତ ହୃଦୟରୁ ଅହରହ ଅଧିକ ମାତ୍ରାରେ ରୁଧିର ଝରି ପଡୁଥିବ । କାରଣ ସେ ଯେତେବେଳେ ପୃଥିବୀରେ ବାସ କରୁଥିଲେ, ସେତେ-

ଯେତେବେଳେ ଲୋକେ ଧର୍ମ ବିଷୟରେ ଅଜ୍ଞ ଥିଲେ ଏବଂ ତା' ଫଳରେ ଭୁଲଭଟକା କରିବା ଏବଂ ଦୋଷଦୁର୍ବଳତା ଦେଖାଇବା ସେମାନଙ୍କ ପକ୍ଷରେ ସ୍ୱାଭାବିକ ହୋଇପଡ଼ିଥିଲା କିନ୍ତୁ ଆଧୁନିକ ମନୁଷ୍ୟ ତ ଆଉ ଅଜ୍ଞାନ-ଅନ୍ଧକାରରେ ବୁଡ଼ି ରହି ନାହିଁ, ସେ ପ୍ରଭୁ ଯୀଶୁଙ୍କ ଜୀବନର ଜ୍ୟୋତିର୍ମୟ ଆଲୋକ ପାଇସାରିଛି; ଯୀଶୁଙ୍କର ଉପଦେଶ ଅଜି ଧର୍ମମାର୍ଗକୁ ଉଜ୍ଜ୍ୱଳ ଉଦ୍ଭାସିତ କରିସାରିଛି; ଅଥଚ ଏତେ ଜ୍ୟୋତି, ଏତେ ଆଲୋକ ଉଦ୍ଭାସ ସତ୍ତ୍ୱେ ମନୁଷ୍ୟ ଆଜି ଉଚ୍ଛୃଙ୍ଖଳ ହୋଇ ଅଜ୍ଞତା, ଅନ୍ଧକାର, ପାପ, ସ୍ୱାର୍ଥପରତା, କାମୁକତା ଓ ଦୁଃଖ ଯନ୍ତ୍ରଣାର ପଥ ଧରି ରଖିଛି । ଯେଉଁ କ୍ଷମାଶୀଳ ହୃଦୟରୁ ଅଜ୍ଞ ପାପୀମାନଙ୍କ ନିମନ୍ତେ ରୁଧିର ଝରି ପଡ଼ୁଥିଲା, ସେ ହୃଦୟରୁ କେତେ ଯେ ରୁଧିର ଝରି ପଡୁ ନ ଥିବ ଆଜିର ଏହି ମନୁଷ୍ୟମାନଙ୍କ ନିମନ୍ତେ, ଯେଉଁମାନେ ପ୍ରଭୁଙ୍କର ଦିବ୍ୟ ଆଲୋକକୁ ଅବଜ୍ଞା କରି ଜର୍ଜରିତ ହୋଇଯାଉଛନ୍ତି ଜଘନ୍ୟ ପାପରେ !!

ଏହା ହିଁ କଣ ମଣିଷର ସେହି ପରମ-ମୁକ୍ତିଦାତାଙ୍କପ୍ରତି କୃତଜ୍ଞତା ପ୍ରଦର୍ଶନ କରିବାର ଯଥୋଚିତ ପ୍ରଣାଳୀ ? ନା, କଦାପି ନୁହେଁ, ଏ ପ୍ରଣାଳୀ କୌଣସି ଦୃଷ୍ଟିରୁ କୃତଜ୍ଞତା ପ୍ରଦର୍ଶନର ପ୍ରଣାଳୀ ନୁହେଁ । ବିଳମ୍ବ ହୋଇଗଲେ ମଧ୍ୟ, ଫେରି ଧନ ପାଇଁ ସମୟ ଥାଏ । ପ୍ରଭୁ ମୁଖନିଃସୃତ ସୁସମାଚାରର ପୁନର୍ବାର ଅଧ୍ୟୟନ କରନ୍ତୁ । ପ୍ରଭୁ ଯୀଶୁଙ୍କର ସେହି ଜ୍ୟୋତିର୍ମୟ, ଆଧ୍ୟାତ୍ମିକ ବ୍ରହ୍ମମୟ ଦିବ୍ୟରୂପକୁ ଧ୍ୟାନ କରନ୍ତୁ । କି ମଧୁର, କି କୋମଳ, କି କରୁଣାମୟ କି ପ୍ରେମମୟ ନ ଥିଲେ ସେ ! କିନ୍ତୁ ନିଜପ୍ରତି ସେ କୌଣସି କୋମଳତା ପ୍ରଦର୍ଶନ କରି ନ ଥିଲେ, ସେ ଦୃଢଚିତ୍ତରେ ଶଇତାନକୁ ଯେଉଁ ପୃଷ୍ଠପ୍ରଦର୍ଶନ କରିଦେଇଥିଲେ, ତାର ଅର୍ଥ ନୁହେଁ ଯେ, ତାଙ୍କୁ ଆକର୍ଷଣ ଦେଖାଇ କେହି ଅସତ୍‌ପଥକୁ ଟାଣି ନେଇ ପାରିବେ ନାହିଁ; ସେ ଶଇତାନକୁ ପୃଷ୍ଠ ପ୍ରଦର୍ଶନ କରିଥିଲେ କେବଳ ଆମପାଇଁ ଏକ ଦୃଷ୍ଟାନ୍ତ ପରିବେଷଣ କରିଦେବାଲାଗି ।

ଜୀବନରେ ପରୀକ୍ଷା ଆସେ, ପ୍ରଲୋଭନ ଆସେ—ଆସେ କେବଳ ବୀରପୁରୁଷ ସେସବୁକୁ ଅତିକ୍ରମ କରିଯାଉ ବୋଲି । କଠିନ ପରିସ୍ଥିତି ଉପୁଜେ, କଣ୍ଟକି ପଥରରେ କଷ୍ଟ ହେବାକୁ ହୁଏ—କେବଳ ମନକୁ ଦୃଢ଼ କରିବା ନିମନ୍ତେ, ହୃଦୟକୁ ପବିତ୍ର କରିବା ନିମନ୍ତେ । ମଣିଷ ଭିତରେ ଯେଉଁ ଯୀଶୁତ୍ୱ ରହିଛି, ସେହି ଯୀଶୁତ୍ୱ ଆବିଷ୍କାର କରିବାଲାଗି ପ୍ରତ୍ୟେକଟି ପରୀକ୍ଷା, ପ୍ରତ୍ୟେକଟି ପ୍ରଲୋଭନ ଜଣେ ଜଣେ ବିଜ୍ଞପୁରୁଷଙ୍କ ତୁଲ୍ୟ । ପରୀକ୍ଷାରେ ପରାସ୍ତ ହେବା ଅର୍ଥ ଆଧ୍ୟାତ୍ମିକ ଦୁର୍ବଳତାର ପ୍ରମାଣ ଦେବା ଏବଂ ଉପବାସ କରି, ପ୍ରାର୍ଥନା କରି, ବିବେଚନା କରି ବିଭୁକରୁଣା ସାହାଯ୍ୟରେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର, ବିଜୟୀ ହେବାର ଅର୍ଥ ଆଧ୍ୟାତ୍ମିକ

ବୀରତ୍ୱର ପ୍ରମାଣ ଦେବା । ବିଜୟଶ୍ରୀ କରଗତ କରିବା ପରେ, ବିଭୁକରୁଣାରୁ ହିଁ ତାହା ସମ୍ଭବ ହେଲା ବୋଲି ଅନୁଭବ କରିବା, ଉପଲବ୍ଧି କରିବା ତଥା ଉଦ୍‌ଘୋଷଣା କରିବା ହେଉଛି ପ୍ରକୃତ ବିନମ୍ରତା । ବିନମ୍ରତା ଏକ ସଦ୍‌ଗୁଣ କିନ୍ତୁ ଦୁର୍ବଳତା ଏକ ପାପ । ପ୍ରଭୁ ଯୀଶୁଙ୍କ ଜୀବନରୁ ଏହି ମହାଶିକ୍ଷା ଲାଭ କରନ୍ତୁ ।

ବାରମ୍ବାର 'ପାର୍ବତୀୟ ଉପଦେଶାବଳି' ଅଧ୍ୟୟନ କରନ୍ତୁ । ତାରି ଉପରେ ଧ୍ୟାନ କରନ୍ତୁ । ପ୍ରଭୁଙ୍କର ସେହି ଉପଦେଶାବଳିରୁ ମାସମାସ ଧରି ଅଭ୍ୟାସ କରି ଗୋଟିଏ ପରେ ଗୋଟିଏ ଉପଦେଶ ହୃଦଗତ କରି ନିଅନ୍ତୁ ଏବଂ ନିରଳସ ଉଦ୍ୟମ କରି ସେ ସବୁକୁ କାର୍ଯ୍ୟରେ ପ୍ରଦର୍ଶନ କରନ୍ତୁ । ତା'ହେଲେ ଯାଇ ଆପଣ ପ୍ରଭୁ ଯୀଶୁଙ୍କର ଯୋଗ୍ୟ ସନ୍ତାନ ହୋଇପାରିବେ । ତା'ହେଲେ ଯାଇ ପ୍ରଭୁ ଯୀଶୁ ଆପଣଙ୍କ ହୃଦୟରେ ପୁଣି ଥରେ ଅବତରଣ କରିବେ । ଆଜି ମଧ୍ୟ ବହୁ ଲୋକ ଅଛନ୍ତି ଯେଉଁମାନେ ସେହି ପରମ ମୋକ୍ଷଦାତାଙ୍କ ଉପଦେଶାବଳି ନିଷ୍ଠାର ସହିତ ଯଥାର୍ଥଭାବରେ ଅନୁସରଣ କରନ୍ତି । ଆପଣଙ୍କୁ ପଥ ଦେଖାଇଦେବା ଉଦ୍ଦେଶରେ, ସେ ନିଜେ ଯେଉଁ ଈଶ୍ୱରଙ୍କ ରାଜ୍ୟରେ ଉଚ୍ଚାସନରେ ଅଧିଷ୍ଠିତ ହୋଇଛନ୍ତି, ଆପଣଙ୍କୁ ସେହି ରାଜ୍ୟକୁ ସୁପରିଚାଳିତ କରି ନେଇଯିବା ଉଦ୍ଦେଶରେ ପ୍ରଭୁ ଯୀଶୁ ସେହିମାନଙ୍କ ହୃଦୟରେ ପୁନର୍ବାବତରଣ କରିଛନ୍ତି । ସମସ୍ତେ ଯୀଶୁ ପ୍ରଦର୍ଶିତ ମାର୍ଗରେ ଯାତ୍ରା କରନ୍ତୁ । ସମସ୍ତେ 'ପାର୍ବତୀୟ ଉପଦେଶାବଳି'ର ଜୀବନ୍ତ ବ୍ୟକ୍ତିରୂପ ହୋଇଯାଆନ୍ତୁ । ଇହକାଳରେ ଇହଧାମରେ ଆପଣ ନିଜ ନିଜ ମଧ୍ୟରେ ଈଶ୍ୱରଙ୍କ ସାମ୍ରାଜ୍ୟ ଦର୍ଶନ କରନ୍ତୁ । ଏହା ହିଁ କାମନା ।

ଜୀବନ୍ମୁକ୍ତ

ମୋକ୍ଷଲାଭ କରିଥିବା ଋଷିଙ୍କୁ ଜୀବନ୍ମୁକ୍ତ ବୋଲାଯାଏ । ଜୀବିତ ଥାଇ ମଧ୍ୟ ସେ ମୁକ୍ତ । ସେ ସଂସାରରେ ବାସ କରନ୍ତି ସତ କିନ୍ତୁ ସେ ସଂସାରର ହୋଇ ରହି ନ ଥାନ୍ତି । ସେ ପରମୋଲ୍ଲାସରେ ପରମାତ୍ମାଙ୍କର ଶାଶ୍ୱତ ଆନନ୍ଦ ଉପଭୋଗ କରୁଥାନ୍ତି । ସେ ସ୍ୱୟଂ ଈଶ୍ୱର; ସେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା ଈଶ୍ୱର-ସ୍ୱରୂପ ।

ଜୀବନ୍ମୁକ୍ତ ବା ପୂର୍ଣ୍ଣଜ୍ଞାନୀ ବିଶୁଦ୍ଧପ୍ରେମ, ଦୟା, କ୍ଷମା, ବିନୟଶୀଳତା ଏବଂ ଅନ୍ତର୍ନିହିତ ପ୍ରଚ୍ଛନ୍ନ ଶକ୍ତି ଓ ପରାକ୍ରମରେ ପରିପୂର୍ଣ୍ଣ ହୋଇ ରହିଥାନ୍ତି । ତାଙ୍କର ଉଜ୍ଜ୍ୱଳ ନୟନରୁ ପ୍ରେମ ଓ ଦିବ୍ୟପ୍ରଭା ଝରିପଡୁଥାଏ ।

ଯେ ଜୀବନ୍ମୁକ୍ତ, ତାଙ୍କଠାରେ ଲେଶମାତ୍ର ସ୍ୱାର୍ଥପରତା ନ ଥାଏ ଏବଂ ପରିସ୍ଥିତି ଯାହା ହେଉନା କାହିଁକି, ସେ ସମସ୍ତ ପ୍ରକାର ବ୍ୟସ୍ତତା, ବିରକ୍ତି, ଦୁଃଖ, କ୍ଳେଶ ଓ ଅସ୍ଥିରତାରୁ ସମ୍ପୂର୍ଣ୍ଣ ମୁକ୍ତ ରହିଥାନ୍ତି । ତାଙ୍କର ମୁଖଭଙ୍ଗୀ ଦେଇ ଶାରୀରିକ ଦୁଃଖଯନ୍ତ୍ରଣା ପ୍ରକାଶିତ ହୋଇଗଲେ ମଧ୍ୟ ତାଙ୍କର ମନ କୌଣସି ସମୟରେ ଦୁଃଖ ଯନ୍ତ୍ରଣାରେ ବା ତାର ପ୍ରତିକ୍ରିୟା ଫଳରେ ଭାଙ୍ଗିପଡ଼େ ନାହିଁ । ସେ କୌଣସି ପ୍ରକାର କ୍ରୋଧ, ବିଷାଦ ବା ଖିଆଲର ବଶବର୍ତ୍ତୀ ହୁଅନ୍ତି ନାହିଁ । ସେ ସଦାପ୍ରଫୁଲ୍ଲ, ସଦାପ୍ରଶାନ୍ତ । ତାଙ୍କର ମହତ୍ତ୍ୱର ସଦ୍‌ଗୁଣଗୁଡ଼ିକ ସମ୍ପୂର୍ଣ୍ଣଭାବରେ ପ୍ରସ୍ଫୁଟିତ ହୋଇଯାଇଥାଏ; ଅନ୍ତରର ସମସ୍ତ ଦିବ୍ୟଗୁଣ ସମ୍ପୂର୍ଣ୍ଣ ଜାଗ୍ରତ ହୋଇଯାଇଥାଏ । ପୁଣି ତାଙ୍କ ଭିତରେ ଶୈଶବାବସ୍ଥାର ଯାହାକିଛି ଦୋଷ ଦୁର୍ବଳତା ଦେଖାଦେଇଥାଏ, ଜ୍ଞାନୋଦୟ ହେବା ସଙ୍ଗେ ସଙ୍ଗେ ତାହା ସମ୍ପୂର୍ଣ୍ଣଭାବରେ ବିନାଶ ହୋଇଯାଏ । ସେ ତାଙ୍କର ସ୍ୱକୀୟ ମୌଳିକ ଜ୍ୟୋତିରେ ଜ୍ୟୋତିଷ୍ମାନ ଏବଂ ସ୍ୱକୀୟ ଦିବ୍ୟଚେତନାର ମହିମାରେ ମହିମାନ୍ୱିତ । ସେ ସର୍ବଦା ଶାନ୍ତି ଓ ଆନନ୍ଦ ବିକିରଣ କରନ୍ତି ।

ଦିବ୍ୟଦ୍ରଷ୍ଟା ଯୋଗୀଙ୍କର ପ୍ରକୃତ ମହିମା ଭାଷାରେ ପ୍ରକାଶ କରାଯାଇ ନ ପାରେ । ତାଙ୍କର ନୟନଯୁଗଳ ପ୍ରଶାନ୍ତ-ସୁସ୍ଥିର । ତାଙ୍କର ବଚନ ମଧୁର ଓ ସଂକ୍ଷିପ୍ତ, ପ୍ରେରଣାପ୍ରଦ ଓ ପ୍ରଭାବମୟୀ । ତାଙ୍କର କର୍ମ ପବିତ୍ର ଓ ତ୍ରୁଟିଶୂନ୍ୟ । ତାଙ୍କର ଗମନ ଔଦାର୍ଯ୍ୟମୟ, ସ୍ପର୍ଶ ପବିତ୍ରକର, ଦୃଷ୍ଟି କରୁଣାପୂର୍ଣ୍ଣ ଏବଂ ଭାବମୁଦ୍ରା ଜ୍ଞାନୋଦ୍ଦୀପକ । ସେ ସର୍ବଦ୍ରଷ୍ଟା । ସେ ତୁରୀୟ ସ୍ୱର୍ଗର ଅଧିକାରୀ । ସୁତରାଂ ସେ

ସମସ୍ତ ବସ୍ତୁ ଓ ସକଳ ବ୍ୟକ୍ତିଙ୍କର ଅନ୍ତରର ନିଗୂଢ଼ ବିଷୟ ମଧ୍ୟ ସ୍ପଷ୍ଟଭାବରେ ଜାଣି-ପାରନ୍ତି । ସେପରି ମହାତ୍ମାଙ୍କର ସଂଗତିରେ ମନୁଷ୍ୟ ଗଭୀର ପ୍ରଶାନ୍ତି ଓ ସ୍ୱର୍ଗୀୟ ଆନନ୍ଦ ଉପଲବ୍ଧି କରେ; ଅସୀମ ଉନ୍ନତି ଓ ଅଗାଧ ପ୍ରେରଣା ଲାଭ କରେ ।

ଜୀବନ୍ମୁକ୍ତଙ୍କର ଲକ୍ଷଣ—ଜୀବନ୍ମୁକ୍ତ ଦୁଃଖ, ଭୟ, ସନ୍ଦେହ ଓ ଅହମିକାରୁ ସମ୍ପୂର୍ଣ୍ଣ ମୁକ୍ତ । ଏହି ସବୁରେଟି ଦୁର୍ଗୁଣର ଅନୁପସ୍ଥିତି ହିଁ ବ୍ୟକ୍ତିର ପୂର୍ଣ୍ଣତାପ୍ରାପ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ।

ଜୀବନ୍ମୁକ୍ତଙ୍କଠାରେ ସର୍ବଦା ସମ୍ପୂର୍ଣ୍ଣ ସନ୍ତୋଷ ବିରାଜମାନ କରୁଥାଏ । ତାଙ୍କର ପ୍ରଶାନ୍ତ ଚିତ୍ତ କଦାପି ବିଚଳିତ ହୁଏ ନାହିଁ । ସେ ନିତ୍ୟାନନ୍ଦ ଉପଭୋଗ କରୁଥାନ୍ତି । ସାଧକ-ଜିଜ୍ଞାସୁମାନଙ୍କର ସକଳ ସନ୍ଦେହ ମୋଚନ କରିବାଲାଗି ସେ ଅତିମାନସିକ ଆଧ୍ୟାତ୍ମିକ ଜ୍ଞାନର ତଥା ଅପୂର୍ବ ଦକ୍ଷତାର ଅଧିକାରୀ ହୋଇଥାନ୍ତି । ପରମ ପବିତ୍ର ଜୀବନ୍ମୁକ୍ତମାନଙ୍କର ସଙ୍ଗଲାଭରେ ମନରୁ ସକଳ ସନ୍ଦେହ ଦୂର ହୋଇଯାଏ ।

ଜୀବନ୍ମୁକ୍ତ ମହାତ୍ମା ଦୈନିକ ଅଭାବ-ଆବଶ୍ୟକତା ମଧ୍ୟ ଭୁଲିଯାଆନ୍ତି । ସେ ମୃତ୍ୟୁକୁ ଭୟ କରନ୍ତି ନାହିଁ । ତାଙ୍କର ବଞ୍ଚିବାର ଆକାଂକ୍ଷା ମଧ୍ୟ ନ ଥାଏ । ମାୟା ଓ ପ୍ରକୃତି ତାଙ୍କର ଏକାନ୍ତ ଅନୁଗତ ହୋଇ ମୃଦୁସୁଲ ଦାସୀଭଳି ଅତି ଯତ୍ନର ସହିତ ତାଙ୍କର ସେବା କରନ୍ତି । ତାଙ୍କର ଦେହର ଅଭାବ-ଆବଶ୍ୟକତା ସ୍ୱତଃ ପୂରଣ ହୋଇଯାଏ । ସେ କୌଣସି ଅଭାବ ଅନୁଭବ କରିବା ପୂର୍ବରୁ ପ୍ରକୃତି ତାଙ୍କ-ପାଇଁ ସବୁ କିଛି ବ୍ୟବସ୍ଥା କରିଦିଏ । କାରଣ ତା ପ୍ରକୃତିର କର୍ତ୍ତବ୍ୟ ।

ଜୀବନ୍ମୁକ୍ତ ମହାତ୍ମାଙ୍କର ଲକ୍ଷଣ ହେଉଛି ସେ ସର୍ବଦା ସନ୍ତୁଳିତଚିତ୍ତ, ସର୍ବଦା ସମଦୃଷ୍ଟି ସମ୍ପନ୍ନ; ସୁଖ-ଦୁଃଖ, ନିନ୍ଦା-ପ୍ରଶଂସା, ସଫଳତା, ବିଫଳତା, ଶୈତ୍ୟ-ଉଷ୍ଣ ପ୍ରଭୃତି ପରସ୍ପରବିରୋଧୀ ଭାବପ୍ରତି ସେ ସର୍ବଦା ଉଦାସୀନ । କୌଣସି ଅସ୍ୱାଭାବିକ ପ୍ରାକୃତିକ ଘଟଣାରେ ସେ ଭୀତ ବିସ୍ମିତ ହୁଅନ୍ତି ନାହିଁ । ଏପରି କି, ଯଦି ସୂର୍ଯ୍ୟ ଶୀତଳ ହୋଇଯାଆନ୍ତି, ବା ଚନ୍ଦ୍ର ଉଷ୍ଣ ହୋଇଯାଆନ୍ତି, ବା ଅଗ୍ନିଶିଖା ନିମ୍ନମୁଖୀ ହୋଇ ଜଳେ, ବା ନଦୀସ୍ରୋତ ବିପରୀତମୁଖୀ ହୋଇ ପ୍ରବାହିତ ହୁଏ, ତେବେ ବି ସେ ବ୍ୟସ୍ତତା ପ୍ରକାଶ କରନ୍ତି ନାହିଁ । କୌଣସି ପ୍ରକାର ପରିସ୍ଥିତିରେ ବି ଜୀବନ୍ମୁକ୍ତ ବିଚଳିତ ହୁଅନ୍ତି ନାହିଁ । ସକଳ ଚିତ୍ତବିକ୍ଷେପକାରୀ ଘଟଣା ମଧ୍ୟରେ ସେ ଅବିକ୍ଷିପ୍ତ ଅବିଚଳିତ ହୋଇ ରହିଥାନ୍ତି ।

ଜୀବନ୍ମୁକ୍ତଙ୍କର ଦ୍ୱିବିଧ ଚେତନା—ବେକେ ପାଣିରେ ଠିଆ ହୋଇଥିବା ଲୋକ ଏକକାଳୀନ ଦୁଇଟି ଅନୁଭୂତି ଲାଭ କରେ; ଦେହ ଜଳର ଶୀତଳତା ଅନୁଭବ

କରୁଥିବାବେଳେ ମସ୍ତକ ସୂର୍ଯ୍ୟର ଉଷ୍ଣତା ଅନୁଭବ କରେ । ଜୀବନ୍ମୁକ୍ତଙ୍କର ଅନୁଭୂତି ମଧ୍ୟ ଠିକ୍ ସେହିପରି ଦ୍ୱିବିଧ । ସେ ଦ୍ୱିବିଧ ଚେତନାର ଅଧିକାରୀ । ସେ ବ୍ରହ୍ମାନନ୍ଦ ଉପଭୋଗ କରୁଥାନ୍ତି ଏବଂ ତା' ସଙ୍ଗେ ସଙ୍ଗେ ସଂସାର ଅନୁଭୂତି ମଧ୍ୟ ଲଭ କରୁଥାନ୍ତି । ସେ ଜଣେ ଦ୍ୱିଷ୍ଟୀଙ୍କ ପରି ହୋଇଥାନ୍ତି ।

ହିଙ୍ଗୁ ବା ରସୁଣ ରଖାଯାଇଥିବା ପାତ୍ରକୁ ପରିଷ୍କାର କରି ବାରମ୍ବାର ଧୋଇଦେବା ପରେ ମଧ୍ୟ ସେଥିରେ ହିଙ୍ଗୁ ବା ରସୁଣର ଗନ୍ଧ ଟିକିଏ ରହିଥାଏ; ଠିକ୍ ସେହିପରି ଜ୍ଞାନୀଙ୍କଠାରେ ମଧ୍ୟ ସାମାନ୍ୟତମ ଅଜ୍ଞତା ରହିଯାଇଥାଏ । ଜୀବନ୍ମୁକ୍ତଙ୍କର ଶରୀର ଚେତନା କେବଳ ଏକ ସଂସ୍କାରରୂପରେ ରହିଯାଇଥାଏ । ସେହି କାରଣରୁ ସେ ପାନ, ଭୋଜନ ଆଦି କରନ୍ତି । ତାଙ୍କଠାରେ ନୀଚବାସନାରୁ ଜନ୍ମ ହେଉଥିବା ପ୍ରବୃତ୍ତିପରାୟଣ ମନର ବିନାଶ ଘଟିଥାଏ କିନ୍ତୁ ତାଙ୍କର ସାତ୍ତ୍ୱିକ ମନର ବିନାଶ ଘଟି ନ ଥାଏ । ମନରୂପକ ଉପକରଣଟି ବିନା ସେ ବ୍ୟବହାର ବା ସାଂସାରିକ କାର୍ଯ୍ୟ କରିବେ କିପରି ?

ସାଂସାରିକ ମନୁଷ୍ୟ ଓ ଜୀବନ୍ମୁକ୍ତଙ୍କ ମଧ୍ୟରେ ପାର୍ଥକ୍ୟ—

ଜୀବନ୍ମୁକ୍ତଙ୍କ ଦୃଷ୍ଟିରୁ ପ୍ରପଞ୍ଚ ଅଦୃଶ୍ୟ ହୋଇଯାଏ ନାହିଁ; ଜୀବନ୍ମୁକ୍ତ ଜଗତକୁ ଏକ ସ୍ୱପ୍ନପରି ଅବଲୋକନ କରନ୍ତି । ମରୀଚିକା ଏକ ମାୟା ବୋଲି ଜାଣିସାରିବା ପରେ ମଧ୍ୟ ଯେପରି ମରୀଚିକାର ଜଳ ଆଖି ଆଗରେ ନାଚେ, ଜଗତ ମାୟାବୋଲି ସ୍ପଷ୍ଟରୂପେ ଜାଣିସାରିବା ପରେ ମଧ୍ୟ, ଆତ୍ମସାକ୍ଷାତ୍କାର ଲଭ କରିସାରିବା ପରେ ମଧ୍ୟ ଜୀବନ୍ମୁକ୍ତଙ୍କ ଚକ୍ଷୁ ସମ୍ମୁଖରେ ଜଗତ ବିଦ୍ୟମାନ ହୋଇ ରହେ । କିନ୍ତୁ ମରୀଚିକାକୁ ମାୟା ବୋଲି ଚିହ୍ନିସାରିବା ପରେ, ଅନୁଭବୀ ଯେପରି ଆଉ ମରୀଚିକା ପଛରେ ଧାଏଁ ନାହିଁ, ଜୀବନ୍ମୁକ୍ତ ମହାତ୍ମା ସେହିପରି ସଂସାରକୁ ଦେଖି ମଧ୍ୟ ସାଂସାରିକ ମନୁଷ୍ୟ ପରି ଇନ୍ଦ୍ରିୟସୁଖଦାୟୀ ସାଂସାରିକ ବସ୍ତୁ ପଛରେ ଧାଆନ୍ତି ନାହିଁ । ଜଣେ ସାଧାରଣ ସାଂସାରିକ ମନୁଷ୍ୟ ଓ ଜଣେ ମୋକ୍ଷପ୍ରାପ୍ତ ମହାତ୍ମାଙ୍କ ମଧ୍ୟରେ ଏହି ପାର୍ଥକ୍ୟ ରହିଥାଏ ।

ଜ୍ୟୋତିମାନଙ୍କର ଜ୍ୟୋତି, ଆତ୍ମାମାନଙ୍କର ଆତ୍ମା ସେହି ବ୍ରହ୍ମଙ୍କ ମଧ୍ୟରେ ମଗ୍ନ ରହିଥିବାବେଳେ ଜୀବନ୍ମୁକ୍ତ ଋଷି କୌଣସି ସାଂସାରିକ କର୍ମ କରିପାରନ୍ତି ନାହିଁ । କିନ୍ତୁ ପ୍ରାରବ୍ଧ ଓ ବିକ୍ଷେପ ଶକ୍ତି ହେତୁ ସେ ଯେତେବେଳେ ପୂର୍ଣ୍ଣବ୍ରହ୍ମ-ଚେତନାରୁ ଓହ୍ଲାଇ ଆସନ୍ତି, ସେତେବେଳେ ନିପୀଡ଼ିତ ଆତ୍ମାର ବିକଳ କ୍ରନ୍ଦନ ଶ୍ରବଣ କରି ତାଙ୍କର ଅନ୍ତରରୁ ପ୍ରେମଧାରା ଝରିପଡ଼େ । ସେ ଏପରି ଦୟାକୁଳ ! ଏତେ ଦୟାର୍ଦ୍ରଚିତ୍ତ ! କାରଣ ସେ ଜଣେ କ୍ଷମାସାଗର—ପ୍ରେମ ପାରାବାର—ଶାନ୍ତିର ବାଣୀଧି ବୁଦ୍ଧ ବା ଯୀଶୁ ।

ବିଶ୍ୱଜନୀନ ଦୃଷ୍ଟିକୋଣ—ଜୀବନ୍ମୁକ୍ତ ମହାତ୍ମା ଜଗତର ସକଳ ବସ୍ତୁରେ ସେହି 'ଏକ' ସତ୍ୟସନାତନ ବା ପରମେଶ୍ୱରଙ୍କୁ ଦର୍ଶନ କରନ୍ତି । ତାଙ୍କ ଦୃଷ୍ଟିରେ ସାଧୁ ଓ ଶଠ ମଧ୍ୟରେ କୌଣସି ପ୍ରଭେଦ ନାହିଁ; ଶିଳା ଓ ସୁବର୍ଣ୍ଣ ମଧ୍ୟରେ, ମାନ ଓ ଅପମାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ସେ ପ୍ରକୃତିର ସକଳ ବସ୍ତୁକୁ ଆତ୍ମତୁଲ୍ୟ ଅନୁଭବ କରନ୍ତି ଏବଂ ନିଜର ଆଖି, ନାକ, କାନ, ହାତ ଓ ପାଦକୁ ଯେପରି ନିଜର ଅଙ୍ଗପ୍ରତ୍ୟଙ୍ଗ ବୋଲି ମନେ କରନ୍ତି, ସାପ, ବିଛା, ବାଘ, ଭାଲୁ ଓ ସିଂହ ଇତ୍ୟାଦି ହିଂସ୍ର ପ୍ରାଣୀଙ୍କୁ ମଧ୍ୟ ସେହିପରି ନିଜ ଶରୀରର ଅଂଶ ବୋଲି ଅନୁଭବ କରନ୍ତି । ସେ ସାଗର, ଭୂଧର, ଆକାଶ, ବାୟୁ, ସୂର୍ଯ୍ୟ, ଚନ୍ଦ୍ର ଓ କୁସୁମକାନନକୁ ନିଜ ସହିତ ଏକାକାର ବୋଲି ଅନୁଭବ କରନ୍ତି । ଜୀବନ୍ମୁକ୍ତଙ୍କର ଦୃଷ୍ଟି ବିଶ୍ୱଜନୀନ, ଅନୁଭୂତି ବିଶ୍ୱଜନୀନ ।

ସମାଧିଜ୍ଞାନୀ ଓ ବ୍ୟବହାର ଜ୍ଞାନୀ— ବିଭିନ୍ନ ଜୀବନ୍ମୁକ୍ତ ବା ଋଷି ବିଭିନ୍ନ ପ୍ରକାର ଜୀବନ ଯାପନ କରନ୍ତି । କେହି କେହି ଋଷି ରାଜକୀୟ ଜୀବନ ଯାପନ କରନ୍ତି । ଭଗୀରଥ ଥିଲେ ଏହିପରି ଜଣେ ଋଷି । କେହି କେହି ଭିକ୍ଷୁକ ଜୀବନ-ଯାପନ କରନ୍ତି । ପୁଣି କେହି କେହି ଋଷି ସତତ ଧ୍ୟାନରତ ହୋଇ ରହିଥାନ୍ତି; ସେ କଦାପି କୌଣସି କର୍ମ କରନ୍ତି ନାହିଁ, କି କାହା ସହିତ କଥାବାର୍ତ୍ତା କରନ୍ତି ନାହିଁ । ସେ ସର୍ବଦା ନିର୍ଜନରେ ବାସ କରନ୍ତି । ଜଡ଼ ଭରତ ଥିଲେ ଏହିପରି ଜଣେ ଋଷି । ଅନ୍ୟ କେହି କେହି ଋଷି ଜନପଦର ଲୋକକୋଳାହଳ ମଧ୍ୟରେ ବାସ କରନ୍ତି । ସେ ବିଭିନ୍ନ ସେବାକାର୍ଯ୍ୟରେ ବ୍ରତୀ ହୁଅନ୍ତି । ସେ ସମସ୍ତଙ୍କ ସହିତ ଆଳାପ ଆଲୋଚନାରେ ରତ ହୁଅନ୍ତି । ସେ ଭାଷଣ ଦିଅନ୍ତି, ଶିଷ୍ୟ ଓ ଶ୍ରଦ୍ଧାଳୁମାନଙ୍କର ଶ୍ରେଣୀରେ ଧର୍ମଶିକ୍ଷା ପ୍ରଦାନ କରନ୍ତି ତଥା ଗ୍ରନ୍ଥରଚନା ଆଦି କାର୍ଯ୍ୟ କରନ୍ତି ଶ୍ରୀ ଶଙ୍କର ଏହିପରି ଜୀବନ ଯାପନ କରିଥିଲେ । ଏସବୁ କର୍ମ ପ୍ରାରବ୍ଧହେତୁକ । ପ୍ରତ୍ୟେକ ଋଷିଙ୍କର ନିଜର ପ୍ରାରବ୍ଧ ରହିଛି । ସବୁ ଋଷି ଯଦି ଏକାପ୍ରକାର ଜୀବନ ଅତିବାହିତ କରନ୍ତି ଏବଂ ଏକାପ୍ରକାର ପ୍ରାରବ୍ଧ ଉପଭୋଗ କରନ୍ତି, ତେବେ ଏ ଜଗତ ଏକ ବନ୍ଦୀଶାଳାପରି ହୋଇଯିବ । ଆତ୍ମପ୍ରକାଶରେ ବିବିଧତା ରକ୍ଷା କରିବା ହିଁ ପ୍ରକୃତିର ସ୍ୱଭାବ ।

ଯେଉଁ ଋଷି ବା ଜ୍ଞାନୀଙ୍କର ସାଂସାରିକ କାର୍ଯ୍ୟକଳାପରେ ଅର୍ଥାତ୍ ବ୍ୟବହାରରେ ତଥା ସଂସାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାର ଅଭିଳାଷ ରହିଥାଏ, ତାଙ୍କୁ ବ୍ୟବହାରଜ୍ଞାନୀ ବୋଲିଯାଏ । ଯେଉଁ ଜ୍ଞାନୀ ନିଜକୁ ସଂସାରଠାରୁ ସମ୍ପୂର୍ଣ୍ଣ-ଭାବରେ ଦୂରେଇ ନିଅନ୍ତି, ସେ ହେଉଛନ୍ତି ସମାଧିଜ୍ଞାନୀ ।

ଏହି ଉଭୟ ପ୍ରକାର ଜ୍ଞାନୀଙ୍କଠାରେ ଏକାପ୍ରକାର ଜ୍ଞାନ ରହିଥାଏ କିନ୍ତୁ ସମାଧିଜ୍ଞାନୀ ବ୍ୟବହାରଜ୍ଞାନୀଙ୍କ ଅପେକ୍ଷା ଅଧିକ ଆନନ୍ଦ ଉପଭୋଗ କରନ୍ତି । ସମାଧି-ଜ୍ଞାନୀ ସଦାସର୍ବଦା ବ୍ରହ୍ମରେ ମଗ୍ନ ରହିଥାନ୍ତି; କୌଣସି ନାମ ବା ରୂପ ତାଙ୍କ ଦୃଷ୍ଟିପଥକୁ ଆସେ ନାହିଁ; ତାଙ୍କ ଦୃଷ୍ଟିରେ ଜଗତ ସମ୍ପୂର୍ଣ୍ଣ ଲୋପ ପାଇଯାଇଥାଏ । ସେ କୌଣସି ପ୍ରକାର କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ । ସେ ଜଣେ ମଜ୍‌ଜୁବ୍ ହୋଇ-ଯାଇଥାନ୍ତି; ଜଣେ ପରମହଂସ ହୋଇଯାଇଥାନ୍ତି । ସମାଧିଜ୍ଞାନୀଙ୍କୁ ବାଧ୍ୟ କରି ଖୋଇଦେଇଦେବାକୁ ପଡ଼େ ।

ବ୍ୟବହାରଜ୍ଞାନୀ, ନଖକୋଣରେ ଟିକିଏ କ୍ଷତ ହୋଇଗଲେ ବି ଯନ୍ତ୍ରଣା ଅନୁଭବ କରିବେ କିନ୍ତୁ ସମାଧିଜ୍ଞାନୀ ନିଜର ଗୋଟିଏ ଗୋଡ଼ କଟିଗଲେ ମଧ୍ୟ କୌଣସି ଯନ୍ତ୍ରଣା ଅନୁଭବ କରିବେ ନାହିଁ । ଆପଣ ମୁଲତାନ୍‌ର ସାମସ୍ ତାବ୍ରିଜ୍‌ଙ୍କ ଜୀବନୀ ଅଧ୍ୟୟନ କଲେ ଏହି ଉକ୍ତିର ସତ୍ୟତା ଉପଲବ୍‌ଧି କରିପାରିବେ । ତାଙ୍କ ଦେହରୁ ଯେତେବେଳେ ଚମଡ଼ା ଉତ୍ତାରିଦିଆଗଲା, ସେତେବେଳେ ବି ସେ ହସି ଆନନ୍ଦରେ ଉଚ୍ଛୁଳି ପଡ଼ୁଥିଲେ ଏବଂ ତାଙ୍କ ମୁଖରୁ ବାହାରି ପଡ଼ୁଥିଲା, "ଅନ୍‌ଲହକ୍, ଅନଲ୍‌ହକ୍ ।" ଅର୍ଥାତ୍ 'ମୁଁ ହିଁ ସେ' । ହିନ୍ଦୁମାନଙ୍କର "ସୋହଂ" ସହିତ ଅନ୍‌ଲ୍‌ ହକ୍‌ର ସାମଞ୍ଜସ୍ୟ ରହିଛି ।

ବ୍ୟବହାରଜ୍ଞାନୀ ନାମ ଓ ରୂପ ଦେଖିପାରନ୍ତି । ଏହା ବିଷ୍ଠା, ତାହା ଚନ୍ଦନ; ଏ ଜଣେ ନିର୍ବୋଧ, ସେ ଜଣେ ବିଜ୍ଞ; ଏ ଜଣେ ଅଧିକାଂଶ; ସେ ଲୋକଟି ଠକ, ଏ ଲୋକଟି ସାଧୁ—ବ୍ୟବହାରଜ୍ଞାନୀଙ୍କଠାରେ ଏପରି ପାର୍ଥକ୍ୟ ଜ୍ଞାନ ରହିଥାଏ । ତଥାପି ସେ ଉକ୍ତ ପାର୍ଥକ୍ୟ ଜ୍ଞାନ ବା ସାଂସାରିକ ଅନୁଭୂତି ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । କାର୍ଯ୍ୟକ୍ଷେତ୍ରରେ ସାଫଲ୍ୟମଣ୍ଡିତ ହେଲେ, ସେ ଉତ୍‌ଫୁଲ୍ଲିତ ହୁଅନ୍ତି ନାହିଁ କି ବିଫଳକାମ ହେଲେ, ବିମର୍ଷ ହୁଅନ୍ତି ନାହିଁ । ସେ ସାଧୁକୁ ପ୍ରେମ କରନ୍ତି ନାହିଁ, କି ଅସାଧୁକୁ ଘୃଣା କରନ୍ତି ନାହିଁ । ସକଳଙ୍କପ୍ରତି ତାହାଙ୍କଠାରେ ସମଦୃଷ୍ଟି ରହିଥାଏ ।

କର୍ମକ୍ଷେତ୍ରରେ ଅଂଶଗ୍ରହଣ କରିବାପାଇଁ ବ୍ୟବହାରଜ୍ଞାନୀଙ୍କଠାରେ ଯେଉଁ ଅଭିଳାଷ ରହିଥାଏ, ତାହା ତାଙ୍କର ପ୍ରାରବ୍‌ଧ ହେତୁ ରହିଥାଏ । ବଢେଇ ଯେପରି ତା କାମରେ ତାର ହାତହତିଆର ବ୍ୟବହାର କରେ, ବ୍ୟବହାରଜ୍ଞାନୀ ସେହିପରି କାର୍ଯ୍ୟରେ ନିଜର ଦେହ ଓ ମନ ଲଗାଇଦିଅନ୍ତି । କିନ୍ତୁ କାର୍ଯ୍ୟରତ ଥିବାବେଳେ ସେ ମୁହୂର୍ତ୍ତିକପାଇଁ ମଧ୍ୟ ନିଜର ବ୍ରହ୍ମଚେତନା ହରାଇଦିଅନ୍ତି ନାହିଁ । ସେ ଶୁଦ୍ଧଚୈତନ୍ୟ ବା ଚୈତନ୍ୟସ୍ୱରୂପରେ ନିତ୍ୟ ପ୍ରତିଷ୍ଠିତ ହୋଇ ରହିଥାନ୍ତି ।

ବ୍ୟବହାରଜ୍ଞାନୀ ସମଗ୍ର ଜଗତକୁ ନିଜ ଅନ୍ତରରେ ଦର୍ଶନ କରନ୍ତି । ଆମେ ଯେପରି ବାହ୍ୟଜଗତରେ ବ୍ୟକ୍ତି ବା ବସ୍ତୁସବୁ ଦେଖୁଛୁ, ସେ ବାହ୍ୟଜଗତରେ

ସେପରି କିଛି ଦେଖନ୍ତି ନାହିଁ । ସେ ଯାହା କିଛି ଦର୍ଶନ କରନ୍ତି, ତେଣୁ ନିଜର ଦିବ୍ୟଦୃଷ୍ଟିରେ ବା ଜ୍ଞାନ ଚକ୍ଷୁରେ; ରକ୍ତମାଂସର ଚକ୍ଷୁରେ ସେ କୌଣସି ବିଷୟ ଦର୍ଶନ କରନ୍ତି ନାହିଁ । ଆତ୍ମା ହିଁ ଜ୍ଞାନୀଙ୍କର ନୟନ; ସେ ନୟନ ହେଉଛି ଏକ ମହାଶକ୍ତିଶାଳୀ ଲେନ୍ସ୍ ବା ଯବକାଚ । ସେହି ପରମ ଶକ୍ତିଶାଳୀ ନୟନରେ ଜଗତକୁ ଦର୍ଶନ କଲାବେଳେ, ତାଙ୍କ ସମ୍ମୁଖରେ ସୃଷ୍ଟିର ସମସ୍ତ ପୁଙ୍ଖାନୁପୁଙ୍ଖ ବିବରଣ ସ୍ପଷ୍ଟ ହୋଇଉଠେ । ମନୁଷ୍ୟକୁ ଚାହିଁଦେବାକ୍ଷଣି ସେ ତାର ସୂକ୍ଷ୍ମ-ଶରୀର, ତାର ସମସ୍ତ-ସଂସ୍କାରସମନ୍ୱିତ କାରଣ-ଶରୀର, ତାର ପ୍ରାଣପ୍ରଭା, ମନଃପ୍ରଭା ଓ ଅଧ୍ୟାତ୍ମପ୍ରଭା ବା ଚୁମ୍ବକୀୟପ୍ରଭା ପ୍ରଭୃତି ସମସ୍ତ ବିଷୟ ଦେଖିପାରନ୍ତି । କାର୍ଯ୍ୟରତ ଥିବାବେଳେ ଜ୍ଞାନୀ ଯେ ବାହ୍ୟବସ୍ତୁକୁ କିପରି ଦର୍ଶନ କରିପାରନ୍ତି, ତାହା କଳ୍ପନା କରିବା ସାଧାରଣ ବ୍ୟାବହାରିକବୁଦ୍ଧିସମ୍ପନ୍ନ ସାଂସାରିକ ମନୁଷ୍ୟ ପକ୍ଷରେ ଅତ୍ୟନ୍ତ କଷ୍ଟକର ।

ଜୀବନ୍ମୁକ୍ତଙ୍କର ଜୀବନଧାରଣ ପ୍ରଣାଳୀ—ଜୀବନ୍ମୁକ୍ତ ଋଷି କୌଣସି ଖାମଖିଆଲର ବଶବର୍ତ୍ତୀ ନୁହନ୍ତି କି ଶାସ୍ତ୍ର ବା ସାମାଜିକ ନିୟମ ପଦ୍ଧତି ଦ୍ୱାରା ଆବଦ୍ଧ ନୁହନ୍ତି । ତଥାପି ସେ ଧର୍ମରୁ ବିଚ୍ୟୁତ ହୁଅନ୍ତି ନାହିଁ । ସେ ଯାହା କିଛି କରନ୍ତି, ତାହା ଧର୍ମଶାସ୍ତ୍ର ବା ପବିତ୍ର ନୀତିଶାସ୍ତ୍ରର ବିଧାନସମ୍ମତ । ସେ ସ୍ୱତଃପ୍ରବୃତ୍ତ ହୋଇ କେବଳ ମଙ୍ଗଳକର କାର୍ଯ୍ୟ ହିଁ କରନ୍ତି । ନିପୁଣ ନୃତ୍ୟଶିଳ୍ପୀ କଦାପି ପାଦ ପକାଇବା-ବେଳେ ତାଳ ବା ଲୟରେ ଭୁଲ କରନ୍ତି ନାହିଁ । ଜୀବନ୍ମୁକ୍ତ ମଧ୍ୟ ଠିକ୍ ସେହିପରି ସ୍ୱୀୟ କାର୍ଯ୍ୟକଳାପରେ କୌଣସି ତ୍ରୁଟି କରନ୍ତି ନାହିଁ ।

ଦିବ୍ୟଦ୍ରଷ୍ଟା ଋଷି ବିନା ଚେଷ୍ଟାରେ, ବିନା ସହାୟତାରେ, ବିନା ଅହମିକାରେ, ବିନା ଆସକ୍ତିରେ, ବିନା କାମନାରେ କାର୍ଯ୍ୟ କରିଚାଲନ୍ତି । ଜୀବନ୍ମୁକ୍ତଙ୍କର ସେହି ଶିଶୁସୁଲଭ ସ୍ୱଭାବ ସାଂସାରିକ ଭଲମନ୍ଦର ବହୁ ଊର୍ଦ୍ଧ୍ୱରେ ।

ଜୀବନ୍ମୁକ୍ତ ମହାତ୍ମାଙ୍କର କାର୍ଯ୍ୟକଳାପରେ ଶିଶୁସୁଲଭ ସରଳତା ଲାଗି ରହିଥାଏ । ଭୁଲ କଣ, ଠିକ୍ କଣ, ତାହା ନିର୍ଣ୍ଣୟ କରିବାରେ ସେ ସ୍ୱଭାବସିଦ୍ଧ ହୋଇଯାଇଥାନ୍ତି; ଏଥିପାଇଁ ସେ ଶାସ୍ତ୍ରମତକୁ ଅପେକ୍ଷା କରନ୍ତି ନାହିଁ । ସେ ସମସ୍ତ ଅହମିକା ବିନାଶ କରିଦେଇଥାନ୍ତି । ସେ କର୍ମର ବହୁ ଊର୍ଦ୍ଧ୍ୱରେ; ତେଣୁ ତାଙ୍କୁ କର୍ମ ସ୍ପର୍ଶ କରିପାରେ ନାହିଁ । ଅବଶ୍ୟ ଜଗତକୁ ଶିକ୍ଷା ଦେବାଲାଗି ସେ କର୍ମ କରିପାରନ୍ତି କିମ୍ବା ନିଷେଧକର୍ମରୁ ବିରତ ହୋଇ ରହିପାରନ୍ତି ।

ଜୀବନ୍ମୁକ୍ତ ଋଷି ଲୋକନିନ୍ଦାକୁ ଭ୍ରୂକ୍ଷେପ କରନ୍ତି ନାହିଁ । ସେ ଅପମାନ ପାଇଲେ ମଧ୍ୟ ମନକୁ ଶୀତଳ ରଖନ୍ତି । ଯେଉଁମାନେ ତାଙ୍କୁ ନିର୍ଯ୍ୟାତନା ଦିଅନ୍ତି, ସେ

ସେମାନଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି । ସେ ସର୍ବଦା କେବଳ ନିଜର ଆତ୍ମାଙ୍କୁ ହିଁ ଦର୍ଶନ କରନ୍ତି ।

ତାଙ୍କର ଆଭ୍ୟନ୍ତରୀଣ ମାନସିକ ଅବସ୍ଥା ହିଁ ତାଙ୍କର ପରିଚୟ ବା ଲକ୍ଷଣ । ଉକ୍ତ ଅବସ୍ଥାଟି କେହି ବାହାରୁ ଦେଖିପାରିବେ ନାହିଁ କି ଚିହ୍ନିପାରିବେ ନାହିଁ । ପରମେଶ୍ୱର କେବଳ ଐଶ୍ୱରିକ କାର୍ଯ୍ୟ ସମ୍ପାଦନ ନିମନ୍ତେ ତାଙ୍କୁ ବ୍ୟବହାର କରନ୍ତି ।

ଶାରୀରିକ ନଗ୍ନତା ଓ ମାନସିକ ନଗ୍ନତା— ଜଣେ ବ୍ରହ୍ମଜ୍ଞାନୀ ବା ଜୀବନ୍ମୁକ୍ତଙ୍କ ଯେ ନିଶ୍ଚିତ ଭାବରେ ଜଣେ ପ୍ରତିଭାବାନ ବ୍ୟକ୍ତି ହୋଇଥିବେ, ସେପରି ନୁହେଁ । ସେ ଜଣେ ସୁବକ୍ତା ହୋଇ ନ ଥାଇପାରନ୍ତି । ଜଣେ ଅଧ୍ୟାପକ ବା ଜଣେ ପ୍ରାଧ୍ୟାପକ ହୋଇ ନ ଥାଇ ପାରନ୍ତି । କିନ୍ତୁ ସେ ସର୍ବଦା ଶାନ୍ତ, ଗମ୍ଭୀର ସୁସ୍ଥିର । ସେ ସ୍ୱଳ୍ପଭାଷୀ କିମ୍ବା ମୌନୀ । ତାଙ୍କର ମୌନତା ହିଁ ଏକ ଉତ୍କୃଷ୍ଟତର ବକ୍ତୃତାର ଲକ୍ଷଣ । ତାଙ୍କଠାରେ ଦିବ୍ୟଜ୍ଞାନ ବିରାଜିତ; ସେ ଉଜ୍ଜ୍ୱଳ ପ୍ରଜ୍ଞାର ଅଧିକାରୀ । ତାହାଙ୍କ ସନ୍ନିଧାନରେ ସକଳ ସନ୍ଦେହ ମୋଚନ ହୋଇଯାଏ ।

ଗୃହସ୍ଥମାନେ ଜୀବନ୍ମୁକ୍ତମାନଙ୍କର ଲକ୍ଷଣ ବିବେଚନା କଲାବେଳେ ଅନ୍ୟାୟ କରିବସନ୍ତି । ସେମାନେ ଜୀବନ୍ମୁକ୍ତଙ୍କର ବାହ୍ୟରୂପଟିରୁ ହିଁ ତାଙ୍କର ମୂଲ୍ୟ ନିରୂପଣ କରନ୍ତି; ଏପରି କି ଶିକ୍ଷିତ ଲୋକେ ମଧ୍ୟ ଏହି ଭୁଲ କରିବସନ୍ତି ।

ଜଣେ ତଥାକଥିତ ସାଧୁବାବା ଉଲଗ୍ନ ଦେହରେ ରହୁଥାଇ ପାରନ୍ତି, ତାଙ୍କର ନିଜର ବୋଲି କୌଣସି ସମ୍ବଳ ନ ଥାଇ ପାରେ; ସେ କେବଳ ଅଞ୍ଜଳିକୁ ହିଁ ଭିକ୍ଷାପାତ୍ର କରି ଚଳୁଥାଇପାରନ୍ତି; ବୃକ୍ଷତଳ ହିଁ ତାଙ୍କର ନିବାସସ୍ଥାନ ହୋଇଥାଇ-ପାରେ, ସେ କୌଣସି ଅରଣ୍ୟରେ କାଳ କାଟୁଥାଇପାରନ୍ତି, କିନ୍ତୁ ଏ ସବୁ ସତ୍ତ୍ୱେ ସେ ହୁଏତ ଜଣେ ନିତାନ୍ତ ବଦମାସ୍ ହୋଇଥାଇପାରନ୍ତି; ତାଙ୍କର ମନ ହୁଏତ ବାହ୍ୟ ଓ ଆଭ୍ୟନ୍ତରୀଣ ଉଭୟ ପ୍ରକାର ଆସକ୍ତିରେ ପୂର୍ଣ୍ଣ ହୋଇ ରହିଥାଇ ପାରେ; ସେ ହୁଏତ ଜଣେ ଅତ୍ୟନ୍ତ ସାଂସାରିକ ମନୁଷ୍ୟ ହୋଇଥାଇପାରନ୍ତି; ଜୁଲିଖାଇବାକୁ ପଇସା ପଇସିଟିଏ ମିଳିଗଲେ, ସେ ହୁଏତ ଆନନ୍ଦରେ ନାଚି ଯାଉଥାଇ ପାରନ୍ତି ଏବଂ ତାଙ୍କର ମନ ହୁଏତ ନାନାଭାବରେ ବିଚଳିତ ହୋଇ ତାଙ୍କୁ ନାନା ଦିଗରେ ବିପଥଗାମୀ କରାଉଥାଇପାରେ । ଅନ୍ୟ ପକ୍ଷରେ ଜଣେ କେହି ଲୋକ ହୁଏତ ସହରବଜାରର କୋଳାହଳ ମଧ୍ୟରେ ବାସ କରୁଥାଇପାରନ୍ତି; ଭଲ ଭଲ ଫେସନଦାର ପୋଷାକ ପିନ୍ଧୁଥାଇପାରନ୍ତି; ସୁସ୍ୱାଦୁ ଖାଦ୍ୟ ଖାଉଥାଇପାରନ୍ତି କିନ୍ତୁ ଏସବୁ ସତ୍ତ୍ୱେ ତାଙ୍କର ହୁଏତ ସେସବୁପ୍ରତି କୌଣସି ଆସକ୍ତି, କୌଣସି ଅଭିଳାଷ ନ ଥାଇପାରେ । ଶ୍ରୀ ରାମାନୁଜ ବିଳାସବ୍ୟସନ ମଧ୍ୟରେ ବାସ କରୁଥିଲେ । ଏପରି ଦିବ୍ୟଦ୍ରଷ୍ଟା ମହାତ୍ମାମାନଙ୍କର ଉଦାହରଣ ସବୁ ରହିଛି, ଯେଉଁମାନଙ୍କର ହାତୀ,

ଘୋଡ଼ା ପ୍ରଭୃତି ଯାନବାହନ ତଥା ସକଳ ପ୍ରକାର ରାଜକୀୟ ଆଡ଼ମ୍ବର ରହିଥିଲା ଅଥଚ ସେମାନେ ସେସବୁ ବାହ୍ୟାଡ଼ମ୍ବର ଦ୍ୱାରା ତିଳେମାତ୍ର ପ୍ରଭାବିତ ହୋଇନ ଥିଲେ । ନାନାବିଧ କାର୍ଯ୍ୟକଳାପ ମଧ୍ୟରେ ବି ସେମାନଙ୍କଠାରେ ସର୍ବଦା ଜ୍ଞାନନିଷ୍ଠା ଓ ସ୍ୱରୂପସ୍ଥିତି ରହିଥିଲା । । ଏହା ହିଁ ପୂର୍ଣ୍ଣତାର ବିକାଶ; ଏହା ହିଁ ଭଗବଦ୍ ଗୀତାର ସାରାଂଶ । ଏହା ହିଁ ଭଗବାନ ଶ୍ରୀକୃଷ୍ଣଙ୍କର ଉପଦେଶାବଳୀର ସାରତତ୍ତ୍ୱ ।

ପ୍ରକୃତ ଆବଶ୍ୟକ ବସ୍ତୁଟି ହେଉଛି ମାନସିକ ନଗ୍ନତା । ଜ୍ଞାନ ହେଉଛି ଏକ ସମ୍ପୂର୍ଣ୍ଣ ଆଭ୍ୟନ୍ତରୀଣ ସ୍ଥିତି । ବାହ୍ୟ ରୂପଭେକ ପ୍ରକୃତ ବ୍ୟକ୍ତିତ୍ୱର ନିଶ୍ଚିତ ପରିଚାୟକ ନୁହେଁ ।

ଜ୍ଞାନୀଙ୍କର ହାବଭାବ ବଡ଼ ରହସ୍ୟମୟ । ଜଣେ ଜୀବନ୍ମୁକ୍ତ ହିଁ ଅନ୍ୟ ଜଣେ ଜୀବନ୍ମୁକ୍ତଙ୍କୁ ଚିହ୍ନିପାରନ୍ତି । ଭଗବଦ୍ ଗୀତା ତଥା ଅନ୍ୟାନ୍ୟ ବିଭିନ୍ନ ଗ୍ରନ୍ଥମାନଙ୍କରେ ଜ୍ଞାନୀମାନଙ୍କର ଯେଉଁ ପରିଚୟ ବା ଲକ୍ଷଣ ପ୍ରଦାନ କରାଯାଇଛି, ତାହା ନିତାନ୍ତ ଅପୁଷ୍ଟ, ଅପର୍ଯ୍ୟାପ୍ତ, ଅସମ୍ପୂର୍ଣ୍ଣ । ସୀମିତ ବୁଦ୍ଧି ଓ ସୀମିତଜ୍ଞାନ ନେଇ କୌଣସି ଲୋକ ସେପରି ମହାତ୍ମାମାନଙ୍କ ବିଷୟ ଅବଧାରଣ କରିପାରିବ ନାହିଁ । ଜ୍ଞାନୀଙ୍କର ବର୍ଣ୍ଣନା କରିବାକୁ କୌଣସି ଭାଷା ମଧ୍ୟ ସକ୍ଷମ ନୁହେଁ । ଜ୍ଞାନୀ ତାଙ୍କର ସ୍ୱକୀୟ ଜ୍ୟୋତିରେ ଜ୍ୟୋତିଷ୍ମାନ ।

ଜୀବନ୍ମୁକ୍ତ ବେଳେବେଳେ ଜଣେ ସର୍ବଜ୍ଞପୁରୁଷରୂପରେ ଦର୍ଶନ ଦେବେ ତ, ବେଳେବେଳେ ଦର୍ଶନ ଦେବେ ଜଣେ ଅଜ୍ଞ ମୂର୍ଖରୂପରେ । ସେ ଯେ କେତେବେଳେ ବ୍ରହ୍ମନିଷ୍ଠରୂପରେ କାର୍ଯ୍ୟ କରିବେ ଏବଂ କେତେବେଳେ ନିର୍ବୋଧରୂପରେ କାର୍ଯ୍ୟ କରିବେ, ତାହା ତାଙ୍କୁ ହିଁ ଜଣା । ଆମର ଜ୍ଞାନ ସାମାନ୍ୟ । ଏହି ସାମାନ୍ୟ ଜ୍ଞାନ ନେଇ ଜ୍ଞାନୀଙ୍କ ବିଷୟରେ କୌଣସି ମତାମତ, କୌଣସି ରାୟ ଦିଅନ୍ତୁ ନାହିଁ । ଆପଣ ଯଦି ପ୍ରକୃତ ଭାବ, ପ୍ରକୃତ ବିଶ୍ୱାସ, ଭକ୍ତି ଓ ଆଧ୍ୟାତ୍ମିକ ତୃଷ୍ଣା ନେଇ ତାଙ୍କର ଦ୍ୱାରସ୍ଥ ହେବେ, ତେବେ ସେ ଆପଣଙ୍କୁ ଗୂଢ଼ତମ, ଶ୍ରେଷ୍ଠତମ, ଜ୍ଞାନ ପ୍ରଦାନ କରିବେ । କିନ୍ତୁ ଆପଣ ଯଦି ନିର୍ମଳ ଉଦ୍ଦେଶ୍ୟ ନ ନେଇ ତାଙ୍କ ନିକଟକୁ ଯାଆନ୍ତି, ତେବେ ସେ ଆପଣଙ୍କୁ ପାଗଳଙ୍କ ପରି ଆଚରଣ ପ୍ରଦର୍ଶନ କରିବେ; ଆପଣ ଠକାମିରେ ପଡ଼ିଯିବେ; ଆପଣଙ୍କର ଅସାମାନ୍ୟ କ୍ଷତି ହେବ ।

ଜଗତପ୍ରତି ଏକ ଆଶୀର୍ବାଦ—ପ୍ରତ୍ୟେକ ଜୀବନ୍ମୁକ୍ତ ଜଣେ ଜଣେ ଜଗତ୍-ପାଳକ । ଜୀବନ୍ମୁକ୍ତ ହେଉଛନ୍ତି ଚିରନ୍ତନ ପ୍ରେରଣାର ଉତ୍ସ । ଯେଉଁମାନେ ଆଧ୍ୟାତ୍ମିକ ନବଜୀବନ ଲାଭ କରି ନ ଥାନ୍ତି, ସେମାନଙ୍କୁ ଭଗବତ୍ କରୁଣା ବିତରଣ କରିବାଲାଗି ସେ ଦେହଧାରଣ କରିଥାନ୍ତି ।

ପୁଷ୍ପ ଯେପରି ପ୍ରସ୍ଫୁଟିତ ହୋଇଥାଏ ତାର ପାରିପାର୍ଶ୍ୱିକ ବାୟୁମଣ୍ଡଳକୁ ସୁରଭିତ ଓ ବିଶୋଧିତ କରିଦେବାପାଇଁ, ଜଣେ ଜଣେ ସଦାଶିବ ବ୍ରହ୍ମା, ଜଣେ ଜଣେ ଯାଜ୍ଞବଲ୍କ୍ୟରୂପକ ମହାତ୍ମା ସେହିପରି ଆବିର୍ଭୂତ ହୋଇଥାନ୍ତି ମନୁଷ୍ୟମାନଙ୍କର ହୃଦୟକୁ ଉତ୍ଫୁଲ୍ଲିତ କରିଦେଇ ସେମାନଙ୍କୁ ଅମରତ୍ୱର ପଥରେ, ପରିପୂର୍ଣ୍ଣତାର ପଥରେ ପରିଚାଳିତ କରିନେବାପାଇଁ ।

ଜୀବନ୍ମୁକ୍ତ ହେଉଛନ୍ତି ଆଧ୍ୟାତ୍ମିକ ଶକ୍ତିର ଏକ କେନ୍ଦ୍ରସ୍ଥଳ । ଜଗତର ବିଭିନ୍ନ ପ୍ରାନ୍ତକୁ ସେ ଆଧ୍ୟାତ୍ମିକ ଶକ୍ତିସ୍ରୋତ ପ୍ରେରଣ କରନ୍ତି । ଆପଣ ଯଦି ତାଙ୍କ ସମୀପରେ ଉପବେଶନ କରିବେ, ତେବେ ଆପଣଙ୍କର ସକଳ ସନ୍ଦେହ ସ୍ୱତଃ ଦୂରୀଭୂତ ହୋଇଯିବ । ତାଙ୍କ ସନ୍ନିଧାନରେ ଆପଣ ଏକ ଅପୂର୍ବ ଶାନ୍ତି ଓ ଅନିର୍ବଚନୀୟ ଉଲ୍ଲାସ ଉପଲବ୍ଧି କରିବେ ।

ଜୀବନ୍ମୁକ୍ତ ହେଉଛନ୍ତି ତୀର୍ଥଜଳପରି ପବିତ୍ର; ତାଙ୍କର ସ୍ପର୍ଶ, ତାଙ୍କର ଦର୍ଶନ ଏବଂ ତାଙ୍କର ନାମୋଚ୍ଚାରଣମାତ୍ରେ ବ୍ୟକ୍ତି ପବିତ୍ର ହୋଇଯାଏ । ବେଳେବେଳେ ସେ ଲୋକଲୋଚନ ଅନ୍ତରାଳରେ ରହିଯାଆନ୍ତି । ବେଳେବେଳେ ସେ ଆତ୍ମୋନ୍ନତି ଖୋଜୁଁଥିବା ଲୋକଙ୍କ ନିକଟରେ ପରିଚିତ ହୋଇଯାଆନ୍ତି । ନୈଷ୍ଠିକ ଭକ୍ତମାନଙ୍କର ପ୍ରଦତ୍ତ ଖାଦ୍ୟ ଗ୍ରହଣ କରି ସେ ସେମାନଙ୍କର ଭୂତ ଓ ଭବିଷ୍ୟତର ସମସ୍ତ ଅମଙ୍ଗଳ ବା ସମସ୍ତ କଳୁଷ ଦହନ କରିଦିଅନ୍ତି ।

ଜୀବନ୍ମୁକ୍ତ ବା ଋଷି ହେଉଛନ୍ତି ଆତ୍ମଜ୍ଞାନର ଆଦିମୂଳ । ଜଣେ ଜୀବନ୍ମୁକ୍ତଙ୍କ ସହିତ ଗୋଟିଏମାତ୍ର ମୁହୂର୍ତ୍ତର ସତ୍‌ସଙ୍ଗଲାଭ କୌଣସି ଏକ ରାଜ୍ୟର ଶାସନାଧିକାର ଅପେକ୍ଷା ମଧ୍ୟ ବହୁଗୁଣରେ ଶ୍ରେଷ୍ଠତର । ସେପରି ଜଣେ ମହାତ୍ମାଙ୍କର ଉପସ୍ଥିତି ହିଁ ଆନନ୍ଦଉତ୍ସାହପ୍ରଦ । ତାଙ୍କର ସତ୍‌ସଙ୍ଗ ପ୍ରାର୍ଥନା କରନ୍ତୁ, ଆପଣଙ୍କର କ୍ରମୋନ୍ନତି ଘଟିବ । ଭକ୍ତି ଓ ବିଶ୍ୱାସର ସହିତ ସେହି ମହାତ୍ମାଙ୍କର ସେବା କରନ୍ତୁ ।

ଋଷି ଚିରଞ୍ଜୀବୀ— ଋଷି ଚିରକାଳ ଜୀବିତ ରହନ୍ତି । ସେ ଶାଶ୍ୱତଜୀବନର ଅଧିକାରୀ । ତାଙ୍କୁ କାମନାବାସନା ବିଦଗ୍ଧ କରିପାରେ ନାହିଁ । ତାଙ୍କ ଅଙ୍ଗରେ ପାପର କଳୁଷ ଲାଗେ ନାହିଁ । ତାଙ୍କୁ ଜନ୍ମମୃତ୍ୟୁ ସ୍ପର୍ଶ କରିପାରେ ନାହିଁ, ଯନ୍ତ୍ରଣା ବା ନିର୍ଯ୍ୟାତନା ନିପୀଡ଼ିତ କରିପାରେ ନାହିଁ ।

ଜୀବନ୍ମୁକ୍ତ ଯେକୌଣସି ସ୍ଥାନରେ, ଯେକୌଣସି ସମୟରେ ଶରୀର ତ୍ୟାଗ କରିପାରନ୍ତି । ଆତ୍ମା ହେଉଛି ଏକ ବିଶାଳ ବୃକ୍ଷସଦୃଶ; ବୃକ୍ଷ ଉପରେ ଯେପରି ଝଡ଼ିପଡ଼ୁଥିବା ପତ୍ର ଓ ଫଳର କୌଣସି ପ୍ରଭାବ ପଡ଼େ ନାହିଁ, ଆତ୍ମା ଉପରେ ସେହିପରି ଛାଡ଼ିଯାଉଥିବା ଶରୀରର କୌଣସି ପ୍ରଭାବ ପଡ଼େ ନାହିଁ । ପ୍ରାଣବାୟୁ ତାଙ୍କର ଯେ ଅନ୍ୟ କୌଣସି ଶରୀରରେ ପ୍ରବେଶ କରିବାକୁ ଇହଶରୀର ଛାଡ଼ିଦେଇ ଚାଲିଯାଏ, ତାହା ନୁହେଁ ; ଜୀବନ୍ମୁକ୍ତଙ୍କର ପ୍ରାରବ୍ଧ ଅର୍ଥାତ୍ ଇହ

ଜନ୍ମରେ ଫଳିତ ହେବାକୁ ଆରମ୍ଭ କରିସାରିଥିବା ବିଗତ ଜନ୍ମର କର୍ମଫଳ ଶେଷ ହୋଇଯିବା ସଙ୍ଗେ ସଙ୍ଗେ ତାଙ୍କର ପ୍ରାଣବାୟୁ ଯାଇ ବ୍ରହ୍ମରେ ଲୀନ ହୋଇଯାଏ, ସେ ଆଉ ଜନ୍ମଲାଭ ନ କରି ମୋକ୍ଷ ଲାଭ କରନ୍ତି ।

ମନ ଓ ବସ୍ତୁଜଗତ ଯେଉଁ ଜାଲ ବିଛାଇଛନ୍ତି, ଜୀବନ୍ମୁକ୍ତ ସେହି ଜାଲରୁ ମୁକ୍ତ ହୋଇଯାଇଥାନ୍ତି । ସେ ଏକ ସମ୍ପୂର୍ଣ୍ଣ ମୁକ୍ତ, ସମ୍ପୂର୍ଣ୍ଣ ସ୍ୱାଧୀନ ଅବସ୍ଥାରେ ଉପନୀତ ହୋଇଥାନ୍ତି । ସେ ବ୍ୟସ୍ତତା, ବିରକ୍ତି, ଜଞ୍ଜାଳ, ଚିନ୍ତା, କାମ, କ୍ରୋଧ ଏବଂ ଘୃଣା ଆଦି ସମସ୍ତ ବିଷୟରୁ ସମ୍ପୂର୍ଣ୍ଣ ମୁକ୍ତ ହୋଇ ରହିଥାନ୍ତି । ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଏହି ପରମସୁଖପ୍ରଦ, ପରମମୋକ୍ଷପ୍ରଦ ଅବସ୍ଥା ହିଁ ସକଳଙ୍କର କାମ୍ୟ । ଏହା ହିଁ ଜୀବନର ଅନ୍ତିମ ଲକ୍ଷ୍ୟ । ଏହା ହିଁ ସମସ୍ତ ମାନବଙ୍କ ଅଭିଳାଷର ପରିପୂର୍ଣ୍ଣତା ।

ଜୀବନ୍ମୁକ୍ତି ହିଁ ସକଳ ଜୀବସତ୍ତାର ପରମ ଓ ଚରମ ଲକ୍ଷ୍ୟ । ଏହି ଅବସ୍ଥାରେ ରହିଛି ପ୍ରକୃତ ପୂର୍ଣ୍ଣତା । ଏହି ଅବସ୍ଥାରେ ଭସ୍ମୀଭୂତ ହୋଇଯାଏ ସକଳ କାମନାବାସନା । ଏହା ହିଁ ହେଉଛି ପରମ ସନ୍ତୋଷରେ ପରିପୂର୍ଣ୍ଣ ଏକ ଅପୂର୍ବ ସ୍ଥିତି । ଏହା ଅପେକ୍ଷା ବୃହତ୍ତର ହୋଇ କୌଣସି ଲାଭ ନାହିଁ, ଶ୍ରେଷ୍ଠତର ହୋଇ କୌଣସି ଆନନ୍ଦ ନାହିଁ, ମହତ୍ତର ହୋଇ କୌଣସି ଜ୍ଞାନ ନାହିଁ ।

ବର୍ତ୍ତମାନ ଦେଖିପାରୁଥିବେ, ସେହି ଜୀବନ୍ମୁକ୍ତ ବା ପୂର୍ଣ୍ଣଜ୍ଞାନୀ ଯୋଗୀ ଉପବେଶନ କରିଛନ୍ତି ଶାଶ୍ୱତ ସୁଖମୟ ସୁଉଚ୍ଚ ଶିଖରର ଶୀର୍ଷରେ । ପ୍ରଗାଢ଼ ନିରବଚ୍ଛିନ୍ନ ସଂଗ୍ରାମ କରି କରି ସେ ସେହି ବିରାଟ ବସ୍ତୁସ୍ତୂପର ଉଚ୍ଚତା ଆରୋହଣ କରିବାକୁ ସମର୍ଥ ହୋଇପାରିଛନ୍ତି । ସେ ଅତି କଠିନ ଓ କ୍ଳେଶକର ଆଧ୍ୟାତ୍ମିକ ସାଧନା କରିଛନ୍ତି; ସେ କରିଛନ୍ତି ଗଭୀର ନିଦିଧ୍ୟାସନ ବା ଧ୍ୟାନ । ସେ ଯାପନ କରିଛନ୍ତି ବହୁ ବିନିଦ୍ର ରଜନୀ ତାଙ୍କର ଯାତ୍ରାପଥରେ ଦେଖାଦେଇଛି ଅନେକ ବିରତି, କିନ୍ତୁ ପ୍ରତ୍ୟେକ ବିରତିକାଳରେ ସେ ଉଜାଗର ରହିଛନ୍ତି ସୁଦୀର୍ଘ ସମୟ ଧରି । ଧୈର୍ଯ୍ୟ ଓ ଶ୍ରମସ୍ୱୀକାରପୂର୍ବକ ସେ କରିଛନ୍ତି ଅସୀମ ଅଧ୍ୟବସାୟ । ସେ ଅତିକ୍ରମ କରିଛନ୍ତି ଅଗଣିତ ପ୍ରତିବନ୍ଧକ । ଆସିଛି ନୈରାଶ୍ୟ, ଆସିଛି ହତାଶା, ଆସିଛି ଅନ୍ଧକାର; କିନ୍ତୁ ସକଳ ବିଘ୍ନ ଓ ସମସ୍ତ ବିଘଟନ ଶକ୍ତିକୁ ପରାସ୍ତ କରି ସେ ପଦ-ଗ୍ଭରଣ କରିଛନ୍ତି ଅଗ୍ରପଥରେ । ଆଜି ସେ ଏକ ସମୁଜ୍ଜ୍ୱଳ ଦୀପସ୍ତମ୍ଭ ହୋଇ ଜଗତକୁ ପଥ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ମନେ ରଖନ୍ତୁ, ସେ ବି ଦିନେ ଏହି ପଙ୍କିଳ ପ୍ରପଞ୍ଚ କ୍ଷେତ୍ରରେ ଆବଦ୍ଧ ହୋଇ ଠିକ୍ ଆପଣଙ୍କ ପରି ଶତ ଥିଲେ । ତେଣୁ ଆପଣ ଯଦି ବଦ୍ଧପରିକର ହୁଅନ୍ତି, ଆପଣ ଯଦି ଅନ୍ତରର ଅନ୍ତର ମଧ୍ୟରେ ଉଦ୍ୟମଶୀଳ ହୁଅନ୍ତି, ତେବେ ଆପଣ ବି ସେହି ସୁଉଚ୍ଚ ଶିଖର ଆରୋହଣ କରି ପାରିବେ ।

●

ସାଧୁସନ୍ଥ

ଯେ କୌଣସି ସନ୍ଥ ହୁଅନ୍ତୁ ନା କାହିଁକି, ସେ ହେଉଛନ୍ତି ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିବା ଜଣେ ଦେବତା । ସେ ଏହି ସଂସାରକୁ ତୃଣଗୁଚ୍ଛ ତୁଚ୍ଛ ମନେ-କରନ୍ତି । ସେ ସୁନାକୁ ଯେଉଁ ଦୃଷ୍ଟିରେ ଦେଖନ୍ତି, ସାଧାରଣ ଖଣ୍ଡିଏ ପଥରକୁ ବି ସେହି ଦୃଷ୍ଟିରେ ଦେଖନ୍ତି । ତାଙ୍କ ପକ୍ଷରେ ସୁଖ ଯାହା, ଦୁଃଖ ବି ତାହା ।

ସନ୍ଥ ଭଗବତ୍ପଦରେ ନିବାସ କରନ୍ତି । ସେ ଈଶ୍ୱରୋପଲବ୍‌ଧି କରି-ସାରିଛନ୍ତି । ସେ ଈଶ୍ୱରଙ୍କୁ ଜାଣନ୍ତି । ସେ ଈଶ୍ୱର ହୋଇଯାଇଛନ୍ତି । ସେ ଯାହା କହନ୍ତି, ତାହା ଈଶ୍ୱରଙ୍କ ବାଣୀ । ସେ ଈଶ୍ୱରଙ୍କ ନିକଟକୁ ମାର୍ଗ ପ୍ରଦର୍ଶନ କରନ୍ତି । ସେ ଈଶ୍ୱରଜ୍ଞାନରେ ବିଭୋର । ସେ ସ୍ୱୟଂ ଈଶ୍ୱର । ସେ ଈଶ୍ୱରଙ୍କଠାରୁ ଅଭିନ୍ନ ।

ସନ୍ଥମାନେ ଧରାପୃଷ୍ଠରେ ଈଶ୍ୱରଙ୍କର ପ୍ରତିନିଧିତ୍ୱ କରନ୍ତି । ଈଶ୍ୱର ନିଜର ଅସୀମ ଶକ୍ତି, ଅଗାଧ ଜ୍ଞାନ ଓ ଅପାର ଆନନ୍ଦର ପୂର୍ଣ୍ଣ ମହିମା ନେଇ ସନ୍ଥରୂପରେ ଆତ୍ମପ୍ରକାଶ କରିଥାନ୍ତି ।

ଈଶ୍ୱରଦର୍ଶନପ୍ରାର୍ଥୀ ତୀର୍ଥଯାତ୍ରୀଗଣ ଭଗବାନଙ୍କ ମନ୍ଦିରରେ ପହଞ୍ଚିବାକୁ ହେଲେ, ଯେଉଁ ସିଡ଼ି ଚଢ଼ିସିବାକୁ ପଡ଼ିବ, ସାଧୁସନ୍ଥ ଓ ମୁନିଋଷିଗଣ ହେଉଛନ୍ତି ସେହି ସିଡ଼ି । ଯେଉଁ ସ୍ଥାନରେ ସାଧୁସନ୍ଥଗଣ ଅଧସେକେଣ୍ଡଟିଏ ପାଇଁ ମଧ୍ୟ ଅବସ୍ଥାନ କରନ୍ତି, ସେ ସ୍ଥାନ ସେତେବେଳେ ବାରଣସୀ, ପ୍ରୟାଗ ବା ବୃନ୍ଦାବନପରି ପବିତ୍ର ହୋଇଯାଏ ।

ସନ୍ଥ ହେଉଛନ୍ତି ଧରଣୀର ଏକ ଆଶୀର୍ବାଦସ୍ୱରୂପ । ସାଧୁସନ୍ଥଗଣ ହେଉଛନ୍ତି ଧର୍ମର ଜୀବନ୍ତ ପ୍ରତୀକ । ସେମାନେ ହେଉଛନ୍ତି ମାନବଜାତିର ପ୍ରକୃତ ମଙ୍ଗଳା-କାଙ୍‌କ୍ଷୀ । ଇତିହାସ ଅଧ୍ୟୟନ କଲେ ଦେଖିବେ, ଜଗତରେ ଆଧ୍ୟାତ୍ମିକ ମୂଲ୍ୟର ମହତ୍ତ୍ୱ ରକ୍ଷା କରିବା ଦିଗରେ ମୁନିଋଷିଗଣ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି ।

ସନ୍ଥ ହେଉଛନ୍ତି ଜଣେ ଆଧ୍ୟାତ୍ମିକ ରଜକ (ଧୋବା) । ସେ ଭକ୍ତି ଓ ଜ୍ଞାନ-ରୂପକ ସୋଡ଼ା-ସାବୁନ ଦେଇ ସାଂସାରିକ ଲୋକମାନଙ୍କ ଅଙ୍ଗରୁ ପାପରୂପକ ମଇଳା ଧୋଇଦିଅନ୍ତି । ଋଷିଙ୍କ ଗହଣରେ, ସାଧୁସନ୍ଥଙ୍କ ସାନିଧ୍ୟରେ ମନୁଷ୍ୟ ପବିତ୍ର ହୋଇଯାଏ ।

ଯେଉଁ ମୁହୂର୍ତ୍ତରେ ମନ କୌଣସି ସାଧୁସନ୍ଥଙ୍କ ବିଷୟ ଚିନ୍ତା କରିବାକୁ ଆରମ୍ଭ କରେ, ସେହି ମୁହୂର୍ତ୍ତରେ ମନର ସକଳ ଦୁର୍ବାସନା, ସମସ୍ତ ଦୁଷ୍ପ୍ରବୃତ୍ତି ଧୋଇହୋଇଯାଏ । ସନ୍ଥମାନଙ୍କର ଜୀବନୀ ଅନୁଧ୍ୟାନ କରିବା, ସେମାନଙ୍କର ସତ୍‌ସଙ୍ଗ ଲାଭ କରିବା ସଙ୍ଗେ ସମାନ । ସେମାନଙ୍କର ଉପଦେଶାବଳୀ ଅଧ୍ୟୟନ କରିବା ଅର୍ଥ, ସେମାନଙ୍କର ସତ୍‌ସଙ୍ଗ ଲାଭ କରିବା ।

ସନ୍ଥମାନଙ୍କର ଜୀବନୀ ଆଲୋଚନା କରିବା, ସେମାନଙ୍କର ଗହଣରେ ବାସ କରିବା, ସେମାନଙ୍କର ଆଶୀର୍ବାଦ ପାଇବାର ସୁଯୋଗ ଲାଭ କରିବା ଅର୍ଥ, ନିଜ ଉପରେ ପବିତ୍ରତା, ସଦ୍‌ବୁଦ୍ଧି ଓ ଦିବ୍ୟ-ଚେତନାର ବର୍ଷଣ ଢାଳିଦେବା ।

ସନ୍ଥମାନଙ୍କର ସ୍ୱଭାବ— ସନ୍ଥମାନେ ମୁଁକାରବୃତ୍ତିରୁ ବା ଅହଙ୍କାରରୁ ସମ୍ପୂର୍ଣ୍ଣ ମୁକ୍ତ; ସେମାନଙ୍କୁ ମୁଁ ବା ମୋର ବୋଲି ଭାବନା ସ୍ପର୍ଶ କରେ ନାହିଁ । ସନ୍ଥ କାମ, କ୍ରୋଧ ଓ ଲୋଭରୁ ବିମୁକ୍ତ । ସେ 'ଆତ୍ମବତ୍ ସର୍ବଭୂତେଷୁ' ଭାବରେ ଉଦ୍‌ବୁଦ୍ଧ । ସେ ସମସ୍ତଙ୍କୁ ଆପଣାରପରି ପ୍ରେମ କରନ୍ତି । ସେ ହେଉଛନ୍ତି କ୍ଷମା ଓ ଦୟାର ଅବତାର । ସେ ସତ୍ୟବାଦୀ; ସେ ସଭିଁଙ୍କର ସେବା କରନ୍ତି । ସେ ସର୍ବଦା ଭଗବତ୍ ଧ୍ୟାନରେ ନିମଗ୍ନ । ସେ କାହାରି ନିନ୍ଦା କରନ୍ତି ନାହିଁ । ସେ ସମସ୍ତଙ୍କଠାରେ ସମଦୃଷ୍ଟି ରଖନ୍ତି । ସେ ସକଳ ନାରୀଙ୍କଠାରେ ଦେବୀ ବା ଜଗନ୍ମାତାଙ୍କୁ ଦର୍ଶନ କରନ୍ତି । ସେ ସର୍ବଦା ଶାନ୍ତ, ସର୍ବଦା ଆନନ୍ଦିତ । ସେ ଭଗବତ୍ ମହିମା ଗାନ କରନ୍ତି । ସେ ଦିବ୍ୟଜ୍ଞାନରେ ସମ୍ପନ୍ନ । ସେ ନିର୍ଭୀକ ଓ ଉଦାର । ସେ କୌଣସି-କାଳେ ଯାଚଞ୍ଚା କରନ୍ତି ନାହିଁ; ସେ ଦାନ ହିଁ କରନ୍ତି । ସେ ମହତ୍ ଓ ମହିମାମୟ । ତାଙ୍କପରି ମହାତ୍ମା ଜଗତରେ ବିରଳ । ତାଙ୍କର ଦର୍ଶନ ଦୁର୍ଲଭ । ସେ ସବୁଠାରେ ଜନ୍ମଗ୍ରହଣ କରନ୍ତି ନାହିଁ ।

ସାଧୁସନ୍ଥଙ୍କର ପ୍ରତିଟି ନିଃଶ୍ୱାସ ପ୍ରେମର ବାଣୀ ପ୍ରଚାର କରେ । କ୍ଷମାଶୀଳତା ହିଁ ସେମାନଙ୍କର ମୁଖ୍ୟସ୍ୱଭାବ ସମାନଙ୍କର ହୃଦୟ ଦୟାରେ ଉଦ୍‌ବେଳିତ ହେଉଥାଏ । ସେମାନେ ଅନ୍ୟର ଦୋଷପ୍ରତି ଦୃଷ୍ଟିପାତ କରନ୍ତି ନାହିଁ । ସେମାନେ ଅମଙ୍ଗଳର ପ୍ରତିଦାନରେ ମଙ୍ଗଳ ବିତରଣ କରନ୍ତି ଏବଂ ଯେଉଁମାନେ ସେମାନଙ୍କୁ ନିନ୍ଦା ଅପମାନ ଦିଅନ୍ତି, ସେମାନଙ୍କ ଉପରେ ମଧ୍ୟ ସେମାନେ ଆଶୀର୍ବାଦ ବର୍ଷଣ କରିଥାନ୍ତି ।

ସନ୍ଥ ହେଉଛନ୍ତି ପ୍ରେମର ଏକ ପ୍ରଜ୍ୱଳିତ ଶିଖା । ନିପୀଡ଼ିତ ଜନଗଣଙ୍କର ଉଦ୍ଧାର ନିମନ୍ତେ ତାଙ୍କର ମନପ୍ରାଣ ସର୍ବଦା ବ୍ୟାକୁଳ । ସେ ସମ୍ପୂର୍ଣ୍ଣଭାବରେ ସ୍ୱାର୍ଥଚେତନା ହରାଇଦେଇଥାନ୍ତି, ସେ ଜୀବନ ଧରିଥାନ୍ତି କେବଳ ଅନ୍ୟମାନଙ୍କ ନିମନ୍ତେ ।

ସନ୍ଥମାନେ ସମସ୍ତ ଜଗତକୁ କେବଳ ସେମାନଙ୍କର ପ୍ରାଣର ପ୍ରତିରୂପରୂପେ ଦର୍ଶନ କରନ୍ତି । ସେମାନେ ବିଭିନ୍ନତା ମଧ୍ୟରେ ଏକତ୍ୱ ଦର୍ଶନ କରନ୍ତି । ସନ୍ଥ ସମଗ୍ର ଜଗତ ସହିତ ଏକାକାର ହୋଇଯାଆନ୍ତି ।

ସନ୍ଥ ଯୁବକମାନଙ୍କ ଗହଣରେ ଯୁବକପଣ, ବୟସ୍କମାନଙ୍କ ମଧ୍ୟରେ ବୃଦ୍ଧପଣ, ବୀରମାନଙ୍କ ମଧ୍ୟରେ ବୀରପଣ ଏବଂ ଶିଶୁମାନଙ୍କ ମଧ୍ୟରେ ଶିଶୁପଣ ପ୍ରଶସ୍ତମାନ ହୁଅନ୍ତି । ନିପୀଡ଼ିତ—ଯନ୍ତ୍ରଣାଗ୍ରସ୍ତ ଜନଗଣଙ୍କ ନିକଟରେ ସେ ମଧ୍ୟ ପୀଡ଼ାଯନ୍ତ୍ରଣା ଉପଲବ୍ଧି କରନ୍ତି ।

ସାଧୁ ସନ୍ଥମାନଙ୍କର ଜୀବନ— ସାଧୁ ସନ୍ଥମାନଙ୍କର ଜୀବନ ବଡ଼ ସରଳ, ନିରାଡ଼ମ୍ବର ଅଥଚ ବଡ଼ ଆକର୍ଷଣୀୟ । ସେମାନଙ୍କର ଜୀବନ ନମନୀୟତାରେ ପୂର୍ଣ୍ଣ । ସେମାନଙ୍କର ଜୀବନ ବଡ଼ ସୁବିନ୍ୟସ୍ତ । ସନ୍ଥ ସର୍ବଦା ହର୍ଷଚିତ୍ତ । ଜୀବନ କ୍ଷେତ୍ରରେ ନିରାନନ୍ଦ ଯେ କଣ, ତାହା ସେ ଜାଣନ୍ତି ନାହିଁ; ତାଙ୍କ ଦୃଷ୍ଟିରେ ଜୀବନ ଏକ ଆନନ୍ଦର ଧାରା । ଦୁଃଖ ତାଙ୍କୁ କଶାଘାତ କରିପାରେ ନାହିଁ । ଭୟ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । ତାଙ୍କ ଉପରେ କୌଣସି ସମ୍ରାଟର ଆଧିପତ୍ୟ ଲାଗେ ନାହିଁ ।

ସନ୍ଥଙ୍କ ଜୀବନ ସର୍ବଦା ଶାନ୍ତସୁସ୍ଥିର, ନିଃସଙ୍ଗନିର୍ଜନ । ସଂସାରର ପରିବର୍ତ୍ତନ ତାଙ୍କୁ ସ୍ପର୍ଶ କରିପାରେ ନାହିଁ । କୌଣସି ବାହ୍ୟଘଟଣା ତାଙ୍କର ମନର ସନ୍ତୁଳନ ଭଙ୍ଗ କରିପାରେ ନାହିଁ । ସେ ସ୍ୱୀୟ ଆତ୍ମା ଅର୍ଥାତ୍ ପରମଚେତନାରେ କେନ୍ଦ୍ରୀଭୂତ ହୋଇଯାଇଥାନ୍ତି ।

ସନ୍ଥ ନିଷ୍କାମ, ତେଣୁ ସଦାସୁଖୀ । ରାଜା ସକଳ ବସ୍ତୁର ଅଧିକାରୀ ହୋଇଥିବାରୁ ସୁଖୀ । କିନ୍ତୁ ସନ୍ଥଙ୍କର ଅସୀମ ସୁଖର କାରଣ, ସେ ଆତ୍ମରେ ନିବାସ କରନ୍ତି, ବ୍ରହ୍ମାନନ୍ଦ ସାଗରରେ ନିବାସ କରନ୍ତି । ରାଜାର ଜୀବନ ନାନା ଭୟ, ନାନା ବ୍ୟସ୍ତତାରେ ପୂର୍ଣ୍ଣ । ଶତ୍ରୁ ଆସି କାଳେ କେଉଁଦିନ ଆକ୍ରମଣ କରିବସିବ ବୋଲି ରାଜା ସର୍ବଦା ଗ୍ରୀତଶଙ୍କିତ; ତେଣୁ ତାଙ୍କ ଜୀବନ ଅସ୍ଥିର, ଅଶାନ୍ତ ।

ଜୀବନ୍ମୁକ୍ତ ସନ୍ଥ ଯେଉଁ ସୁଖ ଭୋଗ କରନ୍ତି, ତାହା ଇନ୍ଦ୍ରିୟସୁଖ ନୁହେଁ । ତାହା ହେଉଛି ଆତ୍ମିକ ସ୍ୱୟଂସୁଖ । ସେ ସକଳ ଚରାଚରରେ ଆତ୍ମାରୂପରେ ସମଗ୍ର ଜଗତକୁ ଏକକାଳୀନ ଉପଭୋଗ କରନ୍ତି । ତାଙ୍କର ସୁଖ କାଳର ବଶବର୍ତ୍ତୀ ନୁହେଁ; ସେ ସୁଖ ଅତୀନ୍ଦ୍ରିୟ ସୁଖ ।

ଜଣେ ସନ୍ଥ ହିଁ ପ୍ରକୃତ ବିତ୍ତବାନ । ଯେଉଁମାନେ ଲକ୍ଷପତି, କୋଟିପତି, ସେମାନଙ୍କ ଅନ୍ତରରେ ବହୁ କାମନା, ବହୁ ଆଶାତୃଷ୍ଣା ଘର କରିଥାଏ । ସୁତରାଂ

ସେମାନେ ଜଣେ ଜଣେ ଭିକ୍ଷୁକ । ସନ୍ଥ ବାସନାଶୂନ୍ୟ, ତେଣୁ ସେ ସମସ୍ତ ସମ୍ରାଟଙ୍କ-ଠାରୁ ମହତ୍ତର; ସେ ସ୍ୱର୍ଗାଧିପତି ଇନ୍ଦ୍ରଙ୍କଠାରୁ ମଧ୍ୟ ଶ୍ରେଷ୍ଠତର ।

ସନ୍ଥଙ୍କର ଜୀବନସ୍ୱପ୍ନ ଭାଙ୍ଗିଯାଇଥାଏ; ସେ ଜାଗ୍ରତ । ସେ ଶାଶ୍ୱତ ସୁଖ ଉପଭୋଗ କରୁଥାନ୍ତି । ଦିବ୍ୟଦ୍ରଷ୍ଟା ସନ୍ଥଙ୍କ ନିକଟରେ ସକଳ ଜଗତ ଆତ୍ମସମର୍ପଣ କରିଦିଏ ।

ସନ୍ଥ ପ୍ରଭାବଶାଳୀ ହୋଇ ନ ଥାଇପାରନ୍ତି—ସନ୍ଥ ଲୋକସମାଜରେ ବିଚରଣ କରନ୍ତି । କିନ୍ତୁ ସବୁଲୋକେ ତାଙ୍କୁ ଚିହ୍ନିପାରନ୍ତି ନାହିଁ; ଲୋକେ ତାଙ୍କୁ ଜଣେ ସାଧାରଣ ମନୁଷ୍ୟ ବୋଲି ଭାବିଥାନ୍ତି ।

ଜଣେ ସନ୍ଥ ହିଁ ଜଣେ ସନ୍ଥଙ୍କୁ ଚିହ୍ନିପାରନ୍ତି । ସେ ବେଳେବେଳେ ଜଣେ ସର୍ବଜ୍ଞରୂପରେ ଦର୍ଶନ ଦିଅନ୍ତି । ପୁଣି ବେଳେବେଳେ ଜଣେ ଅଜ୍ଞାନୀରୂପରେ ଦେଖା ଦିଅନ୍ତି । ସେ ଯେ କେତେବେଳେ ବ୍ରହ୍ମନିଷ୍ଠଙ୍କପରି କାର୍ଯ୍ୟ କରିବେ ଓ କେତେବେଳେ ନିର୍ବୋଧଙ୍କପରି କାର୍ଯ୍ୟ କରିବେ, ତାହା ସେ' ହିଁ ଜାଣନ୍ତି । ତେଣୁ ଆପଣ ତାଙ୍କର ମୂଲ୍ୟ ନିର୍ଦ୍ଧାରଣ କରିବାକୁ ଆସ୍ପର୍ଦ୍ଧା କରନ୍ତୁ ନାହିଁ । ଯଦି ଆପଣ ପ୍ରକୃତ ଭାବ ସହକାରେ ବିଶ୍ୱାସ, ଭକ୍ତି ଓ ଆଧ୍ୟାତ୍ମିକ ଆକାଂକ୍ଷା ନେଇ ତାଙ୍କର ଅନୁସରଣ କରନ୍ତି, ତେବେ ସେ ଆପଣଙ୍କୁ ଜଗତର ଶ୍ରେଷ୍ଠତମ ଜ୍ଞାନ ପ୍ରଦାନ କରିବେ । ଯଦି ଅସଦୁଦ୍ଦେଶ ନେଇ ତାଙ୍କ ନିକଟକୁ ଯିବେ, ତେବେ ସେ ବାତୁଳଙ୍କପରି ଆଚରଣ କରିବେ; ଆପଣ ଠକାମିରେ ପଡ଼ିଯିବେ; ତା ଫଳରେ ଆପଣଙ୍କର ପ୍ରଭୂତ କ୍ଷତି ହେବ ।

ଜଣେ ବ୍ରହ୍ମଜ୍ଞାନୀ ବା ଜୀବନ୍ମୁକ୍ତ ସାଧୁ ପ୍ରତିଭାଶାଳୀ ବ୍ୟକ୍ତି ହୋଇ ନ ଥାଇପାରନ୍ତି । ସେ ଜଣେ ଅଧ୍ୟାପକ, ବକ୍ତୃତାପଟୁ, ବାଗ୍ମୀ ବା ବାଚସ୍ପତି ହୋଇ ନ ଥାଇପାରନ୍ତି । କିନ୍ତୁ ସେ ଶାନ୍ତ, ସ୍ଥିର, ନିଶ୍ଚଳ । ସେ ସ୍ୱଳ୍ପଭାଷୀ; ନୀରବ । ତାଙ୍କର ସେହି ମୌନଗାମ୍ଭୀର୍ଯ୍ୟ ହିଁ ଶ୍ରେଷ୍ଠତର ବାଗ୍ମିତା । ସେ ସମଦର୍ଶୀ ବା ସନ୍ତୁଳିତ-ଚିତ୍ତ । ସେ ସମତା ଓ ସମଦୃଷ୍ଟି ସମ୍ପନ୍ନ । ସେ ମୌନୀ, ମହାମୌନୀ, ଓ ମୁନି । ସେ ଦିବ୍ୟଜ୍ଞାନରେ ବିଭୂଷିତ; ସ୍ୱତଃସ୍ଫୂର୍ତ୍ତି ଜ୍ଞାନରେ ସମୃଦ୍ଧ । ତାଙ୍କର ଉପସ୍ଥିତିରେ ସକଳ ଦ୍ୱନ୍ଦ୍ୱ, ସମସ୍ତ ସନ୍ଦେହ ଦୂରୀଭୂତ ହୋଇଯାଏ ।

ସାଧୁସନ୍ଥମାନେ ଜାତିଭେଦ ଜାଣନ୍ତି ନାହିଁ— ସାଧୁସନ୍ଥମାନଙ୍କ ମଧ୍ୟରେ ଜାତିଭେଦ ନାହିଁ । ସେମାନେ ବନ୍ଧନମୁକ୍ତ ସିଂହସଦୃଶ । ଜାତି, ଧର୍ମ, ବ୍ୟବସାୟ, ପରମ୍ପରା ଓ ନିର୍ଦ୍ଦିଷ୍ଟ ଧର୍ମଗ୍ରନ୍ଥର ନିଗୂଢ଼ ବନ୍ଧନରୁ ସେମାନେ ମୁକ୍ତ ।

ତେଣୁ ସାଧୁ ସନ୍ଥଙ୍କର ଜାତି ନେଇ ଆଲୋଚନା କରନ୍ତୁ ନାହିଁ । ସେ ଆଲୋଚନାରୁ କୌଣସି ଉପକାର ପାଇବେ ନାହିଁ; ସେମାନଙ୍କର ସଦ୍‌ଗୁଣରୁ ଆପଣ କିଛି ଗ୍ରହଣ କରି ପାରିବେ ନାହିଁ । ଉଚ୍ଚତର ଧର୍ମରେ ଜାତି ବୋଲି କିଛି ନ ଥାଏ, କି ସଙ୍କୀର୍ଣ୍ଣ ଧର୍ମବିଶ୍ୱାସ ବୋଲି କିଛି ନ ଥାଏ । ଚର୍ମକାର, ତନ୍ତୁବାୟ ଓ ଅଚ୍ଛୁଆ ଗୋଷ୍ଠୀରେ ଜନ୍ମ ନେଇଥିବା ମନୁଷ୍ୟ ମଧ୍ୟ ଶ୍ରେଷ୍ଠତମ ସନ୍ଥ ହୋଇ-ପାରିଛନ୍ତି ।

ଦେଖିବାକୁ ଗଲେ, ଜଣେ ଖ୍ରୀଷ୍ଟୀୟ ରହସ୍ୟବାଦୀ ଓ ଜଣେ ହିନ୍ଦୁ ସନ୍ନ୍ୟାସୀଙ୍କ ମଧ୍ୟରେ କୌଣସି ଯଥାର୍ଥ ପାର୍ଥକ୍ୟ ନାହିଁ । ସେମାନଙ୍କର ଉପଦେଶ ବଳି ମଧ୍ୟରେ ପରସ୍ପର ବିରୋଧିତା ବୋଲି ଆଦୌ କିଛି ନାହିଁ । ସମସ୍ତ ସାଧୁ ସନ୍ଥଙ୍କର ବାଣୀ ବସ୍ତୁତଃ ଏକ ଓ ଅଭିନ୍ନ । ସେ ବାଣୀ ସର୍ବଦା ମନୁଷ୍ୟକୁ ଆତ୍ମଜ୍ଞାନ ଅର୍ଜନ କର ବୋଲି ହିଁ ପ୍ରବର୍ତ୍ତନା ଦେଇ ଆସିଛି ।

ଆଚାର ବ୍ୟବହାରରେ ସାଧୁସନ୍ଥମାନଙ୍କ ମଧ୍ୟରେ ପ୍ରଭେଦ ଥାଏ— ସବୁ ସାଧୁ ସନ୍ଥଙ୍କର ଜ୍ଞାନ ସମାନ କିନ୍ତୁ ସେମାନଙ୍କର ଆଚରଣ ପଦ୍ଧତି ବିଭିନ୍ନ । ଶ୍ରୀ ବଶିଷ୍ଠ ଜଣେ କର୍ମକାଣ୍ଡୀ ଥିଲେ । ସେ ହବନ କରୁଥିଲେ; ଯାଗଯଜ୍ଞ କରୁଥିଲେ । ରାଜା ଜନକ ଥିଲେ ଜଣେ ଭୋଗୀ; ସେ ରାଜ୍ୟଶାସନ କରି ରାଜକୀୟ ଆନନ୍ଦ ଉପଭୋଗ କରୁଥିଲେ । ଶ୍ରୀ ଦତ୍ତାତ୍ରେୟ ଜଣେ ପରିବ୍ରାଜକ ଥିଲେ । ସେ ଥିଲେ ଜଣେ ଅବଧୂତ—ଜଣେ ଉଲଗ୍ନ ଫକୀର । କାକଭୂଷଣ୍ଡୀ ଥିଲେ ଜଣେ ଯୋଗୀ । କେତେକ ମହାପୁରୁଷ ବିବାହ ମଧ୍ୟ କରନ୍ତି ।

ଦତ୍ତାତ୍ରେୟ ଓ ଜଡଭରତଙ୍କ ସଦୃଶ ଋଷିଗଣ ଆନନ୍ଦରେ ପରିବ୍ରାଜନ କରନ୍ତି । ସେମାନଙ୍କର ବାସଗୃହ ନ ଥାଏ, କି ବସନଭୂଷଣ ନ ଥାଏ । ସେମାନଙ୍କ ଠାରୁ ସୁଖଦୁଃଖ, କ୍ଷୁଧାଅକ୍ଷୁଧା, ଶୈତ୍ୟଉଷ୍ଣାଦି ପରସ୍ପର ବିରୋଧିଭାବ ସମ୍ପୂର୍ଣ୍ଣ ଅନ୍ତର୍ହିତ ହୋଇଯାଇଥାଏ । ସେମାନେ ରାଜା ଜନକ ଓ ଶ୍ରୀ ଶଙ୍କରଙ୍କପରି ଜନହିତକର କାର୍ଯ୍ୟ କରନ୍ତି ନାହିଁ । କିନ୍ତୁ ସେମାନଙ୍କର ଉପସ୍ଥିତି ହିଁ ଜନଗଣଙ୍କୁ ଉନ୍ନତ ମାର୍ଗରେ ନେଇଯାଏ ।

ଅନ୍ୟ ପକ୍ଷରେ ରହିଛନ୍ତି ରାଜା ଜନକ ଓ ଶ୍ରୀ ଶଙ୍କରଙ୍କସଦୃଶ ଲୋକ-ହିତକାମୀ ଋଷିଗଣ ସେମାନେ ଜଗତର ମଙ୍ଗଳ ସମ୍ପାଦନରେ ବ୍ରତୀ । ସେମାନଙ୍କର ଅନ୍ତରରେ ପୂର୍ଣ୍ଣ ହୋଇଥାଏ ସକଳଙ୍କପ୍ରତି ଦୟା । ସେପରି ଋଷି ଗ୍ରନ୍ଥ ରଚନା କରନ୍ତି, ଶିକ୍ଷାଦାନ କରନ୍ତି, ମଠ ଓ ଆଶ୍ରମ ସ୍ଥାପନ କରନ୍ତି ।

ଆପଣ ପଚାରିବେ, "ଏ ଦୁଇ ପ୍ରକାର ଋଷିଙ୍କ ମଧ୍ୟରେ ଶ୍ରେଷ୍ଠତର କିଏ ?" ଉତ୍ତର ହେଉଛି, "ସେ ଉଭୟେ ସମାନ; ସେମାନେ ସମଶ୍ରେଷ୍ଠ ।"

ସାଧୁ ସ୍ୱାର୍ଥପର ନୁହନ୍ତି—ଅଜ୍ଞ ଲୋକେ କହନ୍ତି, 'ମୁନିଋଷିମାନେ ନିଜେ କିପରି ଆତ୍ମସାକ୍ଷାତ୍କାର ଲାଭ କରିବେ, କେବଳ ସେଥିପାଇଁ କାର୍ଯ୍ୟ କରନ୍ତି । ସେମାନେ ନିତାନ୍ତ ସ୍ୱାର୍ଥପର । ସମାଜ ପକ୍ଷରେ ମୁନିଋଷିମାନଙ୍କର କୌଣସି ଆବଶ୍ୟକତା ନାହିଁ ।' କିନ୍ତୁ ଏପରି ଭାବିବା ଏକ ମାରାତ୍ମକ ଭୁଲ । ସାଧୁସନ୍ଥଗଣ ହେଉଛନ୍ତି ଶ୍ରେଷ୍ଠତମ ଲୋକହିତକାମୀ ମହାମାନବ । ଯେ ସନ୍ଥ, ସେ ଅତୀବ ଦୟାଳୁ, ଅତୀବ କରୁଣାମୟ । ତାଙ୍କ ସଂସ୍ପର୍ଶରେ ଆସୁଥିବା ସକଳ ଜନଗଣଙ୍କୁ ସେ ତତ୍କ୍ଷଣାତ୍ ଉନ୍ନତତର ସ୍ତରକୁ ନେଇଯାଆନ୍ତି । ଅଧିକନ୍ତୁ ସେ ନିଜର ଦିବ୍ୟଦୃଷ୍ଟି ବଳରେ ଶକ୍ତି ସଞ୍ଚାର କରନ୍ତି । ସେ ଯୋଗ୍ୟ ସାଧକମାନଙ୍କୁ ଚିହ୍ନିପାରନ୍ତି ଏବଂ ନିଜର ସୁଦୂର ହିମାଳୟସ୍ଥ କୁଟିର ବା ପର୍ବତଗୌହ୍ୱର ମଧ୍ୟରେ ରହି ମଧ୍ୟ ସେ ଯୋଗ୍ୟ ସାଧକମାନଙ୍କୁ ସଂକଳ୍ପଶକ୍ତି ବଳରେ ଉନ୍ନତ ସ୍ତରକୁ ଉଠାଇନିଅନ୍ତି ।

ଜ୍ଞାନୀ ସ୍ୱାର୍ଥପର ନୁହନ୍ତି; ସାଂସାରିକ ଲୋକମାନେ ତାଙ୍କ ସମ୍ବନ୍ଧରେ ଭୁଲ ଧାରଣା ରଖିଥାନ୍ତି । ଜ୍ଞାନୀଙ୍କର ଆଧ୍ୟାତ୍ମିକ ପ୍ରକମ୍ପନ ଜଗତକୁ ପବିତ୍ରୀଭୂତ କରେ । ତାଙ୍କର ଜୀବନ ହିଁ ଆଦର୍ଶମୟ, ଉନ୍ନତପ୍ରଦ । ସେ ଅନ୍ୟମାନଙ୍କ ହୃଦୟରେ ଆଶା ଓ ଉତ୍ସାହର ସଞ୍ଚାର କରି ସେମାନଙ୍କୁ ଆଧ୍ୟାତ୍ମିକ ପଥରେ ଚାଲିବାକୁ ପ୍ରେରଣା ପ୍ରଦାନ କରନ୍ତି । କେବଳ ସେ ହିଁ ପ୍ରକୃତ ମାନବପ୍ରେମରେ ଅନୁପ୍ରାଣିତ । ସେ ସର୍ବତ୍ର ଈଶ୍ୱରଙ୍କର ଉପସ୍ଥିତି ଉପଲବ୍ଧି କରନ୍ତି । ସେ ନିଜର ପଡ଼ୋଶୀଙ୍କୁ ଆତ୍ମବତ୍ ପ୍ରେମ କରନ୍ତି । କେବଳ ଜ୍ଞାନୀ ହିଁ ପ୍ରକୃତ ନିଃସ୍ୱାର୍ଥପର ସେବା କରିପାରନ୍ତି, କାରଣ, 'ସକଳ ଘଟେ ନାରାୟଣ'— ଏ କଥାଟି ସେ ସ୍ପଷ୍ଟ ଉପଲବ୍ଧି କରିଥାନ୍ତି । ସେ ହେଉଛନ୍ତି ପ୍ରକୃତ ପରାର୍ଥପର ବ୍ୟକ୍ତି, ପ୍ରକୃତ ମାନବବାନ୍ଧବ ।

ସାଧୁସନ୍ଥଙ୍କୁ ନିଜବୁଦ୍ଧିରେ କଷନ୍ତୁ ନାହିଁ— ଆପଣ ସାଂସାରିକ ମାପକାଠିରେ ସାଧୁସନ୍ଥମାନଙ୍କର ମହିମା ମାପିପାରିବେ ନାହିଁ । ଆପଣଙ୍କର ନିଜର ଦୃଷ୍ଟି ତ୍ରୁଟିପୂର୍ଣ୍ଣ, ଅସତ୍ । ଅସତ୍ ଦୃଷ୍ଟିରେ ଚାହିଁ ସାଧୁଙ୍କଠାରେ ଦୋଷ ଦର୍ଶନ କରନ୍ତୁ ନାହିଁ । ଆପଣ ତାଙ୍କର ମହିମାର ପରିମାଣ ଜାଣିପାରିବେ ନାହିଁ ।

ବ୍ରହ୍ମନିଷ୍ଠ ସନ୍ଥଗଣ ଅଗ୍ନିସ୍ୱରୂପ । ସେମାନେ ଅଗ୍ନିସଦୃଶ ସର୍ବଭକ୍ଷ । ବ୍ରହ୍ମନିଷ୍ଠଙ୍କର ସ୍ପର୍ଶ ହିଁ ସକଳବସ୍ତୁକୁ ପବିତ୍ର କରିଦିଏ । ବ୍ରହ୍ମନିଷ୍ଠ ପୁରୁଷ ମଙ୍ଗଳ ଓ ଅମଙ୍ଗଳର ବହୁ ଊର୍ଦ୍ଧ୍ୱରେ । ସେ ସ୍ୱୟଂ ପରମମଙ୍ଗଳ ବ୍ରହ୍ମନିଷ୍ଠମାନଙ୍କର ଆଚରଣର ଅନୁକରଣ କରନ୍ତୁ ନାହିଁ । ସେମାନଙ୍କର ଆଚରଣ ଅଦ୍ଭୁତ ଓ ରହସ୍ୟମୟ । ସେମାନେ

ଆପଣଙ୍କ ବୁଦ୍ଧିର ବହୁ ଊର୍ଦ୍ଧ୍ୱରେ । ଯଦି ଗ୍ରେରି କରିସାରି କହିବେ, "କୃଷ୍ଣ କଣ ଗ୍ରେରି ଜରୁ ନ ଥିଲେ ?" ତେବେ ଜାଣନ୍ତୁ, ଆପଣଙ୍କର ସର୍ବନାଶ ହୋଇଯିବ । କୃଷ୍ଣ କାଣିଆଙ୍ଗୁଠିରେ ଗୋବର୍ଦ୍ଧନ ଗିରି ଟେକିଦେଇଥିଲେ । କିନ୍ତୁ ଆପଣ ? ନିଜର ସମସ୍ତ ଶକ୍ତି ଖଟାଇ ମଧ୍ୟ ଖଣ୍ଡେ ବଡ଼ପଥର ଟେକିପାରିବେ ନା ? ତେଣୁ ସାଧୁସନ୍ଥ ଓ ମହାପୁରୁଷମାନଙ୍କର ଉପଦେଶ ପାଳନ କରନ୍ତୁ । ତାହା କରି-ପାରିଲେ ଆପଣ ଏହି ଜୀବନକାଳ ମଧ୍ୟରେ ଏହି ଧରାପୃଷ୍ଠରେ ବ୍ରହ୍ମଜ୍ଞାନ ଲାଭ କରିପାରିବେ ।

ସାଧୁସଙ୍ଗରୁ ଉପକାର ପାଇବା କିପରି ?— ସାଧୁସଙ୍ଗରୁ ଉପକାର ପାଇବାକୁ ହେଲେ ପ୍ରଥମେ ନିଜକୁ ପ୍ରସ୍ତୁତ କରିବାକୁ ପଡିବ । କୌଣସି ପୂର୍ବସଂସ୍କାରଜନିତ ପକ୍ଷପାତି ଧାରଣା ନେଇ କୌଣସି ସାଧୁସନ୍ଥଙ୍କ ସମ୍ମୁଖକୁ ଯାଆନ୍ତୁ ନାହିଁ । ଖୋଲାମନରେ ଯାଆନ୍ତୁ । କିଛି ଗ୍ରହଣ କରିବାପାଇଁ ପ୍ରସ୍ତୁତ ହୋଇ ସେମାନଙ୍କ ନିକଟକୁ ଯାଆନ୍ତୁ । କିଛି ଗୋଟିଏ ପାଇଯିବେ ବୋଲି ଆଶା ଧରି ଯାଆନ୍ତୁ ନାହିଁ । ନମ୍ର ହୋଇ ସକଳ ପ୍ରକାର ସମ୍ମାନ ପ୍ରଦର୍ଶନ କରି ଯାଆନ୍ତୁ । ସନ୍ଥଙ୍କ ଦର୍ଶନରୁ, ପରିବେଶରୁ, ବାଣୀରୁ ଯାହା କିଛି ଆପଣଙ୍କ ମର୍ମ ସ୍ପର୍ଶ କରୁଛି, ତାହା ଗ୍ରହଣ କରନ୍ତୁ । ଯଦି ତାଙ୍କର ଉପଦେଶ ମଧ୍ୟରୁ କେତେକ କଥା ଆପଣଙ୍କ ମର୍ମ ସ୍ପର୍ଶ କରୁ ନାହିଁ, ତେବେ ତରତର ହୋଇ କୌଣସି ସିଦ୍ଧାନ୍ତ ନେଇଯାଆନ୍ତୁ ନାହିଁ । ଯଦି କିଛି ଅଂଶ ଭଲଲାଗୁ ନାହିଁ, ତେବେ ତାହା ଗ୍ରହଣ କରନ୍ତୁ ନାହିଁ । ଅନ୍ୟ କାହା ପକ୍ଷରେ ଯାହା ଶ୍ରେୟସ୍କର, ଆପଣଙ୍କ ପକ୍ଷରେ ତାହା ଶ୍ରେୟସ୍କର ହୋଇ ନ ପାରେ । ତଥାପି ମୌଳିକ ନୀତିର ପ୍ରଶସ୍ତତା ଦୃଷ୍ଟିରୁ ସନ୍ଥଙ୍କର କୌଣସିଟି ଉପଦେଶ ନେଇ ମତଦ୍ୱୈଧ ଉଠି ନ ପାରେ ।

କୌଣସି ସାଧୁଙ୍କ ନିକଟକୁ ଗଲେ, କେବଳ କୌତୁହଳପରବଶ ହୋଇ ତାଙ୍କୁ ଏଣୁତେଣୁ ପ୍ରଶ୍ନ ପଚାରନ୍ତୁ ନାହିଁ । ତାଙ୍କ ସନ୍ନିଧାନରେ ନମ୍ରତାର ସହକାରେ ଉପବେଶନ କରନ୍ତୁ । ତାଙ୍କୁ ଲକ୍ଷ୍ୟ କରନ୍ତୁ । ମନ ଭିତରେ ପୂର୍ବରୁ କିଛି ଏକ ଅସତ୍ ଧାରଣା ନ ରଖି, ସେ କଣ କହୁଛନ୍ତି, ତାହା ମନ ଦେଇ ଶୁଣନ୍ତୁ । ଯେଉଁସବୁ ବିଷୟରେ ଆପଣ ସତରେ କିଛି ବିଶଦ ବ୍ୟାଖ୍ୟା ଶୁଣି ସନ୍ଦେହ ମୋଚନ କରିବାକୁ ଚାହୁଁଛନ୍ତି, କେବଳ ସେହି ବିଷୟ ପ୍ରଶ୍ନ ପଚାରନ୍ତୁ । କେବଳ ପ୍ରାସଙ୍ଗିକ ପ୍ରଶ୍ନ ହିଁ ପଚାରନ୍ତୁ । ସାଧୁଙ୍କୁ ରାଜନୀତି ଭିତରକୁ, ସାଂସାରିକ କଳହ-ଦ୍ୱନ୍ଦ୍ୱ ଭିତରକୁ ଟାଣିଆଣିବାକୁ ପ୍ରୟାସ କରନ୍ତୁ ନାହିଁ ।

ସାଧୁଙ୍କ ଗହଣରେ ବସି ଧ୍ୟାନ କରନ୍ତୁ । ତାହା କଲେ ଅନ୍ତର୍ଜ୍ୟୋତି ଲାଭ କରିବେ, ଯାହା ଫଳରେ କି ଆପଣଙ୍କର ସନ୍ଦେହସବୁ ଦୂର ହୋଇଯିବ ।

ଉପଦେଷ୍ଟାରୂପରେ ସାଧୁସନ୍ଥ—ସାଧୁସନ୍ଥମାନଙ୍କର ସତ୍ସଙ୍ଗ ହିଁ ପ୍ରକୃତ ସାଧକମାନଙ୍କର ଜୀବନକ୍ଷେତ୍ରରେ ଏକ ମହାନ ବିବର୍ତ୍ତନକାରିଣୀ ଶକ୍ତିରୂପରେ କାର୍ଯ୍ୟ କରେ । ସାଧୁସଙ୍ଗ ସେମାନଙ୍କୁ ଉତ୍କର୍ଷତା, ପବିତ୍ରତା ଓ ଆଧ୍ୟାତ୍ମିକତାର ତୁଙ୍ଗ ଶିଖରକୁ ଉତ୍ତୋଳିତ କରିନିଏ । ଏପରି କି, ସତ୍ସଙ୍ଗର ପ୍ରଭାବ ନିପଟ ବସ୍ତୁବାଦୀମାନଙ୍କୁ ମଧ୍ୟ ପ୍ରଭାବିତ କରିଥାଏ ।

ସୁତରାଂ ପ୍ରତ୍ୟେକ ବିଦ୍ୟାଳୟର, ପ୍ରତ୍ୟେକ ମହାବିଦ୍ୟାଳୟର, ପ୍ରତ୍ୟେକ ଛାତ୍ରାବାସର, ପ୍ରତ୍ୟେକ ବନ୍ଦୀଶାଳାର, ପ୍ରତ୍ୟେକ ଅନୁଷ୍ଠାନର, ପ୍ରତ୍ୟେକ ଗୃହର ଅନ୍ତେବାସୀମାନଙ୍କୁ ସୁପରିଚାଳିତ ଓ ସତ୍ପଥରେ ଅନୁପ୍ରାଣିତ କରିବାଲାଗି ଜଣେ ଜଣେ ସାଧୁ ବା ସନ୍ଥ ରହିବା ଆବଶ୍ୟକ ।

ସାଧୁସନ୍ଥମାନେ ହିଁ ରାଜାମହାରାଜା ତଥା ଶାସକମାନଙ୍କର ପ୍ରକୃତ ପରାମର୍ଶ-ଦାତା ହେବାକୁ ଯୋଗ୍ୟ, କାରଣ ସେମାନେ ମହାଜ୍ଞାନୀ ଏବଂ ନିଃସ୍ୱାର୍ଥପର । ସେମାନେ ହିଁ ଜନସାଧାରଣଙ୍କର ନୈତିକମାନର ଉନ୍ନତି କରିପାରିବେ ସେହିମାନେ ହିଁ ଶାଶ୍ୱତ ସୁଖ ଓ ଅମରତ୍ୱ ଲାଭର ପଥ ପ୍ରଦର୍ଶନ କରିପାରିବେ । ଶିବାଜୀ ସ୍ୱାମୀ ରାମଦାସଙ୍କୁ ନିଜର ପରାମର୍ଶଦାତା ବୋଲି ଗ୍ରହଣ କରିଥିଲେ । ମହର୍ଷି ବଶିଷ୍ଠ ଥିଲେ ରାଜା ଦଶରଥଙ୍କର ପରାମର୍ଶଦାତା ।

ସାଧୁସନ୍ଥ ବହୁଳ ସଂଖ୍ୟାରେ ରହିଛନ୍ତି । ଆପଣ ସେମାନଙ୍କୁ ଲୋଡ଼ୁନାହାନ୍ତି । ଆପଣ ସେମାନଙ୍କ ନିକଟକୁ ଯିବାକୁ ଇଚ୍ଛୁକ ନୁହନ୍ତି । ଆପଣ ସେମାନଙ୍କର ସେବା କରିବାକୁ ଆଗ୍ରହୀ ନୁହନ୍ତି । ଆପଣଙ୍କଠାରେ ଉଚ୍ଚତର, ମହତ୍ତର ବସ୍ତୁ ଲାଭର ଅଭିଳାଷ ନାହିଁ । ଆପଣ କେତେ ଖଣ୍ଡ ଭଙ୍ଗାକାଚ ଓ ଭଙ୍ଗା ଶିପ ପାଇ ତାହା ହିଁ ଯଥେଷ୍ଟ ବୋଲି ଧରିନେଇ ଆରାମରେ ରହିଯାଇଛନ୍ତି । ଆନ୍ତରିକ ଶାନ୍ତି ଓ ଉଚ୍ଚତର ଦିବ୍ୟଜ୍ଞାନ ଲାଭପାଇଁ ଆପଣଙ୍କଠାରେ କୌଣସି ଜ୍ଞାନତୃଷ୍ଣା ନାହିଁ; କୌଣସି ଆଧ୍ୟାତ୍ମିକ କ୍ଷୁଧା ନାହିଁ ।

ଆଧ୍ୟାତ୍ମିକ ସୁଯୋଗ ଲାଭ ଏକ ଅସାମାନ୍ୟ ସ୍ୱାଧିକାର । ସେହି ସୁଯୋଗ କଦାପି ହରାନ୍ତୁ ନାହିଁ । ସାଧୁସନ୍ଥମାନଙ୍କର ସତ୍ସଙ୍ଗ ଲାଭର ସୁଯୋଗ ନିଅନ୍ତୁ । ମହାପୁରୁଷମାନଙ୍କ ସହିତ ମୁହୂର୍ତ୍ତିକର ସତ୍ସଙ୍ଗ ଏହି ଜୀବନ ମହାସାଗର ପାରି-ହେବାଲାଗି ଏକ ମହାତରୀ ନିର୍ମାଣ କରିଦିଏ ।

ଈଶ୍ୱର ହେଉଛନ୍ତି ଏକ ମହାନ ଶୋଧକ ଶକ୍ତି । ଜଗତ ଯେତେବେଳେ ସାଧୁସନ୍ଥମାନଙ୍କର ବିଶେଷ ଅଭାବ ଉପଲବ୍ଧି କରେ, ସେତେବେଳେ ସ୍ୱୟଂ ଈଶ୍ୱର ସାଧୁସନ୍ଥଙ୍କ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି ।

ସାଧୁସନ୍ଥମାନଙ୍କର ଜୀବନୀ ଅଧ୍ୟୟନ ଆପଣଙ୍କୁ ଅତିରେ ଅନୁପ୍ରାଣିତ କରିଦେଇପାରିବ । ସେମାନଙ୍କର ଉପଦେଶ ସ୍ମରଣ ଆପଣଙ୍କୁ ଅବିଲମ୍ବେ ଉନ୍ନତି ପ୍ରଦାନ କରିବ । ସେମାନଙ୍କର ପଦାଙ୍କ ଅନୁସରଣ କଲେ ଆପଣ ଦୁଃଖଯନ୍ତ୍ରଣାରୁ ଉଦ୍ଧାର ପାଇପିବେ ।

ସାଧୁସଙ୍ଗ କରି ଉନ୍ନତି ଲାଭ କରନ୍ତୁ । ସାଧୁସନ୍ଥମାନଙ୍କର ସତ୍‌ସଙ୍ଗ ଅବ୍ୟର୍ଥ ଫଳପ୍ରଦ ଅଟେ ।

●

ମୂର୍ତ୍ତିପୂଜା

ସାଧାରଣ ଖଣ୍ଡିଏ କାଗଜର କୌଣସି ମୂଲ୍ୟ ନାହିଁ; ସେ ଖଣ୍ଡିକ ଧଳା ହୋଇଥାଉ କିମ୍ବା ରଙ୍ଗୀନ ହୋଇଥାଉ, ଆପଣ ତାପ୍ରତି ନିତାନ୍ତ ଅବହେଳା ଦେଖାଇ ଫୋପାଡ଼ି ଦେଇପାରନ୍ତି । କିନ୍ତୁ ସେଥିରେ ଯଦି ରାଜାଙ୍କର ବା ସମ୍ରାଟଙ୍କର ଛବିଥାଏ, ସେ କାଗଜ ଖଣ୍ଡିକ ଯଦି କେତେ ଟଙ୍କିଆ ନୋଟଟିଏ ହୋଇଥାଏ, ତେବେ ଆପଣ ତାକୁ ଅତି ଯତ୍ନରେ ନିଜ ମନିପର୍ସରେ ବା ଟ୍ରଙ୍କରେ ସାଇତି ରଖନ୍ତି । ଠିକ୍ ସେହିପରି ଆପଣଙ୍କ ନିକଟରେ ସାଧାରଣ ଖଣ୍ଡିଏ ପଥରର କୌଣସି ମୂଲ୍ୟ ନାହିଁ, ସେ ପଥର ଖଣ୍ଡଟି ଫୋପାଡ଼ିଦେଇପାରନ୍ତି କିନ୍ତୁ ଅପଣ ଯେତେବେଳେ ପଣ୍ଢାରପୁରରେ ଥିବା ଶ୍ରୀକୃଷ୍ଣଙ୍କର ପ୍ରସ୍ତର ମୂର୍ତ୍ତି ଦର୍ଶନ କରନ୍ତି କିମ୍ବା ଅନ୍ୟ କୌଣସି ମନ୍ଦିରରେ କୌଣସି ପଥର ନିର୍ମିତ ଦେବମୂର୍ତ୍ତି ଦର୍ଶନ କରନ୍ତି, ସେତେବେଳେ ହାତ ଯୋଡ଼ିଦେଇ ତାଙ୍କ ଆଗରେ ମୁଣ୍ଡ ନୁଆଁଇ ଦିଅନ୍ତି କାରଣ ସେହି ପଥର ଖଣ୍ଡଟିରେ ଈଶ୍ୱରଙ୍କର ସଙ୍କେତ ରହିଛି ।

କୌଣସି ଦେଶର ପତାକା କହିଲେ ଖଣ୍ଡିଏ ଚିହ୍ନିତ କପଡ଼ାକୁ ବୁଝାଏ କିନ୍ତୁ ଜଣେ ସୈନିକପାଇଁ ତା'ଦେଶର ପତାକା ଅତୀବ ମୂଲ୍ୟବାନ୍ । ତା'ଦେଶର ପତାକାର ଗୌରବ ରକ୍ଷା ନିମନ୍ତେ ସେ ପ୍ରାଣପାତ କରିଦେବାକୁ ମଧ୍ୟ ପ୍ରସ୍ତୁତ । ଭକ୍ତ ପକ୍ଷରେ ଦେବମୂର୍ତ୍ତି ସେହିପରି ଅତୀବ ମୂଲ୍ୟବାନ । ଦେବତା ବିଗ୍ରହ ଭକ୍ତଙ୍କ ସହିତ ଭକ୍ତି-ଭାଷାରେ କଥାଭାଷା କରନ୍ତି । ପତାକା ଯେପରି ସୈନିକ ହୃଦୟରେ ଶୌର୍ଯ୍ୟ ଉଦ୍ରେକ କରେ, ଦେବମୂର୍ତ୍ତି ସେହିପରି ଭକ୍ତ ହୃଦୟରେ ଭକ୍ତି ଉଦୟ କରନ୍ତି ।

ଛୋଟାଳିକାନାରେ ଝିଅଟି ପୁଅ-କଣ୍ଢେଇ ଝିଅ-କଣ୍ଢେଇ ଧରି ଖେଳୁ ଖେଳୁ ଯେଉଁ ଝିଅଟିଏ ଯେପରି ସେହି କଣ୍ଢେଇ ପୁଅଝିଅର କାଳ୍ପନିକ ମାଆ ସାଜି ସେମାନଙ୍କୁ ଆଦର କରିବାଠାରୁ ଆରମ୍ଭ କରି ସେମାନଙ୍କର ସେବାଶୁଶ୍ରୂଷା ପର୍ଯ୍ୟନ୍ତ ସମସ୍ତ ପ୍ରକାର ତତ୍ତ୍ୱ ନେଇ ନିଜର ଭବିଷ୍ୟତ ମାତୃଭାବର ବିକାଶ ସାଧନ କରେ, ଭକ୍ତ ସେହିପରି ପ୍ରତିମା ପୂଜା କରି, ସେହି ଦେବମୂର୍ତ୍ତି ବିଷୟ ଧ୍ୟାନଧାରଣାରେ ଅଣି ନିଜର ଭକ୍ତିଭାବର ବିକାଶ କରନ୍ତି ।

ପ୍ରତୀମା ଏକ ଭଗବତ୍ ପ୍ରତୀକ— ପ୍ରତିମା ହେଉଛି ଭଗବାନଙ୍କର ଏକ ପ୍ରତୀକ । ଭକ୍ତଜନମାନେ ପ୍ରତିମା ଦେହରେ ଖଣ୍ଡିଏ କାଠ ବା ପଥର କିମ୍ବା ଫୁଲାଏ ଧାତୁ ଦେଖନ୍ତି ନାହିଁ । ଭକ୍ତଙ୍କ ଦୃଷ୍ଟିରେ ପ୍ରତିମା ହେଉଛି ଏକ ଭଗବତ୍ ପ୍ରତୀକ । ତାଙ୍କ ପକ୍ଷରେ ଦେବପ୍ରତିମା ଅତୀବ ମହତ୍ତ୍ୱପୂର୍ଣ୍ଣ, କାରଣ ସେହି ପ୍ରତିମା ତାଙ୍କର ଆରାଧ୍ୟ ଦେବତାଙ୍କର ସଙ୍କେତ ଧାରଣ କରିଛନ୍ତି । ଯାହାଙ୍କୁ ସେ ପବିତ୍ର ବୋଲି ବିଶ୍ୱାସ କରନ୍ତି, ଶାଶ୍ୱତ ବୋଲି ବିଶ୍ୱାସ କରନ୍ତି, ସେହି ପ୍ରତିମା ହେଉଛି ତାଙ୍କର ପ୍ରତୀକ ।

ଅତଏବ ଦେବମୂର୍ତ୍ତିଙ୍କୁ ପୂଜା ଆରାଧନା କରିବାବେଳେ ଆପଣ କହନ୍ତି ନାହିଁ ଯେ, ଏ ବିଗ୍ରହଟି ଜୟପୁରରୁ ଆସିଛି । ପ୍ରଭୁସିଂ ଡ୍ରାଇଭର ତା ଗାଡ଼ିରେ ଏ ବିଗ୍ରହଟି ଆଣିଥିଲା । ଏ ମୂର୍ତ୍ତିଟିର ଓଜନ ପଚାଶ ପାଉଣ୍ଡ; ଏଇଟି ଧଳା ଶଙ୍ଖମଲ୍‌ମଲ୍ ପଥରରେ ତିଆରି ହୋଇଛି । ଏ ମୂର୍ତ୍ତିଟି ପାଞ୍ଚଶହ ଟଙ୍କା ପଡ଼ିଥିଲା । ବରଂ ଆପଣ ସେହି ଦେବମୂର୍ତ୍ତିଙ୍କଠାରେ ଭଗବାନଙ୍କର ସମସ୍ତ ଗୁଣ ଆରୋପ କରି ତାଙ୍କୁ ପ୍ରାର୍ଥନା କରିଥାନ୍ତି, "ହେ ଅନ୍ତର୍ଯାମୀ, ତୁମେ ସର୍ବବ୍ୟାପୀ, ତୁମେ ସର୍ବଶକ୍ତିମାନ; ତୁମେ ସର୍ବଜ୍ଞ, ତୁମେ କ୍ଷମାସାଗର; ତୁମେ ଆନନ୍ଦକନ୍ଦ । ସକଳ ଜଗତ ତୁମଠାରୁ ସମ୍ଭୂତ । ତୁମେ ସ୍ୱୟମ୍ଭୂ; ତୁମେ ସଚ୍ଚିଦାନନ୍ଦ; ତୁମେ ସନାତନ, ତୁମେ ମୋ ପ୍ରାଣର ପ୍ରାଣ, ଆତ୍ମାର ଆତ୍ମା । ହେ ପ୍ରଭୁ, ମୋତେ ଜ୍ଞାନ ଦିଅ, ମୋତେ ଆଲୋକ ଦିଅ ! ମୁଁ ଯେପରି ତୁମ ଚରଣରେ ସଦା ନିବାସ କରେ, ମୋତେ ସେତିକି କରୁଣା କର ପ୍ରଭୁ !" ଆପଣଙ୍କର ଧ୍ୟାନ ଯେତେବେଳେ ଗଭୀରରୁ ଗଭୀରତର ହୋଇଯାଏ, ସେତେବେଳେ ଆପଣଙ୍କୁ ଆଉ ସେ ପଥର ପ୍ରତିମା ଦେଖାଯାଆନ୍ତି ନାହିଁ । ସେତେବେଳେ ଆପଣ ଦର୍ଶନ କରନ୍ତି କେବଳ ଚୈତନ୍ୟମୟ ପରଂବ୍ରହ୍ମ ପରମେଶ୍ୱରଙ୍କୁ ।

ଭଗବତ୍ ସମ୍ପର୍କ ସ୍ଥାପନ କରିବା ଲାଗି ପ୍ରତିମା ହେଉଛି ଏକ ମାଧ୍ୟମ— ପ୍ରତିମା କୌଣସି ସ୍ୱପ୍ନପଥର ଅଳୀକ କଳ୍ପନା ନୁହେଁ । ପ୍ରତ୍ୟେକଟି ଦେବପ୍ରତିମା ହେଉଛି ଗୋଟିଏ ଗୋଟିଏ ଉଜ୍ଜ୍ୱଳ ପଥ, ଯେଉଁ ପଥ ଦେଇ ଭକ୍ତର ହୃଦୟ ଭଗବାନଙ୍କ ଆଡ଼କୁ ଆକର୍ଷିତ ହୁଏ, ଭଗବାନଙ୍କ ଆଡ଼କୁ ପ୍ରବାହିତ ହୁଏ । ରେଡ଼ିଓ ରିସିଭିଂ ସେଟ ଦ୍ୱାରା ଯେପରି ଜଗତର ଯେ କୌଣସି ସ୍ଥାନରେ ବାସକରୁଥିବା ଲୋକର କଣ୍ଠସ୍ୱରର ଶବ୍ଦତରଙ୍ଗ ଧରିବା ସମ୍ଭବପର, ସର୍ବବ୍ୟାପୀ ଭଗବାନଙ୍କ ସହିତ ଏକ ଦେବପ୍ରତିମା ମାଧ୍ୟମରେ ସମ୍ପର୍କ ସ୍ଥାପନ କରିବା ମଧ୍ୟ ଠିକ୍ ସେହିପରି ସମ୍ଭବପର ! ପ୍ରତିମା ପ୍ରତିମା ହୋଇ ରହିଯାଏ କିନ୍ତୁ ପୂଜାର୍ଚ୍ଚନା ଭଗବାନଙ୍କ ନିକଟକୁ ଚାଲିଯାଏ ।

କେହି କେହି ବାକ୍‌ଚତୁର ଦେଖାଇ କହିପାରନ୍ତି, "ଈଶ୍ୱର ତ ସର୍ବବ୍ୟାପୀ ନିରାକାର ବ୍ରହ୍ମ, ସେ କିପରି ଏକ ସାମାନ୍ୟ ପ୍ରତିମା ମଧ୍ୟରେ ଆବଦ୍ଧ ହୋଇ ରହି-ପାରିବେ ?" କିନ୍ତୁ ଏହି ଛଳବାଗୀଶମାନେ ଭଗବାନ ଯେ ସର୍ବତ୍ର ବିଦ୍ୟମାନ, ତାହା ଜାଣନ୍ତି ତ ? ସେମାନେ ସର୍ବତ୍ର କେବଳ ଭଗବାନଙ୍କୁ ହିଁ ଦର୍ଶନ କରନ୍ତି ତ ? ସେମାନଙ୍କ ଦୃଷ୍ଟିରେ ଅନ୍ୟ କେହି ପଡ଼ନ୍ତି ନାହିଁ ତ ? ନା; ସେମାନେ ସର୍ବତ୍ର ଭଗବଦ୍ ଦର୍ଶନ କରନ୍ତି ନାହିଁ । କେବଳ ସେମାନଙ୍କର ଅହଙ୍କାର ହିଁ ସେମାନଙ୍କୁ ଦେବପ୍ରତିମା ସମ୍ମୁଖରେ ନତମସ୍ତକ କରାଇଦିଏ ନାହିଁ । କେବଳ ମନର ସେହି ଅହଙ୍କାରଟିକ ଛାଡିପାରୁ ନ ଥିବାରୁ ସେମାନେ ଏହିସବୁ ଭିତ୍ତିହୀନ ଯୁକ୍ତି ବାଢ଼ନ୍ତି ।

ନବଦୀକ୍ଷିତମାନଙ୍କ ପକ୍ଷରେ ଏକ ଅବଲମ୍ବନ— ଯେଉଁମାନେ ଆଧ୍ୟାତ୍ମିକତାରେ ନୂତନଭାବରେ ଦୀକ୍ଷା ଗ୍ରହଣ କରିଛନ୍ତି, ସେମାନଙ୍କ ପକ୍ଷରେ ପ୍ରତିମାପୂଜା ଏକ ଆବଶ୍ୟକ ବିଷୟ । ପରଂବ୍ରହ୍ମ ବା ଅସୀମ ଅନନ୍ତଙ୍କଠାରେ ଚିତ୍ତନିବେଶ କରିପାରିବା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ । ଈଶ୍ୱରଙ୍କୁ ସର୍ବତ୍ର ଦର୍ଶନ କରିବା ତଥା ଈଶ୍ୱର ସର୍ବତ୍ର ବିଦ୍ୟମାନ ବୋଲି ଦୃଢ଼ ବିଶ୍ୱାସ ରଖି ସକଳ ବସ୍ତୁ ଓ ସମସ୍ତ ବ୍ୟକ୍ତିଙ୍କୁ ଈଶ୍ୱର ଜ୍ଞାନ କରିବା ସାଧାରଣ ଲୋକଙ୍କ ପକ୍ଷରେ ସମ୍ଭବ ନୁହେଁ । ଧାରଣା ବା ଅଭିନିବେଶ ଅଭ୍ୟାସ କରିବାଲାଗି ଅଧିକାଂଶ ଲୋକଙ୍କ ନିମନ୍ତେ ଏକ ସ୍ଥୂଳରୂପ ଆବଶ୍ୟକ ହୁଏ । ମନ ତାର ଆଶ୍ରୟପାଇଁ ଏକ ଅବଲମ୍ବନ ଆବଶ୍ୟକ କରେ । ପ୍ରାଥମିକ ସ୍ତରରେ ସେ ପରମ ସ୍ୱରୂପଙ୍କର ଧାରଣା କରିପାରେ ନାହିଁ ।

ଏସବୁ ଦୃଷ୍ଟିରୁ ନବଦୀକ୍ଷିତମାନଙ୍କ ନିମନ୍ତେ ପ୍ରତିମା ଏକ ଦୃଢ଼ ଅବଲମ୍ବନ । ଆଧ୍ୟାତ୍ମିକ କ୍ଷେତ୍ରରେ ସେମାନେ ଶିଶୁ; ପ୍ରଥମେ ଠିଆଠିଆ ହେବାବେଳେ, ପ୍ରଥମେ ପାଦ କାଢ଼ି ଚାଲିବାବେଳେ ଶିଶୁ ଯେପରି କିଛି ଗୋଟିଏ ଅବଲମ୍ବନ ଆବଶ୍ୟକ କରେ, ନବଦୀକ୍ଷିତମାନେ ମଧ୍ୟ ସେହିପରି ଏକ ଅବଲମ୍ବନ ଆବଶ୍ୟକ କରନ୍ତି । ପ୍ରତିମା ହେଉଛି ଏକ ସ୍ମାରକ ଯାହା କି ଈଶ୍ୱରଙ୍କ ବିଷୟ ସ୍ମରଣ କରାଇଦିଏ । ସ୍ଥୂଳପ୍ରତିମା ସୂକ୍ଷ୍ମ ଚେତନାକୁ ଈଶ୍ୱରଙ୍କ ବିଷୟ ସ୍ମରଣ କରାଇଦିଏ ।

ସମସ୍ତେ ପ୍ରତିମାପୂଜକ— ପ୍ରତିମାପୂଜା ବା ପୌତ୍ତଳିକତା କେବଳ ହିନ୍ଦୁ-ଧର୍ମର ଏକ ବୈଶିଷ୍ଟ୍ୟ ନୁହେଁ । ଖ୍ରୀଷ୍ଟୀୟମାନେ କ୍ରସର ପୂଜା କରନ୍ତି; ସେମାନଙ୍କ ମନରେ କ୍ରସର ଚିହ୍ନ ଲାଗିରହେ । ମହମ୍ମଦୀୟମାନେ ନତଜାନୁ ହୋଇ ନମାଜ କରିଲାବେଳେ ମନେମନେ କାବାର ପବିତ୍ର ଶିଳାକୁ ସ୍ମରଣ କରନ୍ତି । ଅଳ୍ପ କେତେ ଜଣ ଯୋଗୀ ଓ ବେଦାନ୍ତୀଙ୍କୁ ଛାଡିଦେଲେ ଜଗତର ସମସ୍ତେ ପିତୁଳା ପୂଜା କରନ୍ତି ; ସେମାନଙ୍କମନରେ କୌଣସି ନା କୌଣସି ପ୍ରତିଛବି ପୂଜ୍ୟ ହୋଇ ରହିଥାନ୍ତି ।

ମନର ସେହି ପୂଜ୍ୟ ପ୍ରତିଛବି ମଧ୍ୟ ଏକପ୍ରକାର ପ୍ରତିମା । ମନର ସେହି ପୂଜ୍ୟ ପବିତ୍ର ଚିତ୍ର ଓ ବାହାରର ପୂଜ୍ୟ ପ୍ରତିମା ମଧ୍ୟ କୌଣସି ପ୍ରକାରଗତ ବା ଲକ୍ଷଣିକ ପାର୍ଥକ୍ୟ ନାହିଁ; ଯାହା ବା ସାମାନ୍ୟ ପାର୍ଥକ୍ୟ ରହିଛି, ତାହା କେବଳ ମାତ୍ରାର, ପରିମାଣର, ଆକାରର ପାର୍ଥକ୍ୟ । ଯେଉଁମାନେ ଭଗବତ୍ ଆରାଧନା କରନ୍ତି, ଈଶ୍ୱର ପୂଜା କରନ୍ତି, ସେମାନେ ଯେତେବଡ଼ ଜ୍ଞାନୀ ହୋଇଥାଆନ୍ତୁ ନା କାହିଁକି, ସେମାନେ ନିଜ ନିଜ ମନରେ କୌଣସି ଏକ ରୂପ ବା ପ୍ରତୀକ କଳ୍ପନା କରି ସେହି ପ୍ରତିମା ବା ପ୍ରତୀକଙ୍କଠାରେ ମନୋନିବେଶ କରନ୍ତି ।

ତେଣୁ ସମସ୍ତେ ପୌତ୍ତଳିକ, ସମସ୍ତେ ପ୍ରତିମାପୂଜକ । ଫୋଟ ଚିତ୍ର କହ, ହାତ ଅଙ୍କା ଚିତ୍ର କହ— ସେସବୁ ପ୍ରତିମାର ହିଁ ବିଭିନ୍ନ ରୂପ । ସ୍ଥୂଳ ମନ ନିଜର ଅବଲମ୍ବନ ପାଇଁ ଗୋଟିଏ ସ୍ଥୂଳ ରୂପ ବା ପ୍ରତୀକ ଆବଶ୍ୟକ କରେ ଏବଂ ସୂକ୍ଷ୍ମମନ-ପାଇଁ ନିରାକାର ପ୍ରତୀକ ଆବଶ୍ୟକ । ବେଦାନ୍ତୀମାନେ ମଧ୍ୟ ଓଁ କୁ ପ୍ରତୀକ କରି ତା'ଉପରେ ନିଜର ବିଚଳିତ ମନକୁ ଏକନିଷ୍ଠ କରାନ୍ତି । କେବଳ କାଠ, ପଥର ବା ଧାତୁ ଇତ୍ୟାଦିରେ ନିର୍ମିତ ମୂର୍ତ୍ତି ଯେ ପୂଜ୍ୟ ପ୍ରତିମା, ତାହା ନୁହେଁ । ନେତିବୃନ୍ଦ ତଥା ନୀତିବାକ୍ୟ ମଧ୍ୟ ପ୍ରତିମା ବା ପ୍ରତୀକରେ ପରିଣତ ହୋଇ ଯାଆନ୍ତି । ତେଣୁ ପିତୁଳ ପୂଜାର ନିନ୍ଦା କରିବାର କୌଣସି ଯଥାର୍ଥତା ନାହିଁ ।

ପ୍ରତିମା ଯେତେବେଳେ ଜୀବନ୍ତ ହୋଇ ଉଠନ୍ତି— ଅନ୍ତର୍ନିବାସୀ ଈଶ୍ୱରଙ୍କଠାରେ ଏପରି ଶକ୍ତି ରହିଛି ଯେ, ସେ ପୂଜିତ ପ୍ରତିମା, ମଧ୍ୟରେ ଥିବା ପ୍ରଚ୍ଛନ୍ନ ଦୈବୀଶକ୍ତିକୁ ଜାଗରିତ କରିଦେଇପାରନ୍ତି ।

ନିତ୍ୟ ପୂଜା ଆରାଧନା ଫଳରେ ତଥା ପ୍ରତିମା ହିଁ ଈଶ୍ୱର ବୋଲି ସ୍ୱୀକାର କରି ତାଙ୍କୁ ସମସ୍ତ ଭକ୍ତିଭାବ ପ୍ରଦର୍ଶନ କରିବା ଫଳରେ ଓ ତାଙ୍କ ନିମିତ୍ତ ଅନ୍ୟାନ୍ୟ ସେବା କରିବା ଫଳରେ ପ୍ରତିମାସ୍ଥିତ ପ୍ରଚ୍ଛନ୍ନ ଐଶୀଶକ୍ତି ପ୍ରକାଶିତ ହୋଇଯାଆନ୍ତି । ପ୍ରକୃତରେ ଏହା ଏକ ଅଦ୍‌ଭୁତ ବିସ୍ମୟକର ବ୍ୟାପାର । ପ୍ରତିକୃତି ଜୀବନ୍ତ ହୋଇ-ଯାଆନ୍ତି । ପ୍ରତିମାଙ୍କ ମୁଖରୁ ବାକ୍‌ସ୍ଫୁରଣ ହୋଇଯାଏ । ସେ ପ୍ରଶ୍ନର ଉତ୍ତର ପ୍ରଦାନ କରନ୍ତି; ସମସ୍ୟାର ସମାଧାନ ମଧ୍ୟ କରିଦିଅନ୍ତି ।

ଭକ୍ତଙ୍କ ଦୃଷ୍ଟିରେ ତାଙ୍କର ପୂଜ୍ୟ ପ୍ରତିମା ଏକ ଚୈତନ୍ୟମୟ ପିଣ୍ଡ । ଭକ୍ତ ସେହି ପ୍ରତିମା ମଧ୍ୟରେ ଯଥାର୍ଥରେ ପରମେଶ୍ୱରଙ୍କୁ ଦର୍ଶନ କରନ୍ତି । ସେହି ପ୍ରତିମା ତାଙ୍କୁ ପ୍ରେରଣା ପ୍ରଦାନ କରନ୍ତି । ପୂଜ୍ୟ ପ୍ରତିମା ତାଙ୍କୁ ତାଙ୍କର ଲକ୍ଷ୍ୟ ପଥରେ ଅଗ୍ରସର କରାଇଦିଅନ୍ତି । ସେ ଭକ୍ତଙ୍କ ସହିତ କଥୋପକଥନ କରନ୍ତି । ଭକ୍ତଙ୍କୁ ବିଭିନ୍ନ କାର୍ଯ୍ୟରେ ସାହାଯ୍ୟ କରିବା ନିମନ୍ତେ ପ୍ରତିମା ମନୁଷ୍ୟରୂପ ଧାରଣ କରନ୍ତି ।

ଦକ୍ଷିଣ ଭାରତର ମଦୁରାସ୍ଥିତ ଶିବମନ୍ଦିରର ଶିବମୂର୍ତ୍ତି ଜଣେ କାଠୁରିଆକୁ ଓ ଜଣେ ବୃଦ୍ଧାଙ୍କୁ ଦର୍ଶନ ଦେଇ ସାହାଯ୍ୟ କରିଥିଲେ । ତିରୁପତିଙ୍କର ଦେବମୂର୍ତ୍ତି ଭକ୍ତମାନଙ୍କ ନିମନ୍ତେ ନରରୂପରେ ବିଚାରାଳୟକୁ ଯାଇ ସାକ୍ଷ୍ୟ ପ୍ରଦାନ କରିଥିଲେ । ତିରୁପତି, ପଣ୍ଢରପୁର, ପାଲନି, କାଠିରଗାମା ପ୍ରଭୃତି ସ୍ଥାନର ଦେବମୂର୍ତ୍ତିମାନେ ଅତ୍ୟନ୍ତ ଶକ୍ତିଶାଳୀ ପ୍ରତ୍ୟକ୍ଷ ଦେବତା । ସେମାନେ ଭକ୍ତମାନଙ୍କୁ ବର ପ୍ରଦାନ କରନ୍ତି; ସେମାନଙ୍କୁ ରୋଗମୁକ୍ତ କରନ୍ତି ଏବଂ ଦର୍ଶନ ଦିଅନ୍ତି । ସେହି ସବୁ ମନ୍ଦିରମାନଙ୍କ ବିଗ୍ରହ ବହୁ ବିଚିତ୍ର ଲୀଳା ସହିତ ସଂଯୁକ୍ତ ।

ପ୍ରକୃତ ଭକ୍ତଙ୍କ ଦୃଷ୍ଟିରେ, ସାଧୁସନ୍ନ୍ୟାସୀଙ୍କ ଦୃଷ୍ଟିରେ ଜଡ଼ ବୋଲି, ନିର୍ଜୀବ ଅଚେତନ ବୋଲି କୌଣସି ପଦାର୍ଥ ହିଁ ନାହିଁ ; ବାସୁଦେବ ସର୍ବଂ ଇତି-ସକଳ ବସ୍ତୁରେ ବାସୁଦେବ ବିଦ୍ୟମାନ । ନରସି ମେହେନ୍ତାଙ୍କୁ ଜଣେ ରାଜା ପରୀକ୍ଷା କରି ବସିଲେ, 'ହେ ନରସି, ତୁମେ ଯଦି ସତରେ ପ୍ରଭୁ ଶ୍ରୀକୃଷ୍ଣଙ୍କର ଜଣେ ନୈଷ୍ଠିକ ଭକ୍ତ, ତୁମେ ପୂଜା କରୁଥିବା ଏହି ବିଗ୍ରହ ଯଦି ସତରେ ଭଗବାନ ଶ୍ରୀକୃଷ୍ଣ, ତେବେ ଦେଖିବା, ସେ ବିଗ୍ରହ ଟିକିଏ ଚାଲନ୍ତୁ ତ ।" ରାଜାଙ୍କ ଆହ୍ୱାନ ଶୁଣି ନରସି ମେହେନ୍ତା ପ୍ରଭୁଙ୍କ ପ୍ରାର୍ଥନାରେ ନିମଗ୍ନ ହୋଇଗଲେ ଏବଂ କିଛି ସମୟ ମଧ୍ୟରେ ତାଙ୍କର ଆରାଧ୍ୟ ଶ୍ରୀକୃଷ୍ଣ ବିଗ୍ରହ ଚାଲିବାକୁ ଆରମ୍ଭ କରିଦେଲେ । ତୁଳସୀ ଦାସ ଯେଉଁ ଖାଦ୍ୟ ଅର୍ପଣ କଲେ, ମହାଦେବଙ୍କ ସମ୍ମୁଖରେ ଥିବା ଦେବବୃଷଭ ନନ୍ଦି ତାହା ତାଙ୍କ ହାତପାପୁଲିରୁ ହିଁ ଭକ୍ଷଣ କରିଗଲେ । ଶ୍ରୀକୃଷ୍ଣଙ୍କର ବିଗ୍ରହ ତ ମୀରାବାଈଙ୍କ ସହିତ ନୃତ୍ୟ କରୁଥିଲେ; ଭକ୍ତ ମୀରାଙ୍କପାଇଁ ସେ ବିଗ୍ରହ ଥିଲେ ସଜୀବ, ପୂର୍ଣ୍ଣ ଚୈତନ୍ୟମୟ ।

ବେଦାନ୍ତ ଓ ମୂର୍ତ୍ତିପୂଜା— ଯେଉଁମାନେ ଯଥାର୍ଥରେ ବେଦାନ୍ତୀ ନୁହନ୍ତି ଅଥଚ ବେଦାନ୍ତୀ ବୋଲି କହିହୁଅନ୍ତି, କେବଳ ସେହିମାନେ ମନ୍ଦିରକୁ ଯାଇ ଦେବପ୍ରତିମାଙ୍କୁ ପ୍ରଣାମ କରିବା ବା ସାଷ୍ଟାଙ୍ଗ ପ୍ରଣିପାତ କରିବାକୁ ଲଜ୍ଜାବୋଧ କରନ୍ତି । ସେମାନେ ଭାବନ୍ତି ଯେ, ଦେବପ୍ରତିମା ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କଲେ ସେମାନଙ୍କର ଅଦ୍ୱୈତଭାବ ନଷ୍ଟ ହୋଇଯିବ । କିନ୍ତୁ ଅପ୍‌ପାସ୍ୱାର୍‌, ସୁନ୍ଦରାର୍‌ ସମ୍ବନ୍ଧାର୍‌ ପ୍ରଭୃତି ତାମିଲ ସନ୍ନ୍ୟାସୀମାନଙ୍କର ଜୀବନୀ ଅନୁଧ୍ୟାନ କଲେ ଦେଖିବେ, ସେମାନେ ପ୍ରତ୍ୟେକ ଜଣେ ଜଣେ ଦିବ୍ୟଦ୍ରଷ୍ଟା, ଅଦ୍ୱୈତବାଦୀ ଥିଲେ । ସେମାନେ ସର୍ବତ୍ର ଭଗବାନ ଶିବଙ୍କୁ ଦର୍ଶନ କରୁଥିଲେ, ତଥାପି ସେମାନେ ଶିବମନ୍ଦିରକୁ ଯାଉଥିଲେ ଏବଂ ଶିବମୂର୍ତ୍ତିଙ୍କୁ ଦର୍ଶନ କରି ସାଷ୍ଟାଙ୍ଗ ପ୍ରଣିପାତ କରୁଥିଲେ ଓ ଶିବଙ୍କର ସ୍ତବ ଗାନ କରୁଥିଲେ; ସେସବୁ ଏ ପର୍ଯ୍ୟନ୍ତ ଲିପିବଦ୍ଧ ହୋଇ ରହିଛି । ଯେଉଁ ତେଷଠି ଜଣ ନାୟନାର୍‌ ସାଧୁ ପ୍ରସିଦ୍ଧି ଲାଭ କରିଥିଲେ, ସେମାନେ ସମସ୍ତେ

ମନ୍ଦିରପ୍ରାଙ୍ଗଣ ଝାଡ଼ୁ କରୁଥିଲେ, ମାଳା ଗୁନ୍ଥୁଥିଲେ ଏବଂ ସନ୍ଧରରେ ଦୀପ ଜାଳୁଥିଲେ । ସେମାନେ ନିରକ୍ଷର ଥାଇ ମଧ୍ୟ ପରମ ଦିବ୍ୟଦୃଷ୍ଟି ଲାଭ କରିଥିଲେ ।

ତୁଳସୀଦାସ ମଧ୍ୟ ମହାଜାଗତିକ ଚେତନାରେ ଉଦ୍‌ବୁଦ୍ଧ ହୋଇଗଲେ । ସେ ସର୍ବବ୍ୟାପୀ ନିରାକାର ପରଂବ୍ରହ୍ମଙ୍କ ସହିତ ଏକାନ୍ତ ଅନ୍ତରଙ୍ଗଭାବରେ ଆଳାପ କରୁଥିଲେ; ତଥାପି ଭଗବାନ ଶ୍ରୀରାମଚନ୍ଦ୍ରଙ୍କର ଧନୁର୍ଦ୍ଧର ରୂପ ଦର୍ଶନ କରିବାଲାଗି ତାଙ୍କ ହୃଦୟରେ ଯେଉଁ ଅଭିଳାଷ ରହିଥିଲା, ତାହା କୌଣସି ଦିନ ଅନ୍ତର୍ହିତ ହୋଇ ନ ଥିଲା ।

ତୁକାରାମ ମଧ୍ୟ ତୁଳସୀ ଦାସଙ୍କପରି ପରମ ଆତ୍ମଜ୍ଞାନ ଲାଭ କରିଥିଲେ ; ସେ ତାଙ୍କର ଅଭଙ୍ଗରେ ଗାଇଛନ୍ତି, 'ମଧୁରତା ଯେପରି ଆଖୁର ସର୍ବତ୍ର ସଞ୍ଚରିତ ହୋଇ ରହିଛି, ମୁଁ ଦେଖୁଛି, ମୋ ପ୍ରଭୁ ସେହିପରି ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି ।'' ତଥାପି ସେ ଅଣ୍ଟାରେ ହାତ ଭରିଦେଇ ଠିଆହୋଇଥିବା ପଣ୍ଢରପୁରର ଭଗବାନ ବିଠଲଙ୍କ ବିଷୟ ହିଁ ସର୍ବଦା ଧ୍ୟାନ କରିଛନ୍ତି ।

ଭକ୍ତ ମୀରା ମଧ୍ୟ ନିଜର ଦିବ୍ୟଦୃଷ୍ଟିରେ ଭଗବାନ ଶ୍ରୀକୃଷ୍ଣଙ୍କ ସହିତ ତାଙ୍କର ଅଭିନ୍ନତ୍ୱ ଦର୍ଶନ କରିଥିଲେ; ତଥାପି ସେ ଗାଇଚାଲିଥିଲେ, 'ମେରେ ଗିରିଧର ନାଗର···।' ଏବଂ ସେହି ମଧୁର ଗୀତ ଗାଇବାରେ ସେ କୌଣସିଦିନ କ୍ଳାନ୍ତି ବୋଧ କରି ନ ଥିଲେ ।

ପିତୁଳାପୂଜା ବେଦାନ୍ତ ଦର୍ଶନର ପ୍ରତିକୂଳ ନୁହେଁ, ବରଂ ଏହା ବେଦାନ୍ତର ସହାୟକ । ସାଧକ ଧ୍ୟାନ ଜଗତରେ ଅଗ୍ରସର ହୋଇଗଲେ ପିତୁଳା ଓ ରୂପ ଉଭେଇଯାଇ ଅରୂପ ହୋଇଯାଆନ୍ତି ଏବଂ ସାଧକ ସେହି ଅରୂପ ତତ୍ତ୍ୱ ସହିତ ଏକୀଭୂତ ହୋଇଯାଆନ୍ତି ।

ଆଧ୍ୟାତ୍ମିକ ମାର୍ଗରେ ଉପରକୁ ଉଠିବାର ଏକ ସିଡ଼ି—

ପ୍ରାଥମିକ ସ୍ତରରେ ପ୍ରତିମାପୂଜା କରିବା କୌଣସି ଦୃଷ୍ଟିରୁ ଭୁଲ ନୁହେଁ । ସାଧକ ତାଙ୍କର ପୂଜ୍ୟ ପ୍ରତିମାଙ୍କ ଦେହରେ ଐଶ୍ୱରିକ ଗୁଣସମୂହ ଆରୋପ କରି ସେହି ପ୍ରତିମାଙ୍କୁ ଈଶ୍ୱର ଜ୍ଞାନ କରିବାକୁ ପଡ଼ିବ । ପ୍ରତିମାଙ୍କ ଅଙ୍ଗରେ ଯେଉଁ ଅନ୍ତରାତ୍ମା ପ୍ରଚ୍ଛନ୍ନ ଭାବରେ ବିରାଜିତ ହୋଇଛନ୍ତି, ସାଧକଙ୍କୁ ସେହି ଅନ୍ତରାତ୍ମା ବିଷୟ ଚିନ୍ତା କରିବାକୁ ପଡ଼ିବ । ଏପରି ନିଷ୍ଠାର ସହିତ ପୂଜା କରୁ କରୁ ସେ ଉପଲବ୍ଧି କରିବେ ଯେ, ତାଙ୍କର ଆରାଧ୍ୟ ଈଶ୍ୱର ଉକ୍ତ ପ୍ରତିମାରେ ଅଛନ୍ତି, ସକଳ ଜୀବଙ୍କର ଆତ୍ମାରେ ଅଛନ୍ତି ଏବଂ ସମସ୍ତ ରୂପ ଓ ସକଳ ନାମରେ ମଧ୍ୟ ଅଛନ୍ତି । କ୍ରମଶଃ ସେ ସର୍ବତ୍ର ଈଶ୍ୱରଙ୍କର ଉପସ୍ଥିତି ଉପଲବ୍ଧି କରିବେ ।

ପ୍ରତିମାପୂଜା ହେଉଛି ଧର୍ମର ଏକ ପ୍ରାରମ୍ଭିକ ସ୍ତର; ଏହା ନିଶ୍ଚିତ ଯେ, ପ୍ରତିମାପୂଜା ଧର୍ମର ଚରମ ଲକ୍ଷ୍ୟ ନୁହେଁ । ଯେଉଁ ହିନ୍ଦୁଧର୍ମଶାସ୍ତ୍ର ପ୍ରାଥମିକ ସ୍ତରର ସାଧକମାନଙ୍କ ନିମନ୍ତେ ପ୍ରତିମାପୂଜାର ବ୍ୟବସ୍ଥା କରିଛି, ସେହି ହିନ୍ଦୁଧର୍ମଶାସ୍ତ୍ର ଅପେକ୍ଷାକୃତ ଉନ୍ନତ ସ୍ତରକୁ ଉଠିପାରିଥିବା ସାଧକମାନଙ୍କ ନିମନ୍ତେ ଅନନ୍ତ ବା ପରମସ୍ୱରୂପଙ୍କ ଧ୍ୟାନର ବ୍ୟବସ୍ଥା ମଧ୍ୟ କରିଛି; 'ତତ୍ ତ୍ୱଂ ଅସି' ମହାବାକ୍ୟର ମହତ୍ତ୍ୱ ଉପରେ ମନନର ବ୍ୟବସ୍ଥା ମଧ୍ୟ କରିଛି ।

ହିନ୍ଦୁ ଜାଣେ ଯେ, ଏ ଯେଉଁସବୁ ପ୍ରତିମା, କ୍ରସ ବା ଅର୍ଦ୍ଧଚନ୍ଦ୍ର, ଏସବୁ କେବଳ ସାଧନାର ପ୍ରାଥମିକ ସ୍ତରରେ ଅଭିନିବେଶ ବା ଧାରଣା ବିକାଶ କରିବା ଉଦ୍ଦେଶରେ, ମନକୁ ଏକନିଷ୍ଠ କରିବା ଅଭିପ୍ରାୟରେ ନିର୍ଣ୍ଣୟ କରାଯାଇଥିବା ଗୋଟିଏ ଗୋଟିଏ ପ୍ରତୀକ; ସାଧକର ଆଧ୍ୟାତ୍ମିକ ଅବଧାରଣା ତଥା ବିଶ୍ୱାସର ଅବଲମ୍ବନ ନିମନ୍ତେ ଏସବୁ ଗୋଟିଏ ଗୋଟିଏ ଦୃଢ଼ ଆଶ୍ରୟମାତ୍ର । ସମସ୍ତଙ୍କ ନିମନ୍ତେ ପ୍ରତୀକର ଆବଶ୍ୟକତା ନାହିଁ । ହିନ୍ଦୁଧର୍ମରେ ପ୍ରତିମାପୂଜା କରିବାପାଇଁ କୌଣସି ବାଧ୍ୟ-ବାଧକତା ନାହିଁ । ଉନ୍ନତସ୍ତରର ଯୋଗୀ ଓ ଋଷିଙ୍କର ପ୍ରତିମା ଅନାବଶ୍ୟକ । ପ୍ରାଥମିକ ଶ୍ରେଣୀର ଶିଶୁ ନିମନ୍ତେ ଯେପରି ଖଣ୍ଡିଏ ସିଲଟ ପଟା ଆବଶ୍ୟକ, ପ୍ରାଥମିକ ସ୍ତରର ସାଧକ ନିମନ୍ତେ ସେହିପରି ଗୋଟିଏ ଦେବପ୍ରତିମା ଆବଶ୍ୟକ । କିନ୍ତୁ ଯାହାର ପ୍ରତିମା ଅନାବଶ୍ୟକ, ତାଙ୍କର ପ୍ରତିମାପୂଜା ଏକ ଭ୍ରମ ବୋଲି କହିବାର ଅଧିକାର ନାହିଁ । ପ୍ରତିମାପୂଜା କରିବା ଭୁଲ ବୋଲି କହିଲେ, ସେ ନିଜର ଅଜ୍ଞତାର ହିଁ ପରିଚୟ ଦେବେ ।

ଆଧ୍ୟାତ୍ମିକ ପ୍ରଗତିର ବିଭିନ୍ନ ସ୍ତର ରହିଛି । ଅନନ୍ତ ବା ପରମସ୍ୱରୂପଙ୍କର ଅବଧାରଣା କରିବାଲାଗି, ତାଙ୍କର ସାକ୍ଷାତକାର ଲାଭ କରିବାଲାଗି ପ୍ରତ୍ୟେକ ଲୋକର ଆତ୍ମା ତାର ନିଜର ଶକ୍ତି ଓ ବିକାଶର ମାତ୍ରା ଅନୁଯାୟୀ ବିଭିନ୍ନ ପ୍ରଚେଷ୍ଟା କରିଥାଏ । ସେ କ୍ରମଶଃ ଉଚ୍ଚରୁ ଉଚ୍ଚକୁ ଉଠେ, ଅଧିକରୁ ଅଧିକ ଶକ୍ତି ସଂଗ୍ରହ କରେ ଏବଂ ଶେଷରେ ପରମେଶ୍ୱରଙ୍କ ସହିତ ସମ୍ମିଳିତ ହୋଇ ଅଦ୍ୱୈତ-ସ୍ଥିତିସୁଖ ଲାଭ କରେ ।

ଭକ୍ତି

କେବଳ ଈଶ୍ୱର-ଆଶ୍ରିତ ହୋଇ ରହିବାକୁ ଭକ୍ତି କୁହାଯାଏ । ଭକ୍ତିର ସ୍ରୋତ ନଦୀସ୍ରୋତପରି । ଗୋଟିଏ ପାତ୍ରରୁ ଅନ୍ୟ ଗୋଟିଏ ପାତ୍ରକୁ ତେଲ ଢାଳିବା-ବେଳେ ତୈଳସ୍ରୋତର ବିରାମ ଥାଏ କି ? ଭକ୍ତିର ସ୍ରୋତ ସେହିପରି ଅବିରାମ । ଲୌହସୂଚୀର ଯେପରି ଚୁମ୍ବକ ଆଡ଼କୁ ଆକର୍ଷଣ ରହିଛି, ଜୀବ ଓ ପରମାତ୍ମାଙ୍କ ମଧ୍ୟରେ ସେହିପରି ଏକ ଆକର୍ଷଣ ରହିଛି । ସେହି ଆକର୍ଷଣଟି ହେଉଛି ଭକ୍ତି ।

ଭକ୍ତି ହେଉଛି ପ୍ରେମପାଇଁ ପ୍ରେମ । ଭକ୍ତ ଭଗବାନଙ୍କ ବିନା ଅନ୍ୟ କିଛି ଚାହେଁ ନାହିଁ । ଭକ୍ତିକ୍ଷେତ୍ରରେ ସ୍ୱାର୍ଥସାଧନଲାଗି କୌଣସି ପ୍ରତ୍ୟାଶାର ସ୍ଥାନ ନାହିଁ; କୌଣସି ଭୟର ମଧ୍ୟ ସ୍ଥାନ ନାହିଁ; ବାପା ଜଣେ ସେସନ୍ସ୍ ଜଜ, ତାହା ବୋଲି କଣ ତାଙ୍କ ପୁଅ ତାଙ୍କୁ ଭୟ କରିବ ? ସ୍ତ୍ରୀ କଣ ସ୍ୱାମୀକୁ ଭୟ କରେ ? ଠିକ୍ ସେହିପରି ଭକ୍ତର ଭଗବାନଙ୍କୁ ଭୟ କରିବାର କିଛି ନାହିଁ । ଭକ୍ତ ମନରୁ ଶାସ୍ତି ପାଇବାର ଭୟ ସମ୍ପୂର୍ଣ୍ଣ ଦୂର ହୋଇଯାଇଥାଏ । ତାର ଅନୁଭୂତି, ତାର ବିଶ୍ୱାସ, ତାର ଧାରଣା ଓ ତାର କଳ୍ପନା ଅନୁଯାୟୀ ତାର ଇଷ୍ଟଦେବ ହେଉଛନ୍ତି ଏକ ପ୍ରେମପାରାବାର ।

ଭକ୍ତି ଜୀବକୁ ଦିବ୍ୟପ୍ରେମରେ ବିହ୍ୱଳ କରେ, ତାକୁ ଶାଶ୍ୱତ ସନ୍ତୋଷ ପ୍ରଦାନ କରେ, ତାକୁ ନିର୍ମଳ ନିଷ୍କଳଙ୍କ କରେ । ଭକ୍ତିରସ ମନକୁ ବିଷୟାସକ୍ତିରୁ ବିରତ କରିଦିଏ ଓ ଭକ୍ତକୁ ଦିବ୍ୟ ଆନନ୍ଦ ଉପଭୋଗ କରିବାକୁ ଦିଏ । ଭକ୍ତି ମନୁଷ୍ୟକୁ ଦିବ୍ୟପୁରୁଷରେ ପରିଣତ କରିଦିଏ ।

ଭାବପ୍ରବଣ ହୋଇ ଉନ୍ମତ୍ତ ହେବାକୁ ଭଗବଦ୍ଭକ୍ତି ବୋଲିଯାଏ ନାହିଁ । ଭକ୍ତି ହେଉଛି ବିଶୁଦ୍ଧ ପ୍ରେମ । ମତାନ୍ଧତା ଭକ୍ତି ନୁହେଁ; ତାହା କେବଳ ବାତୁଳତା, କେବଳ ଉତ୍ତେଜନାମାତ୍ର ।

କେବଳ ଭାବପ୍ରବଣତା ଭକ୍ତି ନୁହେଁ । ଦିବ୍ୟପାଦ ଲକ୍ଷ୍ୟରେ ମନ ଓ ବୁଦ୍ଧିର ଏକନିଷ୍ଠ ପରିଚାଳନାକୁ ଭକ୍ତି କୁହାଯାଏ । ଭକ୍ତି ହେଉଛି ପରମେଶ୍ୱରଙ୍କପ୍ରତି ପ୍ରଗାଢ଼ତମ ପ୍ରେମ । ପରବର୍ତ୍ତୀ ସମୟରେ ଏହା ଜ୍ଞାନରୂପରେ ପ୍ରସ୍ଫୁଟିତ ହୁଏ । ଭକ୍ତି

ଭକ୍ତକୁ ଅମରତ୍ୱ ପ୍ରାପ୍ତି ପଥରେ ଅର୍ଥାତ୍ ଭଗବତପ୍ରାପ୍ତି ପଥରେ ପରିଚାଳିତ କରିନିଏ ।

ଭକ୍ତି ହେଉଛି ଜୀବର ଅନ୍ତିମ ଲକ୍ଷ୍ୟ ଲାଭପାଇଁ ହୃଦୟ ମଧ୍ୟଦେଇ ପଡ଼ିଥିବା ଏକ ସରଳ ସୁଗମ ମାର୍ଗ । ପ୍ରେମ ପ୍ରତ୍ୟେକ ପ୍ରାଣୀର ଏକ ସ୍ୱାଭାବିକ ଗୁଣ ।

ଭକ୍ତିର ସାର୍ବଜନୀନତା— ସମସ୍ତେ ସକଳ ପ୍ରକାର ପରିସ୍ଥିତିରେ ଭକ୍ତି କରିପାରିବେ । ଏଥିପାଇଁ ପାଣ୍ଡିତ୍ୟ, କଠୋର ତପସ୍ୟା, ବେଦାଧ୍ୟୟନ ବା ସୂକ୍ଷ୍ମ ବୁଦ୍ଧିର କୌଣସି ଆବଶ୍ୟକ ନାହିଁ । ଏଥିପାଇଁ ଯେଉଁ ଗୁଣଟି ଆବଶ୍ୟକ, ତାହା ହେଉଛି ଗଭୀର ଆସ୍ଥାର ସହିତ ନିରବଚ୍ଛିନ୍ନଭାବରେ ଭଗବତ୍ ସ୍ମରଣ । ତେଣୁ ଭକ୍ତିର ମାର୍ଗ ସମସ୍ତଙ୍କପାଇଁ ଉନ୍ମୁକ୍ତ ।

ନିଷାଦ ନୀଚକୁଳରେ ଜନ୍ମ ହୋଇଥିଲା । ଶବରୀ ଥିଲା ଗିରିଜନ ଜାତିର ଜଣେ ସ୍ତ୍ରୀ । ବାଳକ ଧ୍ରୁବଙ୍କର କୌଣସି ଶିକ୍ଷାଗତ ଯୋଗ୍ୟତା ନ ଥିଲା । ବିଦୁର ଓ ସୁଦାମା ଥିଲେ ନିତାନ୍ତ ଦରିଦ୍ର । ବିଭୀଷଣ ଥିଲେ ଜଣେ କଦାକାର ରାକ୍ଷସ । ହନୁମାନ ଥିଲେ ମର୍କଟମାତ୍ର ! ଜଟାୟୁ ଥିଲେ ଏକ ପକ୍ଷୀ । ଗଜେନ୍ଦ୍ର ଥିଲା ସାଧାରଣ ଗୋଟିଏ ହାତୀ, ଏବଂ ବୃନ୍ଦାବନର ଗୋପୀମାନେ ବୈଦିକ ଧର୍ମକର୍ମ କରିବା ପାଇଁ କୌଣସି ଦୀକ୍ଷା ଗ୍ରହଣ କରି ନ ଥିଲେ । ତଥାପି ଏ ସମସ୍ତଙ୍କର ଭଗବତ୍ପ୍ରାପ୍ତି ଲାଭ ହୋଇଥିଲା ଏବଂ ତାହା ଲାଭ ହୋଇଥିଲା କେବଳ ସେମାନଙ୍କର ଭକ୍ତିବଳରେ, ଆତ୍ମନିବେଦନ ବଳରେ ।

ଭକ୍ତି ଭଗବତ୍ ପ୍ରାପ୍ତିର ସହଜତମ ଉପାୟ— ଭଗବତ୍ପ୍ରାପ୍ତି ପାଇଁ ଯେତେସବୁ ମାର୍ଗ ରହିଛି, ସେମାନଙ୍କ ମଧ୍ୟରେ ଭକ୍ତିମାର୍ଗ ହେଉଛି ସହଜତମ । ଜ୍ଞାନମାର୍ଗରେ ପଦସ୍ଖଳନର ଭୟ ରହିଛି । କିନ୍ତୁ ଭକ୍ତିମାର୍ଗରେ କୌଣସି ଭୟ ନାହିଁ । କାରଣ ଏହି ମାର୍ଗରେ ଭକ୍ତ ଭଗବାନଙ୍କଠାରୁ ସମ୍ପୂର୍ଣ୍ଣ ସାହାଯ୍ୟ ଓ ସମର୍ଥନ ପାଇଥାଏ ।

ଜ୍ଞାନମାର୍ଗର ସାଧକ ମନରେ ନିଜର ଶକ୍ତି ଓ ଜ୍ଞାନପାଇଁ ଗର୍ବ ଉଦୟ ହୋଇପାରେ । କିନ୍ତୁ ଭକ୍ତ ସର୍ବଦା ନମ୍ର; ନମ୍ରତା ହେଉଛି ଭକ୍ତିମାର୍ଗର ମୂଳଭିତ୍ତି ।

ଜ୍ଞାନଯୋଗର ସାଧକ ସଂସାରକୁ ବିଶ୍ଳେଷଣ କରି ଦେଖିବାପରେ ତାକୁ ଅନିତ୍ୟ ବୋଲି ପରିତ୍ୟାଗ କରେ । ତେଣୁ ସେ ମାର୍ଗ ଅଗଣିତ ନାସ୍ତିବାଣୀରେ ପୂର୍ଣ୍ଣ, ସୁତରାଂ ତାହା ଏକ କଠିନ ମାର୍ଗ ।

ରାଜଯୋଗ ମଧ୍ୟ କଠିନ । ଏ ଯୋଗ ସାଗର ବକ୍ଷକୁ ତରଙ୍ଗଶୂନ୍ୟ-କରିବା କାର୍ଯ୍ୟପରି କଷ୍ଟକର । ଏଥିରେ ଆପଣ ଆପଣଙ୍କର ସମସ୍ତ ଚିନ୍ତାରାଜ୍ୟକୁ ସ୍ଥିର କରିଦେବାକୁ ପଡ଼ିବ । କର୍ମ ଯୋଗ ମଧ୍ୟ ତଦ୍ରୂପ କଷ୍ଟକର । ସେ ଯୋଗ ଏକ ବିଶାଳ ଶୃଙ୍ଗର ଶୀର୍ଷଦେଶକୁ ଆରୋହଣ କରିବା ସହିତ ସମାନ । ଯଦି ଆପଣଙ୍କର ସୁଦୃଢ଼ ମନୋବଳ ନାହିଁ, ତେବେ ସେ ପଥରେ ହାରିଯିବେ । ଏ ସବୁ ଦୃଷ୍ଟିରୁ ଭକ୍ତି-ଯୋଗ ହିଁ ସହଜତମ ମାର୍ଗ । ଏଥିରେ ଆପଣଙ୍କୁ ସଂସାରସାଗରରୁ ତୋଳିନେବା-ଲାଗି ଭଗବାନ ସତତ ହସ୍ତ ପ୍ରସାରଣ କରିଛନ୍ତି । ଆପଣ ସେହି ପ୍ରସାରିତ ହସ୍ତକୁ ଦୃଢ଼ ଭାବରେ ଧରିପାରିଲେ ହେଲା । କିନ୍ତୁ ଏ ଯୋଗରେ ଗୋଟିଏ ନିୟମ ପାଳନ କରିବା ଏକାନ୍ତ ଆବଶ୍ୟକ । ଆପଣଙ୍କର ଚିନ୍ତା ଓ ଚେତନାରେ ଭଗବାନଙ୍କ ବିନା ଅନ୍ୟ କାହାରିକୁ ଲେଶମାତ୍ର ସ୍ଥାନ ଦେଲେ ଭଗବଦ୍ ଭକ୍ତି ଆସିବ ନାହିଁ; ଆପଣଙ୍କୁ ଭଗବାନଙ୍କ ଉପରେ ହିଁ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିବ ।

ଭକ୍ତର ମାର୍ଗ ଏକାଗ୍ରଚିତ୍ତର ମାର୍ଗ — ଶିଶୁ ତାର ମାଆ ବିଷୟ-ହିଁ ଚିନ୍ତାକରେ; ମାତାଙ୍କ ଚିନ୍ତା ବିନା ତାର ଅନ୍ୟ ଚିନ୍ତା ନାହିଁ । ପତ୍ନୀପ୍ରିୟ ସ୍ୱାମୀ ତାର ପତ୍ନୀ ବିଷୟ ଭିନ୍ନ ଅନ୍ୟ କାହାରି ବିଷୟ ଚିନ୍ତାକରେ ନାହିଁ । ଲୋଭୀର ଏକମାତ୍ର ଚିନ୍ତାର ବସ୍ତୁ ହେଲା ତାର ଧନ । ଠିକ ସେହିପରି ଭକ୍ତର ଚିନ୍ତା ଓ ଚେତନାକୁ ତାର ଇଷ୍ଟଦେବଙ୍କର ପ୍ରତିମୂର୍ତ୍ତି ହିଁ ପରିପୂର୍ଣ୍ଣ କରି ରଖିବା ଆବଶ୍ୟକ; ଇଷ୍ଟଦେବଙ୍କ ଭିନ୍ନ ଅନ୍ୟ କେହି ଯେପରି ତା ଅନ୍ତରରେ ସ୍ଥାନ ନ ପାଆନ୍ତି । ଏତକ କରିପାରିଲେ ତା ପକ୍ଷରେ ଭଗବତ୍ ସାକ୍ଷାତକାର ଅତି ସୁଲଭ ହୋଇ ପାରିବ । ବିଷୟସମୂହ ଭଗବାନଙ୍କର ଶତ୍ରୁ । ପତ୍ନୀ, ପୁତ୍ର, ଧନସମ୍ପତ୍ତି ଗୋଧନ, ଗୃହ; ବନ୍ଧୁବାନ୍ଧବ—ଏସବୁ ଭଗବାନଙ୍କର ଶତ୍ରୁ । ତେଣୁ ଏସବୁ ବିଷୟରେ ଆପଣଙ୍କୁ ସମ୍ପୂର୍ଣ୍ଣ ନିର୍ଲିପ୍ତ ହୋଇଯିବାକୁ ପଡ଼ିବ ।

ଦେହ ଓ ଦେହର ଆବଶ୍ୟକତା ନେଇ କୌଣସି ଚିନ୍ତା କଲେ ଚଳିବ ନାହିଁ । ଦେହପ୍ରତି ଆସକ୍ତି, ଖାଦ୍ୟପ୍ରତି ଆସକ୍ତି, ଭାର୍ଯ୍ୟାପ୍ରତି ଆସକ୍ତି, ପୁତ୍ରକନ୍ୟାଙ୍କପ୍ରତି ଆସକ୍ତି ଜାତ ହେଲେ ଭଗବାନ ପାଶୋର ହୋଇଯିବେ । ଅନାତ୍ମାର ଆସକ୍ତିରେ ଜଡ଼ିତ ହୋଇ ରହିଲେ ପରମାତ୍ମାଙ୍କ ଚିନ୍ତାରେ ନିମଗ୍ନ ହୋଇପାରିବେ ନାହିଁ ।

ଯଦି କୌଣସି ଲୋକର ଭକ୍ତି କିଛି ସମୟ ଭଗବାନଙ୍କ ଚିନ୍ତାରେ ବୁଡ଼ି-ରହିଲା ତ ଆଉ କିଛି ସମୟ ନିଜର ସ୍ତ୍ରୀ ପୁତ୍ର, ଧନସମ୍ପଦ, ଘରବାଡ଼ି, ଗାଈଗୋରୁ ଇତ୍ୟାଦିଙ୍କ ଚିନ୍ତାରେ ବୁଡ଼ିରହିଲା, ତେବେ ତା' ଭକ୍ତିକୁ ବ୍ୟଭିଚାରିଣୀ ଭକ୍ତି ବୋଲିଯିବ । ସେପରି କଲେ ଅନ୍ତରର ପ୍ରେମ ଭାଗ ଭାଗ ହୋଇଯିବ; ସେଥିରୁ କିଛି ଭାଗ ଭଗବାନଙ୍କୁ ସମର୍ପିତ ହେବ ସତ, କିନ୍ତୁ ଅବଶିଷ୍ଟ ନିଜର ପରିବାର ଓ ଧନସମ୍ପଦ ଆଡ଼କୁ ଚାଲିଯିବ ।

ଭକ୍ତ ଯେ ପର୍ଯ୍ୟନ୍ତ ନିଜକୁ ଭଗବତ୍ ପଦାରବିନ୍ଦରେ ଅକୁଣ୍ଠ ଚିତ୍ତରେ ସମ୍ପୂର୍ଣ୍ଣ-ଭାବରେ ଆତ୍ମସମର୍ପଣ କରି ନ ଥାଏ, ସେ ପର୍ଯ୍ୟନ୍ତ ଭଗବାନ ଭକ୍ତର ହୁଅନ୍ତି ନାହିଁ । ପ୍ରଭୁ ବଡ ନିଷ୍ଠୁର । ସେ ଭକ୍ତକୁ ବଡ କଠିନ ପରୀକ୍ଷାରେ ପକାଇଦିଅନ୍ତି । ଦ୍ରୌପଦୀ ଯେ ପର୍ଯ୍ୟନ୍ତ ନିଜ ବଳରେ ଲଜ୍ଜାନିବାରଣ କରିଚାଲିଥିଲେ, ଯେ ପର୍ଯ୍ୟନ୍ତ ସେ ଅହଙ୍କାର ଛାଡ଼ି ନ ଥିଲେ, ସେ ପର୍ଯ୍ୟନ୍ତ ଭଗବାନ ତାଙ୍କୁ ସାହାଯ୍ୟ କରିବାପାଇଁ ଆସିଲେ ନାହିଁ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେ ଏକାନ୍ତ ନିଷ୍କପଟ ଚିତ୍ତରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିଦେଇ ଉଚ୍ଚସ୍ୱରରେ ଆକୁଳ ନିବେଦନ କଲେ 'ହେ ସ୍ୱାମୀ ଦ୍ୱାରକାନାଥ, ରକ୍ଷାକର, ରକ୍ଷାକର ।' ସେହି ମୁହୂର୍ତ୍ତରେ ପ୍ରଭୁ ଘଟଣାସ୍ଥଳକୁ ଛୁଟିଆସିଲେ । ଦ୍ରୌପଦୀଙ୍କର ଅଙ୍ଗ ଆବରଣପାଇଁ ଯୋଗାଇଦେଲେ ଅଗଣିତ ବସ୍ତ୍ର ଏବଂ ଅତି ଅପୂର୍ବ ଭାବରେ ତାଙ୍କ ଲଜ୍ଜା ନିବାରିତ ହୋଇଗଲା ।

ସାଧାରଣତଃ ସାଧକ ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ, ବୁଦ୍ଧିବଶତଃ ହେଉ କିମ୍ବା ଦୁର୍ବୁଦ୍ଧିବଶତଃ ହେଉ, କିଛି ନା କିଛି କାମନାବାସନା ରଖିଥାନ୍ତି; ସବୁ କାମନାବାସନା ପରିତ୍ୟାଗ କରିଦେବାକୁ ସେମାନେ କୁଣ୍ଠାବୋଧ କରନ୍ତି । ତେଣୁ ସେମାନଙ୍କର ଆତ୍ମସମର୍ପଣ ସମ୍ପୂର୍ଣ୍ଣ ଅକୁଣ୍ଠ ହୋଇ ନ ଥାଏ । ଜାଣିରଖିବା ଉଚିତ ଯେ, ଯେ ପର୍ଯ୍ୟନ୍ତ ଅଣୁମାତ୍ର ବାସନା ବା ଅହଙ୍କାର ଥାଏ, ସେ ପର୍ଯ୍ୟନ୍ତ ଭଗବତ୍ କରୁଣା ମିଳେ ନାହିଁ ।

ଭକ୍ତି ଓ କାମନାବାସନା—କାମନାବାସନା ଭକ୍ତିର ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ । ସବୁ ଜାଗତିକ କାମନାବାସନା ପରିତ୍ୟାଗ କରିଦେବା ପରେ ଯାଇ ଭକ୍ତି ଗାଢ଼ ହୁଏ ।

ତ୍ୟାଗ ହେଉଛି ଭଗବତ୍ ଭକ୍ତିର ଆଧାରସ୍ୱରୂପ । ଭଗବତ୍ ପ୍ରେମରେ ଲେଶମାତ୍ର କାମନାବାସନାର ସ୍ଥାନ ନାହିଁ ।

ଭକ୍ତି କୌଣସି କାମନାବାସନା ସହିତ ଏକତ୍ର ରହିପାରେ ନାହିଁ, ଏପରି କି ମୋକ୍ଷଲାଭପାଇଁ କାମନା ସହିତ ମଧ୍ୟ ଭକ୍ତିର ସହାବସ୍ଥାନ ଅସମ୍ଭବ । ଭକ୍ତ କେବଳ ଭଗବାନଙ୍କୁ ହିଁ ଚାହେଁ ଏବଂ ଚାହେଁ ତାଙ୍କର ସେବାରତ ହୋଇ ରହିବାକୁ ।

ଭକ୍ତ ଭଗବାନଙ୍କର ତଥା ଭଗବାନଙ୍କ ସୃଷ୍ଟିର ସେବା କରି ତାଙ୍କରି ପ୍ରେମରେ ନିମଗ୍ନ ହୋଇରହେ । ସେ ତାର ଜ୍ଞାତସାରରେ ମୁକ୍ତିର କାମନା ରଖେ ନାହିଁ କିନ୍ତୁ ପ୍ରଭୁ ତାକୁ ସେହି ଅପ୍ରାର୍ଥିତ ମୁକ୍ତି ପ୍ରଦାନ କରନ୍ତି ।

ଭକ୍ତିଭାବନାର ବିକାଶ କରାଯାଏ କିପରି ?—ଲୋକେ ପ୍ରଶ୍ନ କରନ୍ତି, 'ଆମେ ତ କେବେ ଭଗବାନଙ୍କୁ ଦେଖିନାହୁଁ, ତାଙ୍କୁ ପ୍ରେମ କରିବୁ କିପରି ?'

ଏହାର ଉତ୍ତର ହେଉଛି, ସାଧୁସଙ୍ଗ କରନ୍ତୁ । ଭଗବାନଙ୍କର ଲୀଳା ଶ୍ରବଣ କରନ୍ତୁ । ସଦ୍‌ଗ୍ରନ୍ଥ ଅଧ୍ୟୟନ କରନ୍ତୁ । ଯେଉଁସବୁ ବିଭିନ୍ନ ରୂପରେ ଭଗବାନ ଲୋକରେ ପ୍ରକଟିତ ହୋଇଛନ୍ତି, ପ୍ରଥମେ ସେହି ସମସ୍ତ ବିଭିନ୍ନ ରୂପକୁ ପୂଜା କରନ୍ତୁ । ଭଗବାନଙ୍କର କିମ୍ବା ଗୁରୁଦେବଙ୍କର ଯେ କୌଣସି ମୂର୍ତ୍ତି ବା ଚିତ୍ରପଟକୁ ପୂଜା ଅର୍ଚ୍ଚନା କରନ୍ତୁ । ଭଗବତ୍ ନାମ କୀର୍ତ୍ତନ କରନ୍ତୁ । ପ୍ରଭୁଙ୍କର ମହିମା ଗାନ କରନ୍ତୁ । ଅଯୋଧ୍ୟାରେ କିମ୍ବା ବୃନ୍ଦାବନରେ କିମ୍ବା ଚିତ୍ରକୂଟରେ କିମ୍ବା ପଣ୍ଢରପୁରରେ କିମ୍ବା ବନାରସରେ କିମ୍ବା ଆନନ୍ଦ କୁଟୀରରେ ଅନ୍ତତଃ ବର୍ଷଟିଏ ରହନ୍ତୁ; ଏପରି କଲେ ଆପଣଙ୍କ ଭିତରେ ଭଗବତ୍ ପ୍ରେମ ଉଦ୍ରେକ ହେବ ।

ସମସ୍ତ ପ୍ରକାର ଭକ୍ତି ଅନୁକୂଳ କାର୍ଯ୍ୟ ଶ୍ରଦ୍ଧାର ସହିତ କରନ୍ତୁ । ଯତ୍ନର ସହିତ ପରିଷ୍କାର କରି ଆପଣଙ୍କର ପୂଜା କୋଠରୀଟି ନିର୍ମଳ ରଖନ୍ତୁ । କୋଠରୀଟି ସୁନ୍ଦରଭାବରେ ସଜାନ୍ତୁ । ଧୂପଟିକିଏ ଦିଅନ୍ତୁ । ଦୀପଟିଏ ଜାଳନ୍ତୁ । ଆସନଟି ପରିଷ୍କୃତ ରଖନ୍ତୁ । ନିତ୍ୟ ସ୍ନାନ କରନ୍ତୁ । ସଫା ଲୁଗା ଖଣ୍ଡିଏ ପିନ୍ଧନ୍ତୁ । କପାଳରେ ବିଭୂତି, ଭସ୍ମ ବା କୁଙ୍କୁମ ତିଳକ ଧାରଣ କରନ୍ତୁ । କଣ୍ଠରେ ରୁଦ୍ରାକ୍ଷ ବା ତୁଳସୀ-ମାଳା ଧାରଣ କରନ୍ତୁ । ଏସବୁ କାର୍ଯ୍ୟ ମନ ଉପରେ ଭକ୍ତି-ଅନୁକୂଳ ପ୍ରଭାବ ପକାଇବ; ମନକୁ ଉନ୍ନତ କରିବ । ଏହା ଫଳରେ ପବିତ୍ର ଧର୍ମଭାବର ଉଦୟ ହେବ । ପୂଜାର୍ଚ୍ଚନା କରିବାଲାଗି ପ୍ରଭୁଙ୍କୁ ଆବାହନ କରିବାକୁ ହୁଏ ଏବଂ ସେହି ଆବାହନ-ପାଇଁ ମନରେ ଏକ ଅନୁକୂଳ ଭାବ ଆସିବା ଆବଶ୍ୟକ । ଏହିସବୁ ଅଭ୍ୟାସ ସେହି ଭାବ ଆସିବାରେ ସାହାଯ୍ୟ କରେ । ଏହା ଫଳରେ ମନ ସହଜରେ ଏକାଗ୍ର ହୋଇପାରେ ।

ସଦାଚାର, ସତ୍‌ସଙ୍ଗ, ଜପ, ସ୍ମରଣ, କୀର୍ତ୍ତନ, ଭଜନ, ପୂଜନ, ସାଧୁସେବା, ତୀର୍ଥବାସ, ଦିବ୍ୟଭାବରେ ଦରିଦ୍ରନାରାୟଣସେବା ତଥା ରୋଗୀସେବା, ବର୍ଣ୍ଣାଶ୍ରମ ଧର୍ମପାଳନ, ଭଗବାନଙ୍କଠାରେ ସମସ୍ତ କାର୍ଯ୍ୟ ଓ ସମସ୍ତ କାର୍ଯ୍ୟଲବ୍ଧ ଫଳ ସମର୍ପଣ, 'ସକଳ ଘଟେ ନାରାୟଣ' ବୋଲି ଦୃଢ ଆନ୍ତରିକ ବିଶ୍ୱାସ, ଭଗବାନଙ୍କର ବିଭିନ୍ନ ପ୍ରତିମୂର୍ତ୍ତିକୁ ତଥା ସାଧୁସନ୍ଥମାନଙ୍କୁ ସାଷ୍ଟାଙ୍ଗ ପ୍ରଣାମ, ସାଂସାରିକ ସୁଖ ଓ ସମ୍ପଦ ପରିତ୍ୟାଗ, ଦାନ, ତପଶ୍ଚରଣ ଓ ବ୍ରତ ପାଳନ, ଅହିଂସା, ସତ୍ୟ ଓ ବ୍ରହ୍ମଚର୍ଯ୍ୟ ପାଳନ ଇତ୍ୟାଦି କାର୍ଯ୍ୟ ଆପଣଙ୍କ ହୃଦୟରେ ଭକ୍ତିଭାବ ଉଦୟ କରିବାରେ ସାହାଯ୍ୟ କରିବ ।

ଭକ୍ତିଯୋଗର ବିଭିନ୍ନ ଭାବ— ଭକ୍ତିମାର୍ଗରେ ଛଅଟି ବିଭିନ୍ନ ଭାବ ରହିଛି । ଶାନ୍ତଭାବରେ ଭକ୍ତ ସକଳ ସମୟରେ ପ୍ରଶାନ୍ତ ରହନ୍ତି । ସେ ଲମ୍ଫ ଦିଅନ୍ତି

ନାହିଁ, କି ନୃତ୍ୟ କରନ୍ତି ନାହିଁ । ସେ ଅତିଶକ୍ତ ଭାବପ୍ରବଣ ହୁଅନ୍ତି ନାହିଁ । ତାଙ୍କର ହୃଦୟ ସର୍ବଦା ପ୍ରେମାନନ୍ଦରେ ପରିପୂର୍ଣ୍ଣ ହୋଇ ରହିଥାଏ । ଭୀଷ୍ମ ଏହିପରି ଜଣେ ଶାନ୍ତଭାବର ଭକ୍ତ ଥିଲେ ।

ଶ୍ରୀ ହନୁମାନ ଥିଲେ ଜଣେ ଦାସ୍ୟଭକ୍ତ । ତାଙ୍କଠାରେ ଦାସ୍ୟଭାବ ରହିଥିଲା । ପ୍ରଭୁ ଶ୍ରୀରାମଙ୍କୁ ସେ ସମସ୍ତ ମନପ୍ରାଣ ଦେଇ ସେବା କରୁଥିଲେ; ସକଳ ସମ୍ଭବ ଭାବରେ ସେ ପ୍ରଭୁଙ୍କୁ ସନ୍ତୁଷ୍ଟ କରୁଥିଲେ । ଆରାଧ୍ୟ ପ୍ରଭୁଙ୍କର ସେବାରେ ସେ ଅପାର ଆନନ୍ଦ ଲାଭ କରୁଥିଲେ ।

ସାଖ୍ୟଭାବର ଭକ୍ତ ଭଗବାନଙ୍କର ବନ୍ଧୁ ହୋଇଯାଆନ୍ତି । ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ଅର୍ଜୁନଙ୍କର ଏହି ଭାବ ରହିଥିଲା । ଏ ଭାବର ଭକ୍ତ ଭଗବାନଙ୍କୁ ନିଜ ସହିତ ସମାନ ଆସନରେ ରଖି ସେବା କରନ୍ତି । ଅର୍ଜୁନ ଏବଂ ଶ୍ରୀକୃଷ୍ଣ ଦୁଇ ଘନିଷ୍ଠ ବନ୍ଧୁପରି ଏକତ୍ର ଉପବେଶନ, ଏକତ୍ର ଭୋଜନ, ଏକତ୍ର କଥୋପକଥନ ଓ ଏକତ୍ର ବିଚରଣ କରୁଥିଲେ ।

ବାତ୍ସଲ୍ୟଭାବର ଭକ୍ତ ଭଗବାନଙ୍କୁ ନିଜର ସନ୍ତାନପରି ଦେଖନ୍ତି । ଭଗବାନ ଶ୍ରୀକୃଷ୍ଣଙ୍କଠାରେ ମାତା ଯଶୋଦାଙ୍କର ଏହି ଭାବ ରହିଥିଲା । ଏ ଭାବରେ କୌଣସି ଭୟର ସ୍ଥାନ ନାହିଁ । କାରଣ ଭଗବାନ ଭକ୍ତର ପ୍ରିୟ ସନ୍ତାନ । ମାତା ଯେପରି ସନ୍ତାନର ତତ୍ତ୍ୱ ନିଏ, ଭକ୍ତ ସେହିପରି ଭଗବାନଙ୍କୁ ଖୁଆଇ ପିଆଇ, ତାଙ୍କର ସକଳ ତତ୍ତ୍ୱ ନେଇ ସେବା କରନ୍ତି ।

ପଞ୍ଚମ ଭାବଟିର ନାମ ସଖୀଭାବ ବା ଗୋପୀଭାବ । ରାଧା ଓ କୃଷ୍ଣଙ୍କର ବିଚ୍ଛେଦ ଘଟିଲେ ଗୋପୀମାନେ ମିଳନ ସଂଘଟନ କରୁଥିଲେ । ସେମାନେ ନିଜ ନିଜକୁ ରାଧାକୃଷ୍ଣଙ୍କ ସହିତ ଅଭିନ୍ନ ବୋଲି ଉପଲବ୍ଧି କରି ରାଧାକୃଷ୍ଣଙ୍କର ମିଳନରୁ ଆନନ୍ଦ ଉପଭୋଗ କରୁଥିଲେ ।

ଶେଷ ଭାବଟିର ନାମ ମଧୁରଭାବ ବା କାନ୍ତାଭାବ । ଏହା ହିଁ ଭକ୍ତର ଶ୍ରେଷ୍ଠତମ ଭାବ । ରାଧା ଓ କୃଷ୍ଣଙ୍କ ମଧ୍ୟରେ ଏହି ଭାବ ରହିଥିଲା । ଏହା ଯଥାର୍ଥ ଆତ୍ମସମର୍ପଣ । ଏଥିରେ ପ୍ରେମିକ ଓ ପ୍ରେମାସ୍ପଦ ଏକ ଓ ଅଭିନ୍ନ ହୋଇଯାଆନ୍ତି । ଏ ଭାବରେ ଭକ୍ତ ଓ ଭଗବାନ ପରସ୍ପରଠାରୁ ଅଭିନ୍ନ ବୋଲି ଜ୍ଞାନ କରୁଥିଲେ ମଧ୍ୟ ପ୍ରେମଲୀଳାର ମାଧୁର୍ଯ୍ୟ ଆସ୍ୱାଦନ କରିବାଲାଗି ପରସ୍ପରଠାରୁ ଏକପ୍ରକାର ବିଚ୍ଛିନ୍ନ ହୋଇ ରହନ୍ତି । ଏହା ହିଁ ଭିନ୍ନତ୍ୱ ମଧ୍ୟରେ ଏକତ୍ୱ ଓ ଏକତ୍ୱ ମଧ୍ୟରେ ଭିନ୍ନତ୍ୱ । ଆଦର୍ଶ ପତିପତ୍ନୀଙ୍କ ମଧ୍ୟରେ ଯେଉଁ ଭାବ ଥାଏ, ଏହା ସେହି ଭାବ । ଭକ୍ତ ଜୟଦେବ, ଭକ୍ତ ମୀରା ଓ ଭକ୍ତ ଆଣ୍ଡାଲ୍ ଏହି ଭାବର ଅଧିକାରୀ ଥିଲେ ।

ଅପରା ଭକ୍ତି ଓ ପରା ଭକ୍ତି— ଭକ୍ତି ଦ୍ୱିବିଧା ଯଥା ପରା-ଭକ୍ତି ଓ ଅପରା ଭକ୍ତି । ଅପରା ଭକ୍ତିର ସ୍ତର ନିମ୍ନରେ । ଏ ସ୍ତରର ଭକ୍ତ ଜଣେ ନବଦୀକ୍ଷିତ ବ୍ୟକ୍ତି । ସେ ପୂଜାପଦ୍ଧତି ଓ ବ୍ରତ-ଉତ୍ସବ ପାଳନ କରନ୍ତି । ତାଙ୍କର ହୃଦୟ ପ୍ରଶସ୍ତ ନୁହେଁ । ସେ ସମ୍ପ୍ରଦାୟରେ ବିଶ୍ୱାସ କରନ୍ତି । ଅନ୍ୟ ଦେବଦେବୀଙ୍କୁ ପୂଜା ଆରାଧନା କରୁଥିବା ଭକ୍ତମାନଙ୍କୁ ସେ ଶ୍ରଦ୍ଧା କରନ୍ତି ନାହିଁ ।

ପରାଭକ୍ତିର ସ୍ତର ଊର୍ଦ୍ଧ୍ୱରେ । ସେ ସ୍ତରର ଭକ୍ତ ସମସ୍ତଙ୍କୁ ପ୍ରେମ କରନ୍ତି ; ସମସ୍ତଙ୍କଠାରେ ଭଗବାନଙ୍କୁ ଦର୍ଶନ କରନ୍ତି । ତାଙ୍କ ହୃଦୟରେ ବିଶ୍ୱ-ପ୍ରେମ ଜାତ ହୋଇଥାଏ । ତାଙ୍କ ଦୃଷ୍ଟିରେ ସକଳ ଜଗତ ବୃନ୍ଦାବନ । ପୂଜା ଅର୍ଚ୍ଚନା କରିବାପାଇଁ ସେ ମନ୍ଦିରକୁ ଯିବା ଆବଶ୍ୟକ ମନେ କରନ୍ତି ନାହିଁ । ସେ ସର୍ବତ୍ର ଭଗବାନଙ୍କୁ ଦର୍ଶନ କରନ୍ତି । ସେ ଅନୁଭବ କରନ୍ତି ଯେ, ଜଗତ ଭଗବାନଙ୍କର ଏକ ଅଭିବ୍ୟକ୍ତି ଏବଂ ଜଗତର ସମସ୍ତ କାର୍ଯ୍ୟକଳାପ, ସମସ୍ତ ସଂଗଠନ ଭଗବାନଙ୍କର ଲୀଳା । କି ମଳ, କି ଆବର୍ଜନା କୌଣସି ପଦାର୍ଥ ପ୍ରତି ତାଙ୍କ ମନରେ ଘୃଣା ନ ଥାଏ । କି ଚଣ୍ଡାଳ, କି ମୋଚି, କି ଭିକ୍ଷୁକ, କି ବେଶ୍ୟା, କି ଚୋର, କି ତସ୍କର—କାହାରିକୁ ସେ ନୀଚ ମନେ କରନ୍ତି ନାହିଁ । ସେ କହନ୍ତି "ମୋର ମାଧୁର୍ଯ୍ୟମୟ ପ୍ରଭୁଙ୍କୁ ମୁଁ ସର୍ବତ୍ର ଦେଖୁଛି । ସେହି ଲୀଳାମୟ ହରି ହିଁ ବେଶ୍ୟା ରୂପରେ, ଚୋର ରୂପରେ, ତସ୍କର ରୂପରେ, ଚଣ୍ଡାଳ ରୂପରେ ନିଜର ବିଭିନ୍ନ ଲୀଳା ପ୍ରଦର୍ଶନ କରୁଛନ୍ତି । ପ୍ରଶସ୍ତମନା, ଉଚ୍ଚମନା ହୋଇ ସେ ସମସ୍ତଙ୍କୁ ପ୍ରେମ କରନ୍ତି, ସକଳଙ୍କୁ ନିଜର ବୋଲି ଜ୍ଞାନ କରନ୍ତି । ସେପରି ଭକ୍ତଙ୍କର ଗୁଣ ଭାଷାରେ ପ୍ରକାଶ କରିବା ସମ୍ଭବ ନୁହେଁ । ତାହା କେବଳ ଅନୁଭବର ବିଷୟ । ମୀରା, ଗୌରାଙ୍ଗ, ହାଫିଜ୍, ତୁଳସୀଦାସ, କବୀର, ରାମ ଦାସ ପ୍ରଭୃତି ମହାତ୍ମାଗଣ ଏହି ସ୍ତରକୁ ଉଠି ଦିବ୍ୟ ଆନନ୍ଦ ଉପଭୋଗ କରୁଥିଲେ ।

ନାମଦେବ ଗିନାରେ ଘିଅ ଧରି କୁକୁରକୁ ଡ଼ାକି ଡ଼ାକି ତା ପଛରେ ଧାଇଁଲେ, "ହେ ମୋର ପ୍ରଭୁ ବିଠ୍ଠଳ, ତୁମେ କୁକୁର ରୂପରେ ଆସିଛ । ସେ ସୁଖିଲା ରୁଟିଟି ନେଇ ଧାଇଁ ପଳାଉଛ କାହିଁକି ? ତୁମ ସୁକୁମାର ତୋଟିରେ ସେ ଶୁଖିଲା ରୁଟି ଗଳିବ ନାହିଁ । ଆଣ ଆଣ ମୁଁ ସେଥିରେ ଟିକିଏ ଘିଅ ବୋଳିଦିଏ । ଶ୍ରୀରାମକୃଷ୍ଣ ପରମହଂସ ସମାଜଚ୍ୟୁତ ବାଳିକାଟିର ପାଦତଳେ ପଡ଼ି କହିବାକୁ ଲାଗିଲେ, 'ମା ଗୋ କାଳି, ମୁଁ ତୁମକୁ ଏହି ଝିଅଟି ଦେହରେ ଦେଖିବାକୁ ପାଉଛି ।" ମହାରାଷ୍ଟ୍ରର ଭକ୍ତ ସନ୍ଥ ଏକନାଥଙ୍କ ଘରେ ଯେତେବେଳେ ଚୋର ପଶିଲା ସେତେବେଳେ ସେ ଆପେ ଆପେ ନିଜ ହାତରୁ ମୁଦିଟି କାଢ଼ି ଚୋର ହାତକୁ ବଢ଼ାଇ ଦେଲେ । କହିଲେ, ହେ ବାବା ଚୋର, ତୁମେହିଁ କୃଷ୍ଣ, ତୁମର

ଏ ଲୀଳା ଚାଲିଥାଉ ।' ଏହିସବୁ ମହାନ ଭକ୍ତମାନଙ୍କର ଦୃଷ୍ଟିକୋଣରେ ଥିଲା ଏକ ନୂତନତା । ଆପଣ ସେହି ମହତ୍ତ୍ୱପୂର୍ଣ୍ଣ ଭକ୍ତିଭାବର ଅବଧାରଣା କରିପାରୁଛନ୍ତି ? ଉଦ୍ୟମ କରନ୍ତୁ ଲାଗି ପଡ଼ନ୍ତୁ । ଦିନ ଆସିବ, ଆପଣ ବି ଏହି ମହାନ୍ ଭାବର; ଅଧିକାରୀ ହୋଇପାରିବେ ।

ପରାଭକ୍ତି ଓ ଜ୍ଞାନ—ପରାଭକ୍ତି କେବଳ ଜ୍ଞାନ ଭିନ୍ନ ଅନ୍ୟ କିଛି ନୁହେଁ । ପରାଭକ୍ତି ଯାହା, ଜ୍ଞାନ ତାହା । କେବଳ ଦ୍ୱୈତ ଜ୍ଞାନୀ ଶ୍ରୀ ଶଙ୍କର ହରି, ହର ଓ ଦେବଦେବୀଙ୍କର ଜଣେ ପରମ ଭକ୍ତ ଥିଲେ । ଶ୍ରୀ ରାମକୃଷ୍ଣ ପରମହଂସ ମାଆ କାଳୀଙ୍କର ଭକ୍ତ ଥିଲେ ଏବଂ ନିଜର ଅଦ୍ୱୈତ ଗୁରୁ ସ୍ୱାମୀ ତୋତାପୁରୀଙ୍କଠାରୁ ଜ୍ଞାନ ଲାଭ କରିଥିଲେ । ଦକ୍ଷିଣ ଭାରତର ସ୍ୱନାମଧନ୍ୟ ଜ୍ଞାନୀ ଅପ୍ପୟା ଦୀକ୍ଷିତାର ପରମାତ୍ମା ଶିବଙ୍କର ଜଣେ ଏକନିଷ୍ଠ ଭକ୍ତ ଥିଲେ ।

ପରାଭକ୍ତି ଏବଂ ଜ୍ଞାନ ମଧ୍ୟରେ ସେପରି କୌଣସି ପାର୍ଥକ୍ୟ ନାହିଁ । ଯେଉଁ ସାମାନ୍ୟ ପାର୍ଥକ୍ୟ ରହିଛି, ତାହା ହେଉଛି ଏହି ଯେ, ଭକ୍ତ ତାର ଗଭୀର ଭାବପ୍ରବଣତା ନେଇ ଭଗବତ ପଥରେ ଅଗ୍ରସର ହୁଏ ଏବଂ ଜ୍ଞାନୀ ସେହି ଏକା ପଥରେ ଅଗ୍ରସର ହୁଏ ତାର ମନ ଓ ବୁଦ୍ଧି ସାହାଯ୍ୟରେ; ଭକ୍ତିର ପ୍ରାରମ୍ଭ ପ୍ରେମରୁ କିନ୍ତୁ ଜ୍ଞାନର ଉଦ୍ରେକ ହୁଏ ବିଚାର ଓ ଆତ୍ମଜିଜ୍ଞାସାରୁ । ତଥାପି ଉଭୟଙ୍କର ଲକ୍ଷ୍ୟ ଏକ; ଏକମାତ୍ର ଦିବ୍ୟପୁରୁଷଙ୍କ ସହିତ ମିଳନ ହିଁ ଉଭୟଙ୍କର ଲକ୍ଷ୍ୟ ।

ଭକ୍ତ ଆତ୍ମସଙ୍କୋଚନ କରେ । ବେଦାନ୍ତୀ ଆତ୍ମପ୍ରସାରଣ କରେ । ଭକ୍ତ ସଙ୍କୁଚିତ ହୋଇ ହୋଇ ଆତ୍ମସମର୍ପଣ ଦ୍ୱାରା ଭଗବତ୍ ପଦରେ ଲୀନ ହୁଏ, ବେଦାନ୍ତୀ ଆତ୍ମପ୍ରସାରଣ କରି ପରମାତ୍ମାଙ୍କର ଅସ୍ତିତ୍ୱ ତଥା ଆତ୍ମା-ପରମାତ୍ମାଙ୍କର ଅଭିନ୍ନତ୍ୱ ପ୍ରତିପାଦନ ଦ୍ୱାରା ବ୍ରହ୍ମଙ୍କ ସହିତ ଏକୀଭୂତ ହୋଇଯାଏ ।

ଜ୍ଞାନ ହେଉଛି ଭକ୍ତିର ଫଳସ୍ୱରୂପ । ଜ୍ଞାନ ଭକ୍ତିକୁ ପ୍ରଗାଢ଼ କରେ । ଭଗବାନଙ୍କ ସହିତ ପ୍ରେମସମ୍ବନ୍ଧ ସ୍ଥାପନରୁ ମାଧୁର୍ଯ୍ୟ ଉପଭୋଗ କରିବାକୁ ମିଳେ । ଏହା ଉପଲବ୍ଧି କରିବା ପରେ ଶ୍ରୀ ଶଙ୍କର, ମଧୁସୂଦନ ଓ ଶୁକଦେବଙ୍କ ପରି ଜ୍ଞାନୀଗଣ ମଧ୍ୟ ଭକ୍ତିମାର୍ଗ ଗ୍ରହଣ କରିଥିଲେ ।

ଭକ୍ତିଯୋଗ ସାଧନ କଲେ ଜ୍ଞାନ ସ୍ୱତଃ ଉଦୟ ହୁଏ । ଭଗବତ୍ପ୍ରାପ୍ତି ନିମନ୍ତେ ଭକ୍ତି ହିଁ ସରଳ ସୁନ୍ଦର ଅବନ୍ଧୁର ମାର୍ଗ । ଭକ୍ତିର ଆଦ୍ୟ ମଧୁର, ମଧ୍ୟ ମଧୁର, ଅନ୍ତ ମଧ୍ୟ ମଧୁର । ଭକ୍ତିଲବ୍ଧ ଆନନ୍ଦ ହିଁ ଅବିନଶ୍ୱର ଆନନ୍ଦ; ପରମାନନ୍ଦ ।

ହୃଦୟରେ ଦିବ୍ୟପ୍ରେମର ଦୀପଶିଖା ପ୍ରଜ୍ୱଳିତ କରନ୍ତୁ । ତାହା ହିଁ ଭଗବତ୍ ଧାମକୁ ମୁଖ୍ୟମାର୍ଗ ।

ପ୍ରଭୁଙ୍କୁ ପ୍ରାର୍ଥନା କରନ୍ତୁ । ତାଙ୍କର ଗୁଣଗାନ କରନ୍ତୁ । ପ୍ରଭୁନାମ କୀର୍ତ୍ତନ କରନ୍ତୁ । ନିଜକୁ ବିଭୁ କରୁଣାର ଏକ ପ୍ରବାହ କରିଦିଅନ୍ତୁ ।

ଭଗବତ୍ ନିର୍ଦ୍ଦେଶପାଇଁ ପ୍ରାର୍ଥନା କରନ୍ତୁ । ଭଗବତ୍ ନିର୍ଦ୍ଦେଶ ପାଳନ କରନ୍ତୁ । ଭଗବାନଙ୍କର ଇଚ୍ଛା ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ । ଫଳରେ ଆପଣ ଭଗବତ୍ ଇଚ୍ଛା ସହିତ ଅଭିନ୍ନ ହୋଇଯିବେ ।

ପ୍ରଭୁଙ୍କ ପାଦରେ ଆତ୍ମସମର୍ପଣ କରିଦିଅନ୍ତୁ । ଜୀବନକ୍ଷେତ୍ରରେ ସେ ଆପଣଙ୍କ ରଥର ସାରଥି ହୋଇଯିବେ । ଆପଣଙ୍କ ରଥକୁ ସେ ସତ୍ପଥରେ ଚଳାଇନେବେ । ଆପଣ ଆପଣଙ୍କର ଲକ୍ଷ୍ୟସ୍ଥଳ ସେହି ନିତ୍ୟ ଆନନ୍ଦଧାମରେ ପହଞ୍ଚିଯିବେ ।

●

ବେଦ

ବିଦ୍ ଧାତୁର ଅର୍ଥ ହେଉଛି ଜାଣିବା ଏବଂ ସେହି ବିଦ୍ ଧାତୁରୁ ବେଦ ଶବ୍ଦ ନିଷ୍ପନ୍ନ ହୋଇଛି । ବେଦ ଶବ୍ଦର ଅର୍ଥ ଜ୍ଞାନ । ଏହି ଶବ୍ଦଟି ଯେତେବେଳେ ଧର୍ମଶାସ୍ତ୍ର ଅର୍ଥରେ ପ୍ରୟୋଗ କରାଯାଏ, ସେତେବେଳେ ଏହାର ଅର୍ଥ ହୁଏ ଏକ ଜ୍ଞାନଗ୍ରନ୍ଥ । ବେଦ ହେଉଛି ହିନ୍ଦୁମାନଙ୍କର ମୌଳିକ ଧର୍ମଗ୍ରନ୍ଥ । ସ୍ମୃତି, ଇତିହାସ, ପୁରାଣ, ଆଗମ ଓ ଦର୍ଶନ ଇତ୍ୟାଦି ଅନ୍ୟ ଯେଉଁ ପଞ୍ଚବିଧ ଧର୍ମଶାସ୍ତ୍ର ରହିଛି, ସେଗୁଡ଼ିକ ବେଦରୁ ଉତ୍ପନ୍ନ; ଏପରି କି ଧର୍ମେତର ତଥା ପାର୍ଥିବ ଜ୍ଞାନ ସକଳ ମଧ୍ୟ ବେଦରୁ ଉତ୍ପନ୍ନ । ବେଦ ହେଉଛି ଭାରତୀୟ ଜ୍ଞାନର ଭଣ୍ଡାର; ଏହା ଏକ ସ୍ମରଣୀୟ ଗୌରବ, ଯାହା ଅନନ୍ତ କାଳ ଯାଏଁ ଅବିସ୍ମୃତ ହୋଇ ରହିଥିବ ।

ଅନାଦି ଅନନ୍ତ-ଶ୍ରୁତି—ବେଦଗୁଡ଼ିକ ହେଉଛି ଭାରତର ପ୍ରାଚୀନ ଋଷି-ଗଣଙ୍କ ନିକଟରେ ଈଶ୍ୱରଙ୍କ କର୍ତ୍ତୃକ ପ୍ରକଟିତ ଶାଶ୍ୱତ ସତ୍ୟ । ଋଷି ଅର୍ଥ ଦିବ୍ୟ-ଦ୍ରଷ୍ଟା; ଋଷି ଶବ୍ଦଟି ଦୃଶ୍‌ରୁ ନିଷ୍ପନ୍ନ; ଦୃଶ୍ ଅର୍ଥ ଦେଖିବା । ତେଣୁ ଋଷି ହେଉଛନ୍ତି ଜଣେ ମନ୍ତ୍ରଦ୍ରଷ୍ଟା ଯେ କି ମନ୍ତ୍ର ଅର୍ଥାତ୍ ମହତ୍ ଚିନ୍ତା ଦର୍ଶନ କରିଛନ୍ତି । ସେ ଚିନ୍ତା ତାଙ୍କର ନିଜର ନୁହେଁ; ଋଷି ସେହି ସତ୍ୟ ଦର୍ଶନ କରିଥିଲେ କିମ୍ବା ଶ୍ରବଣ କରିଥିଲେ । ତେଣୁ ବେଦକୁ ଶ୍ରୁତି କୁହାଯାଏ । ଋଷି ନିଜେ କିଛି ରଚନା କରି ନ ଥିଲେ; ସେ ଏସବୁ ନିଜ ମନରୁ ସୃଷ୍ଟି କରି ନ ଥିଲେ । ପୂର୍ବରୁ ରହି-ଥିବା ମହତ୍ ଚିନ୍ତାକୁ ସେ ଦର୍ଶନ କରିଥିଲେ । ସେ କେବଳ ମହତ୍ ଚିନ୍ତାର ଆଧ୍ୟାତ୍ମିକ ଆବିଷ୍କର୍ତ୍ତା ଥିଲେ । ସେ ବେଦ ଉଦ୍ଭାବନ କରି ନ ଥିଲେ ଶ୍ରୁତିଗୁଡ଼ିକୁ ବେଦ ବା ଆମ୍ନାୟ ବୋଲାଯାଏ । ତେଣୁ ହିନ୍ଦୁମାନେ ଶ୍ରୁତିରୁ ଅର୍ଥାତ୍ ବେଦରୁ ସେମାନଙ୍କର ଧର୍ମ ଲାଭ କରିଛନ୍ତି । ବେଦଗୁଡ଼ିକ ସ୍ୱଜ୍ଞାଜାତ ଏବଂ ସମ୍ପୂର୍ଣ୍ଣରୂପେ ଅପୌରୁଷେୟ, ଅତିମାନବୀୟ; ଏଗୁଡ଼ିକର କେହି କବି, ଲେଖକ, ବା ରଚୟିତା ନାହାନ୍ତି । ସେ ଦୃଷ୍ଟିରୁ ବେଦ ଶାଶ୍ୱତ । ବେଦଗୁଡ଼ିକ ଶାଶ୍ୱତ ଆଧ୍ୟାତ୍ମିକ ସତ୍ୟ । ବେଦଗୁଡ଼ିକ ଦିବ୍ୟଜ୍ଞାନର ଗୋଟିଏ ଗୋଟିଏ ପ୍ରତିମୂର୍ତ୍ତି । ଗ୍ରନ୍ଥ ନଷ୍ଟ ହୋଇଯାଇ-ପାରେ କିନ୍ତୁ ଜ୍ଞାନ ନଷ୍ଟ ହେବ ନାହିଁ । ଜ୍ଞାନ ଚିରସ୍ଥାୟୀ । ବେଦ ଭଗବତ୍ ମୁଖନିଃସୃତ । ବେଦ ଅନାଦି ଅନନ୍ତ ।

ବେଦ ପ୍ରାଚୀନ ଋଷିଗଣଙ୍କର ଆଧ୍ୟାତ୍ମିକ ଅନୁଭୂତିର ପ୍ରତିନିଧିତ୍ୱ କରେ । ଅନ୍ୟ ସକଳ ଧର୍ମରେ ରହିଛି ଯେ, ପ୍ରଥମେ କୌଣସି ବିଶିଷ୍ଟ ଦେବଦୂତ କୌଣସି

ବ୍ୟକ୍ତି ବିଶେଷଙ୍କୁ ସେହି ଧର୍ମମତ ପ୍ରଦାନ କରିଥିଲେ । କିନ୍ତୁ ବେଦ ସେପରି କୌଣସି ବ୍ୟକ୍ତିଙ୍କଠାରୁ ଜାତ ନୁହେଁ, ବେଦ ଶାଶ୍ୱତ; ବେଦ ଭଗବତ ଜ୍ଞାନ; ବେଦ ନିଜେ ନିଜର ସ୍ରଷ୍ଟା ।

ସୃଷ୍ଟିକର୍ତ୍ତା ବ୍ରହ୍ମା ଦିବ୍ୟଦ୍ରଷ୍ଟା ଋଷିମାନଙ୍କୁ ଦିବ୍ୟ ଜ୍ଞାନ ପ୍ରଦାନ କରି-ଥିଲେ । ଋଷିଗଣ ସେହି ଜ୍ଞାନ ପ୍ରସାରଣ କରିଥିଲେ । ସେମାନେ ଥିଲେ ବ୍ରହ୍ମାଙ୍କ ବା ସତ୍ୟକୁ ପ୍ରତ୍ୟକ୍ଷୀଭୂତ କରି ପାରିଥିବା ଜଣେ ଜଣେ ମହାନ ସିଦ୍ଧପୁରୁଷ । ସେମାନେ ଥିଲେ ଜାତପ୍ରଜ୍ଞ । ସେମାନେ ଥିଲେ ଐଶ୍ୱରିକ ପ୍ରେରଣା ଲାଭ କରିଥିବା ଜଣେ ଜଣେ ମହାନ ଗ୍ରନ୍ଥକାର । ସେମାନେ ନିର୍ମାଣ କରିଯାଇଥିଲେ ଏକ ସରଳ ସୁନ୍ଦର ସ୍ୱୟଂସମ୍ପୂର୍ଣ୍ଣ ଧର୍ମମାର୍ଗ, ଏକ ଉଚ୍ଚାଙ୍ଗ ଦର୍ଶନ, ଯେଉଁଥିରୁ ଅନ୍ୟାନ୍ୟ ଧର୍ମର ପ୍ରବର୍ତ୍ତକ ତଥା ପ୍ରତିଷ୍ଠାତାଗଣ ଲାଭ କରିଛନ୍ତି ସେମାନଙ୍କର ସମସ୍ତ ପ୍ରେରଣା ।

ମନୁଷ୍ୟର ଗ୍ରନ୍ଥାଗାରରେ ଯେତେସବୁ ଗ୍ରନ୍ଥ ରହିଛି, ସେମାନଙ୍କ ମଧ୍ୟରେ ବେଦ ହେଉଛି ପ୍ରାଚୀନତମ ଗ୍ରନ୍ଥ । ଅନ୍ୟ ସକଳ ଧର୍ମରେ ନିହିତ ସତ୍ୟାବଳୀ ବେଦରୁ ହିଁ ସଂଗୃହୀତ ହୋଇଛି ; ଏବଂ ବେଦ ହିଁ ସକଳ ଧର୍ମର ଉତ୍ପତ୍ତିସ୍ଥଳ । ବେଦ ହିଁ ସକଳ ଧର୍ମର ମୂଳଉତ୍ସ । ବେଦରୁ ହିଁ ସକଳ ଧାର୍ମିକ ଚେତନା ଉତ୍ପତ୍ତି ହୋଇଛି । ଧର୍ମ ଭଗବତ୍‌ସୃଷ୍ଟ । ପ୍ରାଚୀନତମ କାଳରେ ଭଗବାନଙ୍କଠାରୁ ଧର୍ମର ଉତ୍ପତ୍ତି ହୋଇ ମନୁଷ୍ୟକୁ ପ୍ରଦତ୍ତ ହୋଇଥିଲା । ସେହି ଧର୍ମ ହିଁ ବେଦ ରୂପରେ ମୂର୍ତ୍ତିମନ୍ତ ହୋଇଛି ।

ଚାରି ବେଦ ଓ ସେଗୁଡ଼ିକର ବିଭିନ୍ନ ଶାଖା— ବେଦ ଚାରିଟି ବୃହତ୍ ଭାଗରେ ବିଭକ୍ତ ଯଥା ! ଋକ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ । ପୁଣି ଯଜୁର୍ବେଦ ଶୁକ୍ଳ ଓ କୃଷ୍ଣ ଏପରି ଦୁଇ ଭାଗରେ ବିଭକ୍ତ । କୃଷ୍ଣ ବା ତୈତ୍ତିରୀୟ ହେଉଛି ପ୍ରାଚୀନ; ଶୁକ୍ଳ ବା ବାଜସନେୟ ଯଜୁର୍ବେଦଟି ପରବର୍ତ୍ତୀ କାଳରେ ତେଜରାଶି ସୂର୍ଯ୍ୟଦେବଙ୍କଠାରୁ ଯାଜ୍ଞବଲକ୍ୟ ଋଷି ଶ୍ରବଣ କରିଥିଲେ ।

ଋଗ୍‌ବେଦର ଏକୋଇଶିଟି, ଯଜୁର୍ବେଦରେ ଏକଶହ ନଅଟି, ସାମବେଦର ଏକ ହଜାରଟି ଏବଂ ଅଥର୍ବ ବେଦର ପଚାଶଟି ଶାଖା ରହିଛି ।

ପ୍ରତ୍ୟେକ ବେଦର ଚାରୋଟି ଅଂଶ ରହିଛି ଯଥା—ମନ୍ତ୍ର ସଂହିତା, ବ୍ରାହ୍ମଣ, ଆରଣ୍ୟକ ଏବଂ ଉପନିଷଦ । ମନୁଷ୍ୟ ଜୀବନର ଚାରି ଅବସ୍ଥା ସହିତ ସମନ୍ୱିତ କରିବା ଉଦ୍ଦେଶ୍ୟରେ ବେଦକୁ ଏପରି ଚାରି ଅଂଶରେ ବିଭକ୍ତ କରାଯାଇଛି ।

ଇହ କାଳରେ ପାର୍ଥିବ ସୁଖସମୃଦ୍ଧି ଲାଭ କରିବାକୁ ତଥା ପର କାଳରେ ଆନନ୍ଦ ଲାଭ କରିବାକୁ ବୈଦିକ ଦେବଦେବୀମାନଙ୍କ ଉଦ୍ଦେଶ୍ୟରେ ଯେଉଁସବୁ

ସ୍ତୋତ୍ର ରହିଛି, ତାହା ମନ୍ତ୍ରସଂହିତାର ଅନ୍ତର୍ଭୁକ୍ତ । ସ୍ତୋତ୍ରଗୁଡ଼ିକ ବିବିଧ ଦେବ-ଦେବୀଙ୍କ ଉଦ୍ଦେଶ୍ୟରେ ସ୍ତବ, ସ୍ତୁତି ତଥା ମନ୍ତ୍ରଭାବରେ ଛନ୍ଦୋବଦ୍ଧ କବିତାରୂପରେ ରହିଛି । ବେଦର ଏହି ମନ୍ତ୍ରାଂଶ ବ୍ରହ୍ମଚାରୀମାନଙ୍କ ପକ୍ଷରେ ବିଶେଷ ଉପଯୋଗୀ ।

ଲୋକେ କିପରି ଯଜ୍ଞାନୁଷ୍ଠାନ କରିବେ, ତାହା ବ୍ରାହ୍ମଣରେ ସୂଚିତ ହୋଇଛି; ଯଜ୍ଞରେ କିପରି ଯଜ୍ଞାନୁଷ୍ଠାନ କରିବେ, ତାହା ବ୍ରାହ୍ମଣରେ ସୂଚିତ ହୋଇଛି; ଯଜ୍ଞରେ କିପରି ଭାବରେ ମନ୍ତ୍ରଗୁଡ଼ିକ ବ୍ୟବହୃତ ହେବ, ତାହା ପ୍ରାଞ୍ଜଳ ଗଦ୍ୟରେ ଦିଆଯାଇଛି । ବ୍ରାହ୍ମଣ ଅଂଶଟି ଗୃହସ୍ଥମାନଙ୍କ ପକ୍ଷରେ ଉପଯୋଗୀ ।

ଆରଣ୍ୟକଗୁଡ଼ିକ ହେଉଛି ଗୂଢ଼ାର୍ଥଗର୍ଭ ଆରଣ୍ୟ-ଗ୍ରନ୍ଥ, ଯେଉଁଥିରେ କି ବିଭିନ୍ନ କ୍ରିୟାବିଧିର ଦାର୍ଶନିକ ତାତ୍ପର୍ଯ୍ୟମାନ ଦିଆଯାଇଛି । ଆରଣ୍ୟକଗୁଡ଼ିକ ସନ୍ନ୍ୟାସ ଗ୍ରହଣପାଇଁ ପ୍ରସ୍ତୁତ ହେଉଥିବା ବାନପ୍ରସ୍ଥ ବା ବନବାସୀ ତ୍ୟାଗୀମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଛି ।

ଉପନିଷଦଗୁଡ଼ିକ ହେଉଛି ବେଦର ସବୁଠାରୁ ମୁଖ୍ୟ ଅଂଶ । ବେଦରେ ଯେଉଁ ଜ୍ଞାନ ଅଂଶ ବା ସାର ଅଂଶ ରହିଛି ତାହାହିଁ ଉପନିଷଦର ବିଷୟବସ୍ତୁ । ଉପନିଷଦର ଦର୍ଶନ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ, ଗମ୍ଭୀର, ଉନ୍ନତ ଓ ହୃଦୟସ୍ପର୍ଶୀ । ଉପନିଷଦରେ ଜୀବାତ୍ମା ଓ ପରମାତ୍ମା ଉଭୟଙ୍କର ଅନନ୍ୟତା ବା ଅଭେଦ ବିଷୟ କୁହାଯାଇଛି । ସେଗୁଡ଼ିକରେ ଶୀର୍ଷତମ ତଥା ଗମ୍ଭୀରତମ ଆଧ୍ୟାତ୍ମିକ ସତ୍ୟ ପ୍ରକଟିତ ହୋଇଛି । ଉପନିଷଦଗୁଡ଼ିକ ସନ୍ନ୍ୟାସୀମାନଙ୍କର ଉପଯୋଗୀ ।

ବେଦର ସମସ୍ତ ବିଷୟବସ୍ତୁ କର୍ମକାଣ୍ଡ, ଉପାସନାକାଣ୍ଡ ଓ ଜ୍ଞାନକାଣ୍ଡ ଏପରି ତିନିଭାଗରେ ବିଭକ୍ତ ହୋଇଛି । କର୍ମକାଣ୍ଡରେ ବିଭିନ୍ନ ଯାଗଯଜ୍ଞ ଓ କର୍ମବିଧାନମାନ ଚର୍ଚ୍ଚା କରାଯାଇଛି । ଉପାସନାକାଣ୍ଡରେ ବିଭିନ୍ନ ପୂଜାପଦ୍ଧତି ଓ ଧ୍ୟାନ ବିଷୟ ଚର୍ଚ୍ଚା କରାଯାଇଛି । ଜ୍ଞାନକାଣ୍ଡରେ ନିର୍ଗୁଣବ୍ରହ୍ମଙ୍କ ବିଷୟକ ଶୀର୍ଷତମ ଜ୍ଞାନର ଚର୍ଚ୍ଚା କରାଯାଇଛି । ମନ୍ତ୍ର ଓ ବ୍ରାହ୍ମଣଗୁଡ଼ିକୁ ନେଇ କର୍ମକାଣ୍ଡ, ଆରଣ୍ୟକଗୁଡ଼ିକୁ ନେଇ ଉପାସନାକାଣ୍ଡ ଏବଂ ଉପନିଷଦଗୁଡ଼ିକୁ ନେଇ ଜ୍ଞାନକାଣ୍ଡ ଗଠିତ ।

ମନ୍ତ୍ରସଂହିତା—ଋଗ୍‌ବେଦ ସଂହିତା ହେଉଛି ହିନ୍ଦୁମାନଙ୍କର ଉତ୍କୃଷ୍ଟତମ ଗ୍ରନ୍ଥ; ପୁଣି ଏହା ହେଉଛି ପ୍ରାଚୀନତମ ତଥା ଶ୍ରେଷ୍ଠତମ ଗ୍ରନ୍ଥ । ଏହା ହେଉଛି ଭାରତର ମହାନ୍ ବାଇବେଲ୍ ବା ଦିବ୍ୟଗ୍ରନ୍ଥ; ପ୍ରତ୍ୟେକ ହିନ୍ଦୁ ଏହି ଗ୍ରନ୍ଥକୁ ତାର ଅନ୍ତରର ଅନ୍ତରତମ ପ୍ରଦେଶରୁ ସମ୍ମାନ ଦିଏ । ଏ ଗ୍ରନ୍ଥର ଶୈଳୀ, ଭାଷା ଓ ସ୍ୱର ଅତି ଅଦ୍ଭୁତ, ଅତି ସୁନ୍ଦର । ଏହି ସଂହିତାର ଅମର ମନ୍ତ୍ରଗୁଡ଼ିକରେ ଜୀବନର

ବୃହତ୍ତମ ସତ୍ୟସବୁ ନିହିତ ଏବଂ ସମ୍ଭବତଃ ଜଗତର ଧର୍ମସାହିତ୍ୟରେ ଏହା ହିଁ ବିଶାଳତମ ଭଣ୍ଡାର । ଏହି ସଂହିତାର ବିପ୍ରଙ୍କୁ ହୋତା ବୋଲଯାଏ ।

ଯଜୁର୍ବେଦ ସଂହିତା ମୁଖ୍ୟତଃ ଗଦ୍ୟରେ ରଚିତ । ଯାଗଯଜ୍ଞାଦିର କର୍ମ-ବିଧିଗୁଡ଼ିକ ଋଗ୍‌ବେଦୀୟ ମନ୍ତ୍ର ମଧ୍ୟରେ ପ୍ରଦତ୍ତ ହୋଇଛି । ଯଜୁର୍ବେଦୀୟ ପୁରୋହିତଙ୍କୁ 'ଅଧ୍ୱର୍ଯ୍ୟୁ' ବୋଲଯାଏ । ସେ ଋଗ୍‌ବେଦୀୟ ମନ୍ତ୍ରଗୁଡ଼ିକୁ ଯେପରି ଆହୁରି ଅଧିକ ପ୍ରାଞ୍ଜଳ ଭାବରେ ବୁଝାଇଦେଇପାରିବେ, ସେହି ଉଦ୍ଦେଶରେ ଏହି ସଂହିତା ରଚିତ ହୋଇଛି ।

ସାମବେଦ ସଂହିତା ଋଗ୍‌ବେଦ ସଂହିତା ନିକଟରେ ବିଶେଷଭାବରେ ଋଣୀ । ଯଜ୍ଞ ସମୟରେ ସାମବେଦୀୟ ପୁରୋହିତ ଗାନ କରିବା ଉଦ୍ଦେଶ୍ୟରେ ଏହା ରଚିତ ହୋଇଛି । ସେହି ପୁରୋହିତଙ୍କୁ ଉଦ୍‌ଗାତା ବୋଲଯାଏ ।

ଅଥର୍ବବେଦୀୟ ପୁରୋହିତଙ୍କୁ ବ୍ରହ୍ମା ବୋଲଯାଏ । ତାଙ୍କର ବ୍ୟବହାର ଉଦ୍ଦେଶରେ ଅଥର୍ବବେଦ ସଂହିତା ରଚିତ ହୋଇଛି । ଯଜ୍ଞର ଅନ୍ୟ ତିନି ପୁରୋହିତ ଯଜ୍ଞସ୍ଥଳରେ ଦୈବାତ ଯଦି କିଛି ଭୁଲ ଉଚ୍ଚାରଣ କରନ୍ତି ବା ଅନ୍ୟକିଛି ଭୁଲ କରିଦିଅନ୍ତି, ତେବେ ଏହି ସଂହିତା ସାହାଯ୍ୟରେ ବ୍ରହ୍ମା ତାହା ସଂଶୋଧନ କରନ୍ତି ।

ବ୍ରାହ୍ମଣ ଓ ଆରଣ୍ୟକ—ଋଗ୍‌ବେଦର ଦୁଇଟି ବ୍ରାହ୍ମଣ ଯଥା ଐତରେୟ ଓ ସାଂଖ୍ୟାୟନ । ମାକ୍‌ମୁଲର୍ କହନ୍ତି, 'ଋକ୍‌ବେଦ ହେଉଛି ପୃଥିବୀର ପ୍ରାଚୀନତମ ଗ୍ରନ୍ଥ । ଏହି ବେଦର ବ୍ରାହ୍ମଣମାନଙ୍କରେ ପ୍ରଦତ୍ତ ପବିତ୍ର ସୂକ୍ତଗୁଡ଼ିକର ତୁଳନୀୟ ହୋଇ ବିଶ୍ୱର ସାହିତ୍ୟଭଣ୍ଡାରରେ ଅନ୍ୟ କୌଣସି ସାହିତ୍ୟ ନାହିଁ । ସେଗୁଡ଼ିକ ଯେ କିପରି ଏପର୍ଯ୍ୟନ୍ତ ସୁରକ୍ଷିତ ହୋଇରହିଛି, ତାହା ଅତୀବ ବିସ୍ମୟକର ।" (ପ୍ରାଚୀନ ସଂସ୍କୃତ ସାହିତ୍ୟର ଇତିହାସ)

ଶତପଥ ବ୍ରାହ୍ମଣ ଶୁକ୍ଳଯଜୁର୍ବେଦର ଅନ୍ତର୍ଗତ । ତୈତ୍ତିରୀୟ ଓ ମୈତ୍ରାୟଣ ବ୍ରାହ୍ମଣ ଦୁଇଟି କୃଷ୍ଣଯଜୁର୍ବେଦର ଅନ୍ତର୍ଭୁକ୍ତ । ସାମବେଦୋକ୍ତ ବ୍ରାହ୍ମଣଗୁଡ଼ିକ ହେଲା ତାଣ୍ଡ୍ୟ ବା ପଞ୍ଚବିଂଶ, ଶଡ଼ବିଂଶ, ଛାନ୍ଦୋଗ୍ୟ, ଅଦ୍‌ଭୁତ ଓ ଆର୍ଷେୟ ତଥା ଉପନିଷଦ ବ୍ରାହ୍ମଣ । ଅଥର୍ବ ବେଦର ବ୍ରାହ୍ମଣକୁ ଗୋପଥ ବୋଲଯାଏ । ପ୍ରତ୍ୟେକ ବ୍ରାହ୍ମଣର ଗୋଟିଏ ଗୋଟିଏ ଆରଣ୍ୟକ ରହିଛି ।

ଉପନିଷଦ—ଉପନିଷଦଗୁଡ଼ିକ ହେଉଛି ବେଦର ଉପସଂହାର ଅଂଶ ବା ଶେଷ ଅଂଶ । ଉପନିଷଦ ଉପରେ ଆଧାରିତ ଉପଦେଶାବଳୀକୁ ବେଦାନ୍ତ ବୋଲଯାଏ ।

ଉପନିଷଦଗୁଡ଼ିକ ହେଉଛି ବେଦର ସାରାଂଶ ତଥା ବେଦର ଉଦ୍ଦେଶ୍ୟ । ଉପନିଷଦ-ରୂପକ ଭିତ୍ତିଭୂମି ଉପରେ ହିଁ ହିନ୍ଦୁଧର୍ମ ଗଢ଼ିଉଠିଛି ।

ପ୍ରତ୍ୟେକ ବେଦର କେତୋଟି ଶାଖା ରହିଛି, ସେତୋଟି ଉପନିଷଦ ରହିଛି । ଏହି ହିସାବରେ ଋଗ୍, ଯଜୁଃ, ସାମ ଓ ଅଥର୍ବ ବେଦର ଶାଖା ତଥା ଉପନିଷଦ ସଂଖ୍ୟା ଯଥାକ୍ରମେ ୨୧, ୧୦୯, ୧୦୦୦ ଓ ୫୦ ।

ଭାରତର ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଦ୍ୱୈତ, ବିଶୁଦ୍ଧାଦ୍ୱୈତ ପ୍ରଭୃତି ମତବାଦର ବିଭିନ୍ନ ଦାର୍ଶନିକଗଣ ଉପନିଷଦକୁ ପରମ ପ୍ରାମାଣିକ ଗ୍ରନ୍ଥରୂପେ ସ୍ୱୀକାର କରନ୍ତି । ସେମାନେ ନିଜ ନିଜର ସ୍ୱକୀୟ ବ୍ୟାଖ୍ୟା ପ୍ରଦାନ କରିଛନ୍ତି ସତ, ତଥାପି ସେମାନେ ଉପନିଷଦର ପ୍ରାମାଣିକତାକୁ ସ୍ୱୀକାର କରନ୍ତି । ସେମାନଙ୍କର ଦର୍ଶନ ଉପନିଷଦକୁ ଭିତ୍ତି କରି ଗଢ଼ି ଉଠିଛି ।

ପାଶ୍ଚାତ୍ୟ ପଣ୍ଡିତମାନେ ମଧ୍ୟ ଉପନିଷଦର ଋଷିମାନଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି । ପାଶ୍ଚାତ୍ୟ ଅଧିବାସୀମାନେ ଗଛର ବକଳ ପିନ୍ଧି ଗଭୀର ଅଜ୍ଞତା ଗର୍ଭରେ ବୁଡ଼ିରହିଥିବାବେଳେ, ଉପନିଷଦର ଋଷିଗଣ ପରମ ବ୍ରହ୍ମାନନ୍ଦ ଉପଭୋଗ କରି ସଭ୍ୟତା ଓ ସଂସ୍କୃତିର ଶୀର୍ଷତମ ସୀମାରେ ଉପନୀତ ହୋଇଥିଲେ ।

ବିଶିଷ୍ଟ ଉପନିଷଦଗୁଡ଼ିକ ମଧ୍ୟରେ ଈଶ, କେନ, କଠ, ପ୍ରଶ୍ନ, ମୁଣ୍ଡକ, ମାଣ୍ଡୁକ୍ୟ, ଐତରେୟ, ତୈତ୍ତିରୀୟ, ଛାନ୍ଦୋଗ୍ୟ, ବୃହଦାରଣ୍ୟକ, କୌଷିତକୀ, ଶ୍ୱେତାଶ୍ୱେତର ଉପନିଷଦ ହେଉଛି ଉଲ୍ଲେଖଯୋଗ୍ୟ । ଏଗୁଡ଼ିକ ଅତୀବ ପ୍ରାମାଣିକ ।

କାମନା ଏହି ଯେ, ବେଦୋକ୍ତ ମୌଳିକ ସତ୍ୟଗୁଡ଼ିକ ଆପଣମାନଙ୍କ ନିକଟରେ ହାତପାପୁଲିରେ ଥିବା ଅଁଳାଫଳପରି ସ୍ପଷ୍ଟଭାବରେ ପ୍ରକଟିତ ହେଉ । ପରମ ପୂଜନୀୟ ପବିତ୍ରମୟୀ ବେଦଜନନୀ ଗାୟତ୍ରୀ ଆପଣମାନଙ୍କୁ ଉପନିଷଦର ପ୍ରାଚୀନ ବିବେକ ଜ୍ଞାନାମୃତ ପ୍ରଦାନ କରନ୍ତୁ ।

●

ବେଦାନ୍ତ

ବେଦାନ୍ତକୁ ବ୍ରହ୍ମବିଦ୍ୟା କୁହାଯାଏ । ବେଦାନ୍ତ ହେଉଛି ମୋକ୍ଷଶାସ୍ତ୍ର । ପରମାତ୍ମା ହିଁ ଏକମାତ୍ର ମୁକ୍ତିଦାତା— ଏହି ମତବାଦକୁ କେନ୍ଦ୍ର କରି ବେଦାନ୍ତଦର୍ଶନ ଗଢ଼ି ଉଠିଛି । ଉପନିଷଦଗୁଡ଼ିକ ହେଉଛି ବେଦାନ୍ତର ମୂଳଭିତ୍ତି ।

ମୌଳିକ ପ୍ରକୃତି ଦୃଷ୍ଟିରୁ ମନୁଷ୍ୟ ଯେ କେତେ ମହାନ, ବେଦାନ୍ତ ତାହା ଉଦ୍‌ଘାଟନ କରିଥାଏ । ବେଦାନ୍ତର ବାଣୀ ଜଗତର ସମସ୍ତ ସତ୍ତାର ଏକତ୍ୱ ବା ଅଭିନ୍ନତ୍ୱ ପ୍ରତିପାଦନ କରେ ।

ବେଦାନ୍ତ ଆତ୍ମାର ଅବିଭାଜ୍ୟ, ବ୍ୟାପକ ତଥା ଅତୀତ ଅସ୍ତିତ୍ୱ ବା ସତ୍ତାକୁ ସମର୍ଥନ କରେ । ଏ ପ୍ରକାର ମତ ପୋଷଣ କରିବାବେଳେ ବେଦାନ୍ତ ପ୍ରକୃତିକୁ ବା ନିର୍ଜୀବ ବସ୍ତୁକୁ ମଧ୍ୟ ବାଦ ଦିଏ ନାହିଁ; କୌଣସି ବସ୍ତୁ ଏହି ନିୟମର ବହିର୍ଭୂତ ନୁହେଁ ।

ବେଦାନ୍ତ ହେଉଛି ଭାରତର ମୌଳିକ ସଂସ୍କୃତି । ଏହା ହେଉଛି ଭାରତର ଜାତୀୟ ଦର୍ଶନ । ଏହା ହେଉଛି ଭାରତୀୟ ଦର୍ଶନର ପରାକାଷ୍ଠା । ବେଦାନ୍ତ ହିଁ ବିଗତ ଆଠହଜାର ବର୍ଷ ଧରି ହିନ୍ଦୁ ସମାଜକୁ ସଞ୍ଜୀବିତ କରି ରଖିଆସିଛି ।

ବେଦାନ୍ତର ବାଣୀ— ବେଦାନ୍ତ ହିଁ ଏକମାତ୍ର ବଳିଷ୍ଠ ଦର୍ଶନ, ଯାହା କି ମନୁଷ୍ୟକୁ କେବଳ ଈଶ୍ୱରଙ୍କର ପୁତ୍ର ବା ଈଶ୍ୱରଙ୍କର ଦାସ ବୋଲି ଅଭିହିତ ନ କରି, ମନୁଷ୍ୟ ହିଁ ଈଶ୍ୱର ବୋଲି ଘୋଷଣା କରିବାର ଆସ୍ପର୍ଦ୍ଧା କରିପାରିଛି । ବେଦାନ୍ତ ଦୃଢ଼ଭାବରେ ଘୋଷଣା କରେ ଯେ, ଆପଣ ହିଁ ସେହି ଅମର ଅଜର ସର୍ବମୟ ଆତ୍ମା; ବସ୍ତୁତଃ ଆପଣ ହିଁ ବିଶ୍ୱଜୀବନ; ଯଥାର୍ଥରେ ଆପଣ ହିଁ ପରଂବ୍ରହ୍ମ ।

ନିର୍ଭୀକତା ହେଉଛି ବେଦାନ୍ତର ମୂଳମନ୍ତ୍ର । ବେଦାନ୍ତର ସନ୍ଦେଶ ହେଉଛି, ନିର୍ଭୀକତା, ଆତ୍ମଶକ୍ତି ଓ ଆତ୍ମାର ଏକତା ।

ବେଦାନ୍ତ ଧର୍ମାନ୍ତର ଗ୍ରହଣ କରିବାକୁ ବା ଧର୍ମ ତ୍ୟାଗ କରିବାକୁ ଆହ୍ୱାନ ଦିଏ ନାହିଁ; ବରଂ ବେଦାନ୍ତ ଜୀବ ଓ ପରମଙ୍କର ଆନ୍ତରିକ ଏକତାକୁ ଦୃଢ଼ନିଷ୍ଠାସ୍ଥ

କରେ ; ବେଦାନ୍ତ ପ୍ରତ୍ୟେକ ଜୀବର ଅନ୍ତରରେ ମୌଳିକ ପ୍ରଶ୍ନ ଉଠାଏ, "ସତରେ ମୁଁ କିଏ ? ମୋର ପ୍ରକୃତ ଆତ୍ମାଟି କିଏ ?"

ବେଦାନ୍ତ ଘୋଷଣା କରେ, "ମନୁଷ୍ୟ ଓ ପରମାତ୍ମାଙ୍କ ମଧ୍ୟରେ କୌଣସି ଭେଦ ନାହିଁ ।" ବେଦାନ୍ତ ଆପଣଙ୍କୁ ଆପଣଙ୍କର ପ୍ରକୃତ ଦିବ୍ୟସ୍ୱଭାବ ସ୍ମରଣ କରାଇଦିଏ । ବେଦାନ୍ତ କହେ; "ହେ କ୍ଷୁଦ୍ର ମନୁଷ୍ୟ ! ତୁମେ ନିଜକୁ ଏହି ଭଙ୍ଗୁର ଦେହ ବୋଲି ଭାବ ନାହିଁ । ଏହି ମୁଁ'ତ୍ୱ ଓ ମୋର'ତ୍ୱ ପରିତ୍ୟାଗ କର । ତୁମେ ତୁମର ପଡ଼ୋଶୀକୁ ବା ତୁମର ଭାଇକୁ ଘୃଣା କର ନାହିଁ । ତାଙ୍କୁ ଶୋଷଣ କର ନାହିଁ । ତାଙ୍କର ଆତ୍ମା ତୁମର ଆତ୍ମାଠାରୁ ଅଭିନ୍ନ । ସକଳଙ୍କଠାରେ ଏକ ଆତ୍ମା, ଏକ ଚୈତନ୍ୟ ବିଦ୍ୟମାନ । ରାଜା ପ୍ରଜା, କୀଟ ପତଙ୍ଗ, ବିରାଡ଼ି କୁକୁର, ନରନାରୀ, ମୋଚି ଝାଡ଼ୁଦାର—ସମସ୍ତଙ୍କର ଆତ୍ମା ଏକ ଓ ଅଭିନ୍ନ । ଏହି ସର୍ବମୟ ଆତ୍ମା ହିଁ ପ୍ରକୃତ ବସ୍ତୁ । ମନ ହେଉଛି ବିଭେଦକାରୀ ତତ୍ତ୍ୱ । ମନହିଁ ପ୍ରଲୁବ୍ଧ କରୁଛି ମନ ହିଁ ମାୟା ସୃଷ୍ଟି କରୁଛି । ଏହି ଦୁଷ୍ଟ ମନକୁ ବିନାଶ କର । ଏ ଯେଉଁ ଇନ୍ଦ୍ରିୟଗଣ ତୁମକୁ ବାହ୍ୟ ଅସାର ବସ୍ତୁ ଆଡ଼କୁ ଟାଣି ନେଉଛନ୍ତି, ଏମାନଙ୍କୁ ସଂଯତ କର । ମନକୁ ମୂଳାଧାରରେ ସ୍ଥିର ରଖ । ମନ ଓ ଦେହ ଭାବନାଠାରୁ ଉପରକୁ ଉଠ, କାମନାର ମୂଳୋତ୍ପାଟନ କର । ବାସ୍ତବ ସତ୍ତାକୁ ଅବାସ୍ତବଠାରୁ ପୃଥକ କରିବାକୁ ଶିଖ । ନିଜକୁ ଏହି ଅମର, ଅଦ୍ୱୈତ, ସ୍ୱୟମ୍ଭୂ, ସ୍ୱୟଂପ୍ରଭ ସତ୍‌ସ୍ୱରୂପଙ୍କଠାରୁ ଅଭିନ୍ନ ବୋଲି ଗ୍ରହଣ କର । ସେହି ଏକ ପରମାତ୍ମାଙ୍କୁ ସର୍ବତ୍ର ଦର୍ଶନ କର । ସେହି ଏକଙ୍କୁ ଅନେକରେ ଦର୍ଶନ କର । ତୁମର ସକଳ ଦୁଃଖର ପରିସମାପ୍ତି ଘଟିବ ।"

ବେଦାନ୍ତର ଛାତ୍ର ନେତି ନେତି ମତବାଦର ନିତ୍ୟ ଅଭ୍ୟାସ କରେ । ସେ କହେ, "ମୁଁ ଏହି ଭଙ୍ଗୁର ଦେହ ନୁହେଁ, କି, ମୁଁ ଏହି ମନ ନୁହେଁ । ମୁଁ ଏହି ପ୍ରାଣ ନୁହେଁ କି ଇନ୍ଦ୍ରିୟ ନୁହେଁ ।" ନେତି ନେତି ଅର୍ଥ ଏହା ନୁହେଁ, ଏହା ନୁହେଁ । ଏହା ହେଉଛି ପ୍ରତ୍ୟାଖ୍ୟାନ ମାର୍ଗ । କିନ୍ତୁ ବେଦାନ୍ତର ଛାତ୍ର ସର୍ବବ୍ୟାପୀ ଆତ୍ମାଙ୍କ ସହିତ ନିଜର ଅଭିନ୍ନତ୍ୱ ପ୍ରତିଷ୍ଠା କରିବାକୁ ଚେଷ୍ଟା କରେ । ଏହି ଅଭ୍ୟାସ, ଏହି ସାଧନାର ପରିସମାପ୍ତି ଘଟେ ଆତ୍ମସାକ୍ଷାତ୍‌କାରରେ । ଏହି ସାଧନା ଫଳରେ ସାଧକଙ୍କ ଜ୍ଞାନ କ୍ଷେତ୍ରରେ ସର୍ବବ୍ୟାପୀ ବ୍ରହ୍ମଙ୍କର ପ୍ରତ୍ୟକ୍ଷ ଦର୍ଶନ ମିଳିଯାଏ ।

ବେଦାନ୍ତ ଅଧ୍ୟୟନ କରିବାକୁ ଯୋଗ୍ୟ କିଏ ?— ସାଧାରଣରେ ଯେପରି ଭାବନ୍ତି, ବେଦାନ୍ତର ମାର୍ଗ ସେପରି ସହଜ ନୁହେଁ । ଏ ମାର୍ଗ ଏକ

ତୀକ୍ଷ୍ଣ କ୍ଷୁରଧାର ମାର୍ଗ । ତେଣୁ ଏ କଥା ନିଶ୍ଚିତ ଯେ, ଏ ମାର୍ଗ ସମସ୍ତଙ୍କପାଇଁ ଉଦ୍ଦିଷ୍ଟ ନୁହେଁ ।

'ସୋହଂ, ଶିବୋହଂ, ଅହଂ ବ୍ରହ୍ମାସ୍ମି' ବୋଲି ଶୁଆ ପଢ଼ିଲପରି କହିଦେବା ନିତାନ୍ତ ସହଜ । କିନ୍ତୁ ବେଦାନ୍ତର ଚେତନାରେ ଉଜ୍ଜୀବିତ ହୋଇ ଜୀବନ ଯାପନ କରିବା, ସର୍ବଜୀବର ଚେତନାରେ ଅଭିନ୍ନତ୍ୱ ଉପଲବ୍ଧି କରିବା, ଯଥାର୍ଥରେ ତତ୍-ତ୍ୱଂ-ଅସିର 'ତତ୍' ହୋଇପାରିବା ତଥା ବ୍ରାହ୍ମିକ ଆହ୍ଲାଦ ଓ ଶାନ୍ତି ବିକିରଣ କରିପାରିବା ଏକ ଅତ୍ୟନ୍ତ କଠିନ ବ୍ୟାପାର । ମଣିଷ ଯଦି ଏ ପଟେ 'ସୋହଂ ସୋହଂ' ଜପ କରୁଥିବ, ଅଥଚ ସେପଟେ ଅନ୍ୟଠାରୁ ପଦଟିଏ କର୍କଶ କଥା ଶୁଣିଦେଲେ, ବିକ୍ଷୁବ୍ଧ ହୋଇ ଯାଉଥିବ, ଯଦି ଅନ୍ୟ ସହିତ କଳହ କରିବାକୁ ଡେଇଁପଡ଼ୁଥିବ, ତେବେ ସେହି ଜପର କୌଣସି ଲାଭ ନାହିଁ । ସେ ଜପ ଏକ ଆତ୍ମପ୍ରବଞ୍ଚନା ମାତ୍ର । ସେପରି ଲୋକ ଅନ୍ୟମାନଙ୍କୁ ପ୍ରଭାବିତ କରିବାକୁ ସକ୍ଷମ ହୋଇପାରିବ ନାହିଁ । ଲୋକେ ତାକୁ ଭଣ୍ଡ ବୋଲି ଗଣିଦେବେ ।

ଯେଉଁମାନେ ପ୍ରକୃତ ସ୍ଥାୟୀ ଓ ଦୃଢ଼ ବୈରାଗ୍ୟର ଅର୍ଥାତ୍ ଅନାସକ୍ତିର ଅଧିକାରୀ ହୋଇପାରିଛନ୍ତି ଏବଂ ଯେଉଁମାନେ ତ୍ୟାଗର ପଥ ଅନୁସରଣ କରୁଛନ୍ତି, କେବଳ ସେମାନେ ହିଁ ବେଦାନ୍ତ ନିତ୍ୟାଭ୍ୟାସ କରିପାରିବେ । ଯେଉଁ ନିର୍ଦ୍ଦିଷ୍ଟ କେତେଜଣ ବ୍ୟକ୍ତି ନିତ୍ୟ ନିଷ୍କାମ-କର୍ମଯୋଗରେ ପ୍ରତିଷ୍ଠିତ ହୋଇ ତଥା ଉପାସନା କରି ମନର ସକଳ କଳୁଷ ସହିତ ମାନସିକ ବିକ୍ଷେପକୁ ମଧ୍ୟ ଦୂର କରିପାରିଛନ୍ତି ଏବଂ ଯେଉଁମାନେ ମୋକ୍ଷଲାଭର ଚତୁର୍ବିଧ ଉପାୟରେ ଭୂଷିତ ହୋଇପାରିଛନ୍ତି ବେଦାନ୍ତ କେବଳ ସେଇ ସ୍ୱଳ୍ପ କେତେଜଣଙ୍କ ନିମିତ୍ତ ଉଦ୍ଦିଷ୍ଟ ।

ଯୋଗ୍ୟ ଅଯୋଗ୍ୟ ନିର୍ବିଶେଷରେ ସର୍ବସାଧାରଣରେ ବେଦାନ୍ତ ପ୍ରଚାର କାମ୍ୟ ନୁହେଁ । ତାହା କଲେ ସର୍ବତ୍ର ବିଶୃଙ୍ଖଳା, ଓ ଅନଗ୍ରସରତା ବ୍ୟାପିଯିବ, କାରଣ ବେଦାନ୍ତ ତତ୍ତ୍ୱକୁ ସହଜରେ ହୃଦୟଙ୍ଗମ କରିହୁଏ ନାହିଁ, ବେଦାନ୍ତ ଦର୍ଶନର ଯଥାର୍ଥ ଉପଲବ୍ଧି ତଥା ସାଧନା ଅତ୍ୟନ୍ତ କଷ୍ଟକର ।

ବେଦାନ୍ତ ଦର୍ଶନର ସାର୍ବଜନୀନତା— ବେଦାନ୍ତ ମନୁଷ୍ୟ ସମାଜର ଅନ୍ୟ ସକଳଙ୍କ ସହିତ ବ୍ୟକ୍ତିର ଅଭିନ୍ନତା ପ୍ରତିପାଦନ କରେ । ବେଦାନ୍ତ ଅନୁଯାୟୀ ଜଗତରେ କେହି ଅପରିଚିତ ଲୋକ ନାହାନ୍ତି । ଜଗତର ସକଳ ମନୁଷ୍ୟ ଆତ୍ମାର ବନ୍ଧନରେ ପରସ୍ପର ସହିତ ସମ୍ପୃକ୍ତ । ପ୍ରତ୍ୟେକ ଅନ୍ୟ ପ୍ରତ୍ୟେକର ଆତ୍ମୀୟ । ବେଦାନ୍ତରେ ମୋର ବା ମୋପାଇଁ ବୋଲି କିଛି ନାହିଁ ; ଅଛି ଆମର ଓ ଆମପାଇଁ ଏବଂ ଏହି ଭାବର ଅନ୍ତିମ ପରିଣତିସ୍ୱରୂପ ଜାଗ୍ରତ ହୁଏ ସେ ଓ ତାଙ୍କପାଇଁ । ଯଦି

ବେଦାନ୍ତ ଦର୍ଶନକୁ ସମୁଚିତଭାବରେ ହୃଦୟଙ୍ଗମ କରାଯାଏ, ଯଥାର୍ଥରେ କାର୍ଯ୍ୟରେ ଲଗାଯାଏ, ତେବେ ଜଗତରେ ସାମ୍ପ୍ରଦାୟିକତା ତଥା ଜାତିଆଣ ବିଦ୍ୱେଷରୁ ଯେତେସବୁ ଅମଙ୍ଗଳ ସୃଷ୍ଟି ହେଉଛି, ସେସବୁ ସମ୍ପୂର୍ଣ୍ଣ ଲୋପ ପାଇଯିବ ।

ବେଦାନ୍ତ କୌଣସି ଧର୍ମ ବିଶ୍ୱାସ ବା କୌଣସି ପ୍ରକାର ଉପାସନା ପଦ୍ଧତି ନୁହେଁ ବେଦାନ୍ତ ହେଉଛି ସତ୍ ଜୀବନଯାପନର ବିଜ୍ଞାନ । ଏହାକୁ କେବଳ ହିନ୍ଦୁମାନଙ୍କର ବା ସଂସାରତ୍ୟାଗୀମାନଙ୍କର ଏକଚାଟିଆ ସମ୍ପତ୍ତି ବୋଲି କୁହାଯାଇ ନ ପାରେ । ଏହା ସମସ୍ତଙ୍କର ।

ବେଦାନ୍ତ ସମସ୍ତଙ୍କର ସମ୍ପତ୍ତି । ବେଦାନ୍ତ କୌଣସି ଧର୍ମ ସହିତ ବିବାଦ କରେ ନାହିଁ । ବେଦାନ୍ତ ଯେଉଁ ତତ୍ତ୍ୱ ପ୍ରଚାର କରେ, ତାହା ବିଶ୍ୱଜନୀନ ତତ୍ତ୍ୱ; ବେଦାନ୍ତ ହେଉଛି ଏକମାତ୍ର ବିଶ୍ୱଜନୀନ ସନାତନ ଧର୍ମ । ବେଦାନ୍ତ ହେଉଛି ଏକ ବିରାଟ ସାମ୍ୟସାଧନ । ବେଦାନ୍ତ ସମସ୍ତଙ୍କୁ ସମ୍ମିଳିତ କରାଏ । ବେଦାନ୍ତର ପ୍ରାଙ୍ଗଣରେ ସମସ୍ତଙ୍କପାଇଁ ସ୍ଥାନ ରହିଛି ।

ଜଗତର ସକଳ ଧର୍ମ ବେଦାନ୍ତର ଅନ୍ତର୍ଭୁକ୍ତ ଏବଂ ସକଳ ଧର୍ମକୁ ସୁଦୃଢ଼ ତଥା ସଦୁପଯୋଗୀ କରିଦେବାକୁ ବେଦାନ୍ତ ସକ୍ଷମ । ବେଦାନ୍ତ କସ୍ମିନ୍‌କାଳେ ଧର୍ମର ବିଧିବିଧାନରେ ହସ୍ତକ୍ଷେପ କରେ ନାହିଁ । ବେଦାନ୍ତ କେବଳ ଧର୍ମର ପ୍ରାଣ ସହିତ ସଂପୃକ୍ତ । ଯେଉଁମାନେ ଖ୍ରୀଷ୍ଟିୟାନ, ସେମାନେ ଖ୍ରୀଷ୍ଟଧର୍ମ ତ୍ୟାଗ କରିବା ଅନାବଶ୍ୟକ ; ଯେଉଁମାନେ ବୌଦ୍ଧ, ସେମାନେ ମହାନ ଅଷ୍ଟାଙ୍ଗ ମାର୍ଗରେ ନିଷ୍ଠା ରଖି ଚାଲନ୍ତୁ । ମହମ୍ମଦୀୟମାନେ କୋରାନ୍‌ରେ ନିଷ୍ଠା ରଖନ୍ତୁ । ତଥାପି ସ୍ୱଧର୍ମରେ ନିଷ୍ଠାପର ହେବା ସଙ୍ଗେ ସଙ୍ଗେ, ସେମାନେ ବେଦାନ୍ତମାର୍ଗ ଅନୁସରଣ କରି ପାରିବେ ଏବଂ କାର୍ଯ୍ୟତଃ ତାର ସମସ୍ତ ତୁଙ୍ଗ ଆଦର୍ଶ ଓ ଗଭୀର ସତ୍ୟ ଉପଲବ୍ଧି କରିପାରିବେ । ପୁଣି ତା ଫଳରେ ସ୍ୱ ସ୍ୱ ଧର୍ମାଚାର୍ଯ୍ୟ ଓ ଧର୍ମଗ୍ରନ୍ଥପ୍ରତି ସେମାନଙ୍କର ଭକ୍ତି ଓ ଶ୍ରଦ୍ଧା ଅଧିକ ନମ୍ର, ଅଧିକ ଉଜ୍ଜ୍ୱଳ ଓ ଅଧିକ ଦୃଢ଼ ହୋଇଯିବ । ଜଗତରୁ ଧର୍ମଗତ ଶତ୍ରୁତା ସମ୍ପୂର୍ଣ୍ଣ ଶେଷ ହୋଇଯିବ ଓ ଜଗତ ସମସ୍ତ ପ୍ରକାର କଳହ ଓ ଦ୍ୱନ୍ଦ୍ୱରୁ ବିମୁକ୍ତ ହୋଇ ଅଧିକ ସମ୍ମାନର ସହିତ, ଅଧିବାସୀମାନଙ୍କ ମଧ୍ୟରେ ଅଧିକ ସଦ୍‌ଭାବନା ରକ୍ଷାକରି ତାର ମହାନ ଲକ୍ଷ୍ୟ ଲାଭ ପଥରେ ଅଗ୍ରସର ହୋଇ ପାରିବ ।

ବେଦାନ୍ତ ଅର୍ଥ ଦାସତ୍ୱବିମୋଚନ । ବେଦାନ୍ତ ସମସ୍ତଙ୍କୁ ସ୍ୱାଧୀନତା ପ୍ରଦାନ କରେ । ଗୋଷ୍ଠୀବର୍ଣ୍ଣ ନିର୍ବିଶେଷରେ ସେ ସମସ୍ତଙ୍କୁ ହୃଦୟରେ ସ୍ଥାନ ଦିଏ । ସମସ୍ତଙ୍କୁ ଆପଣାର କରେ । ବେଦାନ୍ତ ହେଉଛି ଉପନିଷଦର ଧର୍ମ, ପରମହଂସ ସନ୍ନ୍ୟାସୀମାନଙ୍କର ଧର୍ମ ।

ବେଦାନ୍ତ କଦାପି କୌଣସି ମନୁଷ୍ୟକୁ ଅପଦାର୍ଥ ବୋଲି ଭର୍ତ୍ସନା କରେ ନାହିଁ; କାହାରିକୁ ଅଭିଶପ୍ତ ବୋଲି ଘୃଣା କରେ ନାହିଁ ବରଂ ସେ ସକଳ ମାନବ-ଗୋଷ୍ଠିଙ୍କୁ ନିଜର ବାହୁଚ୍ଛାୟାତଳେ ଗ୍ରହଣ କରେ। ବେଦାନ୍ତର ଦୃଷ୍ଟିକୋଣ ଅତ୍ୟନ୍ତ ଉଦାର, ଅତୀବ ସାର୍ବଜନୀନ।

ବେଦାନ୍ତ ଆଧୁନିକ ସମାଜକୁ ଏକ ସାର୍ବଜନୀନ ଧର୍ମବିଶ୍ୱାସ, ଏକ ସାର୍ବଜନୀନ ବିଧାନସଂହିତା, ଏକ ସାର୍ବଜନୀନ ନୈତିକଅନୁଶାସନ ପଦ୍ଧତି ଯୋଗାଇଦେବାକୁ ସମର୍ଥ। ବେଦାନ୍ତର ଦୃଷ୍ଟିକୋଣ ଅତ୍ୟନ୍ତ ବୈଜ୍ଞାନିକ ଏବଂ ଆଧୁନିକ ନରନାରୀଙ୍କ ପ୍ରତି ବେଦାନ୍ତର ଏକ ଯଥାର୍ଥ ଆକର୍ଷଣ ରହିଛି।

ବେଦାନ୍ତ-ଦର୍ଶନପରି ନିର୍ଭୀକ ଉନ୍ନତ ଦର୍ଶନ ଆଉ ନାହିଁ। ଏକମାତ୍ର ବେଦାନ୍ତହିଁ ମାନବଙ୍କ ଦୁଃଖଦୁର୍ଦ୍ଦଶାର ସମ୍ପୂର୍ଣ୍ଣ ବିନାଶ କରିବାକୁ ତଥା ଜଗତକୁ ଚିରନ୍ତନ ଶାନ୍ତି ଓ ଆନନ୍ଦ ପ୍ରଦାନ କରିବାକୁ ସମର୍ଥ। ଏପରିକି, ବେଦାନ୍ତର ସାମାନ୍ୟମାତ୍ର ଅଭ୍ୟାସ, ସାମାନ୍ୟମାତ୍ର ଉପଲବ୍ଧି ମଧ୍ୟ ମନୁଷ୍ୟକୁ ବ୍ରହ୍ମତ୍ୱର ଅର୍ଥାତ୍ ଈଶ୍ୱରଚେତନାର ସୁଉଚ୍ଚ ଚୂଡ଼ାକୁ ଉତ୍ଥିତ କରିଦେଇପାରେ ଏବଂ ସାଂସାରିକ ଜୀବନର ସକଳ ପ୍ରକାର ଭୟ, ବ୍ୟସ୍ତତା ତଥା କାତରତାର ପରିସମାପ୍ତି ଘଟାଇପାରେ।

ଏକ ଭ୍ରାନ୍ତଧାରଣା— କେବଳ କେତେକ ଅଜ୍ଞ ଲୋକହିଁ କହିଥାନ୍ତି ଯେ, ବେଦାନ୍ତ ଅନୈତିକତା, ଘୃଣା ଓ ନୈରାଶ୍ୟବାଦ ପ୍ରଚାର କରେ। ସେମାନେ ଏ ଯେଉଁ ଭୁଲ କରିବସନ୍ତି, ଏହା ବଡ଼ ପରିତାପର ବିଷୟ।

ଅନୈତିକତା ପ୍ରଚାର କରିବା ତ ଦୂରର କଥା, ବେଦାନ୍ତ ନୈତିକତାପ୍ରତି କୌଣସି ଉଦାସଭାବ ମଧ୍ୟ ପୋଷଣ କରେ ନାହିଁ। ବେଦାନ୍ତ ଚାହେଁ ଯେ, ଆପଣ ମୋହ ଅର୍ଥାତ୍ ସ୍ୱାର୍ଥପ୍ରଣୋଦିତ ପ୍ରେମ ତଥା ଦୈହିକ ପ୍ରେମ ବିନାଶ କରନ୍ତୁ ଏବଂ ପବିତ୍ର ନିସ୍ୱାର୍ଥପର ବିଶ୍ୱପ୍ରେମ ଅର୍ଥାତ୍ ମହାନ ଦିବ୍ୟପ୍ରେମ ବିକାଶ କରନ୍ତୁ। ଯେଉଁମାନେ ନୈତିକତା ବିବର୍ଜିତ, ସେମାନଙ୍କ ପକ୍ଷରେ ବ୍ରହ୍ମୋପଲବ୍ଧି ଲାଭ କରିବା ଅସମ୍ଭବ।

ବେଦାନ୍ତ କସ୍ମିନ୍‌କାଳେ ନୈରାଶ୍ୟବାଦ ପ୍ରଚାର କରେ ନାହିଁ। ବରଂ ବେଦାନ୍ତ ପ୍ରଚାର କରେ ଶୀର୍ଷତମ ଆଶାବାଦ। ବେଦାନ୍ତ ପ୍ରଚାର କରେ "ଏହି ସାମାନ୍ୟ ମାୟାବିଜଡ଼ିତ ସୁଖ ପରିହାର କର। ତୁମେ ଅସୀମ ଶାଶ୍ୱତ ଆନନ୍ଦ ଲାଭ କରିପାରିବ। ଏହି କ୍ଷୁଦ୍ର 'ମୁଁ'ଟି ବିନାଶ କର। ତୁମେ ଅନନ୍ତଙ୍କ ସହିତ ନିଜର

ଅଭିନ୍ନତ୍ୱ ପ୍ରତିପାଦନ କରିପାରିବେ। ତୁମେ ଅମର ହୋଇପାରିବ। ଏହି ମାୟାପୂର୍ଣ୍ଣ ସଂସାର ପରିହାର କର। ତୁମେ ପରମଶାନ୍ତିର ବିଶାଳ ସାମ୍ରାଜ୍ୟ ଅର୍ଥାତ୍ ଭଗବତ୍ "ସାମ୍ରାଜ୍ୟ ଲାଭ କରିପାରିବ।" ଏହାକୁ କଣ ନୈରାଶ୍ୟବାଦ କୁହାଯାଏ? କଦାପି ନୁହେଁ। ଏହା ତ ଅତି ଚମତ୍କାର ଆଶାବାଦ।

ବେଦାନ୍ତ ଓ ସମାଜବାଦ— କେତେକ କହନ୍ତି, "ଯେହେତୁ ବେଦାନ୍ତ ସମଦୃଷ୍ଟି ଓ ସମଆଚରଣରେ ଦୋହା ଦିଏ, ତେଣୁ ସମାଜବାଦୀ ଆନ୍ଦୋଳନ ମଧ୍ୟ ବେଦାନ୍ତର ଏକ ଅଙ୍ଗ। ଆମେ ସବୁ ବେଦାନ୍ତୀ।"

ସମାଜବାଦୀମାନେ କହନ୍ତି, "ଆମେ ପୁଞ୍ଜିବାଦୀମାନଙ୍କୁ ଚାହୁଁନା; ରାଜା-ମହାରାଜାମାନଙ୍କୁ ଚାହୁଁନା। ରାଜ୍ୟ ସରକାର ସବୁ ପିଲାଙ୍କର ଶିକ୍ଷା ବ୍ୟବସ୍ଥାର ଦାୟିତ୍ୱ ନେବେ। ସମସ୍ତଙ୍କପାଇଁ ଗୋଟିଏ ରନ୍ଧାଶାଳ ରହିବ; ଆମେ ସମସ୍ତଙ୍କୁ ସେଠାରୁ ଖାଦ୍ୟ ଯୋଗାଇଦେବୁ। ଆମେ ସିନେମା ଟିକେଟ ଯୋଗାଇଦେବୁ। ଆମେ ସବୁ ଲୋକଙ୍କର ଦାୟିତ୍ୱ ନେବୁ। ନିଜ ନିଜର ଶକ୍ତି, ରୁଚି ଓ ନିପୁଣତା ଅନୁଯାୟୀ ସବୁ ଲୋକେ କାମ କରନ୍ତୁ। ସର୍ବସାଧାରଣଙ୍କୁ ପ୍ରଚୁର ବିଶ୍ରାମ, ପ୍ରଚୁର ଅଧ୍ୟୟନ-ସୁବିଧା ତଥା ଯଥେଷ୍ଟ ମନୋରଞ୍ଜନ, କ୍ରୀଡ଼ା କୌତୁକ ହସତାମସାର ସୁଯୋଗ ମିଳିବ। ଲୋକେ ଖୁସିରେ ରହିବେ। ଆଉ ଚିନ୍ତା କମ୍ପା ବ୍ୟସ୍ତତା ରହିବ ନାହିଁ। ଲୋକଙ୍କୁ ପ୍ରଚୁର ସୁଖାଦ୍ୟ ମିଳିବ।"

ଏହା ଏକ ସୁନ୍ଦର ଦର୍ଶନ; କିନ୍ତୁ ଏହା ହେଉଛି ବିରୋଚନର ଦର୍ଶନ। ଏହା ହେଉଛି ରକ୍ତମାଂସର ଦେହର ଦର୍ଶନ। ସେମାନଙ୍କର ଲକ୍ଷ୍ୟ ହେଉଛି ଆରାମପ୍ରଦ ଜୀବନ। କିନ୍ତୁ ଆରାମପ୍ରଦ ଜୀବନ ହେଉଛି ଶାନ୍ତିର ଶତ୍ରୁ; ଦିବ୍ୟଜ୍ଞାନର ଶତ୍ରୁ। ମିଷ୍ଟପିଠା ମନୁଷ୍ୟକୁ ପୂର୍ଣ୍ଣତା ପ୍ରଦାନ କରିପାରିବ ନାହିଁ, ଅମର କରିପାରିବ ନାହିଁ ତାହା ମୁକ୍ତି ପ୍ରଦାନ କରିପାରିବ ନାହିଁ। ତାହା ବ୍ରହ୍ମଜ୍ଞାନ ଲାଭରେ ସହାୟକ ହୋଇପାରିବ ନାହିଁ।

ସମାଜର ମୂଳଦୁଆ ପରମ ପୁରୁଷ ବା ଆତ୍ମାଙ୍କ ଉପରେ ପ୍ରତିଷ୍ଠିତ। ସମସ୍ତ ବିଶ୍ୱ, ସକଳ ଦେହ, ମନ ଓ ଇନ୍ଦ୍ରିୟର ପଛଭୂମି ବା ଭିତ୍ତିଭୂମି ହେଉଛନ୍ତି ପରମ୍ବ୍ରହ୍ମ ବା ପରମାତ୍ମା, ଅମର-ଅଜର-ଅକ୍ଷୟ-ଅବ୍ୟୟ ଆତ୍ମା। ଯେଉଁ ମତବାଦ ଏପରି ଏକ ମୂଳାଧାର, ଏପରି ଏକ ଭିତ୍ତିଭୂମିର ଅସ୍ତିତ୍ୱ ଅସ୍ୱୀକାର କରେ, ଯେଉଁ ମତବାଦର ପରମଲକ୍ଷ୍ୟ, ପରମଧ୍ୟେୟ ଆତ୍ମସାକ୍ଷାତକାର ନୁହେଁ, ସେ ମତବାଦ ଅଳ୍ପକାଳ ମଧ୍ୟରେ ଶୂନ୍ୟତାରେ ପରିଣତ ହୋଇଯିବ।

ସର୍ବସାଧାରଣଙ୍କ ନିମନ୍ତେ ଗୋଟିଏ ରନ୍ଧନଶାଳା କରିଦେବା ବ୍ୟବସ୍ଥା ବେଦାନ୍ତ ନୁହେଁ । ସମାଜବାଦ ବେଦାନ୍ତ ନୁହେଁ । ସମାଜବାଦ ସବୁ ସାମାଜିକ ଦୋଷ ଦୁର୍ବଳତା, ସବୁ ଅମଙ୍ଗଳ ବିନାଶ କରିପାରିବ ନାହିଁ । ସମାଜବାଦ ମନୁଷ୍ୟର ପୂର୍ଣ୍ଣାଙ୍ଗ ଶାନ୍ତି ଓ ପୂର୍ଣ୍ଣାନନ୍ଦକୁ କୌଣସି ଅବଦାନ ଦେଇପାରିବ ନାହିଁ । ଯେଉଁ ଦର୍ଶନ, ଯେଉଁ ଅନୁଶାସନ ମନକୁ ସଂଯତ କରିବାରେ, ଇନ୍ଦ୍ରିୟକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇପାରେ, ଅଜ୍ଞତା ଦୂର କରି ଅବ୍ୟୟ-ଅକ୍ଷୟଙ୍କ ଜ୍ଞାନ ଲାଭରେ ସାହାଯ୍ୟ କରିପାରେ, କେବଳ ସେହି ଦର୍ଶନ ଓ ସେହି ଅନୁଶାସନ ହିଁ ମନୁଷ୍ୟକୁ ପରମାନନ୍ଦଲାଭ ପଥରେ, ଶାଶ୍ୱତସୁଖଲାଭ ପଥରେ, ଅମରତ୍ୱର ପଥରେ ମାର୍ଗ ପ୍ରଦର୍ଶନ କରିପାରେ ।

କୃତ୍ରିମ ବେଦାନ୍ତୀ — ଆଜିକାଲି ବେଦାନ୍ତ ଶବ୍ଦର ଘୋର ଅପବ୍ୟବହାର କରାଯାଉଛି । ଯାବତୀୟ ଆତ୍ମବଞ୍ଚନା, ଆତ୍ମଶ୍ଲାଘା, ଭଣ୍ଡାମି ଆଜି ବେଦାନ୍ତର ଛଦ୍ମବେଶ ଧରିବାକୁ ବସିଲେଣି । ନିଜକୁ ବେଦାନ୍ତୀ ବୋଲାଇବା ବର୍ତ୍ତମାନ ଏକ ସୌଖୀନରେ ପରିଣତ ହୋଇଗଲାଣି ।

ମଣିଷ ଆଜି ନିଜକୁ ଭକ୍ତ ବୋଲି କହିବାକୁ ଲଜ୍ଜା ବୋଧ କରୁଛି କିନ୍ତୁ ନିଜକୁ ଜଣେ ଯୋଗୀ ବା ବେଦାନ୍ତୀ ବୋଲି କହିବାରେ ସେ ଅନୁଭବ କରୁଛି ବିରାଟ ଗର୍ବ, କାରଣ ନିଜର ମୂର୍ଖତାବଶତଃ ସେ ଭାବୁଛି, ଏପରି ନାମ ଧରିଲେ ସେ ଲୋକରେ ସମ୍ମାନିତ ହେବ ।

ସ୍ୱୈରାଚାର ଓ ଉଚ୍ଛୃଙ୍ଖଳତାକୁ ଭ୍ରମବଶତଃ ବିକାଶପ୍ରାପ୍ତ ଜୀବନ ବୋଲି ଧରିନିଆଯାଉଛି । କିନ୍ତୁ ମଣିଷ ପୃଥିବୀର ଯେ କୌଣସି ସ୍ଥାନରେ, ଯେ କୌଣସି ହୋଟେଲରେ, ଯେ କୌଣସି ଖାଦ୍ୟ ଖାଇଦେଲେ ବା ଯେ କୌଣସି ସ୍ତ୍ରୀ ବା ପୁରୁଷ ସହିତ ସାମାଜିକ ସମ୍ପର୍କ ରଖି ବୁଲିପାରିଲେ ଅର୍ଥ ସେ ବେଦାନ୍ତୀ ହୋଇ ଗଲା ନାହିଁ । ଆଜିକାଲି ବେଦାନ୍ତ ସମ୍ବନ୍ଧରେ ବହୁ ଆସ୍ଫାଳନ ଶୁଣାଯାଏ । କର୍ମବିମୁଖ ଆଳସ୍ୟପରାୟଣ ଲୋକେ ବେଦାନ୍ତ ଆଲୋଚନା ନାମରେ ବହୁ ଗପସପ କରି କାଳକ୍ଷେପ କରିଚାଲିଛନ୍ତି । ସେମାନଙ୍କର କାର୍ଯ୍ୟକ୍ଷେତ୍ରରେ କୌଣସି ଯଥାର୍ଥ ବେଦାନ୍ତର ସ୍ଥାନ ନାହିଁ । କେହି କୌଣସି ପ୍ରକାର ଯଥାର୍ଥ ବାସ୍ତବ ବୈଦାନ୍ତିକ ସାଧନା କରିବାକୁ ପ୍ରସ୍ତୁତ ନୁହନ୍ତି । ଲୋକେ ଏକତା, ଏକାତ୍ମତା ଓ ସମତାର ଦୋହାଇ ଧରନ୍ତି କିନ୍ତୁ ଅତି ନଗଣ୍ୟ ଅର୍ଥହୀନ କଥାକୁ ନେଇ କଳହ କରିବସନ୍ତି । ବହୁ ବଡ଼କଥା କହୁଥିଲେ ମଧ୍ୟ, ସେମାନଙ୍କର ହୃଦୟ ଈର୍ଷା, ଦ୍ୱେଷ ଓ ଘୃଣାରେ ପୂର୍ଣ୍ଣ ହୋଇ ରହିଥାଏ । ଏସବୁ ଦେଖି ମୁଁ ବିସ୍ମିତ ହୋଇଯାଉଛି । ମୁଁ କିଛି କଳ୍ପନା କରିପାରୁ ନାହିଁ ।

ବେଦାନ୍ତଚର୍ଯ୍ୟା—ମୁଁ ପ୍ରୟୋଗାତ୍ମକ ବେଦାନ୍ତରେ ବିଶ୍ୱାସ କରେ । ମୁଁ ବାସ୍ତବ ଆଧ୍ୟାତ୍ମିକ ଚର୍ଯ୍ୟାରେ ବିଶ୍ୱାସ କରେ । ମୁଁ ସକଳ ପ୍ରକାର ସାଂପ୍ରଦାୟିକତା, ସାଂସାରିକ ମନୋବୃତ୍ତିର ବିଶୋଧନରେ ବିଶ୍ୱାସ କରେ ।

ଆପଣ ବେଦାନ୍ତକୁ ନିଜର ଦୈନିକ ଜୀବନରେ, ପ୍ରତ୍ୟେକ କାର୍ଯ୍ୟକଳାପରେ ପ୍ରୟୋଗ କରିବାକୁ ପଡ଼ିବ । ବେଦାନ୍ତ ସର୍ବଜନର ଐକ୍ୟ ବା ଏକାତ୍ମତା ଶିକ୍ଷା ଦିଏ । ଆପଣ ବ୍ୟକ୍ତି ନିର୍ବିଶେଷରେ ସମସ୍ତଙ୍କ ପ୍ରତି ପ୍ରେମ ପ୍ରଦର୍ଶନ କରନ୍ତୁ । ବେଦାନ୍ତର ମାଦକତା ଆପଣଙ୍କର ସର୍ବାଙ୍ଗରେ ଖେଳିଯିବାକୁ ପଡ଼ିବ । ତାର ଭାବଧାରା ଶିରାପ୍ରଶିରା ଓ ସ୍ନାୟୁ ଧମନୀଦେଇ ଅସ୍ଥିମଜ୍ଜାଗତ ହୋଇଯିବା ଆବଶ୍ୟକ । ବେଦାନ୍ତ ଆପଣଙ୍କର ପ୍ରକୃତିଗତ ହୋଇଯିବା ଆବଶ୍ୟକ । ଆପଣଙ୍କୁ ଏକତ୍ୱର ଚିନ୍ତା କରିବାକୁ ପଡ଼ିବ, ଏକତ୍ୱର ଭାଷା କହିବାକୁ ପଡ଼ିବ ଏବଂ ଏକତ୍ୱର କାର୍ଯ୍ୟ କରିବାକୁ ପଡ଼ିବ ।

ଆପଣଙ୍କୁ ଜଣେ କାର୍ମିକ ବେଦାନ୍ତୀ ହୋଇଯିବାକୁ ପଡ଼ିବ । ଆପଣଙ୍କୁ ବେଦାନ୍ତର ଦୃଷ୍ଟିଭଙ୍ଗି ନେଇ ବଞ୍ଚିବାକୁ ପଡ଼ିବ । ତତ୍ତ୍ୱକୁ କାର୍ଯ୍ୟ କ୍ଷେତ୍ରରେ ପ୍ରୟୋଗ ନ କରି, କେବଳ କଳ୍ପନାସର୍ବସ୍ୱ ବା ଭାଷଣସର୍ବସ୍ୱ କରିଦେଲେ ତାହା କେବଳ ଏକ ବୌଦ୍ଧିକ ବ୍ୟାୟାମରେ ବା ବାକ୍ ଯୁଦ୍ଧରେ ପରିଣତ ହୋଇଯିବ । ସେପରି କଲେ ଚଳିବ ନାହିଁ । ବେଦାନ୍ତ, ଚିତ୍ସୁଖୀ, ଖଣ୍ଡନ ଖଣ୍ଡ ଖାଦ୍ୟମ୍ ଇତ୍ୟାଦି ଉପରେ ଏଣୁ ତେଣୁ ଗୁଡ଼ାଏ ଗ୍ରନ୍ଥ ପଢ଼ିବା ଆବଶ୍ୟକ କଣ ? ସେପରି ଗୁଡ଼ାଏ ପଢ଼ିଲେ ଆପଣ ସେଇ ମାଦକତାର ଶିକାର ହୋଇ ପଥଭ୍ରଷ୍ଟ ହୋଇଯିବେ ।

ସୂର୍ଯ୍ୟ, ପୁଷ୍ପ, ଗଙ୍ଗା, ଚନ୍ଦନବୃକ୍ଷ, ଫଳରସ ବୃକ୍ଷ, ଗୋଧନ—ଏ ସମସ୍ତେ ଜଗତକୁ ବ୍ୟବହାରିକ ବେଦାନ୍ତ ଶିକ୍ଷା ଦିଅନ୍ତି । ସେମାନେ ଜନଗଣଙ୍କର ସେବା କରିବା ନିମନ୍ତେ ଏକ ନିସ୍ୱାର୍ଥପର ମନୋଭାବ ନେଇ ଜୀବନ ଧାରଣ କରନ୍ତି । ସୂର୍ଯ୍ୟ ନିଜର ଆଲୋକ ପ୍ରଦାନ କରି ରାଜା ମହାରାଜାଙ୍କର ମନ୍ଦିରକୁ ଯେପରି ଆଲୋକିତ କରନ୍ତି, ଦରିଦ୍ର କୃଷକର କୁଟୀରକୁ ମଧ୍ୟ ସେହିପରି ଆଲୋକିତ କରନ୍ତି । ପୁଷ୍ପ କୌଣସି ପ୍ରତିଦାନର ଅପେକ୍ଷା ନ ରଖି ସକଳଙ୍କୁ ନିଜର ସୁଗନ୍ଧ ବିତରଣ କରେ । ଗଙ୍ଗା ତାର ଶୀତଳ କ୍ଳାନ୍ତିହର ଜଳ ପାନ କରିବାକୁ କାହାରିକୁ ବାରଣ କରେ ନାହିଁ । ଚନ୍ଦନ ବୃକ୍ଷ ତ ତାକୁ କଠୋର ହସ୍ତରେ କର୍ତ୍ତନ କରୁଥିବା ବ୍ୟକ୍ତିକୁ ମଧ୍ୟ ସୁଗନ୍ଧ ପ୍ରଦାନ କରେ । ଫଳପ୍ରସୂ ବୃକ୍ଷମାନେ ମଧ୍ୟ ଅବିକଳ ସେହି ଆଚରଣ ପ୍ରଦର୍ଶନ କରନ୍ତି । ସେମାନେ ଯେ କେବଳ ସେମାନଙ୍କ ମୂଳରେ ଜଳଦାନ

କରୁଥିବା ଉଦ୍ୟାନମାଳୀକୁ ସନ୍ତୁଷ୍ଟ କରନ୍ତ, ତାହା ନୁହେଁ ; ସେମାନଙ୍କୁ ହାଣିକାଟି ହିଁ ଦେଉଥିବା ଲୋକଙ୍କୁ ମଧ୍ୟ ସେମାନେ ଫଳ ପ୍ରଦାନ କରନ୍ତି । ଗୋମାତା ଜୀବନ ଧରିଥାଏ ଶିଶୁ, କୁମାରକୁମାରୀ, ରୁଗ୍ଣ ଓ ଦୁର୍ବଳମାନଙ୍କ ପୋଷଣ କରିବାକୁ । ଯଦି ଛଅମାସ ପର୍ଯ୍ୟନ୍ତ ପୃଥିବୀର କୌଣସି ସ୍ଥାନରେ ଗାଈ ରହିବେ ନାହିଁ ବା ପୃଥିବୀରୁ ଗୋବଂଶ ସମ୍ପୂର୍ଣ୍ଣ ଲୋପ ପାଇଯିବ, ତେବେ ଆପଣ କେତେ ଦୁର୍ବଳ, କେତେ ଅସହାୟ ହୋଇ ନ ଯିବେ, ଥରେ କଳ୍ପନା କରି ଦେଖିଲେ । ପୃଥିବୀ ସାରା ରକ୍ତହୀନ ରୋଗୀ ପୂର୍ଣ୍ଣ ହୋଇଯିବେ । ହେ ସ୍ୱାର୍ଥପର ଅଜ୍ଞ ମନୁଷ୍ୟ, ଏହିସବୁ କାର୍ଯ୍ୟକ ବ୍ୟାବହାରିକ ବେଦାନ୍ତମାନଙ୍କଠାରୁ କିଛି ଶିକ୍ଷା କର; ପ୍ରକୃତ ଜ୍ଞାନୀ ହୁଅ ।

ବେଦାନ୍ତ ବା ବ୍ରହ୍ମଜ୍ଞାନ କେବଳ ସନ୍ନ୍ୟାସୀ ବା ତ୍ୟାଗୀମାନଙ୍କର ଏକ ଘରୁଟିଆ ସମ୍ପତ୍ତି ନୁହେଁ । ଉପନିଷଦ ପାଠ କଲେ ଦେଖିବେ, ଜୀବନଜଞ୍ଜାଳ ଭିତରେ ଅତ୍ୟନ୍ତ ବ୍ୟସ୍ତ ହୋଇ ରହିଥିବା ବହୁ କ୍ଷତ୍ରିୟ ରାଜା ମଧ୍ୟ ବ୍ରହ୍ମଜ୍ଞାନର ଅଧିକାରୀ ହୋଇପାରିଥିଲେ । ଏପରି କି ସେମାନେ ବ୍ରାହ୍ମଣ ପୁରୋହିତମାନଙ୍କୁ ମଧ୍ୟ ଶିକ୍ଷାଦାନ କରୁଥିଲେ ।

ବେଦାନ୍ତ କଷାୟବସନ ଆବଶ୍ୟକ କରେ ନାହିଁ । ବେଦାନ୍ତ ଚାହେଁନା ଯେ, ଆପଣଙ୍କୁ ହିମାଳୟର ପର୍ବତ କନ୍ଦରକୁ ଚାଲିଯିବାକୁ ପଡ଼ିବ । ଘରେ ରହି ମଧ୍ୟ ନିତ୍ୟ ବେଦାନ୍ତ ଅଭ୍ୟାସ କରାଯାଇପାରେ । ଜୀବନର ସକଳ ପରିସ୍ଥିତିରେ ବେଦାନ୍ତ ନିତ୍ୟ ଅଭ୍ୟାସ କରାଯାଇପାରେ ।

ବେଦାନ୍ତ ମାନବିକ ପ୍ରଚେଷ୍ଟା ବିରୁଦ୍ଧରେ ନେତିବାଦ ପ୍ରଚାର କରେ ନାହିଁ । ସେ କେବଳ ଚାହେଁ ଯେ, ଆପଣ ଆପଣଙ୍କର ଦୃଷ୍ଟିକୋଣ, ଆପଣଙ୍କର ଅଭିପ୍ରାୟ ବଦଳାଇଦିଅନ୍ତୁ । ଏ ପର୍ଯ୍ୟନ୍ତ ଏ ସଂସାର ହିଁ ଆପଣଙ୍କର ସର୍ବସ୍ୱ ହୋଇ ରହିଥିଲା । ଆଜିଠାରୁ ସେହି ପରମ ନିତ୍ୟବସ୍ତୁ, ସେହି ପରମବ୍ରହ୍ମ ଆପଣଙ୍କର ସର୍ବସ୍ୱ ହୋଇ-ଯାଆନ୍ତୁ ।

ନିତ୍ୟ କିଏ, ଅନିତ୍ୟ କିଏ, ତାହା ଚିହ୍ନିବାକୁ ଶିଖନ୍ତୁ । ସକଳ ଜୀବରେ ସକଳ ବସ୍ତୁରେ ପରମାତ୍ମାଙ୍କୁ ଦର୍ଶନ କରନ୍ତୁ । ନାମ ଓ ରୂପମାୟିକ । ତେଣୁ ତା ଉପରେ ଗୁରୁତ୍ୱ ଦିଅନ୍ତୁ ନାହିଁ । ଅନୁଭବ କରନ୍ତୁ ଯେ, କେବଳ ପରମାତ୍ମାଙ୍କ ଭିନ୍ନ ଅନ୍ୟ କିଛି ନାହିଁ, ଅନ୍ୟ କେହି ନାହାନ୍ତି । ଆପଣଙ୍କ ନିକଟରେ ଯାହା କିଛି ପାର୍ଥିବ, ମାନସିକ, ନୈତିକ ବା ଆଧ୍ୟାତ୍ମିକ ସମ୍ପତ୍ତି ରହିଛି, ତାହା ଅନ୍ୟମାନଙ୍କୁ ବଣ୍ଟନ କରି ବ୍ୟବହାର କରନ୍ତୁ । ସକଳଙ୍କଠାରେ ନିବସିତ ଆତ୍ମାଙ୍କୁ ସେବା କରନ୍ତୁ । ଅନ୍ୟର ସେବା କରୁଥିବାବେଳେ ଉପଲବ୍ଧି କରନ୍ତୁ ଯେ, ନିଜର ଆତ୍ମାର ସେବା

କରୁଛନ୍ତି । ପଡ଼ୋଶୀଙ୍କୁ ନିଜଭଳି ଦେଖନ୍ତୁ । 'ମୋର' 'ତାର' ବୋଲି ଯେତେସବୁ ପ୍ରଭେଦ ଦେଖୁଛନ୍ତି, ସେସବୁ ମାୟାଜାତ; ସେ ସମସ୍ତ ପ୍ରଭେଦକୁ ଜଳାଞ୍ଜଳି ଦେଇଦିଅନ୍ତୁ । ମନୁଷ୍ୟକୁ ମନୁଷ୍ୟଠାରୁ ପୃଥକ୍ କରି ରଖିଥିବା ସମସ୍ତ ପ୍ରତିବନ୍ଧକ ଦୂର କରିଦିଅନ୍ତୁ । ସମସ୍ତଙ୍କ ସହିତ ମିଳାମିଶା କରନ୍ତୁ । ସମସ୍ତଙ୍କୁ ହୃଦୟରେ ଲଗାନ୍ତୁ । ସତତ ସେହି ଆଦେହୀ ଅଲିଙ୍ଗୀ ଆତ୍ମାଙ୍କ ଚିନ୍ତା କରି କରି ସକଳ ଯୌନ ଚେତନା, ସମସ୍ତ ଦେହ ଚେତନାର ବିନାଶ କରନ୍ତୁ । କାର୍ଯ୍ୟରତ ଥିବାବେଳେ ଆତ୍ମାଙ୍କଠାରେ ଚିତ୍ତ ନିବେଶ କରନ୍ତୁ । ଏହା ହେଉଛି ବ୍ୟାବହାରିକ ବେଦାନ୍ତ । ଏହା ହିଁ ଉପନିଷଦର ସମସ୍ତ ଶିକ୍ଷାର ସାର, ଏହା ହିଁ ପ୍ରାଚୀନ ମୁନିଋଷିମାନଙ୍କର ଉପଦେଶର ସାର । ଏହା ହିଁ ହେଉଛି ଆତ୍ମାଙ୍କଠାରେ ନିତ୍ୟନିବାସୀ ପ୍ରକୃତ ଜୀବନ । ଏହି ବିଷୟଗୁଡ଼ିକୁ ଦୈନନ୍ଦିନ ଜୀବନସଂଗ୍ରାମର କର୍ମକ୍ଷେତ୍ରରେ ବ୍ୟବହାରରେ ଲଗାନ୍ତୁ । ଆପଣ ବି ଜଣେ ନିଷ୍ଠାଶୀଳ ଯୋଗୀଙ୍କପରି, ଜଣେ ଜୀବନ୍ମୁକ୍ତଙ୍କପରି ଉଦ୍ଭାସିତ ହୋଇଉଠିବେ । ଏଥିରେ ସନ୍ଦେହ କରିବାର କିଛି ନାହିଁ ।

●

ଉପନିଷଦ୍

ଉପନିଷଦଗୁଡ଼ିକ ଗୋଟିଏ ଗୋଟିଏ ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ ଗ୍ରନ୍ଥ । ପ୍ରତ୍ୟେକଟି ଉପନିଷଦ ବେଦାନ୍ତର ଉତ୍କୃଷ୍ଟ ଚିନ୍ତାଧାରାରେ ତଥା ସ୍ୱୀକୃତ ସାର୍ବଜନୀନ ସତ୍ୟରେ ପରିପୂର୍ଣ୍ଣ । ଭାରତୀୟ ଋଷିଗଣ ପରମାତ୍ମ ସମ୍ବନ୍ଧୀୟ ମୌଳିକ ଜ୍ଞାନ ଅବଧାରଣ କରିବାକୁ ଆପ୍ରାଣ ସାଧନା କରିଥିଲେ । ସେମାନେ ମନୁଷ୍ୟ ତଥା ବ୍ରହ୍ମାଣ୍ଡର ଉତ୍ପତ୍ତି, ପ୍ରକୃତି ଓ ପରିଣତି ସମ୍ବନ୍ଧୀୟ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ । ସେମାନେ ଜୀବନ ଓ ଜ୍ଞାନର ମୂଳ୍ୟ ତଥା ତାତ୍ପର୍ଯ୍ୟ ଅବଧାରଣ କରିବାକୁ ପ୍ରବଳ ପ୍ରୟାସ କରିଥିଲେ । ଜୀବନ ଓ ଜଗତର ଆଧାର କଣ ? ବ୍ୟକ୍ତିସହିତ ଅଦୃଷ୍ଟ ବା ପରମାତ୍ମାଙ୍କର ସମ୍ପର୍କ କଣ ? ଏହିପରି ବିଭିନ୍ନ ସମସ୍ୟାର ସମାଧାନ କରିବାକୁ ସେମାନେ ଉଦ୍ୟମ କରିଥିଲେ । ମୁଁ କିଏ ? ଏ ଜଗତ୍ ବା ସୃଷ୍ଟି କଣ ? ଆମେ କେଉଁଠାରୁ ଆସିଛୁ ବା ଉତ୍ପତ୍ତିଲାଭ କରିଛୁ ? ଆମେସବୁ କାହା ଉପରେ ଆଶ୍ରିତ ? ଆମେ କେଉଁଠାକୁ ଯାଉ ? ଅମରତ୍ୱ, ମୁକ୍ତି, ସିଦ୍ଧି, ନିତ୍ୟାନନ୍ଦ, ଶାଶ୍ୱତଶାନ୍ତିବୋଲି କିଛି ଅଛି କି ? ଆତ୍ମା ବା ବ୍ରହ୍ମ (ଅଜର ଅମର ଅପରିଣାମୀ ସ୍ୱୟମ୍ଭୂ ପରମାତ୍ମା ବା ପରଂବ୍ରହ୍ମ) ବୋଲି କେହି ଅଛନ୍ତି କି ? ଅମରତ୍ୱ ଲାଭ ବା ବ୍ରହ୍ମୋପଲବ୍ଧିର ଉପାୟ କଣ—ଏପରି ଯେଉଁସବୁ ବିରାଟ ପ୍ରଶ୍ନ ରହିଛି, ସେସବୁର ସନ୍ତୋଷଜନକ ସମାଧାନ ଖୋଜି ପାଇବାକୁ ସେମାନେ ଏକନିଷ୍ଠ ଉଦ୍ୟମ କରିଥିଲେ ।

ଉପନିଷଦପରି ଚମତ୍କାର ହୃଦୟ-ଆଲୋଡ଼ନକାରୀ ପ୍ରେରଣାପ୍ରଦ ଗ୍ରନ୍ଥ ଜଗତରେ ଦ୍ୱିତୀୟ ଆଉ ନାହିଁ । ଉପନିଷଦ ପ୍ରଦର୍ଶିତ ଦର୍ଶନ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଉଭୟ ଜଗତର ବହୁ ନରନାରୀଙ୍କୁ ଆତ୍ମଶାନ୍ତି ପ୍ରଦାନ କରେ । ବିଶ୍ୱଇତିହାସ ଅଧ୍ୟୟନ କଲେ ଜଣାଯାଏ ଯେ, ଏପରି ଅନ୍ୟ କୌଣସି ବିଷୟ ଅବଧାରଣ କରିବା ମନୁଷ୍ୟ ବୁଦ୍ଧିରେ ସମ୍ଭବ ହୋଇପାରି ନାହିଁ, ଯାହା କି ଉପନିଷଦର ଉପଦେଶାବଳୀ ଠାରୁ ଅଧିକ ମହତ୍ତର, ଅଧିକ ଉନ୍ନତତର ହୋଇପାରେ ।

ଉପନିଷଦଗୁଡ଼ିକ ଗଭୀର ଦାର୍ଶନିକ ବିଚାରରେ ପରିପୂର୍ଣ୍ଣ । ସେଗୁଡ଼ିକ ଦାର୍ଶନିକ ବିଚାରର ସର୍ବୋଚ୍ଚ ଉତ୍କର୍ଷ ରୂପେ ପରିଗଣିତ । ଉପନିଷଦର ଅନ୍ତର୍ନିହିତ

ମୂଲ୍ୟ ଅତି ବିରାଟ । ତାର ପ୍ରତ୍ୟେକଟି ଶ୍ଳୋକ ଗଭୀର ତାତ୍ପର୍ଯ୍ୟପୂର୍ଣ୍ଣ । ଭାଷା ଅତି ଚମତ୍କାର । ଜଗତର ବିଭିନ୍ନ ଧର୍ମ ଓ ବିଭିନ୍ନ ଦର୍ଶନକୁ ଉପନିଷଦ ଧାରାବାହିକଭାବରେ ପ୍ରଭାବିତ କରିଆସିଛି ଏବଂ ଭବିଷ୍ୟତରେ ମଧ୍ୟ ଯେ ସେହିପରି ପ୍ରଭାବିତ କରି ଚାଲିବ, ସେଥିରେ କୌଣସି ସନ୍ଦେହ ନାହିଁ । ଉପନିଷଦ ପରମ ଅସ୍ତିତ୍ୱର ଯେଉଁ ରୂପ ପ୍ରଦାନ କରେ, ତାହା ନିଶ୍ଚିତଭାବରେ ମନୁଷ୍ୟର ବୈଜ୍ଞାନିକ, ଦାର୍ଶନିକ ତଥା ଆଧ୍ୟାତ୍ମିକ ଅଭିଳାଷକୁ ପୂର୍ଣ୍ଣ କରିପାରିବ ।

ଉପନିଷଦର ସୃଷ୍ଟି— ପ୍ରାଚୀନ ମୁନିଋଷିଗଣ ତପଃ ସାଧନ କରି ଅନ୍ତର୍ଦୃଷ୍ଟିପାତ କରି, ଆତ୍ମସମୀକ୍ଷା କରି ଅନ୍ତରନିବାସୀ ପବିତ୍ର ପରମାତ୍ମାଙ୍କ ବିଷୟରେ ଚିନ୍ତନ କରି; ଆତ୍ମଜିଜ୍ଞାସା କରି ମହତ୍ ଜୀବନ ଯାପନ କରୁଥିଲେ । ଫଳରେ ସେମାନେ ଆତ୍ମସାକ୍ଷାତକାର ଲାଭ କରିପାରିଥିଲେ । ସେମାନେ ନିଗୁଢ଼ ସତ୍ୟଗୁଡ଼ିକର ଅତି ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଅନ୍ତର୍ଜ୍ଞାନ ଲାଭ କରିଥିଲେ । ସେମାନଙ୍କର ସେହି ସ୍ୱଜ୍ଞାସମ୍ଭୂତ ରହସ୍ୟମୟ, ପ୍ରତ୍ୟକ୍ଷ-ଅନ୍ତରଙ୍ଗ ଅନୁଭୂତିସକଳ ଉପନିଷଦ ନାମକ ଏହି ପବିତ୍ର ଗ୍ରନ୍ଥ-ଗୁଡ଼ିକରେ ଲିପିବଦ୍ଧ ହୋଇଛି । ସେଗୁଡ଼ିକୁ କୌଣସି ବିଜ୍ଞାନ ଖଣ୍ଡନ କରିପାରିବ ନାହିଁ । ସକଳ ଦର୍ଶନ ଘୋଷଣା କରନ୍ତି ଯେ, ସେହି ଅନୁଭୂତି ଲାଭ କରିବା ହିଁ ସେମାନଙ୍କର ସକଳ ପ୍ରଚେଷ୍ଟାର ଚୂଡ଼ାନ୍ତ ଲକ୍ଷ୍ୟ ।

ଅଜ୍ଞତା ହେଉଛି ସଂସାରର ମୂଳବୀଜ । ଉପନିଷଦଜ୍ଞାନ ଲାଭ କଲେ ସେହି ଅଜ୍ଞତା ନଷ୍ଟ ହୋଇଯାଏ । ଉପନିଷଦର ଅନ୍ୟ ନାମ ବ୍ରହ୍ମଜ୍ଞାନ, କାରଣ ଏହି ଜ୍ଞାନ ସାଧକକୁ ବ୍ରହ୍ମୋପଲବ୍ଧି ପଥରେ ପରିଚାଳିତ କରାଇ ନେଇ ତାର ବ୍ରହ୍ମୋପଲବ୍ଧିରେ ସାହାଯ୍ୟ କରେ । ଏହି ଜ୍ଞାନ ସମ୍ବଳିତ ଗ୍ରନ୍ଥକୁ ସମ୍ମାନ ପ୍ରଦର୍ଶନାର୍ଥେ ମଧ୍ୟ ଉପନିଷଦ ଆଖ୍ୟା ଦିଆଯାଇଛି ।

ଉପନିଷଦଗୁଡ଼ିକ ବେଦର ଜ୍ଞାନଭାଗ ବା ଜ୍ଞାନକାଣ୍ଡ । ଉପନିଷଦଗୁଡ଼ିକ ଚିରନ୍ତନ । ସ୍ୱୟଂ ହିରଣ୍ୟଗର୍ଭ ବା ବ୍ରହ୍ମାଙ୍କ ମୁଖରୁ ସେଗୁଡ଼ିକର ଉଦ୍ଭବ ହୋଇଥିଲା । ସେଗୁଡ଼ିକ ବିଶ୍ୱସୃଷ୍ଟିର ବହୁ ପୂର୍ବରୁ ରହିଆସିଛି ।

ଉପନିଷଦଗୁଡ଼ିକ ହେଉଛି ସେହିସବୁ ନିଗୁଢ଼ ରହସ୍ୟମୟ ଦିବ୍ୟଜ୍ଞାନର ଉତ୍ସ, ଯାହାର ସହାୟତାରେ ଏହି ଭୀଷଣ ସଂସାରରୁ ତ୍ରାହି ମିଳିପାରେ । ସେଗୁଡ଼ିକ ଯଥାର୍ଥରେ ବିଶ୍ୱଧର୍ମଶାସ୍ତ୍ରର ଆସନ ଅଳଂକୃତ କରେ । ଜାତିଗୋଷ୍ଠୀ ନିର୍ବିଶେଷରେ ଜଗତରେ ଯେଉଁମାନେ ଧର୍ମ ଓ ସତ୍ୟର ପୂଜାରୀ, ଉପନିଷଦ ସେମାନଙ୍କୁ କାଳେ-

କାଳେ ପ୍ରେରଣା ଦେଇଆସିଛି । ଉପନିଷଦ ବେଦାନ୍ତ ଓ ଜ୍ଞାନଯୋଗର ନିଗୂଢ଼ ରହସ୍ୟରେ ପୂର୍ଣ୍ଣ ଏବଂ ସେଗୁଡ଼ିକରେ ରହିଛି ଆତ୍ମସାକ୍ଷାତ୍କାରପଥରେ ଅଲୋକ-ପାତ କରିପାରିବାଭଳି ବହୁ ପ୍ରୟୋଗାତ୍ମକ ସୂତ୍ର ଓ ସୂଚନା । ଉପନିଷଦର ମହିମା ଭାଷା ବା ଶବ୍ଦରେ ପ୍ରକାଶ କରାଯାଇ ନ ପାରେ, କାରଣ ଶବ୍ଦ ଆଦ୍ୟନ୍ତବାନ ଓ ଭାଷା ଅପର୍ଯ୍ୟାପ୍ତ । ଯଥାର୍ଥରେ ମାନବ ଜାତିର ଶାନ୍ତି ଓ ଶୋକ-ଅପନୋଦନରେ ଉପନିଷଦର ବିପୁଳ ଅବଦାନ ରହିଛି । ସେଗୁଡ଼ିକ ଅଭ୍ୟୁତ୍ଥାନପ୍ରଦ ଓ ଆନନ୍ଦପ୍ରଦ । ଲକ୍ଷ ଲକ୍ଷ ସାଧକ ଉପନିଷଦରୁ ବିପୁଳ ପ୍ରେରଣା ଓ ଅମୂଲ୍ୟ ନିର୍ଦ୍ଦେଶ ପାଉଛନ୍ତି । ପ୍ରତିଟି ଉପନିଷଦ ଗୋଟିଏ ଗୋଟିଏ ଅମୂଲ୍ୟ ଜ୍ଞାନଭଣ୍ଡାର !

ଉପନିଷଦର ମହତ୍ତ୍ୱ ଓ ଆଦର୍ଶ— ବେଦ ଚାରିଭାଗରେ ବିଭକ୍ତ ଯଥା ଋକ୍, ଯଜୁଃ, ସାମ ଓ ଅଥର୍ବ । ପ୍ରତ୍ୟେକ ବେଦର ଯେତୋଟି ଶାଖା ରହିଛି, ସେତିକିଟି ଉପନିଷଦ ରହିଛି । ଋକ୍ ବେଦର ୨୧ଟି ଶାଖା, ଯଜୁର୍ବେଦର ୧୦୯ଟି ଶାଖା, ସାମବେଦର ୧୦୦୦ଟି ଶାଖା ଓ ଅଥର୍ବ ବେଦର ୫୦ଟି ଶାଖା ରହିଛି । ତଦନୁଯାୟୀ ସର୍ବମୋଟ ୧୧୮୦ଟି ଉପନିଷଦ ରହିଛି ।

ଶୁକ୍ଳ ଯଜୁର୍ବେଦର ମୁକ୍ତିକୋପନିଷଦରେ ଶ୍ରୀରାମ ହନୁମାନଙ୍କୁ କହିଛନ୍ତି, "ସକଳ ସାଧକଙ୍କ ମୁକ୍ତି ପ୍ରଦାନ କରିବାଲାଗି ମାଣ୍ଡୂକ୍ୟ ଉପନିଷଦର ଉପଦେଶ-ଗୁଡ଼ିକ ଯଥେଷ୍ଟ । ତେଣୁ ସେହି ଉପଦେଶଗୁଡ଼ିକ ହୃଦୟଙ୍ଗମ କରି ଧ୍ୟାନ କରିବା ହିଁ ମୁକ୍ତିଲାଭର ଏକମାତ୍ର ପନ୍ଥା । ଯଦି ତଦ୍ୱାରା ଜ୍ଞାନଲାଭ ନ ହେଲା, ତେବେ ଦଶ-ଉପନିଷଦ ଅଧ୍ୟୟନ କର ଏବଂ ଯଦି ତଥାପି ତୁମର ଦୃଢ଼ଜ୍ଞାନ ଜାତ ନ ହେଲା, ତେବେ ବତିଶଟି ଉପନିଷଦ ପାଠ କରି ସେଥିରେ ଥିବା ଉପଦେଶଗୁଡ଼ିକ ନିଷ୍ଠାର ସହିତ ପାଳନ କରି ଧ୍ୟାନ କର; ତୁମେ ସାଲୋକ୍ୟ ମୁକ୍ତିପ୍ରାପ୍ତ ହେବ । ନା ଯଦି ତୁମେ ସାଯୁଜ୍ୟ ମୁକ୍ତି କାମନା କରୁଛ, ତେବେ ଅଷ୍ଟୋତ୍ତରଶତ ଉପନିଷଦ ଅଧ୍ୟୟନ କର ।"

ନିମ୍ନଲିଖିତ ଦୁଇଟି ବିଷୟ ହିଁ ସମସ୍ତ ଉପନିଷଦରେ ମୁଖ୍ୟସ୍ଥାନ ଅଧିକାର କରିଛି । (୧) ବ୍ରହ୍ମ (ବ୍ରହ୍ମଜ୍ଞାନ) ବା ପରମତତ୍ତ୍ୱ ବିଷୟରେ ଜ୍ଞାନଲାଭ କରିଲେ ହିଁ ଅନ୍ତିମ ମୁକ୍ତିଲାଭ କରାଯାଇପାରିବ ଏବଂ (୨) ଯେ ମୁକ୍ତିର ଚତୁର୍ବିଧ ସାଧନରେ ଅର୍ଥାତ୍ ବିବେକ, ବୈରାଗ୍ୟ, ଷଟସମ୍ପଦ ଏବଂ ମୁମୁକ୍ଷାରେ ଅଧିକାରୀ ହୋଇପାରିଛନ୍ତି, ସେ ବ୍ରହ୍ମଜ୍ଞାନ ଲାଭ କରିପାରିବେ । ଉପନିଷଦ ଅଦ୍ୱୈତ ଦର୍ଶନ ଶିକ୍ଷା ଦିଏ ।

ଉପନିଷଦ ମତରେ ମନୁଷ୍ୟର ଲକ୍ଷ୍ୟ ହେଉଛି ବ୍ରହ୍ମୋପଲବ୍ଧି । ବ୍ରହ୍ମୋପ-ଲବ୍ଧି ହିଁ ଅଜ୍ଞତା ଦୂର କରିପାରିବ ତଥା ଶାଶ୍ୱତ ଜୀବନ, ଶାଶ୍ୱତ ଆନନ୍ଦ ଓ

ଶାଶ୍ୱତ ଶାନ୍ତି ପ୍ରଦାନ କରିପାରିବ । ବ୍ରହ୍ମଜ୍ଞାନ ହିଁ ସକଳ ଦୁଃଖ, ଭ୍ରାନ୍ତି ଓ ଯନ୍ତ୍ରଣା ଦୂର କରିପାରିବ ।

ଅନୁବନ୍ଧ ଚତୁଷ୍ଟୟ— ପରଂବ୍ରହ୍ମ ବା ପରମାତ୍ମା ହେଉଛନ୍ତି ଉପନିଷଦର ପ୍ରକୃତ ବିଷୟବସ୍ତୁ । ଅତ୍ୟନ୍ତ ସଂସାରନିବୃତ୍ତି ଏବଂ ବ୍ରହ୍ମପ୍ରାପ୍ତି ବା ମୋକ୍ଷ ନିମନ୍ତେ ଉପନିଷଦଜ୍ଞାନ ଏକାନ୍ତ ପ୍ରୟୋଜନ । କେବଳ ଉପନିଷଦ ଦ୍ୱାରା ହିଁ ଏହି ଅନ୍ତିମ ଫଳପ୍ରାପ୍ତି ସମ୍ଭବ ହୁଏ । ଯେଉଁ ବ୍ୟକ୍ତି ମୁକ୍ତିର ସାଧନ ଚତୁଷ୍ଟୟରେ ଭୂଷିତ, ଏକମାତ୍ର ସେହି ବ୍ୟକ୍ତି ହିଁ ଉପନିଷଦ ଅଧ୍ୟୟନ କରିବାକୁ, ବ୍ରହ୍ମଜିଜ୍ଞାସା କରିବାକୁ ତଥା ପରମାତ୍ମାଙ୍କ ଧ୍ୟାନ କରିବାକୁ ଯୋଗ୍ୟ ।

ଉପନିଷଦୋକ୍ତ ବିଭିନ୍ନ ବିଦ୍ୟା—ମୁଖ୍ୟତଃ ଛାନ୍ଦୋଗ୍ୟ ଏବଂ ବୃହଦାରଣ୍ୟକ ଉପନିଷଦରେ ବିଭିନ୍ନ ବିଦ୍ୟା ବା ବ୍ରହ୍ମଙ୍କର ବୀଜମନ୍ତ୍ର ଧ୍ୟାନ ବିଷୟରେ ବର୍ଣ୍ଣନାମାନ ରହିଛି । ଛାନ୍ଦୋଗ୍ୟ ଉପନିଷଦରେ ରହିଛି ସତ୍ ବିଦ୍ୟା, ଭୂମାବିଦ୍ୟା ସାଣ୍ଡିଲ ବିଦ୍ୟା, ଦାହର ବିଦ୍ୟା, ବୈଶ୍ୱାନର ବିଦ୍ୟା, ପଞ୍ଚାଗ୍ନି ବିଦ୍ୟା, ଉଦ୍‌ଗୀତା ବିଦ୍ୟା, ପୁରୁଷ ବିଦ୍ୟା, ସଂଭର୍ଗ ବିଦ୍ୟା, ମଧୁ ବିଦ୍ୟା, ପ୍ରାଣ ବିଦ୍ୟା, ଶ୍ୱେତକେତୁ ବିଦ୍ୟା ଇତ୍ୟାଦି ବିଭିନ୍ନ ବିଦ୍ୟା । ବୃହଦାରଣ୍ୟକ ଉପନିଷଦରେ ଯେଉଁସବୁ ବିଦ୍ୟାର ବର୍ଣ୍ଣନା ରହିଛି, ସେଗୁଡ଼ିକ ମଧ୍ୟରେ ପ୍ରଧାନ ବିଦ୍ୟାଗୁଡ଼ିକ ହେଲି ମୈତ୍ରେୟୀ ବିଦ୍ୟା ଅକ୍ଷର ବିଦ୍ୟା, ଅନ୍ତର୍ଯାମୀ ବିଦ୍ୟା, ଉଶସ୍ତି କାହୋଲ ବିଦ୍ୟା, ଉଦ୍ଦାଳକ-ଆରୁଣୀ ବିଦ୍ୟା ଏବଂ ଜୋତିଷମ୍ ଜ୍ୟୋତି ବିଦ୍ୟା, ଅନ୍ୟାନ୍ୟ ବିଦ୍ୟାଗୁଡ଼ିକ ମଧ୍ୟରେ ତୈତ୍ତିରୀୟୋପନିଷଦର ଭୃଗୁବରୁଣୀ ବିଦ୍ୟା, ଆନନ୍ଦମୟ ବିଦ୍ୟା ଓ ସତ୍ୟ-ଜ୍ଞାନ-ଅନନ୍ତ ବିଦ୍ୟା ତଥା ପ୍ରଶ୍ନୋପନିଷଦର ଷୋଡ଼ଶକଳା ବିଦ୍ୟା ପ୍ରଧାନ ।

ଏହିସବୁ ବିଦ୍ୟା ସାଧକକୁ ଅବାସ୍ତବରୁ ପରମ ବାସ୍ତବତା ଆଡ଼କୁ ତମସାରୁ ଜ୍ୟୋତି ଆଡ଼କୁ, ମରତ୍ୱରୁ ଅମରତ୍ୱ ଆଡ଼କୁ ପରିଚାଳିତ କରିନିଅନ୍ତି । ଏହି ସକଳ ବିଦ୍ୟା ନିମମୁକ୍ତି ଦ୍ୱାରା କିମ୍ବା ସତ୍ୟମୁକ୍ତି ଦ୍ୱାରା ଆତ୍ମାକୁ ମୂଳ ଅଜ୍ଞତାରୁ ପରଂବ୍ରହ୍ମଙ୍କ ଆଡ଼କୁ ଚଳାଇ ନିଅନ୍ତି । ଏସବୁ ବିଦ୍ୟା ଉଭୟ ସଗୁଣ ଓ ନିର୍ଗୁଣ ବ୍ରହ୍ମଙ୍କର ଧ୍ୟାନରେ ସହାୟକ ହୋଇଥାନ୍ତି । ବ୍ରହ୍ମସୂତ୍ର ଅନୁଯାୟୀ ଧ୍ୟାନ ତ୍ରିବିଧ ଯଥା—ନିର୍ଗୁଣ, ସଗୁଣ ଓ ପ୍ରତୀକ । ଉଲ୍ଲିଖିତ ବିଦ୍ୟାଗୁଡ଼ିକ ମଧ୍ୟରୁ ବହୁ ବିଦ୍ୟା ପରମାତ୍ମାଙ୍କର ବିଭିନ୍ନ ଗୁଣାତ୍ମକ ଓ ଲକ୍ଷଣାତ୍ମକ କଳ୍ପନାରେ ପୂର୍ଣ୍ଣ । କିନ୍ତୁ ସାଧକ ଯଦି ଏସବୁ ବିଦ୍ୟାରେ ବର୍ଣ୍ଣିତ ସକଳ ଦ୍ୱୈଧ ଓ ପରିମାଣଗତ ବିବିଧତା ଗ୍ରହଣ ନ କରି କେବଳ ସେସବୁର ପରମସ୍ୱରୂପ ଅବଧାରଣ କରେ, ତେବେ ଏପ୍ରକାର ସଂକୀର୍ଣ୍ଣତା ସତ୍ତ୍ୱେ ଏହି

ବିଦ୍ୟାଗୁଡିକ ନିର୍ଗୁଣ ଧ୍ୟାନରେ ମଧ୍ୟ ବିନିଯୋଗ କରାଯାଇପାରେ । ତଥାପି ବ୍ରହ୍ମବିଦ୍ୟା ଓ ମୈତ୍ରେୟୀ ବିଦ୍ୟା ପ୍ରଭୃତି କେତେକ ବିଦ୍ୟା ବେଦାନ୍ତୀମାନଙ୍କର ଅହଂଗ୍ରହ ଉପାସନା ତଥା ନିର୍ଗୁଣ ଧ୍ୟାନପାଇଁ ମଧ୍ୟ ଅତୀବ ଉପଯୋଗୀ । ଯାହାହେଉ ସାଧକର ମନୋଭାବର ଅନୁକୂଳ ହେଉଥିବା ଯେକୌଣସି ଗୋଟିଏ ବିଦ୍ୟାର ପ୍ରଣାଳୀରେ ହିଁ ଧ୍ୟାନ କରାଯିବା ଆବଶ୍ୟକ । ଏତାଦୃଶ ଧ୍ୟାନର ଫଳସ୍ୱରୂପ ସାଧକକୁ ସାଂସାରିକ ଜନ୍ମ-ଜୀବନ-ମୃତ୍ୟୁରୁ ସମ୍ପୂର୍ଣ୍ଣ ମୁକ୍ତ ଏକ ଆତ୍ୟନ୍ତିକ ସୁଖ ମିଳିଥାଏ । କିନ୍ତୁ ଗୁରୁଙ୍କ ଦ୍ୱାରା ପ୍ରତ୍ୟକ୍ଷଭାବରେ ଦୀକ୍ଷିତ ନ ହେବା ପର୍ଯ୍ୟନ୍ତ ଏହିସବୁ ବିଦ୍ୟାର ନିର୍ଦ୍ଦିଷ୍ଟ ପ୍ରଣାଳୀରେ ଧ୍ୟାନ କରାଯାଇ ନ ପାରେ । ସେସବୁ ପ୍ରଣାଳୀ ଏତେ ଜଟିଳ ଓ ଏପରି କଠିନ ଯେ ବିନାଗୁରୁରେ ସେଗୁଡ଼ିକର ତାତ୍ପର୍ଯ୍ୟ ଉପଲବ୍ଧି କରିବା କଷ୍ଟକର ।

ଗୀତା

ଥରେ ଗାନ୍ଧିଜୀ ଲଣ୍ଡନର ଗୋଟିଏ ବଡ଼ ଲାଇବ୍ରେରୀ ପରିଦର୍ଶନ କରିବାକୁ ଯାଇଥିଲେ । ସେଠାର ଲାଇବ୍ରେରିଆନଙ୍କୁ ସେ ପଚାରିଲେ, ଆପଣଙ୍କ ଏହି ଲାଇବ୍ରେରୀର କେଉଁ ଆଧ୍ୟାତ୍ମିକ ଗ୍ରନ୍ଥଟି ଲୋକେ ସବୁଠାରୁ ଅଧିକ ଥର ପଢ଼ିବାକୁ ମାଗିଛନ୍ତି ? ଲାଇବ୍ରେରିଆନ ଜଣାଇଲେ, 'ସେହି ଗ୍ରନ୍ଥଟି ହେଉଛି ଭଗବତ୍ ଗୀତା ।' ଜଗତକୁ ତଥା ମାନବଜାତିକୁ ଭାରତର ଯେଉଁସବୁ ଅବଦାନ ରହିଛି, ଯେଉଁସବୁ ଆଶୀର୍ବାଦ ରହିଛି, ସେଗୁଡ଼ିକ ମଧ୍ୟରେ ଉତ୍କୃଷ୍ଟତମ ଅବଦାନ, ଶ୍ରେଷ୍ଠତମ ଆଶୀର୍ବାଦ ହେଉଛି ଏହି ନିଗୂଢ଼ ରହସ୍ୟପୂର୍ଣ୍ଣ ଅଥଚ ଅତ୍ୟନ୍ତ ବ୍ୟାବହାରିକ, ସାର୍ବଜନୀନ ଧର୍ମଗ୍ରନ୍ଥ ଶ୍ରୀମଦ୍ ଭଗବତ୍ ଗୀତା । ପାଶ୍ଚାତ୍ୟଦେଶର ଶ୍ରେଷ୍ଠତମ ଚିନ୍ତାନାୟକ ତଥା ଦାର୍ଶନିକଗଣ ଗୀତା ମନ୍ଦିରରେ ନିଜନିଜର ଆନ୍ତରିକ ଭକ୍ତିଅର୍ଘ୍ୟ ଢାଳିଦେବାକୁ ଅକୁଣ୍ଠ ପ୍ରତିଯୋଗିତା କରିଛନ୍ତି । ସ୍ୱନାମଧନ୍ୟ ପାଶ୍ଚାତ୍ୟ ପଣ୍ଡିତ ଓ୍ୱିଲହେମ ଭନ୍ ହମ୍‌ବୋଲ୍ଟ କହନ୍ତି 'ଜଗତରେ ଯାହାକିଛି ଗୂଢ଼ତତ୍ତ୍ୱପୂର୍ଣ୍ଣ ଗ୍ରନ୍ଥ ରଚିତ ହୋଇଛି, ସେସବୁ ମଧ୍ୟରେ ଭଗବତ୍ ଗୀତାର ତତ୍ତ୍ୱ ହେଉଛି ନିଗୂଢ଼ତମ ।' ଆମେରିକାର ମହର୍ଷି ଇମର୍‌ସନ୍ ସଦାସର୍ବଦା ନିଜ ପାଖରେ ଖଣ୍ଡିଏ ଭଗବଦ୍ ଗୀତା ରଖି ଆସିଥିଲେ ।

ଗୀତା ହେଉଛି ଭଗବତ୍‌ମୁଖନିଃସୃତ ବାଣୀ । ଗୀତା ହେଉଛି ସୁପ୍ରାଚୀନ ଜ୍ଞାନର ମଧୁର ସଙ୍ଗୀତ । ଗୀତା ହେଉଛି ଆଧ୍ୟାତ୍ମିକ ସଂସ୍କୃତିର ଏକ ମହାନ ମୌଳିକ ଗ୍ରନ୍ଥ । ଗୀତା ମୋ ଜୀବନର ନିତ୍ୟସାଥି । ଗୀତା ହେଉଛି ସମଗ୍ର ମାନବସମାଜପ୍ରତି ଏକ ମହାନ ଦୈବବାଣୀ ।

ସ୍ୱର୍ଗୀୟ ସଂଗୀତ—ଶ୍ରୀମଦ୍‌ଭଗବତ୍ ଗୀତା ହେଉଛି ମହାଭାରତର ଭୀଷ୍ମପର୍ବୋକ୍ତ ଶ୍ରୀକୃଷ୍ଣ ଅର୍ଜୁନ ସମ୍ବାଦ । ଅଠର ଅଧ୍ୟାୟରେ ସମାପ୍ତ ଏହି ଦିବ୍ୟଗ୍ରନ୍ଥରେ ସାତଶହ ଏକଗୋଟି ଶ୍ଳୋକ ରହିଛି । ଉକ୍ତ ଶ୍ଳୋକଗୁଡ଼ିକ ମଧ୍ୟରେ ସଂକ୍ଷିପ୍ତ ହୋଇ ରହିଛି ଏକ ଅଗାଧ ଜ୍ଞାନ ଭଣ୍ଡାର । କୁରୁକ୍ଷେତ୍ରର ସମର ପ୍ରାଙ୍ଗଣରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଜ୍ଞାନୋପଦେଶ ଦେଇଛନ୍ତି, ତାହା ଅତୀବ ପ୍ରେରଣାପ୍ରଦ । ଉପଦେଶଚ୍ଛଳରେ ଭଗବାନ ଅତି ନିଗୂଢ଼ ମହାନ ଚିତ୍ତୋଦ୍ଦୀପକ ଆଧ୍ୟାତ୍ମିକ ସତ୍ୟ-

ନିଜସ୍ୱ ବ୍ୟକ୍ତ କରିଛନ୍ତି ଏବଂ ଯୋଗ ବେଦାନ୍ତ ଭକ୍ତି ଓ କର୍ମର ସମସ୍ତ ଗୂଢ଼ରହସ୍ୟର ସବୁ ବ୍ୟାଖ୍ୟାକରି ଅର୍ଜ୍ଜୁନଙ୍କୁ ସେସବୁ ବୁଝାଇଦେଇଛନ୍ତି । ପରବର୍ତ୍ତୀ କାଳରେ ଭଗବାନ ଶ୍ରୀକୃଷ୍ଣଙ୍କର ସେହି ଉପଦେଶାବଳୀ ସଂଗ୍ରହ କରି ଭଗବାନ ବ୍ୟାସ ମନୁଷ୍ୟ ସମାଜର ମଙ୍ଗଳ ବିଧାନାର୍ଥେ ଯେଉଁ ଦିବ୍ୟସଙ୍ଗୀତ ରଚନା କରିଛନ୍ତି, ତାହା ଶ୍ରୀମଦ୍ ଭଗବତ୍ ଗୀତାରୂପରେ ପ୍ରକାଶିତ ହୋଇଛି ।

ଗୀତାର ଅସଂଖ୍ୟ ଭାଷ୍ୟ ରହିଛି । ଗୀତାର ପ୍ରତ୍ୟେକ ଶ୍ଲୋକ ଉପରେ ଗୋଟିଏ ଗୋଟିଏ ଗ୍ରନ୍ଥ ରଚନା କରାଯାଇପାରେ । ଯେଉଁମାନେ କର୍ମଜଞ୍ଜାଳରେ ବ୍ୟସ୍ତ, ସେମାନେ ଶ୍ରୀ ବାଲଗଙ୍ଗାଧର ତିଲକଙ୍କର ଭାଷ୍ୟ 'ଗୀତା ରହସ୍ୟ' ପାଠ କଲେ ଉପକୃତ ହେବେ । ଭକ୍ତିମାର୍ଗର ଲୋକେ ଶ୍ରୀଧରଙ୍କର ଭାଷ୍ୟରୁ ବହୁତ ଉପକାର ପାଇବେ ଏବଂ ଜ୍ଞାନମାର୍ଗର ସାଧକମାନେ ଶ୍ରୀଶଙ୍କରଭାଷ୍ୟ ପାଠ କଲେ କଲ୍ୟାଣ ଲାଭ କରିବେ ।

ଗୀତା ଅଧ୍ୟୟନରେ ଗୁରୁଙ୍କର ଆବଶ୍ୟକତା – ଗୀତାର ଉପଦେଶାବଳୀ ନିଗୂଢ଼ରହସ୍ୟାବୃତ, ତେଣୁ ଗୀତା ଅଧ୍ୟୟନ କରିବାକୁ ହେଲେ ଜଣେ ଯୋଗ୍ୟ ଗୁରୁଙ୍କ ଅଧୀନରେ ଅର୍ଥାତ୍ ଜଣେ ଏକାଗ୍ରଚିତ୍ତ, ଭକ୍ତିପୂତ ଓ ପରମ ଭଗବତ୍‌ବିଶ୍ୱାସୀ ବ୍ରହ୍ମନିଷ୍ଠ ଗୁରୁଙ୍କ ସାହାଯ୍ୟରେ ଅଧ୍ୟୟନ କରିବା ଆବଶ୍ୟକ । ତାହେଲେ ଗୀତାର ଅନ୍ତର୍ନିହିତ ସତ୍ୟଗୁଡ଼ିକ କରପଲ୍ଲବସ୍ଥିତ ଆମଳକପରି ବାସ୍ତବରୂପରେ ସୁସ୍ପଷ୍ଟ ହୋଇପାରିବ ; ସ୍ୱାମୀ ମଧୁସୂଦନଙ୍କର ଗୀତାଭାଷ୍ୟ ଶ୍ରୀ ସ୍ୱାମୀ ଶଙ୍କରାନନ୍ଦଙ୍କର ଗୀତାଭାଷ୍ୟ, ବା ଶ୍ରୀ ଶଙ୍କରଙ୍କ ଗୀତାଭାଷ୍ୟପରି ଦିବ୍ୟଦ୍ରଷ୍ଟା ଋଷିମାନଙ୍କର ଲିଖିତ ଗୀତାଭାଷ୍ୟ ଆପଣଙ୍କର ପ୍ରଭୂତ ସାହାଯ୍ୟ କରିବ ।

ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଚେତନାର ବିଭିନ୍ନ ସ୍ତରରୁ ଆସିଛି । ସୁତରାଂ ଶ୍ଲୋକଗୁଡ଼ିକର ଯଥାର୍ଥ ତାତ୍ପର୍ଯ୍ୟ ଉପଲବ୍‌ଧି କରିବାକୁ ହେଲେ, ଗୁରୁଙ୍କର ସହାୟତା ଏକାନ୍ତ ଆବଶ୍ୟକ । ଗୁରୁଙ୍କର ସହାୟତା ବିନା ଗୀତାର ଶ୍ଳୋକଗୁଡ଼ିକର ପ୍ରକୃତ ଅର୍ଥ ହୃଦୟଙ୍ଗମ କରିହେବ ନାହିଁ । ଉଦାହରଣ ସ୍ୱରୂପ ସୈନ୍ଧବ ଶବ୍ଦର ଦୁଇଟି ଅର୍ଥ ରହିଛି । —ଗୋଟିଏ ହେଉଛି ଲୁଣ, ଅନ୍ୟଟି ଘୋଡ଼ା । ଜଣେ ଲୋକ ଖାଇ ବସିଥିବାବେଳେ କିଛି ସୈନ୍ଧବ ମାଗିବାରୁ ପରିଚାରକ ତାଙ୍କ ପାଖକୁ ଗୋଟିଏ ଘୋଡ଼ା ଆଣିଦେଲା । ବିନା ଗୁରୁରେ ଗୀତା ଅଧ୍ୟୟନ କଲେ ଅବସ୍ଥା ସେହି ଘୋଡ଼ା ଆଣିଦେବା ଲୋକଙ୍କପରି ହୋଇଯିବ ।

ଗୀତା ଏକ ସାର୍ବଜନୀନ ଧର୍ମଗ୍ରନ୍ଥ- ଗୀତା ହେଉଛି ଧର୍ମ, ଜାତି ଓ ବୟସ ନିର୍ବିଶେଷରେ ସମସ୍ତଙ୍କର ରୁଚିକର ହେଲାଭଳି ଏକ ସାର୍ବଜନୀନ ଉପଦେଶ ଗ୍ରନ୍ଥ । ଗୀତାର ସାର୍ବଜନୀନତା ଏପରି ବ୍ୟାପକ ଯେ, ତାହା ସକଳ ପ୍ରକାର ମାନବିକ କାର୍ଯ୍ୟରେ ପ୍ରଯୁଜ୍ୟ ହୋଇପାରେ ଏବଂ ସମସ୍ତ ସ୍ତରର ମାନବିକ ବିକାଶର ଉପଯୋଗୀ ହୋଇ ତାହାକୁ ଉନ୍ନତ ଓ ଉତ୍ଥିତ କରିପାରେ । ସେହି କାରଣରୁ ଜଗତର ସମସ୍ତ ବିଖ୍ୟାତ ପଣ୍ଡିତ ଗୀତାର ପ୍ରଶଂସା କରିଛନ୍ତି ।

ଭଗବତ୍ ଗୀତାରେ ଯୋଗ ସମ୍ବନ୍ଧରେ ଚର୍ଚ୍ଚା କରିଯାଇଛି । ଯୋଗ ପ୍ରାଚ୍ୟର ସମ୍ପତ୍ତି ନୁହେଁ କି ପାଶ୍ଚାତ୍ୟର ନୁହେଁ, ତାହା ସମସ୍ତ ଜଗତର, ସମଗ୍ର ମାନବଜାତିର ସମ୍ପତ୍ତି । ଯୋଗ ହେଉଛି ସତ୍ ଜୀବନ ଯାପନର ବିଜ୍ଞାନ । ଧର୍ମବିଶ୍ୱାସ, ପାରମ୍ପରିକ-ଧାରଣା, ଜାତି, ବର୍ଣ୍ଣ, ଦେଶ, କାଳ ବା ପେଶା-ବ୍ୟବସାୟ ସହିତ ଗୀତାର କୌଣସି ସମ୍ପର୍କ ନାହିଁ ।

ଶ୍ରୀକୃଷ୍ଣ କେବଳ ହିନ୍ଦୁର ଦେବତା ନୁହନ୍ତି । ସେ ହେଉଛନ୍ତି ସେହି ଅନ୍ତର୍ଯାମୀ ପୁରୁଷଙ୍କର, ସେହି ଅନ୍ତର୍ନିବାସୀ ପରମସତ୍ତ୍ୱଙ୍କର ପ୍ରତିନିଧି, ଯେ କି ଅଭିନ୍ନ-ଭାବରେ ସର୍ବତ୍ର ବିଦ୍ୟମାନ । ସେ ଯେ କେବଳ ଅର୍ଜୁନଙ୍କୁ ଗୀତାବାଣୀ ପ୍ରଦାନ କରି ଯାଇଛନ୍ତି, ତାହା ନୁହେଁ । ଅର୍ଜୁନଙ୍କ ମାଧ୍ୟମରେ ସେ ତାହା ସମସ୍ତ ଜଗତକୁ ପ୍ରଦାନ କରିଯାଇଛନ୍ତି । ଅର୍ଜୁନ ଯେଉଁସବୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ମନୁଷ୍ୟ ସମାଜର ଜନସାଧାରଣ ମଧ୍ୟ ସେହି ସମସ୍ତ ସମସ୍ୟାର ସମ୍ମୁଖୀନ ହୁଅନ୍ତି । ଗୀତା ହେଉଛି ସାମୂହିକ ଜୀବନସମସ୍ୟାର ଏକ ସମାଧାନ ।

ବଞ୍ଚିରହିବା ଅର୍ଥ ସଂଗ୍ରାମ କରିବା; କାରଣ ସମସ୍ତ ଜୀବନଟି ହେଉଛି ଏକ ଯୁଦ୍ଧ, ଯେଉଁଠି ଚାଲିଛି ଶୁଭ ଓ ଅଶୁଭ ଶକ୍ତି ମଧ୍ୟରେ ଅହରହ ସଂଗ୍ରାମ, ଦିବ୍ୟ ଓ ଅଦିବ୍ୟ ଶକ୍ତି ମଧ୍ୟରେ, କାମନାର ଅବିଳତା ଓ ନିଷ୍କାମନାର ନିର୍ମଳତା ମଧ୍ୟରେ ସତତ ସଂଗ୍ରାମ । ଆପଣଙ୍କ ଭିତରେ ମହାଭାରତ ଯୁଦ୍ଧ ଏପର୍ଯ୍ୟନ୍ତ ଚାଲିଛି । ଧୃତରାଷ୍ଟ୍ର ହେଉଛନ୍ତି ଅଜ୍ଞତା ବା ଅବିଦ୍ୟାର ପ୍ରତୀକ । ଅର୍ଜୁନ ଜୀବାତ୍ମାର ପ୍ରତୀକ । ଆପଣଙ୍କର ଅନ୍ତର୍ନିବାସୀ ଅନ୍ତର୍ଯାମୀ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ସେ ହେଉଛନ୍ତି ସାରଥୀ ଏବଂ ଆପଣଙ୍କର ଦେହଟି ହେଉଛି ରଥ । ଇନ୍ଦ୍ରିୟମାନେ ହେଉଛନ୍ତି ରଥର ଅଶ୍ୱ । ଆପଣଙ୍କର ମନ ଅହଂକାର, ଜ୍ଞାନେନ୍ଦ୍ରିୟ ସକଳ, ସଂସ୍କାରସକଳ, ଆପଣଙ୍କର କାମନାବାସନାସକଳ, ରାଗଦ୍ୱେଷ, କାମକ୍ରୋଧ, ଈର୍ଷା, ଲୋଭ, ଗର୍ବ; କପଟତା ଇତ୍ୟାଦି ହେଉଛନ୍ତି ଆପଣଙ୍କର ଶତ୍ରୁବଳ ।

ପ୍ରତ୍ୟେକ ମଣିଷ ଭିତରେ ଆଧ୍ୟାତ୍ମିକ ଶକ୍ତି ଓ ପାର୍ଥିବ ଶକ୍ତି ମଧ୍ୟରେ ଏ ଯେଉଁ ଚିରନ୍ତନ ସଂଗ୍ରାମ ଚାଲିଛି, ଗୀତା ହେଉଛି ସେହି ସଂଗ୍ରାମର ସମାଧାନର

ପ୍ରତୀକ । ଜଗତର ଯେ କୌଣସି ମନୁଷ୍ୟ ଗୀତାର ବାଣୀ ଗ୍ରହଣ କରି ପରମ ସୁଖ ଲାଭ କରିବାର ଆଶୀର୍ବାଦ ପାଇପାରେ —ସେହି ଆଶୀର୍ବାଦ ପାଇବାରୁ ଗୀତା କାହାରିକୁ ବଞ୍ଚିତ କରେ ନାହିଁ । ଗୀତା ସାମ୍ପ୍ରଦାୟିକତାଠାରୁ ସମ୍ପୂର୍ଣ୍ଣ ମୁକ୍ତ ଏବଂ ନୈତିକ ଉପଦେଶଗୁଡ଼ିକର ବ୍ୟବହାରିକତା ଦୃଷ୍ଟିରୁ ଅନ୍ୟ ଯେ କୌଣସି ଉପଦେଶ ଗ୍ରନ୍ଥ ଅପେକ୍ଷା ଗୀତା ଶ୍ରେଷ୍ଠତର । ଗୀତା ଯେଉଁ ବାଣୀ ପ୍ରଚାର କରେ, ତାହା ଏହି ନିତିଦିନିଆ ସଂସାରରେ ସାଧାରଣ ଜୀବନ ଯାପନ କରୁଥିବା ଆପଣ, ମୁଁ, ସେ ଆଦି ସକଳ ନରନାରୀ ନିଜନିଜ ଜୀବନ କ୍ଷେତ୍ରରେ ପ୍ରୟୋଗ କରିପାରିବେ ।

ଦୈନନ୍ଦିନ ଜୀବନ ଓ ଆଚରଣକୁ ନିୟନ୍ତ୍ରଣ କରିବାପାଇଁ ଗୀତା ଏକ ଉପଯୋଗୀ ଉପଦେଷ୍ଟାର କାର୍ଯ୍ୟ କରେ—

ଗୀତାରେ ଐଶ୍ୱରିକ ସତ୍ୟ ଉଦ୍‌ଘାଟନ ବା ପ୍ରତ୍ୟାଦେଶ ଯେତେ ମାତ୍ରାରେ ଅନ୍ତର୍ଭୁକ୍ତ ନ ହୋଇଛି ; ତା ଅପେକ୍ଷା ଅଧିକ ମାତ୍ରାରେ ଅନ୍ତର୍ଭୁକ୍ତ ହୋଇଛି ଏକ ସମାଧାନର ସୂତ୍ର । ଗୀତାର ବାଣୀରେ ମନୁଷ୍ୟର ପ୍ରତ୍ୟକ୍ଷ ଅବ୍ୟବହିତ ସମସ୍ୟାବଳୀର ସମାଧାନ ହିଁ ରୂପାୟିତ ହୋଇଛି; ଗୀତା ସେହି ଉତ୍ସାହ-ଉଦ୍ଦୀପନା, ଆଶା-ଆନନ୍ଦ ଓ ଆଶ୍ୱାସନାର ବାଣୀ ହିଁ ବହନ କରେ । ମନୁଷ୍ୟର ସମସ୍ତ ସ୍ୱଭାବକୁ ଦିବ୍ୟ ସ୍ୱଭାବରେ ପରିଣତ କରିଦେବା ଲାଗି ଏହା ଏକ ପ୍ରତ୍ୟକ୍ଷ ଆହ୍ୱାନ ।

ଗୀତା ଏପରି ଏକ ଅଭ୍ୟୁତ୍‌ଥାନପ୍ରଦ, ପ୍ରେରଣାପ୍ରଦ ଦିବ୍ୟବାଣୀ ଯେ ତାହାକୁ ହୃଦୟଙ୍ଗମ କରିବାମାତ୍ରେ ଜୀବନର ଦୁରୁହତମ ସମସ୍ୟାରେ ମଧ୍ୟ ସମାଧାନର ଆଲୋକ ସଂପାତ ହୋଇଯାଏ, ନୈରାଶ୍ୟ ଓ ହତାଶାର ଅନ୍ଧକାରାଚ୍ଛନ୍ନ କନ୍ଦରକନ୍ଦରେ ଆଶାର ଉଜ୍ଜ୍ୱଳ ଆଲୋକ ଝରିପଡ଼େ ଏବଂ ପାଠକ ଅବିଳମ୍ବେ ଦୁର୍ବଳତାରୁ ସବଳତାର ପୀଠକୁ ଉତ୍‌ଥିତ ହୋଇଯାଏ, ଆତ୍ମସନ୍ଦେହ ଓ ଦ୍ୱିଧାରୁ ବିମୁକ୍ତ ହୋଇସିବାରୁ ତା' ମନରେ ଜାଗିଉଠେ ନିଜର ଅନନ୍ତ ଶକ୍ତି ଓ ଅବିନଶ୍ୱର ସ୍ୱଭାବ ଉପରେ ଏକ ବିରାଟ ଆତ୍ମବିଶ୍ୱାସ ।

ଗୀତାର ବାଣୀ ପ୍ରଚାର କରେ ଯେ, ସ୍ୱୀୟ ଅମରତ୍ୱ ଲାଭ ନିମିତ୍ତ ମନୁଷ୍ୟକୁ ତାର ବନ୍ଧୁ ସହୋଦର ଓ ପରିବାରବର୍ଗଙ୍କୁ ପରିତ୍ୟାଗ କରି ସମାଜଠାରୁ ବହୁଦୂରକୁ ମିରବନକାନ୍ତନକୁ ଚାଲିସିବାକୁ ପଡ଼ିବ ନାହିଁ । ଏହି ସଂସାରିକ କର୍ମକ୍ଷେତ୍ରରେ ରହି ମଧ୍ୟ ପରମାତ୍ମାରେ ମିଳିତ ହେବା ଓ ପରମାତ୍ମାରେ ନିବାସ କରିବା ସମ୍ଭବ । ସେହି ବାଣୀ ଏକ ପରମଉତ୍ସାହର ବାଣୀ । ଆନନ୍ଦମୟ ମିଳନ ପଥରେ ଯାହା କିଛି

ପ୍ରତିବନ୍ଧକ ରହିଛି, ସେସବୁ ବାହାରେ କେଉଁଠି ନାହିଁ; ରହିଛି ଆମର ଭିତରେ । ଏହା ହିଁ ଏହି ଅତୁଳନୀୟ ଦିବ୍ୟଗ୍ରନ୍ଥର ସାରତତ୍ତ୍ୱ ।

ଦୈନନ୍ଦିନ ଜୀବନ ତଥା ଆଚରଣକୁ କିପରି ସଂଯତ ନିୟନ୍ତ୍ରିତ କରାଯାଇ ପାରିବ, ସେହି ସମ୍ବନ୍ଧରେ ଗୀତା ଯେଉଁ ଶିକ୍ଷା ପ୍ରଦାନ କରେ, ତାହା କାର୍ଯ୍ୟକ୍ଷେତ୍ରରେ ସୁନ୍ଦର ଭାବରେ ପ୍ରୟୋଗ କରାଯାଇ ପାରିବ । ଗୀତା ଉପଦେଶ ଦିଏ, ଅଧର୍ମର ପ୍ରତିରୋଧ କର, ଦିବ୍ୟଗୁଣଗୁଡ଼ିକର ବିକାଶ କର । ତାହା ଈଶ୍ୱରଚେତନା ଜାଗ୍ରତ କରିବାରେ ସହାୟକ ହେବ । ଗୀତାର ବାଣୀ ସ୍ୱାର୍ଥତ୍ୟାଗର ବାଣୀ, ପ୍ରେମର ବାଣୀ, କର୍ତ୍ତବ୍ୟର ବାଣୀ । ସମସ୍ତଙ୍କୁ ପ୍ରେମ କର । ନିଜର ଯାହାକିଛି ଅଛି, ତାହା ସମସ୍ତଙ୍କ ମଧ୍ୟରେ ବଣ୍ଟନ କରି ବ୍ୟବହାର କର । ସୁଚାରୁରୂପରେ ନିଜର କର୍ତ୍ତବ୍ୟ ସମ୍ପାଦନ କର । ଘୃଣା-ଅନୁରକ୍ତିର ସଂକୀର୍ଣ୍ଣତା ମଧ୍ୟରେ ଆବଦ୍ଧ ହୁଅ ନାହିଁ । ଲୋଭ, କାମ ଓ ସ୍ୱାର୍ଥପରତା ଦୂର କରି ନିଜର ହୃଦୟର ଦ୍ୱାର ଉନ୍ମୁକ୍ତ ରଖି ପାରିଲେ ସ୍ୱୟଂ ପରମେଶ୍ୱର ଆସି ତୁମ ହୃଦୟରେ ନିବାସ କରିବେ । ଗୀତା ଏହିସବୁ ମହତ୍ ଶିକ୍ଷା ପ୍ରଦାନ କରିଥାଏ ।

ଗୀତା ମନୁଷ୍ୟକୁ ଏପରି କିଛି କର ବୋଲି କହେ ନାହିଁ, ଯାହା କରିବା ଜଣେ ସାଧାରଣଶକ୍ତିସମ୍ପନ୍ନ ମନୁଷ୍ୟ ପକ୍ଷରେ ଅସମ୍ଭବ । ଭଗବାନ କହିଛନ୍ତି, "ତୁମେ କିଛି ବିରାଟ କଷ୍ଟସାଧ୍ୟ ସାଧନା କର ବୋଲି ମୁଁ କହୁନାହିଁ । ମୁଁ ଭାବ ଗ୍ରହେଁ । ଗ୍ରହେଁ ହୃଦୟ । ତୁମ ପକ୍ଷରେ ଯାହା କିଛି କରିବା ସହଜ, ତା ସ୍ଥିର କରିନିଅ ଏବଂ ସେହି କାର୍ଯ୍ୟରେ ବ୍ରତୀ ହୁଅ । ମୁଁ ତୁମର କାର୍ଯ୍ୟ ସଫଳ କରିବି । ଫଳଦାନ କରିବା ମୋର ଅଧିକାରଭୁକ୍ତ ।" ଗୀତା ମନୁଷ୍ୟକୁ ମୋକ୍ଷ ପ୍ରଦାନ କରିବାକୁ ଏକ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇ ଯେଉଁ ଅଭୟ ପ୍ରଦାନ କରେ, ସେଥିରେ ହିଁ ତାହାର ମହାନ ମୂଲ୍ୟ ନିହିତ ।

ଗୀତାରେ ମଧୁର ସମନ୍ୱୟ ସ୍ଥାପନ— ଶ୍ରୀମଦ୍ ଭଗବତ୍ ଗୀତାରେ ଜ୍ଞାନମାର୍ଗ ଭକ୍ତିମାର୍ଗ ଓ କର୍ମମାର୍ଗ -ଏପରି ତିନୋଟି ମାର୍ଗର ତତ୍ତ୍ୱ ପ୍ରଦତ୍ତ ହୋଇଛି । ଗୀତାର ଉପଦେଶ ଅନୁଯାୟୀ ଏହି ତିନୋଟି ମାର୍ଗ ମଧ୍ୟରେ କୌଣସି ବିବାଦ ନାହିଁ । ଜ୍ଞାନ, ଭକ୍ତି ଓ କର୍ମ-ଏହି ତିନି ଦର୍ଶନ ମଧ୍ୟରେ ଗୀତା ଏକ ଚମତ୍କାର ସମନ୍ୱୟ ସ୍ଥାପନ କରିଛି ।

ବ୍ୟାପକ ଅର୍ଥରେ ପ୍ରେମ ହିଁ ଜ୍ଞାନ । ପ୍ରେମ ହିଁ ଜ୍ଞାନର ସାରମର୍ମ । ପ୍ରେମ କର୍ମ ମାଧ୍ୟମରେ ସେବାରୂପରେ ଆତ୍ମପ୍ରକାଶ କରେ । ଦିବ୍ୟଜୀବନକୁ ସମ୍ପୂର୍ଣ୍ଣ-

ରୂପରେ ନିର୍ମାଣ କରିବାକୁ ହେଲେ, ପ୍ରେମ, ଜ୍ଞାନ ଓ ସେବା ସମାନଭାବରେ ଆବଶ୍ୟକ । ତେଣୁ ହସ୍ତ, ହୃଦୟ ଓ ମସ୍ତକ ସମଭାବରେ ବିକଶିତ ହେବା ଆବଶ୍ୟକ । ଏହିପରି ଏକ ସମନ୍ୱିତ ବିକାଶ ହିଁ ଆପଣଙ୍କୁ ପୂର୍ଣ୍ଣତା ପ୍ରଦାନ କରିପାରିବ ।

ଆପଣଙ୍କ ଶ୍ରୀ ଶଙ୍କରଙ୍କ ମସ୍ତିଷ୍କପରି ମସ୍ତିଷ୍କ ଆବଶ୍ୟକ । ଭଗବାନ ବୁଦ୍ଧଙ୍କର ହୃଦୟପରି ହୃଦୟ ଆବଶ୍ୟକ ଏବଂ ଶ୍ରୀ ଜନକଙ୍କର ହସ୍ତପରି ହସ୍ତ ଆବଶ୍ୟକ । ଆପଣଙ୍କର ଏହି ଦେହରଥର କର୍ମ, ଅନୁରାଗ ଓ ବୁଦ୍ଧିରୂପକ ତିନିଅଶ୍ୱ ପରସ୍ପର ସହିତ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସକ୍ଷମ । ତାହାହେଲେ ଯାଇଁ ଏହି ଦେହରଥ ସରଳ ସାବଲୀଳଭାବରେ ଗତି କରିପାରିବ ଏବଂ ଆପଣ ଆପଣଙ୍କର ଲକ୍ଷ୍ୟ ସ୍ଥଳରେ ଯଥାଶୀଘ୍ର ନିର୍ବାଣପଦରେ ପହଞ୍ଚିପାରିବେ । ତା'ହେଲେ ଯାଇଁ ଆପଣଙ୍କର ଅନ୍ତରାତ୍ମା ଆନନ୍ଦରେ ଉଲ୍ଲସିତ ହୋଇପାରିବ । ତା'ହେଲେ ଯାଇଁ ଆପଣ 'ସୋହଂ' ସଙ୍ଗୀତ ଗାନ କରିବାକୁ ସମର୍ଥ ହୋଇପାରିବେ । ତା' ହେଲେ ଯାଇଁ ଆପଣ ଅନ୍ତରରେ ସମନ୍ୱିତ ହୋଇପାରିବେ । ତା'ହେଲେ ଯାଇଁ ଆପଣ ଅନ୍ତରାତ୍ମାର ନିରବ ଆହ୍ୱାନ ଶୁଣିପାରିବେ ଓ ଅସୀମର ଅନ୍ତର୍ନିହିତ ମଧୁର ସଙ୍ଗୀତ ଉପଭୋଗ କରିପାରିବେ ।

କଥା ଓ କାର୍ଯ୍ୟ—କେତେକ ଅବିବେକୀ ଲୋକଙ୍କ ମନରେ ସନ୍ଦେହ ପ୍ରବେଶ କରିବା ଫଳରେ ସେମାନେ କହନ୍ତି, " କୁରୁକ୍ଷେତ୍ରରେ ତ ଯୁଦ୍ଧ ଚାଲିଥିଲା, ସେଥିରେ କେତେ ବା ସମୟ ମିଳିଲା ଯେ, ସେତିକି ସମୟ ଭିତରେ ଅର୍ଜୁନଙ୍କୁ ଗୀତାପରି ବିଷୟ ଶିକ୍ଷା ଦିଆଯାଇପାରିଲା । ସେପରି ଘଟିଥିବା ସମ୍ଭବ ନୁହେଁ । କିନ୍ତୁ ଏହା ଏକ ଭ୍ରମାତ୍ମକ ଯୁକ୍ତି । ଜାଣିରଖିବାକୁ ହେବ ଯେ, ଗୀତା ହେଉଛି ଅର୍ଜୁନଙ୍କ ନିମିତ୍ତ ଏକ ସତ୍ୟାର୍ଥ ପ୍ରକାଶ ଯାହାକି ଏକ ଦୈବୀ ସଂଘଟନ । ଏଥିପାଇଁ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ସ୍ୱଜ୍ଞାନେନ ବା ସ୍ୱତଃସ୍ଫୂର୍ତ୍ତିଜ୍ଞାନେନ ପ୍ରଦାନ କରିଥିଲେ । ସର୍ବଦ୍ରଷ୍ଟା ସର୍ବଶକ୍ତିମାନ ପ୍ରଭୁ ସବୁ କିଛି କରିପାରିବେ । ତାଙ୍କର କରୁଣା ଲାଭ କଲେ ମୂକ ବାଚାଳ ହୋଇପାରେ, ପଙ୍ଗୁ ଗିରି ଲଙ୍ଘନ କରିପାରେ ।

ହିନ୍ଦୁ ପଞ୍ଜିକା ଅନୁଯାୟୀ ମାର୍ଗଶୀର ମାସର ଶୁକ୍ଳ ଏକାଦଶୀ ଦିନ ଏହି ଅଦ୍ୱିତୀୟ ଧର୍ମଗ୍ରନ୍ଥର ପ୍ରେମୀ ଓ ଭକ୍ତଗଣ ଭାରତର ସର୍ବତ୍ର ଗୀତାଜୟନ୍ତୀ ଅର୍ଥାତ୍ ଶ୍ରୀମଦ୍ ଭଗବତ୍ ଗୀତାର ଜନ୍ମୋତ୍ସବ ପାଳନ କରନ୍ତି । ପାଞ୍ଚ ହଜାର ବର୍ଷରୁ ଅଧିକ କାଳ ପୂର୍ବେ ଭଗବାନ୍ ଶ୍ରୀକୃଷ୍ଣ ନିଜର ଶିଷ୍ୟ ଅର୍ଜୁନଙ୍କୁ ଏହି "ଦିବ୍ୟସଙ୍ଗୀତ ଗୀତା ଶିକ୍ଷା ଦେଇଥିଲେ ।

ଗୀତା ହେଉଛି ଜ୍ଞାନର ଏକ ଗୁପ୍ତଭଣ୍ଡାର – ଗୀତା ହେଉଛି ବେଦର ସାର ଓ ଉପନିଷଦର ସାରାଂଶ । ଗୀତା ହେଉଛି ମହାଭାରତର ଶ୍ରେଷ୍ଠ ରତ୍ନ । ଏହି ମହାନ ଗ୍ରନ୍ଥ ହେଉଛି ହିନ୍ଦୁ ଧର୍ମର ପ୍ରାମାଣିକ ଗ୍ରନ୍ଥ ପ୍ରସ୍ଥାନତ୍ରୟୀର ଅନ୍ତର୍ଗତ ।

ଆପଣଙ୍କ ସକଳ ସନ୍ଦେହପାଇଁ ଗୀତାରେ ସମାଧାନ ରହିଛି । ଆପଣ ଯେତେ ଭକ୍ତି ଓ ବିଶ୍ୱାସ ସହିତ ଗୀତା ଅଧ୍ୟୟନ କରିବେ, ସେତେ ଅଧିକ ଗଭୀର ଜ୍ଞାନ, ଅଧିକ ସୂକ୍ଷ୍ମ ଅନ୍ତର୍ଦୃଷ୍ଟି, ଅଧିକ ସ୍ପଷ୍ଟ ଓ ସୁସ୍ଥ ବିଚାରର ଅଧିକାରୀ ହୋଇ ପାରିବେ । ଯାଚନା କରନ୍ତୁ । ଆପଣଙ୍କୁ ପ୍ରଦାନ କରାଯିବ । ଅନ୍ୱେଷଣ କରନ୍ତୁ । ଆପଣ ଦର୍ଶନ ପାଇବେ । ଦ୍ୱାରରେ କରାଘାତ କରନ୍ତୁ । ଆପଣଙ୍କପାଇଁ ଦ୍ୱାରପଥ ଉନ୍ମୁକ୍ତ ହୋଇଯିବ । ଏହା ହେଉଛି ଏହି ଧର୍ମଗ୍ରନ୍ଥର ନିର୍ବିବାଦୀୟ ଲକ୍ଷଣ । କେବଳ ମାତ୍ର ଗୋଟିଏ ପ୍ରଚେଷ୍ଟାରେ ଆପଣ ଦିବ୍ୟ ଓ ମାନବୀୟ ଉଭୟ ଲୋକର ସମସ୍ତ ଜ୍ଞାନ-ଭଣ୍ଡାରରେ ପ୍ରବେଶାଧିକାର ଲାଭ କରିପାରିବେ ।

ସ୍ୱୟଂ ଭଗବାନ ଯେତେବେଳେ ସନାତନ ପୁରୁଷ ନିତ୍ୟଲୀଳାମୟ ଶ୍ରୀକୃଷ୍ଣରୂପରେ ନିଜର ପ୍ରଗାଢ଼ ଜ୍ଞାନପୂର୍ଣ୍ଣ ଦିବ୍ୟସଙ୍ଗୀତ ଗୀତା ଗାନ କଲେ, କେଉଁ ଜ୍ଞାନ ବା ତତ୍ତ୍ୱ ତାହାର ଅନ୍ତର୍ଭୁକ୍ତ ହୋଇ ନ ଥିବ ? କେଉଁ ଯୋଗ ବା ସେଥିରେ ସ୍ଥାନ ପାଇ ନ ଥିବ ? 'ସର୍ବଶାସ୍ତ୍ରମୟୀ ଗୀତା' ବୋଲି ଯାହା କୁହାଯାଉଛି, ତାହା ଯଥାର୍ଥ । ଗୀତା ହେଉଛି ସକଳ ବିଜ୍ଞାନ, ସମସ୍ତ ଧର୍ମଶାସ୍ତ୍ର ଓ ସବୁ ଜ୍ଞାନର ଏକ ମୂର୍ତ୍ତିମନ୍ତ ରୂପ । ଗୀତାର ପ୍ରତ୍ୟେକଟି ବାକ୍ୟ ଗୋଟିଏ ଗୋଟିଏ ବିଧିନିର୍ଦ୍ଦେଶ ।

ଅଭୀପ୍ସୁ, ସାଧକ ତଥା ପରମହଂସଗଣଙ୍କର କ୍ରୀଡ଼ା ନିମନ୍ତେ ଗୀତା ହେଉଛି ମାନସସରୋବରସଦୃଶ । ସତ୍ୟାନୁସନ୍ଧିତ୍ସୁଗଣ ଆନନ୍ଦ ଉଲ୍ଲାସରେ ସନ୍ତରଣ କରିବାଲାଗି ଗୀତା ହେଉଛି ଏକ ଆନନ୍ଦପାରାବାର । ପରଶମଣି ଖଣ୍ଡିଏ ଲୌହର ଯେକୌଣସି ଅଂଶକୁ ସ୍ପର୍ଶ କରିଦେବା କ୍ଷଣି ସମସ୍ତ ଲୌହଖଣ୍ଡଟି ସୁବର୍ଣ୍ଣରେ ପରିଣତ ହୋଇଯାଏ । ଠିକ୍ ସେହିପରି ଆପଣ ଯଦି ଗୀତାର ମାତ୍ର ଗୋଟିଏ ଶ୍ଳୋକର ଆଦର୍ଶ ଧରି ଜୀବନ ଯାପନ କରିବେ, ତେବେ ମଧ୍ୟ ଯେ ଆପଣ ଦିବ୍ୟତ୍ୱ ପ୍ରାପ୍ତ ହେବେ, ସେଥିରେ କୌଣସି ସନ୍ଦେହ ନାହିଁ ।

ଶ୍ରୀମଦ୍ ଭଗବଦ୍ ଗୀତାକୁ ଏକ ପବିତ୍ର ଧର୍ମଗ୍ରନ୍ଥରୂପେ ପୂଜା କରନ୍ତୁ । ପ୍ରତ୍ୟହ ଗୀତାର ଗୋଟିଏ ଗୋଟିଏ ଅଧ୍ୟାୟ ଅଧ୍ୟୟନ କରନ୍ତୁ । କିନ୍ତୁ ସେତିକ ପଢ଼ିଦେଲେ କାମ ସରିଗଲାବୋଲି ଧରିନିଅନ୍ତୁ ନାହିଁ । ଗୀତାର ଉପଦେଶରେ

ଅନୁପ୍ରାଣିତ ହୋଇ ଜୀବନ ଧାରଣ କରନ୍ତୁ । କେବଳ ବକ୍ତୃତା ବା ଆଳାପ ଆଲୋଚନାରୁ କୌଣସି ପ୍ରକାର ଲାଭ ମିଳିବ ନାହିଁ । ଆପଣ ସମସ୍ତ ଗୀତାଟି କଣ୍ଠସ୍ଥ କରିଦେଇ ପାରନ୍ତି ; ଗୀତା ବିଷୟରେ ଆପଣ ଘଣ୍ଟା ଘଣ୍ଟା ଧରି ବକ୍ତୃତା ଦେଇପାରନ୍ତି ଏବଂ ତଥାପି ଆପଣ ଗୀତା ଜ୍ଞାନର କାଣିଚାଏ ମଧ୍ୟ ଲାଭ କରି ନ ଥାଇପାରନ୍ତି । ଗୀତାର ଉପଦେଶାବଳୀ ଜୀବନରେ ନିୟମିତ ଭାବରେ ଉପଯୋଗ କରିବା ହିଁ ଏକାନ୍ତ ଆବଶ୍ୟକ । ସର୍ବାନ୍ତଃକରଣରେ ବାସ୍ତବବାଦୀ ମନୁଷ୍ୟ ହୁଅନ୍ତୁ । ଗୀତା ଆପଣଙ୍କର ଚିନ୍ତାକୁ ପରିଚାଳିତ କରୁ, ଆପଣଙ୍କ ବାକ୍ୟକୁ ଅନୁପ୍ରେରିତ କରୁ ଏବଂ ଆପଣଙ୍କ କର୍ମକୁ ନିୟନ୍ତ୍ରିତ କରୁ । ଫଳରେ କ୍ରମଶଃ ଜୀବନପ୍ରତି ଆପଣଙ୍କର ଆଭିମୁଖ୍ୟ ବଦଳିଯିବ । ଆପଣ ଜଣେ ଦିବ୍ୟଦୃଷ୍ଟିସମ୍ପନ୍ନ ଦିବ୍ୟ ମନୁଷ୍ୟ ହୋଇଯିବେ । ସଫଳତା ମିଳୁ ବା ବିଫଳତା ମିଳୁ, ସୁଖ ଆସୁ ବା ଦୁଃଖ ଆସୁ, ଲାଭ ହେଉ ବା କ୍ଷତି ହେଉ, ଆପଣ ଆଉ ବ୍ୟସ୍ତ ବିଚଳିତ ହେବେ ନାହିଁ । ଏହି ଜନ୍ମରେ, ଏହି କର୍ମଭୂମିରେ ହିଁ ଆପଣ ଲାଭ କରିବେ ଶକ୍ତି, ସାହାସ, ଶାନ୍ତି ଓ ଅନାହତ ଆନନ୍ଦ ।

ରାମାୟଣ

ମହର୍ଷି ବାଲ୍ମୀକିଙ୍କ ରଚିତ ରାମାୟଣ ହିଁ ସମ୍ଭବତଃ ଜଗତର ପ୍ରାଚୀନତମ ଗୌରବମୟ ମହାକାବ୍ୟ । ରାମାୟଣ ଆଦିକାବ୍ୟ ବା ପ୍ରଥମ କବିତାରୂପରେ ପରିଚିତ । ମନୁଷ୍ୟ ଜୀବନକୁ ମହିମାମୟ କରି ସଂଗଠିତ କରିବାଲାଗି ରାମାୟଣ ଏକ ମହାଶକ୍ତିରୂପରେ କାର୍ଯ୍ୟ କରେ । ରାମାୟଣ ସ୍ୱାମୀ ସ୍ତ୍ରୀଙ୍କ ନିମନ୍ତେ, ପିତାପୁତ୍ରଙ୍କ ନିମନ୍ତେ, ଭ୍ରାତୃବର୍ଗଙ୍କ ନିମନ୍ତେ, ଶତ୍ରୁମିତ୍ରଙ୍କ ନିମନ୍ତେ ବହୁ ଶିକ୍ଷଣୀୟ ଦୃଷ୍ଟାନ୍ତରେ ପୂର୍ଣ୍ଣ ।

ରାମାୟଣର ଉତ୍ପତ୍ତି—ଥରେ ବାଲ୍ମୀକି ନାରଦଙ୍କୁ ପଚାରିଲେ, "ମହର୍ଷି, ଯଦି ଜଗତରେ କେହି ବ୍ୟକ୍ତି ଥାଆନ୍ତି, ଯେ କି ଏକାଧାରରେ ଗୁଣବାନ, ସାହସୀ, କର୍ତ୍ତବ୍ୟପରାୟଣ, ସତ୍ୟବାଦୀ, ମର୍ଯ୍ୟାଦାବନ୍ତ ଏବଂ ଦୟାଳୁ, ତେବେ ଦୟା କରି ସେହି ମହାନ୍ ବ୍ୟକ୍ତି ସମ୍ବନ୍ଧରେ ମୋତେ ଟିକିଏ କହନ୍ତୁ ।"

ନାରଦ କହିଲେ, ଇକ୍ଷ୍ୱାକୁ ବଂଶରେ ରାମ ନାମରେ ଜଣେ ରାଜା ଅଛନ୍ତି; ସେ ଯଥାର୍ଥରେ ଏହିପରି ଜଣେ ପୁରୁଷ । ସେ ଗୁଣବାନ ଓ ସାହସୀ ଭଦ୍ର ଓ ଜ୍ଞାନୀ, ସେ ଜଣେ ମହାବୀର । ସେ ଅତ୍ୟନ୍ତ ପ୍ରଜାବତ୍ସଳ । ସେ ଧର୍ମପାଳକ । ସେ ଦୃଢ଼ ଏକାଗ୍ରଚିତ୍ତ । ସେ ନ୍ୟାୟବାନ ଓ ଉଦାର । ସେ ବେଦଜ୍ଞ ଓ ସମରଜ୍ଞ । ସେ ଅତୁଳନୀୟ ଗୁଣର ଆକର ଓ ଅନନ୍ୟ ସୁନ୍ଦର ରୂପର ଅଧିକାରୀ । ସେ ଜଣେ ଆଜ୍ଞାବହ ପୁତ୍ର, ଦୟାର୍ଦ୍ର ଭ୍ରାତା, ପ୍ରେମଶୀଳ ସ୍ୱାମୀ, ବିଶ୍ୱସ୍ତ ବନ୍ଧୁ, ଆଦର୍ଶ ରାଜା, କ୍ଷମାଶୀଳ ଶତ୍ରୁ ଏବଂ ସେ ସକଳ ଜୀବଙ୍କପ୍ରତି କରୁଣାମୟ । ସେ ସକଳ ଲୋକର ପୂଜ୍ୟ ।"

ଏ ପ୍ରକାର ରାମଚରିତ୍ର ବର୍ଣ୍ଣନାରେ ବିହ୍ୱଳ ହୋଇ ବାଲ୍ମୀକି ତମସା କୂଳରେ ପଦଚାରଣ କରୁଛନ୍ତି । ଏହି ସମୟରେ ଦୃଷ୍ଟି ପଡ଼ିଗଲା ସମ୍ମୁଖସ୍ଥ ବୃକ୍ଷଶାଖାରେ ପ୍ରେମକ୍ରୀଡ଼ାରେ ପ୍ରମତ୍ତ ଏକ କ୍ରୌଞ୍ଚଯୁଗଳ ଉପରେ । କିନ୍ତୁ ଚାହୁଁ ଚାହୁଁ ହଠାତ୍ ଏକ ବ୍ୟାଧର ଶର ଅକାଳ ଚଡ଼କପରି ଛୁଟିଆସି ବିଦ୍ଧ କରିଦେଲା ପ୍ରେମିକ ପୁରୁଷ ପକ୍ଷୀଟିକୁ ; ବିଚରା ପକ୍ଷୀଟି ବୃକ୍ଷଶାଖାରୁ ଖସିପଡ଼ିଲା ଭୂତଳକୁ । ଶରହତ ପ୍ରିୟତମ ଯନ୍ତ୍ରଣାବିଦୀର୍ଣ୍ଣ ହୋଇ ତଳେ ଗଡ଼ିଯାଉଥିବା ଦେଖି ବିରହିଣୀ ପକ୍ଷୀଣୀ କଣ୍ଠରୁ

ଝରି ପଡ଼ିଲା ଏକ କରୁଣ ଚିତ୍କାର । ଭୂପତିତ ପକ୍ଷୀ ଓ ବିକଳପିତା ପକ୍ଷିଣୀଟିର ଦୁର୍ଦ୍ଦଶାର ଦୃଶ୍ୟଟିର ଋଷିପ୍ରାଣରୁ ଝରିପଡ଼ିଲା କରୁଣା । ମୁଖରୁ ଝରିପଡ଼ିଲା କରୁଣ କବିତା,

"ରେ ବ୍ୟାଧ, ତୁ ପାଇବୁନି
ତୋ ଜୀବନେ ଶାନ୍ତି ଆଉ,
ବଧିଲୁ ତୁ ଯେଣୁ କ୍ରୌଞ୍ଚ
ପ୍ରେମକ୍ରୀଡ଼ାରତ ଥାଉ ।"

ସେହି କବିତାଟି ଥିଲା ପ୍ରତି ପାଦରେ ଆଠ ଅକ୍ଷର-ବିଶିଷ୍ଟ ଚତୁଷ୍ପଦୀ ଅନୁଷ୍ଟୁପ୍ ଛନ୍ଦର ଏକ କରୁଣ ଗୀତିକବିତା ।

ତା'ପରେ ସ୍ୱୟଂ ଜଗତସ୍ରଷ୍ଟା ବ୍ରହ୍ମା କବିଙ୍କ ସମକ୍ଷରେ ଉପସ୍ଥିତ ହୋଇ କହିଲେ, 'ଆପଣ ଏହି ମଧୁର ଅନୁଷ୍ଟୁପ ଛନ୍ଦରେ ଶ୍ରୀରାମଙ୍କର ମନୋହର ଚରିତ ବର୍ଣ୍ଣନା କରି କାବ୍ୟ ରଚନା କରନ୍ତୁ । ଯେତେଦିନପର୍ଯ୍ୟନ୍ତ ଏହି ଜଗତ ରହିଥିବ, ଯେତେଦିନ ପର୍ଯ୍ୟନ୍ତ ଆକାଶରେ ସୂର୍ଯ୍ୟଚନ୍ଦ୍ର ଉଦ୍‌ଭାସିତ ହେଉଥିବେ ସେତେଦିନ ପର୍ଯ୍ୟନ୍ତ ଆପଣଙ୍କର କାବ୍ୟ ଲୋକରେ ପ୍ରସାରିତ ହେଉଥିବ ।" ଏହା କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ । ସେ ପ୍ରଭୁ ଶ୍ରୀରାମଙ୍କର ସମଗ୍ର ଜୀବନଚରିତ ସମ୍ବନ୍ଧରେ କବିଙ୍କୁ ଜ୍ଞାନ ପ୍ରଦାନ କରି ଯାଇଥିଲେ । ଫଳରେ ଅନୁପ୍ରାଣିତ ବାଲ୍ମୀକି ଧ୍ୟାନମଗ୍ନ ହୋଇ ନିଜର ଯୋଗନେତ୍ରରେ ଶ୍ରୀରାମଙ୍କ ଜୀବନର ପ୍ରତ୍ୟେକଟି ଘଟଣା ଅତି ସ୍ପଷ୍ଟଭାବରେ ଦର୍ଶନ କରିବାକୁ ପାଇଲେ । ଏଥର ଯୋଗଦ୍ରଷ୍ଟା ଋଷି ରଚନା କରିବାକୁ ଆରମ୍ଭ କରିଦେଲେ ଶ୍ରୀ ରାମାୟଣ ଗ୍ରନ୍ଥ । ଶରହତ କ୍ରୌଞ୍ଚପ୍ରତି ପ୍ରେମ ଓ କରୁଣାରେ ପରିପ୍ଳୁତ ହୋଇଯାଇଥିବା କବିହୃଦୟରୁ ଝରିପଡ଼ିଥିଲା ରାମାୟଣର ମଧୁର କବିତା । କ୍ରୌଞ୍ଚକରୁଣାସିକ୍ତ ବାଲ୍ମୀକିମୁଖନିଃସୃତ ରାମାୟଣ କଥାକୁ ଏ ପ୍ରକାରରେ ମଧ୍ୟ ବ୍ୟାଖ୍ୟା କରାଯାଇପାରେ । ଶ୍ରୀରାମ ଓ ସୀତା ହେଉଛନ୍ତି କ୍ରୌଞ୍ଚଦମ୍ପତିଙ୍କର ପ୍ରତୀକ ; ରାବଣ କ୍ରୂର ବ୍ୟାଧର ପ୍ରତୀକ । କ୍ରୂର ବ୍ୟାଧ ରାବଣ ଅତି ନିଷ୍ଠୁରଭାବରେ ସୀତାଙ୍କୁ ରାମଙ୍କଠାରୁ ବିଚ୍ଛିନ୍ନ କରିଦେଲା । ଉଭୟ ଘଟଣା ମଧ୍ୟରେ ସାମାନ୍ୟ ସାମଞ୍ଜସ୍ୟ ରହିଛି । ଯାହା ହେଉ ବ୍ୟାଧର କ୍ରୂର କର୍ମ ହିଁ ବାଲ୍ମୀକିଙ୍କୁ ରାମାୟଣ ରଚନାରେ ଏକ ପୂର୍ବାଭ୍ୟାସସ୍ୱରୂପ ପ୍ରେରଣା ପ୍ରଦାନ କରିଥିଲା ।"

ବାଲ୍ମୀକି ରାମାୟଣରେ ସର୍ବମୋଟ ୨୪,୦୦୦ଟି ଶ୍ଳୋକ ରହିଛି । ସେଗୁଡ଼ିକୁ ୫୦୦ଟି ଅଧ୍ୟାୟରେ ସଙ୍କଳିତ କରି ସମଗ୍ର ଗ୍ରନ୍ଥଟିକୁ ସାତଟି କାଣ୍ଡରେ ବିଭକ୍ତ କରାଯାଇଛି । ବାଲ, ଅଯୋଧ୍ୟା, ଅରଣ୍ୟ, କିଷ୍କିନ୍ଧା, ସୁନ୍ଦର, ଯୁଦ୍ଧ ଓ ଉତ୍ତର

—ଏହି ସାତଟି ହେଉଛି ରାମାୟଣର ସାତକାଣ୍ଡ । ରାମାୟଣର କବିତା ହେଉଛି ବିଶୁଦ୍ଧ-ପ୍ରାଚୀନ ସଂସ୍କୃତକବିତା । ଏହି ପ୍ରସିଦ୍ଧ କାବ୍ୟର ଶ୍ଳୋକଗୁଡ଼ିକୁ ଶ୍ରୀରାମଙ୍କର ଶିଶୁ-ପୁତ୍ରଦ୍ୱୟ ଲବ ଓ କୁଶ ହିଁ ଜଗତରେ ପ୍ରଥମେ ମଧୁର ସଙ୍ଗୀତରୂପରେ ଗାନ କରିଥିଲେ । ଗୁରୁ ବାଲ୍ମୀକିଙ୍କର ଆଶ୍ରମରୁ ବାଲସନ୍ୟାସୀରୂପରେ ଆସି ସେମାନେ ପିତା ଶ୍ରୀରାମ ତଥା କାବ୍ୟର ଅନ୍ୟାନ୍ୟ ଚରିତ୍ରଙ୍କ ସମ୍ମୁଖରେ ଏହି ମନୋହର ମଧୁରକାବ୍ୟ ଗାନ କରିଥିଲେ ।

ରାମାୟଣ ସକଳ ବେଦ ଓ ସମସ୍ତ ଧର୍ମଶାସ୍ତ୍ରର ସାରରେ ପୂର୍ଣ୍ଣ ଏକ ଅଲୌକିକ କାବ୍ୟଗ୍ରନ୍ଥ । ଏହି ଗ୍ରନ୍ଥଟି ମନୁଷ୍ୟଜାତିର ଏକ ଅମୂଲ୍ୟ ସମ୍ପଦ । ରାମାୟଣ ହେଉଛି ଅମରତ୍ୱପ୍ରଦାନକାରୀ ଏକ ଅମୃତ ଭଣ୍ଡାର । ପିତୃାଦେଶ ପାଳନ ନିମନ୍ତେ ରାଜସିଂହାସନକୁ ପାଦରେ ଆଡେଇଦେଇ, ଐଶ୍ୱର୍ଯ୍ୟ, ସମ୍ପଦ ତଥା ଇନ୍ଦ୍ରିୟସୁଖପ୍ରତି ପୃଷ୍ଠପ୍ରଦର୍ଶନ କରିଦେଇ ଯେଉଁ ପୁତ୍ର ଦୀର୍ଘ ଚଉଦବର୍ଷକାଳ ବନବାସ କରିବାକୁ ଚାଲିଯାଇଥିଲେ, ଏହି ଗ୍ରନ୍ଥ ଅଙ୍କନ କରିଛି ସେହି ପିତୃଭକ୍ତ ପୁତ୍ରଙ୍କର ଏକ ନିଖୁଣ କାବ୍ୟଚିତ୍ର । ନିଜର ସତ୍ୟରକ୍ଷା ନିମନ୍ତେ ଯେଉଁ ପିତା ନିଜର ପ୍ରିୟତମ ପୁତ୍ରକୁ ମଧ୍ୟ ଦେଶାନ୍ତର ଦଣ୍ଡ ପ୍ରଦାନ କରି ପାରିଥିଲେ, ଏହି କାବ୍ୟ ହେଉଛି ସେହି ସତ୍ୟବ୍ରତ ପିତାଙ୍କର ଏକ ବିଶଦ ବର୍ଣ୍ଣନା । ଯେଉଁ ଆଦର୍ଶ ସତୀନାରୀ ଆଜୀବନ ପତିଭକ୍ତିରେ ଉଦ୍‌ବୁଦ୍ଧା ହୋଇ, ସ୍ୱାମୀଦୁଃଖରେ ସମଭାଗୀ ହୋଇ, ବନେବନେ ପତି-ଅନୁଗାମିନୀ ହୋଇ, ପତି ହିଁ ପରମେଶ୍ୱର ବୋଲି ତାଙ୍କୁ ସେବାସୁଖ ପ୍ରଦାନ କରିଥିଲେ, ଏହି ମହାକାବ୍ୟ କରିଛି ସେହି ପ୍ରାତଃସ୍ମରଣୀୟାଙ୍କର ଏକ ଅପୂର୍ବ ଚରିତ୍ରଚିତ୍ରଣ । ସର୍ବୋପରି ଏହି ଗ୍ରନ୍ଥ ଚିତ୍ରଣ କରିଛି ଏପରି ଏକ ଭ୍ରାତାଙ୍କର ଅନୁପମ ଚରିତ୍ର, ଯେ କି ଭ୍ରାତୃଭକ୍ତି ହିଁ ଜଗତର ସର୍ବଶ୍ରେଷ୍ଠ ବିଷୟ ବୋଲି ଗ୍ରହଣ କରି ରାଜନଗରର ସୁଖସମ୍ପଦ ପରିତ୍ୟାଗପୂର୍ବକ ସ୍ୱେଚ୍ଛାପ୍ରଣୋଦିତ ହୋଇ ଚାଲିଯାଇଥିଲେ ବନବାସୀ ଜ୍ୟେଷ୍ଠଭ୍ରାତା-ଙ୍କର ଅନୁଗମନ କରି; ବନବାସ କାଳରେ ତାଙ୍କର ସେବା କରି ଆପଦ ବିପଦରେ ସାହାଯ୍ୟ ଦେବା ଲାଗି । ରାମାୟଣର ପ୍ରକୃତିବର୍ଣ୍ଣନା ଅତି ରମଣୀୟ, ଅତି ମହତ୍ତ୍ୱ-ପୂର୍ଣ୍ଣ । ପାଠକ ବାସ୍ତବିକ ଅନୁଭବ କରିବ ଯେ, ନଦୀପର୍ବତ, ବୃକ୍ଷଲତା, ପଶୁପକ୍ଷୀ ଆଦି ସମସ୍ତେ ସତରେ ମନୁଷ୍ୟର ସୁଖଦୁଃଖରେ ସମଭାଗୀ । ରାମାୟଣର ଯୁଦ୍ଧ-ବର୍ଣ୍ଣନା ମଧ୍ୟ ଅତି ଚମତ୍କାର । ଏହି କାବ୍ୟଟିର ମୁଖ୍ୟ ବିଭବ ହେଉଛି ତାର ସରଳତା । ଆଦ୍ୟରୁ ପ୍ରାନ୍ତ୍ୟାଏଁ ସମସ୍ତ କାବ୍ୟଟି କରୁଣକୋମଳ ରସରେ ପୂର୍ଣ୍ଣ । ରାମାୟଣରେ କବିତା ଓ ନୈତିକତାର ମଧୁର ମିଳନ ଘଟିଛି । ଏଥିରେ ନୈତିକତାର ସ୍ୱର ବହୁ ଉଚ୍ଚକୁ ଉତ୍ତୋଳିତ ହୋଇଛି । ରାମାୟଣର ଏକ ଐତିହାସିକ ପୃଷ୍ଠଭୂମି ମଧ୍ୟ ରହିଛି । ଏହି ଗ୍ରନ୍ଥଟି ହେଉଛି ପ୍ରାଚୀନ ସଭ୍ୟତାର ଏକ

ତଥ୍ୟକୋଷ । ଏହା କେବଳ ଏକ ରୂପକକାବ୍ୟ ନୁହେଁ, ଏହା ହେଉଛୁ ଏପରି ଏକ ଚିରନ୍ତନ ପ୍ରେରଣାତ୍ମକ ମହାନ ଗ୍ରନ୍ଥ, ଯାହାକି ଶତାବ୍ଦୀ ଶତାବ୍ଦୀ ଧରି କୋଟି କୋଟି ଜନତାର ଭାଗ୍ୟ ନିୟନ୍ତ୍ରଣ କରି ଆସିଛୁ ଏବଂ ଯୁଗ ଯୁଗ ଧରି ନିଶ୍ଚିତଭାବରେ ତାର ସେହି ପବିତ୍ର କର୍ତ୍ତବ୍ୟ ପାଳନ କରିଚାଲିବ ।

ରାମାୟଣର ସାତକାଣ୍ଡର ସଂକ୍ଷିପ୍ତ ବିବରଣ— ବାଲକାଣ୍ଡରେ ଶ୍ରୀରାମଙ୍କର ଅବତାର ଗ୍ରହଣ ଓ ବାଲ୍ୟଲୀଳା ବର୍ଣ୍ଣିତ ହୋଇଛୁ । କୁମାର ବୟସରେ ରାମ ବିଶ୍ୱାମିତ୍ରଙ୍କର ଯଜ୍ଞରକ୍ଷା କରନ୍ତି, ରାକ୍ଷସୀ ତାଡ଼କା ଓ ସୁବାହୁ ରାକ୍ଷସକୁ ବଧ କରନ୍ତି । ଅହଲ୍ୟାଙ୍କୁ ଶାପବିମୁକ୍ତ କରନ୍ତି । ଶିବଧନୁ ଭଙ୍ଗ କରି ଜାନକୀଙ୍କର ପାଣି-ଗ୍ରହଣ କରନ୍ତି ଏବଂ ପର୍ଶୁରାମଙ୍କର ଗର୍ବ ଖର୍ବ କରନ୍ତି ।

ଅଯୋଧ୍ୟା-କାଣ୍ଡରେ ଶ୍ରୀରାମଙ୍କର ଅଭିଷେକପାଇଁ ଆୟୋଜନ ହୁଏ କିନ୍ତୁ ତାଙ୍କର ବିମାତା କୈକେୟୀ ସେଥିରେ ପ୍ରତିବନ୍ଧକ ସୃଷ୍ଟି କରି ତାଙ୍କୁ ଦେଶାନ୍ତର-ଦଣ୍ଡ ଦେଇ ଚଉଦବର୍ଷ ବନବାସରେ ପଠାଇ ଦିଅନ୍ତି । ରାମଙ୍କର ଭାଇ ଲକ୍ଷ୍ମଣ ଓ ପତ୍ନୀ ସୀତା ତାଙ୍କର ଅନୁଗମନ କରନ୍ତି । ପୁତ୍ର ବିଚ୍ଛେଦରେ ପିତା ରାଜା ଦଶରଥଙ୍କ ହୃଦୟରେ ଲାଗେ ଭୀଷଣ ଆଘାତ, ଫଳରେ ସେ ପ୍ରାଣତ୍ୟାଗ କରନ୍ତି ଦୁଃଖ ଓ ଶୋକରେ । ଶବରରାଜ ଗୁହ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ଆତିଥ୍ୟ ପ୍ରଦାନ କରନ୍ତି । ଗଙ୍ଗା ପାର ହୋଇ ସେମାନେ ସାକ୍ଷାତ କରନ୍ତି ଋଷି ଭରଦ୍ୱାଜଙ୍କୁ ଋଷିବରଙ୍କର ଉପଦେଶକ୍ରମେ ସେମାନେ ଚିତ୍ରକୂଟ ଗମନ କରନ୍ତି । ସେଠାରେ ସେମାନେ ଏକ ପର୍ଣ୍ଣକୁଟୀର ନିର୍ମାଣ କରନ୍ତି । ଏ ଭିତରେ ଭରତ (ଅନ୍ୟତମ ଅନୁରକ୍ତ ଭାଇ)ବନକୁ ଯାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ନିମନ୍ତେ ରାମଙ୍କୁ ବହୁ ନିବେଦନ କରନ୍ତି ଏବଂ ଶେଷରେ କେବଳ ରାମଙ୍କର ପାଦୁକା ବହନ କରି ଫେରିଆସନ୍ତି । ସିଂହାସନରେ ଶ୍ରୀରାମ ପାଦୁକା ସ୍ଥାପନ କରି ସେ ଶ୍ରୀରାମଙ୍କର ଜଣେ ଅନୁଚରରୂପରେ ରାଜ୍ୟପାଳନ କରନ୍ତି । ଭରତ ନିଜେ ରହନ୍ତି ନନ୍ଦିଗ୍ରାମ ନାମକ ଏକ କ୍ଷୁଦ୍ର ପଲ୍ଲୀରେ ।

ଅରଣ୍ୟକାଣ୍ଡରେ ରାକ୍ଷସ ବିରାଧ ଦଣ୍ଡକବନରେ ରାମଲକ୍ଷ୍ମଣଙ୍କୁ ଆକ୍ରମଣ କରେ । ରାମ ତାକୁ ବଧ କରନ୍ତି । ତାପରେ ସେମାନେ ଶରଭଙ୍ଗ, ସୁତୀକ୍ଷ୍ଣ ଓ ଅତ୍ରି ଋଷିଙ୍କ ଆଶ୍ରମ ଦର୍ଶନରେ ଯାଆନ୍ତି । ଅତ୍ରିପତ୍ନୀ ଅନସୂୟା ପତ୍ନୀର ଧର୍ମ ସମ୍ବନ୍ଧରେ ସୀତାଙ୍କୁ ବହୁ ପ୍ରେରଣାପ୍ରଦ ଉପଦେଶ ପ୍ରଦାନ କରନ୍ତି । ତାପରେ ସେମାନେ ସାକ୍ଷାତ କରନ୍ତି ଋଷି ଅଗସ୍ତ୍ୟଙ୍କୁ । ରାମ ତାଙ୍କଠାରୁ କେତେକ ଦିବ୍ୟାସ୍ତ୍ର ଗ୍ରହଣକରନ୍ତି । ପଞ୍ଚବଟିବନରେ

ସେମାନଙ୍କର ରାକ୍ଷସୀ ସୁର୍ପଣଖା ସହିତ ସଂଗ୍ରାମ ହୁଏ । ଲକ୍ଷ୍ମଣ ସୁର୍ପଣଖାର ନାକ-କାନ କାଟିଦେଇ ତାକୁ ବିକଳାଙ୍ଗ କରିଦିଅନ୍ତି । ଫଳରେ ସୁର୍ପଣଖାର ଭାଇ ଖର ଓ ଦୂଷଣ ଅତ୍ୟନ୍ତ କ୍ରୁଦ୍ଧ ହୋଇ ଚଉଦ ହଜାର ରାକ୍ଷସ ସୈନ୍ୟ ଧରି ରାମଙ୍କୁ ଆକ୍ରମଣ କରନ୍ତି । ଯୁଦ୍ଧରେ ସମସ୍ତ ଅସୁର ନିପାତ ହୁଅନ୍ତି ।

ସୁର୍ପଣଖା ତାପରେ ଲଙ୍କା ଚାଲିଯାଇ ଭାଇ ରାବଣ ସମ୍ମୁଖରେ ଅଭିଯୋଗ ଉପସ୍ଥାପନ କରେ । ରାବଣର ଷଡ଼ଯନ୍ତ୍ର ଅନୁଯାୟୀ ତାର ମାମୁଁ ମାରୀଚ ଏକ ସ୍ୱର୍ଣ୍ଣମୃଗ ରୂପ ଧରି ରାମ, ଲକ୍ଷ୍ମଣ ଓ ସୀତାଙ୍କ ସମ୍ମୁଖରେ ଦେଖାଦିଏ । ସୀତା ମୃଗ ଧରି ଆଣିବାକୁ ରାମଙ୍କୁ ଅନୁରୋଧ କରନ୍ତି । ରାମ ମୃଗ ଧରି ଆଣିବାକୁ ବନ ମଧ୍ୟକୁ ଚାଲିଯାଆନ୍ତି ଏବଂ ଘଟଣାକ୍ରମେ ତାକୁ ବଧ କରନ୍ତି । ଇତ୍ୟବସରରେ ରାମ ଓ ଲକ୍ଷ୍ମଣ ଅନୁପସ୍ଥିତ ଥିବାବେଳେ ରାବଣ ଆସି ସୀତାଙ୍କୁ ଅପହରଣ କରିନିଏ । ଗୃଧ୍ରରାଜ ଜଟାୟୁ ରାବଣର ପଥରୋଧ କରି ତା'ଦ୍ୱାରା ଆଘାତପ୍ରାପ୍ତ ହୋଇଥିବା ଫଳରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଯାଆନ୍ତି । ରାମ ମୁମୂର୍ଷୁ ଜଟାୟୁଙ୍କ ମୁଖରୁ ସୀତାଙ୍କ ବିଷୟରେ ସମ୍ବାଦ ପାଆନ୍ତି । ସୀତା ବିଚ୍ଛେଦରେ ସେ ଶୋକାକୁଳ ହୋଇଯାଆନ୍ତି । ଘଟଣାକ୍ରମେ ରାମ ଓ ଲକ୍ଷ୍ମଣ ପମ୍ପାସରୋବର ନିକଟରେ କବନ୍ଧ ରାକ୍ଷସକୁ ବଧ କରନ୍ତି । ତାପରେ ସେମାନଙ୍କର ସାକ୍ଷାତ ହୁଏ ପରମଭକ୍ତିମତୀ ଶବରୀଙ୍କ ସହିତ । ଶବରୀ ସେମାନଙ୍କୁ ଗଭୀର ଭକ୍ତିର ସହିତ ଫଳମୂଳ ଅର୍ପଣ କରନ୍ତି ।

କିଷ୍କିନ୍ଧା କାଣ୍ଡରେ ରାମଙ୍କର ପମ୍ପାକୂଳରେ ହନୁମାନଙ୍କ ସହିତ ସାକ୍ଷାତ ହୁଏ, ସେମାନେ ଋଷ୍ୟମୂକ ପର୍ବତ ଆରୋହଣ କରି ସୁଗ୍ରୀବଙ୍କ ସହିତ ବନ୍ଧୁତା ସ୍ଥାପନ କରନ୍ତି । ରାମଙ୍କ ସହାୟତାରେ ସୁଗ୍ରୀବ ବାଲୀ ବଧ କରନ୍ତି । ବାଲୀପତ୍ନୀ ତାରାକୁ ଆଶ୍ୱାସନା ପ୍ରଦାନ କରି ସୁଗ୍ରୀବଙ୍କୁ କିଷ୍କିନ୍ଧାରେ ରାଜସିଂହାସନରେ ଅଧିଷ୍ଠିତ କରାନ୍ତି । କିଛିଦିନ ମଧ୍ୟରେ ହନୁମାନ ଦଳେ ବାନରଙ୍କ ସହିତ ସୀତା-ଅନ୍ୱେଷଣରେ ବାହାରିପଡ଼ନ୍ତି । ନିଜେ ରାମଦୂତ ବୋଲି ପ୍ରମାଣସ୍ୱରୂପ ସଙ୍ଗରେ ନେଇଥାନ୍ତି ରାମଙ୍କର ହସ୍ତମୁଦ୍ରିକା । ତନ୍ନ ତନ୍ନ କରି ଚତୁର୍ଦ୍ଦିଗ ଅନ୍ୱେଷଣ କରିବା ପରେ ମଧ୍ୟ ସେ ସୀତାଙ୍କର ସନ୍ଧାନ ପାଇପାରନ୍ତି ନାହିଁ । ଦିନେ ଭଲ୍ଲୁକରାଜ ଜାମ୍ବବାନ ଜଟାୟୁଙ୍କ ଭାଇ ସମ୍ପାତିଙ୍କୁ ଏକ ଗିରିଗୁମ୍ଫାରେ ଦେଖିବାକୁ ପାଆନ୍ତି । ସମ୍ପାତି ସମସ୍ତ ତଥ୍ୟ ଯୋଗାଇଦିଅନ୍ତି । ତାଙ୍କର ଉପଦେଶକ୍ରମେ ହନୁମାନ ଏକ ପର୍ବତ ଶିଖରକୁ ଉଠି ଲଙ୍କାକୁ ଯିବାପାଇଁ ସେଠାରୁ ଲମ୍ଫ ଦିଅନ୍ତି ।

ସୁନ୍ଦର କାଣ୍ଡରେ ହନୁମାନଙ୍କର ଅପୂର୍ବ ବୀରୋଚିତ କାର୍ଯ୍ୟାବଳୀର ବର୍ଣ୍ଣନା ରହିଛି । ଲଙ୍କାପଥରେ ଆକାଶଯାନ କାଳରେ ସମୁଦ୍ରର ଅନୁରୋଧ କ୍ରମେ ମୈନାକ

ନାମକ ଏକ ଦ୍ୱୀପପର୍ବତ ହନୁମାନଙ୍କୁ ନିମନ୍ତ୍ରଣ କରି ତା'ଉପରେ କିଛି ସମୟ ବିଶ୍ରାମ କରନ୍ତୁ ବୋଲି ପ୍ରାର୍ଥନା କରେ । ପରେ ସିଂହିକା ନାମକ ଏକ ଜଳ ରାକ୍ଷସୀ ହନୁମାନଙ୍କର ଛାୟାକୁ ଆକର୍ଷଣ କରି ତାଙ୍କୁ ତଳକୁ ଟାଣିଆଣେ । ହନୁମାନ ତାକୁ ବଧ କରନ୍ତି । ତା'ପରେ ଦୂରରୁ ଲଙ୍କାଗଡ଼ର ଦୃଶ୍ୟ ଅବଲୋକନ କରି ସେ ରାତିକାଳରେ ଲଙ୍କାଗଡ଼ରେ ପ୍ରବେଶ କରନ୍ତି । ଲଙ୍କାର ଅଶୋକବନରେ ସେ ସୀତାଠାବ କରି ତାଙ୍କୁ ରାମଙ୍କର ମୁଦ୍ରିକା ଓ ସମ୍ବାଦ ପ୍ରଦାନ କରନ୍ତି । ହନୁମାନ ଅଶୋକବନ ଧ୍ୱଂସ କରନ୍ତି । ତେଣୁ ରାକ୍ଷସମାନେ ତାଙ୍କୁ ବନ୍ଦୀ କରନ୍ତି । ହନୁମାନ ବନ୍ଧନ ଛିଣ୍ଡାଇ ଲଙ୍କାଗଡ଼ ପୋଡ଼ିଦିଅନ୍ତି । ତା'ପରେ ସେ ରାମଙ୍କ ନିକଟକୁ ଫେରିଆସି ତାଙ୍କୁ ସୀତାଙ୍କର ମଥାମଣି ପ୍ରଦାନ କରନ୍ତି । ସୀତାଙ୍କର ସୁସ୍ଥ ସମ୍ପଦ ତଥା ସମ୍ବାଦ ପାଇ ରାମ ଆନନ୍ଦ ଗଦ୍‌ଗଦ ହୋଇଯାଆନ୍ତି ।

ଯୁଦ୍ଧକାଣ୍ଡରେ ବାନରପତି ନଳ ସମୁଦ୍ରଙ୍କର ଉପଦେଶକ୍ରମେ ଲଙ୍କାକୁ ଯିବାଲାଗି ସମୁଦ୍ର ଉପରେ ଏକ ସେତୁ ବାନ୍ଧି ଦିଅନ୍ତି ବୀରଗଣ ଏକ ବିରାଟ ବାନରସେନା ସହ ସମୁଦ୍ର ପାରହୋଇ ଲଙ୍କାରେ ପ୍ରବେଶ କରନ୍ତି । ରାବଣର ଭାଇ ବିଭୀଷଣ ସେମାନଙ୍କ ସହିତ ମିତ୍ରତା କରି ସେମାନଙ୍କୁ ରାବଣ ତଥା ତାର ସୈନ୍ୟସାମନ୍ତଙ୍କୁ କିପରି ବଧ କରାଯିବ, ତାର ସୂଚନା ପ୍ରଦାନ କରନ୍ତି । ଯୁଦ୍ଧରେ କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଓ ରାବଣ ନିହତ ହୁଅନ୍ତି । ଯୁଦ୍ଧକାଳରେ ରାମ ଓ ରାବଣ ଉଭୟେ ଉଭୟଙ୍କ ଉପରକୁ ବହୁ ମନ୍ତ୍ରସିଦ୍ଧ ଅସ୍ତ୍ର ପ୍ରୟୋଗ କରନ୍ତି । ରାମ ରାବଣ ସେନା ଉପରକୁ ଏପରି ଏକ ଅସ୍ତ୍ର ପ୍ରୟୋଗ କରନ୍ତି ଯେ, ସବୁ ରାକ୍ଷସ ରାମଙ୍କପରି ଦେଖାଯାଆନ୍ତି । ଫଳରେ ସେମାନେ ପରସ୍ପରକୁ ହତ୍ୟା କରନ୍ତି । ରାବଣ ରାମଙ୍କ ଉପରକୁ ନାଗାସ୍ତ୍ର (ବିଷଧର ସର୍ପରେ ପରିଣତ ହୋଇ ଆକ୍ରମଣ କରିବାକୁ ମାଡ଼ି-ଆସୁଥିବା ଅସ୍ତ୍ର) ପ୍ରୟୋଗ କରେ; ତାର ଶରସବୁ ନାଗଫଣାରେ ପରିଣତ ହୋଇ ଚତୁର୍ଦ୍ଦିଗରେ ଅଗ୍ନି ବର୍ଷଣ କରେ । ଫଳରେ ରାମ ପ୍ରୟୋଗ କରନ୍ତି ଗରୁଡ଼ାସ୍ତ୍ର, ଯାହାର ପ୍ରତ୍ୟେକଟି ଶର ଗୋଟିଏ ଗୋଟିଏ ଗରୁଡ଼ରେ ପରିଣତ ହୋଇ ରାବଣର ସର୍ପଶରମାନଙ୍କୁ ଖଣ୍ଡ ଖଣ୍ଡ କରିଦିଏ । ଗରୁଡ଼ ସର୍ପର ଶତ୍ରୁ । ରାମ ରାବଣକୁ ବ୍ରହ୍ମାସ୍ତ୍ରରେ ନିହତ କରନ୍ତି । ସୀତାଙ୍କୁ ଉଦ୍ଧାର କରାଯାଏ । ସତୀତ୍ୱ ସମ୍ମାନର ପରୀକ୍ଷା ଦେବାଲାଗି ସୀତା ଅଗ୍ନିରେ ପ୍ରବେଶ କରନ୍ତି । ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇ ସୀତା ପୂର୍ବାପେକ୍ଷା ଅଧିକ ଗୌରବମୟୀ, ଅଧିକ ତେଜସ୍ୱିନୀ ଦେଖାଯାଆନ୍ତି । ତାପରେ ବିଭୀଷଣଙ୍କୁ ଲଙ୍କାର ରାଜା କରିଦିଆଯାଏ । ଏଥର ଶ୍ରୀରାମ ସକଳ ବନ୍ଧୁବର୍ଗଙ୍କ ସହିତ ପୁଷ୍ପକ ବିମାନରେ ବସି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରନ୍ତି । ରାମଙ୍କୁ ସମ୍ରାଟ ପଦରେ ଅଭିଷିକ୍ତ କରାଯାଏ । ରାମରାଜ୍ୟବାସୀ ପ୍ରଜାଗଣ ଅପାର ଆନନ୍ଦ ଲାଭ କରନ୍ତି ।

ଉତ୍ତରକାଣ୍ଡରେ ରାମଙ୍କର ଶାସନପ୍ରଣାଳୀ ତଥା ରାମରାଜ୍ୟର ବର୍ଣ୍ଣନା ରହିଛି । ରାମରାଜ୍ୟରେ ସର୍ବତ୍ର ଧର୍ମ ବିରାଜମାନ କରେ । ସର୍ବତ୍ର ସମୃଦ୍ଧି ଓ ପ୍ରାଚୁର୍ଯ୍ୟ ବିରାଜମାନ କରେ । ସେ ରାଜ୍ୟରେ ରୋଗ ନ ଥାଏ କି ଶୋକ ନ ଥାଏ; ଚୋର ନ ଥାନ୍ତି କି ତସ୍କର ନ ଥାନ୍ତି । ସେଠାରେ ଧନଜୀବନ ସମ୍ପୂର୍ଣ୍ଣ ନିରାପଦ । ଚତୁର୍ବର୍ଣ୍ଣ ସୁଷ୍ଠୁରୂପରେ ନିଜନିଜର ଧର୍ମ ପାଳନ କରନ୍ତି । ସୁଦୀର୍ଘକାଳବ୍ୟାପୀ ସମୃଦ୍ଧିପୂର୍ଣ୍ଣ ଶାସନ ଶେଷରେ ରାମ ସ୍ୱୀୟ ପରମ ନିତ୍ୟସ୍ଥଳୀ ସାକେତପୁରୀ ବା ସାକେତ ଧାମକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ଜ୍ଞାନୀଜନଙ୍କ ନିମନ୍ତେ ରାମାୟଣର ଗୂଢ଼ାର୍ଥ ହେଉଛି; ରାବଣ ଅହଂକାରର ପ୍ରତୀକ । ତାର ଦଶଶିର ଦଶଇନ୍ଦ୍ରିୟର ପ୍ରତୀକ । ଲଙ୍କା ନଗରୀ ହେଉଛି ଏହି ନବଦ୍ୱାରବିଶିଷ୍ଟ ସ୍ଥୂଳଶରୀର । ବିଭୀଷଣ ହେଉଛନ୍ତି ବିବେକର ପ୍ରତିରୂପ । ସୀତା ହେଉଛନ୍ତି ଶାନ୍ତି ଏବଂ ରାମ ହେଉଛନ୍ତି ଜ୍ଞାନ । ରାବଣବଧର ଅର୍ଥ ଅହଂକାରର ବିନାଶ କରି ଦଶଇନ୍ଦ୍ରିୟକୁ ଦମନ କରିବା । ସୀତା ବିମୋଚନ ଅର୍ଥ ଜୀବ କାମନାପରବଶ ହୋଇ ଯେଉଁ ଶାନ୍ତି ହରାଇ ବସିଥିଲା, ସେହି ଶାନ୍ତି ଫେରିପାଇବା । ଜ୍ଞାନ ଲାଭ କରିବା ଅର୍ଥ ରାମଙ୍କୁ ଅର୍ଥାତ୍ ପରମାତ୍ମାଙ୍କୁ ଦର୍ଶନ କରିବା ।

ଯେ ଏହି ମୋହସାଗର ଅତିକ୍ରମ କରି ରାଗଦ୍ୱେଷରୂପକ ରାକ୍ଷସଗଣଙ୍କୁ ବଧ କରିପାରନ୍ତି, ସେ ହେଉଛନ୍ତି ଯୋଗୀ, ଯେ କି ଶାନ୍ତିରେ ନିମଗ୍ନ ହୁଅନ୍ତି; ଯେ ଆତ୍ମାରେ ନିବାସ କରି ନିତ୍ୟସୁଖ ଭୋଗ କରନ୍ତି । ରାମ ମଙ୍ଗଳର, ସତ୍‌ର ପ୍ରତୀକ; ରାବଣ ଅସତ୍‌ର, ଅମଙ୍ଗଳ ପ୍ରତୀକ । ରାମ ରାବଣ ପରସ୍ପର ମଧ୍ୟରେ ଯୁଦ୍ଧରତ ହେଲେ । ଅବଶେଷରେ ଶ୍ରୀରାମଙ୍କର ହେଲା ବିଜୟ । ସତ୍ ସର୍ବଦା ଅସତ୍ ଉପରେ ବିଜୟ ଲାଭ କରେ । ମଙ୍ଗଳ ସର୍ବଦା ଅମଙ୍ଗଳକୁ ପରାସ୍ତ କରେ ।

ଭାଗବତ ପୁରାଣ

ହିନ୍ଦୁଧର୍ମସାହିତ୍ୟର ଇତିହାସରେ ପୁରାଣ ଏକ ଅନୁପମ ସ୍ଥାନ ଅଧିକାର କରେ । ପୁରାଣଗୁଡ଼ିକ ଧର୍ମ ଏବଂ ଦର୍ଶନ ସମ୍ବନ୍ଧୀୟ ସକଳ ସୂଚନା ତଥା ଜ୍ଞାନର ଗୋଟିଏ ଗୋଟିଏ ଭଣ୍ଡାରସ୍ୱରୂପ । ଶ୍ରୁତି ତଥା ସ୍ମୃତିଶାସ୍ତ୍ରର ବିଷୟବସ୍ତୁ ସାଧାରଣ ଲୋକଙ୍କ ପକ୍ଷରେ ସହଜବୋଧ୍ୟ ନୁହେଁ । ତେଣୁ ମାନବ-ସମାଜର ଉପକାର ନିମନ୍ତେ ପରମ କାରୁଣିକ ବେଦବ୍ୟାସ ଅଷ୍ଟାଦଶ ପୁରାଣ ରଚନା କରି ସେହି ମାଧ୍ୟମରେ ସ୍ମୃତି ନିର୍ଦ୍ଦେଶିତ ନିଗୁଢ଼ ସତ୍ୟ ତଥା ଗମ୍ଭୀର ସମସ୍ୟାବଳୀ ଅତି ସହଜସରଳଭାବରେ ବୁଝାଇଦେଇଛନ୍ତି । ଯଥାର୍ଥରେ ଅଷ୍ଟାଦଶ-ପୁରାଣ ହିନ୍ଦୁଧର୍ମ ଓ ନୀତିଶାସ୍ତ୍ରର ଗୋଟିଏ ଜ୍ଞାନକଳ୍ପଦ୍ରୁମ ବା ବିଶ୍ୱକୋଷସଦୃଶ । ପୁରାଣଗୁଡ଼ିକର କାର୍ଯ୍ୟ ହେଉଛି ବର୍ଣ୍ଣନା, ଗଳ୍ପ ଓ ଉପାଖ୍ୟାନ ମାଧ୍ୟମରେ ଲୋକ-ସମାଜରେ ବିଭିନ୍ନ ବୈଦିକସତ୍ୟ ପ୍ରଚାର କରିବା । ପୁରାଣଗୁଡ଼ିକ ନୀତିକଥା, ରୂପକଥା, ଦର୍ଶନ, ଧର୍ମ, ଉପକଥା ଓ କିମ୍ବଦନ୍ତୀରେ ପୂର୍ଣ୍ଣ ।

ଭାଗବତ ପୁରାଣର ଜନ୍ମକଥା-- ଦିନକର କଥା । ଶ୍ରୀ ବ୍ୟାସଦେବ ପବିତ୍ର ସରସ୍ୱତୀ ନଦୀ କୂଳରେ ବସି ଧ୍ୟାନ କରୁଛନ୍ତି । ଅନ୍ତଃକରଣ ଅସ୍ଥିର । ମନରେ ସନ୍ତୋଷ ନାହିଁ କି ଶାନ୍ତି ନାହିଁ । ମନେ ମନେ ଚିନ୍ତା କରୁଛନ୍ତି, "ମୁଁ କଠୋର ବ୍ରହ୍ମଚର୍ଯ୍ୟ ପାଳନ କରିଛି । ମୁଁ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତିସହକାରେ ବେଦ ଅଧ୍ୟୟନ କରିଛି; ଶ୍ରୀଗୁରୁଙ୍କ ପୂଜାର୍ଚ୍ଚନା କରିଛି; ଯାଗଯଜ୍ଞାଦି ଅନୁଷ୍ଠାନ ମଧ୍ୟ କରିଛି । ମୁଁ ଗୁରୁଆଜ୍ଞା ଶିରୋଧାର୍ଯ୍ୟ କରିଛି । ମୁଁ ମହାଭାରତରୂପକ ଗ୍ରନ୍ଥରେ ବେଦର ସମସ୍ତ ତାତ୍ପର୍ଯ୍ୟ ଏପରିଭାବରେ ବୁଝାଇଦେଇଛି ଯେ, ତାହା ଅଧ୍ୟୟନ କଲେ ସ୍ତ୍ରୀ, ଶୂଦ୍ର ତଥା ଅନ୍ୟମାନେ ମଧ୍ୟ ସକଳ ଧର୍ମ ଓ ଧର୍ମସମ୍ବନ୍ଧୀୟ ସମସ୍ତ ବିଷୟ ସ୍ପଷ୍ଟ ଭାବରେ ହୃଦୟଙ୍ଗମ କରିପାରିବେ । ତଥାପି ମତେ କାହିଁକି ଲାଗୁଛି, ମୋର କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ରହିଯାଇଛି ।"

ଠିକ୍ ସେତିକିବେଳେ ଦେବର୍ଷି ନାରଦ ଆସି ବ୍ୟାସଙ୍କ ସମ୍ମୁଖରେ ଠିଆ ହୋଇଗଲେ । କହିଲେ, "ମୁନିବର, ଯାହାକିଛି ଜାଣିବାର ଥିଲା, ଆପଣ ତ ସମ୍ପୂର୍ଣ୍ଣ ରୂପେ ଜାଣିପାରିଛନ୍ତି । ଆପଣଙ୍କ ରଚିତ ଚମତ୍କାର ଗ୍ରନ୍ଥ ମହାଭାରତରେ ତ ସବୁକିଛି ରହିଛି । ତଥାପି ଆପଣ ଏପରି ଅଶାନ୍ତି-ଅସନ୍ତୋଷ ଅନୁଭବ କରୁଛନ୍ତି କାହିଁକି ।"

ଶ୍ରୀ ବ୍ୟାସ କହିଲେ, "ଆପଣ ଯଥାର୍ଥ କହୁଛନ୍ତି । ସତରେ ମୁଁ କାହିଁକି ସନ୍ତୋଷ ଅନୁଭବ କରିପାରୁ ନାହିଁ । ଆପଣ ତ ବ୍ରହ୍ମାସୁତ; ଆପଣ ତ ଅଗାଧ ଜ୍ଞାନର ଅଧିକାରୀ । ଦୟା କରି ଆପଣ ହିଁ ମୋତେ ଏହାର କାରଣ କହନ୍ତୁ; ଆପଣଙ୍କ ମୁହଁରୁ ହିଁ ମୁଁ ଶୁଣେ ।

ନାରଦ କହିଲେ, "ହେ ମୁନିବର, ଆପଣ ଧର୍ମକର୍ମାଦି ସକଳ ବିଷୟ ଲେଖିଛନ୍ତି ସତ କିନ୍ତୁ ବାସୁଦେବଙ୍କର ମହିମା କୀର୍ତ୍ତନ କରି ନାହାନ୍ତି । ମୁଁ ଭାବୁଛି, କେବଳ ସେଇଥିପାଇଁ ପରମେଶ୍ୱର ଆପଣଙ୍କ ପ୍ରତି ସନ୍ତୁଷ୍ଟ ନୁହନ୍ତି । ତେଣୁ ହେ ବରପୁତ୍ର, ପ୍ରଭୁ ଶ୍ରୀକୃଷ୍ଣଙ୍କର ବିବିଧ ମହାନ ଲୀଳା ବିଷୟରେ ଲେଖନ୍ତୁ, ଯାହା ଫଳରେ କି, ସେସବୁ ଜାଣିବାକୁ ପାଇ ଜଗତର ସମସ୍ତ ଲୋକ ମହାମୁକ୍ତି ଲାଭ କରି ପାରିବେ । ଏହି ବିଶ୍ୱ ମଧ୍ୟ ଭଗବାନଙ୍କର ଗୋଟିଏ ତତ୍ତ୍ୱ, କାରଣ ଏହାର ସୃଷ୍ଟି ପାଳନ ଓ ବିନାଶ ଭଗବାନଙ୍କଠାରୁ ହିଁ ଜାତ । ଆପଣ ନିଜେ ଏ ସମସ୍ତ ବିଷୟରେ ପୂର୍ଣ୍ଣଜ୍ଞାନ ଲାଭ କରିଛନ୍ତି କିନ୍ତୁ ଅନ୍ୟମାନଙ୍କୁ ଏହି ମହାସତ୍ୟର ଗୋଟିଏ ଅଂଶ ମାତ୍ର ଦର୍ଶାଇଛନ୍ତି । ସୁତରାଂ ହେ ଋଷିବର, ସେହି ସର୍ବତ୍ର ବିଦ୍ୟମାନ ଶ୍ରୀହରିଙ୍କର ମହିମା କୀର୍ତ୍ତନ କରନ୍ତୁ; କାରଣ ଅନ୍ୟମାନଙ୍କ ବିଷୟ ଥାଉ, ଜ୍ଞାନୀଜନମାନେ ମଧ୍ୟ ହରିମହିମା ଜାଣିବା ପରେ ହିଁ ଜୀବନର ଅନ୍ତିମ ଲକ୍ଷ୍ୟ ଲାଭ କରନ୍ତି । ଜ୍ଞାନୀଜନମାନେ ଜାଣନ୍ତି ଯେ, ଯେଉଁମାନେ ବାରମ୍ବାର ଏହି ସଂସାରକ୍ଷେତ୍ରରେ ନିପତିତ ହୁଅନ୍ତି, ସେମାନଙ୍କର ଦୁଃଖଯନ୍ତ୍ରଣା ଉପଶମପାଇଁ ହରିଗୁଣକୀର୍ତ୍ତନ ବିନା ଅନ୍ୟ କୌଣସି ଉପାୟ ନାହିଁ ।" ଦେବର୍ଷି ନାରଦଙ୍କର ଏହି ଉପଦେଶ ଅନୁଯାୟୀ ବ୍ୟାସଦେବ ଶ୍ରୀମଦ୍ ଭାଗବତ ପୁରାଣ ରଚନା କଲେ । ଶ୍ରୀମଦ୍ ଭାଗବତ ବାରଟି ସ୍କନ୍ଧରେ ବିଭକ୍ତ; ଏଥିରେ ସର୍ବମୋଟ ତିନିଶହ ପଞ୍ଚତିରିଶଟି ଅଧ୍ୟାୟ ଓ ଅଠରହଜାର ଶ୍ଳୋକ ରହିଛି । ଏହି ଗ୍ରନ୍ଥ ବିଷ୍ଣୁ ବା ଭଗବାନଙ୍କର ମହିମା କୀର୍ତ୍ତନ କରୁଥିବାରୁ ଏହାର ନାମ ଭାଗବତ ରଖାଯାଇଛି । ଏହା ଏକ ଶ୍ରେଷ୍ଠତମ ପ୍ରାମାଣିକ ହିନ୍ଦୁ ଧର୍ମଶାସ୍ତ୍ର ଏବଂ ଭାରତର ଏକ ସୁପ୍ରସିଦ୍ଧ ଗ୍ରନ୍ଥ । ଭାରତୀୟ ଜନସାଧାରଣଙ୍କର ଅନୁଭୂତି ଓ ମନୋଭାବ ଉପରେ ଭାଗବତର ଏକ ପ୍ରତ୍ୟକ୍ଷ ତଥା ପ୍ରଗାଢ଼ ପ୍ରଭାବ ପଡ଼ିଥାଏ । ଏଥିରେ ସର୍ବ ପୁରାଣର ସାର ସଂଗ୍ରହ କରାଯାଇଛି ।

ପରମାତ୍ମାଙ୍କର ବିଭିନ୍ନ ଅବତାର— ଭାଗବତ ପୁରାଣ ହେଉଛି ଭଗବାନ ବିଷ୍ଣୁଙ୍କର ବିଭିନ୍ନ ଅବତାରର ଏକ ଘଟଣାନୁକ୍ରମିକ ବିବରଣୀ । ପ୍ରତ୍ୟେକଟି ଅବତାରର ଉଦ୍ଦେଶ୍ୟ ହେଉଛି ଜଗତକୁ କୌଣସି ଏକ ଘୋର ବିପଦରୁ ଉଦ୍ଧାର କରିବା ତଥା ଦୁଷ୍ଟଦୁରାଚାରୀମାନଙ୍କୁ ବିନାଶ କରି ସାଧୁସଚ୍ଚରିତ୍ରମାନଙ୍କୁ ସୁରକ୍ଷା

ପ୍ରଦାନ କରିବା । ଦଶଟି ପ୍ରଧାନ ଅବତାର ହେଲେ ; ମତ୍ସ୍ୟ, କୂର୍ମ, ବରାହ, ନରସିଂହ, ବାମନ, ପରଶୁରାମ, (ପରଶୁଧାରୀ ରାମ, ଯେ କି କ୍ଷତ୍ରିୟ ବଂଶ ନିପାତ କରିଥିଲେ), ରାମଚନ୍ଦ୍ର (ରାମାୟଣର ନାୟକ-ଦଶରଥ ନନ୍ଦନ ; ସୀତାପତି ତଥା ରାକ୍ଷସ ରାବଣର ନିଧନକାରୀ,) ଶ୍ରୀକୃଷ୍ଣ (ରୁକ୍ମିଣୀପତି ଓ ଗୀତା-ଜ୍ଞାନଗୁରୁ), ବୁଦ୍ଧ, (ବୌଦ୍ଧଧର୍ମ ପ୍ରତିଷ୍ଠାତା ସନ୍ନ୍ୟାସୀ ରାଜକୁମାର) ଏବଂ କଲ୍କି (ଯେଉଁ ମହାବୀର କଳି-ଯୁଗ ଶେଷରେ ଶ୍ୱେତଅଶ୍ୱ ଆରୋହଣ କରି ଆଗମନ କରିବେ) ।

ମତ୍ସ୍ୟ ଅବତାରର ଉଦ୍ଦେଶ୍ୟ ଥିଲା, ବୈବସ୍ୱତ ମନୁଙ୍କୁ ପ୍ରଳୟ ପ୍ରୟୋଧି ଜଳର ଧ୍ୱଂସମୁଖରୁ ଉଦ୍ଧାର କରିବା ଏବଂ କୂର୍ମ ଅବତାରର ଉଦ୍ଦେଶ୍ୟ ଥିଲା, ପ୍ରଳୟ ଜଳରେ ପୃଥିବୀ ଯେଉଁସବୁ ନିଧି ହରାଇଥିଲା, ସେସବୁ ପୁନରୁଦ୍ଧାରକରିବାରେ ପୃଥିବୀକୁ ସହାୟତା ପ୍ରଦାନ କରିବା । ଦେବତା ଓ ଅସୁରମାନେ ମିଶି ଯେତେବେଳେ କ୍ଷୀରସାଗର ମନ୍ଥନ କଲେ, ସେତେବେଳେ ଅସୁରମାନେ ମନ୍ଥନଦଣ୍ଡର ଭାର ବହନ-ପାଇଁ ଅବତାର ଗ୍ରହଣ କରିଥିବା କଚ୍ଛପ ନିଜର ପୃଷ୍ଠ ପ୍ରଦାନ କରିଥିଲେ । ଦୁର୍ଦ୍ଦାନ୍ତ ଦାନବ ହିରଣ୍ୟାକ୍ଷ ଧରଣୀକୁ ଟାଣିନେଇ ସାଗର ଗର୍ଭରେ ନିକ୍ଷେପ କରିଦେଇ-ଥିବାବେଳେ ଅଗାଧ ସାଗର ଜଳରୁ ଧରଣୀକୁ ଉଦ୍ଧାର କରି ଧରି ରଖିବା ଥିଲା ବରାହ ଅବତାରର ଉଦ୍ଦେଶ୍ୟ । ଅର୍ଦ୍ଧନର ଓ ଅର୍ଦ୍ଧସିଂହ ରୂପଧାରୀ ନରସିଂହ ଅବତାରର ଉଦ୍ଦେଶ୍ୟ ଥିଲା ଜଗତକୁ ଭକ୍ତ ପ୍ରହ୍ଲାଦଙ୍କର ଦାନବ ପିତା-ହିରଣ୍ୟକଶିପୁର ଅତ୍ୟାଚାରରୁ ରକ୍ଷା କରିବା । ରାଜା ବଳୀଙ୍କର ତପସ୍ୟା ଓ ଉପାସନା ଫଳରେ ଦେବଗଣଙ୍କର ଯେଉଁ ଶକ୍ତି ମଳିନ ପଡ଼ିଯାଇଥିଲା, ସେହି ଶକ୍ତି ପୁନରୁଦ୍ଧାର କରିବା ଥିଲା ବାମନ ଅବତାରର ଉଦ୍ଦେଶ୍ୟ । ଧରଣୀକୁ କ୍ଷତ୍ରିୟ ଶାସକମାନଙ୍କର ଅତ୍ୟାଚାରରୁ ରକ୍ଷା କରିବାଲାଗି ବିଷ୍ଣୁ ପରଶୁରାମ ଅବତାର ଗ୍ରହଣ କରିଥିଲେ । ପରଶୁରାମ ଧରଣୀରୁ କ୍ଷତ୍ରିୟ ଶକ୍ତିକୁ ଏକୋଇଶି ଥର ନିପାତ କରିଦେଇଥିଲେ । ରାମ ଅବତାରରେ ପ୍ରଭୁ ଦୁଷ୍ଟ ରାବଣକୁ ନିପାତ କରିଥିଲେ । ଶ୍ରୀକୃଷ୍ଣ ଅବତାରର ଲକ୍ଷ୍ୟ ଥିଲା କଂସାଦି ଦୁଷ୍ଟ ଦାନବମାନଙ୍କୁ ନିପାତ କରିବା, ଗୀତାର ଅପୂର୍ବ ବାଣୀ ପ୍ରଚାର କରିବା ତଥା ଭକ୍ତିବାଦର କେନ୍ଦ୍ରରେ ପ୍ରତିଷ୍ଠିତ ହେବା । ପଶୁବଳୀ ନିଷେଧ କରାଇବା ଥିଲା ବୁଦ୍ଧାବତାରର ଉଦ୍ଦେଶ୍ୟ । କଲ୍କି ଅବତାରର ଉଦ୍ଦେଶ୍ୟ ହେଉଛି ଦୁଷ୍ଟ ନିବାରଣ କରି ସନ୍ଥ ପାଳନ କରିବା ।

ଭାଗବତ ପୁରାଣର ବୈଶିଷ୍ଟ୍ୟ—ଏକମାତ୍ର ଭାଗବତ ପୁରାଣରେ ହିଁ ବିଶ୍ୱ-ସୃଷ୍ଟିର ଇତିହାସ ବିଧିବଦ୍ଧଭାବରେ ଚର୍ଚ୍ଚା କରାଯାଇଛି । ଭଗବାନ ଶ୍ରୀକୃଷ୍ଣ

ହୋଇଛନ୍ତି ଏହି ଅନୁପମ ଗ୍ରନ୍ଥର ମୁଖ୍ୟଚରିତ୍ର । ତାଙ୍କୁ କେନ୍ଦ୍ରକରି ସଂପୂର୍ଣ୍ଣ ଗ୍ରନ୍ଥଟି ରଚିତ ହୋଇଛି । ଭକ୍ତି ବିଷୟରେ ଏହା ଏକ ପ୍ରାମାଣିକ ଗ୍ରନ୍ଥ । ଭାଗବତ ଯେଉଁ ଭକ୍ତି ବିଷୟରେ ଶିକ୍ଷା ଦିଅନ୍ତି, ତାହା ହେଉଛି ଜ୍ଞାନମିଶ୍ରା ଭକ୍ତି । ଭାଗବତ ଭକ୍ତିକୁ ଜ୍ଞାନଠାରୁ ବିଚ୍ଛିନ୍ନ କରିଦେଇ ନାହାନ୍ତି । ଭାଗବତ ଶିକ୍ଷା ଦିଅନ୍ତି ଯେ, ପୂର୍ଣ୍ଣଭକ୍ତି ଲାଭପାଇଁ ଜ୍ଞାନ ଅତ୍ୟନ୍ତ ସହାୟକ । ଅନ୍ୟକଥାରେ କହିଲେ, ଭାଗବତରେ ଭକ୍ତି-ରସ ସହିତ ଅମୃତ ଜ୍ଞାନର ସଞ୍ଜିବନୀ ସୁଧା ମିଶ୍ରିତ ହୋଇ ରହିଛି ।

ଇହଧାମରୁ ବିଦାୟ ନେଇଯିବାବେଳେ ଭଗବାନ ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ଯେଉଁ ଉପଦେଶାବଳୀ ପ୍ରଦାନ କରିଛନ୍ତି, ତାହା ଅତୀବ ଚମତ୍କାର । ଏହିସବୁ ଉପଦେଶ ଏକାଦଶ ସ୍କନ୍ଧରେ ରହିଛି । ଶ୍ରୀକୃଷ୍ଣ ନିଜର ସଖା ତଥା ଅଗ୍ରଗଣ୍ୟ ଶିଷ୍ୟ ଯାଦବ-ଶ୍ରେଷ୍ଠ ଉଦ୍ଧବଙ୍କର ସକଳ ସନ୍ଦେହ ମୋଚନ କରିଦେଇଛନ୍ତି । ସେ ତ ବିଭିନ୍ନ ବିଷୟରେ ଉପଦେଶ ପ୍ରଦାନ କରିଛନ୍ତି କିନ୍ତୁ ସେ ଭିତରେ ଏକତମ ମୁଖ୍ୟବାଣୀ ହେଉଛି; "ମୋତେ ପ୍ରତ୍ୟେକ ବସ୍ତୁରେ ଦର୍ଶନ କର । ତୁମେ ମୋ ପାଖରେ ଆତ୍ମସମର୍ପଣ କରିଦିଅ । ମୋ ପାଇଁ ହିଁ ସକଳ କର୍ମ ସାଧନ କର । ସମସ୍ତ ଆସକ୍ତିରୁ ବିଚ୍ଛିନ୍ନ ହୋଇଯାଅ । ମୋ ପାଖରେ ପୂର୍ଣ୍ଣ ଅଟଳ ଭକ୍ତି ରଖ । ମୋର ମହିମା କୀର୍ତ୍ତନ କର ।"

ଭାଗବତ ପୁରାଣ ବିଭିନ୍ନ ପ୍ରକାର ସାଧକଙ୍କ ନିମନ୍ତେ ବିଭିନ୍ନ ପ୍ରକାର ଧ୍ୟାନର ବ୍ୟବସ୍ଥା କରିଛନ୍ତି । ପ୍ରାଥମିକ ସ୍ତରର ସାଧକଙ୍କୁ କୁହାଯାଇଛି, ସେ ବିରାଟପୁରୁଷଙ୍କର ଧ୍ୟାନ କରନ୍ତୁ; ତାଙ୍କୁ ଭାବିବାକୁ ପଡ଼ିବ ଯେ, ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଭଗବାନଙ୍କର ଶରୀର । ଏହା ଦ୍ୱିତୀୟ ସ୍କନ୍ଧରେ ଉଲ୍ଲେଖ କରାଯାଇଛି । ହୃଦୟ ମଧ୍ୟରେ ଭଗବାନଙ୍କର ସ୍ୱରୂପ ଧ୍ୟାନ ତଥା ପ୍ରଭୁଙ୍କର ପାଦକମଳଠାରୁ ଆରମ୍ଭ କରି ଅନ୍ୟାନ୍ୟ ବିଭିନ୍ନ ଅଙ୍ଗର ଧ୍ୟାନ ବିଷୟ ସେହି ଦ୍ୱିତୀୟ ଓ ତୃତୀୟ ସ୍କନ୍ଧରେ ବର୍ଣ୍ଣନା କରାଯାଇଛି । ହୃଦୟରେ ଅଗ୍ନି, ସୂର୍ଯ୍ୟ ଓ ସୋମ ବା ଚନ୍ଦ୍ର—ଏହି ତିନି ମଣ୍ଡଳ ଗୋଟିଏ ଉପରେ ଗୋଟିଏ ଆବୃତ ହୋଇ ରହିଛନ୍ତି; ଏହି ତ୍ରିମଣ୍ଡଳ ବିଶିଷ୍ଟ ହୃଦୟପଦ୍ମର କେନ୍ଦ୍ରରେ ପରମାତ୍ମାଙ୍କୁ ଧ୍ୟାନ କରିବାକୁ ହେବ ବୋଲି ଏକାଦଶ ସ୍କନ୍ଧରେ ଉପଦେଶ ଦିଆଯାଇଛି । ସେହି ସ୍କନ୍ଧରେ କୁହାଯାଇଛି ଯେ, ପ୍ରଥମେ ଭଗବାନ ଶ୍ରୀକୃଷ୍ଣଙ୍କ ରୂପ ଧ୍ୟାନ କରିବ, ତାପରେ ନିର୍ମଳ ମହାଶୂନ୍ୟ ବା ପରମ କାରଣରେ ଚିତ୍ତ ସଂଲଗ୍ନ କରିଦେବ ଏବଂ ଶେଷରେ ପରଂବ୍ରହ୍ମରେ ନିମଜ୍ଜିତ ହୋଇଯିବ । ଏହି ସ୍କନ୍ଧର ଆରମ୍ଭରେ ରାଜା ନିମିଙ୍କୁ ନଅଜଣ ଋଷି ଭାଗବତ ଧର୍ମ ବିଷୟରେ ଯେଉଁ ଉପଦେଶ ପ୍ରଦାନ କରିଛନ୍ତି, ତାହା ବାସ୍ତବିକ ବଡ଼ ରୋମାଞ୍ଚକର ବଡ଼ ହୃଦୟସ୍ପର୍ଶୀ ହୋଇଛି । ଦଶମ ସ୍କନ୍ଧରେ ଭଗବାନଙ୍କର ସମସ୍ତ ଲୀଳା

ବର୍ଣ୍ଣନ କରାଯାଇଛି । ପ୍ରଭୁଙ୍କର ବାଲ୍ୟକାଳର ହାସ-ପରିହାସ ଓ କ୍ରୀଡ଼ା-କୌତୁକପୂର୍ଣ୍ଣ କୁମାରଲୀଳା ବା ବାଲ୍ୟଲୀଳା, ବୃନ୍ଦାବନଲୀଳା, ମଥୁରାଲୀଳା, ଦ୍ୱାରକାଲୀଳା, କୁରୁକ୍ଷେତ୍ର-ଲୀଳା ଏବଂ ପ୍ରଭାସଲୀଳା ଆଦି ସମସ୍ତ ଲୀଳା ଏହି ଦଶମ ସ୍କନ୍ଧରେ ବର୍ଣ୍ଣନାକରାଯାଇଛି । ଏହି ଦଶମ ସ୍କନ୍ଧ ନବେଟି ଅଧ୍ୟାୟରେ ବିଭକ୍ତ । ଆତ୍ମା ଯେତେବେଳେ ମନର କଳୁଷରୁ ବିମୁକ୍ତ ହୋଇଯାଏ, ସେତେବେଳେ ଅନ୍ତରର ଆବେଗ କେବଳ ବିମଳ-ଧାରାରେ ବିଗଳିତ ହୁଏ, ମନୁଷ୍ୟ ଆତ୍ମାର ନିର୍ମଳ ଆହ୍ଲାଦମୟୀ ପ୍ରେମ କପଟ ଆତ୍ମପ୍ରକାଶ କରେ, ତାହା ଏହି ଦଶମ ସ୍କନ୍ଧରେ ହିଁ ବର୍ଣ୍ଣନା କରାଯାଇଛି । ମନର ସକଳ କଳୁଷ ଯେତେବେଳେ ନିବାରିତ ହୋଇଯାଏ, ହୃଦୟ ଯେତେବେଳେ ସମ୍ପୂର୍ଣ୍ଣ ବିମଳ ପବିତ୍ର ହୋଇଯାଏ, ସେତେବେଳେ ମନୁଷ୍ୟର ଆତ୍ମା ତାର ସ୍ୱାଭାବିକ ପଥରେ ପ୍ରଭୁଙ୍କ ଆଡ଼କୁ ଟାଣିହୋଇଯାଏ ବା ଆକର୍ଷିତ ହୋଇଯାଏ ଏବଂ ଶେଷରେ ସେହି ପରମାତ୍ମାଙ୍କଠାରେ ଲୀନ ହୋଇଯାଏ । ଯେଉଁମାନଙ୍କର ହୃଦୟ ସାଂସାରିକତାରେ ପୂର୍ଣ୍ଣ ହୋଇ ରହିଛି, ସେମାନେ ଦଶମ ସ୍କନ୍ଧର ନିଗୂଢ଼ ସତ୍ୟ ଉପଲବ୍ଧି କରିପାରିବେ ନାହିଁ ।

ଭାରତର ସର୍ବତ୍ର ଭାଗବତ-ସପ୍ତାହମାନ ପାଳିତ ହୁଏ; ଏହି ଅନୁଷ୍ଠାନରେ ସାତଦିନ ମଧ୍ୟରେ ସମସ୍ତ ଭାଗବତ ପୁରାଣଟି ପାରାୟଣ କରାଯାଏ । ଫଳରେ ସମସ୍ତ ଭାଗବତଟି ଶ୍ରବଣ ତଥା ଅବଧାରଣା କରିବାପାଇଁ ଭାଗବତ ସପ୍ତାହ ଏକ ସୁନ୍ଦର ସୁଯୋଗ ପ୍ରଦାନ କରେ । ଭାଗବତ ଜୀବନରେ ଏକ ବିରାଟ ସାନ୍ତ୍ୱନା ଆଣିଦିଏ । ଭାଗବତର ସୌନ୍ଦର୍ଯ୍ୟ, ବିମୋହିନୀ ମାଧୁର୍ଯ୍ୟ, ରଚନାପଦ୍ଧତି ଏବଂ ଦର୍ଶନର ପଟାନ୍ତର ନାହିଁ । ଦିବ୍ୟଜ୍ଞାନର ଏହା ଏକ ମହନୀୟ ରତ୍ନଭଣ୍ଡାର । ଭାଗବତପାଠ ଭକ୍ତି ଉଦୟ କରାଏ, ଜ୍ଞାନ ବିକାଶ କରାଏ ଏବଂ ପ୍ରକୃତ ବୈରାଗ୍ୟ ସୃଷ୍ଟି କରାଏ । ଭଗବାନ ବାସୁଦେବଙ୍କର ମହିମା ଅତି ପ୍ରାଞ୍ଜଳ ସୁନ୍ଦର ଭାବରେ ବର୍ଣ୍ଣିତ ହୋଇଛି ଏହି ମହାନ ଗ୍ରନ୍ଥରେ ।

ମହାଭାରତ

ମହାଭାରତରେ ଯେଉଁ ବୀରମାନଙ୍କ ବିଷୟ ବର୍ଣ୍ଣିତ ହୋଇଛି, ସେହି ବୀରମାନଙ୍କର ପିତାମହ ଶ୍ରୀ ବ୍ୟାସ (କୃଷ୍ଣ ଦ୍ୱୈପାୟନ) ମହାଭାରତ ରଚନା କରିଥିଲେ । ନିଜ ପୁତ୍ର ଶୁକଙ୍କୁ ତଥା ନିଜର ବୈଶମ୍ପାୟନାଦି ଶିଷ୍ୟଗଣଙ୍କୁ ସେ ଏହି ପୁରାଣ ଶିକ୍ଷା ଦେଇଥିଲେ । ପରୀକ୍ଷିତଙ୍କର ପୁତ୍ର ଏବଂ ଏହି ପୂର୍ବୋକ୍ତ ବୀର-ଗଣଙ୍କର ପ୍ରପୌତ୍ର ରାଜା ଜନ୍ମେଜୟ ଏକ ବିରାଟ ଯଜ୍ଞାନୁଷ୍ଠାନ କରିଥିଲେ । ସେଠାରେ ବ୍ୟାସଙ୍କ ନିର୍ଦ୍ଦେଶକ୍ରମେ ବୈଶମ୍ପାୟନ ଏହି ପୁରାଣଟି ପାଠ କରି ଜନ୍ମେଜୟଙ୍କୁ ଶୁଣାଇ-ଥିଲେ । ବୈଶମ୍ପାୟନ ଯେପରି ମହାଭାରତ ପାଠ କରି ଜନ୍ମେଜୟଙ୍କୁ ଶୁଣାଇଥିଲେ, ପରବର୍ତ୍ତୀ କାଳରେ ସୌତି ସେହିପରି ସୌନକଙ୍କୁ ମହାଭାରତ ପାଠ କରି ଶୁଣାଇଥିଲେ । ସେତେବେଳେ ସୌନକ ନୈମିଷାରଣ୍ୟରେ ଯଜ୍ଞାନୁଷ୍ଠାନ କରୁଥିଲେ । ନୈମିଷାରଣ୍ୟ ଆଧୁନିକ ଭାରତର ଉତ୍ତରପ୍ରଦେଶସ୍ଥିତ ସୀତାପୁର ନିକଟରେ ଅବସ୍ଥିତ ।

ମହାଭାରତର ବିଷୟବସ୍ତୁ—ମହାଭାରତରେ ସକଳ ଧର୍ମଶାସ୍ତ୍ରର ସାର ନିହିତ । ଏହି ପୁରାଣଟି ନୀତିଶାସ୍ତ୍ର, ଜ୍ଞାନ, ରାଜନୀତି, ଈଶ୍ୱରବିଶ୍ୱାସ, ଧର୍ମ ଓ ଦର୍ଶନର ଏକ ବିଶ୍ୱକୋଷ ବା ବିଦ୍ୟାକଳ୍ପଦ୍ରୁମସଦୃଶ । ପ୍ରସ୍ତାବିତ ଗ୍ରନ୍ଥର ବିଷୟବସ୍ତୁ ସମ୍ବନ୍ଧରେ ସୂଚନା ଦେବାକୁ ଯାଇ ମହାକବି ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କୁ ଜଣାଇଛନ୍ତି; "ପ୍ରଭୁ; ମୁଁ ଅନ୍ୟାନ୍ୟ ଲେଖିଥିବା ବେଦରହସ୍ୟ, ଉପନିଷଦର ଉପଦେଶାବଳୀ, ବୈଦିକ ଧର୍ମାନୁଷ୍ଠାନ ପଦ୍ଧତି, ସକଳ ପୁରାଣ ଓ ଇତିହାସର ଗୂଢତତ୍ତ୍ୱାବଳୀ, ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ-ସମ୍ବଳିତ ତ୍ରିକାଳଜ୍ଞାନ; ବାର୍ଦ୍ଧକ୍ୟ, ମୃତ୍ୟୁଭୟ ଓ ରୋଗର ନିଶ୍ଚିତ ଓ ବିଶଦ ବିବରଣ; ମନୁଷ୍ୟର ବିଭିନ୍ନ ଆଶ୍ରମର କର୍ତ୍ତବ୍ୟ, ଚତୁର୍ବର୍ଣ୍ଣ ବିଭାଗର ବିବରଣ, ତପଶ୍ଚର୍ଯ୍ୟା ଓ ବ୍ରହ୍ମଚର୍ଯ୍ୟ ସମ୍ବନ୍ଧୀୟ ନିର୍ଦ୍ଦେଶାବଳୀ, ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ତଥା ଗ୍ରହନକ୍ଷତ୍ରମାନଙ୍କର ଚଳନ ଓ ତାର ଫଳାଫଳ, ବେଦର ଆଧ୍ୟାତ୍ମିକ ଶିକ୍ଷା, ତର୍କଶାସ୍ତ୍ର, ଆୟୁର୍ବେଦ, ଦାନଧର୍ମର ନିୟମ, ପାଶୁପତ ଧର୍ମ; ମନୁଷ୍ୟ ତଥା ଦେବତାମାନଙ୍କର ଜୀବନର ବର୍ଣ୍ଣନା, ପବିତ୍ର ନଦୀ, ଦେଶ ଓ ସ୍ଥାନମାନଙ୍କର ବର୍ଣ୍ଣନା; ଯୁଦ୍ଧବିଦ୍ୟା; ଭାଷା ଓ ଭାଷଣ ବିଜ୍ଞାନ ଏବଂ ସାଂସାରିକ ଜୀବନଯାପନ ପ୍ରଣାଳୀ ଆଦି ସମସ୍ତ ବିଷୟ ଏହି ଗ୍ରନ୍ଥରେ ସନ୍ନିବିଷ୍ଟ ହୋଇଛି । ଜଗତରେ ଏପରି କୌଣସି ବିଷୟ ନାହିଁ, ଯାହା ଏଥିରେ ଚର୍ଚ୍ଚା କରାଯାଇ ନାହିଁ" । ପରିଶେଷରେ ମହାକବି କହିଛନ୍ତି; "ଏ ଗ୍ରନ୍ଥରେ ଯାହା ଅଛି; ଜଗତରେ ତାହା ହିଁ ଅଛି; ଏ ଗ୍ରନ୍ଥରେ ଯାହା-

ନାହିଁ; ଜଗତରେ ତାହା ନାହିଁ ।" ଅର୍ଥାତ 'ଯାହା ନାହିଁ ଭାରତେ, ତାହା ନାହିଁ ଭାରତେ' । ମହାଭାରତ ପୁରାଣଟି ଏକଶତସହସ୍ର ଶ୍ଳୋକରେ ରଚିତ ହୋଇଛି ।

ମହାଭାରତ ଅଠରଟି ପର୍ବରେ ବିଭକ୍ତ । ପର୍ବଗୁଡ଼ିକର ନାମ ହେଲା : ଆଦି, ସଭା, ବନ, ବିରାଟ, ଉଦ୍ୟୋଗ, ଭୀଷ୍ମ, ଦ୍ରୋଣ, କର୍ଣ୍ଣ, ଶଲ୍ୟ, ସୌପ୍ତିକ, ସ୍ତ୍ରୀ, ଶାନ୍ତି, ଅନୁଶାସନ, ଅଶ୍ୱମେଧ, ଆଶ୍ରମବାସୀକ, ମୌଷଲ, ମହାପ୍ରସ୍ଥାନିକ ଏବଂ ସ୍ୱର୍ଗାରୋହଣ । ପ୍ରତ୍ୟେକ ପର୍ବ ଏକାଧିକ ଅଧିପର୍ବ ବା ଅଧ୍ୟାୟରେ ବିଭକ୍ତ ।

ମହାଭାରତ କଥାର ସଂକ୍ଷିପ୍ତ ବିବରଣ—ମହାଭାରତ ହେଉଛି ପାଣ୍ଡବ ଓ କୌରବମାନଙ୍କ ମଧ୍ୟରେ ସଂଘଟିତ ହୋଇଥିବା ଭାରତୀୟ ମହାଯୁଦ୍ଧର ଇତିହାସ । ବିଚିତ୍ରବୀର୍ଯ୍ୟଙ୍କର ମୃତ୍ୟୁପରେ ବ୍ୟାସଙ୍କ ଔରସରୁ ଧୃତରାଷ୍ଟ୍ର ଓ ପାଣ୍ଡୁ ନାମରେ ଦୁଇପୁତ୍ର ଜନ୍ମ ହୋଇଥିଲେ । ଧୃତରାଷ୍ଟ୍ର ଅନ୍ଧଥିବାରୁ ପାଣ୍ଡୁ ରାଜସିଂହାସନ ଆରୋହଣ କରିଥିଲେ କିନ୍ତୁ କିଛିକାଳ ପରେ ସେ ଜ୍ୟେଷ୍ଠଭାଇଙ୍କ ହାତରେ ରାଜ୍ୟଭାର ସମର୍ପିଦେଇ ବନଗମନ କଲେ । ବନରେ ତାଙ୍କର ଯୁଧିଷ୍ଠିରାଦି ପାଞ୍ଚପୁତ୍ର ଜନ୍ମ ହୋଇ ପାଣ୍ଡବ ବୋଲାଇଲେ । ଧୃତରାଷ୍ଟ୍ରଙ୍କର ମଧ୍ୟ ଦୁର୍ଯ୍ୟୋଧନାଦି ଏକଶତ ପୁତ୍ର ଜନ୍ମ ହୋଇଥିଲେ । ସେମାନଙ୍କୁ କୌରବ ବୋଲାଯାଉଥିଲା । ପୁତ୍ରମାନଙ୍କର ଶୈଶବାବସ୍ଥାରେ ପାଣ୍ଡୁଙ୍କର ମୃତ୍ୟୁ ହେଲା ଏବଂ ଧୃତରାଷ୍ଟ୍ର ତାଙ୍କର ବୟସ୍କ ପିତୃବ୍ୟ ଭୀଷ୍ମଙ୍କ ସହାୟତାରେ ରାଜ୍ୟଶାସନ କରୁଥିଲେ । ଭୀଷ୍ମ ପ୍ରତିଜ୍ଞା କରିଥିଲେ ଯେ, ସେ ଆଜୀବନ ବ୍ରହ୍ମଚାରୀ ହୋଇ ରହିବେ । ପାଣ୍ଡବ ଓ କୌରବ ରାଜକୁମାରଗଣ ଏକତ୍ର ଲାଳିତପାଳିତ ହୋଇ; ଦ୍ରୋଣାଚାର୍ଯ୍ୟଙ୍କ ଅଧୀନରେ ଅଧ୍ୟୟନ କରି ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ଲାଗିଲେ । କିନ୍ତୁ ଉଭୟ ବଂଶର ରାଜକୁମାରଗଣ ଭାବିବାକୁ ଲାଗିଲେ ଯେ, ସେମାନେ ହିଁ ରାଜସିଂହାସନରେ ବସିବାକୁ ଯୋଗ୍ୟ ଏବଂ ଅନ୍ୟବଂଶର ରାଜକୁମାରମାନେ ସେମାନଙ୍କର ଶତ୍ରୁ । ଫଳରେ ଦୁଇବଂଶ ମଧ୍ୟରେ ଦିନକୁ ଦିନ ସମ୍ପର୍କ ତିକ୍ତ ହେବାକୁ ଲାଗିଲା । କାଳକ୍ରମେ କୌରବମାନଙ୍କର ନିର୍ଯ୍ୟାତନା ଫଳରେ ପାଣ୍ଡବମାନେ ଗୃହତ୍ୟାଗ କରିବାକୁ ବାଧ୍ୟ ହେଲେ । ସେମାନେ ଦୁଃଖକଷ୍ଟ ସହିଲେ କିନ୍ତୁ ଘଟଣାକ୍ରମେ ସେମାନେ ଦ୍ରୁପଦ ରାଜକୁମାରୀଙ୍କୁ ବିବାହ କରିବା ପରେ; ଧୃତରାଷ୍ଟ୍ର ସେମାନଙ୍କୁ ନିଜ ରାଜ୍ୟକୁ ଡକାଇ ଆଣିଲେ ଏବଂ ସେମାନଙ୍କୁ ରାଜ୍ୟର ଅର୍ଦ୍ଧେକ ପ୍ରଦାନ କରିଦେଲେ । ପାଣ୍ଡବମାନେ ସୁଶାସନ କରି ନିଜରାଜ୍ୟର ବିପୁଳ ଉନ୍ନତି ସାଧନ କଲେ । ସେମାନେ ଇନ୍ଦ୍ରପ୍ରସ୍ଥଠାରେ ରାଜଧାନୀ ସ୍ଥାପନ କରି କିଛିକାଳ ମଧ୍ୟରେ ସେଠାରେ ଏକ ଆଡ଼ମ୍ବରପୂର୍ଣ୍ଣ ଅଶ୍ୱମେଧ ଯଜ୍ଞ ଅନୁଷ୍ଠାନ କରାଇଲେ । କୌରବମାନେ ନିମନ୍ତ୍ରିତ ହୋଇ ଯଜ୍ଞାନୁଷ୍ଠାନକୁ ଯାଇଥିଲେ କିନ୍ତୁ ସେଠାରେ ପାଣ୍ଡବମାନଙ୍କର ସୁଖସମୃଦ୍ଧି

ଦେଖି ଓ ବିଭିନ୍ନଭାବରେ ପରିହାସର ପାତ୍ର ହୋଇ ସେମାନେ ନିଜକୁ ଅପମାନିତ ମନେ କଲେ । ଫଳରେ ସେମାନେ ଈର୍ଷା ଓ ଘୃଣାରେ ଜର୍ଜରିତ ହୋଇଗଲେ ଏବଂ ଅନ୍ତରରେ ଶତ୍ରୁତା ତଥା ପ୍ରତିଶୋଧର ମନୋଭାବ ଧରି ଘରକୁ ଫେରି ଆସିଲେ । କିଛିଦିନ ପରେ ପାଣ୍ଡବମାନଙ୍କୁ ଲାଞ୍ଛିତ କରିବାର ଦୁରଭିସନ୍ଧି ରଖି କୌରବମାନେ ସେମାନଙ୍କୁ ଏକ ଦ୍ୟୁତକ୍ରୀଡ଼ାକୁ ନିମନ୍ତ୍ରଣ କରି ଆଣିଲେ । ଦ୍ୟୁତ-କ୍ରୀଡ଼ାରେ ପାଣ୍ଡବମାନଙ୍କୁ ପରାସ୍ତ କରି କୌରବମାନେ ସେମାନଙ୍କର ସକଳଧନ-ସମ୍ପଦ ସମସ୍ତ ରାଜ୍ୟ, ଦାସଦାସୀ ହସ୍ତଗତ କରିନେଲେ ଏବଂ ସେମାନଙ୍କର ଭାର୍ଯ୍ୟା-ଦ୍ରୌପଦୀଙ୍କପ୍ରତି ସର୍ବସମକ୍ଷରେ ଅସତ୍ ବ୍ୟବହାର ପ୍ରଦର୍ଶନ କଲେ । ପରିଶେଷରେ ସ୍ଥିର ହେଲା ଯେ, ଯଦି ପାଣ୍ଡବମାନେ ଦେଶାନ୍ତରରେ ବାରବର୍ଷ ବନବାସ କରିବେ ଏବଂ ତା'ପରେ ଏକବର୍ଷ ଅଜ୍ଞାତବାସ କରି ଦେଶାନ୍ତରରୁ ଫେରିଆସିବେ, ତେବେ ସେମାନଙ୍କୁ ସେମାନଙ୍କର ହୃତରାଜ୍ୟ ଫେରାଇଦିଆଯିବ । ପାଣ୍ଡବମାନେ ଏହା ପାଳନ କଲେ; ତଥାପି ସେମାନେ ଦେଶାନ୍ତରରୁ ଫେରିବା ପରେ କୌରବମାନେ ସେମାନଙ୍କୁ ରାଜ୍ୟ ଫେରାଇଦେବାକୁ ମନା କରିଦେଲେ । ଏଥିରୁ ଆରମ୍ଭ ହୋଇଗଲା ଏକ ବିରାଟ ମହାଯୁଦ୍ଧ ଏବଂ ସେହି ଯୁଦ୍ଧରେ ସମସ୍ତ କୌରବବଂଶ ତଥା ଉଭୟ ପକ୍ଷର ସକଳ ସୈନ୍ୟସାମନ୍ତ ନିହତ ହୋଇଗଲେ । ବଞ୍ଚି ରହିଲେ କେବଳ ପାଣ୍ଡବମାନେ ଏବଂ ସେହିମାନେ ଯୁଦ୍ଧରେ ବିଜୟୀ ଘୋଷିତ ହେଲେ ।

ଯୁଦ୍ଧରେ ପାଣ୍ଡବମାନଙ୍କୁ ଶ୍ରୀକୃଷ୍ଣ ଏବଂ ଦ୍ରୁପଦ, ବିରାଟ ପ୍ରଭୃତି ଅନ୍ୟାନ୍ୟ ବନ୍ଧୁଗଣ ସାହାଯ୍ୟ କରିଥିଲେ । ସେମାନଙ୍କର ସୈନ୍ୟବଳ ଥିଲା ସାତ ଅକ୍ଷୌହିଣୀ । କୌରବମାନଙ୍କୁ ମଧ୍ୟ ସେମାନଙ୍କର ବନ୍ଧୁଗଣ ସାହାଯ୍ୟ କରିଥିଲେ ! ସେମାନଙ୍କର ସୈନ୍ୟବଳ ଥିଲା ଏଗାର ଅକ୍ଷୌହିଣୀ । ଧର୍ମମାର୍ଗ ଗ୍ରହଣ କରିଥିବାରୁ ଏବଂ ଦିବ୍ୟକୃପା ଲାଭ କରିଥିବାରୁ ପାଣ୍ଡବମାନେ ଯୁଦ୍ଧରେ ବିଜୟୀ ହୋଇପାରିଥିଲେ ।

ଭାରତର ଏହି ସର୍ବାଧିକ ସୁବିଖ୍ୟାତ ପୁରାଣ 'ମହାଭାରତ' ସମଗ୍ର ପୃଥିବୀରେ ଏତାଦୃଶ ଏକମାତ୍ର ଗ୍ରନ୍ଥ । ଏହି ପୁରାଣଟିକୁ ପଞ୍ଚମ ବେଦ ବୋଲି ମଧ୍ୟ କୁହାଯାଏ । ମୂଳକାହାଣୀ ବ୍ୟତୀତ ମହାଭାରତରେ ନୀତିଶିକ୍ଷାମୂଳକ ତଥା ପ୍ରାଚୀନ ଭାରତର ରୂପରେଖସୂଚକ ଅନ୍ୟାନ୍ୟ ଅସଂଖ୍ୟ କାହାଣୀ ରହିଛି । ଏହି ଗ୍ରନ୍ଥରେ ଭାରତର ରାଜନୈତିକ, ସାମାଜିକ ତଥା ଧାର୍ମିକ ଇତିହାସ ଲିପିବଦ୍ଧ ହୋଇଛି । ଏହି ମହାପୁରାଣ ଅନ୍ତର୍ଗତ ବିଭିନ୍ନ ଗଳ୍ପ, ଗୀତ, ଶିଶୁଲେଖା, ଉପାଖ୍ୟାନ, ଦୃଷ୍ଟାନ୍ତ; ଧର୍ମୋପଦେଶ ତଥା ପ୍ରବାଦ ଅତ୍ୟନ୍ତ ଚମତ୍କାର ତଥା ଅତୀବ ଶିକ୍ଷାପ୍ରଦ । ଏହି ଗ୍ରନ୍ଥ ହେଉଛି ସ୍ୱନାମଧନ୍ୟ ମହାବୀରମାନଙ୍କର, ପ୍ରବଳ ପରାକ୍ରମୀ ମହାଯୋଦ୍ଧା-

ମାନଙ୍କର, ମନସ୍ୱୀ ଚନ୍ତାନାୟକମାନଙ୍କର, ମହାନ ଦାର୍ଶନିକମାନଙ୍କର, ପରମସିଦ୍ଧ ମୁନିଋଷି ତଥା ସନ୍ନ୍ୟାସୀମାନଙ୍କର ଏବଂ ସତୀସ୍ତ୍ରୀମାନଙ୍କର ଉଜ୍ଜ୍ୱଳ କୀର୍ତ୍ତିଗାଥାର ବାହକ ।

ମହାଭାରତର ଭୀଷ୍ମପର୍ବରେ ଭଗବାନଙ୍କ ମୁଖନିସୃତ ଶ୍ରୀମଦ୍ ଭଗବଦ୍ ଗୀତା ସନ୍ନିବେଶିତ ହୋଇଛି; ଏହା ଭଗବାନ ଶ୍ରୀକୃଷ୍ଣ ଓ ଅର୍ଜ୍ଜୁନଙ୍କ ମଧ୍ୟରେ କଥୋପକଥନ ମାଧ୍ୟମରେ ପ୍ରକାଶିତ ହୋଇଛି । ଗୀତା ହେଉଛି ମହାଭାରତର ସାର ଅଂଶ । ମହାଭାରତରେ ପ୍ରତ୍ୟକ୍ଷଭାବରେ ତଥା ରୂପକଛଳରେ ଯୋଗର ବହୁଳ ଉଲ୍ଲେଖ ରହିଛି; ତା' ସହିତ ଗୀତାରେ ଯୋଗକୁ ବିଶେଷ ପ୍ରାଧାନ୍ୟ ଦିଆଯାଇଛି । ସୁତରାଂ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ମହାଭାରତର ଗୀତାଭିନ୍ନ ଅନ୍ୟ ଅଂଶଟି ମଧ୍ୟ ଯୋଗ ଉପରେ ଏକ ସୁଚିନ୍ତିତ ନିବନ୍ଧ ।

ଏହି ମହାପୁରାଣର ଆଦ୍ୟ ଓ ଅନ୍ତ୍ୟ ଶ୍ଳୋକ ଦୁଇଟି ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ, ତେଣୁ ଅବଶ୍ୟ ସ୍ମରଣୀୟ । ଗ୍ରନ୍ଥର ଆଦ୍ୟ ଶ୍ଳୋକଟିରେ ଅଛି, "ବ୍ୟାସ ସକଳ ଜଗତର ଆଧାର ଓ ଆଦିମୂଳ ଶାଶ୍ୱତ ସନାତନ ସ୍ୱୟଂପ୍ରଭ ସକଳ-ଅନ୍ତରନିବାସୀ ଭଗବାନ ବାସୁଦେବଙ୍କର ଅମଳିନ ମହିମା ଓ ଅନନ୍ତ ଗୌରବର ସ୍ତୁତିଗାନ କରିବା ସହିତ ପାଣ୍ଡବମାନଙ୍କର ସତ୍ୟନିଷ୍ଠା ଓ ଧର୍ମପରାୟଣତାର ଜୟଗାନ କରୁଛନ୍ତି ।" ଗ୍ରନ୍ଥର ଅନ୍ତ୍ୟ ଶ୍ଳୋକରେ ଅଛି, "ମୁଁ ଊର୍ଦ୍ଧ୍ୱକର ହୋଇ ଉର୍ଦ୍ଧ୍ୱସ୍ୱରରେ ଡାକ ପକାଉଛି, କିନ୍ତୁ ହାୟ ! ମୋର ଏ ଯେଉଁ ପୁରାଣରେ କଥା ଶୁଣିଲେ ପରମଶାନ୍ତି, ପରମାନନ୍ଦ ଓ ଶାଶ୍ୱତସୁଖ ମିଳିବ, ଏଥିରେ କେହି କର୍ଣ୍ଣପାତ କରୁ ନାହାନ୍ତି ! ଧର୍ମମାର୍ଗରେ ଚାଲିଲେ ମନୁଷ୍ୟ ସକଳ ସମ୍ପଦ ଲାଭ କରିବ, ତାର ସକଳ କାମନା ସିଦ୍ଧ ହେବ । ଲୋକେ ଧର୍ମପାଳନ କରୁନାହାନ୍ତି କାହିଁକି ? ସକଳ ଆପଦବିପଦ ସତ୍ତ୍ୱେ, ଜୀବନ ବିପଦାପନ୍ନ ହୋଇଗଲେ ମଧ୍ୟ ମନୁଷ୍ୟ ଧର୍ମ (ମହତ୍ କର୍ତ୍ତବ୍ୟ) ତ୍ୟାଗ କରିବା ଉଚିତ ନୁହେଁ । କାମପରବଶ ହୋଇ, ଲୋଭପରବଶ ହୋଇ, ଭୟଗ୍ରସ୍ତ ହୋଇ କିମ୍ବା ଜୀବନପ୍ରତି ଆସକ୍ତ ହୋଇ ମନୁଷ୍ୟ ଧର୍ମଚ୍ୟୁତ (କର୍ତ୍ତବ୍ୟଚ୍ୟୁତ) ହେବା ଅନୁଚିତ । ଏହା ହେଉଛି ଭାରତ ଗାୟତ୍ରୀ । ହେ ମନୁଷ୍ୟ, ଦିନାନ୍ତେ ଶଯ୍ୟାଗ୍ରହଣ କରିବାକୁ ଗଲାବେଳେ ଏବଂ ପ୍ରାତଃରେ ଶଯ୍ୟାତ୍ୟାଗ କଲାବେଳେ, ଏହି ଗାୟତ୍ରୀ ଧ୍ୟାନ କର । ତୁମେ ସବୁକିଛି ଲାଭ କରିପାରିବ; ତୁମେ ଯଶଗୌରବ, ଶାଶ୍ୱତ ସୁଖ, ଚିରନ୍ତନ ଶାନ୍ତି, ଦୀର୍ଘଜୀବନ—ଏପରି କି ଅମରତ୍ୱ ମଧ୍ୟ ଲାଭ କରି-ପାରିବ ।

ମହାଭାରତର ବିଭିନ୍ନ ଚରିତ୍ର— ଏହି ମହାପୁରାଣ ବର୍ଣ୍ଣିତ ପ୍ରତ୍ୟେକଟି ଚରିତ୍ର ଅପାର ନୀତିଶିକ୍ଷା ପ୍ରଦାନ କରି ଅମର ନାମ ରଖିଯାଇଛି । ସେ ଯେଉଁ

ଉଦାରଚେତା ମହାବୀର ପିତାମହ ଭୀଷ୍ମ ମୃତ୍ୟୁକୁ ମଧ୍ୟ ଆୟତ୍ତ କରି ରଖିପାରିଥିଲେ, ଦେବଗଣଙ୍କ ସହିତ ଯୁଦ୍ଧ କରି ମଧ୍ୟ ଅପରାଜିତ ହୋଇ ରହିପାରିଥିଲେ, ସେ ଆଜି ମଧ୍ୟ ଆମକୁ ନିଜର ଏକାନ୍ତ ନିଃସ୍ୱାର୍ଥପରତା, ଅଟଳ ସାହାସିକତା ଏବଂ ଅମଳିନ ପବିତ୍ରତାର ଆଦର୍ଶରେ ଅନୁପ୍ରାଣିତ କରୁଛନ୍ତି । ଧର୍ମବୀର ଯୁଧିଷ୍ଠିର ଆଜି ମଧ୍ୟ ଧର୍ମ ଓ ନ୍ୟାୟର ପ୍ରତୀକ ହୋଇ ରହିଛନ୍ତି; ଆଜି ମଧ୍ୟ ସେ ବିଭିନ୍ନ ରାଜ୍ୟ ଓ ପ୍ରଦେଶର ଶାସକମାନଙ୍କ ନିମନ୍ତେ ଜ୍ୱଳନ୍ତ ଆଦର୍ଶ ହୋଇ ରହିଛନ୍ତି । ସେ ଥିଲେ ନ୍ୟାୟ, ଧୈର୍ଯ୍ୟ, ଏକନିଷ୍ଠତା, ପବିତ୍ରତା, ସତ୍ୟବାଦିତା ଓ ସହନଶୀଳତାର ଏକ ମୂର୍ତ୍ତିମନ୍ତ ପୁରୁଷ । ତାଙ୍କର ନାମ ଉଚ୍ଚାରଣ କରିବା ମାତ୍ରେ ହୃଦୟରେ ଉଲ୍ଲାସ ଜାତ ହୁଏ; ଆମକୁ ସତ୍ୟ ଓ ନ୍ୟାୟର ପଥ ଅନୁସରଣ କରିବାକୁ ପ୍ରେରଣା ମିଳିଯାଏ । କର୍ଣ୍ଣ ତାଙ୍କର ଅତୁଳନୀୟ ଦାନଶୀଳତା ଓ ଏକାନ୍ତ ଉଦାରତାଲାଗି ଆଜି ମଧ୍ୟ ଆମ ଅନ୍ତରରେ ସଂଜୀବିତ ହୋଇ ରହିଛନ୍ତି । ତାଙ୍କ ନାମ ଆଜି ଏକ ପ୍ରବାଦରେ ପରିଣତ ହୋଇଯାଇଛି । ଆଜି ମଧ୍ୟ ଲୋକେ କୌଣସି ବଦାନ୍ୟ ବ୍ୟକ୍ତିଙ୍କର ବିଷୟ ଉଲ୍ଲେଖ କରିବାବେଳେ, କହିଦେଉଛନ୍ତି, ‘ସେ ଜଣେ ଦାନୀ କର୍ଣ୍ଣ ।” ଆଜି ମଧ୍ୟ ଆମେ ଅର୍ଜୁନଙ୍କୁ ଜଣେ ସୁଦକ୍ଷ ପୁରୁଷ ବୋଲି ପ୍ରଶଂସା କରୁଛୁ ଏବଂ ତ୍ରାଣକର୍ତ୍ତା, ରକ୍ଷାକର୍ତ୍ତା ବୋଲି ଭଗବାନ ଶ୍ରୀକୃଷ୍ଣଙ୍କୁ ପୂଜା କରୁଛୁ । ଆପଦବିପଦରେ ପଡ଼ିଗଲେ, ଆମେ ସେହି ଭଗବାନଙ୍କୁ ପ୍ରାର୍ଥନା କରୁଛୁ, “ହେ ପ୍ରଭୁ, ତୁମେ ଅତୀତରେ ଯେପରି ଗଜୋଦ୍ଧାରଣ କରିଥିଲ, ଯେପରି ଦ୍ରୌପଦୀଙ୍କର ମାନ ଉଦ୍ଧାରଣ କରିଥିଲ, ମୋତେ ମଧ୍ୟ ସେହିପରି ଏହି ବିପଦରୁ ଉଦ୍ଧାର କର ।”

ମହାଭାରତର ଏହିସବୁ ଉଜ୍ଜ୍ୱଳ ବ୍ୟକ୍ତିତ୍ୱର ଜ୍ୟୋତି ଓ ଯଶ କାଳର ନିଷ୍ଠୁର କ୍ରୂରତା ସତ୍ତ୍ୱେ କୌଣସି-ପ୍ରକାର ହ୍ରାସ ପାଇ ନାହିଁ । ସେମାନଙ୍କର ଚରିତ୍ର ଥିଲା ବିଶୁଦ୍ଧ ନିଷ୍କଳଙ୍କ । ତେଣୁ ସେମାନଙ୍କର କର୍ମ ମଧ୍ୟ ହୋଇଥିଲା ନିର୍ଦ୍ଦୋଷ, ଯଶେ କୀର୍ତ୍ତି ଓ ପ୍ରଶଂସନୀୟ । ସଂକଳ୍ପର ଦୃଢ଼ତା ହିଁ ଜଗତର ସବୁ ଦେଶର ସବୁ ମନୀଷୀଙ୍କର ସଫଳତାର ମୂଳକାଠି ହୋଇ ରହିଆସିଛି । କର୍ତ୍ତବ୍ୟର ଆହ୍ୱାନ ଆସିଲେ, ବୀର ନିଜର ଧର୍ମପଥରୁ ତିଳେମାତ୍ର ବିଚଳିତ ହୁଏ ନାହିଁ । ଭୀମଙ୍କର ଅପୂର୍ବ ବୀରତ୍ୱ, ଅର୍ଜୁନଙ୍କର ବିସ୍ମୟକର ଧନୁର୍ବିଦ୍ୟା-କୌଶଳ, ସହଦେବଙ୍କର ଅଦ୍ଭୁତ ଖଡ୍ଗ-ଚାଳନା, ନକୁଳଙ୍କର ଗଭୀର ଜ୍ୟୋତିଷଜ୍ଞାନ ତଥା ଯୁଧିଷ୍ଠିରଙ୍କର ଏକାନ୍ତ ଧର୍ମ-ପରାୟଣତା ଓ ସକଳ କାର୍ଯ୍ୟରେ ଅତୀବ ନ୍ୟାୟପରାୟଣତାର କାହାଣୀ ପାଠ କଲେ ପାଠକ ବିସ୍ମିତବିମୁଗ୍ଧ ହୋଇଯାଏ । ଭୀଷ୍ମ, କର୍ଣ୍ଣ, ଦ୍ରୋଣ ପରଶୁରାମ, ଜୟଦ୍ରଥ ଧୃଷ୍ଟଦ୍ୟୁମ୍ନ, ଅଶ୍ୱତ୍ଥାମା ତଥା ଅନ୍ୟାନ୍ୟ ବିଭିନ୍ନ ଯୋଦ୍ଧାମାନଙ୍କର ଅପୂର୍ବ

ବୀରତ୍ୱର କାହାଣୀ ସତରେ ବଡ଼ ବିସ୍ମୟକର । ଏହିସବୁ ବୀରଗଣ କଠୋର ତପସ୍ୟା କରି ଈଶ୍ୱରଙ୍କଠାରୁ ଅମୂଲ୍ୟ ବରସବୁ ପାଇଥିଲେ । ସେଥିପାଇଁ ସେମାନଙ୍କର ଅପୂର୍ବ ବୀରତ୍ୱ ସତରେ ବର୍ଣ୍ଣନାର ଅତୀତ ।

ଦ୍ରୌପଦୀ, ସାବିତ୍ରୀ, କୁନ୍ତୀ, ମାଦ୍ରୀ, ଦମୟନ୍ତୀ, ଓ ଗାନ୍ଧାରୀ ଥିଲେ ଅତ୍ୟନ୍ତ ପତିପରାୟଣା ରମଣୀ । କଠୋର ପରିସ୍ଥିତିର ସମ୍ମୁଖୀନ ହୋଇ, ଅକଥନୀୟ ଯନ୍ତ୍ରଣାର କଶାଘାତ ସହ୍ୟ କରି, ଅସୀମ ଦୁଃଖଦୁର୍ଦ୍ଦଶାର କବଳରେ ପଡ଼ି ମଧ୍ୟ ସେମାନେ ଅତ୍ୟନ୍ତ ସାହସ ଓ ନିର୍ଭୀକତାର ପରିଚୟ ଦେଇଛନ୍ତି । ସେମାନେ ଥିଲେ ପବିତ୍ରହୃଦୟା । ନିଜର ସତୀତ୍ୱ ଓ ନୈତିକ-ବଳ ସାହାଯ୍ୟରେ ହିଁ ସେମାନେ ସକଳ ଦୁଃଖ-ନିର୍ଯାତନା ସହ୍ୟ କରିପାରିଥିଲେ । ସେମାନେ ଯେପରି ଆଦର୍ଶ ପତ୍ନୀ ଥିଲେ, ସେହିପରି ଆଦର୍ଶ ମାତା ମଧ୍ୟ ଥିଲେ । ସେଥିପାଇଁ ସେମାନେ ଜଗତରେ ଅମର ନାମ ରଖିଦେଇ ଯାଇଛନ୍ତି ।

ପଞ୍ଚପାଣ୍ଡବ ଓ ଦ୍ରୌପଦୀଙ୍କର ନିର୍ଯାତନା, ନଳ ଓ ଦମୟନ୍ତୀଙ୍କର ଦୁଃଖ କଷଣ, ସାବିତ୍ରୀ ଓ ସତ୍ୟବାନଙ୍କର ଶୋକସନ୍ତାପ ସ୍ପଷ୍ଟଭାବରେ ଏହି ବାସ୍ତବ ସତ୍ୟ ପ୍ରତିପାଦନ କରିଦିଏ ଯେ, ଜୀବନର ଲକ୍ଷ୍ୟ ଓ ପୂର୍ଣ୍ଣତା କେବଳ ଦୁଃଖଯନ୍ତ୍ରଣା ଦ୍ୱାରା ହିଁ ଲାଭ କରାଯାଇପାରେ; ଯନ୍ତ୍ରଣା ମଧ୍ୟ ଦେଇ ହିଁ ମନୁଷ୍ୟ ସୁଦୃଢ଼ ଶୃଙ୍ଖଳିତ ହୋଇ ସଂଗଠିତ ହୁଏ । ଅବିଶୁଦ୍ଧ ସୁବର୍ଣ୍ଣ ଯେପରି ଗଳନକୁଣ୍ଡିରେ ପଡ଼ି ତରଳିଲେ ହିଁ ବିଶୁଦ୍ଧ ହୁଏ ଅକ୍ଷମ ଅବିଶୁଦ୍ଧ ଦୁର୍ବଳ ମନୁଷ୍ୟ ସେହିପରି ଦୁଃଖଯନ୍ତ୍ରଣାରେ ପଡ଼ି ଆହୁତି ହେଲେ ହିଁ ବିଶୁଦ୍ଧ, ପବିତ୍ର ଓ ସୁଦୃଢ଼ ହୁଏ ।

ଅନ୍ଧ ଧୃତରାଷ୍ଟ୍ର ଅବିଦ୍ୟାର ପ୍ରତୀକ । ଯୁଧିଷ୍ଠିର ଧର୍ମର; ଦୁର୍ଯୋଧନ ଅଧର୍ମର ଦ୍ରୌପଦୀ ମାୟାର; ଭୀଷ୍ମ ଅନାଶକ୍ତିର; ଦୁଃଶାସନ ଖଳବୁଦ୍ଧିର, ଶକୁନି ଈର୍ଷା ଓ କୂଟବୁଦ୍ଧିର, ଅର୍ଜ୍ଜୁନ ଜୀବାତ୍ମାର ଏବଂ ଭଗବାନ ଶ୍ରୀକୃଷ୍ଣ ପରମାତ୍ମାଙ୍କର ପ୍ରତୀକ । କୁରୁକ୍ଷେତ୍ର ହେଉଛି ମନୁଷ୍ୟର ଅନ୍ତଃକରଣ ।

ମହାଭାରତର ଶିକ୍ଷା—ମହାଭାରତର ସନ୍ଦେଶ ସତ୍ୟ ଓ ଧର୍ମର ସନ୍ଦେଶ । ଏହି ମହାପୁରାଣ ପାଠକ ମନରେ ଏକ ନୈତିକ ଜାଗରଣ ସୃଷ୍ଟି କରେ ଏବଂ ତାକୁ ସତ୍ୟ ଓ ଧର୍ମର ମାର୍ଗଧରିବାକୁ ଅନୁପ୍ରାଣିତ କରେ । ସତ୍କର୍ମ କର; ଧର୍ମ କର; ସାଂସାରିକ ବିଭବର ଅସାରତା ତଥା ସାଂସାରିକ ଗୌରବ ଓ ଇନ୍ଦ୍ରିୟ ସୁଖର କ୍ଷଣିକତା ହୃଦୟଙ୍ଗମ କରି ଅନାଶକ୍ତ ହୋଇଯାଅ ଏବଂ ପରିଣାମରେ ଶାଶ୍ୱତ ସୁଖ ଓ ଅମରତ୍ୱ ଲାଭ କର ବୋଲି ଏହି ମହାପୁରାଣ ପାଠକକୁ ବିଶେଷଭାବରେ

ଅନୁପ୍ରାଣିତ କରେ । ଏହି ମହାପୁରାଣ ସୂଚାଇଦିଏ ଯେ, ଯୁଧିଷ୍ଠିର ହିଁ ଅନୁକରଣୀୟ; ଦୁର୍ଯ୍ୟୋଧନ ପରିତ୍ୟାଜ୍ୟ । ଧର୍ମକୁ ଦୃଢ଼ଭାବରେ ଧର । ଏହି ନିର୍ଦ୍ଦେଶ ପାଳନ କଲେ ତୁମ ଜୀବନର ପରମ ଲକ୍ଷ୍ୟ ଶାଶ୍ୱତସୁଖ ଓ ମୋକ୍ଷଲାଭ କରିବ । ଏହା ହିଁ ମହାଭାରତର ସାରକଥା ।

ଆନ୍ତରିକ କାମନା ଏହି ଯେ, ଏହି ମହାପୁରାଣ ଆପଣମାନଙ୍କୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପଥପ୍ରଦର୍ଶନ କରୁ । ଆପଣମାନେ ଧର୍ମ ପାଳନ କରନ୍ତୁ । ମହାଭାରତର ମହାନ ଚରିତ୍ରଗୁଡ଼ିକ ଆପଣମାନଙ୍କୁ ଉଦ୍‌ବୁଦ୍ଧ କରନ୍ତୁ । ଆପଣଙ୍କଠାରେ ଯୁଧିଷ୍ଠିରଙ୍କର ଧର୍ମପରାୟଣତା; ଭୀଷ୍ମଙ୍କର ପବିତ୍ରତା, ଅର୍ଜ୍ଜୁନଙ୍କର ସାହାସିକତା ଏବଂ କର୍ଣ୍ଣଙ୍କର ଦାନଶୀଳତା ଜାଗ୍ରତ ହେଉ । ଶ୍ରୀହରିଙ୍କର ଅନ୍ୟତମ ଅବତାର ମହାବୀରମାନଙ୍କର ପିତାମହ ଚିରଞ୍ଜିବୀ ଭଗବାନ ବ୍ୟାସଙ୍କର ଜୟ ହେଉ; ଆପଣମାନଙ୍କ ଉପରେ ସେହି ମହାତ୍ମାଙ୍କର ପବିତ୍ର ଆଶୀର୍ବାଦ ଝରିପଡ଼ୁ ।

ଗଙ୍ଗା

ଗଙ୍ଗା ଭାରତର ପବିତ୍ରତମ ନଦୀ । ପୁଣ୍ୟତୋୟା ଗଙ୍ଗା ସ୍ୱର୍ଗୀୟ ମହିମା ନେଇ ଉଦ୍ଭବ ହୋଇଛନ୍ତି ବୋଲି ବର୍ଣ୍ଣିତ ଅଛି । ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, "ସ୍ରୋତସାମସ୍ମି ଜାହ୍ନବୀ" ଅର୍ଥାତ୍ 'ନଦୀଗଣଙ୍କ ମଧ୍ୟରେ ମୁଁ ଗଙ୍ଗା' ।

ପ୍ରତ୍ୟେକ ହିନ୍ଦୁ ପାଇଁ 'ଗଙ୍ଗା' ଶବ୍ଦ ହିଁ ପବିତ୍ରତା ସହିତ ସଂପୃକ୍ତ । ଜୀବନରେ ଅନ୍ତତଃ ଥରଟିଏ ଗଙ୍ଗାରେ ବୁଡ଼ ପକାଇବାକୁ, ମରଣକାଳରେ ଅନ୍ତତଃ ଟୋପାଏ ଗଙ୍ଗାଜଳ ମୁହଁରେ ଦେବାକୁ ପ୍ରତ୍ୟେକ ହିନ୍ଦୁର ଅନ୍ତରରେ ରହିଛି ପ୍ରବଳ ଆକାଂକ୍ଷା । ସାଧକ ଓ ସନ୍ନ୍ୟାସୀମାନେ ଧ୍ୟାନ ଓ ତପଃଶ୍ଚରଣ କରିବାପାଇଁ ଗଙ୍ଗାକୂଳରେ କୁଟୀର ନିର୍ମାଣ କରି ବାସ କରନ୍ତି । ଶରଶଯ୍ୟାରେ ଶୟନ କରି ପାଣ୍ଡବମାନଙ୍କୁ ଅନ୍ତିମ ଉପଦେଶ ଦେବାବେଳେ ଭୀଷ୍ମଦେବ ଅତି ପ୍ରାଞ୍ଜଳଭାବରେ ଗଙ୍ଗାମାତାଙ୍କର ମହିମା ଗାନ କରିଛନ୍ତି ।

ସତ୍ୟଯୁଗରେ ପୃଥିବୀର ପ୍ରତ୍ୟେକ ସ୍ଥାନ ଥିଲା ପବିତ୍ର । ତ୍ରେତାଯୁଗରେ ପୁଷ୍କରକ୍ଷେତ୍ରକୁ ହିଁ ପବିତ୍ରତମ ସ୍ଥାନ ବୋଲି ଗ୍ରହଣ କରାଗଲା । ଦ୍ୱାପରଯୁଗରେ ପବିତ୍ରତମ ସ୍ଥାନରୂପେ ଗଣ୍ୟ ହେଲା କେବଳ କୁରୁକ୍ଷେତ୍ର । ଅଧୁନା କଳିଯୁଗରେ ଗଙ୍ଗା ହିଁ ପବିତ୍ରତମ ସ୍ଥାନରୂପରେ ଗଣ୍ୟ ହେବାର ଗୌରବ ଲାଭ କରିଛନ୍ତି । ଦେବୀ ଭାଗବତ କହନ୍ତି; "ଯେ ସହସ୍ର ଯୋଜନ ଦୂରରେ ରହି ମଧ୍ୟ ଗଙ୍ଗାମାତାଙ୍କର ନାମ ଉଚ୍ଚାରଣ କରନ୍ତି, ତାଙ୍କର ସକଳ ପାପ ଧୋଇହୋଇଯାଏ ଏବଂ ସେ ବିଷ୍ଣୁଲୋକରେ ସ୍ଥାନ ପାଆନ୍ତି ।"

ଗଙ୍ଗାସ୍ନାନ— ପ୍ରତିବର୍ଷ ହଜାର ହଜାର ଲୋକ ହରିଦ୍ୱାର ଓ ହୃଷୀକେଶକୁ ତୀର୍ଥଯାତ୍ରା କରନ୍ତି ଏବଂ ପବିତ୍ରତୋୟା ଗଙ୍ଗାରେ ସ୍ନାନ କରନ୍ତି । ଗଙ୍ଗା-ମାତାଙ୍କର ମହିମାରେ ସେମାନଙ୍କର ଅଗାଧ ବିଶ୍ୱାସ ରହିଛି । ସେମାନଙ୍କର ଦୃଢ଼ ବିଶ୍ୱାସ ଯେ, ପବିତ୍ର ଗଙ୍ଗାଜଳରେ ଥରଟିଏ ସ୍ନାନ କଲେ ସେମାନଙ୍କର ଜୀବନର ସକଳ ପାପ ଧୋଇହୋଇଯିବ । ପ୍ରକୃତରେ ଗଙ୍ଗାରେ ସକଳ ପାପ ଧୋଇହୋଇଯାଏ । ଗଙ୍ଗାରେ ବୁଡ଼ ପକାଇବାକ୍ଷଣି ଶରୀର ପବିତ୍ର ହୋଇଯାଏ । ଏଥିରେ କୌଣସି ସନ୍ଦେହ ନାହିଁ । ଏପରିକି ସୁପରିଚିତ ନାସ୍ତିକ ଓ ଯୁକ୍ତିବାଦୀମାନେ ମଧ୍ୟ ଗଙ୍ଗାରେ ସ୍ନାନ କରି ଶାନ୍ତି ଲାଭ କରିବାକୁ ହରିଦ୍ୱାର ଆସନ୍ତି ।

ଧର୍ମପ୍ରାଣ ହିନ୍ଦୁମାନେ ଯେଉଁଠାକୁ ସ୍ନାନ କରିବାକୁ ଯାଆନ୍ତି, ସେଠାରେ ପ୍ରଥମେ ଗଙ୍ଗାଙ୍କୁ ପ୍ରାର୍ଥନା କରିଥାନ୍ତି ଏବଂ ସେହି ନଦୀ ବା ସରୋବରଜଳରେ ମୁଣ୍ଡ ବୁଡାଇ ସ୍ନାନ କରିବା ପୂର୍ବରୁ ଉପଲବ୍ଧି କରନ୍ତି ଯେ, ସାକ୍ଷାତ ମାତାଗଙ୍ଗା ସେଠାରେ ଉପସ୍ଥିତ ହୋଇଛନ୍ତି । ଯେଉଁମାନେ ଗଙ୍ଗାତୀରରୁ ବହୁ ଦୂରଦୂରାନ୍ତ ସ୍ଥାନରେ ବାସ କରନ୍ତି, ସେମାନେ ଜୀବନରେ ଅନ୍ତତଃ ଥରଟିଏ ଗଙ୍ଗା ଦର୍ଶନ କରି ପବିତ୍ର ଗଙ୍ଗା-ଜଳରେ ସ୍ନାନପୂର୍ବକ ଜୀବନକୁ କୃତାର୍ଥ କରିବାର ଆକାଂକ୍ଷା ପୋଷଣ କରିଥାନ୍ତି । ଯେତେବେଳେ ଜୀବନର ବହୁ ଆକାଙ୍କ୍ଷିତ ସେହି ଗଙ୍ଗାସ୍ନାନର ସୁଯୋଗ ମିଳିଯାଏ, ସେତେବେଳେ ସେମାନେ ନିଜ ନିଜ ବାସସ୍ଥାନକୁ କିଛି ଗଙ୍ଗାଜଳ ବୋହି ନେଇଯାଆନ୍ତି ଏବଂ ବିଭିନ୍ନ ପବିତ୍ର କାର୍ଯ୍ୟରେ ବିନିଯୋଗ କରିବା ଲାଗି ସେହି ଜଳକୁ ସେମାନେ ଯତ୍ନର ସହିତ ପାତ୍ରରେ ସାଇତି ରଖନ୍ତି ।

ଗଙ୍ଗା ପରମେଶ୍ୱରଙ୍କର ଏକ ସ୍ୱରୂପ— ଗଙ୍ଗା ସାକ୍ଷାତ ବିଷ୍ଣୁଙ୍କର ସ୍ୱରୂପ । ସେ ସେହି ପରମେଶ୍ୱରଙ୍କ ଅଙ୍ଗରୁ ଜାତ । ଗଙ୍ଗାଦର୍ଶନ ଆତ୍ମାକୁ ସ୍ଫୂର୍ତ୍ତି, ଉନ୍ନତ କରିଦିଏ । ସେ ପାର୍ବତ୍ୟ ଉପତ୍ୟକା ଦେଇ ପ୍ରବାହିତ; ହିମବାନଙ୍କ କନ୍ୟା ପାର୍ବତୀଙ୍କ ପାର୍ଶ୍ୱରେ ହିଁ ସେ ବାସ କରନ୍ତି । ଋଷିକେଶର ଉପତ୍ୟକା ଦେଇ ପ୍ରବାହିତ ହେଲାବେଳେ ତାଙ୍କର ରୂପ କି ମହିମାମୟୀ ହୋଇ ନ ଥାଏ ସତେ ! ବର୍ଣ୍ଣ ତାଙ୍କର ସାଗର ସମାନ ସୁନୀଳ । ପୁଣି ସେ ଜଳ ତ ଅତି ସ୍ୱଚ୍ଛ, ଅତି ମଧୁର । ସୁଦୂର ସମତଳ ଅଞ୍ଚଳର ଧର୍ମୀକମାନେ ଋଷିକେଶରୁ ଗଙ୍ଗାଜଳ ସଂଗ୍ରହ କରି ନିଅନ୍ତି । ଭାରତର ଦୂରଦୂରାନ୍ତ ଅଞ୍ଚଳକୁ ବଡ଼ବଡ ତମ୍ବା ହାଣ୍ଡିମାନଙ୍କରେ ଗଙ୍ଗାଜଳ ବୋହି ନିଆଯାଏ ।

ଋଷିକେଶଠାରେ ଗଙ୍ଗାଙ୍କୁ ଦର୍ଶନ କଲେ ହୃଦୟ ଉଲ୍ଲସିତ ହୋଇଉଠେ; ଆତ୍ମା ପୁଲକିତ ହୋଇଯାଏ । ଗଙ୍ଗାତୀରରେ କୌଣସି ଖଣ୍ଡିଏ ପଥର ଉପରେ କିଛି ସମୟ ବସିବାର ସୁଯୋଗ ମିଳିବା ହିଁ ଏକ ଆଶୀର୍ବାଦ । କିଛି ସମୟ ଗଙ୍ଗା-କୂଳରେ ଅବସ୍ଥାନ କରି ଅନୁଷ୍ଠାନ ବା ପୁରଶ୍ଚରଣ କରିବା ତ ଏକ ମହାନ ତପସ୍ୟା; ସେହି ତପସ୍ୟା ସାଧକକୁ ଶ୍ରୀହରିଙ୍କର ନିବାସ ସ୍ଥାନକୁ ନେଇଯିବ । ଗଙ୍ଗାକୂଳରେ ଚିରକାଳ ବାସ କରି ଧ୍ୟାନମଗ୍ନ ଜୀବନ ଯାପନ କରିବା ହିଁ ଶିବାନନ୍ଦ ପ୍ରାପ୍ତି ।

ଯେଉଁମାନେ ମାତା ଗଙ୍ଗାଙ୍କର କୃପାକାଙ୍କ୍ଷୀ, ମାତାଙ୍କର ଆଶୀର୍ବାଦରୁ ସେମାନେ ବହୁ ଦୃଶ୍ୟ ଓ ଅଦୃଶ୍ୟ ଶକ୍ତି ଲାଭ କରନ୍ତି । ଗଙ୍ଗାତୀରରେ କୌଣସି ନିରୋଳା ସ୍ଥାନଟିଏ ଦେଖି ସେଠାରେ ଏକାକୀ ବସିପଡନ୍ତୁ । ଧ୍ୟାନମଗ୍ନ

ହୋଇଯାଆନ୍ତୁ । ଦେଖିବେ, ଆପଣଙ୍କ ଅନ୍ତରରେ ଆଧାତ୍ମିକ ଶିହରଣ ଖେଳିଯାଉଛି । ମନପ୍ରାଣ ପବିତ୍ର ଉତ୍‌ଫୁଲ୍ଲ ହୋଇ ଊର୍ଦ୍ଧ୍ୱମୁଖୀ ହୋଇଯାଉଛି; ଏପରି କି, ଆପଣଙ୍କର ପାପପଙ୍କିଳ ଚେତନାକୁ ମଧ୍ୟ ଦଳିଦେଇ ଅନ୍ତରରେ ଆଧାତ୍ମିକ ତରଙ୍ଗ ଖେଳିଯାଉଛି । ଆପଣଙ୍କର ସର୍ବାଙ୍ଗକୁ ପରିପୂର୍ଣ୍ଣ କରିଦେଉଥିବା ଏହି ପରମାନନ୍ଦ ହଠାତ୍ କେଉଁଠାରୁ ଚାଲିଆସିଲା ସତେ ! ସ୍ୱଳ୍ପ କେତୋଟି ମୁହୂର୍ତ୍ତ ମଧ୍ୟରେ ଆପଣଙ୍କର ସମସ୍ତ ମନଧ୍ୟାନକୁ ଏହି ସ୍ଥୂଳ ଜାଗତିକ ଚେତନା ରାଜ୍ୟରୁ ଟାଣିନେଇ ଗଙ୍ଗା ମାତା କି ମହିମାମୟୀଭାବରେ ଆପଣଙ୍କୁ କେବଳ ସ୍ୱର୍ଗୀୟ ଆନନ୍ଦ, ସ୍ୱର୍ଗୀୟ ସୁଖ-ସୌଭାଗ୍ୟ ଭୋଗ କରି ବୋଲି ସ୍ୱର୍ଗରାଜ୍ୟରେ ପହଞ୍ଚାଇ ନ ଦେଲେ ସତେ !!

ଗଙ୍ଗାଜଳର ପବିତ୍ରତା — ଗଙ୍ଗା ଜଳ ଅତ୍ୟନ୍ତ ବିଶୁଦ୍ଧ ଓ ଅତି ପବିତ୍ରକାରିଣୀ । ଏ ଜଳରେ କୌଣସି ରୋଗଜୀବାଣୁ ତିଷ୍ଠି ରହିପାରନ୍ତି ନାହିଁ । ଏହା ପରୀକ୍ଷାଗାରମାନଙ୍କରେ ବହୁ ବୈଜ୍ଞାନିକଙ୍କ ଦ୍ୱାରା ପରୀକ୍ଷିତ ହୋଇସାରିଛି । ବିଭିନ୍ନ ଧାତବ ଲବଣରେ ପରିପୂର୍ଣ୍ଣ ଏହି ପବିତ୍ର ଜଳ ପ୍ରାୟ ସର୍ବରୋଗ ହରଣ କରେ ।

ଗଙ୍ଗାଜଳ ବହୁ ପଚନନିରୋଧ ଖଣିଜ ପଦାର୍ଥରେ ପରିପୂର୍ଣ୍ଣ । ପାଶ୍ଚାତ୍ୟଦେଶମାନଙ୍କରେ ମଧ୍ୟ ଚିକିତ୍ସକମାନେ ଚର୍ମରୋଗ ଚିକିତ୍ସାରେ ଆକ୍ରାନ୍ତ ସ୍ଥାନକୁ ବାରମ୍ବାର ଗଙ୍ଗାଜଳରେ ଧୋଇବାକୁ ବ୍ୟବସ୍ଥାପତ୍ର ଦିଅନ୍ତି । ଗଙ୍ଗା କେବଳ ଏକ ନଦୀ ନୁହନ୍ତି । ଗଙ୍ଗା ଏକ ପବିତ୍ର ତୀର୍ଥ । ଫଳରେ, ଗଙ୍ଗାଜଳରେ ଯେଉଁ ଗୂଢ଼ ରହସ୍ୟମୟୀ ଶକ୍ତି ବିଦ୍ୟମାନ, ତାହା ଜଗତର ଅନ୍ୟ କୌଣସି ନଦୀଜଳରେ ଦୁଷ୍ପ୍ରାପ୍ୟ । ତେଣୁ ବୈଜ୍ଞାନିକମାନେ ମଧ୍ୟ ଗଙ୍ଗାଜଳର ନିଶ୍ଚିତଫଳଦାୟିନୀ ଶକ୍ତିକୁ ସ୍ୱୀକାର କରିଛନ୍ତି ।

କ୍ୟାନେଡ଼ାସ୍ଥିତ ମ୍ୟାକ୍‌ଗିଲ ବିଶ୍ୱବିଦ୍ୟାଳୟର ଡାକ୍ତର ଏଫ୍. ସି. ହ୍ୟାରିସନ ଲେଖିଛନ୍ତି, ଏହା ଏକ ନିଶ୍ଚିତ ତଥ୍ୟ ଯେ, ଗଙ୍ଗାଜଳରେ ପଡ଼ିବାର ଖୁବ୍ କମ ସମୟ ମଧ୍ୟରେ—ମାତ୍ର ତିନିଚାରି ଘଣ୍ଟା ମଧ୍ୟରେ—ହଇଜା ରୋଗଜୀବାଣୁ ସମୂଳେ ବିନାଶ ହୋଇଯାଏ; କିନ୍ତୁ ଏ ପର୍ଯ୍ୟନ୍ତ ଏହି ଅଦ୍ଭୁତ ଘଟଣାର କୌଣସି ସନ୍ତୋଷଜନକ ବୈଜ୍ଞାନିକ କାରଣ ଦିଆଯାଇ ପାରି ନାହିଁ । ସ୍ମରଣ ରଖିବାକୁ ହେବ ଯେ, ସ୍ଥାନୀୟ ଅଧିବାସୀମାନଙ୍କର ଅସଂଖ୍ୟ ଶବ, ଏପରି କି ହଇଜା ରୋଗୀଙ୍କର ଶବ ମଧ୍ୟ ଏହି ନଦୀଜଳରେ ଭାସେ; ସ୍ଥାନୀୟ ଅଧିବାସୀମାନେ ଲକ୍ଷ ଲକ୍ଷ ସଂଖ୍ୟାରେ ଏହି ନଦୀ ଜଳରେ ସ୍ନାନ କରିଥାନ୍ତି । ଏସବୁ ଫଳରେ ଗଙ୍ଗା ସ୍ରୋତରେ ଅଜସ୍ର ମଳ ଓ ଦୂଷିତ ପଦାର୍ଥ ମିଶେ । ଏହା ସ୍ମରଣ କଲାବେଳେ ହିନ୍ଦୁମାନଙ୍କର ଯେଉଁ ପ୍ରଗାଢ଼ ବିଶ୍ୱାସ ରହିଛି ଯେ, ଗଙ୍ଗାଜଳ ଅତି ପବିତ୍ର; ଏ ଜଳକୁ କେହି କଳୁଷିତ

କରିପାରିବେ ନାହିଁ, ସୁତରାଂ ଏ ଜଳକୁ ସେମାନେ ନିର୍ବିବାଦରେ ପାନ କରିପାରିବେ ଓ କୌଣସି ଦ୍ୱିଧା ନ ରଖି ଏ ଜଳରେ ସ୍ନାନ କରିପାରିବେ, ସେହି ବିଶ୍ୱାସ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ମନେହୁଏ । ଆଧୁନିକ ଜୀବାଣୁ ବିଜ୍ଞାନ ଗବେଷଣା ଦ୍ୱାରା ଏହାର ସତ୍ୟତା ପ୍ରତିପାଦନ କରିଦିବା ଆବଶ୍ୟକ ।”

ଡାକ୍ତର ଡି. ହେରେଲେ ନାମକ ଜଣେ ସୁନାମଧନ୍ୟ ଫରାସୀ ଚିକିତ୍ସକ ମଧ୍ୟ ଗଙ୍ଗାର ରହସ୍ୟମୟୀ ଶକ୍ତି ବିଷୟରେ ଏହି ପ୍ରକାର ଗବେଷଣାମାନ କରିଥିଲେ । ହଇଜା ଓ ଆମାଶୟ ରୋଗରେ ମୃତ କେତେକ ଲୋକଙ୍କର ଶବ ଗଙ୍ଗାଜଳରେ ଭାସୁଥିବାବେଳେ ସେଗୁଡ଼ିକୁ ନିରୀକ୍ଷଣ କରି ସେ ବିସ୍ମୟାଭିଭୂତ ହୋଇଗଲେ, କାରଣ ସେ ଦେଖିଲେ ଯେ, ସେହି ଭାସମାନ ଶବଗୁଡ଼ିକର ସାମାନ୍ୟ କେତେ ଫୁଟ ଦୂରର ଜଳରେ, ଯେଉଁଠାରେ କି ସାଧାରଣତଃ କୋଟି କୋଟି ସଂଖ୍ୟାରେ ହଇଜା ଆମାଶୟ ଜୀବାଣୁ ରହିବା ଆଶଙ୍କା କରାଯାଏ, ସେଠାରେ କୌଣସି ଜୀବାଣୁ ହିଁ ନାହାନ୍ତି । ତାପରେ ସେ ହଇଜା ଆମାଶୟ ଇତ୍ୟାଦି ରୋଗଗ୍ରସ୍ତ ଲୋକଙ୍କଠାରୁ ଏହି ରୋଗଜୀବାଣୁ ସଂଗ୍ରହ କରି ପରୀକ୍ଷାଗାରରେ ରଖି ସେଗୁଡ଼ିକର ବଂଶ ବୃଦ୍ଧି କରାଇଲେ ଏବଂ କିଛି ସମୟ ପରେ ସେହି ଜୀବାଣୁପରିପୂର୍ଣ୍ଣ ଦ୍ରବଣରେ ଗଙ୍ଗାଜଳ ମିଶାଇଦେଲେ । ଗଙ୍ଗାଜଳ ମିଶ୍ରିତ ରୋଗଜୀବାଣୁଙ୍କ ସଂଖ୍ୟା ବଢିବାପାଇଁ ସମସ୍ତ ଅନୁକୂଳ ପରିବେଶ ଯୋଗାଇଦେବାର କିଛି ସମୟ ପରେ ସେ ଦେଖି ବିସ୍ମିତ ହୋଇଗଲେ ଯେ, ସେହି ଦ୍ରବଣର ସମସ୍ତ ରୋଗଜୀବାଣୁ ନଷ୍ଟ ହୋଇଯାଇଛନ୍ତି ।

ଏଫ୍ ଆର. ସି. ଏସ ଉପାଧିଧାରୀ ଡାକ୍ତର ସି: ଇ ନେଲସନ୍ ନାମକ ଜଣେ ବ୍ରିଟିଶ-ଚିକିତ୍ସକ ଅନ୍ୟ ଏକ ବିସ୍ମୟର କଥା କହନ୍ତି । ସେ କହନ୍ତି “କଲିକତାଠାରୁ ଇଂଲଣ୍ଡ ଯାଉଥିବା ଜାହାଜଗୁଡ଼ିକ ହୁଗୁଳି ନଦୀରୁ ହିଁ ଆବଶ୍ୟକ ଜଳ ସଂଗ୍ରହ କରନ୍ତି । ହୁଗୁଳି ହେଉଛି ଗଙ୍ଗାର ସେହି ଶାଖା, ଯାହାର ସ୍ରୋତ ଦେଇ ତାହାର ସମସ୍ତ ଅପରିଷ୍କୃତ ଜଳ ମୁହାଣମୁଖୀ ହୋଇ ପ୍ରବାହିତ ହୁଏ । କିନ୍ତୁ ଦେଖାଯାଉଛି, ଇଂଲଣ୍ଡରେ ପହଞ୍ଚିବା ପର୍ଯ୍ୟନ୍ତ ଏହି ହୁଗୁଳିଜଳ ପଚିସଢି ନ ଯାଇ ତଟକା ହୋଇ ରହୁଛି । ଅଥଚ ଇଂଲଣ୍ଡରୁ ଭାରତ ଅଭିମୁଖେ ଆସୁଥିବା ଜାହାଜ ଲଣ୍ଡନଠାରୁ ଯେଉଁ ଜଳ ସଂଗ୍ରହ କରି ଆଣନ୍ତି, ତାହା ଭାରତର ଅତି ନିକଟତମ ବନ୍ଦର ବମ୍ବେରେ ପହଞ୍ଚିବା ପର୍ଯ୍ୟନ୍ତ ମଧ୍ୟ ପଚିସଢି ନ ଯାଇ ତଟକା ହୋଇ ରହିପାରୁ ନାହିଁ, କଲିକତା ଓ ବମ୍ବେଠାରୁ ଆହୁରି ସପ୍ତାହକର ବାଟ । ସେସବୁ ଜାହାଜ ବାଧ୍ୟ ହୋଇ ବାଟରେ ପୋର୍ଟ ସଇଦ୍, ସୁଏଜ, କିମ୍ବା ଲୋହିତ-ସାଗରକୂଳସ୍ଥ ଏଡ଼େନ ବନ୍ଦରରୁ ପୁଣି ଥରେ ଜଳ ସଂଗ୍ରହ କରନ୍ତି ।” ତେଣୁ

ଭାରତୀୟ ଲୋକେ ଯେ ଗଙ୍ଗାକୁ ଅତି ପବିତ୍ର ନଦୀ ବୋଲି, ଅତି ରହସ୍ୟମୟୀ ଦୈବୀଶକ୍ତିର ଅଧିକାରିଣୀ ବୋଲି ପୂଜାର୍ଚ୍ଚନା କରନ୍ତି, ସେଥିରେ ଆଶ୍ଚର୍ଯ୍ୟହେବାର କଣ ଅଛି ?"

ଏକ ନୀରବ ଶିକ୍ଷକ – ଗଙ୍ଗାଙ୍କର ସ୍ରୋତ ହିମାଳୟସ୍ଥ ଗଙ୍ଗୋତ୍ରିରୁ ଆରମ୍ଭ ହୋଇଛି । ପ୍ରବାହ ପଥରେ ବହୁ ବାଧାବିଘ୍ନର ସମ୍ମୁଖୀନ ହୋଇ ମଧ୍ୟ ପରିଶେଷରେ ସେହି ସ୍ରୋତ ଆସି ତାର ଅନ୍ତିମ ଲକ୍ଷ୍ୟସ୍ଥଳ ମହୋଦଧିରେ ସମ୍ମିଳିତ ହୁଏ । ଗଙ୍ଗା ସ୍ରୋତର ଏହି ସଂଗ୍ରାମଶୀଳ ଯାତ୍ରାରୁ ସାଧକ ମଧ୍ୟ ଶିକ୍ଷା କରିବାର ଅଛି । ସାଧକ ସେହିପରି ନିଜର ସଂଗ୍ରାମ ପରିତ୍ୟାଗ କରିବାକୁ ହେବ ନାହିଁ; ସାଧନା ପଥରେ ଯେତେ ଅଲଂଘ୍ୟ ପ୍ରତିବନ୍ଧକ ସୃଷ୍ଟି ହେଉ ପଛେ, ତାଙ୍କୁ ସାଧନା କରିବାକୁ ହେବ । ସେ ଯଦି ନିଜର ଯୌଗିକ ସାଧନାରେ ଅବିଚଳିତ, ଏକନିଷ୍ଠ ହୋଇ ରହିପାରନ୍ତି, ତେବେ ଭଗବତ୍ କୃପାରୁ ସମସ୍ତ ପ୍ରତିବନ୍ଧକ ଦୂର ହୋଇଯିବ; ସେ ନିଶ୍ଚିତଭାବରେ ଲକ୍ଷ୍ୟ ଲାଭ କରିପାରିବେ ।

ଗଙ୍ଗା ସର୍ବଦା ଶୁଦ୍ଧଶୀତଳ ଜଳ ପ୍ରଦାନ କରନ୍ତି । କିନ୍ତୁ ଏଥିପାଇଁ ସେ କୌଣସି ପ୍ରତିଦାନର ଆଶା କରନ୍ତି ନାହିଁ । ସୂର୍ଯ୍ୟ ମଧ୍ୟ ଠିକ୍ ସେହିପରି କୌଣସି ପ୍ରତ୍ୟୁପକାରର ଆଶା ନ ରଖି ସମସ୍ତଙ୍କ ଉପରେ ତାଙ୍କର ବିମଳ କିରଣ ବିଚ୍ଛୁରିତ କରନ୍ତି । ସେମାନଙ୍କର ଏହିସବୁ ମହତ୍ କାର୍ଯ୍ୟରୁ ଶିକ୍ଷା ଲାଭ କରନ୍ତୁ । ସର୍ବଦା ଦେଇଚାଲନ୍ତୁ; ବିତରଣ କରିଚାଲନ୍ତୁ । କୌଣସି ପ୍ରତିଦାନର ଆଶା କରନ୍ତୁ ନାହିଁ; ଅପେକ୍ଷା କରନ୍ତୁ ନାହିଁ । ଏପରିକି, ଆପଣଙ୍କର ସେବାପାଇଁ କାହାର ପ୍ରଶଂସା, କାହାର ଅନୁମୋଦନ ବା କାହାର ସ୍ୱୀକୃତି ମଧ୍ୟ ଆଶା କରନ୍ତୁ ନାହିଁ ।

ଗଙ୍ଗାଙ୍କର ଔଦାର୍ଯ୍ୟ ବିଷୟ ଭାବି ଦେଖନ୍ତୁ ତ । ସାଧୁ ଆସନ୍ତୁ, ଶଠ ଆସନ୍ତୁ, ସମସ୍ତଙ୍କପାଇଁ ଗଙ୍ଗାମାତାଙ୍କର ହୃଦୟ ଉନ୍ମୁକ୍ତ; ସମସ୍ତେ ଆସି ତାଙ୍କର ଜଳପାନ କରି ପାରିବେ । ସୌରରଶ୍ମି ଧନୀଗରିବଙ୍କର ପ୍ରଭେଦ ରଖେ ନାହିଁ, ସୁଶୀଳ-ଦୁଃଶୀଳ ନିର୍ବିଶେଷରେ ସେ ସମସ୍ତଙ୍କୁ ଆଲୋକ ପ୍ରଦାନ କରେ । ଫଳନ୍ତି ଗଛ— ଧରନ୍ତୁ ଆମ୍ବ ଗଛ- ତାର ମାଳିକ ଓ ମାଳୀକୁ ଯେପରି ଫଳ ଦିଏ; ତାର ଡାଳପତ୍ର କାଟିନେଉଥିବା ଲୋକଙ୍କୁ ବି ସେପରି ଫଳ ଦିଏ । ଗଙ୍ଗାଙ୍କଠାରୁ ସୂର୍ଯ୍ୟଙ୍କଠାରୁ ଫଳନ୍ତା ଆମ୍ବଗଛଠାରୁ ସମଦୃଷ୍ଟି ଶିକ୍ଷା କରନ୍ତୁ; ସମଦୃଷ୍ଟି ବିକାଶ କରନ୍ତୁ ।

ମୁଁ ଗଙ୍ଗା ଓ ହିମାଳୟକୁ ଭକ୍ତି କରେ । ଗଙ୍ଗା ମୋର ପୂଜ୍ୟ ମାତା । ହିମାଳୟ ମୋର ପୂଜ୍ୟପିତା । ସେମାନେ ମୋତେ ପ୍ରେରଣା ଦିଅନ୍ତି । ସେମାନେ

ମୋତ ମୋ ଲକ୍ଷ୍ୟପଥରେ ପରିଚାଳିତ କରିନାଅନ୍ତି । ମୁଁ ଗଙ୍ଗାରେ ସ୍ନାନ କରେ । ମୁଁ ଗଙ୍ଗାରେ ସନ୍ତରଣ କରେ । ମୁଁ ଗଙ୍ଗାଙ୍କୁ ପୂଜା କରେ; ମୁଁ ଗଙ୍ଗାନଦୀର ମାଛ ମାନଙ୍କୁ ଖାଦ୍ୟ ଦେଇ ଆନନ୍ଦ ଲାଭ କରେ ।

ମୁଁ ଗଙ୍ଗାଙ୍କୁ ଆରତି କରେ । ମୁଁ ଗଙ୍ଗାଙ୍କର ସ୍ତବ ପାଠ କରେ । ମୁଁ ଗଙ୍ଗାଙ୍କୁ ପ୍ରଣାମ କରେ । ମୁଁ ଗଙ୍ଗାଙ୍କର ଗୁଣ କୀର୍ତ୍ତନ କରେ । ମୁଁ ମହିମାମୟୀ ମାତା ଗଙ୍ଗାଙ୍କର ଗୌରବ ପ୍ରଚାରପାଇଁ ଲେଖନୀ ଚାଳନା କରେ ।

ଗଙ୍ଗା ମୋତେ ପାଳନପୋଷଣ କରିଛନ୍ତି । ଗଙ୍ଗା ମୋତେ ସାନ୍ତ୍ୱନା ପ୍ରଦାନ କରନ୍ତି । ଗଙ୍ଗା ମୋତେ ଉପନିଷଦର ସତ୍ୟ ଶିକ୍ଷା ପ୍ରଦାନ କରିଛନ୍ତି ।

ହେ ବନ୍ଧୁ, ଗଙ୍ଗାମାତାଙ୍କର ପଥ ଅନୁସରଣ କରନ୍ତୁ । ପବିତ୍ର ହୁଅନ୍ତୁ । ନିଜକୁ ଅବସ୍ଥା ସହିତ ଖାପଖୁଆଇ ଚଳିବାକୁ ଶିଖନ୍ତୁ । ସହନଶୀଳ ହୁଅନ୍ତୁ । କ୍ଷମାଶୀଳ ହୁଅନ୍ତୁ । କୋମଳ ହୁଅନ୍ତୁ । ମଧୁର ହୁଅନ୍ତୁ । ସମସ୍ତଙ୍କୁ ପ୍ରେମ ବିତରଣ କରନ୍ତୁ । ନିଜର ବୋଲି ଯାହା କିଛି ଅଛି, ନିଜର ଦୈହିକ, ମାନସିକ, ନୈତିକ ତଥା ଆଧ୍ୟାତ୍ମିକ ସକଳ ସମ୍ପତ୍ତି, ସମସ୍ତ ଶକ୍ତି ସମଗ୍ର ମାନବସମାଜରେ ବାଣ୍ଟି-ଦିଅନ୍ତୁ । ଯେତେ ଦେବେ, ସେତେ ପାଇବେ । କୌଣସି ପ୍ରକାର ସ୍ୱାର୍ଥପ୍ରଣୋଦିତ ନ ହୋଇ, କୌଣସି ପ୍ରକାର ପ୍ରତିଦାନର, ପୁରସ୍କାରର ଆଶା ନ ରଖି ଦାନ କରନ୍ତୁ । ନିର୍ମଳ ଅନ୍ତରର ସହିତ ସମସ୍ତଙ୍କୁ ଗ୍ରହଣ କରନ୍ତୁ । ସମଦୃଷ୍ଟି ଅଭ୍ୟାସ କରନ୍ତୁ ।

ପ୍ରେମମୟୀ, ଜ୍ଞାନଦାୟିନୀ, ଜୀବନଦାୟିନୀ ଗଙ୍ଗାମାତାଙ୍କର ଜୟ । ବିଶ୍ୱାସ, ଭକ୍ତି ଓ ନିଷ୍ଠାର ସହିତ ସେହି ମାତାଙ୍କର ପୂଜା କରନ୍ତୁ । ପ୍ରେମ ପବିତ୍ରତା, ନିଃସ୍ୱାର୍ଥପରତା, ଓ ସମଦୃଷ୍ଟିର ସୁପୁଷ୍ପ ପ୍ରଦାନ କରି ସେହି ମହିମାମୟୀଙ୍କର ଉପାସନା କରନ୍ତୁ । ସେହି ପୁଣ୍ୟମୟୀଙ୍କର ନାମ କୀର୍ତ୍ତନ କରନ୍ତୁ । କରୁଣାମୟୀଙ୍କର କରୁଣା ଲାଭ କରି ବ୍ରହ୍ମତ୍ୱ ପ୍ରାପ୍ତ ହୁଅନ୍ତୁ । ଗଙ୍ଗାମାତା ଆପଣମାନଙ୍କୁ ଆଶୀର୍ବାଦ କରନ୍ତୁ । ତାଙ୍କର ପବିତ୍ର ତୀରରେ ବାସକରି ଯୋଗ ଓ ତପଃସାଧନା କରିବାରେ ମାତା ଆପଣମାନଙ୍କର ସହାୟକ ହୁଅନ୍ତୁ ।

ଭାରତ

ପବିତ୍ର ଭାରତଭୂମିରେ ଅସଂଖ୍ୟ ଯୋଗୀ, ଋଷି, ମୁନି, ସନ୍ନ୍ୟାସୀ ଓ ମହାପୁରୁଷ ଜନ୍ମ ଗ୍ରହଣ କରିଛନ୍ତି । ଏହା ହେଉଛି ସେହି ଦେଶ, ଯେଉଁଠାରେ ଶ୍ରୀ ଶଙ୍କର ଓ ଶ୍ରୀ ରାମାନୁଜଙ୍କପରି ବହୁ ଆଚାର୍ଯ୍ୟ; କବୀର, ରାମଦାସ, ତୁକାରାମ ଓ ଗୌରାଙ୍ଗ ମହାପ୍ରଭୁଙ୍କପରି ବହୁ ସନ୍ଥ, ଜ୍ଞାନଦେବ, ଦତ୍ତାତ୍ରେୟ, ସଦାଶିବ ବ୍ରହ୍ମାଙ୍କପରି ବହୁ ଯୋଗୀ ଏବଂ ବୁଦ୍ଧ ଓ ଗୁରୁ ନାନକଙ୍କପରି ବହୁ ମହାପୁରୁଷ ଜନ୍ମଲାଭ କରିଛନ୍ତି । ବୁଦ୍ଧ ତ ଆମର ନିକଟତମ ଆତ୍ମୀୟ ।

ଗୁରୁ ଗୋବିନ୍ଦ ସିଂହ ଓ ଛତ୍ରପତି ଶିବାଜୀଙ୍କୁ ନେଇ ଭାରତ ଗର୍ବ ଅନୁଭବ କରେ । ଭାରତ ଗର୍ବ ଅନୁଭବ କରେ ରାଜା ଭୋଜ ଓ ରାଜା ବିକ୍ରମାଦିତ୍ୟଙ୍କୁ ନେଇ ; ଭାରତ ଗର୍ବ ଅନୁଭବ କରେ ଶ୍ରୀ ଶଙ୍କର ଓ ଭକ୍ତ କବୀରଙ୍କୁ ନେଇ; ଭାରତ ଗର୍ବ ଅନୁଭବ କରେ ବାଲ୍ମୀକି ଓ କାଳିଦାସଙ୍କୁ ନେଇ । ରାମକୃଷ୍ଣ ଆଦି ସକଳ ଅବତାର ଏହି ଭାରତଭୂମିରେ ଜନ୍ମଗ୍ରହଣ କରିଥିଲେ । କି ପବିତ୍ର ନୁହେଁ ସତେ ଭାରତଭୂମି ! କି ପବିତ୍ର ନୁହେଁ ସତେ ଏ ଭାରତ ଦେଶ । ରାମଙ୍କର ପବିତ୍ର ଚରଣ ସ୍ପର୍ଶଲାଭ କରିଥିବା ଅଯୋଧ୍ୟାର ପଥଘାଟର ଧୂଳି, ଶ୍ରୀକୃଷ୍ଣଙ୍କର ଚରଣ ସ୍ପର୍ଶଲାଭ କରିଥିବା ବ୍ରଜବୃନ୍ଦାବନର ରଜ ଆଜି ମଧ୍ୟ ଅଗଣିତ ଜନମାନସକୁ ପବିତ୍ରୀଭୂତ କରୁଛି । ପ୍ରଭୁ ଯୀଶୁ ମଧ୍ୟ ତାଙ୍କ ଜୀବନର ଅଜ୍ଞାତ କାଳଟି ଭାରତର କାଶ୍ମୀରରେ କଟାଇ ଭାରତୀୟ ଯୋଗୀଜନଙ୍କଠାରୁ ଯୋଗଶିକ୍ଷା କରିଥିଲେ ।

ଭାରତ ହେଉଛି ବହୁ ପବିତ୍ର ନଦୀ ଓ ବଳିଷ୍ଠ ଆଧ୍ୟାତ୍ମିକ ସ୍ପନ୍ଦନର ପୁଣ୍ୟଭୂମି । ଆଧ୍ୟାତ୍ମିକ ଚିନ୍ତନ ଓ ଯୌଗିକ ଅଭ୍ୟାସ କରିବାଲାଗି ଏ ଭୂମି ହେଉଛି ଅଚିନ୍ତନୀୟଭାବରେ ଉପଯୁକ୍ତ । ତୁଙ୍ଗ ହିମାଳୟର ଶୁଭ୍ର ମହିମା ସମଗ୍ର ଜଗତର ଜନଗଣଙ୍କୁ ଆକର୍ଷଣ କରେ ।

ହିମାଳୟର ଦୃଶ୍ୟାବଳୀ କି ମନୋରମ ନୁହେଁ ସତେ ! ମାତର୍ଗଙ୍ଗା କି ମାଧୁର୍ଯ୍ୟମୟୀ ନୁହନ୍ତି ସତେ ! ସେମାନଙ୍କଠାରୁ ସଂଜାତ ସ୍ପନ୍ଦନ ଉନ୍ନତପ୍ରଦ, କି ଉପସମକର ନୁହେଁ ସତେ ! ଯୋଗୀଗଣଙ୍କର ସତ୍ସଙ୍ଗ କି ହୃଦୟୋଲ୍ଲାସକ ନୁହେଁ ସତେ ! ହିମାଳୟ ପାଦଦେଶର ଗଙ୍ଗାତଟସ୍ଥିତ ଯୋଗୀଜନନିବସିତ ଋଷିକେଶଧାମ କି ସୁନ୍ଦର, କି ପ୍ରୀତିକର ନୁହେଁ ସତେ !!

ଭାରତ ଏକ ଆଧ୍ୟାତ୍ମିକ ଦେଶ । ହିନ୍ଦୁ ଜୀବନର ପ୍ରତ୍ୟେକଟି ଆଶ୍ରମ ଧର୍ମ ଦ୍ଵାରା ହିଁ ପରିଚାଳିତ । ଆତ୍ମା ଯେ ସମ୍ପୂର୍ଣ୍ଣ ମୁକ୍ତ, ତାହା ହିନ୍ଦୁ ତାର ଜୀବନର ପ୍ରତ୍ୟେକଟି ଆଶ୍ରମରେ ଉପଲବ୍ଧି କରିବାକୁ ପଡ଼େ । ପ୍ରକୃତ ମୁକ୍ତିର ଅଭିବୃଦ୍ଧି ଅନୁଶୀଳନ କରିବାଲାଗି ଧର୍ମ ହିଁ ହିନ୍ଦୁକୁ ଅଧିକତମ ସୁଯୋଗ ପ୍ରଦାନ କରେ ।

ଭାରତ ହେଉଛି ଏକମାତ୍ର ଦେଶ, ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତିର ଦର୍ଶନ ସମ୍ବନ୍ଧରେ କିଛି ନା କିଛି ଜ୍ଞାନ ରହିଛି । ଏ ଦେଶର ଗୋପାଳ, କୃଷକ, ନାବିକ ତଥା ଗାୟକ-ଭିକ୍ଷୁକ ମୁଖରୁ ମଧ୍ୟ ଦାର୍ଶନିକ ସତ୍ୟ ନିର୍ଗତ ହୁଏ । ଏ ଦେଶର ବାଳକ ତାର କ୍ଷୁର ଧରିବା ପୂର୍ବରୁ ଓଁ ନମୋ ଶିବାୟ, ଶିବୋହମ୍ ବୋଲି ଉଚ୍ଚାରଣ କରେ । ହିନ୍ଦୁଧର୍ମର ପରମହଂସ ସନ୍ନ୍ୟାସୀଗଣ, ପରିବ୍ରାଜକ ସାଧୁଗଣ ଦେଶରେ ଘରେ ଘରେ ବେଦାନ୍ତର ନିଗୂଢ଼ତମ ସତ୍ୟସବୁ ପ୍ରଚାରିତ କରିଯାଇଛନ୍ତି । ମୁଠିଏ ଚାଉଳ ପ୍ରତିଦାନରେ ସେମାନେ ଭଜନକୀର୍ତ୍ତନ ମାଧ୍ୟମରେ ଘରେ ଘରେ ବଣ୍ଟନ କରିଯାଇଛନ୍ତି ହିନ୍ଦୁଧର୍ମ ଓ ହିନ୍ଦୁ ଦର୍ଶନର ଅଗଣିତ ଅମୂଲ୍ୟ ରତ୍ନ ।

ଭାରତୀୟ ସଭ୍ୟତାର ଇତିହାସ—ଭାରତୀୟ ସଭ୍ୟତାର ଏକ ସୁଦୀର୍ଘ ଇତିହାସ ରହିଛି । ଏ ଇତିହାସ ପ୍ରତ୍ୟେକ ସ୍ତରରେ ପୃଥିବୀ-ଇତିହାସକୁ ପ୍ରଭାବିତ କରି ଆସିଛି । ହିନ୍ଦୁମାନଙ୍କର ସଭ୍ୟତା, ସଂସ୍କୃତି ଓ ଧର୍ମ ଜଗତର ଅନ୍ୟ କୌଣସି ଜାତିର ସଭ୍ୟତା, ସଂସ୍କୃତି ଓ ଧର୍ମ ଅପେକ୍ଷା ଲକ୍ଷ ଲକ୍ଷ ବର୍ଷ ପ୍ରାଚୀନତର । ଆଜିର ପାଶ୍ଚାତ୍ୟ ଅଧିବାସୀମାନଙ୍କର ପୂର୍ବପୁରୁଷଗଣ ଅସଭ୍ୟ-ବନ୍ୟ ଅବସ୍ଥାରେ ରହିଥିବାବେଳେ ଭାରତୀୟ ସଭ୍ୟତା ଓ ସଂସ୍କୃତି ଉନ୍ନତିର ଚୂଡ଼ାନ୍ତ ସୀମା ସ୍ପର୍ଶ କରି ସାରିଥିଲା ଏବଂ ଏହି ଭୂମି ଦିବ୍ୟଦ୍ରଷ୍ଟା ଯୋଗୀ, ସନ୍ନ୍ୟାସୀ, ମୁନି, ଋଷି ଓ ମହର୍ଷିମାନଙ୍କଦ୍ଵାରା ପରିପୂର୍ଣ୍ଣ ହୋଇ ରହିଥିଲା । ଗ୍ରୀକ୍ ଓ ରୋମାନମାନେ ହିନ୍ଦୁମାନଙ୍କୁ ଅନୁକରଣ କରି ହିନ୍ଦୁ ଚିନ୍ତାଧାରା ଗ୍ରହଣ କରିଥିଲେ ।

ପ୍ରାଚୀନ ଭାରତ ସମ୍ବନ୍ଧରେ, ପ୍ରାଚୀନ ଭାରତର ଅଧିବାସୀମାନଙ୍କ ସମ୍ବନ୍ଧରେ ତାର କଳା, ତାର ସଭ୍ୟତା, ତାର ସଂସ୍କୃତି ତଥା ତାର ବିବିଧ ଉତ୍ପାଦନ ସମ୍ବନ୍ଧରେ ମହାଭାରତ ଓ ରାମାୟଣରେ ଅତି ପ୍ରାଞ୍ଜଳ ବର୍ଣ୍ଣନାମାନ ରହିଛି । ଆଜି ମଧ୍ୟ ଆମର ପାରିବାରିକ, ସାମାଜିକ ତଥା ଜାତୀୟ ଆଦର୍ଶ ସବୁ ସେହି ରାମାୟଣ ଓ ମହାଭାରତର ମହାନ ଚରିତ୍ରଗୁଡ଼ିକରୁ ହିଁ ଗ୍ରହଣ କରାଯାଇଥାଏ । ଆମର ସେହି ମହାନ ଜାତୀୟ ବୀରଗଣ ଆଜି ମଧ୍ୟ ସମଗ୍ର ଜଗତର ଜନଗଣଙ୍କୁ ପ୍ରେରଣା ଓ ଦିଗ୍‌ଦର୍ଶନ ପ୍ରଦାନ କରିବାଲାଗି ଗୋଟିଏ ଗୋଟିଏ ଉଜ୍ଜ୍ଵଳ ଦୀପସ୍ତମ୍ଭସଦୃଶ ଦଣ୍ଡାୟମାନ ହୋଇଛନ୍ତି । ଭାରତ ଯେ ଏକଦା କି ମହାନ ଥିଲା, ତାହା ଆପଣ ଏହି ଦୁଇଟି ଗ୍ରନ୍ଥ ଅଧ୍ୟୟନ କଲେ ଜାଣିପାରିବେ ଏବଂ ଏହି ଗ୍ରନ୍ଥ ଦୁଇଟି ଅଧ୍ୟୟନ କଲେ

ଭାରତକୁ ପୁନର୍ବାର ଏକ ମହାନ ଦେଶ କରି ଗଠନ କରିବାକୁ ଆପଣ ପ୍ରେରଣା ଲାଭ କରିପାରିବେ । ଭାରତ ଯେତେ ସଂଖ୍ୟାରେ ମହାଯୋଗୀ, ମହାମୁନି, ମହାଋଷି, ମହାମାନବ, ମହାବୀର, ମହତ୍‌ଗୁରୁ, ମହତ୍ ଆଚାର୍ଯ୍ୟ, ମହତ୍‌ଶାସକ, ମହତ୍ ଦେଶସେବକ, ମହତ୍ ଜନସେବକ ଓ ମହତ୍ସ୍ତ୍ରୀ ନାରୀଙ୍କୁ ଜନ୍ମଦାନ କରିଛି, ଜଗତର ଅନ୍ୟ କୌଣସି ଦେଶ ସେତେ ସଂଖ୍ୟାରେ ସେପରି ମହାନ ବ୍ୟକ୍ତିଙ୍କୁ ଜନ୍ମ-ଦାନ କରିପାରି ନାହିଁ । ଭାରତର ପ୍ରତ୍ୟେକ ପ୍ରାନ୍ତରେ ସ୍ୱନାମଧନ୍ୟ ପଣ୍ଡିତ କବି ଓ ସାଧୁସନ୍ଥ ଜନ୍ମଲାଭ କରିଛନ୍ତି । ଆଜି ମଧ୍ୟ ଭାରତରେ ବହୁ ଯୋଗୀ, ଋଷି ଓ ମହାତ୍ମା ବିଦ୍ୟମାନ । ଭାରତ ତଥା ହିନ୍ଦୁଧର୍ମ ବିଷୟରେ ଆପଣ ଯେତେ ଅଧିକ ଜ୍ଞାନ ଲାଭ କରିବେ, ଏ ଦେଶକୁ, ଏ ଜାତିକୁ ସେତେ ଅଧିକ ଭକ୍ତି, ସେତେ ଅଧିକ ପ୍ରେମ କରିବେ; ଏବଂ ଏହି ମହାନ ଦେଶରେ ଜଣେ ହିନ୍ଦୁ ହୋଇ ଜନ୍ମଲାଭ କରିଥିବାରୁ ପରମେଶ୍ୱରଙ୍କ ନିକଟରେ ଆପଣ ସେତେ ଅଧିକ କୃତଜ୍ଞତା ଜ୍ଞାପନ କରିବେ ।

ଆଧ୍ୟାତ୍ମିକତା ହିଁ ଭାରତୀୟ ସଂସ୍କୃତିର ମୂଳଭିତ୍ତି— ଇଂଲଣ୍ଡ ଲୁହା ଓ କୋଇଲାପାଇଁ ପ୍ରସିଦ୍ଧ । ଆମେରିକା ତାର ଡୋଲାରପାଇଁ ପ୍ରସିଦ୍ଧ । ଇଟାଲୀ ତାର କଳା ଓ ସ୍ଥାପତ୍ୟପାଇଁ ପ୍ରସିଦ୍ଧ । କିନ୍ତୁ ଭାରତ ପ୍ରସିଦ୍ଧ ତାର ଆଧ୍ୟାତ୍ମିକତା, ତାର ଧର୍ମପ୍ରେମ ତଥା ତାର ଯୋଗୀଋଷିଙ୍କପାଇଁ । ଭାରତର ଇତିହାସ ହିଁ ଧର୍ମର ଇତିହାସ । ଭାରତର ସମାଜସଂହିତା ଓ ରାଜନୀତି ଧର୍ମ ଉପରେ ପ୍ରତିଷ୍ଠିତ । ଯଦି ଭାରତରୁ ଯୋଗ, ଧର୍ମ ଓ ଆଚାରସଂହିତା ଅନ୍ତର କରି ଦିଆଯାଏ, ତେବେ ଭାରତ ଲକ୍ଷ ଲକ୍ଷ ବର୍ଷ ଧରି ଯାହା ହୋଇ ରହିଆସିଛି, ଆଉ ତାହା ହୋଇ ରହିବ ନାହିଁ । ଗୀତା ଓ ଉପନିଷଦ କାଢ଼ିନିଆଗଲେ, ଭାରତ ଆଉ ଭାରତ ହୋଇ ରହିପାରିବ ନାହିଁ ।

ଧର୍ମର ସାରାଂଶ ଅର୍ଥାତ୍ ଈଶ୍ୱର ଭକ୍ତି ନେଇ ଭାରତୀୟ ସଂସ୍କୃତି ଗଠିତ । ଭାରତ ଧର୍ମର ଦେଶ । ଧର୍ମ ହିଁ ତାର ପ୍ରାଣ । ଧର୍ମ ହିଁ ତାର ଜୀବନ ଓ ଜୀବନର ଆଦର୍ଶ । ସେ ଧର୍ମରେ ସଂଗ୍ରଥିତ ହୁଏ । ସେ ଧର୍ମର ଅସ୍ତିତ୍ୱ ଉପରେ ପ୍ରତିଷ୍ଠିତ । ଧର୍ମ ଭାରତକୁ ରକ୍ଷା କରେ । ଭାରତୀୟ ସଂସ୍କୃତିର ଭିତ୍ତି ସେପରି ସୁଦୃଢ଼ ହୋଇଥିବାରୁ ହିଁ, ସେହି ସଂସ୍କୃତି ବହୁ ବହିଃଶତ୍ରୁ ଆକ୍ରମଣର ତଥା ରାଜନୈତିକ ଉତ୍‌ଥାନ-ପତନର ଘାତପ୍ରତିଘାତ ସହି ମଧ୍ୟ ତିଷ୍ଠି ରହିପାରିଛି । ଅସ୍ଥାୟୀ ରାଜନୈତିକ ପରାଧୀନତା ଭାରତର ଆତ୍ମାକୁ ପରାହତ କରିପାରି ନାହିଁ । କାଳ-ସ୍ରୋତ ଭାରତୀୟ ସଂସ୍କୃତିର ଗୌରବ କ୍ଷୁର୍ଣ୍ଣ କରିପାରି ନାହିଁ । ପ୍ରାଚୀନ ମିଶର,

ଆସିରିଆ, ବାବିଲୋନିଆ, ଗ୍ରୀସ୍ ତଥା ରୋମର ସଭ୍ୟତା ନିଜ ନିଜର ସତ୍ତା ହରାଇଦେଲେଣି କିନ୍ତୁ ପ୍ରାଚୀନ ଭାରତୀୟ ସଭ୍ୟତା ଯୁଗ ଯୁଗ ଧରି ସଂଜୀବିତ ହୋଇ ରହିଆସିଛି ।

ଇତିହାସର ପ୍ରାଚୀନତମ କାଳରୁ ଆତ୍ମସଂଯମ ଓ ଇନ୍ଦ୍ରିୟଦମନ ହିଁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ର ହୋଇ ରହିଆସିଛି । ଭାରତର ଲକ୍ଷ୍ୟ ହେଉଛି, ତ୍ୟାଗ ଓ ଜ୍ଞାନ ବଳରେ ଆତ୍ମସାକ୍ଷାତକାର ଲାଭ । ତ୍ୟାଗ ଓ ଅନାଶକ୍ତିର ଆଦର୍ଶ ହିଁ ଭାରତବର୍ଷକୁ ଏକ ମହାନ ରାଷ୍ଟ୍ରରୂପେ ତାର ସମସ୍ତ ଶକ୍ତି ଅକ୍ଷୁଣ୍ଣ ରଖିବାରେ ସାହାଯ୍ୟ କରି ଆସିଛି ।

"ମଣିଷ ଆମେ ରେ ଗୋଟିଏ ଜାତି, ସର୍ବେ ଆମ୍ଭର ବନ୍ଧୁ ଜ୍ଞାତି" ରୂପକ ଯେଉଁ ମହାଭାବ ରହିଛି, ଭାରତ ସେହି ବିଶ୍ୱମୈତ୍ରୀ ଭାବ ସ୍ୱୀକାର କରେ ଓ ପୋଷଣ କରେ । ଭାରତ ହେଉଛି ସେହି ମହାଭାବର ବୀଜରୁ ସଂଜାତ ସହନଶୀଳତା, ସଦାଶୟତା, ସଦ୍‌ଗୁଣ ଓ ବିଶ୍ୱପ୍ରେମର ପୁଷ୍ପସୌରଭରେ ପରିପୂର୍ଣ୍ଣ ଏକ କୁସୁମକାନନ । ଭାରତ ସକଳ ମନୁଷ୍ୟର ଏକତ୍ୱ ଓ ସର୍ବଧର୍ମର ସାର୍ବଜନୀନତାରେ ବିଶ୍ୱାସ କରେ ଏବଂ ଏହା ହିଁ ଭାରତୀୟ ପରମ୍ପରାର ବିଶେଷତ୍ୱ ।

ଜଗତରେ ଏପରି କୌଣସି ଦେଶ ନାହିଁ, ଯେଉଁ ଦେଶ କି ସହିଷ୍ଣୁତା ଗୁଣରେ ଭାରତକୁ ବଳିଯିବ । ଭାରତର ହୃଦୟ ଅତି ବିଶାଳ । ତାର ପ୍ରେମାଲିଙ୍ଗନ ମଧ୍ୟରେ ଜଗତର ସକଳ ରାଷ୍ଟ୍ର ଆବଦ୍ଧ । ଦୀର୍ଘ ଆଠଶହବର୍ଷରୁ ଅଧିକ ସମୟ ଧରି ଭାରତ କେତେକ ଲୋଲୁପ ଲୋକଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇ ରହିଥିଲା । ସେମାନଙ୍କଠାରୁ ନିର୍ଯ୍ୟାତନା ପାଇ ମଧ୍ୟ ସେ ସେମାନଙ୍କର ସେବା କରି ସେମାନଙ୍କୁ ସୁଖସମ୍ପଦ ପ୍ରଦାନ କରିଥିଲା । ଭାରତ ଅତ୍ୟନ୍ତ ସମ୍ପଦଶାଳୀ ଏବଂ ତାର ହୃଦୟ ଉଦାରତା ଓ ବିଶ୍ୱପ୍ରେମରେ ପୂର୍ଣ୍ଣ । ସେ ସମଗ୍ର ଜଗତକୁ ପାଳନ ପୋଷଣ କରେ । ତାର ଭଣ୍ଡାର ଅସରନ୍ତି ।

ଭାରତୀୟ ସଂସ୍କୃତି କୌଣସି ମୃତସଂସ୍କୃତି ନୁହେଁ । ଏ ସଂସ୍କୃତିର ଜୀବନୀଶକ୍ତି ଅସୀମ । ସମୟର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଏ ସଂସ୍କୃତିକୁ ଯୁଗୋପଯୋଗୀ କରି ଗଢି ତା ଦେହରେ ନବଜୀବନ ସଂଚାର କରାଯାଇ ପାରୁଥିବ । ଏକ ମୌଳିକ ଜୀବନୀଶକ୍ତି ସର୍ବଦା ଜାଗ୍ରତ ହୋଇ ରହିଥିବା ଫଳରେ, ଭାରତ ତାର କେତେକ ଦୁର୍ବଳତା ସତ୍ତ୍ୱେ ଲକ୍ଷ ଲକ୍ଷ ବର୍ଷ ଧରି ଜୀବିତ ରହିବାକୁ ସକ୍ଷମ ହୋଇପାରିଛି ।

ଭାରତ ଓ ପାଶ୍ଚାତ୍ୟ ଜଗତ— ଭାରତ ଦୃଷ୍ଟିରେ, ସଚ୍ଚିଦାନନ୍ଦ ସ୍ୱରୂପ ବ୍ରହ୍ମ ହିଁ ଏକମାତ୍ର ବାସ୍ତବତା । ପାଶ୍ଚାତ୍ୟ ଜଗତ ଦୃଷ୍ଟିରେ, ଜଡବସ୍ତୁ ହିଁ ଏକମାତ୍ର ବାସ୍ତବତା । ପାଶ୍ଚାତ୍ୟ ଦେଶ ମତରେ, ପ୍ରଚୁର ପରିମାଣର ଡ଼ୋଲାରର ମାଲିକାନା ହିଁ ସ୍ୱାଧିନତା; ଅସଂଖ୍ୟ ପରମାଣୁ ବୋମା ଓ ବ୍ୟୋମଯାନର ଅଧିକାରୀ ହେବା ହିଁ ସ୍ୱାଧୀନତା । ଭାରତର ଲକ୍ଷ୍ୟ ହେଉଛି ଆତ୍ମସାକ୍ଷାତ୍କାର । କିନ୍ତୁ ପାଶ୍ଚାତ୍ୟ ଜଗତର ଲକ୍ଷ୍ୟ ହେଉଛି ପାର୍ଥିବ କ୍ଷମତା ଓ ଆଧିପତ୍ୟ ଲାଭ । ଭାରତର ମତ ଯେ, ଆତ୍ମସଂଯମ ହିଁ ଆନନ୍ଦ ପ୍ରଦାନ କରେ । କିନ୍ତୁ ପାଶ୍ଚାତ୍ୟର ମତ ଯେ, ଆତ୍ମତୁଷ୍ଟି ଓ ଅମିତାଚାର ହିଁ ଆନନ୍ଦ ପ୍ରଦାନ କରେ । ଭାରତ ମତରେ, ତ୍ୟାଗ କଲେ ଆନନ୍ଦ ମିଳେ । ପାଶ୍ଚାତ୍ୟ ଦେଶ ମତରେ, ଭୋଗ କଲେ ବା ଲାଭ କଲେ ଆନନ୍ଦ ମିଳେ । ଭାରତ ମତରେ, ଅହିଂସା ହେଉଛି ଜୀବନର ଆଦର୍ଶ । ପାଶ୍ଚାତ୍ୟ ଦେଶ ମତରେ, 'ବଧ କର ଓ ବଶ କର' ହେଲା ଜୀବନର ଆଦର୍ଶ ।

ପାଶ୍ଚାତ୍ୟ ଦେଶରେ ଯାହାର ଯେତେ ଅଭାବ ସେ ସେତେ ସଭ୍ୟ । ଯାହାର ଅଭାବ ନା ଆବଶ୍ୟକତା କିଛି ନାହିଁ, ପାଶ୍ଚାତ୍ୟ ଦେଶ ତାକୁ ଜଙ୍ଗଲୀ ବା ଅସଭ୍ୟ ବୋଲି କହେ । ପ୍ରାଚ୍ୟର ଜଣେ ଯୋଗୀ ବା ଭାବେଭୋଳା ଭକ୍ତ ପାଶ୍ଚାତ୍ୟ ଦୃଷ୍ଟିରେ ଜଣେ ବଣମଣିଷ । କାମନାର ସ୍ୱଳ୍ପତା ହିଁ ସୁଖର ପରିମାପକ ବୋଲି ଯେଉଁ ମହାସତ୍ୟ ରହିଛି, ପାଶ୍ଚାତ୍ୟ ଦେଶର ଲୋକେ ତାହା ହୃଦୟଙ୍ଗମ କରିନାହାନ୍ତି । ସତରେ ଏହା ଅତ୍ୟନ୍ତ କ୍ଷୋଭର ବିଷୟ ।

ପାଶ୍ଚାତ୍ୟ ସଂସ୍କୃତି କେବଳ ପାଶ୍ଚାତ୍ୟଲୋକଙ୍କର ଧନସମ୍ପଦ ଓ ଅଧିକାରର ପରିବୃଦ୍ଧି ପାଇଁ ଉଦ୍ଦିଷ୍ଟ । କିନ୍ତୁ ପ୍ରାଚ୍ୟ ସଂସ୍କୃତିର ଲକ୍ଷ୍ୟ ହେଉଛି ସମଗ୍ର ଜଗତର ଉନ୍ନତି ଓ ଅଭିବୃଦ୍ଧି । ପାଶ୍ଚାତ୍ୟ ସଂସ୍କୃତି ମନକୁ ବହିର୍ମୁଖୀ କରାଏ । ପ୍ରାଚ୍ୟ ସଂସ୍କୃତି ମନକୁ ଅନ୍ତର୍ମୁଖୀ କରାଏ । ପାଶ୍ଚାତ୍ୟ ସଂସ୍କୃତି ମନୁଷ୍ୟର ଅହଂକାର ବଢ଼ାଏ, ବ୍ୟକ୍ତିସ୍ୱାର୍ଥ ବଢାଏ । ପ୍ରାଚ୍ୟ ସଂସ୍କୃତି ଅହଂକାର ଓ ବ୍ୟକ୍ତିସ୍ୱାର୍ଥ ବିନାଶ କରି ବିଶ୍ୱପ୍ରେମ-ପଥରେ ପ୍ରବାହିତ ହୁଏ । ପାଶ୍ଚାତ୍ୟ ସଂସ୍କୃତି ବ୍ୟକ୍ତିକୁ ବନ୍ଧନ ଭିତରକୁ ଟାଣିନିଏ, କିନ୍ତୁ ପ୍ରାଚ୍ୟ ସଂସ୍କୃତି ବ୍ୟକ୍ତିକୁ ମୁକ୍ତିପଥରେ ଚଳାଇନିଏ । ପାଶ୍ଚାତ୍ୟ ସଂସ୍କୃତି ମନୁଷ୍ୟକୁ ବସ୍ତୁବାଦୀ କରିଦିଏ ; ବ୍ୟକ୍ତିର ଆସୁରିକ ବୃତ୍ତି ଉଦୟ କରାଏ । ପ୍ରାଚ୍ୟ ସଂସ୍କୃତି ମନୁଷ୍ୟକୁ ଦିବ୍ୟତ୍ୱ ପ୍ରଦାନ କରେ ।

ପାଶ୍ଚାତ୍ୟ ଭୂଖଣ୍ଡ ବସ୍ତୁବାଦୀ; ପ୍ରାଚ୍ୟ ଆଧ୍ୟାତ୍ମବାଦୀ । ଜଡ଼ ବିଜ୍ଞାନ ବସ୍ତୁବାଦୀ ଶକ୍ତିରୁ ସମ୍ଭୂତ; ଯୋଗ ଆଧ୍ୟାତ୍ମିକତାର ଔରସ ।

ଭାରତ ଜଡ଼ବିଜ୍ଞାନରେ ପାଶ୍ଚାତ୍ୟ ଭୂଖଣ୍ଡ ସହିତ ପ୍ରତିଦ୍ୱନ୍ଦିତା କରିବାକୁ ସକ୍ଷମ ହୋଇ ନ ପାରେ କିନ୍ତୁ ଆଧ୍ୟାତ୍ମିକ କ୍ଷେତ୍ରରେ କୌଣସି ଦେଶ ଭାରତର ସମକକ୍ଷ ହୋଇପାରିବ ନାହିଁ । ଯୋଗ, ବେଦାନ୍ତ ଆଦି ଆଧ୍ୟାତ୍ମିକ କ୍ଷେତ୍ରରେ ଭାରତ ସମଗ୍ର ଜଗତକୁ ବାଟ ଦେଖାଇପାରିବ । ଭାରତ ଚିରକାଳ ଜଗତର ଅଗ୍ରଣୀ ସ୍ଥାନରେ ଅଧିଷ୍ଠିତ ହୋଇ ରହିବ, ଚିରକାଳ ଜଗତକୁ ଆଧ୍ୟାତ୍ମିକ ନେତୃତ୍ୱ ପ୍ରଦାନ କରିବ । ଅନ୍ୟ କାହାରିଠାରୁ ଆଧ୍ୟାତ୍ମିକ ଆଲୋକ ଗ୍ରହଣ କରିବା ତା' ପକ୍ଷରେ ଅନାବଶ୍ୟକ ।

ଜଗତକୁ ଭାରତର ଅବଦାନ— ମାନସିକ ଓ ଆଧ୍ୟାତ୍ମିକ ସଂସ୍କୃତି-ରୂପରେ ଜଗତକୁ ଭାରତର ପ୍ରଭୂତ ଅବଦାନ ରହିଛି । ପ୍ରାଚୀନ ଭାରତର ଋଷିଗଣ ଆଧ୍ୟାତ୍ମିକ ଜ୍ଞାନରେ ଆନନ୍ଦବିଭୋର ହୋଇ ରହିଥିଲେ, ସେମାନେ ଭଗବତ୍ ସାନିଧ୍ୟ ଉପଭୋଗ କରୁଥିଲେ ଏବଂ ଜଗତକୁ ଦିବ୍ୟଜ୍ଞାନରେ ସମୃଦ୍ଧ କରୁଥିଲେ । ଭାରତର ଋଷିପ୍ରଣୀତ ଆଧ୍ୟାତ୍ମିକ ସାହିତ୍ୟ ଅନନ୍ତ କାଳ ଯାଏ ନିଜର ଅଲୌକିକ ପ୍ରଭା ବିକିରଣ କରିଚାଲିଥିବ ।

ଭାରତର ପ୍ରାଚୀନ ମୁନିଋଷିଗଣ ଯେଉଁ ଉପଦେଶବାଣୀ ପ୍ରଦାନ କରିଛନ୍ତି, ତାହା ଅତ୍ୟନ୍ତ ବିଶ୍ୱଜନୀନ । ଯୋଗର ସମସ୍ତ ଜ୍ଞାନ ସମଗ୍ର ଜଗତର ସମ୍ପଦ । ଯୋଗ-ଜ୍ଞାନ ତାତ୍ତ୍ୱିକ ନୁହେଁ; ତାହା ସମ୍ପୂର୍ଣ୍ଣରୂପେ ପ୍ରୟୋଗାତ୍ମକ ।

ସଂଗ୍ରାମବିକ୍ଷୁବ୍ଧ ବିଷାକ୍ତ ବାୟୁମଣ୍ଡଳ ଓ କଳଙ୍କିତ ପରିବେଶ ପରିତ୍ୟାଗ କରି ଆଜି ବହୁସଂଖ୍ୟକ ଲୋକ ଭାରତ ଆଡକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି ଏବଂ ତାର ଗୀତା, ଉପନିଷଦ ଓ ଅଦ୍ୱୈତ ବେଦାନ୍ତ ଦର୍ଶନରେ ପ୍ରଦର୍ଶିତ ଜ୍ଞାନଭଣ୍ଡାର ଆଡକୁ ଆଶାନ୍ୱିତ ନୟନରେ ଚାହିଁଛନ୍ତି ।

ଭାରତ ତାର ଗୌରବମୟ ପରମ୍ପରା ବଳରେ ସମଗ୍ର ଜଗତକୁ ସତ୍‌ପଥ ପ୍ରଦର୍ଶନ କରିପାରିବ ଏବଂ ସମଗ୍ର ମାନବଜାତିକୁ ଶାନ୍ତି, ସମୃଦ୍ଧି ଓ ଶାଶ୍ୱତ ଆନନ୍ଦ ଲାଭପାଇଁ ନେତୃତ୍ୱ ପ୍ରଦାନ କରିପାରିବ । ଯେଉଁସବୁ ଦେଶ ଆଧ୍ୟାତ୍ମିକତାରୁ ବଞ୍ଚିତ ହୋଇ ରହିଛନ୍ତି, ଆଧ୍ୟାତ୍ମିକତା ଲାଭ କାର୍ଯ୍ୟରେ ସେମାନଙ୍କୁ ନେତୃତ୍ୱ ଦେବାକୁ ଭାରତକୁ ଆହ୍ୱାନ କରାଯାଉ । ଏକମାତ୍ର ଭାରତ ହିଁ ସେହି ବିରାଟ ଦାୟିତ୍ୱ ବହନ କରିବାକୁ ସମର୍ଥ । କେବଳ ଭାରତ ହିଁ ଜଗତକୁ ଅଧିକତର ସଦ୍‌ଭାବନା, ଘନିଷ୍ଠ ଭ୍ରାତୃଭାବ, ଶାନ୍ତି ଓ ସଂଗତିଲାଭ ପଥରେ ପରିଚାଳିତ କରିପାରିବ ।

ଭାରତର ଭବିଷ୍ୟତ— ଭାରତର ଉଦ୍ଦେଶ୍ୟ ଅନ୍ୟାନ୍ୟ ଦେଶମାନଙ୍କର ଉଦ୍ଦେଶ୍ୟଠାରୁ ଭିନ୍ନ । ରାଜନୈତିକ ଗୌରବ ବା ସାମରିକ ଶକ୍ତି ସଂଗ୍ରହ ଭାରତର ଧ୍ୟେୟ ନୁହେଁ । ଆଧ୍ୟାତ୍ମିକ ମହତ୍ତ୍ୱ ସମ୍ପାଦନ ହିଁ ଭାରତର ଉଦ୍ଦେଶ୍ୟ ।

ସାମରିକ ଗୌରବ କୌଣସି ଦେଶର ପ୍ରଗତିର ପରିଚାୟକ ନୁହେଁ । ଅନ୍ୟ ଦେଶ ଓ ଅନ୍ୟ ଜାତିର ସ୍ୱାଧୀନତା ଅପହରଣ କରି ଭାରତ କୌଣସି ଦିନ ସେପରି ଗୌରବ ଅନ୍ୱେଷଣ କରି ନାହିଁ । ଭାରତ ତାର ଇତିହାସର ପ୍ରାରମ୍ଭକାଳରୁ କୌଣସି ଦିନ ଧନସମ୍ପଦ ଉପରେ, ପାର୍ଥିବ ଶକ୍ତି ଉପରେ ଗୁରୁତ୍ୱ ଆରୋପ କରି ନାହିଁ ।

ଭାରତ କାଳେ କାଳେ ମୁନି, ଋଷି, ଯୋଗୀ ଓ ସାଧୁସନ୍ଥମାନଙ୍କର ଦେଶ ହୋଇ ରହିଆସିଛି । ସେ ଯଦି ପାଶ୍ଚାତ୍ୟ ଦେଶକୁ ଅନୁକରଣ କରେ, ତେବେ ସେ ତାର ଆଧ୍ୟାତ୍ମିକ ଗୌରବ ହରାଇବସିବ । ତାକୁ ଆଧ୍ୟାତ୍ମିକତାର ଆଧାର ଉପରେ ହିଁ ଉନ୍ନତି କରିବାକୁ ପଡ଼ିବ । ଅହିଂସା, ପ୍ରେମ ଓ ଜ୍ଞାନ ବଳରେ ହିଁ ତାକୁ ବିଜୟଲାଭ କରିବାକୁ ପଡ଼ିବ । ଅଧିକରୁ ଅଧିକ ବ୍ୟୋମଯାନ ନିର୍ମାଣ କରି କିମ୍ବା ଯୁଦ୍ଧପୋତ ନିର୍ମାଣ କରି ଭାରତ କଦାପି ଗୌରବାନ୍ୱିତ ହୋଇପାରିବ ନାହିଁ । ତାକୁ ଅଧିକରୁ ଅଧିକ ସଂଖ୍ୟକ ଯୋଗୀ ଓ ଜିତେନ୍ଦ୍ରିୟ ପ୍ରସ୍ତୁତ କରିବାକୁ ପଡ଼ିବ । ଭାରତର ରାଷ୍ଟ୍ରପାଳଗଣ ଦେଶଶାସନର ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ନେଇ ସାଧୁସନ୍ଥମାନଙ୍କର ପରାମର୍ଶ ଲୋଡ଼ିବା ଆବଶ୍ୟକ । ସାଧୁସନ୍ଥମାନଙ୍କୁ ଦେଶରେ ଉଚ୍ଚ-ସମ୍ମାନ ପ୍ରଦାନ କରିବାକୁ ପଡ଼ିବ । ସେପରି କରିପାରିଲେ ହିଁ ଭାରତଶାସନ ସତ୍, ମହତ୍, ଦିବ୍ୟ ଓ ଶାନ୍ତିପ୍ରଦ ହୋଇପାରିବ ।

ଭାରତ ବର୍ତ୍ତମାନ ସ୍ୱାଧୀନତା ଲାଭ କରିଛି କିନ୍ତୁ ଏ ପର୍ଯ୍ୟନ୍ତ ତାର ଦାରିଦ୍ର୍ୟ ଅଜ୍ଞତା ଏବଂ ଅର୍ଥନୈତିକ ସମସ୍ୟାର ସମାଧାନ ହୋଇପାରି ନାହିଁ । ସାଧାରଣ ଜନଜୀବନରେ ବହୁ ଅବାଞ୍ଛିତ ବୃତ୍ତି ତଥା ଆବର୍ଜନା ରହିଯାଇଥିବା ଫଳରେ ଭାରତର ଜାତୀୟ ଜୀବନର ଉତ୍ସ ତାର ଉତ୍ପତ୍ତି ସ୍ଥଳରେ ହିଁ ଦୂଷିତ ହୋଇ-ଯାଉଛି । ସେହିସବୁ ଅବାଞ୍ଛିତ ବୃତ୍ତି ଓ ମଳ ପରିଷ୍କାର କରି ଜନଜୀବନକୁ ନିର୍ମଳ କରିବାର ଏକ ବିରାଟ ଆବଶ୍ୟକତା ରହିଛି । ଏହି ଉଦ୍ଦେଶ୍ୟରେ ସମସ୍ତେ ଗୀତା ନିର୍ଦ୍ଦେଶିତ ଜୀବନ ଧାରଣ କରିବା ବିଧେୟ ।

ପ୍ରକୃତରେ ଏହା ଏକ ଦୁଃଖଜନକ ବିଷୟ ଯେ, ଭାରତର ଯେଉଁମାନେ ପାଶ୍ଚାତ୍ୟର ଅନୁକରଣ କରୁଛନ୍ତି, ସେମାନେ ସେମାନଙ୍କର ଆତ୍ମା ହରାଇ ବସିଛନ୍ତି ।

ଭାରତର ଭବିଷ୍ୟତ ତାର ପାର୍ଥିବ ସମ୍ପଦ ଉପରେ ନିର୍ଭର କରେ ନାହିଁ, ନିର୍ଭର କରେ ତାର ଆଧ୍ୟାତ୍ମିକ ଶକ୍ତି ଉପରେ। ଆତ୍ମା ହିଁ ଜ୍ଞାନ, ସମୃଦ୍ଧି, ଶକ୍ତି ଓ ଶାନ୍ତିର ଭିତ୍ତିଭୂମି। ତେଣୁ ଆପଣମାନେ ନିଜ ନିଜକୁ ଭାରତୀୟ ସଂସ୍କୃତିର ଆଧ୍ୟାତ୍ମିକ ସାରବତ୍ତା ବହନକାରୀ ଏକ ଚିର ଉଜ୍ଜ୍ୱଳ ଆଲୋକରେ ପରିଣତ କରି ଦିଅନ୍ତୁ। ଆଦର୍ଶ ହିନ୍ଦୁର ବ୍ୟକ୍ତିଗତ ତଥା ସାମାଜିକ ଜୀବନ ଯାପନ କରନ୍ତୁ, ଯାହାକି ଅନ୍ୟମାନଙ୍କର ଅନୁକରଣୀୟ ହୋଇପାରିବ।

ଭାରତର ଉତ୍ଥାନ ହେବ। ଭାରତ ନିଶ୍ଚିତଭାବରେ ଉନ୍ନତି କରିବ। ଏ ଭୂମି ହେଉଛି ମୁନିଋଷିମାନଙ୍କର ଗୌରବଭୂମି। ଏ ଭୂମି ହେଉଛି ଗଙ୍ଗା-ଯମୁନାର ପୁଣ୍ୟଭୂମି। ଏ ଦେଶ ହେଉଛି ଜଗତର ଶ୍ରେଷ୍ଠତମ ଦେଶ, ଶ୍ରେଷ୍ଠତମ ଭୂମି।

ଶିକ୍ଷା

ଶିକ୍ଷା ହେଉଛି ବୃକ୍ଷର ମୂଳ; ସଂସ୍କୃତି ସେହି ବୃକ୍ଷର ପୁଷ୍ପ ଓ ଜ୍ଞାନ ତାର ଫଳ ।

ଶିକ୍ଷା ମନୁଷ୍ୟର ମହତ୍ତର ଗୁଣଗୁଡ଼ିକର ଅର୍ଥାତ୍ ସତ୍‌ସ୍ୱଭାବର ବିକାଶ ସାଧନ କରେ । ମନୁଷ୍ୟକୁ ମନୁଷ୍ୟ କରି ଗଠନ କରିବା ହିଁ ପ୍ରକୃତ ଶିକ୍ଷା । ଶିକ୍ଷାର କାର୍ଯ୍ୟ ହେଉଛି, ବୌଦ୍ଧିକଶକ୍ତି ଉଦ୍ଦୀପିତ କରି ବିଦ୍ୟାର୍ଥୀକୁ ପବିତ୍ର, ଏକାଗ୍ରଚିତ୍ତ ସତ୍‌ସାହସୀ ଓ ଆତ୍ମସଂଯମୀ କରାଇବା । ଶିକ୍ଷା ଏକାନ୍ତଭାବରେ ମନୁଷ୍ୟ ଗଠନକାରୀ ଏବଂ ଚରିତ୍ରନିର୍ମାଣକାରୀ ହେବା ଆବଶ୍ୟକ । ସେପରି ଶିକ୍ଷା ନୈତିକ, ବୌଦ୍ଧିକ, ସାଂସ୍କୃତିକ, ପାର୍ଥିବ, ତଥା ଆଧ୍ୟାତ୍ମିକ ଜୀବନ କ୍ଷେତ୍ରରେ ବିଦ୍ୟାର୍ଥୀର ଅନ୍ତର୍ନିହିତ ଶକ୍ତିର ପୂର୍ଣ୍ଣାଙ୍ଗ ବିକାଶ ସାଧନ କରିପାରିବ ।

ମନୁଷ୍ୟର ସାମୁହିକ ବିକାଶ ହିଁ ଶିକ୍ଷା । ମସ୍ତିଷ୍କ, ହୃଦୟ, ଓ ହସ୍ତ—ଏହି ତିନୋଟିଯାକ ଅଙ୍ଗକୁ କଳା, ବିଜ୍ଞାନ ତଥା ବ୍ୟବହାରିକ ଶିକ୍ଷା ଦ୍ୱାରା କୁଶଳ କରିବାକୁ ପଡ଼ିବ । ଦେହ, ମନ, ବୁଦ୍ଧି ଓ ଆତ୍ମାର ସମାନୁପାତିକ ବିକାଶ ଘଟିବା ଆବଶ୍ୟକ । ତା' ହେଲେ ଯାଇ ବ୍ୟକ୍ତିତ୍ୱ ବିକଶିତ ହେବ । ସରଳ ଜୀବନ ଓ ଉଚ୍ଚ-ଚିନ୍ତାର ବିକାଶ ହିଁ ଶିକ୍ଷାର ସର୍ବୋତ୍ତମ ଉପଯୋଗ । ଶିକ୍ଷା ଛାତ୍ରଠାରେ ଏପରି ଯୋଗ୍ୟତା ଓ ଏପରି ଦକ୍ଷତା ଆଣିଦେବା ଉଚିତ, ଯାହା ଫଳରେ ଛାତ୍ର ପାରିପାର୍ଶ୍ୱିକ ଅବସ୍ଥା ସହିତ ନିଜକୁ ସାମଞ୍ଜସ୍ୟ କରିପାରିବ ଏବଂ ଜୀବନସଂଗ୍ରାମପାଇଁ ତଥା ଆତ୍ମସାକ୍ଷାତକାରପାଇଁ ନିଜକୁ ସୁସଜ୍ଜିତ କରିପାରିବ ।

ଶିକ୍ଷା ଛାତ୍ରମାନଙ୍କ ଅନ୍ତରରେ ଭଗବତ୍‌ଭକ୍ତି ତଥା ମନୁଷ୍ୟମାନେ ସମସ୍ତଙ୍କ ପ୍ରତି ପ୍ରେମ ଜାଗ୍ରତ କରିବା ଆବଶ୍ୟକ । ଶିକ୍ଷା ଛାତ୍ରକୁ ସତ୍ୟବାଦୀ, ନୀତିପରାୟଣ, ନିର୍ଭୀକ, ନମ୍ର ଓ ଦୟାଳୁ ହେବାପାଇଁ ଉପଦେଶ ଦେବା ଆବଶ୍ୟକ । ଶିକ୍ଷା ଛାତ୍ରମାନଙ୍କୁ ସଦାଚରଣ, ସଦ୍‌ଭାବନା, ସତ୍‌କର୍ମ ଏବଂ ନିଃସ୍ୱାର୍ଥପରତା ଅଭ୍ୟାସ କରିବାକୁ ତଥା ଆତ୍ମଜ୍ଞାନ ଲାଭ କରିବାକୁ ପ୍ରେରଣା ଯୋଗାଇବା ଆବଶ୍ୟକ । ଯାହା ଚରିତ୍ର, କର୍ମତତ୍ପରତା ତଥା ନର ଓ ନାରାୟଣଙ୍କର ସେବା ମନୋବୃତ୍ତିର ବିକାଶ ସାଧନ କରାଏ, ତାହା ହିଁ ପ୍ରକୃତ ଶିକ୍ଷା ।

ସୁତରାଂ ପ୍ରକୃତ ଶିକ୍ଷାର ଚରମ ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ସୁପ୍ତ ଅବସ୍ଥାରେ ଯେଉଁ ଦିବ୍ୟତ୍ୱ ବିଦ୍ୟମାନ, ତାହାକୁ ଜାଗ୍ରତ ଓ ଉଜ୍ଜୀବିତ

କରିବା । ଆଧ୍ୟାତ୍ମିକ ଜ୍ଞାନ ହେଉଛି ଯଥାର୍ଥ ଆଭ୍ୟନ୍ତରୀଣ ଶିକ୍ଷାର ଫଳସ୍ୱରୂପ । ଶାଶ୍ୱତ ସୁଖ ବା ସମାଧି ହିଁ ସକଳ ଯଥାର୍ଥ ଶିକ୍ଷା ଓ ସଂସ୍କୃତିର ଅନ୍ତିମ ପରିଣତି ।

ମଣିଷ ଦେହରେ କେବଳ ବକ୍ତୃତା ଖୁନ୍ଦିଦେଲେ ସେ ଭଲ ମଣିଷ ହୋଇ-ଯିବ ନାହିଁ । ସ୍କୁଲ ଓ କଲେଜମାନଙ୍କରେ ବିଧିବଦ୍ଧ କଠୋର ଆଧ୍ୟାତ୍ମିକ ଶୃଙ୍ଖଳା ରହିବା ଏକାନ୍ତ ଆବଶ୍ୟକ । ଯେଉଁଠିସବୁ ଶିକ୍ଷାନୁଷ୍ଠାନରେ ଆଦର୍ଶ ଶିକ୍ଷାପ୍ରଦାନ କରାଯାଏ, ସେଠାରେ ହିଁ ଆଦର୍ଶ ମନୁଷ୍ୟ ଗଠିତ ହୁଅନ୍ତି । ଶିଶୁମାନଙ୍କୁ ତାଲିମ ଦେଇ ଆଦର୍ଶ ନରନାରୀରେ ବିକଶିତ କରିବା ଏକ ବିରାଟ ଦାୟିତ୍ୱ ଏବଂ ସେହି-ଦାୟିତ୍ୱ କଲେଜ ଅଧ୍ୟାପକ, ସ୍କୁଲଶିକ୍ଷକ ତଥା ପିତାମାତା— ଏ ସମସ୍ତଙ୍କ ଉପରେ ନ୍ୟସ୍ତ ।

ଛାତ୍ର-ଶିକ୍ଷକ ସମ୍ପର୍କ— ପ୍ରାଚୀନ ଭାରତରେ ଗୁରୁ ଓ ଶିଷ୍ୟଙ୍କ ମଧ୍ୟରେ ଘନିଷ୍ଠ ଆନ୍ତରିକ ସମ୍ପର୍କ ରହିଥିଲା; ଉକ୍ତ ସମ୍ପର୍କକୁ ବର୍ତ୍ତମାନ ପୁନର୍ଜୀବିତ କରିବାକୁ ପଡିବ । ସ୍ନେହଶୀଳ ପିତା ଓ ଆଜ୍ଞାବହ ପୁତ୍ର ମଧ୍ୟରେ ଯେଉଁ ସମ୍ପର୍କ ଥାଏ, ଶିକ୍ଷକ ଓ ଛାତ୍ରଙ୍କ ମଧ୍ୟରେ ସେହି ସମ୍ପର୍କ ରହିବା ବାଞ୍ଛନୀୟ । ସେହି ସମ୍ପର୍କ ବ୍ୟବସାୟିକ ସମ୍ପର୍କରେ ପରିଣତ ହୋଇଯିବା ଅନୁଚିତ । ଛାତ୍ର ଓ ଶିକ୍ଷକ ଉଭୟେ ପରସ୍ପରର ମନୋଭାବ ହୃଦୟଙ୍ଗମ କରିବା ଉଚିତ । ଉଭୟଙ୍କ ମଧ୍ୟରେ ଏକ ଗଭୀର ଆଧ୍ୟାତ୍ମିକ ସମ୍ପର୍କ ରହିବା ଆବଶ୍ୟକ ।

ଶିକ୍ଷକ କୌଣସି ସମୟରେ ପ୍ରୌଢ଼ି ପ୍ରଦର୍ଶନକାରୀ ଉଦ୍ଧତ ଶାସକ ନ ହୋଇ ସର୍ବଦା ଛାତ୍ରର ସୁହୃଦ, ଉପଦେଷ୍ଟା ତଥା ସହାନୁଭୂତିଶୀଳ ପଥପ୍ରଦର୍ଶକ ହୋଇ ରହିବା ଆବଶ୍ୟକ । ଛାତ୍ର ଶିକ୍ଷକଙ୍କୁ ଭୟ ନ କରି, କିମ୍ବା ଘୃଣା ନ କରି ତାଙ୍କୁ ଭକ୍ତି ଓ ସମ୍ମାନ ପ୍ରଦର୍ଶନ କରିବା ଆବଶ୍ୟକ । ଛାତ୍ରର ଭକ୍ତି ଓ ସମ୍ମାନ ଅର୍ଜନ କରିବା ଶିକ୍ଷକଙ୍କର ଏକ ପ୍ରଥମ ପ୍ରଧାନ ଦାୟିତ୍ୱ । ସେହି ଦାୟିତ୍ୱଟି ତୁଲାଇ ପାରିଲେ ହିଁ ତାଙ୍କର ପାଠଦାନ ସାର୍ଥକ ହୋଇପାରିବ ।

ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତଭାବରେ ଗଠନ କରିବା କାର୍ଯ୍ୟରେ ସ୍କୁଲଶିକ୍ଷକ ତଥା କଲେଜ ଅଧ୍ୟାପକମାନଙ୍କର ଯେଉଁ ଦାୟିତ୍ୱ ରହିଛି, ତାହା ଏକ ବିରାଟ ଗୁରୁଦାୟିତ୍ୱ । ସେମାନେ ନିଜେ ପ୍ରଥମେ ବିଶୁଦ୍ଧ ଓ ସଚ୍ଚରିତ୍ର ହେବା ଆବଶ୍ୟକ । ସେମାନଙ୍କଠାରେ ନୈତିକ ପରାକାଷ୍ଠା ରହିଥିବା ଆବଶ୍ୟକ । ଛାତ୍ର ତଥା ଅନ୍ୟମାନଙ୍କପ୍ରତି ସେମାନେ ଯେଉଁ ବ୍ୟବହାର ପ୍ରଦାନ କରିବେ ତାହା ସମ୍ପୂର୍ଣ୍ଣ ନୀତିସମ୍ମତ ହୋଇଥିବା ଆବଶ୍ୟକ । ତା' ହେଲେ ଯାଇ ସେମାନେ ଛାତ୍ରଛାତ୍ରୀ-

ମାନଙ୍କୁ ସତ୍‌ପଥରେ ଅଗ୍ରସର ହେବାଲାଗି ତାଲିମ ଦେଇପାରିବେ । ଶିକ୍ଷକବୃତ୍ତି ଗ୍ରହଣ କରିବା ପୂର୍ବରୁ ପ୍ରତ୍ୟେକ ଶିକ୍ଷକ ଉପଲବ୍‌ଧି କରିବା ଉଚିତ ଯେ, ସେ ଯେଉଁ ଆସନ ଗ୍ରହଣ କରିବାକୁ ଯାଉଛନ୍ତି, ତାର ଏକ ଗୁରୁଦାୟିତ୍ୱ ରହିଛି । କେବଳ ଶୁଷ୍କନୀରସ ବକ୍ତୃତା ପ୍ରଦାନ କରିବାର ବୌଦ୍ଧିକ ଦକ୍ଷତା କୌଣସି ଶିକ୍ଷକ ବା ଅଧ୍ୟାପକଙ୍କର ଭୂଷଣ ହୋଇ ନ ପାରେ ।

ଶିକ୍ଷକ ଓ ଅଧ୍ୟାପକମାନେ ଧର୍ମପରାୟଣ ଅର୍ଥାତ ଆଧ୍ୟାତ୍ମିକ ମନୋବୃତ୍ତିସମ୍ପନ୍ନ ବ୍ୟକ୍ତି ହୋଇଥିବା ଆବଶ୍ୟକ । ସେମାନେ ନିୟମିତ ଧ୍ୟାନ ଓ ଆଧ୍ୟାତ୍ମିକ ସାଧନା ଅଭ୍ୟାସ କରିବା ଆବଶ୍ୟକ । ସେମାନେ ଆଧ୍ୟାତ୍ମିକ ଜୀବନଯାପନ କରିବା ଆବଶ୍ୟକ । ଶିକ୍ଷକମାନେ ଯୋଗ୍ୟ ଆଦର୍ଶସ୍ଥାନୀୟ ହେଲେ, ଛାତ୍ରମାନେ ସେମାନଙ୍କୁ ଅନୁକରଣ କରି ଉନ୍ନତ କରିବାକୁ ଚେଷ୍ଟା କରିବେ । ତେଣୁ ଶିକ୍ଷକମାନଙ୍କର ବ୍ୟକ୍ତିଗତ ଜୀବନ ଏପରି ହେବା ଉଚିତ ଯେ, ଛାତ୍ରମାନେ ସେଥିରୁ ପ୍ରେରଣା ଲାଭ କରିପାରିବେ ।

ଆଗାମୀ କାଳର ନାଗରିକମାନଙ୍କୁ ଗଠନ କରିବା ଏକ ମହତ୍ତ୍ୱ କାର୍ଯ୍ୟ ଏବଂ ପ୍ରତ୍ୟେକ ଶିକ୍ଷକ ଆତ୍ମୋତ୍ସର୍ଗ ମନୋଭାବ ନେଇ ସେହି ମହତ୍ତ୍ୱ କାର୍ଯ୍ୟ ସମ୍ପାଦନରେ ବ୍ରତୀ ହେବା ଆବଶ୍ୟକ । ପ୍ରତ୍ୟେକ ଶିକ୍ଷକ ନିସ୍ୱାର୍ଥପର ସେବା ମନୋଭାବରେ ଅନୁପ୍ରାଣିତ ଜଣେ ଜଣେ ଆଧ୍ୟାତ୍ମିକ ବୀରପୁରୁଷ ବା ବୀରରମଣୀ ହେବା ଆବଶ୍ୟକ ଏବଂ ଶିକ୍ଷକମାନେ ଯେପରି କୌଣସି ଆର୍ଥିକ ଅନାଟନର କବଳରେ ନ ପଡ଼ନ୍ତି । ସେ ଦୃଷ୍ଟିରୁ ଦେଶ ଶିକ୍ଷକମାନଙ୍କପାଇଁ ଉପଯୁକ୍ତ ଭରଣପୋଷଣ ବ୍ୟବସ୍ଥା କରିଦେବାକୁ ପଡ଼ିବ ।

ସ୍କୁଲ କଲେଜର ପ୍ରଧାନଶିକ୍ଷକ, ପ୍ରିନ୍‌ସିପାଲ, ଅଧ୍ୟାପକ, ଶିକ୍ଷକ, ଶିକ୍ଷୟିତ୍ରୀଗଣ ପଣ୍ଡିତ ଓ ଆତ୍ମଜ୍ଞାନୀ ଯୋଗୀ ତଥା ସନ୍ନ୍ୟାସୀମାନଙ୍କ ଦ୍ୱାରା ପରିଚାଳିତ ହେବା ଆବଶ୍ୟକ । ତା' ଫଳରେ ଛାତ୍ରଛାତ୍ରୀମାନେ ପ୍ରକୃତ ଶିକ୍ଷାଲାଭ କରିପାରିବେ । ଯଦି ପ୍ରକୃତ ଶିକ୍ଷାରେ ଭୂଷିତ ହୋଇ ପ୍ରତିବର୍ଷ ବିଶ୍ୱବିଦ୍ୟାଳୟମାନଙ୍କରୁ ଛାତ୍ର ଉତ୍ତୀର୍ଣ୍ଣ ହୋଇ ଆସନ୍ତେ, ତେବେ ଆମ ଭାରତବର୍ଷ ଏକ ଗୌରବମୟ ଦେଶରେ ପରିଣତ ହୋଇଯାଆନ୍ତା ଏବଂ ଦେଶରେ ଶାନ୍ତି, ସମୃଦ୍ଧି ଓ ପ୍ରାଚୁର୍ଯ୍ୟର ଏକ ନୂତନ-ଯୁଗ ଆରମ୍ଭ ହୋଇଯାଆନ୍ତା ।

ଋଷି ଆଶ୍ରମରେ ଛାତ୍ର ଜୀବନ— ପ୍ରାଚୀନ ଗୁରୁକୁଳ ଶିକ୍ଷା ପ୍ରଣାଳୀ ସହିତ ଆମର ଆଧୁନିକ ଶିକ୍ଷାପ୍ରଣାଳୀକୁ ତୁଳନା କଲେ ଦେଖିବେ, ଉଭୟଙ୍କ ମଧ୍ୟରେ ଆକାଶପାତାଳ ବ୍ୟବଧାନ ରହିଛି । ପ୍ରାଚୀନ ମୁନିଋଷିମାନଙ୍କର ଆଧ୍ୟାତ୍ମିକ ଶିକ୍ଷା ଓ

ଆଧୁନିକ ବିଶ୍ୱବିଦ୍ୟାଳୟର ଧର୍ମନିରପେକ୍ଷ ଶିକ୍ଷା ମଧ୍ୟରେ କେତେ ଯେ ପାର୍ଥକ୍ୟ ରହିଛି, ତାହା କଳ୍ପନା କରିବା କଥା । ଶିକ୍ଷା ସମାପ୍ତି ପରେ ପ୍ରାଚୀନ ଋଷିଗଣ ଶିଷ୍ୟମାନଙ୍କୁ କି ପ୍ରକାର ଉପଦେଶ ଦେଉଥିଲେ, ଲକ୍ଷ୍ୟ କରନ୍ତୁ, "ସତ୍ୟ କହ । କର୍ତ୍ତବ୍ୟ ପାଳନ କର । ବେଦାଧ୍ୟୟନରେ ଅବହେଳା ପ୍ରଦର୍ଶନ କର ନାହିଁ । ସତ୍ୟ ପଥରୁ ବିଚ୍ୟୁତ ହୁଅ ନାହିଁ । କର୍ତ୍ତବ୍ୟପଥରୁ ବିଚଳିତ ହୁଅ ନାହିଁ । ନିଜର ମଙ୍ଗଳ-ପ୍ରତି ଅବହେଳା ପ୍ରଦର୍ଶନ କର ନାହିଁ । ନିଜର ସମୃଦ୍ଧି ପ୍ରତି ବିମୁଖ ହୁଅ ନାହିଁ । ବେଦ ଅଧ୍ୟୟନ କରିବାରେ ଓ ବେଦ ଶିକ୍ଷା ଦେବାରେ ବୀତସ୍ପୃହ ହୁଅ ନାହିଁ । ମାତା ତୁମର ଦେବତା ହୁଅନ୍ତୁ । ପିତା ତୁମର ଦେବତା ହୁଅନ୍ତୁ । ଗୁରୁ ତୁମର ଦେବତା ହୁଅନ୍ତୁ । ଅତିଥି ତୁମର ଦେବତା ହୁଅନ୍ତୁ । ନିର୍ଦ୍ଦୋଷ କାର୍ଯ୍ୟ ହିଁ କର । ଅନ୍ୟ କାର୍ଯ୍ୟ କର ନାହିଁ । ଯାହା କିଛି ମଙ୍ଗଳକର, ସେପରି କାର୍ଯ୍ୟ ହିଁ କର ; ଇତର କାର୍ଯ୍ୟ କର ନାହିଁ ।"

ଗୁରୁକୁଳର ପ୍ରତ୍ୟେକ ଛାତ୍ରର ପ୍ରାଣାୟାମ, ମନ୍ତ୍ର, ଯୋଗ, ଆସନ, ନୀତିଶାସ୍ତ୍ର, ଗୀତା, ରାମାୟଣ, ମହାଭାରତ ଓ ଉପନିଷଦ ବିଷୟରେ ସମ୍ୟକ ଜ୍ଞାନ ରହୁଥିଲା । ପ୍ରତ୍ୟେକ ଛାତ୍ରଠାରେ ନମ୍ରତା ଆତ୍ମସଂଯମ, ଆଜ୍ଞାନୁବର୍ତ୍ତୀତା, ସେବାମନୋବୃତ୍ତି, ନିଃସ୍ୱାର୍ଥପରତା, ଶିଷ୍ଟାଚାର, ବିନୟଭାବ ଏବଂ ସର୍ବୋପରି ଆତ୍ମଜ୍ଞାନ ଲାଭପାଇଁ ଏକ ଆକାଂକ୍ଷା ରହୁଥିଲା ।

ଗୁରୁକୁଳର ପ୍ରତ୍ୟେକ ଛାତ୍ର ଥିଲା ବିଶୁଦ୍ଧ-ପବିତ୍ର । ଗୁରୁକୁଳରୁ ବିଦାୟନେବା-ବେଳକୁ ପ୍ରତ୍ୟେକ ଛାତ୍ର ନୈତିକତାରେ ପୂର୍ଣ୍ଣ ଅଭ୍ୟସ୍ତ ହୋଇ ଯାଉଥିଲା । ଆମ ପ୍ରାଚୀନ ସଂସ୍କୃତିର ଏହା ହିଁ ଥିଲା ପ୍ରକୃତ ସ୍ୱରୂପ ।

ଆଜିର ଛାତ୍ରଜୀବନ :— ଆଜିର କଲେଜ ଛାତ୍ରମାନଙ୍କଠାରେ ଉଲ୍ଲିଖିତ ସଦ୍‌ଗୁଣ ମଧ୍ୟରୁ କୌଣସି ଗୋଟିଏ ହେଲେ ଦେଖିବାକୁ ମିଳେ ନାହିଁ । ଆତ୍ମସଂଯମ ଯେ କଣ, ସେମାନେ ଜାଣନ୍ତି ହିଁ ନାହିଁ । ଅତି ବାଲ୍ୟକାଳରୁ ହିଁ ସେମାନଙ୍କର ଆତ୍ମଶ୍ଳାଘା ଓ ବିଳାସପ୍ରିୟତା ଆରମ୍ଭ ହୋଇଯାଏ । ଔଦ୍ଧତ୍ୟ, ଧୃଷ୍ଟତା, ଅଶିଷ୍ଟତା, ଅବାଧ୍ୟତାପରି ଦୁର୍ଗୁଣ ଆଜିର ଛାତ୍ରମାନଙ୍କର ଅସ୍ଥିମଜ୍ଜାଗତ ହୋଇଯାଇଛି । ସେମାନେ ଅତ୍ୟନ୍ତ ନିରୀଶ୍ୱରବାଦୀ ଓ ଚରମ ବସ୍ତୁବାଦୀ ହୋଇଯାଇଛନ୍ତି । ସେମାନଙ୍କଠାରେ ଯେ ଭଗବତ ବିଶ୍ୱାସ ଅଛି, ତାହା ପ୍ରକାଶ କରିବାକୁ ସେମାନେ ସଂକୋଚ ବୋଧ କରନ୍ତି । ଆତ୍ମସଂଯମ ଓ ବ୍ରହ୍ମଚର୍ଯ୍ୟ ସମ୍ବନ୍ଧରେ ସେମାନଙ୍କର କୌଣସି ଜ୍ଞାନ ନାହିଁ । ଫେସନଦାର ପୋଷାକପତ୍ର, ଅବାଞ୍ଛିତ ଖାଦ୍ୟ, ଅସତ୍ ସଙ୍ଗ, ସିନେମା ଥିଏଟର-ଦେଖା, ପାଶ୍ଚାତ୍ୟ ରୀତିରିବାଜ ସେମାନଙ୍କୁ ଦୁର୍ବଳ ଓ କାମୁକ କରିଦେଇଛି ।

ଆମର କଲେଜ ଛାତ୍ରମାନେ ଆଜି ଅମଙ୍ଗଳ ଅନୁକରଣକାଙ୍କ୍ଷୀବରେ ପରିଣତ ହୋଇଯାଇଛନ୍ତି । ପାଶ୍ଚାତ୍ୟବାସୀମାନଙ୍କଠାରୁ ସେମାନେ ଧୂମପାନ କରିବା ପାଇଜାମା, ହ୍ୟାଟ୍, ଜୋତା, ନେକ୍‌ଟାଇ, କଲର୍ ପିନ୍ଧିବା ଓ ମୁଣ୍ଡବାଳକୁ ଢ଼ଙ୍ଗ ବେଢଙ୍ଗ କରି କାଟିବା ଅନୁକରଣ କରିଛନ୍ତି; ରୁମାଲରେ ଅତର ଛିଞ୍ଚି ରଖିବା ଇତ୍ୟାଦି ଦୁର୍ଗୁଣଗୁଡ଼ିକ ଅନୁକରଣ କରୁଛନ୍ତି । କିନ୍ତୁ ନିଃସ୍ୱାର୍ଥପରତା, ଦେଶପ୍ରେମ ସେବାପରାୟଣତା, ସମୟାନୁବର୍ତ୍ତିତା, ଐକାନ୍ତିକତା, ସହନଶୀଳତା, ଜ୍ଞାନପିପାସା ପ୍ରଭୃତି ଯେଉଁସବୁ ସଦ୍‌ଗୁଣଗୁଡ଼ିକ ପାଶ୍ଚାତ୍ୟବାସୀମାନଙ୍କର ଚରିତ୍ରର ପ୍ରଶଂସନୀୟ ବିଭବରୂପେ ପ୍ରଖ୍ୟାତ, ସେଗୁଡ଼ିକ ଅନୁକରଣ କରୁନାହାନ୍ତି । ବିଶେଷତଃ ଅଭିଜାତ ପରିବାରମାନଙ୍କର କେତେକ ସନ୍ତାନସନ୍ତତିଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ଅତୀବ ନୈରାଶ୍ୟଜନକ । ସେମାନେ ଯୌବନ ଉପସ୍ଥିତ ହେଉ ହେଉ ସିନେମା ଦେଖିବା ମାସିକିଆ ସିଜନ ଟିକେଟ୍ କିଣନ୍ତି ଓ ତାସ ଖେଳରେ କାଳାତିପାତ କରି ଏକ ପଙ୍କିଳ ବ୍ୟାଧିଗ୍ରସ୍ତ ଅପବିତ୍ର ଜୀବନ ଯାପନ କରନ୍ତି । ଧର୍ମର ନାମ ଶୁଣିଲେ, ଦର୍ଶନର ପାଖ ମାଡ଼ିଲେ ସେମାନଙ୍କୁ ବାନ୍ତି ମାଡ଼େ, ସେମାନଙ୍କର ମୁଣ୍ଡ ବିଥାଏ । ଧର୍ମ ଦିଗରେ ଶ୍ରଦ୍ଧା ଥିବା ଛାତ୍ରଙ୍କୁ ସେମାନେ ଘୃଣା କରନ୍ତି । ସେମାନେ ଫେସନ ଓ ଷ୍ଟାଇଲର ଦାସ ହୋଇଯାଇଛନ୍ତି ।

ଫେସନ, ଷ୍ଟାଇଲ୍, ଇନ୍ଦ୍ରିୟପରତନ୍ତ୍ରତା, ବିଳାସ-ବ୍ୟସନ, ଉଦରସର୍ବସ୍ୱତା ହିଁ ଆମ କଲେଜ ଛାତ୍ରମାନଙ୍କର ମନୋରାଜ୍ୟକୁ ପୂର୍ଣ୍ଣ କରି ରଖିଛି । କେତେକ କଲେଜ ଛାତ୍ରମାନଙ୍କର ଜୀବନ-ଇତିହାସ ଶୁଣିଲେ ବଡ଼ ଦୟା ଲାଗେ । ନିଶ୍ଚିତ ପ୍ରମାଣ ମିଳିସାରିଛି ଯେ, ଭାରତର ସର୍ବତ୍ର ଛାତ୍ରମାନଙ୍କର ସ୍ୱାସ୍ଥ୍ୟର ଅବନତି ଘଟିଛି । ଅଧିକନ୍ତୁ ଯେଉଁସବୁ କୁକର୍ମ ଓ ବଦଭ୍ୟାସ ଫଳରେ ସେମାନଙ୍କର ସ୍ୱାସ୍ଥ୍ୟ ନଷ୍ଟ ହେଉଛି, ସେସବୁ ଦିନୁଦିନ ବଢ଼ି ଚାଲିଛି । ଆଧୁନିକ ସ୍କୁଲ୍ ଓ କଲେଜ ମାନଙ୍କରେ ଆଉ ନୈତିକ ସଂସ୍କୃତି ବୋଲି କିଛି ନାହିଁ । ଆଧୁନିକ ସଭ୍ୟତା ଆମର ବାଳକବାଳିକାମାନଙ୍କୁ ଦୁର୍ବଳ ଶିଥିଳ କରିଦେଇଛି । ସେମାନେ ଆଜି ଏକ କୃତ୍ରିମ ଜୀବନ ଯାପନ କରୁଛନ୍ତି । ସିନେମା ଏକ ଅଭିଶାପରେ ପରିଣତ ହୋଇଯାଇଛି ।

କେତେକ କଲେଜର ଅଧ୍ୟାପକ ଛାତ୍ରମାନଙ୍କୁ ଫେସନଦାର ପୋଷାକ ପିନ୍ଧିବାକୁ ବାଧ୍ୟ କରୁଛନ୍ତି । ଏପରିକି ପରିଷ୍କାର ପରିଚ୍ଛନ୍ନ, ସରଳ ସାଧାରଣ ପୋଷାକ ପିନ୍ଧିଥିବା ଛାତ୍ରଙ୍କୁ ସେମାନେ ଘୃଣା କରନ୍ତି । କି ପରିତାପର ବିଷୟ ନୁହେଁ ସତେ ! ପରିଷ୍କାର ପରିଚ୍ଛନ୍ନତା ଗୋଟିଏ କଥା ଫେସନ ଏକ ସମ୍ପୂର୍ଣ୍ଣ ଭିନ୍ନ କଥା । ତଥାକଥିତ ଫେସନ ମନୁଷ୍ୟମନରେ ସାଂସାରିକତା ଓ କାମୁକତାର ବୀଜ ବପନ କରେ ।

ଏକ ଆଧ୍ୟାତ୍ମିକ ଆଧାର ହିଁ ଆଜିର ସବୁଠାରୁ ଅଧିକ ଆବଶ୍ୟକ—ଶିକ୍ଷା ଏକ ସୁସ୍ଥ ଜୀବନଦର୍ଶନ ଉପରେ ଆଧାରିତ ହେବା ଏକାନ୍ତ ଆବଶ୍ୟକ । ଯଦି ମନୁଷ୍ୟ ଜୀବନର ଅନ୍ତିମ ଉଦ୍ଦେଶ୍ୟ ବିଷୟରେ ଶିକ୍ଷିତଠାରେ ସମ୍ୟକ ଜ୍ଞାନ ନ ରହିବ, ଯଦି ଏହି ଜୀବନକ୍ରମ ମଧ୍ୟରେ ମନୁଷ୍ୟ କଣ ହେବାକୁ ଯାଉଛି, ସେ ସମ୍ବନ୍ଧରେ ତାର ସ୍ପଷ୍ଟ ଧାରଣା ନ ରହିବ, ତେବେ ଯେ କୌଣସି ଶିକ୍ଷା ପ୍ରଣାଳୀ ଅବଲମ୍ବନ କରାଯାଉ ନା କାହିଁକି, ତାହା ଆଦୌ ସନ୍ତୋଷଜନକ ହେବ ନାହିଁ, ଆଦୌ ମଙ୍ଗଳକର ହେବ ନାହିଁ ।

ଶିକ୍ଷା ହେଉଛି ମହତ ଜୀବନପାଇଁ ଏକ ତାଲିମ । ତେଣୁ ଏଥିରେ ନୀତିଶାସ୍ତ୍ର ହିଁ ମୁଖ୍ୟଭୂମିକା ଗ୍ରହଣ କରିବା କଥା । ନୈତିକ-ଶୃଙ୍ଖଳା ନ ଥିବା ବୌଦ୍ଧିକଶିକ୍ଷା ମାନବର ପ୍ରଗତି ପକ୍ଷରେ କ୍ଷତିକାରକ । ଚରିତ୍ରହୀନ-ବୁଦ୍ଧି ବ୍ୟକ୍ତି ତଥା ସମାଜ ଉଭୟଙ୍କ ପକ୍ଷରେ ବିପଦର କାରଣ ହୋଇଥାଏ । କୌଣସି ପ୍ରକାର ନୈତିକଶୃଙ୍ଖଳା ନ ଥାଇ କେବଳ ଦୈହିକ ଓ ମାନସିକ ବିକାଶ ଘଟିଲେ ଏପରି ନରନାରୀ ସୃଷ୍ଟି ହେବେ, ଯେଉଁମାନଙ୍କ ହୃଦୟରେ ଗରିବ ଓ ନିଃସ୍ୱଙ୍କପ୍ରତି ଦୟା ନ ଥିବ, ଜ୍ଞାନୀ ଓ ବୟସ୍କଙ୍କପ୍ରତି ନ ଥିବ ଭକ୍ତି ଏବଂ ଜୀବନ-ପ୍ରତି ନ ଥିବ କୌଣସି ସମ୍ମାନ । ଶିକ୍ଷା ଏକ ସରଳ ସୁନ୍ଦର ଚରିତ୍ର ଗଠନ ନିର୍ମାଣରେ ସହାୟକ ହେବା ଆବଶ୍ୟକ । କିନ୍ତୁ ଆମର ପ୍ରଚଳିତ ଶିକ୍ଷା ପ୍ରଣାଳୀରେ ଏପରି କୌଣସି ବ୍ୟବସ୍ଥା ନାହିଁ, ଯାହା କି ଆମର ବାଳକବାଳିକାମାନଙ୍କର ସତ୍ ଚରିତ୍ର ନିର୍ମାଣରେ ସହାୟକ ହେବ ।

କୌଣସି ବାଳକ ବା ବାଳିକା ଯଦି ଆଧ୍ୟାତ୍ମିକ ଜୀବନ ବିଷୟରେ ସମ୍ୟକ ଜ୍ଞାନ ଲାଭ କରି ନ ଥାଏ, ତେବେ ସେ ଯଥାର୍ଥରେ ଶିକ୍ଷିତ ବୋଲି ଗଣ୍ୟ ହୋଇପାରିବ ନାହିଁ । ବିଶ୍ୱବିଦ୍ୟାଳୟରେ ପଠନରତ ଯୁବକଯୁବତୀମାନଙ୍କୁ ବ୍ୟବହାରିକ ଆଧ୍ୟାତ୍ମିକ ଜୀବନ ବିଷୟରେ ପୂର୍ଣ୍ଣ ତାଲିମ୍ ଦେବାକୁ ପଡ଼ିବ, ଏ ପ୍ରକାର ଏକ ତାଲିମ୍ ଶିକ୍ଷାର ଜୀବନସ୍ୱରୂପ ଏବଂ ଶିକ୍ଷିତ ଜୀବନର ମୂଳଭିତ୍ତି-ସ୍ୱରୂପ । ସୁତରାଂ ଏହା ଏକ ଅତ୍ୟାବଶ୍ୟକ ତାଲିମ କିନ୍ତୁ ପରିତାପର ବିଷୟ ଯେ, ବର୍ତ୍ତମାନ ଏ ପ୍ରକାର କୌଣସି ତାଲିମ ଦିଆଯିବାର ବ୍ୟବସ୍ଥା ନାହିଁ । ସ୍କୁଲ୍, କଲେଜମାନଙ୍କରୁ ଯଦି ଆଧ୍ୟାତ୍ମିକ ଶିକ୍ଷା ବାଦ ଦିଆଯାଏ, ତେବେ ଭବିଷ୍ୟତ ନାଗରିକମାନେ ବିଧର୍ମୀ, ନାସ୍ତିକବାଦୀ ହୋଇଯିବେ ।

ଆଜିକାଲି ଆମ ସ୍କୁଲକଲେଜମାନଙ୍କରେ ଧର୍ମନିରପେକ୍ଷ ଶିକ୍ଷା ପ୍ରଦାନ କରାଯାଉଛି । କିନ୍ତୁ ଶିକ୍ଷାନୁଷ୍ଠାନମାନଙ୍କରେ କୌଣସି ନୈତିକ ଶୃଙ୍ଖଳା ନାହିଁ ।

କି ଆଧ୍ୟାତ୍ମିକ ଶିକ୍ଷାର ବ୍ୟବସ୍ଥା ନାହିଁ । ଅଧିକାଂଶ ଛାତ୍ର କୌଣସି ଯଥାର୍ଥ ଆଦର୍ଶ ବା ଉଦ୍ଦେଶ୍ୟ ନ ରଖି କେବଳ ଆନୁଷ୍ଠାନିକ ଶିକ୍ଷା ଗ୍ରହଣ କରନ୍ତି । ଯଦି ବା କିଛି ଲକ୍ଷ୍ୟ ବା ଉଦ୍ଦେଶ୍ୟ ରଖିଥାନ୍ତି, ତେବେ ତାହା ଦୈନିକ ଜୀବିକା ଉପାର୍ଜନ ନିମନ୍ତେ ଗୋଟିଏ ଚାକିରି ପାଇବାରୂପକ ମୂଲ୍ୟହୀନ ଲକ୍ଷ୍ୟ ଭିନ୍ନ ଅନ୍ୟ କିଛି ନୁହେଁ । କେବଳ ଜୀବିକା ଅର୍ଜନ କରିବା ଉଦ୍ଦେଶ୍ୟରେ ହିଁ ସେମାନେ କିଛି ଶିଖନ୍ତି । ଡିଗ୍ରୀ ପାଇବାକୁ ହିଁ ସେମାନେ ପାଠ ପଢନ୍ତି । ଏହା ଫଳରେ ଶିକ୍ଷା ସମାପ୍ତି ବେଳକୁ ସେମାନଙ୍କର ଆଧ୍ୟାତ୍ମିକ ଜ୍ଞାନଘର ଶୂନ୍ୟ ହୋଇ ପଡ଼ିଥାଏ । ପ୍ରଚଳିତ ପାଠ୍ୟକ୍ରମ ମଧ୍ୟରେ ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷା ସ୍ଥାନ ପାଇ ନ ଥିବାରୁ ହିଁ ଆମ ଦେଶର ଯୁବସମ୍ପ୍ରଦାୟ ମଧ୍ୟରେ ନୈତିକ ଚରିତ୍ରର ଅଧଃପତନ ଘଟୁଛି ।

ଧର୍ମନିରପେକ୍ଷ ରାଷ୍ଟ୍ର ଅର୍ଥ ଈଶ୍ୱରଙ୍କର ସତ୍ତା ନ ଥିବା ରାଷ୍ଟ୍ର ନୁହେଁ—ଧର୍ମନିରପେକ୍ଷ ରାଷ୍ଟ୍ର ଯେ ନାସ୍ତିକଭାବରେ ଈଶ୍ୱରଙ୍କର ସତ୍ତା ନ ଥିବା ରାଜ୍ୟ ହେବ, ସେପରି ନୁହେଁ । ସେହି ଦୃଷ୍ଟିରୁ ରାଷ୍ଟ୍ର ମଧ୍ୟରେ କୌଣସି ଏକ ନିର୍ଦ୍ଦିଷ୍ଟ ଧର୍ମର ଉପଦେଶବାଣୀ ଶିକ୍ଷା ଦେବା ଯୁକ୍ତିସଙ୍ଗତ ନୁହେଁ ବୋଲି ପାଠ୍ୟକ୍ରମରୁ ବ୍ୟାପକ ଦୃଷ୍ଟିକୋଣରୁ ସର୍ବଧର୍ମସମ୍ମତ ଧର୍ମୋପଦେଶକୁ ମଧ୍ୟ ବାଦ ଦେବା ଅନୁଚିତ । ଧର୍ମ ହିଁ ଶିକ୍ଷାର ଆଧାର ହେବା ଉଚିତ୍; ଅବଶ୍ୟ ଧର୍ମସହିତ ଧର୍ମାନ୍ଧତାକୁ ଯୋଡ଼ିଦିଆ ନ ଯାଉ । ଯଦି ଶିକ୍ଷାରୁ ଧର୍ମର ମୂଳପୋଛ କରିଦିଆଯାଏ, ତେବେ ଲୋକଙ୍କର ଆଧ୍ୟାତ୍ମିକ ମୃତ୍ୟୁ ଘଟିବ ।

ନୈତିକତା ଧର୍ମର ସ୍ଥାନ ପୂର୍ଣ୍ଣ କରିପାରିବ ନାହିଁ । କିନ୍ତୁ ନୈତିକତା ଧର୍ମର ଏକ ଅତ୍ୟାବଶ୍ୟକ ଅଙ୍ଗ ।

ପ୍ରତ୍ୟହ ଅଧ୍ୟାପନା ଆରମ୍ଭରେ ଏବଂ ଶେଷରେ ସାମୂହିକ ପ୍ରାର୍ଥନା, ସଂକ୍ଷିପ୍ତ ଧ୍ୟାନ ଏବଂ ସାର୍ବଜନୀନ ସ୍ତବସ୍ତୋତ୍ର ଗାନ କରାଯିବା ଉଚିତ । ଧର୍ମଶାସ୍ତ୍ରମାନଙ୍କରେ ସାର୍ବଜନୀନ ଆଧ୍ୟାତ୍ମିକ ଉପଦେଶ ଓ ଉଦାର ଧର୍ମୋପଦେଶସମ୍ବଳିତ ଛୋଟ ଛୋଟ ପରିଚ୍ଛେଦମାନ ରହିଛି । ଛାତ୍ରମାନେ ପ୍ରତ୍ୟହ ସେପରି ପରିଚ୍ଛେଦ ପାଠ କରିବା ଆବଶ୍ୟକ; ବିଭିନ୍ନ ସଦ୍‌ଗୁଣ ଓ ମହତ୍ ନୀତିଶିକ୍ଷାସମ୍ବଳିତ କଥା ଓ କାହାଣୀ ଚର୍ଚ୍ଚା କରାଯିବା ଆବଶ୍ୟକ । ମୁନିଋଷି ତଥା ମହାପୁରୁଷମାନଙ୍କ ଜୀବନରେ ବିଭିନ୍ନ ଘଟଣାବଳୀ ବଡ଼ ତାତ୍ପର୍ଯ୍ୟପୂର୍ଣ୍ଣ । ଶିକ୍ଷାନୁଷ୍ଠାନରେ ସେସବୁର ଚର୍ଚ୍ଚା କରାଯିବା ଆବଶ୍ୟକ । ତା'ହେଲେ ଯାଇ ଛାତ୍ରମାନେ ମହତ୍‌ଭାବନା ଓ ସଦୁପଦେଶର ବାତାବରଣ ମଧ୍ୟରେ ବିକଶିତ ହେବେ; ସେମାନଙ୍କର ମନରେ ସୁଦୃଢ଼ଭାବରେ, ଗଭୀରଭାବରେ ଦିବ୍ୟଗୁଣର ଭିତ୍ତି ସ୍ଥାପିତ ହେବ ଏବଂ ସେମାନେ ଦେଶର ସୁନାଗରିକ ହୋଇପାରିବେ ।

ଆମ ଦେଶର ଶିକ୍ଷାବ୍ୟବସ୍ଥାର ପୁନର୍ନବୀକରଣ ଆବଶ୍ୟକ—

ଆଜି ଭାରତୀୟ ଶିକ୍ଷାର ଆଦର୍ଶ ଏକ ପତନଶୀଳ ଅବସ୍ଥାରେ ଆସି ପହଞ୍ଚିଯାଇଛି । ଦେଶରେ ସ୍କୁଲକଲେଜସବୁ ଲାଭକ୍ଷେତ୍ରର ବିପଣୀରେ ପରିଣତ ହୋଇଯାଇଛି । ଆମର ଶିକ୍ଷାଉପାଧିଧାରୀମାନେ ଅର୍ଥ ପ୍ରଭୁତ୍ୱ, ସୁଖସ୍ୱାଚ୍ଛନ୍ଦ୍ୟ, ମାନସମ୍ମାନ ଓ ପଦପଦବୀ ପଛରେ ଧାଇଁଛନ୍ତି । ଯୁବକଯୁବତୀମାନଙ୍କର ମନୋରାଜ୍ୟ ଆଜି ବହୁ ଅବାଞ୍ଛିତ ପଠନ ସାମଗ୍ରୀ ଦ୍ୱାରା କଳଙ୍କିତ ହୋଇଯାଇଛି ।

ଶିକ୍ଷା ଆଜି ତାର ମୂଲ୍ୟ ହରାଇବସିଛି । ଶିକ୍ଷା ଆଜି ଖଣ୍ଡଖଣ୍ଡିତ ହୋଇଯାଇଛି । ତାର ପୂର୍ଣ୍ଣାଙ୍ଗ ପ୍ରଗାଢ଼ ଅକ୍ଷୁର୍ଣ୍ଣ ରୂପ ଆଉ ନାହିଁ । ଜୀବନରେ ପୂର୍ଣ୍ଣତା ଆନୟନ ନିମନ୍ତେ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷା ଆବଶ୍ୟକ, ଆମ ବିଶ୍ୱବିଦ୍ୟାଳୟ-ମାନଙ୍କରେ ପଢ଼ାଯାଉଥିବା ବିଭିନ୍ନ ବୌଦ୍ଧିକ ବିଜ୍ଞାନସବୁ ତାହାର ଗୋଟିଏ ଗୋଟିଏ କୃତ୍ରିମ ଓ ନିକୃଷ୍ଟ ନିଦର୍ଶନ ମାତ୍ର । ଉପାଧି ତଥା ଏମ୍. ଏ. ବା ଏମ୍.ଏ ସି ଡ଼ିଗ୍ରୀର କୌଣସି ମୂଲ୍ୟ ନାହିଁ; ମୂଲ୍ୟ ଦିଆଯାଏ ଜ୍ଞାନକୁ । ଶ୍ରୀ ଶଙ୍କର କୌଣସି ବିଦେଶୀ ବିଦ୍ୟାଳୟ ବା ଶିକ୍ଷା ପ୍ରତିଷ୍ଠାନରେ ଅଧ୍ୟୟନ କରି ଉପାଧି ଅର୍ଜନ କରି ନ ଥିଲେ । ସେ ଅଧ୍ୟୟନ କରିଥିଲେ ଗୋବିନ୍ଦପାଦଙ୍କର ତଥା ତାଙ୍କର ପୂର୍ବବର୍ତ୍ତୀ ବ୍ୟାସ, ବଶିଷ୍ଠ, ଶୁକ ଓ ପରାଶରଙ୍କର ଜ୍ଞାନାଗାରରେ ।

ଭାରତରେ ପ୍ରଚଳିତ ଶିକ୍ଷାପ୍ରଣାଳୀକୁ ଯଥାଶୀଘ୍ର କଠୋରଭାବରେ ଆମୂଳଚୂଳ ପରିବର୍ତ୍ତନ କରିଦେବା ଆବଶ୍ୟକ । ଯୁଗର ପରିବର୍ତ୍ତନ ଅନୁଯାୟୀ ଛାତ୍ରମାନେ ଯେପରି ସର୍ବାଧିକ ଲାଭ ପାଇପାରିବେ, ସେହି ଦୃଷ୍ଟିରୁ ଆବଶ୍ୟକ ସଂଶୋଧନ କରି ପ୍ରାଚୀନ ଗୁରୁକୁଳ ଶିକ୍ଷା ପ୍ରଣାଳୀ ପ୍ରଚଳନ କରାଯିବା ଆବଶ୍ୟକ ।

ଶିକ୍ଷା ଯେପରି ସଭ୍ୟତାର ନିର୍ମାଣ କରିଥାଏ, ସେହିପରି ସଭ୍ୟତାର ଧ୍ୱଂସ ମଧ୍ୟ କରିଥାଏ । ବିଶ୍ୱବିଦ୍ୟାଳୟଗୁଡ଼ିକ ଯଥାର୍ଥରେ ଜାତୀୟ ଚରିତ୍ର, ସଂସ୍କୃତି ସଭ୍ୟତାର ରକ୍ଷକ । ବିଶ୍ୱବିଦ୍ୟାଳୟ ପାଠପୋଥି ଅନୁଷ୍ଠାନରେ ପରିଣତ ହୋଇଯିବା ଅନୁଚିତ । ବିଶ୍ୱବିଦ୍ୟାଳୟଗୁଡ଼ିକ ଜ୍ଞାନ ଓ ଆଲୋକର ଗୋଟିଏ ଗୋଟିଏ ପବିତ୍ର ମନ୍ଦିର ହୋଇଯିବା ଆବଶ୍ୟକ ।

ଆଇନ୍ ପ୍ରବର୍ତ୍ତନ ବଳରେ ଯାହା ଲାଭ କରାଯାଇ ପାରିବ ନାହିଁ, ଉପଯୁକ୍ତ ଶିକ୍ଷା ବଳରେ ତାହା ଅପେକ୍ଷା ଯଥେଷ୍ଟ ଅଧିକ ଲାଭ କରାଯାଇ ପାରିବ । ମନୁଷ୍ୟର ଅନ୍ତଃକରଣ ଶିକ୍ଷିତ ନ ହୋଇଯିବା ପର୍ଯ୍ୟନ୍ତ, ଆଇନ୍ କାନୁନ୍ ବିଫଳ ବାକ୍ୟବିନ୍ୟାସ ହୋଇ ହିଁ ରହିଯିବ । ବ୍ୟକ୍ତି ଭିତରେ ଯେଉଁ ଅସଲ ମଣିଷ ରହିଛି, ସେହି ମଣିଷ୍ୟକୁ ଯଦି ଶିକ୍ଷିତ କରିପାରିବା, ତେବେ ଆମେ ଯେ କେବଳ ବ୍ୟକ୍ତିର ଓ ଜାତିର ପ୍ରଭୂତ ଉପକାର କରିପାରିବା ତା' ନୁହେଁ ; ସମଗ୍ର ଜଗତର ମଧ୍ୟ ବିରାଟ ଉପକାର କରି ପାରିବା ।

—0—

ଭୟ

ଭୟ ମନୁଷ୍ୟର ଗୋଟିଏ ସହଜାତ ପ୍ରବୃତ୍ତି । ଏହା ସମସ୍ତଙ୍କଠାରେ ରହିଛି । ଯେ କୌଣସି ସ୍ଥାନରେ ଭୟ ଜାତ ହୋଇ ପାରେ । ଯେ କୌଣସି ସମୟରେ ଭୟ ଉଦୟ ହୋଇପାରେ ।

ରାଜା ତାଙ୍କ ଶତ୍ରୁଙ୍କୁ ଭୟ କରନ୍ତି । ପଣ୍ଡିତ ତାଙ୍କର ପ୍ରତିଯୋଗୀଙ୍କୁ ଭୟ କରନ୍ତି । ସୁନ୍ଦରୀ ସ୍ତ୍ରୀ ବାର୍ଦ୍ଧକ୍ୟକୁ ଭୟ କରେ । ଓକିଲ ବିଚାରପତିଙ୍କୁ ଭୟ କରନ୍ତି; ନିଜ ମହକିଲମାନଙ୍କୁ ମଧ୍ୟ ଭୟ କରନ୍ତି । ସ୍ତ୍ରୀ ସ୍ୱାମୀକୁ ଭୟ କରେ । ଛାତ୍ର ଶିକ୍ଷକଙ୍କୁ ଭୟ କରେ । ପୋଲିସ ଇନ୍‌ସପେକ୍ଟର ତାଙ୍କର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭୟ କରନ୍ତି । ବେଙ୍ଗ ସାପକୁ ଭୟ କରେ । ନାଗ ନେଉଳକୁ ଭୟ କରେ । ଏପରି କୌଣସି ବ୍ୟକ୍ତି ନାହିଁ, ଯେ କି ସକଳ ପ୍ରକାର ଭୟରୁ ମୁକ୍ତ ।

ଭୟ କଣ ?—ବିପଦ ଦ୍ୱାରା ଉଦ୍ରିକ୍ତ ଯନ୍ତ୍ରଣାମୟ ଆବେଗର ନାମ ଭୟ । ଭୟ ହେଉଛି ବିପଦର ବା ଯନ୍ତ୍ରଣାର ଏକ ଆଶଙ୍କା । ନିଜର ନିରାପତ୍ତାପାଇଁ, ଆସନ୍ନଅମଙ୍ଗଳ ବା ଆଗତପ୍ରାୟ ଦୁଃଖଯନ୍ତ୍ରଣା ଓ ସେଥିରୁ ତ୍ରାହି ପାଇବାପାଇଁ ବା ତାକୁ ଏଡ଼ାଇ ଦେଇ ନିଜର ନିରାପତ୍ତା ରକ୍ଷା କରିବାପାଇଁ ଏକ କାମନା ମିଳିତ ଭାବରେ ଯେଉଁ ଆବେଗ ଉଦ୍ରେକ କରନ୍ତି; ତାହା ହିଁ ଭୟ ।

ଭୟର ବିଭିନ୍ନ ମାତ୍ରା ରହିଛି ଯଥା—ସାଧାରଣ ଶଙ୍କା ବା ସଙ୍କୋଚ, ଭୀରୁତା, ଲଜ୍ଜାଶୀଳତା, ଉଦ୍‌ବେଗ, ଆତଙ୍କ ଓ ଭୀଷଣ ଭୟ । ଭୀଷଣ ଭୟ ଉପସ୍ଥିତ ହେଲେ ସର୍ବାଙ୍ଗରୁ ଝାଳ ବୋହିପଡ଼େ; ମଳମୂତ୍ର ତ୍ୟାଗ ହୋଇଯାଏ, ମସ୍ତିଷ୍କ ଦାରୁଭୂତ ହୋଇଯାଏ, ବେଳେବେଳେ କମ୍ପନ ଜାତ ହୋଇ ପତନ ଅବସ୍ଥା ପହଞ୍ଚିଯାଏ ଏବଂ ହଠାତ୍ ମନୁଷ୍ୟର ହୃଦ୍‌କ୍ରିୟାର ଅବସାନ ଘଟି ମୃତ୍ୟୁ ଉପସ୍ଥିତ ହୁଏ ।

ଭୟ ବିଭିନ୍ନ ରୂପରେ ପ୍ରକାଶିତ ହୁଏ । ମୂର୍ଖ ସୈନ୍ୟ ଶତ୍ରୁର ବନ୍ଧୁକକୁ ବା ବନ୍ଧୁକର ଗୁଳିକୁ ଭୟ କରେ ନାହିଁ, କିନ୍ତୁ କଙ୍କଡ଼ାବିଛାକୁ ତାର ବିରାଟ ଭୟ । ଶିକାରୀ ବଣର ବାଘକୁ ଭୟ କରେ ନାହିଁ, କିନ୍ତୁ ସର୍ଜନଙ୍କର ଛୁରି ଦେଖିଲେ ସେ ଛାନିଆ ହୋଇଯାଏ । ସୀମାନ୍ତରକ୍ଷୀ ଛୁରିକୁ ଭୟ କରେ ନାହିଁ, କିନ୍ତୁ କ୍ଲୋରୋଫର୍ମରେ

ସର୍ଜନ ତାର ଅନୁପୁଟ୍ଟୁଳି ଖୋଲଦେଲେ ମଧ୍ୟ ସେ ବାଧା ଦିଏ ନାହିଁ, କିନ୍ତୁ ସାପ ଦେଖିଦେଲେ ସେ ଗୁହଁଆ ହୋଇଯାଏ । କାହାର ଭୂତକୁ ଭୟ ତ, କାହାର ରୋଗକୁ ଭୟ । ଅଧିକାଂଶ ଲୋକ ଜନସମାଲୋଚନାକୁ ଭୟ କରନ୍ତି ।

ପ୍ରକୃତ ଭୟ ଓ କାଳ୍ପନିକ ଭୟ—ଭୟ ଦୁଇ ପ୍ରକାର ଯଥା : ପ୍ରକୃତ ଭୟ ଓ କାଳ୍ପନିକ ଭୟ । ପ୍ରକୃତ ଭୟର ଭାଗ ଅତି ବେଶି ହେଲେ ଶତକଡ଼ା ପାଞ୍ଚ; ଶତକଡା ପଞ୍ଚାନବେ ଭାଗ ଭୟ କେବଳ କାଳ୍ପନିକ ଭୟ ।

ପ୍ରକୃତ ଭୟ ମଙ୍ଗଳକର । ଏ ଭୟ ପ୍ରଗତିର ପଥ ପରିଷ୍କାର କରେ । ଜୀବନ ରକ୍ଷା କରେ । ଜଣେ ପ୍ରଧାନ ଶିକ୍ଷକ ସ୍କୁଲ ଇନସ୍ପେକ୍ଟରଙ୍କୁ ଭୟ କରନ୍ତି । ସେହି ଭୟରେ ସେ ଛାତ୍ରଛାତ୍ରୀଙ୍କର ପାଠପଢ଼ା ଓ ତାଲିମ ପ୍ରତି ବିଶେଷ ଯତ୍ନଶୀଳ । ଫଳରେ ବିଦ୍ୟାଳୟର ସବୁ ଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୁଅନ୍ତି । ଜଣେ ରେଲ-ଇଞ୍ଜିନ୍ ଡ୍ରାଇଭର୍ ତାଙ୍କ ଉପରସ୍ଥ ଅଫିସରଙ୍କୁ ଭୟ କରନ୍ତି; ତେଣୁ ନିଜ କର୍ତ୍ତବ୍ୟ ସମ୍ପାଦନରେ ସେ ବିଶେଷ ତତ୍ପର । ଫଳରେ ତାଙ୍କ ଇଞ୍ଜିନ୍ କୌଣସି ଦୁର୍ଘଟଣା ଘଟାଏ ନାହିଁ । ଜଣେ ଚିକିତ୍ସକଙ୍କର ବଦନାମକୁ ବଡ଼ ଭୟ । ତେଣୁ ସେ ବିଶେଷ ଯତ୍ନ ସହକାରେ ରୋଗୀର ଚିକିତ୍ସା କରନ୍ତି । ସେ ଚିକିତ୍ସା ନେଇ ଗବେଷଣା କରନ୍ତି । ସେ ବହୁ ଜୀବନ ରକ୍ଷା କରନ୍ତି । ଫଳରେ ସେ ଜଣେ ପ୍ରସିଦ୍ଧ ଚିକିତ୍ସକ ମଧ୍ୟ ହୋଇଯାଆନ୍ତି ।

କାଳ୍ପନିକ ଭୟ ବ୍ୟାଧି ସୃଷ୍ଟି କରେ, ମନୁଷ୍ୟର ସକଳ ଶକ୍ତି କ୍ଷୟ କରେ; ସକଳ ପ୍ରକାର ଉତ୍ତେଜନା, ବ୍ୟସ୍ତତା, ଅସ୍ଥିରତା ଓ ଅସ୍ୱସ୍ତି ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଜୀବନୀଶକ୍ତି କ୍ଷୁର୍ଣ୍ଣ କରେ । ରୋଗ ଆକ୍ରମଣ କରିବା ପୂର୍ବରୁ ରୋଗର ଭୟ ଆକ୍ରମଣ କରୁଥିବାରୁ କଲେରା ବା ଟାଇଫଏଡ଼୍ ବେଳେବେଳେ ମହାମାରୀ ରୂପ ଧାରଣ କରେ । କଲେରା ଲାଗିଛି ଶୁଣିଲେ ଲୋକ ଗୁହଁଆ ହୋଇଯାଏ । ଅତିମାତ୍ରାରେ ବ୍ୟସ୍ତ ହୋଇପଡ଼େ ; ଭାବିଦିଏ ଯେ, ତା ଭିତରେ କଲେରା ରୋଗଜୀବାଣୁ ପ୍ରବେଶ କରିଗଲାଣି । ଏ ପ୍ରକାର କଳ୍ପନା ବିରାଟ ବିପଦ ସୃଷ୍ଟି କରେ । ସେ ପ୍ରକୃତ ରୋଗର ଶିକାର ହୋଇଯାଏ ।

କାଳ୍ପନିକ ଭୟର ଉଦାହରଣ— ଛାତ୍ର ଦିନରାତି ଲାଗିପଡ଼ି ଆଗାମୀ ପରୀକ୍ଷାପାଇଁ ପ୍ରସ୍ତୁତ ହୁଏ । ସେ ଶ୍ରେଣୀ ପରୀକ୍ଷାମାନଙ୍କରେ କୃତିତ୍ୱର ସହିତ ପାସ କରିଥାଏ । ଅଥଚ ତା'ଭିତରେ ଏକ କାଳ୍ପନିକ ଭୟ ସୃଷ୍ଟି ହୋଇଯାଇଥାଏ । ତାହା ହେଉଛି ପରୀକ୍ଷା ଭୟ । ଫଳରେ ପରୀକ୍ଷାଗୃହରେ ପ୍ରବେଶ କରିବା କ୍ଷଣି

ସେ ଭୀତତ୍ରସ୍ତ ହୋଇଯାଏ ଏବଂ ପ୍ରଶ୍ନ ଦେଖି କିଛି ବୁଝିପାରେ ନାହିଁ । ସେ କିଛି ଲେଖିପାରେ ନାହିଁ । ତା ଫଳରେ ସେ ପରୀକ୍ଷାରେ ଅକୃତକାର୍ଯ୍ୟ ହୁଏ ।

ଶ୍ରୀ ଆର. ଏସ ବାନାର୍ଜି ଡ଼େହ୍ରାଡୁନରେ ତାଙ୍କ ବନ୍ଧୁଙ୍କ ଘରେ ଶୋଇ-ଥିଲେ । ସେଦିନ ରାତିରେ ସେ ବନ୍ଧୁମାନଙ୍କ ସହିତ ଭୂତପ୍ରେତମାନେ କିପରି ଅନିଷ୍ଟ କରନ୍ତି, ସେହି ବିଷୟରେ ଆଲାପ ଆଲୋଚନା କରିଥିଲେ । ସେସବୁ ଆଲୋଚନା ତାଙ୍କ ଅବଚେତନ ମନର ଗଭୀର ପ୍ରଦେଶରେ ପ୍ରବେଶ କରିଯାଇ ଥିଲା । ନିଦରେ ସେ ସ୍ୱପ୍ନ ଦେଖିଲେ ଯେ, ସେ ଯେଉଁ କୋଠରିରେ ଶୋଇଛନ୍ତି, ତାହା ଏକ ଭୂତକୋଠରି; ତାଙ୍କୁ ଭୂତ ମାଡ଼ି ବସିଛି । ସେହି ଦିନଠାରୁ ତାଙ୍କ ସ୍ୱାସ୍ଥ୍ୟ ଖରାପ ହୋଇଗଲା; ଦେହ ଝିଙ୍ଗି କଣ୍ଟା ହୋଇଗଲା । ଏହା କେବଳ ସେହି କାଳ୍ପନିକ ଭୟର କାରଣରୁ ଘଟିଗଲା ।

ପ୍ରତ୍ୟେକ ଲୋକର କିଛି ନା କିଛି କାଳ୍ପନିକ ଭୟ ରହିଛି । କେତେକଙ୍କର କାଳ୍ପନିକ ଭୟ ସୃଷ୍ଟି ହୋଇଯାଏ ଯେ, ସେମାନଙ୍କର ଚାକିରି ଚାଲିଯିବ । କେତେକ କାଳ୍ପନିକ ଭୟରେ ଜର୍ଜରିତ ହୋଇ ଭାବନ୍ତି, ମୋ ଭାର୍ଯ୍ୟା ଯଦି ମରିଯିବେ, ତେବେ ମୋର କି ଦୁର୍ଯୋଗ ନ ହୋଇଯିବ ସତେ ! ମତେ ନଅ-ନଅଟା ଛୁଆଙ୍କ ତତ୍ତ୍ୱ ନେବାକୁ ପଡ଼ିବ ।" କେତେକଙ୍କ ମନରେ କାଳ୍ପନିକ ଭୟ ଉଠେ, "ବ୍ୟବସାୟଟା ବୁଡ଼ିଗଲେ, ମୁଁ କଣ କରିବି ସତେ !" କିମ୍ବା "ସାରା ଭାରତଟା ଯଦି ପାକିସ୍ଥାନ ହୋଇଯିବ, ତେବେ ହିନ୍ଦୁ ଧର୍ମର ଅବସ୍ଥା କଣ ନ ହେବ !" "ଭାରତର ଚାରିଆଡ଼େ କମ୍ୟୁନିଜିମ୍ (ସାମ୍ୟବାଦ) ବ୍ୟାପିଗଲେ ଅବସ୍ଥା କଣ ନ ହେବ ସତେ !" ଏ ପ୍ରକାର କାଳ୍ପନିକ ଭୟର ସଂଖ୍ୟା କହିହେବ ନାହିଁ ।

ଆତଙ୍କ ବା କାତରତା—ବିଚିତ୍ର ପ୍ରକାରର ଅସ୍ୱାଭାବିକ ଅହେତୁକ କାଳ୍ପନିକ ବ୍ୟକ୍ତିଗତ ଭୟକୁ କାତରତା ବା ଆତଙ୍କ ବୋଲିଯାଏ । କାତରତା ଏକ ଅସ୍ୱାଭା-ବିକ ଭୟ । ତା' ପଛରେ କୌଣସି ବାସ୍ତବ ସତ୍ତା ନ ଥାଏ । ଭୟର କୌଣସି କାରଣ ହିଁ ନ ଥାଏ । ପରିବେଶରେ କୌଣସି ପ୍ରକାର ଶଙ୍କାଜନକ ପରିସ୍ଥିତି ନଥାଏ ତଥାପି ଆତଙ୍କଗ୍ରସ୍ତ ଲୋକେ ଭୟମୁକ୍ତ ହୋଇପାରନ୍ତି ନାହିଁ; ବିପଦ ନାହିଁ ବୋଲି ଭାବିପାରନ୍ତି ନାହିଁ ।

କେତେକ ଲୋକ ମୂଷାକୁ ଡରନ୍ତି । ଏହା ମୂଷା ଆତଙ୍କ । କେତେକ ଲୋକ ଘଡ଼ଘଡ଼ିକୁ ଭୟ କରନ୍ତି । କେହି କେହି ଅନ୍ଧାରକୁ ଡ଼ରନ୍ତି । କେହି କେହି ଲୋକ-ସମାବେଶକୁ ଡ଼ରନ୍ତି । ଏହାକୁ ଜନଭୟ ବୋଲିଯାଏ । କେତେକ ବ୍ରହ୍ମଚାରୀ ଅଛନ୍ତି,

ଯେଉଁମାନେ କି ସ୍ତ୍ରୀମାନଙ୍କୁ ଦେଖିଦେଲେ ଭୟ କରନ୍ତି । କେତେକ ଲୋକ ଏକାକୀ ରହିବାକୁ ଭୟ କରନ୍ତି । କେହି କେହି ଆଲୁଅ ନ ଜାଳି ଶୋଇବାକୁ ଭୟ କରନ୍ତି । କେହି କେହି ସୁଡ଼ଙ୍ଗପରି ରୁଦ୍ଧସ୍ଥାନକୁ ଭୟ କରନ୍ତି । ଏହା ଜନର୍ନାତଙ୍କ । କେହି କେହି ଖୋଲାସ୍ଥାନ ଦେଖିଲେ ଭୟ କରନ୍ତି । ଏହାକୁ ମୁକ୍ତାଙ୍ଗନ ଆତଙ୍କ ବୋଲିଯାଇ ପାରେ । ଡାକ୍ତର ପରୀକ୍ଷାନିରୀକ୍ଷା କରି ନିଶ୍ଚିତ ହୋଇ କୌଣସି ପ୍ରକାର ଯାନ୍ତ୍ରିକ ତ୍ରୁଟି ନାହିଁ ବୋଲି କହିବା ପରେ ମଧ୍ୟ ଜଣେ ଜଣେ ରୋଗୀ ଧରି ବସନ୍ତି ଯେ, ସେମାନଙ୍କର ହୃତ୍ପିଣ୍ଡରେ ଦୋଷ ରହିଯାଇଛି, ପିଳ୍ହାରେ ରୋଗ ହୋଇଛି କିମ୍ବା ଯକୃତ ଠିକ୍ କାମ କରୁ ନାହିଁ । ଏସବୁ ହେଉଛି ଶରୀରକୁ ନେଇ ବିଭିନ୍ନ ଆତଙ୍କ ।

ପୁଣି କେତେ ଲୋକ ଅଛନ୍ତି ଯେ, ସେମାନଙ୍କର ସବୁ କଥାକୁ ଭୟ । ଆମେରିକାଲୋକଙ୍କର ରୁଷଲୋକଙ୍କୁ ଭୟ; ରୁଷଲୋକଙ୍କର ଆମେରିକାଲୋକଙ୍କୁ ଭୟ । ଭାରତର ସୀମାନ୍ତ ଅଞ୍ଚଳର ଲୋକେ ଆଦିବାସୀଲୋକଙ୍କୁ ଭୟ କରନ୍ତି । କାଳ୍ପନିକ ଭୟର ସଂଖ୍ୟା ଅଗଣିତ ।

କାଳ୍ପନିକ ଭୟର କାରଣ ହେଲା ବିଭିନ୍ନ ମାନସିକ ମୂଢ଼ତା, ବାଟବିକଳ୍ପହୀନତା ଭ୍ରମାତ୍ମକ-ଧାରଣା ଓ ସ୍ନାୟୁଦୁର୍ବଳତା ।

ଶିକ୍ଷକ ଓ ପିତାମାତାଙ୍କୁ ପଦେ ଉପଦେଶ-ଲକ୍ଷ୍ୟ କଲେ ଦେଖାଯିବ, ଅଧିକାଂଶ ମନସ୍ତାତ୍ତ୍ୱିକ ଭୟ ଶୈଶବକାଳରୁ ହିଁ ଆରମ୍ଭ ହୋଇଥାଏ । ଏପରିକି ଭୟର ବୀଜ ଶୈଶବକାଳରୁ ଅବଚେତନ ମନରେ ସୁପ୍ତ ଅବସ୍ଥାରେ ରହିଥାଏ ଏବଂ କିଛିଦିନ ପରେ ପରିସ୍ଥିତିର ସୁଯୋଗ ନେଇ ସେହି ବୀଜ ଅଙ୍କୁରିତ ହୋଇଥାଏ ।

ଶିଶୁର ମନ ବଡ଼ କୋମଳ; ଅତି ସହଜରେ ସେଥିରେ ବାହାରର ଛାପ ଅଙ୍କିତ ହୋଇଯାଏ । ତେଣୁ ପିତାମାତା ଓ ଶିକ୍ଷକମାନେ ଅତି ସତର୍କତାରସହିତ ଶିଶୁମାନଙ୍କୁ ପରିଚାଳିତ କରିବାକୁ ପଡ଼ିବ । ସେମାନଙ୍କୁ ଭୟଭୀତ କଲାଭଳି କୌଣସି କଥା କହିବା ଅନୁଚିତ । ବରଂ ସେମାନଙ୍କୁ ସାହସିକତାର କାହାଣୀମାନ କହିବା ଆବଶ୍ୟକ, ଫଳରେ ସେମାନେ ସାହସୀ ଓ ନିର୍ଭୀକ ହୋଇପାରିବେ । ତେଣୁ ଯଦି ମାଆମାନେ ସାହସୀ ଓ ବୁଦ୍ଧିମାନ ସନ୍ତାନ ପ୍ରସବ କରିବାକୁ ଇଚ୍ଛା କରନ୍ତି, ତେବେ ସେମାନେ ଗର୍ଭଧାରଣ କରିଥିବା ଅବସ୍ଥାରେ ରାମାୟଣ, ମହାଭାରତ ଓ ଭାଗବତପରି ସାହସପ୍ରଦ ଓ ଉତ୍ସାହପ୍ରଦ କଥାମାନ ପଢ଼ିବା ଉଚିତ ।

ପିତା, ମାତା ଓ ଶିକ୍ଷକମାନଙ୍କଠାରେ ମନସ୍ତତ୍ତ୍ୱର ଅନ୍ତତଃ ପ୍ରାଥମିକ ଜ୍ଞାନ ରହିଥିବା ଏକାନ୍ତ ଆବଶ୍ୟକ, ଯାହା ସାହାଯ୍ୟରେ କି ସେମାନେ ଶିଶୁମାନଙ୍କୁ ଉପଯୁକ୍ତ କରି ଗଢ଼ିପାରିବେ ।

ଭୟର କୁପ୍ରଭାବ—ଭୟ ସକଳ ଅମଙ୍ଗଳର ମୂଳ । ଭୟରୁ ଦୁର୍ଭାଗ୍ୟ ଜାତ ହୁଏ । ଭୀରୁର ଭୟ ହିଁ ତାକୁ ବିପଦ ମୁହଁକୁ ଟାଣିନିଏ ।

ସବୁବେଳେ ଭୟ ଲାଗିରହିଲେ ଜୀବନୀଶକ୍ତି ହ୍ରାସ ପାଏ, ଆତ୍ମବିଶ୍ୱାସ କ୍ଷୁଣ୍ଣ ହୁଏ ଏବଂ କର୍ମକ୍ଷମତା ନଷ୍ଟ ହୁଏ । ସତତ ଭୟ ମନୁଷ୍ୟକୁ ଶକ୍ତିହୀନ କରିଦିଏ । ଭୟ ହେଉଛି ଜୀବନର ସଫଳତାର ଶତ୍ରୁ ।

ଶରୀର ପକ୍ଷରେ ପକ୍ଷାଘାତ ଯେପରି କ୍ଷତିକାରକ, ମନ ପକ୍ଷରେ ଭୟ ସେହିପରି କ୍ଷତିକାରକ । ଭୟ ମନକୁ ପଙ୍ଗୁ କରିଦିଏ; ମଣିଷକୁ ହୀନଶକ୍ତି କରିଦିଏ । ଭୟ ହେଉଛି ସବୁଠାରୁ ବେଶୀ କ୍ଷତିକାରକ ଆବେଗ । ଭୟ ସ୍ନାୟୁମଣ୍ଡଳକୁ ଦୁର୍ବଳ କରିଦିଏ ଓ ସ୍ୱାସ୍ଥ୍ୟ ନଷ୍ଟ କରିଦିଏ । ଭୟ ନାନା ବ୍ୟସ୍ତତା ସୃଷ୍ଟି କରିଦେବା ଫଳରେ ମାନସିକ ସୁଖଶାନ୍ତି ମିଳିବା ଅସମ୍ଭବ ହୋଇପଡ଼େ ।

ଭୟ ଯେକୌଣସି ପ୍ରକାରର ହୋଇଥାଉ ନା କାହିଁକି, ତାହା ମନୁଷ୍ୟର ପରମ ଶତ୍ରୁ । ଦେଖାଯାଉଛି, ଭୟ ମନୁଷ୍ୟର ସୁଖଶାନ୍ତି ନଷ୍ଟ କରିଦେଉଛି ଓ କର୍ମକ୍ଷମତା ହ୍ରାସ କରିଦେଉଛି । ଭୟ ଅଧିକାଂଶ ଲୋକଙ୍କୁ କାପୁରୁଷ କରିଦେଉଛି । ଅଧିକାଂଶ ଲୋକଙ୍କ ଜୀବନରେ ଆଣିଦେଇଛି ବିଫଳତା । ଭୟ ଆତ୍ମଚେଷ୍ଟାକୁ ହତ୍ୟା କରେ, ଉଦ୍ୟମଶୀଳତାକୁ ପଙ୍ଗୁ କରିଦିଏ । ମଣିଷର ଦାରିଦ୍ର୍ୟ ଓ ବିଫଳତାର କାରଣ ହେଉଛି ତାର ଭୟଜନିତ ଚିନ୍ତା ।

ଭୟ ମନୁଷ୍ୟପକ୍ଷରେ ଏକ ବିରାଟ ଅଭିଶାପ । ଭୟ ବହୁ ଜୀବନ ନଷ୍ଟ କରେ । ବହୁ ଲୋକଙ୍କୁ ଦୁଃଖ ଦିଏ ଓ ବହୁ ବିଫଳତାର କାରଣ ହୁଏ । ଭୟ ହେଉଛି ଏକ ବିପଜ୍ଜନକ ଚିନ୍ତା । ତେଣୁ ଭୟ ହେଉଛି ଆପଣଙ୍କର ଘୋରତମ ଶତ୍ରୁ ।

ଭୟର କାରଣ—ରାଗ ବା ଆସକ୍ତି ହେଉଛି ଭୟର ଆନାଳି ବନ୍ଧୁ । ତେଣୁ ଆସକ୍ତି ହିଁ ଭୟର କାରଣ । ଭୟ ଓ ରାଗ ଏକତ୍ର ନିବାସ କରନ୍ତି । ମଣିଷ ତାର ସ୍ତ୍ରୀପ୍ରତି ଆସକ୍ତ । ତା ସ୍ତ୍ରୀର ଦେହଟି ତାପକ୍ଷରେ ଏକ ବିରାଟ ଆମୋଦ କେନ୍ଦ୍ର । ତେଣୁ ତା'ପାଇଁ ତା ମନରେ ବଡ଼ ଭୟ । ସ୍ତ୍ରୀ ହଜିଯିବ ବୋଲି ଭୟ; ସ୍ତ୍ରୀ ମରିଯିବ ବୋଲି ଭୟ, ସେ କାଳେ ଅନ୍ୟ ପୁରୁଷ ସହିତ ପଳାଇଯିବବୋଲି ଭୟ; ସେ କାଳେ ଛାଡ଼ପତ୍ର ଦେଇଦେବ ବୋଲି ଭୟ; ସେ କାଳେ ଅସନ୍ତୁଷ୍ଟ ହେବ ବୋଲି ଭୟ ଇତ୍ୟାଦି ଇତ୍ୟାଦି । ଘରବାରି, ଧନସମ୍ପଦ, ସନ୍ତାନସନ୍ତତିଙ୍କ ପ୍ରତି ଆସକ୍ତି ଥିବାରୁ ସେସବୁକୁ ହରାଇବାର ଭୟ ଜାତ ହୁଏ । ଏସବୁ ଭିତରୁ କିଛି ଗୋଟିଏ ହରାଇଦେଲା ମାତ୍ରେ, ମନୁଷ୍ୟ ଦୁଃଖସାଗରରେ ବୁଡ଼ିଯାଏ ଜୀବନରେ ବିରାଟ ଆଘାତ ପାଏ ।

ବିଷୟପ୍ରତି ଆସକ୍ତି ହିଁ ଭୟର କାରଣ । ନାମ ଓ ଖ୍ୟାତିର ଆସକ୍ତି ହିଁ ଭୟର କାରଣ । ସମ୍ପଦ ଓ ସ୍ତ୍ରୀପ୍ରତି ଆସକ୍ତିରୁ ଭୟ ଜାତ ହୁଏ । ସକଳ ପ୍ରକାର ଆସକ୍ତି ଭୟର ବୀଜ । ଯେ ଭୋଗ୍ୟ ବସ୍ତୁର ଅଧିକାରୀ, ସେ ଭୟର ଦାସ । କିନ୍ତୁ ଯେ ସବୁକିଛି ତ୍ୟାଗ କରିଦେଇଛି, ଯେ ସକଳ ବସ୍ତୁରେ ଆତ୍ମାକୁ ଦର୍ଶନ କରୁଛି, ସେ ଭୟର ଅଧୀନ ନୁହେଁ ।

ଯେଉଁଠାରେ ଅନୁରାଗ ବା ଆସକ୍ତି ନାହିଁ, ସେଠାରେ ଭୟ ନାହିଁ । ଅନୁରାଗ ରୂପକ ଜଞ୍ଜିରର ପ୍ରଥମ କଡ଼ାଟି ହେଉଛି ମନୁଷ୍ୟର ନିଜ ଦେହ ପ୍ରତି ଆସକ୍ତି । ରକ୍ତମାଂସର ଏହି ଦେହଟିପ୍ରତି ଯେଉଁ ଅନୁରାଗ ରହିଛି, ସେଥିରୁ ହିଁ ସକଳ ପ୍ରକାର ଭୟର ଉତ୍ପତ୍ତି । ଜୀବନ ଓ ଦେହକୁ ଧରିରଖିବାର ଆସକ୍ତି ଅର୍ଥାତ୍ ପାର୍ଥିବଜୀବନ ପ୍ରତି ଆସକ୍ତି ହିଁ ସମସ୍ତ ପ୍ରକାର ଭୟର ମୂଳକାରଣ ।

ଅନେକ ଲୋକ ଜାଗ୍ରତ ଅବସ୍ଥାରେ ଯେତେ ଭୀତତ୍ରସ୍ତ ନ ହୁଅନ୍ତି, ତା' ଅପେକ୍ଷା ଯଥେଷ୍ଟ ଅଧିକ ଅସ୍ୱାଭାବିକ ମାତ୍ରାରେ ତ୍ରସ୍ତ ଆତଙ୍କିତ ହୁଅନ୍ତି ନିଦ୍ରିତ ଅବସ୍ଥାରେ । ଶୋଇବା ପୂର୍ବରୁ ମନକୁ ବିକ୍ଷିପ୍ତ ଚିନ୍ତାରେ ଆକ୍ରାନ୍ତ କରିବା ଫଳରେ ହିଁ ଏପରି ଘଟିଥାଏ । ମନରେ ଗୁଡ଼ାଏ ବ୍ୟସ୍ତତା ରଖି, ଗୁଡ଼ାଏ ଭୟ ପୋଷଣ କରି କିମ୍ବା ଦୁଃଖ ଅଶାନ୍ତି ରଖି ବା ଅମଙ୍ଗଳ ଚିନ୍ତା କରି କରି ଶୋଇବାକୁ ଯିବା ନିତାନ୍ତ ଅନୁଚିତ୍ । ଶୋଇବାକୁ ଯିବା ପୂର୍ବରୁ ମନରୁ ଏ ସମସ୍ତ ପ୍ରକାର ଚିନ୍ତା ଦୂର କରିବାକୁ ପଡ଼ିବ ଏବଂ ମନରୁ ଏ ପ୍ରକାର ଅଶାନ୍ତି ଓ ବ୍ୟସ୍ତତା ଦୂର ନ ହେବା ପର୍ଯ୍ୟନ୍ତ ଭଗବତ୍ ଧ୍ୟାନ କରିବାକୁ ପଡ଼ିବ । ଶୋଇବା ପୂର୍ବରୁ ମନପ୍ରାଣ ଶାନ୍ତିରେ ପୂର୍ଣ୍ଣ ହୋଇଯିବା ଆବଶ୍ୟକ । ଯଦି ଭଗବତ୍ ଧ୍ୟାନରେ ନିମଗ୍ନ ହେବା ସମ୍ଭବ ହେଉ ନାହିଁ, ତେବେ ଆଖିରେ ନିଦ ଜମିଆସିବାପର୍ଯ୍ୟନ୍ତ ଭଗବାନଙ୍କର କିଛି ସ୍ତବ ବା ପ୍ରାର୍ଥନା ବୋଲି ବୋଲି ଶୟନ କରିବାକୁ ପଡ଼ିବ । ଏପରି କଲେ ଶାନ୍ତିରେ, ଗଭୀର ନିଦ୍ରାରେ ଶୋଇବାର ସୁଖ ମିଳିବ ।

ବେଳେବେଳେ ହଠାତ୍ ଆମକୁ ଏକ ବିରାଟ ଭୟ ଆସି ଗ୍ରାସ କରେ ଏବଂ କିଛି ସମୟପାଇଁ ଆମେ ମାନସିକ ସନ୍ତୁଳନ ହରାଇବସୁ । ଆମେ ଅତି ମାତ୍ରାରେ ଅଭିଭୂତ ହୋଇପଡ଼ୁ; ବିଚଳିତ ହୋଇଯାଉ । ଆମ ମନଶ୍ଚକ୍ଷୁ ସମ୍ମୁଖରେ ଗୋଟିକ ପରେ ଗୋଟିଏ ହୋଇ ଗୁଡ଼ିଏ ମନ୍ଦ ଘଟଣା ଘଟିଯିବାର ଦେଖାଯାଏ । ଅତୀତର ଘଟଣାବଳୀସବୁ ପ୍ରବଳ ବେଗରେ ଆଖି ଆଗରେ ଖେଳିଯାଏ । କଳ୍ପନାରେ ନାନା ଘଟଣା ସୃଷ୍ଟି ହୋଇଯାଏ । ବୋଧହୁଏ ଆମ ଉପରକୁ ବିପଦ ଉପରେ ବିପଦ ମାଡ଼ିଆସିବ । ତଥାପି ଏ ପ୍ରକାରର ସମସ୍ତ ପରିସ୍ଥିତିରେ ଆମକୁ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ତାଙ୍କର ଆଶ୍ରୟ ନେବାକୁ ପଡ଼ିବ ।

କେବଳ ଭଗବାନ ହିଁ ଆମକୁ ଉଦ୍ଧାର କରିବେ ବୋଲି ତାଙ୍କ ଉପରେ ଆମକୁ ସମ୍ପୂର୍ଣ୍ଣ ଆସ୍ଥା ସ୍ଥାପନ କରିବାକୁ ପଡ଼ିବ ।

ଭୟ ଦୂର କରିବାର ଉପାୟ—ଏହି ଉପାୟରେ ଭୟ ଦୂର କରିବାକୁ ହେବ ବୋଲି କେବଳ ଭାବିଦେଲେ ଚଳିବ ନାହିଁ ; ଏହାକୁ ଅଭ୍ୟାସରେ ପକାଇବାକୁ ପଡ଼ିବ । ଆମର ଯାହାକୁ ବେଶୀ ଭୟ, ତାହାର ସମ୍ମୁଖୀନ ହେବାକୁ ପଡ଼ିବ । କେହି ଯଦି ସଭାର ଶ୍ରୋତୃବର୍ଗ ବା ଦର୍ଶକମଣ୍ଡଳୀଙ୍କୁ ଭୟ କରୁଥାଏ, ତେବେ ତାର ପ୍ରଥମ ପ୍ରଧାନ କର୍ତ୍ତବ୍ୟ ହେଉଛି ସେମାନଙ୍କର ସମ୍ମୁଖୀନ ହୋଇ ମଞ୍ଚଭୟ ଓ ସଙ୍କୋଚ ଦୂର ନ ହେବା ପର୍ଯ୍ୟନ୍ତ ସେମାନଙ୍କୁ ସମ୍ବୋଧିତ କରିବାକୁ ବା ଅଭିନୟ ପ୍ରଦର୍ଶନ କରିବାକୁ ପଡ଼ିବ । କେହି ଯଦି ନିଜର ଉପରିସ୍ଥ କର୍ମଚାରୀ କିମ୍ବା ତାଙ୍କ ଅପେକ୍ଷା ଅଧିକ କ୍ଷମତାଶାଳୀ ବ୍ୟକ୍ତିଙ୍କ ସମ୍ପର୍କକୁ ଯିବା କଥା ପଡ଼ିଲେ ଭୟରେ ଥରୁଥାଆନ୍ତି, ତେବେ ମନରୁ ଭୟ ଦୂର ନ ହେବା ପର୍ଯ୍ୟନ୍ତ, ଯଥେଷ୍ଟ ସାହସ ଆସିବା ପର୍ଯ୍ୟନ୍ତ, ସୁଯୋଗ ମିଳିବାକ୍ଷଣି ସେପରି ବ୍ୟକ୍ତିଙ୍କ ସମ୍ମୁଖକୁ ଯିବା ହେଉଛି ତାଙ୍କର ପ୍ରତିଦିନର ମୁଖ୍ୟ କର୍ତ୍ତବ୍ୟ । ଆପଣ ଯଦି କାହାକୁ ଭୟ କରୁଛନ୍ତି, ତେବେ ତାଙ୍କ ସମ୍ମୁଖରେ ରହି ତାଙ୍କ ମୁହଁକୁ ନିର୍ଭୀକଭାବରେ ଭଲକରି ଚାହାନ୍ତୁ । ଦେଖିବେ, ଭୟ ଦୂର ହୋଇଯିବ ।

କିଛି ସମୟ ସ୍ଥିର ହୋଇ ବସନ୍ତୁ । ଏକାଗ୍ରଭାବରେ ଚିନ୍ତା କରନ୍ତୁ । ନିଜର ଚିନ୍ତାଧାରା ଠିକ୍ ନା ଭୁଲ, ଟିକିଏ ଅନ୍ତର୍ଦୃଷ୍ଟି ଦେଇ ଦେଖନ୍ତୁ । ଏତିକି କଲେ ଦେଖିବେ ସମସ୍ତ କାଳ୍ପନିକ ଭୟ ଗୁଡ଼ିକ ପଳାଇବ । ସେ ଭୟ କୁଆଡ଼େ ମିଳାଇଯିବ । ଏହିସବୁ କାଳ୍ପନିକ ଭୟ ଦେଖାଇ ମନ ଆପଣଙ୍କୁ ଠକି ଚାଲେ । ଭୁଲ କଣ, ଠିକ୍ କଣ ତାହା ବିବେଚନା କରିବାକୁ ଶିଖନ୍ତୁ । ଅନ୍ତର୍ଦୃଷ୍ଟି ଦେଇ ଦେଖନ୍ତୁ । ଗମ୍ଭୀର ଭାବରେ ଚିନ୍ତା କରନ୍ତୁ ଓ ଧ୍ୟାନ କରନ୍ତୁ । ଦେଖିବେ, ମନ ଚୋରଙ୍କପରି ଲୁଚିବ । ଏଥର ଆପଣ ସ୍ପଷ୍ଟ ଅନୁଭବ କରିବେ ଯେ, ଏତେ କାଳ ଧରି ଏହି ଦୁଷ୍ଟ ଖେଳବୁଦ୍ଧି ମନ ଆପଣଙ୍କୁ ଭଣ୍ଡି ଚାଲିଥିଲା; ଆପଣ ଉପଲବ୍ଧି କରି-ପାରିବେ ଯେ, ଭୟ ବୋଲି କିଛି ନାହିଁ;ତଥାକଥିତ ଭୟ ହେଉଛି ଏକ ବିରାଟ ଶୂନ୍ୟ ।

ହୃଦୟରେ ସାହସର ବୀଜ ବପନ କରନ୍ତୁ । ସାହସର ଅଭିବୃଦ୍ଧି ପାଇଁ ସୁଯୋଗ ଦିଅନ୍ତୁ । ଭୟ ସ୍ୱତଃ ଦୂର ହୋଇଯିବ । ସତ୍ ସବୁବେଳେ ଅସତ୍ ଉପରେ ବିଜୟ ଲାଭ କରେ; ସାର୍ଥକତା ନିରର୍ଥକତାକୁ ସର୍ବଦା ଅତିକ୍ରମ କରିଯାଏ । ଏହା ଏକ ଚିରନ୍ତନ ମନସ୍ତାତ୍ତ୍ୱିକ ନିୟମ । ଏହା ହିଁ ରାଜଯୋଗର ପ୍ରତିପକ୍ଷଭାବନା ପ୍ରଣାଳୀ । ଏହି ପ୍ରଣାଳୀଟି ବାରମ୍ବାର ପ୍ରୟୋଗ କରିବାକୁ ଚେଷ୍ଟା କରନ୍ତୁ । ଆପଣଙ୍କର ଉଦ୍ଦେଶ୍ୟ ନିଶ୍ଚିତଭାବରେ ସାଧିତ ହେବ ।

ନିଜର ଇଚ୍ଛାଶକ୍ତିର ବିକାଶ ଘଟାନ୍ତୁ । ସାହସ ଓ ଆତ୍ମବିଶ୍ୱାସ ବଢ଼ାନ୍ତୁ; ଧୈର୍ଯ୍ୟ ଧରିବାର ଶକ୍ତି ଓ ବିପଦ ସମ୍ମୁଖରେ ଭାଙ୍ଗି ନ ପଡ଼ିବାର ମନୋବଳ ବଢ଼ାନ୍ତୁ, ପ୍ରତିରୋଧ କରିବାର ଶକ୍ତି ବୃଦ୍ଧି କରନ୍ତୁ । ଦୁଃଖଯନ୍ତ୍ରଣାରେ ପଡ଼ିଲେ, ସନ୍ତାନ-ସନ୍ତତି ଅଥବା ଧନସମ୍ପଦ ହରାଇବସିଲେ କିମ୍ବା ଦୀର୍ଘକାଳଧରି ରୋଗଗ୍ରସ୍ତ ହେଲେ ମଧ୍ୟ ସାହସ ହରାନ୍ତୁ ନାହିଁ । ସାହସୀ ହୁଅନ୍ତୁ, ପୁରୁଷୋଚିତ ସଦ୍‌ଗୁଣରେ ଭୂଷିତ ହୁଅନ୍ତୁ । ଅତୀତର ମୁନିଋଷି ତଥା ସେମାନଙ୍କର ମହତ କାର୍ଯ୍ୟାବଳୀ ସ୍ମରଣ କରନ୍ତୁ । ଯୋଗୀଋଷିମାନଙ୍କର ସତ୍ସଙ୍ଗରେ ବାସ କରନ୍ତୁ । ସକଳ ଶଙ୍କାରହିତ ନିର୍ଭୀକ ପରମାତ୍ମାଙ୍କ ଧ୍ୟାନ କରନ୍ତୁ । ଆପଣଙ୍କର ସାହସ, ଧୈର୍ଯ୍ୟ ଓ ପୁରୁଷସୁଲଭ ସଦ୍‌ଗୁଣ ବିକଶିତ ହେବ । ସକଳ ପ୍ରକାର କାଳ୍ପନିକ ଭୟ ଦୂରୀଭୂତ ହେବ ।

ଭଗବାନ ତାଙ୍କର ଭକ୍ତମାନଙ୍କର ସକଳ ଭୟ ଦୂର କରି ସେମାନଙ୍କୁ ପୂର୍ଣ୍ଣ ନିରାପତ୍ତା ପ୍ରଦାନ କରନ୍ତି । ଭୟ ଓ ଅପଦସଙ୍କୁଳତାକୁ ସେ ଆସ୍ଥା ଓ ବିଶ୍ୱାସରେ ପରିବର୍ତ୍ତିତ କରିଦିଅନ୍ତି । ସେ ଭକ୍ତକୁ ଆତଙ୍କ ଓ ହତାଶାରୁ ଉଦ୍ଧାର କରନ୍ତି । ତେଣୁ ଭଗବାନଙ୍କର ଶରଣାପନ୍ନ ହୁଅନ୍ତୁ । ତାଙ୍କର ନାମ ଓ କରୁଣାର ଆଶ୍ରୟ ନିଅନ୍ତୁ । ଆପଣଙ୍କର ସମସ୍ତ ଭୟ ଦୂର ହୋଇଯିବ । ସେ ଆପଣଙ୍କୁ ଶକ୍ତି, ଧୈର୍ଯ୍ୟ, ସାହସ, ଓ ଉପସ୍ଥିତବୁଦ୍ଧି ପ୍ରଦାନ କରିବେ ।

ଅନାସକ୍ତି ବା ବୈରାଗ୍ୟ ଅଭ୍ୟାସ କରି ସଂସାରପ୍ରତି ଆସକ୍ତି ପରିତ୍ୟାଗ କରନ୍ତୁ । କେବଳ ଭଗବତ୍ ଚରଣାରବିନ୍ଦରେ ଆସକ୍ତି ରଖନ୍ତୁ ! ସକଳ ଭୟର ବିଲୋପ ଘଟିବ । ସର୍ବଦା ଏହି ଧାରଣା ପୋଷଣ କରନ୍ତୁ ଯେ, ସାଂସାରିକ ବସ୍ତୁ ସକଳ ଅସାର ଭଙ୍ଗୁର ଓ ଦୁଃଖଯନ୍ତ୍ରଣାପ୍ରଦ । ଏହା ଫଳରେ ଆପଣଙ୍କର ଆସକ୍ତି ତୁଟିଯିବ, ଯଦି ବା କିଛି ଆସକ୍ତି ରହିବ, ତାହା ହେବ ନିତାନ୍ତ କ୍ଷୀଣ ଆସକ୍ତି । ସାମାନ୍ୟ ଟିକିଏ ବିବେଚନା ବଳରେ ସେହି ଆସକ୍ତି ଦୂର କରିହେବ । ସକଳ ବସ୍ତୁ ପରିତ୍ୟାଗ କରି ବ୍ରହ୍ମଭାବ ଅଭ୍ୟାସ କରିବା ହିଁ ଭୟ ଦୂର କରିବାର ଶ୍ରେଷ୍ଠତମ ପ୍ରତିକାର ।

ମନସ୍ତତ୍ତ୍ୱବିତ୍‌ମାନଙ୍କର ଏକ ଭ୍ରମ—ମନସ୍ତତ୍ତ୍ୱବିତ୍‌ମାନେ ମତ ଦିଅନ୍ତି ଯେ, ଭୟ ଦୂର କରିବାଲାଗି ଦୃଢ଼ପ୍ରତିଜ୍ଞ ହୋଇ ପ୍ରଚେଷ୍ଟା କରାଯାଇ ପାରେ ସତ, କିନ୍ତୁ ସମ୍ପୂର୍ଣ୍ଣ ଭୟଶୂନ୍ୟତା ଆସିପାରିବ ନାହିଁ । ଏ ମତ ଭ୍ରମାତ୍ମକ । ମନସ୍ତତ୍ତ୍ୱବିତ୍‌ମାନେ ଅତିମାନସିକ ଅନୁଭୂତି ସମ୍ବନ୍ଧରେ ଅଜ୍ଞ । ବ୍ରହ୍ମଜ୍ଞାନ ଲାଭ କରିଥିବା ଦିବ୍ୟଦ୍ରଷ୍ଟା ଋଷି ସମ୍ପୂର୍ଣ୍ଣ ନିର୍ଭୀକ । ଉପନିଷଦ ବଜ୍ରନିର୍ଘୋଷରେ ଘୋଷଣା କରନ୍ତି । ସର୍ବାତୀତ ବ୍ରହ୍ମଙ୍କୁ ଜାଣିଥିବା ବ୍ୟକ୍ତି ସମ୍ପୂର୍ଣ୍ଣ ନିର୍ଭୀକ ହୁଏ ।

ଜ୍ଞାନ ଯେଉଁଠାରେ ଦ୍ୱୈତ, କେବଳ ସେହିଠାରେ ଭୟ ପ୍ରବେଶ କରିପାରେ । ବ୍ୟକ୍ତି ଯଦି ଅନୁଭବ କରେ ଯେ, ତା' ଛଡ଼ା ଇତର ବସ୍ତୁ ମଧ୍ୟ ରହିଛି, ତେବେ ତା'ଠାରେ ଅବିଲମ୍ବେ ଭୟ ଜାତ ହୁଏ । ସେ ଅନ୍ୟକୁ ଭୟ କରେ । କିନ୍ତୁ ଯେ ଅଦ୍ୱୈତଭାବରେ ଉଦ୍‌ବୁଦ୍ଧ ତା'ଠାରେ କିପରି ଭୟ ଜାତ ହେବ ? ଅଦ୍ୱୈତଜ୍ଞାନରେ ସମୃଦ୍ଧ ଓ ପ୍ରତିଷ୍ଠିତ ଦିବ୍ୟଦ୍ରଷ୍ଟା ଋଷି ହିଁ ଶ୍ରେଷ୍ଠତମ ସାହସୀ ବ୍ୟକ୍ତି । ଯୁଦ୍ଧକ୍ଷେତ୍ରରେ ସୈନିକ ଯେଉଁ ସାହସ ପ୍ରଦର୍ଶନ କରେ କିମ୍ବା ଡକାଏତି ଯେଉଁ ସାହସ ଦେଖାଏ, ତାହା କେବଳ ତାମସିକ ସାହସ । ପ୍ରକୃତ ପକ୍ଷରେ ତାହା ସାହସ ହିଁ ନୁହେଁ । ତାହା କେବଳ ଘୃଣା ବା ଈର୍ଷାରୁ ଜାତ ପାଶବିକ ହିଂସ୍ରତା ଆତ୍ମଜ୍ଞାନରୁ ଜାତ ସାତ୍ତ୍ୱିକ ସାହସ ହିଁ ପ୍ରକୃତ ସାହସ ।

ତେଣୁ ମନରେ କୌଣସି ଦ୍ୱୈତଭାବ ରଖିବା ଅନୁଚିତ । ଆପଣଙ୍କୁ ସର୍ବଦା ବିଶ୍ୱପ୍ରେମ ଓ ବିଶ୍ୱଭ୍ରାତୃଭାବ ବିକାଶ କରିବାକୁ ପଡ଼ିବ । ଯେଉଁଠାରେ ପ୍ରେମ ଓ ଭ୍ରାତୃଭାବ ରହିଛି, ସେଠାରେ ଶତ୍ରୁତାର ସ୍ଥାନ ନାହିଁ । ଅବଶ୍ୟ ଏହା ଏକ ଆଂଶିକ ଲକ୍ଷ୍ୟଲାଭର ସ୍ତର । ପରମ ଲକ୍ଷ୍ୟଲାଭର ସ୍ତର ହେଉଛି ସମଭାବନା ବା ସମସ୍ତଙ୍କୁ ଏକ ବୋଲି ଭାବିବା । ସମସ୍ତେ ବ୍ରହ୍ମ । ସମସ୍ତେ ବ୍ରହ୍ମରେ ମିଳିତ ହୁଅନ୍ତି । ଏକ ବ୍ରହ୍ମ ହିଁ ଜଗତର ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି । ପରମାତ୍ମାଙ୍କ ସୃଷ୍ଟିରେ ଆଉ ଦ୍ୱିତୀୟ ବସ୍ତୁ ହୋଇ କିଛି ନାହିଁ । ଏହି ପରମଜ୍ଞାନ ଭୟର ମୂଳୋତ୍ପାଟନ କରି ବ୍ୟକ୍ତିକୁ ଶାଶ୍ୱତ ଶାନ୍ତି ପ୍ରଦାନ କରେ ।

ଅଜ୍ଞାନ

କେତେକ ବୈଜ୍ଞାନିକ ଏବଂ କେତେକ ତଥାକଥିତ ଶିକ୍ଷିତ ଲୋକଙ୍କର ବିଶ୍ୱାସ ଯେ, ବିଜ୍ଞାନ ସକଳ ଘଟଣାର ରହସ୍ୟ ବିଶ୍ଳେଷଣ କରିଦେଇ ପାରିବ; ବିଜ୍ଞାନ ବିଶ୍ୱର ସମସ୍ତ ପ୍ରହେଳିକା ତଥା ଜୀବନର ସମସ୍ତ ସମସ୍ୟାର ସମାଧାନ କରିଦେଇ ପାରିବ । ପୁଣି ସେମାନେ ଭାବନ୍ତି ଯେ, ସତ୍ୟ ନିର୍ଦ୍ଧାରଣ ନିମନ୍ତେ ବୈଜ୍ଞାନିକ ପ୍ରଣାଳୀ ହିଁ ଏକମାତ୍ର ପ୍ରଣାଳୀ ଏବଂ ବୈଜ୍ଞାନିକ ପଦ୍ଧତିରେ ତାଲିମ୍ ନେଲେ ହିଁ, ବିଜ୍ଞାନ ଅଧ୍ୟୟନ କଲେ ହିଁ ମଣିଷର ଚରିତ୍ର ସୁଗଠିତ ହୋଇପାରିବ । ଫଳରେ ସେମାନେ ନୈତିକ ଶୃଙ୍ଖଳା, ଚରିତ୍ରବତ୍ତା ଓ ଧର୍ମକୁ ସମ୍ପୂର୍ଣ୍ଣ ଅବଜ୍ଞା କରନ୍ତି; ସେମାନଙ୍କ ଦୃଷ୍ଟିରେ ଧର୍ମର ସ୍ଥାନ ବହୁ ନିମ୍ନରେ ।

ଥରେ ଜଣେ ବୈଜ୍ଞାନିକ ମୋ ପାଖକୁ ଆସି କହିଲେ, "ଉପନିଷଦ ଓ ବ୍ରହ୍ମସୂତ୍ର ବୈଜ୍ଞାନିକ ପ୍ରଣାଳୀରେ ଲେଖାଯାଇ ନାହିଁ; ତେଣୁ ମୁଁ ଏହି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଏକ ବୈଜ୍ଞାନିକ ଦୃଷ୍ଟିପାତ କରୁଛି ।" ତାଙ୍କ କଥା ଶୁଣି ମୋତେ ହସ ମାଡ଼ିଲା । କହିଲି "ହେ ବୈଜ୍ଞାନିକ ବନ୍ଧୁପ୍ରବର, ପ୍ରତ୍ୟେକଟି ଉପନିଷଦ ଗୋଟିଏ ଗୋଟିଏ ଈଶ୍ୱରାଦେଶ । ବ୍ରହ୍ମବିଦ୍ୟା ଏକ ଗୁହ୍ୟ ବିଷୟ । ଆତ୍ମା ତୁରୀୟ । ପରମାତ୍ମାଙ୍କ ନିକଟକୁ ପରୀକ୍ଷାନଳୀ ଓ ସ୍ପିରିଟଦୀପ ନେଇହେବ ନାହିଁ । ବୈଜ୍ଞାନିକର ସିଦ୍ଧାନ୍ତ ପରମେଶ୍ୱରଙ୍କ ରାଜ୍ୟରେ ପହଞ୍ଚି ନ ପାରେ ବୈଜ୍ଞାନିକର ସିଦ୍ଧାନ୍ତଗୁଡ଼ିକ ଏକଦେଶଦର୍ଶୀ, କାରଣ ବୈଜ୍ଞାନିକ, ତାର ପରୀକ୍ଷା ଓ ତାର ସିଦ୍ଧାନ୍ତ କେବଳ ଜାଗ୍ରତ ଅବସ୍ଥା ମଧ୍ୟରେ ଆବଦ୍ଧ । ତେଣୁ ବୈଜ୍ଞାନିକର ଅନୁଭୂତି ଏକ ଆପେକ୍ଷିକ ଅନୁଭୂତି ।" ମୋ କଥା ଶୁଣି ବୈଜ୍ଞାନିକ ବିଚରାଙ୍କ ପାଟିରୁ କଥା ବାହାରିଲା ନାହିଁ । ଲଜ୍ଜାରେ ମୁଣ୍ଡ ତଳକୁ କରିଦେଇ ସେ ବିଦାୟ ନେଇଗଲେ ।

ଅନ୍ଧମାନେ କିପରି ହାତୀ ଦେଖିଲେ, ତାହା ଆପଣ ଶୁଣିଥିବେ । ତିନିଜଣ ଅନ୍ଧ ଜାଣିଲେ ହାତୀଟା କିପରି, ତାହା ଠିକିରେଇବାକୁ ଗଲେ । ଜଣେ ଅନ୍ଧ ହାତୀର ଗୋଡ଼ଟାକୁ ଅଣ୍ଡାଳି ପକାଇ କହିଲା, ହାତୀଟା ଗୋଟାଏ ମୋଟା ଖମ୍ବପରି ।" ଅନ୍ୟ ଜଣେ ତା କାନରେ ହାତ ପକାଇଦେଇ କହିଲା, "ଆରେ ହାତୀଟା ଗୋଟାଏ ବଡ଼ କୁଲାରେ !" ତୃତୀୟ ଅନ୍ଧ ହାତୀର ପେଟ ଅଣ୍ଡାଳି ଅଣ୍ଡାଳି କହିଲା, "ନା, ନା,

ହାତୀଟା ଗୋଟାଏ ଖୁବ୍ ବଡ଼ ହାଣ୍ଡି ।" ବୈଜ୍ଞାନିକର ଅବସ୍ଥା ମଧ୍ୟ ସେହି ଅନ୍ଧ-ମାନଙ୍କପରି । ସେ ଏହି ସ୍ଥୂଳଜଗତ ବିଷୟରେ କେତେକ ଆବିଷ୍କାର କରି ପରମାଣୁ ଶକ୍ତି ଓ ପଦାର୍ଥବିଦ୍ୟା ସମ୍ବନ୍ଧରେ ତଥା ଭୌତିକ ବସ୍ତୁମାନଙ୍କ ସମ୍ବନ୍ଧରେ କେତେକ ନୀତିନିୟମ ବତାଇଛି । ତାର ବୁଝିବା ଉଚିତ ଯେ, ତାର ଜ୍ଞାନ କେବଳ ଗୋଟିଏ ପରିମାପ, ଗୋଟିଏ ଅବସ୍ଥା ମଧ୍ୟରେ ସୀମାବଦ୍ଧ । ସେ ସ୍ୱପ୍ନାବସ୍ଥା ଓ ସୁଷୁପ୍ତି ଅବସ୍ଥା ବିଷୟରେ ଅଜ୍ଞ । ତାର ସର୍ବବ୍ୟାପକ ଜ୍ଞାନ ନାହିଁ । କେବଳ ବେଦାନ୍ତର ହିଁ ସକଳ ବିଷୟରେ, ସକଳସ୍ଥିତି ସମ୍ପର୍କରେ ପୂର୍ଣ୍ଣଜ୍ଞାନ ରହିଛି ।

ମନୁଷ୍ୟର ଆରାମପ୍ରିୟ ସ୍ୱଭାବ — ବିବିଧ ଆଧୁନିକ ଉଦ୍ଭାବନ ଫଳରେ ଜୀବନରେ ଐହିକ ଆରାମ ସହଜଲଭ୍ୟ ହୋଇଗଲାଣି ଏବଂ ମନୁଷ୍ୟ ଅପେକ୍ଷାକୃତ ଅଧିକ ଉଦ୍ୟମବିହୀନ ଜୀବନଯାପନର ସୁଯୋଗ ପାଇଲାଣି । ଏହା ଫଳରେ ଆରାମପ୍ରିୟ ମଣିଷ ଜୀବନରେ ଧର୍ମର ମୂଲ୍ୟପ୍ରତି ନିତାନ୍ତ ଅବଜ୍ଞା ପ୍ରକାଶ କରିବା ସଙ୍ଗେ ସଙ୍ଗେ ପାର୍ଥିବ ସଭ୍ୟତାକୁ ଅଧିକ ମୂଲ୍ୟ ଦେଉଛି । କିନ୍ତୁ ଭୌତିକ ବିଜ୍ଞାନର ସମ୍ପୂର୍ଣ୍ଣ ବସ୍ତୁନିଷ୍ଠ ବୈଷୟିକ ଲକ୍ଷ୍ୟ ତଥା ପ୍ରଣାଳୀ ଉପରେ ଯେ ଆସ୍ଥା ସ୍ଥାପନ କରାଯାଇ ନ ପାରେ, ତାହା ସ୍ପଷ୍ଟଭାବରେ ପ୍ରମାଣିତ ହୋଇସାରିଛି । ନିଜ ବ୍ୟବହାରରେ ଲଗାଇବା ନିମନ୍ତେ ପ୍ରକୃତିର ବିଭିନ୍ନ ଗୁପ୍ତ ଭଣ୍ଡାରରୁ ସମ୍ପଦ ସଂଗ୍ରହପାଇଁ ମନୁଷ୍ୟର ସକଳ ବ୍ୟସ୍ତତା, ସମସ୍ତ କଠିନ ପ୍ରୟାସ ସତ୍ତ୍ୱେ ମନୁଷ୍ୟ ଯେ ଆଜି ପୂର୍ବାପେକ୍ଷା ଅଧିକ ସୁଖୀ ହୋଇପାରି ନାହିଁ, ସମାଜ ଯେ ଆଜି ପ୍ରକୃତରେ ଉତ୍କୃଷ୍ଟତର ହୋଇ ପାରି ନାହିଁ, ତାହା ମନୁଷ୍ୟର ଅନୁଭୂତିରୁ ତଥା ତା'ର ଜୀବନର ବିଭିନ୍ନ ପ୍ରାତ୍ୟହିକ ଘଟଣାବଳୀରୁ ସ୍ପଷ୍ଟ ହୋଇଯାଉଛି । ସୁଖ କାହିଁ ? ସନ୍ତୋଷ କାହିଁ ? ଶାନ୍ତି କାହିଁ ?

ବସ୍ତୁର ତୁରୀୟ ସ୍ତରର, ସୂକ୍ଷ୍ମ ସ୍ତରର ସ୍ଥିତି କଣ, ତାହା ଅନୁଧ୍ୟାନ କରିବାକୁ ବିଜ୍ଞାନ ଓ ତାର ବିବିଧ ପ୍ରଣାଳୀ ଯେ ଅପ୍ରଚୁର, ତାହା ଆଜିର କେତେକ ବିଜ୍ଞ ବୈଜ୍ଞାନିକ ପୂର୍ଣ୍ଣଭାବରେ ହୃଦୟଙ୍ଗମ କରିସାରିଛନ୍ତି । ଆଧ୍ୟାତ୍ମିକ ଜଗତରେ ବାସ୍ତବତା ପ୍ରଦର୍ଶନ କରୁଥିବା ଜ୍ଞାନପଥ ସେମାନଙ୍କପାଇଁ ସମ୍ପୂର୍ଣ୍ଣ ରୁଦ୍ଧ । ଉକ୍ତ ବୈଜ୍ଞାନିକଗଣ ଏକଥା ବି ସ୍ୱୀକାର କରନ୍ତି ଯେ, ଅବିକଶିତ ମାନବପ୍ରକୃତିର ପୁନର୍ବିକାଶ କରିବାକୁ ବିଜ୍ଞାନ ଅସମର୍ଥ ଏବଂ ଜୀବନର ଚରମଲକ୍ଷ୍ୟ, ପରମସୁଖ ପ୍ରଦାନ କରିବାକୁ ବିଜ୍ଞାନର କୌଣସି ଯୋଗ୍ୟତା ନାହିଁ ।

ବିଜ୍ଞାନ ଆମର କଣ କରିଛି ?— ବୈଜ୍ଞାନିକ ଉଦ୍ଭାବନ ଆମ୍ଭମାନଙ୍କୁ ପ୍ରକୃତରେ ସୁଖୀ କରାଇପାରିବ କି ? ଆଜି ଏହା ଏକ ବିରାଟ ପ୍ରଶ୍ନ । ସତରେ ବିଜ୍ଞାନ ଆମର କଣ କରିଛି ?

ବିଜ୍ଞାନ ଆଜି ସମୟ ଓ ଦୂରତାର ସମସ୍ୟା ଦୂର କରିଦେଇଛି । ଆଜି ଆପଣ ଅଳ୍ପ କେତେଘଣ୍ଟା ଭିତରେ ଯାଇ ଲଣ୍ଡନରେ ପହଞ୍ଚିପାରୁଛନ୍ତି । ଏହା କି ବିସ୍ମୟକର କଥା ନୁହେଁ ସତେ ! ପୃଥିବୀ ଆଜି ଅତି କ୍ଷୁଦ୍ର ହୋଇଯାଇଛି । କିନ୍ତୁ ବିଜ୍ଞାନ ମଣିଷକୁ ସୁଖ ଦେବା ଦିଗରେ କିଛି କରିପାରିଛି କି ? ଏ ପ୍ରଶ୍ନ ହେଲେ, 'ନା ନା' ବୋଲି ନିଶ୍ଚିତ ନାସ୍ତିସୂଚକ ଉତ୍ତର ହିଁ ମିଳିବ । ବିଜ୍ଞାନ ଜୀବନକୁ ବିଳାସବହୁଳ କରିବାର ପ୍ରୟାସ କରି ମଣିଷକୁ ଅଭାବଗ୍ରସ୍ତ କରିଦେଇଛି । ଆଜିର ବିଳାସ କାଲିର ଅତ୍ୟାବଶ୍ୟକତାରେ ପରିଣତ ହୋଇ ଯାଉଛି । ଫଳରେ ମଣିଷ ଆଜି ଭିକାରିରେ ପରିଣତ ହୋଇଯାଇଛି ।

ବିଜ୍ଞାନ ବହୁ ଚମତ୍କାର ବିଷୟ ଉଦ୍ଭାବନ କରିଛି । ଆହୁରି ବହୁ ବିଷୟ ଉଦ୍ଭାବନ କରିବାକୁ ବୈଜ୍ଞାନିକମାନେ ଦିନରାତି ସେମାନଙ୍କର ବିଜ୍ଞାନଶାଳାରେ କାମ କରୁଛନ୍ତି । କିନ୍ତୁ ବିଜ୍ଞାନ ଆମ ଜୀବନକୁ ଅତ୍ୟନ୍ତ ଜଟିଳ କରିସାରିଲାଣି ଏବଂ ଆମର ଜୀବନସଂଗ୍ରାମକୁ ଅତି ତୀବ୍ର କରିଦେଲାଣି । ମନର ବ୍ୟସ୍ତତାକୁ ଯେ ଅନେକ ବଢ଼ାଇ ଦେଲାଣି । ଅଥଚ ମଣିଷକୁ ଶାନ୍ତି ପ୍ରଦାନ କରିବା ଦିଗରେ ବିଜ୍ଞାନର କୌଣସି ଅବଦାନ ନାହିଁ । ଏ କଥା ଯେ ନିରାଟ ସତ୍ୟ, ଏହା ଆଜି ସମସ୍ତେ ସ୍ୱୀକାର କରୁଛନ୍ତି ।

ବୈଜ୍ଞାନିକମାନେ ଏହି ବିଂଶ ଶତାବ୍ଦୀରେ ବିରାଟ ପ୍ରଗତି କରିପାରିଛନ୍ତି । ପରମାଣୁ ବୋମା ଆଜି ଆଖି ପିଛୁଳାକେ ଏକ ବିରାଟ ଦେଶକୁ ଧ୍ୱଂସସ୍ତୂପରେ ପରିଣତ କରିଦେଇପାରିବ । ରେଡିଓ, ଟେଲିଫୋନ, ଟେଲିପାଥି, ଟେଲିଭିଜନ, ଗ୍ଲାଇଡର ବିହୀନ ଉଡ଼ାଜାହାଜ, ମାଇନ, ଟ୍ୟାଙ୍କ୍, ପକେଟ ରେଡିଓ, ଫାଉଣ୍ଟେନ କଲମ ଓ ସିଗାରେଟର ବୋମା, ଭୂତଳନଗର, ସାଫ୍ଟ, ଭି ବୋମା, ବିଭିନ୍ନ ପ୍ରକାରର ଯୁଦ୍ଧଜାହାଜ, ବୋମାପକା ଜାହାଜ, କ୍ଷେପଣାସ୍ତ୍ର ଓ ଆକାଶଯାନ ଧ୍ୱଂସକାରୀ ଅସ୍ତ୍ର, ଗ୍ୟାସ ବୋମା, ଟର୍ପେଡ଼ୋ, ବୁଡ଼ାଜାହାଜ ଓ ମହାକାଶଯାନ ପ୍ରଭୃତି ପ୍ରତ୍ୟେକଟି ଉଦ୍ଭାବନ ମନୁଷ୍ୟକୁ ବିସ୍ମୟବିହ୍ୱଳ କରିଦିଏ । କିନ୍ତୁ ବୈଜ୍ଞାନିକମାନେ ମନୁଷ୍ୟର ନୈତିକମାନର କୌଣସି ଉନ୍ନତି କରିପାରି ନାହାନ୍ତି । ମନୁଷ୍ୟ ସମାଜର ବେକାର ସମସ୍ୟା, ଦାରିଦ୍ର୍ୟ, ଯୁଦ୍ଧ ଓ ଅନାହାରର ସମସ୍ୟା ତଥା ଦେଶ ଦେଶ, ଜାତି ଜାତି ସରକାର ସରକାର ମଧ୍ୟରେ ଉପୁଜୁଥିବା ଅନୈକ୍ୟ ଜନମତ ସମସ୍ୟାର ସମାଧାନ ଦିଗରେ ବୈଜ୍ଞାନିକମାନେ କୌଣସି ସାହାଯ୍ୟ କରିପାରିନାହାନ୍ତି ।

ବୈଜ୍ଞାନିକମାନେ ମନୁଷ୍ୟ ଶରୀରକୁ ବିଶ୍ଳେଷଣ କରିଦେଇପାରିଛନ୍ତି । ବିଭିନ୍ନ ରାସାୟନିକ ପଦାର୍ଥର ଏକ ଯୌଗିକ ସମନ୍ୱୟରେ କାଲେ ମନୁଷ୍ୟ ନାମକ

ଜୀବଟିଏ ଗଢ଼ାହୋଇଛି । ତଥାପି କୌଣସି ବୈଜ୍ଞାନିକ ମନୁଷ୍ୟ ଶରୀର ଗଠିଥିବା ରାସାୟନିକ ଉପାଦାନଗୁଡ଼ିକ ଏକାଠି କରି ଏକ ସମତନ୍ତ୍ର ଜୀବ ଗଢ଼ିପାରି ନାହାନ୍ତି, ଯେ କି ମନୁଷ୍ୟପରି ବଞ୍ଚି ରହି କଥାବାର୍ତ୍ତା କରିପାରିବ ଓ କାର୍ଯ୍ୟ କରିପାରିବ ।

ବୈଜ୍ଞାନିକ ତାର ବିଜ୍ଞାନଶାଳାରେ ପାରମାଣବିକ ବିଘଟନ ଘଟାଇ ଇଲେକ୍ଟ୍ରନମାନଙ୍କର ଗତିବିଧି ନିରୀକ୍ଷଣ କରି ଜୀବନସାରା ପଦାର୍ଥ ଓ ଶକ୍ତିର ସ୍ୱଭାବ ତଥା ରହସ୍ୟ ବିଷୟ ଅଧ୍ୟୟନ କରେ । ବହୁବିଧ ଉଦ୍ଭାବନ କରେ, ଭୌତିକ ପ୍ରକୃତିର ବିବିଧ ନୀତିନିୟମ ଅଧ୍ୟୟନ କରେ । କିନ୍ତୁ ଏତେ ସତ୍ତ୍ୱେ ସେ ସୃଷ୍ଟି ବା ସ୍ରଷ୍ଟାଙ୍କର ନିଗୂଢ଼ ରହସ୍ୟ ଭେଦ କରିପାରେ ନାହିଁ, କି ଜୀବନର ତାତ୍ପର୍ଯ୍ୟ ଯେ କଣ, ତାହା ହୃଦୟଙ୍ଗମ କରିପାରେ ନାହିଁ ।

ବିଜ୍ଞାନ ତ୍ରୁଟିପୂର୍ଣ୍ଣ— ବୈଜ୍ଞାନିକମାନେ ବାହ୍ୟ ଜଗତର ଅଧ୍ୟୟନ ନେଇ ଅତ୍ୟନ୍ତ ବ୍ୟସ୍ତ । ଅନ୍ତର୍ଜଗତର ଅଧ୍ୟୟନ ବିଷୟ ସେମାନେ ସମ୍ପୂର୍ଣ୍ଣ ଭାବରେ ଭୁଲି ଯାଇଛନ୍ତି । ବିଜ୍ଞାନ କେବଳ ପରିଦୃଶ୍ୟମାନ ବାହ୍ୟଜଗତର ଜ୍ଞାନ ପ୍ରଦାନ କରେ; ପରିଦୃଶ୍ୟମାନ ଜଗତର ଅନ୍ତରାଳରେ ଯେଉଁ ବାସ୍ତବତା, ଯେଉଁ ଚିରନ୍ତନ ସତ୍ୟ ରହିଛି, ସେହି ବିଷୟରେ କୌଣସି ଜ୍ଞାନ ପ୍ରଦାନ କରିପାରେ ନାହିଁ । ଜଗତର ଚରମ ଉପାଦାନ କଣ ? ମୁଁ କିଏ ? ଶେଷ ସତ୍ୟ କଣ ? —ଇତ୍ୟାଦି ଯେଉଁ ଅନ୍ତିମ ପ୍ରଶ୍ନ ସକଳ ରହିଛି, ସେସବୁର କୌଣସି ସମାଧାନ ଦେବାକୁ ବିଜ୍ଞାନ ସମର୍ଥ ହୋଇପାରି ନାହିଁ ।

ବିଜ୍ଞାନ କହେ, ପ୍ରତ୍ୟେକ ବସ୍ତୁର ଅନ୍ତିମ ଲକ୍ଷ୍ୟ ଯେ କଣ, ତାହା ଜ୍ଞାନର ବହିର୍ଭୂତ; ତାହା ଅଜ୍ଞାତ । କିନ୍ତୁ ବେଦାନ୍ତ ଶିକ୍ଷା ଦିଏ ଯେ, ସମସ୍ତଙ୍କର ଅନ୍ତିମ ଲକ୍ଷ୍ୟ ହେଉଛନ୍ତି ବ୍ରହ୍ମ ବା ଅନନ୍ତ ଏବଂ ଶ୍ରବଣ, ଚିନ୍ତନ ଓ ଧ୍ୟାନ ବଳରେ ସେହି ଲକ୍ଷ୍ୟ ଲାଭ କରିହେବ ।

ବୈଜ୍ଞାନିକର ଜ୍ଞାନ ସୀମାବଦ୍ଧ । ସେହି ଜ୍ଞାନ କେବଳ ବାହ୍ୟ ଜ୍ଞାନ । ତାହା ସତ୍ୟର ପ୍ରକୃତ ଜ୍ଞାନ ନୁହେଁ । ବୈଜ୍ଞାନିକମାନେ ସେମାନଙ୍କ ଜ୍ଞାନ ଲାଭ ପାଇଁ ବାହାରର ଯନ୍ତ୍ର, ଯବକାଚ ଇତ୍ୟାଦି ଉପରେ ନିର୍ଭର କରନ୍ତି । ଆଜିର ବୈଜ୍ଞାନିକ ତତ୍ତ୍ୱ କାଲିର ବୈଜ୍ଞାନିକ ତତ୍ତ୍ୱକୁ ଖଣ୍ଡନ କରିଦେଉଛି । ତେଣୁ ଯୋଗୀ-ଋଷିମାନଙ୍କର ଆତ୍ମାସମ୍ବନ୍ଧୀୟ ଜ୍ଞାନପରି ବୈଜ୍ଞାନିକର ଜ୍ଞାନ ନିର୍ଭୁଲ ଓ ନିରାଟ ସତ୍ୟ ନୁହେଁ ।

ଜଡ଼ ପଦାର୍ଥ ଓ ଆତ୍ମା— ବିଜ୍ଞାନର ଦୋଷଦୁର୍ବଳତା ରହିଛି । ଅତୀନ୍ଦ୍ରିୟ ବା ଆଧ୍ୟାତ୍ମିକ ତଥ୍ୟ ସଂଗ୍ରହ କରିବାଲାଗି ଅର୍ଥାତ୍ ଅଦୃଶ୍ୟ ଅବସ୍ଥାରେ ଯେଉଁସବୁ

ନିଗୁଢ଼ ଦିବ୍ୟସତ୍ୟ ରହିଛି, ସେସବୁ ସଂଗ୍ରହ କରିବାକୁ ବିଜ୍ଞାନର କୌଣସି ଯନ୍ତ୍ର ବା ଉପାୟ ନାହିଁ । ଜାଗରଣ, ସ୍ୱପ୍ନ ଓ ସୁଷୁପ୍ତି—ଏହି ତିନିଟିଯାକ ସ୍ଥିତିର ଅନୁଭୂତି ପ୍ରକୃତ ଅନୁଭୂତିର ଅନ୍ତର୍ଭୁକ୍ତ । ବେଦାନ୍ତୀ ଏହି ତିନିଟିଯାକ ସ୍ଥିତି ଅନୁଶୀଳନ କରେ । ସେ ସୁଷୁପ୍ତି ସ୍ଥିତିରୁ ଅପେକ୍ଷାକୃତ ଅଧିକ ବାସ୍ତବଜ୍ଞାନ ଆହରଣ କରେ । ସୁଷୁପ୍ତି ସ୍ଥିତିର ଅନୁଶୀଳନରୁ ହିଁ ସେ ଏକ ଚତୁର୍ଥ ସ୍ଥିତି ଅର୍ଥାତ୍ ତୁରୀୟ ସ୍ଥିତିର ଅସ୍ତିତ୍ୱ ସମ୍ବନ୍ଧରେ ସୂଚନା ପାଏ ।

ଜଡ଼ବିଜ୍ଞାନର ଯେଉଁ କ୍ଷେତ୍ର ରହିଛି, ଆତ୍ମା ସେହି କ୍ଷେତ୍ରର ବାହାରେ । ଆତ୍ମା ଜଡ଼ବିଜ୍ଞାନର ସ୍ପର୍ଶାତୀତ । ମନୁଷ୍ୟ ହେଉଛି ଏକ ସ୍ଥୂଳଶରୀରଧାରୀ ଆତ୍ମା । ଆତ୍ମା ଅତ୍ୟନ୍ତ ସୂକ୍ଷ୍ମ—ଇଥର ମନ ଓ ଶକ୍ତିଠାରୁ ମଧ୍ୟ ଅଧିକ ସୂକ୍ଷ୍ମ । ଚେତନା ଓ ବୁଦ୍ଧି ଆତ୍ମାର ଅଙ୍ଗ ; ସେ ଦୁଇଟି ଶରୀରର ଅଂଶ ନୁହନ୍ତି । ଚେତନା ହେଉଛି ଆତ୍ମାର ଅସ୍ତିତ୍ୱର ସାକ୍ଷୀ । ଆତ୍ମା ହେଉଛି ମନୁଷ୍ୟ ଶରୀରର ଅମର ଅଂଶ ।

ବିଜ୍ଞାନ ହେଉଛି ସଂଗୃହୀତ ତଥ୍ୟର ବିଧିବଦ୍ଧ ଅଧ୍ୟୟନ । ନିରୀକ୍ଷଣ କରି ସଂଗ୍ରହ କରାଯାଇଥିବା ତଥ୍ୟ ବା ପରିଲକ୍ଷିତ ତଥ୍ୟକୁ ସେମାନେ ଏକ ପଦ୍ଧତିରେ ସଂଶ୍ଳିଷ୍ଟ କରିଦିଅନ୍ତି । ସୁତରାଂ ଯେଉଁସବୁ ତଥ୍ୟ ବିଜ୍ଞାନସମ୍ମତ ତଥ୍ୟ, ସେସବୁ ଇନ୍ଦ୍ରିୟ ଉପଲବ୍ଧ ତଥ୍ୟ । କିନ୍ତୁ ଇନ୍ଦ୍ରିୟ ଉପଲବ୍ଧ ଜ୍ଞାନ ମିଥ୍ୟାଜ୍ଞାନ । ସ୍ୱଜ୍ଞା ହିଁ ପ୍ରକୃତ ଜ୍ଞାନ । ସ୍ୱଜ୍ଞାଲବ୍ଧ ଜ୍ଞାନ ହିଁ ଶ୍ରେଷ୍ଠତମ ଜ୍ଞାନ । ତାହା ହେଉଛି ସତ୍ୟର ଅକ୍ଷୟ ଅନନ୍ତ ଜ୍ଞାନ ।

ବୈଜ୍ଞାନିକ ବହିର୍ମୁଖୀ ଚିନ୍ତାଧାରା ନେଇ କାର୍ଯ୍ୟ କରେ । ସେ ପରମାଣୁ ବିଭାଜନ କରେ । କିନ୍ତୁ ସେ ଭିତରେ ସେ ଶୁଦ୍ଧ ଚୈତନ୍ୟ ଦେଖିବାକୁ ପାଏ ନାହିଁ । ତେଣୁ ତାକୁ ଇନ୍ଦ୍ରିୟ ପ୍ରତ୍ୟାହାର କରି ନିଜର ଅନ୍ତରାତ୍ମାରେ ନିବାସ କରିବାକୁ ପଡ଼ିବ । ତାକୁ ଗଭୀରଭାବରେ ବ୍ରହ୍ମଚେତନାରେ ନିମଜ୍ଜିତ ହୋଇଯିବାକୁ ପଡ଼ିବ ।

ବିଜ୍ଞାନ ଓ ଧର୍ମ— ବିଜ୍ଞାନ ଧର୍ମର ଶତ୍ରୁ ନୁହେଁ, ବରଂ ବିଜ୍ଞାନ ହେଉଛି ଧର୍ମ ନିମନ୍ତେ ଏକ ପ୍ରସ୍ତୁତି ।

ବିଜ୍ଞାନ ଧର୍ମର କୌଣସି ଶତ୍ରୁ ନୁହେଁ । ବିଜ୍ଞାନ ହେଉଛି କେବଳ ଅନ୍ଧ ବିଶ୍ୱାସର ଶତ୍ରୁ । ଉଭୟ ବିଜ୍ଞାନ ଓ ଧର୍ମ ସତ୍ୟାନୁସନ୍ଧାନରେ ବ୍ରତୀ । ଉଭୟଙ୍କର ମନୋଭାବ ମଧ୍ୟ ବସ୍ତୁତଃ ଏକ । କିନ୍ତୁ ସେମାନଙ୍କର ପ୍ରୟୋଗକ୍ଷେତ୍ର ଭିନ୍ନ ଭିନ୍ନ । ରାଜଯୋଗ ହେଉଛି ଏକ ନିଶ୍ଚିତ ପ୍ରମାଣଯୋଗ୍ୟ ବିଜ୍ଞାନ । ରାଜଯୋଗର ପ୍ରଣାଳୀ

ଅତ୍ୟନ୍ତ ବୈଜ୍ଞାନିକ । ତେଣୁ ବୈଜ୍ଞାନିକମାନେ ଜଣେ ଜଣେ ବାସ୍ତବିକ ରାଜଯୋଗୀ । ବିଜ୍ଞାନ ଓ ଧର୍ମ ମଧ୍ୟରେ ଯେ ଏକ ମଧୁର ସମ୍ପର୍କ ରହିଛି, ତାହା ବୁଦ୍ଧ, ମୁନି, ଋଷି ଓ ଯୋଗୀଗଣ ସ୍ୱୀକାର କରିଯାଇଛନ୍ତି । ବିଜ୍ଞାନ ଧର୍ମକୁ ପରିତ୍ୟାଗ କରିଦେଉଥିବା କାରଣରୁ ହିଁ ଯାବତୀୟ ଦ୍ୱନ୍ଦ୍ୱ ଓ ଭୁଲ ବୁଝାମଣା ସୃଷ୍ଟି ହେଉଛି । ବିଜ୍ଞାନ ହେଉଛି ସତ୍ୟାନୁସନ୍ଧାନ ନିମନ୍ତେ ବାହ୍ୟିକ ସ୍ଥୂଳ ପ୍ରକୃତିରେ ବା ସୃଷ୍ଟିରେ ନିୟୋଜିତ ଧର୍ମ । ଧର୍ମ ହେଉଛି ସୃଷ୍ଟିର ସକଳବସ୍ତୁର ଅନ୍ତରାଳରେ ରହିଥିବା ସେହି ଅନନ୍ତ ଶକ୍ତି, ସେହି ଭୂମା ପୁରୁଷ, ସେହି ପରମସତ୍ୟ ସ୍ରଷ୍ଟାଙ୍କୁ ଲାଭ କରିବା ଉଦ୍ଦେଶ୍ୟରେ ନିୟୋଜିତ ବିଜ୍ଞାନ ।

ପ୍ରପଞ୍ଚମୟ ଜଗତକୁ ପର୍ଯ୍ୟବେକ୍ଷଣ କରି ବିଜ୍ଞାନ ବ୍ୟାଖ୍ୟା କରେ ଯେ, ଶକ୍ତି ହିଁ ସକଳ ବସ୍ତୁର ପରମକାରଣ । ଧର୍ମ ବ୍ୟାଖ୍ୟା କରେ ଯେ, ଆତ୍ମା ହେଉଛନ୍ତି ପରମ-କାରଣ । ବିଜ୍ଞାନ ବିଶ୍ଳେଷଣ କରି, ସଂଶ୍ଳେଷଣ କରି ପ୍ରପଞ୍ଚର ବ୍ୟାଖ୍ୟା କରେ । କିନ୍ତୁ ବ୍ରହ୍ମବିଦ୍ୟା ଶିକ୍ଷା ଦିଏ, ପ୍ରପଞ୍ଚକୁ ଅତିକ୍ରମ କରିଯାଅ ଏବଂ ଅମରତ୍ୱ ଲାଭ କର ।

ସତ୍ୟର ସାନିଧ୍ୟ ଲାଭ ନିମନ୍ତେ ବିଜ୍ଞାନ ଓ ଧର୍ମର ଯେଉଁ ଦ୍ୱିବିଧ ମାର୍ଗ ରହିଛି, ସେହି ମାର୍ଗଦ୍ୱୟ ପରସ୍ପରର ବିରୋଧୀ ନୁହନ୍ତି ବରଂ ସେମାନେ ପରସ୍ପରର ପରିପୂରକ । ଧର୍ମ ଓ ବିଜ୍ଞାନ ଦୁଇଟି ଯାଆଁଳା ଭାଇପରି । ସେମାନେ ପରସ୍ପର ସହିତ ମଧୁର ସମ୍ପର୍କ ରକ୍ଷା କରି, ପରସ୍ପରକୁ ସାହାଯ୍ୟ କରି ସତ୍ୟବ୍ରତ ଜୀବନଯାପନ କରିବା ସଙ୍ଗେ ସଙ୍ଗେ ସତ୍ୟାନୁସନ୍ଧାନରେ ବ୍ରତୀ ହେବା ଉଚିତ ।

ବିଜ୍ଞାନକୁ ତଥ୍ୟ ଉପରେ ନିର୍ଭର କରିବାକୁ ପଡ଼ିବ, ଧର୍ମର ଆଧାର ହେଉଛି ନୈତିକମୂଲ୍ୟ । ବିଜ୍ଞାନ ଯେଉଁଠାରେ ଶେଷ ହୋଇଯାଏ, ଧର୍ମର ପ୍ରାରମ୍ଭ ହୁଏ ସେହିଠାରୁ । ବିଜ୍ଞାନ ପୁଙ୍ଖାନୁପୁଙ୍ଖ ପର୍ଯ୍ୟବେକ୍ଷଣ କରି ଯେଉଁ ସତ୍ୟ ପ୍ରକାଶ କରେ, ତାହା ମନୁଷ୍ୟକୁ ଈଶ୍ୱରଙ୍କର ନିକଟତର କରାଇଦିଏ । ଇଲେକ୍ଟ୍ରନ୍-ମାନଙ୍କୁ ଶକ୍ତି ଦେଲା କିଏ ? ଇଲେକ୍ଟ୍ରନମାନେ କାହା ଉପରେ ଆଧାରିତ ? ଯେଉଁ ଶକ୍ତି ଦୁଇଭାଗ ଯବକ୍ଷାରଜାନ ସହିତ ଏକଭାଗ ଅମ୍ଳଜାନ ସମ୍ମିଳିତ କରାଇଦେଲା, ସେହି ଶକ୍ତିଟି କିଏ ? ପ୍ରକୃତିର ନୀତିନିୟମସବୁ ଗଢ଼ିଲା କିଏ ? ପ୍ରକୃତି ତ ଅନ୍ଧ । ଯେଉଁ ଚିତ୍‌ଶକ୍ତିବଳରେ ପ୍ରକୃତି ସଂଚାଳିତ ହେଉଛି, ସେହି ଚିତ୍‌ଶକ୍ତିଟି କିଏ ? ସମସ୍ତ ପ୍ରକୃତିର ମୁଖ୍ୟ ସଂଚାଳକ କିଏ ? କେବଳ ଭୌତିକ ଶକ୍ତି ଓ ଭୌତିକ ବିଜ୍ଞାନର ନୀତିନିୟମ ଅଧ୍ୟୟନ କରିବା, କେବଳ ମାନସିକ ଶକ୍ତି ଓ ମନସ୍ତତ୍ତ୍ୱର ନୀତିନିୟମ ହୃଦୟଙ୍ଗମ କରିବା ଆମ ପକ୍ଷରେ ଯଥେଷ୍ଟ ହେବ ନାହିଁ; ସେଥିକରେ ଆମର ପୂର୍ଣ୍ଣତା ଆସିପାରିବ ନାହିଁ । ଯେତେସବୁ ନାମ, ଯେତେସବୁ

ରୂପ, ଯେତେସବୁ ଭୌତିକ ବା ମାନସିକ ଦୃଶ୍ୟ ଜଗତରେ ରହିଛି, ଆମକୁ ସେସବୁର ମୂଳାଧାର ବିଷୟରେ ପ୍ରାଞ୍ଜଳ ଜ୍ଞାନ ଅର୍ଜନ କରି ତାର ସାକ୍ଷାତଲାଭ କରିବାକୁ ପଡ଼ିବ । ତା' ହେଲେ ଯାଇ ଆମେ ପୂର୍ଣ୍ଣଜ୍ଞାନର ଅଧିକାରୀ ହୋଇପାରିବୁ । ପୂର୍ଣ୍ଣ ବିକଶିତ ସୁଦକ୍ଷ ପୁରୁଷ ଅର୍ଥାତ୍ ଅର୍ହତ ବା ବୁଦ୍ଧ ହୋଇପାରିବୁ ।

ମନ ଓ ବୁଦ୍ଧି ହେଉଛନ୍ତି ଗୋଟିଏ ଗୋଟିଏ ସସୀମ ସଗୁଣ ସାଧନ । ସେମାନେ ଅସୀମ ନିର୍ଗୁଣବ୍ରହ୍ମର ସନ୍ଧାନ ପାଇପାରିବେ ନାହିଁ । ତେଣୁ ସତ୍ୟାନୁସନ୍ଧାନରେ ମନ ଓ ବୁଦ୍ଧିକୁ ଗୋଟିଏ ଗୋଟିଏ ଉପାୟ ବା ସାଧନରୂପେ ଗ୍ରହଣ କରାଯାଏ । ବିବେକର ବିଭିନ୍ନ ସ୍ତର ଅତିକ୍ରମ କରିସାରିବା ପରେ ବୁଦ୍ଧି ଯେତେବେଳେ ସମ୍ପୂର୍ଣ୍ଣ ବିଶୁଦ୍ଧ ହୋଇଯାଏ, ସେତେବେଳେ ତା ସମ୍ମୁଖରେ ସତ୍ୟ ଉଦ୍ଭାସିତ ହେବାକୁ ଆରମ୍ଭ କରେ । ବୁଦ୍ଧି ଯେଉଁଠାରେ ଶେଷ ହୋଇଯାଏ, ପ୍ରକୃତ ଧର୍ମ ସେଇଠାରୁ ଆରମ୍ଭ ହୋଇଥାଏ ।

କିନ୍ତୁ ଭାବନ୍ତୁ ନାହିଁ ଯେ, ଧର୍ମ ହେଉଛି ଏକ ଯୁକ୍ତିହୀନ ସିଦ୍ଧାନ୍ତ; ଏକ ମିଛ ମନଗଢା ବିଷୟ; ଅନ୍ଧବିଶ୍ୱାସୀମାନଙ୍କର ଓ ମତାନ୍ଧ ଲୋକଙ୍କର ଏକ ରୂଢି ବା ପରମ୍ପରା । ଧର୍ମ ହେଉଛି ଏକ ପୂର୍ଣ୍ଣ ଯୁକ୍ତିସିଦ୍ଧ ବିଜ୍ଞାନ । ମଣିଷ ସାଧାରଣତଃ ଏହି ଦେହଟା ହିଁ ସେ ନିଜେ ବୋଲି ଭାବିଥାଏ, ଧର୍ମ ସେହି ଦେହସର୍ବସ୍ୱ ମଣିଷର ବିଜ୍ଞାନ ନୁହେଁ; ତାହା ପ୍ରକୃତ ମଣିଷର ବିଜ୍ଞାନ; ଜୀବନର ବିଜ୍ଞାନ । ବ୍ରହ୍ମବିଦ୍ୟା ହେଉଛି ସମସ୍ତ ଭୌତିକ ବିଜ୍ଞାନର ମୂଳାଧାର । ଯେତେସବୁ ବିଜ୍ଞାନ ରହିଛି ସେସବୁ ମଧ୍ୟରେ ବ୍ରହ୍ମବିଦ୍ୟା ହେଉଛି ଅଗ୍ରଗଣ୍ୟ, କାରଣ ଏହା ସାହାଯ୍ୟରେ ମନୁଷ୍ୟ ଅମରତ୍ୱ ଲାଭ କରେ । କୌଣସିଟି ପାର୍ଥିବ ଅନୁଭୂତି ପୂର୍ଣ୍ଣାଙ୍ଗ ଅନୁଭୂତି ନୁହେଁ । ଆଧ୍ୟାତ୍ମିକ ଅନୁଭୂତି ହିଁ ପୂର୍ଣ୍ଣାଙ୍ଗ ଅନୁଭୂତି । ମାଟି ସମ୍ବନ୍ଧରେ ଜ୍ଞାନ ଲାଭ କରିପାରିଲେ, ଜଣେ ଯେପରି ମାଟିତିଆରି ବିଭିନ୍ନ ବସ୍ତୁ ସମ୍ବନ୍ଧରେ ଜ୍ଞାନ ଲାଭ କରିପାରିବ, ଠିକ୍ ସେହିପରି ଜଣେ ଯଦି ବ୍ରହ୍ମବିଦ୍ୟାରୂପକ ଶ୍ରେଷ୍ଠତମ ବିଜ୍ଞାନରେ ପ୍ରତ୍ୟକ୍ଷ ଜ୍ଞାନଲାଭ କରିପାରିବ, ତେବେ ସେ ଅନ୍ୟ ସକଳ ଭୌତିକ ବିଜ୍ଞାନରେ ପଣ୍ଡିତ ହୋଇଯାଇପାରିବ । କୌଣସି ବିଶ୍ୱବିଦ୍ୟାଳୟକୁ ଯାଇ ସକଳ ବିଜ୍ଞାନର ବିଜ୍ଞାନ ଏହି ବ୍ରହ୍ମବିଦ୍ୟା ଶିକ୍ଷା କରିହେବ ନାହିଁ । ପ୍ରଥମେ ନିଜର ଇନ୍ଦ୍ରିୟଗଣଙ୍କୁ ତଥା ମନକୁ ଆୟତ୍ତ କରିସାରିବା ପରେ କେବଳ ମାତ୍ର କୌଣସି ବ୍ରହ୍ମବିତ୍, ବ୍ରହ୍ମନିଷ୍ଠ ଗୁରୁଙ୍କଠାରୁ ଜଣେ ଏହି ବିଜ୍ଞାନ ଶିକ୍ଷା କରିପାରିବ ।

ଭୌତିକ ବସ୍ତୁକୁ କଦାପି ସମ୍ପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରିହେବ ନାହିଁ । କିନ୍ତୁ ଭୌତିକ ବସ୍ତୁକୁ ସର୍ବଦା ଆତ୍ମାର ଅଧୀନ କରି ରଖିବାକୁ ପଡ଼ିବ । ବିଜ୍ଞାନକୁ ବ୍ରହ୍ମବିଦ୍ୟାର ଅଧୀନ ହୋଇ ରହିବାକୁ ପଡ଼ିବ । ବିଜ୍ଞାନକୁ ଜୀବନର ଚରମଲକ୍ଷ୍ୟ

କରାଯାଇ ନ ପାରେ । ମଣିଷ ଯଦି ଜୀବନଟାକୁ ବିଜ୍ଞାନାଗାର ଭିତରେ ହିଁ ସାରିଦେବ, ତେବେ ଆତ୍ମାର ଯେଉଁ ଶାଶ୍ୱତ ଆନନ୍ଦ ରହିଛି, ସେ ଆଉ ସେହି ଆନନ୍ଦ ଉପଭୋଗ କରିପାରିବ ନାହିଁ; ଆଉ କୌଣସି ଦିନ ପୂର୍ଣ୍ଣତ୍ୱ ତଥା ଅମରତ୍ୱ ପାଇବ ନାହିଁ । ସେ ଯେଉଁ ପରମଜ୍ଞାନ ମଣିଷକୁ ଜନ୍ମମୃତ୍ୟୁର ଚକ୍ରରୁ ଚିରମୁକ୍ତି ପ୍ରଦାନ କରିପାରିବ, ମଣିଷ ଆଉ ସେହି ଜ୍ଞାନ ଲାଭ କରିପାରିବ ନାହିଁ । ବିଜ୍ଞାନ ମଣିଷକୁ ମୋକ୍ଷ ପ୍ରଦାନ କରିପାରିବ ନାହିଁ ।

ଅନ୍ତର ଭିତରେ ଅନ୍ୱେଷଣ କରନ୍ତୁ । ଯେଉଁ ବୈଜ୍ଞାନିକ ଶକ୍ତି ଯେତିକି ଆରୋଗ୍ୟ ପ୍ରଦାନ କରୁଛି, ତଦପେକ୍ଷା ଅଧିକ ରକ୍ତପାତ କରୁଛି, ସେହି ବୈଜ୍ଞାନିକ ଶକ୍ତିର ଦ୍ୱାର ଆଗରେ ଭିକାରି ପରି ହାତ ପାତି ଠିଆ ହୁଅନ୍ତୁ ନାହିଁ । ବୈଜ୍ଞାନିକମାନଙ୍କ ନିକଟରେ ଆତ୍ମସମର୍ପଣ କରିଦିଅନ୍ତୁ ନାହିଁ । ସେମାନେ ସବୁକିଛି ବ୍ୟାଖ୍ୟା କରିଦେଇ ପାରିବେ ନାହିଁ । ଜୀବନର ଉଦ୍ଭବ ସମ୍ବନ୍ଧରେ, ଚନ୍ଦ୍ରର ଉଦ୍ଭବ ସମ୍ବନ୍ଧରେ, ବିଶ୍ୱ ପ୍ରକୃତି ଓ ମନୁଷ୍ୟପ୍ରକୃତିର ଉଦ୍ଭବ ତଥା ଅନ୍ତିମ ଲକ୍ଷ୍ୟ ସମ୍ବନ୍ଧରେ ସେମାନଙ୍କର କୌଣସି ଜ୍ଞାନ ନାହିଁ । ଏପରି ବହୁ ପ୍ରଶ୍ନ ରହିଛି, ଯାହାର କୌଣସି ଉତ୍ତର ଦେବାକୁ ବିଜ୍ଞାନ ସମ୍ପୂର୍ଣ୍ଣ ଅକ୍ଷମ । ସେସବୁର ଉତ୍ତର କେବଳ ଧର୍ମ ହିଁ ଦେଇପାରିବ ।

ସଙ୍ଗୀତ

ସଙ୍ଗୀତ ଏକ ଗାନ୍ଧର୍ବ ବିଦ୍ୟା । ଏହା ହେଉଛି ଜଗତର ପ୍ରାଚୀନତମ ବିଦ୍ୟା ରାବଣ କେବଳ ସଙ୍ଗୀତ ଦ୍ୱାରା ଭଗବାନ ଶିବଙ୍କୁ ପ୍ରସନ୍ନ କରିପାରିଥିଲା !

ସଙ୍ଗୀତ ହେଉଛି ହୃଦୟର ଆବେଗ ପ୍ରକାଶ କରିବାର ଏକ ମାଧ୍ୟମ । ସଙ୍ଗୀତ ପ୍ରେମ ଉଦ୍ରେକ କରେ ଓ ଆଶା ସଞ୍ଚାର କରେ । ତା'ର ରହିଛି ଅସଂଖ୍ୟ ରାଗ, ଅଗଣିତ ଛନ୍ଦ । ସକଳ ନରନାରୀଙ୍କର ହୃଦୟରେ ରହିଛି ସଙ୍ଗୀତର ଆବାସ । ସମସ୍ତଙ୍କର ମୁଖରେ ହୁଏ ସଙ୍ଗୀତର ସ୍ଫୁରଣ ।

ପ୍ରକୃତିର ସଙ୍ଗୀତ :—ସଙ୍ଗୀତ ରହିଛି ବାୟୁର ପ୍ରବାହରେ, ରହିଛି ଜଳର ତରଙ୍ଗରେ । ସଙ୍ଗୀତ ରହିଛି କୋକିଳର କଣ୍ଠରେ । ସଙ୍ଗୀତ ରହିଛି ଚଳଚିତ୍ରର ପ୍ରଚ୍ଛଦପଟ୍ଟ-ଗାୟିକାଠାରେ; ରହିଛି ସଙ୍ଗୀତବିଶାରଦଙ୍କଠାରେ । ସଙ୍ଗୀତ ରହିଛି ବାଦ୍ୟବୃନ୍ଦରେ, ରହିଛି ଯନ୍ତ୍ର-ସଂଯୋଜନାରେ, ରହିଛି ନାଟମଣ୍ଡପରେ ।

ପ୍ରବାହିତ ଝରଣାରେ ରହିଛି ସଙ୍ଗୀତ । ଶିଶୁର କ୍ରନ୍ଦନରେ ରହିଛି ସଙ୍ଗୀତ ଯଦି ଶୁଣିପାରିବ, ତେବେ ସଙ୍ଗୀତ ରହିଛି ସକଳ ବସ୍ତୁରେ, ସମସ୍ତ ସ୍ଥାନରେ ।

ସଙ୍ଗୀତର ଶକ୍ତି — ପରମାତ୍ମାଙ୍କର ପ୍ରଥମ ଅଭିବ୍ୟକ୍ତି ଆରମ୍ଭ ହୋଇଥିଲା ନାଦରେ । ନାଦ ଜ୍ଞାନାତୀତ ଆତ୍ମଶକ୍ତିରେ ପରିପୁକ୍ତ ହୋଇଥିବାରୁ ସୃଷ୍ଟିର ସକଳ କ୍ଷେତ୍ରରେ ନାଦ ହେଉଛି ଏକମାତ୍ର ଶକ୍ତିଶାଳୀ ତତ୍ତ୍ୱ, ଯାହା କି ଅନ୍ୟ ସକଳ ଅଭିବ୍ୟକ୍ତିକୁ ବିଶେଷଭାବରେ ପ୍ରଭାବିତ କରି ସେସବୁକୁ ସଫଳତାର ସହିତ ସଂଯତ ନିୟନ୍ତ୍ରିତ କରିଦେଇ ପାରେ । ଶବ୍ଦ ବା ନାଦର କ୍ଷମତା ବିଷୟରେ ଏ ଯେଉଁ ତଥ୍ୟ ଦିଆଗଲା, ଏହା ସପକ୍ଷରେ ବିଭିନ୍ନ ବ୍ୟକ୍ତିଙ୍କ ଜୀବନରୁ ତଥା ବିଭିନ୍ନ ଜାଗତିକ ସଂଘଟନରୁ ବହୁ ଉଦାହରଣ ଦିଆଯାଇପାରେ ।

ତାନ୍‌ସେନ୍‌ କିପରି ମେଘମଲ୍ଲାର ରାଗରେ ବର୍ଷା କରାଇ ପାରୁଥିଲେ, ଦୀପକ ରାଗରେ ପ୍ରଦୀପ ଜଳାଇ ପାରୁଥିଲେ, ତାହା ଆମେ ଶୁଣିଆଉଁ । ପୁଣି ତିବ୍ବତୀୟ ଲାମାମାନେ କିପରି ଶିଙ୍ଗା ଓ ତୁରୀ ବଜାଇ ବା ଢୋଲ ମାଦଳ ବଜାଇ ବର୍ଷଣୋନ୍ମୁଖ ମେଘକୁ ଦୂରକୁ ପଠାଇଦିଅନ୍ତି ଏବଂ ଆବଶ୍ୟକ ହେଲେ ମେଘକୁ ଡ଼କାଇଆଣି ବର୍ଷା କରାଇଦିଅନ୍ତି, ସେ ବିଷୟରେ ବି କେତେକ କିଂବଦନ୍ତୀ ଶୁଣିବାକୁ ମିଳେ ।

ପୁଣି ସୁମଧୁର ଧ୍ୱନି ବା ନାଦ ଦ୍ୱାରା କପରି ମୃଗମାନଙ୍କୁ ଅଣି ଫାନ୍ଦରେ ପକାଇ ଦିଆଯାଏ ଏବଂ ମଧୁର ସଙ୍ଗୀତ କପରି ନାଗକୁ ମନ୍ତ୍ରମୁଗ୍ଧ-କରିଦିଏ, ତାହା ମଧ୍ୟ ଆମେ ଶୁଣିଥାଉଁ । ରାଗ ପୁନ୍ନାଗଭରଲି କାଳେ ନାଗସାପକୁ ମୁଗ୍ଧ କରିଦିଏ । ନାଦ ମନକୁ ବଶୀଭୂତ କରିଦିଏ । ମନ ମଧୁର ନାଦର ଲୟ ଧରେ ।

କୋମଳ ମଲ୍ଲାର ସା, ରି, ଗା, ମା, ପା, ଧା, ନି ସା'ର ଶକ୍ତି ଯେ କେତେ ତାହା ଲକ୍ଷ୍ୟ କରନ୍ତୁ । ସଙ୍ଗୀତର ମାଧୁର୍ଯ୍ୟରେ କ୍ରୂର ବ୍ୟାଘ୍ରକୁ ମଧ୍ୟ ବଶୀଭୂତ କରିଦେବାର ଶକ୍ତି ରହିଛି । ସଙ୍ଗୀତ ଶିଳାକୁ ଦ୍ରବୀଭୂତ କରିଦେଇ ପାରେ, ଦ୍ରୁମକୁ ଆନତ କରିଦେଇ ପାରେ । ସଙ୍ଗୀତ ଉଚ୍ଚାଟ କରିଦେଇ ପାରେ, ନିଦ୍ରାଭିଭୂତ କରିଦେଇ ପାରେ, ଶକ୍ତି ସଂଗ୍ରହ କରିଦେଇ ପାରେ । ସଙ୍ଗୀତ ଉତ୍ତେଜିତ କରେ, ଉତ୍କଣ୍ଠିତ କରେ, ଉତ୍ସାହିତ କରେ, ଶକ୍ତି ପ୍ରଦାନ କରେ । ସଙ୍ଗୀତ ସ୍ମୃତି ଜାଗ୍ରତ କରିପାରେ, ସ୍ମୃତିର ସମ୍ପଦ ହୋଇପାରେ ଏବଂ ଦୁରାରୋଗ୍ୟ ରୋଗ ମଧ୍ୟ ଆରୋଗ୍ୟ କରିଦେଇ ପାରେ ।

ସଙ୍ଗୀତ ମନକୁ ସତ୍ତ୍ୱଭାବରେ ପୂର୍ଣ୍ଣ କରିଦିଏ । ସଙ୍ଗୀତ ହୃଦୟରେ ମାଧୁର୍ଯ୍ୟ ଉତ୍ପାଦନ କରେ । ସଙ୍ଗୀତ କଠିନତମ ହୃଦୟକୁ ମଧ୍ୟ ତରଳାଇଦେଇ ପାରେ । ସଙ୍ଗୀତ ମନୁଷ୍ୟର ପଶୁସ୍ୱଭାବକୁ ମଧ୍ୟ କୋମଳ କରିଦେଇ ପାରେ ।

ସଙ୍ଗୀତ ସନ୍ତପ୍ତ ମନୁଷ୍ୟକୁ ସାନ୍ତ୍ୱନା ଦେଇ, ଆନନ୍ଦ ଦେଇ ତା'ର ଦୁଃଖ ମୋଚନ କରିପାରେ । ସଙ୍ଗୀତ ସାହାସାଥୀହରା ଦୁଃଖୀଜନଙ୍କୁ ସାନ୍ତ୍ୱନା ପ୍ରଦାନ କରେ । ସଙ୍ଗୀତ ବ୍ୟସ୍ତତା, କାତରତା ଓ ଭୟ ଦୂର କରେ । ସଙ୍ଗୀତ ପ୍ରଭାବରେ ମନୁଷ୍ୟ ସଂସାରକୁ ଭୁଲିଯାଏ । ତେଣୁ ଜୀବନକୁ ସ୍ଫୂର୍ତ୍ତି ଉନ୍ନତ କରିବାଲାଗି ମନୁଷ୍ୟ ସଙ୍ଗୀତ ଆବଶ୍ୟକ କରେ ।

ଭକ୍ତ ତା'ର ଭଗବାନଙ୍କ ପଦାରବିନ୍ଦରେ ମନକୁ ତନ୍ମୟ କରିଦେବାଲାଗି ଏକତାରା-ତୁମ୍ବୁରା ଧରି ବସିପଡ଼େ । ମହର୍ଷି ନାରଦ ବୀଣାହସ୍ତରେ 'ଶ୍ରୀମନ୍ ନାରାୟଣ ନାରାୟଣ' ଗାନ କରି ତ୍ରିଭୁବନ ବିଚରଣ କରନ୍ତି । ସଙ୍ଗୀତ ଭକ୍ତକୁ ତା'ର ପ୍ରଭୁଙ୍କଠାରେ ଲୀନ ହୋଇଯିବାରେ ସାହାଯ୍ୟ କରେ । ସଙ୍ଗୀତ ଅତିଶୀଘ୍ର ମନକୁ ଏକାଗ୍ର କରିଦିଏ । ସଙ୍ଗୀତ ଭାବସମାଧି ଉତ୍ପନ୍ନ କରେ । ସଙ୍ଗୀତ ସାହାଯ୍ୟରେ ହିଁ ତ୍ୟାଗରାଜ, ପୁରନ୍ଦର ଦାସ, ଭକ୍ତ ମୀରା ଓ ତୁକାରାମ ଭଗବତ୍ ଉପଲବ୍ଧି କରିପାରିଥିଲେ ।

ପ୍ରଣବ ହିଁ ସକଳ ସଙ୍ଗୀତର ଆଧାର—ସଙ୍ଗୀତ ତା'ର ଏହି ମହାନ ଶକ୍ତିଲାଭ କଲା କେଉଁଠାରୁ ? ଏହି ଶକ୍ତି ସେ ଲଭ କଲା ବ୍ରହ୍ମଙ୍କର ପରମସଙ୍ଗୀତ

ପବିତ୍ର ପ୍ରଣବରୁ । ବୀଣାର ବା ତୁମ୍ବୁରାର ଝଙ୍କାର ଶ୍ରବଣ କରନ୍ତୁ । ସେହି ମହାନ ପ୍ରଣବନାଦ ଶୁଣିପାରୁଛନ୍ତି ତ ? ସଙ୍ଗୀତର ସକଳ ନାଦ ପ୍ରଣବ ସହିତ ଅତି ମଧୁର ଭାବରେ ସମ୍ମିଳିତ ହୋଇଯାଉଛି । ଆପଣଙ୍କର ହୃଦୟରେ ଏହି ପବିତ୍ର ପ୍ରଣବ ନାଦ ପ୍ରତିଧ୍ୱନିତ କରିବା ହିଁ ସଙ୍ଗୀତର ଉଦ୍ଦେଶ୍ୟ । କାରଣ ଏହି ପ୍ରଣବ ଓଁ ହେଉଛି ଆପଣଙ୍କର ପ୍ରକୃତ ନାମ, ପ୍ରକୃତ ସ୍ୱରୂପ । ସଙ୍ଗୀତ ଆପଣଙ୍କର ପ୍ରକୃତ ନାମର ମଧୁର ଆବୃତ୍ତି ହୋଇଥିବାରୁ, ସଙ୍ଗୀତପ୍ରତି ଆପଣଙ୍କର ଏତେ ଶ୍ରଦ୍ଧା, ଏତେ ଆଗ୍ରହ । ମନ ଯେତେବେଳେ ଏପରି ଆକୃଷ୍ଟ ହୋଇଯାଏ ଏବଂ ପ୍ରକୃତ ସ୍ୱରୂପସହିତ ସମ୍ମିଳିତ ହୋଇଯାଏ, ସେତେବେଳେ ଅନ୍ତର୍ନିହିତ ଭଗବତ୍ ଶକ୍ତି ଉଦ୍‌ବେଳିତ ହୋଇ ମନ ଓ ଦେହକୁ ସକଳ ରୋଗ, ସକଳ ବିକାରରୁ ବିମୁକ୍ତ କରିଦିଏ ।

ଭାବସମାଧି ଓ ଅତିମାନସିକ ଜ୍ଞାନ— ଯେ ସଙ୍ଗୀତରେ ତନ୍ମୟ ହୋଇଯାଏ, ସେ ଦେହ ଓ ଜଗତକୁ ଭୁଲିଯାଏ । ଆତ୍ମାକୁ ଅର୍ଥାତ୍ ନିଜକୁ ଏହି ଦେହବୋଲି ଆମେ ଯେଉଁ ମିଥ୍ୟା ଧାରଣା ରଖିଛୁ, ତାହାକୁ ଦେହାଧ୍ୟାସ ବୋଲିଯାଏ । ସଙ୍ଗୀତରେ ଉକ୍ତ ଦେହାଧ୍ୟାସ ଦୂର ହୋଇଯାଏ । ଭକ୍ତି-ସଙ୍ଗୀତ ଗାନ କରିକରି ଭକ୍ତ ଭାବସମାଧିରେ ପ୍ରବେଶ କରନ୍ତି ! ଆମର ସାମାନ୍ୟ ମାନୁଷୀଜ୍ଞାନ ଓ ଆନନ୍ଦଠାରୁ ବହୁ ଗୁଣରେ ମହତ୍ତର ଜ୍ଞାନ ଓ ପ୍ରଜ୍ଞା ତଥା ପରମସୁଖ ଓ ଆନନ୍ଦର ଯେଉଁ ଅଗାଧ ଭଣ୍ଡାର ରହିଛି ଭକ୍ତ ସେହି ଭଣ୍ଡାରରେ ପହଞ୍ଚିଯାଆନ୍ତି । ଉକ୍ତ ଭାବସମାଧିରୁ ସେ ଯେତେବେଳେ ଫେରିଆସନ୍ତି, ସେତେବେଳକୁ ସେ ହୋଇଯାଇଥାନ୍ତି ଜ୍ଞାନୀ; ଫଳରେ ସେ ଚତୁର୍ଦ୍ଦିଗରେ ଶାନ୍ତି, ଆନନ୍ଦ ଓ ଜ୍ଞାନ ବିକିରଣ କରନ୍ତି ।

ତୁକାରାମ ଥିଲେ ଜଣେ ସାଧାରଣ କୃଷିଜୀବୀ । ତାଙ୍କୁ ନିଜ ଦସ୍ତଖତଟି ମଧ୍ୟ ଆସୁ ନ ଥିଲା । କିନ୍ତୁ ହାତରେ କରତାଳ ଧରି ସେ ସର୍ବଦା ପ୍ରଭୁ ଶ୍ରୀକୃଷ୍ଣଙ୍କ ନାମ 'ବିଠଲ ବିଠଲ' କୀର୍ତ୍ତନ କରୁଥିଲେ । ସେ ପ୍ରଭୁ ଶ୍ରୀକୃଷ୍ଣଙ୍କୁ ସ୍ଥୂଳ ଶରୀରରେ ଦର୍ଶନ କରିଥିଲେ । ସଂକୀର୍ତ୍ତନ ତାଙ୍କର ଦିବ୍ୟଦୃଷ୍ଟି ବା ଅନ୍ତର୍ଦୃଷ୍ଟି ଖୋଲିଦେଇଥିଲା । ତାଙ୍କର ପ୍ରେରଣାମୟୀ ଅଭଙ୍ଗଗୁଡ଼ିକ ଆଜି ବମ୍ବେ ବିଶ୍ୱବିଦ୍ୟାଳୟର ଏମ୍.ଏ ଶ୍ରେଣୀର ପାଠ୍ୟ । ତା'ହେଲେ ନିରକ୍ଷର ତୁକାରାମ ଏତେ ଜ୍ଞାନ ଲାଭ କଲେ କେଉଁଠୁ ? ସେ ସଂକୀର୍ତ୍ତନ ଦ୍ୱାରା ଜ୍ଞାନର ମୂଳାଧାର ନିକଟରେ ପହଞ୍ଚିଯାଇଥିଲେ ଏବଂ ଅପୂର୍ବ ଜ୍ଞାନ ଆହରଣ କରିଥିଲେ ସେହି ଅଗାଧ ଜ୍ଞାନଭଣ୍ଡାରରୁ । ଏକନିଷ୍ଠ-ତନ୍ମୟ ସଙ୍କୀର୍ତ୍ତନ ଦ୍ୱାରା ଉପଲବ୍‌ଧ ଭାବସମାଧି ବଳରେ ସେ ଦିବ୍ୟଜ୍ଞାନ ଭଣ୍ଡାରରେ ପ୍ରବେଶ କରିପାରିଥିଲେ ।

ସଙ୍ଗୀତ ଏକ ଆଧ୍ୟାତ୍ମିକ ଶକ୍ତି—ସଙ୍ଗୀତ ଇନ୍ଦ୍ରିୟପରିତୃପ୍ତିର ବା ସ୍ଥୂଳ ସୁଖବିଧାନର ଏକ ସାଧନ ନୁହେଁ । ସଙ୍ଗୀତ ହେଉଛି ଆତ୍ମସାକ୍ଷାତକାରରେ ସାହାଯ୍ୟ କରିବାଲାଗି ଏକ ଯୋଗସାଧନା । ସୁତରାଂ ସଙ୍ଗୀତର ଏହି ମହତ୍ ଆଦର୍ଶଟି, ଏହି ମୌଳିକ ପବିତ୍ରତାଟି ଯେପରି ସର୍ବଦା ସୁରକ୍ଷିତ ହୁଏ, ସେଥିପ୍ରତି ଧ୍ୟାନ ଦେବା ସମସ୍ତ ସଙ୍ଗୀତଜ୍ଞ ତଥା ସଙ୍ଗୀତର ପୃଷ୍ଠପୋଷକତା କରୁଥିବା ସମସ୍ତ ଅନୁଷ୍ଠାନର ପ୍ରଥମ ପ୍ରଧାନ କର୍ତ୍ତବ୍ୟ ।

ସନ୍ଥ ତ୍ୟାଗରାଜ, ପୁରନ୍ଦର ଦାସ ତଥା ଅନ୍ୟ ମହାତ୍ମାଗଣ ଏହି ବିଷୟଟି ବାରମ୍ବାର ସ୍ମରଣ କରାଇଦେଇଛନ୍ତି ଏବଂ ସ୍ୱୀୟ ତ୍ୟାଗପୂତ ଭକ୍ତଜୀବନ ମାଧ୍ୟମରେ ସେମାନେ ଏହି ସ୍ମରଣୀୟ ତତ୍ତ୍ୱଟିକୁ ପରିପୁଷ୍ଟ କରିଯାଇଛନ୍ତି ଯେ, ସଙ୍ଗୀତକୁ ଏକ ଯୋଗରୂପେ ହିଁ ଗ୍ରହଣ କରିବା ଆବଶ୍ୟକ ଏବଂ ଯେ ନିଜକୁ ସକଳ ସଂସାରିକତାରୁ ମୁକ୍ତ କରିଦେଇ ପାରିଛନ୍ତି, ଯେ ସଙ୍ଗୀତକୁ ଆତ୍ମସାକ୍ଷାତ୍କାରନିମିତ୍ତ ଏକ ସାଧନାରୂପେ ଗ୍ରହଣ କରିଛନ୍ତି, କେବଳ ସେ ହିଁ ସଙ୍ଗୀତର ପ୍ରକୃତ ସ୍ୱାଦ ଆସ୍ୱାଦନ କରିପାରିବେ ।

ତ୍ୟାଗରାଜ ଥିଲେ ପ୍ରଭୁ ଶ୍ରୀରାମଙ୍କର ଜଣେ ପରମ ଭକ୍ତ । ପ୍ରଭୁ ଶ୍ରୀରାମଙ୍କର ଗୁଣକୀର୍ତ୍ତନ ନିମିତ୍ତ ହିଁ ସେ ତାଙ୍କର ଅଧିକାଂଶ 'କୃତି' ରଚନା କରିଛନ୍ତି । ସେ ପ୍ରଭୁ ଶ୍ରୀରାମଙ୍କୁ ବାରମ୍ବାର ସାକ୍ଷାତ ଦର୍ଶନ କରିଥିଲେ । ପୁରନ୍ଦରଦାସ ଥିଲେ ପ୍ରଭୁବିଠଳଙ୍କର ଉପାସକ; ସେ ନିଜର ସଙ୍ଗୀତ ମାଧ୍ୟମରେ ସମସ୍ତ ଦେଶରେ ଦୀର୍ଘ ଚାଳିଶବର୍ଷ ଧରି ଭକ୍ତିର ପ୍ରଚାର କରିଥିଲେ । ସେ ଅନ୍ତରରେ ମଧୁର ସଙ୍ଗୀତ ଶ୍ରବଣ କରିଥିଲେ । ତେଣୁ ସେ ଜଗତରେ ଉଲ୍ଲାସମୟୀ ମଧୁର ସଙ୍ଗୀତ ପରିବେଷଣ କରିପାରିଥିଲେ । ଭକ୍ତ ମୀରା ଶ୍ରୀକୃଷ୍ଣଙ୍କର ସାକ୍ଷାତ ଲାଭ କରିଥିଲେ । ସେ ନିଜର ପ୍ରାଣପ୍ରିୟ ଶ୍ରୀକୃଷ୍ଣଙ୍କ ସହିତ ମଧୁର ଆଳାପ କରୁଥିଲେ । ସେ କୃଷ୍ଣପ୍ରେମରସ ପାନ କରୁଥିଲେ । ସେ ଅନ୍ତରର ଗଭୀରତମ ପ୍ରଦେଶରୁ ନିଜର ଆତ୍ମାର ସଙ୍ଗୀତ, ନିଜ ପ୍ରିୟତମଙ୍କର ସଙ୍ଗୀତ ନିଜର ଅତୁଳନୀୟ ଆଧ୍ୟାତ୍ମିକ ଅନୁଭୂତିର ସଙ୍ଗୀତ ଗାନ କରିଥିଲେ । ତାଙ୍କର ପ୍ରେମମୟୀ ଭାଷା ଏତେ ଉନ୍ମାଦକର ଯେ, ସେହି ଭକ୍ତି ସଙ୍ଗୀତ ଶ୍ରବଣ କଲେ ନିପଟ ନାସ୍ତିକର ହୃଦୟ ମଧ୍ୟ ତରଳିଯିବ । ଶ୍ୟାମ ଶାସ୍ତ୍ରୀଗଲ ଥିଲେ ଜଣେ ମହାନ ଦେବୀଭକ୍ତ । ସେ ମାଆ କାମାକ୍ଷୀଙ୍କର ଅପାର କରୁଣା ଲାଭ କରିଥିଲେ । ମହାନ ନାଦଜ୍ୟୋତିଃ ମୁତ୍ତୁସ୍ୱାମୀ ଦୀକ୍ଷିତାର ଭଗବାନ ସୁବ୍ରହ୍ମଣ୍ୟଙ୍କୁ ହିଁ ନିଜର ପରମଗୁରୁ ବୋଲି ଗ୍ରହଣ କରିଥିଲେ; ତାଙ୍କର ସମସ୍ତ ସଙ୍ଗୀତ 'କୃତି'ରେ ଗୁରୁଗୁହ ମୁଦ୍ରା ବିଦ୍ୟମାନ ।

ସଙ୍ଗୀତ ହେଉଛି ନାଦଯୋଗ । କୁଣ୍ଡଳୀନୀ ଚକ୍ରରୁ ବାହାରିଥିବା ଭିନ୍ନ ଭିନ୍ନ ସୂକ୍ଷ୍ମନଳୀ ବା ନାଡ଼ୀ ଉଦ୍ଦେଶ୍ୟରେ ସଙ୍ଗୀତର ବିଭିନ୍ନ ରାଗରାଗିଣୀ ନିର୍ଦ୍ଧାରଣ

କରାଯାଇଛି । ଏକ ନିର୍ଦ୍ଦିଷ୍ଟ ରାଗର ସଙ୍ଗୀତ ଏକ ନିର୍ଦ୍ଦିଷ୍ଟ ନାଡ଼ୀକୁ ପ୍ରକମ୍ପିତକରି ତାକୁ ଶୁଦ୍ଧ କରିଦିଏ ଏବଂ ତା ଭିତରେ ଥିବା ସୁପ୍ତ ଆଧ୍ୟାତ୍ମିକ ଶକ୍ତି ତଥା ଚେତନା ଶକ୍ତିକୁ ଜାଗ୍ରତ କରିଦିଏ । ନାଡ଼ୀ ନିର୍ଦ୍ଦୋଷ ଓ ଶୁଦ୍ଧ ହୋଇଗଲେ, କେବଳ ଯେ ମନ ନିଶ୍ଚିତ ସୁଖଶାନ୍ତି ପାଏ, ତାହା ନୁହେଁ, ଏପରି ନାଡ଼ୀ ହିଁ ଯୋଗ ସାଧନା ପାଇଁ ଅତ୍ୟନ୍ତ ଆବଶ୍ୟକ; ପୁଣି ଏହା ଫଳରେ ସାଧକ ଅତି ସହଜରେ ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିପାରେ ।

ମନ ଓ ଦେହ ଉପରେ ସଙ୍ଗୀତର ପ୍ରଭାବ— ପ୍ରତ୍ୟେକ ପ୍ରାଣୀର ମନ ଓ ଶରୀର ଉପରେ ମଧୁର ସଙ୍ଗୀତ ଗଭୀର ପ୍ରଭାବ ପକାଇଥାଏ । ବାସନା ଓ ବୃତ୍ତିର ସହସ୍ର ଫଣାଧାରୀ ରହସ୍ୟମୟ ମନ ସଙ୍ଗୀତର ବଶବର୍ତ୍ତୀ ହୋଇଗଲେ, ସ୍ଥିର-ଶାନ୍ତ ହୋଇ ସାଧକର କୋଳରେ ଶାନ୍ତ ଶିଶୁପରି ପଡ଼ିଯାଏ । ସାଧକ ସେହି ବଶୀଭୂତ ମନକୁ ନିଜ ଆୟତ୍ତରେ ରଖି ନିଜର ଇଚ୍ଛାନୁଯାୟୀ ନଚାଇପାରେ, ନିଜର ରୁଚି ଅନୁଯାୟୀ ଗଢ଼ିପାରେ । ଯେଉଁ ମନ ମଣିଷ ଭିତରେ ଶଇତାନର ଅଧିପରି କାର୍ଯ୍ୟ କରେ, ଯେଉଁ ମନ ମାଷ୍ଟରର କାଉଁଶକାଠିପରି କାର୍ଯ୍ୟ କରେ, ଯେଉଁ ମନ ଆଧ୍ୟାତ୍ମିକ ସାଧକମାନଙ୍କର ଆତଙ୍କ ହୋଇ ରହିଥାଏ, ସେହି ମନ ସଙ୍ଗୀତ-ଯୋଗୀଙ୍କର ସମ୍ପୂର୍ଣ୍ଣ ଆୟତ୍ତାଧୀନ ହୋଇ ତାଙ୍କରି ହାତମୁଠା ଭିତରେ ରହିଯାଏ । ନାଦଯୋଗ ବା ସଙ୍ଗୀତଯୋଗର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟକର ବିଷୟ ଏହି ଯେ, ଏ ଯୋଗ କେବଳ ଯେ ସଙ୍ଗୀତଜ୍ଞଙ୍କ ମନକୁ ସହଜରେ ସଂଯତ କରିଦିଏ, ତାହା ନୁହେଁ; ଏହା ସଙ୍ଗୀତ-ଶ୍ରୋତାମାନଙ୍କର ମନକୁ ମଧ୍ୟ ସଂଯତ କରିଦିଏ ; ସେମାନେ ବି ଶାନ୍ତ ସମାହିତ ସୁଖମୟ ହୋଇଯାଆନ୍ତି । କେବଳ ସେହି କାରଣରୁ ମୀରାବାଈ, ତୁକାରାମ କବୀରଦାସ, ଶ୍ରୀ ତ୍ୟାଗରାଜ ଓ ପୁରନ୍ଦରଦାସଙ୍କପରି ମହାନ ସନ୍ଥଗଣ ସେମାନଙ୍କର ଉପଦେଶାବଳି ସଙ୍ଗୀତ ମାଧ୍ୟମରେ ପରିବେଷଣ କରିଯାଇଛନ୍ତି । ଯେଉଁ ଶ୍ରୋତା-ମାନଙ୍କର ହୃଦୟରେ ସଚ୍ଚିନ୍ତା ପ୍ରବେଶ ନ କରାଇଦେବାପାଇଁ ସାଂସାରିକତାରୂପୀ ସର୍ପ ସଦାସର୍ବଦା ଫଣା ବିସ୍ତାର କରି ଜଗିରହିଥାଏ, ସେହି ଶ୍ରୋତାମାନଙ୍କର ହୃଦୟରେ ସଙ୍ଗୀତ ମାଧ୍ୟମରେ ପରିବେଷିତ ଏହିସବୁ ସଦୁପଦେଶ ଅତି ସହଜରେ ପ୍ରବେଶ କରିଯାଏ ।

ଅତୀତର ପ୍ରତ୍ୟେକ ଋଷି ସେମାନଙ୍କର ପ୍ରେରଣାପ୍ରଦ ରଚନାଗୁଡ଼ିକ କେବଳ ପଦ୍ୟ କିମ୍ବା ଗୀତ ମାଧ୍ୟମରେ ହିଁ ପ୍ରକାଶ କରିଯାଇଛନ୍ତି । ବେଦ, ସ୍ମୃତି ଓ ପୁରାଣ ଆଦି ଆମର ସକଳ ଧର୍ମଶାସ୍ତ୍ର ଗୀତରୂପରେ ହିଁ ରଚିତ ହୋଇଛି, ଏହି ପ୍ରତ୍ୟେକଟି ଗୋଟିଏ ଗୋଟିଏ ଛନ୍ଦୋବଦ୍ଧ ରଚନା । ଉକ୍ତ ପ୍ରତ୍ୟେକ ଛନ୍ଦର ତାଳ, ରାଗ ଓ ସ୍ୱର ରହିଛି । ବିଶେଷତଃ ସାମବେଦ ଅନୁପମ ସଙ୍ଗୀତରେ ପରିପୂର୍ଣ୍ଣ ।

ସଙ୍ଗୀତ ରୋଗଚିକିତ୍ସା କ୍ଷେତ୍ରରେ ମଧ୍ୟ ବିଶେଷ ସହାୟକ ହୋଇଥାଏ । ଋଷିମାନେ ଦୃଢକଣ୍ଠରେ କହିଯାଇଛନ୍ତି ଯେ, ବଂଶୀ, ବୀଣା, ବେହେଲା ବା ସାରଙ୍ଗୀର ମଧୁର ନାଦସ୍ୱନ ବହୁରୋଗ ଆରୋଗ୍ୟ କରିପାରେ । ସେମାନେ କହନ୍ତି, ରୋଗ ଉପରେ ସଙ୍ଗୀତର ଏକ ଅସାଧାରଣ ପ୍ରଭାବ ରହିଛି । ମଧୁର ସଙ୍ଗୀତର ଐକତାନ ତାଳର ଏକ ଆକର୍ଷଣ କରିବାର ଗୁଣ ରହିଛି । ସେ ତାଳ ରୋଗକୁ ଆକର୍ଷଣ କରି ବାହାରକୁ ନେଇଆସେ । ବ୍ୟକ୍ତି ଅଙ୍ଗରୁ ବହିର୍ଗତ ସେହି ରୋଗ ସଙ୍ଗୀତତରଙ୍ଗର ସମ୍ମୁଖୀନ ହୁଏ । ଉଭୟେ ମୁଖାମୁଖି ହେବା ଫଳରେ ଏକ ଅପରେକର ଅଙ୍ଗରେ ଲୀନ ହୋଇ ଶୂନ୍ୟରେ ମିଳେଇଯାଆନ୍ତି ।

ସଙ୍ଗୀତ ସ୍ନାୟବିକ ଚାପ ବା ଉତ୍ତେଜନା ପ୍ରଶମନ କରି ଶରୀରର ସଂପୃକ୍ତ ଚାପଗ୍ରସ୍ତ ବା ଉତ୍ତେଜନାଗ୍ରସ୍ତ ଅଙ୍ଗକୁ ତା'ର ସାଧାରଣ ସ୍ଥିତିକୁ ଫେରଆସିବାରେ ସାହାଯ୍ୟ କରେ । ଆମେରିକାରେ ଚିକିତ୍ସକମାନେ ସ୍ନାୟବିକରୋଗଗ୍ରସ୍ତ ଲୋକଙ୍କୁ ସଙ୍ଗୀତ ମାଧ୍ୟମରେ ଚିକିତ୍ସା କରିଥାନ୍ତି । ପ୍ରାଚୀନ ମିଶରରେ ମଧ୍ୟ ସ୍ନାୟୁରୋଗୀମାନଙ୍କୁ ମନ୍ଦିରମାନଙ୍କରେ ସଙ୍ଗୀତ ସାହାଯ୍ୟରେ ଚିକିତ୍ସା କରାଯାଉଥିଲା ।

ରୋଗଭୋଗ କାଳରେ ସକଳ ପ୍ରକାର ଔଷଧ ବ୍ୟବହାର କରି ମଧ୍ୟ ଯେତେବେଳେ କୌଣସି ଉପକାର ମିଳେ ନାହିଁ, ସେତେବେଳେ, ଜାଣନ୍ତୁ ଯେ ସଙ୍ଗୀତ ବା କୀର୍ତ୍ତନ ହିଁ ସେହି ରୋଗର ଉତ୍କୃଷ୍ଟତମ ଔଷଧ ଓ ଶ୍ରେଷ୍ଠତମ ଶକ୍ତିସୁଧା । କୀର୍ତ୍ତନ ଅଘଟନ ଘଟନ କରିପାରେ । ପୁରାତନ ଦୁରାରୋଗ୍ୟ ରୋଗ ଚିକିତ୍ସାରେ କୀର୍ତ୍ତନ ହିଁ ଏକମାତ୍ର ଆଶ୍ରୟ, ଏକମାତ୍ର ସହାୟ । ଏହି ଅଦ୍ୱିତୀୟ ଔଷଧ ବ୍ୟବହାର କରି ଥରେ ପରୀକ୍ଷା କଲେ ହିଁ, ଆପଣ ତା'ର ମହିମାମୟ ଗୁଣର ପରିଚୟ ପାଇପାରିବେ । କେହି ଯଦି କୌଣସି ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇପଡ଼ିଛନ୍ତି, ତେବେ ତାଙ୍କର ରୋଗଶଯ୍ୟା ନିକଟରେ କୀର୍ତ୍ତନ କରନ୍ତୁ । ଦେଖିବେ, ସେ ଅତିଶୀଘ୍ର ରୋଗମୁକ୍ତ ହୋଇଯିବେ ।

କୀର୍ତ୍ତନ ଭକ୍ତି— ଭଗବାନଙ୍କର ଗୁଣଗାନ କରିବାର ନାମ କୀର୍ତ୍ତନ । କୀର୍ତ୍ତନରେ ଭକ୍ତ ଦିବ୍ୟ ଆବେଗରେ ଉଲ୍ଲସିତ ହୋଇଯାଏ । ସେ ଭଗବତ୍ ପ୍ରେମରେ ଆତ୍ମହରା ହୋଇଯାଏ । ଅତିଶୟ ଭକ୍ତିରେ ତା'ର ସର୍ବାଙ୍ଗରେ ରୋମାଞ୍ଚନ ହୋଇଯାଏ । ଭଗବତ୍ ମହିମା ଉପଲବ୍ଧି କରି ମର୍ମେମର୍ମେ ତା ନୟନରୁ ଅଶ୍ରୁ ବିଗଳିତ ହୋଇଯାଏ; କଣ୍ଠ ରୁଦ୍ଧ ହୋଇଯାଏ; ସେ ଏକ ଦିବ୍ୟଭାବର ସାମ୍ରାଜ୍ୟକୁ ଉନ୍ନୀତ ହୋଇଯାଏ ।

ଭାବ, ଭକ୍ତି ଓ ବିଶ୍ୱାସର ସହିତ ଭଗବତ୍ ନାମ ଗାୟନର ନାମ କୀର୍ତ୍ତନ । ଲୋକେ କୌଣସି ଏକ ସାଧାରଣ ସ୍ଥାନରେ ଏକତ୍ରିତ ହୋଇ ମିଳିତ କଣ୍ଠରେ

ଭଗବତ୍ ନାମ ଗାନ କଲେ, ତାହାକୁ ସଙ୍କୀର୍ତ୍ତନ ବୋଲଯାଏ । ସଂକୀର୍ତ୍ତନରେ ହାରମୋନିୟମ୍, ବେହେଲା, ଖୋଲ, କରତାଳ ଇତ୍ୟାଦି ମଧୁର ଯନ୍ତ୍ର ମଧ୍ୟ ବାଦନ କରାଯାଏ । ଖ୍ରୀଷ୍ଟିୟାନମାନେ ଚର୍ଚ୍ଚରେ ପିଆନୋ ବଜାଇ ପ୍ରଭୁନାମ ଗାନ କରନ୍ତି । ତାହା ସଂକୀର୍ତ୍ତନ ଭିନ୍ନ ଅନ୍ୟ କିଛି ନୁହେଁ । କୀର୍ତ୍ତନ ହେଉଛି ନବଧା ଭକ୍ତିର ଅନ୍ୟତମ ଭକ୍ତି । ସଂକୀର୍ତ୍ତନ ଏକ ନିର୍ମଳ ରଞ୍ଜନ । କେବଳ କୀର୍ତ୍ତନ ସାହାଯ୍ୟରେ ମନୁଷ୍ୟ ଭଗବାନଙ୍କୁ ଦର୍ଶନ କରିପାରେ । ଈଶ୍ୱର ସଚେତନତା ଲାଭ କରିବାପାଇଁ କୀର୍ତ୍ତନ ହିଁ ସରଳତମ ମାର୍ଗ । ସୁପ୍ରାଚୀନ କାଳରେ ନାରଦ, ବାଲ୍ମୀକି ଓ ଶୁକ ତଥା ଅପେକ୍ଷାକୃତ ଆଧୁନିକ ଯୁଗର ଗୌରାଙ୍ଗ, ନାନକ, ତୁଳସୀଦାସ, ସୁରଦାସ ପ୍ରଭୃତି ଦିବ୍ୟପୁରୁଷଗଣ କେବଳ କୀର୍ତ୍ତନ ଭକ୍ତି ଦ୍ୱାରା ହିଁ ପରିପୂର୍ଣ୍ଣତା ବା ପୂର୍ଣ୍ଣସିଦ୍ଧି ଲାଭ କରିଛନ୍ତି ।

ଭଗବତ୍ ନାମ କୀର୍ତ୍ତନ ଫଳରେ ଯେଉଁ ମଧୁର ପ୍ରକମ୍ପନ ଜାତ ହୁଏ, ତାହା ନିଜେ ନିଜର ମନକୁ ସହଜରେ ସଂଯତ କରିବାରେ ଭକ୍ତମାନଙ୍କୁ ସାହାଯ୍ୟ କରେ । ଉକ୍ତ ପ୍ରକମ୍ପନ ସେମାନଙ୍କର ମନ ଉପରେ ଏକ ହିତକର ପ୍ରଭାବ ପକାଇଥାଏ । ଫଳରେ ତାହା ମନକୁ ତା'ର ଅନ୍ଧତର ସଂକୀର୍ଣ୍ଣ ଗୁଳା ଭିତରୁ ଉଠାଇନେଇ ଦିବ୍ୟ ମହିମାର ସୁତୁଙ୍ଗ ଚୂଡ଼ାରେ ଅବସ୍ଥାପିତ କରିଦିଏ । ଯଦି ଅନ୍ତରର ଗଭୀରତମ ପ୍ରଦେଶରୁ ପୂର୍ଣ୍ଣଭାବ ଓ ପ୍ରେମ ସହକାରେ ଭକ୍ତମାନେ ସଂକୀର୍ତ୍ତନ କରିବେ, ତେବେ ବୃକ୍ଷଲତା ଓ ପଶୁପକ୍ଷୀଙ୍କ ଉପରେ ମଧ୍ୟ ତା'ର ଗଭୀର ପ୍ରଭାବ ପଡ଼ିବ; ସେମାନେ ମଧ୍ୟ ପ୍ରତିକ୍ରିୟା ଦେଖାଇବେ । ସଂକୀର୍ତ୍ତନର ପ୍ରଭାବ ଯେ କି ବ୍ୟାପକ ଓ ଗଭୀର, କି ଶକ୍ତିଶାଳୀ, ତାହା ଏଥିରୁ ପ୍ରମାଣିତ ହୋଇଯାଏ ।

କୀର୍ତ୍ତନ ଭକ୍ତି ଅନ୍ତରାଳରେ ରହିଥିବା ମନସ୍ତତ୍ତ୍ୱ—ଅନ୍ୟ ଏକ କାରଣରୁ ମଧ୍ୟ କୀର୍ତ୍ତନ ହେଉଛି ଭକ୍ତିର ଏକ ପ୍ରକୃଷ୍ଟ ପ୍ରଣାଳୀ । ମନୁଷ୍ୟ ଏକ ପ୍ରେମପ୍ରବଣ ପ୍ରାଣୀ । ତାର ପ୍ରେମର ଅବସାନ ନାହିଁ; ସେ ସାଂସାରିକ ବସ୍ତୁକୁ ପ୍ରେମ ନ କରି ରହିପାରିବ ନାହିଁ । କିନ୍ତୁ ତା'ର ସେ ଯେଉଁ ପ୍ରେମ, ତାହା ବିଶୁଦ୍ଧ ଦିବ୍ୟ ପ୍ରେମ ନ ହୋଇ, ହୋଇଯାଏ ନିକୃଷ୍ଟ କାମଲାଳସା । ସେ ମଧୁର ସଙ୍ଗୀତ ଶୁଣିବାକୁ ଭଲପାଏ, ସୁନ୍ଦର ବସ୍ତୁ ଦେଖିବାକୁ ଭଲପାଏ, ମଧୁର ନୃତ୍ୟ ଦେଖିବାକୁ ଭଲପାଏ । କଠିନ ହୃଦୟ ବ୍ୟକ୍ତିର ହୃଦୟ ମଧ୍ୟ ସଙ୍ଗୀତ ପ୍ରଭାବରେ ତରଳିଯାଏ । ମନୁଷ୍ୟର ହୃଦୟକୁ ଯଥାଶୀଘ୍ର ପରିବର୍ତ୍ତନ କରିଦେବାଲାଗି ଯଦି ଜଗତରେ କିଛି ବସ୍ତୁ ଥାଏ, ତେବେ ତାହା ହେଉଛି ନୃତ୍ୟ ଓ ସଙ୍ଗୀତ । ନୃତ୍ୟ ସଙ୍ଗୀତର ଏହି ବିଶିଷ୍ଟ ଶକ୍ତିଟି ହିଁ କୀର୍ତ୍ତନ ଭକ୍ତିରେ ପ୍ରୟୋଗ କରାଯାଇଛି; କିନ୍ତୁ ନୃତ୍ୟ ଓ ସଙ୍ଗୀତର ସେହି ମାଦକତାକୁ

ଇନ୍ଦ୍ରିୟଭୋଗ ଦିଗରେ ପରିଚାଳିତ କରା ନ ଯାଇ, ପରିଚାଳିତ କରାଯାଇଛି ଭଗବାନଙ୍କ ଦିଗରେ । ମନୁଷ୍ୟର ପ୍ରେମପ୍ରବଣତାରୂପକ ଆବେଗଟି ଦିବ୍ୟମାର୍ଗରେ ପରିଚାଳିତ କରାଯାଏ, ଯାହା ଫଳରେ କି ତାର ନୃତ୍ୟସଙ୍ଗୀତ-ପ୍ରେମକୁ ନଷ୍ଟ କରି ଦିଆଯାଏ ନାହିଁ । କାରଣ ଯେଉଁ ଭାବପ୍ରବଣତାକୁ ସେ ଏତେ ଯତ୍ନର ସହିତ ପୋଷଣ କରିଥାଏ, ସେହି ଭାବପ୍ରବଣତାଟି ହଠାତ୍ ନଷ୍ଟକରିଦେବା ତା'ର ପୂର୍ଣ୍ଣତାପ୍ରାପ୍ତି ପଥରେ ସହାୟକ ହୋଇ ନ ପାରେ । କୀର୍ତ୍ତନ ଅତ୍ୟନ୍ତ ମଧୁର, ଅତ୍ୟନ୍ତ ମନୋହର । କୀର୍ତ୍ତନ ଅତି ସହଜରେ ହୃଦୟ ପରିବର୍ତ୍ତନ କରିଦିଏ ।

ଗୃହସ୍ଥମାନଙ୍କ ପକ୍ଷରେ ମଧ୍ୟ କୀର୍ତ୍ତନ ସର୍ବୋତ୍ତମ ଉପଯୁକ୍ତ ପନ୍ଥା । ମନକୁ ଆନନ୍ଦ ପ୍ରଦାନ କରିବା ସଙ୍ଗେ ସଙ୍ଗେ, କୀର୍ତ୍ତନ ହୃଦୟକୁ ମଧ୍ୟ ପବିତ୍ର କରେ । ତେଣୁ କୀର୍ତ୍ତନ ଦୁଇଦିଗରୁ ପ୍ରଭାବ ବିସ୍ତାର କରେ ।

ପ୍ରତ୍ୟହ ସଂକୀର୍ତ୍ତନ କରନ୍ତୁ । ଦୂରଦୂରାନ୍ତରେ ସଂକୀର୍ତ୍ତନ-ଭକ୍ତି ପ୍ରଚାର କରନ୍ତୁ । ସଂକୀର୍ତ୍ତନ ମାଧ୍ୟମରେ ବିଶ୍ୱପ୍ରେମ ବିକାଶ କରନ୍ତୁ । ସର୍ବଦା ସଂକୀର୍ତ୍ତନ ମଣ୍ଡଳୀମାନ ପ୍ରତିଷ୍ଠା କରନ୍ତୁ । ସଂକୀର୍ତ୍ତନ କରି କରି ଏହି ଧୂଳିର ଧରଣୀର ପ୍ରତ୍ୟେକ ଗୃହାଙ୍ଗନକୁ ବୈକୁଣ୍ଠ ଧାମରେ ପରିଣତ କରିଦିଅନ୍ତୁ ଏବଂ ନିଜର ସଚ୍ଚିଦାନନ୍ଦ ସ୍ୱରୂପ ଉପଲବ୍ଧି କରନ୍ତୁ ।

ନାରୀ

ନାରୀ ହେଉଛି ଭଗବାନଙ୍କର ଏକ ମହାନ ସୃଷ୍ଟି, ପ୍ରକୃତିର ଏକ ବିସ୍ମୟ, ବୈଚିତ୍ର୍ୟର ଏକ ବୈଚିତ୍ର୍ୟ, ସଂସାରର ଏକ ସଂକ୍ଷିପ୍ତ ସଂସ୍କରଣ, ଜଗତର ସାରତତ୍ତ୍ୱ, ଗୃହର ରାଣୀ ଏବଂ ପୁରୁଷର ପ୍ରକୃତ ପାଳନକର୍ତ୍ତ୍ରୀ, ପ୍ରେୟସୀ ସଙ୍ଗିନୀ ତଥା ସହାୟିକା ବନ୍ଧୁ ।

ନାରୀ ହେଉଛି ଚୈତନ୍ୟମାୟା । ସେ ହେଉଛି ପରମେଶ୍ୱରଙ୍କର ଶକ୍ତିତତ୍ତ୍ୱ । ସେ ହେଉଛି ଆଦିଶକ୍ତିଙ୍କର ସନ୍ତାନ । ସମଗ୍ର ସଂସାରର ଗୃହକାଠି ନାରୀ ହାତରେ । ସେ ସନ୍ତାନବର୍ଗଙ୍କର ଭାଗ୍ୟ ନିୟନ୍ତ୍ରଣ କରେ । ଯେତେସବୁ ଶଙ୍କର, ବୁଦ୍ଧ ଓ ଜନକ ଜାତ ହୁଅନ୍ତି, ନାରୀ ହୁଏ ସେହି ସମସ୍ତଙ୍କର ଜନନୀ ।

ନାରୀ ହେଉଛି କୋମଳତା, ଶାଳୀନତା ଓ ଲାଳିତ୍ୟର ଏକ ରହସ୍ୟମୟ ସମ୍ମିଶ୍ରଣ । ତା'ଠାରେ ଘଟିଛି ସେବା, ଧୈର୍ଯ୍ୟ ଓ ପ୍ରେମର ସମନ୍ୱୟ । ସେ ହେଉଛି ସୌନ୍ଦର୍ଯ୍ୟର ଏକ ପ୍ରତୀକ । ସେ ମାଧୁର୍ଯ୍ୟମୟୀ । ସେ ହେଉଛି ମାୟାର ଇନ୍ଦ୍ରଜାଲ, ପ୍ରଲୋଭନର ମୋହିନୀଶକ୍ତି । ସେ ହେଉଛି ସ୍ୱାମୀ, ସନ୍ତାନ ଓ ଅତିଥିଗଣଙ୍କର ସ୍ୱସ୍ତି-ଦାୟିନୀ, ସୁଖଦାୟିନୀ । ସ୍ୱୟଂ ସୃଷ୍ଟିକର୍ତ୍ତା ବ୍ରହ୍ମା ବି ତାର ଏକ ପୂର୍ଣ୍ଣାଙ୍ଗ ବର୍ଣ୍ଣନା ଦେବାକୁ ଅକ୍ଷମ ହୋଇଗଲେ । ସେ ହେଉଛି କୌଣସି ଏକ ରହସ୍ୟମୟ ବସ୍ତୁ, ଯେ କି ସମଗ୍ର ଜଗତକୁ ମୋହିନୀମନ୍ତ୍ର ପ୍ରଦାନ କରୁଛି । ତା' ବିନା ଗୃହାଙ୍ଗନ ହୋଇଯାଏ ଶୂନ୍ୟ । ତା' ଅଭାବରେ ପୁରୁଷ ହୋଇଯାଏ ଅସହାୟ । ତା'ବିନା ଜଗତ ହୋଇଯାଏ ଅସୁନ୍ଦର । ତା' ବିନା ସୃଷ୍ଟି ହୋଇଯାଏ ଅପୂର୍ଣ୍ଣ ।

ନାରୀ ଜନନୀରୂପରେ— ନାରୀ ହେଉଛି ଆପଣଙ୍କର ଦୁଃଖବେଳର ସୁଖଦାୟିନୀ ସଙ୍ଗିନୀ; ସକଳଦୁଃଖ ସକଳ ବିପର୍ଯ୍ୟୟକୁ ସେ ଧୈର୍ଯ୍ୟରସହିତ ସହିନିଏ । ଆପଣଙ୍କ ନୟନରୁ ଯେତେବେଳେ ଦୁଃଖର ଅଶ୍ରୁ ଝରିପଡ଼େ, ସେତେବେଳେ ନାରୀର କୋମଳ କର ହିଁ ସେହି ଅଶ୍ରୁକୁ ପୋଛିଦିଏ । କି ଧୈର୍ଯ୍ୟଶୀଳା କି ସହନଶୀଳା ନୁହେଁ ସେ । ଶିଶୁ ସନ୍ତାନର ସେବାରେ ସେ ବିନିଦ୍ର ରଜନୀ ବିତାଇଦିଏ । ଗର୍ଭରେ ସନ୍ତାନ ଧରିବାଠାରୁ ଆରମ୍ଭ କରି ସନ୍ତାନ ପାଳନ କରିବା ପର୍ଯ୍ୟନ୍ତ, କି ଯନ୍ତ୍ରଣା ସେ ସହ୍ୟ ନ କରେ, କହିଲେ । ପୁଣି ସ୍ୱାମୀର ଆଜ୍ଞାନୁବର୍ତ୍ତୀ ହେବାରେ କି ସହନଶୀଳତା ପ୍ରଦର୍ଶନ ନ କରେ ସେ !! ବନ୍ଧୁ, ଏ କଥା ଆପଣ କେବେ ଭାବି ଦେଖିଛନ୍ତି କି ?

ନାରୀ ବିନା ଜୀବନର ପ୍ରାରମ୍ଭକାଳ ହୋଇଯାଏ ଅନ୍ଧକାରମୟ, ମଧ୍ୟବର୍ତ୍ତୀକାଳ ହୋଇଯାଏ ଦୁଃଖମୟ, ଅଶାନ୍ତିମୟ ଏବଂ ଅନ୍ତିମକାଳ ହୋଇଯାଏ ସାନ୍ତ୍ୱନାବର୍ଜିତ ।

ମାତାର କୋମଳ ବକ୍ଷରେ କଟିଯାଇଥିଲା ଆପଣଙ୍କର ଜୀବନର ପ୍ରାରମ୍ଭ କାଳ । ତା'ର ମଧୁର ମୁଖରୁ ହିଁ ଆପଣ ଶିଖିଥିଲେ ଆପଣଙ୍କର ପ୍ରଥମ ଉଚ୍ଚାରିତ ବଚନ ସେ ହିଁ ଥିଲା ଆପଣଙ୍କର ପ୍ରଥମ ଶିକ୍ଷକ, ପ୍ରଥମ ଗୁରୁ । ସେ ହିଁ ପୋଛିଦେଇଥିଲା ଆପଣଙ୍କର ପ୍ରଥମ ଧାରକ ଲୁହ । ଶେଷରେ ପୁରୁଷମାନେ ଯେତେବେଳେ ଆପଣଙ୍କ ସେବା ଶୁଶ୍ରୂଷାରୁ ଓହରି ଯିବେ, ସେ ହିଁ ରହିଁ ରହିଥିବ ଆପଣଙ୍କ ଶେଷ ନିଶ୍ୱାସଟିକକ ଚାଲିଯିବା ପର୍ଯ୍ୟନ୍ତ ।

ପାଶ୍ଚାତ୍ୟ ଦେଶରେ ନାରୀର ଜନ୍ମ ପୁରୁଷର ଶଯ୍ୟାସଙ୍ଗିନୀ ଭାର୍ଯ୍ୟା ହେବା ନିମନ୍ତେ । କିନ୍ତୁ ଭାରତବର୍ଷରେ ନାରୀ ଜନ୍ମ ହୁଏ ଜନନୀର ଆସନ ଅଳଂକୃତ କରିବାକୁ । ଜନନୀ ହୁଏ ପୂଜିତା । ପାଶ୍ଚାତ୍ୟ ପରିବାରରେ ଭାର୍ଯ୍ୟା ହୁଏ ଗୃହର କର୍ତ୍ତ୍ରୀ । କିନ୍ତୁ ଭାରତୀୟ ପରିବାରରେ ଜନନୀ ହିଁ ପରିଚାଳନା କରେ ଗୃହସଂସାର । ପାଶ୍ଚାତ୍ୟରେ ଜନନୀକୁ ଭାର୍ଯ୍ୟାର ଅଧିନସ୍ଥ ହେବାକୁ ପଡେ । କିନ୍ତୁ ଭାରତରେ ଭାର୍ଯ୍ୟା ହୁଏ ଜନନୀର ଅଧୀନା ।

ଭାରତ ବିଶ୍ୱାସ କରେ ଯେ, ମାତୃତ୍ୱ ହିଁ ନାରୀର ଶ୍ରେଷ୍ଠତମ ଆଦର୍ଶ । ଆମେ ପରମେଶ୍ୱରଙ୍କର ମାତୃତ୍ୱକୁ ଯେଉଁ କାଳୀରୂପରେ ପୂଜା କରୁ ବା ଅନ୍ୟାନ୍ୟ ଦେବୀ-ମାନଙ୍କୁ ଯେଉଁ ପୂଜା କରୁ, ଏବଂ ଆମର ଦେଶକୁ ଆମେ ଯେଉଁ ମାତୃଭୂମି ବୋଲି ପୂଜା କରୁ, ତା' ପଛରେ ଯେ କୌଣସି ତାତ୍ପର୍ଯ୍ୟ ନାହିଁ, ସେପରି ନୁହେଁ ।

ନାରୀ ଓ ପୁରୁଷ ସମାନ ବୋଲି ଯେଉଁ ଏକ ଧାରଣା ରହିଛି, ତାହା ପୂର୍ଣ୍ଣତଃ ଏକ ପାଶ୍ଚାତ୍ୟ ବିଶ୍ୱାସ । ଭାରତୀୟ ଅର୍ଥାତ୍ ହିନ୍ଦୁ ବିଶ୍ୱାସ ଏହି ଯେ, ପୁରୁଷ ଓ ନାରୀ —ପୁରୁଷ ଓ ଶକ୍ତି ଏକ ଓ ଅବିଚ୍ଛେଦ୍ୟ । ଭାର୍ଯ୍ୟା ଅର୍ଦ୍ଧାଙ୍ଗିନୀ । ସେ ତା'ର ସ୍ୱାମୀ ଅଙ୍ଗରେ ନିତ୍ୟ ବାସ କରେ । ସେ ତା'ର ପତି ଦେବତାଙ୍କର ଅର୍ଦ୍ଧାଙ୍ଗର ଅଧିକାରିଣୀ ସୀତା କୌଣସି ଦିନ ନିଜକୁ ରାମଙ୍କଠାରୁ ଜଣେ ଭିନ୍ନ ବ୍ୟକ୍ତି ବୋଲି ଭାବି ନ ଥିଲେ । ସେ ଥିଲେ ରାମଙ୍କର ଏବଂ ବାସ କରୁଥିଲେ ରାମଙ୍କ ଅଙ୍ଗରେ । କି ଗାର୍ହ୍ୟସ୍ଥ୍ୟ, କି ଧାର୍ମିକ କି ସାମାଜିକ ଜୀବନର ସକଳକ୍ଷେତ୍ରରେ ଭାରତୀୟ ନାରୀ ପୂର୍ଣ୍ଣତଃ ତା'ର ସ୍ୱାମୀଙ୍କସହିତ ଅଭିନ୍ନ ହୋଇ ରହିଥାଏ, ଭାର୍ଯ୍ୟାକୁ ସଙ୍ଗରେ ନ ନେଇ ସ୍ୱାମୀ କୌଣସି ଧର୍ମାନୁଷ୍ଠାନ କରିପାରେ ନାହିଁ । ନାରୀର ଗୌରବ ଘୋଷଣା କରି ବେଦ ଗାଇ ଉଠନ୍ତି:—

ସାମ୍ରାଜ୍ଞୀଏଧି ଶ୍ୱଶୁରେଷୁ ସାମ୍ରାଜ୍ଞ୍ୟୁତ ଦେବୃଷୁ ।
ନନାନ୍ଦୁ ସାମ୍ରାଜ୍ଞୀଏଧି ସାମ୍ରାଜ୍ଞ୍ୟୁତ ଶ୍ୱଶ୍ରୂଃ ।।

ଅର୍ଥାତ୍ 'ହେ ବଧୂ, ତୁମେ ଶ୍ୱଶୁର, ଦେବର, ନଣନ୍ଦ ଓ ଶାଶୂ ସମସ୍ତଙ୍କ ଦୃଷ୍ଟିରେ ସାମ୍ରାଜ୍ଞୀ ହୁଅ ।' ସ୍ତ୍ରୀ ଗୃହର ସାମ୍ରାଜ୍ଞୀ; ମାତୃତ୍ୱର ଗୌରବରେ ସେ ଗୃହ-ସାମ୍ରାଜ୍ୟକୁ ଉଦ୍ଭାସିତ କରେ ।

ପତିବ୍ରତା ଧର୍ମ—ନିଜର ପତିବ୍ରତା ଧର୍ମ ପାଳନ କରିବା ହିଁ ନାରୀର ପ୍ରଧାନ ଧର୍ମ । ପତି ଅର୍ଥ ସ୍ୱାମୀ । ବ୍ରତ ହେଉଛି ପ୍ରତିଜ୍ଞା । ଯେଉଁ ସତୀ ସ୍ତ୍ରୀ ପାତିବ୍ରତ୍ୟ ରକ୍ଷା କରିବାଲାଗି ଶପଥ ଗ୍ରହଣ କରିଥାନ୍ତି, ଯେ ପ୍ରାଣଭୟ ଉପସ୍ଥିତ ହେଲେ ମଧ୍ୟ ପତିବ୍ରତା ଧର୍ମରୁ ବିଚଳିତ ହୁଅନ୍ତି ନାହିଁ, ଯେ ଅତ୍ୟନ୍ତ ବିଶ୍ୱସ୍ତତା ସହକାରେ ସ୍ୱାମୀଙ୍କୁ ଭକ୍ତି କରନ୍ତି, ଯେ ନିଜର ସ୍ୱାମୀଙ୍କୁ ଈଶ୍ୱର ମଣି ପୂଜାର୍ଚ୍ଚନା କରନ୍ତି ଏବଂ ଯେ ସମସ୍ତ ମନ, ପ୍ରାଣ ଓ ହୃଦୟ ଦେଇ ସ୍ୱାମୀଙ୍କର ସେବା କରନ୍ତି, ସେ ପତିବ୍ରତା । ପତିବ୍ରତା ସ୍ତ୍ରୀଙ୍କ ପକ୍ଷରେ ତାଙ୍କର ସ୍ୱାମୀ ହିଁ ସବୁକିଛି । ସ୍ୱାମୀ ହିଁ ତାଙ୍କର ଏକମାତ୍ର ଆଶ୍ରୟ, ଏକମାତ୍ର ରକ୍ଷାକର୍ତ୍ତା, ଏକମାତ୍ର ତ୍ରାଣକର୍ତ୍ତା ଏବଂ ଏକମାତ୍ର ଦେବତା । ସେ ତାଙ୍କର ସ୍ୱାମୀଙ୍କଠାରେ ଦେବତ୍ୱ ଆରୋପ କରି ତାଙ୍କୁ ଈଶ୍ୱରଜ୍ଞାନ କରନ୍ତି ଏବଂ ତାଙ୍କୁ ଦିବାରାତ୍ର ପୂଜା କରନ୍ତି । ପତିବ୍ରତା ସ୍ତ୍ରୀଙ୍କର ମନରେ ସ୍ୱପ୍ନରେ ସୁଦ୍ଧା କୌଣସି ଅସତ୍ ଚିନ୍ତା ପ୍ରବେଶ କରେ ନାହିଁ । ଉଦାହରଣସ୍ୱରୂପ ଅନସୂୟା, ସାବିତ୍ରୀ, ନଳଯନ୍ତୀ ପ୍ରଭୃତି ଥିଲେ ଜଣେ ଜଣେ ପତିବ୍ରତା ସ୍ତ୍ରୀ । ପତିବ୍ରତା-ଧର୍ମ ପାଳନ କରୁଥିବା ସ୍ତ୍ରୀ ଦେବୋ-ପାସନା ନିମନ୍ତେ ମନ୍ଦିରକୁ ଯିବା ମଧ୍ୟ ଅନାବଶ୍ୟକ ; ସ୍ୱାମୀ ହେଉଛନ୍ତି ତାଙ୍କର ହୃଦୟ ମନ୍ଦିରର ପୂଜ୍ୟ ଦେବତା ।

ପତିବ୍ରତା-ଧର୍ମ ବଳରେ ନାରୀମାନେ ସବୁକିଛି କରିପାରିବେ । ସାବିତ୍ରୀ ନିଜର ମୃତସ୍ୱାମୀ ସତ୍ୟବାନଙ୍କର ଜୀବନ ଫେରାଇ ଆଣିପାରିଥିଲେ । ସେ ପ୍ରକୃତରେ ଯମ ଦେବତାଙ୍କ ସହିତ ସଂଗ୍ରାମ କରିଥିଲେ । ଅତ୍ରି ଋଷିଙ୍କ ପତ୍ନୀ ଏବଂ ଶ୍ରୀଦତ୍ତାତ୍ରେୟଙ୍କର ମାତା ଅନସୂୟାଙ୍କ ସତୀତ୍ୱ ବିଷୟ ଆପଣ ଜାଣିଥିବେ । ନିଜର ସତୀତ୍ୱ-ବଳରେ ସେ ତ୍ରିମୂର୍ତ୍ତିଙ୍କୁ ନିଜର ସନ୍ତାନରୂପରେ ପରିବର୍ତ୍ତିତ କରିଦେଇଥିଲେ ।

ସ୍ତ୍ରୀ ତା'ର ସ୍ୱାମୀଙ୍କର ତ୍ରୁଟିବିଚ୍ୟୁତି ଧରିବା ଉଚିତ ନୁହେଁ । ସ୍ୱାମୀ ଅନ୍ଧ ବା ବଧିର ହୋଇଥାଇ ପାରନ୍ତି, ଅତ୍ୟନ୍ତ ଦରିଦ୍ର ବା ନିରକ୍ଷର ହୋଇଥାଇ ପାରନ୍ତି, ସେ ଦୀର୍ଘକାଳ ଧରି କୌଣସି ଦୁରାରୋଗ୍ୟ ରୋଗ ଭୋଗୁଥାଇପାରନ୍ତି, ସେ କ୍ଷଣକୋପୀ ଓ ହୀନମନା ହୋଇଥାଇ ପାରନ୍ତି, ତଥାପି ସ୍ତ୍ରୀ ତାଙ୍କୁ ପୂର୍ଣ୍ଣପ୍ରାଣରେ ପ୍ରେମ କରିବା ଉଚିତ; ସ୍ତ୍ରୀ ସମସ୍ତ ଆନ୍ତରିକତାର ସହିତ ତାଙ୍କର ସେବା କରିବା ଉଚିତ । ସ୍ୱାମୀଙ୍କ ସହିତ କଥାବାର୍ତ୍ତା କରିବାବେଳେ ସ୍ତ୍ରୀ ସକଳ ପ୍ରକାର ସ୍ନେହଶ୍ରଦ୍ଧା ପ୍ରଦର୍ଶନ କରିବା ଉଚିତ । ସେପରି ଆଚରଣ ପ୍ରଦର୍ଶନ କରିବା ଅବଶ୍ୟ ଅତ୍ୟନ୍ତ କଷ୍ଟକର, ତଥାପି

ଭଗବତ୍‌କୃପାରୁ କ୍ରମେ କ୍ରମେ ସ୍ତ୍ରୀଙ୍କର ମନୋବଳ ବୃଦ୍ଧି ପାଇବ ଏବଂ ତାଙ୍କର ସହ୍ୟ କରିବାର ଶକ୍ତି ମଧ୍ୟ ବୃଦ୍ଧି ପାଇବ ।

ସ୍ୱାମୀ ଅଧର୍ମ ମାର୍ଗରେ ଚାଲିଲେ ମଧ୍ୟ ସ୍ତ୍ରୀ ତାଙ୍କପ୍ରତି ବିଶ୍ୱସ୍ତ ରହିବା ଉଚିତ । ସ୍ତ୍ରୀ ଭଗବାନଙ୍କୁ ପ୍ରାର୍ଥନା କରିବା ଆବଶ୍ୟକ ଯେ, ସେ ତାଙ୍କ ସ୍ୱାମୀଙ୍କୁ ଧର୍ମମାର୍ଗରେ ପରିଚାଳିତ କରନ୍ତୁ, ତାଙ୍କ ହୃଦୟରେ ଭକ୍ତି ଓ ବିଶ୍ୱାସ ଜନ୍ମାନ୍ତୁ ଏବଂ ତାଙ୍କୁ ବ୍ରହ୍ମସାକ୍ଷାତକାର ଉପଲବ୍‌ଧି କରାଇଦିଅନ୍ତୁ । ଯେଉଁ ସତୀ ସ୍ତ୍ରୀ କୌଣସି ପରିସ୍ଥିତିରେ ବି ନିଜ ପାତିବ୍ରତ୍ୟରୁ ତିଳେମାତ୍ର ବିଚଳିତ ହୁଅନ୍ତି ନାହିଁ, ସେ ନିଜ ସ୍ୱାମୀଙ୍କୁ ନିଶ୍ଚୟ ସତପଥକୁ ନେଇଆସିପାରିବେ; ଅସତ୍ ଜୀବନ ପରିତ୍ୟାଗ କରି ପୁନର୍ବାର ସତ୍‌ମାର୍ଗକୁ ଫେରି ଆସିବାରେ ସେ ନିଜ ସ୍ୱାମୀଙ୍କୁ ନିଶ୍ଚିତଭାବରେ ସାହାଯ୍ୟ କରିପାରିବେ । ଏହାର ବହୁ ଦୃଷ୍ଟାନ୍ତ ରହିଛି ।

ଭାରତୀୟ ନାରୀତ୍ୱର ପବିତ୍ର ଆଦର୍ଶ—ନାରୀର ସ୍ୱଭାବଚରିତ୍ର ଯଦି ବିଶୁଦ୍ଧନିର୍ମଳ ହୋଇଯାଏ, ତେବେ ସେ ପୁରୁଷକୁ ବିଶୁଦ୍ଧନିର୍ମଳ କରିଦେଇପାରିବ ଏବଂ ତାକୁ ଅଧୋପତନରୁ ରକ୍ଷା କରିଦେଇ ପାରିବ । ନାରୀ ସମଗ୍ର ଜାତିକୁ ପବିତ୍ର ନିଷ୍କଳଙ୍କ କରିଦେଇ ପାରିବ । ନାରୀ ତାର ଗୃହାଙ୍ଗନକୁ ଦେବମନ୍ଦିରରେ ପରିଣତ କରିଦେଇ ପାରିବ । ହିନ୍ଦୁ ନାରୀ ଏଯାବତ୍ ହିନ୍ଦୁଜାତିର ରକ୍ଷାକର୍ତ୍ତ୍ରୀ ହୋଇ ଆସିଛି । ଏ ଦେଶରେ ବିଭିନ୍ନ ସଭ୍ୟତା ପ୍ରବେଶ କରିଛି ଏବଂ କିଛିକାଳ ପରେ ଏଠାରୁ ଅପସରି ଯାଇଛି ଅଥଚ ଏହିସବୁ ବିଭିନ୍ନ ବୈଦେଶିକ ଆକ୍ରମଣ ସତ୍ତ୍ୱେ ଯେଉଁ ହିନ୍ଦୁଧର୍ମ, ହିନ୍ଦୁସଂସ୍କୃତି ଓ ହିନ୍ଦୁସଭ୍ୟତା ଏ ପର୍ଯ୍ୟନ୍ତ ତିଷ୍ଠି ରହିଛି, ତା ମୂଳରେ ରହିଛି ହିନ୍ଦୁ ନାରୀର ପବିତ୍ରତା । ହିନ୍ଦୁ ନାରୀକୁ ଶିକ୍ଷା ଦିଆଯାଏ ଯେ, ସତୀତ୍ୱ ହିଁ ତାର ଶ୍ରେଷ୍ଠତମ ଅମୂଲ୍ୟ ସମ୍ପଦ । ସେହି ସମ୍ପଦ ହରାଇବା ଅର୍ଥ ତାର ଆତ୍ମାକୁ ଚିରକାଳ ନରକରେ ପକାଇଦେବା । ଧର୍ମ ଆଜନ୍ମରୁ ହିନ୍ଦୁ ନାରୀର ଅଙ୍ଗୀଭୂତ ହୋଇଯାଇଥାଏ । ହିନ୍ଦୁ ନାରୀ ତାର ପବିତ୍ରତାର ଆଲୋକରେ ତାର ଗୃହାଙ୍ଗନକୁ ଉଦ୍ଭାସିତ ଉଜ୍ଜୀବିତ କରିଦିଏ ।

ସ୍ୱାମୀପ୍ରତି ହିନ୍ଦୁ ନାରୀର ଯେଉଁ ଚିର ଆନୁଗତ୍ୟ ରହିଛି; ତାହା ତାକୁ ନାରୀଜଗତର ଶ୍ରେଷ୍ଠତମ ଆଦର୍ଶରେ ପରିଣତ କରିଦେଇଛି । କେଉଁ ସ୍ମରଣାତୀତ କାଳରୁ ସୀତା, ସାବିତ୍ରୀ, ଦମୟନ୍ତୀ ନଳୟାଣୀ, ଅନସୂୟା ଓ ଦ୍ରୌପଦୀ ଭାରତୀୟ ନାରୀର ପବିତ୍ର ମହତ୍ ଆଦର୍ଶରୂପେ ପରିଗଣିତ ହୋଇଆସୁଛନ୍ତି । ସେମାନଙ୍କର ପବିତ୍ର ଆଦର୍ଶ ଚିରନ୍ତନ ନାରୀତ୍ୱକୁ ପୂର୍ଣ୍ଣଦେବତ୍ୱର ଶୀର୍ଷାସନରେ ଅଧିଷ୍ଠିତ କରି-ଦେଇଛି । ଏହି ଦେବୀଗଣ ପ୍ରତ୍ୟେକ ନିଜନିଜର ସତୀତ୍ୱ, ସାହସ ଓ ଧୈର୍ଯ୍ୟର

ଦେବାଲଗି ଅତି କଠିନ ପରୀକ୍ଷାର ସମ୍ମୁଖୀନ ହୋଇଛନ୍ତି ଏବଂ ଉକ୍ତ ପରୀକ୍ଷାରେ ସେମାନେ ଉତ୍ତୀର୍ଣ୍ଣ ହୋଇଛନ୍ତି ଅତି ଗୌରବ ସହକାରେ ।

ଆଧୁନିକ ଯୁଗର ନାରୀଗଣ ସେହି ଦେବୀଗଣଙ୍କର ଚରିତରୁ ପ୍ରେରଣା ଲାଭ କରିବା ଆବଶ୍ୟକ । ସେମାନଙ୍କୁ ସେହି ଦେବୀଗଣଙ୍କ ଆଦର୍ଶରେ ଜୀବନ ନିର୍ବାହ କରିବାକୁ ପଡ଼ିବ । ଚାକଚକ୍ୟପୂର୍ଣ୍ଣ ଚଳଚିତ୍ର ଜଗତରେ ନାୟିକା ହେବାରେ କୌଣସି ମହତ୍ତ୍ୱ ନାହିଁ ; ସେ ଜଗତ ଘନ ଅନ୍ଧକାରରେ ପୂର୍ଣ୍ଣ । ଚଳଚିତ୍ର ଜଗତର ତାରକା ହେବାପାଇଁ ଆଜି ଯେଉଁ ପ୍ରତିଯୋଗୀତା ଚାଲିଛି, ବାସ୍ତବିକ୍ ତାହା ଅଜ୍ଞମାନବର ଏକ ହୀନ ଆକାଂକ୍ଷା । ଲୋକେ ଏ ପ୍ରକାର ବାହାରି ବସ୍ତୁତାନ୍ତ୍ରିକ ପ୍ରଭାବରେ ପ୍ରଭାବିତ ହେବା ନିତାନ୍ତ ଅନୁଚିତ । ପ୍ରକୃତ ସ୍ୱାଧୀନତା ଯେ କଣ, ଲୋକଙ୍କର ସେ ବିଷୟରେ ଧାରଣା ନାହିଁ । ଲଗାମଛଡ଼ା ହୋଇ ଅବାଧରେ ଯେଣେ ତେଣେ ବୁଲିବା, ଯାହା ଇଚ୍ଛା ତାହା କରିବା, ଯାହା ଇଚ୍ଛା ତାହା ଖାଇବାପିଇବା ଅର୍ଥହୀନଭାବରେ ଅନ୍ୟକୁ ଅନୁକରଣ କରିବା, କାର ଚଳାଇବା କିମ୍ବା କଚିରିକୁ ଯାଇ ବାରିଷ୍ଟର କରିବା ସ୍ୱାଧୀନତା ନୁହେଁ ।

ପାଶ୍ଚାତ୍ୟର ନାରୀ— ପାଶ୍ଚାତ୍ୟର ନାରୀ ତା' ଜୀବନରେ ଏକ ନୂତନ ଅଧ୍ୟାୟ ଖୋଲି ଦେଇଛି । ଆଧୁନିକ ଯୁଗର ପ୍ରବଳ ବେଗ ଓ ପ୍ରଲୁବ୍ଧକର ଚାକଚକ୍ୟର ବନ୍ୟା ତାକୁ ହତବୁଦ୍ଧି କରିଦେଇଛି । ସେ ଆଉ ତାର ଗୃହକର୍ମ କରିବାକୁ ଇଚ୍ଛୁକ ନୁହେଁ । ଆଜି ଆପଣ ତାକୁ ପାର୍ଲିମେଣ୍ଟରେ ଦେଖିବାକୁ ପାଇବେ, ଦେଖିବାକୁ ପାଇବେ ଟାଇପ୍‌ରାଇଟର ପାଖରେ । ସେ କେଉଁଠି ଟେଲିଫୋନ ଅପରେଟର ତ, କେଉଁଠି ପାଇଲଟ । କେଉଁଠି ଚଳଚିତ୍ର ତାରକା ତ, କେଉଁଠି ଦୋକାନ ଚାକରାଣୀ । ଏସବୁ କାର୍ଯ୍ୟ କରିବାରେ ତାର ବିଶେଷ ଗର୍ବ ପୁରୁଷର କାର୍ଯ୍ୟରେ ସେ ଅଂଶୀଦାର ହୋଇପାରିଛି ବୋଲି, ପୁରୁଷର କାର୍ଯ୍ୟଭାର ଲାଘବ କରିପାରିଛିବୋଲି ନାରୀ ଆଜି ନିଜେ ନିଜକୁ ଧନ୍ୟବାଦ ଦେଉଛି । ଧୀରେ ଧୀରେ ସେ ଟ୍ରାଉଜର ପିନ୍ଧିବା ମଧ୍ୟ ଶିଖିସାରିଲାଣି । କର୍ମ କ୍ଷେତ୍ରରେ ସେ ପୁରୁଷ ସହିତ ପ୍ରତିଯୋଗୀତା କରିବସୁଛି ଏବଂ ପୁରୁଷକୁ ଆସନଚ୍ୟୁତ କରି ନିଜେ ସେହି ଆସନ ଅଧିକାର କରିବବୋଲି ଚେଷ୍ଟା କରୁଛି ।

ସେ ଆଜି ଗୃହାଙ୍ଗନର ଚତୁଃସୀମା ଲଙ୍ଘନ କରି ସକଳ କ୍ଷେତ୍ରରେ ନିଜର ଅଧିକାର ସାବ୍ୟସ୍ତ କରିସାରିଛି । ସେ ଶିଳ୍ପ କାରଖାନାରେ କର୍ମରତ, ସେ ଯୁଦ୍ଧ-କ୍ଷେତ୍ରରେ ଅସ୍ତ୍ର ଧାରଣ କରି ଆଗୁସାର । ସେ ଭାବୁଛି, ସେ ଏକ ଗୌରବମୟ ଜୀବନ ଯାପନ କରୁଛି । କିନ୍ତୁ ଅବସ୍ଥା ଯଥାର୍ଥରେ ତାହା ନୁହେଁ । ପ୍ରକୃତରେ ତାର ଶାନ୍ତି ନାହିଁ, କି ସୁଖ ନାହିଁ ।

ଗୃହାଙ୍ଗନ ହିଁ ନାରୀର ଉପଯୁକ୍ତ କର୍ମକ୍ଷେତ୍ର— ଭାରତୀୟ ନାରୀଗଣ ପାଶ୍ଚାତ୍ୟ ମହିଳାମାନଙ୍କୁ ଅନୁକରଣ କରିବା ଉଚିତ ନୁହେଁ । ଭାରତ ଭାରତ ହୋଇ ରହିବ । ଏ ଦେଶ ଏକ ଆଧ୍ୟାତ୍ମିକ ଦେଶ । ଏ ଦେଶ ମୁନି, ଋଷି ଯୋଗୀ, ଯୋଗିନୀ ଓ ଦାର୍ଶନିକମାନଙ୍କର ଦେଶ । ଆଧ୍ୟାତ୍ମିକ ବିଜ୍ଞାନ କ୍ଷେତ୍ରରେ ଏ ଦେଶ ଏକ ଅନୁପମ ଦେଶ । ଏ ଦେଶର ନାରୀମାନଙ୍କୁ ଧର୍ମକ୍ଷେତ୍ରରେ ତଥା ସନ୍ତାନସନ୍ତତିଙ୍କୁ ଉପଯୁକ୍ତ ଭାରତୀୟ କରି ଗଢ଼ିବା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ପଡ଼ିବ ।

ଜଗତରେ ପୁରୁଷମାନେ ଯେପରି ସ୍ତ୍ରୀମାନଙ୍କର କାର୍ଯ୍ୟ କରିପାରିବେ, ସ୍ତ୍ରୀମାନେ ଠିକ୍ ସେହିପରି ପୁରୁଷମାନଙ୍କର କାର୍ଯ୍ୟ କରିପାରିବେ ନାହିଁ । ରାଜନୀତିରେ ଅଂଶ ଗ୍ରହଣ କରିଦେଲେ, ରାଜନୈତିକ କ୍ଷମତା ହସ୍ତଗତ କରିଗଲେ, ଭୋଟ ଦେବାର ଅଧିକାର ପାଇଗଲେ ବା ଆଇନକାନୁନ୍ ଗଢ଼ିବାର ଦାୟିତ୍ୱ ନେଇଗଲେ ନାରୀମାନେ ଯେ ଜ୍ଞାନୀ ବା ସଂସ୍କୃତିସମ୍ପନ୍ନ ହୋଇଯିବେ, ସେପରି ନୁହେଁ ଯଦି ସେମାନେ ଗୃହ ଦାୟିତ୍ୱରୁ ଓହରି ଆସିବେ, ତେବେ ଫଳାଫଳ ବଡ଼ ବିଷମୟ ହୋଇଉଠିବ । ଗୃହାଙ୍ଗନର ଅନୁଶାସନ, ପରିବାରର ଶୃଙ୍ଖଳା ଏବଂ ପରିବାର ଓ ସମାଜର ସୁସମ୍ପର୍କ ବିପର୍ଯ୍ୟସ୍ତ ହୋଇଯିବ । ସନ୍ତାନସନ୍ତତିମାନେ ଯଥାର୍ଥ ତତ୍ତ୍ୱାବଧାନରୁ ବଞ୍ଚିତ ହୋଇ ପ୍ରକୃତ ଶିକ୍ଷିତ ହୋଇପାରିବେ ନାହିଁ ।

ଜୀବନର ସ୍ନେହ, ଶ୍ରଦ୍ଧା, ଅନୁରାଗ ପ୍ରଭୃତି ଲଳିତ ପ୍ରବୃତ୍ତିଗୁଡ଼ିକ ମାଧୁର୍ଯ୍ୟ ଓ ସୂକ୍ଷ୍ମତା ହରାଇ ବସିବ । ନାରୀ ଆଉ ପୁରୁଷର ବିନମ୍ରୀ ଭାର୍ଯ୍ୟା ହୋଇ, ଅର୍ଦ୍ଧାଙ୍ଗିନୀ ହୋଇ, ସୁଖଦୁଃଖର ସାଥୀ ହୋଇ ରହିପାରିବ ନାହିଁ । ସେ ହୋଇଯିବ ଜଣେ ସହକର୍ମୀ, ଜଣେ ସାଥୀ ଶ୍ରମିକ ।

ଗୃହକର୍ମର ସୁରୁଖୁରୁ ନିର୍ବାହ, ଗୃହାଙ୍ଗନର ସୁପରିଚାଳନା, ସନ୍ତାନସନ୍ତତିଙ୍କର ସୁପରିଚାଳନା, ପରିବାରର ଆର୍ଥିକ ସନ୍ତୁଳନ— ଏସବୁ ହେଉଛି ନାରୀର ଯୋଗ୍ୟ କର୍ମକ୍ଷେତ୍ର । ନାରୀ ଦିବ୍ୟଶକ୍ତିରେ ବିଭୂଷିତା ହୋଇସାରିଛି । ସେ ତାର ପ୍ରେମ ଓ ଅନୁରାଗର ଶକ୍ତିବଳରେ ସମଗ୍ର ସଂସାରକୁ ପାଳନ କରିଚାଲିଛି । ତେଣୁ ନାରୀ ନିଜର ଭୋଟ ଅଧିକାର ପ୍ରୟୋଗ କରି ପାରିଲେ, ଦେଶର ବିଧିବିଧାନ ପ୍ରଣୟନ କରିପାରିଲେ ବା ଦେଶର ସର୍ବନେତ୍ରୀ, ରାଷ୍ଟ୍ରନେତ୍ରୀ ମନ୍ତ୍ରୀ ବା ବିଚାରପତିର ଆସନ ଅଳଂକୃତ କରିପାରିଲେ, ସେ ଯେଉଁ କ୍ଷମତାର ଅଧିକାରିଣୀ ହୋଇପାରିବ, ତାର ସନ୍ତାନସନ୍ତତିଙ୍କୁ ଯଥାର୍ଥ ଯୋଗ୍ୟଶିକ୍ଷିତ କରି ସୁନାଗରିକରୂପେ ଗଢ଼ିପାରିଲେ ଏବଂ ପ୍ରକାରାନ୍ତରେ ସମଗ୍ର ମାନବଜାତିର ସଚ୍ଚରିତ୍ର ନିର୍ମାଣ କରିପାରିଲେ ଯେ

ତା' ଅପେକ୍ଷା ଯଥେଷ୍ଟ ଅଧିକ କ୍ଷମତାର ଅଧିକାରିଣୀ ହୋଇପାରେ, ସେଥିରେ କୌଣସି ସନ୍ଦେହ ନାହିଁ ।

ଜଣେ ସତୀମାତା ହରିନାମ ଧ୍ୱନି କରି କରି, ନିଜର ଶିଶୁପୁତ୍ରକୁ ଦୋଳାରେ ଖେଳାଇ ଖେଳାଇ ତା ଅନ୍ତରରେ ଯେଉଁ ଭକ୍ତିର ବୀଜ ବୁଣିଦେଇ, ତା' ମୁଖରେ ଯେଉଁ ସୁଧାର ମାଧୁର୍ଯ୍ୟ ବୋଳିଦେଇ ଜଗତକୁ ଏପରି ଜଣେ ଗୌରାଙ୍ଗ ଦେଇଦେଲେ ଯେ, ସେ ଗୌରାଙ୍ଗ ବଙ୍ଗଭୂମିର ସମସ୍ତ ନରନାରୀଙ୍କର ହୃଦୟ ପରିବର୍ତ୍ତନ କରିଦେଇ ପାରିଲେ । ଆଉ ଜଣେ ମାତାଙ୍କର ଉନ୍ନତ ପ୍ରେରଣା ହିଁ ଶିବାଜୀଙ୍କର ଅନ୍ତରର ଜ୍ୟୋତି ହୋଇଥିଲା; ସେହି ମାତାଙ୍କର ନିଷ୍କଳଙ୍କ ରକ୍ତ ହିଁ ଶିବାଜୀଙ୍କର ଅଙ୍ଗପ୍ରତ୍ୟଙ୍ଗରେ ଶୁଦ୍ଧ-ଚେତନାର ଧାରା ଛୁଟାଇଦେଇ ତାଙ୍କୁ କରିପାରିଥିଲା ଏପରି ମହତ୍ । ଏଡ଼ିସନ୍ ନିଜର ଦୁଃସାଧ୍ୟ ପ୍ରଶ୍ନଗୁଡ଼ିକର ଉତ୍ତର ଅଙ୍କ ଶିକ୍ଷକମାନଙ୍କଠାରୁ ପାଇ ନ ଥିଲେ; ପାଇଥିଲେ କେବଳ ନିଜର ସ୍ନେହଶୀଳା ଜନନୀଙ୍କଠାରୁ ।

ଯୋଗ୍ୟା ଜନନୀ ହୋଇପାରିବା ହିଁ ନାରୀ ପକ୍ଷରେ ଯଥେଷ୍ଟ । ପରମେଶ୍ୱରଙ୍କର ଏ ଯେଉଁ ବିଶାଳ ସୁନ୍ଦର ପରିକଳ୍ପନା ଏଥିରେ ନାରୀମାନଙ୍କ ନିମନ୍ତେ ଏହା ହିଁ ମହତ୍ତମ କର୍ତ୍ତବ୍ୟ; ଏହା ହିଁ ପରମେଶ୍ୱରଙ୍କ ଯୋଜନାର ଉଦ୍ଦେଶ୍ୟ; ଏହା ହିଁ ଭଗବତ୍ ଇଚ୍ଛା । ନାରୀ ତା'ର ସ୍ୱତନ୍ତ୍ର ମାନସିକ ବୃତ୍ତି, ମନୋଭାବ, କ୍ଷମତା, ସଦ୍‌ଗୁଣ, ସହଜାତ ପ୍ରବୃତ୍ତି ଓ ସହଜାତ ସଂସ୍କାରରେ ଭୂଷିତା । ସମାଜରେ ନାରୀର ପ୍ରକୃତିଗତ ସ୍ଥିତି ପୁରୁଷର ସ୍ଥିତିଠାରୁ ସ୍ୱତନ୍ତ୍ର । ସୁତରାଂ ନାରୀମାନେ ପୁରୁଷମାନଙ୍କ ସହିତ ପ୍ରତିଯୋଗିତା କରିବା ଅନୁଚିତ ଓ ଅସମ୍ଭବ । ସେମାନେ ପୁରୁଷମାନଙ୍କର ସକଳ କାର୍ଯ୍ୟ କରିବା ଯୁକ୍ତିଯୁକ୍ତ ନୁହେଁ ।

ନାରୀ ଶିକ୍ଷା— ନାରୀମାନଙ୍କୁ ନିଶ୍ଚିତଭାବରେ ଶିକ୍ଷିତ କରିବାକୁ ପଡ଼ିବ । ମୁଁ ନାରୀମାନଙ୍କୁ ଶିକ୍ଷା ଓ ସ୍ୱାଧୀନତା ଦେବାରେ ବିରୋଧ କରେ ନାହିଁ । ନାରୀମାନଙ୍କୁ ମୁଁ ପୂର୍ଣ୍ଣପ୍ରାଣରେ ସମ୍ମାନ ଦିଏ । ମୁଁ ସେମାନଙ୍କୁ ଦେବୀରୂପେ ପୂଜା କରେ । କିନ୍ତୁ ଯେଉଁସବୁ ସ୍ୱାତନ୍ତ୍ର୍ୟ ନାରୀମାନଙ୍କୁ ଅଧୋପତନର ପଥରେ ଟାଣିନେବ, ମୁଁ ସେ ପ୍ରକାର ସ୍ୱାତନ୍ତ୍ର୍ୟର ସମର୍ଥନ କରେ ନାହିଁ । ଯେଉଁ ଶିକ୍ଷା ଯେଉଁ ସଂସ୍କୃତି ସେମାନଙ୍କୁ ଆଦର୍ଶ ନାରୀରେ ପରିଣତ କରିପାରିବ, ମୁଁ ସେପରି ଶିକ୍ଷା ଓ ସଂସ୍କୃତିର ସମର୍ଥନ କରେ ।

ନାରୀମାନଙ୍କର ସଂସ୍କୃତ ଜ୍ଞାନ ରହିବା ଅବଶ୍ୟକ । ନିଜନିଜର କନ୍ୟାମାନଙ୍କୁ ସଂସ୍କୃତ ଶିକ୍ଷା ପ୍ରଦାନ କରିବା ପ୍ରତ୍ୟେକ ପିତାମାତାଙ୍କର କର୍ତ୍ତବ୍ୟ । ଏହା ଏକ ଅତ୍ୟାବଶ୍ୟକ ଶିକ୍ଷା । ନାରୀମାନଙ୍କର ଗୀତା, ଭାଗବତ, ରାମାୟଣ ଓ

ଅନ୍ୟାନ୍ୟ ଧର୍ମଗ୍ରନ୍ଥମାନଙ୍କ ବିଷୟରେ ଜ୍ଞାନ ରହିବା ଆବଶ୍ୟକ । ସେମାନେ ସ୍ୱାସ୍ଥ୍ୟରକ୍ଷା, ଗୃହଚିକିତ୍ସା, ରୋଗୀସେବା, ଶିଶୁପାଳନ, ପଥ୍ୟାପଥ୍ୟ ଓ ପ୍ରସୂତିବିଦ୍ୟା ସମ୍ବନ୍ଧରେ କିଛି କିଛି ଶିକ୍ଷା ଲାଭ କରିବା ଉଚିତ ।

ନାରୀ ନିଜର ଜ୍ଞାନବର୍ଦ୍ଧନ ନିମନ୍ତେ ଚିକିତ୍ସାଶାସ୍ତ୍ର, ଆଇନ୍, ପ୍ରାଣୀବିଜ୍ଞାନ ତଥା ସାଧାରଣ-ବିଜ୍ଞାନରେ ବିଦ୍ୟାର୍ଜ୍ଜନ କରିପାରେ, କିନ୍ତୁ ଚାକିରି କରିବାଲାଗି ଏସବୁ ବିଦ୍ୟାର୍ଜ୍ଜନ କରିବା ଅନାବଶ୍ୟକ । ନିଃସ୍ୱ ଓ ଦରିଦ୍ରମାନଙ୍କର ସେବା କରିବା ନିମନ୍ତେ ବା ନିଜର ପରିବାରବର୍ଗଙ୍କର ଚିକିତ୍ସା କରିବା ଉଦ୍ଦେଶ୍ୟରେ ନାରୀ ଚିକିତ୍ସକ ହୋଇ-ପାରେ । ନିଜର ସନ୍ତାନସନ୍ତତିଙ୍କୁ ଶିକ୍ଷିତ କରିବା ଉଦ୍ଦେଶରେ ବା ସ୍ଥାନୀୟ ବାଳକ ବାଳିକାମାନଙ୍କ ମଧ୍ୟରେ ଶିକ୍ଷାର ପ୍ରସାର ନିମନ୍ତେ ନାରୀ ଶିକ୍ଷିକା ହୋଇପାରେ ।

ଶିକ୍ଷିତା ମହିଳାମାନେ ସେମାନଙ୍କର ଅଭିରୁଚି, ମନୋବୃତ୍ତି, ଆଗ୍ରହ, ସ୍ୱଭାବ, ଶକ୍ତି ଓ ଶିକ୍ଷାର ସ୍ତର ଅନୁସାରେ ଯେକୌଣସି ସମାଜମଙ୍ଗଳ କାର୍ଯ୍ୟ କରିପାରନ୍ତି; କିନ୍ତୁ ସେମାନଙ୍କର କାର୍ଯ୍ୟକଳାପ ଦେଶ ଓ ଜାତିର ପ୍ରତିଷ୍ଠିତ ପରମ୍ପରା ତଥା ସେମାନଙ୍କର ଜୀବନଧାରାର ଧର୍ମ ସହିତ ପୂର୍ଣ୍ଣସମଞ୍ଜସ, ପୂର୍ଣ୍ଣ ଅନୁକୂଳ ହେବା ଏକାନ୍ତ ଆବଶ୍ୟକ । ସେମାନେ ଏପରି କୌଣସି କାର୍ଯ୍ୟ କରିବା ଅନୁଚିତ ହେବ, ଯାହା କି ସେମାନଙ୍କର ତଥା ସେମାନଙ୍କର ପରିବାରର ସମ୍ମାନ କ୍ଷୁଣ୍ଣ କରିବ ଏବଂ ସେମାନଙ୍କର ଚରିତ୍ର କଳଙ୍କିତ କରିଦେବ । ପୁରୁଷ ହେଉ, ସ୍ତ୍ରୀ ହେଉ, ସେ ଯଦି ଚରିତ୍ରହୀନ ହୋଇଗଲା, ତେବେ ସେ ଜୀବିତ ଅବସ୍ଥାରେ ମଧ୍ୟ ମୃତତୁଲ୍ୟ ବିବେଚିତ ହେବ ।

ଯେଉଁ ନାରୀ ସୁଚାରୁରୂପେ ନିଜର ଗୃହ ପରିଚାଳନା କରେ, ଯେଉଁ ନାରୀ ନିଜ ସ୍ୱାମୀଙ୍କର ସୁଖସ୍ୱାଚ୍ଛନ୍ଦ୍ୟପ୍ରତି ପୂର୍ଣ୍ଣଧ୍ୟାନ ଦେଇ ତାଙ୍କୁ ପରମେଶ୍ୱରରୂପେ ପୂଜା କରେ, ଯେଉଁ ନାରୀ ନିଜର ସନ୍ତାନସନ୍ତତିଙ୍କୁ ସୁନାଗରିକ କରି ଗଢେ, ଯେଉଁ ନାରୀ ସତୀସାଧ୍ୱୀ ହୋଇ, ସୁଗୁଣବତୀ ହୋଇ ଜୀବନ ନିର୍ବାହ କରେ ଏବଂ ଯେଉଁ ନାରୀ ଯୋଗ୍ୟାଜାୟା ଓ ଯୋଗ୍ୟା ଜନନୀ ଉଭୟର ଅତି ଗୁରୁତ୍ୱପୂର୍ଣ୍ଣ, ଅତି ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରେ, ସେ ହିଁ ଆଦର୍ଶ ନାରୀ । ନାରୀମାନଙ୍କୁ ଆଦର୍ଶ ଜାୟା ଓ ଆଦର୍ଶ ଜନନୀ ହେବାକୁ ପଡ଼ିବ । ପରମେଶ୍ୱରଙ୍କର ଏହି ବିଶାଳ ସୁନ୍ଦର ପରିଯୋଜନାରେ ପ୍ରକୃତ ନାରୀମାନଙ୍କ ନିମନ୍ତେ ଏହି ଯୋଜନା ହିଁ ପ୍ରସ୍ତୁତ କରିଛୁ । ହେ ଦେବୀଗଣ, ଆପଣମାନେ ଭଗବତ୍ ଉଦ୍ଦେଶ୍ୟ ପୂର୍ଣ୍ଣ କରନ୍ତୁ ଏବଂ ଚିରଶାନ୍ତି ଚିରସୁଖ ଉପଭୋଗ କରନ୍ତୁ ।

ବିବାହ

ଜୀବନର ଦ୍ୱିତୀୟ ଆଶ୍ରମରେ ପ୍ରବେଶର ନାମ ବିବାହ । ଏହିଠାରୁ ଗୃହସ୍ଥ ଜୀବନ ଆରମ୍ଭ ହୁଏ । ଏହି ଅବସ୍ଥାରୁ ମନୁଷ୍ୟ ଗୁରୁଦାୟିତ୍ୱ ଗ୍ରହଣ କରି ଦାନ ଅଧ୍ୟୟନ ଓ ପ୍ରଜନନରୂପକ କର୍ମ ଦ୍ୱାରା ବିଭିନ୍ନ ଋଣ ପରିଶୋଧ କରିବାକୁ ଆରମ୍ଭ କରେ । ବର ବଧୂକୁ କହେ, "ମୁଁ ସୌଭାଗ୍ୟ ଲାଭପାଇଁ ତୁମ ହାତ ଧରୁଛି । ଆମର ଉପଯୁକ୍ତ ସନ୍ତାନ ଜନ୍ମ ହେବେ, ମୁଁ ତୁମର ସ୍ୱାମୀ ହେବି ଏବଂ ଶେଷକାଳ ପର୍ଯ୍ୟନ୍ତ ତୁମେ ମୋ ସହିତ ବାସ କରିବ; ଏହି ଅଭିପ୍ରାୟରେ ମୁଁ ତୁମର ହାତ ଧରୁଛି । ଏହି ଅଖିଳ ବ୍ରହ୍ମାଣ୍ଡର ଈଶ୍ୱର ନିଜର ପ୍ରତିନିଧି ଭର୍ଗ, ଆର୍ଯ୍ୟମାନ ସବିତୃ ଓ ପୁରନ୍ଧ୍ରୀକୁ ସାକ୍ଷୀ ରଖି ତୁମକୁ ମୋ ହାତରେ ଏହି ଅଭିପ୍ରାୟରେ ଅର୍ପଣ କରିଛନ୍ତି । ଆମେ ସୁନ୍ଦରଭାବରେ ଗୃହସ୍ଥ ଧର୍ମ ପାଳନ କରିବା । ତୁମେ ବୀରପ୍ରସବିନୀ ହୁଅ ଏବଂ ପରମେଶ୍ୱରଙ୍କ ଉପାସନା କରି ଆମର ଦାମ୍ପତ୍ୟଜୀବନକୁ ଆନନ୍ଦମୟ କର ।"

ପୁଣି ପ୍ରଜନନ କ୍ରିୟାକୁ ପବିତ୍ରୀଭୂତ କରୁଥିବା ଗର୍ଭାଧାନ ସଂସ୍କାରବେଳେ ସ୍ୱାମୀ ହୃଦୟର ଅନ୍ତରତମ ପ୍ରଦେଶରୁ ଭକ୍ତିରସହିତ ପ୍ରାର୍ଥନା କରେ ଯେ, ସନ୍ତାନଟିଏ ଗର୍ଭସ୍ଥ ହେଉ । ଋତୁଶାନ୍ତି ଉତ୍ସବ ବା 'ପୁଆଣି' ସଂସ୍କାରବେଳେ ସେ ପବିତ୍ର ମନ୍ତ୍ର ଉଚ୍ଚାରଣ କରେ । ଫଳତଃ ପବିତ୍ର ମନ୍ତ୍ରର ଉଚ୍ଚାରଣ ମଧ୍ୟରେ ସନ୍ତାନଟିଏ ଗର୍ଭସ୍ଥ ହୁଏ । ଭ୍ରୂଣର ମସ୍ତିଷ୍କର ପ୍ରତ୍ୟେକ କୋଷ ଉପରେ ସତ୍ ପ୍ରଭାବର ଛାପ ପଡ଼ିଯାଏ । ଏସବୁ ଦୃଷ୍ଟିରୁ ଯାହାର ସତ୍ ଅସତ୍ ଜ୍ଞାନ ଅଛି ଓ ଯାହାର ସଦ୍‌ବୁଦ୍ଧି ରହିଛି, ସେପରି ପ୍ରକୃତ ହିନ୍ଦୁ କେବଳ ଉପଭୋଗ ଉଦ୍ଦେଶ୍ୟରେ ଯୌନମିଳନରେ ଲିପ୍ତ ହୁଏ ନାହିଁ । ସୃଷ୍ଟିକାରିଣୀ ଦିବ୍ୟ ଜୀବନୀଶକ୍ତିକୁ ସେ କେବଳ ମନୁଷ୍ୟ ସୃଷ୍ଟି କାର୍ଯ୍ୟରେ ବିନିଯୋଗ କରେ ।

ହିନ୍ଦୁ-ବିବାହର ଦୃଷ୍ଟିକୋଣ— ହିନ୍ଦୁ ଦୃଷ୍ଟିରେ ବିବାହ ଏକ ପବିତ୍ର ଅନୁଷ୍ଠାନ । ପତ୍ନୀ ହିନ୍ଦୁପୁରୁଷର ଜୀବନସଙ୍ଗିନୀ । ସେ ତା'ର ଅର୍ଦ୍ଧାଙ୍ଗିନୀ । ପତ୍ନୀ ବିନା ପୁରୁଷ କୌଣସି ଧର୍ମାନୁଷ୍ଠାନ କରିପାରିବ ନାହିଁ । କୌଣସି ଧର୍ମାନୁଷ୍ଠାନରେ ପ୍ରବୃତ୍ତ ହେବାବେଳେ ହିନ୍ଦୁର ପତ୍ନୀ ତା'ର ବାମଭାଗରେ ରହେ । ସ୍ୱାମୀ ଓ ସ୍ତ୍ରୀ ରାମ ଓ ସୀତାଙ୍କ ଜୀବନର ଆଦର୍ଶ କରି କାଳାତିପାତ କରନ୍ତି ।

ହିନ୍ଦୁ ସ୍ୱାମୀ ପକ୍ଷରେ ପତ୍ନୀର ମୂଲ୍ୟ ଯେ କଣ, ତାହା ରାମାୟଣରେ ପ୍ରଦତ୍ତ ଶ୍ରୀରାମଙ୍କର ଏକ ଉକ୍ତିରୁ ସ୍ପଷ୍ଟ ହୋଇଯାଏ । ଶ୍ରୀରାମ କହିଛନ୍ତି, "ହେ ଲକ୍ଷ୍ମଣ, ମୋ ପ୍ରିୟତମା (ସୀତା) ମୋପାଇଁ ଯେ କେତେ ବଡ଼, ତାହା କହୁଛି ଶୁଣ । ମନ୍ତ୍ରଣା

ଦେବାରେ ସେ ମୋର ମନ୍ତ୍ରୀଣୀ, କର୍ମକ୍ଷେତ୍ରରେ ସେ ମୋର ଭୃତ୍ୟ, ଧର୍ମକାର୍ଯ୍ୟରେ ସେ ମୋର ସହଧର୍ମିଣୀ, ସହିଷ୍ଣୁତାରେ ସେ ଧରିତ୍ରୀ, ସ୍ନେହ ଦେବାରେ ସେ ମୋର ମାତା, ଶଯ୍ୟାରେ ସେ ମୋ ପକ୍ଷରେ ଅପ୍ସରା ରମ୍ଭା ଏବଂ କ୍ରୀଡ଼ାକୌତୁକରେ ସେ ମୋର ସଙ୍ଗିନୀ ।" ହିନ୍ଦୁର ପତ୍ନୀ ଏପରି ଆଦର୍ଶ ଆସନରେ ପ୍ରତିଷ୍ଠିତା ।

ସକଳ ଆଶ୍ରମ ମଧ୍ୟରେ ଗୃହସ୍ଥାଶ୍ରମ ଅତୀବ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ଆଶ୍ରମ ଅନ୍ୟସବୁ ଆଶ୍ରମକୁ ରକ୍ଷା କରେ । ସକଳ ପ୍ରାଣୀ ଯେପରି ବାୟୁକୁ ଆଶ୍ରୟ କରି ଜୀବନ ଧାରଣ କରନ୍ତି, ଅନ୍ୟ ସକଳ ଆଶ୍ରମ ସେହିପରି ଗୃହସ୍ଥାଶ୍ରମ ଉପରେ ଆଶ୍ରୟ କରନ୍ତି । ସମସ୍ତ ଜଳଧାରା, ସକଳ ନଦୀ ଯେପରି ପ୍ରବାହିତ ହୋଇ ଶେଷରେ ଯାଇ ସମୁଦ୍ରରେ ଆଶ୍ରୟ ନିଅନ୍ତି, ଅନ୍ୟ ସକଳ ଆଶ୍ରମ ସେହିପରି ଗୃହସ୍ଥାଶ୍ରମ ଉପରେ ଆଶ୍ରିତ ହୋଇ ପରିଚାଳିତ ହୁଅନ୍ତି । ତେଣୁ ଗୃହସ୍ଥ ହେଉଛି ଆର୍ଯ୍ୟ-ଜୀବନର ହୃତ୍‌ପିଣ୍ଡସ୍ୱରୂପ । ତା' ଉପରେ ସମସ୍ତେ ନିର୍ଭର କରନ୍ତି ।

ଗୃହସ୍ଥର କର୍ତ୍ତବ୍ୟ—ଗୃହସ୍ଥାଶ୍ରମରେ ପ୍ରବେଶ କରିଥିବା ବ୍ୟକ୍ତି ଆଦର୍ଶ ଗୃହସ୍ଥର ଜୀବନ ଧାରଣ କରିବା ଆବଶ୍ୟକ । ତାଙ୍କୁ ହିନ୍ଦୁ-ଧର୍ମଶାସ୍ତ୍ର ନିର୍ଦ୍ଦେଶିତ ପଞ୍ଚମହାଯଜ୍ଞ ପାଳନ କରିବାକୁ ପଡ଼ିବ । ତାଙ୍କୁ ଆତ୍ମସଂଯମ, କ୍ଷମାଶୀଳତା, ସହିଷ୍ଣୁତା ଅହିଂସା, ସତ୍ୟବାଦିତା ପାଳନ କରି ସକଳ କ୍ଷେତ୍ରରେ ମିତାଚାରୀ ହେବାକୁ ପଡ଼ିବ ।

ଗୃହସ୍ଥ ସଦୁପାୟରେ ଧନ ଉପାର୍ଜ୍ଜନ କରି ସନ୍ମାର୍ଗରେ ବ୍ୟୟ କରିବାକୁ ପଡ଼ିବ । ତାଙ୍କୁ ଉପାର୍ଜନର ଏକ ଦଶମାଂଶ ଦାନରେ ବ୍ୟୟ କରିବାକୁ ପଡ଼ିବ । ନୈତିକତାର ସୀମା ମଧ୍ୟରେ ରହି ତାଙ୍କୁ ଇନ୍ଦ୍ରିୟସୁଖ ଭୋଗ କରିବାକୁ ପଡ଼ିବ ।

ଗୃହସ୍ଥମାନଙ୍କର ଅନ୍ୟତମ ଦାୟିତ୍ୱପୂର୍ଣ୍ଣ କର୍ତ୍ତବ୍ୟ ଏହି ଯେ ସେମାନେ ନିଜର ସନ୍ତାନମାନଙ୍କୁ ଉପଯୁକ୍ତଭାବରେ ଶିକ୍ଷିତ ମାର୍ଜିତ କରିବାକୁ ପଡ଼ିବ । ଏ ଦାୟିତ୍ୱରୁ କରିଛଡ଼ା ଦେବାକୁ ଚାହୁଁଥିବା ଗୃହସ୍ଥମାନେ ନିଜର କାମକଣ୍ଡୁ ଦମନ କରି ନୈଷ୍ଠିକ ବ୍ରହ୍ମଚର୍ଯ୍ୟ ପାଳନପୂର୍ବକ ପ୍ରଜନନ କର୍ମରୁ କ୍ଷାନ୍ତ ରହିବା ଉଚିତ୍ ଥିଲା । ଯେଉଁମାନେ ନିଜର ସନ୍ତାନସନ୍ତତିଙ୍କୁ ଶିକ୍ଷିତ ମାର୍ଜିତ କରିବାରେ ଅବହେଳା ପ୍ରଦର୍ଶନ କରିବେ, ପରଜନ୍ମରେ ସେମାନେ କଠିନ ଦଣ୍ଡରେ ଦଣ୍ଡିତ ହେବେ । ପ୍ରଥମେ ସେମାନେ ନିଜେ ଆଦର୍ଶ ହେବାକୁ ପଡ଼ିବ । ତେବେ ଯାଇ ସେମାନଙ୍କର ସନ୍ତାନମାନେ ସେମାନଙ୍କୁ ଅନୁକରଣ କରିବେ । ଯଦି ସେମାନଙ୍କଠାରେ ଦୂରଭ୍ୟାସ ଓ ଦୁଷ୍ପ୍ରବୃତ୍ତି ରହିଥିବ, ତେବେ ସେମାନଙ୍କର ସନ୍ତାନମାନେ ମଧ୍ୟ ସେମାନଙ୍କୁ ଅନୁକରଣ କରିବେ । ଶିଶୁମାନେ ବଡ଼ ଅନୁକରଣପ୍ରିୟ ।

ଗୃହସ୍ଥ ଯେତେବେଳେ ଦେଖିବେ ଯେ, ତାଙ୍କର ପୁତ୍ରସନ୍ତାନଗଣ ସେମାନଙ୍କର ଦାୟିତ୍ୱ ବହନ କରିବାକୁ ସକ୍ଷମ ହୋଇଗଲେଣି, ଘରେ ନାତିନାତୁଣୀ ହୋଇ-

ଗଲେଣି, ସେତେବେଳେ ତାଙ୍କୁ ବୁଝିବାକୁ ପଡ଼ିବ ଯେ, ଏଥର ସଂସାରକ୍ଷେତ୍ରରୁ ବିଦାୟ ନେବାର ସମୟ ଆସିଗଲା; ସେତେବେଳେ ସେମାନଙ୍କୁ ଧ୍ୟାନ ଓ ଅଧ୍ୟୟନରେ ରତ ହେବାକୁ ପଡ଼ିବ ।

କାମୁକତା ଓ ଛାଡ଼ପତ୍ର—ପାଶ୍ଚାତ୍ୟଦେଶରେ ଶିଶୁ ଘର ବାହାରେ ପ୍ରସୂତି ଭବନରେ ଜନ୍ମ ହୋଇ ଶିଶୁଭବନରେ ବଢ଼େ; ସେ ଶିଶୁମଙ୍ଗଳ କେନ୍ଦ୍ରରେ ପାଳିତ ହୁଏ । ସେଠାର ଶିଶୁମାନେ ମାଆମାନଙ୍କର ସ୍ୱାସ୍ଥ୍ୟପ୍ରଦ, ସ୍ନେହବୋଳା, କୋମଳ ଆତ୍ମାହ୍ଲାଦପ୍ରଦ ଆଦରଯତ୍ନ କଣ, ତାହା ଜାଣନ୍ତି ନାହିଁ । ପ୍ରେମମୟୀ ମାଆଙ୍କର ଉଷ୍ମ ସ୍ନିଗ୍ଧ କୋଳରେ ଶୟନ ଅର୍ଥ ଯେ କଣ, ତାହା ସେ ଦେଶର ଶିଶୁ ଜାଣେ ନାହିଁ । ଟଙ୍କାପଇସାର ଦେଣନେଣ ଓ ଦର କଷାକଷିର ଶୁଷ୍କନୀରସ ବାତାବରଣ ମଧ୍ୟରେ ବଢ଼ି ବେଳେବେଳେ ଜୀବନର ଦ୍ୱିତୀୟ ଦଶନ୍ଧିରୁ ହିଁ ସେଠାର ଶିଶୁଙ୍କ ହୃଦୟରେ ଡ଼ୋଲାର, ପାଉଣ୍ଡ ଓ ସେଭରେନ୍ ରୂପକ ଅର୍ଥ-ଭକ୍ତି ଉଦୟ ହୋଇଯାଏ ଏବଂ ବୟଃପ୍ରାପ୍ତ ହୋଇ ସେମାନେ ଆମରଣ ଅର୍ଥର ପୂଜାରୀ ହୋଇଯାଆନ୍ତି ।

ପାଶ୍ଚାତ୍ୟଦେଶର ସାମାଜିକ ବାତାବରଣ ଯୌନ-ଅନ୍ତଃଶର୍ଯ୍ୟରେ ପୂର୍ଣ୍ଣ । ପାଶ୍ଚାତ୍ୟ ଦେଶରେ ସ୍ୱଳ୍ପ ବୟସରେ ବିବାହ ଅବଶ୍ୟ ବିରଳ କିନ୍ତୁ ସ୍ୱଳ୍ପ ବୟସରୁ ଯୌନ ଉପଭୋଗ ଆଦୌ ବିରଳ ନୁହେଁ । ପାଶ୍ଚାତ୍ୟ ଦାର୍ଶନିକମାନେ ପ୍ରାକ୍-ବୈବାହିକ ଯୌନ-ସମ୍ପର୍କକୁ ବାରଣ କରନ୍ତିନାହିଁ । ପ୍ରାକ୍-ବୈବାହିକ ଯୌନଲାଳସା ଚରିତାର୍ଥକୁ ବରଂ ସେମାନେ ପ୍ରଶ୍ରୟ ଦିଅନ୍ତି । ସ୍ୱାମୀ-ସ୍ତ୍ରୀର ବୈବାହିକ ସମ୍ପର୍କ ବିଧିବଦ୍ଧ ସ୍ୱୀକୃତି ପାଇବା ପୂର୍ବରୁ ବହୁ ସନ୍ତାନ ଗର୍ଭସ୍ଥ ହୋଇସାରିଥାନ୍ତି । ଉଭୟ ପକ୍ଷ ଯୌନ-ସମ୍ପର୍କ ସ୍ଥାପନ କରି ପରସ୍ପରକୁ ପରୀକ୍ଷା କରିନିଅନ୍ତି । ଜର୍ମାନମାନଙ୍କ ମଧ୍ୟରେ ଗୋଟିଏ ପ୍ରବାଦ ରହିଛି, "ମଣିଷ ପରୀକ୍ଷା ନ କରି ଦିପଇସିକିଆ ଡାଲମଟାଏ ମଧ୍ୟ କିଣେନି !" କିନ୍ତୁ ଏ ପ୍ରକାର ଅର୍ଦ୍ଧସିଦ୍ଧ ସମ୍ପର୍କର ଫଳ ବଡ଼ ବିଷମୟ । ଏ ପ୍ରକାର ସମ୍ପର୍କରେ ଆବଦ୍ଧ ଦୁଇପକ୍ଷଙ୍କ ମଧ୍ୟରେ ପ୍ରକୃତ ପ୍ରେମ ରହି ନ ପାରେ । ବିବାହ ଆଉ ପବିତ୍ର ଧାର୍ମିକ ସମ୍ପର୍କ ନ ହୋଇ, ଏକ ବ୍ୟବସାୟିକ ଚୁକ୍ତିରେ ପରିଣତ ହୋଇଯାଏ । ଫଳରେ ଛାଡ଼ପତ୍ରର ସଂଖ୍ୟା ଅଗଣିତ ହୋଇଯାଏ ।

ଆଜି ଭାରତରେ ମଧ୍ୟ ନାରୀମାନେ ଛାଡ଼ପତ୍ର ଦେବାର ଅଧିକାର ଲାଭ କଲେଣି । ସେମାନେ ପାଶ୍ଚାତ୍ୟଦେଶର ସ୍ତ୍ରୀମାନଙ୍କର ପଦାଙ୍କ ଅନୁସରଣ କରୁଛନ୍ତି । ଏହା ଏକ ଅମଙ୍ଗଳକର ଅନୁକରଣ । ଏହା ଅବଶ୍ୟ କେତେକ ପାଶ୍ଚାତ୍ୟଭାବରେ ପ୍ରଭାବିତ ଫେସନପନ୍ଥୀ ସ୍ତ୍ରୀଙ୍କର କାର୍ଯ୍ୟ । ଏ ଯେଉଁ ପବିତ୍ର ଭାରତବର୍ଷରେ, ଏହି ଯେଉଁ

ଆର୍ଯ୍ୟାବର୍ତ୍ତ ଭୂଖଣ୍ଡରେ, ଯେଉଁଠି ସୀତା, ରାଧା, ଦମୟନ୍ତୀ ଓ ସାବିତ୍ରୀ କୁଳବଧୂ-ମାନଙ୍କର ଧର୍ମ ଓ ସତୀତ୍ୱ ରକ୍ଷା କରି ଆଦର୍ଶ ଜୀବନ ଯାପନ କରିଥିଲେ, ସେଠାରେ ପ୍ରକାଶ୍ୟରେ ଧୂମପାନ କରୁଥିବା, କ୍ଲବଘରେ ପୁରୁଷମାନଙ୍କସହିତ ବସି ପ୍ରକାଶ୍ୟରେ ତାସ ଖେଳୁଥିବା, ନାରୀ ସୁଲଭ ଲାବଣ୍ୟ ହରାଇସାରିଥିବା, ମାତୃସୁଲଭ ସୁଗୁଣ ନଷ୍ଟ କରିସାରିଥିବା, ସ୍ତ୍ରୀଧର୍ମ ପରିତ୍ୟାଗ କରିସାରିଥିବା କେତେକ ଅଜ୍ଞ, ଅହଂକାରୀ ତଥା-କଥିତ ଶିକ୍ଷିତା ରମଣୀ ଆଜି କେତେକ ନୂତନ ଅଧିକାରପାଇଁ ଅଭିଳାଷ ପୋଷଣ କରୁଛନ୍ତି; କିନ୍ତୁ ଏହିସବୁ ଅଧିକାର ସେମାନଙ୍କର ପ୍ରକୃତ ସୁଖର, ପ୍ରକୃତ ଉନ୍ନତିର ବା ମୁକ୍ତିର ସହାୟକ ନୁହେଁ । ଏହା ଫଳରେ ସେମାନଙ୍କର ନଷ୍ଟ ହୋଇଯିବା ହିଁ ସାର ହେବ ।

ଆଦର୍ଶ ବୈବାହିକ ଜୀବନ—ଅତୀତର ମହାମହା ଋଷିମାନେ ବିବାହ କରିଥିଲେ । କିନ୍ତୁ ସେମାନେ କାମାସକ୍ତ ଓ ଯୌନଲାଳସାପୂର୍ଣ୍ଣ ଜୀବନଯାପନ କରୁ ନ ଥିଲେ । ସେମାନଙ୍କର ଗୃହସ୍ଥାଶ୍ରମଜୀବନ ଧାର୍ମିକ ଜୀବନଠାରୁ ଭିନ୍ନ ନ ଥିଲା । ଆପଣ ଯଦି ସେମାନଙ୍କର ଜୀବନକ୍ରମକୁ ଅକ୍ଷରେ ଅକ୍ଷରେ ପାଳନ କରି ନ ପାରୁଛନ୍ତି, ତେବେ ସେମାନଙ୍କର ଜୀବନକୁ ନିଜର ଆଦର୍ଶ, ନିଜର ଲକ୍ଷ୍ୟରେ ପରିଣତ କରିଦିଅନ୍ତୁ ଏବଂ ନିଜେ ସତ୍ୟପଥରେ ଚାଲନ୍ତୁ । ଗୃହସ୍ଥାଶ୍ରମ କୌଣସି ବିଶୃଙ୍ଖଳ କାମାସକ୍ତ ଜୀବନକୁ ବୁଝାଏ ନାହିଁ । ସେ ଜୀବନ ହେଉଛି ନିସ୍ୱାର୍ଥ ପର-ସେବାର ଶୃଙ୍ଖଳିତ ଜୀବନ ପବିତ୍ର-ଧର୍ମର ସରଳ ଜୀବନ; ସେ ଜୀବନ ହେଉଛି ଦାନ, ଦୟା, ସତ୍କର୍ମ, ଆତ୍ମୋନ୍ନତି ତଥା ମାନବିକତାର ସହାୟକ ସକଳ ସଦ୍‌ଗୁଣର ଜୀବନ । ଆପଣ ଯଦି ଏପରି ଜୀବନ ଯାପନ କରିପାରିବେ, ତେବେ ଗୃହସ୍ଥର ଜୀବନ ସନ୍ନ୍ୟାସୀର ଜୀବନପରି ମଙ୍ଗଳମୟ ହୋଇଯିବ ।

ସମ୍ପୂର୍ଣ୍ଣ ଆଦର୍ଶଣୀୟଭାବରେ ଯାପନ କରାଯାଉଥିବା ବୈବାହିକ ଜୀବନ ମୁକ୍ତିଲାଭ ପଥରେ କୌଣସିପ୍ରକାର ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । ନଦୀସ୍ରୋତର ଧାରରେ ଦୃଢ଼ ବନ୍ଧର ମୂଲ୍ୟ ଯାହା, ସ୍ୱାମୀ ପକ୍ଷରେ ଗୁଣବତୀ ସ୍ତ୍ରୀର ମୂଲ୍ୟ ତାହା । ଜୀବନକୁ ସତ୍ୟପଥରେ ପରିଚାଳିତ କରିନେବାଲାଗି ସ୍ତ୍ରୀ ହେଉଛି ଜୀବନ ସଙ୍ଗୀତର ତାଳ । ତା'ର ପ୍ରେମ ହେଉଛି ଈଶ୍ୱରଙ୍କର କରୁଣା ।

ପୁତ୍ରଟିଏ ଲାଭ କରିବା ହିଁ ବିବାହର ମୁଖ୍ୟ ଉଦ୍ଦେଶ୍ୟ ହୋଇଥିବାରୁ, ଯେଉଁମାନେ ମାନସିକ, ଦୈହିକ ତଥା ଆଧ୍ୟାତ୍ମିକ ମଙ୍ଗଳ କାମନା କରନ୍ତି, ସେମାନେ ଏକାଧିକ ସ୍ତ୍ରୀ ବିବାହ କରିବା ଏକାନ୍ତ ଅନୁଚିତ । ଯେତେ ଯାହା କ୍ଷତି ହେଉ ପଛେ, ଅତିରିକ୍ତ କାମାସକ୍ତ ଓ ଶୁକ୍ରକ୍ଷୟରୁ କ୍ଷାନ୍ତ ରହିବାକୁ ପଡିବ ।

ବାଲ୍ୟବିବାହ ଓ ଜନସଂଖ୍ୟା ବୃଦ୍ଧି— ଅପ୍ରାପ୍ତ ବୟସରେ ବିବାହ କରିବା ଅର୍ଥ ସମାଜରେ ବିପଦ ସୃଷ୍ଟି କରିବା । ସତରେ ଏହା ଏକ ଅନିଷ୍ଟକର ବ୍ୟାପାର । ବଙ୍ଗ ଏବଂ ଦକ୍ଷିଣ ଭାରତରେ ବାଲ୍ୟବିଧବା ପୂର୍ଣ୍ଣ ହୋଇ ରହିଛନ୍ତି । ଏ ସଂସାର ସମ୍ବନ୍ଧରେ, ଏ ଜୀବନ ବିଷୟରେ ଯେଉଁମାନଙ୍କର କୌଣସି ଧାରଣା ନାହିଁ ସେପରି ଆଠଦଶ ବର୍ଷର ବାଳକମାନଙ୍କୁ ବିବାହ କରାଇଦିଆଯାଉଛି । ଫଳରେ କିଶୋର ଅବସ୍ଥାରୁ ସେମାନଙ୍କର ସନ୍ତାନସନ୍ତତି ଜନ୍ମ ହୋଇଯାଉଛନ୍ତି । ବାଳିକା ଅବସ୍ଥା ନସରୁଣୁ, ଝିଅ ମାଆ ହୋଇଯାଉଛି । ପୁଅ ଅଠର ବର୍ଷ ବୟସର ହେଲାବେଳକୁ ତାର ତିନିଟିଛୁଆ ହୋଇଗଲାଣି । କି ଭୟଙ୍କର ଅବସ୍ଥା ନୁହେଁ ସତେ!! ଫଳରେ ଶାରୀରିକ ଓ ମାନସିକ ଅଧଃପତନ ଘଟୁଛି । ଆୟୁ କମିଯାଉଛି, ଲୋକେ ଅଳ୍ପାୟୁ ହୋଇଯାଉଛନ୍ତି । ବାରମ୍ବାର ସନ୍ତାନ ପ୍ରସବ କରିବା ଫଳରେ ସ୍ତ୍ରୀର ସ୍ୱାସ୍ଥ୍ୟ-ହାନି ଘଟୁଛି ଏବଂ ସହସ୍ର ସଂଖ୍ୟାରେ ରୋଗ ଆସି ଆକ୍ରମଣ କରୁଛି ।

ପଗୃଣ (ବର୍ତ୍ତମାନ ଅପାତତଃ ପନ୍ଦରଣହି) ଟଙ୍କା ଦରମା ପାଉଥିବା କିରାଣି ବିଚାରାର ବୟସ ତିରିଶବର୍ଷ ହେଲାବେଳକୁ, ପିଲାଛୁଆଙ୍କ ସଂଖ୍ୟା ହେଲାଣି ଛଅ—ପ୍ରତି ଦୁଇବର୍ଷରେ ଗୋଟିଏ ଗୋଟିଏ କରି ସେ ସଂଖ୍ୟା ବଢିଚାଲିଛି । "ଏତେ ବଡପରି-ବାରକୁ ପୋଷିବ କିପରି ? ପୁଅଙ୍କୁ ପାଠ ପଢାଇବ କିପରି ? ଝିଅମାନଙ୍କର ବିବାହ କିପରି କରାଇବ ?"—ଏସବୁ ବିଷୟରେ ସେ ଦିନେ ଭାବୁ ନାହିଁ । କାମବାସନାର ଉତ୍ତେଜନାରେ ପଡି ସେ ବାରମ୍ବାର ଭୁଲ କରିଚାଲିଛି । ଠେକୁଆଙ୍କ ପରି ଅଗଣିତ ସନ୍ତାନ ଜନ୍ମ କରି ସେ ଜଗତର ଭିକ୍ଷୁକ ସଂଖ୍ୟା ବଢାଇଚାଲିଛି । ପଶୁମାନଙ୍କର ମଧ୍ୟ ଆତ୍ମସଂଯମ ରହିଛି । ସିଂହମାନେ ଜୀବନକାଳ ମଧ୍ୟରେ ଥରେ କିମ୍ବା ବର୍ଷକେ ଥରେ ସ୍ତ୍ରୀ ସଂଭୋଗକରନ୍ତି । ମନୁଷ୍ୟ ନିଜକୁ ବୁଦ୍ଧିମାନ ବୋଲିଉଛି, ଅଥଚ ଏକମାତ୍ର ମନୁଷ୍ୟ ହିଁ ସମଗ୍ର ସ୍ୱାସ୍ଥ୍ୟ-ନିୟମ ଭଙ୍ଗ କରି ଏ ବିଷୟରେ ଅପରାଧୀ ହୋଇଯାଉଛି । ପ୍ରକୃତିର ନୀତିନିୟମ ଭଙ୍ଗ କରୁଥିବା ଅପରାଧରେ ତାକୁ ନିକଟଭବିଷ୍ୟତରେ କଠିନ ଦଣ୍ଡ ଭୋଗ କରିବାକୁ ପଡିବ ।

ଜଗତର ଜନସଂଖ୍ୟା ହୁ ହୁ ହୋଇ ବଢିଚାଲିଛି । ଯୋନିପଥ ନିରୋଧକ ବସ୍ତୁ (ପେସାରି), ରବର ଜାତୀୟ ପ୍ରସାରଣଶୀଳ ଖୋଳ, (ନିରୋଧ ଇତ୍ୟାଦି) ଇଞ୍ଜେକ୍ସନ, ବଟିକା ଓ ଶୁକ୍ରକୀଟନାଶକ ଜେଲି ଇତ୍ୟାଦି ବ୍ୟବହାର କରି ଲୋକେ ଜନ୍ମନିରୋଧ କରିବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଏସବୁ ମୂର୍ଖତା ଭିନ୍ନ ଅନ୍ୟ କିଛି ନୁହେଁ । ଏ ଦିଗରେ କେହି ସଫଳ ହୋଇ ନାହାନ୍ତି । ଶୁକ୍ରକୀଟର ଗତିବେଗ ଅତି ପ୍ରଖର ଏବଂ ଗର୍ଭାଧାନପାଇଁ ଗୋଟିଏ ଶୁକ୍ରକୀଟ ଯଥେଷ୍ଟ । ଦ୍ୱିତୀୟତଃ ଏହିସବୁ ପ୍ରଣାଳୀ ଦ୍ୱାରା ଅପରିସୀମ ବୀର୍ଯ୍ୟଶକ୍ତି କ୍ଷୟ ହୁଏ । ବ୍ରହ୍ମଚର୍ଯ୍ୟ ପାଳନ କଲେ ଏପରି

ଅପେକ୍ଷୟ ହେଉଥିବା ଶକ୍ତି ସୁରକ୍ଷିତ ହୋଇ ଓଜଃରେ ପରିଣତ ହୁଅନ୍ତା । ଅଥଚ ଲୋକେ ଏସବୁ ଅପଥ୍ୟ ଜନ୍ମନିରୋଧକ ବ୍ୟବସ୍ଥାରେ ଅର୍ଥ ଓ ଶକ୍ତି ବ୍ୟୟ କରୁଛନ୍ତି । ସମଗ୍ର ଜଗତ ଆଜି ଏକ ପ୍ରବଳ କାମନିଶାରେ ଘାରି ହେଉଛି । ତଥାକଥିତ ଶିକ୍ଷିତ ଲୋକେ ମଧ୍ୟ ଏହି ନିଶାରୁ ବାଦ୍ ପଡ଼ି ନାହାନ୍ତି । ସମସ୍ତେ ଆଜି ମାୟାର ବଶବର୍ତ୍ତୀ ହୋଇ ବିକୃତବୁଦ୍ଧି ହୋଇଯାଉଛନ୍ତି । ହାୟରେ ଅଭାଗା ମୂର୍ଖ ମଣିଷ ! ବଡ଼ ଦୟା ହୁଏ ସେମାନଙ୍କପାଇଁ । ଈଶ୍ୱର ସେମାନଙ୍କୁ ଏ କାଦୁଅ ଭିତରୁ ଉଦ୍ଧାର କରନ୍ତୁ ଏବଂ ସେମାନଙ୍କୁ ଆଧ୍ୟାତ୍ମିକ ଦୃଷ୍ଟି ପ୍ରଦାନ କରନ୍ତୁ । ସେମାନେ ହୃଦୟଙ୍ଗମ କରନ୍ତୁ ଯେ, ଆତ୍ମସଂଯମ ଓ ବ୍ରହ୍ମଚର୍ଯ୍ୟ ହିଁ ଜନ୍ମନିରୋଧର ସର୍ବଶ୍ରେଷ୍ଠ ଫଳପ୍ରଦ ପ୍ରାକୃତିକ ଉପାୟ ।

ବିବାହ-ଏକ ଆଜୀବନ ବନ୍ଧନ—ଗୃହସ୍ଥ ଜୀବନ ଯାପନ କରିବା କିଛି ସହଜ ନୁହେଁ । ଯେ ଇନ୍ଦ୍ରିୟବାସନା ସଂଯତ କରି ପାରନ୍ତି ନାହିଁ, ତାଙ୍କପାଇଁ ଗୃହସ୍ଥଜୀବନ ବ୍ୟବସ୍ଥା କରାଯାଏ । ଯେ ଜିତେନ୍ଦ୍ରିୟ, ସେ ତ ନିବୃତ୍ତିମାର୍ଗ ଧରିବା ବିଧେୟ ।

ଭାର୍ଯ୍ୟା କେବଳ ବିଳାସ ନିମିତ୍ତ । ଭାର୍ଯ୍ୟା ନ ହେଲେ ନ ଚଳେ, ଏପରି ନୁହେଁ । ପ୍ରତ୍ୟେକ ପୁରୁଷକୁ ବିବାହ ପରେ କାନ୍ଦିବାକୁ ପଡ଼େ । ଗୃହସ୍ଥ ତାର ଦୁଃଖ ଜଣାଏ, "ମୋ ପୁଅଟି ଟାଇଫଏଡ୍‌ରେ ପଡ଼ିଛି । ଦ୍ୱିତୀୟ ଝିଅଟିର ବାହାଘର ଏ ଯାଏଁ ଠିକ୍ ହୋଇପାରିଲା ନାହିଁ । ମୁଣ୍ଡ ଉପରେ ଋଣ ବୋଝ; କେମିତି ଶୁଝିବି ବୁଝିପାରୁ ନାହିଁ । ସୁନାହାରଟିଏପାଇଁ ଭାର୍ଯ୍ୟା ମୋ ମୁଣ୍ଡ ଖାଇଲାଣି । ବଡ଼ କୋଇଁ କିଛିଦିନ ତଳେ ମରିଗଲେ !!"

ବିବାହ ଏକ ଅଭିଶାପ; ତାହା ଏକ ଆଜୀବନ କାରାଦଣ୍ଡ । ବିବାହ ହେଉଛି ସବୁଠାରୁ ବଡ଼ ବନ୍ଧନ । ଯେଉଁ ଅବିବାହିତ ଯୁବକ 'ଚାଲି ଲଗା ନାହିଁ କି ପଘା ନାହିଁ' ହୋଇ ସ୍ୱାଧୀନ ଭାବରେ ଡେଇଁବୁଲୁଥିଲା, ସେ ବିଚରା କାନ୍ଧରେ ଯୁଆଳି ପଡ଼ିଯାଏ; ତାର ହାତଗୋଡ଼ ଛନ୍ଦି ହୋଇଯାଏ । ଏହା ହିଁ ସବୁ ବିବାହିତ ଲୋକଙ୍କର ଅନୁଭୂତି; ଏ ଅନୁଭୂତିର ବ୍ୟତିକ୍ରମ ନାହିଁ । ତେଣୁ ମୁଁ କହେ, ସେମାନେ ବିବାହ କରି କାନ୍ଦନ୍ତି ।

ବିବାହିତ ପରିବାରର ଏକ ସାଧାରଣ ଦୃଶ୍ୟ— ଭୁଲ ବୁଝାମଣା ହେତୁ ମତାମତ ମେଳ ନ ଖାଇବା ହେତୁ, ଘରେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ପ୍ରତିଦିନ କଳହ ଲାଗେ । ସ୍ତ୍ରୀ ଭାବେ, ସ୍ୱାମୀ ତା' କଥା ମାନିବାକୁ ପଡ଼ିବ; ତାକୁ ପ୍ରତ୍ୟେକ କଥାରେ ସନ୍ତୁଷ୍ଟ କରିବାକୁ ପଡ଼ିବ । ସ୍ୱାମୀ ଭାବେ, ସ୍ତ୍ରୀ ତା' କଥା ମାନିବାକୁ ପଡ଼ିବ ଏବଂ ପ୍ରତ୍ୟେକ କଥାରେ ତାକୁ ସନ୍ତୁଷ୍ଟ କରିବାକୁ ପଡ଼ିବ ! ଏହା କିପରି ସମ୍ଭବ ? ମୋଟେ

ନୁହେଁ । ଫଳରେ ଦୁହିଁଙ୍କ ଭିତରେ ଘଣ୍ଟା ଘଣ୍ଟାକେ କଳିଲାଗେ । ଅବଶ୍ୟ କଳି କହିଲେ ଯେ ସବୁବେଳେ ବାଧାଗ୍ରୁଡ଼ାରେ କଣାକର୍ଣ୍ଣି ଚାଲେ, ତା' ନୁହେଁ, ତେବେ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ଦୁହିଁଙ୍କ ଭିତରେ ମଧୁର ଆଳାପ ବନ୍ଦ ହୋଇଯାଏ । ସ୍ୱାମୀ ଯଦି ବଦ୍‌ରାଗୀ ହୋଇଥାଏ, ତା'ର ଯଦି ଆତ୍ମସଂଯମ ନ ଥାଏ, ତେବେ ବେଳେବେଳେ ହାତାହାତି ମଧ୍ୟ ହୋଇଯାଏ; ଗଡ଼ାଗଡ଼ି ମଧ୍ୟ ହୋଇଯାଆନ୍ତି । କିନ୍ତୁ ଭାର୍ଯ୍ୟା ଯଦି ଶ୍ରୀମତୀ ସୋଫେଟିସ୍‌ଙ୍କପରି କିମ୍ବା ଝାଂଜାବାଇଙ୍କପରି ହୋଇଥାଏ, ତେବେ ଘଟଣାଟି ଓଲଟା ହୋଇଯାଏ । ସ୍ୱାମୀ ମୁଣ୍ଡ ଉପରେ ବଜ୍ର ପଡ଼ିଲାପରି ପାହାର ଉପରେ ପାହାର ବରଷେ । ଭାର୍ଯ୍ୟା ରାଗିଗଲେ,ବେଳେବେଳେ ଆଉ ରୋକେଇ କରେ ନାହିଁ । ସେଠବଥା ମୁଣ୍ଡବଥାର ଛଳନା କରି କମ୍ବଳ ଘୋଡ଼ାଇ ହୋଇ ବିଛଣାରେ ପଡ଼ିଯାଏ । ସ୍ୱାମୀ ବିଚାରି କୌଣସି ପ୍ରକାରେ ଗାଡି ଧରି ଅଫିସ୍‌କୁ ଯିବ ବୋଲି ଗଣ୍ଡିଏ ଖାଇବାଲାଗି ହୋଟେଲକୁ ଦୌଡ଼େ । ବେଳେବେଳେ ସ୍ୱାମୀକୁ ନ କହି ଭାର୍ଯ୍ୟା ତା' ବାପଘରକୁ ପଳାଏ । ହତଭାଗା ନିର୍ଲଜ ଦୁର୍ବଳମନା ସ୍ୱାମୀ ନାନା ଆଶାଭରସା ଦେଇ, ବିବିଧ ସୁନେଲି ଛବି ଆଙ୍କି ବିଭିନ୍ନ ପ୍ରକାର ନେହୁରା ହୋଇ ସ୍ତ୍ରୀକୁ ଫେରାଇ ଆଣିବ ବୋଲି ଶାଶୁଘରକୁ ଧାଏଁ ।

କିନ୍ତୁ ତଥାପି ଆପଣ ଯଦି କୌଣସି ଗୃହସ୍ଥଙ୍କୁ ପଚାରିବେ, "କିହୋ, ଗୃହସ୍ଥ-ଜୀବନ ନା ବ୍ରହ୍ମଚର୍ଯ୍ୟର ଜୀବନ- କେଉଁ ଜୀବନଟା ଭଲ ?" ଦେଖିବେ ସେ ନିଶ୍ଚିତ ଭାବରେ କହିବ, "ବ୍ରହ୍ମଚର୍ଯ୍ୟ ଜୀବନ ଅପେକ୍ଷା ଗୃହସ୍ଥ ଜୀବନଟା ଶତଗୁଣରେ ଭଲ ।" ନିଜ ମତକୁ ସମର୍ଥନ କରିବାକୁ ସେ ହଜାରେ ପ୍ରକାର ଅଡୁଆ ଯୁକ୍ତି ବାହାର କରିବ ।

ଲୋକଙ୍କର ବିବେକ ନାହିଁ, କି ଅନାସକ୍ତି ନାହିଁ, କି ସୂକ୍ଷ୍ମ ତୀକ୍ଷ୍ଣ ବୁଦ୍ଧି ମଧ୍ୟ ନାହିଁ । ତେଣୁ ସେମାନେ ବିଷୟର ପ୍ରକୃତ ରୂପ ଦେଖିପାରୁ ନାହାନ୍ତି । ସେମାନଙ୍କର ବୁଦ୍ଧି ମଳିନ, ବିକୃତ ବିଶୃଙ୍ଖଳ, ମଦଗ୍ରସ୍ତ ଓ କାମ, ମାୟା, ମୋହ ତଥା ଅଜ୍ଞତା ଦ୍ୱାରା ଆଚ୍ଛନ୍ନ ହୋଇଯାଇଛି । ତେଣୁ ସେମାନେ ଯେ କ'ଣ କରୁଛନ୍ତି, ତାହା ସେମାନେ ନିଜେ ଜାଣିପାରୁ ନାହାନ୍ତି ।

କାମବାସନାରେ ବିଚଳିତ ହୋଇଗଲେ, ସ୍ୱାମୀ-ସ୍ତ୍ରୀ ସକାଳର କଳିହସନ୍ଧ୍ୟାକୁ ସମ୍ପୂର୍ଣ୍ଣ ଭୁଲିଯାଆନ୍ତି । ସେମାନେ ଜୀବନଟା ଆନନ୍ଦ ଆଶୀର୍ବାଦମୟ ବୋଲି ଭାବି-ନିଅନ୍ତି । କାମଗ୍ରସ୍ତ କେତୋଟି କ୍ଷଣଲାଗି ସେମାନଙ୍କ ମୁଖରୁ ଉଗ୍ରପଦ କୋମଳ-ମଧୁର ବଚନ ମଧ୍ୟ ବାହାରିପଡ଼େ ଅଥଚ କାହାରି ହୃଦୟ ମଧ୍ୟରେ କାହାପ୍ରତି ପ୍ରକୃତ ପ୍ରେମ ବା ପ୍ରକୃତ ମିଳନର ଲେଶମାତ୍ର ଭାବ ନ ଥାଏ ।

ଗୃହାଙ୍ଗନରେ ଧର୍ମ— ଭାର୍ଯ୍ୟାମାନଙ୍କର ଦୁର୍ବ୍ୟବହାର ଫଳରେ, ଘରେ ଯୋଗାଭ୍ୟାସ କରିବାରେ ପ୍ରତିବନ୍ଧକ ସୃଷ୍ଟି ହେବା ଫଳରେ, କେତେକ ଲୋକ ସନ୍ନ୍ୟାସ ଗ୍ରହଣ କରିଥାନ୍ତି । ସେମାନଙ୍କର ଭାର୍ଯ୍ୟାମାନେ ଯଦି ସେମାନଙ୍କର ସାଧନା-ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିଥାନ୍ତେ, ସେମାନଙ୍କର ସହାୟକ ହୋଇଥାନ୍ତେ, ତେବେ ସେମାନେ ଗୃହସ୍ଥାଶ୍ରମ ପରିତ୍ୟାଗ କରି ନ ଥାନ୍ତେ । ଘରେ ସ୍ୱାମୀମାନଙ୍କର ଧାର୍ମିକ ଜୀବନ ଯାପନରେ ସହଯୋଗ କରିବା ପ୍ରତ୍ୟେକ ବୁଦ୍ଧିମତୀ ଭାର୍ଯ୍ୟାର ଏକ ବିଶିଷ୍ଟ କର୍ତ୍ତବ୍ୟ । ଏପରି ସହଯୋଗ ରହିଲେ ହିଁ, ଉଭୟ ସ୍ୱାମୀ ଓ ସ୍ତ୍ରୀ ସୁଖଶାନ୍ତିରେ କାଳାତିପାତ କରିପାରିବେ ।

ସ୍ୱାମୀ ମଧ୍ୟ ସ୍ତ୍ରୀର ଧର୍ମକର୍ମରେ ପ୍ରତିବନ୍ଧକ ହେବା ଉଚିତ ନୁହେଁ । ସ୍ତ୍ରୀର ଆଧ୍ୟାତ୍ମିକ ଉନ୍ନତି ମାର୍ଗରେ ପବିତ୍ର ଜୀବନ ପଥରେ ସ୍ୱାମୀ ସବୁମନ୍ତେ ସାହାଯ୍ୟ କରିବା ଆବଶ୍ୟକ । ସ୍ତ୍ରୀକୁ ଧର୍ମମାର୍ଗରେ ଅଭ୍ୟସ୍ତ-ଅନୁପ୍ରାଣିତ କରିବା ସ୍ୱାମୀର ଅନ୍ୟତମ କର୍ତ୍ତବ୍ୟ । ସେ (ସ୍ତ୍ରୀ) ପ୍ରତ୍ୟହ କିଛି ଜପ କୀର୍ତ୍ତନ କରିବା ଉଚିତ୍ । ସେ ରାମାୟଣ ଭାଗବତ, ମହାଭାରତ ପ୍ରଭୃତି ଧର୍ମଗ୍ରନ୍ଥ ପାଠ କରିବା ଅବଶ୍ୟକ । ସେ ସାମୟିକ ଉପବାସ କରିବା ବିଧେୟ । ସ୍ୱାମୀ ସ୍ତ୍ରୀଙ୍କୁ ତୀର୍ଥାଟନରେ ନେଇଯିବା ଉଚିତ; ଉଭୟେ ମହାତ୍ମାମାନଙ୍କର ଧର୍ମଚର୍ଚ୍ଚା ସ୍ଥଳକୁ, ଧର୍ମକଥା ଚାଲିଥିବା ସ୍ଥାନକୁ ଯାଇ ସେସବୁ ଶୁଣିବା ଉଚିତ୍ ! ଏସବୁ ହେଲେ ହିଁ ଗୃହାଙ୍ଗନ ଆଶୀର୍ବାଦର କ୍ଷେତ୍ରରେ ପରିଣତ ହେବ । ଶାସ୍ତ୍ର କହନ୍ତି, "ଗୃହ ରାଜନବର ହୋଇଥାଇପାରେ, କିନ୍ତୁ ଧର୍ମହୀନ ଗୃହାଙ୍ଗନ ଶ୍ମଶାନସଦୃଶ ।"

ହେ ରାମ ! ନିଜ ଭାର୍ଯ୍ୟାଙ୍କୁ ଦେବୀ ଦୃଷ୍ଟିରେ ଦେଖନ୍ତୁ । ସେ ହେଉଛନ୍ତି ଆପଣଙ୍କ ଘରର ରାଣୀ ବା ଲକ୍ଷ୍ମୀ । ଯେଉଁ ଘରେ ସ୍ତ୍ରୀ ସମ୍ମାନ ପାଆନ୍ତି ସେ ଘରେ ଧନସମ୍ପତ୍ତି ବୃଦ୍ଧି ପାଏ, ସୁଖଶାନ୍ତି ବିରାଜମାନ କରେ; ସେ ଘର ସଫଳତା ଓ ସମୃଦ୍ଧିର ଘର ହୋଇଯାଏ । ହେ ଲୀଳା ! ପବିତ୍ର ହୁଅ । ସ୍ୱାମୀଙ୍କ ସହିତ କଳହ କରନାହିଁ । ସୀତା ସାବିତ୍ରୀ ଅନସୂୟାଙ୍କପରି ଗୃହିଣୀ ହୁଅ ।

ପରିଶେଷରେ ଏହା ହିଁ କାମନା ଯେ, ଆପଣମାନେ ସମସ୍ତେ ଭକ୍ତିପୂତ ଜୀବନ ଯାପନ କରନ୍ତୁ ଏବଂ ଏହି ଜୀବନକାଳ ମଧ୍ୟରେ ପରମସୁଖ ପ୍ରାପ୍ତ ହୁଅନ୍ତୁ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଶାରୀରିକ, ମାନସିକ ତଥା ଆଧ୍ୟାତ୍ମିକ ଏକାତ୍ମତା ବିରାଜମାନ କରୁ । ଧାର୍ମିକ ତଥା ଯୌଗିକ ସାଧନାରେ ସ୍ୱାମୀ ଓ ସ୍ତ୍ରୀ ପରସ୍ପରର ସହାୟକ ହୁଅନ୍ତୁ । ଈଶ୍ୱର ସାକ୍ଷାତକାର ହିଁ ଆପଣମାନଙ୍କ ଜୀବନର ଧ୍ୟେୟ ହେଉ । ପବିତ୍ରତା ହିଁ ଆପଣମାନଙ୍କ ଜୀବନର ନୀତି ହେଉ । ଧର୍ମ ଆପଣମାନଙ୍କୁ ପଥ ପ୍ରଦର୍ଶନ କରୁ ।

●

କାମପ୍ରବୃତ୍ତି

ପୁରୁଷ ସମ୍ମୁଖରେ ଏକ ବିରାଟ ମାୟା ଦଣ୍ଡାୟମାନ । ସେହି ମାୟା ସ୍ତ୍ରୀରୂପରେ ଦେଖାଦେଇ ତାକୁ ବ୍ୟସ୍ତ ବିଭ୍ରାନ୍ତ କରୁଛି । ସ୍ତ୍ରୀ ସମ୍ମୁଖରେ ମଧ୍ୟ ଏକ ବିରାଟ ମାୟା ଦଣ୍ଡାୟମାନ । ସେହି ମାୟା ପୁରୁଷରୂପରେ ଦେଖାଦେଇ ସ୍ତ୍ରୀକୁ ବ୍ୟସ୍ତ ବିଭ୍ରାନ୍ତ କରୁଛି ।

ଆମଷ୍ଟରଡ଼ାମ ଯାଆନ୍ତୁ, ଲଣ୍ଡନ ଯାଆନ୍ତୁ, ନ୍ୟୁୟର୍କ ଯାଆନ୍ତୁ, ପୃଥିବୀର ଯେକୌଣସି ସ୍ଥାନକୁ ଯାଆନ୍ତୁ, ପ୍ରପଞ୍ଚର ସମସ୍ତ ଅନୁଭୂତି ବିଶ୍ଳେଷଣ କରି ଦେଖନ୍ତୁ; ସର୍ବତ୍ର କାମୁକତା ଓ ଅସ୍ମିତା—ଏହି ଦୁଇଟି ବିଷୟ ହିଁ ପୂର୍ଣ୍ଣ ହୋଇ ରହିଛି ।

ପ୍ରପଞ୍ଚ କାମକ୍ଷୁଧା ଓ ଅସ୍ମିତା ଭିନ୍ନ ଅନ୍ୟ କିଛି ନୁହେଁ । ଅସ୍ମିତା ହିଁ ମୁଖ୍ୟ ହୋଇ ରହିଛି; ଅସ୍ମିତାକୁ ମୂଳକରି କାୟା ବିସ୍ତାର କରିଛି କାମପ୍ରବୃତ୍ତି । କାମପ୍ରବୃତ୍ତି ଓ ଅହଂଜ୍ଞାନ ଉଭୟେ ଅବିଦ୍ୟାରୁ ଉତ୍ପନ୍ନ । ମନୁଷ୍ୟ ନିଜର ଭାଗ୍ୟନିୟନ୍ତା, ଅଥଚ ଅବିଦ୍ୟା ଓ ଅଜ୍ଞତା ହେତୁ ନିଜର ସମସ୍ତ ଦିବ୍ୟଜ୍ୟୋତି ହରାଇଦେଇ ସେ ଆଜି କାମପ୍ରବୃତ୍ତି ଓ ଅସ୍ମିତାର କ୍ରୀତଦାସ ହୋଇଯାଇଛି ।

ପ୍ରପଞ୍ଚ କାମୁକତାରେ ପୂର୍ଣ୍ଣ—କାମପ୍ରବୃତ୍ତି ସମଗ୍ର ଜଗତ ଉପରେ ରାଜତ୍ୱ କରିଚାଲିଛି । ଲୋକଙ୍କର ମନ ଆଜି କାମଭାବନାରେ ପୂର୍ଣ୍ଣ । ପ୍ରପଞ୍ଚ କାମପ୍ରବଣ । ଜଗତ କାମମଦରେ ଆସକ୍ତ । ସମସ୍ତେ ଆଜି ମାୟାର ଦାସ ହୋଇ ବିକୃତବୃତ୍ତି ଦ୍ୱାରା ପରିଚାଳିତ ହେଉଛନ୍ତି । ଈଶ୍ୱରଚିନ୍ତା ନାହିଁ । ଈଶ୍ୱର ଆଲୋଚନା ନାହିଁ । ସର୍ବତ୍ର ପୂର୍ଣ୍ଣ ହୋଇ ରହିଛି ଫେସନ, ରେସ୍ତୋରାଁ, ହୋଟେଲ, ଡିନର, ନାଚଖାନା, ସିନେମା ଓ ଘୋଡ଼ାଦୌଡ଼ । ସାଂସାରିକ ମନୁଷ୍ୟର ଜୀବନ ଆଜି ଶିଶ୍ନୋଦର-ପରାୟଣତାରେ ପର୍ଯ୍ୟବସିତ ହୋଇ ପଥଭ୍ରଷ୍ଟ ହୋଇଯାଇଛି । ଅନ୍ୟ କୌଣସି ବିଷୟ ନାହିଁ । ଆଧୁନିକ ଯୁବକଗଣ ନିର୍ବିଚାରରେ ପାଶ୍ଚାତ୍ୟର ଅନୁକରଣ କରି ନିଜେ ନିଜର ଧ୍ୱଂସସାଧନରେ ରତ । ଲୋକେ ଆଜି କାମପ୍ରବୃତ୍ତି ଦ୍ୱାରା ପରିଚାଳିତ । ସେମାନେ ଧର୍ମ ତଥା ଦେଶକାଳପାତ୍ର ଜ୍ଞାନ ହରାଇବସିଛନ୍ତି । ସେମାନେ ଆଉ ଭଲ କଣ ମନ୍ଦ କଣ, ତାହା ବିଚାର କରୁନାହାନ୍ତି; ସେମାନେ ସବୁ ଲାଜ ଛାଡ଼ିଦେଇଛନ୍ତି ।

ସେସନ୍ସ କୋର୍ଟର ବିଚାରପାଇଁ ଯେଉଁସବୁ ବ୍ୟଭିଚାର, ନାରୀ, ହରଣଚାଲ, ଆକ୍ରମଣ ଓ ହତ୍ୟା ସମ୍ବନ୍ଧୀୟ ଫୌଜଦାରୀ ମୋକଦ୍ଦମା ଆସୁଛି, ସେସବୁର ବିବରଣ

ପଢ଼ିଲେ ଦେଖାଯିବ, ସବୁର ମୂଳରେ ରହିଛି କାମପ୍ରବୃତ୍ତି; ତାହା ଅର୍ଥଲାଳସାରୁ ଆସିଥାଇପାରେ କିମ୍ବା ଯୌନଲାଳସାରୁ ଜାତ ହୋଇଥାଇପାରେ । କାମପ୍ରବୃତ୍ତି ଜୀବନ ତଥା ଜୀବନର ସମସ୍ତ ଜ୍ୟୋତି, ଶକ୍ତି ମେଧା, ଧନସମ୍ପଦ, ଯଶଗୌରବ' ପବିତ୍ରତା, ଶାନ୍ତି, ଜ୍ଞାନ ଓ ଭକ୍ତି ଧ୍ୱଂସ କରିଦିଏ ।

ଅପ୍ରାପ୍ତବୟସ୍କ ବାଳକବାଳିକାମାନଙ୍କର ଦୟନୀୟ ଅବସ୍ଥା—

ଆଜିକାଲି ଆମେ କଣ ଦେଖିବାକୁ ପାଉଛୁ ? ସ୍ତ୍ରୀ, ପୁରୁଷ, ବାଳକ, ବାଳିକା-ସମସ୍ତେ କେବଳ କଳୁଷିତ ଚିନ୍ତା, କାମଭାବନା ଓ ଇନ୍ଦ୍ରିୟସୁଖର ଅସାର ସାଗରରେ ବୁଡ଼ିରହିଛନ୍ତି । ସତରେ ଏହା ଏକ ଅତ୍ୟନ୍ତ ପରିତାପର ବିଷୟ । କେତେକ ଅପ୍ରାପ୍ତବୟସ୍କ ବାଳକଙ୍କର କଥା ଶୁଣିଲେ ସତରେ ଦେହ ଶିହରିଉଠେ । ବହୁକଲେଜ ଛାତ୍ର ବ୍ୟକ୍ତିଗତଭାବରେ ମୋ ନିକଟକୁ ଆସି ଅପ୍ରାକୃତିକ ରୀତିରେ ଅଜସ୍ର ବୀର୍ଯ୍ୟକ୍ଷୟ ହେତୁ ସେମାନଙ୍କର ଜୀବନ କିପରି ଦୁଃଖୀ ଓ ନୈରାଶ୍ୟମୟ ହୋଇପଡ଼ିଛି, ତାର ଦୟନୀୟ କାହାଣୀ ବର୍ଣ୍ଣନା କରିଛନ୍ତି । ଯୌନ ଉତ୍ତେଜନା ଓ କାମନିଶାରେ ସେମାନଙ୍କର ବିବେକ ନଷ୍ଟ ହୋଇଯାଇଛି ।

ଅଜ୍ଞତା ହେତୁ ଏବଂ ଯେଉଁସବୁ ଇନ୍ଦ୍ରିୟର ଅସଦ୍‌ବ୍ୟବହାର ଫଳରେ ଜୀବନୀ ଶକ୍ତି କ୍ଷୟ ହୋଇଯାଏ, ସେହିସବୁ ଇନ୍ଦ୍ରିୟର ଅପବ୍ୟବହାର ହେତୁ ବାଳକବାଳିକା-ମାନେ ଭିତରେ ଭିତରେ ଅକଥ୍ୟ ଯନ୍ତ୍ରଣା ଭୋଗ କରନ୍ତି । ଫଳରେ ସେମାନଙ୍କର ଦେହ ତଥା ମସ୍ତିଷ୍କର ପ୍ରାକୃତିକ ବିକାଶ ବ୍ୟାହତ ହୋଇଯାଏ । ମନୁଷ୍ୟର ଶରୀରରୂପୀ ଯନ୍ତ୍ରରେ ଯେତେବେଳେ ପ୍ରାକୃତିକ କ୍ଷରଣ ବ୍ୟାହତ ହୋଇଯାଏ, ସେତେବେଳେ ସ୍ନାୟବିକ ଶକ୍ତି ମଧ୍ୟ ସେହି ଅନୁପାତରେ କ୍ଷୟିତ ହୋଇଯାଏ । ଏହା ଫଳରେ ଦେହରେ ନାନାବିଧ ଯାନ୍ତ୍ରିକ ଗୋଳମାଳ ଦେଖାଦିଏ । ଏହିସବୁ କାରଣରୁ ଭଗ୍ନସ୍ୱାସ୍ଥ୍ୟ ଓ ଅକର୍ମଣ୍ୟ ଯୁବକଯୁବତୀମାନଙ୍କର ସଂଖ୍ୟା ବଢ଼ୁଛି ।

ଅପ୍ରାପ୍ତବୟସ୍କ ବାଳକମାନେ ରକ୍ତହୀନତା, କ୍ଷୀଣସ୍ମୃତି ତଥା ସ୍ନାୟୁଦୌର୍ବଲ୍ୟ ଜନିତ ବହୁ ବ୍ୟାଧିରେ ପୀଡ଼ିତ ହେଉଛନ୍ତି । ସେମାନଙ୍କୁ ପାଠପଢ଼ା ଛାଡ଼ିଦେବାକୁ ପଡ଼ୁଛି । ରୋଗ କ୍ରମଶଃ ବଢ଼ିଚାଲିଛି । ଔଷଧାଳୟ ଓ ଚିକିତ୍ସାଳୟମାନଙ୍କୁ ହଜାର ହଜାର ସଂଖ୍ୟାରେ ଔଷଧ ଓ ଇଞ୍ଜେକ୍‌ସନ ଆସୁଛି । ଶହଶହ ଡାକ୍ତରିଦୋକାନ ଖୋଲିଚାଲିଛି । ତଥାପି ଦିନକୁ ଦିନ ବ୍ୟାଧି ବଢ଼ିଚାଲିଛି । ଏପରି ଘଟିବାର କାରଣ କ'ଣ ? କାରଣ ଖୋଜିବାଲାଗି ବେଶୀ ଦୂର ଯିବା ଲୋଡ଼ା ନାହିଁ । ଅପରିମିତ ସ୍ତ୍ରୀ ସଙ୍ଗମ ତଥା କଳୁଷିତ କାମପ୍ରବୃତ୍ତି ହେତୁ ଅତ୍ୟଧିକ ବୀର୍ଯ୍ୟକ୍ଷୟ ବା ଜୀବନୀଶକ୍ତି

ହ୍ରାସ ହିଁ ଏହି ସମସ୍ତ ବ୍ୟାଧିର ମୂଳକାରଣ । ଦୂଷିତ ମନ ଓ ଦୂଷିତ ଶରୀର ହିଁ ଏହି ସକଳ ବ୍ୟାଧିର ପ୍ରକୃତ କାରଣ ।

ପିତାମାତା ତଥା ଶିକ୍ଷକମାନଙ୍କର ଦାୟିତ୍ୱ— ପିତାମାତା ତଥା ଶିକ୍ଷକମାନେ ବାଳକବାଳିକାମାନଙ୍କୁ କପରଭାବରେ ବ୍ରହ୍ମଚର୍ଯ୍ୟ ପାଳନ କରିପିବ, ସେହି ବିଷୟରେ ଉପଯୁକ୍ତ ଶିକ୍ଷା ଦେବା ଆବଶ୍ୟକ । ସେମାନଙ୍କୁ ଲଜ୍ଜା ବା ଶାଳୀନତା ରକ୍ଷାରୂପକ ମିଥ୍ୟାଗୌରବ ପରିତ୍ୟାଗ କରିବାକୁ ପଡ଼ିବ; ବାଳକ-ବାଳିକାମାନଙ୍କର ଅଜ୍ଞତା ନିମନ୍ତେ ସେହିମାନେ ହିଁ ବିଶେଷଭାବରେ ଦାୟୀ । ଏସବୁ ବ୍ୟାଧି ଅଜ୍ଞତା ହେତୁ ଯେତେ ଦୁଃଖଦ ହୋଇଥାଏ, ଅନ୍ୟ କୌଣସି କାରଣରୁ ସେତେ ଦୁଃଖଦ ହୋଇ ନ ଥାଏ । ଯୌନ ବା ଜନନେନ୍ଦ୍ରିୟ ସଂକ୍ରାନ୍ତ ବିଷୟ ଆଲୋଚନା କରିବା ଅବିଧେୟ ବୋଲି ଏକ ମିଥ୍ୟା ଶାଳୀନତା ପୋଷଣ କରି, ଅଜ୍ଞତା ଦ୍ରୁତପାଳନ କରି ଲୋକେ ନିଜେ କ୍ଷତିଗ୍ରସ୍ତ ହୁଅନ୍ତି । ତେଣୁ ପିତାମାତାମାନେ ତଥା ଶିକ୍ଷକମାନେ ବାଳକବାଳିକାମାନଙ୍କର ଗତିବିଧି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିବା ଆବଶ୍ୟକ । ଦୂଷିତ ଜୀବନର କୁଫଳ ଏବଂ ସଂଯତ ଜୀବନର ସୁଫଳ ବିଷୟରେ ବାଳକବାଳିକାମାନଙ୍କୁ ସମ୍ୟକଭାବରେ ଅଭିହିତ କରିଦେବା ଏକାନ୍ତ ଆବଶ୍ୟକ ।

ପଶୁମାନଙ୍କର ଯୌନସମ୍ପର୍କ ବନାମ ମନୁଷ୍ୟସମାଜର ଯୌନ ସମ୍ପର୍କ— ମଣିଷ ନିଜର ବୁଦ୍ଧି ପାଇଁ ବଡ଼ ଅହଂକାର କରେ । କିନ୍ତୁ ତାର ପଶୁପକ୍ଷୀମାନଙ୍କଠାରୁ ମଧ୍ୟ ଯଥେଷ୍ଟ କିଛି ଶିଖିବାର ଅଛି । କାମ ଉତ୍ତେଜନାର ବଶବର୍ତ୍ତୀ ହୋଇ ମଣିଷ ବାରମ୍ବାର ସେହି ଏକା ନୀଚକାର୍ଯ୍ୟ କରିଥାଏ । ତାଠାରେ ଆତ୍ମସଂଯମ ବୋଲି ଜିନିଷ ନାହିଁ । ସେ କାମବାସନା ନିକଟରେ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣ କରିଦିଏ । ସେ କାମ ପ୍ରବୃତ୍ତିର କ୍ରୀଡ଼ାକନ୍ଦୁକ ହୋଇଯାଏ । ସେ ଠେକୁଆ ପରି ବଂଶ ବଢ଼ାଇଚାଲେ ଏବଂ ବହୁ ସନ୍ତାନ ପ୍ରସବ କରି ଜଗତର ଭିକାରୀସଂଖ୍ୟା ବଢ଼ାଇଚାଲେ, ଅଥଚ ସିଂହ, ହାତୀ ପ୍ରଭୃତି ବଳବାନ ପଶୁମାନଙ୍କୁ ଲକ୍ଷ୍ୟ କଲେ ଦେଖିବେ ସେମାନେ ମନୁଷ୍ୟ ଅପେକ୍ଷା ଯଥେଷ୍ଟ ଅଧିକ ଆତ୍ମସଂଯମୀ । ସିଂହମାନେ ବର୍ଷରେ ଥରେମାତ୍ର ସ୍ତ୍ରୀସଂଗମ କରନ୍ତି । ଗର୍ଭବତୀ ହୋଇସିବାର ପରବର୍ତ୍ତୀ ସମୟଠାରୁ ଆରମ୍ଭ କରି ସନ୍ତାନ ପ୍ରସବ ପରେ ଶାବକ ତଥା ମାଆ ସୁସ୍ଥସବଳ ନ ହୋଇପିବା ପର୍ଯ୍ୟନ୍ତ, ମାଈ ପଶୁମାନେ ପୁରୁଷ ପଶୁକୁ ପାଖରେ ପୁରାଇଦିଅନ୍ତି ନାହିଁ । ଏକମାତ୍ର ମଣିଷ ହିଁ ଏହି ପ୍ରାକୃତିକ ନିୟମକୁ ଲଙ୍ଘନ କରେ ଏବଂ ପରିଣାମରେ ଅସଂଖ୍ୟ ବ୍ୟାଧିରେ ଗ୍ରସ୍ତ ହୁଏ । ଏ ଦୃଷ୍ଟିରୁ ମଣିଷ ପଶୁଠାରୁ ହୀନତର ସ୍ତରକୁ ଖସିଯାଉଛି । କ୍ଷୁଧା, ନିଦ୍ରା, ଭୟ ଓ ସ୍ତ୍ରୀ ସଙ୍ଗମ-ଇଚ୍ଛା ମଣିଷ ଓ ପଶୁ ଉଭୟଙ୍କ

ମଧ୍ୟରେ ରହିଛି । ଯେଉଁ ଶକ୍ତି ମଣିଷକୁ ପଶୁମାନଙ୍କଠାରୁ ପୃଥକ କରି ରଖିଛି, ତାହା ହେଉଛି ମଣିଷର ବିଗୁରର ଶକ୍ତି । ତେଣୁ ଯେଉଁ ଲୋକଠାରେ ଏହି ମହତ୍ତ୍ୱର ଶକ୍ତି ନାହିଁ, ସେ ମଧ୍ୟ ଏକ ପଶୁ ।

କାମପ୍ରବୃତ୍ତିର ଶକ୍ତି-- କାମପ୍ରବୃତ୍ତି ହେଉଛି ମନୁଷ୍ୟର ସବୁଠାରୁ ବଡ଼ ଉଗ୍ର ପ୍ରବୃତ୍ତି । କାମଲାଲସାର ଡୋର ମନୁଷ୍ୟର ବହୁ ଗଭୀରକୁ ମାଡିଯାଇଥାଏ । ମନ ବୁଦ୍ଧି, ପ୍ରାଣ, ଇନ୍ଦ୍ରିୟ ତଥା ସମଗ୍ର ଶରୀରକୁ କାମପ୍ରବୃତ୍ତି ହିଁ ପୂର୍ଣ୍ଣ କରି ରଖିଥାଏ । ଯେଉଁସବୁ ଉପାଦାନରେ ମନୁଷ୍ୟ ଗଠନ କରାଯାଇଛି, ସେଗୁଡ଼ିକ ମଧ୍ୟରେ କାମ ହେଉଛି ପ୍ରାଚୀନତମ ଉପାଦାନ ।

ମନୁଷ୍ୟ ଭିତରେ ସହସ୍ର କାମନା ବାସନା ରହିଥାଏ । କିନ୍ତୁ ସକଳ କାମନା ବାସନାର ମୂଳରେ ରହିଥାଏ କାମପ୍ରବୃତ୍ତି ଏବଂ ଏହି ବାସନା ଅନ୍ୟ ସମସ୍ତ ବାସନା ଅପେକ୍ଷା ଅଧିକ ଶକ୍ତିଶାଳୀ । ଜଣେ ସଙ୍ଗମସାଥୀ ପାଇବାର ବାସନା ହିଁ ହେଉଛି ମୌଳିକ ବାସନା । ଅନ୍ୟ ସକଳ ବାସନା ଏହି କେନ୍ଦ୍ରୀୟ ବାସନା ଉପରେ ନିର୍ଭର କରି ଗଢ଼ି ଉଠିଛନ୍ତି । ଅର୍ଥଲାଭ ବାସନା, ସନ୍ତାନସନ୍ତତି ଲାଭ ବାସନା, ଗୋମହିଷାଦି ପଶୁଲାଭ ବାସନା, ଇତ୍ୟାଦି ଯାବତୀୟ ବାସନା ତା'ପରେ ଜାଗ୍ରତ ହୁଏ ।

ବିଶ୍ୱର ସୃଷ୍ଟିଲୀଳାକୁ ବଞ୍ଚାଇ ରଖିବାଲାଗି ପରମେଶ୍ୱର କାମବାସନାକୁ ଏତେ ପ୍ରବଳ କରି ଗଢ଼ିଛନ୍ତି । ତା' ନ କରିଥିଲେ, ବିଶ୍ୱବିଦ୍ୟାଳୟମାନଙ୍କରେ ଏବେ ଯେପରି ଛାତ୍ର ଫୁଟିଲାପରି ସ୍ନାତକ ବାହାରିପଡୁଛନ୍ତି, ଜଗତରେ ଠିକ୍ ସେହିପରି ଅଗଣିତ ଜୀବଜନ୍ତୁ ବାହାରିପଡ଼ନ୍ତେ । ବିଶ୍ୱବିଦ୍ୟାଳୟରୁ ଶିକ୍ଷାଲାଭ କରିବା ଏକ ସହଜ ବ୍ୟାପାର । କିଛି ଅର୍ଥବଳ, କିଛି ସ୍ମରଣ ଶକ୍ତି, କିଛି ବୁଦ୍ଧି ଓ କିଛି ପରିଶ୍ରମ ପ୍ରତିଦାନରେ ବିଶ୍ୱବିଦ୍ୟାଳୟ ଶିକ୍ଷା ହାସଲ କରିଦେବ । କିନ୍ତୁ କାମବାସନାକୁ ଦମନ କରି ଅଗ୍ର ପଥରେ ଚାଲିବା କାଠିକର ପାଠ । ଯେ କାମ-ବାସନାକୁ ସମ୍ପୂର୍ଣ୍ଣ ଦମନ କରିପାରିଛନ୍ତି ଏବଂ ଯେ ମାନସିକ ବ୍ରହ୍ମଚର୍ଯ୍ୟରେ ପୂର୍ଣ୍ଣ ପ୍ରତିଷ୍ଠିତ ହୋଇପାରିଛନ୍ତି, ସେ ସ୍ୱୟଂ ବ୍ରହ୍ମ; ସେ ସ୍ୱୟଂ ଈଶ୍ୱର ।

କାମ ଏକ ଅତି ବଳିଷ୍ଠ ପ୍ରବୃତ୍ତି । କାମ ଆବେଗକୁ ପ୍ରତିହତ କରିବା ଅତ୍ୟନ୍ତ କଠିନ । ତାକୁ ଆହତ କଲେ, ସେ ଆପଣଙ୍କୁ ଦ୍ୱିଗୁଣ ବେଗରେ ପ୍ରତି-ଆକ୍ରମଣ କରିବ । ଆପଣଙ୍କଠାରୁ ତାଡନା ପାଇ ସେ ମନର କୌଣସି ଏକ ନିଭୃତ କୁଞ୍ଜରେ ଆତ୍ମଗୋପନ କରି ରହିବ; ଆପଣ ଅସାବଧାନ ଥିବାବେଳେ ସେ ହଠାତ୍ ଆକ୍ରମଣ ଆରମ୍ଭ କରିଦେବ । ବିଶ୍ୱାମିତ୍ର କିପରି ରମ୍ଭାଙ୍କର ଶିକାର ହୋଇଥିଲେ,

ତାହା ଜାଣିଥିବେ । ଜୈମିନୀ ସେହିପରି ମିଥ୍ୟାନାସ୍ତି 'ମାସ' ଦ୍ୱାରା କାମଜର୍ଜ୍ଜରିତ ହୋଇଯାଇଥିଲେ । ଜାଣିଥିବେ, ଗୋଟିଏ ମତ୍ସ୍ୟ-ଦମ୍ପତିର ରମଣ ଦେଖିଦେଇ ଜଣେ ମହର୍ଷିଙ୍କର କାମୋଦ୍ରେକ ହୋଇଯାଇଥିଲା । ଜଣେ ମୂର୍ଖସାଧକ ନିଜର ଗୁରୁପତ୍ନୀଙ୍କୁ ହରଣ କରିଥିଲେ । ବହୁ ସାଧକ କାମରୂପୀ ବିଶ୍ୱାସଘାତକ ଶତ୍ରୁର ଗୁପ୍ତଶକ୍ତି ବିଷୟରେ ଅବହିତ ନୁହଁନ୍ତି । ସେମାନେ ଭାବନ୍ତି, ସେମାନେ ସମ୍ପୂର୍ଣ୍ଣ ନିରାପଦରେ ନିଷ୍କଳଙ୍କ ଚରିତ୍ରରେ ସାଧନାରେ ଲାଗିଥାନ୍ତି । କିନ୍ତୁ ପରୀକ୍ଷାର ସମୟ ଉପସ୍ଥିତ ହେଲେ, ସେମାନେ ନୈରାଶ୍ୟଜନକଭାବରେ କାମର ଶିକାର ହୋଇଯାଆନ୍ତି । ତେଣୁ ସର୍ବଦା ଏକାଗ୍ର ରହନ୍ତୁ; ସର୍ବଦା ଧ୍ୟାନମଗ୍ନ ହୋଇ ରହି ଏହି ଦୂଷିତ ପ୍ରବୃତ୍ତି ବିନାଶ କରନ୍ତୁ ।

ଜ୍ଞାନୀଜନଙ୍କର କାମବାସନା ସଂପୂର୍ଣ୍ଣ ଲୋପ ହୋଇଯାଇଥାଏ । ସାଧକଙ୍କର କାମବାସନା ସୁସଂଯତ ହୋଇ ରହିଥାଏ । ଗୃହସ୍ଥଙ୍କର କାମବାସନା ଯଦି ସଂଯତ ନ ହୁଏ, ତେବେ ତାହା ଘୋର ବିପଦର କାରଣ ହୋଇଥାଏ । ଗୃହସ୍ଥଙ୍କଠାରେ ଏହି ବାସନା ସମ୍ପୂର୍ଣ୍ଣ କାର୍ଯ୍ୟବିସ୍ତାର କରି ରହିଥାଏ । ଫଳରେ ସେମାନେ ଏ ବାସନାକୁ ନିବାରଣ କରିପାରନ୍ତି ନାହିଁ । କ୍ଷୀଣ ମନୋବଳ ହେତୁ, ଦୃଢ଼ ପ୍ରତିଜ୍ଞାର ଅଭାବ ହେତୁ ସେମାନେ ନିତାନ୍ତ ଅସହାୟଭାବରେ କାମର ବଶବର୍ତ୍ତୀ ହୋଇଯାଆନ୍ତି ।

ଭୋଗ ଓ ସଂଯମ— ଭୋଗ ସନ୍ତୋଷ ପ୍ରଦାନ କରିପାରେ ନାହିଁ, ତେଣୁ ଭୋଗରୁ ସନ୍ତୋଷ ମିଳେବୋଲି ଭାବିବା ଏକ ଭ୍ରମମାତ୍ର । ବରଂ ଭୋଗ ବାସନାରୂପକ ଅଗ୍ନିରେ ଆହୁତି ଦେଇ ବାସନାକୁ ଅଧିକ ପ୍ରଜ୍ୱଳିତ କରେ । ଭୋଗ ବାସନାକୁ ପ୍ରବଳ ଓ ବର୍ଦ୍ଧିତ କରି ତାର ପ୍ରକୋପ ବଢ଼ାଇଦିଏ । ପ୍ରାଚୀନ କାଳର ରାଜା ଯଯାତିଙ୍କ ବିଷୟ ଶୁଣିଥିବେ । ସହସ୍ରବର୍ଷ କାଳ ଯୌନସୁଖ ଉପଭୋଗ କରିବା ନିମନ୍ତେ ସେ ନିଜ ପୁତ୍ରଠାରୁ ଯୌବନ ଯାଚନା କରି ନେଇଥିଲେ; ସହସ୍ର ବର୍ଷ ଧରି ସ୍ତ୍ରୀ ସମ୍ଭୋଗ କରିବା ପରେ ସେ ଯେତେବେଳେ ବାର୍ଦ୍ଧକ୍ୟରେ ଉପନୀତ ହୁଅନ୍ତି, ସେତେବେଳେ ସେ ଦୁଃଖ ଓ ନୈରାଶ୍ୟରେ ଭାଙ୍ଗିପଡ଼ି ବିଳାପ କରିବାକୁ ଲାଗିଲେ, "ହାୟ ! ହାୟ !! ମୁଁ କି ନିର୍ବୋଧ ନୁହେଁ ! ଏପର୍ଯ୍ୟନ୍ତ ମୋର କାମ କ୍ଷୁଧା ମେଣ୍ଟିଲା ନାହିଁ । ସତରେ, କାମନାର ଅନ୍ତ ନାହିଁ । ମୁଁ ଜୀବନଟାକୁ ବୃଥାରେ ନଷ୍ଟ କରିଦେଲି । ହେ ପରମେଶ୍ୱର, ମୋତେ କ୍ଷମା କର , ମୋତେ ଦୟା କର ପ୍ରଭୁ, ଏ ସଂସାର ସାଗରରୁ ମୋତେ ଉଦ୍ଧାର କର ।" କାମବାସନାକୁ ସଂଯତ କରିଦେଲେ ବା ଚାପିରଖିଦେଲେ ବିଶେଷ କିଛି ଉପକାର ମିଳିବ ନାହିଁ । ଉପଯୁକ୍ତ ସୁଯୋଗ ମିଳିଗଲେ ମନୋବଳ ଦୁର୍ବଳ ହୋଇଗଲେ, ବୈରାଗ୍ୟ କ୍ଷୀଣ ହୋଇଗଲେ, ଧ୍ୟାନ ବା ଯୌଗିକ ସାଧନା ଶିଥିଳ ହୋଇଗଲେ କିମ୍ବା ରୋଗଗ୍ରସ୍ତ ହୋଇ ଶରୀର ଦୁର୍ବଳ ହୋଇଗଲେ କାମ ବାସନା ଦ୍ୱିଗୁଣ ଉଗ୍ର ହୋଇ ଆତ୍ମ ପ୍ରକାଶ କରିବ ।

କାମବାସନାକୁ ଦମନ କରିଦେଲେ ତାହା ନିର୍ମୂଳ ହୋଇଯାଏ ନାହିଁ । ଯାହା ଦମିତ ବା ସଂଯତ ହୋଇ ରହିଛି, ଭାବନ୍ତୁ ନାହିଁ ଯେ, ଆପଣ ତା'ଠାରୁ ମୁକ୍ତ ହୋଇ ରହିଛନ୍ତି । ଗୁପ୍ତ ଭାବେ ଲୁଚିରହିଥିବା କାମବାସନା ଆପଣଙ୍କୁ ବାରମ୍ବାର ଆକ୍ରମଣ କରୁଥିବ ଏବଂ ତା'ଫଳରେ ଆପଣଙ୍କଠାରେ ବାରମ୍ବାର ଉତ୍ତେଜନା ତଥା ମାନସିକ ଅସ୍ଥିରତା ପ୍ରକାଶ ପାଉଥିବ ଏବଂ ଆପଣଙ୍କର ସ୍ୱପ୍ନଦୋଷ ଘଟିଯାଉଥିବ ।

ସୁତରାଂ ଜପ, ଧ୍ୟାନ, ପ୍ରାର୍ଥନା, ଧର୍ମଗ୍ରନ୍ଥପାଠ, ଆସନ ଓ ପ୍ରାଣାୟାମ ଅଭ୍ୟାସ କରି ଯୌନଶକ୍ତିକୁ ଆଧ୍ୟାତ୍ମିକ ଶକ୍ତି ଅର୍ଥାତ ଓଜଃଶକ୍ତିରେ ପରିବର୍ତ୍ତିତ କରିଦେବାକୁ ପଡ଼ିବ । ସେପରି କଲେ ହିଁ କାମନା ବାସନାର ବିନାଶ ଘଟିବ ।

ଯୌନଶକ୍ତିର ଊର୍ଦ୍ଧ୍ୱପାତନ ପ୍ରଣାଳୀ—ପବିତ୍ର ଚିନ୍ତା ଦ୍ୱାରା କାମଶକ୍ତି ବା ଯୌନଶକ୍ତିକୁ ଓଜଃଶକ୍ତି ବା ଆଧ୍ୟାତ୍ମିକ ଶକ୍ତିରେ ପରିଣତ କରିଦେବା ପ୍ରଣାଳୀକୁ ପାଶ୍ଚାତ୍ୟ ମନସ୍ତତ୍ତ୍ୱବିତ୍‌ମାନେ ଯୌନ-ଊର୍ଦ୍ଧ୍ୱପାତନ ଆଖ୍ୟା ଦେଇଥାନ୍ତି । କେତେକ ରାସାୟନିକ ପଦାର୍ଥକୁ ଊର୍ଦ୍ଧ୍ୱପାତନ ପ୍ରଣାଳୀରେ ଅର୍ଥାତ୍ ପ୍ରଥମେ ଉତ୍ତପ୍ତ କରି ବାଷ୍ପରେ ପରିଣତ କରିଦେବା ପରେ ପୁନଶ୍ଚ ସେହି ବାଷ୍ପକୁ ଶୀତଳ କରି ଘନୀଭୂତ କରିବା ଦ୍ୱାରା ଯେପରି ବିଶୁଦ୍ଧ କରାଯାଏ, ଠିକ୍ ସେହିପରି ପରମାତ୍ମା ବା ବ୍ରହ୍ମଙ୍କର ଉନ୍ନତ, ମହତ୍ ଚିନ୍ତାରେ ନିମଗ୍ନ ହୋଇ ଆଧ୍ୟାତ୍ମିକ ସାଧନା ସାହାଯ୍ୟରେ ବିଶୁଦ୍ଧ କରି କାମଶକ୍ତିକୁ ମଧ୍ୟ ଦିବ୍ୟଶକ୍ତିରେ ପରିଣତ କରିହୁଏ ଆଯାଏ ।

ଯେଉଁ ଯୌନ ଊର୍ଦ୍ଧ୍ୱପାତନ ବିଷୟ କୁହାଗଲା, ତାହା କୌଣସିପ୍ରକାର ଅବଦମନ ବା ଗୁପ୍ତ ରଖିବା କାର୍ଯ୍ୟ ନୁହେଁ । ଏହା ହେଉଛି ଏକ ସାର୍ଥକ ପ୍ରତ୍ୟାଗାତ୍ମକ ପରିବର୍ତ୍ତନ ପ୍ରକ୍ରିୟା । ଉତ୍ତାପ ଶକ୍ତିକୁ ଯେପରି ଆଲୋକ ଓ ବିଦ୍ୟୁତ ଶକ୍ତିରେ ପରିଣତ କରିହୁଏ ଆଯାଏ, ଏଥିରେ ମଧ୍ୟ ସେହିପରି ଏକ ଦୈହିକଶକ୍ତିକୁ ଆଧ୍ୟାତ୍ମିକ ଶକ୍ତିରେ ପରିଣତ କରିହୁଏ ଆଯାଏ । ଯଦି ପ୍ରଜନନ ଶକ୍ତିକୁ ନିୟନ୍ତ୍ରିତ କରି ଦିଆଯାଏ, ଊର୍ଦ୍ଧ୍ୱପାତିତ କରି ପରିବର୍ତ୍ତିତ କରିଦିଆଯାଏ, ତେବେ ପ୍ରବଳ ଧୀଶକ୍ତି ବା ଓଜଃଶକ୍ତି ଲାଭ ହୁଏ । ମସ୍ତିଷ୍କରେ ସଞ୍ଚିତ ଆଧ୍ୟାତ୍ମିକ ଶକ୍ତିକୁ ଓଜଃ ବୋଲାଯାଏ । ମହତ୍ ଚିନ୍ତା, ଧ୍ୟାନ, ଜପ, ଦେବାର୍ଚ୍ଚନା ଓ ପ୍ରାଣାୟାମ ବଳରେ ଯୌନଶକ୍ତିକୁ ଓଜଃଶକ୍ତିରେ ପରିଣତ କରିଦିଆଯାଇପାରେ । ଦୀପର ତୈଳ ଯେପରି ସଳିତା ମାଧ୍ୟମରେ ଉପରକୁ ଶୋଷିହୋଇ ଆସି ପ୍ରଜ୍ୱଳନରେ ସାହାଯ୍ୟ କରି ଆଲୋକ ପ୍ରଦାନ କରେ, ଯୌନଗ୍ରନ୍ଥୀର ବୀର୍ଯ୍ୟ ବା ରେତଃ ସେହିପରି ଯୋଗସାଧନା ଅଭ୍ୟାସ ଫଳରେ ଊର୍ଦ୍ଧ୍ୱମୁଖୀ ହୋଇ ଉପରକୁ ଉଠିଆସି ତେଜ ବା ଓଜଃରେ ପରିଣତ

ହୋଇଯାଏ । ଓଜଃ ଦୀର୍ଘକାଳ ଧରି ଗଭୀର ଧ୍ୟାନ କରିବାରେ ସାହାଯ୍ୟ କରେ । ଏହା ମସ୍ତିଷ୍କରେ ସଞ୍ଚିତ ହୋଇରହେ । ଏହି ଶକ୍ତି ଗଭୀର ଚିନ୍ତା କରିବାରେ ସାହାଯ୍ୟ କରେ । ପ୍ରାପ୍ତ ବାର୍ଦ୍ଧକ୍ୟରେ ମଧ୍ୟ ଏହି ଶକ୍ତି ସହାୟକ ହୋଇଥାଏ । ଏହା ଫଳରେ ସ୍ମୃତିଶକ୍ତି ତୀକ୍ଷ୍ଣ ହୁଏ; ଗ୍ରନ୍ଥରଚନାରେ ତଥା ଗଭୀର ମସ୍ତିଷ୍କଚାଳନାରେ ଏହା ବିଶେଷ ସାହାଯ୍ୟ କରିଥାଏ ।

ଯେଉଁ ଯୋଗୀଙ୍କର ବୀର୍ଯ୍ୟ ବା ରେତଃଶକ୍ତି ଊର୍ଦ୍ଧ୍ୱଗାମୀ ହୋଇ ମସ୍ତିଷ୍କକୁ ସଞ୍ଚାଳିତ ହୋଇଥାଏ ଏବଂ ଧ୍ୟାନ ତଥା ଗଭୀର ଚିନ୍ତା କରିବା କାଳରେ ସାହାଯ୍ୟ କରିବା ନିମନ୍ତେ ସେଠାରେ ଓଜଃଶକ୍ତିରୂପରେ ସଞ୍ଚିତ ହୋଇ ରହିଥାଏ, ତାଙ୍କୁ ଊର୍ଦ୍ଧ୍ୱରେତା ଯୋଗୀ ବୋଲିଯାଏ । ସେହି ମହାତ୍ମା କେବଳ ଯେ ବୀର୍ଯ୍ୟଶକ୍ତିକୁ ଓଜଃରେ ପରିଣତ କରିଦିଅନ୍ତି ତା ନୁହେଁ, ସେ ନିଜର ଯୌଗିକ-ଶକ୍ତି ବଳରେ, ନିଜର ପବିତ୍ର ଚିନ୍ତା, ପବିତ୍ର ବଚନ ଓ ପବିତ୍ର କର୍ମ ବଳରେ ସ୍ୱଶରୀରସ୍ଥ ଅଣ୍ଡକୋଷରେ ରସସ୍ରବଣ ନିବାରଣ କରି ବୀର୍ଯ୍ୟଗଠନ ପ୍ରକ୍ରିୟାକୁ ମଧ୍ୟ ସ୍ଥଗିତ ରଖିଦେଇପାରନ୍ତି । ଏହା ଏକ ଅତୀବ ଗୁହ୍ୟ ବିଷୟ ।

ଏକ୍ଲୋପାଥି ବିଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଊର୍ଦ୍ଧ୍ୱରେତା ଯୋଗୀଙ୍କ ଅଣ୍ଡକୋଷରେ ମଧ୍ୟ ଅବ୍ୟାହତଭାବରେ ବୀର୍ଯ୍ୟ ପ୍ରସ୍ତୁତ ହୁଏ କିନ୍ତୁ ଉକ୍ତ ବୀର୍ଯ୍ୟରସ ପୁନର୍ବାର ସେମାନଙ୍କ ରକ୍ତରେ ବିଶୋଷିତ ହୋଇଯାଏ । କିନ୍ତୁ ଏହା ଏକ ଭ୍ରମାତ୍ମକ ତଥ୍ୟ । ଉକ୍ତ ବିଜ୍ଞମାନେ ଯୌଗିକ ଶକ୍ତିର ରହସ୍ୟ ଓ ଗୋପନ ତତ୍ତ୍ୱ ଆଦୌ ବୁଝିପାରନ୍ତି ନାହିଁ । ସେମାନେ ଏ ବିଷୟରେ ଅଜ୍ଞ । ସେମାନଙ୍କର ଦୃଷ୍ଟି-ପଥରେ ଜଗତର ସ୍ଥୂଳବସ୍ତୁ ହିଁ ପ୍ରତିଭାତ ହୁଏ । ଫଳରେ ସେମାନେ ସ୍ଥୂଳ ଜାଗତିକ ବସ୍ତୁ ନେଇ ବ୍ୟସ୍ତ । ଯୋଗୀ ନିଜର ଯୌଗିକଦୃଷ୍ଟି ବଳରେ, ନିଜର ସୂକ୍ଷ୍ମ ଜ୍ଞାନଦୃଷ୍ଟି ବଳରେ ବସ୍ତୁର ସୂକ୍ଷ୍ମ ଅନ୍ତର୍ନିହିତ ପ୍ରକୃତି ଭେଦ କରିପାରନ୍ତି । ଯୋଗୀ ବୀର୍ଯ୍ୟର ସୂକ୍ଷ୍ମ ପ୍ରକୃତିକୁ ଅନୁଧ୍ୟାନ କରିଦିଅନ୍ତି ଏବଂ ତା'ଫଳରେ ବୀର୍ଯ୍ୟ ପ୍ରସ୍ତୁତି ହିଁ ନିବାରଣ କରିଦିଅନ୍ତି ।

ପ୍ରକୃତ ଊର୍ଦ୍ଧ୍ୱରେତାଙ୍କ ଶରୀରରୁ ପଦ୍ମଗନ୍ଧ ନିର୍ଗତ ହୁଏ । ଅନ୍ୟପକ୍ଷରେ ଯେ ବ୍ରହ୍ମଚାରୀ ନୁହେଁ, ଯାହାର ଶରୀରରେ କେବଳ ସ୍ଥୂଳବୀର୍ଯ୍ୟ ପ୍ରସ୍ତୁତ ହୁଏ ତା ଦେହରୁ ନଂପୁସକ ଛାଗଳର ଗନ୍ଧ ନିର୍ଗତ ହୁଏ ।

ଆଲୋଚ୍ୟ ଊର୍ଦ୍ଧ୍ୱପାତନ ପ୍ରଣାଳୀ ଅତ୍ୟନ୍ତ କଷ୍ଟକର । କିନ୍ତୁ ଆଧ୍ୟାତ୍ମିକ ପଥର ସାଧକ ପକ୍ଷରେ ଏହା ଏକ ଅତ୍ୟନ୍ତ ଆବଶ୍ୟକ ଯୋଗ୍ୟତା । କର୍ମଯୋଗ ହେଉ,

କିମ୍ବା ଭକ୍ତିଯୋଗ ହେଉ, କିମ୍ବା ରାଜଯୋଗ ହେଉ, କିମ୍ବା ବେଦାନ୍ତ ହେଉ ସାଧକ ଯେକୌଣସି ମାର୍ଗ ଧରିଥାନ୍ତୁ ନା କାହିଁକି, ଏହି ଯୋଗ୍ୟତାଟି ଲାଭକରିବା ତାଙ୍କ ପକ୍ଷରେ ଏକାନ୍ତ ଆବଶ୍ୟକ । ସୁତରାଂ ଆପଣଙ୍କୁ ସକଳ ଶ୍ରମ ସ୍ୱୀକାର କରି ଏହି ଯୋଗ୍ୟତାଟି ଉପାର୍ଜନ କରିବାକୁ ପଡ଼ିବ । ଯେଉଁ ଲୋକ ଭିତରେ ଯୌନଚିନ୍ତା ବଦ୍ଧମୂଳ ହୋଇ ରହିଛି, ସେ ଲୋକ ଶତକୋଟି ଜନ୍ମରେ ମଧ୍ୟ ବେଦାନ୍ତର ତାତ୍ପର୍ଯ୍ୟ ହୃଦୟଙ୍ଗମ କରିପାରିବ ନାହିଁ, କି ବ୍ରହ୍ମଲାଭ କରିପାରିବ ନାହିଁ । ଯେଉଁଠି କାମବାସନା ଘର କରି ରହିଛି, ସେଠାରେ ସତ୍ୟ ବାସ କରିପାରିବ ନାହିଁ ।

ଭୋଗବାଦ—କେତେକ ଅଜ୍ଞ ଲୋକ କହନ୍ତି, "କାମକ୍ଷୁଧା ଦମନ କରିବା ଉଚିତ ନୁହେଁ, ପ୍ରକୃତି ବିରୁଦ୍ଧରେ ଯିବା ଅନୁଚିତ । ଈଶ୍ୱର ଏସବୁ ସୁନ୍ଦରୀ ଯୁବତୀମାନଙ୍କୁ କାହିଁକି ସୃଷ୍ଟି କରିଛନ୍ତି ? ଏହି ସୃଷ୍ଟି ଅନ୍ତରାଳରେ ନିଶ୍ଚୟ କିଛି ଉଦ୍ଦେଶ୍ୟ ନିହିତ ଥିବ । ଏମାନଙ୍କୁ ଉପଭୋଗ କରି ଯେତେ ସମ୍ଭବ ସେତେ ସନ୍ତାନ ଜାତ କରିବାକୁ ପଡ଼ିବ । ଆମକୁ ବଂଶରକ୍ଷା କରିବାକୁ ପଡ଼ିବ । ପୁଣି କାମବାସନା ଦମନ କଲେ ଆମେ ବ୍ୟାଧିଗ୍ରସ୍ତ ହୋଇଯିବା । ଆମକୁ ଅଧିକ ସନ୍ତାନ ସନ୍ତତି ଜନ୍ମ କରିବାକୁ ପଡ଼ିବ ।" ଏହା ହେଉଛି ଅଜ୍ଞ ଲୋକଙ୍କର ଅମାର୍ଜିତ ଦର୍ଶନ । ଏସବୁ ଲୋକ ହେଉଛନ୍ତି ଚାର୍ବାକ ତଥା ବିରୋଚନଙ୍କର ପ୍ରତ୍ୟକ୍ଷ ବଂଶଧର । ଏମାନେ ଏପିକ୍ୟୁରସ୍‌ଙ୍କ ଦର୍ଶନର ଅର୍ଥାତ୍ ଇନ୍ଦ୍ରିୟସୁଖବାଦୀ ବା ଭୋଗବାଦ ଦର୍ଶନର ଆଜୀବନ ସଭ୍ୟ । କିନ୍ତୁ ଏମାନଙ୍କର ପଦାଙ୍କ ଅନୁସରଣ କରୁଥିବା ଲୋକଙ୍କର ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ । ଏମାନେ ହେଉଛନ୍ତି ସଇତାନର ବନ୍ଧୁବର୍ଗ । କି ପ୍ରଶଂସନୀୟ ନୁହେଁ ଏ ଦର୍ଶନ : ଯେତେବେଳେ ଏମାନଙ୍କର ଧନସମ୍ପଦ ନଷ୍ଟ ହୋଇଯାଏ, ଭାର୍ଯ୍ୟା ତଥା ପୁତ୍ରକନ୍ୟା ନଷ୍ଟ ହୋଇଯାଆନ୍ତି, ଯେତେବେଳେ ଏମାନଙ୍କୁ ଦୁରାରୋଗ୍ୟ ବ୍ୟାଧିଆକ୍ରମଣ କରେ, ସେତେବେଳେ ଏମାନେ କହନ୍ତି, "ହେ ପ୍ରଭୁ ମତେ ଏ ବ୍ୟାଧିରୁ ମୁକ୍ତ କର । ମୁଁ ବଡ଼ ପାପୀ; ମୁଁ ବହୁ ପାପ କରିଛି । ମୋତେ କ୍ଷମା କର ପ୍ରଭୁ, କ୍ଷମା କର ।"

ସକଳ ଶ୍ରମ ସ୍ୱୀକାର କରି ଆପଣଙ୍କୁ କାମବାସନାର ଗତିରୋଧ କରିବାକୁ ପଡ଼ିବ । କାମବାସନା ନିରୋଧ କଲେ କୌଣସି ବ୍ୟାଧି ହେବ ନାହିଁ । ଯୌନ ସମ୍ଭୋଗ ପରିତ୍ୟାଗ କରି କୌଣସି ପୁରୁଷ କସ୍ମିନ୍‌କାଳେ ରୋଗରେ ପଡ଼ି ନାହିଁ । ବରଂ କାମନିରୋଧ କରି ବ୍ୟକ୍ତିର ଆୟୁ, ଉତ୍ସାହ ଓ ଶକ୍ତି ବଢ଼ିଛି । କାମବାସନାର ଗତିରୋଧ କଲେ, ଆପଣ ନିଶ୍ଚିତ ଭାବରେ ଅଗାଧ ଶକ୍ତି, ଅପାର ଆନନ୍ଦ ଓ ଅସୀମ ଶାନ୍ତି ଲାଭ କରିବେ ।

କାମଲାଳସାକୁ ସଂଯତ କରିବା ପାଇଁ ମଧ୍ୟ ବହୁ ଫଳପ୍ରଦ ପ୍ରଣାଳୀ

ରହିଛି । ମନୁଷ୍ୟ ପ୍ରକୃତି ବିରୁଦ୍ଧରେ ଗଲେ ହିଁ, ପ୍ରକୃତିର ଅତୀତ ହୋଇ ରହିଥିବା ପରମାତ୍ମାଙ୍କ ନିକଟରେ ପହଞ୍ଚି ପାରିବ । ମାଛ ଯେପରି ନଦୀ ସ୍ରୋତର ବିପରୀତ ଦିଗରେ ସନ୍ତରଣ କରେ, ଆପଣଙ୍କୁ ସେହିପରି ଅଶିବଶକ୍ତିରୂପକ ସଂସାର ସ୍ରୋତର ବିପରୀତ ଦିଗରେ ଗତି କରିବାକୁ ପଡିବ । ତାହା କରିପାରିଲେ ହିଁ ଆପଣ ଆତ୍ମସାକ୍ଷାତକାର ଲାଭ କରିପାରିବେ । କାମ ଏକ ଅଶିବ ଶକ୍ତି । ସେହି ଅଶିବର ଗତିରୋଧ କଲେ ହିଁ ଆପଣ ଶିବଶକ୍ତି ଲାଭ କରି ଅକ୍ଷୟ ଆତ୍ମିକ ଆନନ୍ଦ ଉପଭୋଗ କରିପାରିବେ ।

କାମସୁଖ ସୁଖ ନୁହେଁ— କାମସୁଖ ହେଉଛି ଜଗତର ସର୍ବାଧିକ ଜୀବନୀ ଶକ୍ତିକ୍ଷୟକାରୀ, ସର୍ବାଧିକ ନୈତିକଶକ୍ତିକ୍ଷୟକାରୀ ସୁଖ । ତେଣୁ ସେ ସୁଖ ଆଦୌ ସୁଖପଦବାଚ୍ୟ ନୁହେଁ । ସେ ସୁଖ ମନର ଏକ ମାୟାମାତ୍ର । ସେ ସୁଖ ହେଉଛି ଏକ ମିଥ୍ୟା, ଏକ ମୂଲ୍ୟହୀନ, ଏକ ଅତୀବ କ୍ଷତିକର ସୁଖ । ସେ ସୁଖ ଯନ୍ତ୍ରଣାରେ ପୂର୍ଣ୍ଣ । ସେ ସୁଖର ପ୍ରତିଫଳରେ ମିଳିଥାଏ ଭୟ, ଭ୍ରମ, ବିପଦ ଓ ବିରକ୍ତି । କାମ ତ କୌଣସି ପ୍ରକାର ବଳ ନୁହେଁ, ବରଂ ତାହା ହେଉଛି ଦାସତ୍ୱ ଓ ଦୁର୍ବଳତା । ପୁରୁଷ ପକ୍ଷରେ ସୁନ୍ଦରୀ ରମଣୀ କହନ୍ତୁ, ସ୍ତ୍ରୀ ପକ୍ଷରେ ସୁନ୍ଦର ପୁରୁଷ କହନ୍ତୁ, ପାର୍ଥିବ ସମ୍ପଦ କହନ୍ତୁ—ଏସବୁ ହେଉଛି ମାୟାର ଗୋଟିଏ ଗୋଟିଏ ଅସ୍ତ୍ର । ଆପଣଙ୍କୁ ପଥଭ୍ରଷ୍ଟ କରିଦେବାଲାଗି, ଆପଣଙ୍କୁ ଫାନ୍ଦରେ ପକାଇଦେବାଲାଗି ଏହିସବୁ ଅସ୍ତ୍ର ବ୍ୟବହାର କରାଯାଏ ।

କାମପ୍ରବୃତ୍ତିର ମାନସିକ ପ୍ରକ୍ରିୟାଟି ଯେ କଣ, ତାହା ଆପଣଙ୍କୁ ବୁଝିନେବାକୁ ପଡିବ । ଦେହରେ ଯେତେବେଳେ କାଉଁକୁଣ୍ଡିଆ ହୁଏ, ସେତେବେଳେ ସାମାନ୍ୟ ଟିକିଏ କୁଣ୍ଡେଇଦେଲେ କି ପ୍ରକାର ସୁଖ ଲାଗେ, ତାହା ଆପଣ ଜାଣିଥିବେ । କାମମଧ୍ୟ ଏକପ୍ରକାର ସ୍ନାୟବିକ କଣ୍ଡୁ । କାମପ୍ରବୃତ୍ତିକୁ ପରିତୃପ୍ତ କରିଦେଲେ, ଏକ ମିଥ୍ୟା ସୁଖ ମିଳିଯାଏ କିନ୍ତୁ ତାହା ବ୍ୟକ୍ତିର ଆଧ୍ୟାତ୍ମିକ ସ୍ୱାସ୍ଥ୍ୟ ଉପରେ ବଡ଼ ମାରାତ୍ମକ ପ୍ରଭାବ ପକାଇଥାଏ ।

କାମ ଏକ ମୋହଜାତ ବିକାର—କାମଲାଳସା ଏକ ଭାବନା ମାତ୍ର । ଏହା କେବଳ ଏକ କଳ୍ପନା— ଏକ ମାନସିକ କଳ୍ପନା । ଦେହ ପଞ୍ଚଭୂତରେ ଗଠିତ । ପଞ୍ଚଭୂତ ଭିତରେ କାମ ବୋଲି କୌଣସି ତନ୍ମାତ୍ର ନାହିଁ । ଏହି ତତ୍ତ୍ୱଟି ଉପରେ ଗଭୀର ମନୋନିବେଶ କଲେ ଧୀରେ ଧୀରେ ଆପଣଙ୍କ ମନରୁ କାମଚିନ୍ତା ଦୂର ହୋଇଯିବ ।

କି ସ୍ତ୍ରୀ, କି ପୁରୁଷ ବୈଜ୍ଞାନିକ ଦୃଷ୍ଟିରେ ସମସ୍ତେ କେତେଗୁଡ଼ିଏ ଇଲେକ୍ଟ୍ରନର ସମୁଚ୍ଚୟ । ବାଘ ଦୃଷ୍ଟିରେ କି ସ୍ତ୍ରୀ କି ପୁରୁଷ ସମସ୍ତେ ଶିକାରର

ବସ୍ତୁ । ବିବେକୀ ବ୍ୟକ୍ତିର ଦୃଷ୍ଟିରେ ସେହିପରି ପ୍ରତ୍ୟେକ ସ୍ତ୍ରୀ ଓ ପ୍ରତ୍ୟେକ ପୁରୁଷ କିଛି କିଛି ରକ୍ତ, ମାଂସ, ଅସ୍ଥି ତଥା ମଳ, ମୂତ୍ର, ପୂଜ, କଫ ଓ ସ୍ୱେଦର ସମନ୍ୱୟ । କେବଳ କାମୁକ ପୁରୁଷ ଓ କାମାଶକ୍ତ ସ୍ତ୍ରୀମାନେହିଁ ସ୍ତ୍ରୀ ବା ପୁରୁଷକୁ ଏକ ଉପଭୋଗ୍ୟ ବସ୍ତୁ ବୋଲି ଭାବିଥାନ୍ତି ।

ଆତ୍ମାଠାରେ ଯୌନେନ୍ଦ୍ରିୟ ନାହିଁ, କି ଯୌନବାସନା ନାହିଁ । ଆତ୍ମା ନିତ୍ୟଶୁଦ୍ଧ । ଆପଣ ହେଉଛନ୍ତି ସେହି ନିତ୍ୟଶୁଦ୍ଧ ଆତ୍ମା । ସକଳ ନରନାରୀଙ୍କ ଅଙ୍ଗରେ ଆତ୍ମାଙ୍କୁ ଦର୍ଶନ କରନ୍ତୁ । ସର୍ବଦା ସେହି କାମବିହୀନ ପରମାତ୍ମାଙ୍କର ଧ୍ୟାନ କଲେ ଆପଣ ବ୍ରହ୍ମଚର୍ଯ୍ୟରେ ପ୍ରତିଷ୍ଠିତ ହୋଇପାରିବେ । ଏହା ହିଁ କାମବାସନାରୁ ମୁକ୍ତ ପାଇବାର ଶ୍ରେଷ୍ଠତମ ତଥା ନିଶ୍ଚିତ ଫଳପ୍ରଦ ପ୍ରଣାଳୀ ।

କାମବାସନା ଓ ଆଧ୍ୟାତ୍ମିକ ଜୀବନ—କାମବାସନା ଆଧ୍ୟାତ୍ମିକ ପଥର ଏକ ବିରାଟ ପ୍ରତିବନ୍ଧକ । ମାଂସର ଆକର୍ଷଣ ଆପଣଙ୍କର ଏକ ଦୁର୍ଜେୟ ଶତ୍ରୁରୂପରେ କାର୍ଯ୍ୟ କରେ । ତାହା ଆପଣଙ୍କର ଆଧ୍ୟାତ୍ମିକ ସାଧନାକୁ ନିଶ୍ଚିତଭାବରେ ବ୍ୟାହତ କରିଦେବ । ତେଣୁ ନିୟମିତ ଧ୍ୟାନ କରି, ମନରେ ସର୍ବଦା ଉଚ୍ଚ ଦିବ୍ୟଚିନ୍ତା ପୋଷଣ କରି କାମପ୍ରବୃତ୍ତିକୁ ସଂଯତ କରି ରଖିବାକୁ ପଡ଼ିବ । ଯୌନଶକ୍ତିକୁ ଊର୍ଦ୍ଧ୍ୱପାତିତ କରି ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ କରିଦେବାକୁ ପଡ଼ିବ । ତାହା ନ କରିବା ପର୍ଯ୍ୟନ୍ତ ସାଧକ ବିପଦମୁକ୍ତ ହୋଇପାରିବ ନାହିଁ ।

କାମବାସନାର ସଂପୂର୍ଣ୍ଣ ବିନାଶନ ହେଉଛି ଆଧ୍ୟାତ୍ମିକ ଆଦର୍ଶର ଅନ୍ତିମ ଚରଣ । ତେଣୁ ସର୍ବଦା ମହତ ଦିବ୍ୟଚିନ୍ତା ପୋଷଣ କରନ୍ତୁ । କାଠପଟାରେ ବସି ରହିଥିବା ପୁରୁଣା କଣ୍ଟା ଉପରେ ନୂଆ କଣ୍ଟା ପିଟିଦେଲେ ଯେପରି ସେହି ପୁରୁଣା କଣ୍ଟା ବାହାରିଯାଏ, ସତତ ଦିବ୍ୟଚିନ୍ତା ପୋଷଣ କଲେ ଅଦିବ୍ୟ କାମଚିନ୍ତା ଠିକ୍ ସେହିପରି ଧୀରେ ଧୀରେ ଅପସରିଯିବ । ଯୋଗ ଅଭ୍ୟାସ କରୁଥିବା ସାଧକ ସର୍ବଦା କାୟଃ-ମନୋବାକ୍ୟରେ ନିର୍ମଳ ପବିତ୍ର ହୋଇ ରହିବା ଆବଶ୍ୟକ । ଯୌନଶକ୍ତିକୁ ଆଧ୍ୟାତ୍ମିକ ଶକ୍ତିରେ ସମ୍ପୂର୍ଣ୍ଣ ପରିବର୍ତ୍ତିତ କରିଦେବା କାର୍ଯ୍ୟ କିଛି ଦୁଇ ଚାରିଦିନର ଅଭ୍ୟାସ ବଳରେ ହୋଇପାରିବ ନାହିଁ । ଏଥିପାଇଁ ଧୈର୍ଯ୍ୟ ଓ ଏକାଗ୍ରତା ସହକାରେ ଦୀର୍ଘଦିନର ନିରବଚ୍ଛିନ୍ନ କଠିନ ସଂଗ୍ରାମ, ଅପ୍ରତିହତ ଅଭ୍ୟାସ ଆବଶ୍ୟକ । ଗୃହସ୍ଥ-ମାନେ ମଧ୍ୟ ଏହି ଆଦର୍ଶରେ ଅନୁପ୍ରାଣିତ ହେବା ଆବଶ୍ୟକ; ଉଦ୍ୟମଶୀଳ ହୋଇ ସେମାନେ ମଧ୍ୟ ଧୀରେ ଧୀରେ ଏହି ଲକ୍ଷ୍ୟ ଲାଭ କରିବା ଉଚିତ୍ । କାମ ବା ଯୌନଶକ୍ତି ସମ୍ପୂର୍ଣ୍ଣରୂପରେ ଆଧ୍ୟାତ୍ମିକ ଶକ୍ତିରେ ପରିବର୍ତ୍ତିତ ହୋଇଗଲେ

ଦେହ, ମନ ଓ ବାକ୍ୟ ନିର୍ମଳ ହୋଇଯିବ; ମନରେ ଆଉ କୌଣସି ପ୍ରକାର କାମଚିନ୍ତା ପ୍ରବେଶ କରିପାରିବ ନାହିଁ ।

କାମ ହେଉଛି ଏକ ସୃଷ୍ଟିକାରିଣୀ ଶକ୍ତି । ସେହି ଶକ୍ତିକୁ ଉଚିତର ଆଧ୍ୟାତ୍ମିକ ମାର୍ଗରେ ପ୍ରେରଣ କରନ୍ତୁ । ଫଳରେ ତାହା ଶୁଦ୍ଧଚିନ୍ତାରେ ହୋଇଯିବ ପରିବର୍ତ୍ତିତ ହୋଇ ତାହା ଆଧ୍ୟାତ୍ମିକ ଶକ୍ତିର ପରିଣତ ହୋଇଯିବ । ଯଦି ଆଧ୍ୟାତ୍ମିକ ଆଦର୍ଶରେ ଅନୁପ୍ରାଣିତ ନ ହୁଅନ୍ତି, ତେବେ କାମ ଆବେଗର ଗତିରୋଧ କରିବା ଅସମ୍ଭବ ହୋଇ ପଡ଼ିବ ।

ସଭ୍ୟତା

ସଭ୍ୟତା କଣ ? ଆପଣ କଣ ବର୍ତ୍ତମାନ ସତରେ ସଭ୍ୟ ? ଆପଣ ଯକ୍ଷ୍ମା ବା ଶ୍ୱାସରେ ପୀଡ଼ିତ ହେଲେ, ବିସର୍ପ ବା ମ୍ୟାଲେରିଆରେ ପୀଡ଼ିତ ହେଲେ, ଡାକ୍ତରମାନେ ଆପଣଙ୍କୁ ନାନାପ୍ରକାର ଔଷଧ ଇଞ୍ଜେକ୍‌ସନ ଦେଉଛନ୍ତି । କଣ ଏଇଆକୁ ସଭ୍ୟତା କହିବେ ? ପ୍ୟାରିସ୍ ବା କନ୍‌ଷ୍ଟାଣ୍ଟିନୋପଲରେ କେହି ଯଦି ଗୀତ ଗାଉଛି, ଆପଣ ମାନ୍ଦ୍ରାଜର ଟ୍ରିପ୍ଲିକେନ୍ ସମୁଦ୍ରକୂଳରେ ବସି ତାହା ଶୁଣିପାରୁଛନ୍ତି । କଣ ଏହାକୁ ହିଁ ସଭ୍ୟତା କହିବା ? ଯକ୍ଷ୍ମା ଓ ପାଇରିଆର (ଦାନ୍ତମୂଳରୁ ପୂଜ ପଡ଼ିବା ରୋଗ) ରୋଗଜୀବାଣୁ ରେଳ, ମୋଟର ତଥା ଶୋଡ଼ା ବୋତଲ ବା ଥଣ୍ଡା ପାନୀୟ ଦୋକାନଦେଇ ସଞ୍ଚାର ଲାଭ କରୁଛି । ଗଳିକନ୍ଦିରେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଝୁଙ୍ଗି ଘରମାନଙ୍କରେ ଲକ୍ଷ ଲକ୍ଷ ଲୋକ ଝୁନ୍ଦାଖୁନ୍ଦି ହୋଇ ରହୁଛନ୍ତି । ଜୀବନ ହୋଇଯାଇଛି ସମ୍ପୂର୍ଣ୍ଣ ପରନିର୍ଭରଶୀଳ । ସ୍ୱାଧୀନତା ଯେ କଣ, ତାହା କେହି ଜାଣିବାକୁ ନାହିଁ । ସ୍ୱିଚ୍ ଖରାପ ହୋଇଗଲା ତ, ଘର ଅନ୍ଧାର । ଅଥଚ ଜରୁରୀ ଦରକାର ବେଳକୁ କଳରେ ପାଣି ନାହିଁ । ପନ୍ଦର କୋଡ଼ିଏ ବର୍ଷ ତଳେ ରକ୍ତଚାପ ଯେ କଣ, ତାହା ଆମେ ଶୁଣି ନଥିଲୁ । ଆଜି ଶତକଡ଼ା ନବେ ଜଣ ଏହି ଭୀଷଣ ରୋଗରେ ଆକ୍ରାନ୍ତ ।

ନଗର ଜୀବନର ଚିତ୍ରାବଳୀ—ରାସ୍ତାଘାଟରେ, ସାହିବଜାରରେ, ଗାଡ଼ି, ମୋଟର, ଲରି-ଟ୍ରକର ସୁଅ ଚାଲିବା ଫଳରେ ଯେଉଁ ଧୂଳି ଉଡ଼ୁଛି, ସେହି ଧୂଳି ଯାଇ ମଣିଷର ଆଖି, ନାକ, କାନ, ଶ୍ୱାସନଳୀ ଫୁସ୍‌ଫୁସ ଓ ପାକସ୍ଥଳୀରେ ପଶୁଛି; ତା' ଫଳରେ ଜାତ ହେଉଛି ଫୁସ୍‌ଫୁସ୍ ଓ ପାକସ୍ଥଳୀ ପ୍ରଭୃତିରେ ଯାବତୀୟ ରୋଗ । ଏହା ହେଉଛି ଆଧୁନିକ ସଭ୍ୟତାର ଅବଦାନ । ମଣିଷ ଆଜି ଖାଲି ପଇସା ଖୋଜୁଁଛି । ସେ ପଇସାପାଇଁ ପ୍ରାଣପର୍ଯ୍ୟନ୍ତ ଦେଇଦେଉଛି । ତାର ଧର୍ମ ଲୋଡ଼ା ନାହିଁ । ସେ କହୁଛି, "ମୋର ଖାଲି ରୁଟି ହେଲେ ଚଳିବ ନାହିଁ, ରୁଟି ସାଙ୍ଗକୁ ମାଖନ ଦରକାର, ଜାମ୍ ଦରକାର ।" ଏହି ମାଖନମରା ରୁଟି ଖାଇବା ଲାଗି, ତାକୁ ରାସ୍ତାର ଧୂଳି ଓ କାରଖାନାର ଧୂଆଁ ଉଦରସ୍ଥ କରିବାକୁ ପଡ଼ୁଛି ଏବଂ ନିଜର ସମସ୍ତ ଉପାର୍ଜନ ପାଇରିଆ, ରକ୍ତଚାପ, ଶ୍ୱାସ, ଯକ୍ଷ୍ମା ପ୍ରଭୃତି ରୋଗ ଚିକିତ୍ସାରେ ବ୍ୟୟ କରିଦେବାକୁ ପଡ଼ୁଛି ।

ଲୋକେ ସକାଳ ନଅଟାରେ ତରତର ହୋଇ ବଟକଟେ ଗିଳିଦେଇ ସଙ୍ଗେ ସଙ୍ଗେ ବସ କି ରେଲ ଧରିବାକୁ ଧାଉଁଛନ୍ତି, କାରଣ ଠିକ୍ ଦଶଟାବେଳେ ଅଫିସରେ ବା କଚେରୀରେ ପହଞ୍ଚିବାକୁ ପଡ଼ିବ । ବିଶ୍ରାମ ଆଉ ମିଳୁନାହିଁ । ଏ ଧାଁ ଦଉଡ଼, ଏ ବ୍ୟସ୍ତତା ଭିତରେ ପାକସ୍ଥଳଠାରୁ ଆରମ୍ଭ କରି ଅନ୍ତନଳୀର ଶେଷମୁଣ୍ଡ ପର୍ଯ୍ୟନ୍ତ ପୂରା ଖାଦ୍ୟନଳୀଟା ଅସ୍ୱାଭାବିକ ଭାବରେ ଦୋହଲିଯାଉଛି । ତା ଫଳରେ ଅଗ୍ନିମାନ୍ଦ୍ୟ ତଥା ଯାବତୀୟ ପେଟରୋଗ ବାହାରୁଛି । ଏହା ହେଉଛି ଆଧୁନିକ ସଭ୍ୟତାର ଅବଦାନ ।

ଲୋକେ ଅନ୍ୟକୁ ଠକିବାର ନାନା ଚତୁର କୌଶଳ ଶିଖିଗଲେଣି । ଲୋକେ ବଶୀକରଣ, ସମ୍ମୋହନ ଓ ମୋହନିଦ୍ରା ଦ୍ୱାରା ଅନ୍ୟକୁ ସର୍ବସ୍ୱାନ୍ତ କରିଦେଉଛନ୍ତି, ଝିଅବୋହୂଙ୍କ ସତୀତ୍ୱ ନଷ୍ଟ କରିଦେଉଛନ୍ତି; ରସନା-ସନ୍ତୋଷ ନିମନ୍ତେ ନାନାପ୍ରକାର ପାଟି ସୁଆଦିଆ ଖାନାପିନା ଆବିଷ୍କାର କରିସାରିଛନ୍ତି । ଏସବୁ ଏହି ଆଧୁନିକ ସଭ୍ୟତାର ଅବଦାନ ।

ମାସ୍ଥାଣ୍ଟେଲର କେନ୍ଦ୍ରରୂପେ ଗଢ଼ି ଉଠିଲେଣି ବହୁ ସଂଖ୍ୟକ ହୋଟେଲ । ହୋଟେଲରେ ଆଜି ସମସ୍ତ ପ୍ରକାର ବିଳାସ ମିଳିଯାଉଛି—ଗରମପାଣି ଆସୁଥିବା କଳ ଲାଗିଛି; ଥଣ୍ଡାପାଣି ଆସୁଥିବା କଳ ବି ଲାଗିଯାଇଛି ; ଏଣେ ଖାନାପିନା ଚାଲିଛି, ତା ସହିତ ନାଚବାଜା ମଧ୍ୟ ଉପଭୋଗ କରିହେଉଛି । କିଏ ଯେ ନାହିଁ, କିଏ ଯେ ନ ହେଉଛି ସେଠାରେ !! ଏହା ଫଳରେ ଆପଣଙ୍କର ଇନ୍ଦ୍ରିୟଗୁଡ଼ିକରେ ଚରମ ଉତ୍ତେଜନା ସୃଷ୍ଟି ହୋଇଯିବା ସଙ୍ଗେ ସଙ୍ଗେ, ଆପଣ ଭଗବାନଙ୍କୁ ପାଶୋରି ଯାଉଛନ୍ତି । ଆପଣ ସତ୍ୟକୁ ଭୁଲିଯାଉଛନ୍ତି । ପୁଣି ସ୍ତ୍ରୀମାନଙ୍କ ଭିତରେ, ପୁରୁଷମାନଙ୍କ ଭିତରେ ଭୋଟ ଜରିଆରେ ସୌନ୍ଦର୍ଯ୍ୟ ପ୍ରତିଯୋଗିତା ହେଉଛି । କେହି ଜଣେ ବିରାଟ ଧନିକ ପ୍ରତିଯୋଗିତାର ସଭାପତି ହେଉଛନ୍ତି । ସ୍ତ୍ରୀମାନଙ୍କ ଅଙ୍ଗ ଦେଖି ସେମାନଙ୍କ ଭିତରେ କିଏସେ ସବୁଠାରୁ ବେଶୀ ସୁନ୍ଦରୀ, ତାହା ଜାଣିବାକୁ ପୁରୁଷମାନେ ଭୋଟ ଦେଉଛନ୍ତି । ସେହିପରି ପୁରୁଷଙ୍କୁ ଦେଖି ସେମାନଙ୍କ ଭିତରେ କିଏସେ ବେଶି ସୁନ୍ଦର, ତାହା ଜାଣିବାକୁ ସ୍ତ୍ରୀମାନେ ଭୋଟ ଦେଉଛନ୍ତି । ସେଥିପାଇଁ ପୁରସ୍କାର ବ୍ୟବସ୍ଥା ରହିଛି । ପ୍ରଥମ ପୁରସ୍କାର ପାଇଥିବା ସ୍ତ୍ରୀକୁ ଧନୀଲୋକେ ରାତ୍ରିଭୋଜନପାଇଁ ନିମନ୍ତ୍ରଣ କରି ନେଉଛନ୍ତି । ସେ ସ୍ତ୍ରୀ ନାନା ସ୍ଥାନରେ ଅତି କଦର୍ଯ୍ୟଭାବରେ ନଷ୍ଟାଭ୍ରଷ୍ଟା ହୋଇଯାଉଛି । ଏହା ହେଲା ଆଜିର ସଭ୍ୟତା ।

ଧନୀ ଇଞ୍ଜିନିୟର କହୁଛି, ମୋ ଜୀବନରେ ମୁଁ ତିରିଶିଟି କାର ଭୋଗ କଲିଣି ।" ଧନୀ ଡାକ୍ତର କହୁଛି, "ମୋ ଘରେ କୋଡ଼ିଏ ଜଣ ଚାକର ଚାକରାଣୀ

ଅଛନ୍ତି ।" ବଡ଼ ଓକିଲଟି କହୁଛି, ମୁଁ ଦଶଥର ଇଙ୍ଗଲଣ୍ଡ—ଆମେରିକା—ବିଦେଶ ବୁଲି ଆସିଲିଣି ।" ବଡ଼ ଶିଳ୍ପପତି, ବ୍ୟବସାୟୀ କହୁଛି, "ମୋର ବିଭିନ୍ନ ସ୍ଥାନରେ ପ୍ରାୟ ପାଞ୍ଚଶହ ବଙ୍ଗଳା ରହିଛି । ମୁଁ ରାବଡ଼ି-ରସଗୋଲା ନ ହେଲେ ଖାନା ଖାଇପାରୁନି । ଆମର ବମ୍ବେରୁ ଫଳ ଆସୁଛି, କଲିକତାରୁ ଫଳ ଆସୁଛି ।" ପୋଷାକରସିକ ଜଣେ କହୁଛି, "ମୋର ଦୁଇଶହ ସୁଟ୍ ଅଛି; ତିନିଶହ ସାର୍ଟ ଅଛି ।" କିନ୍ତୁ କେହି ଜଣେ କହୁ ନାହିଁ; 'ମୁଁ ଚାରିଲକ୍ଷ ଗାୟତ୍ରୀମନ୍ତ୍ର ଜପ କଲିଣି; ମୁଁ ଶହେଥର ଗୀତା ପଢ଼ିଲିଣି, ପଚାଶଥର ରାମାୟଣ ପଢ଼ିଲିଣି ।" କାହାରି ମୁହଁରୁ ଶୁଣିବାକୁ ମିଳୁନାହିଁ, "ମୁଁ ଦଶହରା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପବାସ କରିଥିଲି । ରବିବାର ଦିନ ମୁଁ ଚାରିଘଣ୍ଟା ଧ୍ୟାନ କରିଛି । ମୁଁ ଦୈନିକ ତିନିଘଣ୍ଟା ପ୍ରାଣାୟାମ କରେ, ଦୁଇଘଣ୍ଟା ଆସନ କରେ, ମୁଁ ଦୁଇଘଣ୍ଟା ମନ୍ତ୍ର ଲେଖେ ।" ଏହା ହେଲା ଆଧୁନିକ ସଭ୍ୟତା ।

ଦଶବର୍ଷ ବୟସରୁ ଚଷମା ପିନ୍ଧିବା, ହାତଘଣ୍ଟା ପିନ୍ଧିବା, କରଜ କରି କାର କିଣିବା, ଫେସନଦାର ଜାମାପୋଷାକ ପିନ୍ଧିବା, ଏଲଉଡ୍ ଟୋପି ପିନ୍ଧିବା, ହେଲ୍ଥ ବୁଟ୍ ପିନ୍ଧିବା, ଫ୍ରେଞ୍ଚକାଟ୍ ବା ବବ୍ ହେୟାର ପରି ଢଙ୍ଗବେଢଙ୍ଗ ବାଳ କାଟିବା ଥ୍ରିକାଶଲ, ନାଭିକଟ୍, ମାନିଲା ପ୍ରଭୃତି ଜାତିଜାତିକା ସିଗାରେଟ୍ ଟାଣିବା; ଟେକା ଟୋପି କଡ଼ା କଲର ପିନ୍ଧିବା; କଣ୍ଟା ଚାମଚ ଛୁରୀ ଲଗାଇ ଟେବୁଲ୍‌ଖାନା ଖାଇବା ସ୍ତ୍ରୀର ବା ଶଯ୍ୟାସଙ୍ଗିନୀର ହାତଧରି ସମୁଦ୍ର କୂଳରେ ଘୂରିବା; ପକେଟରେ ଖବର କାଗଜ ଧରି ବୁଲିବା, ନାକତଳିଆ ନିଶକୁ କାଇଜଙ୍ଗ, ପରଜାପତିଆ ଆଦି ନାନା ପ୍ରକାର ଢଙ୍ଗରେ କାଟିବା; ମଦମାଂସ ଖାଇବା; ଜୁଆ ଖେଳିବା; ବ୍ରିଜ ଖେଳିବା ବଲ ରୁମ୍‌ରେ ନାଚିବା; ଧାର ଉଦ୍ଧାର କରି ସିନେମା ଯିବା—ଏବଂ ସଂକ୍ଷେପରେ କହିଲେ, ଲମ୍ପଟୀ ଓ ଅପବ୍ୟୟୀ ଜୀବନ ଯାପନ କରିବା ହେଲା ଆଧୁନିକ ସଭ୍ୟତା ।

ଫେସନ ଓ କାମଲାଲସା— ଲୋକେ ଆଜି ଫେସନପାଇଁ ମରୁଛନ୍ତି । କି ସ୍ତ୍ରୀ, କି ପୁରୁଷ ସମସ୍ତେ ଏବେ ଫେସନର ଦାସ । ଗୋଟିଏ ଗାଉନ ବା ଗୋଟିଏ ପୋଷାକ କାଟିବାରେ ଯଦି ସାମାନ୍ୟ ତ୍ରୁଟି ରହିଗଲେ, ତେବେ ଲଣ୍ଡନ ଓ ପ୍ୟାରିସର ଲୋକେ ଦରଜୀ ନାଆଁରେ ମାଲିମକଦମା ରୁଜୁ କରିଦେଉଛନ୍ତି । ଫେସନ ଯେ କେତେ ସଂଖ୍ୟାରେ ବଢ଼ିଗଲାଣି, ତାହା ସନ୍ଧ୍ୟାବେଳେ ଦେଖିବା କଥା । ଫେସନ ଆଜି ଦେହକୁ ଅର୍ଦ୍ଧ-ଉଲଗ୍ନ କରିଦେବାରେ ପର୍ଯ୍ୟବସିତ ହେଲାଣି । ପୁଣି କୁହାଯାଉଛି ଏପରି ଅର୍ଦ୍ଧଉଲଗ୍ନ ରହିବାଟା ବିଜ୍ଞାନସମ୍ମତ; ଅର୍ଦ୍ଧଉଲଗ୍ନ ଶରୀରରେ ବିଶେଷଭାବରେ ମୁକ୍ତବାୟୁ ଲାଗୁଥିବାରୁ ତାହା ସ୍ୱାସ୍ଥ୍ୟପ୍ରଦ; ତେଣୁ ଗୋଡ଼ର ଅଧା ଫୁଙ୍ଗୁଳା, ହାତର ଅଧା

ଫୁଙ୍ଗୁଲା, ଅଣ୍ଟୁ ଉପର ପର୍ଯ୍ୟନ୍ତ ଫୁଙ୍ଗୁଲା । ଏହା ହିଁ ହୋଇଛି ଫେସନ । ପୁଣି ଦେହର ଲୋମ ଓ କେଶ ଉପରେ ମଣିଷର ଏବେ ଧ୍ୟାନ ନିୟନ୍ତ୍ରଣ ଆସିଗଲାଣି ।— ସତେ ଯେପରି ଏହା ଏକ ସିଦ୍ଧି ବା ମନସ୍ତାତ୍ତ୍ୱିକ ଶକ୍ତି । କେଶବିନ୍ୟାସ ସାଲୁନ୍‌କୁ ଚାଲିଯାଇ ସେମାନେ ଇଚ୍ଛାନୁସାରେ ଲୋମ ଓ କେଶକୁ କାଟିଦେଇପାରିବେ, ନିକାଲି ଦେଇପାରିବେ, ସଜାଇ ଦେଇପାରିବେ ବା ଭଙ୍ଗି-ମୋଡ଼ି ଦେଇପାରିବେ । ଏହିପରିଭାବରେ ଫେସନ ବଢ଼ି ଚାଲିଛି ଏବଂ ତା ସହିତ ତାଳଦେଇ କାମଲାଳସା ମଧ୍ୟ ବଢ଼ି ଚାଲିଛି ।

ଫେସନ ପଛରେ ଧାଇଁଥିବା ଭ୍ରାନ୍ତ ଲୋକଙ୍କର ପୋଷାକ ତିଆରିବେଳେ ଯେଉଁତକ କନା କାଟିଦିଆଯାଉଛି, ସେତିକରେ ସାରା ଜଗତର ଲୋକଙ୍କୁ ବସ୍ତ୍ର ଯୋଗାଇ ହୁଅନ୍ତା । ଫେସନରେ ବିପୁଳ ଅର୍ଥ ଅପବ୍ୟୟ କରାଯାଉଛି । ଫେସନରେ ଅପବ୍ୟୟିତ ଅର୍ଥ ଯଦି ସତ୍‌କାର୍ଯ୍ୟରେ ଲଗାଯାଆନ୍ତା, ସମାଜ ସେବାରେ, ଦାନ ଧର୍ମରେ ବ୍ୟୟ କରାଯାଆନ୍ତା, ତେବେ ମଣିଷ ଦିବ୍ୟତ୍ୱ ପାଇଯାଆନ୍ତା; ମଣିଷକୁ ଶାଶ୍ୱତ-ଶାନ୍ତି, ନିତ୍ୟ-ଆନନ୍ଦ ଉପଭୋଗ କରିବାକୁ ମିଳନ୍ତା । ଆଜି ଏ ଫେସନଦାର ଲୋକଙ୍କ ଭିତରେ ସେଥିରୁ କାଣିଚାଏ ବି ଦେଖିବାକୁ ମିଳୁଛି କି ? ଆଜି ଦେଖିବେ, ସବୁଠି ଅସ୍ଥିରତା ଅବିଶ୍ରାମ, ବ୍ୟସ୍ତତା, କାତରତା, ଭୟ, ବୈରାଗ୍ୟ ମଳୀନମୁଖ । ଲୋକେ ହୁଏତ ଦାମିକା ରେଶମୀ ଗାଉନ ମଣ୍ଡେଇଥିବେ, ଅତ୍ୟାଧୁନିକ ଢଙ୍ଗର ସୁଟ୍ ପିନ୍ଧିଥିବେ, ଟାଇ କଲର ଝକ୍ ଝକ୍ ଚଟ୍‌କା ଖାଡ଼ା ହୋଇ ରହିଥିବ କିନ୍ତୁ ସେମାନଙ୍କର ମୁଖାରବିନ୍ଦକୁ ଚାହିଁଦେଲେ ଦେଖିବେ,ସେ ମୁହଁ ହୋଇଯାଇଛି ଅପ୍ରଫୁଲ୍ଲ, ନିରାନନ୍ଦମୟ କୁତ୍ସିତ । ଲୋଭ, କାମ ଘୃଣା, ଈର୍ଷା ଓ ବ୍ୟସ୍ତତାର କର୍କଟ ବ୍ୟାଧି ସେମାନଙ୍କର ହୃଦୟର ଅନ୍ତଃସାରପର୍ଯ୍ୟନ୍ତ ଗ୍ରାସ କରିଦେଲାଣି ।

କି ସ୍ତ୍ରୀ କି ପୁରୁଷ, ସମସ୍ତେ ଏତେ ଫେସନଦାର ପୋଷାକ ପିନ୍ଧୁଛନ୍ତି କାହିଁକି ? ସେମାନେ ଚାହାନ୍ତି, ଅନ୍ୟମାନଙ୍କ ଆଖିରେ ବଡଲୋକଙ୍କପରି ଦେଖାଯିବେ । ସେମାନେ ଭାବନ୍ତି, ଭଲ ପୋଷାକପତ୍ର ପିନ୍ଧିଥିଲେ ମାନସମ୍ମାନ ମିଳିବ । ସ୍ତ୍ରୀ ଚାହୁଁଛି, ପୁରୁଷ ଆଖିକୁ ସେ ଟିକିଏ ସୁନ୍ଦରୀ ଦେଖାଯିବ । ପୁରୁଷକୁ ସେ ନିଜ ଆଡ଼କୁ ଆକର୍ଷଣ କରିବାକୁ ଚାହେଁ । ସ୍ୱାମୀ ମଧ୍ୟ ସ୍ତ୍ରୀକୁ ଆକର୍ଷଣ କରିବାକୁ ବେଶଭୂଷା ହୁଏ । ଦେହ ବ୍ୟବସାୟୀ ବେଶ୍ୟା ଭଉଣୀ ଫେସନଦାର ବେଶଭୂଷା ହୁଏ ଅଧିକ ସଂଖ୍ୟକ ରସିକ ଗ୍ରାହକ ପାଇବା ଲୋଭରେ । ଏସବୁ ମାୟା, ଭ୍ରାନ୍ତଧାରଣା । ଫେସନଦାର ବେଶପୋଷାକ କଣ ମଣିଷକୁ ଅଧିକ ସୁନ୍ଦର କରିଦିଏ ? ଏସବୁ କୃତ୍ରିମ ସାଜସଜ୍ଜା ହେଉଛି କ୍ଷଣସ୍ଥାୟୀ ମିଥ୍ୟା ଚାକଚକ୍ୟ,ପତନଶୀଳ ମିଥ୍ୟା ସୌନ୍ଦର୍ଯ୍ୟ । ଆପଣଯଦି ଦୟା

କ୍ଷମା, ପ୍ରେମ, ଭକ୍ତି ସହନଶୀଳତାପରି ସଦ୍‌ଗୁଣରେ ଭୂଷିତ ହୋଇଛନ୍ତି, ତେବେ ଆପଣ ଭକ୍ତିଭାଜନ ହେବେ, ଯଥାର୍ଥ ସମ୍ମାନ ପାଇବେ । ଆପଣ ଟିଗ୍ ଲେଙ୍ଗୁଡ଼ା ପିନ୍ଧିଥାଇ ପାରନ୍ତି କିନ୍ତୁ ସଦ୍‌ଗୁଣ ଆପଣଙ୍କୁ ଚିରସ୍ଥାୟୀ ସୌନ୍ଦର୍ଯ୍ୟ ପ୍ରଦାନ କରିବ । ଲୁଗାପଟା ବିଷୟରେ ମହାତ୍ମାଗାନ୍ଧୀ କି ସରଳ ନ ଥିଲେ ! ସେ ଅଣ୍ଟୁ ଡେଇଁ ନ ଥିବା ଗାମୁଛା ଖଣ୍ଡିଏ ପିନ୍ଧୁଥିଲେ ନା, ଆଉ କଣ ? ରମଣ ମହର୍ଷି କି ସରଳ ନ ଥିଲେ ! ସେ ତ ଖଣ୍ଡିଏ କଉପୁନି ମାତ୍ର ପିନ୍ଧୁଥିଲେ ।

କୃତ୍ରିମ ଜୀବନର ଧ୍ୱଂସକର ପରିଣତି— ଜୀବନ ବଡ଼ କୃତ୍ରିମ ହୋଇଗଲାଣି । ଦୈହିକ, ମାନସିକ, ନୈତିକ ସବୁଦିଗରୁ ଜୀବନର ପତନ ଘଟିଲାଣି । ଆଜିକାଲି ଆଉ ସବଳସୁସ୍ଥ, ହୃଷ୍ଟପୁଷ୍ଟ ସୁଦୀର୍ଘ ମଣିଷଟିଏ ଦେଖିବାକୁ ପାଇବା ବିରଳ । ଦୀର୍ଘାୟୁ ଯେ କଣ, ତାହା ଆଜି ଜ୍ଞାନର ବାହାରେ । ଲୋକେ ଅଳ୍ପାୟୁ ହୋଇଗଲେଣି । ଅଧିକାଂଶଙ୍କୁ ଦେଖିବେ, ଖର୍ବକାୟ, ଦୁର୍ବଳ, ପତଳା ଦେହ, ପୁଷ୍ଟିସାର ନ ପାଇ ସେ ଦେହକୁ ଅକାଳ ବାର୍ଦ୍ଧକ୍ୟ ଗ୍ରାସ କରିଆସିଲାଣି ; ନେହେରୁ କହୁଛି, ସତେ ଯେପରି ସେମାନେ ରୋଗରୁ ଉଠିଛନ୍ତି, ଟିକିଏ ଝିପ ପଡ଼ିଲେ ସେମାନେ ଗିମିତ ଭାଙ୍ଗି ଭୂଶୁଡ଼ି ପଡ଼ିବେ । ଅଧପାଏ ବାଟ ଚାଲିବାକୁ ବି ଲୋକଙ୍କର ଶକ୍ତି ନାହିଁ । ସେମାନଙ୍କର ରିକ୍‌ସା ଦରକାର ପଡ଼ୁଛି । ଏଣେ କୈଶୋର ନଯାଉଣୁ ସେମାନେ ଛୁଆର ବାପମାଆ ହୋଇଯାଉଛନ୍ତି । ଫଳରେ ଲୋକେ ପୋକମାଛିପରି ମରୁଛନ୍ତି । ଲୋକଙ୍କୁ ଦୁର୍ବଳତା ଗ୍ରାସ କରିସାରିଲାଣି । ଲୋକେ କ୍ରମେ ନପୁଂସକ;, ମାଇଚିଆ ହୋଇଯାଉଛନ୍ତି । ଆମ ପିତୃପିତାମହଗଣ କି ସବଳ, କି ସୁସ୍ଥ ନ ଥିଲେ । ସେମାନେ ଦୀର୍ଘଜୀବନ ଉପଭୋଗ କରୁଥିଲେ । ଲୋକେ ଦିନକେ ତ୍ରିଲୋଶ ମାଇଲ ବାଟ ଚାଲିଯାଇପାରୁଥିଲେ । ସତୁରି ବର୍ଷ ବୟସରେ ବି ପହଁରି ପହଁରି ବଡ଼ିଲା ନଈ ପାରିହୋଇ ଯାଉଥିଲେ । ଯେ ଯାହାର କାଠ ଚିରି ପକାଉଥିଲେ । ଓଜନଦାର ବୋଝ ମୁଣ୍ଡେଇ ଚାଲିପାରୁଥିଲେ । ସେମାନେ ଦୀର୍ଘକାୟ, ଶକ୍ତିଶାଳୀ ଲୋକ ଥିଲେ । ସେମାନେ ସରଳ ସାଧାରଣ ଖାଦ୍ୟ ଖାଇ ବଞ୍ଚୁଥିଲେ । ଏବେ ବି ଜଣେ ଗୁର୍ଖା ବା ମହାରାଷ୍ଟ୍ରୀୟ ଶ୍ରମିକକୁ ଦେଖନ୍ତୁ, ସେମାନେ ଏହି ସାଧାରଣ ସେକା ରୁଟି, ଲୁଣ ଆଉ ଦି'ଟା କଞ୍ଚାଲଙ୍କା ଖାଇ ବଞ୍ଚନ୍ତି । କିନ୍ତୁ କିପରି କଠିନ କାମ ଯେ ସେମାନେ କରନ୍ତି, ତାହା ଦେଖିବାର କଥା । ସେମାନଙ୍କର ସ୍ୱାସ୍ଥ୍ୟକୁ ଚାହାଁନ୍ତୁ । ଚମତ୍କାର ଶକ୍ତିକୁ ଚାହାଁନ୍ତୁ । ଅଥଚ ଆପଣଙ୍କର ଓଭାଲଟିନ୍ ଦରକାର; ଭିଟାମିନ୍ ଔଷଧ ଦରକାର; ଆଲେନବରି ରସ୍କ ଓ ଓଟ୍‌ମିଲ୍ ଦରକାର । ସ୍ତ୍ରୀ କହୁଛି, କେବଳ ତା' କାମଦାମ କରିଦେବାପାଇଁ ଜଣେ ସ୍ୱତନ୍ତ୍ର ଚାକରାଣୀ ଦରକାର, ଜଣେ ରାନ୍ଧୁଣୀ ଦରକାର । ଆପଣ କହୁଛନ୍ତି,

ଆପଣଙ୍କ ଜୋତା ସଫା କରି ଆପଣଙ୍କୁ ଜୋତା ପିନ୍ଧାଇଦେବାକୁ ଜଣେ ଚାକର ଦରକାର । ଘରେ ଛୋଟ ପିଲା ଅଛନ୍ତି, ତା'ପାଇଁ ଜଣେ 'ଆୟା' ଦରକାର ।

ବିଜ୍ଞାନ ମଣିଷକୁ ବହୁ ଆରାମ, ବହୁ ସୁଖସୁବିଧା ଯୋଗାଇଦେଉଛି । ବିଦ୍ୟୁତ୍‌ଶକ୍ତି ସକଳ ପ୍ରକାର କାମ କରିଦେଉଛି । କୂଅରୁ ପାଣି କାଢ଼ିଦେଉଛି, ଆପଣଙ୍କୁ ତଳ ମହଲାରୁ ଉପରମହଲାକୁ ଉଠାଇନେଉଛି । ଖାଦ୍ୟ ରାନ୍ଧିଦେଉଛି । ଲଣ୍ଡନ ବା ପାରିସ୍‌କୁ ନେଇଯାଉଛି । ବିଜ୍ଞାନ ଆମର ଯାତାୟତ ଓ ଯୋଗାଯୋଗକୁ ସହଜ ଓ ତ୍ୱରାନ୍ୱିତ କରିଦେଇଛି । ଆମେ କେତେକ ବିଜ୍ଞାନହେତୁକ ଉପକାର ପାଉଛୁ ସତ, କିନ୍ତୁ ଅପକାରର ପରିଣାମ ଉପକାରକୁ ବଳିପଡୁଛି । ଜୀବନଧାରଣ ସହଜ ଓ ବିଳାସମୟ ହୋଇପିବା ସଙ୍ଗେ ସଙ୍ଗେ ଅତ୍ୟନ୍ତ ବ୍ୟୟବହୁଳ ମଧ୍ୟ ହୋଇଯାଇଛି । ମଣିଷ ଆଜି ଅଧିକ ଅଶାନ୍ତ, ଅଧିକ ଅସ୍ଥିର ହୋଇପଡୁଛି । ଆଜିର ବିଳାସ ଆଗାମୀ କାଲିର ଆବଶ୍ୟକତାରେ ପରିଣତ ହୋଇଯାଉଛି । କି ସ୍ତ୍ରୀ, କି ପୁରୁଷ—ସମସ୍ତେ ଆଜି ପକେଟ ରେଡ଼ିଓ, ଟର୍ଚ୍ଚଲାଇଟ୍, ହାତଘଡ଼ି, ମୋଟରକାର ନିଜ ଘରେ ସିନେମା ଦେଖିବା ବ୍ୟବସ୍ଥାପରି ବିଳାସ ଲୋଡ଼ିବସିଲେଣି । ଜୀବନ-ଧାରଣର ମାନ ବିଶେଷଭାବରେ ବଢ଼ିଗଲାଣି । କୌଣସି ପ୍ରକାରରେ ଖର୍ଚ୍ଚ ତୁଲେଇନେବା ଲାଗି କର୍ମୀ ଓ ଅଫିସରମାନେ ଲାଞ୍ଚ ନେବାକୁ ପଛେଉ ନାହାନ୍ତି ; ସେମାନେ ବିନାଦ୍ୱିଧାରେ ମିଛ କହିପାରୁଛନ୍ତି । ସେମାନଙ୍କର ସମସ୍ତ ଉପାର୍ଜନ ସିନେମା ଓ ଫେସନ ମୁହଁରେ ଚାଲିଯାଉଛି ।

ଆଜି ଜୀବନର ଲକ୍ଷ୍ୟ ହୋଇଯାଇଛି ଇନ୍ଦ୍ରିୟସନ୍ତୁଷ୍ଟୀକରଣ । ଯେଉଁମାନେ ଚତୁର, ସେମାନେ ଲାଞ୍ଚ ନେବାର ତଥା ବିଭିନ୍ନ ଅସାଧୁ ଉପାୟରେ ଅର୍ଥ ଉପାର୍ଜନ କରିବାର ଚତୁର ଉପାୟମାନ ସୃଷ୍ଟି କରୁଛନ୍ତି । ଦୁର୍ନୀତି ସର୍ବତ୍ର ବ୍ୟାପିଯାଇଛି । ସାଧୁତା, ସଚ୍ଚୋଟତା କେଉଁଆଡ଼େ ଛାଡ଼ି ପଳାଇଗଲାଣି । ଆଜି କପଟତା କୁଟିଳତା, ପ୍ରବଞ୍ଚନା, ଛଳନା ଚାତୁରୀ ସମସ୍ତଙ୍କୁ ଗ୍ରାସ କରିବାକୁ ବସିଲାଣି । ବିଭିନ୍ନ ବୈଜ୍ଞାନିକ ଉଦ୍ଭାବନ ଫଳରେ ଯେଉଁ ବିଳାସମୟ ଜୀବନଯାପନର ସୂତ୍ର ଖୋଲିଗଲା, ପୁଣି ପାଶ୍ଚାତ୍ୟ ସଭ୍ୟତାର ଯେଉଁ ଅନୁକରଣ କରାଗଲା, ଏସବୁ ହେଉଛି ତାହାରି ବିଷମୟ ପରିଣତି ।

ଘରେ ପଛେ ଖାଇବାକୁ ନ ଥାଉ, ଜଣେ ଯଦି ଡାକ୍ତର କି ଓକିଲ ହୋଇଗଲେ, ତେବେ ତାକୁ ଖଣ୍ଡେ ଗାଡ଼ି, ଝଣ୍ଡିଏ ମୋଟରକାର ସମ୍ଭାଳିବାକୁ ପଡ଼ିବ । ତା' ନ କଲେ ତା ପାଖକୁ ରୋଗୀ ଆସିବେ ନାହିଁ, କି ମହକିଲ ଆସିବେ ନାହିଁ । ତାଙ୍କ ସ୍ତ୍ରୀଙ୍କର ଭଲ ପାଟଶାଢ଼ୀ ଦରକାର; ମୁହଁଲଗା ପାଉଡ଼ର, ରୁଜ, ଲିପ୍‌ଷ୍ଟିକ୍, ଅତରଫନିଅର ପ୍ରଭୃତି ଶୃଙ୍ଗାର ସାମଗ୍ରୀ ଦରକାର । ସିନେମା ହଲରେ

ସ୍ଥାନ ସଂରକ୍ଷଣ ଦରକାର । ଏସବୁପାଇଁ ଯେଉଁ ଟଙ୍କା ଦରକାର, ସେ ଟଙ୍କା ଆସିବ କେଉଁଠୁ ? ଗରିବ ଲୋକଙ୍କ ତୋଟି ଚିପି, ପକେଟମାରି ହିଁ ସେହି ଟଙ୍କା ଉପାର୍ଜନ କରାଯାଏ । ଡାକ୍ତରବାବୁ ବୋତଲେ ପାଣିରେ କିଛି ରଙ୍ଗ ମିଶାଇଦେଇ ପାଣି ଔଷଧ ତିଆରି କରିଦିଅନ୍ତି ଏବଂ ସେହି ରଙ୍ଗୀନ ପାଣି ବିକନ୍ତି ଅତି ଚଢ଼ା ଦାମରେ । ଇଞ୍ଜେକ୍‌ସନ ଦେବା ବାବଦରେ, ରୋଗୀ ଦେଖିବାକୁ ଯିବା ବାବଦରେ, ଚିକିତ୍ସା ପରାମର୍ଶ ଦେବା ବାବଦରେ ଅତି ଚଢ଼ା ଦରରେ ଫି ବା ପାରିଶ୍ରମିକ ଆଦାୟ କରନ୍ତି । ତାଙ୍କ ହୃଦୟରୁ ଦୟା, କ୍ଷମା ଓ ସାଧୁତା ଗୁଡ଼ିପଳାଇଲାଣି । ମନ ଏହିପରି ସବୁ ଲୋଭ, ବାସନା, ଓ ଅସାଧୁତାରେ ପୂର୍ଣ୍ଣ ହୋଇଯିବା ଫଳରେ ବିବେକ ନଷ୍ଟ ହୋଇଗଲାଣି ।

ଆଜିର ଏହି ତଥାକଥିତ ଆଧୁନିକ ସଭ୍ୟତାର ଯୁଗରେ ଲୋଭ, କାମ, ସ୍ୱାର୍ଥପରତା ଦିନକୁଦିନ, ଘଣ୍ଟାକୁ ଘଣ୍ଟା ବଢ଼ିଚାଲିଛି । ପୁରୁଷର ପୌରୁଷ ଆଜି ବ୍ୟାହତ, ଅପହୃତ ହୋଇଯାଉଛି । ସମ୍ପତ୍ତି ଭାଗ କରିବା ନିମନ୍ତେ ପୁଅ ଆଜି ବାପକୁ କଚେରୀକୁ ଟାଣିନେଉଛି । ସ୍ତ୍ରୀ ଯଦି ତା ସ୍ୱାମୀ ଅପେକ୍ଷା ଅଧିକ ଧନୀ, ଅଧିକ ସୁନ୍ଦର ଓ ଅଧିକ ସୁସ୍ଥ ଓ ଯୌବନସମ୍ପନ୍ନ ପରପୁରୁଷର ସନ୍ଧାନ ପାଉଛି, ତେବେ ସ୍ୱାମୀକୁ ଗୁଡ଼ପତ୍ର ଦେଇ ସେହି ପରପୁରୁଷକୁ ବିବାହ କରିପକାଉଛି । ସମ୍ପତ୍ତି ମାଡ଼ିବସିବା ଲୋଭରେ ସାନଭାଇ ଆଜି ବଡ଼ଭାଇକୁ ବିଷ ଦେଇଦେଉଛି । ଆଜି ସର୍ବତ୍ର ନିଷ୍ଠୁରତା, ଅସାଧୁତା, ଅନ୍ୟାୟ ଅତ୍ୟାଚାର ହିଁ ଦେଖିବାକୁ ମିଳୁଛି । କେହି ନିଜର ସତ୍ୟ ରକ୍ଷା କରୁ ନାହିଁ । ବାପର ପୁଅକୁ ବିଶ୍ୱାସ ନାହିଁ, ସ୍ତ୍ରୀର ସ୍ୱାମୀଠାରେ ଆସ୍ଥା ନାହିଁ । ସ୍ୱାମୀର ସ୍ତ୍ରୀଠାରେ ଆସ୍ଥା ନାହିଁ ।

ଜୀବନ ଧର୍ମ ଓ ଈଶ୍ୱରଙ୍କଠାରୁ ଦୂରେଇ ଯାଉଛି— ଏହା ହେଉଛି କଳିଯୁଗ । ଧର୍ମ ଏବେ ଜରାଗ୍ରସ୍ତ । ସେ ବର୍ତ୍ତମାନ କେବଳ ବୁଢ଼ାବୁଢ଼ୀଙ୍କ ଚିକିତ୍ସାପାଇଁ ଖୋଲାଯାଇଥିବା କୌଣସି ଏକ ଡାକ୍ତରଖାନାରେ ବିଛଣା ଧରି ପଡ଼ିଯାଇଛି । ଲୋକେ ନିଜ ମରଜି, ନିଜ ଖିଆଲରେ ଯାହା ଇଚ୍ଛା, ତା କରି ଚାଲିଛନ୍ତି । ବାଧା ଦେବାର ବୋଲି କିଛି ନାହିଁ । ପ୍ରତ୍ୟେକ ଲୋକ ଜଣେ ଜଣେ ଗୁରୁ; କୌଣସି ଧର୍ମୋପଦେଶକୁ ସେ ଭ୍ରୂକ୍ଷେପ କରେନା । ସବୁଆଡ଼େ ବୋହୁଛି କାମ-ବାସନାର ଝଡ଼ । ସଦ୍‌ଭାବନା, ବିଚାର, ବିବେଚନା —ଏସବୁ ଛୁଟି ନେଲାଣି । ଶିଶ୍ନୋଦରପରାୟଣତା ଅର୍ଥାତ୍ ମସ୍ତ ହୋଇ ଖିଆପିଆ କରି ସ୍ତ୍ରୀ ସମ୍ଭୋଗରେ ମାତିବା ହୋଇଛି ଆଜି ଜୀବନର ଲକ୍ଷ୍ୟ । ମୋକ୍ଷର ଆଉ ସତ୍ତା ନାହିଁ; ତାହା ଏକ ସ୍ୱପ୍ନର ବସ୍ତୁ ହୋଇଗଲାଣି । ଯାହାକୁ ଦେଖିବେ, ତାଠାରେ ଗୁଡ଼ାଏ ବଦଭ୍ୟାସ ସୃଷ୍ଟି ହୋଇଗଲାଣି ।

ବନ୍ଧୁ ଆଜି ବନ୍ଧୁକୁ 'ଜୟ ଶ୍ରୀକୃଷ୍ଣ' 'ଜୟରାମଜୀ କି' ଇତ୍ୟାଦି ଭଗବତ୍ ନାମ ଉଚ୍ଚାରଣ କରି ସମ୍ବର୍ଦ୍ଧନା ଜଣାଉ ନାହିଁ; ସମ୍ବର୍ଦ୍ଧନା ଜଣାଉଛି ସିଗାରେଟ୍ ପ୍ୟାକେଟ ଯାଚି, ହ୍ୱିସ୍କି ବୋତଲ ବଢ଼ାଇଦେଇ । ସେ ଡାକ ପକାଉଛି, ଆରେ ନାଇଡୁ ବାବୁ ଯେ !! ଆସ ଆସ; ଆଗେ ଖଣ୍ଡେ ସିଗାରେଟ ଧରିଲ ! ହେଇଟି ଧର, ଗ୍ଲାସେ ଜିନ୍-ହ୍ୱିସ୍ ହେଉ ।"

ଅର୍ଥ ଏକ ଆଧୁନିକ ଅଭିଶାପ— ମନୁଷ୍ୟପାଇଁ ଅର୍ଥ ଯେ ଏକାନ୍ତ ଆବଶ୍ୟକ, ସେଥିରେ ସନ୍ଦେହ ନାହିଁ । କିନ୍ତୁ ଅର୍ଥ ଜୀବନର ଲକ୍ଷ୍ୟ ନୁହେଁ । ମନୁଷ୍ୟ ଧନଦେବତା କୁବେରଙ୍କୁ ପୂଜା କଲେ ଚଳିବ ନାହିଁ । ଡୋଲାର କେବେ ମନୁଷ୍ୟକୁ ଶାନ୍ତି ଓ ଆନନ୍ଦ ଦେଇ ନ ପାରେ ।

ଆମେରିକାରେ ବଡ଼ ବଡ଼ କୋଠାଘର ରହିଛି— ଗୋଟିଏ ଗୋଟିଏ ଘର ଶହେ ତେତିଶ ମହଲା ପର୍ଯ୍ୟନ୍ତ ଉଚ୍ଚ । ତା' ଭିତରେ ପ୍ରତିଟି କୋଠରୀ ଶୀତତାପ ନିୟନ୍ତ୍ରିତ, ପ୍ରତିଟି କୋଠରୀରେ ଅତ୍ୟାଧୁନିକ ବିଦ୍ୟୁତ୍ ଉପକରଣ ସବୁ ଖଞ୍ଜା ହୋଇଛି । କିନ୍ତୁ କହନ୍ତୁ ତ ଭାଇ, ଅଧିକ ସୁଖୀ କିଏ ? —ଯେ ଆମେରିକାରେ ଶହେ ତେତିଶ ମହଲା କୋଠାଘରେ ବହୁ ସଂଖ୍ୟକ ଗାଡ଼ି ମୋଟର ଉଡ଼ାଜାହାଜ ଉପଭୋଗ କରି, ପ୍ରଚୁର ଅର୍ଥର ଅଧିକାରୀ ହୋଇ, ଧନକୁ ଧନ ବ୍ୟାଙ୍କ ଜମା ବଢ଼ାଇ ଏବଂ ତା ସଙ୍ଗେ ସଙ୍ଗେ ପ୍ରଚୁର ବ୍ୟସ୍ତତା, କାତରତା, ଅସ୍ଥିରତା, ପ୍ରଚୁର ରକ୍ତଚାପ ତଥା ଅନ୍ୟାନ୍ୟ ବ୍ୟାଧିରେ ଗ୍ରସ୍ତ ହୋଇ, ଅସୀମ ଅଜ୍ଞତା ତଥା ଅଜ୍ଞତା-ପ୍ରସୂତ କାମ, କ୍ରୋଧ, ଲୋଭ, ମୋହରେ ଆବଦ୍ଧ ହୋଇ ଏକ ସଂକୀର୍ଣ୍ଣ ହୃଦୟ ଧରି ରହିଛି ସେ, ନା ଯେ ହିମାଳୟର ଋଷିକେଶର ଗଙ୍ଗା କୂଳରେ ଛୋଟ ଗୋଟିଏ ଝୁମ୍ପୁଡ଼ି ଭିତରେ ମୁଣ୍ଡ ଗୁଞ୍ଜିଦେଇ ମଧ୍ୟ ପ୍ରଚୁର ସ୍ୱାସ୍ଥ୍ୟର ଅଧିକାରୀ ହୋଇ ବିଶାଳ ଉଦାର ହୃଦୟ ଧରି, ବିବିଧ ଦିବ୍ୟଗୁଣରେ ଭୂଷିତ ହୋଇ, ଶାଶ୍ୱତ ଶାନ୍ତି ଓ ଆନନ୍ଦ ଉପଭୋଗ କରି ଯଥେଷ୍ଟ ଆତ୍ମଜ୍ଞାନରେ ଉଦ୍‌ବୁଦ୍ଧ ହୋଇ ନିର୍ଦ୍ୱନ୍ଦ୍ୱ ନିରୁଦ୍‌ବେଗ, ନିର୍ବିକାର, ନିର୍ଭୀକ, ନିର୍ଜଞ୍ଜାଳମୟ ଜୀବନଯାପନ କରୁଛି ସେ ? ଏ ଦୁହିଁଙ୍କ ଭିତରୁ କାହାର ସ୍ଥାନ ଉଚ୍ଚରେ ?

ଆମର ଯଥାର୍ଥରେ ଯାହା ଆବଶ୍ୟକ, ତାହା ହେଉଛି ଏକ ବିଶାଳ ଉଦାର ହୃଦୟ ଏବଂ ପବିତ୍ର ମହତ ଚିନ୍ତା । ଆପଣ ଗୋଟିଏ ଛୋଟ ଘର କୁଡ଼ିଆରେ ରହିଥାଇପାରନ୍ତି; ସେଥିରେ କିଛି ଯାଏ ଆସେ ନାହିଁ ।

ସେଦିନ ଜଣେ ଇଂରେଜ ଭଦ୍ରବ୍ୟକ୍ତି— ସେ ହେଉଛନ୍ତି ମିରଟର ଜଣେ ବଡ଼ ଅଫିସର-ଆମର ଏହି ଆଶ୍ରମକୁ ଆସିଥିଲେ । ଆନନ୍ଦକୁଟୀରର ଶାନ୍ତିର

ବାତାବରଣ ଦେଖି ସେ ଅତ୍ୟନ୍ତ ବିମୁଗ୍ଧ ଆକର୍ଷିତ ହୋଇଗଲେ । ମୁଁ କହିଲି, "ଆପଣ ଇଂଲଣ୍ଡର କେତେକ କୋଣବାଡ଼ରେ ମଧ୍ୟ ଏହି ଶାନ୍ତ ବାତାବରଣ ପାଇ-ପାରିବେ; ସେଠାରେ କୌଣସି ପାହାଡ଼ ପର୍ବତକୁ ଯାଆନ୍ତୁ, ଦେଖିବେ ସେଠିବି ଏପରି ଶାନ୍ତି ରହିଛି ।" ସେ ବିଚାରି କହିଲେ, 'ନା, ସେଠାରେ ମଧ୍ୟ ସବୁବେଳେ ମୁଣ୍ଡ ଉପରେ ଭେଁ ଭାଁ ହୋଇ ଉଡାଜାହାଜ ଘୁରିବୁଲୁଥିବ । ଇଙ୍ଗ୍ଲଣ୍ଡରେ ଆଉ ଶାନ୍ତି ବୋଲି କିଛି ନାହିଁ ।'

ଉଦ୍‌ଭ୍ରାନ୍ତି ଓ ବିଶୃଙ୍ଖଳାର ଦୃଶ୍ୟ—ଆପଣ ନିଜେ ଆପଣଙ୍କ ଜୀବନକୁ ଜଟିଳ-ଗହନ କରିଦେଇଛନ୍ତି । ଏହି ପଙ୍କିଳ ସଂସାର କ୍ଷେତ୍ରରେ ଆପଣ ନିଜେ ନିଜକୁ ଛନ୍ଦିଦେଇଛନ୍ତି । ନିଜର ଆବଶ୍ୟକତାକୁ, ନିଜର କାମନା ବାସନାକୁ ଆପଣ ନିଜେ ସଂଖ୍ୟାତୀତଭାବରେ ବଢାଇଚାଲିଛନ୍ତି । ତା ଫଳରେ ଆପଣଙ୍କୁ ବାନ୍ଧି ରଖିଥିବା ଶିକୁଳିରେ ଆପଣ ପ୍ରତିଦିନ ଗୋଟିଏ ଗୋଟିଏ ଅଧିକ କଡ଼ା ଯୋଡ଼ି ଚାଲିଛନ୍ତି । ଆପଣଙ୍କ ଜୀବନରୁ ସରଳତା ହଜିଯାଇ ଗଲାଣି । ବ୍ୟସନପୂର୍ଣ୍ଣ ବଦଭ୍ୟାସ, ବିଳାସପୂର୍ଣ୍ଣ ଜୀବନଧାରଣକୁ ଆପଣ ଅତି ଆପଣାର କରି ଜାବୋଡ଼ି ଧରିଛନ୍ତି । କୌଣସିଠାରେ ଚାକିରି ମିଳୁ ନାହିଁ, କାମଧନ୍ଦା ମିଳୁନାହିଁ—ଏଥିରେ ବିସ୍ମିତ ହେବାର କିଛି ନାହିଁ । ଲୋକେ ଭୋକ ଉପାସରେ ମରୁଛନ୍ତି । ବ୍ୟବସାୟ-ବାଣିଜ୍ୟ ମାନ୍ଦା ପଡ଼ିଯାଉଛି । ଯେଣେ ଚାହିଁବ, ତେଣେ ଅସ୍ଥିରତା ।

ଗୁଡ଼ାଏ ମକଦ୍ଦମା ବିଚାର କରିବାଲାଗି କୋର୍ଟ କଚେରୀ ସଂଖ୍ୟା ମଧ୍ୟ ବଢି ଚାଲିଛି । ଏ ଦେଶ ଆର ଦେଶକୁ ଭୟ କରୁଛି । ଏ ଦେଶ ସେ ଦେଶକୁ ସନ୍ଦେହ କରୁଛି; ଭାବୁଛି, ସେ ଦେଶ ଏକ ବଡ଼ ଯୁଦ୍ଧପାଇଁ ସଜ ହେଲାଣି । ଏହା ଫଳରେ ଜୀବନରେ ଅନିଶ୍ଚିତ ଭାବ ବଢ଼ିଯାଉଛି । ଜୀବନ ବିଭ୍ରାନ୍ତି, ବିଶୃଙ୍ଖଳା ଓ ଭୁଲ ବୁଝାମଣାର ଏକ କୁଡରେ ପରିଣତ ହୋଇଯାଇଛି । ଜୀବନ ଆଜି ନାନା ଝଞ୍ଜଟ, ନାନା କୋଳାହଳରେ ପୂର୍ଣ୍ଣ ହୋଇଯାଇଛି । ଜୀବନ ଆଜି ପୃଷ୍ଠସ୍ରୋତ ଅନ୍ତଃସ୍ରୋତ, ପରସ୍ପରଚ୍ଛେଦୀ ସ୍ରୋତ, ଗୋପନ ସ୍ରୋତ ତଥା ମିଶ୍ରିତ ସ୍ରୋତ ଆଦି ବିଭିନ୍ନ ସ୍ରୋତରେ ଓତଃପ୍ରୋତ ହୋଇ ରହିଛି ।

ମୁକ୍ତିର ଉପାୟ—ତାହାହେଲେ ଏହି ଦୁରୂହ ପରିସ୍ଥିତିରୁ, ଏହି ଦୁଃଖ-ଦୁର୍ବିପାକରୁ ମୁକ୍ତି ପାଇବାର ପଥ କିଛି ଅଛି, ନା ନାହିଁ ? ଅଛି ଏବଂ ଅଛି କେବଳ ଗୋଟିଏ ମାତ୍ର ପଥ । ନିଷ୍କାମ ନିଃସ୍ୱାର୍ଥ ପର, ପବିତ୍ର, ସେବାପରାୟଣ, ବିଶ୍ୱପ୍ରେମମୟ, ଆତ୍ମତ୍ୟାଗପୂର୍ଣ୍ଣ ଜୀବନ ଯାପନ କରନ୍ତୁ । ପ୍ରତ୍ୟେକ ବିଷୟକୁ ସତ୍‌ଦୃଷ୍ଟିକୋଣରୁ ଦେଖିବାକୁ, ସତ୍‌ଚିନ୍ତା କରିବାକୁ, ସତ୍ ଅନୁଭୂତ ପ୍ରକାଶ କରିବାକୁ ଏବଂ ସତ୍ ମନୋଭାବରେ କାର୍ଯ୍ୟ କରିବାକୁ ଅଭ୍ୟାସ କରିଚାଲନ୍ତୁ । ଭକ୍ତି ଏବଂ ଧ୍ୟାନ ଅଭ୍ୟାସ କରିଚାଲନ୍ତୁ ।

ରୋଲସ୍ ରୟ୍ସ୍ କାର ଚଢି ବୁଲିବା ପ୍ରକୃତ ସଭ୍ୟତା ନୁହେଁ । ଅଭ୍ରଂକଷ ଅଟ୍ଟାଳିକାରେ ବାସ କରିବା ସଭ୍ୟତା ନୁହେଁ । ହେଲିକପ୍ଟର ଚଢି ବୁଲିବା ସଭ୍ୟତା ନୁହେଁ । ଅଜସ୍ର ଧନର ଅଧିକାରୀ ହେବା ସଭ୍ୟତା ନୁହେଁ । ଶିକ୍ଷାଗତ ବା ରାଜକୀୟ ପଦପଦବୀରେ ଭୂଷିତ ହେବା ସଭ୍ୟତା ନୁହେଁ । ସଭ୍ୟତା ହେଉଛି ସାଧୁ ହେବା, ନମ୍ର ହେବା, ପବିତ୍ର ହେବା । ସଭ୍ୟତା ହେଉଛି ଋଷିପ୍ରତିମ ହେବା, ଦୟାର୍ଦ୍ରଚିତ୍ତ ହେବା । ସଭ୍ୟତା ହେଉଛି ଭକ୍ତି ଓ ଜ୍ଞାନରେ ବିଭୂଷିତ ହେବା । ସଭ୍ୟତା ହେଉଛି ନିଃସ୍ୱାର୍ଥପର ହେବା ଓ ସେବାମନୋଭାବ ରଖିବା ।

ଆମକୁ ପ୍ରକୃତି ପାଖକୁ ଫେରିଯିବାକୁ ପଡ଼ିବ । ପ୍ରକୃତିକ ଜୀବନ-ଯାପନ ସ୍ତରକୁ ଫେରିଯିବାକୁ ପଡ଼ିବ । ଆମର ପିତୃପିତାମହଗଣଙ୍କ ଆଚରିତ ସରଳ ଜୀବନ ଓ ଉଚ୍ଚଚିନ୍ତାକୁ ଆଦର୍ଶ କରି ଜୀବନ ଧାରଣ କରିବାକୁ ପଡ଼ିବ । ତେଣୁ ସରଳ ପ୍ରାକୃତିକ ଜୀବନ ଯାପନ କରନ୍ତୁ । ସରଳ ସାଧାରଣ ଲୁଗାପଟା ପିନ୍ଧନ୍ତୁ । ସରଳ ସାଧାରଣ ଖାଦ୍ୟ ଖାଆନ୍ତୁ । ପ୍ରତିଦିନ କିଛି ବାଟ ପାଦରେ ଚାଲନ୍ତୁ । ସିନେମାଦେଖା ଓ ଉପନ୍ୟାସପଢା ଛାଡ଼ିଦିଅନ୍ତୁ । ଅବକାଶରେ କଠିନ ଶାରୀରିକ ପରିଶ୍ରମ କରି ଜୀବନ ଯାପନ କରନ୍ତୁ । ଆତ୍ମନିର୍ଭରଶୀଳ ହୁଅନ୍ତୁ । ଚାକରବାକର ରଖନ୍ତୁ ନାହିଁ । ପ୍ରୟୋଜନୀୟ ବସ୍ତୁର ପରିମାଣ କମାଇ ଦିଅନ୍ତୁ । କାର୍ଯ୍ୟକଳାପରେ ସାଧୁତା ଅବଲମ୍ବନ କରନ୍ତୁ । ଝାଳବୁହା ଉପାର୍ଜନରେ ଚଳନ୍ତୁ । ମନସଂଯମ ଅଭ୍ୟାସ କରନ୍ତୁ । ଇନ୍ଦ୍ରିୟ ଦମନ କରନ୍ତୁ । ସଦ୍‌ଗୁଣ ବିକାଶ କରନ୍ତୁ । ସତ୍‌ସଙ୍ଗ କରନ୍ତୁ । ଭଗବତ୍ ସ୍ମରଣ କରନ୍ତୁ । ଭଗବତ୍ ନାମ କୀର୍ତ୍ତନ କରନ୍ତୁ । ଭଗବତ୍ ଉପସ୍ଥିତି ଅନୁଭବ କରନ୍ତୁ । ସତ୍ୟ କହନ୍ତୁ । ବିଚାର ବିବେଚନା କରିବାକୁ ଶିଖନ୍ତୁ । ସଂସାର କ୍ଷେତ୍ରରେ ରହି ମଧ୍ୟ କିପରି ଦିବ୍ୟ ଜୀବନ ଯାପନ କରିବାକୁ ହୁଏ, ତାହା ଶିଖନ୍ତୁ । ଆତ୍ମଭାବ ରଖି ସମାଜସେବା କରନ୍ତୁ । ତା' ହେଲେ ସକଳ ସମସ୍ୟାର ସମାଧାନ ହୋଇଯିବ । ଆପଣ ଯେଉଁ ଦେବତ୍ୱ ହରାଇ ବସିଛନ୍ତି, ତାହା ଫେରିଆସିବ । ହରାଇ ଦେଇଥିବା ସ୍ୱର୍ଗ ପୁଣି ଥରେ ଆପଣଙ୍କର ହୋଇଯିବ । ସକଳ ଦୁଃଖର ସମାପ୍ତି ଘଟିବ । ଜୀବନର ପ୍ରତ୍ୟେକ କ୍ଷେତ୍ରରେ, ପ୍ରତ୍ୟେକ କର୍ମରେ ଆପଣ ସଫଳତା ଅର୍ଜନ କରିବେ । ଏହି ଗୋଟିଏ ସାଧାରଣ ସୂତ୍ର ଧରିନିଅନ୍ତୁ । ସବୁ ତାଲା ଖୋଲି ପାରୁଥିବା ଏହି 'ମାଷ୍ଟର କି'—କୁଞ୍ଚିକ ଚାବିଟି ହାତର କରି-ନିଅନ୍ତୁ । ଏହାରି ସାହାଯ୍ୟରେ ଆପଣ ସ୍ୱର୍ଗସୁଖର ଭଣ୍ଡାର ଖୋଲିଦେଇପାରିବେ ।

—ସମାପ୍ତ—

ଦିବ୍ୟ-ଜୀବନ ସଂଘ ପରିଚୟ

ପ୍ରତିଷ୍ଠାତା : **ବ୍ରହ୍ମଲୀନ ଶ୍ରୀ ସ୍ୱାମୀ ଶିବାନନ୍ଦ ସରସ୍ୱତୀ**

ମୁଖ୍ୟ କାର୍ଯ୍ୟାଳୟ : ଶିବାନନ୍ଦ ନଗର, ଋଷିକେଶ, ଉତ୍ତରପ୍ରଦେଶ
ଦେଶ ବିଦେଶର ସର୍ବତ୍ର ଶାଖାମାନ ରହିଛି ।

ସଭାପତି : **ଶ୍ରୀ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ**

ସାଧାରଣ ସମ୍ପାଦକ : **ଶ୍ରୀ ସ୍ୱାମୀ କୃଷ୍ଣାନନ୍ଦ ସରସ୍ୱତୀ**

ସଭ୍ୟ ହେବାପାଇଁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ୨୧ ବର୍ଷରୁ ଅଧିକ ବୟସ୍କ ପ୍ରତ୍ୟେକ ବ୍ୟକ୍ତି ମୁଖ୍ୟକାର୍ଯ୍ୟାଳୟର ସାଧାରଣ ସମ୍ପାଦକଙ୍କ ସହିତ ଯୋଗାଯୋଗ କରି ପାରିବେ ।

ନିଖିଳ ଉତ୍କଳ ଦିବ୍ୟଜୀବନ ସଂଘ କାର୍ଯ୍ୟାଳୟ :—
ଶିବାନନ୍ଦ ସାଂସ୍କୃତିକ କେନ୍ଦ୍ର, ଅଶୋକ ନଗର, ଭୁବନେଶ୍ୱର
ଓଡ଼ିଆ ମୁଖପତ୍ର : **ଦିବ୍ୟ ସନ୍ଦେଶ** (ବାର୍ଷିକ ଦେୟ ୪୨ ଟଙ୍କା)

ବିଶ୍ୱପ୍ରାର୍ଥନା

ହେ କରୁଣାମୟ ପ୍ରେମସ୍ୱରୂପ ପୂଜ୍ୟ ପରମେଶ୍ୱର !
ତୁମ୍ଭଙ୍କୁ ଅଭିବାଦନ ଓ ସାଷ୍ଟାଙ୍ଗ ପ୍ରଣିପାତ ।
ତୁମ୍ଭେ ସର୍ବବ୍ୟାପକ, ସର୍ବଶକ୍ତିମାନ ଓ ସର୍ବଜ୍ଞ ।
ତୁମ୍ଭେ ସଚ୍ଚିଦାନନ୍ଦ ଓ ସର୍ବଜୀବ-ଅନ୍ତରବାସୀ ।
ଆମ୍ଭମାନଙ୍କୁ ଉଦାର ହୃଦୟ, ସମଦୃଷ୍ଟି, ସମଚିତ୍ତ,
ଭଗବତ୍ ବିଶ୍ୱାସ, ଭକ୍ତି ଓ ଜ୍ଞାନ ପ୍ରଦାନ କର ।
ପ୍ରଲୋଭନକୁ ଦମନ କରିବାପାଇଁ ଓ ମନକୁ ସଂଯତ କରିବାପାଇଁ
ଆମ ଅନ୍ତରରେ ଆଧ୍ୟାତ୍ମିକ ଶକ୍ତି ପ୍ରଦାନ କର ।
ଅହମିକା, କାମପ୍ରବୃତ୍ତି, ଲୋଭ, କ୍ରୋଧ, ଘୃଣା ଓ
ଈର୍ଷାରୁ ଆମ୍ଭମାନଙ୍କୁ ମୁକ୍ତ ଦିଅ ।
ଦିବ୍ୟ ଗୁଣାବଳୀରେ ଆମ୍ଭମାନଙ୍କର ହୃଦୟ ପରିପୂର୍ଣ୍ଣ କର ।
ସମସ୍ତ ନାମ ଓ ରୂପରେ ଆମ୍ଭେମାନେ ତୁମ୍ଭଙ୍କୁ ହିଁ ଦର୍ଶନ କରୁଁ ।
ସମସ୍ତ ନାମ ଓ ରୂପରେ ଆମ୍ଭେମାନେ ତୁମ୍ଭର ହିଁ ସେବା କରୁଁ ।
ଆମ୍ଭେମାନେ ପ୍ରତିନିତ୍ୟ ତୁମ୍ଭଙ୍କୁ ସ୍ମରଣ କରୁଥାଉଁ ;
ସର୍ବଦା ଆମ୍ଭେମାନେ ତୁମ୍ଭର ଯଶୋଗାନ କରୁଥାଉଁ ।
ତୁମ୍ଭର ନାମ ସର୍ବଦା ଆମ୍ଭମାନଙ୍କ ମୁଖରେ ଉଚ୍ଚାରିତ ହେଉଥାଉ ।
ଆମ୍ଭେମାନେ; ତୁମ୍ଭଠାରେ ନିତ୍ୟଯୁକ୍ତ ହୋଇ ରହିଥାଉଁ ।

—ସ୍ୱାମୀ ଶିବାନନ୍ଦ



ଶ୍ରୀ ସ୍ୱାମୀ ଶିବାନନ୍ଦ ବିଖ୍ୟାତ ଆପ୍ପାୟ୍ୟା ଦୀକ୍ଷିତଙ୍କ ବଂଶରେ ୧୮୮୭ ମସିହା ସେପ୍ଟେମ୍ବର ୮ ତାରିଖ ଦିନ ଜନ୍ମ ଗ୍ରହଣ କରିଥିଲେ । ଜଣେ ସିଦ୍ଧହସ୍ତ ଚିକିତ୍ସକରୂପେ ମାଲୟରେ ଦୁଃସ୍ଥ ନିପୀଡ଼ିତ ଜନ-ସାଧାରଣଙ୍କର ସେବା କାର୍ଯ୍ୟରେ ପ୍ରତିଷ୍ଠିତ ହୋଇଯିବା ପରେ, ନିଜର ପ୍ରଶସ୍ତ ବ୍ୟବସାୟ ତଥା ସକଳ ସାଂସାରିକ ସମ୍ପର୍କ ପରିତ୍ୟାଗ କରିଦେଇ ଆବାଲ୍ୟପୋଷିତ ବ୍ରହ୍ମଜିଜ୍ଞାସାର ଅନୁପ୍ରେରଣା ବଳରେ ୧୯୨୪ରେ ସେ ଋଷିକେଶ ଚାଲିଆସିଲେ ଏବଂ ସେଠାରେ ନିମଗ୍ନ ହୋଇଗଲେ ପ୍ରଗାଢ଼ ତପସ୍ୟାରେ । ତପୋବଳରେ ଦିବ୍ୟଜ୍ଞାନ ଲଭିକରି ସେହି ନବୀନ ଯୋଗୀ ପରିଣତ ହୋଇଗଲେ ଜଣେ ମହାନ୍ ଋଷିରେ ।

ଶ୍ରୀ ସ୍ୱାମୀ ଶିବାନନ୍ଦଙ୍କର ଜ୍ଞାନାଲୋକ ସ୍ୱଳ୍ପ ସମୟ ମଧ୍ୟରେ ବହୁ ସାଧକଙ୍କୁ ପଥ ପ୍ରଦର୍ଶନ କରାଇ ନେଇଆସିଲା ଗୁରୁପାଦପଦ୍ମକୁ ଏବଂ ଶିଷ୍ୟ-ସାଧକମାନଙ୍କର ସଂଖ୍ୟାବୃଦ୍ଧି ସଙ୍ଗେ ସଙ୍ଗେ ସେହି ମହାତ୍ମାଙ୍କୁ କେନ୍ଦ୍ର କରି ଗଢ଼ିଉଠିଲା ୧୯୩୨ରେ ଶିବାନନ୍ଦାଶ୍ରମ ଓ ୧୯୩୭ରେ ଦିବ୍ୟ ଜୀବନ ସଂଘ ।

ସମଗ୍ର ଜଗତରେ ଜ୍ଞାନ ବିତରଣ କରିବା ନିମନ୍ତେ ଶ୍ରୀ ସ୍ୱାମୀ ଶିବାନନ୍ଦଙ୍କ ଅନ୍ତରରେ ଜାଗିଉଠିଲା ଏକ ଉଦାର ଆବେଗ । ଅଦମ୍ୟ ଉତ୍ସାହ ନେଇ ସେ ରଚନା କରିଗଲେ ପ୍ରାଚୀନ ଭାରତୀୟ ସଂସ୍କୃତି ଓ ଦର୍ଶନ ଉପରେ ପ୍ରାୟ ୩୦୦ ଖଣ୍ଡ ଉତ୍କୃଷ୍ଟ ଗ୍ରନ୍ଥ । ସେହି ଗ୍ରନ୍ଥଗୁଡ଼ିକର ପ୍ରତ୍ୟେକଟି ପଦ ଉଦ୍ଭାସିତ ହୁଏ ଶାସ୍ତ୍ରୀୟ ପବିତ୍ରତାରେ ଏବଂ ପ୍ରତିଟି ପଦରୁ ଝରିପଡ଼େ ସ୍ୱାମୀଜୀଙ୍କର ଅକୃତ୍ରିମ ଅନୁଭୂତିଲବ୍ଧ ଅମୂଲ୍ୟ ଉପଦେଶ ।

ଦିବ୍ୟ ଆନନ୍ଦ ହେଉଛି ସେହି ମହାତ୍ମାଙ୍କର ଏକ ଅମରକୃତି । ଏହା ଏକ ଚିରନ୍ତନ ଆଧ୍ୟାତ୍ମିକ ସାହିତ୍ୟ । ଆଗାମୀ ବହୁଯୁଗ ପର୍ଯ୍ୟନ୍ତ ଏହା ଏକ ଅମୂଲ୍ୟ ଉତ୍ତରସମ୍ପଦ ହୋଇ ରହିଥିବ । ଏହା ଖ୍ରୀଷ୍ଟଧର୍ମାବଲମ୍ବୀ-ମାନଙ୍କ ନିମନ୍ତେ ବାଇବେଲସଦୃଶ, ହିନ୍ଦୁମାନଙ୍କ ନିମନ୍ତେ ଭଗବଦ୍ ଗୀତାତୁଲ୍ୟ, ମୁସଲମାନମାନଙ୍କ ପାଇଁ କୋରାନ ସମାନ ଏବଂ ପାର୍ସୀମାନଙ୍କ ଦୃଷ୍ଟିରେ ଜେନ୍ଦ-ଆଭେସ୍ତାପରି ମୂଲ୍ୟବାନ । ଏଥିରେ ସର୍ବକାଳର ସମସ୍ତ ଧର୍ମଶାସ୍ତ୍ରର ନୀତିସାର ସଂଗୃହୀତ ହୋଇଛି । × × × ×

ଏହି ଗ୍ରନ୍ଥର ଆତ୍ମିକ ହେଉଛି ଆଶାବାଦ । ଏହି ଧୂଳିର ଧରଣୀରେ ଏହି ଜୀବଦ୍ଦଶାରେ ଜୀବନକୁ କିପରି ପୂର୍ଣ୍ଣତର, ମଧୁରତର କରାଯାଇପାରେ, ତା'ର ପ୍ରଚୁର ଗଠନମୂଳକ ଇଙ୍ଗିତ ଏହି ଗ୍ରନ୍ଥର ପ୍ରତିଟି ପୃଷ୍ଠାକୁ ପୂର୍ଣ୍ଣ କରି ରଖିଛି ।

ଦିବ୍ୟଜୀବନ ସଂଘ